

# ମାତୃରଚନାବଳି

## ଏକାଦଶ ଖଣ୍ଡ

## ମାର୍ଗର ଟିପ୍ପଣୀ

# ଶ୍ରୀମା

**ଜନ୍ମଗ୍ରହଣ :**

ଫେବ୍ରୁଆରି ୨୧, ୧୮୭୮

**ଭାରତବର୍ଷରେ ପଦାର୍ପଣ :**

ମାର୍ଚ୍ଚ ୨୯, ୧୯୧୪

**ମହାପ୍ରୟାଣ :**

ନଭେମ୍ବର ୧୭, ୧୯୭୩

**ଜନ୍ମଶତବାର୍ଷିକୀ :**

ଫେବ୍ରୁଆରି ୨୧, ୧୯୭୮

# ମାତୃରଚନାବଳି : ୧୧ଶ ଖଣ୍ଡ

## ମାର୍ଗର ଟିପ୍ପଣୀ

ଶ୍ରୀମା'ଙ୍କର "*Notes on the Way*" ଗ୍ରନ୍ଥର ଓଡ଼ିଆ ଅନୁବାଦ

ଅନୁବାଦ : ଶ୍ରୀ ଚିତ୍ତରଂଜନ ଦାସ

ପ୍ରଥମ ମୁଦ୍ରଣ : ୨୦୦୪

ସର୍ବସ୍ୱତ୍ୱ ସଂରକ୍ଷିତ
© ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟ, ୨୦୦୪

ମୂଲ୍ୟ : ୨୦୦/-

ପ୍ରକାଶକ :
ନବଜ୍ୟୋତି କାର୍ଯ୍ୟାଳୟ,
ଶ୍ରୀଅରବିନ୍ଦ ଆଶ୍ରମ ପ୍ରକାଶନ ବିଭାଗ, ପଣ୍ଡିଚେରୀ - ୬୦୫ ୦୦୨

**MATRIRACHANABALI** (Oriya) **– Vol. 11**
**Notes on the Way**

Translated by : Sri Chittaranjan Das

1st Edition : 2004

Price Rs. 200/-

© Sri Aurobindo Ashram Trust, 2004

Published by Navajyoti Karyalaya,
A unit of Sri Aurobindo Ashram Publication Department,
Pondicherry - 605002

---

Printed at Sri Aurobindo Ashram Press, Pondicherry
PRINTED IN INDIA

# ପ୍ରକାଶକଙ୍କ ସୂଚନା

(ମୂଳ ଗ୍ରନ୍ଥରୁ)

୧୯୬୧ରୁ ୧୯୭୩ ମସିହା ପର୍ଯ୍ୟନ୍ତ ଏହି କେତେବର୍ଷର ଅବଧି ମଧ୍ୟରେ ମାଆ ଅନେକ ସମୟରେ ତାଙ୍କର ଜଣେ ଶିଷ୍ୟଙ୍କ ସହିତ ସେତେବେଳେ ତାଙ୍କର ହେଉଥିବା ଅନୁଭୂତିଗୁଡ଼ିକ ବିଷୟରେ କଥୋପକଥନ କରୁଥିଲେ । ଫରାସୀ ଭାଷାରେ ହେଉଥିବା ଏହି କଥୋପକଥନଗୁଡ଼ିକୁ ସେ L' Agenda ବୋଲି କହୁଥିଲେ ।

ଟେପ୍‌ରେ ରେକର୍ଡ କରା ଯାଇଥିବା ଏହି କଥୋପକଥନର କେତେକ ନିର୍ବାଚିତ ପ୍ରତିଲିପିକୁ ମାଆ ନିଜେ ଦେଖୁଥିଲେ, ଅନୁମୋଦନ କରୁଥିଲେ ଓ Bulletin of Sri Aurobindo International Centre of Education ରେ ଛାପା ହେବା ସକାଶେ ସେଗୁଡ଼ିକୁ ବେଳେବେଳେ ସଂଶୋଧନ ବି କରି ଦେଉଥିଲେ । ଫେବ୍ରୁଆରି ୧୯୬୫ ଓ ଏପ୍ରିଲ୍ ୧୯୭୩ ମଧ୍ୟରେ ଇଂରାଜୀରେ ''Notes on the Way'' ଓ ଫରାସୀରେ ''A Propos'' ଶୀର୍ଷକରେ ସେଗୁଡ଼ିକ ନିୟମିତ ଭାବରେ ପ୍ରକାଶିତ ହୋଇଥିଲା । Bulletin ର ମୂଳ ଫରାସୀ ପାଠ ସହିତ ଯେଉଁ ଇଂରାଜୀ ଅନୁବାଦମାନ ବାହାରୁଥିଲା, ସେଗୁଡ଼ିକ ଅନୁମୋଦନ ଲାଗି ମାଆଙ୍କ ଆଗରେ ପଠିତ ହେଉଥିଲା । ସେହି ଅନୁବାଦଗୁଡ଼ିକ କିଞ୍ଚିତ୍ ସଂଶୋଧନ ସହିତ ମାତୃରଚନାବଳୀର ଏହି ଏକାଦଶ ଖଣ୍ଡଟିରେ ପ୍ରକାଶିତ ହୋଇଛି ।

"Notes on the Way" କଥୋପକଥନ ପ୍ରକାଶନ ଆରମ୍ଭରେ ପୂର୍ବସୂଚନାରୂପେ ଲେଖାଯାଇଥିବା ଅଂଶଟି ଏଠାରେ ଉଦ୍ଧାର କରୁଛୁଁ :

''ଏହି ଶୀର୍ଷକରେ ଆମେ ମାଆଙ୍କ ସହିତ ହୋଇଥିବା କଥୋପକଥନ କେତେକ ଅଂଶ ପ୍ରକାଶ କରିବାକୁ ଯାଉଛୁ । ଅତି ଅଳ୍ପଦିନର ଏହିସବୁ ଚିନ୍ତନ ବା ଅନୁଭବଗୁଡ଼ିକ, ଏହି ପର୍ଯ୍ୟବେକ୍ଷଣଗୁଡ଼ିକ, ରୂପାନ୍ତରର ମାର୍ଗଯାତ୍ରାରେ ଗୋଟିଏ ଗୋଟିଏ ମହତ୍ତ୍ୱପୂର୍ଣ୍ଣ ଘଟଣା ପରି ହୋଇ ରହିଛନ୍ତି : କରା ଯାଉଥିବା କାର୍ଯ୍ୟଟି – ଶରୀରର ଏକ ଯୋଗ – ଯାହାର ଯାବତୀୟ ପ୍ରକ୍ରିୟାକୁ ପ୍ରତିପାଦିତ କରି ଦେଖାଇବା ଆବଶ୍ୟକ ହେଉଥିଲା,– ତା' ଉପରେ ଆଲୋକପାତ କରୁଥିବାରୁ ଯେ ଏଗୁଡ଼ିକୁ ନିର୍ବାଚିତ କରାଗଲା, ତାହା ନୁହେଁ – ମାତ୍ର, ଯେଉଁ ଉଦ୍ୟମଟିକୁ ଅବଶ୍ୟ କରିବାକୁ ପଡ଼ିବ, ଏଗୁଡ଼ିକ ତାହାରି ବିଷୟରେ ଏକ ସୂଚନା ଯୋଗାଇ ଦେଇ ପାରିବେ ବୋଲି ମଧ୍ୟ ଏଗୁଡ଼ିକୁ ନିର୍ବାଚିତ କରି ଏଠାରେ ପ୍ରକାଶ କରାଯାଇଛି ।''

# ବିଷୟ-ସୂଚୀ

## ୧୯୬୪


| | | | ପୃଷ୍ଠା |
|---|---|---|---|
| **୧୯୬୪** | | | |
| **୭ ଅକ୍ଟୋବର** | ସ୍ଥୂଳ ଜାଗତିକ ଅସୁବିଧାଗୁଡ଼ିକ ବୃଦ୍ଧି ପାଇଛି | … | ୧ |
| | ତିଷ୍ଠିରହିବାକୁ ପଡ଼ିବ | … | ୧ |
| | ଜଡ଼ସ୍ଥ ଚେତନାର ନିରାଶାବାଦ | … | ୩ |
| | ଜଡ଼କୁ ନିରାକୃତ କରିବା ନୁହେଁ, ମାତ୍ର ରୂପାନ୍ତରିତ କରିବାକୁ ହେବ | … | ୪ |
| | କୋଷମାନଙ୍କର ଆବାହନ | … | ୪ |
| | କୋଷଗ୍ରାମ : ଏକତ୍ର ହୋଇ ରହିବାର ଏକ ଇଚ୍ଛା | … | ୫ |
| | କୋଷଗୁଡ଼ିକରେ ପ୍ରତ୍ୟାଖ୍ୟାନର ଶକ୍ତି | … | ୭ |
| | ଜାଡ଼୍ୟ ଜଡ଼ର ଏକ ଅପରିହାର୍ଯ୍ୟ ଧର୍ମ ନୁହେଁ | … | ୮ |
| | ମନର ବିରଚନାମାନ ଗ୍ରହଣଶୀଳତା ଲାଗି ପ୍ରତିବନ୍ଧକ ହୁଅନ୍ତି | … | ୯ |
| | ଈଶ୍ୱରଙ୍କ ବିଷୟରେ ଏକ ସୂତ୍ରର କୌଣସି ପ୍ରୟୋଜନ ନାହିଁ | … | ୧୦ |
| **୧୯୬୫** | | | |
| **୧୨ ଜାନୁଆରି** | ପ୍ରତିକୂଳ ଶକ୍ତିମାନଙ୍କ ଦ୍ୱାରା ବୋମାବର୍ଷଣ | … | ୧୧ |
| | ‘‘ଆପଣା ଭିତରୁ ବାହାରି ଯିବାର କୌଣସି ଅଧିକାର ନାହିଁ’’ | … | ୧୨ |
| | ଭିତରୁହିଁ ଶରୀରର ପରିବର୍ତ୍ତନ ହେବ | … | ୧୨ |
| **୨୪ ମାର୍ଚ୍ଚ** | ପ୍ରେରଣା ଏବଂ ଗତିସ୍ପନ୍ଦନଗୁଡ଼ିକର ଉତ୍ସ ବିଷୟରେ ଅନୁଭବ | … | ୧୫ |
| | ଶରୀରକୁ ସ୍ଥିର ହୋଇ ରହିବାକୁ ଶିଖାଅ | … | ୧୯ |
| | କୋଷଗୁଡ଼ିକରେ ଅଭୀପ୍ସା ଓ ସର୍ବୋଚ୍ଚ ପରମ ଇଚ୍ଛାକୁ ସ୍ୱୀକାର କରିନେବା | … | ୨୧ |

| ବିଷୟ-ସୂଚୀ | | | ପୃଷ୍ଠା |
|---|---|---|---|
| | କୋଷଗୁଡ଼ିକର ଏକ ମଧ୍ୟବର୍ତ୍ତୀ ଅବସ୍ଥାର ଅନୁଭୂତି | ... | ୨୧ |
| | ଶରୀରସ୍ତରର ଯୋଗ | ... | ୨୧ |
| **୨୧ ଅଗଷ୍ଟ** | କ୍ଷମତାର ହସ୍ତାନ୍ତରଣ | ... | ୨୩ |
| | ଭୌତିକ ମନର ସଂଗଠନ | ... | ୨୩ |
| | ଅବବୋଧର ନୂତନ ପ୍ରଣାଳୀ | ... | ୨୪ |
| | ଭୌତିକ ମନର ସଂଗଠନ | ... | ୨୬ |
| | ଶରୀରସ୍ଥ ମନ ଓ ଭୌତିକ, କୋଷଗତ ମନ | ... | ୨୭ |
| | ଶକ୍ତି-ସ୍ଥାନାନ୍ତରଣ ସମୟର ସଂକଟପୂର୍ଣ୍ଣ ଅବଧି | ... | ୨୯ |
| **୨୭ ନଭେମ୍ବର** | ଅତିମାନସକୁ ଟାଣି ଆଣିବାକୁ ଚେଷ୍ଟା କରିବା | ... | ୩୧ |
| | ପ୍ରାଣିକ ଓ ପରମସତ୍ୟ | ... | ୩୨ |
| | ମନୁଷ୍ୟଜାତିର ଦୃଷ୍ଟି ଓ ନୂତନ ସୃଜନ | ... | ୩୪ |
| | ରୂପାନ୍ତରର ପ୍ରଚେଷ୍ଟା କେବଳ ଅଳ୍ପସଂଖ୍ୟକ କେତେଜଣ କରିବେ | ... | ୩୬ |
| | ଅତିମାନସର ପ୍ରଭାବରେ ମନୁଷ୍ୟଜାତି | ... | ୩୭ |
| | ମଧ୍ୟବର୍ତ୍ତିକାଳୀନ ଅବସ୍ଥାଟିହିଁ ଯନ୍ତ୍ରଣାଦାୟକ | ... | ୩୮ |
| | ମନୁଷ୍ୟଜାତିକୁ ''ପ୍ରସ୍ତୁତ କରିବା''ର ଅଧୀରତା ଅନ୍ତର୍ହିତ ହୋଇଯାଇଛି | ... | ୩୯ |
| | ଉଚ୍ଚତର ସମଞ୍ଜସତା ରହିଥିବା ଏକ ଉଚ୍ଚତର ମାନବଜାତି | ... | ୪୦ |
| | ଯୌନପ୍ରବୃତ୍ତି, ଖାଦ୍ୟ ଓ ମଧ୍ୟବର୍ତ୍ତୀ କାଳର ସତ୍ତା | ... | ୪୧ |
| | ଉପଯୁକ୍ତ ସମୟ ପୂର୍ବରୁ ରୂପାନ୍ତର ଲାଗି କୌଣସି ଜୋର ଦିଆଯିବ ନାହିଁ | ... | ୪୧ |
| | ଶରୀର ଖାଦ୍ୟ ବିନା ବଞ୍ଚିବାକୁ ପ୍ରସ୍ତୁତ ହୋଇ ନାହିଁ | ... | ୪୨ |
| | ପ୍ରତ୍ୟେକ ବ୍ୟକ୍ତି ଯାହା ଅବଶ୍ୟ ହେବ, ସିଏ ତାହାହିଁ ହୋଇ ରହିଛି | ... | ୪୩ |
| **୧୯୬୬** | | | |
| **୨୨ ଜାନୁଆରି** | ଜୀବନର ଅନୁଭବ ସ୍ୱନିର୍ବାଚନର ଅଭିବ୍ୟକ୍ତିରୂପେ | ... | ୪୪ |
| | ଅଦୃଷ୍ଟ ଓ ନିୟତି-ନିର୍ଦ୍ଦିଷ୍ଟତାର ଅବାସ୍ତବତା | ... | ୪୪ |
| | ଜୀବନର ମାୟାମୟତା | ... | ୪୬ |

| ବିଷୟ-ସୂଚୀ | | | ପୃଷ୍ଠା |
|---|---|---|---|
| | ପରିସ୍ଥିତିକୁ ବଦଳାଇ ଦେବାର ଶକ୍ତି | ... | ୪୭ |
| | ଶରୀରର ସଚେତନତା ସକ୍ରିୟତାର ସ୍ତରକୁ ପରିବର୍ତ୍ତିତ ହୋଇଯିବା | ... | ୪୮ |
| | ହଜାର ହଜାର ବର୍ଷର ଅଭ୍ୟାସଗୁଡ଼ିକୁ ବଦଳାଇବାକୁ ପଡ଼ିବ | ... | ୪୯ |
| | ଜଗତର ଅସୁବିଧାଗୁଡ଼ିକ ଉପରେ କାର୍ଯ୍ୟ | ... | ୪୯ |
| **୧୮ ମଇ** | LSD ର ଅନୁଭୂତି | ... | ୫୧ |
| | ଯାବତୀୟ ପ୍ରାଣିକ ପ୍ରତିରୂପର ଆତ୍ମଗତ ମନୋଭାବ | ... | ୫୩ |
| | ଅନ୍ୟ ଜଗତ ଓ ଅନ୍ୟ ସତ୍ତାଗୁଡ଼ିକ ସହିତ ମନୁଷ୍ୟର ସମ୍ବନ୍ଧ | ... | ୫୫ |
| | ମନୁଷ୍ୟ : ଯାବତୀୟ ସ୍ଥିତିର ଅନ୍ତର୍ନିହିତ ଶକ୍ତିବିଶିଷ୍ଟ କର୍ତ୍ତା | ... | ୫୫ |
| | ମନୁଷ୍ୟ ଓ ଦେବଗଣ | ... | ୫୭ |
| | ସର୍ବୋଚ୍ଚ ପରମସତ୍ତାହିଁ ଏକମାତ୍ର ସତ୍ୟ | ... | ୫୮ |
| **୨୮ ସେପ୍ଟେମ୍ବର** | କଷ୍ଟଭୋଗ ଜଡ଼କୁ ତା'ର ଜାଡ଼୍ୟ ମଧ୍ୟରୁ ବାହାର କରି ନେଇଆସେ | ... | ୬୧ |
| | କୋଷଗୁଡ଼ିକର ଅଭୀପ୍ସାକୁ ପ୍ରଗାଢ଼ କରିବା | ... | ୬୨ |
| | ପରମ କରୁଣା | ... | ୬୩ |
| | ଭାବନାର ଉପଯୁକ୍ତ ବ୍ୟବହାର | ... | ୬୩ |
| | ଦୁଃଖଭୋଗ, ଅଗ୍ରଗତି ଓ ରୂପାନ୍ତରକାରୀ କ୍ରିୟା | ... | ୬୪ |
| | ଆନନ୍ଦର ସ୍ୱରୂପ | ... | ୬୫ |
| **୩୦ ସେପ୍ଟେମ୍ବର** | ଶାରୀରିକ ରୂପାନ୍ତରର କେତେକ ସନ୍ଦର୍ଭ : ଶ୍ରୀଅରବିନ୍ଦଙ୍କର ଗୋଟିଏ ଚିଠି | ... | ୬୭ |
| | ମନୁଷ୍ୟସ୍ଥିତିରୁ ନୂତନ ଶରୀରଧାରୀ ସତ୍ତା ପର୍ଯ୍ୟନ୍ତ ପଥ | ... | ୬୮ |
| | ରୂପାନ୍ତର ପୃଥିବୀଠାରୁ ବିଚ୍ଛିନ୍ନ ଭାବରେ ନୁହେଁ | ... | ୭୬ |
| | ନୂତନ ସତ୍ତାମାନଙ୍କର ନିରାପତ୍ତା | ... | ୭୭ |
| | ବର୍ତ୍ତମାନ ପାଇଁ ସ୍ୱତଃପ୍ରେରିତ ଅମରତ୍ୱଲାଭ ସମ୍ଭବ ହେବ ନାହିଁ | ... | ୭୮ |
| **୧୯୬୭** | | | |
| **୧୧ ଜାନୁଆରି** | ଅହଂ ନ ଥିଲେ ଅପମାନ-ବୋଧ ସମ୍ଭବ ନୁହେଁ | ... | ୭୯ |

ବିଷୟ-ସୂଚୀ ପୃଷ୍ଠା


| | | |
|---|---|---|
| | ଆଘାତ ପ୍ରତି ଶାରୀରିକ ପ୍ରତିକ୍ରିୟା | ... ୮୦ |
| | ଏକ ନୈର୍ବ୍ୟକ୍ତିକ ଅସ୍ତିତ୍ୱରୂପେ ଅହଂ | ... ୮୧ |
| | ମାଆ ଓ ଅନ୍ୟମାନଙ୍କର କ୍ରିୟା | ... ୮୨ |
| | ପରମ ପ୍ରଭୁ ହସୁଥାଆନ୍ତି | ... ୮୨ |
| **୨୧ ଜାନୁଆରି** | କୋଷମାନେ ସଚେତନ ହୋଇ ଆସୁଛନ୍ତି | ... ୮୩ |
| | ଯଥାର୍ଥ ଜଡ଼ର ବୋଧ | ... ୮୪ |
| | ଶାରୀରିକ ଅହଂର ସ୍ଥାନାନ୍ତରୀକରଣ | ... ୮୫ |
| | ଶରୀର ଆଉ ପ୍ରତିରୋଧ କରୁ ନାହିଁ | ... ୮୬ |
| **୪ ମାର୍ଚ୍ଚ** | ରୂପାନ୍ତରର ନାନା ମାର୍ଗ | ... ୮୮ |
| **୭ ମାର୍ଚ୍ଚ** | ମୃତ୍ୟୁ | ... ୯୦ |
| | ମୃତ୍ୟୁ ପରେ : ଭୌତିକ ଜୀବନ ସହିତ ସଂସ୍ପର୍ଶ | ... ୯୧ |
| **୨୪ ମଇ** | ଦିବ୍ୟ ପରମସତ୍ତାଙ୍କର ସଂଜ୍ଞାନିରୂପଣ | ... ୯୫ |
| | ପରମେଶ୍ୱରଙ୍କର ସଂଜ୍ଞାନିରୂପଣ | ... ୧୦୦ |
| **୨୪ ଜୁନ୍** | ଦିବ୍ୟ ଉପସ୍ଥିତି ଓ ଚେତନା ଦ୍ୱାରା ପ୍ରେରିତ ହେଉଥିବା ଏକ ଶରୀରରେ ପରିଣତ ହୋଇଯିବା | ... ୧୦୩ |
| | ମନୁଷ୍ୟର ରୂପାନ୍ତର, ଅଥବା ଏକ ନୂତନ ଅସ୍ତିତ୍ୱ ? | ... ୧୦୬ |
| | ମଧ୍ୟବର୍ତ୍ତୀ ସତ୍ତାମାନେ | ... ୧୦୮ |
| | ଅଭ୍ୟାସ, ନିରାଶାବାଦ ଓ ପୃଥ୍ୱୀପରିବେଶର ଗୁରୁ ଓଜନ | ... ୧୦୯ |
| | ଶରୀରରେ ସଂଗ୍ରାମ | ... ୧୧୦ |
| | ଦୈହିକ ସଂକ୍ରମଣ | ... ୧୧୦ |
| **୨୬ ଅଗଷ୍ଟ** | ''ଭଲ'' ଆଉ ସତ୍ୟ, ଏକୈବ ପରମସତ୍ୟ | ... ୧୧୨ |
| | ବିମିଶ୍ରିତ ଜଡ଼ଜଗତରେ ସର୍ବୋଚ୍ଚ ଦୃଷ୍ଟିର ଉପଲବ୍ଧି | ... ୧୧୩ |
| | ମନୁଷ୍ୟର ଦୃଷ୍ଟି ଆଦୌ ସଂପୂର୍ଣ୍ଣ ନୁହେଁ | ... ୧୧୩ |
| | ଉତ୍ତରୋତ୍ତର ବୃଦ୍ଧି ପାଉଥିବା ଅଭିବ୍ୟକ୍ତି | ... ୧୧୪ |
| | ଦୁଃଖଭୋଗ : ନିଶ୍ଚେତନାର ଉପସ୍ଥିତିରେ ଅଗ୍ରଗତି | ... ୧୧୪ |
| | ଆନନ୍ଦ ଏବଂ ସମଞ୍ଜସତାରେ ଅଗ୍ରଗତି | ... ୧୧୫ |
| **୩୦ ଅଗଷ୍ଟ** | ଜଡ଼ଜୀବନ ପୁନଃସଂଗଠିତ ହେଉଥିବା ଏକ ସ୍ଥାନରେ ଉପଲବ୍ଧ ଅନୁଭୂତି | ... ୧୧୬ |
| | ସୂକ୍ଷ୍ମ ଅନୁଭବଗୁଡ଼ିକର ତର୍ଜମା ଓ ସ୍ମୃତି | ... ୧୧୯ |

| ବିଷୟ-ସୂଚୀ | | ପୃଷ୍ଠା |
|---|---|---|
| | ପାଗଳାମି ଏବଂ ନିଷ୍ଠାହୀନତା | ... ୧୨୧ |
| | ଜଡ଼କୁ ପରିବର୍ତ୍ତିତ କରିବା | ... ୧୨୨ |
| | ରୂପାନ୍ତର ଲାଗି ସର୍ତ୍ତ | ... ୧୨୩ |
| **୧୫ ନଭେମ୍ବର** | ଜଡ଼ର ବର୍ତ୍ତମାନ ଅବସ୍ଥା ଓ ଦିବ୍ୟ ଅସ୍ତିତ୍ୱ | ... ୧୨୪ |
| | ଦିବ୍ୟ ପ୍ରଣାଳୀରେହିଁ ନିଶ୍ଚେତନକୁ ଚେତନାଯୁକ୍ତ ହେବାକୁ ହେବ | ... ୧୨୫ |
| | ଅତି ତ୍ୱରାନ୍ୱିତ ଅଭିବ୍ୟକ୍ତି ପୃଥିବୀକୁ ବିଲୁପ୍ତ କରିଦେବ | ... ୧୨୬ |
| | ସତ୍ୟୋଦ୍‌ଘାଟନ ଲାଗି ନୁହେଁ, ଉପଲବ୍ଧି ଲାଗିହିଁ ଏହି ଘଟର ନିର୍ମାଣ ହୋଇଛି | ... ୧୨୭ |
| | କାହାଣୀଟିକୁ କହିବାକୁ ମୋତେ ଅଟକି ରହିଯିବି ନାହିଁ | ... ୧୨୮ |
| | ନୂତନ ଖ୍ରୀଷ୍ଟ, ନୂଆ କଲ୍‌କି, ଅତିମାନବ | ... ୧୨୯ |
| | ଶରୀରର କେନ୍ଦ୍ରଚେତନାରେ ଅଭୀପ୍ସା | ... ୧୩୦ |
| | କୋଷଗୁଡ଼ିକ ଶାଶ୍ୱତ ମଧ୍ୟରେ ଜୀବନଧାରଣ କରିଥିବା ପରି ଅନୁଭବ କରୁଛନ୍ତି | ... ୧୩୦ |
| | ଅନିଶ୍ଚିତ ଓ ଅସ୍ପଷ୍ଟ କାର୍ଯ୍ୟ | ... ୧୩୧ |
| **୨୨ ନଭେମ୍ବର** | ଦେହସ୍ଥ କୋଷଗୁଡ଼ିକର ପ୍ରାର୍ଥନା | ... ୧୩୩ |
| | ବର୍ତ୍ତମାନ ଶରୀର ଅଂଶଗ୍ରହଣ କରିବାକୁ ଇଚ୍ଛା କରୁଛି | ... ୧୩୪ |
| | ଯାହା ଗୋଟିଏ ଶରୀରରେ କରାଯାଉଛି, ତାହାକୁ ସବୁ ଶରୀରରେ ବି କରିହେବ | ... ୧୩୫ |
| | କୋଷଗୁଡ଼ାକରେ ଚେତନାର ଜାଗୃତି | ... ୧୩୫ |
| | ପ୍ରାଣିକ ଓ ମାନସିକ ଚେତନାରୁ ସ୍ୱତନ୍ତ୍ର ରହିଥିବା ଏକ ଦୈହିକ ଚେତନା | ... ୧୩୬ |
| | ନୂତନଦୀକ୍ଷିତ ସ୍ଥୂଳ (ଭୌତିକ) ମନ | ... ୧୩୬ |
| | ପ୍ରତ୍ୟାହୃତ ମନ ଓ ପ୍ରାଣ | ... ୧୩୭ |
| | ଶରୀର ଦିବ୍ୟ ଜୀବନର ଭୂମି ହୋଇ ରହିବ | ... ୧୩୮ |
| | ଶାରୀର ଚେତନାର ପରିବର୍ତ୍ତନ ବାହ୍ୟତଃ ପ୍ରକାଶିତ ହେବାର ବହୁଦୂରରେ | ... ୧୩୮ |
| | ଶରୀରସ୍ଥ କୋଷଗୁଡ଼ିକ ଚେତନାକୁ ଅବଶ୍ୟ ଗ୍ରହଣ କରିବେ ଓ ପ୍ରକାଶ କରିଆଣିବେ | ... ୧୩୯ |

| ବିଷୟ-ସୂଚୀ | | ପୃଷ୍ଠା |
|---|---|---|


| | | |
|---|---|---|
| | ରୂପାନ୍ତରରେ ବିଭିନ୍ନ ପର୍ଯ୍ୟାୟ | ... ୧୪୦ |
| | ଅତିମାନବ ସତ୍ତା ହୁଏତ ଅଗୋଚର ରହି ଚାଲିଯିବ | ... ୧୪୦ |
| | କଳାକାର ଓ ସଂଗୀତଜ୍ଞ : ସ୍ୱତନ୍ତ୍ର ଶାରୀରିକ ଚେତନା | ... ୧୪୨ |
| | ଶରୀରହିଁ ଅଭୀପ୍ସା କରେ | ... ୧୪୩ |
| | ଏକ ସଚେତନ ସତ୍ତାରୂପେ ଶରୀରର ପୁନର୍ନିର୍ମାଣ | ... ୧୪୪ |
| | ଆଦୌ କୌଣସି ମଧ୍ୟବର୍ତ୍ତୀ ଅବଲମ୍ବନର ଅପେକ୍ଷା ନ ରଖି଼ ଶରୀରର ସିଧା ସମ୍ପର୍କ ରହିଛି | ... ୧୪୫ |
| | ନିଜ ଅନୁଭବକୁ ଅନ୍ୟମାନଙ୍କ ଶରୀରକୁ ପ୍ରେରିତ କରିଦେବାର ସାମର୍ଥ୍ୟ | ... ୧୪୬ |
| | କୋଷଗୁଡ଼ିକ ମଧ୍ୟରେ କଥୋପକଥନ | ... ୧୪୭ |
| **୨୯ ନଭେମ୍ବର** | ପ୍ରତ୍ୟେକ 'ଦର୍ଶନ'ରେ ଏକ ଅନ୍ୟ ବ୍ୟକ୍ତିରେ ପରିଣତ ହୋଇଯିବାର ଅନୁଭୂତି | ... ୧୪୮ |
| | ଗୋଟିଏ ଚେତନା ଦୁଇଟି ଶରୀରରେ ପ୍ରକାଶିତ ହୋଇ ପାରିବ | ... ୧୫୦ |
| | ଏହି ଶରୀରର ମଧ୍ୟଦେଇ ଅନେକ ସତ୍ତା, ଶକ୍ତି ଓ ବ୍ୟକ୍ତିତ୍ୱ ପ୍ରକାଶିତ ହେଉଛନ୍ତି | ... ୧୫୧ |
| | ୨୪ ନଭେମ୍ବରର 'ଦର୍ଶନ' | ... ୧୫୨ |
| **୩୦ ଡିସେମ୍ବର** | ଶରୀରର ଶାସନ : ବୁଦ୍ଧିର ସ୍ଥାନରେ ଆଧ୍ୟାତ୍ମିକ ଚେତନା | ... ୧୫୩ |
| | ପ୍ରକୃତିର ନିୟମଗୁଡ଼ିକ ସେମାନଙ୍କର ନିରଙ୍କୁଶତା ହରାଇ ବସିଛନ୍ତି | ... ୧୫୪ |
| **୧୯୬୮** | | |
| **୧୩ ମାର୍ଚ୍ଚ** | କେବଳ ସେଇ ପରମ ତତ୍ ଅଛନ୍ତି | ... ୧୫୬ |
| | ଭୌତିକ ଚେତନା ମଧ୍ୟରେ ଜ୍ଞାନ ଶକ୍ତିର ଆନୟନ କରିଥାଏ | ... ୧୫୭ |
| | ଦୁଃଖଭୋଗ ଓ ମନ୍ଦର କାରଣ | ... ୧୫୮ |
| | ବ୍ୟକ୍ତି | ... ୧୫୯ |
| **୧୬ ମାର୍ଚ୍ଚ** | ସମତାବସ୍ଥାର ସୃଷ୍ଟି | ... ୧୬୦ |
| | ବିଚ୍ଛେଦ | ... ୧୬୧ |
| | ବିପରୀତଗୁଡ଼ିକର ଏକତ୍ରମିଳନ | ... ୧୬୧ |

| ବିଷୟ-ସୂଚୀ | | ପୃଷ୍ଠା |
|---|---|---|
| | ଯେଉଁ ଉପଲବ୍ଧି ଲାଗି ବିଶ୍ୱର ସୃଷ୍ଟି ହୋଇଛି । | ... ୧୬୨ |
| | ଆକାରର ନଶ୍ୱରତା ଓ ଚିରନ୍ତନତା | ... ୧୬୩ |
| **୨୨ ଅଗଷ୍ଟ** | ଲୋକମାନଙ୍କୁ ସାକ୍ଷାତ କରିବା | ... ୧୬୬ |
| **୨୮ ଅଗଷ୍ଟ** | ନୂତନ ସୃଷ୍ଟିର ସତ୍ୱର ଆବିର୍ଭାବ | ... ୧୬୮ |
| | ଭବିଷ୍ୟ ବିଶ୍ୱର ଦୃଷ୍ଟି | ... ୧୬୮ |
| | ଜଡ଼ ବିଷୟରେ ଶରୀରର ପ୍ରଶ୍ନ | ... ୧୭୨ |
| | କୋଷଗୁଡ଼ିକ ଯଥାର୍ଥ ସତ୍ତା ସହିତ ସଂସ୍ପର୍ଶ ଲୋଡୁଛନ୍ତି | ... ୧୭୩ |
| | ଅତିମାନସ ଶକ୍ତିଗୁଡ଼ିକର ଶରୀର ମଧ୍ୟରେ ପ୍ରବେଶ | ... ୧୭୫ |
| | ମାନସିକ ଓ ପ୍ରାଣିକ : ଜଡ଼କୁ ପେଷିବା ଲାଗି ସାମୟିକ ଦୁଇଟି ଯନ୍ତ୍ର | ... ୧୭୯ |
| | ଆତ୍ମାର ସ୍ଥିତିଗୁଡ଼ିକ ବିଷୟରେ ଅବବୋଧ | ... ୧୭୯ |
| | ପୃଥିବୀଉପରେ ସମ୍ଭବ ହେଉଥିବା କେତୋଟି ଅତି ଅଦ୍ଭୁତ ମୁହୂର୍ତ୍ତ | ... ୧୮୧ |
| | ଜୀବନ୍ତ ଦେବତା ରହିଥିବା ମନ୍ଦିରଗୁଡ଼ିକର ଦୃଶ୍ୟ | ... ୧୮୧ |
| | ଶରୀର ଚେତନାଗତ ସକଳ ସ୍ଥିତିର ଅନୁଭବ କରେ | ... ୧୮୨ |
| **୨୫ ସେପ୍‌ଟେମ୍ବର** | ଉତ୍ତମ ବିଶ୍ୱାସର ସହିତ ଆତ୍ମପ୍ରବଞ୍ଚନା | ... ୧୮୪ |
| | ଚୈତ୍ୟ ପ୍ରତାରଣା କରିବ ନାହିଁ, ମାତ୍ର ସେଥିରେ ମନର ସୁନିର୍ଦ୍ଦିଷ୍ଟତା ନ ଥାଏ | ... ୧୮୪ |
| | ପ୍ରତ୍ୟେକ ବ୍ୟକ୍ତି ତା'ର ଚେତନାସୀମା ଅନୁସାରେ କାର୍ଯ୍ୟ କରେ | ... ୧୮୫ |
| | ସର୍ବୋଚ୍ଚ ପରମସତ୍ତାଙ୍କ ସହିତ ଏକାତ୍ମକ ହୋଇ ରହିବାର ସମସ୍ୟା | ... ୧୮୫ |
| | ଅତିମାନସ ସତ୍ତା ମୂଳତଃ ଭିନ୍ନ ପ୍ରକାରର | ... ୧୮୫ |
| | ଚୈତ୍ୟସତ୍ତାର ଶରୀରଗତ ଉପାଦାନ ସହିତ ସିଧା ସମ୍ବନ୍ଧସ୍ଥାପନ | ... ୧୮୬ |
| | ସ୍ପନ୍ଦନଗୁଡ଼ିକର ମୂଲ୍ୟାୟନ | ... ୧୮୭ |
| | ମାନସିକ ସୁନିର୍ଦ୍ଦିଷ୍ଟତା, ପ୍ରାଣିକ ପ୍ରଗାଢ଼ତା ଓ ଅତିମାନସ | ... ୧୮୮ |
| **୨୩ ନଭେମ୍ବର** | ଦିବ୍ୟ ଉପସ୍ଥିତି ଦ୍ୱାରା ସବୁକିଛି ପୂର୍ଣ୍ଣ ହୋଇ ରହିଛି | ... ୧୮୯ |
| | କୌଣସି ନୂତନ ଧର୍ମର ଆବଶ୍ୟକତା ନାହିଁ | ... ୧୯୦ |

| ବିଷୟ-ସୂଚୀ | | ପୃଷ୍ଠା |
|---|---|---|


| | | |
|---|---|---|
| | ବିଚ୍ଛେଦ | ... ୧୯୧ |
| | ''ସୃଷ୍ଟିର ସକଳ ବୀଭତ୍ସତାକୁ ମୁଁ ଅଙ୍ଗେ ନିଭାଇଛି'' | ... ୧୯୩ |
| | ଭୌତିକ ସତ୍ୟସ୍ଥିତିକୁ ବଦଳାଇ ଦେବା | ... ୧୯୪ |
| | ଲୋକମାନଙ୍କୁ ସାକ୍ଷାତ ଦେଉଥିବା ବେଳେ ପରମ ଉପସ୍ଥିତିରେ ସଂକେନ୍ଦ୍ରଣ | ... ୧୯୫ |
| | ''ଅବତରଣ''ର ଧାରଣା | ... ୧୯୭ |
| | ପ୍ରଭୁଙ୍କ ବ୍ୟତୀତ ଆଉ କୋଉଠି କିଛି ନାହିଁ | ... ୧୯୭ |
| **୨୭ ନଭେମ୍ବର** | ଚେତନା ମାଧ୍ୟମରେ ଶରୀରର ଜ୍ଞାନଲାଭ | ... ୧୯୯ |
| | ଶରୀରର ସମର୍ପଣ | ... ୨୦୦ |
| | ଅଲଗା ହୋଇଯିବାର ମୂଳରେ କିଏ ? | ... ୨୦୧ |
| | ଦୁଃଖଭୋଗ ଓ ଆନନ୍ଦ | ... ୨୦୨ |
| **୨୧ ଡିସେମ୍ବର** | ବିଲୁପ୍ତ ହୋଇ ଯାଇଥିବା ମନ ଓ ପ୍ରାଣସତ୍ତା | ... ୨୦୪ |
| | ଶରୀର ଆପଣାର ଦାୟିତ୍ୱରେ | ... ୨୦୫ |
| | ଶରୀରରେ ଚେତନାର ସତ୍ୱର ଉତ୍କ୍ରାନ୍ତି | ... ୨୦୬ |
| | କେବଳ ଗୋଟିଏ ଶରୀରର ରୂପାନ୍ତର ସମ୍ଭବ କି ? | ... ୨୦୮ |
| | ସାମୂହିକ ପରିବର୍ତ୍ତନ ପାଇଁ ସମୟ ଆବଶ୍ୟକ | ... ୨୦୯ |
| | ହଠାତ୍ ପରିବର୍ତ୍ତନର ସମ୍ଭାବନା | ... ୨୦୯ |
| | ଶାଶ୍ୱତତାବୋଧ ସହିତ ଭଙ୍ଗୁରତା ଯୁଗପତ୍ ଭାବରେ ଆସେ | ... ୨୦୯ |
| | ଦୁଃଖଭୋଗର ମୁହୂର୍ତ୍ତଗୁଡ଼ିକ ଅଦ୍ଭୁତ ମୁହୂର୍ତ୍ତ | ... ୨୧୧ |
| **୧୯୬୯** | | |
| **୧ ଜାନୁଆରି** | ଅତିମାନବ-ଚେତନା | ... ୨୧୨ |
| **୪ ଜାନୁଆରି** | ଅତିମାନବ-ଚେତନା : ସହାସ, ବଦାନ୍ୟ | ... ୨୧୩ |
| **୮ ଜାନୁଆରି** | ଅତିମାନବ-ଚେତନାର ପରିଚୟ | ... ୨୧୮ |
| **୧୮ ଜାନୁଆରି** | ଅତିମାନବ ଚେତନା : ପରାମର୍ଶଦାତା ଓ ରକ୍ଷାକାରିଣୀ ଶକ୍ତି | ... ୨୧୯ |
| **୧୫ ଫେବ୍ରୁଆରି** | ଅତିମାନବ-ଚେତନା : ଶରୀରର ପରାମର୍ଶଦାତା | ... ୨୨୪ |
| | ଅତିମାନବ ଚେତନା : ଅର୍ଦ୍ଧ ସାଧନଗୁଡ଼ାକର ସ୍ଥାନ ନାହିଁ | ... ୨୨୮ |

| ବିଷୟ-ସୂଚୀ | | ପୃଷ୍ଠା |
|---|---|---|
| **୨୨ ଫେବ୍ରୁଆରି** | ନିଶ୍ଚେତନାର ଅଚଳତ୍ୱ | ... ୨୨୯ |
| **୧୭ ମଇ** | ବ୍ୟକ୍ତିଭାବ ଓ ବିଚ୍ଛେଦ | ... ୨୩୫ |
| | ଶରୀର ସକଳ ଚେତନାସ୍ଥିତିକୁ ଅନୁଭବ କରେ | ... ୨୩୬ |
| | ସୃଷ୍ଟିର ପରବର୍ତ୍ତୀ ସୋପାନ : ଯଥାର୍ଥ ପରମଚେତନାକୁ ପ୍ରତ୍ୟାବର୍ତ୍ତନ | ... ୨୩୬ |
| | ସ୍ୱତଃପ୍ରେରିତ ଭାବରେ ସର୍ବୋଚ୍ଚ ପରମଚେତନା ସହିତ ଏକାତ୍ମକ ହେବାର ସ୍ଥିତି | ... ୨୩୯ |
| **୨୪ ମଇ** | ମୃତ୍ୟୁ ଆଦୌ ଏକ ନିଷ୍କୃତି ନୁହେଁ ବୋଲି ଶରୀର ଜାଣେ | ... ୨୪୧ |
| | କଷ୍ଟଭୋଗର ''କାହିଁକି'' ପ୍ରଶ୍ନ | ... ୨୪୨ |
| | ପରିପୂର୍ଣ୍ଣ ସ୍ୱୀକାର | ... ୨୪୫ |
| **୨୮ ମଇ** | କେବଳ ଗୋଟିଏ ସମାଧାନ : ସର୍ବୋଚ୍ଚ ସହିତ ଭୌତିକର ଅପରୋକ୍ଷ ସମ୍ପର୍କ ସ୍ଥାପନ | ... ୨୪୬ |
| | ଶରୀର ତା'ର କାର୍ଯ୍ୟପନ୍ଥା ଗ୍ରହଣ କରିଛି | ... ୨୪୬ |
| **୩୧ ମଇ** | ଅରୋଭିଲ୍ | ... ୨୪୮ |
| | ବିଶ୍ୱରେ ବିଭ୍ରାନ୍ତିକର ସ୍ଥିତି | ... ୨୫୦ |
| | ବିଶ୍ୱର ଦୁଃଖକୁ ଅନୁଭବ କରୁଥିବା ଶରୀର | ... ୨୫୧ |
| | ବିଶ୍ୱର ଦୁଃଖ : ବୌଦ୍ଧ ସମାଧାନଠାରୁ ଆହୁରି ଆଗକୁ | ... ୨୫୨ |
| | ପୃଥିବୀ ଏହି ଅବାସ୍ତବ ମିଥ୍ୟା ଭିତରେ ରହିଛି | ... ୨୫୪ |
| | ନର୍କ : ଚେତନାଗତ ଏହି ସ୍ଥିତିର ଏକ ପ୍ରତିରୂପ | ... ୨୫୫ |
| | ପଳାୟନ ଦ୍ୱାରା କିଛି ଲାଭ ନାହିଁ : ଏହିଠାରେହିଁ ସମାଧାନ | ... ୨୫୬ |
| | ପୃଥିବୀରେ ସଂକେନ୍ଦ୍ରିତ ହୋଇଥିବା ମିଥ୍ୟା | ... ୨୫୭ |
| | ଜୀବନର ମିଥ୍ୟାତ୍ୱ ବିଷୟରେ ଅନୁଭବ | ... ୨୫୯ |
| | ମହିମ ଶରୀର | ... ୨୫୯ |
| **୪ ଜୁନ୍** | ମହିମମୟ ଶରୀର | ... ୨୬୧ |
| **୧୬ ଅଗଷ୍ଟ** | ବିଭ୍ରାନ୍ତି ଆମକୁ ଶିକ୍ଷା ଦେବ | ... ୨୬୩ |
| | କର୍ତ୍ତବ୍ୟ ବିଷୟରେ ନିର୍ଦ୍ଦିଷ୍ଟ ସୂଚନା | ... ୨୬୫ |
| **୧ ଅକ୍ଟୋବର** | ଦେହର ଚିରସ୍ଥାୟିତ୍ୱ | ... ୨୭୦ |
| **୧୮ ଅକ୍ଟୋବର** | ଶରୀର ମନର ବୋଲ ମାନିବାରେ ଅତି ଅଭ୍ୟସ୍ତ | ... ୨୭୩ |

| ବିଷୟ-ସୂଚୀ | | ପୃଷ୍ଠା |
|---|---|---|


''ମୋ'ର ମନକୁ ଅନ୍ୟତ୍ର ପଠାଇ ଦିଆଯାଇଛି'' ··· ୨୭୩

ଶକ୍ତିକୁ ଗ୍ରହଣ କରି ପାରିବା ପାଇଁ ଶରୀରର ବଶ୍ୟତା ଲୋଡ଼ା ··· ୨୭୪

ସଚେତନ ନିଶ୍ଚଳତା ··· ୨୭୪

ଜଡ଼ତା ଓ ସୃଜନ ··· ୨୭୫

ଏକ ପ୍ରଗାଢ଼ ଅଭୀପ୍ସା ସହିତ ନିଶ୍ଚଳତା ··· ୨୭୬

ଅତିମାନସ ସ୍ପନ୍ଦନ ··· ୨୭୬

ସୃଷ୍ଟିର କାହିଁକି ଓ କିପରିକୁ ବୁଝିବା ··· ୨୭୭

ଶରୀରରେ ଅମରତ୍ୱର ଚେତନା ··· ୨୭୯

**୧୯ ନଭେମ୍ବର** ସୃଷ୍ଟିର କାହିଁକି ଓ କିପରି ··· ୨୮୨

ଏକତା ଓ ବୈପରୀତ୍ୟଗୁଡ଼ିକ ··· ୨୮୩

ବିଚ୍ଛେଦ ଓ ବିବର୍ତ୍ତନ ··· ୨୮୪

ଏକ ସ୍ୱଚ୍ଛ ଦୃଷ୍ଟି : ପ୍ରତ୍ୟେକର ଏକ ନିଜସ୍ୱ ସ୍ଥାନ ରହିଛି ··· ୨୮୫

ସମୟ ଓ ସମତାବସ୍ଥା ··· ୨୮୬

ଏକତା = ଶକ୍ତି ଓ ବିଶ୍ରାମ ଏକତ୍ର ସଂଯୁକ୍ତ ··· ୨୮୮

ଅବବୋଧର ବ୍ୟକ୍ତିବିନ୍ଦୁ ··· ୨୯୦

ଅତିମାନସ ଚେତନା ··· ୨୯୧

ଅତିମାନସ ଚେତନା : ପ୍ରତୀତିଗୁଡ଼ିକୁ ଅବଶ୍ୟ କ୍ରମଶଃ ବଦଳାଇଦେବ ··· ୨୯୨

ସମସ୍ତେ ଯେପରି ଯଥାସମ୍ଭବ ଶୀଘ୍ର ଅଗ୍ରସର ହୋଇ ପାରିବେ, କରୁଣା ସେଇଥିଲାଗି କାର୍ଯ୍ୟ କରୁଛି ··· ୨୯୨

ଅତିମାନସ ଚେତନା : ପ୍ରତ୍ୟେକ ମୁହୂର୍ତ୍ତରେ ପରିପୂର୍ଣ୍ଣତାର ଅବବୋଧ ··· ୨୯୨

ଅତିମାନସ ଚେତନା : କୌଣସି ଚାପ ନ ଦେଇ ସତ୍ୟ ଆପଣାକୁ ପ୍ରତିଷ୍ଠିତ କରାଇ ଆଣେ ··· ୨୯୩

ଶରୀରର ଅତିମାନସ ଚେତନା ବିଷୟରେ ଅନୁଭୂତି ··· ୨୯୪

**୧୦ ଡିସେମ୍ବର** ଚେତନାର ସ୍ଥିତି ଉପରେହିଁ ସକଳ ଅବସ୍ଥା ନିର୍ଭର କରେ ··· ୨୯୭

ଅନ୍ୟମାନଙ୍କ ପାଇଁ ଅପେକ୍ଷା ନ କରି ମନୁଷ୍ୟ ଆପଣାକୁ ସମ୍ପୂର୍ଣ୍ଣ କରି ଗଢ଼ିବ ··· ୨୯୮

| ବିଷୟ-ସୂଚୀ | | ପୃଷ୍ଠା |
|---|---|---|


| | | |
|---|---|---|
| **୧୩ ଡିସେମ୍ବର** | ଶ୍ରୀଅରବିନ୍ଦଙ୍କର ସୂକ୍ତିମାଳା | ... ୩୦୦ |
| | ଅବଦମନ | ... ୩୦୨ |
| | ଭଲମନ୍ଦର ଧାରଣା ସମର୍ପଣକୁ ବ୍ୟାହତ କରେ | ... ୩୦୩ |
| | ପରମଚେତନାର ନିର୍ଦ୍ଦେଶ ଅନୁସାରେ ପତ୍ର ଲେଖିବା | ... ୩୦୫ |
| | ଅହଂକୁ ଚାଲିଯିବାକୁ ହେବ | ... ୩୦୮ |
| | ଆରୋହଣ କରିବା ଲାଗି ମନୁଷ୍ୟଜାତି ସଂସକ୍ତ ହୋଇ ରହିଛି | ... ୩୦୯ |
| **୨୭ ଡିସେମ୍ବର** | ତୁମକୁ ଅଗ୍ରସର କରାଇନେବା ଲାଗିହିଁ ସବୁକିଛି ଆସେ | ... ୩୧୦ |
| | ଦେହରେ ହେଉଥିବା ଅନୁଭୂତି ଜ୍ଞାନଲାଭର ଅନିଶ୍ଚିତ ଉତ୍ସ | ... ୩୧୧ |
| | ପ୍ରଭୁଙ୍କର କାର୍ଯ୍ୟରେ ହସ୍ତକ୍ଷେପ ନ କରିବା | ... ୩୧୨ |
| | ଚେତନାର ଦୃଷ୍ଟି ଅନୁସାରେ ସ୍ଥିତି ବଦଳିଯାଏ | ... ୩୧୩ |
| | ମୃତ୍ୟୁ ଏବଂ ଅମୃତତ୍ୱର ଉପସ୍ଥିତି | ... ୩୧୪ |
| | ଅନୁଭବର ପ୍ରଭାବକୁ ସହ୍ୟ କରିବା ଲାଗି ଶରୀର ପ୍ରସ୍ତୁତ ରହିଥିବା ଉଚିତ | ... ୩୧୪ |
| **୧୯୭୦** | | |
| **୩୧ ଜାନୁଆରି** | ସବୁ ନିର୍ଦ୍ଧାରିତ ହୋଇ ରହିଛି | ... ୩୧୬ |
| | ମିଥ୍ୟାର ଅବଶେଷ ସକଳ ପୀଡ଼ାର କାରଣ | ... ୩୧୭ |
| | ସମଗ୍ରତା ଏବଂ କ୍ଷୁଦ୍ରାତିକ୍ଷୁଦ୍ରର ଚେତନା | ... ୩୧୮ |
| | ନ ମରି ମରିବାର ଶାରୀରିକ ଅନୁଭୂତି | ... ୩୧୮ |
| | ଶରୀରରେ ଏବଂ ରାଷ୍ଟ୍ରଗୁଡ଼ିକର କ୍ଷେତ୍ରରେ କର୍ତ୍ତୃତ୍ୱର ପରିବର୍ତ୍ତନ | ... ୩୧୯ |
| | ପରିବର୍ତ୍ତନର ସମୟ ନିକଟବର୍ତ୍ତୀ ହୋଇ ଆସିବା ସଙ୍ଗେସଙ୍ଗେ ବ୍ୟକ୍ତିମାନଙ୍କର ଅଧିକ ସଚେତନ ହେବା | ... ୩୧୯ |
| **୧୪ ମାର୍ଚ୍ଚ** | ଶ୍ରୀଅରବିନ୍ଦଙ୍କର ସୂକ୍ତିମାଳା | ... ୩୨୧ |
| | ନୂତନ ଚେତନାର କାର୍ଯ୍ୟ | ... ୩୨୪ |
| | ମାନସିକ ବିରଚନା ଅସଲ ସତ୍ୟରୁ ହୁଡ଼ାଇନିଏ | ... ୩୨୪ |
| | ଶରୀର ପ୍ରକୃତରେ ବଦଳିଯାଇଛି | ... ୩୨୫ |

| ବିଷୟ-ସୂଚୀ | | ପୃଷ୍ଠା |
|---|---|---|


| | | |
|---|---|---|
| | କର୍ତ୍ତୃତ୍ୱର ପରିବର୍ତ୍ତନ : ଏହି ପରିବର୍ତ୍ତନ ଅନେକ ସମୟରେ ବଡ଼ ଯନ୍ତ୍ରଣାକର | ... ୩୨୭ |
| | ଶାରୀରିକ ନିର୍ଣ୍ଣୟ ମୋଟେ ଅନିବାର୍ଯ୍ୟ ନୁହେଁ | ... ୩୨୮ |
| | ସୂକ୍ଷ୍ମ ଭୌତିକରେ ଶ୍ରୀଅରବିନ୍ଦଙ୍କର କାର୍ଯ୍ୟ | ... ୩୨୮ |
| | ପରିବର୍ତ୍ତନ ସମ୍ପନ୍ନ ହେଲା : ଏଥର ଟିକିନିଖିଗୁଡ଼ିକୁ କାର୍ଯ୍ୟକାରୀ କରିବାକୁ ହେବ | ... ୩୨୯ |
| | ଅତିମାନବ ଚେତନାର ବିଜୟ | ... ୩୩୦ |
| | ଏହି ଶରୀରରେ ଚାଲିଥିବା ସଂଗ୍ରାମ | ... ୩୩୧ |
| **୨୦ ମଇ** | ମନହିଁ ସବୁଠାରୁ ବଡ଼ ପ୍ରତିବନ୍ଧକ | ... ୩୩୪ |
| **୨୭ ଜୁନ୍** | ଅନୁଭବର ମାନସିକ ଅଭିବ୍ୟକ୍ତି ବଡ଼ ଅଯଥେଷ୍ଟ | ... ୩୩୫ |
| | ଦୃଷ୍ଟିକୋଣର ପରିବର୍ତ୍ତନ କଷ୍ଟଭୋଗକୁ ଆନନ୍ଦରେ ପରିଣତ କରେ | ... ୩୩୫ |
| | ଅନୁଭବର ଯାବତୀୟ ବ୍ୟାଖ୍ୟା ଆଦୌ ଯଥେଷ୍ଟ ନୁହେଁ | ... ୩୩୭ |
| **୧ ଜୁଲାଇ** | ଚୈତ୍ୟସତ୍ତାହିଁ ଅତିମାନସ ସତ୍ତାରୂପେ ପ୍ରକାଶିତ ହେବ | ... ୩୩୯ |
| | ଯାହା ସତ୍ୟର ଅନୁସରଣ କରୁ ନାହିଁ, କେବଳ ତାହାରି ବିଲୁପ୍ତି ଘଟିବ | ... ୩୪୧ |
| **୫ ଅଗଷ୍ଟ** | ପରମଚେତନା ଆନ୍ତରିକତା ପାଇଁ କାର୍ଯ୍ୟ କରୁଛି | ... ୩୪୨ |
| | ଶରୀର ପ୍ରଶିକ୍ଷିତ ହେବାକୁ ଚାହୁଁଛି | ... ୩୪୨ |
| | ଅନ୍ୟମାନଙ୍କ ସହିତ ସମ୍ବନ୍ଧ | ... ୩୪୪ |
| | ବ୍ୟକ୍ତିଗତ ସୀମାବୋଧ ନ ଥିବା ଶରୀର | ... ୩୪୫ |
| | ଶରୀରର ନୂତନ ସଂଗଠନ | ... ୩୪୬ |
| **୧୯୭୧** | | |
| **୧୧ ଜାନୁଆରି** | ଯେଉଁଠି ଇନ୍ଦ୍ରିୟ ଦ୍ୱାରା ଶ୍ରବଣ ଓ ଦର୍ଶନ ଥିଲା, ସେଠାରେ ଚେତନା ଦ୍ୱାରା ପରିଚୟଲାଭ | ... ୩୪୮ |
| **୧୬ ଜାନୁଆରି** | ପାଦର ପକ୍ଷାଘାତ ସମୟର ଅନୁଭୂତି | ... ୩୪୯ |
| | ''ମୁଁ ଭାରି ବଦଳି ଯାଇଛି'' | ... ୩୫୩ |
| | ଭୌତିକ ଜଗତର କିଛି ବସ୍ତୁ ଦିବ୍ୟ ସ୍ପନ୍ଦନ ଲାଗି ଉନ୍ମୋଚିତ ହୋଇ ନାହିଁ | ... ୩୫୫ |
| | ଜଡ଼ ଗ୍ରହଣ କରିବା ଲାଗି ପ୍ରସ୍ତୁତ ହେଉଛି | ... ୩୫୫ |

## ବିଷୟ-ସୂଚୀ


| | | ପୃଷ୍ଠା |
|---|---|---|
| **୩ ମାର୍ଚ୍ଚ** | ଦେଖିବା ଓ ଶୁଣିବାର ନୂତନ ମାର୍ଗ | ... ୩୫୭ |
| | ଯେଉଁମାନେ ଆରାମ ଲାଗି ଏଠାକୁ ଆସୁଛନ୍ତି, ସେମାନଙ୍କ ବିରୋଧରେ ସଂଗ୍ରାମ | ... ୩୫୮ |
| **୧ ମଇ** | ଅଶାନ୍ତ ପୃଥିବୀ : ଆମକୁ ଉପରକୁ ଉଠିଯିବାକୁ ହେବ | ... ୩୬୦ |
| | ପୃଥିବୀ ଯେଉଁପରି ଅଛି, ତାହାରି ମଧ୍ୟରେ ପରମସତ୍ତାଙ୍କୁ ଉପଲବ୍ଧି କରିବା | ... ୩୬୧ |
| **୨୨ ମଇ** | ସଫଳତାର ସମ୍ଭାବନା | ... ୩୬୨ |
| | ଏକ ସ୍ୱଚ୍ଛ ସଂଚାରକରେ ପରିଣତ ହେବା | ... ୩୬୨ |
| | ବିପର୍ଯ୍ୟୟ ନା ପ୍ରକୃତ ବିଜୟ | ... ୩୬୩ |
| | ନୈରାଶ୍ୟ ହେଉଛି ସଇତାନର ଅସ୍ତ୍ର | ... ୩୬୪ |
| | ପ୍ରତିକୂଳ ଶକ୍ତିମାନଙ୍କ ଉପରେ ମୀମାଂସକ ବିଜୟ | ... ୩୬୪ |
| **୯ ଜୁନ୍** | ମିଥ୍ୟା ଧାବିତ ହୋଇ ଆସିବା | ... ୩୬୫ |
| | ଶରୀର ଜାଣେ ଯେ ସିଏ କେବଳ ଦିବ୍ୟ ପରମସତ୍ତାଙ୍କର ମାଧ୍ୟମରେହିଁ ତିଷ୍ଠି ରହିଛି | ... ୩୬୬ |
| | ଅହଂର କାଳ ଚାଲିଗଲାଣି | ... ୩୬୮ |
| **୧୭ ଜୁଲାଇ** | ସର୍ବୋଚ୍ଚ ପରମସତ୍ତା ଯଦି ମିଥ୍ୟାର ବିନାଶ କରିବେ, ତେବେ ଆଉ କୌଣସି ଜଗତହିଁ ରହିବ ନାହିଁ | ... ୩୬୯ |
| | ମିଥ୍ୟାଭିମାନ ଓ ପ୍ରବଞ୍ଚନା | ... ୩୭୦ |
| | ଦିବ୍ୟ ପରମସତ୍ତାଙ୍କୁ ଅବଲମ୍ବନ କରି ରହ | ... ୩୭୦ |
| | ଯାହା ଘଟିବ, ତାହା ଶରୀର ଜାଣିଛି | ... ୩୭୧ |
| | ଶରୀରର ବିଶ୍ୱାତ୍ମିକୀକରଣ | ... ୩୭୧ |
| **୨୧ ଜୁଲାଇ** | ''ଯାହା ଘଟିବ, ମୁଁ ତାହା ଜାଣିବାକୁ ଆରମ୍ଭ କରୁଛି'' | ... ୩୭୨ |
| | ମନୁଷ୍ୟ-ଚେତନା ଦିବ୍ୟ କାର୍ଯ୍ୟକୁ ବିକୃତ କରିପକାଏ | ... ୩୭୨ |
| | ଏହି ଜୀବନରୁ ସେହି ଜୀବନକୁ ଅତିକ୍ରମଣ | ... ୩୭୪ |
| **୨୮ ଅଗଷ୍ଟ** | ଜଗତକୁ ଦେଖିବାର ନାନା ପ୍ରଣାଳୀ | ... ୩୭୫ |
| | ଦିବ୍ୟ ପରମସତ୍ତାଙ୍କ ମଧ୍ୟରେ ଆଶ୍ରିତ ହୋଇ ରହିବା | ... ୩୭୬ |
| | ସତ୍ୟକୁ ଘୋଡ଼ାଇ ରଖିଥିବା ଏକ ସ୍ୱପ୍ନ | ... ୩୭୭ |
| **୧ ସେପ୍‌ଟେମ୍ବର** | କେବଳ ସେହି ଦିବ୍ୟ ପରମସତ୍ତାଙ୍କ ମଧ୍ୟଦେଇହିଁ ବଞ୍ଚିବା | ... ୩୭୯ |
| | ଦୀକ୍ଷିତ ଭୌତିକ ଦେହ ହେବ ଦୃଢ଼ ପ୍ରକୃତ ବସ୍ତୁ | ... ୩୭୯ |

| | | |
|---|---|---|
| | ଶକ୍ତିକୁ ବହନ କରି ପାରୁଥିବା ଏକ ଶାରୀର ସତ୍ତାର ସୃଷ୍ଟି | ... ୩୮୦ |
| | ରୂପହିଁ ସର୍ବଶେଷରେ ବଦଳିବ | ... ୩୮୦ |
| | ଯାହା ଗ୍ରହଣ କରିବାକୁ ଅସ୍ୱୀକାର କରୁଛି, ତାହାକୁ ବିନଷ୍ଟ ହୋଇଯିବାକୁ ହେବ | ... ୩୮୨ |
| **୨୯ ସେପ୍ଟେମ୍ବର** | ଅସୁସ୍ଥତା ହେଉଛି ଏକ ମିଥ୍ୟା | ... ୩୮୩ |
| **୧୬ ଅକ୍ଟୋବର** | ଶରୀର କିପରି ଭାବରେ ଦିବ୍ୟ ପରମସତ୍ତାଙ୍କ ସହିତ ଯୋଡ଼ିହୋଇ ରହିଛି, ତାହାର ସ୍ଥିତି ତାହାରି ଉପରେହିଁ ନିର୍ଭର କରେ | ... ୩୮୫ |
| | ସବୁକିଛି ଦିବ୍ୟ ବୋଲି ସଚେତନ ହୁଅ | ... ୩୮୬ |
| **୩୦ ଅକ୍ଟୋବର** | ଯୁଗପତ୍ ଭାବରେ ବ୍ୟକ୍ତିଗତ ଓ ବିଶ୍ୱମୟ ହୋଇ ରହିଥିବା ଏକ ଚେତନା | ... ୩୮୭ |
| | ଚେତନା ସ୍ୱଚ୍ଛ ଅଛି; ଶରୀର ତାହାର ଅନୁଗମନ କରି ପାରିବ କି ? | ... ୩୮୮ |
| **୧୭ ନଭେମ୍ବର** | ଚେତନା ଆଉ ଏକ ବିନ୍ଦୁ ହୋଇ ରହି ନାହିଁ, ତାହା ସକଳ ବସ୍ତୁରେ ବ୍ୟାପ୍ତ ରହିଛି | ... ୩୯୦ |
| **୧୮ ଡିସେମ୍ବର** | ଭୌତିକ-(ଶାରୀର-) ମନ ନୂତନ ଦୀକ୍ଷା ଗ୍ରହଣ କରୁଛି | ... ୩୯୨ |
| | "ମୁଁ ଆଉ ଏକ ବ୍ୟକ୍ତିରେ ପରିଣତ ହୋଇଛି" | ... ୩୯୩ |
| | ଚୈତ୍ୟ ଏବଂ ପରିବର୍ତ୍ତନପ୍ରକ୍ରିୟା | ... ୩୯୩ |
| | ଶରୀର ଆପଣାକୁ ସଂପୂର୍ଣ୍ଣରୂପେ ସମର୍ପଣ କରିଦେଇଛି | ... ୩୯୫ |
| | ଦେଖିବା ଓ ଶୁଣିବାର ନୂଆ ମାର୍ଗ | ... ୩୯୫ |
| | ସମର୍ପଣ ଓ ବିଶ୍ୱାସ | ... ୩୯୬ |
| | ଆମେ ଇଚ୍ଛା କଲେ ବଞ୍ଚିପାରିବା, ମରିପାରିବା ବା ଶାଶ୍ୱତ ଜୀବନ ଲାଭ କରିପାରିବା | ... ୩୯୭ |
| **୨୨ ଡିସେମ୍ବର** | ଭୌତିକ-(ଶାରୀର-) ମନ ଓ ଅତିମାନସ | ... ୩୯୮ |
| | ଅବଚେତନାରେ ବିଶ୍ୱାସର ପ୍ରବେଶ | ... ୩୯୯ |
| **୨୫ ଡିସେମ୍ବର** | ଆମେହିଁ ଅସୁବିଧାଗୁଡ଼ିକୁ ସୃଷ୍ଟି କରୁ | ... ୪୦୦ |

| ବିଷୟ-ସୂଚୀ | | ପୃଷ୍ଠା |
|---|---|---|
| | ମନୋଦୃଷ୍ଟି ଅନୁସାରେ ଭୌତିକ ସ୍ତରରେ ମଧ୍ୟ ବସ୍ତୁଗୁଡ଼ିକ ବଦଳିଯାଏ | ... ୪୦୦ |
| | ସବୁକିଛି ଚେତନାରହିଁ ବ୍ୟାପାର | ... ୪୦୨ |
| | ଦିବ୍ୟ ପରମଚେତନା | ... ୪୦୩ |
| | ସୃଷ୍ଟିର ଲକ୍ଷ୍ୟ | ... ୪୦୫ |
| **୧୯୭୨** | | |
| **୯ ଫେବ୍ରୁଆରି** | ଏକୀକୃତ ଓ ଏକୀକୃତ ନ ହୋଇଥିବା ଚେତନା | ... ୪୦୬ |
| **୨୬ ଫେବ୍ରୁଆରି** | ଭୌତିକ-(ଶାରୀର-) ମନ | ... ୪୦୯ |
| | ସେହି ଦିବ୍ୟ ପରମସତ୍ତାଙ୍କ ଦ୍ୱାରା ଆବୃତ | ... ୪୧୧ |
| **୮ ମାର୍ଚ୍ଚ** | ଅଗ୍ରଗତି ଲାଗି ଚାପ | ... ୪୧୪ |
| | ଜଡ଼ର ଅହଙ୍କାରିତା | ... ୪୧୬ |
| | ଦିବ୍ୟ ପରମସତ୍ତାଙ୍କ ସହିତ ଯଥାର୍ଥ ଭାବରେ ଯୁକ୍ତ ନ ହୋଇ ପାରିବା ପର୍ଯ୍ୟନ୍ତ ଶରୀର କଦାପି ସ୍ଥାୟୀ ହେବ ନାହିଁ | ... ୪୧୬ |
| | ଯଥାର୍ଥ ଦୃଷ୍ଟିକୋଣ ରଖ, ସବୁକିଛି ସମ୍ପନ୍ନ ହୋଇଯିବ | ... ୪୧୮ |
| | ଅବଚେତନର ପ୍ରତିରୋଧ | ... ୪୧୮ |
| **୨୪ ମାର୍ଚ୍ଚ** | ''ମୁଁ ଏକ ସମ୍ପୂର୍ଣ୍ଣ ନୂତନ ଶରୀର ଧାରଣ କରିଥିଲି'' | ... ୪୧୯ |
| **୨୫ ମାର୍ଚ୍ଚ** | ମାଆଙ୍କର ନୂତନ ଶରୀର | ... ୪୨୦ |
| **୨ ଏପ୍ରିଲ୍** | ''ନୂତନ ସୃଷ୍ଟି ଲାଗି ରାସ୍ତା ତିଆରି କରିବାକୁ ଆମେ ଏଠାରେ ଅଛୁ'' | ... ୪୨୬ |
| | ''ମୁଁ ମୋଟେ ବୃଦ୍ଧା ହୋଇ ନାହିଁ'' | ... ୪୨୬ |
| | ବୀରତ୍ୱ | ... ୪୨୬ |
| | ''ନିଜର ଅହଂକୁ କହ : 'ତୋର ଦିନ ସରିଗଲାଣି' '' | ... ୪୨୭ |
| **୧୨ ଏପ୍ରିଲ୍** | ମନୁଷ୍ୟର ନିର୍ବୋଧତା | ... ୪୨୮ |
| | ଅବଚେତନର ପ୍ରତିରୋଧ | ... ୪୨୮ |
| | ଦିବ୍ୟ ପରମସତ୍ତାଙ୍କ ବିଷୟରେ ସଚେତନ ରହିବା,— ସବୁକିଛିକୁ ଅତିକ୍ରମ କରିଯାଏ | ... ୪୩୦ |
| | ମନ ଉପରେ ବସି ଖେଳୁଥିବା ଏକ ଶିଶୁ ହୋଇପାରିବା | ... ୪୩୧ |
| **୬ ମଇ** | ଭଲ ଆହୁରି ଭଲ ହେଉଛି, ମନ୍ଦ ଆହୁରି ମନ୍ଦ ହେଉଛି | ... ୪୩୩ |

| ବିଷୟ-ସୂଚୀ | | ପୃଷ୍ଠା |
|---|---|---|


| | | |
|---|---|---|
| | ମୂଲ୍ୟଗୁଡ଼ିକ ପ୍ରଗାଢ଼ ହୋଇଛନ୍ତି | ... ୪୩୫ |
| | ସକଳ ସୃଷ୍ଟି କେବଳ ସେହି ପରମସତ୍ତାଙ୍କୁହିଁ ଇଚ୍ଛା କରିବ | ... ୪୩୫ |
| | ଅତିମାନସର ଶକ୍ତି | ... ୪୩୬ |
| | ପ୍ରକୃତରେ ଏକ ନୂତନ ଜଗତ | ... ୪୩୭ |
| | ଅହଂର ଶାସନକୁ ଶେଷ କରିବାକୁ ପଡ଼ିବ | ... ୪୩୮ |
| | ଅତିମାନସ ଜଗତର ଅବତରଣ | ... ୪୩୮ |
| **୩୦ ଅଗଷ୍ଟ** | ଭାବନାର ସ୍ଥାନରେ ଚେତନା | ... ୪୪୧ |
| | ଯଥାର୍ଥ ଦୃଷ୍ଟିକୋଣ ଓ ଜଡ଼ର ଅଳ୍ପବୁଦ୍ଧିତା | ... ୪୪୩ |
| | ''କେବଳ ଯାହା ଆପଣ ଇଚ୍ଛା କରୁଛନ୍ତି''— ଏକମାତ୍ର ଆଶ୍ରୟ | ... ୪୪୪ |
| **୨୫ ଅକ୍ଟୋବର** | ଅବଚେତନ ବିରୋଧିତାମାନେ ଉପରକୁ ଉଠିବାରେ ଲାଗିଛନ୍ତି | ... ୪୪୫ |
| | ମୁହୂର୍ତ୍ତକ ପାଇଁ ବି ତାଙ୍କୁ ଭୁଲିଗଲେ ବିପର୍ଯ୍ୟୟ ଆସି ପହଞ୍ଚେ | ... ୪୪୫ |
| | ସେଇ ପରମସତ୍ତାହିଁ ଯୁଦ୍ଧଟିକୁ ଲଢ଼ିବେ | ... ୪୪୬ |
| | ଦୃଷ୍ଟିକୁ ନିବଦ୍ଧ କରି ରଖିବା ଲାଗି ଏକ ପ୍ରତିରୂପ | ... ୪୪୭ |
| **୪ ନଭେମ୍ବର** | ସେହି ପରମାନନ୍ଦ ଆମ ଲାଗି ପ୍ରସ୍ତୁତ ରହିଛି | ... ୪୪୮ |
| | ଦିବ୍ୟ ପରମସତ୍ତାଙ୍କ ନୀଡ଼ରେ | ... ୪୪୮ |
| **୮ ନଭେମ୍ବର** | ଅତିମାନସ ଚେତନା | ... ୪୪୯ |
| | ପରିପୂର୍ଣ୍ଣ ଶାନ୍ତି ମଧ୍ୟରେ ପୂର୍ଣ୍ଣ ସକ୍ରିୟତା | ... ୪୪୯ |
| **୨୦ ଡିସେମ୍ବର** | ଶ୍ରୀଅରବିନ୍ଦ | ... ୪୫୧ |
| **୩୦ ଡିସେମ୍ବର** | ଯୁଗପତ୍ ଭାବରେ ଦୁଇଟିଯାକ ପ୍ରାନ୍ତ | ... ୪୫୪ |
| | ଶରୀରର କେବଳ ଗୋଟିଏ ପ୍ରାର୍ଥନା | ... ୪୫୪ |
| **୧୯୭୩** | | |
| **୭ ଫେବ୍ରୁଆରି** | ମିଥ୍ୟା ଲାଗି କେବଳ ଗୋଟିଏ ସମାଧାନ | ... ୪୫୬ |
| **୧୦ ମାର୍ଚ୍ଚ** | ''କେବଳ ଆପଣ ଯାହା ଇଚ୍ଛା କରୁଛନ୍ତି'' | ... ୪୫୭ |

## ୭ ଅକ୍ଟୋବର୍ ୧୯୬୪

ସାଧାରଣ ସଂସାରର ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ ନୁହେଁ, ମାତ୍ର ଉଚ୍ଚତର ଦୃଷ୍ଟିକୋଣଟିରୁ ବିଚାର କରି ଦେଖିଲେ ସବୁକଥା ଅତ୍ୟନ୍ତ ସ୍ପଷ୍ଟଭାବରେ ଅଧିକ ଭଲ ହେବାକୁ ଆରମ୍ଭ କରିଛି । ମାତ୍ର ସ୍ଥୂଳଜାଗତିକ ପରିଣାମଗୁଡ଼ାକ ତଥାପି ବିଦ୍ୟମାନ ରହିଛି – ଯାବତୀୟ ଅସୁବିଧା ସତେଅବା ଅଧିକ ବୃଦ୍ଧି ପାଇଥିବା ପରି ମନେ ହେଉଛି । କେବଳ, ସେହି ଚେତନାର ଶକ୍ତିଟି ଅଭିବୃଦ୍ଧି ଲାଭ କରିଛି, ଅଧିକ ସ୍ପଷ୍ଟ ଓ ଅଧିକ ସୁନିର୍ଦ୍ଦିଷ୍ଟ ଭାବରେ ଅନୁଭୂତ ହୋଇ ପାରୁଛି; ଏବଂ, ସଦିଚ୍ଛାସମ୍ପନ୍ନ ବ୍ୟକ୍ତିମାନଙ୍କ ଉପରେ ସେହି ଚେତନାର କ୍ରିୟାଟି ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି । ସେମାନଙ୍କର ଅଗ୍ରଗତି ପ୍ରକୃତରେ ଅତ୍ୟନ୍ତ ତ୍ୱରାନ୍ୱିତ ହୋଇ ପାରିଛି । ମାତ୍ର ସ୍ଥୂଳ ଜାଗତିକ ଅସୁବିଧା- ଗୁଡ଼ିକ ସତେଅବା ଅଧିକ ବୃଦ୍ଧି ପାଇଥିବା ପରି ମନେ ହେଉଛି, ଅର୍ଥାତ୍, ଏହା ... ଆମେ ପ୍ରକୃତରେ ଏହି ପରୀକ୍ଷାର ସମ୍ମୁଖୀନ ହୋଇପାରୁଛୁ କି ନାହିଁ, ସତେଅବା ତାହାହିଁ ଦେଖିବା ସକାଶେ ଏପରି ହେଉଛି !

ହଁ, କଥାଟି ଠିକ୍ ସେହିପରି ।

ଏହା ଆଦୌ ଅଧିକ ପୂର୍ବର କଥା ନୁହେଁ (ଗତକାଲିଠାରୁ ହିସାବ କରି ଦେଖିଲେ), ବାତାବରଣରେ ନିଶ୍ଚୟ କୌଣସି ଏକ ବିଷୟ ପରିଷ୍କାର ହୋଇଯାଇଛି । ମାତ୍ର ତଥାପି ଦୀର୍ଘ ପଥ ବାକୀ ରହିଛି । ମୁଁ ଅନୁଭବ କରୁଛି ଯେ ଅତ୍ୟନ୍ତ ଦୀର୍ଘ ଏକ ପଥ ବାକୀ ରହିଛି । ଆମକୁ ଧୈର୍ଯ୍ୟ ଧରି ତଥାପି ତିଷ୍ଠି ରହିବାକୁ ହେବ; ସର୍ବୋପରି, ଆମେ କଦାପି ପ୍ରତିହତ ହୋଇ ଫେରି ଆସିବାକୁ ମନ କରିବା ନାହିଁ, ମୁଁ ଠିକ୍ ସେହିପରି ଅନୁଭବ କରୁଛି । ଆମକୁ ଯଥେଷ୍ଟ ଧୈର୍ଯ୍ୟଶକ୍ତି ଅବଲମ୍ବନ କରିବାକୁ ପଡ଼ିବ । ଅତ୍ୟନ୍ତ ଅପରିହାର୍ଯ୍ୟ ଭାବରେ ଏହି ଦୁଇଟି କଥା ଏକାନ୍ତ ଆବଶ୍ୟକ ବୋଲି ଭାବୁଛି : ସହନଶୀଳତା, ଏବଂ ଏପରି ଏକ ବିଶ୍ୱାସ ଯାହାକୁ କି କେହି ହେଲେ ଟଳାଇ ପାରିବ ନାହିଁ; ଏପରିକି ବାହାରକୁ ସମ୍ପୂର୍ଣ୍ଣ ଭାବରେ ଏକ ନକାରାତ୍ମକତା ପରି ଦେଖା ଯାଉଥିବା କୌଣସି କଥା ମଧ୍ୟ ସେହି ବିଷୟକୁ ଟଳାଇ ପାରିବ ନାହିଁ । ସେଥିଲାଗି ତୁମକୁ ଯେତେ କଷ୍ଟ ସହିବାକୁ ପଡୁ ବା ତୁମର ଅବସ୍ଥା ଯେତେ଼ ଶୋଚନୀୟ ହେଉ ପଛକେ (ଏଠାରେ ମୁଁ କେବଳ ଶାରୀରିକ କଷ୍ଟର କଥାହିଁ କହୁଛି), ତୁମେ ଯେତେ କ୍ଲାନ୍ତ ହୋଇ ପଡ଼ିଥାଅ ପଛକେ, ତୁମକୁ ସେହି ସବୁକିଛିକୁ ଅସ୍ୱୀକାର କରି ତିଷ୍ଠି ରହିବାକୁହିଁ ପଡ଼ିବ । ଅପ୍ରତିହତ ହୋଇ ରହିବାକୁ ପଡ଼ିବ ଏବଂ ତିଷ୍ଠି ରହିବାକୁ ପଡ଼ିବ । ଏହା ପ୍ରକୃତରେ ଠିକ୍ ସେହିପରି ।

ମାତ୍ର ଅନ୍ୟମାନେ ମୋ ଆଗରେ ଯେଉଁସବୁ କଥା ଆସି କହିଛନ୍ତି, ଅର୍ଥାତ୍,

ରେଡିଓ ଶୁଣୁଥିବା ଓ ଖବରକାଗଜ ପଢୁଥିବା ଲୋକମାନେ (ମୁଁ ନିଜେ ଏସବୁ କଥା କରେ ନାହିଁ) ମୋ ଆଗରେ ଆସି କହୁଥିବା କଥା ଅନୁସାରେ ବର୍ତ୍ତମାନ ସମଗ୍ର ପୃଥିବୀ ଏପରି ଏକ ପ୍ରକ୍ରିୟା ମଧ୍ୟଦେଇ ଗତି କରୁଛି... ଯାହାକି ହଠାତ୍ ଦେଖିଲା ବେଳକୁ ଭାରି ନୈରାଶ୍ୟଜନକ ବୋଧ ହେଉଛି । ମନେ ହେଉଛି ‘‘ଆପାତତଃ ମୁଣ୍ଡ ଖରାପ’’ ହୋଇଯାଇଥିବା ଲୋକମାନଙ୍କର ସଂଖ୍ୟା ଦିନକୁ ଦିନ ହୁ’ ହୁ’ ହୋଇ ବଢ଼ିବାରେ ଲାଗିଛି । ଉଦାହରଣ ସ୍ୱରୂପ, ଆମେରିକାରେ ସମଗ୍ର ଯୁବଶ୍ରେଣୀର ମନକୁ ଏପରି ଏକ ଅଦ୍ଭୁତ ପ୍ରତିକ୍ରିୟାର ତରଙ୍ଗ ଆସି ଅଧିକାର କରି ପକାଇଛି, ଯାହାକି ବିବେକ ଥିବା ଲୋକମାନଙ୍କର ମନରେ ଏକ ଅସ୍ୱସ୍ତି ବି ସୃଷ୍ଟି କରିବ । ମାତ୍ର ଅତ୍ୟନ୍ତ ନିଃସନ୍ଦେହ ଭାବରେ ଏଥିରୁ ଏହି ସଙ୍କେତଟି ବେଶ୍ ମିଳିଯାଉଛି ଯେ ବର୍ତ୍ତମାନ ଏକ ଅସାଧାରଣ ଶକ୍ତି କାର୍ଯ୍ୟକାରୀ ହେବାରେ ଲାଗିଛି । ବର୍ତ୍ତମାନ ସବୁ ଅଭ୍ୟାସ ଓ ସବୁ ନିୟମ ଖଣ୍ଡ ଖଣ୍ଡ ହୋଇ ଭାଙ୍ଗି ଯାଉଛି । ଏହା ଗୋଟିଏ ଭଲ କଥା । ବର୍ତ୍ତମାନ ପାଇଁ ଏପରି ହେବାଟା ହୁଏତ ‘‘ଅଦ୍ଭୁତ’’ ବି ଲାଗୁଛି । ମାତ୍ର ଏହାର ଏକ ଆବଶ୍ୟକତା ରହିଛି ।

*ବର୍ତ୍ତମାନ ପରି ଏକ ମୁହୂର୍ତ୍ତରେ ଯଥାସମ୍ଭବ ଅଧିକ ସଫା ଓ ସଚ୍ଚା ହୋଇ ରହିବାକୁ ଚେଷ୍ଟା କରିବାକୁହିଁ ଯଥାର୍ଥ ଦୃଷ୍ଟିକୋଣ ବୋଲି କୁହା- ଯିବ ନାହିଁ କି ?*

ହଁ, ଏକାବେଳେକେ ସଫା ଆଉ ସ୍ୱଚ୍ଛ, ସେହି ନୂତନ ଶକ୍ତିଟି ଲାଗି ସଂପୂର୍ଣ୍ଣ ଭାବରେ ଗ୍ରହଣଶୀଳ ।

*ମୁଁ ଏହି ପ୍ରଶ୍ନଟିକୁ ଆପଣାକୁହିଁ ପଚାରିଥିଲି, କାରଣ, ଏପରି ବି ବୋଧ ହେଉଛି ଯେ ଏହି ସ୍ୱଚ୍ଛତା ହୁଏତ ଏକାବେଳେକେ ଫମ୍ପା ହୋଇ ରହିଥିବାର ଏକ ସ୍ୱଚ୍ଛତା । ମାତ୍ର ସତେଯେପରି ଭିତରେ ଆଦୌ କିଛିହେଲେ ନାହିଁ, ଠିକ୍ ସେହିପରି ମନେ ହେଉଛି; ସେହି ଶୂନ୍ୟତା ସତେଅବା ବେକ ପର୍ଯ୍ୟନ୍ତ ପୂରି ରହିଛି । ତଥାପି ଏହା ହେଉଛି ଏକ ଶୂନ୍ୟତା । ତାହା ପ୍ରକୃତରେ କ’ଣ କେଜାଣି ? ହୁଏତ ଏକ ଉଚ୍ଚସ୍ତରୀୟ ତାମସ ବସ୍ତୁ ବି ହୋଇପାରେ, ଅଥବା ...*

ସର୍ବୋପରି, ଆମକୁ ବିଶ୍ୱାସହିଁ ରଖିବାକୁ ହେବ । ଜଡ଼-ଉପାଦାନଟି ବିଷୟରେ ଏହି ବଡ଼ ଅଡୁଆଟି ରହିଛି ଯେ, ଜଡ଼ସ୍ଥ ଚେତନା (ଅର୍ଥାତ୍, ଜଡ଼ ଭିତରେ ରହିଥିବା ମନ) ବହୁ ବାଧା ଏବଂ ଅସୁବିଧାର ଚାପ ଦ୍ୱାରାହିଁ ଗଠିତ ହୋଇଛି; କେତେକେତେ ବାଧା, ପ୍ରତିବନ୍ଧକ,

କଷ୍ଟସହନ ଏବଂ ସଂଘର୍ଷର ଚାପ ପଡ଼ି ତାହା ତିଆରି ହୋଇଛି । ଏପରି ମଧ୍ୟ କୁହାଯାଇ ପାରିବ ଯେ ତାହା ଠିକ୍ ଏହିସବୁ ଜିନିଷ ଦ୍ୱାରାହିଁ ''ପ୍ରସ୍ତୁତ'' ହୋଇଛି ଏବଂ ତେଣୁ ତା' ଉପରେ ନୈରାଶ୍ୟର, ପରାଜୟ-ମନୋଭାବର ପ୍ରାୟ ଏକ ଛାପ ରହିଯାଇଛି । ଏଥିରେ କୌଣସି ସନ୍ଦେହ ନାହିଁ ଯେ ସେହି ଛାପଟିହିଁ ଏହି କ୍ଷେତ୍ରରେ ସବୁଠାରୁ ବଡ଼ ପ୍ରତିବନ୍ଧକ ରୂପେ କାର୍ଯ୍ୟ କରୁଛି ।

ମୋ' ନିଜ କାମରେ ମଧ୍ୟ ମୁଁ ଏହି ବିଷୟରେ ସଚେତନ ହୋଇ ରହିଥାଏ । ସବୁଠାରୁ ଅଧିକ ଜଡ଼ସ୍ତରୀୟ ଚେତନା ଅର୍ଥାତ୍ ସବୁଠାରୁ ଅଧିକ ଜଡ଼ସ୍ତରୀୟ ମନ କେବଳ ବେତ ବାଜୁଥିବା ପର୍ଯ୍ୟନ୍ତହିଁ ଆଗକୁ ପାଦ ପକାଏ, କେବଳ ବେତ ଖାଉଥିବା ଯାଏ କାର୍ଯ୍ୟ କରେ ବା କୌଣସି ଉଦ୍ୟମ କରୁଥାଏ । ଏପରି ହେବାଟା ସତେ ଯେପରି ତାହାର ଏକ ଅଭ୍ୟାସରେ ପରିଣତ ହୋଇଯାଇଛି ! ତା' ନ ହେଉଥିଲେ ସିଏ ଏକ ତାମସ ବସ୍ତୁ ହୋଇ ପଡ଼ି ରହିଥାଏ । ଏବଂ ତା'ପରେ, କଳ୍ପନା କରିବା ଲାଗି, ତା'ପାଖରେ ଯେତିକି ସାମର୍ଥ୍ୟ ରହିଛି, ତଦ୍ୱାରା ସିଏ କେବଳ ସେହି ଅସୁବିଧାଗୁଡ଼ାକରହିଁ କଳ୍ପନା କରୁଥାଏ, ସର୍ବଦା ପ୍ରତିବନ୍ଧକ ଆଉ ବିରୋଧଗୁଡ଼ାକର କଳ୍ପନା କରିବାରେ ଲାଗିଥାଏ ଏବଂ ତା'ଫଳରେ ଆପଣାର ଗତିଶୀଳତାକୁ ଅତ୍ୟନ୍ତ ଭୟଙ୍କର ଭାବରେ ହ୍ରାସ କରି ପକାଇଥାଏ । ଏହିସବୁ ଯାବତୀୟ ଅସୁବିଧା ଓ ବାଧା ପଛରେ ଯେ ଏକ ପରମ କରୁଣା ଅବସ୍ଥିତ, ତାହାର ସକଳ ବିଫଳତା ପଛରେ ଯେ ସର୍ବଶେଷ ବିଜୟଟି ଅତ୍ୟନ୍ତ ନିଶ୍ଚିତ ଭାବରେ ରହିଛି ଏବଂ ତା'ର ଯାବତୀୟ କଷ୍ଟ ଓ ଯନ୍ତ୍ରଣାଭୋଗ ଓ ଯାବତୀୟ ବିରୋଧମୟତା ପଛରେ ଯେ ସେହି ପରମ ଆନନ୍ଦ ଅବଶ୍ୟ ବିଦ୍ୟମାନ, ସେହି ବିଷୟରେ ତା' ମନରେ ଏକ ଯଥାର୍ଥ ବିଶ୍ୱାସ ଜନ୍ମାଇ ପାରିବାକୁ ଅତ୍ୟନ୍ତ ମୂର୍ତ୍ତ ଓ ଅତ୍ୟନ୍ତ ସାକାର ତଥା **ବାରବାର ପୁନରାବୃତ୍ତ ହେଉଥିବା** କେତେଗୁଡ଼ିଏ ଅଭିଜ୍ଞତା ଲାଭ କରିବାର ଆବଶ୍ୟକତା ରହିଥାଏ । ଆମକୁ ଏହି ପ୍ରୟାସଟିକୁହିଁ ଅଧିକାଂଶ ସମୟରେ ବାରବାର କରିବାକୁ ପଡ଼ିବ; ଅର୍ଥାତ୍, ତୁମକୁ କୌଣସି ଏକ ନିରାଶା, କୌଣସି ସଂଶୟ ଅଥବା ଏକାନ୍ତ ପରାଜୟବାଦୀ କୌଣସି ଏକ କଳ୍ପନାକୁ ଅଟକାଇ ରଖିବା ଲାଗି, ଅପସାରିତ କରିବା ଲାଗି ଓ ବଦଳାଇ ଦେବା ଲାଗି ଅନବରତ ବାଧ୍ୟ ହେବାକୁ ପଡୁଥିବ ।

ଏଠାରେ ମୁଁ କେବଳ ଜଡ଼ସ୍ତରୀୟ ଚେତନାର କଥା କହୁଛି ।

ଏହା ଅତ୍ୟନ୍ତ ସ୍ୱାଭାବିକ କଥା ଯେ, ଯେତେବେଳେ କୌଣସି ବସ୍ତୁ ଉପରୁ ଆସି ତଳେ ପଡ଼େ, ସେତେବେଳେ ତାହା ଏଡ଼େବଡ଼ ଶବ୍ଦ କରି ଦୁଲ୍ କରି ପଡ଼େ । ଠିକ୍ ଏହିପରି ପଡ଼େ (*ମାଆ କୁଜା ହୋଇଯିବାର ଏକ ଅଙ୍ଗଭଙ୍ଗୀ କଲେ*) । ତା'ପରେ ସବୁ ଚୁପ୍‌ଚାପ୍ ହୋଇଯାଏ, ସବୁକିଛି ଯେଉଁଠି ଥାଏ ସେଇଠି ରହିଯାଏ ଏବଂ ଅପେକ୍ଷା କରି

ରହେ । ମାତ୍ର... ପରମ ସତ୍ୟ, ପରମ ଋତ-ଚିତ୍ କାହିଁକି ଅଧିକ ମୁହୁର୍ମୁହୁଃ ଭାବରେ ଆପଣାକୁ ଅଭିବ୍ୟକ୍ତ କରେ ନାହିଁ, ସେହି କଥାଟିକୁ ମୁଁ ଭାରି ଭଲ ଭାବରେ ବୁଝି ପାରୁଛି; ତାହାର କାରଣ ହେଉଛି ଯେ, ତାହାର ଶକ୍ତି ଏବଂ ଜଡ଼ୋପାଦାନର ଶକ୍ତି ମଧ୍ୟରେ ଏତେବେଶୀ ପାର୍ଥକ୍ୟ ରହିଥାଏ ଯେ, ଏହା ଫଳରେ ଜଡ଼ୋପାଦାନର ଶକ୍ତି ସତେଅବା ଏକାବେଳେକେ ନିରାକୃତ ହୋଇ ରହିଯାଏ । ମାତ୍ର ତାହାର ଅର୍ଥ ଏହା ଆଦୌ ନୁହେଁ ଯେ ଜଡ଼ ରୂପାନ୍ତରିତ ହୋଇଯାଏ; ତାହାର ଅର୍ଥ ହେଉଛି ଯେ ତାହା ଚୂର୍ଣ୍ଣବିଚୂର୍ଣ୍ଣ ହୋଇଯାଏ । ପ୍ରାଚୀନ କାଳରେ ସେମାନେ ଠିକ୍ ସେହି କଥାହିଁ କରୁଥିଲେ; ସେମାନେ ଏହି ସମଗ୍ର ଜଡ଼ଗତ ଚେତନାକୁ ଏପରି ଏକ ବୃହତ୍ ଶକ୍ତିର ଚାପତଳେ ଚୂର୍ଣ୍ଣବିଚୂର୍ଣ୍ଣ କରି ଦେଉଥିଲେ, ଯାହା ବିରୋଧରେ କୌଣସି ପ୍ରତିରୋଧ ସମ୍ଭବ ହେଉ ନ ଥିଲା, ଆଦୌ କୌଣସି ସଂଘର୍ଷ ସମ୍ଭବ ହେଉ ନ ଥିଲା । ଏବଂ ସେତେବେଳେ, ‘‘ଏଥର ହେଲା, ଏଥର ତାହା ସାବାଡ଼ ହୋଇ ରହିଲା,’’— ଏହିପରି ଏକ ଧାରଣା ଜାତ ହେଉଥିଲା । ମାତ୍ର ତାହା ପ୍ରକୃତରେ ସାବାଡ଼ ହେଉ ନ ଥିଲା, ମୋଟେ ହେଉ ନ ଥିଲା । କାରଣ, ଯାହା ବାକୀ ରହୁଥିଲା, ତାହା କେଉଁ ତଳେ ଯାଇ ଠିକ୍ ପୂର୍ବପରି ଯେମିତି ସେମିତି ରହି ଯାଉଥିଲା, ସେଥିରେ ଆଦୌ କୌଣସି ପରିବର୍ତ୍ତନ ହେଉ ନ ଥିଲା ।

ଏହା ଯେ ପ୍ରକୃତରେ ବଦଳିବ, ଏପରି ଏକ ସମ୍ଭାବନା ବର୍ତ୍ତମାନ ଆସି ଉପସ୍ଥିତ ହୋଇଛି । ମାତ୍ର, ସେଥିଲାଗି ତୁମକୁ ତାହାକୁ ପୂର୍ଣ୍ଣ ଭାବରେ କାର୍ଯ୍ୟକାରୀ ହୋଇ ରହିବାକୁ ଦେବାକୁ ହେବ, ଏବଂ ତାହାକୁ ଏକାବେଳେକେ ଚୂର୍ଣ୍ଣବିଚୂର୍ଣ୍ଣ କରି ଦେଉଥିବା କୌଣସି ଶକ୍ତିକୁ ତା'ଉପରେ ଆଣି ଲଦିଦେବାରୁ କ୍ଷାନ୍ତ ହୋଇ ରହିବାକୁ ପଡ଼ିବ । ଏହି କଥାଟିକୁ ମଧ୍ୟ ମୁଁ ବେଶ୍ ଭଲ କରି ବୁଝି ପାରୁଛି । ମାତ୍ର ଏହି ଚେତନାଟି ଯେକୌଣସି ଅଳ୍ପବୁଦ୍ଧି ଦୁର୍ବଳ ମଣିଷ ପରି ସର୍ବଦା ଭାରି ହଠଧର୍ମୀ ହୋଇ ରହିଥାଏ । ଉଦାହରଣ ସ୍ୱରୂପ, ଯେତେବେଳେ କୌଣସି ତୀବ୍ର ଯନ୍ତ୍ରଣା ଭୋଗ କରିବାକୁ ପଡୁଥାଏ, ଏହି ଯନ୍ତ୍ରଣାକୁ ଆଉ ପ୍ରକୃତରେ ମୋଟେ ସହ୍ୟ କରିହେବ ନାହିଁ ବୋଲି ଯେତେବେଳେ ଆମର ପୂରାପୂରି ଧାରଣା ହୋଇଯାଇଥାଏ, ସେତେବେଳେ ଏପରି ଏକ ଘଟଣା କେତେଥର ନ ଘଟେ ଯେ (ଆମର କୋଷଗୁଡ଼ିକ ଭିତରେ) ଏକ ପ୍ରାର୍ଥନାର ସାନ ଆନ୍ତର ଗତିସ୍ପନ୍ଦନଟିଏ ଆରମ୍ଭ ହୋଇଯାଏ,— କୋଷଗୁଡ଼ିକ ‘‘ଆମକୁ ରକ୍ଷା କର’’ ବୋଲି ଏକ ସମ୍ବାଦ ପ୍ରେରଣ କରନ୍ତି,— ଏବଂ ତା'ପରେ ସବୁକିଛିର ଉପଶମ ହୋଇଯାଏ, କଷ୍ଟଟି କୁଆଡ଼େ ଅନ୍ତର୍ହିତ ହୋଇଯାଏ, ଏବଂ ଅନେକ ସମୟରେ (ଏବେ ଏପରି ଅଧିକରୁ ଅଧିକ ଘଟୁଛି) ତାହା ସ୍ଥାନରେ ଏକ ପୂର୍ଣ୍ଣ ସୁସ୍ଥାବସ୍ଥା ଅନୁଭୂତ ହୋଇଥାଏ । ମାତ୍ର, ଆପଣାର ପ୍ରଥମ ପ୍ରତିକ୍ରିୟା ସ୍ୱରୂପ ଜଡ଼ସ୍ତରର ଚେତନାଟି କହିବାକୁ ଆରମ୍ଭ କରେ, ‘‘ଆଚ୍ଛା, ଦେଖାଯାଉ, ଏହି

ଅବସ୍ଥାଟି କେତେ ସମୟ ଯାଏ ରହୁଛି !'' ଏବଂ, କହିବା ବାହୁଲ୍ୟ ଯେ, ଏହିପରି ଏକ ପ୍ରତିକ୍ରିୟା ବ୍ୟକ୍ତ କରି ତାହା ସବୁକିଛିକୁ ଭାଙ୍ଗି ଧୂଳିରେ ନେଇ ମିଶାଇଦିଏ । ଏବଂ ତା'ପରେ ସବୁକିଛିକୁ ପୁନର୍ବାର ମୂଳରୁହିଁ ଆରମ୍ଭ କରିବାକୁ ହୋଇଥାଏ ।

ମୁଁ ଭାବୁଛି, ଏହି ପରିଣାମଟିକୁ ସ୍ଥାୟୀ କରି ରଖିବାକୁ ହେଲେ,—ସେପରି କୁହୁକ ହେଲା ପରି କୌଣସି ପରିଣାମ ନୁହେଁ, ଯାହାକି ହଠାତ୍ ଆସି ପହଞ୍ଚିଯାଏ, ଆଖି ଝଲସାଇ ଦିଏ ଓ ତା'ପରେ କୁଆଡ଼େ ଚାଲିଯାଏ,— ତାହା ପ୍ରକୃତରେ ଏକ ଯଥାର୍ଥ **ରୂପାନ୍ତରରହିଁ** ପରିଣାମ ହୋଇପାରିବା ଉଚିତ । ସେଥିଲାଗି ଅତ୍ୟନ୍ତ, ଅତ୍ୟନ୍ତ ଧୈର୍ଯ୍ୟ ଅବଲମ୍ବନ କରିବାକୁ ପଡ଼ିବ । କାରଣ ଏହି କ୍ଷେତ୍ରରେ ଆମକୁ ଏପରି ଏକ ଚେତନାକୁ ନେଇ କାର୍ଯ୍ୟ କରିବାକୁ ହୁଏ, ଯାହାର ଗତି ଅତ୍ୟନ୍ତ ମନ୍ଥର, ଯାହା ଅତ୍ୟନ୍ତ ଭାରଯୁକ୍ତ, ଭାରି ହଠଧର୍ମୀ, ଯାହାକି ମୋଟେ କ୍ଷିପ୍ର ଗତିରେ ଆଗକୁ ଯାଇପାରେ ନାହିଁ ଏବଂ ତାହା ପାଖରେ ଯାହା କିଛି ଥାଏ ବା ତାହାକୁ ଯାହାକିଛି ସତ୍ୟ ବୋଲି ପ୍ରତୀତ ହୁଏ, ତାହାକୁହିଁ ଜାବୁଡ଼ି କରି ରହିଥାଏ । ତାହା ଏକାବେଳେକେ ଏତେ ଟିକିଏ ମାତ୍ର ସତ୍ୟ ହୋଇଥାଉ ପଛକେ, ତାହା ସେଇଟାକୁହିଁ କାମୁଡ଼ି ଧରି ପଡ଼ିରହିଥାଏ ଏବଂ ମୋଟେ ଆଗକୁ ଯିବାକୁ ଇଚ୍ଛା କରୁ ନ ଥାଏ । ଏବଂ, ତାହାର ସେହି ବ୍ୟାଧିଟିକୁ ଦୂର କରି ପାରିବାକୁ ହେଲେ ଆମକୁ ଅନେକ ଧୈର୍ଯ୍ୟ,— ଅନେକ ଧୈର୍ଯ୍ୟ ଅବଲମ୍ବନ କରିବାକୁ ପଡ଼େ ।

ତେଣୁ ମୋଟ କଥାଟି ହେଉଛି ଯେ ଆମେ ପ୍ରତିହତ ହୋଇ ପଳାଇ ଆସିବା ନାହିଁ, ସହ୍ୟ କରିବା, ବାରବାର ସହ୍ୟ କରିବା ।

ଶ୍ରୀଅରବିନ୍ଦ ଏହି କଥାଟିକୁ ନାନା ଭାବରେ କେତେ ନା କେତେ ଥର କହିଛନ୍ତି : ସହ୍ୟ କର, ତେବେ ଯାଇ ବିଜୟୀ ହୋଇ ପାରିବ... ସହିନିଅ, ସହିବାକୁ ପ୍ରସ୍ତୁତ ହୋଇଯାଅ, ତେବେଯାଇ ପ୍ରତିହତ କରିଦେଇ ପାରିବ ।

ଯିଏ ସବୁଠାରୁ ଅଧିକ ସହ୍ୟ କରେ, ସେହି ବ୍ୟକ୍ତି ଜୟୀ ହୁଏ ।

ତେବେ, ଏହିସବୁ ମିଶ୍ରଣଗୁଡ଼ିକ ପାଇଁ (*ମାଆ ନିଜ ଶରୀର ଆଡ଼କୁ ନିର୍ଦ୍ଦେଶ କରି ଦେଖାଇଲେ*) ତାହାହିଁ ଯଥାର୍ଥ ଶିକ୍ଷା ବୋଲି ବୋଧ ହେଉଛି । ଶରୀରଗୁଡ଼ାକ ମୋତେ କେବଳ ଏହିପରି ଗୋଟିଏ ଗୋଟିଏ ମିଶ୍ରଣ ପରିହିଁ ବୋଧ ହୋଇଥାନ୍ତି, ଏବଂ କୌଣସି କାରଣରୁ ସେହିଗୁଡ଼ିକୁ ଏକତ୍ର ଗୋଟିଏ ସମଗ୍ରରେ ପରିଣତ କରି ରଖିବା ଲାଗି ଯେପର୍ଯ୍ୟନ୍ତ ଏକ ଇଚ୍ଛା ବିଦ୍ୟମାନ ହୋଇ ରହିଥାଏ, ସେଗୁଡ଼ିକ ସେପର୍ଯ୍ୟନ୍ତ ଗୋଟିଏ ହୋଇ ରହିଥାନ୍ତି ।... ବିଗତ କେତେ ଦିନ ହେଲା, ଗତ କାଲି କିଂବା ପଅରି ଦିନ ମୋର ଠିକ୍ ଏହି ଅନୁଭୂତିଟି ହୋଇଥିଲା । ମୁଁ ସଂପୂର୍ଣ୍ଣ ବିକେନ୍ଦ୍ରିତ ହୋଇ ପଡ଼ିଥିବା ଗୋଟାଏ ପ୍ରକାରର ଚେତନା ଅନୁଭବ କରି ପାରିଲି (ଏକଥା କହିଲାବେଳେ ମୁଁ **ସର୍ବଦା**

ଖାଲି ଶାରୀର ସ୍ତରର ଚେତନାଟି ବିଷୟରେ କହୁଛି, ଉଚ୍ଚତର ଚେତନାଟି ବିଷୟରେ ମୋଟେ କହୁ ନାହିଁ); ମୁଁ ଏପରି ଏକ ବିଚ୍ଛୁରିତ ଚେତନାକୁ ଅନୁଭବ କରି ପାରିଲି ଯାହାକି ଏଠାରେ, ସେଠାରେ, ଏହି ଶରୀରରେ, ସେହି ଶରୀରରେ ରହିଥିବା ପରି ଲାଗିଲା (ଲୋକେ ସାଧାରଣତଃ ଯେଉଁ ଅର୍ଥରେ ''ଏହି ଲୋକଟି'' ବା ''ସେହି ଲୋକଟି'' ବୋଲି କହିଥାନ୍ତି, ମାତ୍ର ସେହି ଧାରଣାଟି ଆଉ ଆଦୌ ଖୁବ୍ ବେଶୀ ପରିମାଣରେ ନାହିଁ)। ତା'ପରେ କୋଷଗୁଡ଼ିକର ଭୂମିରେ ଏକ ବିଶ୍ୱଗତ ଚେତନାର ଗୋଟାଏ ପ୍ରକାର ଅନୁପ୍ରବେଶ ଘଟିବାକୁ ଆରମ୍ଭ କଲା; ମନେ ହେଲା, ସତେ ଯେପରି, କୋଷଗୁଡ଼ିକ କାହିଁକି ସେପରି ଗୋଟିଏ ଗୁଚ୍ଛ (ଯଦି ଆମେ ତାହାକୁ ସେହିପରି ଏକ ଶବ୍ଦ ଦ୍ୱାରା ବ୍ୟକ୍ତ କରିପାରିବା) ବା ମିଶ୍ରଣରୂପେ ରହିବାକୁ ଇଚ୍ଛା କରୁଛନ୍ତି, ସେହି ବିଶ୍ୱଚେତନା ସେମାନଙ୍କୁ ସେହିପରି ଏକ ପ୍ରଶ୍ନ ପଚାରୁଥିବା ପରି ମୋର ମନେ ହେଲା। ସଂଘର୍ଷ ଏବଂ ପ୍ରଚଳନ ଦ୍ୱାରା ବର୍ଷ ବର୍ଷ ଧରି ଯେଉଁସବୁ ଅସୁବିଧା ଓ ଜୀର୍ଣ୍ଣତାର ସମ୍ମୁଖୀନ ହେବାକୁ ପଡୁଥିଲା, ବାହାରୁ ଯେଉଁସବୁ ଅସୁବିଧା ଘଟୁଥିଲା, ମୋଟ ଉପରେ କହିଲେ ତଦ୍ଦ୍ୱାରା ଯେଉଁସବୁ ବିକୃତି ଓ ଅପକର୍ଷ ସହିବାକୁ ପଡୁଥିଲା, ସେହି ବିଶ୍ୱଚେତନା ସେମାନଙ୍କୁ ସେକଥା ବୁଝାଇଦେବାକୁ ବା ଅନୁଭବ କରାଇବାକୁ ଚେଷ୍ଟା କରୁଥିଲା, ମାତ୍ର ସେଗୁଡ଼ିକ ସେମାନଙ୍କୁ ସତେଯେପରି ଅତ୍ୟନ୍ତ ତାତ୍ପର୍ଯ୍ୟହୀନ ବୋଧ ହେଉଥିଲା। **ବୃହତ୍ତର ଊର୍ଦ୍ଧ୍ୱଶକ୍ତିଟି ସହିତ ଏକ ସଚେତନ ସଂସ୍ପର୍ଶ ସ୍ଥାପନ କରି ରହିବାର ସାମର୍ଥ୍ୟ ବ୍ୟତୀତ** ସେମାନେ ଯେ ଆଉ ଅନ୍ୟ କୌଣସି କଥା ଉପରେ କୌଣସି ମହତ୍ତ୍ୱ ଦେଉଥିବା ପରି ମନେ ହେଉ ନ ଥିଲେ, ସେହି ଦୃଷ୍ଟିରୁ ସେମାନଙ୍କର ଉତ୍ତରଟି ବେଶ୍ ଆଗ୍ରହୋଦ୍ଦୀପକ ହୋଇଥିଲା। ଏହା କେବଳ ଏକ ଆକାଙ୍କ୍ଷାର ସ୍ତରରେହିଁ ରହିଥିଲା (ଅତ୍ୟନ୍ତ ସ୍ୱାଭାବିକ ଯେ, ତାହାକୁ ଶବ୍ଦ ଦ୍ୱାରା ସୂତ୍ରବଦ୍ଧ କରି ଆଦୌ ରଖାଯାଇ ନ ଥିଲା); ଅର୍ଥାତ୍, ସେହି ଦିବ୍ୟ ଶକ୍ତିଟି ଲାଗି, ପରମ ସମଞ୍ଜସତା, ପରମସତ୍ୟ ଏବଂ ପରମ ପ୍ରେମ ସହିତ ଏକ ସଂସ୍ପର୍ଶ ସ୍ଥାପନ କରିବା ଲାଗି ଏକ ''ଆସ୍ପୃହା'' ବା ''ବାସନା'' ହିଁ ରହିଥିଲା। ଏବଂ, ଠିକ୍ ସେହି କାରଣରୁହିଁ ବର୍ତ୍ତମାନର ମିଶ୍ରଣଟି ସେମାନଙ୍କୁ ଏତେବେଶୀ ଭଲ ଲାଗୁଛି।

ଏହା ସମ୍ପୂର୍ଣ୍ଣ ଭାବରେ ଏକ ଅନ୍ୟ ଦୃଷ୍ଟିକୋଣ।

ଏହିସବୁ କଥାକୁ ମୁଁ ମସ୍ତିଷ୍କର ଶବ୍ଦଗୁଡ଼ିକ ସାହାଯ୍ୟରେହିଁ ବ୍ୟକ୍ତ କରିବାକୁ ବାଧ୍ୟ ହେଉଛି, କାରଣ ଏହି କ୍ଷେତ୍ରରେ ବ୍ୟକ୍ତ କରିବାର ଅନ୍ୟ କୌଣସି ଉପାୟ ନାହିଁ। ମାତ୍ର ଇନ୍ଦ୍ରିୟାନୁଭବର ଭୂମିରେହିଁ ମୁଁ ଏହି ଅନୁଭୂତିଟିକୁ ଲାଭ କରିଥିଲି, ଅନ୍ୟ କୌଣସି ଭୂମିରେ ମୋଟେ ନୁହେଁ। ଏବଂ, ଭାରି ସ୍ପଷ୍ଟ ଭାବରେ ବୁଝି ହେଉଥିଲା ଯେ, ଏହା ପ୍ରକୃତରେ ଅତ୍ୟନ୍ତ ସ୍ପଷ୍ଟ ଓ ଅତ୍ୟନ୍ତ ଅବିଚ୍ଛିନ୍ନ ଭାବରେ ଅନୁଭୂତ ହେଉଥିଲା,– ଏହି କ୍ଷେତ୍ରରେ

ଆଦୌ କୌଣସି ସ୍ଥିତି-ପରିବର୍ତ୍ତନ ହେଉ ନ ଥିଲା । ଠିକ୍ ସେହି ମୁହୂର୍ତ୍ତରେ ବିଶ୍ୱଗତ ଚେତନା ହସ୍ତକ୍ଷେପ କଲା ଏବଂ କହିଲା, ''ଦେଖ, ତୁମକୁ କେତେ ବାଧାର ସମ୍ମୁଖୀନ ହେବାକୁ ପଡ଼ୁଛି !'' ସେହି ବାଧାଗୁଡ଼ିକ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଦୃଷ୍ଟିଗୋଚର ହେଉଥିଲେ (ଏହି ପ୍ରକାରର ଏକ ମାନସିକ ନୈରାଶ୍ୟବାଦ,– ଏପରି ଏକ ଅମୂର୍ତ୍ତ ମନ ଯାହାକି ଅଚିରେ ଜନ୍ମଲାଭ କରିବାକୁ ଯାଉଛି ଏବଂ କୋଷଗୁଡ଼ିକ ମଧ୍ୟରେ ଆପଣାକୁ ସଂଗଠିତ କରି ରଖିବାକୁ ଯାଉଛି); ମାତ୍ର ସେହି କୋଷଗୁଡ଼ିକ ସେଥିଲାଗି ମୋଟେ କୌଣସି ଖାତିର କରୁ ନ ଥିଲେ । ଏଇଟାକୁ ସେମାନେ ସତେଅବା ଗୋଟାଏ ବ୍ୟାଧି ପରି ମନେ କରୁଥିଲେ । (ବ୍ୟବହୃତ ଶବ୍ଦଟି ହୁଏତ ଟିକିଏ ବିକୃତ ହୋଇଗଲା; ମାତ୍ର ଏହାକୁ ସେମାନେ ସତେଅବା ଗୋଟାଏ ଆକସ୍ମିକ ଦୁର୍ଘଟଣା ପରି ଭାବୁଥିଲେ, ବା ଏକ ଅନିବାର୍ଯ୍ୟ ଓ ଅବଶ୍ୟମ୍ଭାବୀ ବ୍ୟାଧି ବୋଲି ମନେ କରୁଥିଲେ, ଅଥବା ଏପରି କିଛି ବୋଲି ମନେ କରୁଥିଲେ ଯାହାକି ସେମାନଙ୍କର ବିକାଶ-ପ୍ରକ୍ରିୟାରେ ଆଦୌ ଏକ ସ୍ୱାଭାବିକ ଅଂଶ ହୋଇ ରହି **ନ ଥିଲା** ଏବଂ ଯାହାକୁ ସେମାନଙ୍କ ଉପରେ ଆଣି ଜୋର୍‌କରି ଲଦି ଦିଆ ଯାଇଥିଲା) ଏବଂ ତା'ପରେ, **ସେହି ମୁହୂର୍ତ୍ତରେ** ଏକ ପ୍ରକାରର **ନିମ୍ନତର** ଶକ୍ତି ଜନ୍ମଲାଭ କରି ଏହି ବସ୍ତୁଗୁଡ଼ିକ ଉପରେ (ଏହି ଭୌତିକ ମନ) କାର୍ଯ୍ୟ କରିବାକୁ ଲାଗିଲା; ତାହାହିଁ ତାକୁ ଆପଣାକୁ ସେଇଟିରୁ ବିଚ୍ଛିନ୍ନ କରିନେଇ ତାହାକୁ ପ୍ରତ୍ୟାଖ୍ୟାନ କରିବା ଲାଗି ଏକ **ସ୍ଥୂଳସ୍ତରୀୟ** ଶକ୍ତି ଆଣି ଦେଇଛି । ଏବଂ, ତା'ପରେ ଏହି ପରିବର୍ତ୍ତନଟି ଘଟିଲା, ଯେଉଁଟି ବିଷୟରେ ମୁଁ ବର୍ତ୍ତମାନ ତୁମମାନଙ୍କୁ କହୁଥିଲି । ସମଗ୍ର ପରିବେଶଟିରେହିଁ ସେହି ପରିବର୍ତ୍ତନଟି ଘଟିଥିଲା, ସତେଯେପରି ମୀମାଂସକ କୌଣସି ଏକ ଘଟଣା ପ୍ରକୃତରେ ଘଟିଥିଲା । ସତେଯେପରି ଭାରି ବିଶ୍ୱାସର ସହିତ କେହି ଜଣେ ଆନନ୍ଦରେ ଚିତ୍କାର କରି ଉଠୁଥିଲା : ''ବାଃ, ଯାହା ହେଉ ଏହି ଦୁଃସ୍ୱପ୍ନଟି ସମ୍ପୂର୍ଣ୍ଣ ଭାବରେ ଦୂରୀଭୂତ ହୋଇଗଲା ।''

ଏବଂ ତା' ସଙ୍ଗେ ସଙ୍ଗେ ଏକ ଶାରୀରିକ ଆଶ୍ୱସ୍ତି ମଧ୍ୟ ଅନୁଭୂତ ହେଲା,– ଏକ ଶାରୀରିକ ଆଶ୍ୱସ୍ତି, ସତେ ଯେପରି ଏଥର ଅଧିକ ସହଜ ଭାବରେ ଟିକିଏ ନିଃଶ୍ୱାସ ମାରି ହେଉଥିଲା;– ଟିକିଏ ଟିକିଏ ମନେ ହେଉଥିଲା, ସତେ ଯେପରି ଗୋଟାଏ ଖୋଳ ଭିତରେ, ଏକାବେଳେକେ ଅଣନିଃଶ୍ୱାସୀ କରିଦେଉଥିବା ଖୋଳ ଭିତରେ, ସବୁକିଛି ବନ୍ଦ ହୋଇ ରହିଥିଲା – ଏବଂ ସେଥିରେ... ଶେଷକୁ ତା'ଭିତରେ କେଉଁଠି ଟିକିଏ ବାଟ ଫିଟି ଯାଇଥିଲା ପରି ମନେ ହେଉଥିଲା । ଏବଂ ତେଣୁ ଟିକିଏ ନିଃଶ୍ୱାସ ନେଇହେଉଥିଲା । ଏହି ଘଟଣାଟି କେବଳ ଏତିକିଠାରୁ କିଛି ଅଧିକ ଥିଲା କି ନାହିଁ କେଜାଣି, ମାତ୍ର ମନେ ହେଲା, ସେଥିରେ କୌଣସି ସ୍ଥାନରେ ଟିକିଏ ଫାଙ୍କ ହୋଇ ବାଟ ଫିଟିଗଲା, କେଉଁଠି ଟିକିଏ ରାସ୍ତା ଖୋଲିଗଲା, ଏବଂ ତା'ପରେ ଯାଇ ନିଃଶ୍ୱାସ ନେଇହେଲା ।

ଏବଂ ଏହା ସମ୍ପୂର୍ଣ୍ଣ ଭାବରେ ଏକ ସ୍ଥୂଳସ୍ତରୀୟ, କୋଷଗୁଡ଼ିକର ସ୍ତରର ଏକ କ୍ରିୟା ହୋଇ ରହିଥିଲା ।

ମାତ୍ର ସେହି ରାଜ୍ୟଟିକୁ, କୋଷଗୁଡ଼ିକର ସେହି ରାଜ୍ୟଟିକୁ, ଓହ୍ଲାଇ ଆସିବା ବେଳେ ସେହି କୋଷଗୁଡ଼ିକର ଗଠନଟା ମଧ୍ୟ ଆଗ ଅପେକ୍ଷା କେଡ଼େ କମ୍ ଭାରୀ ମନେ ହେଉଥାଏ ! ଜଡ଼ ଭିତରେ ଏହି ପ୍ରକାରର ଯେଉଁ ଗୁରୁତା ରହିଛି, ଏହି କ୍ଷେତ୍ରରେ ତାହା ଏକାବେଳେକେ ଅନ୍ତର୍ହିତ ହୋଇଯାଏ, ଏହା ପୁନର୍ବାର ତରଳ ଏବଂ ସ୍ପନ୍ଦନମୟ ହେବାକୁ ଆରମ୍ଭ କରେ । ଏହି ଘଟଣାଟିରୁ ପ୍ରମାଣ ମିଳିଯିବା ଉଚିତ ଯେ ଏହି ଗୁରୁତା, ଏହି ପୃଥୁଳତା, ଜାଡ଼୍ୟ ଓ ଏହି ଗତିହୀନତା ପ୍ରକୃତରେ **ବାହାରୁ ଏଠାକୁ ଆସେ**, ଏହାକୁ ମୂଳଭୂତ କୌଣସି ଗୁଣୋପାଦାନ ବୋଲି ଆଦୌ କୁହାଯାଇ ପାରିବ ନାହିଁ । ଏହା ହେଉଛି ସେହି ମିଛ ଜଡ଼, ଯାହା ବିଷୟରେ ଆମେ ଚିନ୍ତା କରୁଛୁ ଓ ଅନୁଭବ କରୁଛୁ; ମାତ୍ର ତାହା ସ୍ୱୟଂ ଜଡ଼, ଅର୍ଥାତ୍ ତାହା ସ୍ୱରୂପ ଦ୍ୱାରା ଯେପରି ନିରୂପିତ ହୋଇ ରହିଛି ସେହି ଜଡ଼ କଦାପି ନୁହେଁ । ଏହି କଥାଟିକୁ ଅତ୍ୟନ୍ତ ସ୍ପଷ୍ଟଭାବରେ ଅନୁଭବ କରି ହେଉଥିଲା ।

(*ମାଆ ନୀରବ ରହିଲେ*)

ସବୁଠାରୁ ଭଲ କଥା ହେବ, ଯଦି ଆମେ ଆଦୌ କୌଣସି ପକ୍ଷ ନ ନେବା, ଯଦି ଆମ ଭିତରେ ପୂର୍ବରୁ ବଦ୍ଧ ହୋଇ ରହିଯାଇଥିବା ଆମର କୌଣସି ଧାରଣା ବା ସିଦ୍ଧାନ୍ତ ଆଦୌ ନ ଥିବ । ହଁ, ମୁଁ ସେହି ନୈତିକ ସିଦ୍ଧାନ୍ତଗୁଡ଼ାକର କଥା ଭାବୁଛି, ଆମ ଆଚରଣ ପାଇଁ ବନ୍ଧାହୋଇ ରହିଥିବା ନିର୍ଦ୍ଦିଷ୍ଟ ନିୟମଗୁଡ଼ାକର କଥାହିଁ ଭାବୁଛି; ଆମର କ'ଣ ସବୁ ଅବଶ୍ୟ କରିବା ଉଚିତ, କ'ଣ ସବୁ ମୋଟେ କରିବା ଉଚିତ ନୁହେଁ, ଏବଂ ନୈତିକ ଦୃଷ୍ଟିକୋଣରୁ, ଆମ ଭିତରେ ଯେଉଁସବୁ କଥା ଆଗରୁ ବଦ୍ଧମୂଳ ହୋଇ ରହି ଯାଇଥାଏ, ଆମେ କିପରି ଅଗ୍ରଗତି କରିବା ସେହି ଦୃଷ୍ଟିରୁ ଆମେ ଯେଉଁ ଧାରଣାଗୁଡ଼ାକରେ ଆପଣାକୁ ଆଗରୁ ବାନ୍ଧିକରି ରଖି ଦେଇଥାଉ,... ଏବଂ ଆମର ଯାବତୀୟ ସାମାଜିକ ଓ ମାନସିକ ଅଭ୍ୟସ୍ତତାଗୁଡ଼ାକ,— ମୁଁ ସେହିଗୁଡ଼ାକର କଥାହିଁ ଭାବୁଛି । ଏଗୁଡ଼ାକରୁ ବଳି ବଡ଼ ବାଧା ଆଉ କିଛି ନାହିଁ । ଏପରି ଅନେକ ଲୋକ ଅଛନ୍ତି, ମୁଁ ଏପରି ଅନେକ ଲୋକଙ୍କୁ ଜାଣେ, ଯେଉଁମାନଙ୍କୁ କି ଏହିପରି କେବଳ **ଗୋଟିଏ** ମନୋଗତ ବଦ୍ଧମୂଳ ସଂରଚନାକୁ ଅତିକ୍ରମ କରିବା ଲାଗି ଦଶ ଦଶ ବର୍ଷ ପର୍ଯ୍ୟନ୍ତ ସମୟ ନଷ୍ଟ କରିବାକୁ ପଡ଼ିଛି ।... ଯଦି ଜଣେ ମଣିଷ ସେପରି ହୋଇପାରନ୍ତା, ଖୋଲା ହୋଇପାରନ୍ତା, ଏକ ସ୍ୱାଭାବିକ ସରଳତା ଦ୍ୱାରା ପ୍ରେରିତ ହୋଇ ଯଥାର୍ଥରେ ଖୋଲା ହୋଇପାରନ୍ତା,— ଏପରି ଏକ ସରଳତା ଯାହାକି ଆପଣାର ଅଜ୍ଞାନ ବିଷୟରେ ସମ୍ପୂର୍ଣ୍ଣ ଭାବରେ ଅବହିତ ହୋଇ

ରହିଥିବ,— ଠିକ୍ ଏହିପରି (*ହାତରୁ ସବୁକିଛି ଛାଡ଼ିଦେଇ ମୁକ୍ତ ହୋଇଯିବା ପରି ମାଆ ହାତ ଦୁଇଟିକୁ ଉପରକୁ ଟେକି ଅନୁରୂପ ଅଙ୍ଗଭଙ୍ଗୀ କରି ଦେଖାଇଲେ ।*) — ଯାହାକିଛି ଆସିବ, ତାହାକୁ ଗ୍ରହଣ କରିବା ଲାଗି ପ୍ରସ୍ତୁତ ହୋଇ ରହିଥିବ;— ତେବେଯାଇ କିଛି ନା କିଛି ଅବଶ୍ୟ ଘଟିବ ।

ଏବଂ ଏକଥା ଅତ୍ୟନ୍ତ ସ୍ୱାଭାବିକ ଯେ, ଯଦି ଆମ ଭିତରେ ଜ୍ଞାନର ପିପାସା ରହିଥିବ, ରୂପାନ୍ତର ଲାଗି ପିପାସା ଥିବ, ଏବଂ ସର୍ବୋପରି ପରମ ପ୍ରେମ ଏବଂ ପରମ ସତ୍ୟ ଲାଗି ପିପାସା ରହିଥିବ, ତେବେ ଅଗ୍ରଗତି ଅଧିକ ତ୍ୱରାନ୍ୱିତ ହୋଇପାରିବ । ଏକ ଯଥାର୍ଥ ପିପାସା ରହିଥିବ,— ଏକ ଯଥାର୍ଥ ଆବଶ୍ୟକତା, ଯଥାର୍ଥ ପ୍ରୟୋଜନ ରହିଥିବ ।

ଏହା ବ୍ୟତୀତ ଆଉ ଯାହାକିଛି ରହିଲା, ସେସବୁ ମହତ୍ତ୍ୱହୀନ; ପ୍ରକୃତରେ **ସେହି ଗୋଟିଏ କଥା**ରହିଁ ପ୍ରକୃତ ଆବଶ୍ୟକତା ରହିଛି ।

ଜଣେ ଯାହା ଜାଣିଛି ବୋଲି ବିଶ୍ୱାସ କରୁଛି, ଯଦି ସେହି କଥାକୁ ଜାବୁଡ଼ି ଧରି ରହିଥିବ, ଜଣେ ଯାହା ଅନୁଭବ କରୁଛି, ଯାହା ତାକୁ ଭଲ ଲାଗୁଛି, ସେହିପରି ଗୋଟିଏ କଥାକୁ କାମୁଡ଼ି ଧରି ପଡ଼ିରହିଥିବ, ତା'ର ଅଭ୍ୟାସଗୁଡ଼ାକୁ, ଆପଣାର ତଥାକଥିତ ଆବଶ୍ୟକତାଗୁଡ଼ାକୁ ଓ ଏହି ପୃଥିବୀ ଯେଉଁଭଳି ରହିଛି ଠିକ୍ ସେଇଟାକୁହିଁ ଜାବୁଡ଼ିକରି ଧରି ତାହାରି ପାଖରେ ଲାଖିକରି ରହିଥିବ,— କେବଳ ତାହାହିଁ ତାକୁ ବେଡ଼ିରେ ବାନ୍ଧିକରି ରଖେ । ତୁମକୁ ସେହି ଫାଶଗୁଡ଼ାକୁ ଫିଟାଇ ଦେବାକୁ ପଡ଼ିବ, ଗୋଟିକ ପରେ ଗୋଟିଏ କରି ଫିଟାଇ ବାହାରି ଆସିବାକୁ ହେବ । ସମସ୍ତ ଫାଶକୁ ଫିଟାଇ ବାହାରି ଆସିବାକୁ ପଡ଼ିବ । ଏହି କଥାଟି ହୁଏତ ହଜାର ହଜାର ଥର କୁହାଯାଇଛି ଏବଂ ଲୋକେ ତଥାପି ତାହାହିଁ କରିବାରେ ଲାଗିଛନ୍ତି ।... ଏପରିକି ଯେଉଁମାନେ ଭାରି ପ୍ରଗଳ୍ଭ ହୋଇ ସେବିଷୟରେ କେତେକ'ଣ କହିବାରେ ଲାଗିଥାନ୍ତି ଓ ଅନ୍ୟମାନଙ୍କ ଆଗରେ ପ୍ରଚାର କରି ବୁଲୁଥାନ୍ତି, ସେମାନେ ମଧ୍ୟ ସେହିପରି ସେଇଟାକୁହିଁ ଜା-ବୁ-ଡ଼ି କରି ରହିଥା'ନ୍ତି । ସେମାନେ ନିଜେ ଯେଉଁ ଢଙ୍ଗରେ ଦେଖନ୍ତି, ଅନୁଭବ କରନ୍ତି, ଯେଉଁପରି ଅଗ୍ରଗତି କରିବାର ଅଭ୍ୟାସଟି ଭିତରେ ଆସି ପଡ଼ି ଯାଇଥାନ୍ତି, ସେଇଟା ସେମାନଙ୍କୁ ପୃଥିବୀଯାକରେ ଥିବା କେବଳ ଗୋଟିଏ ମାତ୍ର ପଦ୍ଧତି ବୋଲି ଦେଖା ଯାଉଥାଏ ଓ ସେମାନେ ସେଇଟିକୁହିଁ ଜାବୁଡ଼ି କରି ଧରିଥା'ନ୍ତି ।

ନାଇଁ — ଆଉ ଆଦୌ କୌଣସି ବନ୍ଧନ ଦରକାର ନାହିଁ,— କେବଳ ମୁକ୍ତ,— ମୁକ୍ତହିଁ ହୋଇଯିବାକୁ ପଡ଼ିବ । ତୁମେ ସବୁବେଳେ ସବୁକିଛିକୁ ବଦଳାଇ ଦେବାକୁ ପ୍ରସ୍ତୁତ ହୋଇ ରହିଥିବ; କେବଳ ଗୋଟିଏ କଥାହିଁ କେତେବେଳେ ହେଲେ ବଦଳୁ ନ ଥିବ,— ସେଇଟି ହେଉଛି ତୁମର ଅଭୀପ୍ସା, ତୁମର ପିପାସା ।

ଲୋକେ ଅଛନ୍ତି, ଯେଉଁମାନେକି ''ଈଶ୍ୱର'' କଥାଟିକୁ ମୋଟେ ପସନ୍ଦ କରନ୍ତି ନାହିଁ, ମୁଁ ଏହି କଥାଟିକୁ ବେଶ୍ ଭଲଭାବେ ବୁଝିପାରୁଛି । ସେମାନେ ସେହି କଥାଟିକୁ ପସନ୍ଦ କରନ୍ତି ନାହିଁ, କାରଣ ତାହା ତତ୍‌କ୍ଷଣାତ୍ ଇଉରୋପୀୟ ତଥା ପାଶ୍ଚାତ୍ୟ ସେହି ଯାବତୀୟ ଧାରଣା ଓ କଳ୍ପନା ସହିତ (ସେଗୁଡ଼ାକ ପ୍ରକୃତରେ ଗୋଟାଏ ଗୋଟାଏ ଭୟଙ୍କର କଳ୍ପନା) ଏକାବେଳେକେ ଗୋଳିଆମିଶା ହୋଇଯାଏ, ଏବଂ ତା'ପରେ ତାହା ସେମାନଙ୍କର ଜୀବନକୁ କୌଣସି ନା କୌଣସି ପ୍ରକାରେ ଭାରି ଜଟିଳ କରିପକାଏ । ମାତ୍ର ତୁମମାନଙ୍କର ସେସବୁଥିରେ ଆଦୌ କୌଣସି ଲୋଡ଼ା ନାହିଁ ! – ଅସଲ ସମୁଦାୟ କଥାଟି ହେଉଛି, ତୁମେ ସେହି କୌଣସି ଏକ ''ଅସଲ ବସ୍ତୁ''କୁ ଲୋଡ଼ୁଛ, ତୁମେ ପରମ ପ୍ରେମକୁ ଲୋଡ଼ୁଛ, ପରମ ସତ୍ୟକୁ ଲୋଡ଼ୁଛ ଏବଂ ସେହି ସର୍ବୋଚ୍ଚ ପରିପୂର୍ଣ୍ଣତାକୁ ଲୋଡ଼ୁଛ । ଆଉ ସୂତ୍ରଗୁଡ଼ାକ... ଏହି ସୂତ୍ରଗୁଡ଼ାକ ଯେତେ କମ୍ ସଂଖ୍ୟାରେ ରହେ, ସେତେ ଭଲ । ମାତ୍ର ସେହି ଅସଲ କଥାଟି : ସେହି ଆବଶ୍ୟକତା, **କେବଳ ସେହି** ଅସଲ ବସ୍ତୁଟି ଦ୍ୱାରାହିଁ ସେହି ଆବଶ୍ୟକତାର ପୂରଣ ହୋଇପାରିବ; – ତାହା ବ୍ୟତୀତ ଆଉ ମୋଟେ କିଛିହେଲେ ନୁହେଁ, ଅଧାପନ୍ତରିଆ ଆଉ ଅନ୍ୟ କୌଣସି ପଦାର୍ଥ ନୁହେଁ, କେବଳ ସେହି ଗୋଟିଏ କଥା । ବାସ୍, ତୁମ ପାଖରେ ସେତିକି ଥିବ ଓ ତୁମେ ଆଗକୁ ଯିବାରେ ଲାଗିଥିବ ।... ତୁମର ବାଟ ଅବଶ୍ୟ ତୁମରହିଁ ବାଟ ହୋଇ ରହିଥିବ, ସେଥିରେ କିଛି ଯାଏ ଆସେ ନାହିଁ । ସେହି ବାଟ ଯାହା ହୋଇଥାଉ ପଛକେ, ସେଥିରେ ମୋଟେ କିଛି ଯାଏ ଆସେ ନାହିଁ । କିଛି ଯାଏ ଆସେ ନାହିଁ । ଏପରିକି, ଆଧୁନିକ ଆମେରିକାର ଯୁବକ ଯୁବତୀମାନଙ୍କର ବାଟଟି ମଧ୍ୟ ଗୋଟିଏ ବାଟ ହୋଇପାରେ । ସେଥିରେ ଆଦୌ କିଛି ଯାଏ ଆସେ ନାହିଁ ।

ଶ୍ରୀଅରବିନ୍ଦ କହିଛନ୍ତି : ''ଭଗବାନ୍ ତୁମକୁ ଭଲ ପାଆନ୍ତୁ, ଯଦି ତୁମେ ଏକଥା ସମ୍ଭବ କରି ପାରୁ ନାହଁ, ତେବେ ଭଗବାନଙ୍କୁ ଯୁଦ୍ଧ କରିବାକୁ ବାଟ ଛାଡ଼ିଦିଅ । ଯଦି ତୁମକୁ ପ୍ରେମିକର ଆଲିଙ୍ଗନ ଦେବା ଲାଗି ଭଗବାନ୍ ପ୍ରସ୍ତୁତ ନୁହନ୍ତି, ତେବେ ତୁମ ସହିତ କୁସ୍ତି ଲଢ଼ିବା ଦ୍ୱାରା ତୁମକୁ କୁଣ୍ଢାଇ ଧରିବା ଲାଗି ତୁମେ ତାଙ୍କୁ ବାଧ୍ୟକର ।''* କାରଣ, ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ଏହି ଯୁଦ୍ଧରେ କେବଳ ତାଙ୍କରହିଁ ବିଜୟ ହେବ ।

---

* Thoughts and Aphorisms, SABCL, Vol. 17, p. 130

## ୧୨ ଜାନୁଆରି ୧୯୬୫

ଅବିଚ୍ଛିନ୍ନ, ଅବିଚଳ ଭାବରେ ଆଶ୍ରୟ କରି ରହିବା,— ତାହାହିଁ ସମଗ୍ର କଥା । ଏବଂ, ଏହି ଅବିଚଳ ଭାବରେ ଆଶ୍ରୟକରି ରହିବା ସକାଶେ ମୁଁ କେବଳ ସେଇ ଗୋଟିଏ ପନ୍ଥା ଦେଖି ପାରିଛି । ସେହି ପନ୍ଥାଟି ହେଉଛି ଅବିଚଳ ପରମ ସ୍ଥିରତାର ପନ୍ଥା । ଭିତରେ ସବୁ ସମ୍ପୂର୍ଣ୍ଣ ଭାବରେ ସ୍ଥିର ହୋଇ ରହିଥିବ, ଏବଂ ବିଶେଷକରି ଯେତେବେଳେ ସଂଘର୍ଷଟି ଆହୁରି ଅଧିକ ସ୍ଥୂଳ ଓ ପ୍ରତ୍ୟକ୍ଷ ହୋଇଉଠୁଛି, ସେତେବେଳେ ଏହି ଆନ୍ତର ସ୍ଥିରତାକୁ ଅଧିକ (ଏହି କଥାଟିକୁ ମୁଁ କିପରି ବ୍ୟକ୍ତ କରିପାରିବି ?) ପୂର୍ଣ୍ଣ ହୋଇ ଉଠିବାକୁ ହେବ ।

ବିଗତ କେତେ ଅବଧି ଧରି (ବିଶେଷତଃ ଏହି ନୂଆବର୍ଷର ଆରମ୍ଭରୁ) ପ୍ରତିକୂଳ ଶକ୍ତିଗୁଡ଼ିକ ସତେଅବା ଏକ ବୋମାବର୍ଷଣ ଆରମ୍ଭ କରି ଦେଇଛନ୍ତି । ତାହା ଫଳରେ ସତେଅବା ଏକ ପ୍ରଚଣ୍ଡ ପରିସ୍ଥିତିର ସୂତ୍ରପାତ ହୋଇଛି । ଏହିଭଳି ପରିସ୍ଥିତିରେ ତୁମକୁ ଠିକ୍ ଏହିଭଳି (*ସତେଅବା ଗୋଟିଏ ମୂର୍ତ୍ତି ପରି ମାଆ ଏକାବେଳେକେ ସ୍ଥିର ହୋଇ ରହିଲେ*) ହୋଇ ରହିବାକୁ ହେବ । ଏବଂ, ଯେତେବେଳେ ସ୍ଥୂଳ ସ୍ତରରେ ମଧ୍ୟ ତୁମେ ଦୋହଲିଯାଇ ସାରିଛ, ସେତେବେଳେ ଶରୀରଠାରୁ ଆହୁରି ଅତିରିକ୍ତ ଭାବରେ କିଛି ପ୍ରତ୍ୟାଶା ରଖିବା ମୋଟେ ଉଚିତ ହେବ ନାହିଁ । ତେଣୁ ଶରୀରକୁ ଯଥେଷ୍ଟ ଓ ଅଧିକ ପରିମାଣରେ ପ୍ରଶାନ୍ତି ଓ ସ୍ଥିରତା ଆଣିଦେବା,— ତାହାହିଁ ତୁମର କର୍ତ୍ତବ୍ୟ ହୋଇ ରହିବ ।

*ଅସଲ ଅସୁବିଧାଟି ହେଉଛି ଯେ, ଏହି ଶରୀରଟାର ସ୍ଥିତି ସମ୍ବନ୍ଧରେହିଁ ମୁଁ ଅତିବେଶୀ ଚିନ୍ତାରେ ଛନ୍ଦିହୋଇ ରହିଯାଉଛି; ଏହି ଚିନ୍ତାଗୁଡ଼ାକହିଁ ମୋର ଚେତନାର ଏକ ଅତ୍ୟଧିକ ପରିମାଣ ଅଂଶକୁ ମୋ'ଠାରୁ ହୁଡ଼ାଇ ନେଇଯାଉଛି । ଉଦାହରଣ ସ୍ୱରୂପ, ସ୍ଥୂଳ ଭୌତିକସ୍ତରୀୟ ମନଟା ସତେଅବା ମୋତେ ଗୋଟାସୁଦ୍ଧା ଆକ୍ରମଣ କରିବାକୁ ମାଡ଼ିଆସୁଛି ।*

ହଁ, ମୁଁ ସେହି କଥାଟିକୁ ଭାରି ଭଲ ଭାବରେ ଜାଣିଛି । ମାତ୍ର ଏଇଟା ହେଉଛି ସର୍ବକାଳର ଅସୁବିଧା, ସବୁ ମଣିଷଙ୍କର ଅସୁବିଧା । ସେହି କାରଣରୁହିଁ ଏହାର ପ୍ରତିକାର ହିସାବରେ ଅତୀତରେ ତୁମକୁ ''ତୁମେ ବାହାରି ଚାଲିଯାଅ,— ସେଇଟା ସେମିତି ଏକାକୀ ଛଟପଟ ହୋଇ ବୁଲିବାରେ ଲାଗିଥାଉ ପଛକେ, ତୁମେ ନିଜେ ତା'ଭିତରୁ ବାହାରି ଚାଲିଆସ ।'' ବୋଲି ପରାମର୍ଶ ଦିଆ ଯାଉଥିଲା । ମାତ୍ର ସେହି ପରାମର୍ଶଟି ଦେବା ଲାଗି ଆମର ଆଦୌ କୌଣସି ଅଧିକାର ନାହିଁ, ଏପରି କରିବା ଆମ କାର୍ଯ୍ୟର ସଂପୂର୍ଣ୍ଣ ବିରୋଧୀ ।

ଏବଂ, ଆଉଗୋଟିଏ କଥା ହେଉଛି ଯେ, ଆପଣାର ଶରୀର ବିଷୟରେ ତୁମେ ଅଧିକାଂଶତଃ ଏକ ପୂର୍ଣ୍ଣ ସ୍ୱାଧୀନତାର ସ୍ଥିତିରେ ମଧ୍ୟ ଆସି ବେଶ୍ ଉପନୀତ ହୋଇପାରିବ, ଏବଂ ତା'ହେଲେ ତୁମେ ଆଉ କିଛିହେଲେ ଅନୁଭବ କରିପାରିବ ନାହିଁ, ମୋଟେ କିଛି ହେଲେହିଁ ଅନୁଭବ କରିପାରିବ ନାହିଁ । ମାତ୍ର ଆପଣା ଭିତରୁ ବାହାରି ଯାଇ ଅଲଗାହୋଇ ଠିଆହୋଇ ରହିବା ଲାଗି ମୋର ଆଦୌ କୌଣସି ଅଧିକାର ନାହିଁ,– ତୁମେମାନେ ଏହି କଥାଟିକୁ କଳ୍ପନା କରି ଦେଖିଲ ! ଏପରିକି, ଯେତେବେଳେ ମୁଁ ବେଶ୍ ଅସୁସ୍ଥ ହୋଇପଡ଼େ ବା ଯେତେବେଳେ ସବୁକଥା ବେଶ୍ କଷ୍ଟକର ହୋଇପଡ଼ିଥାଏ ଅଥବା ଯେତେବେଳେ ମୁଁ କିଞ୍ଚିତ୍ ପରିମାଣରେ ନିଶ୍ଚିନ୍ତ ହୋଇ ରହିଥାଏ, ଉଦାହରଣ ସ୍ୱରୂପ ମୁଁ ରାତିରେ ଏହିପରି ଏକ ସ୍ଥିତିରେ ଥାଏ,– ସେତେବେଳେ ମୁଁ ଆପଣା ପାଖରେ ଏହି କଥାଟି ଯାଇ କହେ, ''ମୁଁ ପୁଣି ନିଜ ଭିତରେ ଏକ ଉଦାସୀନ ଆନନ୍ଦମୟ ଶାନ୍ତ ଅବସ୍ଥା ଭିତରେ ଯାଇ ନିମଗ୍ନ ହୋଇ ରହିବି !''– ଏପରି କରିବା ଲାଗି ଆଦୌ କୌଣସି ଆଦେଶ ନାହିଁ । ମୁଁ ତ ସେଇଠି ଯାଇ ବନ୍ଧାହୋଇ ପଡ଼ିଛି (*ମାଆ ନିଜ ଶରୀରକୁ ସ୍ପର୍ଶ କରି କହୁଥାନ୍ତି*) । ସେହି ଶରୀର ଭିତରେ,– ହଁ, ସେହିଠାରେହିଁ ଏହି ସବୁକିଛିର ଉପଲବ୍ଧି କରିବାକୁ ପଡ଼ିବ ।

ହଁ, ଏହି ଉପଲବ୍ଧି ତାହାରି ପାଇଁ ।

କେବଳ କୌଣସି ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟର ସାଧନ କରିବା ଲାଗି, ପୂର୍ବରୁ ସେଠାରେ ଅବସ୍ଥିତ ରହିଥିବା ସେହି ପରମ ଶକ୍ତିମତ୍ତା (ସତେଅବା ବିଜୁଳି ପରି ହଠାତ୍ ଆସି ପହଞ୍ଚିଯାଏ ଓ ପୁଣି କ୍ଷଣକେ ଅଦୃଶ୍ୟ ହୋଇଯାଏ), ଯାହାକୁକି ଆମେ ସତତ ଅନୁଭବ କରି ଆସୁଥିଲୁ, ତାହା ବେଳେବେଳେ ହଠାତ୍ ଆସି ଉପସ୍ଥିତ ହୋଇଯାଏ, ଆପଣାର କାର୍ଯ୍ୟଟିକୁ ସମ୍ପାଦନ କରି ପୁଣି ଅନ୍ତର୍ହିତ ହୋଇଯାଏ । ମାତ୍ର ତାହା ଶରୀରର କ୍ଷେତ୍ରରେ ଆଦୌ କିଛିହେଲେ ଘଟାଏ ନାହିଁ । ଏହି ଶରୀର ଲାଗି ତାହା ଆଦୌ କିଛି କରେ ନାହିଁ । ଊର୍ଦ୍ଧ୍ୱରୁ କୌଣସି ପ୍ରକାରର ହସ୍ତକ୍ଷେପ ଓ ଅନୁପ୍ରବେଶ, ଏହାର କୌଣସି ପରିବର୍ତ୍ତନ ସମ୍ଭବ କରିପାରିବ ନାହିଁ । ଯାହାକିଛି... ପରିବର୍ତ୍ତନ ହେବ, ତାହା କେବଳ ଭିତରୁହିଁ ହେବ ।

ବର୍ତ୍ତମାନ ତୁମ କ୍ଷେତ୍ରରେ ଠିକ୍ ସେହିକଥା ଘଟୁଛି । ଏହି କର୍ମଟିକୁ କରୁଥିବା ପ୍ରତ୍ୟେକ ବ୍ୟକ୍ତିର ଜୀବନରେହିଁ ତାହା ଘଟିଥାଏ । ଏବଂ, ଅସଲ ଅସୁବିଧାଟି ସେଇଥିରୁହିଁ ଜନ୍ମଲାଭ କରେ । ତେଣୁ ମୁଁ ତୁମକୁ କହୁଛି : ''ଏଥିରେ ଆଦୌ କିଛି ଯାଏଆସେ ନାହିଁ; ଆପଣାର ଶରୀରଟାକୁ ନେଇ ସର୍ବଦା ଛନ୍ଦିହୋଇ ରହିଥିଲେ ମଧ୍ୟ ସେଥିରେ ମୋଟେ ଚିନ୍ତିତ ହୋଇ ପଡ଼ ନାହିଁ । ବରଂ, ସେଥିରୁ **ଲାଭବାନ୍ ହେବାକୁ**ହିଁ ଚେଷ୍ଟା କର । ଏହି ସତତ ଛନ୍ଦିହୋଇ ରହିଥିବାରୁ ଲାଭବାନ୍ ହୁଅ,– ତା'ଭିତରକୁ ସେହି ପରମଶାନ୍ତିର

ପ୍ରବେଶ ଘଟାଅ, କେବଳ ସେହି ପରମଶାନ୍ତି ଦ୍ୱାରାହିଁ ଶରୀରକୁ ପୂର୍ଣ୍ଣ କରି ରଖ ।'' ସର୍ବଦା ମୁଁ ତୁମମାନଙ୍କୁ ସତେଯେପରି ସେହି ପରମଶାନ୍ତିର ଏକ ଆବରଣ ଦ୍ୱାରାହିଁ ଢାଙ୍କି ରଖିବାରେ ଲାଗିଛି । ଏବଂ, ନିତ୍ୟ ନାନା ସ୍ପନ୍ଦନରେ ସ୍ପନ୍ଦିତ ହୋଇ ରହିଥିବା, ସତେଅବା ଗୋଟାଏ ବାନର ପରି ଫଙ୍କ ଫଙ୍କ ହୋଇ ଡେଇଁବାରେ ଲାଗିଥିବା ତୁମର ଏହି ମନଟିକୁ ଯଦି ସେହି ପରମଶାନ୍ତି ଦ୍ୱାରା ପରିପୂର୍ଣ୍ଣ କରି ରଖିପାରିବ,– କାରଣ, ତାହା ଏହି ସ୍ଥୂଳ ସ୍ପନ୍ଦନଟି ଉପରେ **ଅପରୋକ୍ଷ ଭାବରେ**ହିଁ ଆପଣାକୁ ସକ୍ରିୟ କରିଦେଇ ପାରିବ,– ସେହି ପରମଶାନ୍ତିହିଁ ଆମ ମନର ସକଳ ଗ୍ରନ୍ଥିରେ ଏକ ପୂର୍ଣ୍ଣ ଶ୍ଲଥନ ଆଣି ଦେଇପାରିବ ।

ତୁମର ଏହି ଭୌତିକ ମନରେ ଏକ ରୂପାନ୍ତର ଆଣିବାର ଚେଷ୍ଟା କରିବବୋଲି ତୁମେ କେବେହେଲେ ଭାବିବ ନାହିଁ; ତାହାକୁ ନୀରବ କରିଦେବାକୁ ବା ତାହାର ବିଲୋପସାଧନ କରିବାକୁ ମଧ୍ୟ କୌଣସି ଚିନ୍ତା କରିବ ନାହିଁ । ସେତିକି କରିବାକୁ ମଧ୍ୟ ଏକ କ୍ରିୟା ବୋଲି କୁହାଯିବ । ତେଣୁ, ତାହା ଯେମିତି ଚାଲୁଛି କେବଳ ସେହିପରିହିଁ ଚାଲିଥାଉ, ମାତ୍ର... ତୁମେ ତା'ଭିତରେ ସେହି ପରମଶାନ୍ତିଟିକୁ ନେଇ ଭରିଦେବ । ସେହି ପରମଶାନ୍ତିଟିକୁ ଅନୁଭବ କରିବ, ତାହାକୁହିଁ ବଞ୍ଚିବ, ତାହାକୁହିଁ ଜ୍ଞାନରୂପେ ପ୍ରାପ୍ତ ହେବ । କେବଳ ସେହି ପରମଶାନ୍ତିକୁ ।

ତାହାହିଁ ଏକମାତ୍ର ପନ୍ଥା ।

## ୨୪ ମାର୍ଚ୍ଚ ୧୯୬୫

*'ସ' କାଲି ଗୋଟିଏ ଭାରି ଖରାପ ସ୍ୱପ୍ନ ଦେଖିଲା । ସ୍ୱପ୍ନରେ ସିଏ ଏପରି ଗୋଟିଏ ଘରକୁ ଆସିଲା, ଯେଉଁଠାରେକି ଜଣେ ଜଗୁଆଳି ରହିବା ଆବଶ୍ୟକ ଥିଲା । ମାତ୍ର ସେଠାରେ କେହି ଜଗୁଆଳି ନ ଥିଲେ । ତେଣୁ ଶତ୍ରୁମାନେ ଆସି ତା'ଭିତରେ ପଶି ଯାଇଥିଲେ । ସେ ସେହି ଘର ଭିତରେ ପ୍ରବେଶ କଲା, ସେଠାରେ ଥିବା ଗୋଟିଏ ବଖରାରେ ଯାଇ ପହଞ୍ଚିଲା । ସେହି ବଖରାରେ ସିଏ ଶ୍ରୀଅରବିନ୍ଦଙ୍କୁ ଦେଖିଲା । ଶ୍ରୀଅରବିନ୍ଦଙ୍କର ପାଦରେ କ'ଣ ଗୋଟାଏ ଆଘାତ ହୋଇଥାଏ । ଯେଉଁ ଶତ୍ରୁମାନଙ୍କୁ ସେହି ଘର ଭିତରେ ଆସି ପଶିବାକୁ ବାଟ ଛାଡ଼ି ଦିଆ ଯାଇଥିଲା, ସେହିମାନେହିଁ ଶ୍ରୀଅରବିନ୍ଦଙ୍କୁ ଆଘାତ କରିଥା'ନ୍ତି । ଶ୍ରୀଅରବିନ୍ଦଙ୍କୁ ଏପରି ଭାବରେ ଆହତ ହୋଇଥିବାର ଦେଖି ସିଏ ସେଠୁ ଦଉଡ଼ି ପଳାଇ ଆସିଲା, ଦଉଡ଼ି ଦଉଡ଼ି ଆପଣଙ୍କୁ ଖୋଜିବାକୁ ଲାଗିଲା ।*

ଫେବ୍ରୁଆରୀ ୧୧ ତାରିଖରେ ଯାହା ଘଟିଥିଲା,* ଏହି ସ୍ୱପ୍ନରେ ହୁଏତ କେବଳ ତାହାରି ଏକ ପ୍ରତିଫଳନ ହୋଇଥିଲା ପରି ଲାଗୁଛି ।

ପାଦର ଉଲ୍ଲେଖଟି କୌଣସି ଏକ ଭୌତିକ ବସ୍ତୁର ସୂଚନା ଦେଉଛି । ମୁଁ ଭାବୁଛି, ଘଟଣାଟି ସେହି କାରଣରୁ ଘଟିଛି । ଯାହା ଘଟିଥିଲା, ସ୍ୱପ୍ନରେ ତାହାରି ଏକ ପ୍ରତୀକାତ୍ମକ ପ୍ରତିଫଳନ ହୋଇଛି ।

*ଏହା ହୁଏତ ଭବିଷ୍ୟତରେ ଘଟିବାକୁ ଯାଉଥିବା କୌଣସି ଏକ ଘଟଣାର ଆଭାସ ନୁହେଁ କି ?*

ତୁମେ ଏହାକୁ କୌଣସି ବିଷୟର ପୂର୍ବସୂଚକ ବୋଲି ଭାବୁଛ ? ଏଥିରେ ଆଦୌ ସେପରି କିଛି ନାହିଁ ।

ପାଦର ପ୍ରସଙ୍ଗଟି କେତେକ ବ୍ୟକ୍ତିଙ୍କ ମାଧ୍ୟମରେ, ଆଶ୍ରମର ମାଧ୍ୟମରେ ବା ମୋ' ମାଧ୍ୟମରେ ତାଙ୍କର କୌଣସି ସ୍ଥୂଳ କାର୍ଯ୍ୟକୁ ସୂଚାଇ ଦେଉଛି ।

ଏହା ସେପରି କୌଣସି ଗମ୍ଭୀର ବ୍ୟାପାର ବୋଲି ମୋ'ର ଆଦୌ ମନେ ହେଉ

---

* ଏଗାର ତାରିଖ ଦିନ ଆଶ୍ରମରେ ଦଙ୍ଗାକାରୀମାନେ ପଶି କେତେକ ଘରକୁ ଲୁଟି ନେଇଥିଲେ ଓ ସେଗୁଡ଼ିକରେ ନିଆଁ ଲଗାଇ ଦେଇଥିଲେ ।

ନାହିଁ । ଯାହା ଘଟିଥିଲା, ଏଥିରେ ତାହାରି ପ୍ରତିଫଳନ ହୋଇଛି ଏବଂ ଆଉ କୌଣସି ସ୍ଥାନରେ ସେହି ଘଟଣାଟିକୁ ଲିପିବଦ୍ଧ କରାଯାଇଛି ।

(*ମାଆ ନୀରବ ରହିଲେ*)

ଭାରି ଆଶ୍ଚର୍ଯ୍ୟର କଥା ଯେ ଏବେ ଏହିପରି ଗୋଟିଏ କଥା ବେଶ୍ ଦେଖିବାକୁ ମିଳୁଛି । ବେଶ୍ କେତେ ଦିନ ହେଲା, ମାତ୍ର ଦିନକୁ ଦିନ ଅଧିକରୁ ଅଧିକ ସୁନିର୍ଦ୍ଦିଷ୍ଟ ଭାବରେ । ଯେତେବେଳେ ମୁଁ କିଛି ଶୁଣୁଛି କିଂବା ଯେତେବେଳେ ମୋ' ଆଗରେ କିଛି ପଢ଼ି ଦିଆହେଉଛି, ଅଥବା, ଯେତେବେଳେ ମୁଁ କୌଣସି ସଂଗୀତ ଶୁଣୁଛି ବା କେହି ମୋ' ଆଗରେ କୌଣସି ଏକ ଘଟଣାର ବର୍ଣ୍ଣନା କରି କହୁଛି, ସେତେବେଳେ ମୁଁ ସଙ୍ଗେ ସଙ୍ଗେ ଏହିପରି ଅନୁଭବ କରୁଛି, ସତେଯେପରି ସେହି କାର୍ଯ୍ୟଟିର ଉତ୍ସଟି ବା ଯେଉଁ ଭୂମିରେ ସେଇଟି ପ୍ରକୃତରେ ଘଟୁଛି କିଂବା ସେହିସବୁ ପ୍ରେରଣାର ଅସଲ ମୂଳଟି ଅତ୍ୟନ୍ତ ସ୍ୱୟଂକ୍ରିୟ ଭାବରେ ଏକ ସ୍ପନ୍ଦନ ଦ୍ୱାରା କୌଣସି ନା କୌଣସି କେନ୍ଦ୍ରରେ ଯାଇ ଲିପିବଦ୍ଧ ହୋଇ ରହିଯାଉଛି । ଏବଂ ତା'ପରେ, ସେହି ସ୍ପନ୍ଦନଟିର ଗୁଣାତ୍ମକତା ଅନୁସାରେ, ସେଇଟି ସକାରାତ୍ମକ ଅଥବା ନକାରାତ୍ମକ ବୋଲି ସାବ୍ୟସ୍ତ ହେଉଛି ଏବଂ ସେହି ସ୍ପନ୍ଦନଟି କେନ୍ଦ୍ରଟିକୁ ଆସି ସ୍ପର୍ଶ କଲା ମାତ୍ରକେ, ତାହା ଯେଡ଼େ ଅଳପ ହୋଇଥାଉ ପଛକେ, ଏକ ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ, ପରମସତ୍ୟର ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ (ଏହି କଥାଟିକୁ ଶବ୍ଦଦେଇ ପ୍ରକୃତରେ କିପରି ପ୍ରକାଶ କରାଯାଇ ପାରିବ ?) ସତେଅବା ସେହି ପରମ ଆନନ୍ଦରହିଁ ସ୍ପନ୍ଦନଜନିତ ଏକ ସ୍ଫୁଲିଙ୍ଗ ଉଦ୍ଭାସିତ ହୋଇ ଉଠୁଛି । ଏବଂ ଭାବନାଟି ସମ୍ପୂର୍ଣ୍ଣ ଭାବରେ ନୀରବ ଓ ନିଶ୍ଚଳ ହୋଇ ରହିଛି, ତାହାର ଅସ୍ତିତ୍ୱ ଆଦୌ କୌଣସି ପ୍ରକାରେ ଅନୁଭୂତ ହେଉ ନାହିଁ (*ସମ୍ପୂର୍ଣ୍ଣ ଆତ୍ମନିବେଦନର ଏକ ଭଙ୍ଗୀ କରି ମାଆ ହାତଦୁଇଟାକୁ ଖୋଲା କରି ଉପର ଆଡ଼କୁ ଟେକିଦେଲେ*) । ମାତ୍ର ସେହି ବୋଧଟି ଦିନକୁଦିନ ଅଧିକ ସୁନିର୍ଦ୍ଦିଷ୍ଟ ହେବାରେ ଲାଗିଛି । ଏବଂ, ମୁଁ ଏହିପରି ଭାବରେ ସବୁକଥା ଜାଣି ପାରୁଛି;– ପ୍ରେରଣାଟି କେଉଁଠାରୁ ଆସୁଛି ବା କାର୍ଯ୍ୟଟି ପ୍ରକୃତରେ କେଉଁଠାରୁ ସଂଘଟିତ ହେଉଛି ଓ ସେହି ବିଷୟଟିର ଗୁଣାତ୍ମକତା କେଉଁଠାରେ ଅଛି,– ମୁଁ ସବୁ ଜାଣି ପାରୁଛି ।

ଏବଂ, ଏହା ସୁନିର୍ଦ୍ଦିଷ୍ଟ ଭାବରେ ସବୁକିଛି କହିଦେଇ ଯାଉଛି । ଟିକିନିଖି ସମ୍ପୂର୍ଣ୍ଣ ସବୁକିଛିକୁ ଜଣାଇ ଦେଇ ଯାଉଛି । ''ଦେବମୁହୂର୍ତ୍ତ'' ରଚନାଟିକୁ ଏକ ଅଭିବ୍ୟକ୍ତି ଦେଇ ରଚିତ ହୋଇଥିବା ସଂଗୀତଟିକୁ ଶୁଣୁଥିବା ସମୟରେ ମୁଁ ସର୍ବପ୍ରଥମ ଥର ପାଇଁ ସେହି କଥାଟିକୁ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଅନୁଭବ କରିଥିଲି । ହଁ, ସେତେବେଳେ ମୁଁ ପ୍ରଥମଥର ପାଇଁ ତାହା ଅନୁଭବ କଲି; ଏବଂ, ସେଇଟି ପ୍ରକୃତରେ ଏଡ଼େ ସୁସଂଗଠିତ ଭାବରେ

ସୂଚିତ ହୋଇପାରିଛି, ଅର୍ଥାତ୍ ଅନୁଭୂତିଗୁଡ଼ିକ ପ୍ରାୟ ଏପରି ଭାବରେ ସୁସଜ୍ଜିତ ହୋଇ ରହିଛି ବୋଲି ସେତେବେଳେ ମୁଁ ଆଦୌ ଜାଣି ନ ଥିଲି । ମାତ୍ର, ବିଗତ ଏଇ କେତୋଟି ମାସ ଭିତରେ, ବର୍ତ୍ତମାନ ତାହା ସଂପୂର୍ଣ୍ଣ ଭାବରେ ବିଧିବଦ୍ଧ ହୋଇ ଅନୁଭୂତ ହେବାକୁ ଆରମ୍ଭ କଲାଣି ଏବଂ ମୁଁ ଏବେ ତାହାକୁ ଏକ ସମ୍ପୂର୍ଣ୍ଣ ଭାବରେ ନିଶ୍ଚିତ ସୂଚନାରୂପେ ଗ୍ରହଣ ବି କଲିଣି । ସେହି ଅନୁଭୂତିର ପ୍ରତିକ୍ରିୟାରୂପେ ମୋ'ଭିତରେ ଆଦୌ କୌଣସି ସକ୍ରିୟ ଭାବନା ଅଥବା ସକ୍ରିୟ ଇଚ୍ଛାର ସଞ୍ଚରଣ ମଧ୍ୟ ହେଉ ନାହିଁ । ସତେଅବା ସଂପୂର୍ଣ୍ଣ ଭାବରେ ଅତ୍ୟନ୍ତ ସୂକ୍ଷ୍ମ ହୋଇ ଗଢ଼ା ହୋଇଥିବା ଗୋଟାଏ ଯନ୍ତ୍ର ପରି ମୁଁ ସେହି ସ୍ପନ୍ଦନଗୁଡ଼ିକୁ ଗ୍ରହଣ କରୁଛି । ଏବଂ ସେହିପରି ଭାବରେ ମୁଁ ସେହିଗୁଡ଼ିକର ପ୍ରକୃତ ଉତ୍ସକୁ ମଧ୍ୟ ଜାଣିପାରୁଛି । ଏହି କ୍ଷେତ୍ରରେ ଆଦୌ କୌଣସି ଭାବନା ଅନ୍ତରାୟ ହୋଇ ଠିଆ ହେଉ ନାହିଁ । ଠିକ୍ ଏହିପରି ଭାବରେ ଏହି ସ୍ୱପ୍ନଟିର ସ୍ପନ୍ଦନ ମଧ୍ୟ ଆସି ମୋ'ପାଖରେ ପହଞ୍ଚି ପାରିଛି । (*ମାଆ ତଳ ଆଡ଼କୁ ନଇଁ ପଡ଼ିବାର ଭଙ୍ଗୀ କରି ପାଦଗୁଡ଼ିକୁ ନିର୍ଦ୍ଦେଶିତ କରିଦେଲେ ।*) ଏସବୁ ଅବଚେତନର ଭୂମିରେ ଘଟିଥିଲା । ତେଣୁ, ସେଇଟି ଯେ ସେଠାରେ ଲିପିବଦ୍ଧ ହୋଇ ରହିଛି, ମୁଁ ସେକଥାଟିକୁ ଜାଣି ପାରିଥିଲି ।

ସେଦିନ 'ଗ' ଯେତେବେଳେ ତାଙ୍କ ଲେଖାଟିକୁ ପଢ଼ିକରି ମୋତେ ଶୁଣାଉଥିଲେ, ସେତେବେଳେ ତାହାର ଆଦୌ କୌଣସି ପ୍ରତିକ୍ରିୟା ହେଉ ନ ଥିଲା, (ମାଆ ପରୋକ୍ଷ ଭଙ୍ଗୀରେ ଏକ ମଧ୍ୟମ-ଉଚ୍ଚତାର ସୂଚନା ଦେଲେ) — ମୋ ଭିତରେ ଆଦୌ କୌଣସି ପ୍ରତିକ୍ରିୟା ହେଉ ନ ଥିଲା ଓ ମୁଁ ଶୁଣି ଯାଉଥିଲି । ତା'ପରେ ହଠାତ୍ ଅପାର ଆନନ୍ଦର ଏକ ସ୍ଫୁଲିଙ୍ଗ ଉଦ୍‌ଭାସିତ ହୋଇ ଉଠିଲା । ଏବଂ ତାହାରି ବଳରେହିଁ ମୁଁ ଲେଖାଟିକୁ ପ୍ରକୃତରେ ଆସ୍ୱାଦନ କରିବାକୁ ଆରମ୍ଭ କଲି । ଏବଂ, ବର୍ତ୍ତମାନ ମଧ୍ୟ, ତୁମେ ଯେତେବେଳେ 'ଖ' ଙ୍କର ଏହି ଲେଖାଟିକୁ ଆସି ପଢ଼ିଲ, ସେତେବେଳେ ଆଲୋକର ଗୋଟିଏ କ୍ଷୁଦ୍ର କଣା ସଞ୍ଚରିତ ହୋଇ ଆସିଲା (*ମାଆ ଆପଣାର କଣ୍ଠପାଖକୁ ହାତ ନେଇ ଦେଖାଇଦେଲେ*) ଓ ତା'ପରେ ଯାଇ ମୁଁ ଜାଣିଲି । ଏହା ହେଉଛି ଏକ ସୁଖଦାୟକ ଆଲୋକର କଣା,— ତାହା ପରମ ଆନନ୍ଦ ମଧ୍ୟରୁ ଉତ୍ସାରିତ ହୋଇ ଆସି ନାହିଁ ସତ, ମାତ୍ର ତଥାପି ଏକ ସୁଖାନୁଭୂତିର ସଞ୍ଚାର କରି ଆଣୁଛି । ତା'ପରେ ଯାଇ ଏଥିରେ କିଛି ରହିଛି ବୋଲି ମୁଁ ଜାଣିବାକୁ ଆରମ୍ଭ କଲି ।

ଏବଂ, ଅତ୍ୟନ୍ତ ସୁନିଶ୍ଚିତ ଭାବରେ, ଏଥିରେ ନାନା ମାତ୍ରା ଓ ନାନା ସ୍ତର ରହିଛି, ଗୁଣାତ୍ମକତାର ଅସୁମାରି କେତେକେତେ ମାତ୍ରା ରହିଛି ।

ବିଷୟଗୁଡ଼ିକର ଯଥାର୍ଥ ସ୍ଥାନ ନିରୂପଣ କରିପାରିବା ଲାଗି ମୋତେ ଏହିପରି ଏକ ଉପାୟ ସୂଚିତ କରି ଦିଆଯାଇଛି ।

ମାତ୍ର ଏସବୁ ଭାବନାର ଆୟତନର ସମ୍ପୂର୍ଣ୍ଣ ବାହାରେ ରହିଛି । କେବଳ, **ପରେ ଯାଇ**, ଉଦାହରଣ ସ୍ୱରୂପ ଯେତେବେଳେ ତୁମେ ମୋତେ ସ୍ୱପ୍ନଟି ବିଷୟରେ ପଚାରିଲ, ସେତେବେଳେ ଯାଇ ମୁଁ ଉତ୍ତର ଦେଲି, ‘‘ନ୍ୟାୟସଙ୍ଗତି ଦୃଷ୍ଟିରୁ ବିଚାରକରି ଦେଖିଲେ, ସ୍ପନ୍ଦନଟି ସେଠାରେ (*ମାଆ ତଳଆଡ଼କୁ ନିର୍ଦ୍ଦେଶିତ କରି ଦେଖାଇଲେ*) ହେଉଥିବାରୁ, ଏଇ କଥାଟି ନିଶ୍ଚୟ ସ୍ମୃତିକ୍ଷେତ୍ରରହିଁ ଏକ ବିଷୟ ହୋଇଥିବ । ଏବଂ, ବେଶ୍ ଏକ ନିଶ୍ଚିତତା ସହିତ ମୁଁ ସେପରି ଉତ୍ତର ଦେଲି, କାରଣ ଏହି ବୋଧଟି ସମ୍ପୂର୍ଣ୍ଣ ଭାବରେ ଏକ ନୈର୍ବ୍ୟକ୍ତିକ ବୋଧ ହିଁ ଥିଲା ।

ଏହା ଏକ ଅସାଧାରଣ ଭାବରେ ସୂକ୍ଷ୍ମ ହୋଇ ରହିଥିବା ପ୍ରକ୍ରିୟା ଏବଂ ଏହାର ଗ୍ରହଣଶୀଳତାର କ୍ଷେତ୍ରଟି (*ମାଆ ଭଙ୍ଗୀ କରି ଏକ କ୍ରମସ୍ତରତାର ସଙ୍କେତ ଦେଲେ*) ପ୍ରାୟ ଅସୁମାରି ଭାବରେ ନାନା ସ୍ତରରେ ବ୍ୟାପ୍ତ ହୋଇ ରହିଛି ।

ବର୍ତ୍ତମାନ ମୁଁ ଠିକ୍ ଉପାୟରେ ଲୋକମାନଙ୍କୁ ମଧ୍ୟ ଜାଣୁଛି । ମାତ୍ର, ବେଶ୍ ଅନେକ ଦିନ ହେଲା, ଉଦାହରଣ ସ୍ୱରୂପ ମୁଁ ଯେତେବେଳେ କୌଣସି ବ୍ୟକ୍ତିର ଫଟୋଟିଏ ଦେଖୁଛି, ସେତେବେଳେ ମୋର ଭାବନାରେ ତଜ୍ଜନିତ ଆଦୌ କୌଣସି ପ୍ରତିକ୍ରିୟା ହେଉ ନାହିଁ,– ଏହି କ୍ଷେତ୍ରରେ ଆଦୌ କୌଣସି ଅବରୋହୀ ସିଦ୍ଧାନ୍ତ ବା ଅନ୍ତଃଦୃଷ୍ଟି ଜନିତ ଜ୍ଞାନ ମୋଟେ ଉଦ୍ରେକ ହୋଇଆସୁ ନାହିଁ । ମାତ୍ର ମୋ’ ଶରୀରର କୌଣସି ଜାଗାରେ ତାହାର ଏକ ସ୍ପନ୍ଦନ ଜାତ ହେଉଛି । ଏବଂ ତା’ପରେ ନାନା କୌତୂହଳକର ଘଟଣାମାନ ଘଟିବାକୁ ଆରମ୍ଭ କରି ଦେଉଛି । ସେଦିନ ଥରେ ମୋତେ କେହିଜଣେ କାହା ଫଟୋଟିଏ ଆଣିଦେଲେ ଏବଂ ତା’ପରେ ଅତ୍ୟନ୍ତ ସ୍ପଷ୍ଟ ଭାବରେ ମୁଁ ସେହି ଅନୁଭୂତିଟିକୁ ଲାଭ କଲି । ଫଟୋର ଯେଉଁ ଜାଗାଟିକୁ ମୁଁ ସ୍ପର୍ଶ କରିଥିଲି ଓ ତାହାର ପ୍ରତିକ୍ରିୟାରୂପେ ଯେଉଁ ସ୍ପନ୍ଦନ ଜାତ ହୋଇଥିଲା, ସେଥିରୁ ମୁଁ ଜାଣିପାରିଲି ଯେ, ଏହି ବ୍ୟକ୍ତି ଜଣକ, ଭାବନାର ଜଗତକୁ ନେଇ କାରବାର କରିବାରେ ଭାରି ନିପୁଣ ଓ ଅଭ୍ୟସ୍ତ ଥିଲେ ଏବଂ ତାଙ୍କ ପାଖରେ ଜଣେ ଶିକ୍ଷାଦାତାଙ୍କର ନିଶ୍ଚିତ ଯୋଗ୍ୟତାମାନ ରହିଥିଲା । ପରୀକ୍ଷା କରି ଜାଣିବା ଲାଗି ମୁଁ ପଚାରିଲି, ‘‘ଏହି ବ୍ୟକ୍ତିଜଣକ କ’ଣ କରନ୍ତି ?’’ ମୋତେ ଉତ୍ତର ମିଳିଲା, ‘‘ସିଏ ବ୍ୟବସାୟ କରୁଛନ୍ତି ।’’ ତା’ପରେ ମୁଁ କହିଲି, ‘‘ମାତ୍ର ସିଏ ତ ବ୍ୟବସାୟ କରିବା ଭଳି ଗଢ଼ା ହୋଇ ନାହାନ୍ତି,– ସିଏ ବ୍ୟବସାୟର ମୋଟେ କିଛିହେଲେ ବୁଝୁ ନ ଥିବେ ।’’ ଏବଂ, ତିନି ମିନିଟ୍ ପରେ ମୋତେ କୁହାଗଲା, ‘‘ହଁ ଆଜ୍ଞା, ମୁଁ ଭୁଲ୍ କହି ପକାଇଥିଲି । ସିଏ ଜଣେ ଅଧ୍ୟାପକ ।’’ (*ମାଆ ହସିଲେ*) ଏଥର ବୁଝିଲ ତ ?

ଏବଂ ସବୁବେଳେ, ସବୁବେଳେ ଠିକ୍ ଏହିପରି ଘଟେ । ଜଗତର ମୂଲ୍ୟାଙ୍କନ କଲାବେଳେ ଜଗତ ବିଷୟରେ ଅନୁରୂପ ସ୍ପନ୍ଦନମାନ ଘଟିଥାଏ ।

ସେଇଥିଲାଗି ବର୍ତ୍ତମାନ ମଧ୍ୟ ମୁଁ ତୁମର ହାତକୁ ମୋତେ ସ୍ପର୍ଶ କରିବାକୁ ଦେବା ପାଇଁ କହିଥିଲି । ସ୍ପନ୍ଦନଟିକୁ ଲାଭ କରିବା ଲାଗି ମୁଁ ତାହା କହିଥିଲି । ଏବଂ ତା'ପରେ କେମିତି ଏକ ନୀରସ ନୀରସ ଭାବ ଅନୁଭବ କରିଥିଲି ଏବଂ ମନେ ମନେ କହିଥିଲି, ''ସିଏ ମୋଟେ ସୁସ୍ଥ ଅବସ୍ଥାରେ ନାହାନ୍ତି ।''

ମାତ୍ର, ଭାବନା ଭିତରକୁ ମୋଟେ ପ୍ରବେଶ କରିବ ନାହିଁ । – ମୋଟେ ପ୍ରବେଶ କରିବ ନାହିଁ । କେବଳ ଏହିପରି କରିବ (*ଏକ ଆତ୍ମ-ନିବେଦନର ମୁଦ୍ରାରେ ମାଆ ସ୍ଥିର ହୋଇ ରହିଲେ ।*)

ତେବେ କ'ଣ କେଉଁଠି ଗୋଳମାଳ ହୋଇଛି କହିଲ ! (*ମାଆ ହସିଲେ*) ହଁ, ଠିକ୍ ସେହିପରି ନୀରସ ନୀରସ ଲାଗିଲା ।

*ହଁ, ମୁଁ ଜଡ଼ ଭିତରେ ଅତିରିକ୍ତ ଭାବରେ ବୁଡ଼ିକରି ରହିଛି ।*

ହଁ, ଠିକ୍ ସେହିପରି କିଛି ।

*ମାତ୍ର ଏହା ଆଦୌ ଏକ ସୁଖକର ଅବସ୍ଥା ନୁହେଁ ।*

ମୋଟେ ନୁହେଁ । ମାତ୍ର ତୁମେ କ'ଣ ସେହି ଅବସ୍ଥାରୁ ବାହାରି ଆସିପାରୁ ନାହଁ ?

*ମୁଁ ଭାରି ଉତ୍ପୀଡ଼ିତ ଅବସ୍ଥାରେ ରହିଛି । ଏବଂ ମୋ ଶରୀରଟି ବି ମୋତେ ଏଦିଗରେ ଆଦୌ କିଛି ସାହାଯ୍ୟ କରୁ ନାହିଁ ।*

ଶରୀର କେବେହେଲେ କୌଣସି ସାହାଯ୍ୟ କରେ ନାହିଁ । ଏ ବିଷୟରେ ଆଉ ମୋ'ର କୌଣସି ସନ୍ଦେହ ନାହିଁ । ତୁମେ ହୁଏତ ନିଜ ଶରୀରକୁ ଇଚ୍ଛା କଲେ କିଞ୍ଚିତ୍ ସାହାଯ୍ୟ କରିପାରିବ । ଅବଶ୍ୟ ଖୁବ୍‌ବେଶୀ ସାହାଯ୍ୟ କରିପାରିବ ନାହିଁ, ତଥାପି କିଞ୍ଚିତ୍ ପରିମାଣରେ ସାହାଯ୍ୟ କରିପାରିବ । ମାତ୍ର ଶରୀର କେବେ କୌଣସି ସାହାଯ୍ୟ କରେ ନାହିଁ । ଶରୀରର ସ୍ପନ୍ଦନ ସବୁବେଳେ ସବା ତଳେ ଯାଇ ରହିଥାଏ ।

*ହଁ, ଶରୀରଟି ଭାରି ଭାରି ହୋଇ ରହିଛି ।*

ତାହା ସବୁକ୍ଷେତ୍ରରେ ସେହିପରି ହୋଇ ରହିଥାଏ । ସବୁକ୍ଷେତ୍ରରେ ତାହା ନିମ୍ନଗତି କରାଇ ରଖିଥାଏ ଏବଂ ତାହା ତୁମକୁ ଭାରି ନୀରସ କରି ରଖିଥାଏ । ତାହାର ଆଦୌ କୌଣସି ସ୍ପନ୍ଦନଶୀଳତା ନ ଥାଏ ।

*ଏହା ବଡ଼ ଭାରୀ ହୋଇ ରହିଛି ।*

ମାତ୍ର, ମୁଁ ଯେଉଁ ସାଧନାମାର୍ଗର ଅନୁସରଣ କରୁଛି, ସେଥିରେ ଏପରି କେତୋଟି ମୁଖ୍ୟ ସୂତ୍ର ରହିଛି, ଯାହାକୁ କି ତୁମେ ଅନୁସରଣ କରିପାରିବ । ମୋ ପାଖରେ ଶ୍ରୀଅରବିନ୍ଦଙ୍କର କେତୋଟି ବାକ୍ୟାଂଶ ରହିଛି ।... ଅନ୍ୟ ସାଧନାଗୁଡ଼ିକ ଲାଗି ମୋ'ର ଅନୁରୂପ ପଦ୍ଧତିଟିଏ ମଧ୍ୟ ରହିଥିଲା : ସିଏ ଯାହାକିଛି କହିଥିଲେ, ତାହା ମୋ'ଲାଗି ସଂପୂର୍ଣ୍ଣଭାବେ ସ୍ପଷ୍ଟ ହୋଇ ରହିଥିଲା । ସେଇଥିରୁହିଁ ବାଟ ମିଳି ଯାଉଥିଲା, କିଛି ହେଲେ ଖୋଜିବାକୁ ପଡୁ ନ ଥିଲା । ମାତ୍ର, ଏହି ସାଧନାର କ୍ଷେତ୍ରରେ ସିଏ ସେପରି କିଛି ଦର୍ଶାଇ ଦେଇ ନାହାନ୍ତି । ସିଏ ବିଭିନ୍ନ ସମୟରେ କେବଳ କେତୋଟି କଥା କହିଛନ୍ତି ବା କେତୋଟି ମନ୍ତବ୍ୟ ଦେଇ ଯାଇଛନ୍ତି ଏବଂ ସେହି ମନ୍ତବ୍ୟଗୁଡ଼ିକ ମୋତେ ସାହାଯ୍ୟକାରୀ କିଛି ସଙ୍କେତ ଦେଇ ପାରୁଛନ୍ତି । (ଅବଶ୍ୟ ରାତିରେ ମୁଁ ତାଙ୍କୁ ଯାଇ ସାକ୍ଷାତ କରୁଛି, — ମାତ୍ର ତା'ଉପରେ ମୁଁ ଆଦୌ ଅତିଗୁଡ଼ାଏ ଭରସା ରଖିବାକୁ ଇଚ୍ଛା କରୁ ନାହିଁ । କାରଣ,... ସେତେବେଳେ ତାଙ୍କର ସଂସ୍ପର୍ଶରେ ଆସିବା ଲାଗି ମନ ଭିତରେ ଅତିବେଶୀ ଉଦ୍‌ବେଗ ରହୁଛି ଓ ତାହାହିଁ ସବୁକିଛିକୁ ପଣ୍ଡ କରି  ଦେଉଛି) ତେଣୁ ତାଙ୍କର କେତୋଟି ମନ୍ତବ୍ୟକୁ ମୁଁ ଗ୍ରହଣ କରି ରଖିଛି ଏବଂ ସେଗୁଡ଼ିକ ମାର୍ଗପ୍ରଦର୍ଶନକାରୀ ସୂତ୍ରରୂପେ କାର୍ଯ୍ୟ କରୁଛି । ''ସହ୍ୟ କର,... ସହ୍ୟ କର'' ହେଉଛି ତାଙ୍କର ସେହିପରି ଗୋଟିଏ ମନ୍ତବ୍ୟ ।

ମନେ କର, ତୁମେ କୌଣସି ସ୍ଥାନରେ ଏକ ବ୍ୟଥା ଅନୁଭବ କରୁଛ । ତାହା ଫଳରେ ପ୍ରାୟ ପ୍ରବୃତ୍ତି-ନିର୍ଦ୍ଦେଶିତ ହୋଇ (ଦେହର ପ୍ରବୃତ୍ତି, ଦେହ କୋଷଗୁଡ଼ିକର ପ୍ରବୃତ୍ତି) ତୁମେ ଆପଣାକୁ ସଙ୍କୁଚିତ କରି ଆଣୁଛ ଏବଂ ପ୍ରତ୍ୟାଖ୍ୟାନ କରିପାରିବା ଲାଗି ବାଟ ଖୋଜୁଛ । ତାହା ହେଉଛି ସବୁଠାରୁ ଅଧିକ କ୍ଷତିକାରକ, କାରଣ ତାହା ସୁନିଶ୍ଚିତ ଭାବରେ ବ୍ୟଥାକୁ ଆହୁରି ବଢ଼ାଇ ଦେଉଛି । ତେଣୁ, ତୁମେ ସର୍ବପ୍ରଥମେ ଶରୀରକୁ ସ୍ଥିର ହୋଇ ରହିବାକୁ ଶିକ୍ଷା ଦେବ, ଶରୀର ଯେପରି ଆଦୌ କୌଣସି ପ୍ରତିକ୍ରିୟା ବ୍ୟକ୍ତ କରିବ ନାହିଁ । ସବୁଠାରୁ ବଡ଼ କଥା ହେଉଛି, କୌଣସି ପ୍ରକାରେ ସଙ୍କୁଚିତ ହୋଇ ପଡ଼ିବ ନାହିଁ, ଏପରିକି ପ୍ରତ୍ୟାଖ୍ୟାନ କରିବାର ଆଦୌ କୌଣସି ଗତିଶୀଳତା ଦେଖାଇବ ନାହିଁ । ସମ୍ପୂର୍ଣ୍ଣ ଭାବରେ ନିଶ୍ଚଳ ହୋଇ ରହିବ । ତାହାକୁହିଁ ଶାରୀରିକ ସମତା ବୋଲି କୁହାଯିବ ।

0

ସଂପୂର୍ଣ୍ଣ ଭାବରେ ନିଶ୍ଚଳ ହୋଇ ରହିବ ।

ସଂପୂର୍ଣ୍ଣ ନିଶ୍ଚଳ ହୋଇ ରହିବା ପରେ ଅନ୍ତର୍ଗତ ଅଭୀପ୍ସା କ୍ଷେତ୍ରରେ ଏକ ସଞ୍ଚାରଣା ଆରମ୍ଭ କରିବା ହେଉଛି ଦ୍ୱିତୀୟ ପଦକ୍ଷେପ । (ମୁଁ ସର୍ବଦା କୋଷଗୁଡ଼ିକର ଅଭୀପ୍ସା କଥା କହିଆସିଛି — ଯେଉଁ କଥାକୁ ମୋଟେ ଶବ୍ଦ ଦେଇ କହିହେବ ନାହିଁ, ମୁଁ ତାହାକୁ ପ୍ରକାଶ କରିବା ଲାଗି ଶବ୍ଦଗୁଡ଼ିକର ବ୍ୟବହାର କରିଛି । ମାତ୍ର ତାହାକୁ ବ୍ୟକ୍ତ କରିବା ଲାଗି ଆଉ କୌଣସି ଉପାୟହିଁ ନାହିଁ ।) ଏହି ସଞ୍ଚାରଣାଟି ହେଉଛି ସମର୍ପଣର ସଞ୍ଚାରଣା, ଅର୍ଥାତ୍, ସର୍ବୋଚ୍ଚ ପରମ ଇଚ୍ଛାକୁ **ସ୍ୱତଃପ୍ରେରିତ ଓ ସଂପୂର୍ଣ୍ଣ ଭାବରେ** ସ୍ୱୀକାର କରିନେବାର ସଞ୍ଚାରଣା (ସେହି ପରମ ଇଚ୍ଛାଟି ଯେ ପ୍ରକୃତରେ କ'ଣ ସେକଥା ବ୍ୟକ୍ତି ଜାଣେ ନାହିଁ) । ସେହି ସମଗ୍ର ପରମେଚ୍ଛା ଘଟଣାଗୁଡ଼ିକ ଏହିଭଳି ଗତି କରୁ ବୋଲି ଚାହୁଁଛି ନା ଆଉ କେଉଁ ଭଳି ଗତି କରୁ ବୋଲି ଚାହୁଁଛି; ଅର୍ଥାତ୍, ତାହା କେତେକ ଉପାଦାନର ବିଘଟନ ଆଡ଼କୁ ଗତି କରିବାକୁ ଇଚ୍ଛା କରୁଛି ନା ଆଉ କେଉଁ ଆଡ଼କୁ... ? ଏବଂ ସେହି କ୍ଷେତ୍ରରେ ମଧ୍ୟ ଅଗଣିତ କେତେ ମଧ୍ୟବର୍ତ୍ତୀ ଅବସ୍ଥା ରହିଛି । ଦୁଇ ଉଚ୍ଚତା ମଧ୍ୟରେ ଏକ ଗତିକ୍ରମ ରହିଛି (ସ୍ମରଣ ରଖିଥିବା ଉଚିତ ଯେ ମୁଁ ଏଠାରେ କେବଳ କୋଷଗତ ସଞ୍ଚାରଣା ଓ ଅବସ୍ଥାଗୁଡ଼ିକର କଥା କହୁଛି ।); ମୋ କହିବାର ତାତ୍ପର୍ଯ୍ୟ ହେଉଛି ଯେ, ପ୍ରତ୍ୟେକ ମନୁଷ୍ୟର ଏକ ନିର୍ଦ୍ଦିଷ୍ଟ ଅନ୍ତର୍ଗତ ସମତାବସ୍ଥା ରହିଛି । ଗତିର ସମତାବସ୍ଥା ରହିଛି, ଜୀବନର ସମତାବସ୍ଥା ରହିଛି । ଏବଂ କଥାଟି ଅତ୍ୟନ୍ତ ସ୍ପଷ୍ଟ ହୋଇଯାଉଛି ଯେ, ଗୋଟିଏ ଗତିସ୍ତରରୁ ଏକ ଉଚ୍ଚତର ଗତିସ୍ତରକୁ ଅତିକ୍ରମ କରି ଗଲାବେଳେ ପ୍ରାୟ ସର୍ବଦାହିଁ ଏହି କ୍ଷେତ୍ରରେ ପ୍ରଥମେ ଏକ ଅବତରଣ ଘଟୁଛି ଓ ତା'ପରେ ଉତ୍ତରଣ ଘଟୁଛି । ଏହିପରି ଏକ ମଧ୍ୟବର୍ତ୍ତୀ ଅବସ୍ଥା ଅବଶ୍ୟ ରହୁଛି । ତା'ହେଲେ, ତୁମେ ଯେଉଁ ଆଘାତଟି ଲାଭ କରୁଛ, ପୁନର୍ବାର ଉପରକୁ ଉଠିବା ଲାଗି ତାହା ତୁମକୁ ଆଗ ତଳକୁ ଖସାଇ ଆଣୁଛି କିଂବା, ତୁମେ ଯେପରି ଆପଣାର ପୁରାତନ ସଞ୍ଚାରଣାଗୁଡ଼ିକୁ ପରିତ୍ୟାଗ କରିପାରିବ, ସେଇଥିଲାଗି ତୁମକୁ ତଳକୁ ଖସାଇ ଆଣୁଛି ? କାରଣ, ସତ୍ତାର କୋଷଗତ ଏପରି ପଦ୍ଧତିମାନ ରହିଛି, ଅନ୍ୟ ପ୍ରଣାଳୀଗୁଡ଼ିକୁ ସମ୍ଭବ କରିବା ଲାଗି ଯାହାକୁ କି ଆଗ ଅନ୍ତର୍ହିତ ହୋଇଯିବାକୁ ପଡ଼ିଥାଏ । ଏପରି ଅନ୍ୟ ବ୍ୟକ୍ତିମାନେ ବି ଅଛନ୍ତି, ଯେଉଁମାନେ କି ଏକ ଉଚ୍ଚତର ସୌଷମ୍ୟ ତଥା ସଂଗଠନ ସହିତ ପୁନର୍ବାର ଉପର ଆଡ଼କୁ ଉଠିଯିବାର ଏକ ପ୍ରବୃତ୍ତିର ପରିଚୟ ଦେଇଥାନ୍ତି । ଏଇଟି ହେଉଛି ଦ୍ୱିତୀୟ କଥା । ତେଣୁ, କ'ଣ ହେବା ଉଚିତ, ସେହି ବିଷୟରେ **ଆଗତୁରା ସ୍ୱତଃସିଦ୍ଧାନ୍ତମାନ ବାହାର ନ କରି** ଅପେକ୍ଷା କରିବାକୁ ପଡ଼େ; କ'ଣ ହେଉଛି, ତାହା ଦେଖିବାକୁ ପଡ଼େ । ସବୁଠାରୁ ବଡ଼ କଥା ହେଉଛି, ଏକ ସୁଖକର ସ୍ଥିତିରେ ରହିବାର, ଶାନ୍ତିରେ ରହିବାର,— ଏହିପରି ଯାବତୀୟ ବାସନାକୁ ସମ୍ପୂର୍ଣ୍ଣଭାବେ ଛାଡ଼ିଦେବାକୁ ପଡ଼େ ।

ସେଗୁଡ଼ିକ ଯେପରି ଅନ୍ତର୍ହିତ ହୋଇଯାଆନ୍ତି, ସେକଥା ଦେଖିବାକୁ ପଡ଼େ । ଏହିସବୁ ପ୍ରତିକ୍ରିୟାରୁ ପୂର୍ଣ୍ଣଭାବରେ ମୁକ୍ତ ରହିବାକୁ ପଡ଼େ, ଠିକ୍ ଏହିପରି ଭାବରେ (*ମାଆ ହାତପାପୁଲିଗୁଡ଼ିକୁ ଖୋଲା କରିଦେଲେ, ଉପର ଆଡ଼କୁ ନିଜକୁ ନିଶ୍ଚଳ ଭାବରେ ସମର୍ପିତ କରି ରଖିବାର ମୁଦ୍ରାଟିକୁ ସୂଚାଇଦେଲେ ।*) ମୁକ୍ତ ହୋଇ ରହିବାକୁ ପଡ଼େ । ଏବଂ ତା'ପରେ, ଯେତେବେଳେ ସେହିପରି ଏକ ଅବସ୍ଥା ଆସିଯାଏ (ଏଠାରେ କୋଷଗୁଡ଼ିକର ସେହି ଅବସ୍ଥାକୁହିଁ ବୁଝାଉଛି), କିଛି ସମୟ ପରେ ସେହି ଗତିସ୍ପନ୍ଦନଟି ବିଷୟରେ ଅସଲ ବୋଧଟି ସମ୍ଭବ ହୋଇଯାଏ ଏବଂ, ସେଇଟିକୁ ଅନ୍ତର୍ହିତ ହୋଇଯିବାକୁ ପଡ଼ିବ ବା ତା'ର ବିକଳ୍ପରେ ଆଉଗୋଟିଏ ଗତିସ୍ପନ୍ଦନ ଗ୍ରହଣ କରିବାକୁ ପଡ଼ିବ (ଯାହା ବିଷୟରେ ସେତେବେଳେ କିଛି ହେଲେ ଜଣା ନ ଥାଏ), ବା ସେଇଟିରେ ଏକ ରୂପାନ୍ତର ସାଧନ କରିବାକୁ ପଡ଼ିବ, ସେହି କଥାଟିକୁ ଜାଣିବା ଲାଗି କେବଳ ଏକ ଆଦେଶରହିଁ ପାଳନ କରିବାକୁ ହୋଇଥାଏ ।

ହଁ, ପ୍ରକୃତରେ ସେହିପରି । ସବୁବେଳେ ଠିକ୍ ସେହିପରି ଘଟେ ।

ଭାବନାର ନିଜସ୍ୱ ଆଦୌ କୌଣସି ଗତିସାମର୍ଥ୍ୟ ନାହିଁ,— ତୁମମାନଙ୍କୁ କେବଳ ଏତିକି କହିବାକୁହିଁ ମୁଁ ଏତେସବୁ କଥା କହିଲି । ଯାହା କିଛି ଘଟେ, ତାହା ଅପରୋକ୍ଷ ଭାବରେ ଘଟେ । ତାହା ହେଉଛି ଏକ ସ୍ପନ୍ଦନର ବ୍ୟାପାର । ହଁ, ଏହିପରି ଭାବରେହିଁ, ଆମର କ'ଣ କରିବା ଉଚିତ, ସେହି କଥାଟିକୁ ଜାଣିହୁଏ । ଯଦି ବିଷୟଟି କେବଳ ମନର କ୍ଷେତ୍ରଦେଇ ଘଟୁଥାଏ, ଏକାନ୍ତ, ଏକାନ୍ତ ଅକର୍ମଣ୍ୟ ଓ ମୂଢ଼ ଆମର ଏହି ସ୍ଥୂଳ ଭାବନାର ସ୍ତର ଦେଇ ଘଟିବାରେ ଲାଗିଥାଏ, ତେବେ ଆଦୌ କୌଣସି ଜାଣିବା ସମ୍ଭବ ହୁଏ ନାହିଁ । ସେଇଟା କାର୍ଯ୍ୟ କରୁଥିବା ପର୍ଯ୍ୟନ୍ତ, ତୁମର ଯାହା ନ କରିବା ଉଚିତ, ସର୍ବଦା ତୁମେ କେବଳ ତାହାହିଁ କରିବାରେ ଲାଗିଥାଅ, ତୁମର କେବଳ ମନ୍ଦ ପ୍ରତିକ୍ରିୟାଟିହିଁ ହେବାରେ ଲାଗିଥାଏ । ସେହି ପ୍ରତିକ୍ରିୟା ବିଶୃଙ୍ଖଳା ଏବଂ ଅନିଶ୍ଚୟତାର ଶକ୍ତିଗୁଡ଼ିକୁ ପରାହତ ନ କରି ଓଲଟି ସେଗୁଡ଼ିକୁ ସାହାଯ୍ୟ କରିବାରେ ଲାଗିଥାଏ । ଏବଂ ଏଠାରେ ମୁଁ ଆଦୌ ଉଦ୍‌ବିଗ୍ନ ହେବା ବିଷୟରେ କିଛି କହୁ ନାହିଁ, କାରଣ ଦୀର୍ଘ ଅନେକ କାଳ ଧରି ମୋର ଶରୀରରେ ଆଦୌ କୌଣସି ଉଦ୍‌ବିଗ୍ନତା ସମ୍ଭବ ହୋଇ ନାହିଁ, ଦୀର୍ଘ ଅନେକ ବର୍ଷ ଧରି ସମ୍ଭବ ହୋଇ ନାହିଁ । ମାତ୍ର, ଉଦ୍‌ବିଗ୍ନତାକୁ ପ୍ରଶ୍ରୟ ଦେବା ଯାହା, ଗିନାଏ ବିଷକୁ ଗୋଳି ପିଇଦେବା ପ୍ରକୃତରେ ସେଇଆ ।

ଏହାକୁହିଁ ଶାରୀର ସ୍ତରର ଯୋଗ ବୋଲି କୁହାଯାଏ ।

ଆମକୁ ସେହି ସବୁକିଛିକୁ ଡେଇଁ ଯିବାକୁ ହେବ । ଏବଂ, ତାହା କରି ପାରିବାର ଏକମାତ୍ର ଉପାୟ ହେଉଛି : ପ୍ରତ୍ୟେକ ମୁହୂର୍ତ୍ତରେ ସବୁଯାକ କୋଷ (*ମାଆ ଊର୍ଦ୍ଧ୍ୱ ଆଡ଼କୁ*

*ସଙ୍କେତ କରି ଏକ ନିଶ୍ଚଳ ସମର୍ପଣର ମୁଦ୍ରା ଦେଖାଇଲେ*) ଏକ ଆରାଧନାର ଅବସ୍ଥାରେ ରହିଥିବେ, ଅଭୀପ୍ସାର ଅବସ୍ଥାରେହିଁ ରହିଥିବେ । କେବଳ ଆରାଧନା ଓ ଅଭୀପ୍ସାର ସ୍ଥିତିରେ ଅବସ୍ଥାନ କରୁଥିବେ । ତେବେ, ଏହିପରି କିଛି କାଳ ପରେ ଆନନ୍ଦର ଏକ ଅବସ୍ଥା ଆସି ପହଞ୍ଚିବ, ଏକ ଆନନ୍ଦମୟ ସଂପୂର୍ଣ୍ଣ ଆସ୍ଥାସ୍ଥାପନର ଅବସ୍ଥା ଆସି ପହଞ୍ଚିବ । ଏବଂ ଏହି ଆସ୍ଥାଟି ପ୍ରତିଷ୍ଠିତ ହୋଇଗଲେ ସବୁକିଛି ନିରାମୟ ହୋଇଯିବ । ମାତ୍ର... ଏପରି କହିଦେବା ଭାରି ସହଜ, କିନ୍ତୁ  ସାଧନ କରିପାରିବା ଅନେକ ଅଧିକ କଷ୍ଟକର । ବର୍ତ୍ତମାନ ମୁଁ କେବଳ ଏତିକି ଦୃଢ଼ କରି କହିବି ଯେ, ଏହା ବ୍ୟତୀତ ଆଉ ଅନ୍ୟ କୌଣସି ବାଟ ନାହିଁ, କୌଣସି ଅନ୍ୟ ଉପାୟ ନାହିଁ ।

## ୨୧ ଅଗଷ୍ଟ ୧୯୬୫

ଗତ ପନ୍ଦର ତାରିଖଠାରୁ ରୂପାନ୍ତରୀକରଣ ଲାଗି ପ୍ରସ୍ତୁତିର ଏକ ସମଗ୍ର କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି । ଏହି କାର୍ଯ୍ୟକ୍ରମଟିକୁ ପ୍ରକୃତରେ କ'ଣ ବୋଲି କୁହାଯାଇ ପାରିବ ?... ଏହାକୁ କ୍ଷମତାର ହସ୍ତାନ୍ତରଣ ବୋଲି କୁହାଯିବ ।

କୋଷଗୁଡ଼ିକ, ଅର୍ଥାତ୍ ସମୁଦାୟ ଭୌତିକ ଚେତନାଟି ଅନ୍ତରସ୍ଥ ବ୍ୟକ୍ତିଚେତନାର ନିର୍ଦ୍ଦେଶକୁ ପାଳନ କଲା, ସର୍ବାଧିକ କ୍ଷେତ୍ରରେ ଚୈତ୍ୟ ଏବଂ ମାନସିକ ଚେତନାର ନିର୍ଦ୍ଦେଶଗୁଡ଼ିକୁ ପାଳନ କଲା (ମାତ୍ର ମନଟା ଦୀର୍ଘକାଳ ଧରି ଏକାବେଳେକେ ନୀରବ ହୋଇ ରହିଛି) । ମାତ୍ର ବର୍ତ୍ତମାନ ଭୌତିକ ମନଟାହିଁ ଅନ୍ୟଟି ପରି, ବା, ଅଧିକ ଯୁକ୍ତିଯୁକ୍ତ ଭାବରେ କହିଲେ, ଅନ୍ୟ ସମସ୍ତଙ୍କ ପରି ଆପଣାକୁ ସଂଗଠିତ କରିବାରେ ଏକାବେଳେକେ ବ୍ୟସ୍ତ ହୋଇ ରହିଛି, ତା'ର ବିଭିନ୍ନ ଅବସ୍ଥାରେ ମନଟି ପରି ତାହା ବ୍ୟସ୍ତ ହୋଇ ରହିଛି ।

ଏହାଦ୍ୱାରା ନିର୍ଦ୍ଦେଶନାକାରୀ ଇଚ୍ଛାଶକ୍ତିର ସତେଅବା ଏକ ସ୍ଥାନାପସରଣ ଘଟିବାରେ ଲାଗିଛି । ଏବଂ, ଭୌତିକ ଓ ଶାରୀରିକ ଦୃଷ୍ଟିରୁ ବିଚାର କଲେ ସେହି କ୍ଷେତ୍ରରେ ପ୍ରାୟ ଏକ ବିସ୍ମୟହିଁ ଘଟୁଛି । ଏବଂ, ନୂତନ ଗତିଦିଗଟି ସହିତ ଆପଣାକୁ ଏକାତ୍ମକ କରି ରଖିବାର ଆବଶ୍ୟକତାଟି କିଞ୍ଚିତ୍ କଷ୍ଟକର ପରି ବୋଧ ହେଉଛି । ସେହି କଥାଟିକୁ ବୁଝାଇ କହିଦେବା ମଧ୍ୟ ଆଦୌ ସହଜ ନୁହେଁ ।... କାରଣ, ଏହି କ୍ଷେତ୍ରରେ ସେହି ଏକା ବସ୍ତୁଟି ମୋତେ ତୁମକୁ କର୍ମରେ ପ୍ରବୃତ୍ତ କରାଉ ନାହିଁ । କର୍ମରେ ପ୍ରବୃତ୍ତ ହେବା କହିଲେ ଏଠାରେ ସବୁକିଛିକୁ ବୁଝାଉଛି;— ଗତିଶୀଳ ହେବା, ଚାଲିବା ଓ ସେହିପରି ଯାବତୀୟ ଯେକୌଣସି କଥାକୁ ବୁଝାଉଛି । ସେହି ଏକା କେନ୍ଦ୍ରଟିରୁ ଆଉ ମୋତେ ଏସବୁ ହେଉ ନାହିଁ । ଏବଂ, ସେହି ପରିସ୍ଥିତିରେ, ଯଦି ଅଭ୍ୟାସରେ ପଡ଼ି ତୁମେ ସେହି ପୁରୁଣା କେନ୍ଦ୍ରଟାକୁ କାମୁଡ଼ି ପଡ଼ିରହିବାକୁ ଚେଷ୍ଟା କରୁଥିବ, ତେବେ ତଦ୍ୱାରା ଏକ ଭାରି ବିଷମ ସ୍ଥିତି ଆସି ଉପୁଜିବ, ଏବଂ ତୁମେ ଅତ୍ୟନ୍ତ ସାବଧାନ ରହିଥିବ, ଯେପରିକି ସେହି ଅଭ୍ୟାସ — ସେହି ପୁରୁଣା ଅଭ୍ୟାସଟା ଆପଣାକୁ ଅଭିବ୍ୟକ୍ତ କରିବାକୁ ଓ ରୂପାୟିତ ହେବାକୁ ମୋଟେ କୌଣସି ଉଦ୍ୟମ ନ କରିବ ।

ଏସବୁ ଶବ୍ଦରେ ପ୍ରକାଶ କରିବା ମୋତେ ସହଜ ନୁହେଁ । ଏହା ଏବେ ମଧ୍ୟ ଅତିରିକ୍ତ ପରିମାଣରେ କେବଳ ଏକ କାର୍ଯ୍ୟର ଅବସ୍ଥାରେହିଁ ରହିଛି ।

ଏଠି ଏହି ମସ୍ତିଷ୍କ ଭିତରେ ଭାବନା ମଧ୍ୟ ଆପଣାକୁ ସହଜରେ ଅନୁକୂଳିତ କରାଇନେଇ ପାରୁ ନାହିଁ ।

କାରଣ ଦୁଇଦିନ ଧରି (ଲାଗ୍‌ଲାଗ୍ ଦୁଇଦିନ ଧରି) ସର୍ବଦା ଏହି ଅଭୀପ୍ସାଟିହିଁ

ଆପଣାକୁ ଅଧିଷ୍ଠିତ କରି ରଖିଥିଲା : ''ଏହି ନୂତନ ଜଗତ ସ୍ଥୂଳଭାବରେ ଆବିର୍ଭୂତ ହେଲେ ପ୍ରକୃତରେ କିଭଳି ଆପଣାକୁ ରୂପାୟିତ କରିବ ? ଏହି ନୂତନ ଜଗତ ପ୍ରକୃତରେ କିଭଳି ହେବ ?'' ଏବଂ, ତଦ୍ଦ୍ୱାରା ମୁଁ ଏତେଦୂର ଆପଣାର ''ଅନ୍ତର୍ଗତ'' ସ୍ତରରେ ଯାଇ ବାସ କରୁଥିଲି ଯେ ମୁଁ...ମୁଁ... ମୋଟେ ଦୂରକୁ ଚାଲି ଯାଇ ନ ଥିଲି ସତ, ମାତ୍ର ବର୍ତ୍ତମାନର ଏହି ପୃଥିବୀ ଓ ମୋ ଭିତରେ ସତେଅବା ଗୋଟାଏ ଅନିଶ୍ଚୟତାର ଅତିମୋଟା କମ୍ବଳ ଅନ୍ତରାୟ ହୋଇ ରହିଥିଲା । ଆଜି ମଧ୍ୟ ତାହା ଠିକ୍ ସେହିପରି ହୋଇ ରହିଛି ।

(*ମାଆ ନୀରବ ରହିଲେ*)

ଉଦାହରଣ ସ୍ୱରୂପ, ଆଜି ସକାଳେ ବେଶ୍ କେତେଥର ପାଇଁ ଓ ବେଶ୍ କେତେ ସମୟ ଧରି (ଠିକ୍ କେତେ ସମୟ ଧରି, ମୁଁ ସେକଥା ନିର୍ଦ୍ଦିଷ୍ଟ ଭାବରେ କହିପାରିବି ନାହିଁ; ମାତ୍ର ଆଦୌ ଅଳ୍ପ ସମୟ ପାଇଁ ନୁହେଁ, ପ୍ରାୟ ପନ୍ଦର ମିନିଟ ପାଇଁ, ହୁଏତ ଅଧଘଣ୍ଟା ପାଇଁ) ଶରୀରର କୋଷଗୁଡ଼ିକ, ଅର୍ଥାତ୍ ଶରୀରର ଏହି ଆକାରଟି ଏପରି ଏକ ଅଭିଜ୍ଞତା ଲାଭ କଲା ଯେ ତାହାର ଏକତ୍ର ସମାହିତ ହୋଇ ରହିବା କିଂବା ଖଣ୍ଡ ଖଣ୍ଡ ହୋଇ ଭାଙ୍ଗି ପଡ଼ିବା ମୂଳତଃ ଏକ ନିର୍ଦ୍ଦିଷ୍ଟ ଦୃଷ୍ଟିକୋଣ ଉପରେ ନିର୍ଭର କରେ ବୋଲି ତାହା ଅନୁଭବ କରିବାକୁ ଆରମ୍ଭ କଲା । ତାହାକୁ ଏକ ଦୃଷ୍ଟିକୋଣ କୁହାଯାଇ ପାରିବ, ଏକ ଇଚ୍ଛାଶକ୍ତି ବି କୁହାଯାଇ ପାରିବ, ହୁଏତ ଏକାଧାରରେ ଏକ ଇଚ୍ଛାଶକ୍ତି ଓ ଏକ ଦୃଷ୍ଟିକୋଣ ବୋଲି କହିହେବ । ଏବଂ, ତୁମେ କେଉଁ ଶକ୍ତିଟି ଦ୍ୱାରା ଗତିଶୀଳ ହେଉଛ, କାର୍ଯ୍ୟ କରୁଛ ବା ଜାଣୁଛ, ତାହାର ଅବବୋଧଟି ବିଷୟରେ କହିବାକୁ ଗଲେ (ବେଳେବେଳେ ତାହା ଏକାବେଳେକେ ଦୁଇଟିଯାକକୁ ବ୍ୟକ୍ତ କରି ଆଣୁଥିଲା;— ଗୋଟିଏ ଅଧିକତର ଭାବରେ ଏକ ସ୍ମୃତି ହୋଇ ରହିଥିଲା ଓ ଆରଟି ଜୀବନରୂପେ ଅନୁଭୂତ ହେଉଥିବା ଏକ ବସ୍ତୁ ପରି ଲାଗୁଥିଲା ।), ପୁରାତନ ଧାରାଟା ଏକ ସ୍ମୃତି ଭାବରେ ଅନୁଭୂତ ହେଉଥିଲା; ଏବଂ, ତୁମେ ସ୍ୱୟଂ ସେହିପରି ମନ ନ କରିବା ପର୍ଯ୍ୟନ୍ତ ଖଣ୍ଡ ଖଣ୍ଡ ହୋଇ ଭାଙ୍ଗି ପଡ଼ିବା ଲାଗି ସ୍ପଷ୍ଟତଃ ଆଦୌ କୌଣସି କାରଣ ନ ଥିଲା,— ଏପରି ଏକ କଥାର ଆଦୌ କୌଣସି ଅର୍ଥ ନାହିଁ, ଏହା ଏକ ନିରର୍ଥକ କଥା; କିଏ କାହିଁକି ଖଣ୍ଡ ଖଣ୍ଡ ହୋଇ ଭାଙ୍ଗି ଯିବାକୁ ମନ କରିବ ?

ଏବଂ ଯଦି, ତୁମେ ଯେତେବେଳେ ପୁଣି ସେହି ପୁରୁଣାଟା ପାଖରେ ପଡ଼ି ରହିବାକୁ ଯିବ,— କଥାଟା ଠିକ୍ ସେହିପରି ମୋଟେ ନୁହେଁ,— ଯେତେବେଳେ ସେହି ପୁରୁଣା ଚେତନାଟି ପୁଣି ତୁମ ପାଖକୁ ଉପରିଭାଗକୁ ଫେରି ଆସୁଥିବ, ସେତେବେଳେ ଯଦି

ତୁମେ ଅତ୍ୟନ୍ତ ସାବଧାନ ନ ରହିବ, ତେବେ ସତେଅବା ତୁମର ଚେତା ବୁଡ଼ିଗଲା ପରି ମନେ ହେବ ।

ପାଞ୍ଚଟା ଆଉ ପାଞ୍ଚଟା ପଞ୍ଚଚାଳିଶ ଭିତରେ ପ୍ରକୃତରେ ସେହିପରି ଏକ ଅବସ୍ଥା ଆସି ପହଞ୍ଚିଥିଲା । ତାହା ପ୍ରକୃତରେ ଏକ ଭାରି ଦୀର୍ଘ ସମୟ ପରି ଲାଗୁଥିଲା ।

**ଯୁଗପତ୍ ଭାବରେ** ସେତେବେଳେ ଜୀବନରେ ସତେଅବା ବାସ୍ତବତା ବୋଲି ଆଦୌ କିଛି ନାହିଁ ବୋଲି ଗୋଟାଏ ପ୍ରକାରର ଭାବ ଆସୁଥିଲା ଏବଂ ଅପର ପକ୍ଷରେ ଏପରି ଏକ ବାସ୍ତବତାର ଅନୁଭୂତି ହେଉଥିଲା, ଯାହାକୁ କି ଶାଶ୍ୱତ ବୋଲି କୁହାଯାଇ ପାରିବ : ସେତେବେଳେ ମୃତ୍ୟୁ ବୋଲି ଏକ ପଦାର୍ଥର ଆଦୌ କୌଣସି ଅନୁଭବ ନ ଥିଲା, ମୃତ୍ୟୁର କୌଣସି ଅର୍ଥହିଁ ନ ଥିଲା,—ମୃତ୍ୟୁ କେବଳ ଏକ ନିର୍ବାଚନର ବସ୍ତୁ ହୋଇ ରହିଥିଲା । ଏବଂ, କୌଣସି ଅର୍ଥ ନ ଥିବା ଏବଂ ନିଜର ଅସ୍ତିତ୍ୱ ଲାଗି ଆଦୌ କୌଣସି ଔଚିତ୍ୟ ବହନ କରୁ ନ ଥିବା ସେହି ବିଘଟନଟି କେବଳ ଏକ ଭ୍ରାନ୍ତି ପରିହିଁ ଲାଗୁଥିଲା ।

ଏବଂ ସେତେବେଳେ ଦେଖିବା, ଅନୁଭବ କରିବା ଓ ଇନ୍ଦ୍ରିୟଗୋଚର କରିବାର ସମଗ୍ର ପୁରାତନ ଧାରାଟି ସତେଅବା ଏକ କମ୍ବଳ ପରି ପଛରେ ପଡ଼ି ରହିଥିଲା,— ଅନିଶ୍ଚୟତାର ଏପରି ଗୋଟାଏ କମ୍ବଳ ପରି ପଡ଼ି ରହିଥିଲା, ଯାହାକୁ ସ୍ପର୍ଶ କଲାବେଳକୁ ସତେଅବା ଭାରି ଅସ୍ପଷ୍ଟ ଓ ଅଡୁଆ ହୋଇ ପଡ଼ିଥିଲା ପରି ଲାଗୁଥିଲା ।

ବର୍ତ୍ତମାନ ସାଧାରଣ ଚେତନାକୁ ଫେରି ଆସିବା ପରେ ମୁଁ ସେହି କଥାଟିକୁ ବ୍ୟକ୍ତ କରି କହିପାରିବି । ତା' ନ ହେଲେ ସେକଥା କରିବା ଭାରି କଷ୍ଟକର ହୋଇପଡ଼ନ୍ତା । ଏବଂ, ଦୁଇଟି ମଧ୍ୟରେ ଯେଉଁ ବିରୋଧ ଏବଂ ବୈପରୀତ୍ୟ ରହିଛି, ତାହା ପ୍ରକୃତରେ ବଡ଼ ଯନ୍ତ୍ରଣାଦାୟକ । ତାହାକୁ ପ୍ରକୃତରେ ଏକ ଦୁଃଖ ବୋଲି କୁହାଯାଇ ପାରିବ । ଏବଂ, ଦୁଇଟିଯାକହିଁ ଅଭିଯୋଗ କରୁଥିବେ : ପୁରୁଣାଟି ସତେଅବା ଚେତନାହତ ହୋଇ ପଡ଼ିଲା ପରି ଅନୁଭବ କରୁଥିବ, ଏବଂ ନୂତନଟି ମୋଟେ ଶାନ୍ତିରେ ରହିପାରୁ ନାହିଁ ବୋଲି ଭାବୁଥିବ । ଯେତେବେଳେ ତୁମେ ଦୁଇଟି ମଧ୍ୟରୁ ଗୋଟିକରେ ଯାଇ ବାସ କରୁଥିବ, ତେବେ ହୁଏତ ସେପରି କିଛି ଅସୁବିଧା ହେବ ନାହିଁ; ମାତ୍ର, ଯେତେବେଳେ ଦୁଇଟିଯାକ ଅବସ୍ଥା ଏକତ୍ର ରହିଥିବେ, ସେତେବେଳେ ତାହା ଆଦୌ ଖୁବ୍‌ବେଶୀ ସୁଖକର ହେବ ନାହିଁ । ଏବଂ ସେହି କ୍ଷେତ୍ରରେ ଅନିଶ୍ଚୟତାର ବି ଏକ ଅନୁଭୂତି ରହିଥିବ । ତୁମେ ପ୍ରକୃତରେ କେଉଁଠାରେ ଅଛ, ଏଇଟିରେ ଅଛ କି ସେଇଟି ଭିତରେ ଅଛ, ସେଇ କଥାଟିକୁ ତୁମେ ମୋଟେ ସୁସ୍ପଷ୍ଟ ଭାବରେ ଜାଣିପାରୁ ନ ଥିବ ।

ମାତ୍ର ଏହି ନୂତନ ପ୍ରବର୍ତ୍ତନକାରୀ ଶକ୍ତିଟି କାର୍ଯ୍ୟକାରୀ ହେବାର ପରିବର୍ତ୍ତିତ ସ୍ଥିତିଟିରେ, ଅଥବା, ଯଦି ଏପରି ଭାବରେ କୁହାଯାଏ, ଶକ୍ତି-ହସ୍ତାନ୍ତରଣର ଏହି ନୂତନ

ସ୍ଥିତି ମୋତେ ଏକ ଅଭୂତପୂର୍ବ ଅନୁଭୂତିର ପରିଣାମ ଆଣି ଦେଇଯାଇଛି । ଏପରି ଆଗରୁ ପ୍ରକୃତରେ ଆଉ କେବେହେଲେ ଘଟି ନ ଥିଲା । ଦୁଃଖର କଥା, ତାହା ଦୀର୍ଘକାଳ ପର୍ଯ୍ୟନ୍ତ ରହି ପାରିଲା ନାହିଁ । ମାତ୍ର ସେହି ଅନୁଭୂତି ମୋ ଶରୀର ଭିତରେ ଗୋଟାଏ ପ୍ରକାର ସୁନିଶ୍ଚୟତାର ଭାବ ଆଣି ଦେଇଯାଇଛି । ଭବିଷ୍ୟତ ବିଷୟରେ ତାହା ବର୍ତ୍ତମାନ ଅପେକ୍ଷାକୃତ କମ୍ ଅନିଶ୍ଚିତ ହୋଇ ପାରିଛି ।

''ଏକଥା ଠିକ୍ ସେହିପରିହିଁ ହେବ'',— ସତେଅବା ଏହି କଥାଟିକୁ କହିବା ଲାଗିହିଁ ଘଟଣାଟି ଘଟିଲା ।

ଯଦି ତାହା ସ୍ଥାୟୀ ହୋଇ ରହେ, ତେବେ ସୁନିଶ୍ଚିତ ଭାବରେ ତାହାକୁହିଁ ଅମରତ୍ୱ ବୋଲି କୁହାଯିବ ।

*କ୍ଷମତାର ହସ୍ତାନ୍ତରଣ ଲାଗି ଭୂମିରୂପେ ବ୍ୟବହୃତ ହୋଇଥିବା ଏହି ଭୌତିକ ମନକୁ ଆପଣ କିପରି ଭାବରେ ବ୍ୟାଖ୍ୟା କରିବେ ?*

ଏହା ଭୌତିକ ମନ ଆଦୌ ନୁହେଁ । ଭୌତିକ ମନ ଅନେକ ଦିନରୁ ପରିବର୍ତ୍ତିତ ହୋଇ ସାରିଲାଣି ।... ଏହାକୁ ଆମେ ଜଡ଼ସ୍ଥ ମନ ବୋଲି କହିବା,— ଏପରିକି ଜଡ଼ସ୍ଥ ମନ ବୋଲି ବି କହି ପାରିବା ନାହିଁ, ଏହାକୁ ଆମେ **ଜଡ଼ର** ମନ ବୋଲି କହିବା । ଏହା ଏପରି ଏକ ମାନସିକ ଉପାଦାନ, ଯାହାକି ମୂଳଭୂତ ଜଡ଼ୋପାଦାନର ଏକ ଅଂଶ, କୋଷଗୁଡ଼ିକର ଏକ ସମ୍ପତ୍ତି । ଏକଦା ତାହାକୁ ''ଆକୃତିର ଭାବଶରୀର'' ବୋଲି କୁହା ଯାଉଥିଲା । ସେତେବେଳେ କୁହା ଯାଉଥିଲା ଯେ, ଏହି ଭାବଶରୀରଟି ରହିଥିବା ଯାଏ ମମିଗୁଡ଼ିକର (mummies) ଶରୀର ମଧ୍ୟ ଅକ୍ଷୁଣ୍ଣ ହୋଇ ରହୁଥିଲା ।* ଏଠାରେ ସେହି ମନଟିର କଥା କୁହାଯାଉଛି, ସମ୍ପୂର୍ଣ୍ଣ ଭାବରେ ଜଡ଼ସ୍ଥ ହୋଇ ରହିଥିବା ସେହି ମନଟି କଥା କୁହାଯାଉଛି । ଅନ୍ୟ ମନଟି ଅର୍ଥାତ୍ ଭୌତିକ ମନଟି ବହୁପୂର୍ବରୁ ସଙ୍ଗଠନବଦ୍ଧ ହୋଇସାରିଥିଲା ।

---

* ୧୦ ମାର୍ଚ୍ଚ ୧୯୫୧ ଦିନ ଦେଇଥିବା ପ୍ରବଚନରେ ମାଆ ମିଶରରେ ଥିବା ପ୍ରାଚୀନ ସମାଧିଗୁଡ଼ିକୁ ଭାଙ୍ଗିଦେବାର ପ୍ରସ୍ତାବଟି ସମ୍ପର୍କରେ କହିଥିଲେ, ''ବାହ୍ୟ ଶରୀରଟି ମଧ୍ୟରେ 'ଭାବଶରୀର'ଟି ନିହିତ ହୋଇ ରହିଛି । ବାହାରର ରୀତି ଅନୁସାରେ ଜଣକୁ ମରିଗଲା ବୋଲି ଘୋଷଣା କରିଦେବା ପରେ ମଧ୍ୟ ଭାବଶରୀର ତଥାପି ନ ମରି ପ୍ରତିଷ୍ଠିତ ରହିଥାଏ । ଏବଂ, ଭାବଶରୀର ରହିଥିବା ପର୍ଯ୍ୟନ୍ତ ଶରୀର ମଧ୍ୟ ବିନଷ୍ଟ ହୋଇଯାଇ ନ ଥାଏ । ପ୍ରାଚୀନ ମିଶର ଏହି ଜ୍ଞାନଟିର ଅଧିକାରୀ ହୋଇଥିଲା; ସେଠି ଲୋକମାନେ ଜାଣିଥିଲେ ଯେ, ଯଦି ସେମାନେ ଏକ ନିର୍ଦ୍ଦିଷ୍ଟ ପ୍ରଣାଳୀରେ ଶରୀରର କର୍ଷଣ କରିପାରିବେ, ତେବେ ଭାବଶରୀର ବାହ୍ୟ ଶରୀରକୁ ଛାଡ଼ି ଆଉ ମୋଟେ ଚାଲିଯିବ ନାହିଁ ଏବଂ ତେଣୁ ଶରୀର ମଧ୍ୟ ସେହିପରି ଅଗଳିତ ଅବସ୍ଥାରେ ରହିଥିବ ।''

*ତେବେ ଜଡ଼ସ୍ଥ ମନ ଏବଂ ଭୌତିକ ମନ ଭିତରେ ପୁଣି କି ପ୍ରଭେଦ ରହିଛି ?*

ଭୌତିକ ମନ ହେଉଛି ଭୌତିକ ବ୍ୟକ୍ତିତ୍ୱର ମନ, ତାହା ଆମ ଶରୀର ଦ୍ୱାରା ଗଠିତ ହୋଇଥାଏ । ଶରୀରର ବୃଦ୍ଧି ଅନୁସାରେ ସେଇଟିର ମଧ୍ୟ ବୃଦ୍ଧି ହୁଏ । ମାତ୍ର ଆମେ ଏହାକୁ ଜଡ଼ର ମନ ବୋଲି କହିପାରିବା ନାହିଁ । ଏଇଟି ହେଉଛି ଆମ ଭୌତିକ ସତ୍ତାର ମନ । ଉଦାହରଣ ସ୍ୱରୂପ, ଏହି ଭୌତିକ ମନରୁହିଁ ପ୍ରକୃତିର ଜନ୍ମ ହୋଇଥାଏ, ଶରୀରର ପ୍ରକୃତି ବା ଭୌତିକ ପ୍ରକୃତି ଜନ୍ମଲାଭ କରିଥାଏ । ଏହି ପ୍ରକୃତିଟି ଅଧିକାଂଶତଃ ବଂଶାନୁଗତ ଉତ୍ତରାଧିକାର ଏବଂ ଶିକ୍ଷା ଦ୍ୱାରା ତିଆରି ହୁଏ । ଏହି ସବୁକିଛିକୁ ଆମେ ''ଭୌତିକ ମନ'' ବୋଲି କହିବା । ହଁ, ଏଇଟି ବଂଶାନୁଗତତାରୁ ଜାତ ହୁଏ, ଶିକ୍ଷାରୁ ଜାତ ହୁଏ, ଶାରୀରିକ ଗଠନରୁ ଜାତ ହୁଏ । ତାହାହିଁ ଆମ ଶାରୀରିକ ପ୍ରକୃତିକୁ ନିର୍ଦ୍ଦିଷ୍ଟ ଆକାର ଦିଏ । ଉଦାହରଣ ସ୍ୱରୂପ, ଅନେକ ଲୋକ ଏପରି ଥାଆନ୍ତି, ଯେଉଁମାନଙ୍କର ଅନେକ ଧୈର୍ଯ୍ୟ ଥାଏ ଓ ଯେଉଁମାନେ ଭାରି ବଳବାନ୍ ହୁଅନ୍ତି । ଏଠାରେ ମୁଁ କେବଳ ଶାରୀରିକ ସ୍ତରର କଥା କହୁଛି, ପ୍ରାଣିକ ଅଥବା ମାନସିକ ଧୈର୍ଯ୍ୟ ଓ ବଳର କଥା ଆଦୌ କହୁ ନାହିଁ । କେବଳ ଶାରୀରିକ ଧୈର୍ଯ୍ୟ ଓ ଶାରୀରିକ ବଳ କଥା କହୁଛି । ସେହି ସ୍ତରରେ ମଧ୍ୟ ତୁମର ଏକ ନିର୍ଦ୍ଦିଷ୍ଟ ପ୍ରକୃତି ରହିଛି । ଏବଂ, ଯାବତୀୟ ପୂର୍ଣ୍ଣାଙ୍ଗ ଯୋଗରେ ଆମେ ଏହାକୁ ମଧ୍ୟ ଏକ ଅଂଶ ବୋଲି ଅବଶ୍ୟ ଗ୍ରହଣ କରିବା । ତୁମକୁ ଏହି ଭୌତିକ ମନର ଶୃଙ୍ଖଳାଟି ମଧ୍ୟଦେଇ ଗତି କରିବାକୁ ହେବ । ମୁଁ ଷାଠିଏ ବର୍ଷ ତଳେ ତାହା କରିଥିଲି ।

*ମାତ୍ର ତେବେ, ଏହି ଯେଉଁ ମନଟି ପ୍ରାୟ ସ୍ୱଭାବନିର୍ଦ୍ଦିଷ୍ଟ ଭାବରେ ପରାଜୟବାଦୀ ହୋଇ ରହିଛି, ଯେଉଁଟି ଭିତରେ ସବୁ ପ୍ରକାରର ଭୟ ଓ ଆଶଙ୍କା ଭର୍ତ୍ତି ହୋଇ ରହିଛି, ଯାହା ସବୁବେଳେ ସବୁଠାରୁ ଖରାପଟାକୁହିଁ ଦେଖୁଛି ଓ ସେହି ପୁରୁଣାଗୁଡ଼ାକର ପୁନରାବୃତ୍ତି କରିବାରେ ଲାଗିଛି, ଏହି ମନଟିକୁ ଭୌତିକ ମନ କୁହାଯିବ ନା ଜଡ଼ସ୍ଥ ମନ ବୋଲି କୁହାଯିବ ?*

ସେଇଟିକୁ ଭୌତିକ ମନର ସବୁଠାରୁ ଅଧିକ ଅଚେତନ ହୋଇ ରହିଥିବା ଏକ ଅଂଶ ବୋଲି କୁହାଯିବ । ତାହାହିଁ ସେତୁଟିଏ ପରି ଭୌତିକ ମନ ଏବଂ ଏହି ଜଡ଼ସ୍ଥ ଉପାଦାନକୁ ଏକତ୍ର ଯୋଡ଼ିକରି ରଖିଛି । ମାତ୍ର ତୁମକୁ ତଥାପି ବୁଝି ରଖିବାକୁ ହେବ ଯେ ଏହି ମନର ଏକ ସଂଗଠିତ ଅବସ୍ଥା ଅନେକ ଆଗରୁ ଆସି ସାରିଛି । ସବୁଠାରୁ ଅଧିକ ଜଡ଼ସ୍ଥହୋଇ

ରହିଥିବା ଉପାଦାନରୂପେ ତାହା ମନକୁ ସ୍ପର୍ଶ କରି ରହିଛି... ଆମେ ଏହି ‘‘ମନ’’କୁ ପ୍ରକୃତରେ କ’ଣ ବୋଲି କହିପାରିବା ? ଏପରିକି, ତାହାକୁ ଶାରୀରିକ ମନ ବୋଲି ବି କୁହାଯିବ ନାହିଁ । ଏଇଟି ହେଉଛି କୋଷ ଗୁଡ଼ିକର ମନ, ଏହା କୋଷଗତ ମନ ।

ଇତର ପ୍ରାଣୀମାନଙ୍କ ଭିତରେ ଏହି କୋଷଗତ ମନ ରହିଛି, ଏବଂ ଏପରିକି, ଉଦ୍ଭିଦମାନଙ୍କ ଭିତରେ ମଧ୍ୟ ଏହାର କିୟତ୍ ପରିମାଣରେ ଏକ ଆରମ୍ଭ (ଅତ୍ୟନ୍ତ ଅଳ୍ପ, ପ୍ରାୟ ଏକ ପ୍ରତିଶ୍ରୁତି ସ୍ୱରୂପ) ହୋଇ ସାରିଛି । ସେମାନେ ମଧ୍ୟ ମାନସିକ କ୍ରିୟାଗୁଡ଼ିକୁ ଅନୁସ୍ପନ୍ଦନ ଜଣାଇପାରନ୍ତି । ସେମାନେ ଅବଶ୍ୟ ପ୍ରତିସ୍ପନ୍ଦନ ଜଣାନ୍ତି । ପ୍ରାଣସତ୍ତାର ଆବିର୍ଭାବ ହେବା ସଙ୍ଗେ ସଙ୍ଗେ ମନର ମଧ୍ୟ ପୂର୍ବରୁ ଏକ ପ୍ରତିଶ୍ରୁତି ଅବସ୍ଥିତ ରହିଥାଏ, ମାନସିକ ଗତିକ୍ରିୟା ଅବଶ୍ୟ ରହିଥାଏ । ଏବଂ, ପ୍ରାଣିସ୍ତରକୁ ଆସି ତାହା ପୂର୍ଣ୍ଣ ଭାବରେ ସ୍ପଷ୍ଟ ହୋଇଯାଏ । ଅବଶ୍ୟ ଏକଥା ସତ ଯେ, କେବଳ ମନୁଷ୍ୟ ସ୍ତରରେ ଯାଇ ଏହି ଭୌତିକ ମନର ଯଥାର୍ଥ କାର୍ଯ୍ୟକାରିତା ଆରମ୍ଭ ହୋଇଥାଏ । ସାନ ସାନ ପିଲାମାନଙ୍କ ଭିତରେ ମଧ୍ୟ ଏହି ମନଟି ରହିଥାଏ । ସେମାନେ ଭୌତିକ ମନର ସ୍ପଷ୍ଟ ପରିଚୟ ଦେଇଥାନ୍ତି । ଅର୍ଥାତ୍, ସେହି କାରଣରୁହିଁ ଦୁଇଟି ଶିଶୁ କଦାପି ସମ୍ପୂର୍ଣ୍ଣ ଭାବରେ ଏକାପରି ହୁଅନ୍ତି ନାହିଁ, ଦୁହିଙ୍କ ଭିତରେ ଅବଶ୍ୟ ପାର୍ଥକ୍ୟ ରହିଥାଏ । ଏବଂ, ସର୍ବୋପରି ଏହାହିଁ ତୁମ ଶରୀରର ବିଶେଷ **ଗଠନ**ଟି ସହିତ, ବଂଶାନୁଗତ ଉତ୍ତରାଧିକାର ଦ୍ୱାରା ତୁମକୁ ପ୍ରଦତ୍ତ ହୋଇ ରହିଥାଏ ଓ ଶିକ୍ଷା ଦ୍ୱାରା ତାହାର ପରିପୂର୍ଣ୍ଣ ବିକାଶ ସାଧିତ ହୁଏ ।

ନା — ପୂର୍ଣ୍ଣଯୋଗର ମାର୍ଗ ଗ୍ରହଣ କରିବା ସଙ୍ଗେସଙ୍ଗେ ଏହି ଭୌତିକ ମନଟିର ବି ଅବଶ୍ୟ କର୍ଷଣ କରିବାକୁ ପଡ଼ିଥାଏ । ମାତ୍ର, ମୁଁ ଆଉ ଯେଉଁ କୋଷଗତ ଓ ଜଡ଼ସ୍ଥ ମନଟିର କଥା କହିଲି, ସେଇଟି ହେଉଛି ଅତ୍ୟନ୍ତ ସୁନିଶ୍ଚିତ ଭାବରେ ଏକାବେଳେକେ ଏକ ନୂତନ କଥା ।

ଏହି ମନଟି ଏକ ଅସନ୍ତୁଳିତ ଉପାଦାନ ପରି ହୋଇ ରହିଥିଲା; ତାହା ସର୍ବଦା ସକ୍ରିୟ ହୋଇ ରହିଥିଲା ସତ, ମାତ୍ର ସେଥିରେ କୌଣସି ସଙ୍ଗଠିତତା ନ ଥିଲା (ମାଆ ଏକ ଅବିଚ୍ଛିନ୍ନ ତ୍ରାସଭାବର ସୂଚନା ଦେବା ପରି ଭଙ୍ଗୀ କଲେ) । ବର୍ତ୍ତମାନ ଏଇଟିରହିଁ ସଙ୍ଗଠନ ଚାଲିଛି । ଏହି କଥାଟିକୁହିଁ ଆମେ ମହତ୍ତ୍ୱପୂର୍ଣ୍ଣ ବୋଲି ଜାଣିବା,— କାରଣ ଶ୍ରୀଅରବିନ୍ଦ କହିଛନ୍ତିଯେ, ଏଇଟି କୌଣସି ପ୍ରକାରେ ସଙ୍ଗଠିତ ହେବାର ସମ୍ଭାବନା ଭିତରେ ନ ଥିଲା ଓ ତେଣୁ କେବଳ ତାହାର ଅସ୍ତିତ୍ୱଟିକୁହିଁ ବିଲୁପ୍ତ କରିଦେବାକୁ ପଡୁଥିଲା । ଏବଂ, ମୋର ମଧ୍ୟ ଠିକ୍ ସେହି ଧାରଣାଟି ରହିଥିଲା । ମାତ୍ର, ଯେତେବେଳେ ରୂପାନ୍ତର ଲାଗି କୋଷଗୁଡ଼ିକର କ୍ଷେତ୍ରରେ ଏକ ସତତ କ୍ରିୟା ଆରମ୍ଭ ହୋଇଯାଏ, ସେତେବେଳେ ଯାଇ ଏହି ଜଡ଼ସ୍ଥ ମନ ସଙ୍ଗଠିତ ହେବାକୁ ଆରମ୍ଭ କରେ । ଏହା ପ୍ରକୃତରେ ବଡ଼ ବିସ୍ମୟଜନକ,—

ସେଇଟି ସଙ୍ଗଠିତ ହେବାକୁ ଆରମ୍ଭ କରେ । ଏବଂ, ସଙ୍ଗଠିତ ହେଉଥିବା ସଙ୍ଗେସଙ୍ଗେ ତାହା **ନୀରବ ବି ରହି ଶିଖେ** । ତାହା ପ୍ରକୃତରେ ଏକ ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ କଥା । ତାହା ସ୍ଥିର ହୋଇ ଆସିବାକୁ ଶିଖେ, ନୀରବ ରହି ଶିଖେ ଏବଂ ସେହି ସର୍ବୋଚ୍ଚ ପରମଶକ୍ତିକୁ ନିର୍ବିଘ୍ନ ଭାବରେ କାର୍ଯ୍ୟ କରିବା ଲାଗି ବାଟ ଛାଡ଼ିଦିଏ ।

ଆମର ସ୍ନାୟୁଶରୀରଟି ମଧ୍ୟରେହିଁ ସବୁଠାରୁ ବଡ଼ ଅସୁବିଧାଟି ରହିଥାଏ, କାରଣ ସ୍ନାୟୁଗୁଡ଼ିକ ସେହି ସାଧାରଣ ଚେତନ ଇଚ୍ଛାଟିର ସୀମା ଭିତରେ ବିଚରଣ କରିବାକୁ ଏତେବେଶୀ ଅଭ୍ୟସ୍ତ ହୋଇ ପଡ଼ିଥାନ୍ତି ଯେ, ଯେତେବେଳେ ସେହି ଇଚ୍ଛାଟିର କ୍ରିୟା ବନ୍ଦ ହୋଇଯାଏ ଓ ଉଚ୍ଚତମ ଭୂମିଟିରୁ ଏକ ଅପରୋକ୍ଷ ପରମକ୍ରିୟା ଲାଗି ଯାଚନା କରାଯାଏ, ସେତେବେଳେ ସେଗୁଡ଼ିକ ସତେଅବା ପାଗଳ ପରି ହୋଇଯାଆନ୍ତି । ସେଦିନ ମୋର ଠିକ୍ ଏହିଭଳି ଏକ ଅଭିଜ୍ଞତା ହୋଇଥିଲା । ସେହି ଅଭିଜ୍ଞତାଟି ଘଣ୍ଟାକରୁ ଅଧିକ ସମୟ ପର୍ଯ୍ୟନ୍ତ ରହିଥିଲା ଏବଂ ତଦ୍ଵାରା ଭାରି କଷ୍ଟ ସହିବାକୁ ପଡ଼ିଲା । ମାତ୍ର ସେଥିରୁ ମୁଁ ଅନେକ କିଛି ଶିକ୍ଷା ପାଇଲି, ଅନେକ ଶିକ୍ଷା ପାଇଲି । ଏବଂ ଏହି ସବୁକିଛିକୁ ‘‘ଶକ୍ତିର ସ୍ଥାନାନ୍ତରୀକରଣ’’ ବୋଲି କୁହାଯାଇ ପାରିବ । ପୂର୍ବରୁ ରାଜତ୍ଵ କରୁଥିବା ଶକ୍ତି ଆପଣାକୁ ପ୍ରତ୍ୟାହାର କରିନିଏ । ଏବଂ ତା’ପରେ, ଶରୀର ଦ୍ଵିତୀୟ ଶକ୍ତିଟି ଅନୁସାରେ ନିଜକୁ ଅନୁକୂଳିତ କରି ନେଇପାରିବା ପର୍ଯ୍ୟନ୍ତ, ମଝିରେ ଏକ ସଂକଟପୂର୍ଣ୍ଣ ସ୍ଥିତି ଭିତର ଦେଇ ଗତି କରିବାକୁ ପଡ଼େ । କୋଷଗୁଡ଼ିକ ସମସ୍ତେ ସତତ ଅଭୀପ୍ସାର ଏକ ସ୍ଥିତିରେ ରହିଥିବାରୁ ସେହି ଅବଧିଟି ଅପେକ୍ଷାକୃତ ଅଧିକ ଶୀଘ୍ର ଅତିବାହିତ ହୋଇଯାଏ; ମାତ୍ର ତଥାପି... ଦଣ୍ଡଗୁଡ଼ାକ ସତେଅବା ଗୋଟାଏ ଗୋଟାଏ ଯୁଗ ପରି ମନେ ହୁଏ ।

ମାତ୍ର, କୋଷଗୁଡ଼ିକ ଭିତରେ ଏପରି ଏକ ସୁନିଶ୍ଚୟତା ଅଧିକରୁ ଅଧିକ ପରିମାଣରେ ଅନୁଭୂତ ହେବାରେ ଲାଗିଥାଏ ଯେ, ବର୍ତ୍ତମାନ ଯାହା କିଛି ଘଟୁଛି, ତାହା କେବଳ ସେହି ରୂପାନ୍ତର-ସାଧନ ଓ ନିର୍ଦ୍ଦେଶନାକାରୀ ଶକ୍ତିଟିର ଏହି ସ୍ଥାନାନ୍ତରୀକରଣ ସକାଶେହିଁ ଘଟୁଛି । ଏବଂ, ଜଡ଼ସ୍ଥଭୂମିରେ ଯନ୍ତ୍ରଣାଦାୟକ ହୋଇ ରହିଥିବା (ଶାରୀରିକ ଭୂମିରେ ନୁହେଁ, କେବଳ ଜଡ଼ସ୍ଥ ଭୂମିରେ) ସମୟରେ ମଧ୍ୟ କୋଷଗୁଡ଼ିକର ସେହି ସୁନିଶ୍ଚୟତା ତଥାପି ଅତୁଟ ହୋଇ ରହିଥାଏ । ଏବଂ, ତା’ପରେ ସେମାନେ ପ୍ରତିରୋଧ କରିବାକୁ ବି ଆରମ୍ଭ କରନ୍ତି, ଆଦୌ କୌଣସି ପ୍ରକାରେ ନିରାଶ ହୋଇ ନ ପଡ଼ି ସେମାନେ ସେହି ଯନ୍ତ୍ରଣାକୁ ସହ୍ୟ କରନ୍ତି, କୌଣସି ପ୍ରକାରେ ଆକ୍ରାନ୍ତ ନ ହୋଇ, ରୂପାନ୍ତର ସାଧନ, ରୂପାନ୍ତର ସାଧନାର ପ୍ରକ୍ରିୟା ଏବଂ ନିର୍ଦ୍ଦେଶନାକାରୀ ଶକ୍ତିର ସ୍ଥାନାନ୍ତରୀକରଣର ପ୍ରସ୍ତୁତି ସକାଶେହିଁ ଯେ ସେମାନଙ୍କୁ ଏହି ଯନ୍ତ୍ରଣା ସହିବାକୁ ପଡୁଛି, ଏହିପରି ଏକ ନିଶ୍ଚୟତାପୂର୍ଣ୍ଣ ପ୍ରତ୍ୟୟ ସହିତହିଁ ସେମାନେ ସେହି ଯନ୍ତ୍ରଣା ସହ୍ୟ କରନ୍ତି । ମୁଁ ବର୍ତ୍ତମାନ ଯେପରି କହିଲି,

ସ୍ନାୟୁଗୁଡ଼ିକର ଭୂମିରେହିଁ ଏହି ଅନୁଭୂତି ସବୁଠାରୁ ଅଧିକ ଯନ୍ତ୍ରଣାଦାୟକ ହୋଇଥାଏ । ଏପରି ହେବା ଅତ୍ୟନ୍ତ ସ୍ୱାଭାବିକ, କାରଣ ସେହି କ୍ଷେତ୍ରର କୋଷଗୁଡ଼ିକ ଅତ୍ୟନ୍ତ ସଂବେଦନପ୍ରବଣ ହୋଇ ରହିଥାନ୍ତି ଏବଂ ତେଣୁ ସେଗୁଡ଼ିକର ବୋଧ ସବୁଠାରୁ ଅଧିକ ଉତ୍କଟ ପ୍ରକାରର ହୋଇଥାଏ । ମାତ୍ର ସେଗୁଡ଼ିକର ଗ୍ରହଣଶୀଳତା ମଧ୍ୟ ଅତି ଅଧିକ ପରିମାଣରେ ରହିଥାଏ । ତାହା ଅତ୍ୟନ୍ତ ସ୍ୱତଃପ୍ରେରିତ ହୋଇ ରହିଥାଏ, ସ୍ୱତଃପ୍ରେରିତ ଭାବରେ ଶକ୍ତିଶାଳୀ ହୋଇ ରହିଥାଏ; ନିଜଆଡ଼ୁ କୌଣସି ଉଦ୍ୟମ ନ କରି ମଧ୍ୟ ସେଗୁଡ଼ିକ ସ୍ୱତଃପ୍ରେରିତ ଭାବରେ ସୌଷମ୍ୟଯୁକ୍ତ ଭୌତିକ ସ୍ପନ୍ଦନଟି ଲାଗି ଅତ୍ୟନ୍ତ ଗ୍ରହଣଶୀଳ ହୋଇ ରହିଥାନ୍ତି (ଏହା ଅତି କ୍ୱଚିତ୍ ହୁଏ, ମାତ୍ର କେତେକ ବ୍ୟକ୍ତିଙ୍କ କ୍ଷେତ୍ରରେ ତଥାପି ରହିଥାଏ) । ଏବଂ, ଏହି ଭୌତିକ ସ୍ପନ୍ଦନ, ଯାହାକୁକି ଆମେ ହୁଏତ ଏକ ଭୌତିକ **ଶକ୍ତି** ବୋଲି କହିପାରିବା, ଏହି ସୌଷମ୍ୟଯୁକ୍ତ ଭୌତିକ ସ୍ପନ୍ଦନ (ତାହା ସ୍ୱତଃପ୍ରେରିତ ଭାବରେହିଁ ସୌଷମ୍ୟଯୁକ୍ତ ହୋଇ ରହିଥାଏ, ସେଥିଲାଗି ଏକ ମାନସସ୍ତରୀୟ ସ୍ପନ୍ଦନ ଲାଗି କୌଣସି ପ୍ରୟୋଜନ ନ ଥାଏ । ଉଦାହରଣ ସ୍ୱରୂପ, ଏହାକୁ କୌଣସି ଏକ ଫୁଲର ସ୍ପନ୍ଦନ ସହିତ ତୁଳନା କରାଯାଇ ପାରିବ । ଠିକ୍ ଏହିପରି କେତେକ ଭୌତିକ ସ୍ପନ୍ଦନ ଅଛନ୍ତି, ଯେଉଁମାନେ କି ନିଜ ଭିତରେ ଏକ ସୌଷମ୍ୟଯୁକ୍ତ ଶକ୍ତି ବହନ କରୁଥାନ୍ତି) — ସ୍ନାୟୁଗୁଡ଼ିକ ଅତିରିକ୍ତ ପରିମାଣରେ ସଂବେଦନପ୍ରବଣ ହୋଇ ରହିଥା'ନ୍ତି ଓ ଏହି ସ୍ପନ୍ଦନଟି ପ୍ରତି ଅତ୍ୟନ୍ତ ଗ୍ରହଣଶୀଳ ହୋଇ ଥାଆନ୍ତି, ଯାହାକି ସେମାନଙ୍କୁ ଅବିଳମ୍ବେ ଉଚିତ ସ୍ଥାନରେ ନେଇ ପ୍ରସ୍ଥାପିତ କରି ରଖିଦିଏ ।

ଏହା ପ୍ରକୃତରେ ଭାରି ଆଗ୍ରହୋଦ୍ଦୀପକ, ଏହା ଅନେକ କିଛିର ବ୍ୟାଖ୍ୟା କରିଦେଇ ପାରେ, ଅନେକ ବିଷୟର ବ୍ୟାଖ୍ୟା କରିଦିଏ । ଏପରି ଗୋଟିଏ ଦିନ ଆସିବ, ଯେତେବେଳେ କି ଏହି ସବୁକିଛିର ବ୍ୟାଖ୍ୟା ଉପଲବ୍ଧ ହୋଇ ପାରିବ ଏବଂ ଯଥାସ୍ଥାନରେ ପ୍ରସ୍ଥାପିତ ହୋଇ ପାରିବ । ବର୍ତ୍ତମାନ ସେଗୁଡ଼ିକୁ ଖୋଲି କହିବାର ସମୟ ଆସି ନାହିଁ । ମାତ୍ର ଏହା ପ୍ରକୃତରେ ଅତ୍ୟନ୍ତ ଆଗ୍ରହୋଦ୍ଦୀପକ ।

ମୋର ଯଥାର୍ଥରେ ଏପରି ଏକ ଧାରଣା ରହିଛି ଯେ, ଏହା ଏବେ ସଙ୍ଗଠିତ ହେବାରେ ଲାଗିଛି, ଏହା ସଙ୍ଗଠିତ ହେବାକୁ ଆରମ୍ଭ କଲାଣି ।

ଅତ୍ୟନ୍ତ ସ୍ୱାଭାବିକ କଥା ଯେ, ଆମେ ଏହି କ୍ଷେତ୍ରରେ ଆଦୌ କୌଣସି ମାନସିକ ସଙ୍ଗଠନକୁ ମଝିରେ ଆସି ଠିଆ ହେବାକୁ କଦାପି ଅନୁମତି ଦେବା ନାହିଁ । ସେଥିଲାଗି ମୁଁ ଅତିଗୁଡ଼ାଏ ବ୍ୟାଖ୍ୟା କରି କହି ଦେବାକୁ ଆଦୌ କୌଣସି ଚେଷ୍ଟା କରେ ନାହିଁ । ସେପରି କରିବସିଲେ ହୁଏତ ମନ ଆସି ବାଟ ଉଗାଳି ବସିବ ଓ ତା'ପରେ ଏହା ଆଉ ଅଦୂଷିତ ହୋଇ ରହିପାରିବ ନାହିଁ ।

## ୨୭ ନଭେମ୍ବର ୧୯୬୫

ନଭେମ୍ବର ୨୪, ଦର୍ଶନ ଦିବସରେ ଯେଉଁ ବାଣୀଟିର ବିତରଣ ହୋଇଥିଲା, ତାହାରି ଉପରେ ଟିପ୍ପଣୀ କରି ମାଆଙ୍କର ଏହି ପ୍ରବଚନଟି ଆରମ୍ଭ ହୋଇଛି ।

> *''ବଳ ପ୍ରୟୋଗ କରି ସେହି ଆଲୋକକୁ ନିମ୍ନଦେଶକୁ ଟାଣି କରି ନେଇ ଆସିବାକୁ ଚେଷ୍ଟା କରିବା ପ୍ରକୃତରେ ଏକ ଭୁଲ୍ କଥା । ପରମ ଅତିମାନସ ସତ୍ତାକୁ କଦାପି ବଳର ପ୍ରୟୋଗ ଦ୍ୱାରା ଅଧିକାର କରାଯାଇ ପାରିବ ନାହିଁ । ଯେତେବେଳେ ଉଚିତ ମୁହୂର୍ତ୍ତଟି ପ୍ରସ୍ତୁତ ହୋଇଯିବ, ସେତେବେଳେ ତାହା ଆପେ ଆପେ ଉନ୍ମୋଚିତ ହୋଇ ଆସିବ । ମାତ୍ର, ତା' ପୂର୍ବରୁ ଅନେକ କିଛି କରିବାକୁ ବାକୀ ରହିଛି ଏବଂ ସେହିଗୁଡ଼ିକୁହିଁ କୌଣସି ପ୍ରକାର ତରବରିଆ ଭାବେ ନୁହେଁ ଧୈର୍ଯ୍ୟର ସହିତ ସମ୍ପନ୍ନ କରିବାକୁ ପଡ଼ିବ ।''*
>
> — *ଶ୍ରୀଅରବିନ୍ଦ*

ବିବେକଯୁକ୍ତ ବ୍ୟକ୍ତିମାନଙ୍କ ଲାଗି ଏହି ବାଣୀଟି ଭାରି ଭଲ ହୋଇଛି । ଏହି ବାଣୀଟିକୁ ପାଠ କରି ସେମାନେ କହିବେ, ''ଦେଖିଲ, ଅଲୌକିକ ଭାବରେ କିଛି ଘଟିବ ବୋଲି ସିଏ ଆଦୌ କୌଣସି ପ୍ରତିଶ୍ରୁତି ଦେଇ ନାହାନ୍ତି ।''

> *ଏହି ବାଣୀଟି ଦିଆଯିବାର କାରଣ କ'ଣ ? ପରମସତ୍ତାଙ୍କୁ ''ବଳପ୍ରୟୋଗ କରି ତଳକୁ ଟାଣି ଆଣିବା''କୁ କ'ଣ ଅନେକ ଲୋକଙ୍କ ଭିତରେ ପ୍ରକୃତରେ ଏକ ପ୍ରବୃତ୍ତି ରହିଛି ?*

ଲୋକେ ସବୁବେଳେ ଭାରି ତରତର ହୁଅନ୍ତି । ସେମାନେ ଫଳଗୁଡ଼ାକୁ ଏକାବେଳେକେ ସାଙ୍ଗେସାଙ୍ଗେ ଦେଖିବେ ବୋଲି ଇଚ୍ଛା କରୁଥାନ୍ତି ।

ପୁନଶ୍ଚ, ସେମାନେ ଭାବନ୍ତି ଯେ ସେମାନେ ପରମ ଅତିମାନସ ସତ୍ତାକୁ ବଳ ପ୍ରୟୋଗକରି ତଳକୁ ଟାଣି ଆଣିପାରିବେ । ଏପରି କରି ସେମାନେ କେବଳ କେତେକ କ୍ଷୁଦ୍ର ପ୍ରାଣଗତ ବ୍ୟକ୍ତିତ୍ୱକୁହିଁ ତଳକୁ ଟାଣିଆଣି ପାରିବାକୁ ସମର୍ଥ ହୁଅନ୍ତି । ସେହି ବ୍ୟକ୍ତିତ୍ୱ ସେମାନଙ୍କୁ ଉପହାସ କରିବାକୁ ଲାଗିଥାଏ ଏବଂ ଶେଷରେ ସେମାନେ ଅକୁଶଳ ନିର୍ବୋଧଙ୍କ

ପରି ତାହାରି ଇଙ୍ଗିତରେହିଁ ନାଚିବାରେ ଲାଗନ୍ତି । ଏହାହିଁ ଅଧିକାଂଶ ସମୟରେ ଘଟେ, ଶହେରେ ଅନେଶତ ବାର ଏହାହିଁ ଘଟେ ।

ଏକ କ୍ଷୁଦ୍ର ବ୍ୟକ୍ତିତ୍ୱ – ତାହାକୁ ଆମେ ଏକ ପ୍ରାଣକ୍ଷେତ୍ରର ସତ୍ତା ବୋଲିହିଁ ଜାଣିବା,– ତାହାହିଁ ଏହି ବୃହତ୍ ନାଟକଟିକୁ ଅଭିନୟ କରିବାରେ ଲାଗିଥାଏ ଏବଂ ଏକ ବୃହତ୍ ତାମସାର ସୃଷ୍ଟି କରୁଥାଏ,– ତାହା ଆଲୋକର କେତେକେତେ ନାଟକର ଅଭିନୟ କରୁଥାଏ । ଏବଂ, ବିଚରା ଯେଉଁ ବ୍ୟକ୍ତିଟି ତାହାକୁ ‘‘ତଳକୁ ଟାଣି’’ ଆଣିଥାଏ, ସିଏ ସେଇଥିରେହିଁ ଜଳକା ହୋଇଯାଏ ଏବଂ ‘‘ତାହାହିଁ ହେଉଛି ଅତିମାନସ ପରମସତ୍ତା’’ ବୋଲି କହିବାକୁ ଆରମ୍ଭ କରେ । ସିଏ ଗାତ ଭିତରେ ପଡ଼େ ।

କେବଳ ସେହି ପ୍ରକୃତ ପରମାଲୋକଟି ସହିତ ଏକ ସ୍ପର୍ଶ ଘଟାଇ ପାରିଲେ, ତାହାକୁ କୌଣସି ନା କୌଣସି ପ୍ରକାରେ ଦେଖି ପାରିଥିଲେ ଓ ତାହା ସହିତ ଏକ ସଂପର୍କ ସ୍ଥାପନ କରି ପାରିଥିଲେ ଯାଇ ତୁମେ ପ୍ରାଣିକ ବସ୍ତୁଟାକୁ ସେଇଟିଠାରୁ ଅଲଗା କରି ଚିହ୍ନିବା ଲାଗି ସମର୍ଥ ହେବ, ଏବଂ ତେବେଯାଇ ନିର୍ଭୁଲ୍ ଭାବରେ ଜାଣିପାରିବ ଯେ, ତାହା ସମ୍ପୂର୍ଣ୍ଣ ଭାବରେ କୌଣସି ଏକ ରଙ୍ଗମଞ୍ଚ ଉପରେ ଆଲୋକର ନାନା ଖେଳ ପରି ଆସି ତୁମ ଆଗରେ ପ୍ରତିଭାସିତ ହେବାରେ ଲାଗିଛି, ତାହା ଏକ କୃତ୍ରିମ ଆଲୋକରୂପେ ପ୍ରତିଭାତ ହୋଇ ଉଠୁଛି । ମାତ୍ର, ସେହି ସାମର୍ଥ୍ୟଟିକୁ ଲାଭ କରି ନ ଥିବା ଅନ୍ୟମାନେ ପ୍ରକୃତରେ ସେଇଟିକୁ ଦେଖିହିଁ ଜଳକା ହୋଇ ଯାଆନ୍ତି । ସେମାନଙ୍କୁ ତାହା ଆଖି ଝଲସାଇ ଦେବା ପରି ମନେ ହୁଏ, ‘‘ବିସ୍ମୟକର’’ ବୋଲି ଲାଗେ ଓ ସେମାନେ ପ୍ରତାରିତ ହୁଅନ୍ତି । ଯେତେବେଳେ ତୁମେ **ଦେଖିଥିବ** ଏବଂ ‘ସତ୍ୟ’ ସହ ତୁମର ଏକ ସମ୍ପର୍କ ପ୍ରତିଷ୍ଠା ହୋଇଯାଇଥିବ, କେବଳ ସେତେବେଳେ ଯାଇ ତୁମ ମୁଖରେ ଆନନ୍ଦର ସ୍ମିତହାସ୍ୟ ଦେଖାଦେବ ।

ସେଇଟି ହେଉଛି ପ୍ରତାରଣା; ମାତ୍ର, ପ୍ରତାରଣାକୁ ପ୍ରତାରଣା ବୋଲି ଚିହ୍ନିବାକୁ ହେଲେ ତୁମକୁ ଅବଶ୍ୟ ଅସଲ ସତ୍ୟଟିକୁ ଜାଣିବାକୁ ହେବ ।

ମୂଳତଃ, ଯାବତୀୟ କ୍ଷେତ୍ରରେ ଠିକ୍ ଏହିପରିହିଁ ଘଟିଥାଏ । ପ୍ରାଣିକ ଆୟତନଟିକୁ ଆମେ ଏପରି ଏକ ବୃହତ୍ ମଞ୍ଚ ବୋଲି କହିପାରିବା, ଯେଉଁଠାରେ କି ନାନା ଭଳି କେତେ ନା କେତେ ଅଭିନୟ ଦେଖିବାକୁ ମିଳିଥାଏ । ସେହି ଅଭିନୟଗୁଡ଼ାକ କେଡ଼େ ଆକର୍ଷକ ହୋଇ ରହିଥାଏ, ଆଖିଗୁଡ଼ାକୁ ଝଲସାଇ ଦେଉଥାଏ ଏବଂ ପ୍ରତାରିତ କରେ । କେବଳ ପରମ ସତ୍ୟବସ୍ତୁଟିକୁ ଜାଣିଲେ ଯାଇ ଏଗୁଡ଼ାକୁ ପ୍ରତାରଣା ବୋଲି ଜାଣିବାରେ ଆଉ ଆଦୌ କୌଣସି ବିଳମ୍ବ ଘଟେ ନାହିଁ; ତୁମେ ପ୍ରାୟ ସ୍ୱତଃପ୍ରବୃତ୍ତ ହୋଇ ତାହା ଜାଣିପାର । ସେଥିଲାଗି ଆଦୌ କୌଣସି ଯୁକ୍ତିର ସମର୍ଥନ ଦେବା ଆବଶ୍ୟକ ହୁଏ ନାହିଁ, ଏବଂ ତୁମେ କୁହ : ‘‘ନା – ମୋର ଏଗୁଡ଼ାକ ମୋଟେ ଦରକାର ନାହିଁ’’ ।

ଏବଂ, ପ୍ରତ୍ୟେକ କ୍ଷେତ୍ରରେ ଆମେ ଠିକ୍ ଏହିପରି କହିପାରିବା । ମନୁଷ୍ୟ ଜୀବନର ଭଲ ପାଇବାର କ୍ଷେତ୍ରରେ ତାହାର ପ୍ରକୃତରେ ଏକ ଅତ୍ୟନ୍ତ ଅଧିକ ମହତ୍ତ୍ୱ ରହିଛି । ସେହି କ୍ଷେତ୍ରରେ ପ୍ରାଣଗତ ପ୍ରବଳବାସନା ଏବଂ ପ୍ରାଣଗତ ଆକର୍ଷଣଗୁଡ଼ାକହିଁ ପ୍ରାୟ ସର୍ବତ୍ର ଯଥାର୍ଥ ଅନୁଭବର ସ୍ଥାନଟିକୁ ଆସି ଅଧିକାର କରି ନେଇଛି । ଯଥାର୍ଥ ଅନୁଭବ ଭିତରେ ଆଦୌ କୌଣସି ଅଧୀରତା ନ ଥାଏ, ମାତ୍ର ଅନ୍ୟଟି ତୁମକୁ ଅଧୀର ଓ ଉତ୍ତେଜିତ କରି ରଖେ, ତୁମ ଭିତରେ ସତେଅବା ଗୁଡ଼ାଏ ‘‘ଜୀବନ’’ ରହିଛି ବୋଲି ତୁମକୁ ଏକ ମିଛ ଅନୁଭୂତି ଆଣି ଦେବାରେ ଲାଗିଥାଏ । ତାହା ପ୍ରକୃତରେ ଭାରି ପ୍ରତାରଣାପୂର୍ଣ୍ଣ । ଏବଂ, ଅସଲ ବସ୍ତୁଟି ସହିତ ପରିଚୟ ହୋଇ ନ ଥିବା ପର୍ଯ୍ୟନ୍ତ ତୁମେ ସେଇଟିକୁ ଜାଣିପାର ନାହିଁ, ଅନୁଭବ କରି ପାର ନାହିଁ ଅଥବା ତାହାକୁ ସ୍ପଷ୍ଟ ଭାବରେ ଦେଖି ବି ପାର ନାହିଁ । ଚୈତ୍ୟ ତଥା ଦିବ୍ୟ ସମ୍ମିଳନର ମଧ୍ୟଦେଇ ଯଦି ତୁମେ ଯଥାର୍ଥ ପ୍ରେମର ଆୟତନଟିକୁ ସ୍ପର୍ଶ କରିପାରିଥିବ, ତେବେ ଅନ୍ୟ ପଦାର୍ଥଟି ତୁମକୁ ଗୋଟାସୁଦ୍ଧା ଫମ୍ପା ହୋଇ ଦେଖାଯିବ, ଅତ୍ୟନ୍ତ କୃଶ ଏବଂ ଶୂନ୍ୟ ହୋଇ ଦେଖାଯିବ । କେବଳ ଏକ ପ୍ରତୀତି ଏବଂ ପରିହାସ ପରି ଦେଖାଯିବ,– ଅଧିକାଂଶ ସମୟରେ ପରିହାସପୂର୍ଣ୍ଣ ଅପେକ୍ଷା ଅଧିକ ପରିମାଣରେ ଦୁଃଖମୟ ବୋଲିହିଁ ଦେଖାଯିବ ।

ଏଇଟି ବିଷୟରେ ଆମେ ଯାହାକିଛି କହିବାକୁ ଚେଷ୍ଟା କରୁଥିବା ଏବଂ ତାହାର ସକାରଣ ବ୍ୟାଖ୍ୟାମାନ ବାଢ଼ି ଦେବାକୁ ବାହାରି ଆସୁଥିବା ପଛକେ, ତଦ୍ଦ୍ୱାରା ଆମକୁ ଆଦୌ କୌଣସି ଫଳ ମିଳିବ ନାହିଁ । କାରଣ, ଯେଉଁ ବ୍ୟକ୍ତି ତାହାର ଫାନ୍ଦରେ ଯାଇ ପଡ଼ିଥିବ, ସିଏ ତ ସଙ୍ଗେ ସଙ୍ଗେ କହି ପକାଇବ, ‘‘ଅନ୍ୟମାନଙ୍କ ଜୀବନରେ ଯାହା ଘଟିଲା, ମୋ ଜୀବନରେ ମୋଟେ ତାହା ଘଟିବ ନାହିଁ ।’’ ହଁ, ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଅନ୍ୟମାନଙ୍କର ଜୀବନରେ ଯାହା ଘଟୁଛି, ତୁମ ଜୀବନରେ କଦାପି ଠିକ୍ ସେହି କଥା ଘଟିବ ନାହିଁ । ଆଗ ଅସଲ ଅନୁଭୂତିଟିକୁ ଲାଭ କରିବାକୁ ହେବ, ତେବେ ଯାଇ ସମଗ୍ର ପ୍ରାଣିକ ପ୍ରତୀତିଗୁଡ଼ାକ ସମ୍ପୂର୍ଣ୍ଣ ଭାବରେ ଏକ ତୁଚ୍ଛା ଶୋଭାଯାତ୍ରା ପରି ଦେଖାଯିବ,– ଆଦୌ କୌଣସି ପ୍ରକାରେ ଆକର୍ଷକ ବୋଲି ଦେଖାଯିବ ନାହିଁ ।

ଏବଂ, ଯେତେବେଳେ ତୁମେ ବଳ ପ୍ରୟୋଗ କରି ଟାଣିଆଣିବାରେ ଲାଗିଥିବ, ଶହେରୁ ଅନେଶତ ଥର... ଦଶଲକ୍ଷ ଘଟଣାରୁ କେବଳ ଗୋଟିଏ ଘଟଣାରେ ସେହି ସତ୍-ବସ୍ତୁଟିର ଆକର୍ଷଣ କରାଯାଉଥିବାର ଦେଖିବାକୁ ମିଳେ । ତୁମେ ଯେ ପ୍ରକୃତରେ ପ୍ରସ୍ତୁତ ଥିଲ, ସେଥିରୁ ତାହାହିଁ ପ୍ରମାଣିତ ହେବ । ତା’ ନ ହେଲେ, ଅଧିକାଂଶ କ୍ଷେତ୍ରରେ ତୁମେ କେବଳ ମିଛକଥାଟିକୁ, ଅସଲ ବସ୍ତୁର ଏକ ପ୍ରହସନମୟ ବିକଳ୍ପକୁହିଁ ଟାଣି ଆଣିବାରେ ପ୍ରବୃତ୍ତ ହୋଇ ରହିଥିବ,– ଅସଲ ବସ୍ତୁଟିର ମୋଟେ ପାଖ ମାଡ଼ି ନ ଥିବ ।

ବଳ ପ୍ରୟୋଗ କରି ଟାଣିବା ପଛରେ ସର୍ବଦା ଏକ ଅହଙ୍କାରିତାର ଭାବ ପ୍ରଚ୍ଛନ୍ନ ହୋଇ ରହିଥାଏ । ଏହାକୁ ଅସଲ ଅଭୀପ୍ସାର ଏକ ବିକୃତି ବୋଲିହିଁ କୁହାଯିବ । ଅସଲ ଅଭୀପ୍ସା ହେଉଛି ଏକ ଆତ୍ମଦାନ, ଏକ ଉତ୍ସର୍ଗ; ମାତ୍ର ବଳପ୍ରୟୋଗ କରି ନିଜ ଆଡ଼କୁ ଟାଣିବା ହେଉଛି ସ୍ୱାର୍ଥପ୍ରଣୋଦିତ ଭାବରେ ନିଜ ପାଇଁ କିଛି ଇଚ୍ଛା କରିବା । ତୁମ ମନ ଭିତରେ ହୁଏତ ଏକ ଅପେକ୍ଷାକୃତ ଅଧିକ ପ୍ରଶସ୍ତ ଉଚ୍ଚାକାଙ୍କ୍ଷା ରହିପାରିଥାଏ,— ତୁମେ ହୁଏତ ସାରା ପୃଥିବୀ ବା ବିଶ୍ୱବ୍ରହ୍ମାଣ୍ଡର କଥା ବି ଚିନ୍ତା କରି ପାରୁଥାଅ । ମାତ୍ର ତାହାର ଆଦୌ କୌଣସି ଅର୍ଥ ନ ଥାଏ । ଏଗୁଡ଼ାକ ସବୁକିଛି କେବଳ ସେହି ମାନସିକ ସ୍ତରରେହିଁ ଚାଲିଥାଏ ।

(*ମାଆ ଅନେକ ସମୟ ପର୍ଯ୍ୟନ୍ତ ନୀରବ ରହିଲେ*)

ଦର୍ଶନ ଦିବସ ଦିନ ତୁମେ ବିଶେଷ ଭାବରେ କିଛି ହେଲେ ଅନୁଭବ କରି ନାହଁ ?

*ନା ।*

ସେଦିନ ଶ୍ରୀଅରବିନ୍ଦ ସକାଳୁ ସଞ୍ଜ ପର୍ଯ୍ୟନ୍ତ ଏଠାରେ ଉପସ୍ଥିତ ଥିଲେ । କାରଣ, ପ୍ରାୟ ଘଣ୍ଟାକଠାରୁ ଅଧିକ ସମୟ ଧରି ସିଏ ମୋତେ ସଂଜୀବିତ କରି ରଖିଥିଲେ, ସେହି ନୂତନ ଅର୍ଥାତ୍ ଅତିମାନସ ସୃଷ୍ଟିର ପ୍ରସାରଭୂମିଟି ଉପରେ ମୁଁ ମାନବସମାଜର ସ୍ଥିତି ଏବଂ ମାନବସମୂହର ଏକ ଅନ୍ୟ ଭିନ୍ନ ସ୍ତରର ଦୃଶ୍ୟମୟ ବିସ୍ତାର ଭିତରେ ନିମଗ୍ନ ହୋଇ ରହିଥିଲି । ଏବଂ, ଅତ୍ୟନ୍ତ ସ୍ପଷ୍ଟ, ମୂର୍ତ୍ତ ଓ ଜୀବନ୍ତ ଭାବରେ ମୁଁ ସେଇଟି ଭିତରେ ନିମଗ୍ନ ହୋଇ ରହିଥିଲି ।... ମନୁଷ୍ୟସମାଜର ଯେଉଁ ଅଂଶଟି ଆଉ ସଂପୂର୍ଣ୍ଣ ଭାବରେ ମୋଟେ ପଶୁସ୍ତରରେ ରହି ନାହିଁ, ଯେଉଁ ଅଂଶଟି ମାନସିକ ବିକାଶ ଦ୍ୱାରା ଲାଭବାନ୍ ହୋଇଛି ଏବଂ ଆପଣାର ଜୀବନରେ ଗୋଟାଏ ପ୍ରକାରର ଏକ ସୌଷମ୍ୟ ସୃଷ୍ଟି କରି ପାରିଛି — ସେହି ସୌଷମ୍ୟ ହେଉଛି ପ୍ରାଣିକ ସ୍ତରର, କଳାତ୍ମକ ଓ ସାହିତ୍ୟିକ ସ୍ତରର, ଏବଂ ମନୁଷ୍ୟସୋପାନର ବୃହତ୍, ବହୁସଂଖ୍ୟକ ଅଂଶଟି ତାହାରି ଭିତରେ ଜୀବନ ବଞ୍ଚି ସନ୍ତୁଷ୍ଟ ହୋଇ ରହିଛି,— ସେହି ସମୁଦାୟ ଅଂଶଟି ମୋ ଆଗରେ ପ୍ରସାରିତ ହୋଇ ରହିଥିଲା । ସେମାନେ ସେହି ଆୟତନଟି ମଧ୍ୟରେ ଗୋଟାଏ ପ୍ରକାରର ସୌଷମ୍ୟ ହାସଲ କରି ପାରିଛନ୍ତି, ଏବଂ ତାହାରି ଭିତରେ ସେମାନେ ଜୀବନଟିକୁ ବଞ୍ଚୁଛନ୍ତି । ତାହାର ଏକ ସଭ୍ୟ ପରିପାର୍ଶ୍ୱ ରହିଛି, ଅର୍ଥାତ୍ କେତେକ ପରିମାଣରେ ଏକ ସଂସ୍କୃତିଯୁକ୍ତ ପରିପାର୍ଶ୍ୱ ରହିଛି,— ସେଥିରେ କେତେକ ମାର୍ଜିତ ରୁଚି ରହିଛି ଓ ମାର୍ଜିତ ବିଶ୍ୱାସମାନ ରହିଛି । ଏବଂ, ସେହି

ଜୀବନର ଏକ ନିର୍ଦ୍ଦିଷ୍ଟ ପ୍ରକାରର ସୌନ୍ଦର୍ଯ୍ୟ ବି ରହିଛି ଏବଂ ସେହି ରୁଚି ଓ ବିଶ୍ୱାସଗୁଡ଼ିକ ତାହାରି ଭିତରେ ବେଶ୍ ସ୍ୱାଚ୍ଛନ୍ଦ୍ୟର ସହିତ ଆତଯାତ ହେଉଛନ୍ତି । ଏବଂ, କୌଣସି ଦୁର୍ବିପାକ ଭଳି କିଛି ଗୋଟାଏ ଆସି ନ ଘଟିବା ପର୍ଯ୍ୟନ୍ତ ସେମାନେ ଭାରି ଖୁସି ଓ ତୃପ୍ତି ସହିତ ଜୀବନ ବଞ୍ଚୁଥାନ୍ତି, ସେହି ଜୀବନରେ ସନ୍ତୋଷ ଲାଭ କରୁଥାନ୍ତି । ଏହି ଲୋକମାନଙ୍କୁହିଁ ନୂତନ ଶକ୍ତିଗୁଡ଼ିକ ଦ୍ୱାରା, ନୂତନ ବସ୍ତୁଗୁଡ଼ିକ ଦ୍ୱାରା ଓ ଭବିଷ୍ୟତରେ ଆସୁଥିବା ଜୀବନଟି ଦ୍ୱାରା ଆକୃଷ୍ଟ କରାଯାଇ ପାରିବ (କାରଣ, ସେମାନଙ୍କ ଭିତରେ ଏକ ରୁଚି ରହିଛି ଓ ସେମାନଙ୍କର ବୁଦ୍ଧିଗତ ବିକାଶ ମଧ୍ୟ ହୋଇ ପାରିଛି); ଉଦାହରଣ ସ୍ୱରୂପ, ସେମାନେ ମାନସିକ ଓ ବୁଦ୍ଧିଗତ କ୍ଷେତ୍ରରେ ନିଶ୍ଚୟ ଶ୍ରୀଅରବିନ୍ଦଙ୍କର ଶିଷ୍ୟ ହୋଇ ପାରିବେ । ମାତ୍ର ଏହି ଲୋକମାନେ ଭୌତିକ ସ୍ତରରେ ମୋଟେ କୌଣସି ପରିବର୍ତ୍ତନ ଘଟାଇବାର ଆବଶ୍ୟକତା ଅନୁଭବ କରୁ ନାହାନ୍ତି । ଏବଂ, ଯଦି ଏହି ପରିବର୍ତ୍ତନଟି ଲାଗି ସେମାନଙ୍କୁ ବାଧ୍ୟ କରାଯାଏ, ତେବେ ତାହା ପ୍ରଥମତଃ ଏକ ଅକାଳୋଚିତ କାର୍ଯ୍ୟ ହେବ, ସେପରି କରିବା ପ୍ରକୃତରେ ଅନ୍ୟାୟ ହେବ । ତଦ୍ୱାରା କେବଳ ଏକ ବୃହତ୍ ବିଶୃଙ୍ଖଳାହିଁ ଘଟିବ ଏବଂ ଅତ୍ୟନ୍ତ ଅକାରଣ ଭାବରେ ତଦ୍ୱାରା ସେମାନଙ୍କର ଜୀବନଟା ମଧ୍ୟ ଅତ୍ୟନ୍ତ ବ୍ୟାହତ ଓ ବିଚଳିତ ହୋଇପଡ଼ିବ ।

ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ।

ଏମାନଙ୍କ ବ୍ୟତୀତ ଏପରି କେତେକ ବ୍ୟକ୍ତି ମଧ୍ୟ ରହିଥିଲେ,—ସେମାନେ ସଂଖ୍ୟାରେ ଅତ୍ୟନ୍ତ ବିରଳ,— ଯେଉଁମାନେକି ଇପ୍ସିତ ରୂପାନ୍ତରଟି ଲାଗି ପ୍ରସ୍ତୁତ ହେବା ପାଇଁ, ନୂତନ ଶକ୍ତିଗୁଡ଼ିକୁ ଆକର୍ଷିତ କରି ଆଣିବା ପାଇଁ, ମହାଜଡ଼କୁ ସେହି ରୂପାନ୍ତରର ଅନୁକୂଳ କରିବା ପାଇଁ ଓ ଅଭିବ୍ୟକ୍ତି ଲାଗି ମାର୍ଗଗୁଡ଼ିକର ଅନ୍ୱେଷଣ କରିବା ପାଇଁ ଆବଶ୍ୟକ ଉଦ୍ୟମଟିକୁ କରିବେ ବୋଲି ପ୍ରକୃତରେ ପ୍ରସ୍ତୁତ ଥିଲେ । ସେଇମାନେହିଁ ଶ୍ରୀଅରବିନ୍ଦଙ୍କର ଯୋଗ ଲାଗି ପ୍ରସ୍ତୁତ ଅଛନ୍ତି ବୋଲି କୁହାଯିବ । ସେମାନଙ୍କର ସଂଖ୍ୟା ଅତି ଅଳ୍ପ । ଆଉ ଏପରି ବ୍ୟକ୍ତି ବି ଅଛନ୍ତି, ଯେଉଁମାନଙ୍କ ଭିତରେ ଏକ ଆତ୍ମୋତ୍ସର୍ଗର ଭାବ ବି ରହିଛି ଏବଂ, ଭବିଷ୍ୟତର ଏହି ଇପ୍ସିତ ରୂପାନ୍ତରଟି ଲାଗି ସହାୟକ ଏବଂ ପ୍ରେରକ ବୋଲି ପ୍ରମାଣିତ ହେଉଥିବା ଏକ କଠିନ ଏବଂ ଦୁଃଖମୟ ଜୀବନ ଲାଗି ମଧ୍ୟ ଯେଉଁମାନେ ପ୍ରସ୍ତୁତ ରହିଛନ୍ତି । ମାତ୍ର ଏହି ବ୍ୟକ୍ତିମାନଙ୍କର ଅନ୍ୟମାନଙ୍କୁ ପ୍ରଭାବିତ କରି ଟାଣି ଆଣିବାର ଚେଷ୍ଟା କରିବା ଆଦୌ କୌଣସି ପ୍ରକାରେ ଉଚିତ ହେବ ନାହିଁ ଓ ଆପଣାର ଉଦ୍ୟମରେ ସେମାନଙ୍କୁ ମଧ୍ୟ ଅଂଶୀଦାର କରାଇବାକୁ ଚେଷ୍ଟା କରିବା ଆଦୌ ଉଚିତ ହେବ ନାହିଁ । ଏହା ପ୍ରକୃତରେ ଏକ ଅତ୍ୟନ୍ତ ଅନୁଚିତ କାର୍ଯ୍ୟ ହେବ; କେବଳ ଅନୁଚିତ ନୁହେଁ, ଅତ୍ୟନ୍ତ ପରିମାଣରେ ଏକ ଅକୁଶଳ କାର୍ଯ୍ୟ ବି ହେବ । କାରଣ, ତଦ୍ୱାରା

ବିଶ୍ୱର ଛନ୍ଦରେ ଏବଂ ଗତିରେ ଏକ ବ୍ୟାଘାତ ଉପସ୍ଥିତ ହେବ, ବା, ଅନ୍ତତଃ, ଏହି ପୃଥିବୀର ଗତିଧାରାରେ ଏକ ବ୍ୟାଘାତ ଉପସ୍ଥିତ ହେବ ଏବଂ, ଆଦୌ କୌଣସି ପ୍ରକାରେ ସହାୟକ ହେବା ପରିବର୍ତ୍ତେ ତାହା ନାନା ଦ୍ୱନ୍ଦ୍ୱର କାରଣ ହେବ ଏବଂ ପରିଣାମରେ କେବଳ ଅରାଜକତାହିଁ ଘଟିବ ।

ମାତ୍ର, ଏହି ଦୃଶ୍ୟାନୁଭୂତିଟି ପ୍ରକୃତରେ ଏତେ ଅଧିକ ପରିମାଣରେ ଜୀବନ୍ତ, ଓ ବାସ୍ତବ ହୋଇ ରହିଥିଲା ଯେ, ମୋର ସମଗ୍ର ଦୃଷ୍ଟିକୋଣଟି (ଏହି କଥାଟିକୁ ମୁଁ କିପରି ଶବ୍ଦ ଦେଇ କହି ପାରିବି ? ହୁଏତ ଏହାକୁ ମୁଁ ଏକ ଅକ୍ରିୟ ଦୃଷ୍ଟିକୋଣ ବୋଲି କହିବି, ଯାହା ପଛରେ କି କାରଣରୂପେ ଆଦୌ କୌଣସି ସକ୍ରିୟ ଇଚ୍ଛା ଅବସ୍ଥିତ ନ ଥିଲା), କାର୍ଯ୍ୟର କ୍ଷେତ୍ରରେ ମୁଁ ଗ୍ରହଣ କରି ଆସିଥିବା ସମ୍ପୂର୍ଣ୍ଣ ଅବସ୍ଥିତିଟିହିଁ ତଦ୍ୱାରା ଏକାବେଳେକେ ବଦଳିଗଲା । ଏବଂ ତାହା ମୋତେ ଏକ ଶାନ୍ତି ଆଣି ଦେଇଛି; ଏପରି ଏକ ଶାନ୍ତି, ସ୍ଥିରତା ଏବଂ ବିଶ୍ୱାସ ଆଣି ଦେଇଛି, ଯାହାକୁ କି ସମ୍ପୂର୍ଣ୍ଣ ଭାବରେ ନିର୍ଣ୍ଣାୟକ ଓ ମୀମାଂସକ ବୋଲି କୁହାଯାଇ ପାରିବ । ଏହାଦ୍ୱାରା ପ୍ରକୃତରେ ଏକ ମୀମାଂସକ ପରିବର୍ତ୍ତନ ଘଟିଛି । ଏବଂ, ପୂର୍ବର ସ୍ଥିତିଟିରେ ଯାହା ଏକ ଅନମନୀୟତା, ଅକୁଶଳତା, ଅଚେତନତା ଏବଂ ଯାବତୀୟ ପ୍ରକାରର ନିନ୍ଦନୀୟ ବ୍ୟାପାର ବୋଲି ମନେ ହେଉଥିଲା, ବର୍ତ୍ତମାନ ସେହି ସବୁକିଛି ଅନ୍ତର୍ହିତ ହୋଇଯାଇଛି । ଏହାଦ୍ୱାରା ମୁଁ ସତେଅବା ଏକ ବୃହତ୍ ବିଶ୍ୱାୟତନ ଛନ୍ଦରହିଁ ଦୃଶ୍ୟାନୁଭୂତି ଲାଭ କରି ପାରିଲି, ଯାହା ଭିତରେ କି ପ୍ରତ୍ୟେକ ବସ୍ତୁର ସ୍ୱ ସ୍ୱ ସ୍ଥାନ ରହିଛି ଏବଂ... ସବୁକିଛି ଉଚିତ ପ୍ରକାରେ ସମଗ୍ର ବ୍ୟବସ୍ଥାଟିର ଅଙ୍ଗ ହୋଇ ରହିଛି । ଏବଂ, ରୂପାନ୍ତରର ପ୍ରଚେଷ୍ଟାଟି, ଅତି ଅଳ୍ପସଂଖ୍ୟକ ବ୍ୟକ୍ତିଙ୍କ ଜୀବନ ମଧ୍ୟକୁ ସୀମାବଦ୍ଧ ହୋଇ ଆସି ଏକ **ଅନେକ** ଅଧିକ ପବିତ୍ର ବସ୍ତୁରେ ପରିଣତ ହୋଇଯାଇଛି ଏବଂ ଏକ ଅନେକ ଅଧିକ ଶକ୍ତିଶାଳୀ ଉପଲବ୍ଧିରେ ପରିଣତ ହୋଇ ରହିଛି । ଏହି କ୍ଷେତ୍ରରେ ସତେଅବା ଏଭଳି କେତେ ବ୍ୟକ୍ତିଙ୍କ ଲାଗି ଏକ ନିର୍ବାଚନ ସଂଘଟିତ ହୋଇଯାଇଛି, ଯେଉଁମାନେ କି ନୂତନ ସୃଷ୍ଟି ଲାଗି ପୁରୋଗାମୀର ଭୂମିକା ଗ୍ରହଣ କରିବେ । ଏବଂ, ‘‘ବ୍ୟାପ୍ତ କରିଦେବା’’, ‘‘ପ୍ରସ୍ତୁତ କରିବା’’ ଓ ‘‘ମହାଜଡ଼ର ଭୂମିଟିକୁ ମନ୍ଥନ କରି ହଲାଇଦେବା’’ ପ୍ରଭୃତି ଯାବତୀୟ ଧାରଣା ହେଉଛି କେବଳ ଗୋଟାଏ ପିଲାଳିଆ ଧାରଣା । ଏସବୁ କେବଳ ମାନବ ସ୍ତରରେ ଦେଖାଦେଉଥିବା ଏକ ଚଞ୍ଚଳତା ମାତ୍ର ।

ସେହି ଦୃଶ୍ୟାନୁଭବଟି ପ୍ରକୃତରେ କେଡ଼େ ଅଧିକ ପରିମାଣରେ ମହାନ, ସ୍ଥିର ଓ ସହାସ୍ୟ ହୋଇ ରହିଥିଲା, ତାହା ପ୍ରକୃତରେ ଦିବ୍ୟ ପରମପ୍ରେମରେ ପରିପୂର୍ଣ୍ଣ ହୋଇ ରହିଥିଲା । ଯେଉଁ ଦିବ୍ୟ ପରମପ୍ରେମ ‘‘କ୍ଷମା ଦିଏ ବା ଦୋଷର ମାର୍ଜନା କରେ, ସେଇଟି ମୋତେ ନୁହେଁ । ଏଥିରେ ପ୍ରତ୍ୟେକ ବସ୍ତୁ ତାହାର ଆପଣା ସ୍ଥାନଟିରେ ଯାଇ

ରହିଥାଏ, ଯଥାସମ୍ଭବ ଅଧିକ ପରିପୂର୍ଣ୍ଣ ଭାବରେ ତାହା ଆପଣାର ଅନ୍ତର୍ଗତ ଛନ୍ଦଟିକୁ ଉପଲବ୍ଧି କରିବାରେ ଲାଗିଥାଏ ।

ଏହା ପ୍ରକୃତରେ ଏକ ଅତ୍ୟନ୍ତ ସୌନ୍ଦର୍ଯ୍ୟମୟ ଦାନ ।

ହଁ, ଲୋକେ ଏହିସବୁ କଥାକୁ ଆଂଶିକ ଭାବରେ ନିଶ୍ଚୟ ଜାଣିଥାନ୍ତି, ବୁଦ୍ଧି ଦେଇ ଜାଣିଥାନ୍ତି,— ଗୋଟାଏ ଧାରଣା ପରି ତାହାର ଏକ ଧାରଣା ମଧ୍ୟ କରି ପାରୁଥାନ୍ତି । ସେମାନେ ସେଗୁଡ଼ାକ ସବୁକିଛି ଜାଣିଥାନ୍ତି, ମାତ୍ର ସେଥିରେ ଆଦୌ କୌଣସି ଲାଭ ହୁଏ ନାହିଁ । ତୁମର ଦୈନନ୍ଦିନ ପ୍ରକୃତ ଜୀବନରେ ତୁମେ ଏକାବେଳେକେ ଅନ୍ୟପ୍ରକାର ଜୀବନ ଯାପନ କରିବ, ଏକ ଅଧିକ ଯଥାର୍ଥ ବୋଧ ସହିତ ଆପଣାର ଜୀବନକୁ ବଞ୍ଚିବ । ସେହି କ୍ଷେତ୍ରରେ ତୁମକୁ ସତେଅବା ସକଳ ବସ୍ତୁକୁ ଛୁଇଁ କରି ରହିଥିବା ପରି ମନେ ହେଉଥିବ — ସତେଅବା ଦେଖି ପାରୁଥିବ ଓ ଛୁଇଁ ପାରୁଥିବ,— ସେଗୁଡ଼ିକର ଉଚ୍ଚତର ସ୍ଥିତିରେ ତୁମେ ସେଗୁଡ଼ିକୁ ଦେଖି ଓ ଛୁଇଁ ପାରୁଥିବ ।

ଉଦ୍ଭିଦ-ଜଗତ ଓ ତାହାର ସହଜ ସୌନ୍ଦର୍ଯ୍ୟଟିର ଅନୁଭୂତି ଲାଭ କରିବାର ଏକ ପରବର୍ତ୍ତୀ ସୋପାନରୂପେ ମୁଁ ଏହି ଉପଲବ୍ଧିଟିକୁ ଲାଭ କରିଥିଲି (ସେହି ସୌନ୍ଦର୍ଯ୍ୟକୁ ପ୍ରକୃତରେ ଅଦ୍ଭୁତ ବୋଲି କହିବାକୁ ହେବ), ତା'ପରେ ଏଡ଼େ ସୌଷମ୍ୟଯୁକ୍ତ ଭାବରେ ଆପଣାର ଜୀବନଟିକୁ ବଞ୍ଚୁଥିବା ପ୍ରାଣୀମାନଙ୍କୁ ଅନୁଭବ କଲି (ମଣିଷମାନେ ସେମାନଙ୍କ ଜୀବନ ସହିତ କୌଣସି ହସ୍ତକ୍ଷେପ ନ କରିବା ପର୍ଯ୍ୟନ୍ତ ତାହା ସମ୍ଭବ ହୁଏ) । ଯାହାକିଛି ବସ୍ତୁରୂପେ ଆପଣା ଆପଣାର ସ୍ଥାନରେ ଅବସ୍ଥିତ ରହିଥିଲା, ମୁଁ ସେହି ସବୁକିଛିକୁ ଉପଲବ୍ଧି କରିଥିଲି । ତା'ପରେ ଯଥାର୍ଥ ମନୁଷ୍ୟସମୂହକୁ ମଧ୍ୟ ମନୁଷ୍ୟସମୂହରୂପେ ଉପଲବ୍ଧି କରିଥିଲି; ଅର୍ଥାତ୍, ଏକ ମାନସିକ ଭୂମିରେ ସୌନ୍ଦର୍ଯ୍ୟ, ସୌଷମ୍ୟ, ଆକର୍ଷକତା, ଜୀବନଲାଳିତ୍ୟ, ଜୀବନ ବଞ୍ଚିବାର ରୁଚି ପ୍ରଭୃତିର କ୍ଷେତ୍ରରେ ସର୍ବାଧିକ ଓ ସର୍ବୋତ୍ତମ ଭାବରେ ଯାହାକିଛି ଉପଲବ୍ଧ ହୋଇ ପାରିବ, ମୁଁ ସେହି ସବୁ କିଛିକୁ ଅନୁଭବ କରିଥିଲି । ସୌନ୍ଦର୍ଯ୍ୟ ଦ୍ୱାରାହିଁ ଆପଣାକୁ ପରିବେଷ୍ଟିତ ରଖି ଜୀବନ ବଞ୍ଚିବା ଓ ତେଣୁ, ଅତ୍ୟନ୍ତ ସ୍ୱାଭାବିକ ଭାବରେ, ଯାହାକିଛି ନିମ୍ନ, କୁତ୍ସିତ ଏବଂ ରୁଚିହୀନ ହୋଇ ରହିଛି, ତାହାକୁ ବାହାରକୁ ଆସିବା ଲାଗି ମୋଟେ ବାଟ ଛାଡ଼ି ନ ଦେବା,— ମୁଁ ସେହି ସତ୍ୟଟିକୁ ଅନୁଭବ କରିଥିଲି । ତାହା ହେଉଛି ଏକ ନିଖୁଣ ମାନବସମୂହର ସ୍ଥିତି,— ସର୍ବୋଚ୍ଚ ସ୍ଥାନରେ ପହଞ୍ଚି ମନୁଷ୍ୟସମୂହ ଯେଉଁ ଭଳି ହେବ, ଠିକ୍ ସେହିପରି ଏକ ସ୍ଥିତି, ମାତ୍ର ଏକ ସୌନ୍ଦର୍ଯ୍ୟମୟ ସ୍ଥିତି । ସେହି ସ୍ଥିତିରେ ମାନବସମାଜ ଆପଣାର ମାନବତ୍ୱରେ ପରିପୂର୍ଣ୍ଣ ଭାବରେ ସନ୍ତୁଷ୍ଟହୋଇ ରହିଛି, କାରଣ ତାହା ସେଠାରେ ସୌଷମ୍ୟଯୁକ୍ତ ଭାବରେ ଜୀବନଟିକୁ ବଞ୍ଚି ପାରୁଛି । ଏବଂ, ନୂତନ ସୃଷ୍ଟିର ପ୍ରଭାବମଣ୍ଡଳ ଭିତରକୁ ଆସି ସମଗ୍ର ମାନବଜାତି ଯେଉଁ ଭଳି ଏକ ସ୍ଥିତିର

9

ଅଧିକାରୀ ହେବ, ଏହାକୁ ସମ୍ଭବତଃ ପ୍ରାୟ ତାହାରି ଏକ ପ୍ରତିଶ୍ରୁତି ବୋଲି କୁହାଯାଇ ପାରିବ । ଅତିମାନସ ଚେତନା ମାନବସମାଜକୁ ଯେଉଁ ନୂତନ ରୂପଟିକୁ ଦେବା ଲାଗି ସମର୍ଥ, ଏହାଭିତରେ ମୁଁ ଠିକ୍ ସେହି ରୂପଟିକୁ ଅନୁଭବ କରି ପାରୁଥିଲି । ଆପଣାର ପ୍ରାଣିଗତ ଜୀବଜାତିଟିକୁ ମଣିଷ ପ୍ରକୃତରେ କିପରି କ'ଣ କରି ତିଆରି କରିଛି, ଏଥିରୁ ତାହାର ଏକ ତୁଳନାତ୍ମକ ଚିତ୍ର ମଧ୍ୟ ବେଶ୍ ମିଳି ଯାଉଥିଲା । ଏହା ଅତ୍ୟନ୍ତ ପରିମାଣରେ ବିମିଶ୍ରିତ ହୋଇ ରହିଛି ସତ,– ସେପରି ହେବା ଅତ୍ୟନ୍ତ ସ୍ୱାଭାବିକ,– ମାତ୍ର ତଥାପି ବସ୍ତୁଗୁଡ଼ିକ ଅଧିକ ସଂପୂର୍ଣ୍ଣ ହୋଇ ପାରିଛନ୍ତି, ସେଗୁଡ଼ିକର ସ୍ଥିତିରେ ଉନ୍ନତି ଘଟିଛି ଏବଂ ଅଧିକ ପରିପୂର୍ଣ୍ଣ ଭାବରେ ସେଗୁଡ଼ିକର ସଦ୍‌ବ୍ୟବହାର ବି ହୋଇ ପାରିଛି । ମନୋଭୂମି ଦ୍ୱାରା ପ୍ରଭାବିତ ହୋଇ ପଶୁଧର୍ମ ଅନ୍ୟ ଏକ ବସ୍ତୁରେ ପରିଣତ ହୋଇଛି । ଅବଶ୍ୟ ଏହା ଅତ୍ୟନ୍ତ ସ୍ୱାଭାବିକ ଯେ, ତାହା ଏକ ମିଶ୍ରିତ ରୂପ ଧାରଣ କରିଛି । ମାନସିକ ଭୂମିଟି ସ୍ୱୟଂ ଅସମ୍ପୂର୍ଣ୍ଣ ଭାବରେ ଗଢ଼ା ହୋଇଥିବାରୁ ଏପରି ହୋଇଛି । ଏହିପରି ଭାବରେ ଉତ୍ତମ ଭାରସାମ୍ୟଯୁକ୍ତ ଜନସମୂହ ଗୁଡ଼ିକ ଭିତରେ ସୌଷମ୍ୟଯୁକ୍ତ ମନୁଷ୍ୟତ୍ୱର ମଧ୍ୟ ଦୃଷ୍ଟାନ୍ତମାନ ରହିଛି; ଏବଂ, ଅତିମାନସର ପ୍ରଭାବକୁ ଗ୍ରହଣ କରିବା ପରେ ମନୁଷ୍ୟଜାତି ପ୍ରକୃତରେ କ'ଣ ହୋଇ ପାରିବ, ଏଥିରୁ ତାହାରି ଏକ ଅନୁମାନ କରି ହେଉଥିଲା ।

କେବଳ, ସେହି ସ୍ଥିତିଟି ଆସିବାକୁ ବର୍ତ୍ତମାନ ଦୀର୍ଘକାଳ ବାକୀ ରହିଛି । ତାହା ଅତିଶୀଘ୍ର ଓ ସଙ୍ଗେସଙ୍ଗେ ଆସି ପହଞ୍ଚିଯିବ ବୋଲି ତୁମେ ମୋତେ ଆଶା କରିବ ନାହିଁ । ସେଥିଲାଗି ଦୀର୍ଘକାଳ ବାକୀ ଅଛି ।

ଅତ୍ୟନ୍ତ ସ୍ପଷ୍ଟ ଭାବରେ କୁହାଯାଇ ପାରିବ ଯେ, ବର୍ତ୍ତମାନ ମଧ୍ୟ ସବୁକିଛି କେବଳ ଏକ ମଧ୍ୟବର୍ତ୍ତୀ ଅବସ୍ଥାର ମଧ୍ୟଦେଇ ଗତି କରୁଛି । ଏହି ଅବସ୍ଥାଟି ହୁଏତ ଦୀର୍ଘ କାଳ ଲାଗି ରହିବ ଏବଂ ସମ୍ଭବତଃ ଭାରି ଯନ୍ତ୍ରଣାଦାୟକ ବି ହେବ । ଅବଶ୍ୟ ଏତିକି ସାନ୍ତ୍ୱନାର କଥା ଯେ, ଅଭିଳଷିତ ପରିବର୍ତ୍ତନଟି ଲାଗି ଯେଉଁ ପ୍ରୟାସ କରାଯାଏ, ତାହା ବେଳେ ବେଳେ ବଡ଼ ଯନ୍ତ୍ରଣାପୂର୍ଣ୍ଣ ହୋଇଯାଏ (ଅନେକ ସମୟରେହିଁ ସେପରି ହୋଇଥାଏ) ସତ, ମାତ୍ର ସତେଅବା ଏକ କ୍ଷତିପୂରଣ ସ୍ୱରୂପ, ଆମକୁ ଯେଉଁ ଲକ୍ଷ୍ୟଟି ହାସଲ କରିବାକୁ ରହିଛି ଓ ଯାହାକୁ **ଅବଶ୍ୟ** ହାସଲ କରାଯିବ, ତାହାର ଏକ ସ୍ପଷ୍ଟ ଚିତ୍ର ମଧ୍ୟ ସମ୍ମୁଖରେ ପ୍ରତିଭାତ ହୋଇ ଉଠୁଥାଏ । ତାହା ଆମକୁ ଏକ ନିଶ୍ଚିତ ପ୍ରତିଶ୍ରୁତି ଦେଇ ଯାଉଥାଏ । ମାତ୍ର ସେହି ଚିତ୍ରଟି ଯେତେବେଳେ ବାସ୍ତବରେ ସମ୍ଭବ ହେବ, ସେତେବେଳେ ତାହା ଏପରି ଶକ୍ତିଶାଳୀ ହେବା ଉଚିତ, ଯେପରିକି ସେଥିରେ କୌଣସି ପ୍ରମାଦ ବା ତ୍ରୁଟିବିକୃତି ରହିବ ନାହିଁ, ସେଥିରେ ଏହି ମନୋଗତ କୌଣସି ଅସୁନ୍ଦରତା ମଧ୍ୟ ରହିବ ନାହିଁ । ସେତେବେଳେ ଯାଇ ଏକ ଅତ୍ୟନ୍ତ ସୁଖୀ ମାନବସମାଜ ସମ୍ଭବ ହେବ, ଆପଣାର

ମନୁଷ୍ୟସ୍ଥିତିରେ ତାହା ଅତ୍ୟନ୍ତ ସନ୍ତୁଷ୍ଟ ହୋଇ ରହିବ, ମନୁଷ୍ୟ ବ୍ୟତୀତ ତା'ର ଆଉକିଛି ହେବା ଉଚିତ ଓ ଆବଶ୍ୟକ ଥିଲା ବୋଲି ମୋଟେ ଅନୁଭବ କରିବ ନାହିଁ; ଏକ ମାନବୋଚିତ ସୌନ୍ଦର୍ଯ୍ୟ ଓ ମାନବୋଚିତ ସୌଷମ୍ୟକୁ ଧାରଣ କରି ତୃପ୍ତ ହୋଇ ରହିଥିବ ।

ସମସ୍ତ ଅନୁଭୂତିଟି ବଡ଼ ଚିତ୍ତାକର୍ଷକ ହୋଇ ରହିଥିଲା । ମୁଁ ସତେଅବା ସେହି ଚିତ୍ରଟି ମଧ୍ୟରେହିଁ ବାସ କରୁଛି ବୋଲି ମନେ ହେଉଥିଲା । ସେତେବେଳେ ଯାବତୀୟ ବିରୋଧର ବିଲୁପ୍ତି ଘଟିଥିଲା । ସତେଯେପରି ମୁଁ ଏକ ପରିପୂର୍ଣ୍ଣ ସ୍ଥିତି ଭିତରେ ବାସ କରୁଛି, ଠିକ୍ ସେହିପରି ବୋଧ ହେଉଥିଲା । ଅତିମାନସ ଚେତନା ଯେଉଁ ଆଦର୍ଶଟିର କଳ୍ପନା କରିଛି, ପ୍ରାୟ ସେଇଟି ଫୁଟି ଉଠିଥିବା ପରି ମନେ ହେଉଥିଲା । ମନୁଷ୍ୟସମୂହ ତା' ସମ୍ଭତିର ପରାକାଷ୍ଠାରେ ଆସି ପହଞ୍ଚି ଯାଇଥିବା ପରି ଲାଗୁଥିଲା । ଏବଂ, ଏହି ସବୁକିଛି ଭାରି ଭଲ ଲାଗୁଥିଲା ।

ଏହା ଫଳରେ ଏକ ବୃହତ୍ ଶାନ୍ତିର ଅନୁଭବ ହେଲା । ସକଳ ସଂଘାତ ଓ ସକଳ ସଂଘର୍ଷ ଅନ୍ତର୍ହିତ ହୋଇଗଲା । ମୋଟେ ଧୈର୍ଯ୍ୟ ହରାଇ ପକାଉଥିବା ପରି ଲାଗୁ ନ ଥିଲା । ସେହି ସବୁକିଛି ସମ୍ପୂର୍ଣ୍ଣ ଭାବରେ ଅନ୍ତର୍ହିତ ହୋଇଯାଇଥିଲା ।

*ଅର୍ଥାତ୍, କାର୍ଯ୍ୟଟିକୁ ସର୍ବତ୍ର ଅଳ୍ପ ଅଳ୍ପ କରି ବିଚ୍ଛୁରିତ କରି ନ ରଖି ଆପଣ ତାହାକୁ ସଂକେନ୍ଦ୍ରିତ କରି ରଖିଛନ୍ତି ?*

ନାଇଁ,– ଭୌତିକ ଭୂମିରେ ତାହା ଅବଶ୍ୟ ବିଚ୍ଛୁରିତ ହୋଇ ରହିପାରେ । କାରଣ, ବ୍ୟକ୍ତିମାନେ ଯେ ଏକତ୍ର ଗୋଟିଏ ବିନ୍ଦୁରେ ଅବଶ୍ୟ ଠୁଳ ହୋଇ ରହିବେ, ସେପରି ହେବାର କୌଣସି କାରଣ ନାହିଁ । ମାତ୍ର, ସେହି ବ୍ୟକ୍ତିମାନଙ୍କର ସଂଖ୍ୟା ଅତ୍ୟନ୍ତ ଅଳ୍ପ ।

ନୂତନ ସୃଷ୍ଟି ଲାଗି ମାନବସମାଜକୁ ''ପ୍ରସ୍ତୁତ କରିବାର'' ସେହି ଜରୁରୀ ଆବଶ୍ୟକତା ବିଷୟରେ ଯେଉଁ ଅଧୀର ଭାବ ରହିଥିଲା, ସେଇଟି ଅନ୍ତର୍ହିତ ହୋଇଯାଇଛି ।

*ଆଗ କେତେକଙ୍କ ମଧ୍ୟରେ ତାହାର ଉପଲବ୍ଧି ଘଟିବ ।*

ହଁ, ଠିକ୍ ସେହିପରି ହେବ ।

ହଁ, ଅତ୍ୟନ୍ତ ମୂର୍ତ୍ତ ଭାବରେ ମୁଁ ସବୁକିଛି ଦେଖି ପାରୁଥିଲି । କେତେକ ବ୍ୟକ୍ତି ରହିବେ, ଯେଉଁମାନଙ୍କ ଭିତରେ ରୂପାନ୍ତର ତଥା ଅତିମାନସ ଉପଲବ୍ଧି ଲାଗି କ୍ଷେତ୍ରଗୁଡ଼ିକୁ ପ୍ରସ୍ତୁତ କରି ଆଣିବାର ଯୋଗ୍ୟତା ରହିଥିବ । କହିବା ବାହୁଲ୍ୟ, ଏହି ବ୍ୟକ୍ତିମାନଙ୍କର ସଂଖ୍ୟା ଅତି ଅଳ୍ପ ହେବ । ଏମାନଙ୍କ ବ୍ୟତୀତ ସାଧାରଣ ମନୁଷ୍ୟସମୂହ ଭିତରେ ଅଧିକରୁ

ଅଧିକ ପରିମାଣରେ ଏପରି ଏକ ଅପେକ୍ଷାକୃତ ଅଧିକ ଉଚ୍ଚସ୍ତରର ମନୁଷ୍ୟତ୍ୱ ବିକଶିତ ହୋଇ ଆସିବ, ଯାହାର କି, ଉଦାହରଣ ସ୍ୱରୂପ, ପ୍ରାଣିତ୍ୱର ମାନବତ୍ୱ ପ୍ରତି ବର୍ତ୍ତମାନ ଯେଉଁ ଭଳି ଦୃଷ୍ଟିକୋଣ ରହିଛି; ଭବିଷ୍ୟତର ଅତିମାନସ ସତ୍ତାଟି ପ୍ରତି ବା ବର୍ତ୍ତମାନ ନିର୍ମିତ ହେବାରେ ଲାଗିଥିବା ସେହି ସତ୍ତାଟି ପ୍ରତି ଠିକ୍ ସେହି ଦୃଷ୍ଟିକୋଣଟି ରହିଥିବ । ଯେଉଁମାନେ ରୂପାନ୍ତର ଲାଗି କାର୍ଯ୍ୟ କରୁଛନ୍ତି ଓ ଯେଉଁମାନେ ଏଥିଲାଗି ପ୍ରସ୍ତୁତ ହେଲେଣି, ସେମାନଙ୍କ ବ୍ୟତୀତ ମଧ୍ୟବର୍ତ୍ତୀ ଅବସ୍ଥାର ଏକ ଅପେକ୍ଷାକୃତ ଅଧିକ ଉଚ୍ଚ ମନୁଷ୍ୟସ୍ତର ମଧ୍ୟ ରହିଥିବ, ଯିଏକି ଆପଣା ମଧ୍ୟରେ ବା ଜୀବନ ମଧ୍ୟରେ ପରମ ଜୀବନ ସହିତ ଏହି ସୌଷମ୍ୟଟିର ପରିଚୟ ପାଇ ସାରିଥିବ;– ଏହି **ମାନବସ୍ତରୀୟ** ସୌଷମ୍ୟର ପରିଚୟ ଲାଭ କରିଥିବ, ଉଚ୍ଚରେ ରହିଥିବା କୌଣସି ଏକ ''ସମ୍ପଦ'' ଲାଗି ତାହାର ଆରାଧନା, ଭକ୍ତି ଓ ଆନ୍ତରିକ ଉତ୍ସର୍ଗର ଏକ ଭାବ ଅବଶ୍ୟ ରହିଥିବ । ମାତ୍ର ସେହି ସମ୍ପଦଟି ତାହାକୁ ଏତେବେଶୀ ଉଚ୍ଚ ଓ ତେଣୁ ଅପହଞ୍ଚ ବୋଲି ମନେ ହେଉଥିବ ଯେ ତାହାର ଉପଲବ୍ଧି ଲାଗି ସିଏ କୌଣସି ଉଦ୍ୟମ କରୁ ନ ଥିବ, ମାତ୍ର ସିଏ ତାହାକୁ ପୂଜା କରୁଥିବ ଓ ତାହାର ପ୍ରଭାବ ତଥା ସୁରକ୍ଷାର ଆବଶ୍ୟକତାଟିକୁ ଅବଶ୍ୟ ଅନୁଭବ କରୁଥିବ; ଏହି ପ୍ରଭାବଟିର ଛାୟାତଳେ ଜୀବନ ବଞ୍ଚିବାର ଆବଶ୍ୟକତାକୁ ଅନୁଭବ କରୁଥିବ ଏବଂ ଏହି ସୁରକ୍ଷାଟି ମଧ୍ୟରେ ବାସ କରିବାର ଆନନ୍ଦଟିର ଆବଶ୍ୟକତାକୁ ମଧ୍ୟ ଅନୁଭବ କରୁଥିବ । ଏସବୁକୁ ମୁଁ ଅତି ସ୍ପଷ୍ଟ ଭାବରେ ଦେଖି ପାରୁଥିଲି । ମାତ୍ର ସେଥିରେ ଆଦୌ କୌଣସି ବେଦନା ନ ଥିଲା, କୌଣସି ବସ୍ତୁକୁ ତୁମେ ପାଇବ ବୋଲି ଏତେ ଇଚ୍ଛା କରୁଛ ଅଥଚ ତାହା ତୁମର ହାତରୁ କେବଳ ଖସିଯିବାରେହିଁ ଲାଗିଛି,– ଏଭଳି ଆଦୌ କୌଣସି ଯନ୍ତ୍ରଣା ନ ଥିଲା । ତାହା ତୁମ ହାତରୁ ଖସିଯାଉଛି, କାରଣ ତାହାକୁ ଲାଭ କରିବା ତୁମ ଭାଗ୍ୟରେହିଁ ନାହିଁ, କାରଣ ସେଥିଲାଗି ଆବଶ୍ୟକ ରୂପାନ୍ତରଟି ତୁମ ଜୀବନରେ ଏପର୍ଯ୍ୟନ୍ତ ବି ସମ୍ଭବ ହୋଇ ନାହିଁ,– ଏହିପରି ଭାବନାଗୁଡ଼ାକହିଁ ଏକ ଅସ୍ଥିରତାର କାରଣ ହୋଇଥାଏ ଓ ତାହାହିଁ ଦୁଃଖଭୋଗର କାରଣ ହୁଏ ।

ଉଦାହରଣ ସ୍ୱରୂପ, ଏହି କ୍ଷେତ୍ରରେ ଏପରି ଏକ ମୂର୍ତ୍ତ ଉଦାହରଣ ରହିଛି ଯାହାକି ଅତି ଉତ୍ତମରୂପେ ସମସ୍ୟାଟିର ଉପସ୍ଥାପନା କରିପାରିବ : ମଣିଷମାନଙ୍କ ଭିତରେ ଯେଉଁ ଯୌନ ଆବେଗଟି ରହିଛି, ତାହା ଏକ ସ୍ୱାଭାବିକ ଆବେଗ, ଏକ ସହଜ ଆବେଗ, ଏବଂ ତାହାକୁ ମୁଁ ଏକ ଉଚିତ ଆବେଗ ବୋଲି ମଧ୍ୟ କହିବି । ପ୍ରାଣିତ୍ୱ ଚାଲିଯିବା ସଙ୍ଗେ ସଙ୍ଗେ ଏହି ଆବେଗଟି ମଧ୍ୟ ଅତ୍ୟନ୍ତ ସ୍ୱାଭାବିକ ଓ ସହଜପ୍ରେରିତ ଭାବରେ ଅନ୍ତର୍ହିତ ହୋଇଯିବ । ଆହୁରି ଅନେକ କିଛି ଅନ୍ତର୍ହିତ ହୋଇଯିବ;– ଉଦାହରଣ ସ୍ୱରୂପ, ଖାଦ୍ୟଗ୍ରହଣ କରିବାର ଆବଶ୍ୟକତା ଅନ୍ତର୍ହିତ ହୋଇଯିବ; ଆମେ ଆମର ଏହି ବର୍ତ୍ତମାନ

ସ୍ଥିତିରେ ଯେପରି ଶୋଇବା ଦରକାର କରୁଛୁ, ସମ୍ଭବତଃ ସେପରି ଶୋଇବାର ପ୍ରୟୋଜନ ମଧ୍ୟ ରହିବ ନାହିଁ । ମାତ୍ର ଏକ ଉନ୍ନତ ମନୁଷ୍ୟସତ୍ତା ମଧ୍ୟରେ ଏହି ଯେଉଁ ଆବେଗଟି ସବୁଠାରୁ ଅଧିକ ସଚେତନ ଭାବରେ ବର୍ତ୍ତମାନ ରହିଛି ଏବଂ, ଆନନ୍ଦ କହିଲେ ଅତିବେଶୀ ହୋଇଯିବ,– ଯାହା ତା'ର ଅନେକ ଖୁସୀ ଓ ଅନେକ ହର୍ଷର କାରଣ ହୋଇ ରହିଛି, ତାହାକୁ ଆମେ ସୁନିଶ୍ଚିତ ଭାବରେ ତା'ର ଯୌନ ସକ୍ରିୟତା ବୋଲି ଅବଶ୍ୟ ଜାଣିବା । ଏବଂ, ଯେତେବେଳେ ସେହି ମାର୍ଗରେ ସୃଷ୍ଟି କରିବାର ଆଉ କୌଣସି ଆବଶ୍ୟକତା ନ ଥିବ, ପ୍ରାକୃତିକ ଜୀବନର ସଞ୍ଚରଣ କ୍ଷେତ୍ରରେ ସେତେବେଳେ ସେହି ଆବେଗଟି ତଥାପି ରହିବାର ଆଦୌ କୌଣସି ଆବଶ୍ୟକତା ରହିବ ନାହିଁ । ତେଣୁ, ଜୀବନ ବଞ୍ଚିବାର ଆନନ୍ଦ ସହିତ ସମ୍ବନ୍ଧସ୍ଥାପନ କରିବାର ସାମର୍ଥ୍ୟ ମଧ୍ୟ ସେତେବେଳେ ଗୋଟିଏ ପାହାଚ ଉପରକୁ ଉଠିଯିବ, ଅର୍ଥାତ୍ ତାହା ଅନ୍ୟପ୍ରକାରେ ନିର୍ଦ୍ଦେଶିତ ହୋଇ ରହିବ । ମାତ୍ର ପ୍ରାଚୀନ କାଳର ଅଧ୍ୟାତ୍ମସାଧକ-ମାନେ ଏକ ନୀତି ହିସାବରେ ଯୌନଜୀବନର ପୂର୍ଣ୍ଣବର୍ଜନ ବିଷୟରେ ଯେଉଁ ପରାମର୍ଶ ଦେଇଥିଲେ, ତାହା ପ୍ରକୃତରେ ଏକ ଅସମ୍ଭବ କଥା; କାରଣ, ଯେଉଁମାନେ ବର୍ତ୍ତମାନର ସ୍ଥିତିଟିକୁ ଅତିକ୍ରମ କରିଯାଇଛନ୍ତି ଓ ପ୍ରାଣିତ୍ୱର ଏହି ସ୍ଥିତିରେ ଆଉ ବାସ କରୁନାହାନ୍ତି; କେବଳ ସେହିମାନଙ୍କ ସକାଶେହିଁ ତାହା ଆଚରଣୀୟ ହୋଇପାରିବ । ଏବଂ, ଏହି ଆବେଗ ଓ ବାସନାଟି ଯେତେବେଳେ ଯିବ, ସେତେବେଳେ ଅତ୍ୟନ୍ତ ସ୍ୱାଭାବିକ ଭାବରେହିଁ ଚାଲିଯିବ; ସେଥିଲାଗି କୌଣସି ଉଦ୍ୟମ କରିବାକୁ ପଡ଼ିବ ନାହିଁ, କୌଣସି ସଂଘର୍ଷ ବି କରିବାକୁ ପଡ଼ିବ ନାହିଁ । ତାହାକୁ ନେଇ ଦ୍ୱନ୍ଦ୍ୱ ଓ ସଂଘର୍ଷର ଗୋଟାଏ କେନ୍ଦ୍ର ପ୍ରସ୍ତୁତ କରି ରଖିବା,– ତାହା ପ୍ରକୃତରେ ଏକ ହାସ୍ୟାସ୍ପଦ କଥା । ଚେତନା ଏହି ମାନବିକ ସ୍ତରକୁ ଅତିକ୍ରମ କରିଗଲେ ସେହି ବାସନା ବଳେ ଛାଡ଼ି ଚାଲିଯିବ । ଏହି କ୍ଷେତ୍ରରେ ମଧ୍ୟ ଏକ ମଧ୍ୟବର୍ତ୍ତୀ ଅବସ୍ଥା ରହିଛି ଯାହା ମଧ୍ୟଦେଇ ଗତି କରିବା ବେଶ୍ କଷ୍ଟକର ହୋଇପାରେ; କାରଣ ଯେକୌଣସି ମଧ୍ୟବର୍ତ୍ତୀ ଅବସ୍ଥା ଦେଇ ଗତି କରୁଥିବା ସତ୍ତାମାନେ ସର୍ବଦା ଏକ ଅସନ୍ତୁଳିତ ସମତାବସ୍ଥାରେହିଁ ରହିଥାନ୍ତି । ମାତ୍ର, ତେଣେ ମଣିଷ ଭିତରେ ତଥାପି ଏପରି ଗୋଟିଏ ପ୍ରକାରର ଅଗ୍ନିଶିଖା ଓ  ଏପରି ଗୋଟିଏ ପ୍ରକାରର ଆବଶ୍ୟକତା ରହିଥାଏ,ଯାହାକି ଏହି ଅବସ୍ଥାର ଯାବତୀୟ ଯନ୍ତ୍ରଣାକୁ ଅପହରଣ କରିନିଏ । ତେଣୁ ପ୍ରୟାସଟି ଆଦୌ ଯନ୍ତ୍ରଣାଦାୟକ ହୁଏ ନାହିଁ, ଅତ୍ୟନ୍ତ ପ୍ରସନ୍ନ ଓ ହସ ହସ ମୁଖ ହୋଇ ସେହି ପ୍ରୟାସଟିକୁ କରିବା ସମ୍ଭବ ହୋଇଯାଏ । ମାତ୍ର, ଯେଉଁମାନେ ଏହି ପରିବର୍ତ୍ତନଟି ଲାଗି ପ୍ରସ୍ତୁତ ହୋଇ ନାହାନ୍ତି, ସେମାନଙ୍କ ଉପରେ ଏହି ପ୍ରୟାସଟିକୁ ବଳପୂର୍ବକ ନେଇ ଲଦିଦେବା,– ତାହା ପ୍ରକୃତରେ ଏକ ଅସମ୍ଭବ କଥା ।

ଏହି କଥାଟିକୁ ଆମର ସାଧାରଣ ବୁଝିବାଶକ୍ତି ଦ୍ୱାରା ମଧ୍ୟ ବେଶ୍ ବୁଝିହେବ ।

ସେମାନେ ମଣିଷର ସ୍ତରରେହିଁ ରହିଥାନ୍ତି, ଏବଂ ତେଣୁ, ସେମାନେ ସେହି ସ୍ତରରେ ନାହାନ୍ତି ବୋଲି ଛଳନା କରିବା ମୋଟେ ଉଚିତ ହେବ ନାହିଁ ।

କେବଳ ଯେତେବେଳେ ଅତ୍ୟନ୍ତ ସ୍ୱତଃପ୍ରେରିତ ଭାବରେ ସେହି ଆବେଗଟି ତୁମ ଜୀବନରେ ମୋଟେ ସମ୍ଭବ ହୁଏ ନାହିଁ, ଯେତେବେଳେ ତୁମେ ତାହାକୁ ଆପଣାର ଗଭୀରତର ଆବଶ୍ୟକତାଟି ଦୃଷ୍ଟିରୁ ଏକ ଯନ୍ତ୍ରଣାକର ଓ ବିରୋଧୀ ବସ୍ତୁ ବୋଲି ଅନୁଭବ କରିବାକୁ ଆରମ୍ଭ କର, ସେତିକିବେଳେ ଯାଇ ତାହା ସହଜ ହୋଇଯାଏ । ସେତେବେଳେ ଯାଇ ତୁମେ ବାହାରର କ୍ଷେତ୍ରରେ ମଧ୍ୟ ସୂତାଗୁଡ଼ିକୁ କାଟିଦେବାରେ ସମର୍ଥ ହୁଅ ଏବଂ ତାହାପରେ ତାହା ତୁମକୁ ଛାଡ଼ି ଚାଲିଯାଏ ।

ଏହି ଉଦାହରଣଟି ସବୁଠାରୁ ଅଧିକ ସଫଳ ଭାବରେ ଆମର ହୃଦ୍‌ବୋଧ କରାଇଦେଇ ପାରିବ ।

ଖାଦ୍ୟର କ୍ଷେତ୍ରରେ ମଧ୍ୟ ଠିକ୍ ସେଇ କଥା । ସେହି କ୍ଷେତ୍ରରେ ମଧ୍ୟ ଠିକ୍ ସେହି କଥା ଘଟିବ । ପ୍ରାଣିତ୍ୱ ଅପସାରିତ ହୋଇଗଲେ ଖାଦ୍ୟ ଗ୍ରହଣ କରିବାର ଆବଶ୍ୟକତାଟି ମଧ୍ୟ କଦାପି ଅପରିହାର୍ଯ୍ୟ ହୋଇ ରହିବ ନାହିଁ । ଏବଂ ସମ୍ଭବତଃ ଏହି କ୍ଷେତ୍ରରେ ବି ଗୋଟିଏ ମଧ୍ୟବର୍ତ୍ତୀ ଅବସ୍ଥା ଅବଶ୍ୟ ରହିବ, ଯେତେବେଳେ କି ଅଧିକରୁ ଅଧିକ ସ୍ଥୂଳ ଖାଦ୍ୟ ଗ୍ରହଣ କରିବାକୁହିଁ ଯଥେଷ୍ଟ ବୋଲି ମନେ ହେବ । ଉଦାହରଣ ସ୍ୱରୂପ, ତୁମେ ଫୁଲଗୁଡ଼ିକୁ ଶୁଙ୍ଘୁଥିବା ସମୟରେ ମଧ୍ୟ ତାହା ତୁମ ଲାଗି ଆହାର ପରି କାର୍ଯ୍ୟ କରିବ । ମୁଁ ଏକଥା ପରୀକ୍ଷା କରି ଦେଖିଛି,– ତୁମେ ଏକ ଅଧିକସୂକ୍ଷ୍ମ ଭାବରେ ଆହାର ଗ୍ରହଣ କରିବାକୁ ଆରମ୍ଭ କରିବ ।

ତେଣୁ ଅସଲ କଥା ହେଉଛି ଯେ, ଶରୀର ଏସବୁ ଲାଗି ପ୍ରସ୍ତୁତ ହୋଇ ନ ଥାଏ । ଶରୀର ପ୍ରସ୍ତୁତ ନ ଥାଏ ଓ ତାହାର କ୍ଷୟ ହେବାରେ ଲାଗିଥାଏ । ଅର୍ଥାତ୍, ତାହା ନିଜକୁହିଁ ଖାଇବାରେ ଲାଗିଥାଏ । ଏଇଥିରୁ ପ୍ରମାଣ ହୋଇଯାଉଛି ଯେ ସେହି ସମୟଟି ବର୍ତ୍ତମାନ ଆସି ନାହିଁ, ଏହା କେବଳ ଏକ ଅନୁଭବର ସ୍ତରରେ ରହିଛି । ସେହି ଅନୁଭବ ତୁମକୁ କିଛି ନା କିଛି ଶିକ୍ଷା ଦେଉଛି । ତାହା ଏହି ଶିକ୍ଷାଟିକୁ ଦେଉଛି ଯେ, ଅନୁରୂପ ଜଡ଼ବସ୍ତୁ ସହିତ ସମ୍ପର୍କରେ ଆସିବାକୁ କଦାପି ଏକ ନୃଶଂସ ନେତିଭାବ ବୋଲି କୁହାଯିବ ନାହିଁ,ତାହାଠାରୁ ଆପଣାକୁ ବିଚ୍ଛିନ୍ନ କରି ରଖିଲେ ମଧ୍ୟ ହେବ ନାହିଁ (ନିଜକୁ କଦାପି ବିଚ୍ଛିନ୍ନ କରି ରଖିହେବ ନାହିଁ, ଏହା ଆଦୌ ସମ୍ଭବ ନୁହେଁ), ଏହାକୁ ଏକ ଉଚ୍ଚତର ବା ଅଧିକ ଗଭୀର ଭୂମିରେ ଏକ ସଂପର୍କ ସ୍ଥାପନ ବୋଲିହିଁ କୁହାଯାଇ ପାରିବ ।

(*ମାଆ ନୀରବ ରହିଲେ*)

ଯେଉଁ ବ୍ୟକ୍ତିମାନେ ବୁଦ୍ଧିର ଉଚ୍ଚତର କ୍ଷେତ୍ରଗୁଡ଼ିକରେ ଯାଇ ପହଞ୍ଚି ପାରିଛନ୍ତି ମାତ୍ର ତଥାପି ଆପଣା ଭିତରେ ରହିଥିବା ମାନସିକ ବୃତ୍ତିଗୁଡ଼ିକ ଉପରେ ନିୟନ୍ତ୍ରଣ ଅର୍ଜନ କରି ପାରି ନାହାନ୍ତି, ସେମାନେ ଭାରି ସହଜ ଓ ନିରୀହ ଭାବରେ ଏପରି ଏକ ଆବଶ୍ୟକତାର ଅଧୀନ ହୋଇ ପଡ଼ନ୍ତି ଯେ ଅନ୍ୟସମସ୍ତେ ବି ଠିକ୍ ସେହିମାନଙ୍କ ପରି ଚିନ୍ତା କରିବେ ଓ ଠିକ୍ ସେହିମାନଙ୍କ ପରିହିଁ ସବୁକଥା ବୁଝି ପାରୁଥିବେ । ମାତ୍ର, ଅନ୍ୟମାନେ ବୁଝୁ ନାହାନ୍ତି ଓ ବୁଝି ପାରୁ ନାହାନ୍ତି ବୋଲି ଯେତେବେଳେ ସେମାନେ ଜାଣିବାକୁ ପାଆନ୍ତି, ସେତେବେଳେ ତାହାର ସର୍ବପ୍ରଥମ ପ୍ରତିକ୍ରିୟା ରୂପେ ସେମାନେ ଭୟଙ୍କର ଭାବରେ ବିସ୍ମିତ ହୋଇ ପଡ଼ନ୍ତି, ସତେଅବା କୌଣସି ଧକ୍କା ଖାଇଲା ପରି ଅନୁଭବ କରନ୍ତି । ସେମାନେ ଏଡ଼େବଡ଼ ଚିତ୍କାର କରି ''ସିଏ ଜଣେ କେଡ଼େ ନିର୍ବୋଧ ମଣିଷ'' ବୋଲି କହିବାକୁ ଆରମ୍ଭ କରନ୍ତି । ମାତ୍ର ଅନ୍ୟମାନେ ଆଦୌ ନିର୍ବୋଧ ନୁହନ୍ତି । ସେମାନେ ହେଉଛନ୍ତି ଭିନ୍ନ, ସେମାନେ ଅନ୍ୟ ଏକ ରାଜ୍ୟରେ ବାସ କରୁଥାନ୍ତି । ଗୋଟାଏ ଇତରପ୍ରାଣୀ ପାଖକୁ ଯାଇ ''ତୁ ଗୋଟାଏ ଭାରି ବୋକା !'' ବୋଲି ତୁମେ କେବେହେଲେ କହିବ କି ? ସିଏ କେବଳ ''ଏଇଟି ଏକ ଇତରପ୍ରାଣୀ'' ବୋଲିହିଁ କହିବ । ଠିକ୍ ସେହିପରି ମଣିଷକୁ ମଧ୍ୟ ତୁମେ ''ଇଏ ଜଣେ ମଣିଷ'' ବୋଲି କହିବ । ହଁ, ଜଣେ ମଣିଷ; ମାତ୍ର, ଏପରି ବି କେତେ ମଣିଷ ଅଛନ୍ତି, ଯେଉଁମାନେ କି ଆଉ ମଣିଷର ସ୍ତରରେ ନାହାନ୍ତି ସତ, କିନ୍ତୁ ଦେବତା ମଧ୍ୟ ହୋଇ ନାହାନ୍ତି । ସେମାନେ ଏକ ବଡ଼ ଅକଳିଆ ସ୍ଥିତି ମଧ୍ୟରେ ରହିଛନ୍ତି ।

ମାତ୍ର, ସେହି ଦୃଶ୍ୟାନୁଭୂତିଟି ପ୍ରକୃତରେ ବଡ଼ ଶାନ୍ତିଦାୟକ, ମଧୁର ଓ ଅଦ୍‌ଭୁତ ଥିଲା । ପ୍ରତ୍ୟେକ ବସ୍ତୁ ସେତେବେଳେ ଅତ୍ୟନ୍ତ ସ୍ୱାଭାବିକ ଭାବରେ ଆପଣାର ବସ୍ତୁଗତ ସ୍ୱଭାବଟିକୁ ଅଭିବ୍ୟକ୍ତ କରି ଆଣି ପାରୁଥିଲେ ।

ଏବଂ, ଏକଥା ମଧ୍ୟ ଭାରି ସ୍ପଷ୍ଟ ହୋଇଯାଉଛି ଯେ, ସେହି ଦୃଶ୍ୟାନୁଭବଟିର ବୈପୁଲ୍ୟ ଏବଂ ସମଗ୍ରତା ସହିତ ଆଉ ଏପରି ଏକ କଥା ବି ଉପଲବ୍ଧ ହେବାକୁ ଆରମ୍ଭ କରେ, ଯାହାକୁ କି ଏକ ସହ-ଅନୁଭୂତି ବା ସଂବେଦନା ବୋଲି କୁହାଯାଇ ପାରିବ । ସେହି ସଂବେଦନା ସବୁ ବୁଝିପାରେ । ବଡ଼ମାନେ ନିମ୍ନସ୍ଥମାନଙ୍କ ପ୍ରତି ଯେଉଁ କୃପା ଦେଖାଇବାର ଭାବ ପୋଷଣ କରିଥାନ୍ତି, ଏଠାରେ ତାହାର କଥା ଆଦୌ କୁହାଯାଉ ନାହିଁ । ଏହି ସଂବେଦନା ହେଉଛି ଯଥାର୍ଥରେ ଏକ ଈଶ୍ୱରୀୟ ସଂବେଦନା; ପ୍ରତ୍ୟେକ ମଣିଷ ଯାହା ଅବଶ୍ୟ ହୋଇଥାନ୍ତା, ସିଏ ଠିକ୍ ସେହିପରିହିଁ ହୋଇଛି, ଏହି ସଂବେଦନାକୁ ତାହାର ଏକ ସମଗ୍ର ବୋଧ ବୋଲି କୁହାଯାଇ ପାରିବ ।

## ୨୨ ଜାନୁଆରି ୧୯୬୬

ଆଜି ସକାଳେ ପ୍ରାୟ ଦୁଇଘଣ୍ଟା ଧରି ମୁଁ ଏକ ଆନନ୍ଦମୟ ସ୍ଥିତିର ଅନୁଭୂତି ମଧ୍ୟରେ ବାସ କରୁଥିଲି । ସେତେବେଳେ ଚେତନାର କ୍ଷେତ୍ରରେ ସବୁକିଛି ଏତେ ସ୍ପଷ୍ଟ ହୋଇ ରହିଥିଲା ଯେ ଜୀବନର ଯାବତୀୟ ରୂପାକୃତି — ଯାବତୀୟ ଭୁବନ ଓ ଯାବତୀୟ ମୁହୂର୍ତ୍ତରେ ରହିଥିବା ରୂପାକୃତିଗୁଡ଼ିକ ସତେଅବା ଏକ ସ୍ୱନିର୍ବାଚନର ଅଭିବ୍ୟକ୍ତି ବୋଲିହିଁ ମନେ ହେଉଥିଲା । ପ୍ରତ୍ୟେକେ ଯେଉଁ ପରି ଆକାର ଗ୍ରହଣ କରି ରହିଥିଲେ, ସେମାନେ ସତେଅବା ଠିକ୍ ସେହିପରି ଆକାର ଗ୍ରହଣ କରିବା ଲାଗି ନିଜେ ନିଜେ ବାଛି ନେଇଥିଲେ ।

ଏସବୁ କଥାକୁ ଶବ୍ଦରେ ପ୍ରକାଶ କରି କହିବା ମୋତେ ସହଜ ନୁହେଁ ।... ଜୀବନ ବଞ୍ଚିବା ଭିତରେ ଯେଉଁ ଗୋଟାଏ ପ୍ରକାରର ବାଧ୍ୟ-ବାଧକତା ରହିଥିବା ପରି ଅନେକ ସମୟରେ ବିଶ୍ୱାସ ହୋଇଥାଏ, ସେହି ବାଧ୍ୟବାଧକତା ପାଖରେ ଜଣେ ମଣିଷକୁ ନତମସ୍ତକ ହେବାକୁ ହୋଇଛି ଓ ସିଏ ତାହାକୁ ମାନି ନେଇଛି ବୋଲି ମନେ ହେଉଥାଏ,— ସେତେବେଳେ ସେହି ଭାବଟା ସମ୍ପୂର୍ଣ୍ଣ ଭାବରେ କୁଆଡ଼େ ଅନ୍ତର୍ହିତ ହୋଇ ଯାଇଥିଲା । ଏବଂ, ସମ୍ପୂର୍ଣ୍ଣ ସ୍ୱତଃପ୍ରେରିତ ଏବଂ ସ୍ୱାଭାବିକ ଭାବରେ ଏହିପରି ମନେ ହେଉଥିଲା ଯେ, ଏହି ପୃଥିବୀ ଉପରର ଜୀବନ, ଅନ୍ୟାନ୍ୟ ପୃଥିବୀ ଉପରେ ଆତଯାତ ହେଉଥିବା ଜୀବନ ଏବଂ ଏହି ପୃଥିବୀ ତଥା ଅନ୍ୟ ସକଳ ପୃଥିବୀରେ ଆତଯାତ ହେଉଥିବା ସକଳ ପ୍ରକାରର ଜୀବନ,— ଏସବୁ କେବଳ ଏକ ସ୍ୱନିର୍ବାଚନ ଉପରେହିଁ ଆଧାରିତ ହୋଇ ରହିଛି । ଅର୍ଥାତ୍, ତୁମେ ଏହି ପୃଥିବୀରେ ଯେଉଁ ରୂପ ଗ୍ରହଣ କରିଛ, ତାହାକୁ ତୁମେ ନିଜ ପାଇଁ ନିଜେ ବାଛିଛ; ତୁମେ ଏପରି ହେବ ବା ସେପରି ହେବ, ସେକଥା ତୁମେ ସତତ ସ୍ୱୟଂ ବାଛି ଠିକ୍ କରିବାରେ ଲାଗିଛ । ଗୋଟିଏ ନିର୍ଦ୍ଦିଷ୍ଟ ଘଟଣା କାହିଁକି ଏପରି ଘଟୁଛି ବା ସେପରି ଘଟୁଛି, ସେକଥା ମଧ୍ୟ ତୁମ ନିଜ ନିର୍ବାଚନ ଫଳରେ ଘଟୁଛି । ଅଥବା, ତୁମେ ଏକ ଅଦୃଷ୍ଟ ବା ନିୟତି-ନିର୍ଦ୍ଦିଷ୍ଟତାର ଶାସନରେ ଯେ ବାନ୍ଧିହୋଇ ରହିଛ ଓ ଏକ ଅକାଟ୍ୟ ବିଧାନ ତୁମକୁ ବାଧ୍ୟ କରି ରଖିଛି ବୋଲି ତୁମେ ଯେ ନିଜେ ବିଶ୍ୱାସ କରୁଛ, ସେହି କଥାଟିକୁ ମଧ୍ୟ ତୁମେ ନିଜେ ବିଶ୍ୱାସ କରିବାକୁ ବାଛି ନେଇଛ । ସେତେବେଳେ ମୁଁ ଭାରି ହାଲୁକା ଅନୁଭବ କରୁଥିଲି, ଅତ୍ୟନ୍ତ ମୁକ୍ତ ବି ଅନୁଭବ କରୁଥିଲି ଓ ସବୁକିଛି ମୋ' ଭିତରେ କେବଳ ଏକ ପ୍ରସନ୍ନ ଭାବହିଁ ଆଣି ଦେଉଥିଲା । ଏବଂ, ଯୁଗପତ୍ ଭାବରେ ତାହା ଏକ ଅମିତ ଶକ୍ତି ମଧ୍ୟ ଆଣିଦେଇ ଯାଉଥିଲା । ବାଧ୍ୟବାଧକତା, ନିୟତି-ନିୟନ୍ତ୍ରିତତା ଏବଂ ତା'ଠାରୁ ଆହୁରି ଅଧିକ ପରିମାଣରେ ଏକ ଅଦୃଷ୍ଟ ଦ୍ୱାରା ବାଧ୍ୟ ହୋଇ ରହିବାର ଏକ ଭାବ,— ଏସବୁ ସମ୍ପୂର୍ଣ୍ଣ ଭାବରେ ଅନ୍ତର୍ହିତ ହୋଇ ଯାଇଥିଲା । ସକଳ ରୁଗ୍ଣତା, ସକଳ ଘଟଣା, ସକଳ

ନାଟକ,– ସବୁକିଛି ଅନ୍ତର୍ହିତ ହୋଇ ଯାଇଥିଲା । ଏବଂ, ଏହି ଜାଗତିକ ଜଡ଼ଜୀବନର ଏହି ସ୍ଥୂଳ ଓ ନିର୍ମମ ବାସ୍ତବତାଟା ମଧ୍ୟ ସମ୍ପୂର୍ଣ୍ଣ ଭାବରେ ଅପସରି ଯାଇଥିଲା ।

ଆଜି ସକାଳେ ପ୍ରାୟ ଦେଢ଼ଘଣ୍ଟାରୁ ଅଧିକ ସମୟ ପର୍ଯ୍ୟନ୍ତ ମୁଁ ଏହି ସ୍ଥିତିରେ ରହିଥିଲି । ପରେ ମୋତେ ସେଥିରୁ ବାହାରି ଆସିବାକୁ ବାଧ୍ୟ ହେବାକୁ ପଡ଼ିଲା ।... ମୁଁ ଏପରି ଏକ ସ୍ଥିତିକୁ ଫେରି ଆସିଲି, ଯାହାକି ମୋତେ ଭାରି କୃତ୍ରିମ ମନେ ହେଲା; ମାତ୍ର ଅନ୍ୟମାନଙ୍କ କାରଣରୁ ମୋତେ ବାଧ୍ୟ ହୋଇ ଫେରି ଆସିବାକୁ ହେଲା; ଅନ୍ୟମାନଙ୍କ ସହିତ ରହିଥିବା ମୋ'ର ସମ୍ପର୍କ ଓ ବସ୍ତୁଗୁଡ଼ିକ ସହିତ ଲାଗି ରହିଥିବା ସୂତ୍ରଗୁଡ଼ିକ ସକାଶେ ଫେରି ଆସିବାକୁ ପଡ଼ିଲା । ବାହାରେ ଯେଉଁ ଅଗଣିତ ପରିମାଣର କାର୍ଯ୍ୟଗୁଡ଼ିକୁ ସମ୍ପନ୍ନ କରିବାକୁ ରହିଥିଲା, ତାହାରି ସକାଶେ ଫେରି ଆସିବାକୁ ହେଲା । ମାତ୍ର ସେତେବେଳର ଲବ୍ଧ ଅନୁଭୂତିଟି ପୃଷ୍ଠଭୂମିରେ ତଥାପି ଅବସ୍ଥିତ ରହିଛି । ଏବଂ, ଜୀବନର ଏହିସବୁ ଯାବତୀୟ ନାନା ଜଟିଳତା ପ୍ରତି ଏକ ମନୋରଞ୍ଜକ ମୃଦୁ ହାସ୍ୟଭାବ ଏବେ ମଧ୍ୟ ମହଜୁଦ ରହିଛି । ଆମେ ପ୍ରତ୍ୟେକେ ଯେଉଁ ସ୍ଥିତିରେ ରହିଛୁ, ସେହି ସ୍ଥିତିଟିକୁ ଆମେ ସ୍ୱୟଂ ବାଛିଛୁ ଏବଂ ପ୍ରତ୍ୟେକ ବ୍ୟକ୍ତି ଲାଗି ଏହି ନିର୍ବାଚନଗତ ସ୍ୱାଧୀନତାଟି ଅବଶ୍ୟ ରହିଛି । ମାତ୍ର ଲୋକମାନେ ଏହି କଥାଟିକୁ ଏକାବେଳେକେ ଭୁଲି ଯାଇଛନ୍ତି । ଏହି କଥାଟି ପ୍ରକୃତରେ ଏକ ଭାରି ଚମତ୍କାର କଥା ।

ସେତେବେଳେ ମୁଁ ମନୁଷ୍ୟ ଲାଗି ଉପଲବ୍ଧ ହେଉଥିବା ଜ୍ଞାନର ସମୁଦାୟ ସମତଳଟିକୁ ଦେଖିବାକୁ ପାଇଥିଲି (କାରଣ, ସେହି ସ୍ଥିତିରେ ରହିଥିବା ବେଳେ ମନୁଷ୍ୟର ଯାବତୀୟ ଉପଲବ୍ଧି ଓ ଯାବତୀୟ ଜ୍ଞାନ ସେହି ନୂତନ ସ୍ଥିତିଟିର ସମ୍ମୁଖରେ ସତେଅବା ଏକ ବିସ୍ତୀର୍ଣ୍ଣ ଭୂମି ପରି ଉଦ୍‌ଭାସିତ ହୋଇ ଉଠନ୍ତି । ସେତେବେଳେ ପ୍ରତ୍ୟେକଟି ବିଷୟ ନିଜ ନିଜ ସ୍ଥାନରେ ରହିଥା'ନ୍ତି । ମନ ଭିତରେ ଗୋଟିଏ ଅନୁଭୂତି ଆସି ଉଦୟ ହେଲାବେଳେ ତାହାକୁ ସତେଅବା ପଛକୁ ଅନାଇ ଆବିଷ୍କାର କଲା ପରି ମନେ ହେଉଥାଏ), ସେତେବେଳେ ମୁଁ ଯାବତୀୟ ସିଦ୍ଧାନ୍ତ, ବିଶ୍ୱାସ ଏବଂ ଦର୍ଶନଗୁଡ଼ିକୁ ଦେଖିବାକୁ ପାଇଥିଲି; ସେଗୁଡ଼ିକ ଏହି ନୂତନ ସ୍ଥିତିଟି ସହିତ ଯେପରି ଭାବରେ ସମ୍ବନ୍ଧିତ କରି ରଖିଥିଲେ, ସେହି କଥାଟିକୁ ଦେଖିବାକୁ ପାଇଲି । ଏହା ପ୍ରକୃତରେ ଭାରି ମନୋରଞ୍ଜକ ଥିଲା ।

ଏବଂ ସେହି ଅନୁଭୂତିଗୁଡ଼ିକର ପ୍ରଭାବ କେବଳ ସେତିକିରେହିଁ ଆଦୌ ଶେଷ ହୋଇଯାଏ ନାହିଁ । ସେଗୁଡ଼ିକ ଏତେ ଅଧିକ ମୂର୍ତ୍ତ, ସ୍ୱତଃପ୍ରେରିତ ଏବଂ ବାସ୍ତବ ଭାବରେ (ସେଗୁଡ଼ିକ ତ ଆଦୌ କେବଳ କୌଣସି ଇଚ୍ଛାରୁହିଁ ଉଦ୍‌ଭୂତ ହୋଇ ଆସି ନ ଥାନ୍ତି,– କୌଣସି ଉଦ୍ୟମର ଫଳସ୍ୱରୂପ ସେଗୁଡ଼ିକର ଉଦୟ ହୋଇଥାଏ ବୋଲି ଆହୁରି କମ୍ ଯଥାର୍ଥତାର ସହିତ କୁହାଯାଇ ପାରିବ) ଆସି ଉପସ୍ଥିତ ହୁଅନ୍ତି ଯେ, ସେଗୁଡ଼ିକୁ ଲାଭ କରି ସାରିବା ପରେ ଆଉ କଦାପି ନିଶ୍ଚିନ୍ତ ରହିହୁଏ ନାହିଁ ।

3

ମାତ୍ର, ଯେଉଁ କାରଣରୁ ହେଉ ପଛକେ, ଯେଉଁମାନେ ଏପରି ଏକ ଅନୁଭୂତି ଲାଭ କରିବାକୁ ସମର୍ଥ ହୋଇଛନ୍ତି ଏବଂ ଯେଉଁମାନଙ୍କର ଏଥିଲାଗି ଆଦୌ କୌଣସି ସଂପୂର୍ଣ୍ଣ ଦାର୍ଶନିକ ଅଥବା ମାନସିକ ପୂର୍ବପ୍ରସ୍ତୁତି ନ ଥିଲା (ଏଠାରେ ମୁଁ ସନ୍ଥମାନଙ୍କ କଥା କହୁଛି; ବା, ବସ୍ତୁତଃ ଏକ ଆଧ୍ୟାତ୍ମିକ ଜୀବନ ଯାପନ କରୁଥିବା ବ୍ୟକ୍ତିମାନଙ୍କର କଥା କହୁଛି), ସେମାନେ ଅତ୍ୟନ୍ତ ମୂର୍ତ୍ତ ଓ ବିକଟ ଭାବରେ ଏହି ଜୀବନର ଅପ୍ରକୃତତା ଏବଂ ମାୟାମୟତାକୁ ଅନୁଭବ କରିଥିଲେ । ମାତ୍ର, ଏହାକୁ କେବଳ ଏକ ସଂକୀର୍ଣ୍ଣ ଅନୁଭବ ବୋଲି କୁହାଯିବ । ଏହା ପ୍ରକୃତରେ ସେପରି ନୁହେଁ, ଆଦୌ ସେପରି ନୁହେଁ । **ପ୍ରତ୍ୟେକ କଥାକୁ** କେବଳ ଏକ ସ୍ୱନିର୍ବାଚନ ବୋଲି କୁହାଯିବ । ପ୍ରତ୍ୟେକ – ପ୍ରତ୍ୟେକ କଥାକୁହିଁ କୁହାଯିବ । ଏହା ହେଉଛି ପରମେଶ୍ୱରଙ୍କର ଏକ ନିର୍ବାଚନ, କିନ୍ତୁ ସେ **ଆମରି ଭିତରେ**ହିଁ ଏହି ନିର୍ବାଚନଟିକୁ କରିଛନ୍ତି, ସେଠି ସେଇଆଡ଼େ (*ମାଆ ଉପର ଆଡ଼କୁ ସଙ୍କେତ କରି ଦେଖାଇଲେ*) ସେଇଟିକୁ ମୋଟେ କରି ନାହାନ୍ତି । ଏହିଠାରେହିଁ କରିଛନ୍ତି । ଏବଂ, ଆମକୁ ଏହି ବିଷୟରେ ଆଦୌ କିଛି ଜଣା ନାହିଁ; ମାତ୍ର ଏହି ନିର୍ବାଚନଟି ଏକାବେଳେକେ ଆମ ହୃଦୟ ଭିତରେହିଁ ସଂଘଟିତ ହୋଇଛି । ଏବଂ, ସେହି ଜ୍ଞାନଟି ଉପଲବ୍ଧ ହୋଇଯିବା ପରେ, ଆମେ ମଧ୍ୟ ସେହି ନିର୍ବାଚନର ସାମର୍ଥ୍ୟଟିକୁ ଲାଭ କରିପାରିବା । ଆମେ ନିଜେ ନିଜର ନିର୍ବାଚନ  କରି ପାରିବା । ତାହା ପ୍ରକୃତରେ ଏକ ଅଦ୍ଭୁତ କଥା ।

ହଁ, ସେତେବେଳେ ଜୀବନର ଏହିସବୁ ଯାବତୀୟ ପ୍ରକାରର ଅଦୃଷ୍ଟବାଦ, ବନ୍ଧନ ଏବଂ କଠିନତା କୁଆଡ଼େ ଅନ୍ତର୍ହିତ ହୋଇ ଯାଇଥିଲା । ସବୁକିଛି ଅନ୍ତର୍ହିତ ହୋଇଗଲା । ମୋ ଆଗରେ ସବୁକିଛି ହାଲୁକା ନୀଳରଙ୍ଗ ଓ ହାଲୁକା ଗୋଲାପି ରଙ୍ଗ ହୋଇ ଦେଖା ଯାଉଥିଲା । ସବୁକିଛି ଆଲୋକମୟ, ସ୍ୱଚ୍ଛ ଏବଂ ଋଜୁ ହୋଇ ରହିଥିଲା ।

ମୁଁ ଅତି ଭଲ ଭାବରେ ବୁଝିପାରୁଛି ଯେ, ଏହା ଆଦୌ ଏକ ନିରୁପାଧିକ ବିଷୟ ନୁହେଁ । ଏହାକୁ ଜୀବନର କେବଳ ଗୋଟିଏ ସ୍ଥିତି ବୋଲି କୁହାଯିବ । ମାତ୍ର ଏହି ସ୍ଥିତିଟି ପ୍ରକୃତରେ ଭାରି ଚିତ୍ତାକର୍ଷକ ।... ସାଧାରଣତଃ ଯେଉଁମାନଙ୍କର ଯଥେଷ୍ଟ ବୌଦ୍ଧିକ ପ୍ରସ୍ତୁତି ନ ଥାଏ, ଯେତେବେଳେ ସେମାନେ ଏହିଭଳି ଅନୁଭୂତିଟିଏ ଲାଭ କରନ୍ତି, ସେତେବେଳେ ସେମାନେ ସତେଅବା ସମଗ୍ର ସତ୍ୟଟାକୁହିଁ ପାଇଗଲା ପରି ବିଶ୍ୱାସ କରି ପକାନ୍ତି । ଏବଂ, ସେଇଟିକୁ ନେଇ ସେମାନେ ଏକ ଅକାଟ୍ୟ ସୂତ୍ର ତିଆରି କରି ପକାନ୍ତି । ମାତ୍ର, ଏହା ଯେ ଆଦୌ ସେପରି ନୁହେଁ, ସେକଥା ମୁଁ ବେଶ୍ ଭଲ ଭାବରେ ଦେଖିପାରିଲି; ଏହା ହେଉଛି ଜୀବନର କେବଳ **ଗୋଟିଏ** ମାର୍ଗ । ଅବଶ୍ୟ ଏକଥା ସତ ଯେ ଏହା ଏକ ଚମତ୍କାର ମାର୍ଗ, ଏବଂ ବର୍ତ୍ତମାନ ଆମେ ସାଧାରଣତଃ ଯେଉଁ ମାର୍ଗରେ ରହିଛୁ, ତା'ଠାରୁ ଅନେକ ଅଧିକ ପରିମାଣରେ ଏକ ଉନ୍ନତ ମାର୍ଗ । ଏବଂ, ସେହି ମାର୍ଗଟିକୁ ଆମେ ଏଠାରେ

ମଧ୍ୟ ଅବଶ୍ୟ ଲାଭ କରି ପାରିବା । ମୁଁ ସେଇଟିକୁ ଲାଭ କରିଛି । ପ୍ରାୟ ସଂପୂର୍ଣ୍ଣ ମୂର୍ତ୍ତ ଭାବରେ ମୁଁ ତାହାକୁ ଲାଭ କରିଛି । ଏବଂ, ସର୍ବଦା ଏପରି କେତେକ ବସ୍ତୁ ବି ରହିଛି ଯାହାକି କଦାପି ଏକାବେଳେକେ ସମୁଚିତ ଅବସ୍ଥାରେ ରହି ନାହିଁ, ତାହାକୁ ଏଠାରେ ଭୁଲ୍ ବୋଲି କୁହାଯିବ ଓ ସେଠାରେ ବି ଭୁଲ୍ ବୋଲି କୁହାଯିବ; ଏପରି ପରିସ୍ଥିତିମାନ ରହିଛି, ଯାହାକି ଆଦୌ ସମୁଚିତ ଅବସ୍ଥାରେ ନାହିଁ, ସବୁବେଳେ କୌଣସି ନା କୌଣସି ଅସୁବିଧା ଅବଶ୍ୟ ରହିଛି । ସେହି ଅନୁଭବଟି ଲାଭ କରିବା ସମୟରେ ସେହି ସବୁକିଛିର ରଙ୍ଗ ବଦଳିଯାଏ । ଏବଂ, ତାହା ଅତ୍ୟନ୍ତ ହାଲୁକା ହୋଇଯାଏ, ଅତ୍ୟନ୍ତ ହାଲୁକା ଓ ସ୍ଥିତିସ୍ଥାପକ ହୋଇଯାଏ । ଏହି କ୍ଷେତ୍ରରୁ ଯାବତୀୟ କଠିନତା ଓ ଅନମନୀୟତା କୁଆଡ଼େ ଅନ୍ତର୍ହିତ ହୋଇଯାଏ ।

ମୋର ଏପରି ଏକ ଅନୁଭୂତି ବି ହେଲା ଯେ, ଯଦି ତୁମେ ସେହି ସ୍ଥିତିରେ ରହିବା ପାଇଁ ନିଜେ ବାଛି ଠିକ୍ କରିବ, ତୁମେ ସର୍ବଦାହିଁ ସେହିପରି ରହିପାରିବ । ଏବଂ ଏହା ପ୍ରକୃତରେ ସତ । କେବଳ ତୁମର ଭୁଲ୍ ଅଭ୍ୟାସ-ଗୁଡ଼ାକହିଁ ତୁମ ଲାଗି ପ୍ରତିବନ୍ଧକ ହୋଇ ରହିଥିବେ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ପୃଥିବୀରେ ସେହିପରି ଭୁଲ୍ ଅଭ୍ୟାସଗୁଡ଼ାକ ଲକ୍ଷ ଲକ୍ଷ ସଂଖ୍ୟାରେ ରହିଛି । ମାତ୍ର, ସେହି ସ୍ଥିତିଟିରେ ତୁମେ ସବୁବେଳେ କାହିଁକି ଯେ ନ ରହିବ, ତାହାର ଆଦୌ କୌଣସି କାରଣ ନାହିଁ । କାରଣ, ସେହି ଅନୁଭୂତିଟି ପ୍ରକୃତରେ ଆଉ ଯାବତୀୟ ଅନୁଭୂତିକୁ ବଦଳାଇ ଦେଇଥାଏ । ସେଇଟି ଦ୍ୱାରା ସବୁକିଛି ବଦଳିଯାଏ !... ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ସେହି ସ୍ଥିତିଟି ଉପରେ ପୂର୍ଣ୍ଣ ଅଧିକାରିତ୍ୱ ଅର୍ଜନ କରିପାରିଲେ ଆମେ ଆମ ଚାରିପାଖରେ ରହିଥିବା ଯାବତୀୟ ପରିସ୍ଥିତିକୁ ମଧ୍ୟ ବଦଳାଇ ଦେଇ ପାରିବା ।

ଏବେ (ବେଶ୍ ଏକ ଦୀର୍ଘ କାଳ ପାଇଁ) ଏହି ଶରୀରକୁ ନେଇ ସେହିପରି ଏକ ଅସୁବିଧା ଉପସ୍ଥିତ ହୋଇଥିଲା । ସାଧାରଣତଃ ଯେପରି ଜଣା ଯାଉଥାଏ, ଶରୀର ଆଦୌ ସେପରି ଏକ ସୀମା ଭିତରେ ଆବଦ୍ଧ ହୋଇ ରହି ନ ଥାଏ; ତାହା ସ୍ୱତଃପ୍ରେରିତ ଭାବରେ ସବୁକିଛି ଗ୍ରହଣ କରେ ଓ ପ୍ରକୃତରେ କିଛି ''ଗ୍ରହଣ କରୁଛି'' ବୋଲି ମୋଟେ ଅନୁଭବ କରିପାରେ ନାହିଁ । ଶରୀରକୁ ଘେରି ତା' ଚାରିପାଖରେ ଯାହାକିଛି ରହିଛି, ଶରୀର ସେଗୁଡ଼ିକ ଦ୍ୱାରା ସ୍ପନ୍ଦିତ **ହେଉଥାଏ** । ଏବଂ ତା'ପରେ, ମାନସିକ ତଥା ନୈତିକ ଦୃଷ୍ଟିରୁ ବିଚାର କରି ଦେଖିଲେ, ଶରୀରର ଅସ୍ତିତ୍ୱଟିକୁ ପରିବେଷ୍ଟିତ କରି ରହିଥିବା ବସ୍ତୁଗୁଡ଼ିକ ଯେତେବେଳେ ସ୍ୱୟଂ ଆବଦ୍ଧ ଏବଂ ବୋଧଶକ୍ତିହୀନ ହୋଇ ରହିଥାନ୍ତି, ସେତେବେଳେ ଯାଇ କିଞ୍ଚିତ୍ ଅସୁବିଧା ଆସି ଉପସ୍ଥିତ ହୁଏ । ଅର୍ଥାତ୍, ସେଗୁଡ଼ିକ ଏଭଳି କେତେକ ଉପାଦାନ ହୋଇ ଆସିଥା'ନ୍ତି, ଯେଉଁଗୁଡ଼ିକୁ କି ରୂପାନ୍ତରିତ କରିବାକୁ ପଡ଼େ । ତାହାକୁ

ଏକ ପ୍ରକାରର ଗୋଟିଏ ସମଗ୍ରତା ବୋଲି କୁହାଯିବ, ଏକ ଅତ୍ୟନ୍ତ ବହୁମିଶ୍ରିତ ଏବଂ ପରିବର୍ତ୍ତନଶୀଳ ସମଗ୍ର ବୋଲି କୁହାଯିବ । ସେଗୁଡ଼ିକ ତୁମ ଚେତନାଗତ ଓ କର୍ମଗତ କ୍ଷେତ୍ରଟିର ପ୍ରତିନିଧିତ୍ୱ କରୁଥାନ୍ତି; ଏବଂ ସେଗୁଡ଼ିକର କ୍ଷେତ୍ରରେ ଏକ ସୌଷମ୍ୟର, ଅନ୍ତତଃ ସର୍ବନିମ୍ନ ପରିମାଣର ଏକ ସୌଷମ୍ୟର ପୁନଃପ୍ରତିଷ୍ଠା କରିବା ଲାଗି ତୁମକୁ ସତତ ସକ୍ରିୟ ରହିବାକୁ ପଡ଼ିବ । ଏବଂ, ଯେତେବେଳେ, ସାଧାରଣ ଅର୍ଥରେ ତୁମ ଚତୁର୍ଦ୍ଦିଗରେ କିଛି ନା କିଛି ‘‘ବିଗିଡ଼ି’’ ଯିବାକୁ ଆରମ୍ଭ କରେ, ସେତେବେଳେ ତୁମର କାର୍ଯ୍ୟଟି କିଞ୍ଚିତ୍ ଆୟାସସାଧ୍ୟ ହୋଇଯାଏ । ତାହା ବେଶ୍ ଶ୍ରମସାଧ୍ୟ ହୋଇପଡ଼େ, ଅବାଧ୍ୟ ଏବଂ ଭାରି ଅନମନୀୟ ହୋଇପଡ଼େ । ମୋର ବେଶ୍ ମନେ ପଡୁଛି ଯେ, ଏହି ଅନୁଭୂତିଟିକୁ ଲାଭ କରିବାର ଅବ୍ୟବହିତ ପୂର୍ବରୁ ଶରୀର ମଧ୍ୟରେ ସୌଷମ୍ୟ ଲାଗି, ଆଲୋକ ଲାଗି ଓ ଗୋଟାଏ ପ୍ରକାରର ସହାସ୍ୟ ଶାନ୍ତ ଅବସ୍ଥା ଲାଗି ଏକ ଅଭୀପ୍ସା ରହିଥିଲା । ଶରୀର ସର୍ବୋପରି ଏକ ସୌଷମ୍ୟ ଲାଗି ଅଭୀପ୍ସା ରଖିଥିଲା; କାରଣ ତା’କୁ କୋରି ପେଷି ବିଦୀର୍ଣ୍ଣ କରିଦେବାକୁ ଆସିଥିବା ଏହି ସ୍ଥିତିଗୁଡ଼ିକ ହାତରୁ ତାହା ନିଷ୍କୃତି ଲାଭ କରିବାକୁ ଇଚ୍ଛା କରୁଥିଲା । ଏବଂ, ସମ୍ଭବତଃ, ଏହି ଅଭୀପ୍ସାର ଫଳ ସ୍ୱରୂପହିଁ ଅନୁଭୂତିଟି ଘଟିପାରିଲା ।

ମୁଁ କେବଳ ଏତିକି ଜାଣିପାରିଛି ଯେ, ମୋର ଏହି ଶରୀରର ଜୀବଦ୍ଦଶା ମଧ୍ୟରେ ମୋ’ର ଏହି ଅନୁଭୂତିଟି ମୋଟେ ଦୁଇଥର ଲାଗି ହୋଇ ନାହିଁ । ହୁଏତ ସେହି ଅନୁଭୂତିଟିକୁ ମୁଁ ଏକ ଉଚ୍ଚତର ମାତ୍ରାରେ ଅଥବା ବ୍ୟାପକତର ଭାବରେ ଲାଭ କରିଛି ସତ, ମାତ୍ର ଠିକ୍ ସେହି ଅନୁଭୂତିଟି କଦାପି ଦୁଇଥର ଲାଗି ହୋଇ ନାହିଁ । ଏବଂ ମୁଁ କେବେହେଲେ ସେହି ଗୋଟିଏ ଅନୁଭବକୁ ନିଜ ଭିତରେ ଧାରଣ କରି ରଖି ନାହିଁ । ମୁଁ ସର୍ବଦା, ସର୍ବଦା (*ଆଗକୁ ସଙ୍କେତ କରି ଦେଖାଇ*) ଆଗକୁ ଆଗକୁ ଚାଲିଛି । ହଁ, ଚେତନାଗତ ରୂପାନ୍ତରର କାର୍ଯ୍ୟଟି ଏଡ଼େ କ୍ଷିପ୍ର ଭାବରେ ଚାଲିଛି ଏବଂ ସେହି କାର୍ଯ୍ୟଟିକୁ ଏପରି ସତ୍ୱର ଭାବରେ କରିବାକୁ ପଡୁଛି ଯେ, କୌଣସି ନିର୍ଦ୍ଦିଷ୍ଟ ଅନୁଭୂତିକୁ ନେଇ ଉପଭୋଗ କରିବାର ବା ବର୍ଣ୍ଣନା କରି କହିବାର ବା ବେଶ୍ କିଛି ସମୟ ଲାଗି କିଞ୍ଚିତ୍ ତୃପ୍ତି ଅନୁଭବ କରିବାର ଆଉ ଆଦୌ କୌଣସି ସମୟ ନାହିଁ । ଏପରି କରିବା ଆଦୌ ସମ୍ଭବ ହେଉ ନାହିଁ । ଏହା ଯେତେବେଳେ ଆସୁଛି, ସେତେବେଳେ ପ୍ରବଳ ଶକ୍ତିମତ୍ତାର ସହିତ ଆସୁଛି; ଅର୍ଥାତ୍, ତାହା ସବୁକିଛିକୁ ବଦଳାଇ ଦେଉଛି । ଏବଂ, ତା’ପରେ ଆଉ ଅନ୍ୟ ଏକ ଅନୁଭୂତି ଆସି ପହଞ୍ଚି ଯାଉଛି । କୋଷଗୁଡ଼ିକର ରୂପାନ୍ତର ଘଟିବାର କ୍ଷେତ୍ରରେ ମଧ୍ୟ ଠିକ୍ ସେହି କଥା ଘଟିବାରେ ଲାଗିଛି । ଯାବତୀୟ ପ୍ରକାରର କ୍ଷୁଦ୍ର ବିଶୃଙ୍ଖଳାମାନ ଆସି ପହଞ୍ଚୁଛି ସତ, ମାତ୍ର, ସେଗୁଡ଼ିକ ଯେ ସେହି ରୂପାନ୍ତରଜନିତ ବିଶୃଙ୍ଖଳା, ସେକଥା ଅତ୍ୟନ୍ତ ସଚେତନ

ଭାବରେ ପ୍ରାୟ ଦୃଶ୍ୟ ହୋଇଯାଉଛି । ସେତେବେଳେ ସେହି ବିଶେଷ ବିଶୃଙ୍ଖଳାଟିକୁ ନେଇ ବ୍ୟସ୍ତ ରହିବାକୁ ପଡୁଛି,— ଶୃଙ୍ଖଳାର ପୁନଃପ୍ରତିଷ୍ଠା ଲାଗି ଏକ ଇଚ୍ଛା ପ୍ରକାଶିତ ହେଉଛି । ମାତ୍ର, ଯୁଗପତ୍ ଭାବରେ, ସେହି ଭିତରେ ରହିଥିବା ଆଉଗୋଟିଏ ଉପାଦାନ ଅତ୍ୟନ୍ତ ସ୍ୱଷ୍ଟ ଭାବରେ ଏକଥା ମଧ୍ୟ ଜାଣିପାରୁଛି ଯେ, ଏହି ସାଧାରଣ ଓ ନିତ୍ୟନୈମିତ୍ତିକ କ୍ରିୟାଶୀଳତାକୁ ବଦଳାଇ ତାହାର ବିକଳ୍ପ ରୂପେ ଏକ ସଚେତନ କ୍ରିୟାଶୀଳତା ସମ୍ଭବ କରାଇ ପାରିବା ଲାଗିହିଁ ଏହି ବିଶୃଙ୍ଖଳାଟି ଆସି ଉପସ୍ଥିତ ହୋଇଛି ଏବଂ ଏହି କ୍ଷେତ୍ରଟିରେ ଯାବତୀୟ କାର୍ଯ୍ୟ କେବଳ ସେହି ସର୍ବୋଚ୍ଚ ପରମସତ୍ତାଙ୍କର ପ୍ରତ୍ୟକ୍ଷ ମାର୍ଗଦର୍ଶନ ଏବଂ ପ୍ରତ୍ୟକ୍ଷ ପ୍ରଭାବରେହିଁ ଅନୁସୃତ ହେଉଛି । ଏବଂ ସ୍ୱୟଂ ଶରୀର ମଧ୍ୟ ଏକଥା ଜାଣିଛି । ତଥାପି, ଏଠି ସେଠି ଯନ୍ତ୍ରଣା ପାଇବାକୁ ଓ ଯନ୍ତ୍ରଣା ଭୋଗ କରିବାକୁ ତା'କୁ ମୋଟେ ଆନନ୍ଦଦାୟକ ଲାଗୁ ନାହିଁ ଅଥବା ଏଇଟି ବା ସେଇଟିକୁ ଏକ ବିଶୃଙ୍ଖଳାରେ ଆଣି ପକାଇ ଦେବାଟା ମଧ୍ୟ ତା'କୁ ଆଦୌ ପ୍ରୀତିକର ଲାଗୁ ନାହିଁ । ତଥାପି ସିଏ ସବୁ **ଜାଣୁଛି** । ଏବଂ, ଯେତେବେଳେ ସେହି କଥାଟି ରୂପାନ୍ତରର ଏକ ନିର୍ଦ୍ଦିଷ୍ଟ ମାତ୍ରାରେ ଆସି ଉପନୀତ ହୋଇଯାଉଛି, ସେତେବେଳେ ସେଇଟିକୁ ଛାଡ଼ି ଆଉ ଗୋଟିଏ ବିନ୍ଦୁକୁ ଚାଲିଯିବାକୁ ପଡୁଛି; ତା'ପରେ ଆଉଗୋଟିଏକୁ ଓ ପୁଣି ତା'ପରେ ଆଉଗୋଟିଏକୁ ଚାଲିଯିବାକୁ ପଡୁଛି । ତେଣୁ, ସବୁକିଛି ପ୍ରସ୍ତୁତ ହୋଇ ନ ପାରିବା ପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ଭାବରେ ଆଦୌ କିଛି କରିହେଉ ନାହିଁ । ତା'ପରେ ଏକ ଉଚ୍ଚତର ଓ ଅଧିକ ବ୍ୟାପକ ଭୂମିରେ ଠିକ୍ ସେହି କାର୍ଯ୍ୟଟିକୁ ଆଉଥରେ ଆରମ୍ଭ କରିବାକୁ ପଡୁଛି, ଅଥବା ଅଧିକ ସଘନତା ସହିତ ବା ଅଧିକ ଟିକିନିଖି ଭାବରେ (ସେଇଟି ସଂପୃକ୍ତ ବିଷୟଟି ଉପରେ ନିର୍ଭର କରୁଛି) ପୁନର୍ବାର ଆରମ୍ଭ କରିବାକୁ ପଡୁଛି । **ସମଗ୍ର କ୍ଷେତ୍ରଟି** ଗୋଟିଏ ରୀତିରେ ସମରୂପ ଓ ପ୍ରସ୍ତୁତ ହୋଇ ନ ପାରିଥିବା ପର୍ଯ୍ୟନ୍ତ ଠିକ୍ ସେହିପରି କରିବାକୁ ପଡୁଛି ।

ମୋ' ବିଚାରରେ ତାହା ଯଥାସମ୍ଭବ ଯଥେଷ୍ଟ କ୍ଷିପ୍ର ଭାବରେ ଆପଣାର କାର୍ଯ୍ୟ କରୁଛି ସତ, ମାତ୍ର ତଥାପି ଅନେକ ସମୟ ନେଉଛି । ଏବଂ ସବୁକିଛି ସେହି ଅଭ୍ୟାସଗୁଡ଼ାକୁ ବଦଳାଇବାର ପ୍ରଶ୍ନଟି ଉପରେହିଁ ନିର୍ଭରଶୀଳ ହୋଇ ରହିଛି । ହଜାର ହଜାର ବର୍ଷ ଧରି ଆମେ ପ୍ରାୟ ଗୋଟିଏ ଯନ୍ତ୍ର ପରି ଯେଉଁ ଅଭ୍ୟସ୍ତତା ଭିତରେ ରହିଆସିଛୁ, ତାହାକୁହିଁ ଏପରି ଏକ ସଚେତନ କ୍ରିୟାଶୀଳତା ରୂପେ ବଦଳାଇ ଦେବାକୁ ପଡ଼ିବ, ଯାହାକି ପ୍ରତ୍ୟକ୍ଷ ଭାବରେ ସେହି ସର୍ବୋଚ୍ଚ ପରମଚେତନାଟି ଦ୍ୱାରାହିଁ ପରିଚାଳିତ ହୋଇପାରୁଥିବ ।

ଏଥିପାଇଁ ଆହୁରି ଅଧିକ ସମୟ ଲାଗିବ ଓ ଏହା ଆହୁରି ଅଧିକ କଷ୍ଟସାଧ୍ୟ ନିଶ୍ଚୟ ହେବ ବୋଲି କହିବାକୁ ନିଶ୍ଚୟ ଏକ ପ୍ରବୃତ୍ତି ହେବ;— କାରଣ ଆମର ଚତୁର୍ଦ୍ଦିଗରେ ମନୁଷ୍ୟମାନେହିଁ ବାସ କରୁଛନ୍ତି ଓ ଆମକୁ ଏହି ପୃଥିବୀରେହିଁ କାର୍ଯ୍ୟ କରିବାକୁ ପଡୁଛି ।

5

ମାତ୍ର ଯଦି ଆମକୁ ଏହିସବୁ ଅବସ୍ଥା ଭିତରେ ରହିବାକୁ ପଡୁ ନ ଥାନ୍ତା, ତେବେ ଏଥିରୁ ଅନେକ, ଅନେକ କଥା ଅବଶ୍ୟ ଭୁଲିହୋଇ ଯାଆନ୍ତା । ଅନେକ କଥାକୁ କରିବାକୁ ବି ପଡ଼ନ୍ତା ନାହିଁ । ଏପରି ଯାବତୀୟ ନାନା ପ୍ରକାରର ସ୍ପନ୍ଦନ ରହିଛି, ଯାହାର କି ଏହି ଠୁଳବସ୍ତୁଟି ସହିତ* ମୋଟେ କୌଣସି ସାଦୃଶ୍ୟ ନାହିଁ, ଏବଂ, ମୁଁ ଯଦି ଏଠାରେ ପ୍ରତ୍ୟେକ ମନୁଷ୍ୟଙ୍କ ସହିତ ସମ୍ପର୍କରେ ରହି ନ ଥା'ନ୍ତି, ତେବେ ସେଗୁଡ଼ିକ ଲାଗି ଅସଲ ରୂପାନ୍ତରକାରୀ ପରମଶକ୍ତିଟିକୁ ଆଦୌ ସ୍ପର୍ଶ କରିବାକୁ ବି କୌଣସି ଅବସର ନ ଥାନ୍ତା ।

ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ,– କୌଣସି ସନ୍ଦେହ ନାହିଁ ଯେ, ଆମେ ଏକ ସର୍ବୋତ୍ତମ ପରିସ୍ଥିତି ମଧ୍ୟରେ ଅବସ୍ଥିତ ରହିଛୁ ଏବଂ ତେଣୁ ଅସଲ କ୍ରିୟାଶୀଳତାଟି ଲାଗି ଆମ ପାଇଁ ସର୍ବାଧିକ ସମ୍ଭାବନା ଉପଲବ୍ଧ ହୋଇ ରହିଛି ।... ଆମେ କେବଳ ଯଥେଷ୍ଟ ନିଷ୍ଠା ଓ ଆନ୍ତରିକତା ସହିତ ସେଇଟି ଲାଗି ମନ କରି ପାରିଲେ ହେଲା !

* ମାଆ ଏଠାରେ ତାଙ୍କ ଶରୀର ବିଷୟରେ ହିଁ କହୁଛନ୍ତି ।

## ୧୮ ମଇ ୧୯୬୬

ତୁମେମାନେ ଏସବୁ ଔଷଧ* ବିଷୟରେ କେବେ କିଛି ଶୁଣିଛ ? ତୁମେସବୁ କେବେ କୌଣସି ଛବି ଦେଖିଛ ?... ମୁଁ ଦେଖିଛି । ଲୋକମାନଙ୍କୁ ସର୍ବନିମ୍ନ ପ୍ରାଣିକ ସ୍ତରଗୁଡ଼ାକ ଭିତରେ ନେଇ ପ୍ରାୟ ଜବରଦସ୍ତି ପୂରାଇ ଦିଆଯାଏ । ସେମାନେ ଏହା ବିରୋଧରେ ଆଦୌ କୌଣସି ପ୍ରତିରୋଧ କରୁ ନ ଥାନ୍ତି; ଏବଂ, ସେମାନଙ୍କର ସ୍ୱଭାବ ଦ୍ୱାରା ଅନୁରୂପ ଭାବରେ ପ୍ରେରିତ ହୋଇ ସେମାନେ ସେହି ଅଭିଜ୍ଞତାଟି ଦ୍ୱାରା ଏକାବେଳେକେ ଭୟଭୀତ ହୋଇ ପଡ଼ନ୍ତି ଅଥବା ସେଇଟାକୁହିଁ ଏକ ଭାରି ଚମତ୍କାର ଅଭିଜ୍ଞତା ବୋଲି ଅନୁଭବ କରିବାକୁ ଆରମ୍ଭ କରନ୍ତି । ଉଦାହରଣ ସ୍ୱରୂପ, କୌଣସି ଗଦି ବା ଚଉକିରେ ଲଗା ହୋଇଥିବା ଖୋଳଟା ହଠାତ୍ କୌଣସି କାରଣ ନ ଥାଇ ଅତୀବ ରମଣୀୟ ଓ ଆକର୍ଷକ ହୋଇ ଦେଖାଯିବାକୁ ଆରମ୍ଭ କରେ । ପ୍ରାୟ ଦୁଇ ତିନି ଘଣ୍ଟା ପର୍ଯ୍ୟନ୍ତ ସେହି ଅନୁଭୂତିଟି ରହିଥାଏ । କହିବା ବାହୁଲ୍ୟ ଯେ, ଏଭଳି ଅନୁଭବ କରୁଥିବା ଲୋକମାନେ ସେତେବେଳେ ମୋଟେ ନିଜର ପ୍ରକୃତିସ୍ଥ ଅବସ୍ଥାରେ ରହି ନ ଥାନ୍ତି । ଏବଂ ସମଗ୍ର କଥାଟିର ଦୟନୀୟ ପରିଣାମଟି ହେଉଛି ଯେ ଅନେକ ଲୋକ ଏହାକୁ ‘‘ଆଧ୍ୟାତ୍ମିକ ଅଭିଜ୍ଞତା’’ ବୋଲି କହି କେତେ କ’ଣ ବର୍ଣ୍ଣନା କରନ୍ତି । ଏବଂ ଏହିସବୁ ପ୍ରସଙ୍ଗର ଆଧ୍ୟାତ୍ମିକ ଅଭିଜ୍ଞତା ସହିତ ଆଦୌ ଯେ କୌଣସି ସମ୍ବନ୍ଧ ନାହିଁ, ସେମାନଙ୍କୁ ସେହି କଥାଟିକୁ କହିଦେବା ଲାଗି ସେମାନଙ୍କ ପାଖରେ କେହି ନ ଥା’ନ୍ତି ।

କିଛି ଦିନ ତଳେ ଜଣେ ବ୍ୟକ୍ତି ମୋ’ ପାଖକୁ ଖଣ୍ଡେ ଚିଠି ଲେଖି ଜଣାଇଥିଲେ ଯେ ସିଏ ଏହି ଔଷଧଟିକୁ ସେବନ କରିବା ପରେ ତାଙ୍କର ଭାରି ଭୟଙ୍କର ଅନୁଭୂତିମାନ ହୋଇଥିଲା,– ତାଙ୍କ କୋଠରିର କାନ୍ଥଗୁଡ଼ାକ ହଠାତ୍ ହଜାର ହଜାର କୁତ୍ସିତ ଏବଂ ଆର୍ତ୍ତନାଦକାରୀ କେତେ ମୁହଁ ଦ୍ୱାରା ଜୀବନ୍ତ ହୋଇ ଉଠିଲେ ଏବଂ ସଞ୍ଜ ବୁଡ଼ିଯିବା ପର୍ଯ୍ୟନ୍ତ ତାଙ୍କୁ ନାନା ଭାବରେ ଉତ୍ପୀଡ଼ିତ କରି ରଖିଥିଲେ । ବୁଝିଲ ତ କେଡ଼େ ଚମତ୍କାର ଅନୁଭୂତି ହେଲା !

ଏବଂ ଏହା ଦ୍ୱାରା ମୋତେ ଏହାର ଆହୁରି ଗୋଟିଏ ପ୍ରମାଣ ବି ମିଳିଗଲା ।... Life ପତ୍ରିକାରେ ଥରେ ମୁଁ କେତେଗୁଡ଼ିଏ ଛବି ଦେଖିବାକୁ ପାଇଥିଲି । ଏଥିମଧ୍ୟରେ କେତେକ ଫଟୋଚିତ୍ର ରହିଥିଲା । ମନେ ହେଉଥିଲା, ସତେଯେମିତି କିଏ ତୁମକୁ ନେଇ ଗୋଟାଏ ପାଗଳଖାନାରେ ପୂରାଇ ଦେଇଛି । କାରଣ, ଅବଚେତନ ଭିତରେ

---

* ଏଠାରେ ମାଆ Lysergic acid ରୁ ତିଆରି ହେଉଥିବା ମୋହ ଏବଂ ଭ୍ରମ ଉତ୍ପାଦନକାରୀ LSD ନାମକ ଔଷଧ ବିଷୟରେ କହୁଛନ୍ତି ।

ଲିପିବଦ୍ଧ ହୋଇ ରହିଥିବା କେତେକେତେ ରୂପ ଏଥିରେ ଅପରୋକ୍ଷ ହୋଇ ଉଠିଥିଲେ;— କେତେକେତେ ଭାବନାର ପ୍ରତିରୂପ, ଇନ୍ଦ୍ରିୟବୋଧ ଓ ଅନୁଭବର ପ୍ରତିରୂପ, ଯେଉଁଗୁଡ଼ିକ କି ଅବଚେତନ ଭିତରେ ସଞ୍ଚିତ ହୋଇ ରହିଥିଲେ, ଏବଂ ହଠାତ୍ ଉପରିଭାଗକୁ ଆସି ଅପରୋକ୍ଷ ହୋଇ ଉଠିଥିଲେ । ଏହିପରି ଭାବର, ଯାହାସବୁ ପ୍ରକୃତରେ ଭିତରେ ରହିଛି, ଏମାନେ ତାହାରି ଏକ ଅବିକଳ ଚିତ୍ର ଆଣି ଉପସ୍ଥାପିତ କରି ଦେଉଥିଲେ ।

ଉଦାହରଣ ସ୍ୱରୂପ, ଯଦି ତୁମ ଭିତରେ ଏକ ଭାବନା ବା ଧାରଣା ରହିଛି ଯେ କୌଣସି ଜଣେ ବ୍ୟକ୍ତି ଭାରି ଦୁଷ୍ଟ, ଉପହାସର ପାତ୍ର ଅଥବା ସିଏ ତୁମକୁ ଭଲ ପାଏ ନାହିଁ ବୋଲି — ସ୍ୱପ୍ନାବସ୍ଥାରେହିଁ ଏହିପରି ଅନେକ କିଛିର ଚିତ୍ର ଆସି ସାଧାରଣତଃ ତୁମକୁ ଅଧିକାର କରିବସେ । ମାତ୍ର ଏହି କ୍ଷେତ୍ରରେ ତୁମେ ଆଦୌ ନିଦ୍ରାମଗ୍ନ ନ ଥାଅ ଓ ସ୍ୱପ୍ନ ଦେଖିବାକୁ ଆରମ୍ଭ କର ! ତୁମେ ଯେଉଁ ଖେଳଟି କଥା ଭାବିଥାଅ, ସେମାନେ ତୁମ ସହିତ ସେହି ଖେଳଟିକୁ ଖେଳିବାକୁହିଁ ଆସନ୍ତି । ସେଗୁଡ଼ିକ ବିଷୟରେ ତୁମେ, ଯେଉଁପରି ଭାବିଥାଅ, ସେମାନେ ଠିକ୍ ସେହିପରି ଆକାର ଧରି ଆସନ୍ତି । ତେଣୁ, ଏଇଟି ହେଉଛି ଏକ ଏକାତ୍ମୀକରଣର ପ୍ରକ୍ରିୟା : ଯେଉଁମାନେ କେବଳ ଆନନ୍ଦଦାୟକ, ପ୍ରୀତିକର ଓ ସୁନ୍ଦର ରୂପଗୁଡ଼ିକୁ ଦେଖନ୍ତି, ତାହାର ଅର୍ଥ ହେଉଛି ଯେ, ସେମାନଙ୍କ ଭିତରେ (ପ୍ରାଣିକ ଦୃଷ୍ଟିରୁ) ସବୁକିଛି ବେଶ୍ ଭଲ ଭାବରେ ଚାଲିଛି; ମାତ୍ର ଯେଉଁମାନେ ଭୟଙ୍କର ବା କୁତ୍ସିତ ରୂପମାନ ଦେଖନ୍ତି, ବା ସେହିଭଳି ଆଉକିଛି ଦେଖନ୍ତି, ତା'ର ଅର୍ଥ ହେଉଛି ଯେ ସେମାନଙ୍କର ପ୍ରାଣିକ କ୍ଷେତ୍ରଟି ଆଦୌ ସୁନ୍ଦର ହୋଇ ରହି ନାହିଁ ।

*ହଁ ସତକଥା, ମାତ୍ର ତାହାକୁ କ'ଣ କେବଳ ଏକ ବସ୍ତୁନିର୍ଦ୍ଦିଷ୍ଟ ପ୍ରାଣିକ ବ୍ୟାପାର ବୋଲି କୁହାଯିବ ନାହିଁ କି, ଯେଉଁଠାରେ କି ଦୃଶ୍ୟ ହେଉଥିବା ଏହିସବୁ କଥାର ଆମ ନିଜର ଅବଚେତନ ସହିତ ମୋଟେ କୌଣସି ସମ୍ବନ୍ଧ ନ ଥାଏ ?*

ହଁ, ତୁମେ ଠିକ୍ କଥା କହୁଛ; ମାତ୍ର ତାହାର ଅବିକଳ ସେହି ଲକ୍ଷଣଗୁଡ଼ିକ ମୋଟେ ନ ଥାଏ ।

*ସେହି ଲକ୍ଷଣଗୁଡ଼ିକ ମୋଟେ ନ ଥାଏ ?*

**ସମ୍ପୂର୍ଣ୍ଣ ସଚେତନ** ଭାବରେ ପ୍ରାଣିକ ସ୍ତରଟି ମଧ୍ୟରେ ପ୍ରବେଶ କରି ନ ପାରିଲେ ଆମେ ଏହି କଥାଟିକୁ ଆଦୌ ଜାଣିପାରିବା ନାହିଁ । ଯେଉଁପରି ଭାବରେ ଆମେ ଏହି ଭୌତିକ

ଜଗତ ବିଷୟରେ ସଚେତନ ରହି ପାରୁଛୁ, ଠିକ୍ ସେହିପରି ଭାବରେ ଆମ ନିଜର ପ୍ରାଣିକ ସ୍ତର ବିଷୟରେ ଓ ପ୍ରାଣିକ କ୍ଷେତ୍ରରେ ସଚେତନ ନ ହୋଇ ପାରିଲେ ଆମେ ସେହି କଥାଟିକୁ ଆଦୌ ଜାଣିପାରିବା ନାହିଁ । ଆମକୁ ସେହି ସ୍ତରଟି ମଧ୍ୟକୁ ସଚେତନ ଭାବରେ ଯାଇପାରିବାକୁ ହେବ । ଏହାକୁ ଆଦୌ ଏକ ସ୍ୱପ୍ନ ବୋଲି କହିବା ନାହିଁ, ଏଥିରେ ସ୍ୱପ୍ନର ଆଦୌ କୌଣସି ଲକ୍ଷଣ ନାହିଁ । ଏହା ହେଉଛି ଏକ ସକ୍ରିୟ କାର୍ଯ୍ୟ ପରି, ଏକ ଅଭିଜ୍ଞତା । ଏହା ଏକ ଅନ୍ୟ ପ୍ରକାରର କଥା ।

*ମାତ୍ର, ଏପରି ପ୍ରାଣିକ ଜଗତମାନ ରହିଛି, ଯେଉଁଠାରେ କି କେବଳ ଉତ୍ପୀଡ଼ନହିଁ ଭୋଗିବାକୁ ପଡ଼େ । ସେଗୁଡ଼ିକ ଭାରି ଭୟଙ୍କର ଜଗତ,— କେବଳ ନାନା ଉତ୍ପୀଡ଼ନ ଓ ଦଣ୍ଡଯାତନା ଭୋଗ ଦ୍ୱାରା ପୂର୍ଣ୍ଣ ହୋଇ ରହିଥିବା ଜଗତ । ନୁହେଁ କି ?*

ଏହା ଶତକଡ଼ା ନବେ ଭାଗ ବ୍ୟକ୍ତିଗତ ।

ଶତକଡ଼ା ନବେ ଅଂଶରେ କେବଳ ବ୍ୟକ୍ତି ଦ୍ୱାରା ସୃଷ୍ଟ ହୋଇଥିବା ଏ ଜଗତ । ପ୍ରାୟ ବର୍ଷକଠାରୁ ଅଧିକ କାଳ ଧରି ମୁଁ ନିୟମିତ ଭାବରେ ପ୍ରତିଦିନ ରାତିରେ ପ୍ରାଣିକ ଜଗତ ଭିତରେ ପ୍ରବେଶ କରୁଥିଲି । କେତେକ ବିଶେଷ କାର୍ଯ୍ୟ କରିବା ଲାଗି ମୁଁ ସେପରି କରିଥିଲି । ମୋ' ନିଜ ଇଚ୍ଛାରେ ଯେ ମୁଁ ତାହା କରିଥିଲି, ସେକଥା ଆଦୌ ନୁହେଁ, ବାଧ୍ୟ ହୋଇ କରିଥିଲି । ସେହି କାର୍ଯ୍ୟଟିକୁ ମୋତେ କରିବାକୁ ପଡ଼ିଥିଲା । ଏବଂ, ଉଦାହରଣ ସ୍ୱରୂପ, ଏହି ପ୍ରାଣିକ ଜଗତଟିର ଅନେକ ସମୟରେ ଏକ ବର୍ଣ୍ଣନା ମଧ୍ୟ ଦିଆ ଯାଇଛି । ସେଠାରେ ପ୍ରବେଶ କରିବା ପୂର୍ବରୁ ଏକ ମଧ୍ୟବର୍ତ୍ତୀ ପଥ ରହିଥାଏ, ଯେଉଁଠାରେ କି ତୁମକୁ ପ୍ରବେଶ କରିବାକୁ ନ ଦେବା ଲାଗି ପ୍ରହରୀମାନେ ବାଟ ଜଗି ରହିଥାନ୍ତି (ଗୂଢ଼ବିଦ୍ୟାରେ ଶାସ୍ତ୍ରଗୁଡ଼ିକରେ ଏହିସବୁ ବିଷୟରେ କେତେ କ'ଣ କୁହାଯାଇଛି) । କେବଳ ଆକସ୍ମିକ ଭାବରେ ଆସି ପହଞ୍ଚି ଯାଉଥିବା ଅଭିଜ୍ଞତାରୁ ନୁହେଁ, ବାରବାର ସମ୍ମୁଖୀନ ହୋଇଥିବା ଏବଂ ଭଲ ଭାବରେ ବୁଝି ପାରିଥିବା ଏକ ଅଭିଜ୍ଞତା ଦ୍ୱାରା ମୁଁ ଏହି କଥାଟିକୁ ଜାଣି ପାରିଛି ଯେ, ଏହି ବିରୋଧ ବା ଏହି ବିଦ୍ୱେଷ ହେଉଛି ଶହେରେ ନବେ ଭାଗ ଏକ ମନୋବୈଜ୍ଞାନିକ କ୍ଷେତ୍ରର । ଅର୍ଥାତ୍, ଯଦି ତୁମେ ସେଗୁଡ଼ିକ ଆସିବ ବୋଲି କେବେ ଆଶଙ୍କା କରୁ ନ ଥିବ ଅଥବା ସେଗୁଡ଼ିକୁ ଭୟ କରୁ ନ ଥିବ, ବା, ଅଜ୍ଞାତକୁ ଭୟ କରିବା ଭଳି ବା ଆଶଙ୍କା ଭିତରେ ଆପଣାକୁ ଦେଇ ଦେଉଥିବା ଭଳି କୌଣସି ଉପାଦାନ ତୁମ ଭିତରେ ମୋଟେ ନ ଥିବ, ତେବେ ଏହି ସବୁକିଛି ତୁମକୁ କୌଣସି ଚିତ୍ର ଉପରଦେଇ ଭାସି ଯାଉଥିବା ସତେଅବା ଗୋଟାଏ ଛାଇ ପରି ଲାଗିବ ଅଥବା କୌଣସି ଏକ ପ୍ରତିରୂପର

ପ୍ରକ୍ଷେପଣ ରୂପେହିଁ ଅନୁଭୂତ ହେବ : ଏହାର ଆଦୌ କୌଣସି ମୂର୍ତ୍ତ ବାସ୍ତବତା ଆଦୌ ନ ଥିବ ।

ପଥଭ୍ରଷ୍ଟ ହୋଇ ଯାଇଥିବା ଜଣକୁ ଉଦ୍ଧାର କରିବାକୁ ଯାଇ ମୋତେ ଥରେ ବା ଦୁଇଥର ସେହି ପ୍ରାଣିକ ସ୍ତରରେ ପ୍ରକୃତ ଯୁଦ୍ଧମାନ ବି ଲଢ଼ିବାକୁ ପଡ଼ିଛି । ଦୁଇଥର ଯାକ ମୋତେ ସେଥିଲାଗି କେତେ ମାଡ଼ ସହିବାକୁ ହୋଇଛି, ଏବଂ ପରଦିନ ସକାଳେ ବିଛଣାରୁ ଉଠିବା ବେଳେ ମୁଁ ମୋ ଦେହରେ ସେହି ମାଡ଼ର ଚିହ୍ନଗୁଡ଼ାକୁ ମଧ୍ୟ ଦେଖିଛି (*ମାଆ ତାଙ୍କ ଡାହାଣ ଆଖିକୁ ନିର୍ଦ୍ଦେଶ କରି ଦେଖାଇ ଦେଲେ*) । ମାତ୍ର, ଏହି ଦୁଇଟିଯାକ ଘଟଣାରେ, ମୋ' ଭିତରେହିଁ ସେପରି ଘଟିବାର କାରଣ ନିହିତ ହୋଇ ରହିଥିଲା ବୋଲି ମୁଁ ସ୍ପଷ୍ଟ ଭାବରେ ଲକ୍ଷ୍ୟ କରିପାରିଛି । ଏହି କାରଣକୁ କୌଣସି ଭୟ ବୋଲି କୁହାଯିବ ନାହିଁ, କାରଣ ସେହି କ୍ଷେତ୍ରରେ ମୋ ଭିତରେ ଆଦୌ କୌଣସି ଭୟ ନ ଥିଲା । ମାତ୍ର, ଭୟର ଏକ ଆଶଙ୍କା ଅବଶ୍ୟ ରହିଥିଲା । ''ଏପରି ହୁଏତ ଘଟିପାରେ'' ବୋଲି ମୋ' ଭିତରେ ଏକ ଧାରଣା ରହିଥିଲା ଏବଂ ମୁଁ ସେହିପରି କିଛି ଆଶଙ୍କା ମଧ୍ୟ କରୁଥିଲି । ମୋ ମନରେ ଆଦୌ ଏତେ ଟିକିଏ ହେଲେ ସନ୍ଦେହ ନାହିଁ ଯେ ସେହି କାରଣରୁହିଁ ମାଡ଼ଟିର ସମ୍ମୁଖୀନ ହେବାକୁ ପଡ଼ିଲା । ମାତ୍ର, ଯଦି ମୁଁ ମୋର ''ସାଧାରଣ ଅବସ୍ଥା''ରେ ରହି ପାରିଥା'ନ୍ତି, ଅର୍ଥାତ୍ ମୋ'ର ଅନ୍ତର୍ଗତ ନିଶ୍ଚୟତାଟିକୁ ଆଦୌ ହରାଇ ନ ଥାନ୍ତି, ତେବେ ତାହା ମୋତେ ସ୍ପର୍ଶ ବି କରି ନ ଥାନ୍ତା, କଦାପି ସ୍ପର୍ଶ କରି ନ ଥାନ୍ତା । ମାତ୍ର, ମୋ' ଭିତରେ ଯେ ଏକ ଆଶଙ୍କା ଜନ୍ମଲାଭ କରିଥିଲା, ତାହାର କାରଣ ହେଉଛି ଯେ, ମୋ'ର ପରିଚିତା ଜଣେ ଗୂଢ଼ ବିଦ୍ୟାବିତ୍‌ଙ୍କୁ ଥରେ ଏହିଭଳି ଏକ ପ୍ରାଣିକ ଯୁଦ୍ଧରେ ଆପଣାର ଗୋଟିଏ ଆଖି ହରାଇବାକୁ ପଡ଼ିଥିଲା ଏବଂ ସିଏ ମୋତେ ଥରେ ସେହି କଥାଟିକୁ ବର୍ଣ୍ଣନା କରି କହିଥିଲେ । ଏବଂ ତେଣୁ (*ମାଆ ହସିବାକୁ ଲାଗିଲେ*) ମୋ' ଭିତରେ ମଧ୍ୟ ସେହିପରି ଗୋଟିଏ ଧାରଣା ହୋଇଥିଲା । ମୁଁ ଭାବିଥିଲି, ତାଙ୍କ କ୍ଷେତ୍ରରେ ଯାହା ଘଟୁଛି, ମୋ ନିଜ କ୍ଷେତ୍ରରେ ମଧ୍ୟ ତାହା ସମ୍ଭବ ହୋଇପାରେ । ମାତ୍ର, ଯେତେବେଳେ ମୁଁ ନିଜର ଯଥାର୍ଥ ଅବସ୍ଥାଟିରେ ରହିଥାଏ,— ମୁଁ ଏଭଳି ଗୋଟିଏ କଥା ବି କହି ପାରିବି ନାହିଁ, କାରଣ ଏହା ଏକ ''ବ୍ୟକ୍ତିଗତ'' ଅବସ୍ଥା ନୁହେଁ, ତାହା ହେଉଛି ଏକ ଜୀବନଧାରା,— ଯେତେବେଳେ ଜଣେ ବ୍ୟକ୍ତି ତା'ର ଯଥାର୍ଥ ଅବସ୍ଥାଟିରେ ରହିଥିବ, ଯେତେବେଳେ ସିଏ ଏକ ଚେତନ ସତ୍ତାରୂପେ ଅବସ୍ଥାନ କରୁଥିବ ଏବଂ ସତ୍ତାଗତ ଯଥାର୍ଥ ଧାରାଟିକୁ ବଜାୟ ରଖିଥିବ, ତେବେ ସେତେବେଳେ ତାକୁ ଏହା କଦାପି ସ୍ପର୍ଶ କରିପାରିବ ନାହିଁ ।

ଏହାକୁ ଏପରି ଏକ ଅଭିଜ୍ଞତା ରୂପେ ବର୍ଣ୍ଣନା କରାଯାଇ ପାରିବ : ସତେ ଯେପରି ତୁମର ଜଣେ ଶତ୍ରୁ ସହିତ ସାକ୍ଷାତ୍ ହେଲା ଓ ତୁମେ ତାକୁ ମାରିବ ବୋଲି ଆଶା ପୋଷଣ

କରିଥିଲ । ମାତ୍ର ତୁମର ମାଡ଼ଗୁଡ଼ିକ ମୋଟେ ଠିକ୍ ଜାଗାରେ ବାଜିଲା ନାହିଁ ଏବଂ ତୁମେ ଯାହା କିଛି କଲ, ତା'ର କୌଣସି ଫଳହିଁ ହେଲା ନାହିଁ । ଏହି ଘଟଣାଗୁଡ଼ାକ ସର୍ବଦା ଏହିପରି ବ୍ୟକ୍ତି ଅନୁପ୍ରେରିତ ହୋଇ ରହିଥାଏ । ମୋ' ପାଖରେ ଏହାର ଯାବତୀୟ ପ୍ରମାଣ ରହିଛି, ଯାବତୀୟ ପ୍ରମାଣ ।

*ତେବେ କେଉଁ କଥାଟିକୁ ପ୍ରକୃତରେ ବିଷୟ-ଅନୁପ୍ରେରିତ ବୋଲି କୁହାଯାଇ ପାରିବ ?*

ଏପରି ଜଗତମାନ ରହିଛି, ଏପରି ସତ୍ତାମାନେ ଓ ଶକ୍ତିସମୂହ ବି ରହିଛନ୍ତି, ଯେଉଁମାନଙ୍କର କି ନିଜର ଏକ ଅସ୍ତିତ୍ୱ ରହିଛି । ମାତ୍ର, ମୋ' କହିବାର ଅର୍ଥ ହେଉଛି, ମନୁଷ୍ୟ ଚେତନା ସହିତ ସେଗୁଡ଼ିକର କେଉଁଭଳି ସମ୍ବନ୍ଧ ରହିବ, ଅର୍ଥାତ୍ ମନୁଷ୍ୟମାନଙ୍କ ଲାଗି ସେମାନେ କେଉଁ ଭଳି ଆକାର ଧାରଣ କରିବେ, ତାହା ସମ୍ପୂର୍ଣ୍ଣ ଭାବରେ ଏହି ମନୁଷ୍ୟ ଚେତନା ଉପରେହିଁ ନିର୍ଭର କରି ରହିଥାଏ ।

ଦେବତାମାନଙ୍କ କ୍ଷେତ୍ରରେ ଯେପରି ହୁଏ, ଏହି କ୍ଷେତ୍ରରେ ମଧ୍ୟ ଠିକ୍ ସେହିପରି । ଏହି ଦେବତାମାନେ, ଅର୍ଥାତ୍ ଅଧିମାନସ ସ୍ତରର ଏହି ଯାବତୀୟ ସତ୍ତା, ମଣିଷମାନଙ୍କର ସେମାନଙ୍କ ସହିତ ଯେଉଁଭଳି ସମ୍ବନ୍ଧ ରହିବ ଓ ସେହିସବୁ ସମ୍ବନ୍ଧମାନ ଯେଉଁ ଆକାର ଗ୍ରହଣ କରିବ,— ଏହି ସବୁକିଛି ମନୁଷ୍ୟର ଚେତନା ଉପରେହିଁ ନିର୍ଭର କରିଥାଏ । ତୁମେ ହୁଏତ... ଏପରି କୁହାଯାଇଛି : ''ମଣିଷମାନେ ହେଉଛନ୍ତି ଦେବତାମାନଙ୍କ ଲାଗି ଗାଈଗୋରୁ ପରି;''— ଏକଥା ସତ, ଯଦି ଗାଈଗୋରୁ ବା ପଶୁ ହୋଇ ରହିବାକୁ ମନୁଷ୍ୟମାନେ ପ୍ରକୃତରେ ସ୍ୱୀକାର କରି ନିଅନ୍ତି । ମନୁଷ୍ୟର ମୂଳଭୂତ ପ୍ରକୃତିରେ ଏପରି ଏକ ସାର୍ବଭୌମ ଉପାଦାନ ନିହିତ ହୋଇ ରହିଛି, ଯାହାକି ସକଳ ବସ୍ତୁ ଉପରେ ସାର୍ବଭୌମତ୍ୱ ବିସ୍ତାର କରି ରହିଛି, ଯାହା ଅତ୍ୟନ୍ତ ସ୍ୱତଃପ୍ରେରିତ ଓ ସ୍ୱାଭାବିକ ଭାବରେ ରହିଛି; ତାହା କେତେକ ନିର୍ଦ୍ଦିଷ୍ଟ ଧାରଣା ଓ ତଥାକଥିତ ଜ୍ଞାନ ଦ୍ୱାରା କଳୁଷିତ ହୋଇ ନ ଯାଇଥିବା ପର୍ଯ୍ୟନ୍ତ ସେହି ଉପାଦାନଟି ଅବଶ୍ୟ ସେହିପରି ରହିଛି ।

ଏପରି ବି କୁହାଯାଇ ପାରିବ ଯେ, ସ୍ୱୟଂ ମନୁଷ୍ୟ ହେଉଛି ଆପଣା ପ୍ରକୃତିର ଯାବତୀୟ ଅବସ୍ଥାର ଜଣେ ସର୍ବଶକ୍ତିଶାଳୀ ଅଧିକାରୀ, ମାତ୍ର ସିଏ ସେହି ଅଧିକାରଟିକୁ ବ୍ୟବହାର କରିବାକୁ ଭୁଲି ଯାଇଛି ।

ସର୍ବଶକ୍ତିଶାଳୀ ହେବା ହେଉଛି ତା'ର ସ୍ୱାଭାବିକ ଅବସ୍ଥା — ସେ ତାହା ହେବାକୁ ଭୁଲିଯାଇଛି ।

8

ଏହି ବିସ୍ମରଣର ପର୍ଯ୍ୟାୟରେ ସବୁକିଛି ସତେଅବା ସ୍ଥୂଳ ଓ ମୂର୍ତ୍ତ ହୋଇଯାଉଛି; ଏହାକୁ ଆମେ ଏହି ଅର୍ଥରେ ବୁଝିବା ଯେ, ସେତେବେଳେ ଆଖିରେ ହୁଏତ ଗୋଟାଏ ଦାଗ ରହିଯାଉଛି, ଏହା ଆପଣାକୁ ଏହିପରି ଭାବରେ ଅଭିବ୍ୟକ୍ତ କରି ପାରୁଛି । ମାତ୍ର ଏପରି ଘଟୁଛି, କାରଣ ସମ୍ପୃକ୍ତ ବ୍ୟକ୍ତିଜଣକ ଠିକ୍ ସେହିପରି ଘଟୁ ବୋଲି ସ୍ୱୟଂ ଅନୁମତି ଦେଇଛି ।

ଦେବତାମାନଙ୍କ ବେଳକୁ ମଧ୍ୟ ଠିକ୍ ସେହି କଥା । ସେମାନେ ତୁମ ଜୀବନର ଶାସକ ହୋଇ ବସିପାରିବେ ଓ ତୁମକୁ କେତେ କ'ଣ ଯାତନା ଦେଇପାରିବେ (ସେମାନେ ତୁମକୁ କେତେକେତେ ଭାବରେ ସାହାଯ୍ୟ ମଧ୍ୟ କରି ପାରିବେ) ସତ, ମାତ୍ର ତୁମ ସହିତ, ମଣିଷ ସହିତ **ସମ୍ବନ୍ଧ କ୍ଷେତ୍ରରେ** ସେମାନଙ୍କର ଯେଉଁ କ୍ଷମତା ରହିଥାଏ, ତାହାକୁ ତୁମେ କେବଳ ନିଜେ ସେମାନଙ୍କ ହାତରେ ନେଇ ସମର୍ପି ଦେଇଥାଅ ।

ଏହି କଥାଟିକୁ ଶିକ୍ଷା କରିବା ଲାଗି ମୋତେ ବେଶ୍ କେତେ ବର୍ଷ ଲାଗିଛି । ମାତ୍ର ବର୍ତ୍ତମାନ ଏହି ବିଷୟରେ ମୋ ମନରେ ଆଦୌ କୌଣସି ସଂଶୟ ନାହିଁ ।

ଏହା ସ୍ୱାଭାବିକ ଯେ, ଆପଣା ବିବର୍ତ୍ତନର ଅଙ୍କାବଙ୍କା ପଥରେ ଗତି କରୁଥିବା ସମୟରେ ମଣିଷ ନିଜର ଏହି ସର୍ବଶକ୍ତିମତ୍ତାକୁ ଭୁଲିଯିବା ଆବଶ୍ୟକ ହୋଇଛି, କାରଣ ତାହାର ସେହି ସାମର୍ଥ୍ୟଟି ତାକୁ କେବଳ ଗର୍ବ ଏବଂ ଦମ୍ଭରେ ସ୍ଫୀତ କରି ରଖିଥିଲା ଏବଂ ତେଣୁ କାଳକ୍ରମେ ସମ୍ପୂର୍ଣ୍ଣ ବିକୃତ ହୋଇ ପଡ଼ିଥିଲା । ଏବଂ ତେଣୁ, ସିଏ ଏହି କଥାଟିକୁ ମଧ୍ୟ ଅନୁଭବ କରୁ ବୋଲି ଆବଶ୍ୟକ ହେଲା ଯେ ତା'ଠାରୁ ଅଧିକ ବଳବାନ୍ ଓ ଅଧିକ ଶକ୍ତିଶାଳୀ କେତେ କେତେ ବସ୍ତୁ ଜଗତରେ ରହିଛି । ମାତ୍ର ମୂଳଭୂତ ଭାବରେ ବିଚାର କଲେ ଏହି କଥାଟି ଆଦୌ ଠିକ୍ ନୁହେଁ । ପ୍ରଗତିର ମୋଡ଼ ପଥରେ କେବଳ ପ୍ରୟୋଜନବଶତଃ ଏପରି ହୋଇଛି, ଆମେ ତାହାକୁ  କେବଳ ଏତିକି ବୋଲି ଜାଣି ରଖିବା ।

ମଣିଷ ଭିତରେ ଦେବତାର ଶକ୍ତି ଅନ୍ତର୍ନିହିତ ହୋଇ ରହିଛି । ସିଏ ଆପଣାକୁ ଏକ ପ୍ରକୃତ ଦେବତା ବୋଲି ବିଶ୍ୱାସ କଲା । ସିଏ ଏହି କଥାଟିକୁ ବିଶ୍ୱାସ କରିବା ଲାଗି ଆବଶ୍ୟକ ମନେ କଲା ଯେ, ସିଏ ଏହି ପୃଥିବୀ ଉପରେ ଘୁଷୁରି ଘୁଷୁରି ବାଟ ଚାଲୁଥିବା ଗୋଟାଏ କ୍ଷୁଦ୍ର ଓ ଅଳ୍ପବଳ କୀଟଠାରୁ ଆଦୌ କୌଣସି ଗୁଣରେ ଭିନ୍ନ ନୁହେଁ । ଏହି କାରଣରୁ ଜୀବନ ତାକୁ କ୍ରମଶଃ କୋରି କୋରି ଏପରି ଭାବରେ ନିଃଶେଷିତ କରି ଆଣିଲା ଯେ ଶେଷରେ ଏହି କଥାଟିକୁ ଯେ ସିଏ ଯଥାର୍ଥ ଭାବରେ ବୁଝି ପାରିଲା, ସେ କଥା ଆଦୌ ନୁହେଁ, ମାତ୍ର ଅନ୍ତତଃ କିଞ୍ଚିତ୍ ପରିମାଣରେ ଅନୁଭବ କରିବାକୁ ସମର୍ଥ ହେଲା । ମାତ୍ର, ଯଥାର୍ଥ ଦୃଷ୍ଟିକୋଣଟିକୁ ଗ୍ରହଣ କରିବା ସଙ୍ଗେ ସଙ୍ଗେ ମନୁଷ୍ୟ ଅବଶ୍ୟ

ଏକଥା ଜାଣିବାକୁ ଆରମ୍ଭ କରିବ ଯେ ତା'ଭିତରେ ପ୍ରକୃତରେ ଏକ ଦେବତାର ଶକ୍ତି ଅନ୍ତର୍ନିହିତ ହୋଇ ରହିଛି । ସିଏ କେବଳ ସେହି ଶକ୍ତିର ଉପଲବ୍ଧି ଦ୍ୱାରା ନିଜକୁ ଏକ ଦେବତାରେ ପରିଣତ କରିବ । ଅର୍ଥାତ୍, ତାହା ଭିତରେ ଯାହା କିଛି ଦେବତ୍ୱ ନୁହେଁ, ସିଏ ତାହାକୁ ଅତିକ୍ରମ କରିଯିବ ।

ଦେବତାମାନଙ୍କ ସହିତ ଏହି ସମ୍ବନ୍ଧ ସ୍ଥାପନ,— ତାହା ପ୍ରକୃତରେ ଏକ ଭାରି ଆଗ୍ରହୋଦ୍ଦୀପକ ବିଷୟ ।... ମଣିଷ ଯେପର୍ଯ୍ୟନ୍ତ ଖାଲି ଚକିତ ହୋଇ ଅନାଇ ରହିଥିବ, ସେହି ଶକ୍ତିର ସ୍ତୁତିଗାନ କରିବାରେ ଆପଣାକୁ ବିସ୍ମୃତ କରି ରଖିଥିବ, ଏହି ଦେବତାମାନଙ୍କର ସୌନ୍ଦର୍ଯ୍ୟ ଏବଂ ଅସାଧାରଣ କୃତିଗୁଡ଼ିକର ପ୍ରଶଂସା ଭିତରେ ନିଜକୁ ହରାଇ ଦେଇଥିବ, ସିଏ ସେ ପର୍ଯ୍ୟନ୍ତ ସେମାନଙ୍କର ଦାସ ହୋଇ ରହିଥିବ । ମାତ୍ର ଯେତେବେଳେ ସେହି ଦେବତାମାନେ ସତ୍ତାର କ୍ଷେତ୍ରରେ କେବଳ ସେହି ସର୍ବୋଚ୍ଚ ପରମସତ୍ତାଙ୍କର ଭିନ୍ନ ଭିନ୍ନ ଧାରାର ଗୋଟିଏ ଗୋଟିଏ ରୂପାୟନ ବୋଲି ସିଏ ହୃଦୟଙ୍ଗମ କରିବାକୁ ଆରମ୍ଭ କରିବ ଏବଂ ସିଏ ନିଜକୁ ମଧ୍ୟ ଯେତେବେଳେ ସେହି ସର୍ବୋଚ୍ଚ ସତ୍ତାଙ୍କର ତଥାପି ଆଉ ଗୋଟିଏ ଧାରାର ରୂପାୟିତ ପ୍ରକାଶ (ଯାହାକୁ କି ସିଏ ଅବଶ୍ୟ ଉପଲବ୍ଧି କରିବ) ବୋଲି ଅନୁଭବ କରିବାକୁ ସମର୍ଥ ହେବ, ସେତେବେଳେ ସେମାନଙ୍କ ସହିତ ରହିଥିବା ତା'ର ସମ୍ବନ୍ଧଟି ଏକାବେଳେକେ ବଦଳିଯିବ ଏବଂ ତା'ପରେ ସିଏ ଆଉ କଦାପି ସେମାନଙ୍କର ଦାସ ହୋଇ ରହିବ ନାହିଁ । ସିଏ ପ୍ରକୃତରେ ସେମାନଙ୍କର ଦାସ **ମୋଟେ ନୁହେଁ** ।

*ତେଣୁ ସେହି ସର୍ବୋଚ୍ଚ ପରମସତ୍ତାହିଁ ଏକମାତ୍ର ବାସ୍ତବ ସତ୍ୟ ରୂପେ ଅବସ୍ଥିତ ରହିଛନ୍ତି ?*

ହଁ, ଏଥର ଯାଇ ତୁମେ ପ୍ରକୃତ ସତ୍ୟଟିକୁ ବୁଝିଲ । ଏହାହିଁ ଅସଲ କଥା । ଠିକ୍ ଏହାହିଁ ଅସଲ ସତ୍ୟ କଥା ।

ଯଦି ''ବାସ୍ତବ ସତ୍ୟ'' କହିଲେ ଯଥାର୍ଥରେ ଏକ ସ୍ୱତନ୍ତ୍ର ଅର୍ଥାତ୍ କାହାରି ଅଧୀନ ନ ହୋଇ ରହିଥିବା ସତ୍ତାକୁ ବୁଝାଏ, ଆପେ-ବର୍ତ୍ତମାନ, ସ୍ୱତନ୍ତ୍ର ଓ ପ୍ରକୃତ ଏକ ସତ୍ତାକୁ ବୁଝାଏ, ତେବେ ସେହି ସତ୍ତା ହିସାବରେ କେବଳ ସର୍ବୋଚ୍ଚ ପରମସତ୍ତାହିଁ ବିଦ୍ୟମାନ ରହିଛନ୍ତି ।

*ତଥାପି, ପ୍ରାୟ ସମଗ୍ର ହୋଇ ରହିଥିବା ଆତ୍ମିକ କଳ୍ପନାଟି ମଧ୍ୟରେ ବି ଏପରି କିଛି ଉପାଦାନ ରହିଛି, ଯାହାକି ଭାରି ଅଶାନ୍ତ କରି ପକାଉଛି ।*

9

କିନ୍ତୁ, ସେପରି ହେଉଛି କାହିଁକି ?

> *ପ୍ରକୃତରେ କ'ଣ ସତ୍ୟ ଓ ଜୀବନରେ ଭେଟୁଥିବା କେଉଁ ସବୁ ବିଷୟକୁ ଯେ ସତ୍ୟ ବୋଲି କୁହାଯିବ, ସେଇଟିକୁ ନେଇ ଏକ ସଂଶୟ ରହିଯାଉଛି । ଏଗୁଡ଼ାକ ସବୁକିଛି କ'ଣ କେବଳ କଳ୍ପନାରହିଁ ଗୋଟିଏ ଗୋଟିଏ ତନ୍ତୁ ନୁହେଁ ? ଏହି କଥାଟାହିଁ ଭାରି ଅଶାନ୍ତ କରି ପକାଉଛି ।*

ମାତ୍ର, କେବଳ ସେହି ସର୍ବୋଚ୍ଚ ପରମସତ୍ତାହିଁ ଏକମେବାଦ୍ୱିତୀୟ ରୂପେ ଅବସ୍ଥିତ ଓ ଆଉ ସବୁକିଛି କେବଳ ସେହି ପରମକର୍ତ୍ତାଙ୍କର ଆପଣା ରଚିତ ଲୀଳା ବ୍ୟତୀତ ଆଉ କିଛି ନୁହେଁ,— ଯେତେବେଳେ ଅତ୍ୟନ୍ତ ସକାରାତ୍ମକ ଭାବରେ ଏହି ଅନୁଭୂତିଟି ଉପଲବ୍ଧ ହୋଇଯିବ, ସେତେବେଳେ ଅଶାନ୍ତ, ଅପ୍ରୀତିକର ବା ବିଚଳିତ କରିବା ଭଳି ଆଦୌ କିଛି ହେଲେ ରହିବ ନାହିଁ; ତଦ୍ୱାରା ବରଂ ଏକ ସମଗ୍ର ସଂଶୟମୁକ୍ତତାହିଁ ସମ୍ଭବ ହୋଇଯିବ ।

ସେହି ସର୍ବୋଚ୍ଚ ପରମସତ୍ତା ହେଉଛନ୍ତି ଏକମାତ୍ର ସତ୍ୟ । ଏବଂ, ଏହି ସବୁକିଛି ହେଉଛି ତାଙ୍କରି ଦ୍ୱାରା ରଚିତ ହୋଇଥିବା ଏକ ଲୀଳା । ଏହାର ବିପରୀତ ଦୃଷ୍ଟିକୋଣଟି ଅପେକ୍ଷା ଏହି ଦୃଷ୍ଟିକୋଣଟିକୁହିଁ ମୁଁ ଅଧିକ ହୃଦ୍‌ବୋଧକାରୀ ବୋଲି ଅନୁଭବ କରୁଛି ।

ଏବଂ, ସବୁଠାରୁ ବଡ଼ କଥା ହେଉଛି, ଏହି ସବୁକିଛି ଯେ ଦିନେ ଏକ ଅଦ୍ଭୁତ ଭାବରେ ରୂପାନ୍ତରିତ ହୋଇଯିବ,— ତାହାହିଁ ଏକ ମାତ୍ର ସୁନିଶ୍ଚୟତା । ତା' ନ ହେଲେ...

ଏବଂ ଏଇଟି ମଧ୍ୟ ଆମେ ଗ୍ରହଣ କରିଥିବା ଦୃଷ୍ଟିକୋଣ ଉପରେ ସମ୍ପୂର୍ଣ୍ଣ ଭାବରେ ନିର୍ଭର କରୁଛି । ଲୀଳାକୁ ଏକ ଲୀଳା ବୋଲି ଗ୍ରହଣ କରି ତାହା ସହିତ ସଂପୂର୍ଣ୍ଣ ଭାବରେ ଏକାତ୍ମ ହୋଇ ରହିବା, ତାହାକୁ ଏକ ସ୍ୱୟଂ ବର୍ତ୍ତମାନ ଓ ସ୍ୱତନ୍ତ୍ରତା ଯୁକ୍ତ ସତ୍ୟରୂପେ ଗ୍ରହଣ କରି ତାହା ସହିତ ଏକ ଅଭେଦତା ଅର୍ଜନ କରିବା,— ସମ୍ଭବତଃ ପ୍ରଥମ ପର୍ଯ୍ୟାୟରେ ଏଥିଲାଗି ମଧ୍ୟ ଏକ ଆବଶ୍ୟକତା ରହିଛି । ହୁଏତ ତେବେ ଯାଇ ଯଥାର୍ଥ ଭାବରେ ସେହି ଲୀଳା ମଧ୍ୟରେ ଅଂଶ ଗ୍ରହଣ କରିବା ସମ୍ଭବ ହେବ । ମାତ୍ର, ତା'ପରେ ଏପରି ଏକ ମୁହୂର୍ତ୍ତ ଆସି ପହଞ୍ଚେ, ଯେତେବେଳେ ଠିକ୍ ଏହିପରି ଏକ ନିର୍ଲିପ୍ତ ଭାବ ଅନୁଭୂତ ହେବାକୁ ଆରମ୍ଭ କରେ, ଜୀବନରେ ପ୍ରତିଭାସିତ ହୋଇ ରହିଥିବା ଯାବତୀୟ ମିଥ୍ୟା ଲାଗି ଏକ ସମଗ୍ର ବିରକ୍ତି ଅନୁଭୂତ ହୁଏ, ଏବଂ, ସେହି ସର୍ବୋଚ୍ଚ ସତ୍ତାହିଁ ଆପଣାକୁ ନେଇ ଓ ଆପଣା ସକାଶେ ଅନ୍ତର୍ଗତ ଭାବରେ ଏହି ଲୀଳାଟିକୁ ଲଗାଇ ରଖିଛନ୍ତି ବୋଲି ଦେଖି ନ ପାରିବା ପର୍ଯ୍ୟନ୍ତ ତାହା ପ୍ରକୃତରେ ଆଦୌ ସହ୍ୟ ବୋଲି ମନେ ହୁଏ ନାହିଁ ।

ଏବଂ ତାହା ଫଳରେ ଏହିପରି ଏକ ସୀମାହୀନ ଓ ପୂର୍ଣ୍ଣ ସ୍ୱାତନ୍ତ୍ର୍ୟ ଅନୁଭୂତ

ହେବାକୁ ଆରମ୍ଭ କରେ, ଯଦ୍ୱାରା କି ଅଧିକରୁ ଅଧିକ ଅଦ୍ଭୁତ ସମ୍ଭାବନାମାନ ବାସ୍ତବ ହୋଇ ଆସେ ଏବଂ କଳ୍ପିତ ଯାବତୀୟ ଉଚ୍ଚ ଓ ବୃହତ୍ ବିଷୟମାନ ଉପଲବ୍ଧିର ସୀମା ଭିତରକୁ ଚାଲିଆସେ ।

(*ମାଆ ଗଭୀର ଚିନ୍ତନରେ ନିମଗ୍ନ ହୋଇ ରହିଲେ*)

ତୁମେ ବେଶ୍ ବୁଝି ପାରୁଥିବ ଯେ, ଏପରି ଗୋଟିଏ ବେଳ ଆସି ପହଞ୍ଚେ, ଯେତେବେଳେ କି, ସେହି ପରମ ପ୍ରଭୁହିଁ ସବୁକିଛି, ଏହିପରି ଏକ ଦୃଷ୍ଟିକୋଣ ଗ୍ରହଣ ନ କରିଥିବା ପର୍ଯ୍ୟନ୍ତ ଆପଣାକୁ ଅଥବା ଜୀବନକୁ ବହନ କରି ପାରିବା ଆଦୌ ସମ୍ଭବ ହୁଏ ନାହିଁ । ତୁମେ ବେଶ୍ ଦେଖି ପାରୁଥିବ ଯେ ସେହି ପରମ କର୍ତ୍ତା – ଏହି ବିଶ୍ୱର ଯାବତୀୟ ବସ୍ତୁ ତାଙ୍କର ଅଧିକାରରେ ରହିଛି, ସିଏ ଏହି ବସ୍ତୁସକଳକୁ ନେଇ ଲୀଳା କରୁଛନ୍ତି – ସେହି ଲୀଳାର ମଧଦେଇ ବସ୍ତୁଗୁଡ଼ିକର ସ୍ଥିତିରେ କେତେ କ'ଣ ପରିବର୍ତ୍ତନ ବି କରୁଛନ୍ତି । ଏବଂ, ଯେତେବେଳେ ତୁମେ ଏହି କଥାଟିକୁ ଦେଖି ପାରିବ, ଏହି ସମଗ୍ର ବସ୍ତୁଜଗତଟିକୁ ସେହିପରି ଭାବରେ ଦେଖିବ, ସେତେବେଳେ ତୁମେ ଏହି ଅନନ୍ତ ଅଦ୍ଭୁତପଣିଆର ପରିଚୟଟିକୁ ବି ଲାଭ କରିବ । ତୁମେ ଏକଥାଟିକୁ ବି ହୃଦୟଙ୍ଗମ କରିପାରିବ ଯେ, ଆମର ଏହି ଯାବତୀୟ ଉଚ୍ଚତମ ପ୍ରତିଶ୍ରୁତିପୂର୍ଣ୍ଣ ଅଭୀପ୍ସାଗୁଡ଼ିକ ଅବଶ୍ୟ ଉପଲବ୍ଧ ଓ ସମ୍ଭବ ହେବେ ଓ ଏପରିକି ଆମେ ସେଗୁଡ଼ିକୁ ଡେଇଁ ଆହୁରି ସେପାଖକୁ ବି ଚାଲିଯାଇ ପାରିବା । ସେତିକିବେଳେ ଅସଲ ଆଶ୍ୱାସନା ମିଳିପାରିବ । ତା' ନ ହେଲେ, ଏହି ଜୀବନ,– ତାହା ଏହିପରି ଭାବରେ ସବୁଦିନ ଲାଗିହିଁ ଶୋକାତୁର ହୋଇ ରହିଥିବ । ମାତ୍ର, ଏହି ଅନ୍ୟ ଦୃଷ୍ଟିଟିକୁ ଅର୍ଜନ କରି ପାରିଲେ ଜୀବନ ଅତ୍ୟନ୍ତ ଚିତ୍ତାକର୍ଷକ ହୋଇ ପାରିବ । ଆଉଦିନେ ମୁଁ ଏହି ବିଷୟରେ ତୁମକୁ ଆହୁରି ଅନେକ କଥା ବି କହିବି ।

ଯେତେବେଳେ ଆମେ ଜୀବନର ଏହି ତୁଚ୍ଛ ଅସତ୍ୟତାଟିକୁ ଅନୁଭବ କରିବାକୁ ଆରମ୍ଭ କରିବା, ଯାହା ସୁନିଶ୍ଚିତ ଭାବରେ ଆହୁରି ସେପାଖରେ ରହିଛି, ଊର୍ଦ୍ଧ୍ୱରେ ରହିଛି, ଅଥଚ ଯୁଗପତ୍ ଭାବରେ ଜୀବନର **ଭିତରେ** ବି ରହିଛି, ସେହି ସତ୍ୟଟି ସହିତ ତୁଳନା କରିବାକୁ ଯାଇ ଯେତେବେଳେ ଜୀବନର ଅସତ୍ୟତାକୁ ଜଳଜଳ କରି ଅନୁଭବ କରିବା, ସେତେବେଳେ ଆମ ଆଗରେ ଏହିପରି ଏକ ଉପଲବ୍ଧି ପ୍ରତିଭାତ ହୋଇ ଉଠିବ... ''ହଁ, ସବୁ ପାର ହୋଇ ମୁଁ ବର୍ତ୍ତମାନ ଯେଉଁଟିକୁ ଦେଖି ପାରୁଛି, ତାହାହିଁ ସତ୍ୟ;– ଏହାହିଁ ସତ୍ୟ, ଏହାହିଁ ପ୍ରକୃତରେ ସତ୍ୟ ବୋଲି ଗୃହୀତ ହେବା ଲାଗି ଉପଯୁକ୍ତ । ଏହି ଉପଲବ୍ଧିରେହିଁ ସମ୍ଭାବ୍ୟ ସକଳ ମହିମା ଓ ସକଳ ଐଶ୍ୱର୍ଯ୍ୟର ଉପଲବ୍ଧି, ସମ୍ଭାବ୍ୟ ସକଳ

0

ବିସ୍ମୟର ଉପଲବ୍ଧି,— ହଁ, ଏହାହିଁ ସମ୍ଭାବ୍ୟ ସକଳ ଆନନ୍ଦର ଉପଲବ୍ଧି, ସକଳ ସୌନ୍ଦର୍ଯ୍ୟର ଏହାହିଁ ଉପଲବ୍ଧି । ହଁ, ଏହାହିଁ ସବୁକିଛି; ନଚେତ୍...''

ମୁଁ ସେହି ଉପଲବ୍ଧିଟିକୁ ଲାଭ କରିଛି ।

ତଥାପି, ମୋତେ ବୋଧ ହେଉଛି, ସତେ ଯେପରି ମୋର ଗୋଟାଏ ପାଦ ଏଠାରେ ରହିଛି ଓ ଆଉ ଗୋଟାଏ ପାଦ ସେଠାରେ ରହିଛି । ଏହି ସ୍ଥିତିଟା ପ୍ରକୃତରେ ମୋଟେ ଆରାମଦାୟକ ନୁହେଁ, କାରଣ... କାରଣ, କେବଳ ସେହି ପରମ ତାଙ୍କରି ବ୍ୟତୀତ ଆଉ କେଉଁଠାରେ ଯେ କିଛି ହେଲେ ନାହିଁ, ଭିତରେ ସେହି ଉପଲବ୍ଧିର ଇଚ୍ଛାଟି ବଳବତ୍ତର ହୋଇ ରହିଛି ।

ବର୍ତ୍ତମାନର ସତ୍ତାଟି ଯେଉଁ ଧାରାରେ ପରିଚାଳିତ ହେଉଛି, ତାହା ହେଉଛି ଏକ ଅତୀତର ଧାରା, ଯଥାର୍ଥ ଦୃଷ୍ଟିରୁ ବିଚାର କଲେ ତାହାର ଆଉ ରହିବା ବି ଉଚିତ ନୁହେଁ । ମାତ୍ର, ସେହି ଅନ୍ୟ ଧାରାଟି,— ''ହଁ, ସର୍ବଶେଷରେ ତାହାରି ପାଖରେ ଯାଇ ପହଞ୍ଚିବାକୁ ହେବ ! ତାହାରି ସକାଶେହିଁ ଏହି ବିଶ୍ୱଜଗତ ଅସ୍ତିତ୍ୱ ଧାରଣ କରି ରହିଛି ।''

ଏବଂ, ତାହାକୁ ଛାଡ଼ି, ଆଉ ଯାହାକିଛି ରହିଲା, ତାହା ସେହିପରି ମୂର୍ତ୍ତ ଓ ବାସ୍ତବ ହୋଇ ରହିଛି, ତାହା ମୋଟେ ଅସ୍ପଷ୍ଟ ହୋଇଯାଉ ନାହିଁ ! ତାହା ସବୁଦିନେ ଯେପରି ଥିଲା, ଠିକ୍ ସେହିପରି ମୂର୍ତ୍ତ ଏବଂ ବାସ୍ତବ ହୋଇ ରହିଛି । ମାତ୍ର... ମାତ୍ର... ତାହା ଏକ ଦିବ୍ୟ ଜଗତରେ ପରିଣତ ହେବାକୁ ଯାଉଛି । କାରଣ,... କାରଣ ଏହା ଦିବ୍ୟ **ହୋଇହିଁ ରହିଛି** । ତାହାରି ମଧ୍ୟ ଦେଇ ସେହି ଦିବ୍ୟ ପରମସତ୍ତା ଆପଣାର ଲୀଳାଟିକୁ ବ୍ୟକ୍ତ କରି ଦେଉଛନ୍ତି ।

## ୨୮ ସେପ୍ଟେମ୍ବର ୧୯୬୬

*ସଂସାରରେ ଦୁଃଖ କାହିଁକି ରହିଛି । ସେହି ଦୁଃଖ ଭୋଗର କିପରି ଅପସାରଣ ହୋଇ ପାରିବ ?*

ଏବେ, ଏକ ଦୀର୍ଘ ସମୟ ଧରି, ଅର୍ଥାତ୍, କେତେ ଦିନ ହେଲା ଆମେ ଅତ୍ୟନ୍ତ ତୀବ୍ର, ସ୍ପଷ୍ଟ ଓ ପ୍ରଗାଢ଼ ଭାବରେ ଅନୁଭବ କରୁଛୁ ଯେ ସେହି ପରମ ଶକ୍ତି, ଆମେ ଯାହାକୁ ''ଦୁଃଖ'' ବୋଲି କହୁଛୁ, ବାହ୍ୟତଃ ସେହି ଦୁଃଖର ରୂପରେହିଁ ସେ ଆପଣାକୁ ରୂପାୟିତ କରି ରଖିଛି । କାରଣ, କେବଳ ସେହି ପ୍ରକାରର ଏକ ସ୍ପନ୍ଦନ ଦ୍ୱାରା ଆକର୍ଷିତ ହୋଇହିଁ ମହାଜଡ଼ ଆପଣାର ଜାଡ୍ୟକୁ ପରିହାର କରି ବାହାରକୁ ବାହାରି ଆସି ପାରିବ ।

ସର୍ବୋଚ୍ଚ ପରମ ଶାନ୍ତି ଓ ସର୍ବୋଚ୍ଚ ପରମ ସ୍ଥିରତା ଏକ ବିକୃତିର ପ୍ରକ୍ରିୟା ମଧ୍ୟରେ ପଡ଼ି ଜାଡ୍ୟ ଏବଂ ତମଃର କୁରୂପତାକୁ ଧାରଣ କରିଛନ୍ତି । ଏବଂ, ତାହା ପ୍ରକୃତରେ ଯଥାର୍ଥ ପରମଶାନ୍ତି ଓ ଯଥାର୍ଥ ପରମସ୍ଥିରତାର ଏକ ବିକୃତିପ୍ରାପ୍ତ ରୂପ ହୋଇଥିବାରୁ, ତାହା ଯେ ବଦଳି କରି କାହିଁକି ଆଉ କିଛି ହେବ, ତାହାର ଆଦୌ କୌଣସି କାରଣ ନାହିଁ ! ଏହି ତମଃ ଭିତରୁ ବାହାରି ଚାଲିଆସିବା ସକାଶେ ଜାଗରଣର — ପୁନର୍ଜାଗରଣର — ଏକ ନିର୍ଦ୍ଦିଷ୍ଟ ସ୍ପନ୍ଦନର ଆବଶ୍ୟକତା ରହିଥିଲା । ମାତ୍ର ସେହି ସ୍ପନ୍ଦନଟି କଦାପି ସିଧା ତମଃ ଭିତରୁ ବାହାରି ପରମ-ଶାନ୍ତିରେ ଯାଇ ଉପନୀତ ହୋଇ ପାରି ନ ଥାନ୍ତା । ତମଃକୁ ଦୋହଲାଇ ଦେବା ସକାଶେ ଆଉ କୌଣସି ଉପାଦାନର ଆବଶ୍ୟକତା ରହିଥିଲା, ଏବଂ ସେହି ଉପାଦାନଟି ବାହ୍ୟତଃ ଏବେ ଦୁଃଖଭୋଗ ରୂପରେ ଅଭିବ୍ୟକ୍ତ ହେବାରେ ଲାଗିଛି ।

ଏଠାରେ ମୁଁ କେବଳ ଏହି ଶାରୀରିକ ସ୍ତରର ଦୁଃଖଭୋଗ ବିଷୟରେହିଁ କହୁଛି; କାରଣ ପ୍ରାଣିକ, ମାନସିକ ଓ ସଂବେଗଗତ ପ୍ରଭୃତି ଯେଉଁ ଅନ୍ୟ ପ୍ରକାର ଦୁଃଖଭୋଗମାନ ରହିଛି, ସେଗୁଡ଼ାକ ତ ଆମ ମନ ଅନୁଚିତ ଭାବରେ ଆପଣାକୁ କ୍ରିୟାଶୀଳ କରି ରଖିଥିବାରୁହିଁ ସଂଜାତ ହେଉଛି ଏବଂ ତେଣୁ ଏଗୁଡ଼ିକୁ ଆମେ ଏକାଠି ଏକ ମିଥ୍ୟା ବୋଲି କହି ଶ୍ରେଣୀଭୁକ୍ତ କରି ରଖିପାରିବା । ମାତ୍ର, ତା'ଠାରୁ ଆଉ ଅଧିକ କିଛି ବୋଲି କଦାପି କହିବା ନାହିଁ । ମାତ୍ର, ଶାରୀରିକ ଦୁଃଖଭୋଗର କଥା ପଡ଼ିଲେ ମୋତେ ସତେ ଅବା ମାଡ଼ ଖାଉଥିବା କୌଣସି ପିଲାର ଚିତ୍ରଟିଏ ଆସି ଦିଶିଯାଏ; କାରଣ, ଜଡ଼ର ଏହି ସୋପାନକୁ ଆସି ସେହି ମିଥ୍ୟା ଏକ ଅଜ୍ଞାନରେ ପରିଣତ ହୋଇଛି; ଅର୍ଥାତ୍, ଏହି କ୍ଷେତ୍ରରେ ଆଦୌ କୌଣସି ମନ୍ଦ ଇଚ୍ଛା ନାହିଁ, ଜଡ଼ ଭିତରେ ଆଦୌ କୌଣସି ମନ୍ଦ ଇଚ୍ଛା

କେବେ ହେଲେ ନ ଥାଏ । ସେଠାରେ ସକଳ କ୍ଷେତ୍ରଟି ଭଳି କେବଳ ଜଡ଼ତା ଓ ଅଜ୍ଞାନହିଁ ରହିଥାଏ । ପରମ ସତ୍ୟଟି ବିଷୟରେ ଚରମ ଅଜ୍ଞାନ ରହିଥାଏ, ଅସଲ ଉତ୍ସଟି ବିଷୟରେ ଅଜ୍ଞାନ ରହିଥାଏ, ସମ୍ଭାବନାଗୁଡ଼ିକ ବିଷୟରେ ଅଜ୍ଞାନ ଥାଏ, ଏବଂ ଏପରିକି, ଶାରୀରିକ ଦୁଃଖଭୋଗରୁ ନିଷ୍କୃତି ଲାଭ କରିବାକୁ ହେଲେ କ'ଣ କରିବାକୁ ହେବ, ସେ ବିଷୟରେ ମଧ୍ୟ ଅଜ୍ଞାନ ରହିଥାଏ । ସେହି ଅଜ୍ଞାନତା କୋଷଗୁଡ଼ିକ ମଧ୍ୟରେ ବ୍ୟାପ୍ତ ହୋଇ ରହିଥାଏ, ଏବଂ, ଏହି ପ୍ରାଥମିକ ଚେତନାସ୍ତରରେ ଦୁଃଖରୂପେ ପ୍ରକଟ ହେଉଥିବା ଉପାଦାନଟିର ଅଭିଜ୍ଞତା ଲାଭ କରିବା ଦ୍ୱାରାହିଁ ତାହାରି ଦ୍ୱାରା ଜାଣିବାର ତଥା ବ୍ୟାଧିଟିର ଅପସାରଣ କରିବାର ଆବଶ୍ୟକତାଟି ଜାଗୃତ ହେବ ଓ ସମ୍ଭବ ହେବ । ଆପଣାକୁ ରୂପାନ୍ତରିତ କରିବାର ଅଭୀପ୍ସାଟି ମଧ୍ୟ କେବଳ ତାହାରି ଦ୍ୱାରାହିଁ ଜନ୍ମଲାଭ କରିବ ।

ବର୍ତ୍ତମାନ ଏହି କଥାଟି ଏକ ସୁନିଶ୍ଚୟତାରେ ପରିଣତ ହୋଇ ସାରିଲାଣି, କାରଣ ସକଳ କୋଷରେ ସେହି ଅଭୀପ୍ସାଟି ଜନ୍ମ ଲାଭ କରିବାକୁ ଆରମ୍ଭ କରିଛି, ସେହି ଅଭୀପ୍ସା କ୍ରମେ ଅଧିକରୁ ଅଧିକ ପରିମାଣରେ ପ୍ରଗାଢ଼ ହେବାକୁ ଲାଗିଛି ଏବଂ ସିଏ ସମ୍ମୁଖୀନ ହେଉଥିବା ପ୍ରତିରୋଧରେ ବିସ୍ମୟ ବି ପ୍ରକାଶ କରୁଛି । ମାତ୍ର କୋଷଗୁଡ଼ିକ ଏହି କଥାଟିକୁ ବେଶ୍ ଦେଖିବାକୁ ପାଉଛନ୍ତି ଯେ, କାର୍ଯ୍ୟକାରୀ ହେବାର କ୍ଷେତ୍ରରେ ଯେତେବେଳେ କେଉଁଠି କିଛି ବିଗିଡ଼ି ଯାଉଛି, (ଅର୍ଥାତ୍, ନମନୀୟ, ସ୍ୱତଃପ୍ରେରିତ ଏବଂ ସ୍ୱାଭାବିକ ହେବା ପରିବର୍ତ୍ତରେ ସେହି କାର୍ଯ୍ୟକାରିତା ଏକ କଷ୍ଟକର ଚେଷ୍ଟାରେ ପରିଣତ ହୋଇ ଯାଉଛି, ଏକ ମନ୍ଦ ଇଚ୍ଛା ପରି ପ୍ରତୀତ ହେଉଥିବା ଅଥଚ ଯଥାର୍ଥ ଭାବରେ କିଛି ବୁଝିପାରୁ ନ ଥିବା କେବଳ ଏକ ମୌନରେ ପରିଣତ ହୋଇ ରହିଥିବା ବିରୋଧରେ ତାହା ଯେତେବେଳେ ଏକ ସଂଗ୍ରାମରେ ଆସି ପର୍ଯ୍ୟବସିତ ହେବାକୁ ଆରମ୍ଭ କରୁଛି), ସେତେବେଳେ ଅଭୀପ୍ସାର ଓ ଆହ୍ୱାନଟିର ସଘନତା ପ୍ରକୃତରେ ଦଶଗୁଣ ବଢ଼ିଯାଉଛି ଓ ତାହା ସ୍ଥାୟୀ ହୋଇପାରୁଛି । ସେତେବେଳେ ସଘନତାର ସେହି ସ୍ଥିତିଟିରେ ରହିପାରିବା ହେଉଛି ଅସଲ ଅସୁବିଧା । ସାଧାରଣତଃ ସେତେବେଳେ ସବୁକିଛି ଅଟକି ରହିଗଲା ପରି ମନେ ହୁଏ; ତାହା ଏକ ନିଦ୍ରାଳୁତା ମଧ୍ୟରେ ପତିତ ହୋଇ ରହିଯାଏ ନାହିଁ ସତ, ମାତ୍ର ଗୋଟାଏ ପ୍ରକାରର ଶିଥିଳତା ଭିତରେ ଆସି ପଡ଼ିଯାଏ । ସେତେବେଳେ ସକଳ ବ୍ୟାପାରରେ ତୁମର ଏକ ଅଳସ ଭାବ ଜନ୍ମିବାକୁ ଆରମ୍ଭ କରେ; ଏବଂ ସେତେବେଳେ ଭିତରର ଉପଦ୍ରବଟି ଯନ୍ତ୍ରଣାଦାୟକ ହୋଇପାରିଲେ ଯାଇ ପ୍ରଗାଢ଼ତା ବୃଦ୍ଧି ପାଇବାକୁ ସମର୍ଥ ହୁଏ ଏବଂ ସ୍ଥାୟୀ ହୋଇ ରହେ । ଲଗାଏତ ଘଣ୍ଟା ଘଣ୍ଟା ଧରି ଆଦୌ କୌଣସି ପ୍ରକାରେ ହୁଗୁଳା ହୋଇ ପଡ଼ିବାର ଧାରଣା ମୋଟେ ଗ୍ରାସ କରିପାରେ ନାହିଁ ଏବଂ ସେହି ଆହ୍ୱାନ, ଅଭୀପ୍ସା ଓ ପରମ ଦିବ୍ୟସତ୍ତାଙ୍କ ସହିତ ସମ୍ମିଳିତ ହୋଇପାରିବାର ତଥା ଆପଣାକୁ ସେହି

ଦିବ୍ୟସତ୍ତାରେ ପରିଣତ କରିବାର ଇଚ୍ଛାଟି ଏକ ସର୍ବୋଚ୍ଚ ସ୍ତରରେ ଯାଇ ଅବସ୍ଥିତ ରହିଥାଏ । ଏକଥା କାହିଁକି ହୁଏ କହିଲ ? ଏପରି ହେବାର କାରଣ ହେଉଛି ଯେ, ଏହି କ୍ଷେତ୍ରରେ ବାହ୍ୟତଃ ଏକ ଶାରୀରିକ ବିଶୃଙ୍ଖଳା ଉପସ୍ଥିତ ରହିଥାଏ, କଷ୍ଟ ଭୋଗ କରିବାକୁ ପଡୁଥାଏ । ତା'ନ ହେଲେ, ଯେତେବେଳେ କୌଣସି କଷ୍ଟଭୋଗ ନ ଥାଏ, ତେବେ ମଝିରେ ମଝିରେ କେତେ ଥର ବେଶ୍ ଉପରକୁ ଉଡ଼ିଯିବାର ବା ଉଠିଯିବାର ଘଟଣା ଘଟୁଥାଏ ସତ, ମାତ୍ର ତା'ପରେ ପୁଣି ହୁଗୁଳା ହୋଇ ତଳକୁ ଖସି ଆସିବାର ଦୁର୍ଯୋଗ ବି ଘଟୁଥାଏ । ପୁନର୍ବାର ଉପରକୁ ଉଠି ହୋଇଯାଏ... ଏହି ପୁଣି ଉଠିବା ଓ ପୁଣି ପଡ଼ିବାର ଆଉ କୌଣସି ଅନ୍ତ ରହେ ନାହିଁ । ଅନନ୍ତ କାଳ ଲାଗି ଏହିପରି ଲାଗି ରହିଥାଏ । ପ୍ରକ୍ରିୟାଟି ଅଧିକ ବେଗର ସହିତ ଗତି କରୁ ବୋଲି ଯଦି ଆମେ ପ୍ରକୃତରେ ଇଚ୍ଛା କରୁଥାଉ (ଆମ ଜୀବନର ଗତି ଛନ୍ଦଟି ସହିତ ତାଳ ରଖି ତଦନୁରୂପ ଅଧିକ ବେଗରେ), ତେବେ ଏହି ପ୍ରହାର ଓ ତାଡ଼ନର ସ୍ୱାଦ ଲାଭ କରିବା ଲାଗି ଅବଶ୍ୟ ଏକ ଆବଶ୍ୟକତା ରହିଥାଏ । ଏଥିରେ ମୋ'ର ଦୃଢ଼ ବିଶ୍ୱାସ ରହିଛି, କାରଣ ଆପଣାର ଅନ୍ତଃସତ୍ତାରେ ଯାଇ ପ୍ରବେଶ କରିବା ମାତ୍ରକେହିଁ ତୁମେ ତାହାକୁ ଏକ ଅବହେଳାର ଦୃଷ୍ଟିରେ ଦେଖିବାକୁ ଆରମ୍ଭ କରି ଦେଇଥାଅ (ଆପଣାକୁ ସେହିପରି ଏକ ଅବହେଳାର ଦୃଷ୍ଟିରେ ଦେଖିଥାଅ) ।

ମାତ୍ର ତା'ପରେ ହଠାତ୍, ଯେତେବେଳେ ସେହି କ୍ଷେତ୍ରରେ ଦିବ୍ୟ ପରମ ପ୍ରେମର ଏହି ଯଥାର୍ଥ ପରମକରୁଣା ଆସି ଉପଗତ ହୁଏ, ଏବଂ ଯେତେବେଳେ ଆମେ ଏତେବେଶୀ ଭୟାନକ, ଅସ୍ୱାଭାବିକ ଓ ଅସମ୍ଭବ ପରି ଦେଖା ଯାଉଥିବା ଏହି ବସ୍ତୁଗୁଡ଼ିକ ଉପରେ ଦୃଷ୍ଟିପାତ କରିବାକୁ ଆରମ୍ଭ କରୁ ଓ ସକଳ ସତ୍ତା ଏବଂ ଏପରିକି ସକଳ ବସ୍ତୁକୁ ଘାରି ରଖିଥିବା ଏହି ବୃହତ୍ ଦୁଃଖଟି ଯେତେବେଳେ ଆମ ଆଖିରେ ଆସି ପଡ଼େ, ସେତେବେଳେ ଆମ ଶାରୀରିକ ସତ୍ତା ମଧ୍ୟରେ ଏକ ଅଭୀପ୍ସା ଜନ୍ମଲାଭ କରେ ଓ ସେହି ଅଭୀପ୍ସା ଉପଶମ ଆଣିଦିଏ, ଆରୋଗ୍ୟ କରାଏ ଏବଂ ସେହି ଦୁଃଖର ଅପସାରଣ କରାଏ । ପରମ ପ୍ରେମ ଓ ତାହାର ସେହି ଗଭୀର ଉତ୍ସଟି ଭିତରେ ଏପରି ଗୋଟିଏ ସମ୍ପଦ ରହିଥାଏ, ଯାହାକି ସତତ ପରମ କରୁଣାର ଏକ ସହାୟତା ରୂପେ ଅଭିବ୍ୟକ୍ତ ହୋଇ ଆସେ; ଏକ ଶକ୍ତିମତ୍ତା, ଏକ ମଧୁରତା ଏବଂ ସତେଅବା ସାନ୍ତ୍ୱନାପ୍ରଦାନର ଏକ ସ୍ପନ୍ଦନ ଆସି ସର୍ବତ୍ର ବ୍ୟାପ୍ତ ହୋଇଯାଏ; ମାତ୍ର କେବଳ ଏକ ସନ୍ଦୀପିତ ଚେତନାହିଁ ତାହାର ଯଥାର୍ଥ ପରିଚାଳନା କରିପାରେ ଓ ତାହାକୁ କେତେକ ନିର୍ଦ୍ଦିଷ୍ଟ ବିନ୍ଦୁରେ ନେଇ ସଂକେନ୍ଦ୍ରିତ କରାଇବାକୁ ସମର୍ଥ ହୁଏ । ଏବଂ, ମୁଁ ଉପଲବ୍ଧି କରିପାରିଛି ଯେ, ଠିକ୍ ସେହି କ୍ଷେତ୍ରରେହିଁ ଆମେ ଯଥାର୍ଥ ଭାବରେ ଆମର ଭାବନାକୁ କାର୍ଯ୍ୟରେ ଲଗାଇ ପାରିବା । ଆବଶ୍ୟକତା ଅନୁସାରେ ଏହି ସ୍ପନ୍ଦନଟିକୁ ସ୍ଥାନରୁ ସ୍ଥାନକୁ ପରିଚାଳିତ କରି ନେବାରେ ଭାବନା ଏକ ପ୍ରକାରର

ସରଣୀରୂପେ କାର୍ଯ୍ୟ କରିଥାଏ । ଏହି ଶକ୍ତିଟି, ମଧୁରତାର ଏହି ସ୍ପନ୍ଦନଟି ପୃଥିବୀ ଉପରେ ସ୍ଥିତିଶୀଳ ଅବସ୍ଥାରେ ସର୍ବଦାହିଁ ଅବସ୍ଥିତ ରହିଛି, ଗୃହୀତ ହେବା ଲାଗି ତାହା ସର୍ବଦା ଚାପ ଦେବାରେ ଲାଗିଛି, ମାତ୍ର କେବଳ ଏକ ନୈର୍ବ୍ୟକ୍ତିକ କ୍ରିୟାରୂପେ ରହିଛି । ମାତ୍ର ଭାବନା – ସନ୍ଦୀପିତ ଭାବନା, ଉତ୍ସର୍ଗୀକୃତ ଭାବନା, ଆପଣାକୁ କେବଳ ଏକ ନିମିତ୍ତରୂପେ ପ୍ରସ୍ତୁତ କରି ସାରିଥିବା ଭାବନା, ଯାହାକି ନିଜେ କୌଣସି କଥାକୁ ଆରମ୍ଭ କରିବାକୁ ଆଉ କୌଣସି ଚେଷ୍ଟା କରୁ ନାହିଁ, ମାତ୍ର ସେହି ଉଚ୍ଚତର ପରମଚେତନା ଦ୍ୱାରା ପରିଚାଳିତ ହେବାରେହିଁ ଯାହାର ସନ୍ତୋଷ ବିଧାନ ହୋଇପାରୁଛି,– ସେହି ଭାବନା ଏକ ସମ୍ପର୍କ ସ୍ଥାପନ ସମ୍ଭବ କରିବାରେ ମଧ୍ୟବର୍ତ୍ତୀ ନିମିତ୍ତରୂପେ କାର୍ଯ୍ୟ କରୁଛି । ତାହାହିଁ ସମ୍ବନ୍ଧ ସ୍ଥାପନ କରାଉଛି ଏବଂ, ଆବଶ୍ୟକତା ଅନୁସାରେ ଓ କେତେକ ନିର୍ଦ୍ଦିଷ୍ଟ ବିନ୍ଦୁରେ ଏହି ନୈର୍ବ୍ୟକ୍ତିକ ଶକ୍ତିଟିକୁ ସକ୍ରିୟ ହେବା ଲାଗି ଅନୁପ୍ରେରିତ କରି ନେଇ ଆସୁଛି ।

ଏକାନ୍ତ ନିର୍ବିଶେଷ ଭାବରେ ଏହି କଥାଟି ବି ହୁଏତ କୁହାଯାଇ ପାରିବ ଯେ, ପ୍ରତ୍ୟେକ ମନ୍ଦ ଆପଣା ଭିତରେ ତାହାର ପ୍ରତିକାରଟିକୁ ମଧ୍ୟ ବହନ କରି ରହିଥାଏ । ଏହି କଥାଟିକୁ ଆମେ ଏପରି ଭାବରେ ବି ହୁଏତ କହିପାରିବା ଯେ ଯେକୌଣସି କଷ୍ଟ ଭୋଗର ପ୍ରତିକାରଟି ମଧ୍ୟ ସେହି ତାହାରି ଭିତରେହିଁ ସହାବସ୍ଥିତ ହୋଇ ରହିଥାଏ । ତେଣୁ, କୌଣସି ଏକ ମନ୍ଦକୁ ଆମେ କଦାପି କେବଳ ''ବୃଥା'' ବା କେବଳ ''ନିରର୍ଥକ'' ବୋଲି ଦେଖିବାର କୌଣସି ଚେଷ୍ଟା କରିବା ନାହିଁ । ସାଧାରଣତଃ ସେଗୁଡ଼ିକୁ ସେହିପରିହିଁ ବିଚାର କରା ଯାଇଥାଏ । ତୁମେ ବୁଝି ପାରୁଥିବ ଯେ ଯେଉଁ ଅଗ୍ରଗତି ଓ ଯେଉଁ ବିବର୍ତ୍ତନଟି ସକାଶେ ଏକ କଷ୍ଟଭୋଗ ଆବଶ୍ୟକ ହୋଇ ପଡ଼ିଛି,– ତାହାକୁ ଆମେ କଷ୍ଟ- ଭୋଗର କାରଣ ବୋଲିହିଁ କହିବା ଏବଂ ଖାସ୍ ତାହାରି ସକାଶେହିଁ ଏହି କଷ୍ଟଭୋଗଟି ଘଟିଛି,– ଏହି କଷ୍ଟଭୋଗ ସକାଶେହିଁ ଏହି କ୍ଷେତ୍ରରେ ଈପ୍ସିତ ପରିଣାମଟି ସମ୍ଭବ ହୋଇ ପାରୁଛି । ଏବଂ, ଯୁଗପତ୍ ଭାବରେ ତଦ୍ଦ୍ୱାରା କଷ୍ଟ- ଭୋଗ ବି ଅପନୋଦନ ହୋଇପାରୁଛି; ଯେଉଁମାନେ ଆପଣାକୁ ଉନ୍ମୋଚିତ କରିଦେଇ ପାରୁଛନ୍ତି ଓ ଯଥାର୍ଥରେ ଗ୍ରହଣ କରିପାରୁଛନ୍ତି, ଏହା ଦ୍ୱାରା ସେମାନଙ୍କର କଷ୍ଟଭୋଗର ବି ନିରାକରଣ ହୋଇପାରୁଛି । ତେଣୁ ଏହି ତିନୋଟି ଯାକ କଥା,– ଅଗ୍ରଗତିର ଏକ ଉପାୟରୂପେ କଷ୍ଟସହନ, ଅଗ୍ରଗତି ଏବଂ ଅଗ୍ରଗତି ଦ୍ୱାରା ସେହି କଷ୍ଟସହନର ନିରାକୃତି,– ଏହି ତିନୋଟିଯାକ ପରସ୍ପର ସହିତ ସହାବସ୍ଥିତ ହୋଇ ରହିଛନ୍ତି । ଯୁଗପତ୍ ଭାବରେ ପରସ୍ପର ସହିତ ରହିଛନ୍ତି । ଅର୍ଥାତ୍, ସେଗୁଡ଼ିକ ଆଦୌ ଗୋଟିକ ପରେ ଗୋଟିଏ ଘଟୁ ନାହାନ୍ତି, ସେଗୁଡ଼ିକ ସେଠାରେ ଯୁଗପତ୍ ଭାବରେ ଅବସ୍ଥାନ କରୁଛନ୍ତି ।

ରୂପାନ୍ତର ସାଧନ କରୁଥିବା କ୍ରିୟାଟି ଯେତେବେଳେ ଏକ କଷ୍ଟଭୋଗର ମଧ୍ୟ

କାରଣ ହେଉଛି, ଯଦି ସେତେବେଳେ ସେହି କଷ୍ଟଟିକୁ ଭୋଗ କରୁଥିବା ଆଧାରଟିରେ ଆବଶ୍ୟକ ଅଭୀପ୍ସା ଓ ଉନ୍ମୋଚନଟି ରହିଥାଏ, ତେବେ ସେତେବେଳେ ତାହାର ନିରାକରଣ ମଧ୍ୟ ଯୁଗପତ୍ ଭାବରେ ସମ୍ଭବ ହୋଇଯାଏ ଏବଂ ତାହାର ଏକ ସଂପୂର୍ଣ୍ଣ ଓ ସମଗ୍ର ଫଳ ଉପଲବ୍ଧ ହୁଏ । ସେତେବେଳେ ଯଥାର୍ଥ ରୂପାନ୍ତରଟି ସଂଘଟିତ ହୁଏ, ତାହାକୁ ସମ୍ଭବ କରିପାରୁଥିବା କ୍ରିୟାଟି ମଧ୍ୟ ସମ୍ଭବ ହୋଇଯାଏ, ଏବଂ, ଠିକ୍ ସେହି ସମୟରେ, ପ୍ରତିରୋଧଟି ଦ୍ୱାରା ଉପୁଜିଥିବା ମିଛ ଅବବୋଧଟି ମଧ୍ୟ ନିରାକୃତ ହୋଇଯାଏ । ଏବଂ, ଯେଉଁଠି କଷ୍ଟ ସହିବାକୁ ହେଉଥିଲା, ସେଠାରେ ତାହାର ସ୍ଥାନାପନ୍ନ ଭାବରେ ଯାହା ସମ୍ଭବ ହୁଏ, ତାହା ଏହି ପୃଥିବୀ ଉପରେ ଏବେ ମଧ୍ୟ ଅଜ୍ଞାତ ହୋଇ ରହିଛି, ତଥାପି ତାକୁ ଆମେ ଆନନ୍ଦ, ମଙ୍ଗଳ, ପୂର୍ଣ୍ଣ ନିର୍ଭରତା ଓ ପୂର୍ଣ୍ଣନିରାପତ୍ତାର ସମଗୋତ୍ରୀୟ ଏକ ସମ୍ପଦ ବୋଲି କହିପାରିବା । ଏଇଟି ହେଉଛି ଏକ ଅଧିବୋଧ, ତାହା ପରିପୂର୍ଣ୍ଣ ଶାନ୍ତିକୁ ସାଙ୍ଗରେ ନେଇ ଆସେ ଏବଂ ସ୍ପଷ୍ଟତଃ ତାହାହିଁ ଶାଶ୍ୱତ ହୋଇ ରହିବାର ସାମର୍ଥ୍ୟ ମଧ୍ୟ ରଖିଥାଏ ।

ଆନନ୍ଦ ମଧ୍ୟରେ ''ଅନ୍ତର୍ନିହିତ ହୋଇ ରହିଥିବା ସମ୍ପଦ'' କହିଲେ ଯାହା ବୁଝାଏ, ଯେତେ଼ ଅପୂର୍ଣ୍ଣ ଭାବରେ ହେଲେ ମଧ୍ୟ ଏହି ବିଶ୍ଳେଷଣ ତାହାରି ଏକ ବ୍ୟାଖ୍ୟା ଦେବାକୁ ଚେଷ୍ଟା କରିଛି ।

ମୋ'ର ବିଶ୍ୱାସ, ଆଂଶିକ ଭାବରେ ଓ ଯେତେ଼ ଅସ୍ଥାୟୀ ଭାବରେ ହେଲେ ମଧ୍ୟ ଯୁଗଯୁଗ ଧରି ଏହିପରି ଏକ କଥା ଅନୁଭୂତ ହୋଇ ଆସିଛି; ମାତ୍ର କେବଳ ବର୍ତ୍ତମାନ ପର୍ଯ୍ୟାୟକୁ ଆସିହିଁ ତାହା ପୃଥିବୀରେ ଆପଣାକୁ ସଂକେନ୍ଦ୍ରିତ କରିବାକୁ ଆରମ୍ଭ କରିଛି, ଏକ ମୂର୍ତ୍ତ ରୂପ ଦେଇଛି । ମାତ୍ର ଆପଣାର କୋଷାକୃତି ଅସ୍ତିତ୍ୱ-ସ୍ତରରେ ସ୍ଥୂଳ ଜଡ଼ୋପାଦାନର,– ତାହାକୁ ଠିକ୍ ଭୟ ବା ଉଦ୍‌ବେଗ ବୋଲି କୁହାଯିବ ନାହିଁ,– ତଥାପି ତାହା ଭିତରେ ନୂତନ ସ୍ପନ୍ଦନଗୁଡ଼ିକ ଲାଗି ଏକ ଆଶଙ୍କା ରହିଛି ଏବଂ ସେହି ଆଶଙ୍କାହିଁ ସ୍ପଷ୍ଟତଃ କୋଷଗୁଡ଼ିକ ମଧ୍ୟରୁ ସେଗୁଡ଼ିକର ଗ୍ରହଣଶୀଳତାକୁ ହରଣ କରିନେଇ ଯାଉଛି ଏବଂ ଏକ ଅସ୍ୱସ୍ତିତାର ପ୍ରତିଭାସକୁ ସୃଷ୍ଟି କରୁଛି । ଏହାକୁ ଆଦୌ କଷ୍ଟଭୋଗ ବୋଲି କୁହାଯିବ ନାହିଁ, ତାହା ହେଉଛି ଏକ ଅସ୍ପଷ୍ଟତା । ମାତ୍ର, ଯେତେବେଳେ ସେହି ଆଶଙ୍କାର ଏକ ପ୍ରତିଭାରସାମ୍ୟ ରୂପେ ଏକ ଅଭୀପ୍ସା ସମ୍ଭବ ହୋଇପାରୁଛି ଓ ତାହାର ନିରାକରଣ କରିଦେଉଛି, ଯେତେବେଳେ ଏହି କ୍ଷେତ୍ରରେ ଏକ ସମଗ୍ର ସମର୍ପଣର ଇଚ୍ଛା ପ୍ରକାଶ ପାଉଛି ଓ ଏକ ସମଗ୍ର ସମର୍ପଣ ସକ୍ରିୟ ଭାବରେ ସମ୍ଭବ ହେଉଛି, ସେତେବେଳେ ଏହି ପ୍ରକାରର ଆଶଙ୍କାଟି ଅନ୍ତର୍ହିତ ହୋଇଯାଉଛି ଏବଂ ଏକ ପରମ କଲ୍ୟାଣରେ ପରିଣତ ହୋଇପାରୁଛି ।

3

ଏହି ସବୁକିଛି,— ଏଗୁଡ଼ିକୁ ଆମେ ସତେଅବା ଚେତନାରୂପୀ ବସ୍ତୁଟିର ଏକ ସୂକ୍ଷ୍ମ ଅଧ୍ୟୟନ ବୋଲି କହିପାରିବା,— ଏସବୁ ମାନସିକ ସ୍ତରର ଯାବତୀୟ ହସ୍ତକ୍ଷେପରୁ ମୁକ୍ତ ହୋଇ ରହିଥାଏ । ଆପଣାର ଭାବ ବ୍ୟକ୍ତ କରିବା ଲାଗି ଶବ୍ଦମାନଙ୍କୁ ବ୍ୟବହାର କରିବାର ପ୍ରୟୋଜନଟିହିଁ ସେହି ମାନସିକ ହସ୍ତକ୍ଷେପର କାରଣ ହୋଇଥାଏ, ମାତ୍ର ସେଇଟି ଅଭିଜ୍ଞତା ମଧ୍ୟରେ କେବେ ହେଲେ ଉପସ୍ଥିତ ନ ଥାଏ । ଏହି କଥାଟି ପ୍ରକୃତରେ ଅତ୍ୟନ୍ତ ଆଗ୍ରହୋଦ୍ଦୀପକ, କାରଣ, ଶୁଦ୍ଧ ଅଭିଜ୍ଞତା ଭିତରେ ଯଥାର୍ଥ ସତ୍ୟ ଓ ଯଥାର୍ଥ ବାସ୍ତବତା ଅବଶ୍ୟ ବର୍ତ୍ତମାନ ରହିଥାଏ, ମାତ୍ର ମନ ହସ୍ତକ୍ଷେପ କରିବାକୁ ଆରମ୍ଭ କରିବା ମାତ୍ରକେ ତାହା ଅନ୍ତର୍ହିତ ହେବାକୁ ଲାଗେ । ଏବଂ ସେହି କାରଣରୁହିଁ, ଯଥାର୍ଥ ସତ୍ୟର ଏପରି ଏକ ଆସ୍ୱାଦନ ରହିଛି ଯାହାକି କେବେହେଲେ ଶବ୍ଦାଭିବ୍ୟକ୍ତି ପାଖରେ ଧରା ଦିଏ ନାହିଁ । ଏହି କଥାଟିକୁ ଆମେ ଜଣେ ବ୍ୟକ୍ତି ଓ ତା'ର ଆକୃତି-ଚିତ୍ରଟି ମଧ୍ୟରେ ରହିଥିବା ପାର୍ଥକ୍ୟଟି ସହିତ ବେଶ୍ ତୁଳନା କରିପାରିବା, ଏକ ପ୍ରକୃତ ଘଟଣା ଓ ତାହା ବିଷୟରେ କୁହା ହେଉଥିବା କାହାଣୀଟି ମଧ୍ୟରେ ରହିଥିବା ପାର୍ଥକ୍ୟଟି ସହିତ ମଧ୍ୟ ତୁଳନା କରିପାରିବା । ଏହି କଥାଟି ଠିକ୍ ସେହିପରି, ମାତ୍ର ଅପେକ୍ଷାକୃତ ଅଧିକ ସୂକ୍ଷ୍ମ ।

ଏବଂ ତା'ପରେ, ଆମେ ବର୍ତ୍ତମାନ ପକାଇଥିବା କଥାଟିକୁ ପୁନର୍ବାର ଆଲୋଚନା କରିବାକୁ ଗଲେ, ଯେତେବେଳେ ଆମେ ସେହି ଶକ୍ତିମତ୍ତାଟି ବିଷୟରେ ସଚେତନ ହୋଇପାରିବା,— ଏହି ଶକ୍ତିମତ୍ତା ଓ ପରମକରୁଣାର ଯଥାର୍ଥ ମର୍ମ ସତ୍ୟଟି ବିଷୟରେ ସଚେତନ ହୋଇପାରିବା, ଏବଂ, ଜଣେ ସଚେତନ ବ୍ୟକ୍ତିର ମଧ୍ୟଦେଇ ତାହା କିପରି କ୍ରିୟା-ସମର୍ଥ ହୋଇପାରିବ, ସେହି କଥାଟିକୁ ଉପଲବ୍ଧି କରିପାରିବା, ସେତେବେଳେ ଆମକୁ ସମସ୍ୟାଟିର ଅସଲ ଚାବିକାଠି ମିଳିଗଲା ବୋଲି କହିବାକୁ ହେବ ।

## ୩୦ ସେପ୍ଟେମ୍ବର ୧୯୬୬

ଶ୍ରୀଅରବିନ୍ଦଙ୍କର ନିମ୍ନଲିଖିତ ପତ୍ର ଉପରେ
ମା'ଙ୍କର ମନ୍ତବ୍ୟ ସହ ଏହି ପ୍ରବଚନଟିର ଆରମ୍ଭ ।

*''...ସେଣ୍ଟ୍ ପଲ ତତ୍ତ୍ୱ ବୋଧ୍ ଓ ତତ୍ତ୍ୱ-ଉପଲବ୍ଧିର କ୍ଷେତ୍ରରେ ଅନେକ ଉଲ୍ଲେଖଯୋଗ୍ୟ ଅଭିଜ୍ଞତା ଲାଭ କରିଥିଲେ । ଏବଂ ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ, ଆଧ୍ୟାତ୍ମିକ କ୍ଷେତ୍ରରେ ତାଙ୍କର ଅତ୍ୟନ୍ତ ଗଭୀର (ମୁଁ ଭାବୁଛି ପ୍ରଶସ୍ତ ଅପେକ୍ଷା ଏହା ଅଧିକତର ପରିମାଣରେ ଗଭୀରହିଁ ଥିଲା) ଜ୍ଞାନ ରହିଥିଲା ସତ, ମାତ୍ର, ସିଏ ଯେ କୌଣସି ପ୍ରସଙ୍ଗରେ ଅତିମାନସୀକୃତ ଶରୀରର (ଜଡ଼ସ୍ଥ ସ୍ଥୂଳ ଶରୀର) ଚର୍ଚ୍ଚା କରିଛନ୍ତି, ମୁଁ ସେହି କଥାଟିକୁ ଆଦୌ ସମର୍ଥନ କରିପାରୁ ନାହିଁ । ହୁଏତ ସିଏ ତାହାର ଏକ ସ୍ୱକୀୟ କ୍ଷେତ୍ରରେ ଏବଂ ସ୍ୱକୀୟ ଉପାଦାନରେ ଅତିମାନସ ଶରୀର ଅଥବା ସେପରି ଅନ୍ୟ କୌଣସି ଜ୍ୟୋତିର୍ମୟ ଶରୀରର ଚର୍ଚ୍ଚା କରିଛନ୍ତି, ଯାହାକୁ କି ସିଏ ବେଳେବେଳେ ସତେଅବା ତାଙ୍କୁ ଆବୃତ କରି ରଖିଥିବାର ଓ ଏହି ମରଣଶୀଳ ଶରୀରଟିର ବିଲୁପ୍ତି ସାଧନ କରିଦେଉଥିବା ପରି ଅନୁଭବ କରୁଥିଲେ । ମରଣଶୀଳ ଶରୀରଟିକୁ ସିଏ ଏକ ସ୍ଥୂଳ ଆବରଣ ପରିହିଁ ମନେ କରୁଥିଲେ । ତାଙ୍କର ଅନ୍ୟାନ୍ୟ ପଦଗୁଡ଼ିକ ପରି ଏହି ପଦଟିର* ମଧ୍ୟ ଏକାଧିକ ପ୍ରକାରର ବ୍ୟାଖ୍ୟା କରା ଯାଇପାରେ ଏବଂ ହୁଏତ ତାଙ୍କର ଏକ ଅତି ଦୈହିକ ଅନୁଭୂତି ହୋଇଥିବାର ଏକ ସୂଚନା ଦେଇପାରେ । ଶାରୀରିକ ରୂପାନ୍ତରର ଧାରଣାଟି ନାନା ପରମ୍ପରା ଭିତରେ ଦେଖିବାକୁ ମିଳିଥାଏ ସତ, ମାତ୍ର ଅନ୍ୟତ୍ର ଏହି ସ୍ଥୂଳ ଜଡ଼ର ରୂପାନ୍ତର ହେବା ଅର୍ଥରେ କେବେ କିଛି ଉକ୍ତ ରହିଛି ବୋଲି ମୁଁ ଆଦୌ ନିଶ୍ଚିତ ଭାବରେ କହିପାରୁ ନାହିଁ । କେତେ ବର୍ଷ ପୂର୍ବେ ଏହି ଅଞ୍ଚଳରେ ଜଣେ ଯୋଗୀ ଥିଲେ, ଯିଏ କି ଏହି କଥାଟିକୁ କହୁଥିଲେ;*

---

* ''ଯାହା କ୍ଷୟର ଅଧୀନ, ତାହାକୁ ଏକ ଅକ୍ଷୟ ପରିଧାନ ଗ୍ରହଣ କରିବାକୁ ପଡ଼ିବ, ଏବଂ ଏହି ମର ଶରୀରକୁ ଅମର ହେବାକୁ ପଡ଼ିବ ।

''ତେଣୁ, ଯେତେବେଳେ ଏହି କ୍ଷୟିଷ୍ଣୁ ଆକାରଟି ଅକ୍ଷୟ ପରିଚ୍ଛଦ ଗ୍ରହଣ କରିବ ଏବଂ ଏହି ମର ଶରୀର ଅମରତ୍ୱର ପରିଧାନଟିକୁ ପିନ୍ଧିବ, ସେତେବେଳେ ଯାଇ ଲିପିବଦ୍ଧ ହୋଇ ରହିଥିବା 'ସେଇ ବିଜୟର ଗର୍ଭରେ ମରଣ ବିଲୀନ ହୋଇଯାଏ'— ଏହି ଉକ୍ତିଟି ପ୍ରକୃତରେ ସତ୍ୟରେ ପରିଣତ ହେବ ।''

୧ କୋରିନ୍ଥିଆନ୍ସ୍, ୧୬, ୫୩, ୫୪

> *ମାତ୍ର ସିଏ ଏକଥା ମଧ୍ୟ ଆଶା କରୁଥିଲେ ଯେ ଏହି ଈପ୍ସିତ ପରିବର୍ତ୍ତନଟି ପୂର୍ଣ୍ଣଭାବରେ ସଂଘଟିତ ହୋଇଗଲେ ସିଏ ଆଲୋକ ମଧ୍ୟରେ ବିଲୀନ ଓ ଅନ୍ତର୍ହିତ ହୋଇଯିବେ । ବୈଷ୍ଣବମାନେ ବି ଏପରି ଗୋଟିଏ ଦିବ୍ୟ ଶରୀରର ଉଲ୍ଲେଖ କରନ୍ତି, ଯାହାକି ସମ୍ପୂର୍ଣ୍ଣ ସିଦ୍ଧି ଲାଭ ପରେ ଏହି ବର୍ତ୍ତମାନ ଶରୀରଟିର ସ୍ଥାନାପନ୍ନ ହିସାବରେ ଆସି ଆବିର୍ଭୂତ ହେବ । ମାତ୍ର, ପୁନଶ୍ଚ, ଆମେ ଏହାକୁ ଏକ ଦିବ୍ୟ ଭୌତିକ ଶରୀର ବୋଲି କହିବା ନା ଅତିଭୌତିକ ଶରୀର ବୋଲି କହିବା ? ତଥାପି ଯୁଗପତ୍ ଭାବରେ ଏପରି ମଧ୍ୟ କୁହାଯାଇ ପାରିବ ଯେ, ଏହିସବୁ ଧାରଣା, କଳ୍ପନା, ବୋଧିଲବ୍ଧ ଜ୍ଞାନ ତଥା ଅନୁଭବ ନିର୍ଦ୍ଦିଷ୍ଟ ଭାବରେ ସେପରି କିଛି ବ୍ୟକ୍ତ କରୁ ନ ଥିଲେ ମଧ୍ୟ ଶାରୀରିକ ରୂପାନ୍ତର ବିଷୟରେ ଯେ ସେ ଏକ ସୂଚନା ଦେଇଯାଇ ଅଛନ୍ତି, ସେପରି ଅନୁମାନ କରିବାରେ ଆଦୌ କୌଣସି ବାଧା ନାହିଁ ।** [*]

ଭାରି ଆଶ୍ଚର୍ଯ୍ୟର କଥା ଯେ ଏହି ଗତ କେତେ ଦିନ ହେଲା ଏହି କଥାଟିହିଁ ପ୍ରାୟ ସତତ ମୋ'ର ଧ୍ୟାନବସ୍ତୁ ହୋଇ ରହିଥିଲା । ମୁଁ ଜାଣି ଜାଣି ଯେ ଏହି କଥାଟିକୁ ମୋ ଧ୍ୟାନର ବସ୍ତୁ କରି ରଖିବାକୁ ଚେଷ୍ଟା କରୁଥିଲି, ସେକଥା ଆଦୌ ନୁହେଁ । ସେଗୁଡ଼ିକ ଯେପରି ସେହି ଊର୍ଦ୍ଧ୍ୱରୁହିଁ ନିର୍ଦ୍ଦେଶିତ ହୋଇ ଆସୁଥିଲେ । କାରଣ, ଉଦ୍ଭିଦରୁ ଇତର ପ୍ରାଣୀ ଯାଏ ଓ ଇତରପ୍ରାଣୀରୁ ମନୁଷ୍ୟ ଯାଏ (ବିଶେଷ କରି ଇତରପ୍ରାଣୀଠାରୁ ମନୁଷ୍ୟ ଯାଏ) ଯେଉଁ ସମ୍ପୂର୍ଣ୍ଣ ପଥଟିକୁ ଅତିକ୍ରମ କରିବାକୁ ପଡ଼ିଛି, ସେଥିରେ ପ୍ରଭେଦର ଆକାରଗୁଡ଼ାକ ମୂଳତଃ ଅତ୍ୟନ୍ତ ଅଳ୍ପ ହୋଇ ରହିଛି; ଚେତନାର ଆଉ ଏକ କାରଣର ହସ୍ତକ୍ଷେପ ଉପରେହିଁ ଅସଲ ରୂପାନ୍ତରଟି ନିର୍ଭର କରୁଛି । ମନର ହସ୍ତକ୍ଷେପଟି ଫଳରେହିଁ ଇତରପ୍ରାଣୀର ଜୀବନ ଓ ମନୁଷ୍ୟଜୀବନ ମଧ୍ୟରେ ରହିଥିବା ଯାବତୀୟ ପ୍ରଭେଦର ଉଦ୍‌ଗମ ହେଉଛି । ମାତ୍ର ଉପାଦାନଟି ମୂଳତଃ ଅପରିବର୍ତ୍ତିତ ହୋଇ ରହିଛି ଏବଂ ତାହା ଆକାର ଗ୍ରହଣ ଓ ଅବୟବ-ଗଠନର ସେହି ଏକା ନିୟମଟିକୁହିଁ ପାଳନ କରୁଛି । ଉଦାହରଣ ସ୍ୱରୂପ, ଗାଈର ଗର୍ଭ ଭିତରେ ଯେଉଁ ବାଛୁରୀର ଶରୀରଟି ଆକାର ଗ୍ରହଣ କରୁଛି ଓ ଜଣେ ଜନନୀର ଗର୍ଭରେ ଯେଉଁ ମନୁଷ୍ୟ ଶିଶୁଟି ବଢ଼ୁଛି, ଦୁହିଙ୍କ ମଧ୍ୟରେ ସେପରି ଆଦୌ ବେଶୀ କିଛି ପ୍ରଭେଦ ନାହିଁ । କେବଳ ଗୋଟିଏ ପ୍ରଭେଦ ରହିଛି, ସେଇଟି ହେଉଛି ମାନସିକ ସ୍ତରର ହସ୍ତକ୍ଷେପ । ମାତ୍ର ଯଦି ଆମେ କୌଣସି ଏକ ଶରୀରଧାରୀ ସତ୍ତା ଉପରେ ଦୃଷ୍ଟିପାତ କରିବା,

---

* ୨୪ ଡିସେମ୍ବର ୧୯୩୦ ରେ ଲିଖିତ ପତ୍ର,

— 'Letters on Yoga – CENT. Vol. 24, p. 1237'

ଅର୍ଥାତ୍, ଶରୀରଧାରୀ ପ୍ରତ୍ୟେକ ବସ୍ତୁ ପରି ଯାହା ଦୃଶ୍ୟ ହୋଇ ପାରୁଥିବ ଏବଂ ଯାହାର ଠିକ୍ ଯେକୌଣସି ଶରୀରଧାରୀ ସତ୍ତା ପରି ସେହି ଗୋଟିଏ ପ୍ରକାରର ନିୟତି ମଧ୍ୟ ରହିଥିବ (ଉଦାହରଣ ସ୍ୱରୂପ, ତାହାର ଏପରି ଏକ ଶରୀର ଥିବ, ଯାହାର କି ରକ୍ତସଞ୍ଚାଳନ କିଂବା ଅସ୍ଥିଗୁଡ଼ିକ ଲାଗି ଆଦୌ କୌଣସି ଆବଶ୍ୟକତା ନ ଥିବ,– ବିଶେଷତଃ ଏହି ଦୁଇଟି ଜିନିଷ, ରକ୍ତସଞ୍ଚାଳନ ଏବଂ କଙ୍କାଳଗଠନର କୌଣସି ଆବଶ୍ୟକତା ନ ଥିବ), ଆମେ ଆଦୌ ସହଜରେ ତାହାର ଏକ କଳ୍ପନା କରିପାରିବା ନାହିଁ । ଏବଂ, ଯେ ପର୍ଯ୍ୟନ୍ତ ସବୁକିଛି ସେହିପରି ରହିଛି, ରକ୍ତର ସଞ୍ଚାଳନ ଘଟୁଛି, ହୃଦ୍‌ଯନ୍ତ୍ର କାର୍ଯ୍ୟ କରୁଛି । ତେବେ ଜଣେ ହୁଏତ କଳ୍ପନା କରିପାରିବ ବା ପ୍ରକୃତରେ କଳ୍ପନା କରି ପାରିବ ଯେ, ପରମ ଚିନ୍ମୟ ସତ୍ତାର କ୍ରିୟାବଳରେ, ଆହାର ଗ୍ରହଣ ନ କରି ଆଉ କୌଣସି ଉପାୟରେ ସେହି କ୍ଷେତ୍ରରେ କ୍ଷୟ ହେଉଥିବା ଶକ୍ତିର ପୂରଣ ହୋଇଯାଉଛି, ପୁନର୍ବଳନ ସମ୍ଭବ ହୋଇ ପାରୁଛି । ଏହି କଥାଟିକୁ ବେଶ୍ କଳ୍ପନା କରାଯାଇ ପାରିବ ସତ, ମାତ୍ର ଦେହ ଭିତରେ ଏକ ଅସ୍ଥି ଗଠନ ନ ରହିଲେ ଶରୀରଟା ଟାଣ ଓ ନିଦା ହୋଇ କିପରି ରହିପାରିବ ?... ଏହି କ୍ଷେତ୍ରରେ ଯେଉଁ ରୂପାନ୍ତରଟି ଘଟିବା ଆବଶ୍ୟକ ହେବ, ତାହା ଇତର ପ୍ରାଣୀର ସ୍ତରରୁ ମନୁଷ୍ୟ ସ୍ତରକୁ ବିବର୍ତ୍ତିତ ହୋଇ ଆସିବା ବେଳର ରୂପାନ୍ତରଠାରୁ ଅନନ୍ତ ଗୁଣରେ ଅଧିକ ହେବାକୁ ବାଧ୍ୟ ହେବ । ଏହି କ୍ଷେତ୍ରରେ ମନୁଷ୍ୟର ସ୍ତରରୁ ବିବର୍ତ୍ତିତ ହୋଇ ଏପରି ଏକ ସତ୍ତାର ଉଦ୍ଭବ ଘଟିବ, ଯାହାକି ମୋଟେ ସେହି ପୂର୍ବ ପ୍ରକାରେ ଗଠିତ ହୋଇ ନ ଥିବ, ଯାହାକି ପୂର୍ବର ସେହି ନିୟମଗୁଡ଼ିକ ଅନୁସାରେ ମୋଟେ କାର୍ଯ୍ୟ କରୁ ନ ଥିବ, ଯାହାକି ''ଆଉ କୌଣସି ଏକ ଉପାଦାନ''ର ସଂଘନନ ଏବଂ ମୂର୍ତ୍ତୀକରଣ ଦ୍ୱାରା ସମ୍ଭବ ହୋଇଥିବ ।... ଆମେ ଏ ପର୍ଯ୍ୟନ୍ତ ବାହ୍ୟତଃ ଯାହା କିଛି ଦେଖି ଆସିଛୁ, ଏଇଟିର ତାହା ସହିତ ଆଦୌ କିଛି ସାଦୃଶ୍ୟ ନାହିଁ; ବୈଜ୍ଞାନିକମାନେ ମୁଁ ଜାଣି ନ ଥିବା ସେପରି କୌଣସି ଉପାଦାନ ବାହାର କରିଥିଲେ ହୁଏତ ତାହା ଭିନ୍ନ କଥା ହେବ ।

*ଆମେ ହୁଏତ ଏପରି କୌଣସି ଆଲୋକ ଅଥବା ଏକ ନୂତନ ଶକ୍ତିର କଳ୍ପନା କରି ପାରିବା, ଯାହାକି କୋଷଗୁଡ଼ିକୁ ଏକ ସ୍ୱତଃପ୍ରେରିତ ଜୀବନ ଓ ସ୍ୱତଃପ୍ରେରିତ ଶକ୍ତି ପ୍ରଦାନ କରି ପାରୁଥିବ ।*

ହଁ, ମୁଁ ବି ଠିକ୍ ସେହି କଥା କହୁଛି । ହୁଏତ ଏପରି ହେବ, ଯେତେବେଳେ କି ଖାଦ୍ୟର ଆଉ କୌଣସି ଆବଶ୍ୟକତା ରହିବ ନାହିଁ । ଆମେ ବେଶ୍ ଏହିପରି ଏକ ଅବସ୍ଥାର କଳ୍ପନା କରିପାରିବା ।

5

*ମାତ୍ର ଏହି ଶକ୍ତି ଦ୍ୱାରା ହୁଏତ ସମସ୍ତ ଶରୀରକୁ ମଧ୍ୟ ପ୍ରାଣ ଦ୍ୱାରା ପ୍ରେରିତ କରି ରଖାଯାଇ ପାରିବ । ଉଦାହରଣ ସ୍ୱରୂପ, ଶରୀର ସଂପୂର୍ଣ୍ଣ ଭାବରେ ନମନୀୟ ହୋଇ ରହିପାରିବ । ଆପଣାର ଅସ୍ଥି ଗଠନଟିକୁ ବଜାୟ ରଖି ମଧ୍ୟ ତାହା ନମନୀୟ ରହିପାରିବ । ଠିକ୍ ଗୋଟିଏ ସାନ ପିଲାର ଦେହ ପରି କୋମଳ ଓ ନମନୀୟ ହୋଇ ରହିପାରିବ ।*

ମାତ୍ର ସେହିପରି କୋମଳତା ରହିଥିବାରୁ ପିଲାଟିଏ ତ ମୋଟେ ଠିଆ ହୋଇ ରହିପାରେ ନାହିଁ ! ସିଏ ଆପଣାର ଦେହକୁ କୌଣସି କାମରେ ଲଗାଇ ପାରେ ନାହିଁ । ଉଦାହରଣ ସ୍ୱରୂପ, ଅସ୍ଥି ଗଠନର ସ୍ଥାନାପନ୍ନ ଭାବରେ ସେତେବେଳେ କ'ଣ ରହିବ ?

*ବର୍ତ୍ତମାନ ଯେଉଁସବୁ ଉପାଦାନ ରହିଛି, ହୁଏତ ସେହିସବୁ ଉପାଦାନହିଁ ରହିବ, ମାତ୍ର ସେଗୁଡ଼ିକ ମଧ୍ୟରେ ନମନୀୟତା ରହିଥିବ । ଏପରି ଉପାଦାନମାନ ରହିବ, ଯେଉଁଗୁଡ଼ିକ କି କଠିନ ହୋଇଥିବାରୁହିଁ ଆଦୌ ଦୃଢ଼ ହୋଇ ରହି ନ ଥିବେ, ମାତ୍ର କୌଣସି ଆଲୋକର ଶକ୍ତି ବଳରେ ତାହା ହୋଇପାରୁଥିବେ,— ନୁହେଁ କି ?*

ହଁ, ସେ କଥା ବେଶ୍ ସମ୍ଭବ ।... ମୁଁ କେବଳ ଏତିକି କହିବାକୁ ଇଚ୍ଛା କରୁଛି ଯେ, ସମ୍ଭବତଃ ଅନେକ ସଂଖ୍ୟକ ନୂତନ ସର୍ଜନ ଦ୍ୱାରା ଏହି କାର୍ଯ୍ୟଟି ସମ୍ପନ୍ନ ହେବ । ଉଦାହରଣ ସ୍ୱରୂପ, ମନୁଷ୍ୟର ସ୍ତରରୁ ଏହି ସତ୍ତାଟିର ସ୍ତର ପର୍ଯ୍ୟନ୍ତ ମାର୍ଗଟିକୁ ଅତିକ୍ରମ କଲାବେଳେ ସମ୍ଭବତଃ ଯାବତୀୟ ପ୍ରକାରର ଅନ୍ୟ ମଧ୍ୟବର୍ତ୍ତୀ ସତ୍ତାମାନଙ୍କ ଦ୍ୱାରା ସେହି କଥାଟି ହେବ । ତୁମେ ନିଶ୍ଚୟ ବୁଝି ପାରୁଥିବ ଯେ, ଏହି କ୍ଷେତ୍ରରେ ଏକ ଆଶ୍ଚର୍ଯ୍ୟଜନକ ଲମ୍ଫ ପ୍ରଦାନ ସଂଘଟିତ ହେବ ।

ମୁଁ ଏପରି ଗୋଟିଏ ସତ୍ତାର ବି ବେଶ୍ କଳ୍ପନା କରିପାରୁଛି, ଯାହାକି ଆପଣାର ଆଧ୍ୟାତ୍ମିକ ଶକ୍ତି ଅର୍ଥାତ୍ ଅନ୍ତର୍ଗତ ସତ୍ତାର ଶକ୍ତିଟି ଦ୍ୱାରା ଆବଶ୍ୟକ ଶକ୍ତିଗୁଡ଼ିକୁ ନିଜ ଭିତରକୁ ଗ୍ରହଣ କରିନେବ, ଆପଣାର ଏକ ପୁର୍ନବୀକରଣ ଘଟାଇବ ଏବଂ ସତତ ତାରୁଣ୍ୟର ଅବସ୍ଥାରେହିଁ ରହିଥିବ । ଏକଥାଟିକୁ ବି ଭାରି ସହଜରେ କଳ୍ପନା କରାଯାଇ ପାରିବ ଯେ, ଆବଶ୍ୟକ ହେଲେ ଆପଣାର ଆକାରଟିକୁ ବଦଳାଇ ପାରିବା ଲାଗି ତାହା ଆପଣାକୁ ଅବଶ୍ୟ ଏକ ନିର୍ଦ୍ଦିଷ୍ଟ ନମନୀୟତା ପ୍ରଦାନ କରିପାରିବ । ମାତ୍ର ସଙ୍ଗେ ସଙ୍ଗେ ଦେହ ଗଠନର ଏହି ଧାରାଟି ସମ୍ପୂର୍ଣ୍ଣ ଭାବରେ ଅନ୍ତର୍ହିତ ହୋଇଯିବା,— ସଙ୍ଗେ ସଙ୍ଗେ

ଏହି ସ୍ତରରୁ ଅନ୍ୟ ସ୍ତରଟିକୁ ପରିବର୍ତ୍ତିତ ହୋଇପାରିବା,— ମୁଁ ଭାବୁଛି,... ସେଥିଲାଗି କେତୋଟି ସୋପାନ ଦେଇ ଗତି କରିବାକୁ ପଡ଼ିବ ।

ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ, ଯଦି ସେହିପରି କିଛି ଅନ୍ୟ ଘଟଣା ନ ଘଟେ (ଯାହାକୁ ମୁଁ ଏକ ''ଅଲୌକିକ ଘଟଣା'' ବୋଲି କହିବାକୁ ବାଧ ହେଉଛି, କାରଣ ତାହାର ପ୍ରକ୍ରିୟାଟି ଆମ ଲାଗି ଅବୋଧ ହୋଇ ରହିଛି), ଆମେ ବର୍ତ୍ତମାନ ଯେଉଁ ଶରୀରଟିକୁ ଧାରଣ କରି ରହିଛୁ, ତାହା କିପରି ଆଦୌ କୌଣସି ସ୍ଥୂଳ ଅବଲମ୍ବନକୁ ଆଶ୍ରୟ ନ କରି ଏକ ଉଚ୍ଚତର ଶକ୍ତି ଦ୍ୱାରା ଗଠିତ ଏବଂ ସଞ୍ଚାଳିତ ହୋଇପାରିବ ? ଏଇ ପଦାର୍ଥଟା (*ମାଆ ନିଜ ଆଙ୍ଗୁଠି ଭିତରେ ତାଙ୍କ ହାତର ଚମଡ଼ାକୁ ଧରି ଦେଖାଇ ଦେଲେ*) କିପରି ସେହି ଅନ୍ୟ ପଦାର୍ଥରେ ପରିଣତ ହୋଇ ପାରିବ ?... ତାହା ପ୍ରକୃତରେ ଅସମ୍ଭବ ବୋଲି ମନେ ହେଉଛି ।

*ତାହା ସତେଅବା ଏକ ଅଲୌକିକ ଘଟଣା ପରି ମନେ ହେଉଛି ସତ, ମାତ୍ର...*

ହଁ, ମୋର ଯାବତୀୟ ଅନୁଭବରେ ମୁଁ ଏହି ସମ୍ଭାବନାଟିକୁ ବେଶ୍ ଭଲ ଭାବରେ ବୁଝିପାରୁଛି ଯେ, ଶରୀର ଧାରଣ ପାଇଁ ଆଉ ଖାଦ୍ୟ ଗ୍ରହଣ କରିବାକୁ ପଡ଼ିବ ନାହିଁ, ଏହି ସବୁକିଛି ପ୍ରକ୍ରିୟା ଲୁପ୍ତ ହୋଇଯିବ (ଉଦାହରଣ ସ୍ୱରୂପ, ପରିପାଚନ-ପ୍ରକ୍ରିୟାର ପରିବର୍ତ୍ତନ,— ତାହା ନିଶ୍ଚୟ ସମ୍ଭବ), ମାତ୍ର ଏହି ଗଠନଟାରେ ପରିବର୍ତ୍ତନ ସମ୍ଭବ ହେବ କିପରି ?

*ମାତ୍ର ତାହା ମୋଟେ ଅସମ୍ଭବ ବୋଲି ମନେ ହେଉ ନାହିଁ ।*

ସେହି କଥାଟି ତୁମକୁ ସତରେ ଅସମ୍ଭବ ବୋଲି ଲାଗୁ ନାହିଁ ?

*ନା — ମୋଟେ ଲାଗୁ ନାହିଁ । ସମ୍ଭବତଃ ମୁଁ କେବଳ କଳ୍ପନାହିଁ କରୁଛି । ମାତ୍ର ମୁଁ ଅତ୍ୟନ୍ତ ସ୍ପଷ୍ଟ ଭାବରେ କଳ୍ପନା କରି ପାରୁଛି ଯେ ସେତେବେଳେ ଏକ ଆଧ୍ୟାତ୍ମିକ ଶକ୍ତି ଦେହରେ ପ୍ରବେଶ କରିବ ଏବଂ ଏକ ପ୍ରକାରର ଆଲୋକମୟ ସ୍ଫୀତି ସଂଘଟିତ କରାଇବ । ତାହାରି ଫଳରେ ଏହି ସବୁକିଛି ଏକ ଫୁଲ ପରି ଫୁଟି ଉଠିବ । ଆପଣା ଆଡ଼କୁ ମୋଡ଼ି ମୋଡ଼ି ହୋଇ ରହିଥିବା ଏହି ଦେହ ପ୍ରସ୍ଫୁଟିତ ହୋଇଆସିବ, ଉଜ୍ଜ୍ୱଳ ହେବ, ସ୍ଥିତିସ୍ଥାପକ ହେବ, ଜ୍ୟୋତିଃ-ବିଭାସିତ ହୋଇ ଉଠିବ ।*

ସ୍ଥିତିସ୍ଥାପକ ଓ ନମନୀୟ ଯେ ହେବ, ସେକଥା ସତ । ସେ କଥାଟିକୁ ବେଶ୍ କଳ୍ପନା କରି ହେଉଛି । ତାହା ଅବଶ୍ୟ ନମନୀୟ ହୋଇ ପାରିବ । ଅର୍ଥାତ୍, ବର୍ତ୍ତମାନ ପରି ତାହାର ଗଠନାକାରଟି କଦାପି ଅପରିବର୍ତ୍ତିତ ହୋଇ ରହିବ ନାହିଁ । ସେସବୁର ବେଶ୍ କଳ୍ପନା କରାଯାଇ ପାରିବ, ମାତ୍ର...

*ମାତ୍ର ଏକ ପ୍ରକାରର ଆଲୋକପ୍ରେରିତ ପ୍ରସ୍ଫୁଟନ ପରି ମୁଁ ତାହାର ବେଶ୍ କଳ୍ପନା କରି ପାରୁଛି । ସେହି ଆଲୋକଟି ମଧ୍ୟରେ ସେହି ଶକ୍ତି ଅବଶ୍ୟ ରହିଥିବ । ଏବଂ, ତାହା ବର୍ତ୍ତମାନର ଏହି ଗଠନଟିକୁ ଆଦୌ ନଷ୍ଟ କରିଦେବ ନାହିଁ ।*

ମାତ୍ର ତାହା ଦୃଶ୍ୟ ହେବ କି ? କେଉଁଟି ତାହାକୁ ସ୍ପର୍ଶ କରିବାକୁ ସମର୍ଥ ହେବ ?

*ହଁ, ଦୃଶ୍ୟ ହେବ । କେବଳ, ତାହାକୁ ଏକ ଉନ୍ମୋଚନ କରି କଳ୍ପନା କରିବାକୁ ହେବ । ଯାହା ବନ୍ଦ ହୋଇ ରହିଥିଲା, ତାହା ଉନ୍ମୋଚିତ ହୋଇଗଲା । ବାସ୍, ସେତିକି । ମାତ୍ର, କେବଳ ଫୁଲର ଗଠନଟି ମଧ୍ୟରେ ତାହା ସମ୍ପୂର୍ଣ୍ଣ ଭାବରେ ଉନ୍ମୋଚିତ ହୋଇ ପାରିଛି ଏବଂ ତାହା ଆଲୋକ-ବିଭାସିତ ହୋଇ ରହିଛି, କେବଳ ଏତିକି ଅନୁଭବ କରାଯାଇ ପାରିବ, ନୁହେଁ କି ?*

(*ମାଆ ମୁଣ୍ଡ ହଲାଇଲେ ଏବଂ କ୍ଷଣକ ଲାଗି ନୀରବ ରହିଲେ*) କିନ୍ତୁ ମୋର ଏପରି କୌଣସି ଅନୁଭୂତି କେବେ ହୋଇ ନାହିଁ, ତେଣୁ ମୁଁ ଜାଣି ନାହିଁ ।

ଏ ବିଷୟରେ ମୋ'ର ଆଦୌ କୌଣସି ସନ୍ଦେହ ନାହିଁ ଯେ, କାରଣ ଏ ବିଷୟରେ ମୋ'ର ସ୍ପଷ୍ଟ ପ୍ରମାଣକାରୀ ଅଭିଜ୍ଞତା ମଧ୍ୟ ହୋଇଛି, ଏହି ଶରୀରର ଜୀବନକୁ — ଯେଉଁ ଜୀବନ ଏହି ଶରୀରକୁ ଚଳାଉଛି ଏବଂ ବଦଳାଇ ଦେଉଛି,— ଏହାକୁ ବଳପ୍ରୟୋଗ କରି ହଟାଇ ନିଆଯାଇ ପାରିବ; ଅର୍ଥାତ୍, ଏହି କ୍ଷେତ୍ରରେ ଗୋଟାଏ ପ୍ରକାରର ଅମରତ୍ୱ ବି ଅର୍ଜନ କରାଯାଇ ପାରିବ ଏବଂ ତଦ୍ୱାରା ଏହାର ପୁରାତନ ଜୀର୍ଣ୍ଣ ଅଂଶଟି ମଧ୍ୟ ଅନ୍ତର୍ହିତ ହୋଇଯାଇ ପାରିବ । ଏହି ଦୁଇଟିଯାକ ଘଟଣା ଘଟିବା ବେଶ୍ ସମ୍ଭବ : ଜୀବନର ଶକ୍ତିଟିକୁ ଅର୍ଜନ କରାଯାଇ ପାରିବ ଓ ଜୀର୍ଣ୍ଣ ଅଂଶଟି ବି ଅନ୍ତର୍ହିତ ହୋଇଯାଇ ପାରିବ । ଏବଂ ସେହି କଥାଟି ମନୋଗତ କ୍ଷେତ୍ରରେ ସମ୍ଭବ ହେବ, ସଂପୂର୍ଣ୍ଣ ଭାବରେ ଏକ ଦିବ୍ୟ ଅନ୍ତରାବେଗର ଆଦେଶ ପାଳନ କରି ତାହା ସମ୍ଭବ ହେବ; ତଦ୍ୱାରା ଆବଶ୍ୟକ ହେଉଥିବା ଶକ୍ତିଟି ପ୍ରତିମୁହୂର୍ତ୍ତରେ ପ୍ରାପ୍ତ ହୋଇଯାଉଥିବ, ଆବଶ୍ୟକ କାର୍ଯ୍ୟଗୁଡ଼ିକୁ କରିବା ସମ୍ଭବ ହୋଇ ଯାଉଥିବ । ସେହି ସବୁକିଛିକୁ ଆମେ ଗୋଟିଏ ଗୋଟିଏ ସୁନିଶ୍ଚିତ ସତ୍ୟ ବୋଲି

ଅବଶ୍ୟ ସ୍ୱୀକାର କରିବା । ଏହା କେବଳ ଏକ ଆଶା ନୁହେଁ, କେବଳ କଳ୍ପନା ନୁହେଁ, ଏଗୁଡ଼ିକ ସୁନିଶ୍ଚିତ ଭାବରେହିଁ ସମ୍ଭବ ହେବ । ଅବଶ୍ୟ ସେଥିଲାଗି ନିଜକୁ ଅନୁରୂପ ଭାବରେ ତାଲିମ କରାଇ ଆଣିବାକୁ ପଡ଼ିବ, ଆପଣାର ଅଭ୍ୟାସଗୁଡ଼ାକୁ ବଦଳାଇ ଦେବାକୁ ପଡ଼ିବ । ଏହା ଅବଶ୍ୟ ସମ୍ଭବ, ସେହି ସବୁଯାକ ଅବଶ୍ୟ ସମ୍ଭବ । ମାତ୍ର, ଅସଲ ପ୍ରଶ୍ନଟି ହେଉଛି, ଆମର ଏହି ଅସ୍ଥିଗଠନଟିର ଆବଶ୍ୟକତାଟିକୁ ମେଣ୍ଟାଇ ଦେବାକୁ (ବର୍ତ୍ତମାନ ଆମେ କେବଳ ଏହି ସମସ୍ୟାଟିର ଆଲୋଚନା କରିବା) ପ୍ରକୃତରେ କେତେ ସମୟ ଲାଗିବ ? ସେହି କଥାଟି ସମ୍ଭବ ହେବା ମୋତେ ତଥାପି ବହୁ ଦୂରବର୍ତ୍ତୀ ହୋଇ ରହିଥିବା ପରି ମନେ ହେଉଛି । ଅର୍ଥାତ୍, ଏଥିଲାଗି ମଧ୍ୟବର୍ତ୍ତୀ ଅନେକ ସୋପାନର ଆବଶ୍ୟକତା ରହିଛି । ଏହି ଜୀବନ-କାଳକୁ ଅନନ୍ତ ଅବଧି ଯାଏ ପ୍ରଲମ୍ବିତ କରି ଦିଆଯାଇ ପାରିବ ବୋଲି ଶ୍ରୀଅରବିନ୍ଦ କହିଥିଲେ । ସେକଥା ବି ସମ୍ଭବ ହେବ । ମାତ୍ର ଆମେ ଏପର୍ଯ୍ୟନ୍ତ ଏପରି ଏକ ଉପାଦାନ ଦ୍ୱାରା ଗଠିତ ହୋଇପାରି ନାହୁଁ ଯାହାକି କ୍ଷୟ ଓ ମୃତ୍ୟୁକୁ ଏଡ଼ିଦେଇ ପାରିବ । କ୍ଷୟପ୍ରାପ୍ତ ହେବାର ଆବଶ୍ୟକତାକୁ ଏଡ଼ିଦେଇ ପାରିବ । ଏହି ଅସ୍ଥିଗୁଡ଼ିକ ଦୀର୍ଘକାଳ ପର୍ଯ୍ୟନ୍ତ ରହିପାରିବେ; ଏକଥା ବେଶ୍ ବୁଝିହେଉଛି ଯେ ଅନୁକୂଳ ଅବସ୍ଥାରେ ରହିପାରିଲେ ଏହି ଅସ୍ଥି ହଜାରେ ବର୍ଷ ଯାଏ ରହିପାରିବ । ମାତ୍ର, **ନିୟମତଃ**, ତାହାକୁ କଦାପି ଅମରତ୍ୱଲାଭ ବୋଲି କୁହାଯିବ ନାହିଁ । ମୋ' କଥାଟିକୁ ବୁଝି ପାରୁଛ ତ ?

*ନା । ଆପଣ କ'ଣ ବିଶ୍ୱାସ କରୁଛନ୍ତି ଯେ ଏହାକୁ ଏକ ଅଭୌତିକ ଉପାଦାନ ହୋଇ ରହିବାକୁ ପଡ଼ିବ ?*

ତାହା ଅଭୌତିକ ହେବ କି ନାହିଁ ମୁଁ ଜାଣି ନାହିଁ, ମାତ୍ର ଏହା ଏପରି ଏକ ଭୌତିକ ଉପାଦାନ ଯାହା ବିଷୟରେ କି ମୁଁ ଜାଣି ନାହିଁ ! ଏବଂ, ଏକ ଉପାଦାନ କହିଲେ ଆମେ ବର୍ତ୍ତମାନ ଯେଉଁ ଅର୍ଥରେ ବୁଝୁଛୁ, ତାହାକୁ କଦାପି ସେପରି ଏକ ଉପାଦାନ ବୋଲି କୁହାଯିବ ନାହିଁ । ବିଶେଷତଃ, ଶରୀରର ଯେଉଁ ଗଠନଟିକୁ ଆମେ ବର୍ତ୍ତମାନ ଜାଣିଛୁ, ତାହା ସେପରି କଦାପି ନୁହେଁ ।

*ଏ ବିଷୟରେ ମୁଁ ଜାଣି ନାହିଁ । ମାତ୍ର ଯଦି ତାହାର ଏକ* **ସ୍ଥୂଳ ଓ ଭୌତିକ** *ଶରୀର ହୋଇ ରହିବା ଏକାନ୍ତ ଆବଶ୍ୟକ ହୁଏ, (ଶ୍ରୀଅରବିନ୍ଦ ତ ସେହିପରି ହେବ ବୋଲି କହିଛନ୍ତି) ତେବେ ତାହା ହୁଏତ ଉଦାହରଣ ସ୍ୱରୂପ ଗୋଟିଏ ପଦ୍ମଫୁଲର କଢ଼ ପରି ହେବ । ଆମର ଏହି ବର୍ତ୍ତମାନ ଶରୀରକୁ ମଧ୍ୟ ଏପରି ଏକ ପଦ୍ମକଢ଼ ପରି କଳ୍ପନା କରାଯାଇ ପାରିବ, ଯାହାକି ଅତ୍ୟନ୍ତ କ୍ଷୁଦ୍ର ଅବସ୍ଥାରେ*

*ରହିଛି, ଯାହା ଏପର୍ଯ୍ୟନ୍ତ ଖୋଲି ନାହିଁ ଓ କଠିନ ହୋଇ ରହିଛି । ସେହି କଢ଼ଟି ଯେତେବେଳେ ଫୁଟିବ, ଖୋଲିଯିବ, ସେତେବେଳେ ତାହା ଏକ ଫୁଲରେ ପରିଣତ ହେବ ।*

ହଁ । ମାତ୍ର ତାହା, ହେ ମୋର ଶିଶୁ, ତାହା ହେଉଛି...

*ଏହି ପରମ ଆଲୋକ ପାଖରେ ଯେଉଁସବୁ ମୂଳତତ୍ତ୍ୱ ରହିଛି, ସେ ଚାହିଁଲେ କ'ଣ ନ କରି ପାରିବ କହିଲେ ! ଦୁହେଁଯାକ ତ ଗୋଟିଏ ବସ୍ତୁ, ଗୋଟିଏ ଉପାଦାନ,– ମାତ୍ର ରୂପାନ୍ତରୀଭୂତ ।*

ମାତ୍ର ଉଦ୍ଭିଦ-ଜଗତର କୌଣସି ବସ୍ତୁ ଆଦୌ ଅମର ନୁହେଁ ।

*ମୁଁ କ'ଣ ସେକଥା କହିଲି ? ମୁଁ ତ ଖାଲି ଗୋଟିଏ ତୁଳନାହିଁ କରୁଥିଲି ।*

ହଁ, ସତକଥା !

ମାତ୍ର ତଥାପି ଏହି ପ୍ରଶ୍ନଟି ରହିଯାଉଛି । ମୁଁ ସତତ ପରିବର୍ତ୍ତନର କଥାଟିକୁ ବେଶ୍ କଳ୍ପନା କରି ପାରୁଛି । ମୁଁ ହୁଏତ ଏପରି ଏକ ଫୁଲର କଳ୍ପନା ବି କରିପାରିବି, ଯାହାକି ମୋଟେ କେବେହେଲେ ମଉଳି ଯିବ ନାହିଁ । ମାତ୍ର ଏଠାରେ ଅମରତ୍ୱର ମୌଳିକ ବିଧାନଟି କଥା ପଡ଼ିଛି ।... ଅର୍ଥାତ୍, ମୂଳତଃ ତାହା ଏପରି ଏକ ଜୀବନକୁ ବୁଝାଇବ ଯାହାରକି ଆପଣାକୁ ବାରବାର ନୂତନ କରିବା ଲାଗି ଆଦୌ କୌଣସି ଆବଶ୍ୟକତା ନ ଥିବ : ଅର୍ଥାତ୍, ସେହି ଶାଶ୍ୱତ ପରମ ପ୍ରାଣଶକ୍ତିହିଁ ଚିରନ୍ତନ ଭାବରେ ତା'ଭିତରେ ପ୍ରତ୍ୟକ୍ଷ ହୋଇ ପ୍ରକାଶିତ ରହିଥିବେ । ଏବଂ ତଥାପି ତାହା ଏହିପରି ରହିଥିବ, ଏକ ଭୌତିକ ଶରୀର ହୋଇ ରହିଥିବ (*ମାଆ ଆଙ୍ଗୁଠିରେ ନିଜ ଶରୀରକୁ ସ୍ପର୍ଶ କରି ଦେଖାଇଦେଲେ*) ।

ଏହି କ୍ଷେତ୍ରରେ ଏକ ଉତ୍ତରୋତ୍ତର ପରିବର୍ତ୍ତନ ଘଟି ପାରୁଥିବ ଏବଂ ଶରୀରର ଏହି ଉପାଦାନଟିରୁ ଆମେ ଏପରି ଏକ ବସ୍ତୁ ସମ୍ଭବ କରି ପାରିବା ଯାହାକି ଆପଣା ଭିତରୁହିଁ ନିଷ୍ପନ୍ନ ହେଉଥିବା ଏକ ପ୍ରକ୍ରିୟା ଦ୍ୱାରା ତାହାର ବାହାର ଗଠନଟିକୁ ଶାଶ୍ୱତ ଭାବରେ ନୂଆ କରିଦେଇ ପାରୁଥିବ,– ଏହି କଥାଟିକୁ ମୁଁ ଭାରି ଭଲ କରି ବୁଝି ପାରୁଛି ଓ ତାହାକୁହିଁ ଅମରତ୍ୱ ବୋଲି କୁହାଯିବ । ମାତ୍ର, ମୁଁ କେବଳ ଏତିକି ଅନୁମାନ କରୁଛି ଯେ, ବର୍ତ୍ତମାନ ଆମେ ଯେଉଁ ସ୍ଥିତିରେ ରହିଛୁ ଏବଂ ଜୀବନର ଏହି ଅନ୍ୟ ସ୍ଥିତିଟି,–

ଦୁଇଟି ଭିତରେ ମଧ୍ୟବର୍ତ୍ତୀ ଅନେକ ସୋପାନ ଅବଶ୍ୟ ରହିବ । ଦେହର ଏହି କୋଷଗୁଡ଼ିକର କଥା ବିଚାର କରାଯାଉ : ଉଦାହରଣ ସ୍ୱରୂପ, ବର୍ତ୍ତମାନ ସେମାନଙ୍କ ଭିତରେ ଯାହାକିଛି ଚେତନା ଓ ଅନୁଭୂତିମାନ ରହିଛି, ତାହାରି ପରିପ୍ରେକ୍ଷୀରେ ଯଦି ତୁମେ ସେମାନଙ୍କୁ ''ଏପରି କିଛି କାର୍ଯ୍ୟ ରହିଛି, ଯାହାକୁ କି ତୁମେମାନେ କରି ପାରିବ ନାହିଁ ?'' ବୋଲି ପଚାରିବ, ତେବେ ଅତ୍ୟନ୍ତ ସାଧୁତାର ସହିତ ସେମାନେ ଉତ୍ତର ଦେଇ କହିବେ, ''ପରମ ସ୍ୱାମୀ ଯାହାକିଛି ଇଚ୍ଛା କରିବେ, ମୁଁ ସେକଥା ଅବଶ୍ୟ କରିପାରିବି ।'' କୋଷଗୁଡ଼ିକ ବର୍ତ୍ତମାନ ଏହି ଚେତନାରେ ରହିଛନ୍ତି । ମାତ୍ର ବାହାରକୁ ତାହା ଅନ୍ୟପ୍ରକାର ଦେଖାଯାଉଛି । ମୋ'ର ବ୍ୟକ୍ତିଗତ ଅନୁଭବଟି ହେଉଛି : ପରମପ୍ରଭୁଙ୍କର ସନ୍ନିଧିରେ ରହି ମୁଁ ଯାହାକିଛି କରେ, ତାହାକୁ ମୁଁ ଆଦୌ କୌଣସି ପ୍ରୟାସ ବିନା କରିପାରେ,— ସେଥିଲାଗି କୌଣସି କଷ୍ଟ ହୁଏ ନାହିଁ, କୌଣସି କ୍ଳାନ୍ତି ଆସେ ନାହିଁ, କେଉଁଠି କିଛି ଅପଚୟ ଘଟେ ନାହିଁ । ଠିକ୍ ଏହିପରି (*ମାଆ ଏକ ସୁପ୍ରଶସ୍ତ ସୌଷମ୍ୟଯୁକ୍ତ ଛନ୍ଦୋମୟତାର ଇଙ୍ଗିତ କରି ଦର୍ଶାଇଲେ*); ଅବଶ୍ୟ ଏକଥା ସତ ଯେ, ବର୍ତ୍ତମାନ ତାହା ବାହାରୁ ଆସୁଥିବା ଯାବତୀୟ ପ୍ରଭାବ ଲାଗି ଉନ୍ମୁକ୍ତ ହୋଇ ରହିଛି ଏବଂ ଏହି ଶରୀର ଏପରି ଅନେକ କଥା କରିବାକୁ ବାଧ୍ୟ ବି ହେଉଛି, ଯାହାକି ପ୍ରତ୍ୟକ୍ଷ ଭାବରେ ସେହି ସର୍ବୋଚ୍ଚ ପରମପ୍ରେରଣାରୁ ଆଦୌ ବ୍ୟକ୍ତ ହୋଇ ଆସୁ ନାହିଁ । ଏଇଥିରୁହିଁ କ୍ଳାନ୍ତି ଆସୁଛି, ସଂଘର୍ଷ ଆସି ଉପୁଜୁଛି ।... ତେଣୁ, ଆଉ କୌଣସି ଅର୍ଥରେ ଏହି ଇହଜଗତ ହୋଇ ରହି ନ ଥିବା ଏକ ପୃଥିବୀରେ ଏକ ଅତିମାନସ ଶରୀରର ଅବସ୍ଥିତି,— ଆମ ଶରୀର ମୋଟେ ସେହି ଅବସ୍ଥାକୁ ଆସି ନାହିଁ ।

*ନା — ଆସି ନାହିଁ ।*

ତେଣୁ, ଏପରି ଗୋଟିଏ ବସ୍ତୁର ପ୍ରୟୋଜନ ରହିଛି, ଯାହାକି ସେହି ସଂକ୍ରମଣର ପ୍ରତିରୋଧ କରିପାରିବ । ମନୁଷ୍ୟ କେବେହେଲେ ପଶୁତ୍ୱ-ସଂକ୍ରମଣର ପ୍ରତିରୋଧ କରି ପାରିବ ନାହିଁ, ମୋଟେ ପାରିବ ନାହିଁ । ସିଏ ସେହି ପଶୁତ୍ୱ ସହିତ ସତତହିଁ ବାନ୍ଧି ହୋଇ ରହିଛି । ତେବେ ଏହି ସତ୍ତାଟି କିପରି ତାହାର ଉପଲବ୍ଧି କରି ପାରିବ ?... ତେଣୁ ବୋଧ ହେଉଛି ଯେ, ଦୀର୍ଘ ଅନେକ କାଳ ପର୍ଯ୍ୟନ୍ତ, ଅନେକ କାଳ ପର୍ଯ୍ୟନ୍ତ ତାହା ସେହି ସଂକ୍ରମଣର ନିୟମଗୁଡ଼ିକର ଅଧୀନ ହୋଇ ରହିଥିବ ।

*ସେକଥା ମୋତେ ଜଣା ନାହିଁ; ମାତ୍ର ତାହା ମୋତେ ଅସମ୍ଭବ ବୋଲି ବି ମନେ ହେଉ ନାହିଁ ।*

ଅସମ୍ଭବ ବୋଲି ମନେ ହେଉ ନାହିଁ ?

*ମୁଁ ଅନୁଭବ କରୁଛି ଯେ ପରମାଲୋକର ସେହି ଶକ୍ତି ଅବସ୍ଥିତ ରହିଥିବା ପର୍ଯ୍ୟନ୍ତ ତାହାକୁ ଆଉ କିଏ ସ୍ପର୍ଶ କରି ପାରିବ ?*

ମାତ୍ର, ତା' ହେଲେ ପୃଥିବୀ ବୋଲି ଯାହା କିଛି ରହିଛି, ସେସବୁ ଏକାବେଳେକେ ଅନ୍ତର୍ହିତ ହୋଇଯିବ । ନୁହେଁ କି ?

ଯେତେବେଳେ ସେହି ପରମ ମହାନ୍‌ହିଁ ରହିବେ, ପରମ ପ୍ରଭୁହିଁ ଅବସ୍ଥାନ କରୁଥିବେ, ସେତେବେଳେ ହଜାରକରେ ଜଣେ ବି ଏପରି ବ୍ୟକ୍ତି ରହିବେ ନାହିଁ, ଯିଏ କି ଭୟଭୀତ ନ ହେବେ । ଆପଣାର ଯୁକ୍ତିବୋଧ ଓ ଭାବନାରେ ଭୟଭୀତ ହେବେ ନାହିଁ, ଉପାଦାନର ସ୍ତରରେହିଁ ଭୟଭୀତ ହେବେ । ତେବେ, ଯଦି ସେହିଭଳି ଘଟିଲା ବୋଲି ମନେ କରାଯାଏ, ଗୋଟିଏ ବସ୍ତୁ କେବଳ ସେହି ସର୍ବୋଚ୍ଚ ପରମ ଶକ୍ତି ଓ ପରମାଲୋକର ଏକ ସଂଘନିତ, ବ୍ୟକ୍ତ ରୂପ ଓ ବିଧାନରେ ପରିଣତ ହୋଇଗଲା ବୋଲି ଯଦି ଅନୁମାନ କରାଯାଏ, ତେବେ ପ୍ରକୃତରେ କ'ଣ ଘଟିବ କହିଲ !

*ହଁ, ତାହାହିଁ ହେଉଛି ସବୁଯାକ ସମସ୍ୟା ।*

ହଁ ।

*କାରଣ, ରୂପାନ୍ତରର ପ୍ରକ୍ରିୟାଟି ଭିତରେ ରୂପାନ୍ତରର ଆଦୌ କୌଣସି ଅସୁବିଧା ରହିଛି ବୋଲି ମୁଁ ମୋଟେ ଦେଖିପାରୁ ନାହିଁ । ବରଂ ଏହି ପୃଥିବୀର ପାଖଟିରେହିଁ ଯାବତୀୟ ଅସୁବିଧା ରହିଛି ବୋଲି ମୋର ମନେ ହେଉଛି ।*

ଯଦି ଗୋଟିଏ ସମୟରେହିଁ ସବୁକିଛିର ରୂପାନ୍ତର ସମ୍ଭବ ହୋଇ ଯାଆନ୍ତା, ତେବେ ଆଉ କିଛି ଚିନ୍ତା ରହନ୍ତା ନାହିଁ । ମାତ୍ର, ଏକଥା ଅତ୍ୟନ୍ତ ସ୍ପଷ୍ଟ ଯେ ସେପରି ମୋଟେ ହେବ ନାହିଁ । ଯଦି କେବଳ ଗୋଟିଏ ସତ୍ତାର ଏକୁଟିଆ ରୂପାନ୍ତର ଘଟନ୍ତା...

*ହଁ, ସମ୍ଭବତଃ ତାହା ଅସହ୍ୟ ହୋଇ ପଡ଼ିବ ।*

ହଁ ।

ମୋର ଅନୁଭବ (ଏହାକୁ ଏକ ଅନୁଭବ ମୂଳକ ଇନ୍ଦ୍ରିୟବୋଧ ବୋଲି କୁହାଯିବ) ହେଉଛି ଯେ ଏହି କ୍ଷେତ୍ରରେ ମଧ୍ୟବର୍ତ୍ତୀ ଅନେକ ସୋପାନ ନିଶ୍ଚୟ ରହିବ ।

ଏବଂ ପୁନଶ୍ଚ, ଜୀବନ ଧାରଣ କରି ରହିବା ଲାଗି ମନୁଷ୍ୟକୁ କିପରି ସମଗ୍ର ପ୍ରକୃତି ବିରୋଧରେ ଯୁଦ୍ଧ କରିବାକୁ ପଡୁଛି, ଯଦି ତୁମେ ସେଇଟି ଉପରେ ଦୃଷ୍ଟିପାତ କରିବ, ତେବେ ତୁମର ଏହି ଅନୁଭବଟି ହେବ ଯେ, ଏହିସବୁ ସତ୍ତା,– ଯେଉଁଗୁଡ଼ିକ ସେମାନଙ୍କୁ ବୁଝିବେ, ସେମାନଙ୍କୁ ସାହାଯ୍ୟ କରିବେ, ସେଗୁଡ଼ିକ ମଧ୍ୟରେ ଏକ ଅନୁରାଗ, ଆସକ୍ତି ଏବଂ ସେବାର ସମ୍ବନ୍ଧ ରହିଥିବ । ଇତରପ୍ରାଣୀମାନଙ୍କର ମନୁଷ୍ୟମାନଙ୍କ ପ୍ରତି ଯେଉଁପରି ଏକ ଭାବ ରହିଛି, ଠିକ୍ ସେହିପରି । ମାତ୍ର ଯେଉଁମାନେ ସେମାନଙ୍କୁ ଭଲ ନ ପାଇ ପାରିବେ,... ସେମାନେ ପ୍ରକୃତରେ ଭାରି ବିପଜ୍ଜନକ ହୋଇ ରହିବେ । ମୋର ମନେ ପଡୁଛି, ଏହି ନୂତନ ସତ୍ତାଗୁଡ଼ିକର ଶୋଚନୀୟ ଅବସ୍ଥା ବିଷୟରେ ଏକଦା ମୁଁ ଏକ ଅତ୍ୟନ୍ତ ସ୍ପଷ୍ଟ ଚିତ୍ର ମୋର କଳ୍ପନାଚକ୍ଷୁରେ ଦେଖିବାକୁ ପାଇଥିଲି, ଏବଂ ମୁଁ ସେତେବେଳେ କହିଥିଲି (ଏହା ହେଉଛି ୧୯୫୬ ମସିହା ପୂର୍ବର କଥା, ଅତିମାନସ ଶକ୍ତିର ଅବତରଣ ଘଟିବାର ପୂର୍ବର ଘଟଣା), ମୁଁ କହିଥିଲି ''ସର୍ବପ୍ରଥମେ ଆପଣାର ଶକ୍ତି ରୂପୀ ବିଭାବରେହିଁ ଅତିମାନସ ଆପଣାକୁ ପ୍ରକାଶିତ କରିବ, କାରଣ, ସତ୍ତାମାନଙ୍କର ନିରାପତ୍ତା ଦୃଷ୍ଟିରୁ ତାହାହିଁ ଅପରିହାର୍ଯ୍ୟ ହେବ ।'' ଏବଂ, ସେହି ଶକ୍ତିହିଁ ବସ୍ତୁତଃ ସର୍ବପ୍ରଥମେ ଅବତରଣ କଲା । ଶକ୍ତି ଓ ଆଲୋକର ଅବତରଣ ହେଲା : ଜ୍ଞାନ ତଥା ଶକ୍ତି ଆଣି ଦେଉଥିବା ସେହି ଆଲୋକର ଅବତରଣ ଘଟିଲା ।

ଏହି କଥାଟିକୁହିଁ ମୁଁ ଅଧିକରୁ ଅଧିକ ପରିମାଣରେ ଅନୁଭବ କରି ପାରୁଛି । ମୁଁ ଅନୁଭବ କରିପାରୁଛି ଯେ ମଧ୍ୟବର୍ତ୍ତୀ ନାନା ଅବଧିର ଅବଶ୍ୟ ଏକ ପ୍ରୟୋଜନ ରହିଛି ।... ଏହା ଅତ୍ୟନ୍ତ ସ୍ପଷ୍ଟ ହୋଇଯାଉଛି ଯେ, କିଛି ନା କିଛି ଘଟିବାକୁ ଯାଉଛି ଓ ତାହାର ପ୍ରକ୍ରିୟାଟି ଆରମ୍ଭ ହୋଇଗଲାଣି । ମାତ୍ର ସେହି ''କଥା''ଟିକୁ କେହି ଦେଖି ନାହାନ୍ତି, କେହି ଆଗରୁ ତାହାର କୌଣସି ପୁରୋଦୃଷ୍ଟି ଲାଭ କରି ନାହାନ୍ତି । ସେହି ଚୂଡ଼ାନ୍ତ ଘଟଣାଟିକୁ କେହି ଅନ୍ଦାଜ କରିପାରି ନାହାନ୍ତି । ଯାହା ଆସୁଛି, ତାହା କେବଳ ଅନେକ ମଧ୍ୟରୁ **ଗୋଟିଏ** ସୋପାନ ରୂପେ ଆସୁଛି, ସବା ଶେଷରେ ଯାହା ଘଟିବ, ତାହା ମୋଟେ ଆସୁ ନାହିଁ ।

ଶ୍ରୀଅରବିନ୍ଦ ମଧ୍ୟ ଏହି କଥା କହିଛନ୍ତି ଯେ, ସର୍ବପ୍ରଥମେ ଏପରି ଘଟିବ ଯେ ଇଚ୍ଛା ଅନୁସାରେ ଜୀବନର ଅବଧିକୁ ବଢ଼ାଇ ଦେବାର (ମୁଁ ଯେପରି କହିଲି, କଥାଟି ତା'ଠାରୁ ଅଧିକ ସୂକ୍ଷ୍ମ ଓ ଅଧିକ ବିସ୍ମୟକର) ଶକ୍ତି ଉପଲବ୍ଧ ହେବ; ମାତ୍ର ତାହାକୁ ଆମେ ଚେତନାର ଏପରି ଗୋଟିଏ ସୋପାନ ବୋଲି ଜାଣିବା, ଯାହାକି ବର୍ତ୍ତମାନ ପ୍ରତିଷ୍ଠିତ ହେବାର ପ୍ରକ୍ରିୟା ମଧ୍ୟଦେଇ ଗତି କରୁଛି । ତାହାକୁ ଆମେ ସର୍ବୋଚ୍ଚ ପରମପ୍ରଭୁଙ୍କ ସହିତ

ସତତ ପ୍ରତିଷ୍ଠିତ ହୋଇ ରହିଥିବା ଏକ ସଂସ୍ପର୍ଶ ବା ସମ୍ବନ୍ଧ ରୂପେ ବୁଝିବା । ତଦ୍ଦ୍ୱାରା ଆଗରୁ ରହି ଆସିଥିବା ଜୀର୍ଣ୍ଣତା ଓ ପୁରାତନତାର ଯାବତୀୟ ଧାରଣା ଅନ୍ତର୍ହିତ ହୋଇଯିବ ଏବଂ ତାହା ସ୍ଥାନରେ ଏକ ଅସାଧାରଣ ନମନୀୟତା ଓ ଅଭୂତପୂର୍ବ ସ୍ଥିତିସ୍ଥାପକତା ସମ୍ଭବ ହେବ । ମାତ୍ର ଏକ **ସ୍ୱତଃପ୍ରେରିତ** ଅମରତ୍ୱର ଅବସ୍ଥା ତଥାପି ସମ୍ଭବ ହେବ ନାହିଁ । ଅନ୍ତତଃ ବର୍ତ୍ତମାନ ପାଇଁ କଦାପି ସମ୍ଭବ ହେବ ନାହିଁ । ସେଥିଲାଗି ଏହି ଗଠନଟିକୁ ମଧ୍ୟ ଏକ ଭିନ୍ନ ଉପାଦାନ ରୂପେ ବଦଳି ଯିବାକୁ ପଡ଼ିବ, ଏବଂ, ଏହାଠାରୁ ଭିନ୍ନ ଏକ ଅନ୍ୟ ଉପାଦାନ ରୂପେ ବଦଳିଯାଇ ପାରିବାକୁ ହେଲେ,– ବର୍ତ୍ତମାନ ସବୁକଥା ଯେପରି ଭାବରେ ଘଟୁଛି,– ସେଥିଲାଗି ଅନେକ ସମୟ ଲାଗିବ । ଏହି ପ୍ରକ୍ରିୟାଟି ହୁଏତ ଅତୀତ ତୁଳନାରେ କିଞ୍ଚିତ୍ ଅଧିକ କ୍ଷିପ୍ର ଭାବରେ ଗତି କରିପାରେ; ମାତ୍ର, ସେହି ଗତି ପ୍ରକୃତରେ ଅତ୍ୟନ୍ତ ପ୍ରଖର ହେବ ବୋଲି ସ୍ୱୀକାର କରି ନିଆଗଲେ ମଧ୍ୟ, ତଥାପି ସମୟ ଲାଗିବ (ସମୟ ବିଷୟରେ ଆମର ଯେଉଁ ଧାରଣା ଅଛି, ମୁଁ ସେହି ଅନୁସାରେହିଁ କହୁଛି) । ଏବଂ, ଏହି କ୍ଷେତ୍ରରେ ଆଉ ଗୋଟିଏ ବିଷୟକୁ ମଧ୍ୟ ଆମର ଲକ୍ଷ୍ୟ କରିବା ଉଚିତ ଯେ, କୌଣସି ଜୀର୍ଣ୍ଣତା ଓ ପୁରାତନତା ଆଉ ମୋଟେ ସମ୍ଭବ ହେଉ ନ ଥିବା ଏକ ଚେତନା ସ୍ତରରେ ଅବସ୍ଥାନ କରି ପାରିବାକୁ ହେଲେ ଆମକୁ ଆମର ସମୟ ବିଷୟରେ ଆଗରୁ ରହି ଆସିଥିବା ବୋଧକୁ ମଧ୍ୟ ଅବଶ୍ୟ ବଦଳାଇ ଦେବାକୁ ପଡ଼ିବ । ଏହି କ୍ଷେତ୍ରରେ ଆମେ ଆଉଗୋଟିଏ ଅବସ୍ଥାରେ ଯାଇ ପ୍ରବେଶ କରିବା, ଯେଉଁଠାରେ କି ସମୟର, ତାହାର ବର୍ତ୍ତମାନ ଯେଉଁ ସତ୍ୟବୋଧ ରହିଛି, ସେଇଟି ଆଦୌ ନ ଥିବ । ତାହା ଆଉ ଅନ୍ୟ କିଛି ହୋଇଯିବ । ଏହା ଏକ ଅତ୍ୟନ୍ତ ନିର୍ଦ୍ଦିଷ୍ଟ ବସ୍ତୁରେ ପରିଣତ ହେବ; ତାହା ଏପରି ଏକ ବର୍ତ୍ତମାନର ରୂପ ନେବ, ଯାହାର କି କୌଣସି ବ୍ୟାଖ୍ୟା କରାଯାଇ ପାରିବ ନାହିଁ । ଏପରିକି, ବର୍ତ୍ତମାନ ପୂର୍ବରୁ କୌଣସି ବିଷୟ ଭାବିବାର ବା ଆଗକୁ କ'ଣ ଘଟିବାକୁ ଯାଉଛି, ପୂର୍ବରୁ ତାହାର ଏକ ଆଭାସ ଅନୁଭବ କରିବାର ଏହି ଯେଉଁ ଅଭ୍ୟାସଟି ରହିଛି, ସେଇଟି ମଧ୍ୟ ସେଇ ଅନ୍ୟଟି ଦୃଷ୍ଟିରୁ ଏକ ପ୍ରତିବନ୍ଧକ ପରି ହୋଇ ରହିଛି, ଜୀବନଭୂମିର ସେହି ପୁରାତନ ରୀତିଟିକୁ ଆବୋରି ପଡ଼ିରହିବା ପରି ହୋଇ ରହିଛି ।

ତେଣୁ ଅନେକ, ଅନେକ ଅଭ୍ୟାସକୁ ବଦଳି ଯିବାକୁ ପଡ଼ିବ ।

କେବଳ ସ୍ୱତଃପ୍ରେରିତ ଭାବରେ ଦିବ୍ୟ ହୋଇଯାଇ ପାରିଲେ ଯାଇ ସମ୍ପୂର୍ଣ୍ଣ ଉପଲବ୍ଧିଟି ସମ୍ଭବ ହେବ । ହଁ, ସେତେବେଳେ ଆମେ ସ୍ୱତଃପ୍ରେରିତ ଭାବରେ ଦିବ୍ୟ ହେବା, ଆମେ ସେପରି ହେଲୁ ବୋଲି ମୁହଁ ବୁଲାଇ ଦେଖିବାର ବି ଆଉ କୌଣସି ଆବଶ୍ୟକତା ନ ଥିବ; ଯେଉଁ ସୋପାନରେ ତଥାପି ସେପରି ହେବାର ଏକ ଇଚ୍ଛା ବି ରହିଥାଏ, ସେତେବେଳେ ଆମେ ସେହି ସୋପାନଟିକୁ ଅତିକ୍ରମ କରି ଯାଇଥିବା ।

## ୧୧ ଜାନୁଆରି ୧୯୬୭

ଜଣେ ଶିଷ୍ୟ ଅଭିଯୋଗ କରି କହିଥିଲେ ଯେ, ଲୋକେ ଅଧିକାଂଶ ସମୟରେ ନିରର୍ଥକ ପ୍ରଶ୍ନମାନ ପଚାରି ଖାଲି ମାଆଙ୍କର ସମୟକୁ ନଷ୍ଟ କରିଛନ୍ତି । ତା' ଫଳରେ ଆପାତତଃ ଅଧିକ ଗୁରୁତ୍ୱପୂର୍ଣ୍ଣ ନାନା କାର୍ଯ୍ୟଗୁଡ଼ିକର ସମ୍ପାଦନ କରିବା ଲାଗି ମାଆଙ୍କ ପାଖରେ ରହୁଥିବା ସମୟ କ୍ରମଶଃ କମ୍ ହୋଇ ଆସୁଥିଲା । ମାଆ ମନ୍ତବ୍ୟ କରି କହିଲେ :

ଏହା ଏହିପରି **ଅବଶ୍ୟ ହେବ,** କାରଣ କଥାଟି ଆଉ କଦାପି ଅନ୍ୟ ପ୍ରକାର ହୋଇ ପାରିବ ନାହିଁ ।

ସମ୍ଭବତଃ ଉକ୍ତ ମତଟିରୁ ଆମକୁ ଏକ ଶିକ୍ଷା (ଏହା ଏକ ସୂଚନା ପରି କାର୍ଯ୍ୟ କରି ପାରିବ) ମଧ୍ୟ ମିଳିପାରିବ, ମାତ୍ର ତଥାପି ଏହାର ଅବଶ୍ୟ ଏକ ଉଦ୍ଦେଶ୍ୟ ରହିଛି । ଏଥିରୁ ମୋର ଯାହା ଶିକ୍ଷା କରିବା କଥା, ମୁଁ ତାହା ଅବଶ୍ୟ ବୁଝିବାକୁ ଚେଷ୍ଟା କରୁଛି । ମୁଁ ଅଧିକ ଧୈର୍ଯ୍ୟଶୀଳ ହେବାକୁ ଚେଷ୍ଟା କରୁଛି । ମୋତେ ପ୍ରକୃତରେ ଭାରି ଧୈର୍ଯ୍ୟଶୀଳ ହୋଇ ରହିବାକୁ ପଡୁଛି । ...ସତତ ନାନା ବିଦ୍ରୋହ ଓ ଅପମାନର ସମ୍ମୁଖୀନ ହେବାକୁ ପଡୁଛି । ମାତ୍ର ମୋ' ଉପରେ ସେଗୁଡ଼ିକର ଆଦୌ କୌଣସି ଆଘାତ କେବେହେଲେ ବାଜୁ ନାହିଁ ଏବଂ ବେଳେବେଳେ ସେଗୁଡ଼ିକର ସମ୍ମୁଖୀନ ହୋଇ ଭାରି ମଜା ବି ଲାଗୁଛି । ଯେତେବେଳେ ମୁଁ ମୋର ସ୍ୱାଭାବିକ ଅବସ୍ଥାରେ ରହୁଛି, ଅର୍ଥାତ୍ ସହାନୁଭବର ଯଥାର୍ଥ ଅବସ୍ଥାଟିରେ ରହୁଛି, ସେତେବେଳେ ସେଗୁଡ଼ାକ ଦ୍ୱାରା ମୋ' ଭିତରେ ଆଦୌ କୌଣସି ପରିବର୍ତ୍ତନ ହେଉ ନାହିଁ । ତଦ୍ୱାରା କେଉଁଠି ହେଲେ ଉପରି ଭାଗରେ ସାନ ତରଙ୍ଗଟିଏ ମଧ୍ୟ କେବେହେଲେ ସୃଷ୍ଟି ହେଉ ନାହିଁ ।

କାଲି ମୋତେ ଏହି ପ୍ରଶ୍ନଟି ପଚରା ଯାଇଥିଲା; ଅପମାନ, ଅପମାନିତ ହେବାପରି ବୋଧ କରିବା, ଆତ୍ମସମ୍ମାନ (ଫରାସୀ ଭାଷାରେ ଯାହାକୁ *amour-propre* ବୋଲି କୁହାଯାଇ ପାରିବ), ଏଗୁଡ଼ାକର ସାଧନାରେ କୌଣସି ସ୍ଥାନ ରହିଛି କି ନାହିଁ ବୋଲି ମୋତେ ପଚରା ଯାଇଥିଲା । ଏଗୁଡ଼ାକର ଯେ ସାଧନାରେ ଆଦୌ କୌଣସି ସ୍ଥାନ ନାହିଁ, ସେ କଥା ଖୁବ୍ ଭଲ ଭାବରେ ବୁଝିହୋଇ ଯାଉଛି ! ମାତ୍ର, ମୋ' ଭିତରେ ଏପରି ଏକ ସ୍ପଷ୍ଟ ଉପଲବ୍ଧି ହୋଇଛି ଯେ, ଯଦି ଭିତରେ ଅହଂ ଆଦୌ କୌଣସି ପ୍ରକାରେ ସକ୍ରିୟ ନ ରହିଥିବ, ତେବେ ସତ୍ତା ଭିତରେ ଏପରି କୌଣସି ପ୍ରକାରର ଆନ୍ଦୋଳନ

**କେବେହେଲେ ହେବ ନାହିଁ ।** କାରଣ, (ଅନେକ ବର୍ଷ ତଳେ) ମୁଁ ତଥାପି ଏହିପରି ଯେ ଅନୁଭବ କରୁଥିଲି, ଅତୀତର ସୁଦୂର ଗର୍ଭ ଭିତରେ ପ୍ରବେଶ କରି ମୁଁ ସେପରି ଏକ ସମୟ ଥିଲା ବୋଲି ବେଶ୍ ଅନୁଭବ କରିପାରୁଛି । ମାତ୍ର ବର୍ତ୍ତମାନ ଏହା ଏପରିକି ଏକ ବିସ୍ମୃତ ବସ୍ତୁ ପରି ନୁହେଁ, ମୋ ପାଇଁ ଏହା ସମ୍ପୂର୍ଣ୍ଣ ଅସମ୍ଭବ ହୋଇ ରହିଛି । ସେହି ଅହଂ କହିଲେ ଯେ କ'ଣ ବୁଝାଏ, ବର୍ତ୍ତମାନ ମୋ'ର ସମଗ୍ର ସତ୍ତା ଓ (ଏହା ପ୍ରକୃତରେ ଏକ ଆଶ୍ଚର୍ଯ୍ୟ କଥା) ଏହି ଭୌତିକ ଶରୀର ଗଠନଟି ମଧ୍ୟ ସେ କଥା ବିଷୟରେ ଆଦୌ କିଛି ବୁଝିପାରୁ ନାହିଁ । ଯେତେବେଳେ ସ୍ଥୂଳ ଭାବରେ କୌଣସି ଏକ ଆଘାତ ହୁଏ (*ମାଆ ତାଙ୍କର କହୁଣୀ ଉପରେ ଥିବା ଏକ ନଖ ଆଞ୍ଚୁଡ଼ା ଦାଗକୁ ଦେଖାଇ କରି କହିଲେ*), ଉଦାହରଣତଃ ଏହିପରି, ସେତେବେଳେ, ସାଧାରଣତଃ କୌଣସି ଆଘାତ ହେଲେ ଲୋକମାନେ ଯେପରି ଅନୁଭବ କରନ୍ତି, ଆଉ ମୋତେ ସେପରି କୌଣସି ଅନୁଭବ ହେଉ ନାହିଁ । ଅଧିକାଂଶ ସମୟରେ ଏହିସବୁ କ୍ଷେତ୍ରରେ ଆଦୌ କିଛି ହେଲେ ଘଟୁ ନାହିଁ, ସମଗ୍ରତଃ ତାହା ଉପରେ କୌଣସି ଦୃଷ୍ଟି ପଡ଼ିବା ପୂର୍ବରୁହିଁ ତାହା ବିଦାୟ ହୋଇଯାଉଛି । ମାତ୍ର ଯେତେବେଳେ ତଥାପି କିଛି ବି ଅନୁଭୂତ ହେଉଛି ତାହା ଏକ ଛାପମାତ୍ର – ଅତ୍ୟନ୍ତ ମୃଦୁ,– ସେତେବେଳେ ସତେଅବା ଏକ ସାହାଯ୍ୟ – ପ୍ରାର୍ଥନାଇ ଏକ ଅନ୍ତରଙ୍ଗ ଛାପଟିହିଁ ଆପଣାକୁ ଅନୁଭୂତ କରାଇବାକୁ ଚେଷ୍ଟା କରୁଛି; ବା ଶିଖିବାକୁ ରହିଥିବା ଶିକ୍ଷାଟିଏ ଆପଣାର ଅସ୍ତିତ୍ୱଟି ବିଷୟରେ ଏକ ଧାରଣା ଦେଇ ଯାଉଛି । ମାତ୍ର, ମନଃସ୍ତରୀୟ ରୀତିରେ ଏଥିରେ ମୋତେ କିଛି ଘଟୁ ନାହିଁ । ସେପରି ହେଉଥିଲେ ତ ସର୍ବଦା ସବୁକିଛି ଖାଲି କଠିନ ହୋଇ ଯାଉଥାନ୍ତା । ସେପରି ଆଦୌ କିଛି ହେଉ ନାହିଁ, ସଙ୍ଗେ ସଙ୍ଗେ ତାହା ସତ୍ତାର ଏକ ପ୍ରକାରର ଆତ୍ମନିବେଦନରେ ପରିଣତ ହୋଇଯାଉଛି,– ସତ୍ତା ଆପଣାକୁ ଆଣି ନିବେଦନ କରିଦେଉଛି, କାରଣ ତାହା ଶିକ୍ଷା କରିବାକୁ ଇଚ୍ଛା କରୁଛି । ବର୍ତ୍ତମାନ ମୁଁ କୋଷଗୁଡ଼ିକର କଥାହିଁ କହୁଛି । ଏହା ପ୍ରକୃତରେ ଭାରି କୌତୂହଳୋଦ୍ଦୀପକ । ଯଦି ତଥାପି ମନଃସ୍ତରର ଶବ୍ଦ ଦେଇ ତାହାକୁ ବ୍ୟକ୍ତ କରିବାକୁ ହୁଏ, ତେବେ କହିବାକୁ ହେବ ଯେ ଏଇଟି ହେଉଛି ସକଳ ବସ୍ତୁରେ ସେହି ଦିବ୍ୟ ପରମ ଉପସ୍ଥିତିରହିଁ ଏକ ଅନୁଭୂତି ବା ଚେତନା । ଏବଂ ସେତେବେଳେ ସେଇଟି ସହିତ ତୁମର କିଭଳି ସଂସ୍ପର୍ଶ ଘଟିବ, ତାହା, ତୁମେ ପ୍ରକୃତରେ ନିଜେ ଯେଉଁ ସ୍ଥିତିରେ ରହିଛ, ତାହାରି ଉପରେହିଁ ନିର୍ଭର କରୁଛି ।

ହଁ, ତାହାହିଁ ହେଉଛି ଏହି ଶରୀରର ଅଭିଜ୍ଞତା ।

ଏବଂ ବ୍ୟକ୍ତିମାନଙ୍କର ଜୀବନ କ୍ଷେତ୍ରରେ, ଯେତେବେଳେ କୌଣସି ଆଘାତ ଆସି ବାଜୁଛି ଅଥବା ବିପତ୍ତି ଆସି ପହଞ୍ଚୁଛି, ସେତେବେଳେ ଅତ୍ୟନ୍ତ ସ୍ପଷ୍ଟ ଭାବରେ

କେବଳ ସେହି ଅହଂଟିହିଁ ଦୃଷ୍ଟିଗୋଚର ହେଉଛି,— ସେତେବେଳେ ଅହଂ ଆପଣାକୁ ପ୍ରକାଶିତ କରି ଆଣୁଛି । ସେମାନେ କହିବେ, ‘‘ନାଇଁ, ଏଇଟା ଅନ୍ୟ କିଛି’’ । ମୁଁ ଏହି କ୍ଷେତ୍ରରେ ‘‘ସିଏ ରାଗିଛନ୍ତି’’ ବା ‘‘ଇଏ ରାଗିଛନ୍ତି...’’ ବୋଲି କଦାପି କହିବି ନାହିଁ । ଏହି କ୍ଷେତ୍ରରେ ତାଙ୍କର ଅହଂଟିହିଁ ସବୁକିଛି କରୁଛି । ଏହାକୁ ତାଙ୍କର ଅହଂ ବୋଲି ହୁଏତ ଆଦୌ କୁହା ଯିବ ନାହିଁ, ତାହାକୁ **କେବଳ ଅହଂ** ବୋଲି କୁହାଯିବ, ଅହଂର ରୀତି ବୋଲି କୁହାଯିବ । ଏହି କ୍ଷେତ୍ରରେ ସେହି ଅହଂର ରୀତିଟାହିଁ ଆସି ଯାବତୀୟ ହସ୍ତକ୍ଷେପ କରୁଛି । ଏହା ପ୍ରକୃତରେ ଭାରି ଆଗ୍ରହୋଦ୍ଦୀପକ; କାରଣ, ମୋ’ ଲାଗି ଏହି ଅହଂ ଏକ ନୈର୍ବ୍ୟକ୍ତିକ ବସ୍ତୁରେ ପରିଣତ ହୋଇ ସାରିଲାଣି, ମାତ୍ର ଅନ୍ୟ ପ୍ରତ୍ୟେକ ବ୍ୟକ୍ତିଙ୍କ କ୍ଷେତ୍ରରେ ତାହା ସେହି ବ୍ୟକ୍ତିର ପ୍ରତ୍ୟକ୍ଷତମ ବ୍ୟକ୍ତିତ୍ୱବୋଧ ରୂପେହିଁ କାର୍ଯ୍ୟ କରିବାରେ ଲାଗିଛି ! ତାହାକୁ ସେପରି ନ କହି ବରଂ ଜୀବନ ଧାରଣର ଏକ ରୀତି (ଏହାକୁ ଏକ ପାର୍ଥିବ କିଂବା ମାନବୀୟ ରୀତି ବୋଲି କୁହାଯାଇ ପାରିବ) ବୋଲିହିଁ କୁହାଯିବ । ସେହି ରୀତିଟି ଏଠାରେ ଓ ସେଠାରେ ବିଭିନ୍ନ ବ୍ୟକ୍ତିଙ୍କ ଭିତରେ ଅଳ୍ପ ବା ବହୁତ ପରିମାଣରେ ରହିଛି ଏବଂ ପ୍ରତ୍ୟେକ ବ୍ୟକ୍ତିଙ୍କ ମନରେ ବ୍ୟକ୍ତିତ୍ୱର ଏକ ମାୟାବୋଧ ଜନ୍ମାଇବାରେ ନିମିତ୍ତ ରୂପେ କାର୍ଯ୍ୟ କରୁଛି । ଏହା ପ୍ରକୃତରେ ଭାରି ଆଗ୍ରହୋଦ୍ଦୀପକ ।

*ହଁ, ମାତ୍ର ଗୋଳମାଳଟି ତ ସେଇଥିରୁ ଜାତ ହେଉଛି ଯେ ଅନ୍ୟ ବ୍ୟକ୍ତିମାନେ କିଛି ଶିକ୍ଷା କରୁ ନାହାନ୍ତି, ତେଣୁ...*

ହଁ, ଯଦି ସେମାନେ ବି ଶିକ୍ଷା କରି ପାରନ୍ତେ, ତେବେ ସବୁକିଛି ଭାରି ଚଞ୍ଚଳ ବଦଳିଯାଇ ପାରନ୍ତା ।

*ତେଣୁ ଫଳରେ ଆକ୍ରମଣଟା ଆପଣଙ୍କ ଉପରେ ହେବାରେ ଲାଗିଛି, ଆପଣହିଁ ନିମଜ୍ଜିତ ହୋଇ ରହୁଛନ୍ତି ।*

ମୋଟେ ନୁହେଁ !

*ଆପଣଙ୍କର ସବୁ ସମୟ ଚାଲିଯାଉଛି, ଆପଣଙ୍କର ସବୁ...*

ସେମାନେ କଦାପି ମୋତେ ବୁଡ଼ାଇ ପାରିବେ ନାହିଁ, (*ମାଆ ହସି କରି କହିଲେ*) ମୁଁ ବହୁତ ବଡ଼ ।

*ତଥାପି, ବାସ୍ତବ କ୍ଷେତ୍ରରେ ଆପଣଙ୍କୁ ବ୍ୟତିବ୍ୟସ୍ତ କରି ପକା ହେଉଛି ।*

ମୁଁ ଏକଥାଟିକୁ ବି ଲକ୍ଷ୍ୟ କରି ଦେଖିଛି ଯେ, ଏହି କ୍ଷେତ୍ରରେ ମୁଁ କୌଣସି ପ୍ରତିରୋଧ କଲେ ଅବସ୍ଥା ପ୍ରକୃତରେ ଖରାପ ହୋଇ ଯାଉଛି । ଯଦି ମୁଁ ତରଳ ଓ ନମନୀୟ ହୋଇ ରହି ପାରୁଛି, ତେବେ ଆଉ କୌଣସି ଆଘାତ ଲାଗୁ ନାହିଁ । ଏହି ଆଞ୍ଚୁଡ଼ାଟି (*ମାଆ ନିଜ କହୁଣିକୁ ଦେଖାଇଲେ*) ବେଳକୁ ମଧ୍ୟ ସେହି କଥା ଘଟିଛି । ଯଦି ତୁମେ କଠିନ ହୋଇଯିବ ଓ ବସ୍ତୁଗୁଡ଼ିକ ତୁମର ପ୍ରତିରୋଧ କରିବେ, ତେବେ ଆଘାତ ଅବଶ୍ୟମ୍ଭାବୀ । କିପରି ପଡ଼ିବାକୁ ହୁଏ ସେହି ବାଗଟି ଯେଉଁମାନଙ୍କୁ ଜଣାଥାଏ, ଏହା ଠିକ୍ ସେହିମାନଙ୍କ କଥା ପରି । ସେମାନେ ପଡ଼ନ୍ତି : ଅଥଚ ସେମାନଙ୍କର କୋଉଁଠି କିଛି ଭାଙ୍ଗେ ନାହିଁ । ଅନ୍ୟ ପକ୍ଷରେ, ଯେଉଁମାନେ ପଡ଼ିବାର କାଇଦା ଜାଣି ନ ଥା'ନ୍ତି, ତେବେ କେଉଁଠି ଏତେ ଟିକିଏ ବି ପଡ଼ିଯିବା ମାତ୍ରକେ ସେମାନଙ୍କର କିଛି ନା କିଛି ଅବଶ୍ୟ ଭାଙ୍ଗିଯାଏ । ଏହା ମଧ୍ୟ ଠିକ୍ ସେହିପରି କଥା । ତେଣୁ ପ୍ରକୃତ ବାଗଟିକୁ ଶିକ୍ଷା କରିବାକୁ ପଡ଼ିବ... ପୂର୍ଣ୍ଣ ଏକତ୍ୱଟିକୁ ରକ୍ଷା କରିବାକୁ ହେବ । କେଉଁଠି କିଛି ସଂଶୋଧନ କରିବା, ବଙ୍କାକୁ ସିଧା କରିବାକୁ ଚେଷ୍ଟା କରିବା – ସେଇଟାକୁ ମଧ୍ୟ ତଥାପି ପ୍ରତିରୋଧ କରିବା ବୋଲି କୁହାଯିବ । ତେଣୁ, ତୁମେ ଯେପରି କହୁଛ, ଯଦି ଆକ୍ରମଣଟି ଲାଗି ରହେ, ତେବେ କ'ଣ ସବୁ ଘଟିବ ? ଏହା ଭାରି ମଜାର କଥା ହେବ । ତେଣୁ ଦେଖାଯାଉ, କ'ଣ ହେଉଛି ! (*ମାଆ ହସିବାକୁ ଲାଗିଲେ*) ଅନ୍ୟମାନେ ତ ଠିକ୍ ଏହି ସ୍ଥିତିରେ ନାହାନ୍ତି, ତେଣୁ ଖୁବ୍ ସମ୍ଭବ ସେମାନଙ୍କୁ ଟିକିଏ ବିରକ୍ତି ଲାଗିବ । କିନ୍ତୁ ମୁଁ ଆଉ ସେଥିପାଇଁ କ'ଣ କରି ପାରିବି ! (*ମାଆ ପୁଣି ହସିଲେ*)

ଆମକୁ ହସିବାକୁହିଁ ପଡ଼ିବ, ସର୍ବଦା ହସିବାକୁ ପଡ଼ିବ । ସ୍ୱୟଂ ପ୍ରଭୁ ସବୁବେଳେ ହସନ୍ତି, ସର୍ବଦାହିଁ ହସୁଥା'ନ୍ତି । ଏବଂ, ତାଙ୍କର ହସ ପ୍ରକୃତରେ କେଡ଼େ ସୁନ୍ଦର, କେଡ଼େ ସୁନ୍ଦର ନ ଦିଶେ, ପ୍ରେମ ଦ୍ୱାରା କେଡ଼େ ପରିପୂର୍ଣ୍ଣ ହୋଇ ରହି ନ ଥାଏ ! ହସି ପାରିବା ଦ୍ୱାରାହିଁ ତୁମେ ସର୍ବଦା ଏକ ଅସାଧାରଣ ମଧୁରତା ଦ୍ୱାରା ଆଚ୍ଛାଦିତ ହୋଇ ରହିଥାଅ ।

ମଣିଷମାନେ ଏଇଟାକୁ ମଧ୍ୟ ବିକୃତ କରି ପକାଇଛନ୍ତି – ସେମାନେ ସବୁ କିଛିକୁ ବିକୃତ କରି ପକାଇଛନ୍ତି । (*ମାଆ ହସିବାକୁ ଲାଗିଲେ*)

## ୨୧ ଜାନୁଆରି ୧୯୬୭

ଏବେ ପ୍ରାୟ ଏକ ଅବର୍ଣ୍ଣନୀୟ ଘଟଣା ପ୍ରକୃତରେ ଘଟିଛି ।

ଏହି ଶରୀରର ଏକ ସ୍ୱାଭାବିକ ବ୍ୟାପାର ରୂପେ ସ୍ୱୟଂପ୍ରେରିତ ହୋଇ ଆପଣାର ଯାବତୀୟ କାର୍ଯ୍ୟ ସମ୍ପନ୍ନ କରିବାର ଅଭ୍ୟାସଟି ରହିଥିଲା । ଅର୍ଥାତ୍, ଶରୀର ଲାଗି ସେହି କାର୍ଯ୍ୟଗୁଡ଼ିକର ମହତ୍ତ୍ୱ ଅଥବା ପ୍ରୟୋଜନୀୟତା ବିଷୟରେ ଆଦୌ କୌଣସି ପ୍ରଶ୍ନହିଁ ନ ଥିଲା । ଉଦାହରଣ ସ୍ୱରୂପ, ବସ୍ତୁଗୁଡ଼ିକ ବିଷୟରେ ତାହାର ଆପଣାର ଆଦୌ କୌଣସି ପ୍ରାଣକ୍ଷେତ୍ରୀୟ ଅଥବା ମନଃକ୍ଷେତ୍ରୀୟ ମତ ବି ନ ଥିଲା । କ'ଣ ପ୍ରକୃତରେ ''ଗୁରୁତ୍ୱପୂର୍ଣ୍ଣ'' ବା ନୁହେଁ, ଅଥବା କ'ଣ ପ୍ରକୃତରେ ''ଆଗ୍ରହୋଦ୍ଦୀପକ'' ବା ନୁହେଁ, ସେ ବିଷୟରେ ଶରୀରର କୌଣସି ମତ ନ ଥିଲା । ତା' ପାଇଁ ସେସବୁର କୌଣସି ଅସ୍ତିତ୍ୱ ନ ଥିଲା । ଏବଂ ତା'ପରେ, କୋଷମାନେ ବର୍ତ୍ତମାନ ଯେତେବେଳେ କ୍ରମଶଃ ସଚେତନ ହୋଇ ଆସୁଛନ୍ତି, ସେମାନେ କ୍ରମେ ସତେଅବା ଟିକିଏ ଅଟକି ଯାଇ ଚିନ୍ତା କରି ଶିଖୁଛନ୍ତି (*ମା'ଆ ପ୍ରତ୍ୟାହୃତ ହୋଇଯିବାର ଇଙ୍ଗିତ କଲେ*), ଆପଣା ଆଡ଼କୁ ଅବଲୋକନ କରି ଶିଖୁଛନ୍ତି,ଆପଣାର କ୍ରିୟାଶୀଳତାଗୁଡ଼ିକୁ ଲକ୍ଷ୍ୟ କରି ଦେଖୁଛନ୍ତି; ଏବଂ, ଏହିସବୁ କ୍ରିୟାଶୀଳତା କାହିଁକି କେଉଁ ଉଦ୍ଦେଶ୍ୟରେ ହେଉଛି, ସେ ବିଷୟରେ ସେମାନେ କେତେକେତେ ପ୍ରଶ୍ନ ବି କରୁଛନ୍ତି । ଏବଂ ତା'ପରେ ଏକ ଅଭୀପ୍ସା ବି ଜନ୍ମ ଲାଭ କରୁଛି : ''ଏହି ସବୁ କାର୍ଯ୍ୟ କିପରି ଯଥାର୍ଥ ଭାବରେ ସମ୍ପନ୍ନ ହୋଇପାରିବ ? ଏହି କ୍ଷେତ୍ରରେ ଆମର କେଉଁ ଯଥାର୍ଥ ଭୂମିକା ରହିଛି, କି ପ୍ରୟୋଜନ ରହିଛି ଓ କେଉଁ ଭଳି ଭିତ୍ତି ରହିଛି ? ହଁ, ଆମର ଯଥାର୍ଥ ଭିତ୍ତି କ'ଣ, ଆମ ଜୀବନ ଓ ଅସ୍ତିତ୍ୱର ଯଥାର୍ଥ ମାନଦଣ୍ଡଟି କ'ଣ ?'' ପୁନର୍ବାର କଥାଟିକୁ ମନଃସ୍ତରକୁ ବ୍ୟକ୍ତ କରି ଆଣି ହୁଏତ କୁହାଯାଇ ପାରିବ : ''ଦିବ୍ୟ ସୋପାନରେ ପହଞ୍ଚି ପାରିଲେ ସ୍ଥିତି ପ୍ରକୃତରେ କିଭଳି ହେବ ? ସେତେବେଳେ କେଉଁସବୁ ପାର୍ଥକ୍ୟ ଘଟିବ ? ଅସ୍ତିତ୍ୱର ଦିବ୍ୟ ଧାରା କହିଲେ ପ୍ରକୃତରେ କ'ଣ ବୁଝିବାକୁ ହେବ ?'' ଏବଂ, ଏହି କ୍ଷେତ୍ରରେ ଏହି ଭୌତିକ ଭୂମି ବୋଲି କୁହାଯାଉଥିବା ଚେତନାଟିହିଁ ଏହିସବୁ ପ୍ରଶ୍ନ ପଚାରୁଛି, ଏହି ଭୂମିଟି ବହୁ ସହସ୍ର କ୍ଷୁଦ୍ର ବସ୍ତୁକୁ ନେଇ ଗଠିତ ହୋଇଛି; ସେଗୁଡ଼ିକର ନିଜ ଭିତରେ ସ୍ୱକୀୟ କୌଣସି ଆସ୍ପୃହା ନାହିଁ, କେବଳ ଏକ ସମଗ୍ର ବା ସମୁଦାୟ ବ୍ୟତୀତ ସେଗୁଡ଼ିକର ତିଷ୍ଠି ରହିବା ଲାଗି ଆଦୌ କୌଣସି କାରଣ ନାହିଁ, କେବଳ ଅନ୍ୟ ଏକ କ୍ରିୟାର ସମର୍ଥକ ଅବଲମ୍ବନ ହୋଇ ରହିବା ବ୍ୟତୀତ ତିଷ୍ଠି ରହିବାର କୌଣସି କାରଣ ନାହିଁ । ବିଚ୍ଛିନ୍ନ ଭାବରେ ସେମାନଙ୍କର ନିଜର ଆଦୌ କୌଣସି ଅର୍ଥ ନାହିଁ । ମାତ୍ର ତା'ପରେ ଏହି କ୍ଷେତ୍ରରେ ମଧ୍ୟ ଠିକ୍ ସେହି କଥାଟି ଘଟୁଛି : ଏକ ପ୍ରକାର

ଗ୍ରହଣଶୀଳତା ଜନ୍ମ ଲାଭ କରୁଛି, ନୀରବରେ ଦ୍ୱାରଟିଏ ଉନ୍ମୋଚିତ ହୋଇଯାଉଛି ଓ ବସ୍ତୁଟିକୁ ପ୍ରବେଶ କରିବା ଲାଗି ବାଟ ଛାଡ଼ି ଦେଉଛି; ଏବଂ, ଜୀବନଧାରଣ କରିବାର ଏପରି ଏକ ଧାରା ଅତ୍ୟନ୍ତ ସୂକ୍ଷ୍ମ ଭାବରେ ପ୍ରତ୍ୟକ୍ଷ ହେବାକୁ ଆରମ୍ଭ କରୁଛି, ଯାହାକୁ କି ଆଲୋକ-ବିଭାସିତ ଓ ସୌଷମ୍ୟଯୁକ୍ତ ବୋଲି କୁହାଯାଇ ପାରିବ ।

ଜୀବନ ଧାରଣର ଏହି ଧାରାଟିର ଏପର୍ଯ୍ୟନ୍ତ କୌଣସି ସଂଜ୍ଞା ନିର୍ଦ୍ଧାରିତ ହୋଇପାରି ନାହିଁ; ମାତ୍ର ଏହି ଅନ୍ୱେଷଣ-ଯାତ୍ରାରେ ବହୁବର୍ଣ୍ଣ-ସମ୍ପନ୍ନ, ଅନେକ ରଙ୍ଗର ଏକ ସତତ ଅବବୋଧ (ତାହା ଏକ ଦୃଶ୍ୟାନୁଭୂତି ରୂପେ ବ୍ୟକ୍ତ ହେଉଛି) ରହିଛି,– ସେଥିରେ ଯାବତୀୟ ସବୁ ରଙ୍ଗ ରହିଛି; ସ୍ତର ସ୍ତର ହୋଇ ନୁହେଁ, (ମାତ୍ର ଶୂନ୍ୟ ଉପରେ ବିନ୍ଦୁଗୁଡ଼ିକୁ ଦେଖାଇ ଦେବା ପରି ଭଙ୍ଗୀ କରି) ସତେ ଯେପରି ସେଠି ସବୁଯାକ ରଙ୍ଗ ବିନ୍ଦୁ ବିନ୍ଦୁ ହୋଇ ଏକାଠି ମିଶି କରି ରହିଛି । ତାନ୍ତ୍ରିକମାନଙ୍କ ସହିତ ମୋର ସାକ୍ଷାତ୍ ହେବାର ଦୁଇବର୍ଷ (ମୋ'ର ଠିକ୍ ମନେ ନାହିଁ, ହୁଏତ ଦୁଇବର୍ଷରୁ ବେଶୀ ହୋଇ ଗଲାଣି) ହୋଇଗଲାଣି । ସେମାନଙ୍କ ସହିତ ମୋ'ର ସମ୍ପର୍କ ରହିଥିଲା ଏବଂ ମୁଁ ସେହି 'ଆଲୋକ' ଟିକୁ ଦେଖିବାକୁ ଆରମ୍ଭ କରିଥିଲି । ସେଇଟିକୁ ମୁଁ ତାନ୍ତ୍ରିକ ଆଲୋକ ବୋଲି ଭାବିଥିଲି, ତାହାକୁ ସେହି ତାନ୍ତ୍ରିକ ଦୃଷ୍ଟିରେ ଭୌତିକ ଜଗତକୁ ଅବଲୋକନ କରିବା ବୋଲି ଭାବିଥିଲି । ମାତ୍ର ବର୍ତ୍ତମାନ ମୁଁ ସବୁବେଳେ ଏହାକୁ ଦେଖିବାକୁ ପାଉଛି, ଯାବତୀୟ ବସ୍ତୁର ସଂକ୍ରାନ୍ତରେ ଦେଖିବାକୁ ପାଉଛି ଏବଂ, ''ଯଥାର୍ଥ ଜଡ଼ର ବୋଧ'' ବୋଲି କହିଲେ ଯାହା ବୁଝାଇବ, ଏହା ମୋତେ ଠିକ୍ ସେହିପରି ଲାଗୁଛି । ପରସ୍ପର ସହିତ ଆଦୌ ଗୋଳିଆ ମିଶା ହୋଇ ନ ଯାଇ ସମ୍ଭାବ୍ୟ ଯାବତୀୟ ରଙ୍ଗ ସେଥିରେ ଏକତ୍ର ସଂଯୁକ୍ତ ହୋଇ ରହିଛି (*ଠିକ୍ ଆଗ ପରି ବିନ୍ଦୁଗୁଡ଼ିକୁ ଦେଖାଇଦେବା ପରି ଭଙ୍ଗୀ କଲେ*), ସେଗୁଡ଼ିକ ଆଲୋକମୟ ବିନ୍ଦୁଗୁଡ଼ିକ ଦ୍ୱାରା ଏକତ୍ର ସଂଯୁକ୍ତ ହୋଇ ରହିଛି । ସତେ ଯେପରି ପ୍ରତ୍ୟେକ ବସ୍ତୁ ସେହିପରିହିଁ ତିଆରି ହୋଇ ରହିଛି । ଏବଂ ଏଇଟାହିଁ ଅସ୍ତିତ୍ୱ ଧାରଣ କରି ରହିବାର ଯଥାର୍ଥ ଧାରା ପରି ମନେ ହେଉଛି । ମୁଁ ସେକଥାଟିକୁ ଅବଶ୍ୟ ସୁନିଶ୍ଚିତ କରି ମୋଟେ କହିପାରୁ ନାହିଁ, ଅସ୍ତିତ୍ୱର ଏହି ଧାରାଟି ଅପେକ୍ଷାକୃତ ଅଧିକ ପରିମାଣରେ ସଚେତନ ହୋଇ ରହିଛି ।

ଏବଂ ମୁଁ ଏ କଥାଟିକୁ ସତତ ଦେଖିବାକୁ ପାଉଛି : ଆଖି ମେଲା ଥିବାବେଳେ ଦେଖୁଛି, ବନ୍ଦ ଥିଲାବେଳେ ଦେଖୁଛି, ସବୁବେଳେ ଦେଖିବାକୁ ପାଉଛି । ଏହା ପ୍ରକୃତରେ ଏକ ଅଦ୍ଭୁତ ଅବବୋଧ (*ଶରୀର ପାଇଁ*), ଏକାଧାରରେ ସୂକ୍ଷ୍ମତା, ସହଜଭେଦ୍ୟତା, ଏବଂ, ଯଦି ସେପରି କୁହା ଯାଇପାରେ, ଆକାରଗତ ଏକ ନମନୀୟତାର ଅବବୋଧ; ଅତ୍ୟନ୍ତ ସ୍ୱଷ୍ଟ ଭାବରେ କୁହା ଯାଇପାରେ ଯେ ଏହି ଅବବୋଧ ବେଳେ ଆକାରଗୁଡ଼ାକ

ଆଦୌ ବିଲୁପ୍ତ ହୋଇଯାଉ ନାହିଁ, ମାତ୍ର ସେଗୁଡ଼ିକର କଠିନତା ପ୍ରଭୂତ ପରିମାଣରେ ହ୍ରାସପ୍ରାପ୍ତ ହୋଇପାରୁଛି । ଅର୍ଥାତ୍, ଆକାରଗୁଡ଼ିକ ବିଲୁପ୍ତ ହୋଇଯାଉ ନାହିଁ ସତ, ମାତ୍ର ସେଗୁଡ଼ିକର କଠିନତା ବିଲୁପ୍ତ ହୋଇଯାଇ ପାରୁଛି । ଆକାରଗୁଡ଼ିକରେ ଏକ ନମନୀୟତା ସଂଘଟିତ ହେଉଛି । ଏବଂ ସ୍ୱୟଂ ଶରୀରଟି, ଯେତେବେଳେ ତାହା ଆପଣାର କୌଣସି ନା କୌଣସି ଅଂଶରେ ପ୍ରଥମ ଥର ପାଇଁ ଏପରି ଅନୁଭବ କରିବାକୁ ଆରମ୍ଭ କଲା, ସେତେବେଳେ ତାହାର ଏପରି ଅନୁଭବ ହେଲା, ସତେଯେପରି  ତା' ପାଖରୁ କିଛି ହାତଛଡ଼ା ହୋଇ ଆଉ କୁଆଡ଼େ ଚାଲିଯାଉଛି । ସତେଯେପରି ତାହା କିଞ୍ଚିତ୍ ପରିମାଣରେ ଆପଣା ଉପରୁ ଆପଣାର କାବୁଟିକୁ ହରାଇ ପକାଇଲା । ମାତ୍ର ଏହି ଅବସ୍ଥାରେ  ଯଦି ସ୍ଥିର ରହି ଅପେକ୍ଷା କରାଯାଇ ପାରେ, ତେବେ ସେହି ଅବସ୍ଥାଟି ପରେ ଏପରି ଗୋଟିଏ ପ୍ରକାରର ସ୍ଥିତିସ୍ଥାପକତା ଏବଂ ତରଳତା ଉପଲବ୍ଧ ହେବାକୁ ଲାଗିବ, ଯାହାକି କୋଷଗୁଡ଼ିକ ଲାଗି ଏକ ନୂତନ ରୀତି ପରି ଅନୁଭୂତ ହେବାକୁ ଲାଗିବ ।

ସ୍ଥୂଳ ଭାବରେ ଶାରୀରିକ ଅହଂର ସ୍ଥାନାପନ୍ନ ରୂପେ ଯାହା ପ୍ରତିଷ୍ଠିତ ହେବାକୁ ଯାଉଛି, ଏହାକୁ ସମ୍ଭବତଃ ସେଇଆ ବୋଲି କୁହାଯିବ । ଅର୍ଥାତ୍, ଆକାରସ୍ଥ ଯାବତୀୟ କାଠିନ୍ୟ ଜୀବନ ବଞ୍ଚିବାର ଏହି ନୂତନ ରୀତିଟିକୁ ବାଟ ଛାଡ଼ି ଦେଉଥିବା ପରି ମନେ ହେଉଛି । ମାତ୍ର, ପ୍ରଥମ ସଂସ୍ପର୍ଶଟି ଯେ ଭାରି ''ବିସ୍ମୟକର'' ବୋଲି ମନେ ହେବ, ସେକଥାଟି ଆମେ ଅବଶ୍ୟ ଜାଣିଛୁ । ମାତ୍ର ଶରୀର କ୍ରମେ ଅଭ୍ୟସ୍ତ ହୋଇଯିବ । କେବଳ, ଗୋଟିଏ ରୀତିକୁ ଛାଡ଼ି ଆଉଗୋଟିଏ ରୀତିରେ ପ୍ରବେଶ କରିବାର ମଧ୍ୟବର୍ତ୍ତୀ ସୋପାନଟି ଯାହା କିଞ୍ଚିତ୍ କଷ୍ଟକର ହେବ । ଏହି କାର୍ଯ୍ୟଟି ଉତ୍ତରୋତ୍ତର ଅଧିକରୁ ଅଧିକ ଭାବରେ ହେଉଥିବ ସତ, ମାତ୍ର ତଥାପି ଏପରି ଗୋଟିଏ ମୁହୂର୍ତ୍ତ ଅବଶ୍ୟ ରହିଥିବ (ସେହି ମଧ୍ୟବର୍ତ୍ତୀ ସୋପାନଟିର ମୁହୂର୍ତ୍ତ) — ତାହା ହୁଏତ ମାତ୍ର କେତେ ମୁହୂର୍ତ୍ତ ପାଇଁ ରହିବ,— ସେଇଟି ବିଷୟରେ ଅନ୍ତତଃ ଏତିକି କୁହାଯିବ ଯେ, ତାହା ଅବଶ୍ୟ ''ଅପ୍ରତ୍ୟାଶିତ'' ବୋଲି ଲାଗିବ ।

ଏହିପରି ଭାବରେ ଯାବତୀୟ ଅଭ୍ୟାସର ବେଡ଼ି ଅପସରି ଯିବା ଏବଂ ଯାବତୀୟ କ୍ରିୟାଶୀଳତାର କ୍ଷେତ୍ରରେ ଠିକ୍ ସେହି କଥାହିଁ ଘଟିଥାଏ : ରକ୍ତସଞ୍ଚାଳନ, ଖାଦ୍ୟ-ପରିପାଚନ, ନିଃଶ୍ୱାସଗ୍ରହଣ,— ସବୁ କ୍ଷେତ୍ରରେ ଠିକ୍ ସେହିପରି ଘଟିଥାଏ । ଏବଂ, ମଧ୍ୟବର୍ତ୍ତୀ ସୋପାନଟି ପାର ହୋଇ ଯାଉଥିବାର ମୁହୂର୍ତ୍ତଟିରେ ଏପରି କଦାପି ହେବ ନାହିଁ ଯେ ଗୋଟିଏ ରୀତି ହଠାତ୍ ଆସି ପୂର୍ବତନ ରୀତିର ସ୍ଥାନାପନ୍ନ ଭାବରେ କାର୍ଯ୍ୟ କରିବାକୁ ଆରମ୍ଭ କରିବ; ମାତ୍ର ତାହା ଦୁଇ ସ୍ଥିତି ମଧ୍ୟରେ ଏକ ତରଳ ଅବସ୍ଥା ହୋଇ ରହିଥିବ,— ଏବଂ ସେଇଟି ଟିକିଏ କଷ୍ଟକର ହେବ । କେବଳ ଏହି ବୃହତ୍ ବିଶ୍ୱାସ,— ଏହି ସଂପୂର୍ଣ୍ଣ ଭାବରେ ଅବିଚଳ ହୋଇ ରହି ପାରୁଥିବା ସନ୍ଦୀପିତ, ସାତତ୍ୟଯୁକ୍ତ ଓ

ଅପରିବର୍ତ୍ତନୀୟ ବିଶ୍ୱାସଟି,– ପରମ ସର୍ବୋଚ୍ଚ କର୍ତ୍ତା ଯେ ଅବଶ୍ୟ ଅଛନ୍ତି, ସେହି ସର୍ବୋଚ୍ଚ ପ୍ରଭୁହିଁ **ଏକମାତ୍ର** ଯଥାର୍ଥ ସତ୍ୟ ରୂପେ ରହିଛନ୍ତି – ଏହି ବିଶ୍ୱାସହିଁ ଯାବତୀୟ ବସ୍ତୁକୁ ଆପାତତଃ ଯିଏ ଯେପରି ଥିଲା ସେହିପରି ରହିବା ଲାଗି ସାମର୍ଥ୍ୟ ଆଣି ଦେଉଥିବ ।

ଯାବତୀୟ ନିତ୍ୟନୈମିତ୍ତିକ କ୍ରିୟାଶୀଳତା, ଜୀବନ ବଞ୍ଚିବାର ଯାବତୀୟ ନିତ୍ୟନୈମିତ୍ତିକ ଧାରା ଏବଂ ନିତ୍ୟନୈମିତ୍ତିକ ଜୀବନର ନାନା ଅଭ୍ୟାସ,– ଏଗୁଡ଼ିକ ସତେଅବା ଗୋଟିଏ ଗୋଟିଏ ଏତେ ବଡ଼ ତରଙ୍ଗ ପରି ଆସି କୂଳରେ ବାଡ଼େଇ ହୋଇ ଯାଉଥାଆନ୍ତି ଓ ପୁନର୍ବାର ପଛକୁ ଫେରି ଯାଉଥାଆନ୍ତି,– ପୁନର୍ବାର ଆସୁଥାଆନ୍ତି ଓ ଘେରି ପକାଇବାକୁ ଚେଷ୍ଟା କରନ୍ତି – ଏବଂ ପ୍ରତିରୋଧ ପାଇ ପୁଣିଥରେ ପଛକୁ ଫେରି ଯାଉଥାଆନ୍ତି । ଏବଂ ମୁଁ ବେଶ୍ ଲକ୍ଷ୍ୟ କରିପାରୁଛି ଯେ, ଦୀର୍ଘ ବର୍ଷ ବର୍ଷ ଧରି ଶରୀର ଏବଂ ସେହି ଶରୀରର ସମଗ୍ର ଚେତନାଟି ସତେଅବା ନିରାପତ୍ତା ଓ ନିରାପତ୍ତାର ଏକ ଉପାୟ ଲୋଡ଼ି ଖସି ପଳାଇବା ଲାଗି ସେହି ପୁରୁଣା ରୀତିର ଗୁଳାଟି ଭିତରେ ପୁଣି ଯାଇ ପଡ଼ିଯିବାରେ ଲାଗିଥିଲେ ।... ମାତ୍ର ତାହା ଆଉ ସେପରି ଆଦୌ କରିବ ନାହିଁ ବୋଲି ସମ୍ମତ ହୋଇ ସାରିଲାଣି, ତା' ପରିବର୍ତ୍ତେ ସବୁ ସ୍ୱୀକାର କରି ନେବା ଲାଗି ସମ୍ମତ ହେଲାଣି : ''ଯଦି ଏହିସବୁର ଅନ୍ତର୍ହିତ ହେବାର କଥା, ତେବେ ଏସବୁ ପ୍ରକୃତରେ ଅନ୍ତର୍ହିତ ହୋଇଯାଉ ।''– ମାତ୍ର, ଯାହା କିଛି ଉଦ୍ଦିଷ୍ଟ ହୋଇ ରହିଛି, ଶରୀର ସେଗଡ଼ିକୁ ସ୍ୱୀକାର କରିନେଇ ସାରିଲାଣି ।

ମନୋଗତ କ୍ଷେତ୍ରରେ, ଯେତେବେଳେ ଭୌତିକ ମନର କ୍ଷେତ୍ରରେ ଏହି କଥାଟି ଘଟୁଛି (ଏକଥା ଦୀର୍ଘ ଅନେକ ବର୍ଷ ତଳେ ଘଟିଥିଲା, ମାତ୍ର ମୁଁ ସେତେବେଳେ ମଧ୍ୟ ସେହି କଥା ଲକ୍ଷ୍ୟ କରିଥିଲି), ସେତେବେଳେ ଏହି କଥାଟି ଲୋକଙ୍କ ମନରେ ଏପରି ଏକ ଧାରଣା ଆଣିଦେଉଛି, ସତେ ଯେପରି ଏପରି ହେଲେ ସେମାନେ ପ୍ରକୃତରେ ପାଗଳ ହୋଇଯିବେ, ସେଇଥିରୁ ଭୟ ଜାତ ହେଉଛି । ଏବଂ ସେହି ଭୟ ସହିତ ଆହୁରି ଏପରି କଥା ଘଟୁଛି, ଯାହା ଦ୍ୱାରା ତାଡ଼ିତ ହୋଇ ସେମାନେ ନିଷ୍କୃତି ପାଇବା ଲାଗି ପୁଣି ସେହି ନିତ୍ୟନୈମିତ୍ତିକ ସାଧାରଣ ବୋଧର ଅବସ୍ଥା ଭିତରକୁ ପଳାଇ ଯାଉଛନ୍ତି । ଏକାବେଳେକେ ସେହି ଏକ ଘଟଣା ନ ହେଲେ ମଧ୍ୟ ତାହାକୁ ଭୌତିକ କ୍ଷେତ୍ରରେ ଘଟୁଥିବା ଏକ ଘଟଣାର ସଦୃଶ ବୋଲି କୁହାଯିବ : ସତେଅବା ତୁମର ସାଧାରଣ ଯାବତୀୟ ସ୍ଥିରତା ଲୋପ ପାଇଗଲା ପରି ତୁମେ ଅନୁଭବ କରିବାକୁ ଆରମ୍ଭ କରୁଛ । ହଁ, ଦୀର୍ଘ ଅନେକ ଦିନ – ଅନେକ ଦିନ –ଏହିପରି ପୁନର୍ବାର ସେହି ପୁରୁଣା ଅଭ୍ୟାସର ଗୁଳାରେ ଯାଇ ପଡ଼ିବାର ଦଶା ଭୋଗିବାକୁ ପଡ଼ିଥିଲା । ତା'ପରେ ଯାଇ ଆଶ୍ୱସ୍ତି ମିଳିଲା । ଏବଂ ତୁମକୁ ପୁଣି ମୂଳରୁ ଆରମ୍ଭ କରିବାକୁ ପଡ଼ିଲା । ଏବଂ ବର୍ତ୍ତମାନ ସେମାନେ ଆଉ ମୋଟେ

ସେକଥା ଇଚ୍ଛା କରିବେ ନାହିଁ : ''ଯାହା ଆସୁ ପଛକେ, ଦେଖାଯିବ'' ବୋଲି କହିବେ । ଏହି ବିରାଟ ଦୁଃସାହସିକତା ଲାଗି ରହିଥିବ ।

''ଆମେ ଏପରି କିପରି ହେବା – ଆମେ ଏପରି କିପରି ହେବା,– କିପରି ହେବା...'' ବୋଲି କୋଷଗୁଡ଼ିକ କହିବାରେ ଲାଗିଥିବେ,– ''ଆମର କିପରି ହେବା ଉଚିତ ? ଆମେ ସେ ଭଳି କିପରି ହେବା'' ?...

ଏହା ଅତ୍ୟନ୍ତ ଆଗ୍ରହୋଦ୍ଦୀପକ ।

## ୪ ମାର୍ଚ୍ଚ ୧୯୬୭

ମୁଁ କ୍ରମଶଃ ଅଧିକରୁ ଅଧିକ ସ୍ପଷ୍ଟ ରୂପେ ଦେଖି ପାରୁଛି ଯେ, ଆମେ ତିନୋଟି ବିଭିନ୍ନ ଦୃଷ୍ଟି କୋଣରୁ ରୂପାନ୍ତରର ଏହି ସମସ୍ୟାଟିର ସମ୍ମୁଖୀନ ହୋଇ ପାରିବା । ତିନୋଟି ବିଭିନ୍ନ ଦିଗରେ ସେହି ଆଡ଼କୁ ଅଗ୍ରସର ହୋଇ ପାରିବା । ଏବଂ, ସେହି ଅଗ୍ରଗତିଟିକୁ ସମ୍ପୂର୍ଣ୍ଣ କରିବାକୁ ହେଲେ ଆମକୁ ତିନୋଟି ଯାକ ବାଟକୁ ଏକାଠି ସମ୍ମିଳିତ କରି ରଖିବାକୁ ପଡ଼ିବ ।

ପ୍ରଥମ ବାଟଟି, ଅତ୍ୟନ୍ତ ସ୍ୱାଭାବିକ ଭାବରେ ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ବାଟଟିକୁ ହୁଏତ ''ଆଧାତ୍ମିକ'' ବାଟ ବୋଲି କୁହାଯିବ । ଏହି ବାଟରେ ଅଗ୍ରସର ହେବାକୁ ହେଲେ ଆମକୁ ସେହି ପରମଚେତନା, ପ୍ରେମ —ଚେତନା — ପରମଶକ୍ତିଟି ସହିତ ସଂଯୁକ୍ତ ହୋଇ ରହିବାକୁ ପଡ଼ିବ । ହଁ, ଏହାର ଏହି ତିନୋଟି ଦିଗ ରହିଛି : ସେହି ସର୍ବୋଚ୍ଚ ପ୍ରେମ-ଚେତନା-ଶକ୍ତି, ଏବଂ ତାହା ସହିତ ସଂଯୋଗ ସ୍ଥାପନ, ଏକାତ୍ମକତାର ଉପଲବ୍ଧି : ଆମର ଭୌତିକ ସକଳ କୋଷକୁ ସେହି ପରମ ତତ୍‌କୁ ଗ୍ରହଣ କରି ତାହାକୁ ଅଭିବ୍ୟକ୍ତ କରିପାରିବା ଲାଗି ସମର୍ଥ କରାଇବା,— ସେହି ପରମ ତତ୍‌ରେ **ପରିଣତ ହେବା ଲାଗି**ହିଁ ସେମାନଙ୍କୁ ସମର୍ଥ କରାଇବା ।

ଏଥିଲାଗି ଯେତେ ଯେତେ ଉପାୟ ରହିଛି, ଏଇଟି ହେଉଛି ସେଗୁଡ଼ିକ ମଧ୍ୟରେ ସବୁଠାରୁ ଅଧିକ ଶକ୍ତିଶାଳୀ, ସବୁଠାରୁ ଅଧିକ ଅପରିହାର୍ଯ୍ୟ ।

ଗୂଢ଼ବିଦ୍ୟାର ଉପାୟଟି ମଧ୍ୟ ଅଛି । ତାହା ମଧ୍ୟବର୍ତ୍ତୀ ହୋଇ ରହିଥିବା ଯାବତୀୟ କ୍ରିୟା-ଜଗତକୁ ଆଣି କାମରେ ଲଗାଏ । ମଧ୍ୟବର୍ତ୍ତୀ ମଣ୍ଡଳଗୁଡ଼ିକରେ ଯେତେ ଯେତେ ଶକ୍ତି ଓ ବ୍ୟକ୍ତିସତ୍ତା ରହିଛନ୍ତି, ଏଥିଲାଗି ସେଗୁଡ଼ିକ ବିଷୟରେ ତନ୍ନ ତନ୍ନ କରି ଯାବତୀୟ ଜ୍ଞାନ ଅର୍ଜନ କରିବାକୁ ହୁଏ, ଏବଂ ସେହି ଜ୍ଞାନଗୁଡ଼ିକୁ କାମରେ ଲଗାଇବାକୁ ପଡ଼େ । ଏହି କ୍ଷେତ୍ରରେହିଁ ଅଧିମାନସ ସୋପାନଟିରେ ରହିଥିବା ଦେବତାମାନେ ଆସି କାମରେ ଲାଗନ୍ତି । ଏଇଟି ଦ୍ୱିତୀୟ ବାଟ । ଶିବ, କୃଷ୍ଣ, ଦିବ୍ୟଜନନୀଙ୍କର ସକଳ ବିଭାବ,— ଏଗୁଡ଼ିକ ଏହି ଦ୍ୱିତୀୟ ପଥର ଅନ୍ତର୍ଭୁକ୍ତ ।

ଏବଂ ତା'ପରେ ଉଚ୍ଚତର ବୁଦ୍ଧିସ୍ତରର ମାର୍ଗଟି ମଧ୍ୟ ରହିଛି । ଏଥିରେ ବୈଜ୍ଞାନିକ ସ୍ତରର ଆହୁରି ସେପାଖକୁ ରହିଥିବା ଅନ୍ତଃସତ୍ୟଟିର ପ୍ରକ୍ଷେପଣ କରାଯାଏ । ଏହା ତଳୁ ସମସ୍ୟାଟିର ସମ୍ମୁଖୀନ ହୁଏ ଏବଂ ଏହାର ମଧ୍ୟ ନିଜସ୍ୱ ଏକ ମହତ୍ତ୍ୱ ଅବଶ୍ୟ ରହିଛି । ତନ୍ନ ତନ୍ନ କରି ସବୁକିଛିର ସମାଧାନ କରିପାରିବା ଦୃଷ୍ଟିରୁ, ଏହି ଉପାୟଟି ଦ୍ୱାରା ପ୍ରାୟ ସତ୍ୟଗୁଡ଼ିକର ଯଥାଶକ୍ତି ଅପନୋଦନ ସମ୍ଭବ ହୋଇଥାଏ ଏବଂ ତାହା ଫଳରେ ଏକ

ଅପେକ୍ଷାକୃତ ଅଧିକ ପ୍ରତ୍ୟକ୍ଷ ଏବଂ ନିର୍ଦ୍ଦିଷ୍ଟ କ୍ରିୟାଶୀଳତା ସମ୍ଭବ ହୁଏ ।

ତିନୋଟି ଯାକକୁ ଏକାଠି ଅନୁସରଣ କରିପାରିଲେ ଉଦ୍ୟମଟି ଯେ ଅଧିକ ବେଗରେ ଗତି କରିପାରିବ, ସେଥିରେ ଆଦୌ କୌଣସି ସନ୍ଦେହ ନାହିଁ ।

ପ୍ରଥମଟି ବ୍ୟତୀତ ମୋଟେ କିଛି ସମ୍ଭବ ହେବ ନାହିଁ, ଏଇଟି ନ ଥିଲେ ଅନ୍ୟ ଦୁଇଟି ଆମକୁ ହୁଏତ ଏକ ମାୟା ଭିତରେ ବି ବିଭ୍ରାନ୍ତ କରି ରଖିଥିବେ : ସେଗୁଡ଼ିକୁ ସାଙ୍ଗରେ ନେଇ ଆମେ ଆଦୌ କେଉଁଠି ହେଲେ ପହଞ୍ଚିପାରିବା ନାହିଁ, କେବଳ ଅସରନ୍ତି ଭାବରେ ଭଉଁରି ବୁଲିବାରେ ଲାଗିଥିବା । ମାତ୍ର ଏହି ଦୁଇଟି ଉପରେ ପ୍ରଥମଟିକୁ ପରିଚ୍ଛଦ ପରି କରି ରଖିପାରିଲେ, ମୁଁ ଭାବୁଛି, ତଦ୍ୱାରା ତୁମର କାର୍ଯ୍ୟଟି ଅନେକ ଅଧିକ ପରିମାଣରେ ସୁନିର୍ଦ୍ଦିଷ୍ଟ, ପ୍ରତ୍ୟକ୍ଷ ଓ ବେଗଯୁକ୍ତ ମଧ୍ୟ ହୋଇପାରିବ ।

ବର୍ତ୍ତମାନ ମୁଁ କରୁଥିବା ''ଅଧ୍ୟୟନଗୁଡ଼ିକର'' ଏହାକୁହିଁ ଫଳ ବୋଲି କୁହାଯାଇପାରିବ ।

## ୭ ମାର୍ଚ୍ଚ ୧୯୬୭

ଅପେକ୍ଷାକୃତ ଟିକିଏ ଅଧିକ ବୟସ ହୋଇ ଯାଇଥିବା ଛାତ୍ରମାନଙ୍କଠାରୁ (ସାନ ପିଲା ନୁହନ୍ତି, ସେମାନଙ୍କର ବୟସ କିଛି ଅଧିକ ହୋଇଗଲାଣି) ''ମୃତ୍ୟୁ'' ବିଷୟରେ ମୋ' ପାଖକୁ କେତୋଟି ପ୍ରଶ୍ନ ଆସିଛି । କିପରି ଅବସ୍ଥାରେ ମଣିଷମାନେ ମୃତ୍ୟୁ ମୁଖରେ ପଡ଼ନ୍ତି, ଏବେ ଏତେ ଅଧିକ ସଂଖ୍ୟାରେ କାହିଁକି ଆକସ୍ମିକ ଦୁର୍ଘଟଣା ସବୁ ଘଟୁଛି,— ଇତ୍ୟାଦି ବିଷୟରେ ପ୍ରଶ୍ନମାନ ପଚରାଯାଇଛି । ସେମାନଙ୍କ ମଧ୍ୟରୁ ଦୁଇ ଜଣଙ୍କ ପାଖକୁ ମୁଁ ଉତ୍ତର ଲେଖି ପଠାଇ ଦେଇଛି । ଅତ୍ୟନ୍ତ ସ୍ୱାଭାବିକ କଥା ଯେ, ଉତ୍ତରଗୁଡ଼ିକୁ ମୁଁ ମାନସିକ ସ୍ତରରେହିଁ ଦେଇଛି, ମାତ୍ର ସେହି ସ୍ତରଟିକୁ ଅତିକ୍ରମ କରି ଆହୁରି ସେପାଖକୁ ଯିବା ଲାଗି ସେଥିରେ ଚେଷ୍ଟା ମଧ୍ୟ କରାଯାଇଛି ।

ହଁ, ଏହିପରି ଏକ ପ୍ରକାର ମାନସିକ ନ୍ୟାୟରୀତିହିଁ ଏହି ନ୍ୟାୟଟି ଅନୁସାରେ ଯାବତୀୟ ବିଷୟ ପରସ୍ପର ମଧ୍ୟରୁ ନିଷ୍ପନ୍ନ ହୋଇ ଆସିଥିବା ଉଚିତ ବୋଲି ଇଚ୍ଛା ପୋଷଣ କରିଥାଏ । ତେଣୁ ସେଗୁଡ଼ିକ ଆମକୁ କେତେକ ଅସମ୍ଭବ ପ୍ରଶ୍ନ ପାଖରେ ଆଣି ହାବୁଡ଼ାଇ ଦେଇଥାନ୍ତି ।*

ଏଥିରେ ଖୁବ୍ ନୂଆ ବୋଲି କିଛି ନାହିଁ, ମାତ୍ର ଏହି କ୍ଷେତ୍ରରେ ଚେତନା ଅଧିକ ପ୍ରଶସ୍ତ ହୋଇଯିବାର ଏକ ପ୍ରସଙ୍ଗ ରହିଛି । ଏବଂ ଏହି ନିକଟ ଅତୀତରେହିଁ ଏହି ଯାବତୀୟ ପ୍ରଶ୍ନ ପରିବେଶଟି ମଧ୍ୟରେ ଆସି ପ୍ରବେଶ କରିଛନ୍ତି ଏବଂ, ମଣିଷ ଯେ ମୃତ୍ୟୁ ବିଷୟରେ ଆଦୌ କିଛି ଜାଣି ନାହିଁ, ସେଗୁଡ଼ିକ ତାହାକୁ ସର୍ବ ପ୍ରଥମେ ସେହିପରି ଏକ ଅନୁଭୂତି ଦେଇ ଯାଇଛନ୍ତି । ମୃତ୍ୟୁ ପ୍ରକୃତରେ କିଭଳି ଘଟଣା, ମୃତ୍ୟୁ ବେଳେ ପ୍ରକୃତରେ କ'ଣସବୁ ଘଟେ,— ମଣିଷ ସେକଥା କିଛି ହେଲେ ଜାଣି ନାହିଁ । ଏବିଷୟରେ ସିଏ କେତେ ପ୍ରକାରର କେତେ କ'ଣ ଅନୁମାନ ପ୍ରସ୍ତୁତ କରି ରଖିଛି ସତ, ମାତ୍ର ସେଗୁଡ଼ାକରେ ଆଦୌ କୌଣସି ସୁନିଶ୍ଚୟତା ନାହିଁ । ଏବଂ, ଏହିପରି ଭାବରେ ଆଗକୁ ଆଗକୁ ଯାଇ, ଏହିପରି ଭାବରେ

---

* *କିଏ କେତେବେଳେ ମରିବ ଓ କିପରି ମରିବ,— ଏସବୁ ବିଷୟ କ'ଣ ସର୍ବଦା ଆତ୍ମାର ନିଷ୍ପତ୍ତି ଉପରେ ନିର୍ଭର କରେ ନାହିଁ କି ? ତେବେ, ବୋମା ବର୍ଷଣ, ନଦୀବନ୍ୟା ଓ ଭୂମିକମ୍ପରେ ମନୁଷ୍ୟସମାଜରେ ଏତେ ଅଧିକ ସଂଖ୍ୟାରେ ଯେଉଁ ପ୍ରାଣହାନି ଘଟୁଛି, ସେହି କ୍ଷେତ୍ରରେ କ'ଣ ସବୁ ଆତ୍ମାଯାକ ଏକାଠି ଠିକ୍ ସେହି ଗୋଟିଏ ମୁହୂର୍ତ୍ତରେ ମରିବେ ବୋଲି ସ୍ଥିର କରି ରଖିଛନ୍ତି କି ?* ଏକ ଅତ୍ୟଧିକ ପରିମାଣର ବହୁ ସଂଖ୍ୟକ ମନୁଷ୍ୟଙ୍କର ଏକ ସାମୂହିକ ନିୟତି ରହିଛି । ସେମାନଙ୍କ କ୍ଷେତ୍ରରେ ଏହି ପ୍ରଶ୍ନର କୌଣସି ପ୍ରାସଙ୍ଗିକତା ନାହିଁ ।

*(ପରପୃଷ୍ଠାରେ ଅବଶିଷ୍ଟାଂଶ)*

ଆଗକୁ ଯିବା ଲାଗି ଜିଦ୍ ଧରି ମୁଁ ଶେଷକୁ ଏହିପରି ସିଦ୍ଧାନ୍ତରେ ଆସି ପହଞ୍ଚିଛି ଯେ, ପ୍ରକୃତରେ ମୃତ୍ୟୁ ବୋଲି ଆଦୌ କୌଣସି ବସ୍ତୁ ନାହିଁ ।

ଏହି କ୍ଷେତ୍ରରେ କେବଳ ଏକ ପ୍ରତିଭାସହିଁ ରହିଛି, ଏକ ସୀମିତ ଦୃଷ୍ଟି ଉପରେ ଆଧାରିତ ପ୍ରତିଭାସଟିଏ ରହିଛି । ମାତ୍ର ଚେତନାର ସ୍ପନ୍ଦନସ୍ତରରେ ଆଦୌ କୌଣସି ମୌଳିକ ପରିବର୍ତ୍ତନ ହେଉ ନାହିଁ । ଏକ ପ୍ରକାରର ଉଦ୍‌ବେଗର ଉତ୍ତର ରୂପେ ମୁଁ ଏହି ସତ୍ୟଟିକୁ ଲାଭ କରିଥିଲି (ମୃତ୍ୟୁ ପ୍ରକୃତରେ କିଭଳି ଏକ ପଦାର୍ଥ, ସେ କଥା ନ ଜାଣି ପାରି କୋଷଗୁଡ଼ିକରେ ଗୋଟିଏ ପ୍ରକାରର ଉଦ୍‌ବେଗ ଜାତ ହୋଇଥିଲା,— ବାସ୍, ସେହିପରି ଏକ ଉଦ୍‌ବେଗ); ଏବଂ ଅତ୍ୟନ୍ତ ସ୍ୱଷ୍ଟ ଭାବରେ ମୁଁ ବାର ବାର ସେହି ଉତ୍ତରଟିକୁହିଁ ପାଇଥିଲି । ଉତ୍ତରଟି ହେଉଛି ଯେ, କେବଳ ଚେତନାହିଁ ସେହି କଥାଟିକୁ ଜାଣିବାକୁ ସମର୍ଥ ହେବ; କାରଣ, ଏହି କ୍ଷେତ୍ରରେ ଅବସ୍ଥାପରିବର୍ତ୍ତନ ଉପରେ ଯେଉଁ ଗୁରୁତ୍ୱଟିକୁ ଆରୋପ କରାଯାଉଛି, ତାହା କେବଳ ଏକ ଭ୍ରମାତ୍ମକ ଉପରିସ୍ତରୀୟ ଗୁରୁତ୍ୱ । ତାହା ବସ୍ତୁସ୍ୱରୂପ ସମ୍ବନ୍ଧରେ ରହିଥିବା ଆମର ଅଜ୍ଞାନକୁହିଁ ଆଶ୍ରୟ କରି ରହିଛି । ଏବଂ ଯିଏ ଯଥାର୍ଥରେ ଏକ ଯୋଗସୂତ୍ର ସ୍ଥାପନ କରିବାକୁ ସମର୍ଥ ହେଉଛି, ତାହା ଲାଗି ଯେ ଏହି ଅବସ୍ଥା-ପରିବର୍ତ୍ତନ ଆଦୌ କୌଣସି ପାର୍ଥକ୍ୟ ଘଟାଉ ନାହିଁ, ସେ ନିଶ୍ଚୟ ଏକଥା କହିପାରିବ ।

ମାତ୍ର ଏହି କଥାଟିକୁ ଜାଣିବା ଲାଗି ଏକ କ୍ରିୟାଶୀଳତା ଆରମ୍ଭ ହୋଇ ଗଲାଣି । ଏସବୁ ବିଷୟରେ ତଥାପି କେତେକ ଅସ୍ୱଷ୍ଟ ହୋଇ ରହିଥିବା କ୍ଷେତ୍ର ରହିଛି, ଅନୁଭୂତି-ସ୍ତରର କେତେକ ବିସ୍ତାରିତ ବିବରଣୀ ପାଇବାକୁ ତଥାପି ବାକି ରହିଛି । ତେଣୁ ମୁଁ ଭାବୁଛି, ଉପଲବ୍ଧ ଜ୍ଞାନଟି ଆହୁରି ଅଧିକ ସଂପୂର୍ଣ୍ଣ ହେବା ପର୍ଯ୍ୟନ୍ତ ଟିକିଏ ଅପେକ୍ଷା କରିବାହିଁ ଅଧିକ ଭଲ ହେବ, କାରଣ, ଗୁଡ଼ାଏ ଅନୁମାନରେ ଭର୍ତ୍ତି ହୋଇଥିବା ଏକ ପ୍ରାୟ ସତ୍ୟକୁ

---

ମାତ୍ର ଯେଉଁ ବ୍ୟକ୍ତିର ଚୈତ୍ୟ ସତ୍ତା ଏକ ବିଶିଷ୍ଟ ବ୍ୟକ୍ତିରୂପ ଧାରଣ କରିଛି, ଯଦି ତାହାର ଆତ୍ମା ସେହିପରି ଇଚ୍ଛା କରେ, ତେବେ ସାମୂହିକ ଦୁର୍ବିପାକଗୁଡ଼ିକ ଘଟିବା ସମୟରେ ମଧ୍ୟ ସେହି ବ୍ୟକ୍ତିର ଅବଶ୍ୟ ପ୍ରାଣରକ୍ଷା ସମ୍ଭବ ହୋଇ ପାରିବ ।

*ମୃତ୍ୟୁ ପରେ, ଯେତେବେଳେ ଆତ୍ମା ନିଜର ଶାରୀରିକ ସତ୍ତା, ପ୍ରାଣିକ ସତ୍ତା ଏବଂ ମାନସିକ ସତ୍ତାରୁ ଅଲଗା ହୋଇଯାଉଛି, ସେତେବେଳେ ତାହା ଆପଣାର ଅସ୍ତିତ୍ୱ ବିଷୟରେ ତଥାପି ସଚେତନହୋଇପାରିବ କିପରି ?*

ଆତ୍ମା ହେଉଛି ଦିବ୍ୟ ସର୍ବୋଚ୍ଚ ପରମସତ୍ତାଙ୍କର ଏକ ସ୍ଫୁଲିଙ୍ଗ । ନିଜର ସତ୍ତା ବିଷୟରେ ସଚେତନ ହୋଇପାରିବାକୁ ପରମସତ୍ତାଙ୍କର କିପରି ଏକ ଶରୀର ରହିବାର ପ୍ରୟୋଜନ ହେବ, ମୁଁ ସେକଥା ଆଦୌ ବୁଝି ପାରୁ ନାହିଁ ।

ଆଣି ଉପସ୍ଥାପିତ କରିଦେବା ଅପେକ୍ଷା ପୂର୍ଣ୍ଣ ଅଭିଜ୍ଞତା ସହିତ ସଂପୂର୍ଣ୍ଣ ସତ୍ୟଟିକୁ କହିପାରିବା ନିଶ୍ଚୟ ଅଧିକ ଭଲ ହେବ । ତେଣୁ ଆମେ ଅପେକ୍ଷା କରିବା ଓ ପରେ ଏହାର ଆଲୋଚନ କରିବା ।

*ମାତ୍ର ଆପଣ କହୁଛନ୍ତି ଦୁଇଟି ମଧ୍ୟରେ ଆଦୌ କୌଣସି ଫରକ ନାହିଁ ।... ଯେତେବେଳେ ଜଣେ ଅନ୍ୟ ପଟରେ ଯାଇ ରହିଥାଏ, ସେତେବେଳେ କ'ଣ ଏହି ଭୌତିକ ପୃଥିବୀଟି ସମ୍ବନ୍ଧରେ ତା'ର ତଥାପି ଏକ ଅବବୋଧ ରହିଥାଏ ବା ସେହି ଅବବୋଧଟି ଲାଗି ତା'ର ଏକ ସାମର୍ଥ୍ୟ ରହିଥାଏ ?*

ହଁ, ଅବଶ୍ୟ ଥାଏ । ଅବଶ୍ୟ ଥାଏ ।

*ଏହି ପୃଥିବୀର ସତ୍ତାଗୁଡ଼ିକ ବିଷୟରେ ଏକ ଅବବୋଧ...*

ହଁ, ତାହା ଅବଶ୍ୟ ରହିଥାଏ ।

କେବଳ, ଏକ ଅବବୋଧର ପରିବର୍ତ୍ତରେ... ତୁମେ ଏକପ୍ରକାର ଭ୍ରମାବସ୍ଥା ଭିତରୁ ବାହାରକୁ ବାହାରି ଆସ, କେବଳ ଗୁଡ଼ାଏ ପ୍ରତିଭାସର ବୋଧ ଆଣି ଦେଉଥିବା ଏକ ଅବବୋଧ ମଧ୍ୟରୁ ବାହାରକୁ ବାହାରି ଆସ; ତଥାପି ତାହାକୁ ଏକ ଅବବୋଧ ବୋଲିହିଁ କୁହାଯିବ; ଅର୍ଥାତ୍, ଗୋଟିଏ ଗୋଟିଏ ମୁହୂର୍ତ୍ତରେ ମୋର ମଧ୍ୟ ସେହିପରି ଅବବୋଧ ହୋଇଛି ଏବଂ ମୁଁ ଫରକଟିକୁ ବେଶ୍ ଦେଖିବାକୁ ପାଇଛି । କେବଳ, ସେହି ଅନୁଭୂତିକୁ କଦାପି ଏକ ସମଗ୍ର ଅନୁଭୂତି ବୋଲି କୁହାଯିବ ନାହିଁ (ଏହା ବାହ୍ୟ ପରିସ୍ଥିତିଗୁଡ଼ିକ ଦ୍ୱାରା ଅତ୍ୟନ୍ତ ବ୍ୟାହତ ହୋଇ ରହିଥିଲା ଏବଂ ସେହି ଅର୍ଥରେ ତାହା ଆଦୌ ଏକ ସମଗ୍ର ଅନୁଭୂତି ନ ଥିଲା), ତେଣୁ ଏଇଟି ସମ୍ବନ୍ଧରେ କିଛି କହିବା ପୂର୍ବରୁ ବରଂ ଅଳ୍ପ କିଛି ସମୟ ଅପେକ୍ଷା କରିବା ଅଧିକ ଭଲ ହେବ ।

ମାତ୍ର ତଥାପି ଅବବୋଧଟି ଅବଶ୍ୟ ରହିଛି ।

ଦୁଇଟିଯାକ କଦାପି ଏକାବେଳେକେ ସମାନ ନୁହନ୍ତି, ମାତ୍ର ଏଥିରେ ଏକ ପ୍ରଭାବଶାଳିତା ରହିଛି ଯାହାକୁ ଅନେକ ସମୟରେ ସ୍ୱତଃ ବୃହତ୍ତର ବୋଲି କୁହାଯିବ; ମାତ୍ର ଅନ୍ୟ ପଟଟିରୁ ଏଇଟି ଉପରେ ଆଦୌ ଯଥାର୍ଥ ଦୃଷ୍ଟିପାତ କରାଯାଇ ନ ଥିଲା । ଏହି କଥାଟିକୁ ମୁଁ ଯେ କିପରି ବୁଝାଇ କରି କହି ପାରିବି, ସେକଥା ମୋତେ ଜଣା ନାହିଁ । ମୋ ପାଖରେ ଅବଶ୍ୟ ଗୋଟିଏ ଦୃଷ୍ଟାନ୍ତ ରହିଛି,– ଠିକ୍ ଦୃଷ୍ଟାନ୍ତ ନୁହେଁ, ମାତ୍ର ଅଙ୍ଗେ

ନିଭାଇଥିବା କଥାଟିଏ, ଏକ ସମ୍ପୂର୍ଣ୍ଣ ଅବବୋଧ,— ଏପରି ଗୋଟିଏ ବ୍ୟକ୍ତି ବିଷୟରେ, ଯିଏକି ଦୀର୍ଘ ଅନେକ ବର୍ଷ ଧରି ମୋ’ ସହିତ ଏକାଠି ରହୁଥିଲା । ସେହି ବ୍ୟକ୍ତିଟି ନିଜ ଶରୀରକୁ ଛାଡ଼ି ବାହାରି ଯିବା ପରେ ମଧ୍ୟ ସମ୍ପୂର୍ଣ୍ଣ ସଚେତନ ଭାବରେ ତଥାପି ସଂସ୍ପର୍ଶରେ ରହିଥିଲା (ମାତ୍ର, ଶରୀର ଛାଡ଼ି ବାହାରି ଯିବା କଥାଟିକୁ ଏଠାରେ ଅତ୍ୟନ୍ତ ଭୌତିକ ଅର୍ଥରେ ଗ୍ରହଣ କରିବାକୁ ହେବ), ସେହି ବ୍ୟକ୍ତିଟିର ସତ୍ତା ଆଦୌ ବିଲୁପ୍ତ ହୋଇ ଯାଇ ନ ଥିଲା, ମାତ୍ର ତାହା ଆଉ ଗୋଟିଏ ଜୀବନ୍ତ ସତ୍ତା ସହିତ ଅତ୍ୟନ୍ତ ଘନିଷ୍ଠ ଭାବରେ ସଂପୃକ୍ତ ହୋଇ ରହିଥିଲା ଏବଂ ଏହି ସଂପୃକ୍ତ ରହିଥିବା ଅବସ୍ଥାଟି ମଧ୍ୟରେ ସିଏ ତା’ର **ନିଜ ଚେତନାର** ଜୀବନଟିକୁ ମଧ୍ୟ ବଞ୍ଚିବାରେ ଲାଗିଥିଲା । ଏବଂ, ସେହି ସବୁକିଛି କଥା — ମୁଁ ନାମଗୁଡ଼ିକର କିଂବା ଘଟଣାଗୁଡ଼ିକର ଆଦୌ କୌଣସି ଉଲ୍ଲେଖ କରିପାରୁ ନାହିଁ, ମାତ୍ର ଏହା ଯଥାସମ୍ଭବ ଅଧିକ ମୂର୍ତ୍ତ ହୋଇ ରହିଛି । ଏବଂ ଏହା ଏବେ ମଧ୍ୟ ରହିଛି ।

ଏହି ସବୁକିଛି କଥା ପ୍ରକୃତରେ ଦୃଷ୍ଟିଗୋଚର ହୋଇଛି — ମୁଁ ଦୀର୍ଘ ଅନେକ ବର୍ଷ ପୂର୍ବେ ଏକଥା ଦେଖିଥିଲି, ମାତ୍ର ଆଜି ସକାଳେ ନୂତନ ଚେତନାର ଏକ ଦୃଷ୍ଟାନ୍ତରୂପେ ସେଇଟି ପୁନର୍ବାର ଫେରି ଆସିଥିଲା, ଆପଣା ପ୍ରଭାବଶାଳିତାର କ୍ଷେତ୍ରରେ ଏହା ଅତ୍ୟନ୍ତ ଅସାଧାରଣ ଭାବରେ ମୂର୍ତ୍ତହୋଇ ରହିଥିଲା : ଏହାଦ୍ୱାରା ଅନ୍ୟ ବ୍ୟକ୍ତିଟିର ଚେତନାଗତ ସାମର୍ଥ୍ୟ ଏବଂ ଗତିକ୍ରିୟାଗୁଡ଼ିକୁ ବଦଳାଇଦେଇ ହେଉଥିଲା ଓ ଅତ୍ୟନ୍ତ ସଚେତନଭାବରେ ସେକଥା କରି ହେଉଥିଲା । ଏକ ସମ୍ପୂର୍ଣ୍ଣ ଭାବରେ ସଚେତନ ହୋଇ ରହିଥିବା ଜୀବନର କ୍ଷେତ୍ରରେ ଯେପରି ଘଟେ, ଠିକ୍ ସେହିପରି । ଏବଂ ଏହି ଚେତନାଟି କେହି ନ ଥିବା ସମୟରେ ଏବଂ ରାତିରେ ସେହି ଉପସ୍ଥିତିଟି କେବଳ ଏକ ଦୃଶ୍ୟାନୁଭବ ରୂପେ ଦୃଷ୍ଟିଗୋଚର ହେଉଥିବା ସମୟରେ ମଧ୍ୟ ସଚେତନ ହୋଇ ରହିଥିଲା ।

ଏହି କ୍ଷେତ୍ରରେ ଅନ୍ୟ ଉଦାହରଣମାନ ବି ରହିଛି ।

ସେଇଟି ଭାରି ନିକଟବର୍ତ୍ତୀ ଓ ଭାରି ଅନ୍ତରଙ୍ଗ ହୋଇ ରହିଥିଲା ଓ ତେଣୁ ମୁଁ ଟିକିନିଖି ସବୁକିଛି ବୁଝି ପାରିଲି ।

ମାତ୍ର, ଏହି ନୂତନ ଚକ୍ଷୁଟି ଦେଇ ଦେଖିଲେ ଏଇଟି ଭାରି ପରିଷ୍କାର, ସୁନିର୍ଦ୍ଦିଷ୍ଟ ଏବଂ **ସୁନିଶ୍ଚିତ** ହୋଇ ଅନୁଭୂତ ହୋଇପାରୁଛି । କାରଣ,— ମୁଁ ଏକଥାଟି କିପରି କେଉଁସବୁ ଶବ୍ଦଦେଇ କହିପାରିବି, କହିଲ ! ମୁଁ ଜାଣିଥିଲି,— ମୁଁ ଏଇଟିକୁ ଆଗରୁ ଜାଣିଥିଲି । ମୁଁ ଜାଣିଥିଲି, ମାତ୍ର ନୂତନ ଚେତନାଟିକୁ ଦେଇ ମୁଁ ସେଇଟିକୁ ପୁନର୍ବାର ଦେଖିଲି, ଦେଖିବାର ସେହି ନୂତନ ମାର୍ଗରେ ଦେଖିଲି ଏବଂ ତାହା ଫଳରେ ଏକ ସମ୍ପୂର୍ଣ୍ଣ ଅବବୋଧ ସମ୍ଭବ ହୋଇ ପାରିଲା । ମୁଁ ସମ୍ପୂର୍ଣ୍ଣ ଭାବରେ ସବୁ ବୁଝି ପାରିଲି, ସମ୍ପୂର୍ଣ୍ଣ ମୂର୍ତ୍ତ ଭାବରେ ଦେଖି ପାରିଲି । ପ୍ରଥମ ଅବବୋଧଟିରେ ଯେଉଁସବୁ ପ୍ରତ୍ୟୟଦାୟକ ଉପାଦାନଗୁଡ଼ିକ ଅନୁପସ୍ଥିତ

ରହିଥିଲା, ଏଥର ସେଗୁଡ଼ିକ ମଧ୍ୟ ବିଦ୍ୟମାନ ରହିଥିଲା । ପ୍ରଥମ ଅବବୋଧଟିକୁ ତ କେବଳ ଏକ ମାନସ-ପ୍ରାଣିକ ଜ୍ଞାନ ବୋଲି କୁହାଯାଇ ପାରିବ । ମାତ୍ର ଏଇଟିକୁ କୋଷଗୁଡ଼ିକର ଚେତନାସମ୍ବଳିତ ଏକ ଜ୍ଞାନ ବୋଲି କୁହାଯିବ ।

ମାତ୍ର କେବଳ ସମ୍ପୂର୍ଣ୍ଣ ତଥ୍ୟ ଉପଲବ୍ଧ ହେବା ପରେ ଯାଇ ସେସବୁ ବିଷୟ ପ୍ରକୃତରେ ଆଗ୍ରହୋଦ୍ଦୀପକ ହୋଇପାରିବ (ସେହି ତଥ୍ୟଗୁଡ଼ିକୁ ଆଦୌ ଦିଆଯାଇ ପାରିବ ନାହିଁ) । ତେଣୁ ମୁଁ ଭାବୁଛି, ଏ ବିଷୟରେ ମୋ'ର ଆଗ ଏକ ଅଧିକ ସମ୍ପୂର୍ଣ୍ଣ ଏକ ଅଧିକ ''ନୈର୍ବ୍ୟକ୍ତିକ'' ଅଭିଜ୍ଞତା ହୋଇ ପାରିବା ଉଚିତ, ଅର୍ଥାତ୍, ଯାହାକୁ କି ତଥ୍ୟଗୁଡ଼ିକର ଉଦାହରଣ ଦେଇ କୁହାଯାଉ ନ ଥିବ, ଯେଉଁଥିରେ କି ପ୍ରକ୍ରିୟାର ସମଗ୍ର ଭୂମିଟିକୁ ଦୃଷ୍ଟିପଥରେ ଲାଭ କରି ହେଉଥିବ । ତେବେଯାଇ ମୁଁ ପ୍ରକୃତରେ କିଛି କହିବାକୁ ସମର୍ଥ ହେବି ।

ସେହି ସୁଯୋଗ ଅବଶ୍ୟ ଆସିବ ।

## ୨୪ ମଇ ୧୯୬୭

କାଲି ଜଣେ କେହି ଗୋଟିଏ ଚିଠିରେ ମୋତେ ପଚାରି ପଠାଇଥିଲେ : ''ସବୁକିଛି ସତ୍ତ୍ୱେ, ପରମ ଦିବ୍ୟସତ୍ତା (Divine) କହିଲେ ପ୍ରକୃତରେ କ'ଣ ବୁଝାଏ ?'' ତାଙ୍କୁ ଉତ୍ତର ଦେଇ ମୁଁ କହିଥିଲି ଯେ କେବଳ ତାଙ୍କୁ ସାହାଯ୍ୟ କରିବା ପାଇଁହିଁ ମୁଁ ଉତ୍ତରଟିଏ ଦେଉଛି । ମାତ୍ର, ଏହି ପ୍ରଶ୍ନଟିର ଉତ୍ତରରେ ହୁଏତ ଶହେଟି ଉତ୍ତର ଦିଆଯାଇ ପାରିବ ଓ ସବୁଗୁଡ଼ିକ ଯଥାର୍ଥ ଉତ୍ତର ହେବ, ଯଥାର୍ଥତାରେ କୌଣସିଟି ଅନ୍ୟଗୁଡ଼ିକଠାରୁ ଆଦୌ କମ୍ ହେବେ ନାହିଁ ।

''ଦିବ୍ୟ ପରମସତ୍ତାଙ୍କୁ ନିଜ ଜୀବନରେ ଜୀବିତ କରାଏ । ତାଙ୍କର ସଂଜ୍ଞା ନିରୂପଣ କରାଯାଇ ପାରେ ନାହିଁ ।''

ଏବଂ ତା'ପରେ ମୁଁ ଏକଥା ମଧ୍ୟ କହିଥିଲି : ମାତ୍ର, ତୁମେ ମୋତେ ପ୍ରଶ୍ନଟି ପଚାରିଛ ବୋଲି ମୁଁ ତୁମକୁ ଉତ୍ତରଟିଏ ଦେଉଛି : ''ଦିବ୍ୟ ପରମସତ୍ତା ହେଉଛନ୍ତି ପୂର୍ଣ୍ଣତାର ପୂର୍ଣ୍ଣତମ ରୂପ; ଯାହା କିଛି ଅସ୍ତିତ୍ୱ ଧାରଣ କରି ରହିଛି, ସିଏ ହେଉଛନ୍ତି ସେହି ସବୁକିଛିର ଚିରନ୍ତନ ଉତ୍ସ । ଆମେ ପ୍ରତ୍ୟେକେ ଶାଶ୍ୱତକାଳରୁ ତାଙ୍କରି ସହିତ ତାଦାତ୍ମ୍ୟ ଲାଭ ଭରିବାର ଏକ ପ୍ରକ୍ରିୟାରେହିଁ କ୍ରମଶଃ ଅଧିକରୁ ଅଧିକ ପରିମାଣରେ ତାଙ୍କ ବିଷୟରେ ସଚେତନ ହୋଇଥାଉ ।''

ଥରେ ଆଉଜଣେ ମୋତେ ଏକଥା ବି କହିଥିଲେ ଯେ ଏହି ବିଷୟଟିକୁ ସିଏ ତାଙ୍କ ଲାଗି ଏକାବେଳେକେ ଅଭାବନୀୟ ବୋଲି ବିଚାର କରୁଛନ୍ତି । ତେଣୁ ମୁଁ ତାଙ୍କୁ ଉତ୍ତର ଦେଇଥିଲି : ''ନା,— ସେଥିରେ ଆପଣଙ୍କର କୌଣସି କାମ ହେବ ନାହିଁ । ଆପଣ ଖାଲି ଏହି ଗୋଟିଏ କଥା ଭାବିବେ ଯେ ପରମ ଦିବ୍ୟସତ୍ତା ହେଉଛନ୍ତି ସବୁକିଛି (ହଁ, ତାଙ୍କର ସର୍ବୋଚ୍ଚ କଳ୍ପନାରେ ତାହାହିଁ କୁହାଯାଇପାରେ) । ସର୍ବୋଚ୍ଚ ସୋପାନକୁ ଉଠି ଆମେ ଯାହାକିଛି ହେବାକୁ ଇଚ୍ଛା କରୁଛୁ, ଆମର ସନ୍ଦୀପିତତମ ଅଭୀପ୍ସାରେ ଆମେ ଯାହା ହେବାକୁ ଚାହୁଁଛୁ, ପରମ ଦିବ୍ୟସତ୍ତା ହେଉଛନ୍ତି ସେହି ସବୁକିଛି । ଆମେ ଯାହାକିଛି ହେବାକୁ ଇଚ୍ଛା କରୁଛୁ, ସେହି ସବୁକିଛିକୁ ଆମେ ପରମ ଦିବ୍ୟସତ୍ତା ବୋଲି ଜାଣିବା ।'' ମୋ ଉତ୍ତରଟି ଶୁଣି ସିଏ ଭାରି ଖୁସୀ ହୋଇଗଲେ ଓ ମୋତେ କହିଲେ, ''ଏହିପରି ଭାବରେ କହିଲେ ଭାରି ସହଜରେ ବୁଝି ହେଉଛି !''

ମାତ୍ର ଯେତେବେଳେ ତୁମେ ଦୃଷ୍ଟିପାତ କରିବାକୁ ଆରମ୍ଭ କରିବ —ଆପଣାର ଏହି ମାନସିକ କ୍ରିୟାଟି ଭିତରୁ ବାହାରି ଆସିବା ଏବଂ ସ୍ୱୟଂ ଅର୍ଜନ କରିଥିବା ଅଭିଜ୍ଞତା ଉପରେ ଯେତେବେଳେ ଦୃଷ୍ଟିପାତ କରିବାକୁ ଯିବ,— ଓ ''ଏହି କଥାଟିକୁ କିପରି କଥାରେ କହିହେବ ? କିପରି ଏହାର ବ୍ୟାଖ୍ୟା କରି ହେବ ?'' ବୋଲି ଆପଣାକୁ ପଚାରି ବସିବ,

ସେତେବେଳେ ସବୁଠାରୁ ନିକଟବର୍ତ୍ତୀ ଓ ସବୁଠାରୁ ଅଧିକ ସହଜ ପହଞ୍ଚ ଭିତରେ ରହିଥିବା ଉତ୍ତରଟି ଏହିପରି ହେବ : ଆମେ ଏହି ଯେଉଁ ''କଥାଟି'' ହେବାକୁ ଅଭୀପ୍ସା ରଖିଛୁ, ତାହାରି ଭିତରେ ଆମେ ଅତ୍ୟନ୍ତ ସ୍ୱାଭାବିକ ଓ ସ୍ୱତଃସ୍ଫୂର୍ତ୍ତ ଭାବରେ, ଆମେ ଯାହାକିଛି ହେବାକୁ ଇଚ୍ଛା କରୁଛୁ, ଯାହାକିଛିକୁ ସବୁଠାରୁ ଅଧିକ ଚମତ୍କାରିତାପୂର୍ଣ୍ଣ ବୋଲି କଳ୍ପନା କରୁଛୁ, ଏକ ପ୍ରଗାଢ଼ ଅଭୀପ୍ସା ରୂପେ ଆମ ସମ୍ମୁଖରେ ଯାହାକିଛି ରହିଛି (ପ୍ରଗାଢ଼ ହୋଇ ରହିଛି, ଜ୍ଞାନହୀନ ହୋଇ ରହିଛି), ସେହି ସବୁକିଛିକୁ ନେଇ ଭର୍ତ୍ତି କରିଦେବାକୁ ଚେଷ୍ଟା କରିବା । ଏବଂ, ସେହି ସବୁକିଛି ଦ୍ୱାରା ତୁମେ ସେହି ଅସଲ ''ବସ୍ତୁଟିର'' ଅଧିକ ନିକଟବର୍ତ୍ତୀ ହୋଇପାରିବ ଏବଂ... ଅସଲ କଥା ହେଉଛି, ଆପଣାର ଭାବନା ଦେଇ ତୁମେ କଦାପି ତାହାର ସଂସ୍ପର୍ଶରେ ଆସି ପାରିବ ନାହିଁ; ତୁମର ସତ୍ତା ଭିତରେ ତାହାରି **ସମଧର୍ମୀ** ହୋଇ ରହିଥିବା କୌଣସି ବସ୍ତୁର ମାଧ୍ୟମରେହିଁ ତୁମେ ସେହି ସଂସ୍ପର୍ଶର ସମର୍ଥ ହୋଇ ପାରିବ । ଏବଂ, ତୁମର ଅଭୀପ୍ସା ପ୍ରଗାଢ଼ ହେବା ସଙ୍ଗେ ସଙ୍ଗେ ସେହି ବସ୍ତୁଟି ତୁମ ଭିତରେ ଜାଗରିତ ହୋଇ ଉଠିବ । ଏବଂ, ତା'ପରେ, ଯେତେବେଳେ ଏହି ସଂସ୍ପର୍ଶ ଓ ଏହି ସମ୍ମିଳନଟି,— ତାହା କେବଳ ଗୋଟାଏ ମୁହୂର୍ତ୍ତ ସକାଶେ ହେଉ ପଛକେ,— ଉପଲବ୍ଧ ହୋଇଯିବ, ସେତେବେଳେ ତା'ପରେ ଆଉ ବୁଝାଇ କହିବାର କୌଣସି ଆବଶ୍ୟକତା ରହିବ ନାହିଁ । ସେତେବେଳେ ତାହା ଆପେ ଆସି ଅପ୍ରତିରୋଧ ଭାବରେ ଆପଣାକୁ ପ୍ରସ୍ଥାପିତ କରିଦେବ । ଏବଂ ତାହା ଯାବତୀୟ ବ୍ୟାଖ୍ୟାର ବାହାର ଓ ଅତୀତ ହୋଇ ରହିଥିବ ।

ମାତ୍ର ସେହି ସ୍ଥାନରେ ଯାଇ ପହଞ୍ଚି ପାରିବାକୁ ହେଲେ, ତାକୁ ଯାହାକିଛି ସବୁଠାରୁ ଅଧିକ ସହଜରେ ସେହି ଆଡ଼କୁ ବାଟ ଦେଖାଇ ନେଇ ଯାଉଥିବ, ପ୍ରତ୍ୟେକ ବ୍ୟକ୍ତି ସେଥିଲାଗି ସେହି ପଥଟିକୁହିଁ ଗ୍ରହଣ କରିବ ।

ଏବଂ, ଏହି ଅଭିଜ୍ଞତାଟି ହାସଲ ହୋଇଯିବା ପରେ, ସେହି ସମ୍ମିଳନ ଓ ସଂଯୋଗଟି ଘଟୁଥିବା ସମୟରେ ଚେତନାର ସମ୍ମୁଖରେ ଏହି କଥାଟି ଅତ୍ୟନ୍ତ ସ୍ପଷ୍ଟ ହୋଇଯିବ ଯେ, କେବଳ ସମଧର୍ମୀହିଁ ସମଧର୍ମୀକୁ ଜାଣିବାକୁ ସମର୍ଥ ହେବ ଏବଂ ତେଣୁ, ସେହି ପରମବସ୍ତୁ ଯେ ପ୍ରକୃତରେ ଏଠାରେ ରହିଛି, ସେତେବେଳେ ତାହା ପ୍ରମାଣିତ ହୋଇଯିବ । (*ମାଆ ହୃତ୍‌କେନ୍ଦ୍ର ଆଡ଼କୁ ଅଙ୍ଗୁଳିନିର୍ଦ୍ଦେଶ କରି ଦେଖାଇଲେ*) ସେହି ବସ୍ତୁଟି ଏଠାରେ ରହିଛି ବୋଲି ଏଇଥିରୁ ପ୍ରମାଣ ମିଳିଯିବ । ଏବଂ, ଅଭୀପ୍ସାର ପ୍ରଗାଢ଼ତା ଦ୍ୱାରାହିଁ ତାହା ଜାଗ୍ରତ ହୋଇ ପାରିବ ।

ଯେତେବେଳେ ମୁଁ ପ୍ରଶ୍ନଟିକୁ ପାଇଲି, ସେତେବେଳେ ପୂରାପୂରି ଏହିପରି ମନେ ହେଲା, ସତେଯେପରି ସେହି ବ୍ୟକ୍ତିଜଣକ ମୋତେ କହୁଛନ୍ତି, ''ହଁ, ହଁ, ଆପଣ ଯାହାକିଛି

କହୁଛନ୍ତି, ସେହି ସବୁକିଛି ଅବଶ୍ୟ ଠିକ୍, ମାତ୍ର ଆଗ ଆପଣ କହନ୍ତୁ ତ, ଏହି ପରମ ଦିବ୍ୟସତ୍ତା କହିଲେ ପ୍ରକୃତରେ କ'ଣ ବୁଝାଏ !'' ତା'ପରେ ମୁଁ ତାଙ୍କ ଚିଠିଟିକୁ ପଢ଼ିଲି; ତା'ପରେ ମୁଁ ଏକ ନିସ୍ତବ୍ଧତା ଅନୁଭବ କଲି, ଏକ ସମଗ୍ର ନିସ୍ତବ୍ଧତା ଅନୁଭବ କଲି, ସବୁକିଛି ନିସ୍ତବ୍ଧ ହୋଇ ଯାଇଥିବା ପରି ଅନୁଭବ କଲି; ଏବଂ ସବୁ ଦୃଷ୍ଟି ମିଶି ସତେଯେପରି କେବଳ **ଗୋଟିଏ** ଦୃଷ୍ଟିପାତରେ ପରିଣତ ହୋଇଗଲା, ସେହି ଗୋଟିଏ ଦୃଷ୍ଟିପାତ ମଧ୍ୟରେ ସବୁକିଛି ଏକତ୍ର ସମାହିତ ହୋଇ ରହିଥିଲା ଏବଂ ଦେଖିବାକୁ ଇଚ୍ଛା କରୁଥିଲା... ମୁଁ ସେହି ଅବସ୍ଥାଟି ମଧ୍ୟରେ ଅବସ୍ଥାନ କରୁଥିଲି ଓ ଅନାଇ ରହିଥିଲି । ଶେଷକୁ ଶବ୍ଦଗୁଡ଼ିକୁ ପାଇଗଲି । ତା'ପରେ ଲେଖିଲି : ''ଏଠାରେ ମୁଁ କେବଳ **ଗୋଟିଏ ମାତ୍ର** ଉତ୍ତର ଲେଖି ପଠାଉଛି; ଏହି ପ୍ରଶ୍ନଟିର ଶହେଟି ଉତ୍ତର ସମ୍ଭବ ହୋଇ ପାରିବ ଏବଂ ପ୍ରତ୍ୟେକଟି ଅନ୍ୟ ପ୍ରତ୍ୟେକଟିର ତୁଳନାରେ ସମାନ ଭାବରେ ଯଥାର୍ଥ ମଧ୍ୟ ହୋଇପାରିବ ।''

ଏବଂ, ଏକ ବ୍ୟାଖ୍ୟା ଓ ସଂଜ୍ଞା ଆବଶ୍ୟକ କରୁଥିବା ସେହି ବସ୍ତୁଟି ଉପରେ ଦୃଷ୍ଟିପାତ କରୁଥିବା ବେଳେ ସର୍ବତ୍ର ଏକ ମହନୀୟ ନୀରବତା ବିଦ୍ୟମାନ ଥିଲା, ଏକ ମହନୀୟ ଅଭୀପ୍ସା ମଧ୍ୟ ଅନୁଭୂତ ହେଉଥିଲା । (*ମାଆ ଊର୍ଦ୍ଧ୍ୱକୁ ଉଠୁଥିବା ଏକ ଅଗ୍ନିଶିଖାକୁ ସଙ୍କେତ ଦ୍ୱାରା ଦେଖାଇଲେ*) ଏହି ଅଭୀପ୍ସା ସେତେବେଳେ କେତେ ନା କେତେ ଆକାର ଧାରଣ କରିବାରେ ଲାଗିଥିଲା । ଏସବୁ ବଡ଼ କୌତୂହଳୋଦ୍ଦୀପକ ମନେ ହେଉଥିଲା... ପୃଥିବୀପୃଷ୍ଠରେ ଅଭୀପ୍ସାର ଏହି କାହାଣୀଟି ପ୍ରକୃତରେ ବଡ଼ କୌତୂହଳୋଦ୍ଦୀପକ... ଜଣେ ବ୍ୟକ୍ତି ଯାହା ହେବାକୁ ଇଚ୍ଛା କରୁଛି, ସେହି ଚମତ୍କାର ପରମ ଅଜ୍ଞାତ ଆଡ଼କୁ ଅଗ୍ରସର ହେବାର ଅଭୀପ୍ସାଟି ପ୍ରକୃତରେ ଭାରି କୌତୂହଳୋଦ୍ଦୀପକ ।

ଏବଂ ପ୍ରତ୍ୟେକ ବ୍ୟକ୍ତି,— ସେହି ସମ୍ମିଳନଟିକୁ ସମ୍ଭବ କରିବା ଲାଗି ଯେଉଁମାନଙ୍କର ସୌଭାଗ୍ୟ ରହିଥିଲା, ସେମାନେ ପ୍ରତ୍ୟେକେ ଭାରି ସରଳ ଭାବରେ ବିଶ୍ୱାସ କରନ୍ତି ଯେ, ସିଏ ଯେଉଁ ସେତୁଟି ଉପରଦେଇ ଏଠାରେ ଆସି ପହଞ୍ଚି ପାରିଛି, ତାହାହିଁ ଏକମାତ୍ର ସେତୁ । ସେଇଥିରୁ ଏତେ ଧର୍ମର ଉଦ୍ଭବ ହେଲା, ଦର୍ଶନର ଉଦ୍ଭବ ହେଲା; ସେଇଥିରୁ ସୂତ୍ର ଓ ବିଶ୍ୱାସଗୁଡ଼ାକ ବାହାରିଲା — ଓ ଯୁଦ୍ଧ ଆରମ୍ଭ ହେଲା ।

ଏହି କଥାଟି ଉପରେ ସମଗ୍ର ଭାବରେ ଦୃଷ୍ଟିପାତ କରିପାରିଲେ ତାହା ପ୍ରକୃତରେ ଭାରି ଆଗ୍ରହୋଦ୍ଦୀପକ ଓ ଭାରି ଚିତ୍ତାକର୍ଷକ ମନେ ହୁଏ । ସତେ ଯେପରି କେହି ମୁରୁକି ହସି ଏଗୁଡ଼ିକୁ ଅନାଉଥାଏ, ହଁ, ସେହି ପରମସତ୍ତା ଯେପରି ମୁରୁକି ହସି ସେଗୁଡ଼ିକ ଉପରେ ଦୃଷ୍ଟିପାତ କରୁଥାଆନ୍ତି । ସତେଅବା କହୁଥାଆନ୍ତି, ''ତୁମେ ସିନା ଏହି କଥାଟାକୁ ଏଡ଼େ ଜଟିଳ କରି ପକାଇଲ । ମାତ୍ର ତୁମେ ଇଚ୍ଛା କରିଥିଲେ ତାହା ପ୍ରକୃତରେ କେଡ଼େ ସରଳ ହୋଇ ପାରିଥା'ନ୍ତା କହିଲ !''

ଆକ୍ଷରିକ ଭାବରେ ବ୍ୟକ୍ତ କରିବାକୁ ଯାଇ ହୁଏତ କୁହାଯାଇ ପାରିବ : ''ଏଡ଼େ ସରଳ କଥାଟା ପାଇଁ ଆମେ ଏତେ ପ୍ରକାରେ ଜଟିଳ ହେବାକୁ ମନ କରୁ କାହିଁକି କେଜାଣି ? ଆମେ ପ୍ରତ୍ୟେକେ ପ୍ରକୃତରେ ଯାହା, ଆମେ ତାହାହିଁ ହେବା,– ଅସଲ କଥାଟି କେବଳ ଏତିକି ।''

(*ମାଆ ନୀରବ ରହିଲେ*)

ଆଚ୍ଛା, ତୁମେ କହିଲ, ଦିବ୍ୟ ପରମସତ୍ତା କହିଲେ ତୁମେ କ'ଣ ବୁଝୁଛ !

*ମୁଁ କିଛି କହି ପାରିବି ନାହିଁ; ମୁଁ ନିଜକୁ ଏଭଳି ପ୍ରଶ୍ନଟିଏ କେବେହେଲେ ପଚାରି ନାହିଁ ।*

ମୁଁ ବି ପଚାରି ନାହିଁ । ଏହି ପ୍ରଶ୍ନଟିକୁ ମୁଁ ନିଜକୁ କେବେହେଲେ ପଚାରି ନାହିଁ । କାରଣ, ଏହି ବିଷୟରେ ଉତ୍ତରଟିଏ ପାଇବାର କୌଣସି ଆବଶ୍ୟକତା ଆସି ଉପସ୍ଥିତ ହେବା ମାତ୍ରକେ, ମୋତେ ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଭାବରେ ଏକ ଉତ୍ତର ମିଳି ଯାଇଥିଲା । ମାତ୍ର ସେହି ଉତ୍ତରଟି ଏପରି ଗୁଡ଼ିଏ ଶବ୍ଦ ଦେଇ ତିଆରି ହୋଇ ନ ଥିଲା, ଯାହା ଉପରେ ଆଲୋଚନା କରାଯାଇପାରିବ । ଗୋଟିଏ ଉତ୍ତର ଅବଶ୍ୟ ମିଳିଥିଲା,... ସତେ ଯେପରି ଏକ ସ୍ପନ୍ଦନ ହୋଇଗଲା ପରି ଉତ୍ତରଟିଏ ମିଳିଥିଲା । ସେହି ସ୍ପନ୍ଦନଟି ପ୍ରାୟ ଏକ ସାତତ୍ୟଲାଭ କରି ମୋ' ପାଖରେ ରହିଗଲା ।

ଅତ୍ୟନ୍ତ ସ୍ୱାଭାବିକ କଥା ଯେ ଲୋକେ ସବୁକଥାରେ କେତେ ନା କେତେ ଅଡୁଆ ଆଣି ପୂରାଇ ଦିଅନ୍ତି (ମୁଁ ଭାବୁଛି, ଏହି ଅଡୁଆଗୁଡ଼ାକ ସେମାନଙ୍କୁ ଭାରି ଭଲ ଲାଗୁଥିବ, କାରଣ...), ଏଡ଼େ **ବକଟେ ବକଟେ** କଥାରେ ସଂସାରଯାକର ଅଡୁଆ ଆଣି ପୂରାଇ ଦିଅନ୍ତି । ତେଣୁ ପ୍ରାୟ ଏହିପରି କଥାମାନ କହିହିଁ ସମୟ କଟିଯିବାରେ ଲାଗିଥାଏ, ''ଚୁପ୍ ହୋଇଯା', ଚୁପ୍, ଚୁପ୍, ଏକାବେଳେକେ ସ୍ଥିର ହୋଇଯା' !'' ଏବଂ ଏହି ଶରୀରଟା ବି ସେହି ଅଡୁଆଗୁଡ଼ାକ ଭିତରେ ବାନ୍ଧି ହୋଇ ପଡ଼ିଥାଏ (ହୁଏତ ଶରୀରକୁ ବି ସେକଥା ବେଶ୍ ଭଲ ଲାଗୁଥିବ !) । ମାତ୍ର ହଠାତ୍ ଦେହର କୋଷଗୁଡ଼ିକ ସେମାନଙ୍କର ଓଁ ମନ୍ତ୍ର ଉଚ୍ଚାରଣ କରିବାକୁ ଲାଗନ୍ତି,... ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଭାବରେ ସେମାନେ ତାହା ଉଚ୍ଚାରଣ କରିବାକୁ ଲାଗନ୍ତି । ଏବଂ ସେତେବେଳେ ଏହିସବୁ କୋଷ ଭିତରୁ ସତେଅବା କୌଣସି ଏକ ଶିଶୁର ଆନନ୍ଦ କହିବାକୁ ଆରମ୍ଭ କରିଦିଏ (*ମାଆଙ୍କର କଣ୍ଠରେ ବିସ୍ମୟର ମୁଦ୍ରା*

*ଅତ୍ୟନ୍ତ ସ୍ପଷ୍ଟ ହୋଇ ଯାଉଥିଲା)* : ''ହଁ, ପ୍ରକୃତରେ ସତ କଥା ତ ! ଏକଥା ତ ମୁଁ ସତକୁ ସତ କରିପାରିଲି ! ଏକଥାଟି କରିବା ଲାଗି ମୋ'ର ତ ପ୍ରକୃତରେ ଏକ ଅଧିକାର ରହିଥିଲା !'' ଏହା ପ୍ରକୃତରେ ଏକ ପ୍ରାଣସ୍ପର୍ଶୀ ଘଟଣା ।

ଏବଂ ତାହାର ଫଳ ମଧ୍ୟ ସଙ୍ଗେ ସଙ୍ଗେ ଫଳିଥାଏ : ଏହି ମହାନ୍ ସ୍ପନ୍ଦନଟି ଅନୁଭୂତ ହେବାକୁ ଲାଗେ, ଶାନ୍ତ ଓ ସର୍ବଶକ୍ତିମୟ ସ୍ପନ୍ଦନଟି ଅନୁଭୂତ ହେବାକୁ ଲାଗେ ।

ମୋ ବିଷୟରେ କହିବାକୁ ଗଲେ, ଯଦି ମୋତେ ମୋ ଚତୁଷ୍ପାର୍ଶ୍ୱରେ ରହିଥିବା ଇଚ୍ଛାଗୁଡ଼ିକର ଚାପକୁ ସତତ ବହନ କରିବାକୁ ପଡୁ ନ ଥା'ନ୍ତା, ତେବେ ମୁଁ କହନ୍ତି : ''ପରମ ଦିବ୍ୟସତ୍ତା ପ୍ରକୃତରେ କ'ଣ, ସେକଥା ତୁମେ କାହିଁକି ଜାଣିବାକୁ ଚାହୁଁଛ ? ତୁମର ଏଥିରେ କ'ଣ ପ୍ରୟୋଜନ ଅଛି ? ତୁମକୁ ସେହି ଦିବ୍ୟସତ୍ତାରେ ପରିଣତ ହେବାକୁ ହେବ, କେବଳ ଏତିକି ହେଉଛି ତୁମର କର୍ତ୍ତବ୍ୟ ।'' ମାତ୍ର ସେମାନେ ଗୋଟିଏ କୌତୁକକୁ ମଧ୍ୟ ବୁଝି ପାରନ୍ତି ନାହିଁ ।

''ଦିବ୍ୟ ପରମସତ୍ତା ପ୍ରକୃତରେ କ'ଣ, ସେକଥା ମୁଁ ଜାଣିବାକୁ ଚାହୁଁଛି ।''

''ନା — ଜାଣିବାର କୌଣସି ପ୍ରୟୋଜନ ନାହିଁ ।''

''ପ୍ରୟୋଜନ ନାହିଁ !''

ବିକ୍ଷୁବ୍ଧ ହେଲାପରି ଏକ ଚାହାଣିରେ ସେମାନେ ଏହି ଉତ୍ତର ଦିଅନ୍ତି : ''ଆଚ୍ଛା, ଏକଥା ଜାଣିବାରେ କୌଣସି ପ୍ରୟୋଜନ ନାହିଁ ?''

''ନା — ଜାଣିବାର କୌଣସି ପ୍ରୟୋଜନ ନାହିଁ । ତୁମକୁ ସେହି ଦିବ୍ୟ-ସତ୍ତାରେ ପରିଣତ ହେବାକୁ ପଡ଼ିବ ।''

ସେମାନଙ୍କ ଲାଗି, ଅର୍ଥାତ୍, ବୁଦ୍ଧିରୁ କାମ ନେଉଥିବା ସେହି ସଂଖ୍ୟାଗରିଷ୍ଠ ବର୍ଗଟି ଲାଗି,— ସେମାନେ ଏହି କଥାଟିକୁ ମୋଟେ ବୁଝି ପାରନ୍ତି ନାହିଁ ଯେ, ଯାହା ସିଏ ହେବାକୁ ଯାଉଛି, ସେହି କଥାଟିକୁ ଜାଣିବା ପୂର୍ବରୁ ଜଣେ ବ୍ୟକ୍ତି ସେହି କଥାଟିକୁ କରିପାରିବ ବା ସେହି କଥାଟି ହୋଇ ମଧ୍ୟ ପାରିବ ।

ଏହି କୌତୁକ କଥାଟି ଭଲ ଲାଗୁଥିଲେ ଜଣେ ହୁଏତ ଏପରି ବି କହି ପାରିବ : ''ନିଜେ ସେ ବିଷୟରେ କିଛି ନ ଜାଣିଥିଲେହିଁ ଜଣେ ବ୍ୟକ୍ତି ସବୁଠାରୁ ଅଧିକ ପରିମାଣରେ ଦିବ୍ୟ ହେବା ଲାଗି ସମର୍ଥ ହେବ ।''

(*ମାଆ ଧ୍ୟାନମଗ୍ନ ହୋଇ ରହିଲେ*)

ଯେଉଁମାନଙ୍କୁ ସଂଜ୍ଞା ଭଲ ଲାଗେ, ସେମାନଙ୍କୁ ''ଦିବ୍ୟ ପରମସତ୍ତା କ'ଣ ?'' ଏହି ପ୍ରଶ୍ନଟିର ଏକ ଅନ୍ୟ ପ୍ରକାରେ ଉତ୍ତର ଦିଆଯାଇ ପାରିବ ।... ସେମାନଙ୍କୁ କୁହାଯାଇ

ପାରିବ, ଦିବ୍ୟସତ୍ତା ହେଉଛି ‘‘ଏକ ବିପୁଳତା,— ପ୍ରସନ୍ନ ସ୍ମିତହାସ୍ୟଯୁକ୍ତ ଏକ ଆଲୋକମୟ ବିପୁଳତା ।’’

ଏପରି କହିଲେ **ଠିକ୍‌**, ଉତ୍ତରଟି ମିଳିଯିବ, ନୁହେଁ ? ହଁ, ମିଳିଯିବ ।

*ଅଳ୍ପକିଛି ଦିନ ପରେ*

ଦିବ୍ୟ ପରମସତ୍ତାଙ୍କ ବିଷୟରେ ସେଦିନ ଆମର ଯେଉଁ ଆଲୋଚନା ହୋଇଥିଲା, ମୁଁ ତାହା ସହିତ ଆଉ କେତେପଦ କଥା ଯୋଡ଼ିଦେବାକୁ ଇଚ୍ଛା କରୁଛି । ଜଣେ କେହି ମୋତେ ‘‘ତେବେ ପରମେଶ୍ୱର କହିଲେ କ’ଣ ବୁଝାଇବ ?’’ ବୋଲି ପ୍ରଶ୍ନ ପଚାରିଛନ୍ତି । ଶ୍ରୀଅରବିନ୍ଦଙ୍କ ଦ୍ୱାରା ଲିଖିତ ଏକ ଉକ୍ତିର ସନ୍ଦର୍ଭରେ ସେଇ ପ୍ରଶ୍ନଟି ପଚରା ଯାଇଛି । ଉକ୍ତିଟି ହେଉଛି :

> *‘‘ବିଭକ୍ତ ହୋଇ ରହି ଆମେ ଯେଉଁ ଦୁଃଖ ଭୋଗ କରୁଥାଉ, ପ୍ରେମ ଆମକୁ ସେଥିରୁ ମୁକ୍ତି ଦିଏ ଓ ପରିପୂର୍ଣ୍ଣ ସମ୍ମିଳନର ଆନନ୍ଦ ମଧ୍ୟକୁ ପ୍ରେରିତ କରିନିଏ । ମାତ୍ର ତଦ୍ୱାରା ସମ୍ମିଳନର ସାଧନଜନିତ ଆନନ୍ଦଟି ଆଦୌ କୌଣସି ପ୍ରକାରେ କ୍ଷୁଣ୍ଣ ହୋଇଯାଏ ନାହିଁ । ସେହି ସମ୍ମିଳନର ସାଧନାଟି ହେଉଛି ଆତ୍ମାର ସର୍ବୋଚ୍ଚ ଆବିଷ୍କାର ଏବଂ ଭୁବନମୟ ଏହି ଜୀବନ ତାହାରି ଲାଗି ଏକ ସୁଦୀର୍ଘ ପ୍ରସ୍ତୁତିର ପରିଣାମ । ତେଣୁ ପ୍ରେମ ଦ୍ୱାରା ପରମେଶ୍ୱରଙ୍କର ନିକଟବର୍ତ୍ତୀ ହେବାର ଅର୍ଥ ହେଉଛି ନିଜକୁ ସମ୍ଭାବ୍ୟ ସେହି ବୃହତ୍ତମ ଆଧ୍ୟାତ୍ମିକ ପୂର୍ଣ୍ଣୋପଲବ୍ଧି ନିମନ୍ତେ ପ୍ରସ୍ତୁତ କରିବା ।’’**

ଏଥିରେ ଥିବା ଶେଷ ବାକ୍ୟାଂଶର ସନ୍ଦର୍ଭରେହିଁ ମୋତେ ‘‘ପରମେଶ୍ୱର କହିଲେ କ’ଣ ବୁଝାଏ ?’’ ବୋଲି ପ୍ରଶ୍ନଟି ପଚରା ଯାଇଛି । ତେଣୁ ମୁଁ ଉତ୍ତର ଦେଇ କହିଥିଲି (ମୁଁ ‘‘ପରମେଶ୍ୱର’’ ଶବ୍ଦଟିରହିଁ ବ୍ୟାଖ୍ୟା କରିଥିଲି) : ‘‘ଯାହାକିଛି ମନୁଷ୍ୟବୋଧର ଅତୀତ ହୋଇ ରହିଛି ଅଥଚ ମନୁଷ୍ୟ ଯାହାର ଅଧୀନ ହୋଇ ରହିଛି, ଯେଉଁସବୁ ବିଷୟକୁ ଜାଣିବା ଲାଗି ମନୁଷ୍ୟର ସାମର୍ଥ୍ୟ ନାହିଁ ମାତ୍ର ଯାହା ପାଖରେ ତାକୁ ନତମସ୍ତକ ହୋଇ ରହିବାକୁ ପଡ଼େ,’’ ତାହାକୁହିଁ ସେ ‘‘ପରମେଶ୍ୱର’’ ବୋଲି ନାମଟିଏ ପ୍ରଦାନ କରିଛି ।

---

* “The Synthesis of Yoga”, ଶତବାର୍ଷିକୀ ସଂସ୍କରଣ, ୨୧ଶ ଖଣ୍ଡ, ପୃଷ୍ଠା. ୫୨୩

''ଯାହାସବୁ ମନୁଷ୍ୟବୋଧର ଅତୀତ ହୋଇ ରହିଛି'' ନ କହି ''ଯେଉଁ ସତ୍ତା ତା'ର ଅତୀତ ହୋଇ ରହିଛି'' ବୋଲି କୁହା ଯାଇପାରେ । କାରଣ, ବୁଦ୍ଧିବାଦୀ ଦୃଷ୍ଟିରୁ ''ଯାହାସବୁ'' କହିବା ବେଳକୁ ଏକ ତର୍କ ଉପୁଜିବାର ହୁଏତ ଅବସର ବି ଆସିପାରେ । ''ଯାହାସବୁ'' ଶବ୍ଦଟିକୁ ମୁଁ ଏଠାରେ ''ଏପରି ଏକ ସତ୍ତା'' ଅର୍ଥରେ ବ୍ୟବହାର କରିଛି । ସେହି ସତ୍ତାର କୌଣସି ସଂଜ୍ଞା ନିରୂପଣ କରିହେବ ନାହିଁ, କୌଣସି ବ୍ୟାଖ୍ୟା ବି କରିହେବ ନାହିଁ । ଏବଂ ମନୁଷ୍ୟ ସର୍ବଦା ଅନୁଭବ କରିଛି ଯେ ସେହି ସତ୍ତାହିଁ ତାହାକୁ ପରିଚାଳିତ କରି ଆସିଛି । ସେହି ସତ୍ତା ତାହାର ଯାବତୀୟ ଜାଣିବାର ଅତୀତ ହୋଇ ରହିଛି ଓ ତାକୁ ପରିଚାଳିତ କରୁଛି । ତେଣୁ ଧର୍ମମାନେ ତାହାର ଏକ ନାମକରଣ କରିଛନ୍ତି; ମଣିଷ ତାହାକୁ ''ପରମେଶ୍ୱର'' ବୋଲି କହିଛି । ଇଂରାଜୀ ଭାଷାରେ ଗଡ୍ (God) ବୋଲି କୁହାଯାଇଛି, ଅନ୍ୟ ଏକ ଭାଷାରେ ଆଉ ଏକ ଶବ୍ଦ ଦ୍ୱାରା ତାହାକୁ ବ୍ୟକ୍ତ କରାଯାଇଛି । ମାତ୍ର ଆଖର ଯେଉଁ ଶବ୍ଦ ଦେଇ କହିଲେ ମଧ୍ୟ ସମସ୍ତେ ତାହାକୁହିଁ ବୁଝୁଛନ୍ତି ।

ମୁଁ ଜାଣିଶୁଣି ସେହି ସତ୍ତାର କୌଣସି ସଂଜ୍ଞା ନିରୂପଣ କରୁ ନାହିଁ । ମାତ୍ର ମୁଁ ଜୀବନସାରା ଏହାହିଁ ଅନୁଭବ କରିଆସିଛି ଯେ ଏହା ହେଉଛି ଗୋଟିଏ ଶବ୍ଦ; ଏହା ଏପରି ଗୋଟିଏ ଶବ୍ଦ, ଯାହାପଛରେ କି ଲୋକମାନେ କେତେ ନା କେତେ ଅବାଞ୍ଛିତ କଥାମାନ ଆଣି ଯୋଡ଼ି ଦେଇଛନ୍ତି ।... ପରମେଶ୍ୱରଙ୍କ ବିଷୟରେ ଏହି ଧାରଣାଟି,— ଉଦାହରଣ ସ୍ୱରୂପ ଯିଏ ସେହି ଧାରଣାକୁ ଏକ ଅନନ୍ୟ ଧାରଣାରୂପେ ଅନୁଭବ କରିବାକୁ ଇଚ୍ଛା କରୁଛି,— ଅନେକ ଲୋକ ତେଣୁ ''ପରମେଶ୍ୱର ଅନନ୍ୟ'' ବୋଲି କହୁଛନ୍ତି । ମାତ୍ର ସେମାନେ ଠିକ୍ ସେହିପରି ଅନୁଭବ ବି କରୁଛନ୍ତି, ଏବଂ ଲେଖକ ଆନାତୋଲ୍ ଫ୍ରାଁସ୍‌ଙ୍କ ପରି — ମୁଁ ଭାବୁଛି ଏହି କଥାଟି ତାଙ୍କର 'ଦେବଦୂତମାନଙ୍କର ବିଦ୍ରୋହ'* ବହିରେ ଅଛି,— ''ଏହି ପରମେଶ୍ୱର ଏକମେବାଦ୍ୱିତୀୟ ହୋଇ ରହିବାକୁ ଇଚ୍ଛା କରୁଛନ୍ତି, **କେବଳ ଏକାକୀ ନିଜେ** ରହିବାକୁ ଇଚ୍ଛା କରୁଛନ୍ତି'' ବୋଲି କହୁଛନ୍ତି । ଏହି ଉକ୍ତିଟିର ପ୍ରଭାବରେ ପଡ଼ି ମୁଁ ପିଲାଦିନେ ଗୋଟାସୁଦ୍ଧା ନାସ୍ତିକ ହୋଇ ଯାଇଥିଲି ବୋଲି ହୁଏତ କୁହାଯାଇ ପାରିବ । ଯେଉଁ ସତ୍ତା ଆପଣାକୁ ଅନନ୍ୟ ଓ ସର୍ବଶକ୍ତିଶାଳୀ ବୋଲି ଘୋଷଣା କରୁଛନ୍ତି, ସିଏ **ଯିଏ ହୋଇଥା'ନ୍ତୁ ପଛକେ**, ମୁଁ ତାଙ୍କୁ ମୋଟେ ଗ୍ରହଣ କରି ପାରି ନ ଥିଲି । ଏପରିକି, ସିଏ ପ୍ରକୃତରେ ଅନନ୍ୟ ଓ ସର୍ବଶକ୍ତିଶାଳୀ ହୋଇଥିଲେ ମଧ୍ୟ (*ମାଆ ହସିକରି କହିଲେ*), ସେକଥା ସ୍ୱୟଂ ଘୋଷଣା କରି କହିବା ଲାଗି ତାଙ୍କର କୌଣସି ଅଧିକାର ନାହିଁ । ସେତେବେଳେ ମୁଁ ଏହିପରି ଭାବିଥିଲି । ପ୍ରତ୍ୟେକ ଧର୍ମ ଏହି କଥାଟିର କିପରି ସମ୍ମୁଖୀନ ହୋଇଛନ୍ତି, ସେହି ବିଷୟରେ ମୁଁ ପୂରା ଘଣ୍ଟାଏ ଗୋଟାଏ ବକ୍ତୃତା ଦେଇ ପାରିବି ।

* ଫ୍ରେଞ୍ଚ୍ — Révolte des Anges

ମାତ୍ର ସେକଥା ଯାହା ହୋଇଥାଉ ପଛକେ, ଯେଉଁ ସଂଜ୍ଞାଟି ମୋତେ ସବୁଠାରୁ ଅଧିକ ମୋହମୁକ୍ତ ପରି ବୋଧ ହେଲା, ମୁଁ ଏହାର ସେହିପରି ଗୋଟିଏ ସଂଜ୍ଞା ଦେଲି । ଏବଂ, ସେଦିନ ''ପରମ ଦିବ୍ୟସତ୍ତା କହିଲେ କ'ଣ ବୁଝାଇବ ?'' ପ୍ରଶ୍ନଟିର ଉତ୍ତର ଦେବା ଭଳି, ମୁଁ ଅସଲ ପରମ ବସ୍ତୁଟିର ଏକ ଧାରଣା ଦେବାକୁହିଁ ଉଦ୍ୟମ କଲି । ଏଠାରେ ମୁଁ ଶବ୍ଦଟି ବିରୋଧରେ ସଂଗ୍ରାମ କରିବାକୁ ବି ଇଚ୍ଛା କଲି; ମୋ' ଲାଗି ଶବ୍ଦଟି ଏକ ଫମ୍ପା ଶବ୍ଦ ପରି ମନେ ହେଉଛି । କେବଳ ଅତ୍ୟନ୍ତ ବିପଜ୍ଜନକ ଭାବରେ ଏକ ଫମ୍ପା ଶବ୍ଦ ପରିହିଁ ମନେ ହେଉଛି ।

*'ସାବିତ୍ରୀ' କାବ୍ୟରୁ ଗୋଟିଏ ପଦ ମୋର ମନେ ପଡୁଛି, ଯାହାକି ଅତ୍ୟନ୍ତ ଶକ୍ତିଶାଳୀ ଭାବରେ ଲିଖିତ ହୋଇଛି ଓ ଯାହା ମାତ୍ର ଗୋଟିଏ ଧାଡ଼ିରେହିଁ ସେହି କଥାଟିକୁ ଅତ୍ୟନ୍ତ ଚମତ୍କାର ଭାବରେ ବ୍ୟକ୍ତ କରି ପାରିଛି । ସେହି ଧାଡ଼ିରେ ଲେଖା ହୋଇଛି : ''ଯେଉଁ ପରମ ନାମାତୀତ ପରମେଶ୍ୱରଙ୍କୁ ଜନ୍ମ ହେବାର ଦେଖିଛି ।''**

* The bodiless Namelessness that saw God born
And tries to gain from the mortal's mind and soul
A deathless body and a divine name.
(Savitri, Cent. Vol. 28, p. 40)

## ୨୪ ଜୁନ୍ ୧୯୬୭

କହିବାକୁ ଅନେକ କଥା ରହିଛି, ମାତ୍ର... ଏତିକିରେ ସାରିଦେବାହିଁ ବରଂ ଅଧିକ ଭଲ ହେବ । ଏହା ଠିକ୍ ଗୋଟିଏ ବକ୍ର ରେଖା ପରି । ଶେଷ ମୁଣ୍ଡରେ ଆସି ପହଞ୍ଚିଯିବାହିଁ ବରଂ ଅଧିକ ଭଲ । ବର୍ତ୍ତମାନ କହିବାର ଉଚିତ ସମୟ ହୋଇ ନାହିଁ ।

(*କିଛି ସମୟ ନୀରବ ରହିବା ପରେ*) ଶରୀରର ଯେଉଁସବୁ ଚଳନଶୀଳତା ରହିଛି, ସମଗ୍ର ଭାବରେ ବିଚାର କଲେ ସେଗୁଡ଼ିକୁ ପ୍ରାୟ ଅଭ୍ୟାସରେ ପଡ଼ିଯାଇଥିବା ଏକ ଚଳନଶୀଳତା ବୋଲି କୁହାଯାଇ ପାରିବ । ଏହି ଚଳନଶୀଳତା ପଛରେ ଭୌତିକ ମନର ଚେତନାଟି ଅବସ୍ଥିତ ରହିଛି (ଯାହାକୁ ମୁଁ କୋଷସ୍ଥ ମନ ବୋଲି କହିଥାଏ), ଏବଂ ସେହି ଭୌତିକ ମନ ସ୍ୱୟଂ ଦିବ୍ୟ ପରମ ଉପସ୍ଥିତିଟି ବିଷୟରେ ସର୍ବଦା ସଚେତନ ରହିଛି ଏବଂ କେବଳ ସେହି ପରମ ତତ୍ତ୍ୱଙ୍କ ବ୍ୟତୀତ ଆଉ ଅନ୍ୟ କିଛିକୁ ସ୍ୱୀକାର ନ କରିବାକୁହିଁ ବଦ୍ଧପରିକର ହୋଇ ରହିଛି । ତେଣୁ, ଏହି ଚଳନଶୀଳତାଗୁଡ଼ିକର ଉତ୍ସରେ ଏକ ପରିବର୍ତ୍ତନ ବା ସ୍ଥାନାନ୍ତରୀକରଣ ଘଟାଇବାରେ ଏକ ସମଗ୍ର ପ୍ରକ୍ରିୟା ଲାଗି ରହିଛି । ମୋର କହିବାର ଅର୍ଥ ହେଉଛି ଯେ, କୌଣସି ଏକ ଯନ୍ତ୍ରବତ୍ ଅଭ୍ୟାସରେ ପରିଣତ ହୋଇଯିବା ପରିବର୍ତ୍ତେ ଆମେ ଏପରି କହିବା ଯେ, ଏହି ଚଳନଶୀଳତା ଦିବ୍ୟ ପରମ ଉପସ୍ଥିତି ଏବଂ ପରମ ଚେତନା ଦ୍ୱାରାହିଁ ସ୍ୱତଃ ସମ୍ଭବ ହେଉଛି (*ପରମ ଚେତନାକୁ ଶରୀର ମଧ୍ୟକୁ ସତେଅବା ଠେଲି ପୂରାଇ ଦେଉଥିବା ପରି ମାଆ ସଙ୍କେତ କରି ଦେଖାଇଲେ*) ।

ମାତ୍ର ଏହି କଥାଟିକୁ ମୋଟେ ଶବ୍ଦରେ ପ୍ରକାଶ କରି କୁହାଯାଇ ପାରିବ ନାହିଁ । ଅର୍ଥାତ୍, ଶବ୍ଦରେ ପ୍ରକାଶ କରି କହିବାକୁ ଚେଷ୍ଟା କରିବା ମାତ୍ରକେ, ତାହା ମନଃପ୍ରସୂତ ଏକ ବସ୍ତୁରେ ପରିଣତ ହୋଇଯିବ ଓ ଆଉ ଠିକ୍ ସେହି ବସ୍ତୁ ହୋଇ କଦାପି ରହିବ ନାହିଁ । ତେଣୁ ଏହାକୁ ଶବ୍ଦରେ ପ୍ରକାଶ କରି କହିବା ପ୍ରକୃତରେ ଅତ୍ୟନ୍ତ କଷ୍ଟକର । ମୁଁ ମୋଟେ ତାହା କରି ପାରିବି ନାହିଁ ।

ଅବଶ୍ୟ, ମୋର ମନେ ପଡୁଛି, ମୁଁ ଏବେ କୌଣସି ଦିନ ତୁମମାନଙ୍କୁ କହିଛି ଯେ, ଆମର ସ୍ଥୂଳତମ ଭୌତିକ ଚେତନାରେ ନାଟକ କରିବା ଲାଗି ଏକ ଅଭ୍ୟାସ ଓ ଏକ ରୁଚି ମଧ୍ୟ ରହିଛି ବୋଲି ମୁଁ ଅନେକ ସମୟରେ ଅନୁମାନ କରିଛି । ଆରମ୍ଭ ବେଳେ ଠିକ୍ ସେହିପରି ହୋଇଥିଲା । ମାତ୍ର, ସଚେତନ ହେବା ସଙ୍ଗେ ସଙ୍ଗେ ସେହି ଅଭ୍ୟାସଟି ମଧ୍ୟ ଯଥାର୍ଥ ଚେତନା ଲାଗି ସତେଅବା ଏକାନ୍ତ ଅନଭ୍ୟସ୍ତ ହୋଇ ପଡ଼ିଲା ଏବଂ ସେହିଦିନଠାରୁ ପରିବର୍ତ୍ତନଟି ଆରମ୍ଭ ହୋଇଗଲା ।

ଏହା ପ୍ରକୃତରେ ବଡ଼ କଷ୍ଟକର କାର୍ଯ୍ୟ । ଏହାର କ୍ରିୟା ସଂପୂର୍ଣ୍ଣ ଭାବରେ ଏକ ସୂକ୍ଷ୍ମ ସ୍ତରରେ ।

ଏହାର ଅର୍ଥ ହେଉଛି ହଜାର ହଜାର ବର୍ଷର ଏକ ପୁରାତନ ଅଭ୍ୟାସ ସହିତ ସଂଗ୍ରାମ କରିବା । ଭୌତିକ ଚେତନା ଭିତରେ ଯେଉଁ ଯନ୍ତ୍ରବତ୍ ଅଭ୍ୟସ୍ତତା ରହିଛି, ଯାହା ମଧ୍ୟରେ ପ୍ରକୃତରେ ଏକ ନାଟକୀୟତା ରହିଛି, ଏବଂ ଯାହାଫଳରେ ଅନେକ ଦୁର୍ବିପାକର ସମ୍ମୁଖୀନ ହେବାକୁ ହୋଇଥାଏ । ବେଳେବେଳେ ତାହା ନାଟକୀୟ ଢଙ୍ଗରେ ହୁଏ, ଏବଂ ସେହି ନାଟକୀୟତାର ଏକ କଳ୍ପନାପ୍ରବଣତାରେ ପରିସମାପ୍ତି ଘଟେ ଯାହାକି ନାଟକଟିକୁ ସଂପୂର୍ଣ୍ଣ ଭାବରେ ଭାଙ୍ଗିଦେଇ ଯାଏ । ମାତ୍ର ସେସବୁକୁ ଶବ୍ଦ ଦେଇ କହି ବସିବା ମାତ୍ରକେ ସେସବୁ ଭାରି ଆକାରଗ୍ରସ୍ତ ହୋଇ ପଡ଼ିଥାଏ । ତେଣୁ ତାହା ବିଷୟରେ ଆଦୌ କିଛି ନ କହିବାହିଁ ସବୁଠାରୁ ଭଲ ।

କାରଣ, କହିବାକୁ ବସିବା ମାତ୍ରକେ ତାହା ଭାରି କୃତ୍ରିମ ହୋଇପଡ଼େ ।

ଏବଂ, ସତେଅବା ଏହି ଅଭ୍ୟାସଟିରେ ଏକ ପରିବର୍ତ୍ତନ ଘଟାଇବା ସକାଶେହିଁ ଏପରି ଗୋଟିଏ (!) ବିକଳ୍ପର ସୃଷ୍ଟି କରିବା ପାଇଁ ଉଦ୍ୟମ କରିବାକୁ ପଡ଼େ, ଯାହାକୁ କେବଳ ଏକ ସାଦୃଶ୍ୟ ବୋଲି କୁହାଯାଇ ପାରିବ । ଚେତନାର ଏହି ସ୍ଥିତିଟି, ସତ୍ତାର ଏହି ପଦ୍ଧତିଟି ଓ ଅସ୍ତିତ୍ୱ ଧାରଣ କରିବାର, ପ୍ରତିକ୍ରିୟା ବ୍ୟକ୍ତ କରିବାର ବା ଭାବ ପ୍ରକାଶ କରିବାର ଏହି ପ୍ରଣାଳୀଟି ସେହି ଦିବ୍ୟ ପରମ ରୂପାୟନଟି ଆଡ଼କୁ ସୂଚିତ କରି ଦେଖାଇ ଦେଇଥାଏ କି, କିଂବା ଦେଖାଇ ଦେବାର ଏକ ପ୍ରବୃତ୍ତି ରଖିଥାଏ କି ? ଦିବ୍ୟ ପରମ ପ୍ରକଟନ ଲାଗି ରହିଥିବା ଆକାଙ୍କ୍ଷାଟି ସହିତ ଏହାର କୌଣସି ଅନୁରୂପତା ରହିଛି କି ?... ଏବଂ ଭାବନା ସଂପୂର୍ଣ୍ଣ ଭାବରେ ନୀରବ ଥାଏ, ସେତେବେଳେ କଳ୍ପନା ଆଦୌ କୌଣସି କାର୍ଯ୍ୟ କରେ ନାହିଁ (ଏସବୁ ଇଚ୍ଛାକୃତ ଭାବରେ ହୁଏ), ଏବଂ ଗତିଶୀଳତାଟି ଯଥାସମ୍ଭବ ଅଧିକ ନିଷ୍ଠାଯୁକ୍ତ ଓ ଅଧିକ ସ୍ୱତଃସ୍ଫୂର୍ତ୍ତ ହେବାକୁ ଉଦ୍ୟମ କରୁଥାଏ, ଦିବ୍ୟ ପରମ ଉପସ୍ଥିତିର ପ୍ରଭାବ ମଧ୍ୟକୁ ଆସିହିଁ ତାହା ସେହି ଉଦ୍ୟମ କରୁଥାଏ ।... ଶବ୍ଦଗୁଡ଼ାକ ପ୍ରକୃତରେ ସବୁକିଛିକୁ କେବଳ ବିକୃତ କରିପକାନ୍ତି ।

ବାରଂବାର,— ହଁ, ବାରଂବାର ଅତ୍ୟନ୍ତ ଅପ୍ରତ୍ୟାଶିତ ଭାବରେ ସତେଅବା ବିଜୁଳି ମାରି ଚାଲିଗଲା ଭଳି ସେହି ମୂର୍ତ୍ତ ଅନୁଭୂତିଟି ହୋଇଥାଏ,— ଦିବ୍ୟ ପରମ ଉପସ୍ଥିତିଟିର ଅନୁଭବ ହୋଇଥାଏ, ତାଦାତ୍ମ୍ୟର ଉପଲବ୍ଧି ହୋଇଥାଏ । ମାତ୍ର ତାହା କେବଳ କେତୋଟି କ୍ଷଣ ଲାଗି ରହେ ଏବଂ ତା'ପରେ ସବୁକିଛି ସେହି ପୂର୍ବ ପରି ହୋଇଯିବାକୁ ଆରମ୍ଭ କରେ ।

ଏହି କଥାଟିକୁ ମୋଟେ ଶବ୍ଦ ଦ୍ୱାରା ବର୍ଣ୍ଣନା କରି କହିହେବ ନାହିଁ ।

ତା'ପରେ ମାଆ ଶ୍ରୀଅରବିନ୍ଦଙ୍କର
ଦୁଇଟି ଉକ୍ତିର ଅନୁବାଦ ପଢ଼ି ଶୁଣାଇଲେ ।

> *''କେବଳ ମନର ଚେଷ୍ଟା ଦ୍ୱାରାହିଁ ସବୁକିଛି ନ କରି ପଶ୍ଚାଦ୍‌ଭାଗରେ ବା ଊର୍ଦ୍ଧ୍ୱରେ ରହିଥିବା ସେହି ପରମଶକ୍ତିଙ୍କ ଦ୍ୱାରା କାର୍ଯ୍ୟଗୁଡ଼ିକୁ କରାଇ ପାରିବାର କଳାଟିକୁ ଜାଣିବା ହେଉଛି ସାଧନାର ଏକ ମହାନ୍ ଗୂଢ଼ କଥା ।''*

ପ୍ରକୃତରେ ଠିକ୍ ତାହାହିଁ ହୋଇଥାଏ ।

> *''ଶରୀରର ଯେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି, ତାହା ଅତ୍ୟନ୍ତ ସ୍ପଷ୍ଟ । ତାହାର କାରଣ ହେଉଛି ଯେ ମନୁଷ୍ୟ ଏପରି ଏକ ଶରୀର ଓ ମସ୍ତିଷ୍କର ବିକାଶ କରାଇ ଆଣିଛି ଅଥବା ତାକୁ ଏପରି ଏକ ଶରୀର ଓ ମସ୍ତିଷ୍କ ଦିଆହୋଇଛି, ଯାହାକି, ମନୁଷ୍ୟ ଯେ ଇତରପ୍ରାଣୀର ସ୍ତରରୁ ଊର୍ଦ୍ଧ୍ୱକୁ ଉଠିଆସି ପାରିଛି, ସେହି ଉତ୍ତରୋତ୍ତର ମନୋଗତ ଦୀପ୍ତ ବୋଧଟିକୁ ଗ୍ରହଣ କରିବାକୁ ସମର୍ଥ ହେଉଛି ଏବଂ ତାହାର ପରିଚର୍ଯ୍ୟା ବି କରିପାରୁଛି । ଠିକ୍ ସେହିପରି ଭାବରେ, ଏକ ଅନୁରୂପ ଶରୀରର ବିକାଶ ସାଧନ କରି ଅଥବା ଅନ୍ତତଃ ଆହୁରି ଅଧିକ ଉଚ୍ଚ ଏକ ସନ୍ଦୀପନର ଗ୍ରହଣ ଓ ପରିଚର୍ଯ୍ୟା ଲାଗି ସମର୍ଥ ହେଉଥିବା ଶାରୀରିକ ଯନ୍ତ୍ରଟି ସ୍ତରରେ ଏକ ଅନୁରୂପ କ୍ରିୟାଶୀଳତାକୁ ସମ୍ଭବ କରି ମନୁଷ୍ୟ ତା'ର ବର୍ତ୍ତମାନ ସ୍ତରଠାରୁ ମଧ୍ୟ ଆହୁରି ଉପରକୁ ଉଠିଯାଇ ପାରିବ । କେବଳ ତା'ର ଭାବନା ଏବଂ ଅନ୍ତଃସତ୍ତାର ସ୍ତରରେ ନୁହେଁ, ମାତ୍ର ଆପଣାର ଜୀବନରେ ମଧ୍ୟ ସିଏ ଆହୁରି ଉପରକୁ ଉଠିଯାଇ ପାରିବ ଏବଂ ଏକ ପରିପୂର୍ଣ୍ଣ ଦିବ୍ୟ ମନୁଷ୍ୟତ୍ୱର ଉପଲବ୍ଧି କରି ପାରିବ । ତା' ନ ହୋଇ ପାରିଲେ ତା' ଜୀବନରେ ପ୍ରଦତ୍ତ ହୋଇ ରହିଥିବା ପ୍ରତିଶ୍ରୁତିଟି ନିଷ୍ଫଳ ହୋଇଯିବ । ତାହାର ଯାବତୀୟ ଅର୍ଥ ନିରର୍ଥକ ହୋଇ ରହିବ ଏବଂ ଆପଣାର ବିଲୁପ୍ତିସାଧନ ଦ୍ୱାରା ମର୍ତ୍ତ୍ୟସତ୍ତା କେବଳ ସଚ୍ଚିଦାନନ୍ଦର ଉପଲବ୍ଧି କରି ପାରୁଥିବ । ଆପଣାର ଜୀବନରୁ ମନ, ପ୍ରାଣ ଓ ଦେହର ଉଚ୍ଛେଦ ସାଧନ କରି ଓ ଶୁଦ୍ଧ ପରମ ଅନନ୍ତଙ୍କ ମଧ୍ୟକୁ ପ୍ରତ୍ୟାବର୍ତ୍ତନ କରିହିଁ ସେ ତାହା କରିପାରିବ । ଅଥବା, ହୁଏତ ଏପରି ମାନିନେବାକୁ ପଡ଼ିବ ଯେ ଏହି ମନୁଷ୍ୟ ପ୍ରକୃତରେ ପରମ ଦିବ୍ୟସତ୍ତାଙ୍କର ଉଦ୍ଦେଶ୍ୟ ସାଧନ କରିବା ଲାଗି ଏକ ନିମିତ୍ତ ରୂପେ ଆଦୌ ଗଢ଼ା ହୋଇ ନାହିଁ; ପୃଥିବୀର ଅନ୍ୟ ସତ୍ତାଗୁଡ଼ିକଠାରୁ ମନୁଷ୍ୟର ବିଭିନ୍ନତା*

*ଘୋଷଣା କରି ମନୁଷ୍ୟ ଭିତରେ ଯେଉଁ ଉତ୍ତରୋତ୍ତର ବୃଦ୍ଧି ପାଉଥିବା ଏକ ସଚେତନ ଶକ୍ତି ରହିଛି, ନିୟତିନିର୍ଦ୍ଦିଷ୍ଟ ଭାବରେ ତାହାର ଏକ ସୀମା ରହିଛି ବୋଲି ମାନିନେବାକୁ ପଡ଼ିବ । ଏବଂ, ଅନ୍ୟ ସମସ୍ତଙ୍କର ଅଗ୍ରଭାଗରେ ରହି ମନୁଷ୍ୟ ଯେପରି ସେମାନଙ୍କର ସ୍ଥାନାପନ୍ନ ଭାବରେ ଏହି ପୃଥିବୀରେ ପ୍ରତିଷ୍ଠିତ ହୋଇଛି, ଠିକ୍ ସେହିପରି ଆଉକୌଣସି ଜୀବପ୍ରରୂପ ସମ୍ଭବତଃ ତାହାର ସ୍ଥାନାପନ୍ନ ଭାବରେ ପ୍ରତିଷ୍ଠିତ ହେବ ଏବଂ ତାହାର ଉତ୍ତରାଧିକାରଟିକୁ ସ୍ୱୟଂ ଆତ୍ମସାତ୍ କରିନେବ ।''*

ମୁଁ ବେଶ୍ ବୁଝି ପାରୁଛି । ମୁଁ ତ ଏହି ବିଷୟଟିକୁ ନେଇ ସର୍ବଦାହିଁ ବ୍ୟସ୍ତ ରହିଛି ।

(*ମାଆ ନୀରବ ରହିଲେ*)

ମାତ୍ର ଶ୍ରୀଅରବିନ୍ଦ ଏହି ସିଦ୍ଧାନ୍ତରେ ଆସି ପହଞ୍ଚିଛନ୍ତି ଯେ ଏଇଟି (*ଶରୀର*) କଦାପି ବଦଳିବ ନାହିଁ । ଏହି କ୍ଷେତ୍ରରେ ଏକ ନୂତନ ଅସ୍ତିତ୍ୱର ଉଦ୍ଭବ ହେବ ।

*ନାଇଁ; ଶ୍ରୀଅରବିନ୍ଦ କହିଛନ୍ତି ଯେ, ଯଦି ଏହି ଶରୀର ସେଥିଲାଗି ସମର୍ଥ ନ ହୁଏ, ତେବେ ଏକ ନୂତନ ଅସ୍ତିତ୍ୱହିଁ ସେହି କାର୍ଯ୍ୟଟିକୁ ସାଧନ କରିବ ।*

ନାଇଁ,– ଶ୍ରୀଅରବିନ୍ଦ ଏହି ପାଠାଂଶଟିରେ ସେପରି କହିଛନ୍ତି ବୋଲି ମୁଁ ମୋଟେ କହିବାକୁ ଇଚ୍ଛା କରୁ ନାହିଁ । ପରବର୍ତ୍ତୀ କାଳରେ ସେ ଯାହାସବୁ ଲେଖିଲେ, ସେଇଥିରେ ସେପରି କହିଛନ୍ତି ।

*? ...*

ପୁନଶ୍ଚ, ଦୁଇଟାଯାକ ସେହି ଗୋଟିଏ କଥା । କାରଣ... କୌଣସି ଶରୀର ଆପଣାର କୌଣସି ପରିବର୍ତ୍ତନ ସମ୍ଭବ କରିପାରିବ କି ?... ସମ୍ଭବ କରି ପାରିଲେ ମଧ୍ୟ ତାହା ଅତ୍ୟନ୍ତ କଷ୍ଟକର ହେବ ବୋଲି ମନେ ହେଉଛି । ଅବଶ୍ୟ ତାହା ଆଦୌ ଅସମ୍ଭବ ନୁହେଁ, ଆଦୌ ଅସମ୍ଭବ ନୁହେଁ, ମାତ୍ର... ଏଥିଲାଗି ଏପରି ଆୟାସକର ସାଧନା ଆବଶ୍ୟକ ହେବ ଯେ ସେଥିଲାଗି ଗୋଟିଏ ଜୀବନକାଳ ମୋଟେ ଯଥେଷ୍ଟ ହେବ ନାହିଁ । ଏବଂ, ସେହି କ୍ଷେତ୍ରରେ ମଧ୍ୟ, କୌଣସି କୌଣସି ବସ୍ତୁକୁ ଅବଶ୍ୟ ବଦଳିବାକୁ ପଡ଼ିବ । ହଁ,–

କ୍ଷୟପ୍ରାପ୍ତ ହେବାର ଏହି ଯେଉଁ ଅଭ୍ୟାସଟି ଶରୀର ଭିତରେ ରହିଛି, ତାହା ପ୍ରକୃତରେ ଏକ ବଡ଼ ଭୟଙ୍କର କଥା ।

*ହଁ; ମାତ୍ର ଏକ ନୂତନ ଅସ୍ତିତ୍ୱ ବା ସତ୍ତା ପୁଣି କେଉଁଠାରୁ ଆସିବ ? ତାହା କ'ଣ ସିଧା ସ୍ୱର୍ଗରୁ ଏହି ପୃଥିବୀ ଉପରେ ଆସି ଖସି ପଡ଼ିବ ?*

ସେକଥା ମୋଟେ ନୁହେଁ ! ଏ ବିଷୟରେ ଆମେ ଯେତିକି ଅଧିକ ଦୃଷ୍ଟିପାତ କରିବା... ତାହା ମୋଟେ ସ୍ୱର୍ଗରୁ ଭୂମି ଉପରକୁ ଖସି ପଡ଼ିବ ନାହିଁ । (*ମାଆ ହସିଲେ*) ଏଥିରେ କୌଣସି ସନ୍ଦେହ ନାହିଁ ଯେ ଯେପରି ମନୁଷ୍ୟ ଇତରପ୍ରାଣୀ ମଧ୍ୟରୁ ଉଦ୍‌ଭୂତ ହୋଇ ଆସିଛି, ଏଇଟି ମଧ୍ୟ ଠିକ୍ ସେହି ଧାରାରେ ସମ୍ଭବ ହୋଇ ଆସିବ । ମାତ୍ର, ଇତରପ୍ରାଣୀ ଓ ମନୁଷ୍ୟ ମଝିରେ ରହିଥିବା ମଧ୍ୟବର୍ତ୍ତୀ ସ୍ତରଗୁଡ଼ିକ ବିଷୟରେ କେହି କିଛି ଜାଣି ନାହାନ୍ତି । ଆମେ ସେ ବିଷୟରେ ନାନା କଥା ଭାବୁଛୁ ଓ କଳ୍ପନା କରୁଛୁ ସତ ଓ ଅନେକ ଅନେକ ବସ୍ତୁର ପୁନରାବିଷ୍କାର ବି କରିପାରିଛୁ ସତ, ମାତ୍ର ସତ କଥା ହେଉଛି ଯେ, ଏସବୁ ଘଟିବା ବେଳେ ଆମେ କେହି ସେଠାରେ ଉପସ୍ଥିତ ନ ଥିଲୁ । ତେଣୁ, ସେହି କଥାଟି କିପରି ଘଟିଲା, ସେ ବିଷୟରେ ଆମେ କିଛି ଜାଣି ନାହୁଁ । ମାତ୍ର ସେଥିରେ କିଛି ଯାଏ ଆସେ ନାହିଁ ।... କେତେକଙ୍କର ମତରେ ଆମେ ସଚେତନ ଭାବରେ ଅଭିଳଷିତ ରୂପାନ୍ତରଟିକୁ କାର୍ଯ୍ୟରେ ପରିଣତ କରିବାକୁ ଆରମ୍ଭ କରିପାରିବା ଓ ନୂତନ ଶିଶୁଟିକୁ ଆକୃତି ଦେଇ ପାରିବା । ଏହା ଅବଶ୍ୟ ସମ୍ଭବ ହେଇପାରେ । ମୁଁ କଦାପି ନାହିଁ ବୋଲି କହୁ ନାହିଁ । ଏହା ଅବଶ୍ୟ ସମ୍ଭବ । ଏବଂ ତା'ପରେ ଏହି ଶିଶୁଟି ଆହୁରି ଅଧିକ ପରିମାଣରେ ରୂପାନ୍ତରିତ ହୋଇଥିବା ପରବର୍ତ୍ତୀ ଶିଶୁଟିକୁ ପ୍ରସ୍ତୁତ କରି ଆଣିବ ଓ କ୍ରମଟି ଏହିପରି ଭାବରେ ଗତି କରିବ । ସେହିପରି ଭାବରେ ଏକାଧିକ ସ୍ତର ଆସିବ ଓ ଯିବ; ବାନର ଓ ମନୁଷ୍ୟ — ଏହି ଉଭୟ ସୋପାନଟି ମଧ୍ୟରେ ଯେପରି ସୋପାନଗୁଡ଼ିକ ଅନ୍ତର୍ହିତ ହୋଇ ଯାଇଛି, ଏହି କ୍ଷେତ୍ରରେ ମଧ୍ୟ ସେଇଆ ହେବ, ନୁହେଁ ?

*ହଁ, ହେବ । ଏହାହିଁ ହେଉଛି ମନୁଷ୍ୟ କ୍ରମଶଃ ଅଧିକରୁ ଅଧିକ ପରିପୂର୍ଣ୍ଣତା ଲାଭ କରିବାର ପ୍ରକ୍ରିୟାଟିର ସମଗ୍ର କାହାଣୀ ।*

ହଁ, ତୁମେ ଏହି କଥାଟିକୁ ଯେକୌଣସି ନାମ ଦେଇ ବର୍ଣ୍ଣନା କରିପାର । ମାତ୍ର ଏକ **ନୂତନ ଅସ୍ତିତ୍ୱଧାରୀ ସତ୍ତା**, ଆମେ ଆମର କଳ୍ପନାରେ ଯେପରି ଅନୁମାନ କରୁଛୁ ଓ

ତୁମେ ଯେପରି କହୁଛ, ସେଇଆଡୁ ପୂର୍ବରୁ ତିଆରି ହୋଇ ଅବତୀର୍ଣ୍ଣ ହେଉଥିବା ଏକ ନୂତନ ସତ୍ତା !... ଏହାକୁ ସମ୍ପୂର୍ଣ୍ଣ ଭାବରେ ଏକ ରୋମାଞ୍ଚକାରୀ ଘଟଣା ବୋଲି କୁହାଯିବ ।

*ଶ୍ରୀଅରବିନ୍ଦ ମଧ୍ୟ ଠିକ୍ ସେହି କଥା କହିଛନ୍ତି । ତାହାର ନିର୍ମାଣ ଅବଶ୍ୟ ହେବ ।*

ହୁଏତ ଦୁଇଟି ବା ତିନୋଟି – ଅଥବା ଚାରୋଟି, ଦଶଟି ବା କୋଡ଼ିଏଟି,– କେଜାଣି କେତୋଟି ?– ମଧ୍ୟବର୍ତ୍ତୀ ସତ୍ତାଙ୍କ ଅନ୍ତେ ଯାଇ ଏହି ନୂତନ ଧାରାଟିର, ସୃଜନପ୍ରକ୍ରିୟାର ଏହି ଅତିମାନସ ଧାରାଟିର ଆବିର୍ଭାବ ହେବ ।... ମାତ୍ର ସେତେବେଳେ ସନ୍ତାନ ପ୍ରସବ କରିବା ଆବଶ୍ୟକ ହେବ କି ? ଯେଉଁମାନେ ବିଦାୟ ନେଇ ଚାଲି ଯାଇଥିବେ, ସେମାନଙ୍କର ସ୍ଥାନାପନ୍ନ ଭାବରେ ଶିଶୁମାନଙ୍କର ଆବିର୍ଭୂତ ହେବାର ଆବଶ୍ୟକତାଟି ସେତେବେଳେ ବିଲୁପ୍ତ ହୋଇଯିବ ନାହିଁ କି ? କାରଣ ସେମାନେ ତ ଅନନ୍ତକାଳ ଲାଗି ଉପସ୍ଥିତ ରହି ପାରୁଥିବେ । ନୂତନ ଆବଶ୍ୟକତାଗୁଡ଼ିକ ସହିତ ଆପଣାକୁ ଅନୁକୂଳିତ କରିନେଇ ପାରିବା ଲାଗି ସେମାନେ ନିଜ ନିଜକୁ ଯଥେଷ୍ଟ ପରିମାଣରେ ରୂପାନ୍ତରିତ ବି କରି ପାରୁଥିବେ ।

*ଏସବୁ କଥା ଦୀର୍ଘ ଅନେକ କାଳ ପରେ ସମ୍ଭବ ହେବ ବୋଲି କଳ୍ପନା କରି ହେଉଛି ।*

ହଁ, ଅନେକ କାଳ ପରେ ।

*ମାତ୍ର ସେଗୁଡ଼ିକ ଯେପରି ଅପେକ୍ଷାକୃତ ଅଳ୍ପ ଦିନରେ ସମ୍ଭବ ହେବ, ଆପଣ ତ ସେଇଥି ଲାଗି ରହିଛନ୍ତି !*

ନା – ଏସବୁ ଅଳ୍ପ ଦିନରେ ଘଟିବ ବୋଲି ଶ୍ରୀଅରବିନ୍ଦ ବି କଳ୍ପନା କରି ନ ଥିଲେ !

*କିନ୍ତୁ, ଆପଣଙ୍କ ଦ୍ୱାରାହିଁ ସେକଥା ହେବ । ଅଳ୍ପଦିନରେ ହେଉ ବା ଅଧିକ ଦିନରେ ହେଉ, ଆପଣହିଁ ସେହି କାର୍ଯ୍ୟଟିକୁ କରୁଛନ୍ତି,– ଆପଣଙ୍କର ଏହି ଜୀବନକାଳରେ ଓ ଏହି ଶରୀରରେହିଁ ତାହା କରୁଛନ୍ତି ।*

ମାତ୍ର, ମୁଁ ଯାହା ଦେଖି ପାରୁଛି...

ଏହି କଥାଟିକୁ ମୁଁ କରିବା ଲାଗି ଚେଷ୍ଟା କରୁଛି । ନିଜର ଏକ ଇଚ୍ଛା ବା ଖିଆଲ ଦ୍ୱାରା ନୁହେଁ,– ସେପରି କୌଣସି ବସ୍ତୁ ଦ୍ୱାରା ଆଦୌ ପ୍ରଣୋଦିତ ହୋଇ ନୁହେଁ; ପ୍ରକୃତ କଥା ହେଉଛି ଏପରି ଏକ ପରମ ବସ୍ତୁ, ପରମ ପୁରୁଷ ବା ପରମ ଚେତନା ବା ଆଉକିଛି ବିଦ୍ୟମାନ ରହିଛନ୍ତି (ସେଇଟି ବିଷୟରେ ମୁଁ ଆଦୌ କିଛି କହିବାକୁ ଇଚ୍ଛା କରୁ ନାହିଁ), ଯିଏକି ଏଇଟିକୁ (*ମାଆଙ୍କର ଶରୀରକୁ*) କାମରେ ଲଗାଉଛନ୍ତି ଓ ଏଥିରୁ କିଛି ନା କିଛି ସମ୍ଭବ କରିବା ଲାଗି ଚେଷ୍ଟା କରୁଛନ୍ତି । ଅର୍ଥାତ୍, ମୁଁ ଯୁଗପତ୍ ଭାବରେ କାର୍ଯ୍ୟଟିକୁ କରୁଛି ଓ କାର୍ଯ୍ୟଟି ସମ୍ପନ୍ନ ହେଉଥିବାର ସାକ୍ଷୀ ହୋଇ ରହିଛି । ଏବଂ, ଏହି ପ୍ରକ୍ରିୟାଟି ମଧ୍ୟରେ 'ମୁଁ'ଟା ଯାଇ କେଉଁଠି ରହିଛି କେଜାଣି ! ଏହା ସେଠି ଭିତରେ ନାହିଁ କି ସେଠି ଊର୍ଦ୍ଧ୍ୱରେ ବି ନାହିଁ, ତାହା... ମୁଁ ବି ଜାଣି ନାହିଁ ତାହା କେଉଁଠାରେ ଯାଇ ରହିଛି । ଭାଷା ଦେଇ ତାହାକୁ କହିବା ଦରକାର ହେଉଛି ବୋଲି ମୁଁ ଏଭଳି ଭାବରେ କହୁଛି । ଏପରି ଏକ ଉପାଦାନ ରହିଛି, ଯାହାକି କାର୍ଯ୍ୟଟିକୁ କରୁଛି ଓ ଯୁଗପତ୍ ଭାବରେ ସାକ୍ଷୀ ରୂପେ ଅବସ୍ଥିତ ରହି ବି ସେହି କାର୍ଯ୍ୟଟି ସମ୍ପନ୍ନ ହେଉଥିବାର ଦେଖିବାରେ ଲାଗିଛି । ଏବଂ ତାହା ସମ୍ପନ୍ନ କରାଉଥିବା କ୍ରିୟାଟିରେ ବି ପରିଣତ ହୋଇ ରହିଛି । ତିନୋଟିଯାକ ଗୋଟିଏ ହୋଇ ରହିଛନ୍ତି ।

କାରଣ, ଏହି ଶରୀର ମଧ୍ୟ, ଯଥାଶକ୍ତି ଯଥାର୍ଥ ଭାବରେ ସହଯୋଗ କରୁଛି,– ହଁ, ଯଥାଶକ୍ତି – ତାହା ମଧ୍ୟରେ ଆବଶ୍ୟକ ସଦିଚ୍ଛାଟି ରହିଛି ଓ ଏକ କ୍ରମବର୍ଦ୍ଧମାନ ସହନଶୀଳତା ବି ରହିଛି ଏବଂ ବସ୍ତୁତଃ, ପଛକୁ ଫେରି ଆପଣା ସହିତ ଛନ୍ଦି ହୋଇ ରହିବାର ଦୁର୍ଯୋଗଟି ମଧ୍ୟ ନିମ୍ନତମକୁ ହ୍ରାସ ହୋଇଯାଇ ପାରୁଛି (ଏହି ଘଟଣାଟି ଘଟୁଛି ସତ, ମାତ୍ର ବେଳେବେଳେ ଆସି କେବଳ ସ୍ପର୍ଶ କରି ଚାଲି ଯାଉଥିବା ପରି ତାହା ଘଟୁଛି, ମାତ୍ର ହୁଏତ କେତୋଟି କ୍ଷଣ ସକାଶେ ମଧ୍ୟ କଦାପି ସ୍ଥାୟୀ ହୋଇ ରହୁ ନାହିଁ) । ପଛକୁ ଫେରି ଆପଣା ସହିତ ଛନ୍ଦି ହୋଇ ରହିବାର ସେହି ଦୁର୍ଯୋଗଟି ଏପରି ଏକ ପରିବେଶର ସୃଷ୍ଟି କରେ, ଯାହାକି ବଡ଼ ବିରକ୍ତିକର, ପ୍ରତିକର୍ଷକ ଓ ଅନର୍ଥମୟ ହୋଇ ରହିଥାଏ । ଏବଂ ତାହା ପ୍ରକୃତରେ ସେହିପରି ହୋଇ ରହିଥାଏ, ଠିକ୍ ସେହିପରି ଭାବରେ **ଅନୁଭୂତ** ହୋଇଥାଏ । ଏବଂ, ସେହି କଥାଟି କ୍ରମଶଃ ଅଧିକରୁ ଅଧିକ ଅସମ୍ଭବ ହେବାରେ ଲାଗିଛି; ସେହି କଥାଟି ମୁଁ ବେଶ୍ ଦେଖି ପାରୁଛି, ତାହା ମୋ'ଲାଗି ସମ୍ପୂର୍ଣ୍ଣ ଦୃଶ୍ୟମାନ ହୋଇ ରହିଛି ।... ମାତ୍ର ହଜାର ହଜାର ବର୍ଷର ମନ୍ଦ ଅଭ୍ୟାସଗୁଡ଼ିକର ବୋଝ ତଥାପି ବିଦ୍ୟମାନ ରହିଛି; ସେଇଟିକୁ ନୈରାଶ୍ୟ ମଧ୍ୟରେ ବୁଡ଼ି ରହିବାର ଏକ ଅଭ୍ୟାସ ବୋଲି ହୁଏତ କୁହାଯାଇ ପାରିବ; ଅର୍ଥାତ୍ ଏଥିରେ ନିମ୍ନଗତି ହେବାର ଆଶଙ୍କାଟା ଭାରି କାମୁଡ଼ି ଧରିଥାଏ, କେତେ ବିପତ୍ତି ଆସି ପହଞ୍ଚିବ ବୋଲି ଲାଗୁଥାଏ, ଏହିପରି କେତେକ'ଣ ହେବାରେ

ଲାଗିଥାଏ । ଏବଂ ଏହିଗୁଡ଼ାକର ସମ୍ମୁଖୀନ ହେବାଟାହିଁ ସବୁଠାରୁ ଅଧିକ କଷ୍ଟକର ହୁଏ । ଓଃ, କେତେ ଶୁଦ୍ଧୀକରଣ ଓ ସମ୍ମାର୍ଜନ ଆବଶ୍ୟକ ହୁଏ,— ସେଗୁଡ଼ାକୁ ବାତାବରଣଟି ମଧ୍ୟରୁ ବାହାର କରି ଫୋପାଡ଼ି ଦେବାକୁ ପଡ଼େ । ଏହା ଏପରି ଅଧିକ ପରିମାଣରେ ସେହି **ଭିତରେ** ଯାଇ ରହିଥାଏ ଯେ ସମ୍ପୂର୍ଣ୍ଣ ସ୍ୱତଃସ୍ଫୂର୍ତ୍ତ ଭାବରେ ତୁମକୁ ଅଧିକାର କରିବାକୁ ଆସି ପହଞ୍ଚିଯାଏ । ଏହି କଥାଟିକୁହିଁ ଏହି କ୍ଷେତ୍ରରେ ବୃହତ୍ ପ୍ରତିବନ୍ଧକଟି ବୋଲି ଜାଣି ରଖିବାକୁ ହେବ;— ପତନ ଘଟିବା ଯେ ଅନିବାର୍ଯ୍ୟ, ସେହି ପ୍ରକାରର ଯାବତୀୟ ଅନୁଭୂତିକୁହିଁ ବଡ଼ ବାଧା ବୋଲି ଜାଣି ରଖିବାକୁ ହେବ ।

ଏହା ଅତ୍ୟନ୍ତ ସ୍ୱାଭାବିକ କଥା ଯେ, ମାନସିକ ଦୃଷ୍ଟିକୋଣରୁ ବିଚାର କରି କହିଲେ, ଏହି ସମଗ୍ର ପୃଥ୍ୱୀପରିବେଶଟି ଠିକ୍ ସେହିପରି ହୋଇ ରହିଛି, ମାତ୍ର ମାନସିକ ଭୂମିରେ ତାହାର ଆଦୌ ସେପରି କୌଣସି ମହତ୍ତ୍ୱ ନାହିଁ : ଆଲୋକର ଗୋଟିଏ ମାତ୍ର ରେଖା ଆସି ପତିତ ହେବା ମାତ୍ରକେ ତାହା କୁଆଡ଼େ ଅନ୍ତର୍ହିତ ହୋଇ ଚାଲିଯାଏ । ମାତ୍ର ସେଇଟି ସେହି **ଭିତରେ** ରହିଛି (*ମାଆ ଆପଣାର ଶରୀରକୁ ନିର୍ଦ୍ଦେଶ କରି ଦେଖାଇଲେ*), ଏହି ଅଭ୍ୟାସଟିକୁ,— ଏହି ଅତ୍ୟନ୍ତ ଅନିଷ୍ଟକାରୀ ବିଶ୍ୱାସଟିକୁ — ପ୍ରଭାବହୀନ କରି ପାରିବାହିଁ ଭାରି କଷ୍ଟସାଧ୍ୟ ହୋଇ ପଡୁଛି । ମାତ୍ର, ଅନ୍ୟଟି ଆସି ଆପଣାକୁ ପ୍ରସ୍ଥାପିତ କରି ରଖୁ,— ଏହି କଥାଟିକୁ ସମ୍ଭବ କରିବାକୁ ହେଲେ ତାହା ଏକାନ୍ତ **ଅପରିହାର୍ଯ୍ୟ** ।

ତେଣୁ ସେଥିଲାଗି ପ୍ରତ୍ୟେକ ମୁହୂର୍ତ୍ତରେ,— ଅନୁକ୍ଷଣ — ସଂଗ୍ରାମ କରିବାକୁ ହୋଇଥାଏ, ସେଥିଲାଗି ସବୁକ୍ଷଣ ସଂଗ୍ରାମ କରିବାକୁ ପଡ଼େ ।

ଏବଂ, ଏକଥାଟିକୁ ମଧ୍ୟ ତୁମେ ଅବଶ୍ୟ ଜାଣିଛ ଯେ, ଏହି ସତ୍ତାଟି,— ଶରୀରରୂପୀ ଏହି ସତ୍ତାଟି ଆଦୌ ଏକ ଅଲଗା ସତ୍ତା ପରି ହୋଇ ରହି ନାହିଁ; ଏଇଟି ଅଳ୍ପବହୁତ ଭାବରେ ଏକ ବହୁସଂଖ୍ୟାବିଶିଷ୍ଟ ଏକକ ହୋଇ ରହିଛି ଏବଂ ତାହାର ବିଭିନ୍ନ ଅଙ୍ଗର ନୈକଟ୍ୟ ଭିନ୍ନ ଭିନ୍ନ ମାତ୍ରାରେ ରହିଛି । ମାତ୍ର ତଥାପି ଏଗୁଡ଼ିକ ବେଶ୍ ନିକଟରେ ଅଛନ୍ତି, ସେହି ସବୁଗୁଡ଼ିକ ଏଠାରେ ଅଛନ୍ତି ଏବଂ ସମସ୍ୟାଟି ମଧ୍ୟ ସେହି ଗୋଟିଏ ହୋଇ ରହିଛି — ସମସ୍ୟା ସେହି ଗୋଟିଏ ହୋଇ ରହିଛି । କାରଣ, ଏହି ଶରୀରର ଚେତନା କ୍ଷେତ୍ରରେ ଯାହାକିଛି ଉପଲବ୍ଧ ହୋଇ ପାରୁଛି, ତାହା ଅନ୍ୟଗୁଡ଼ିକର ଚେତନାରେ ଆଦୌ ଉପଲବ୍ଧ ହେଉ ନାହିଁ । ତଦ୍ୱାରା ଶ୍ରମର ପରିମାଣ ଆହୁରି ବଢ଼ିଯାଉଛି ।

ତେଣୁ କୁହାଯାଇ ପାରିବ ଯେ, ମାନସିକ ଓ ଏପରିକି ପ୍ରାଣିକ ସଂକ୍ରମଣର ସମସ୍ୟାଟି ଲାଗି ଏକ ସମାଧାନ ମିଳି ଯାଉଛି, ମାତ୍ର ଶରୀରସ୍ତରର ସଂକ୍ରମଣଟି ତଥାପି ଅସମାହିତ ହୋଇ ରହିଯାଉଛି ।

ଏବଂ, ଶାରୀରିକ ସ୍ତରର ଏହି ଚେତନାରେ, ଭୌତିକ ମନଟି ପ୍ରକୃତରେ ଏହି

କ୍ଷେତ୍ରରେ (ମାଆ ଏଠାରେ ତାଙ୍କ ନିଜ ଭିତରେ ସେପରି ହେଉଛି ବୋଲି କହିବାକୁ ଚାହୁଁଛନ୍ତି) ଅତ୍ୟନ୍ତ ଚମତ୍କାର ଭାବରେ ଅନୁସ୍ପନ୍ଦନ ଜଣାଇ ପାରିଛି, ମାତ୍ର ବାହାରୁ ଯାହାକିଛି ସଂକ୍ରମଣ ଆସି ପହଞ୍ଚୁଛି, ପ୍ରତ୍ୟେକ, ପ୍ରତ୍ୟେକ ମୁହୂର୍ତ୍ତରେ ପ୍ରାୟ ଅବିରାମ ଭାବରେ ଏହି ଯେଉଁ ସଂକ୍ରମଣ ହେଉଛି, ତାହା ସ୍ୱତଃସ୍ଫୂର୍ତ୍ତ ଭାବରେ ଆପଣାକୁ ସେଇଟି ବିରୋଧରେ ପ୍ରତିଷ୍ଠିତ କରି ପାରିବାର ସାମର୍ଥ୍ୟ ଆଦୌ ଅର୍ଜନ କରି ନାହିଁ ।

(*ମାଆ ଅନେକ କାଳ ନୀରବ ରହିଲେ*)

ଯେତେବେଳେ ହଠାତ୍ ପରମ ସଂସ୍ପର୍ଶଟି ସଚେତନ ହୋଇ ଯାଉଛି ଓ ଏକ ତାଦାତ୍ମ୍ୟବୋଧ ସମ୍ଭବ ହୋଇ ପାରୁଛି,– ମୁଁ ଯେପରି କହିଲି, ମାତ୍ର କେତୋଟି ମୁହୂର୍ତ୍ତ ସକାଶେ ତାହା ହେଉଛି,– ମାତ୍ର ଯେତେବେଳେ ସେକଥା ପ୍ରକୃତରେ ସମ୍ଭବ ହେଉଛି, ସେତେବେଳେ ସମଗ୍ର କୋଷଗୁଡ଼ିକର କ୍ଷେତ୍ରରେ ଏକ ସ୍ତବଗାନ ଆରମ୍ଭ ହୋଇ ଯାଉଛି । ସେହି ସ୍ତବରେ ''ହଁ, ହଁ, ଏହା ପ୍ରକୃତରେ ସତ୍ୟ ! ପ୍ରକୃତରେ ସତ୍ୟ...'' ବୋଲି ଉଚ୍ଚାରିତ ହେବାକୁ ଲାଗୁଛି ।

ଏହି ମୁହୂର୍ତ୍ତଟି ଦିନକୁ ହୁଏତ ଶହେ ଥର ଆସୁଛି, ମାତ୍ର ମୋଟେ ସ୍ଥାୟୀ ହୋଇ ରହୁ ନାହିଁ ।

## ୨୬ ଅଗଷ୍ଟ ୧୯୬୭

ଜଣେ ଶିଷ୍ୟ ପଚାରିଥିବା ଗୋଟିଏ ପ୍ରଶ୍ନ ଉପରେ ନିଜର ମନ୍ତବ୍ୟ ଦେଇ ମାଆ ଆରମ୍ଭ କଲେ ।

> *''ମାଆ, ସମସ୍ତେ କହନ୍ତି ଯେ, ଯାହା ଭଲ ଓ ଯାହା ସତ୍ୟ, ସର୍ବଦା ତାହାରିହିଁ ବିଜୟ ହୋଇଥାଏ । ମାତ୍ର ଆମେ ଦେଖିବାକୁ ପାଉଛୁ ଯେ ବାସ୍ତବ ଜୀବନରେ ଅଧିକାଂଶ ସମୟରେ ଏହାର ଠିକ୍ ବିପରୀତହିଁ ଘଟିଥାଏ । ଯେଉଁମାନେ ଦୁଷ୍ଟ, ସେହିମାନେହିଁ ଜୟଲାଭ କରନ୍ତି ଏବଂ ସବୁପ୍ରକାର ଦୁଃଖ-ଭୋଗରୁ ସତେଅବା ସେମାନେ ସୁରକ୍ଷିତ ହୋଇ ରହିଥିବା ପରି ମନେ ହୋଇଥାଏ ।''*

(*ମାଆ ପ୍ରଥମେ ହସିଲେ, ତା'ପରେ ନୀରବ ରହିଲେ*) ଲୋକମାନେ ସର୍ବଦା ଦୁଇଟା କଥାକୁ ଗୋଳମାଳିଆ କରି ମିଶାଇ ଦେଇଥାନ୍ତି । ବିଶ୍ୱଗତ ଏବଂ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଦେଖିଲେ, ଲୋକମାନେ ''ଭଲ'' କହିଲେ ସାଧାରଣତଃ ଯାହା ବୁଝନ୍ତି, ମୋଟେ ତାହା ନୁହେଁ, ମାତ୍ର ଯାହା ମର୍ମତଃ ସତ୍ୟ, ସେହି ପରମସତ୍ୟହିଁ ସବୁକିଛିର ଚୂଡ଼ାନ୍ତ ନିଷ୍ପତ୍ତି କରିଥାଏ । ସେଥିରେ ଆଦୌ କୌଣସି ସନ୍ଦେହ ନାହିଁ । ଅର୍ଥାତ୍, ସର୍ବଶେଷରେ ସେହି ପରମ ଦିବ୍ୟସତ୍ତାଙ୍କରହିଁ ବିଜୟ ହେବ । ଏହି କ୍ଷେତ୍ରରେ ତାହାହିଁ କୁହାଯାଇଛି, ଏକ ଆଧ୍ୟାତ୍ମିକ ଜୀବନ ଯାପନ କରିଥିବା ସମସ୍ତେ ସେହି କଥା କହିଛନ୍ତି,— ଏହା ହେଉଛି ଏକ ଅକାଟ୍ୟ ସତ୍ୟ କଥା । ମାତ୍ର ଏହି କଥାଟିକୁ ନିଜ ଅର୍ଥରେ ବୁଝିବାକୁ ଯାଇ ଲୋକମାନେ ହୁଏତ କହିବାକୁ ଯାଆନ୍ତି, ''ମୁଁ ତ ଜଣେ ଭଲ ମଣିଷ; ମୁଁ ଯାହା ସତ୍ୟ ବୋଲି ଭାବୁଛି, ଠିକ୍ ସେହି ଅନୁସାରେ ଜୀବନ ଯାପନ କରୁଛି, ତେଣୁ ସକଳ ଜୀବନ ମୋ' ଲାଗି କେବଳ ହିତରହିଁ ବିଧାନ କରିବ ।'' (*ମାଆ ହସିଲେ*) ପ୍ରଥମ କଥା ହେଉଛି, ଜଣେ ବ୍ୟକ୍ତି ନିଜ ବିଷୟରେ ଯେଉଁ ମତ ଦେଇଥାଏ, ସେଥିରେ ସର୍ବଦା ଅନେକ ସଂଶୟ ମିଶ୍ରିତ ହୋଇ ରହିଥାଏ । ଏବଂ, ଆଉ ଗୋଟିଏ କଥା ହେଉଛି, ବର୍ତ୍ତମାନ ପୃଥିବୀ ଯେଉଁ ଭଳି ଏକ ସ୍ଥିତିରେ ରହିଛି, ସେଥିରେ ସବୁକିଛି ଭାରି ମିଶ୍ରିତ ହୋଇ ରହିଛି; ଅର୍ଦ୍ଧ-ଅନ୍ଧ ମନୁଷ୍ୟ-ଚେତନା ଲାଗି ସତ୍ୟର ପରମବିଧାନଟି ଅପରୋକ୍ଷ ଭାବରେ ମୋଟେ ପ୍ରକାଶିତ ହେଉ ନାହିଁ,— ପ୍ରକାଶିତ ହେଉଥିଲେ ମଧ୍ୟ ତାହା ସେଇଟିକୁ କଦାପି ହୃଦୟଙ୍ଗମ କରିପାରୁ ନ ଥାନ୍ତା । ଆହୁରି ଅଧିକ ନିର୍ଦ୍ଦିଷ୍ଟ ଭାବରେ କହିଲେ, ମୁଁ କହିବାକୁ ଚାହୁଁଛି ଯେ, ସେହି ସର୍ବୋଚ୍ଚ ଚକ୍ଷୁ ଆପଣାକୁ ସତତ ଉପଲବ୍ଧି କରିବାରେ ଲାଗିଛି, ମାତ୍ର ନାନା

ମିଶ୍ରଣ ମଧ୍ୟରେ ରହିଥିବା ଏହି ଜଡ଼ ଜଗତରେ ତାହାର ଏହି ଉପଲବ୍ଧିଟି ଅଜ୍ଞାନାଚ୍ଛନ୍ନ ମନୁଷ୍ୟ ଚକ୍ଷୁ ଲାଗି ଶୁଭ ଓ ଭଲର ବିଜୟ ବୋଲି ଆଦୌ ପ୍ରତୀତ ହେଉ ନାହିଁ; ମନୁଷ୍ୟମାନେ ଯାହାକୁ ଶୁଭ ବୋଲି କହନ୍ତି, ତାହାର ବିଜୟ ବୋଲି ଆଦୌ ପ୍ରତୀତ ହେଉ ନାହିଁ । ମାତ୍ର (କଥାଟିକୁ କିଞ୍ଚିତ୍ କୌତୁକମୟ କରି କହିଲେ) ଏଥିରେ ପରମ ପ୍ରଭୁଙ୍କର ଆଦୌ କୌଣସି ଭୁଲ୍ ନାହିଁ,– ଏହାକୁ କେବଳ ମନୁଷ୍ୟମାନଙ୍କର ଭୁଲ୍ ବୋଲିହିଁ କୁହାଯିବ ! ଅର୍ଥାତ୍, ପରମପ୍ରଭୁ ଯାହାକିଛି କରୁଛନ୍ତି, ସେ କଥା ସିଏ ଅବଶ୍ୟ ଜାଣିଛନ୍ତି; ଏବଂ ମନୁଷ୍ୟମାନେ ତାହାକୁ ଆଦୌ ବୁଝି ପାରୁ ନାହାନ୍ତି ।

*ବର୍ତ୍ତମାନ ସବୁକିଛି ଯେପରି ରହିଛି, ସତ୍ୟର ପ୍ରତିଷ୍ଠା ହୋଇଥିବା ଏକ ଜଗତରେ ସେସବୁ ସମ୍ଭବତଃ ଠିକ୍ ସେହିପରି ରହିବ, ମାତ୍ର ସେଗୁଡ଼ିକ କେବଳ ଏକ ଭିନ୍ନ ଭାବରେହିଁ ଦୃଷ୍ଟିଗୋଚର ହେବେ ।*

ତୁମର ଉଭୟ କଥାହିଁ ଠିକ୍ । ଏକ ଭିନ୍ନତା ଅବଶ୍ୟ ରହିବ । ସଂସାରରେ ଯେଉଁ ଅଜ୍ଞାନତା ଓ ଅସ୍ୱଷ୍ଟତା ରହିଛି, ତାହାରି କାରଣରୁହିଁ ଦିବ୍ୟ ପରମସତ୍ତାଙ୍କର କାର୍ଯ୍ୟଗୁଡ଼ିକ ଦେଖିଲା ବେଳକୁ ଭାରି ବିକୃତ ହୋଇ ଦେଖାଯାଉଛି । ଏହା ଅତ୍ୟନ୍ତ ସ୍ୱାଭାବିକ ଯେ, ସେହି ବିକୃତି କ୍ରମଶଃ ଅନ୍ତର୍ହିତ ହୋଇ ଯାଉଥିବ । ମାତ୍ର, ଏକଥା ମଧ୍ୟ ସତ ଯେ, ବସ୍ତୁଗୁଡ଼ିକ ଉପରେ ଦୃଷ୍ଟିପାତ କରିବାର ଏପରି ଗୋଟିଏ ପ୍ରଣାଳୀ ବି ରହିଛି, ଯାହା କି,... ଏପରି ହୁଏତ କୁହାଯାଇ ପାରିବ,– ସେଗୁଡ଼ିକର ପ୍ରତୀତିକୁ ଏକ ଭିନ୍ନ ବ୍ୟଞ୍ଜନା ଆଣି ବି ଦେଇଯିବ । ତେଣୁ ଉଭୟ କଥାହିଁ ଠିକ୍ – ଏହିପରି ଭାବରେ (*ଦୁଇଟିଯାକ ପରସ୍ପର ସହିତ ମିଶ୍ରିତ ହୋଇ ରହିଥିବାର ମାଆ ଇଙ୍ଗିତ କଲେ*) ।

(*ମାଆ ନୀରବ ରହିଲେ*)

ଆମେ ବାରବାର ଏହି ସିଦ୍ଧାନ୍ତରେ ଆସି ପହଞ୍ଚିବା ଯେ, ମନୁଷ୍ୟର ବିଚାର ଓ ନିର୍ଣ୍ଣୟରେହିଁ ଭୁଲ୍ ରହିଛି,– ଏହି ଭୁଲ୍ ରହିଛି, କାରଣ ସିଏ ବସ୍ତୁଗୁଡ଼ିକୁ ଭୁଲ୍ ଭାବରେ ଦେଖୁଛି, ଅପୂର୍ଣ୍ଣ ଭାବରେ ଦେଖୁଛି; ଏବଂ ତେଣୁ କାର୍ଯ୍ୟତଃ ତାହାର ଏହି ନିର୍ଣ୍ଣୟଟିର ବି ପରିଣାମଗୁଡ଼ିକ ଭୁଲ୍ ହେଉଛି ।

ଜଗତ ସତତ ପରିବର୍ତ୍ତିତ ହେବାରେ ଲାଗିଛି, ଏହା ସତତ ପରିବର୍ତ୍ତିତ ହେଉଛି । ଗୋଟିଏ ମୁହୂର୍ତ୍ତ ପାଇଁ ମଧ୍ୟ ତାହା ସେହି ଗୋଟିଏ ପ୍ରକାରର ହୋଇ ରହୁ ନାହିଁ; ଏବଂ ତାହାର ସାଧାରଣ ସମଞ୍ଜସତାଟି ମଧ୍ୟ କ୍ରମଶଃ ଅଧିକରୁ ଅଧିକ ପରିପୂର୍ଣ୍ଣ ଭାବରେ

ଅଭିବ୍ୟକ୍ତ ହେବାରେ ଲାଗିଛି । ତେଣୁ, ଏପରି କୌଣସି ବସ୍ତୁ ନାହିଁ ଯାହାକି ଠିକ୍ ଯେମିତି ଅଛି, ସେହିପରି ହୋଇ ରହି ପାରୁଛି; ଏବଂ, ବାହାରକୁ ଏହାର ଠିକ୍ ଓଲଟା ପରି ପ୍ରତୀତ ହେଉଥିଲେ ମଧ୍ୟ, **ସମଗ୍ର** ଦୃଶ୍ୟଟି ସତତ ସର୍ବଦା ଅଗ୍ରଗତି କରିବାରେ ଲାଗିଛି । ସମଞ୍ଜସତାଟି ଅଧିକରୁ ଅଧିକ ସମଞ୍ଜସତା ଅର୍ଜନ କରୁଛି, ପରମ ଅଭିବ୍ୟକ୍ତିର କ୍ଷେତ୍ରରେ ସତ୍ୟ ମଧ୍ୟ ଅଧିକ ସତ୍ୟମୟ ହେବାରେ ଲାଗିଛି । ମାତ୍ର, ସେହି କଥାଟିକୁ ପ୍ରତ୍ୟକ୍ଷ କରିବାକୁ ହେଲେ ଆମକୁ ସମଗ୍ରଭାବେ ଦେଖି ପାରିବାକୁ ହେବ; ମାତ୍ର ମନୁଷ୍ୟ ତ କେବଳ... ସିଏ ମନୁଷ୍ୟର ଜଗତଟିକୁହିଁ ଦେଖୁ ନାହିଁ, କେବଳ ତା'ର ବ୍ୟକ୍ତିଗତ ଜଗତଟିକୁହିଁ ସିଏ ଦେଖୁଛି । ସିଏ କେବଳ ସେହି ଅତ୍ୟନ୍ତ, ଅତ୍ୟନ୍ତ କ୍ଷୁଦ୍ର ଏଡ଼େ ବକଟେ ଜଗତଟାକୁ ଦେଖୁଛି । ସିଏ କିଛି ବୁଝି ପାରୁ ନାହିଁ ।

ଦୁଇଟିଯାକ କଥା ଏକାଠି ଆପଣାକୁ ପରିପୂର୍ଣ୍ଣ କରିବାରେ ଲାଗିଛି (*ମାଆ ଆଗ ପରି ଦୁଇଟିଯାକ ଏକତ୍ର ପରସ୍ପର ସହିତ ମିଶ୍ରିତ ହୋଇ ରହିଥିବାର ଇଙ୍ଗିତ କଲେ*) । ଏବଂ, ଏକ ପାରସ୍ପରିକ କ୍ରିୟା ଦ୍ୱାରା ତାହା ଆପଣାକୁ ପରିପୂର୍ଣ୍ଣ କରିବାରେ ଲାଗିଛି : ପରମ ଅଭିବ୍ୟକ୍ତି ଆପଣା ବିଷୟରେ ଅଧିକରୁ ଅଧିକ ସଚେତନ ହେଉଥିବା ସଙ୍ଗେ ସଙ୍ଗେ ତାହାର ଅଭିବ୍ୟକ୍ତି ମଧ୍ୟ ଅଧିକ ପୂର୍ଣ୍ଣତା ଲାଭ କରୁଛି ଓ ଅଧିକ ସତ୍ୟଯୁକ୍ତ ହୋଇ ପାରୁଛି । ଦୁଇଟିଯାକ ଗତିଶୀଳତା ଯୁଗପତ୍ ଭାବରେ ଚାଲିଛି ।

(*ମାଆ ନୀରବ ରହିଲେ*)

ଏହିପରି ଗୋଟିଏ ବସ୍ତୁହିଁ ସେଦିନ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଦୃଷ୍ଟିଗୋଚର ହୋଇଥିଲା, ପରମଜ୍ଞାନର ଏହି ସଚେତନତା ସମ୍ଭବ ହେବା ପରେହିଁ ସ୍ପଷ୍ଟ ଭାବରେ ଦୃଷ୍ଟିଗୋଚର ହୋଇଥିଲା । ଯେତେବେଳେ ପରମ ଅଭିବ୍ୟକ୍ତି ଏହି ପରିବ୍ୟାପ୍ତ ନିଶ୍ଚେତନା ମଧ୍ୟରୁ ଯଥେଷ୍ଟ ପରିମାଣରେ ବାହାରି ଆସି ପାରିଥିବ, ସେତେବେଳେ ବର୍ତ୍ତମାନ ନିଶ୍ଚେତନାର ଉପସ୍ଥିତି ଦ୍ୱାରା ସଂଘଟିତ ହେଉଥିବା ସଂଘର୍ଷର ଅନିବାର୍ଯ୍ୟତା ମଧ୍ୟ କ୍ରମୋତ୍ତର ଭାବରେ ଅଧିକରୁ ଅଧିକ ଅନାବଶ୍ୟକ ହୋଇ ପଡ଼ିବ । ତା'ପରେ ତାହା କ୍ରମଶଃ ଅତ୍ୟନ୍ତ ସ୍ୱାଭାବିକ ଭାବରେ ଅନ୍ତର୍ହିତ ହୋଇଯିବ, ଏବଂ, ଚେଷ୍ଟା ଓ ସଂଘର୍ଷ ଦ୍ୱାରା ନ ହୋଇ ସେତେବେଳେ ଏକ ସୁସମଞ୍ଜସ ଧାରାରେ ଅଗ୍ରଗତି ମଧ୍ୟ ସମ୍ଭବ ହୋଇପାରିବ । ମନୁଷ୍ୟର ଚେତନା ଆଜି ତାହାକୁହିଁ ପୃଥିବୀ ଉପରେ ଏକ ଦିବ୍ୟ ସୃଷ୍ଟି ବୋଲି କଳ୍ପନା କରୁଛି । ତଥାପି, ତାହାକୁ କେବଳ ଗୋଟିଏ ମାତ୍ର ପଦକ୍ଷେପ ବୋଲି କୁହାଯିବ । ମାତ୍ର, ବର୍ତ୍ତମାନର ଏହି ପଦକ୍ଷେପଟି ବିଷୟରେ ଏତିକି ଅବଶ୍ୟ କୁହାଯିବ ଯେ, ଏହା ଗୋଟିଏ ପ୍ରକାରର ସମଞ୍ଜସତାଯୁକ୍ତ ଉପଲବ୍ଧି ହୋଇ ରହିବ, ଯାହାକି ଏହି ବିଶ୍ୱସ୍ତରୀୟ (*ଅବିରାମ*) ପ୍ରଗତିକୁ

ତାହାର ଏହି ସଂଘର୍ଷ ଓ କଷ୍ଟପୂର୍ଣ୍ଣତାର ସ୍ତରରୁ ଆନନ୍ଦ ଏବଂ ସମଞ୍ଜସତାର ଏକ ସ୍ତରକୁ ପରିବର୍ତ୍ତିତ କରିଦେବ।... ମାତ୍ର, ଆମେ ଏହି କଥାଟିକୁ ଅବଶ୍ୟ ଜାଣିଲୁ ଯେ, ଅଯଥେଷ୍ଟତା, ଅପୂର୍ଣ୍ଣତା ଓ ଦୋଷଯୁକ୍ତତାର ଏହି ଅନୁଭୂତିଟି ଯେ ଏକ ଦୀର୍ଘ କାଳ ଲାଗି ବଳବତ୍ତର ରହିବ, ସେଥିରେ ମୋଟେ କୌଣସି ସନ୍ଦେହ ନାହିଁ। ସମୟ ବିଷୟରେ ବର୍ତ୍ତମାନ ଯେଉଁ ଧାରଣା ରହିଛି, ତାହା ଯଦି ସେହିପରି ରହେ,— ପ୍ରକୃତରେ କ'ଣ ହେବ କେଜାଣି ?— ତେବେ ଠିକ୍ ସେହିପରିହିଁ ହେବ। ମାତ୍ର ଯାବତୀୟ ପରିବର୍ତ୍ତନରେ ସମୟର ମଧ୍ୟ ଏକ ଦିଗ ରହିଛି, ନୁହେଁ ? ଆମେ ସମୟକୁ ବର୍ତ୍ତମାନ ଯେପରି ଭାବରେ ପ୍ରତ୍ୟକ୍ଷ କରୁଛୁ, ସେତେବେଳେ ତାହା ସେପରି କୌଣସି ପ୍ରକାରର ହୋଇ ହୁଏତ ପ୍ରକଟ ହେବ ନାହିଁ, ମାତ୍ର ଏଥିରେ ଯେ ଏକ ପୂର୍ବାପରତା ରହିବ, ତାହା ଅବଶ୍ୟ ସୂଚିତ ହୋଇ ଯାଉଛି।

ଏହିସବୁ ତଥାକଥିତ ଯାବତୀୟ ସମସ୍ୟା,— ଏହି ଯେତେସବୁ ପ୍ରଶ୍ନ ଓ ସମସ୍ୟା ମନଃକ୍ଷେତ୍ରରୁ ଉଦ୍ଭିତ ହୋଇ ଆମ ପାଖକୁ ଆସିଥାଏ (ସେହି ପରମ ଅଜ୍ଞାନସ୍ତରର ସମସ୍ତ ସମସ୍ୟା, ନୁହେଁ କି ?),— କାଦୁଅ ଭିତରେ ଲଟପଟ ହେଉଥିବା ଜିଆର ସମସ୍ୟା। ଯେଉଁ ମୁହୂର୍ତ୍ତରେ ଆମେ ନିଜକୁ ସେହି ଅନ୍ୟ ସ୍ତରକୁ ଜାଗ୍ରତ କରି ନେଇଯାଉ, ସେତେବେଳେ ଏଭଳି ସମସ୍ୟାମାନ ଆଉ ଏତେ ଟିକିଏ ବି ରହେ ନାହିଁ। ଏହି କ୍ଷେତ୍ରରେ ଆଉ କୌଣସି ବିରୋଧହିଁ ରହେ ନାହିଁ। ଯେତେବେଳେ ଆମର ଦୃଷ୍ଟି ଯଥେଷ୍ଟ ହୋଇ ନ ଥାଏ ଓ କୌଣସି ବସ୍ତୁକୁ ଏକାବେଳେକେ ତା'ର ଯାବତୀୟ ଦୃଷ୍ଟିକୋଣରୁ ବିଚାର କରିବା ଲାଗି ଆମେ ସମର୍ଥ ହୋଇ ନ ଥାଉ, କେବଳ ସେହି ସମୟରେହିଁ ଏହିସବୁ ବିରୋଧ ଆସି ଉପସ୍ଥିତ ହୋଇଥାଏ।

ମାତ୍ର, ସେକଥା ଯାହା ହେଉ ପଛକେ, ଏହି ସମସ୍ୟାଟିକୁ ବାସ୍ତବ କ୍ଷେତ୍ରର ଦୃଷ୍ଟିକୋଣରୁ ବିଚାର କରି କିଛି କହିବାକୁ ଗଲେ, ମୁଁ ଭାବୁଛି, କୌଣସି ମନୀଷୀ କେବେହେଲେ, ''ତୁମେ ନିଜେ ଭଲ ହୋଇଯାଅ ଏବଂ ତେବେ ବାହାର ସଂସାରରେ ତୁମର ସବୁ କିଛି ଭଲ ହୋଇଯିବ'' ବୋଲି କଦାପି କହି ନାହାନ୍ତି। କାରଣ ଏପରି କହିବା ହେଉଛି କେବଳ ଏକ ନିର୍ବୋଧତା। ବିଶୃଙ୍ଖଳା ଓ ମିଥ୍ୟାରେ ଭରି ରହିଥିବା ଏକ ସଂସାରରେ ସେପରି କିଛି ଆଶା କରିବା ମଧ୍ୟ ମୋଟେ ଯୁକ୍ତିସଙ୍ଗତ ହେବ ନାହିଁ। ମାତ୍ର, ଯଦି ତୁମ ଭିତରେ ଯଥେଷ୍ଟ ପରିମାଣରେ ନିଷ୍ଠା ରହିଥିବ, ଆପଣାର ସତ୍ତାଗତ କ୍ଷେତ୍ରରେ ଯଦି ତୁମେ ସମ୍ପୂର୍ଣ୍ଣ ଓ ସମଗ୍ର ଭାବରେ ଜୀବନ ବଞ୍ଚି ପାରୁଥିବ, ତେବେ ତୁମେ ଆପଣା ଭିତରେ ଅବଶ୍ୟ ଏକ ଆନନ୍ଦର ଅନୁଭବ ଲାଭ କରିପାରିବ, ଯେକୌଣସି ପରିସ୍ଥିତିରେ ମଧ୍ୟ ପୂର୍ଣ୍ଣ ସନ୍ତୋଷ ଲାଭ କରିପାରିବ, ଏବଂ ସେଥିରେ କୌଣସି ଆଞ୍ଚ ଆଣିବା ଲାଗି କୌଣସି ବ୍ୟକ୍ତିର ଅଥବା କୌଣସି ବସ୍ତୁର ଆଦୌ କୌଣସି ଶକ୍ତି ନ ଥିବ।

## ୩୦ ଅଗଷ୍ଟ ୧୯୬୭

ବିଗତ ଅନେକ ରାତି ଧରି ମୁଁ ଘଣ୍ଟାଘଣ୍ଟା ବ୍ୟାପୀ ପ୍ରାୟ ସମ୍ପୂର୍ଣ୍ଣ ରାତ୍ରି ସମୟଟି ଏପରି ଗୋଟିଏ ସ୍ଥାନରେ ଅତିବାହିତ କରି ଆସୁଛି, ଯାହାକୁକି ସୂକ୍ଷ୍ମ ଭୌତିକ ଭୂମିର ଏକ ସ୍ଥାନ ବୋଲି ନିଶ୍ଚିତ ଭାବରେ କୁହାଯାଇ ପାରିବ । ସେହି ଭୂମିରେହିଁ ଭୌତିକ ଜୀବନର ଯାବତୀୟ ପୁନର୍ସଂଗଠନ ସଂଘଟିତ ହୋଇଥାଏ । ସେଠି କେତେ ନା କେତେ ବ୍ୟକ୍ତିଙ୍କର ଭିଡ଼ ଲାଗିଥାଏ । ସେଥିରେ ଅଗଣିତ ମଣିଷ ରହିଥିଲେ ମଧ୍ୟ ପ୍ରତ୍ୟେକ ବ୍ୟକ୍ତିଙ୍କର ଏକ ସ୍ୱତନ୍ତ୍ର ବ୍ୟକ୍ତିତ୍ୱ ରହିଥାଏ । ଅର୍ଥାତ୍, ମୋତେ ଅଲଗା ଅଲଗା ପ୍ରତ୍ୟେକଙ୍କର ସମ୍ମୁଖୀନ ହେବାକୁ ପଡ଼େ । ଏବଂ — ଏହାକୁ ଏପରି ଏକ ସ୍ଥିତି ସହିତ ତୁଳନା କରିହେବ, ଯେଉଁଠି କି ଆବଶ୍ୟକ କାଗଜପତ୍ର ରହିଥାଏ, ଲେଖିବାର ଟେବୁଲ୍‌ଗୁଡ଼ାକ ବି ପଡ଼ିଥାଏ,— ମାତ୍ର ଚାରିପାଖରେ କୌଣସି କାନ୍ଥ ନ ଥାଏ । ସ୍ଥାନଟିକୁ ପ୍ରକୃତରେ ବିଚିତ୍ର ବୋଲି କୁହାଯିବ, ଭାରି ବିଚିତ୍ର ବୋଲି କୁହାଯିବ ।

ଭୌତିକ ଆକୃତିଗୁଡ଼ିକୁ ସ୍ମରଣ କରିବା ହେତୁ ମୁଁ ଏହି ସଂସାରଟିକୁ ସେପରି ଭାବରେ ଦେଖୁଥିଲି ଅଥବା ସେହି ପୃଥିବୀଟି ପ୍ରକୃତରେ ସେହିପରି ହୋଇ ରହିଛି, ମୁଁ ଅନେକ ଥର ମନେ ମନେ ଆପଣାକୁ ଏହି ପ୍ରଶ୍ନଟିକୁ ପଚାରିଥିଲି । ବେଳେବେଳେ ଏହି କ୍ଷେତ୍ରରେ ଆଦୌ କୌଣସି ସନ୍ଦେହ ନ ଥାଏ, କାରଣ ସେତେବେଳେ ତାହାର ଏକ ସ୍ୱକୀୟ ସ୍ୱଭାବ ରହିଥାଏ; ମାତ୍ର ଆଉ ବେଳେବେଳେ ଏକ ସଂଶୟ ଆସି ଉପସ୍ଥିତ ହୁଏ, ଏବଂ କଥାଟି ପ୍ରକୃତରେ ମୋର କ୍ରିୟାଶୀଳ ହୋଇ ରହିଥିବା ସ୍ମରଣଟି ଭିତରେ ରହିଥିବାରୁହିଁ ସେପରି ଘଟୁଛି କି ?— ଏହି କଥାଟିକୁ ମୁଁ ନିଜକୁ ପଚାରିବାକୁ ମନ କରେ । କାରଣ, ସେତେବେଳେ ମୁଁ ଭାରି ସଚେତନ ହୋଇ ରହିଥାଏ ଏବଂ ସବୁ କିଛି ଅତିରିକ୍ତ ଭାବରେ ସ୍ୱାଭାବିକ ଲାଗୁଥାଏ ଏବଂ ବସ୍ତୁତଃ ସେଥିରେ ଏକ ସ୍ଥାୟିତ୍ୱର ଭାବ ମଧ୍ୟ ରହିଥାଏ । ମୁଁ ସେହିସବୁ ବସ୍ତୁକୁ ପୁନର୍ବାର ସେହି ସେହି ସ୍ଥାନରେ ଦେଖିବାକୁ ପାଏ; ବେଳେବେଳେ ସେଥିରେ କିଞ୍ଚିତ୍ ପାର୍ଥକ୍ୟ ପରିଲକ୍ଷିତ ହୁଏ ସତ, ମାତ୍ର ସେହି କ୍ଷେତ୍ରରେ ଲାଗି ରହିଥିବା କ୍ରିୟାଟି ଦ୍ୱାରାହିଁ ପାର୍ଥକ୍ୟଟି ସଂଘଟିତ ହୋଇଥାଏ । ଅର୍ଥାତ୍, ଏହି ଜଗତଟି ମଧ୍ୟରେ ଏକ ସଙ୍ଗତି ସବୁବେଳେ ରହିଥାଏ, ତାହା ବିଶୃଙ୍ଖଳାମୟ କେବଳ ଏକ କଳ୍ପନାର ବସ୍ତୁ ହୋଇ କେବେହେଲେ ରହି ନ ଥାଏ । ମାତ୍ର ଏହି ଆକୃତିଗୁଡ଼ିକ କେତେ ଦୂର ପ୍ରକୃତ ଆକୃତିଗୁଡ଼ିକୁ ପ୍ରତିଫଳିତ କରି ପାରନ୍ତି ? କେତେଦୂର ସେଗୁଡ଼ିକ ସେହିପରି ହୋଇ ରହିଥାନ୍ତି ଅଥବା ସେଗୁଡ଼ିକୁ ଆମେ କେବଳ ସେହିପରି ଆକାରରେ ଦେଖିଥାଉ ? ଏ ବିଷୟରେ ମୁଁ ଏବେ ମଧ୍ୟ ପୂର୍ଣ୍ଣ ଭାବରେ ନିଶ୍ଚିତ ହୋଇ- ପାରି ନାହିଁ । ଅଧିମାନସ ମଧ୍ୟରେ ପ୍ରବେଶ କରି

ଦେବତାମାନଙ୍କୁ ଦେଖିବାକୁ ଯାଉଥିବା ସମୟରେ ମଧ୍ୟ ମୁଁ ଠିକ୍ ଏହି ସମସ୍ୟାଟିର ସମ୍ମୁଖୀନ ହେଉଥିଲି । ସେମାନେ ପ୍ରକୃତରେ ସେହିପରି, ଅଥବା, ଆମର ସ୍ଥୂଳସ୍ତରୀୟ ଅଭ୍ୟାସଗୁଡ଼ିକ ହେତୁହିଁ ଆମେ ସେମାନଙ୍କୁ ସେହିପରି ଭାବରେ ପ୍ରତ୍ୟକ୍ଷ କରିଥାଉ, ସେହି କଥାଟିକୁ ଜାଣିବାରେ ମୁଁ ସର୍ବଦା ଗୋଟାଏ ପ୍ରକାରର କୁଣ୍ଠା ବୋଧ କରୁଥିଲି ।... ସେହି କ୍ଷେତ୍ରରେ ଏକ ଅବଧି ପରେ ମୁଁ ଅବଶ୍ୟ ଏକ ସିଦ୍ଧାନ୍ତରେ ପହଞ୍ଚି ପାରିଥିଲି; ମାତ୍ର, ଏଠି ଏହି ଭୌତିକ ଭୂମିଟିର କ୍ଷେତ୍ରରେ... ?

ଏହା ଏକ ବିଚିତ୍ର ବସ୍ତୁ : କବାଟ ନାହିଁ, ଝରକା ନାହିଁ, ଛାତ ନାହିଁ କି ଚଟାଣ ନାହିଁ; ସବୁକିଛି ସତେଅବା ଛାଏଁ ଛାଏଁ ରହିଛି, ମାଧ୍ୟାକର୍ଷଣର କୌଣସି ନିୟମ ମାନୁଥିଲା ପରି ମନେ ହେଉ ନାହିଁ, ଅର୍ଥାତ୍, ପୃଥିବୀର ଚୁମ୍ବକଶକ୍ତି ଏହି କ୍ଷେତ୍ରରେ କୌଣସି ଆକର୍ଷଣ କରୁ ନାହିଁ; ତଥାପି, ଲେଖିବା ବେଳକୁ (*ମାଆ ହସିଲେ*), ହାତରେ ଗୋଟାଏ କଲମ ଆସି ଜୁଟିଗଲା ପରି ମନେ ହେଉଛି ! ଏବଂ, କାହା ଉପରେ ଲେଖିବାକୁ ମନ କଲାବେଳକୁ ଖଣ୍ଡେ କାଗଜ ଆସି ପଡ଼ିଗଲା ପରି ଲାଗୁଛି । ଏବଂ, ଆବଶ୍ୟକ କାଗଜପତ୍ରଗୁଡ଼ିକର କ୍ଷେତ୍ରରେ ସତେଅବା ସେଗୁଡ଼ିକୁ ଚିହ୍ନି ବାହାର କରିବାର ନିର୍ଣ୍ଣୟସୂଚୀଗୁଡ଼ିକ ମଧ୍ୟ ମହଜୁଦ ହୋଇ ରହିଛି ।... ବସ୍ତୁଟି ଅବିକଳ ସେହି ବସ୍ତୁଟି ବୋଲି ମନେ ହେଉ ନାହିଁ ସତ, ମାତ୍ର ତାହା ବାହାରୁ ପ୍ରାୟ ଏକାପରି ଦେଖାଯାଉଛି । ଏବଂ ମୁଁ ନିଜକୁ ପୁନର୍ବାର ଠିକ୍ ସେହି ପ୍ରଶ୍ନଟିହିଁ ପଚାରୁଛି : ''ଆମର ଏହି ସାଧାରଣ ମସ୍ତିଷ୍କଟିର ଭାବନା ଦ୍ୱାରା ପରିଚାଳିତ ହୋଇ ଆମେ ଆକୃତିଟିକୁ ଏହିପରି ଭାବରେ ଦେଖୁଛୁ, ନା ଏହା ପ୍ରକୃତରେ ଠିକ୍ ସେହିପରି ?''

ସେଠାରେ ପ୍ରାୟ ସମସ୍ତଙ୍କ ସହିତ ମୋ'ର ସାକ୍ଷାତ ହୁଏ । ମୁଁ ଯେପରି କହୁଥିଲି, ତୁମେ ସମସ୍ତେ ସେଠାରେ ଉପସ୍ଥିତ ରହିଥାଅ ଏବଂ ଆମେ ଏକତ୍ର କାର୍ଯ୍ୟ କରୁଥାଉ । ତୁମର ହୁଏତ କିଛି ମନେ ନାହିଁ । ମାତ୍ର ଅନ୍ୟମାନେ ମନେ ରଖିଛନ୍ତି; ମାତ୍ର ସେମାନଙ୍କର ସ୍ମରଣଶକ୍ତି (*ଆଙ୍ଗୁଠି ବଙ୍କା କରି ମାଆ ଅନୁରୂପ ଏକ ଇଙ୍ଗିତ ଦେଲେ*) କିଞ୍ଚିତ୍ ପରିମାଣରେ ଗାର ଉପରୁ ବାହାରକୁ ବାହାରି ଯାଇଛି । ଅର୍ଥାତ୍, ମୁଁ ଯେପରି ଭାବରେ ଦେଖିଥିଲି, ସେମାନେ ଠିକ୍ ସେହିପରି ଭାବରେ ଦେଖି ନ ଥାନ୍ତି । ତେଣୁ, ଯେତେବେଳେ ସେମାନେ ସେହି କଥାଟିକୁ ମୋତେ ବର୍ଣ୍ଣନା କରି କହନ୍ତି, ସେତେବେଳେ ମୋ'ର ପ୍ରାୟ ଏହିପରି ଏକ ଧାରଣା ହୋଇଯାଏ ଯେ, ସେମାନେ ଆପଣା ମସ୍ତିଷ୍କ ଭିତରେ ଅସଲ କଥାଟିର ଏକ ପ୍ରତିଲେଖନ କରି ପକାଇଛନ୍ତି ।... ଏବଂ ଏହି ଭୌତିକ ଜଗତଟିର ପ୍ରକୃତ ବାସ୍ତବତାକୁ ଆମେ ଠିକ୍ ଏହିପରି ଏକ ପୃଷ୍ଠଭୂମି ଉପରେ ବିଚାର କରିବା,— ଅର୍ଥାତ୍, ଯଦି ତୁମେ ସେହି ଗୋଟିଏ ବସ୍ତୁକୁ ଦଶ ଥର ଦେଖୁଛ, ତେବେ ତାହା ଦଶଥର ପାଇଁ

ତୁମକୁ ଠିକ୍ ତାହାରି ପରି ଦିଶୁଛି । ପାର୍ଥକ୍ୟ ରହୁଛି, ମାତ୍ର ପାର୍ଥକ୍ୟ ରହିବା ପଛରେ ଯୁକ୍ତିଯୁକ୍ତ କାରଣ ମଧ୍ୟ ରହିଛି । ଉଦାହରଣ ସ୍ୱରୂପ, ହୁଏତ ଏକ ବ୍ୟବହାରଗତ ପାର୍ଥକ୍ୟ ଆସି ଦେଖାଦେଉଛି; ମାତ୍ର ସେତେବେଳେ ମଧ୍ୟ ତାହା ଠିକ୍ ଏହିପରି ରହିଛି । ଏବଂ, ସାବଧାନତାର ସହିତ ପରୀକ୍ଷା କରି ଦେଖିଲେ ତୁମେ ଜାଣିବାକୁ ପାଇବ ଯେ, ଏହି ଭୌତିକ ସ୍ତରର ଜଗତରେ ମଧ୍ୟ କୌଣସି ଦୁଇଜଣ ବ୍ୟକ୍ତି ଗୋଟିଏ ବସ୍ତୁକୁ କଦାପି ଅବିକଳ ସେହି ଏକାଭଳି ଦେଖୁ ନାହାନ୍ତି । ସେହି କ୍ଷେତ୍ରରେ ସମ୍ଭବତଃ ଅପେକ୍ଷାକୃତ ଅଧିକ ପରିମାଣରେ ଏକ ମହତ୍ତ୍ୱାଧିକ୍ୟ ସଙ୍ଘଟିତ ହେଉଛି ସତ, ମାତ୍ର ତଥାପି ବ୍ୟାପାରଟି ସେହି ଗୋଟିଏ ବ୍ୟାପାର ପରି ମନେ ହେଉଛି ।... ଏହାର ବ୍ୟାଖ୍ୟା ଅତ୍ୟନ୍ତ ସହଜ;— ଚେତନାର ଯେଉଁ ସ୍ତରରେ ଏହି ଭୌତିକ ସତ୍ୟଟିହିଁ ସ୍ୱୟଂ ଏକ ମାୟାରେ ପରିଣତ ହୋଇ ଯାଉଛି, ସେହି ଚେତନାରେ ପ୍ରବେଶ କଲେ ତୁମ ଲାଗି ତାହା ଅତ୍ୟନ୍ତ ସହଜ ହୋଇଯିବ । ଏହା ହେଉଛି କେବଳ ମାୟା,— ଏଥିରେ ଆଦୌ କୌଣସି ଯାଥାର୍ଥ୍ୟ ନାହିଁ : ଅନ୍ତର୍ଗତ ସତ୍ୟଟିରେ ଅଧିକ ଯଥାର୍ଥତା ରହିଛି । ସେହି କ୍ଷେତ୍ରରେ ଏହା ବଡ଼ ସହଜ ହୋଇଯାଉଛି । ସମ୍ଭବତଃ କେବଳ ଆମର ମନଟାହିଁ ଏଥିରେ ଏକ ବିସ୍ମୟ ପ୍ରକାଶ କରୁଛି ।

ଉଦାହରଣ ସ୍ୱରୂପ, ଏଠାରେ ଲେଖିବା ବ୍ୟାପାରଟିର ବିଚାର କରାଯାଉ । ମୁଁ ଏହି ବ୍ୟାପାରଟି ବିଷୟରେ ସବୁକଥା ଟିକିନିଖି ନିରୀକ୍ଷଣ କରି ଦେଖି ନାହିଁ ସତ; ମାତ୍ର ଯେତେବେଳେ କେହି ସେହି କ୍ଷେତ୍ରରେ ରହି କିଛି ଲେଖିବାକୁ ବାହାରେ, ସେତେବେଳେ ସିଏ ଅନେକ ଅଧିକ ସହଜରେ ସବୁକିଛି ଲେଖି ପାରୁଥିଲା ପରି ମନେ ହୁଏ । ଏକଥା କାହିଁକି ହୁଏ, ମୁଁ ସେକଥାକୁ ବୁଝାଇ କହିଦେଇ ପାରିବି ନାହିଁ; କିନ୍ତୁ ସେତେବେଳେ ଅପେକ୍ଷାକୃତ କମ୍ ସମୟରେ ସବୁ ଲେଖି ହୋଇଯାଏ ଏବଂ କାଗଜ ଉପରେ ସବୁ ଲେଖିଦେଇ ହୁଏ । କିନ୍ତୁ ପ୍ରକୃତରେ କ'ଣ ତାହାକୁ କାଗଜ ବୋଲି କୁହାଯିବ ? ତାହା କାଗଜ ପରି ଦେଖା ଯାଉଥାଏ ସତ, ମାତ୍ର ଆହୁରି ଅଧିକ ପ୍ରତ୍ୟକ୍ଷ ଭାବରେ ସବୁକିଛି ଲେଖିହୋଇ ଯାଉଥାଏ... ହୁଏତ ଏହି କ୍ଷେତ୍ରରେ ଏକ ସାଦୃଶ୍ୟ ମଧ୍ୟ ରହିଛି; ଉଦାହରଣ ସ୍ୱରୂପ, ତୁମେ କଲମ ବା ପେନ୍‌ସିଲ ଧରି ଯେତେବେଳେ କିଛି ଲେଖୁଥାଅ । ତାହା ପ୍ରକୃତରେ ଠିକ୍ କଲମ ନୁହେଁ କିଂବା ପେନ୍‌ସିଲ୍ ନୁହେଁ,— ମାତ୍ର ତାହା ସହିତ ସାଦୃଶ୍ୟ ରହିଥିବା ହୁଏତ ଆଉକିଛି । ତାହା ହେଉଛି... (*ଶବ୍ଦରେ ତାହାକୁ କିପରି ପ୍ରକାଶ କରାଯାଇ ପାରିବ ?*) ତାହାକୁ ହୁଏତ ବସ୍ତୁଟିର ମୂଳ ପ୍ରରୂପ ଅଥବା ତତ୍ତ୍ୱ ବୋଲି କୁହାଯିବ । ମାତ୍ର, ମୁଁ ଏହି କଥା କହିବାକୁ ଇଚ୍ଛା କରୁଛି ଯେ, ଯଦି ଆମେ ଆଜିସୁଦ୍ଧା ପରକଲମର ଯୁଗରେ ରହିଥାନ୍ତେ ବା ସ୍ୟାହିରେ କଲମକୁ ବୁଡ଼ାଇ ତା'ପରେ ଯାଇ ଯାହା ଲେଖୁଥାନ୍ତେ, ତେବେ

ମୋତେ ହୁଏତ ଠିକ୍ ସେହିପରି ପ୍ରତୀତ ହେଉଥାନ୍ତା ! ଅସଲ ବସ୍ତୁଟିର **ମୂଳୋପାଦାନ** ଅର୍ଥାତ୍ ତତ୍ତ୍ୱଟିହିଁ ଆମ ସ୍ମୃତିର ଭୂମି ଉପରେ ସାଦୃଶ୍ୟର ନିୟମ ଅନୁସାରେ ଆଉକିଛିରେ ଅନୁରୂପାୟିତ ହୋଇ ଯାଇଥାଏ ।

କିନ୍ତୁ, ଏହି କ୍ଷେତ୍ରରେ ଯାହା ଘଟୁଛି, ତାହା ହେଉଛି ଏକ କ୍ରିୟା । ଯେତେବେଳେ ମୁଁ ସେଇଟି ଭିତରୁ ଲେଉଟି ଆସେ, ସେତେବେଳେ ଯାଇ ମୋର ସମୟ ବିଷୟରେ କିଛି ଜ୍ଞାନ ହୁଏ । କାରଣ, ଭୌତିକ ଚେତନା ମଧ୍ୟକୁ ଲେଉଟି ଆସିବା ସମୟରେହିଁ ସମୟ କେତେ ହେଲା, ତାହା ଦେଖିବା ମୋ'ର ଏକ ଅଭ୍ୟାସରେ ପରିଣତ ହୋଇ ଯାଇଛି (ମୋ' ବିଛଣା ପାଖରେ ଘଡ଼ିଟିଏ ରଖା ହୋଇଥାଏ ଓ ମୁଁ ସେଇଥିରୁ ସମୟ ଦେଖେ) । ଏବଂ, ସେହି କାରଣରୁହିଁ ମୁଁ ''ଏଇଟି ଘଣ୍ଟାଏ ଲାଗିଲା, ସେଇଟି ଦୁଇଘଣ୍ଟା ଲାଗିଲା'' ବୋଲି ସର୍ବଦା କହି ଦେଇପାରେ । ମାତ୍ର, ସେଠି ଅବସ୍ଥାନ କରୁଥିବା ସମୟରେ ସମୟ ବିଷୟରେ ଆଦୌ କୌଣସି ଜ୍ଞାନ ନ ଥାଏ; ସେତେବେଳେ ଯେଉଁ ବୋଧ ରହିଥାଏ, ତାହା ଆଦୌ ଏହି ପ୍ରକାରର ବୋଧ ନୁହେଁ । ସେତେବେଳେ କ୍ରିୟାଟିର **ଅନ୍ତର୍ଗତ ଅଂଶଟି**ହିଁ ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ହୋଇ ରହିଥାଏ । ଏବଂ ସେହି କେତୋଟି ଘଣ୍ଟା ମଧ୍ୟରେ ଅନେକ, ଅନେକ କଥା ସାଧିତ ହୋଇଯାଏ । ତେଣୁ ସେଠାରେ ମୋ'ର ଆଉ ତୁମର ନିୟମିତ ଭାବରେ ସାକ୍ଷାତ ହୁଏ, ଆହୁରି ଅନେକଙ୍କ ସହିତ ମଧ୍ୟ ସାକ୍ଷାତ ହୁଏ । ଏବଂ ମୁଁ ଏକା ସମୟରେ ଏକାବେଳେକେ ଅନେକ ଜାଗାରେ ଉପସ୍ଥିତ ରହିଥାଏ । ଏବଂ, ଯେତେବେଳେ କେହି ମୋ'ପାଖକୁ ଆସି ''ମାତ୍ର କାଲି ମୁଁ ଆପଣଙ୍କୁ ଦେଖିଥିଲି, ଆପଣ ଏଇଟା ବା ସେଇଟା କଲେ'' ବୋଲି କହେ, ସେତେବେଳେ ସେହି ଉପରସ୍ତରରେ ଅବସ୍ଥିତ ରହି ''ହଁ, ତୁମେ ଯାହା କହୁଛ ସତ'' ବୋଲି ମୁଁ ଉତ୍ତର ଦେଇଥାଏ । ଏହି କ୍ଷେତ୍ରରେ କେବଳ ଅଳ୍ପକିଛି ପାର୍ଥକ୍ୟ ରହିଥାଏ (*ମାଆ ପୁଣି ଆଙ୍ଗୁଠି ବଙ୍କା କରି ପାର୍ଥକ୍ୟ ଥିବାର ଇଙ୍ଗିତ ଦେଇଥିଲେ*), ମାତ୍ର କଥାଟିର ସାର ସବୁବେଳେ ସେଇ ଗୋଟିଏ ।

ଏବଂ, ମୁଁ ଏକଥା ମଧ୍ୟ ଲକ୍ଷ୍ୟ କରି ଦେଖିଛି ଯେ, ଏହି ଯେଉଁସବୁ କଥା ଭୌତିକ ସ୍ତରର ବେଶ୍ ନିକଟବର୍ତ୍ତୀ ହୋଇ ରହିଥାଏ, ସେଗୁଡ଼ିକ ତୁମେ ହଠାତ୍ ଧଡ଼ପଡ଼ ହୋଇ କେବେ ନିଦରୁ ଉଠିଲେ ସଙ୍ଗେସଙ୍ଗେ ଅନ୍ତର୍ହିତ ହୋଇଯାଏ । ବିଶେଷତଃ, ଯଦି ଉଠିବାବେଳେ ତୁମେ ଭୁସ୍ କରି ଉଠି ବସିପଡ଼, ତେବେ ସେହିପରି ହୋଇଥାଏ । ହଠାତ୍ ଅଙ୍ଗଚାଳନା କଲେ କିଂବା କଡ଼ ଲେଉଟାଇ ଦେଲେ ହୁଏ । କେବଳ ଏକ ପରବର୍ତ୍ତୀ ମୁହୂର୍ତ୍ତରେ, ଯଦି ମୁଁ କେବେ ଅତ୍ୟନ୍ତ ସ୍ଥିର ହୋଇ ରହିଥାଏ ଓ ମୋ' ନିଜ ଭିତରକୁ ପ୍ରବେଶ କରିପାରେ, ତେବେ ଅତ୍ୟନ୍ତ ଧୀର ଭାବରେ ପୁନର୍ବାର ସେହି ସ୍ଥିତିଟି ସହିତ ସମ୍ପର୍କରେ ଆସିବା ସମ୍ଭବ ହୁଏ । ତେଣୁ, ଅଧିକାଂଶ ବ୍ୟକ୍ତି ସେହିସବୁ କଥାକୁ ଯେ

0

ଆଦୌ ମନେ ରଖି ପାରନ୍ତି ନାହିଁ, ସେକଥାରେ ମୁଁ ମୋଟେ ବିସ୍ମିତ ହୁଏ ନାହିଁ । ପ୍ରାଣିକ ଓ ମାନସିକ ସ୍ତରର ଅଭିଜ୍ଞତାଗୁଡ଼ିକ ଅନେକ ଅଧିକ ସହଜରେ ମନେ ରହେ, ମାତ୍ର ଯେଉଁସବୁ କଥା ଭୌତିକ ସ୍ତରର ବେଶ୍ ନିକଟବର୍ତ୍ତୀ ହୋଇ ରହିଥାଏ...

ପୁନଶ୍ଚ, ଏହାର ଏପରି ଗୋଟିଏ ସ୍ୱଭାବ ମଧ୍ୟ ରହିଛି ଯେ, ନିଦରୁ ଉଠିବା ପରେ ମଧ୍ୟ ଯଦି କେହି ଏହାର ଚେତନାଟିକୁ ଅବିଚ୍ଛିନ୍ନ ରଖିଥାଏ, ତେବେ ସେହି ବ୍ୟକ୍ତି ପ୍ରାୟ ପାଗଳ ହୋଇଯାଇଥିଲା ପରି ଦେଖା ଯାଉଥାଏ । ଠିକ୍ ଦୁଇଦିନ ତଳେ ମୋ'ର ଠିକ୍ ଏହିପରି ଗୋଟିଏ ଅଭିଜ୍ଞତା ହୋଇଥିଲା ଏବଂ ସେଥିରୁ ମୁଁ ପ୍ରକୃତରେ ଅନେକ କଥା ଶିକ୍ଷା କଲି । ମୁଁ ନିରୀକ୍ଷଣ କଲି, ଚିନ୍ତା କରି ଦେଖିଲି, ଖୁବ୍ ଚିନ୍ତା କଲି; ତେବେ ଯାଇ ବୁଝିଲି । ଏଇ କଥାଟି ମୋର ଅପରାହ୍ଣ-କାଳୀନ ବିଶ୍ରାମ ସମୟରେ ଘଟିଥିଲା (ମୁଁ ଅପରାହ୍ଣରେ କେବେ ଶୁଏ ନାହିଁ; ମାତ୍ର କେବଳ ସେହିପରି ଭାବରେ ଅନ୍ତର୍ଗତ ଚେତନାଟି ମଧ୍ୟରେ ଯାଇ ପ୍ରବେଶ କରେ), ଏବଂ ମୁଁ ଆଗରୁ ଠିକ୍ କରି ରଖିଥିଲି ଯେ, ମୁଁ ସେହି ସମୟରେ ନ ଶୋଇ ଚେଇଁ ରହିବି । ଅର୍ଥାତ୍, ମୁଁ ଜାଗ୍ରତ ରହିଥିବି । ସେହି ସମୟଟି ଆସି ପହଞ୍ଚିବା ପରେ ମୁଁ ପୂର୍ଣ୍ଣ ଭାବରେ ସକ୍ରିୟ ହୋଇ ରହିଥିଲି ଓ ଏକ ସଚେତନ ସ୍ଥିତିରେ ରହିଥିଲି । ମୋ' ଆଖି ଦିଓଟି ପୂରା ମେଲା ହୋଇ ରହିଥିଲା । ଏବଂ, ତା'ପରେ, ଚେତନାର ସେହି ସ୍ଥିତିଟି ସମୟରେ,... ମୁଁ ଏହି କ୍ଷେତ୍ରରେ ଠିକ୍ ମୁଁ ବୋଲି କହି ପାରିବି ନାହିଁ, କାରଣ ସେତେବେଳେ ସେଇ ଏକା ମୁଁ ଆଦୌ ଅବସ୍ଥିତ ନ ଥିଲା,— ନାଇଁ, ସେହି ମୁହୂର୍ତ୍ତରେ ମୁଁ ଅନେକ ବ୍ୟକ୍ତିରେ ପରିଣତ ହୋଇ ରହିଥିଲି । ମାତ୍ର, ସେହି ମୁହୂର୍ତ୍ତରେ 'ମୁଁ'ର ପାଖରେ ଘଡ଼ିଟିଏ ରଖିବାର ଅଭ୍ୟାସ ଥିଲା, ସିଏ ଗୋଟିଏ ସୁନା ହାତବନ୍ଧା ଘଡ଼ି ପାଖରେ ରଖିଥିଲା (ଏଠି ଏହି ଭୌତିକ ସ୍ତରରେ ନୁହେଁ, ମାତ୍ର ସେହି ଊର୍ଦ୍ଧ୍ୱ ସ୍ତରରେ) । ମାତ୍ର ସିଏ ଘଡ଼ିଟିକୁ ପିନ୍ଧିବାକୁ ଭୁଲି ଯାଇଥିଲା, ଘଡ଼ିଟିକୁ ଖୋଜିଲା ଏବଂ କହିଲା, ''ଓଃ, ମୁଁ ଘଡ଼ିଟି ପିନ୍ଧିବାକୁ ଏକାବେଳେକେ ଭୁଲିଗଲି । ଏହି ଘଡ଼ିଟିର କ'ଣ ହେଲା କେଜାଣି ? ମୁଁ ଘଡ଼ିଟି କଥା କାହିଁକି ଭୁଲିଗଲି ?'' ଏବଂ ଯେତେବେଳେ ମୁଁ ସେହି ସ୍ଥିତିରୁ ବାହାରକୁ ଆସିଲି, (ତୁମେ ତ ଜାଣିଛ, ମୋ' ହାତରେ କେବେହେଲେ କୌଣସି ଘଡ଼ି ନ ଥାଏ) ଓ ଆପଣା ପାଖକୁ ଲେଉଟି ଆସିଲି, ସେତେବେଳେ ମୋ'ର ଦୁଇଟିଯାକ ଚେତନା ଯୁଗପତ୍ ଭାବରେ ଅବସ୍ଥିତ ରହିଥିଲେ ଏବଂ ମୁଁ ଏଡ଼େ ବଡ଼ ପାଟିରେ କହିଲି, ''ମୋ ଘଡ଼ି କୁଆଡ଼େ ଗଲା ? ମୁଁ ଘଡ଼ିଟା ହାତରେ ବାନ୍ଧିବାକୁ ଏକାବେଳେକେ ଭୁଲିଗଲି ।'' ଏବଂ, କେବଳ ସେହି କଥାଟି କହିବା ସମୟରେ ଯାଇ (*ମାଆ ହସିଲେ*) ମୋ'ର ହୋସ୍ ଆସିଲା । ସେଇଠୁ ମୁଁ ଚିନ୍ତା କରିବାକୁ ଆରମ୍ଭ କଲି । ମୁଁ ଭଲଭାବରେ ଅଧ୍ୟୟନ କରି, ଥିର ହୋଇ ଦେଖିଲି ଏବଂ ଯଥାସମ୍ଭବ ଅଧିକ ନିକଟରୁ ଦେଖିବାର

ଚେଷ୍ଟା କରି ଜାଣିବାକୁ  ପାଇଲି ଯେ, ସେହି ମୁହୂର୍ତ୍ତରେ ଦୁଇଟିଯାକ ଚେତନା (*ମାଆ ଦୁଇ ହାତକୁ ଗୋଟିଏ ଆରଟିର ଉପରେ ଲାଗିଲାଗି ରଖି ଦେଖାଇଲେ*) ବେଶ୍ ଯୁଗପତ୍ ଭାବରେ ଅବସ୍ଥିତ ଅଛନ୍ତି ।

ଏହି କଥାଟି ପ୍ରକୃତରେ ବଡ଼ ଚମତ୍କାର କଥା । ସେହି ଅଭିଜ୍ଞତାଟି ଦ୍ୱାରା ଯାବତୀୟ ପ୍ରକାର ସମସ୍ୟାର ସମାଧାନ ସମ୍ଭବ ହୋଇପାରିଛି । ଉଦାହରଣ ସ୍ୱରୂପ, ଯେଉଁ ବ୍ୟକ୍ତିମାନଙ୍କୁ ସମସ୍ତେ ପାଗଳ ବୋଲି ଭାବନ୍ତି, ମାତ୍ର ଯେଉଁମାନେ ପ୍ରକୃତରେ ଏହିପରି ଏକ ସୂକ୍ଷ୍ମ ଚେତନାରେ ଅବସ୍ଥିତ ଥାଆନ୍ତି (*ମାଆ ହାତ ଦୁଇଟିକୁ ସେହିପରି ଉପରତଳ କରି ଦେଖାଇଲେ*),— ସେହି ଚେତନାଟି ଏକ ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ ସେମାନଙ୍କ ଭିତରେ ସର୍ବପ୍ରଧାନ ହୋଇ ରହିଥାଏ ଏବଂ ସେତେବେଳେ ସେମାନେ ଏଭଳି କଥାମାନ କହିଦିଅନ୍ତି, ଯାହାରକି ଏହି ଅନ୍ୟ ସ୍ତରରେ ଆଦୌ କୌଣସି ଅର୍ଥ ନ ଥାଏ ମାତ୍ର ସେହି କ୍ଷେତ୍ରରେ ଏକ ସ୍ୱଷ୍ଟ ତାତ୍ପର୍ଯ୍ୟ ରହିଥାଏ,— ସେହି ପ୍ରକାରର ଅନେକ ବ୍ୟକ୍ତିଙ୍କର ସମସ୍ୟାର ସମାଧାନ ହୋଇଯାଏ । ଏବଂ, ଚେତନାଟି ଏହିପରି ହୋଇ ରହିଥାଏ (*ମାଆ ହାତ ଦୁଇଟିକୁ ତଳ-ଉପର କରି ଦେଖାଇଲେ, ଦୁଇ ହାତ ଏକାଠି ପ୍ରାୟ ଗୋଟିଏ ହାତ ହୋଇଗଲେ*) । ଅନେକ ସମୟରେ ଯାହାକୁ ତଥାକଥିତ ପାଗଳାମି ବୋଲି କୁହାଯାଏ, ତାହାର ପ୍ରକୃତ କଥା ହେଉଛି ଏହିପରି । ଏହି କ୍ଷେତ୍ରରେ ସ୍ୱଷ୍ଟ ନିଷ୍ଠାହୀନତାର ଏପରି କେତେକ ଦୃଷ୍ଟାନ୍ତ ରହିଥାଏ, ଯେଉଁଗୁଡ଼ିକ ବି ସ୍ୱଭାବତଃ ଠିକ୍ ସେହିପରି ହୋଇ ରହିଥାଏ, କାରଣ ଏହି ଭୂମିକୁ ଆସି ଚେତନା ଅତ୍ୟନ୍ତ ସ୍ୱଷ୍ଟ ଭାବରେ ସବୁକିଛି ଦେଖିପାରୁଥାଏ ଏବଂ ସେହି ଭୂମିଟି ପ୍ରକୃତରେ ଏତେ ନିକଟବର୍ତ୍ତୀ ହୋଇ ରହିଥାଏ ଯେ, ସେହି ବସ୍ତୁଗୁଡ଼ିକୁ ସେହି ସମାନ ଭାବରେହିଁ ନାମିତ କରା ଯାଇପାରେ । ସେଗୁଡ଼ିକର ପ୍ରାୟ ସେହି ସମାନ ବା ସମାନ ପ୍ରକାରର ଆକାର ମଧ୍ୟ ରହିଥାଏ । ମାତ୍ର, ଏହି ସ୍ଥୂଳ ସ୍ତରରେ ଆମେ ''ବାସ୍ତବ ଆକାର'' କହିଲେ ଯାହା ବୁଝୁ, ଏକଥା ମୋଟେ ସେପରି ନୁହେଁ । ସ୍ଥୂଳ ସ୍ତରରେ, ବାହ୍ୟ ରୂପରେ ବସ୍ତୁଗୁଡ଼ିକ ମୋଟେ ସେପରି ହୋଇ ରହି ନ ଥାନ୍ତି । ତେଣୁ, ସେହି କ୍ଷେତ୍ରରେ ତଥାକଥିତ ନିଷ୍ଠାହୀନତାର ମଧ୍ୟ କେତେକ ଦୃଷ୍ଟାନ୍ତ ରହିଥାଏ, ଯେଉଁଗୁଡ଼ିକକି ଦୁଇଟିଯାକ ଚେତନାର ଏକ ମିଶ୍ରଣର ଅତ୍ୟନ୍ତ ନିକଟବର୍ତ୍ତୀ ହୋଇ ରହିଥାନ୍ତି । ଏତେ ନିକଟବର୍ତ୍ତୀ ହୋଇ ରହିଥାନ୍ତି ଯେ, ସେଗୁଡ଼ିକ ମଧ୍ୟରେ କୌଣସି କ୍ରିୟାଶୀଳ ତାରତମ୍ୟ ଥିବାର ମୋଟେ ବାରିହୁଏ ନାହିଁ । ହଁ, ତେଣୁ ଏପରି ହେବା ଦ୍ୱାରା ସମଗ୍ର ଭୂମିଟି ଅତ୍ୟନ୍ତ ସ୍ୱଷ୍ଟ ହୋଇଯାଇଛି; କେବଳ ସ୍ୱଷ୍ଟ ହୋଇଯାଇ ନାହିଁ, ମାତ୍ର ତଦ୍ୱାରା ସୁସ୍ଥ ହେବାର ଏବଂ ରୂପାନ୍ତରିତ ହେବାର ଚାବିକାଠିଟି ମିଳିବା ମଧ୍ୟ ସମ୍ଭବ ହୋଇ ପାରିଛି । ଏକ ଅନ୍ତର୍ଗତ ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ, ଏହି

କଥାଟି ଅତୀବ ମାତ୍ରାରେ ବସ୍ତୁଗୁଡ଼ିକର ବ୍ୟାଖ୍ୟା କରିଦେଇ ପାରିଛି, ପ୍ରକୃତରେ ଅତୀବ ମାତ୍ରାରେ ତାହା କରିପାରିଛି । ଏହାଦ୍ୱାରା ମାନସିକ ବିଚ୍ଛିନ୍ନତା ଓ ବାସ୍ତବ ମିଥ୍ୟାର କେତେକେତେ ସଂଖ୍ୟାରେ ପ୍ରଚୁର ପରିମାଣର ହ୍ରାସ ଘଟିବା ସମ୍ଭବ ହୋଇଛି । ଅର୍ଥାତ୍, ଯେଉଁସବୁ ଦୃଷ୍ଟାନ୍ତରେ ଜଣେ ସୁ-ଅଭିପ୍ରେତ ଓ ସୁସଚେତନ ଭାବରେ ପ୍ରକୃତରେ ଯାହା ସତକୁ ସତ ଅଛି, ତାହାର ବିରୋଧରେ କହିଥାଏ; ସାଧାରଣତଃ ଆମେ ଯେପରି ବିଶ୍ୱାସ କରୁ, ଏସବୁ ଦୃଷ୍ଟାନ୍ତ ମୋଟେ ସେତେ ବେଶୀ କ୍ଷେତ୍ରରେ ଘଟେ ନାହିଁ,– ସେଗୁଡ଼ିକର ସଂଖ୍ୟାରେ ଅନେକ ହ୍ରାସ ସମ୍ଭବ ହୋଇପାରିଛି । କେତେ ବ୍ୟକ୍ତି ଅଛନ୍ତି, ଯେଉଁମାନେ କି କଥାଗୁଡ଼ାକୁ ଏହିପରି ଭାବରେ କହିଥାନ୍ତି (*ମାଆ କୌଣସି ବସ୍ତୁ ଭାସି ଯାଉଥିବାର ଇଙ୍ଗିତ କଲେ*), ସେଥିରେ ଆଦୌ କୌଣସି ନିର୍ଦ୍ଦିଷ୍ଟତା ନ ଥାଏ, ମାତ୍ର ସେମାନେ ସେଗୁଡ଼ିକୁ ଏପରି ଏକ ପୃଥିବୀରେ ପ୍ରତ୍ୟକ୍ଷ କରିଥାନ୍ତି, ଯାହାକୁ କି କଦାପି ଶୁଦ୍ଧ ଭାବରେ ଭୌତିକ ବୋଲି କୁହାଯାଇ ପାରିବ ନାହିଁ; ସେସବୁ ଅତି ପରିମାଣରେ ମିଶ୍ରିତ ହୋଇ ରହିଥାନ୍ତି ଏବଂ ମିଶ୍ରଣଟିକୁ ଆବିଷ୍କାର କରିବା ଲାଗି ଯଥେଷ୍ଟ ତାରତମ୍ୟ ଦେଖି ପାରିବାର ସମ୍ଭାବନା ମଧ୍ୟ ନ ଥାଏ ।... ଶ୍ରୀଅରବିନ୍ଦ ଅନେକ ଥର ଏପରି କହୁଥିଲେ ଯେ, ପ୍ରକୃତ ଅସଦ୍‌ଭାବ, ପ୍ରକୃତ ଶତ୍ରୁତା ଏବଂ ପ୍ରକୃତ ମିଥ୍ୟାର ଦୃଷ୍ଟାନ୍ତ ବସ୍ତୁତଃ ଅତ୍ୟନ୍ତ ବିରଳ । ଅର୍ଥାତ୍, ଏଠାରେ ଏକ ନିର୍ବିଶେଷ ଅର୍ଥରେ ''ପ୍ରକୃତ'' ବୋଲି କୁହାଯାଇଛି; ଏହିପରି ସଚେତନ ଓ ଇଚ୍ଛାକୃତ ଦୃଷ୍ଟାନ୍ତ ପ୍ରକୃତରେ ବିରଳ । ଏବଂ, ସେହି ପଦାର୍ଥଟିକୁହିଁ ବିରୋଧୀ ସତ୍ତା ବୋଲି ବର୍ଣ୍ଣନା କରା ଯାଇଥାଏ । ମାତ୍ର ତାହା ବ୍ୟତୀତ ଆଉ ଯାହାକିଛି, ସେଗୁଡ଼ିକ ଚେତନାର ପ୍ରାୟ ଏକ ଭ୍ରମ ପରି ହୋଇ ରହିଛି । ସେହି କ୍ଷେତ୍ରରେ କେତେ କେତେ ଚେତନା ଏକତ୍ର ମିଶ୍ରିତ ହୋଇ ରହିଛନ୍ତି (*ମାଆ ତାଙ୍କ ଡାହାଣ ହାତର ଆଙ୍ଗୁଠି ଗୁଡ଼ିକୁ ବାଆଁ ହାତର ଆଙ୍ଗୁଠିଭିତରେ ପୂରାଇ ଏପାଖ ସେପାଖ ସଞ୍ଚାଳିତ କରିବାକୁ ଲାଗିଲେ*), ଏବଂ, ସେହି ଭିନ୍ନ ଭିନ୍ନ ଚେତନା ମଧ୍ୟରେ ସୁନିର୍ଦ୍ଦିଷ୍ଟ ଭାବରେ ଆଦୌ କୌଣସି ତାରତମ୍ୟ କରିହୁଏ ନାହିଁ । ସେଗୁଡ଼ିକ ଏହିପରି ଭାବରେ (*ସେହି ପୂର୍ବ ପରି ଇଙ୍ଗିତ କରି ଦେଖାଇଦେଲେ*) ମିଶ୍ରିତ ହୋଇ ରହିଥାନ୍ତି, ଗୋଟିଏ ଆରଟି ମଧ୍ୟରେ ପ୍ରବିଷ୍ଟ ହୋଇ ରହିଥାଏ ଓ ପୁଣି ତାହାରି ମଧ୍ୟରୁ ନିଷ୍ପନ୍ନ ବି ହୋଇ ଆସୁଥାଏ ।

(*ମାଆ ନୀରବ ରହିଲେ*)

ତେଣୁ, ସମାହିତ ହେବାକୁ ରହିଥିବା ସମସ୍ୟାର ଅପରିମିତ ବିସ୍ତାରଟିକୁହିଁ ସର୍ବପ୍ରଥମେ ଦେଖିବା ଦରକାର । ଏହି କ୍ଷେତ୍ରରେ ଠିକ୍ କେଉଁ ମାର୍ଗର ଅନୁସରଣ କରାଯାଇ କେଉଁ ପରିବର୍ତ୍ତନଟିକୁ ସମ୍ଭବ କରିବାକୁ ହେବ, ତାହାର ବିରାଟ ପରିସରଟିକୁ ମଧ୍ୟ

ଦେଖିବାକୁ ପଡ଼ିବ ।... ସମ୍ପୂର୍ଣ୍ଣ ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ ସବୁକଥା ଅପେକ୍ଷାକୃତ ଅଧିକ ସହଜ ହେବ, ସମାଧାନଟି ଅଧିକ ଶୀଘ୍ର ହୋଇଯିବ । ମାତ୍ର ଯେତେବେଳେ ତୁମେ ଏହି ସ୍ତରଟିରେ (*ମାଆ ନିଜ ଶରୀରକୁ ନିର୍ଦ୍ଦେଶ କରି ଦେଖାଇଦେଲେ*) ଆସି ପହଞ୍ଚିବ, ଏହି ବାହ୍ୟ ଆକାରଟି ପାଖରେ, ଯାହାକୁ ଜଡ଼ ବୋଲି କୁହା ଯାଇଥାଏ, ସେହି ସ୍ତରଟିରେ ଆସି ପହଞ୍ଚିବ, ତେବେ ଗୋଟାଏ ସମ୍ପୂର୍ଣ୍ଣ ପୃଥିବୀର ସମ୍ମୁଖୀନ ହେବାକୁ ପଡ଼ିବ । ଏଥିରୁ ଲବ୍ଧ ପ୍ରତ୍ୟେକଟି ଶିକ୍ଷା,– ଏହା ପ୍ରକୃତରେ ଆମକୁ ଦିଆ ଯାଉଥିବା ଶିକ୍ଷା ପରି, ପ୍ରକୃତରେ ଭାରି ଆଗ୍ରହୋଦ୍ଦୀପକ ! ଏହି ଶିକ୍ଷାଗୁଡ଼ିକରେ ତାହାର ଯାବତୀୟ ପରିଣାମମାନ ରହିଥାଏ, ଯାବତୀୟ ବ୍ୟାଖ୍ୟା ବି ରହିଥାଏ; ଗୋଟିଏ ସାନ, ଅତି ସାନ ଆବିଷ୍କାର କରିବା ଲାଗି ମଧ୍ୟ ଦିନଟିଏ ବା ଦୁଇଦିନ ଚାଲିଯାଏ । ଏବଂ ତା'ପରେ, ଏହିସବୁ ଦିନଗୁଡ଼ିକ ବା ଏହିପରି କ୍ରିୟାରତ ହୋଇ ରହିବାର ଘଟିକାଗୁଡ଼ିକ ପରେ ତୁମେ ଦେଖିବାକୁ ଆରମ୍ଭ କର ଯେ, ଏହି ଶରୀରସ୍ଥ ଚେତନା ମଧ୍ୟରେ ବି ଆଲୋକଟି ଅବଶ୍ୟ ରହିଛି । ତା'ପରେ ଏକ ପରିବର୍ତ୍ତନ ହେବାକୁ ଲାଗେ, ଏକ ପରିବର୍ତ୍ତନ ଆରମ୍ଭ ହୋଇଯାଏ । ଆଗରୁ ହେଉଥିବା ପ୍ରତିକ୍ରିୟାଗୁଡ଼ିକ ଏଣିକି ଆଉ ହୁଏ ନାହିଁ, ମାତ୍ର... (*ମାଆ ଇଙ୍ଗିତ ଦ୍ୱାରା ଏକ କର୍ମ-ମୟ ଜଗତକୁ ସୂଚାଇଦେଲେ*) ।

ଏବଂ, ସେହି ପରମ ଉପସ୍ଥିତିଟି ମଧ୍ୟ ଅଧିକରୁ ଅଧିକ ପ୍ରଗାଢ଼ ହେବାରେ ଲାଗେ, ଅଧିକରୁ ଅଧିକ ମୂର୍ତ୍ତ ହେଉଥାଏ, ଏବଂ ବେଳେବେଳେ ତାହା ଏତେ ଅଧିକ ପରିମାଣରେ (*ମାଆ ସ୍ଫୀତିର ଇଙ୍ଗିତ କଲେ*) ମୂର୍ତ୍ତ ହେବାକୁ ଲାଗେ ଯେ, ତାହା ଏକ ନିର୍ବିଶେଷ ଭୂମିକୁ ସ୍ପର୍ଶ କରେ ଏବଂ ତା'ପରେ (*ଆଚ୍ଛାଦିତ କରି ରଖିବାର ଇଙ୍ଗିତ କରି*) ସେତେବେଳେ ଚେତନାର ଏକ ଅନ୍ୟ ଅବସ୍ଥା ଆସି ଦାୟିତ୍ୱ ଗ୍ରହଣ କରେ ଏବଂ ସବୁକିଛିକୁ ଆଉଥରେ ଆରମ୍ଭ କରିବାକୁ ପଡ଼ିଥାଏ ।

ଏହା ଅତ୍ୟନ୍ତ ଆଗ୍ରହୋଦ୍ଦୀପକ ।

ଏବଂ ତାହା ପ୍ରକୃତରେ ତୁମକୁ ଶିକ୍ଷା ଦେବା ଲାଗି ଆସିଥାଏ ।... ବଡ଼ ବଡ଼ ଶବ୍ଦ, ବଡ଼ ବଡ଼ ଦୃଷ୍ଟିକୋଣ ଓ ବଡ଼ ବଡ଼ ଅଭିଜ୍ଞତା – ଏହିସବୁ କଥା ସେଠାରେ ଭାରି ଭଲ ବୋଲି ଉଦ୍‌ଘୋଷିତ ହୋଇ ରହିଥାଏ; ମାତ୍ର ଏଠାରେ... ଏଠାରେ ଚକ୍ଷୁ ଝଲସାଇ ଦେବାକୁ ଆଦୌ ସେପରି କିଛି ହୁଏ ନାହିଁ – ସବୁକିଛି ଅତ୍ୟନ୍ତ ବିନୟଯୁକ୍ତ, ଅତ୍ୟନ୍ତ ସ୍ଥିର ଓ ଅତ୍ୟନ୍ତ ଅହଂରହିତ ହୋଇ ରହିଥାଏ,– ଅତ୍ୟନ୍ତ ନିରହଙ୍କାର ହୋଇ ରହିଥାଏ । ଏବଂ, ଅଗ୍ରଗତି କରିବା ଲାଗି ଏଇଟି ହେଉଛି ଅସଲ ସର୍ତ୍ତ, ରୂପାନ୍ତର ଲାଗି ଏଇଟିହିଁ ଅସଲ ସର୍ତ୍ତ ।

ଏଥର ବୁଝିଲ ?

## ୧୫ ନଭେମ୍ବର ୧୯୬୭

*ଅଲୌକିକ ଘଟଣା କହିଲେ ଜଣେ ମଣିଷ ଯାହା ବୁଝିଥାଏ, ସେହିପରି କୌଣସି ଅଲୌକିକ ଘଟଣା ନ ଘଟିଲେ ଏହି କାର୍ଯ୍ୟଟି ସାଧିତ ହେବା ଲାଗି ଅନେକ ଶତାବ୍ଦୀ ଲାଗିଯିବ ବୋଲି ମନେ ହେଉଛି ।*

ଏଥିପାଇଁ ଯେ ସମୟ ଲାଗିବ ନାହିଁ, ସେକଥା ତୁମେ କେବେହେଲେ ପ୍ରତ୍ୟାଶା କରିଥିଲ କି ?

*ହଁ, ନିଶ୍ଚୟ କରିଥିଲି ।*

ମାତ୍ର ମୁଁ କେବେହେଲେ ସେପରି ଭାବି ନାହିଁ – ଏହା ଯେ ଅତିଶୀଘ୍ର ଆସି ଆମ ପାଖରେ ପହଞ୍ଚିଯିବ, ମୁଁ ସେକଥା କେବେହେଲେ ଭାବି ନାହିଁ । ସର୍ବପ୍ରଥମ କଥା ହେଉଛି, ଆମକୁ, ମୁଁ ବର୍ତ୍ତମାନ ଯେପରି କରୁଛି, ଆପଣାର ଶରୀରର ଭୂମିରେ ସେଥିଲାଗି ଚେଷ୍ଟା କରିବାକୁ ହେବ । ବର୍ତ୍ତମାନ ଜଡ଼ୋପାଦାନ ଯେପରି ଅବସ୍ଥାରେ ରହିଛି, ଯେପରି ଗଠିତ ହୋଇଛି... ଓ ଏକ ଦିବ୍ୟ ଅସ୍ତିତ୍ୱ ବିଷୟରେ ଆମେ ଯାହାସବୁ କଳ୍ପନା କରି ପାରିବା, ଅର୍ଥାତ୍ ସେହିପରି ଏକ **ଦିବ୍ୟ** ଅସ୍ତିତ୍ୱ, ଯାହାକି ପ୍ରତ୍ୟେକ ମୁହୂର୍ତ୍ତରେ ଅର୍ଦ୍ଧ-ଅଚେତନ ଜଡ଼ର ତମସାଚ୍ଛନ୍ନତା ସହିତ ଆଦୌ ବାନ୍ଧି ହୋଇ ରହି ନାହିଁ,– ଆଗ ଦୁଇଟି ଭିତରେ ରହିଥିବା ଭେଦଟିକୁ ଅନୁଭବ କରିପାରିବାକୁ ହେବ ।... ଏହି କଥାଟି ହେବା ଲାଗି କେତେ ସମୟ ଲାଗିବ ? ପଥରରୁ ଉଦ୍ଭିଦକୁ ପରିବର୍ତ୍ତନ ହେବାକୁ, ଉଦ୍ଭିଦରୁ ଇତରପ୍ରାଣୀକୁ ପରିବର୍ତ୍ତନ ହେବାକୁ ଓ ଇତରପ୍ରାଣୀରୁ... କେତେ ସମୟ ଲାଗିଛି କହିଲ ! ଆମେ କେହି ସେକଥା ଜାଣି ନାହୁଁ, ମାତ୍ର ବସ୍ତୁଗୁଡ଼ିକ ଯେଉଁ ଗତିରେ ଅଗ୍ରସର ହେଉଛନ୍ତି... ବର୍ତ୍ତମାନ ତ ମଣିଷ ଗଣନା କରି ସବୁ କହିଦେବାରେ ଏଡ଼େ ପ୍ରବୀଣ ହୋଇଗଲାଣି, ତେବେ ସେମାନେ କହନ୍ତୁ ତ ଏହି ପୃଥିବୀର ଗଠନ ଅତୀତରେ ଠିକ୍ କେବେ ହୋଇଥିଲା ! କେତେ ନିୟୁତ ଆଉ ନିୟୁତ ବର୍ଷ ପୂର୍ବେ ଏକଥା ଘଟିଥିଲା ? ଏବଂ, ବର୍ତ୍ତମାନ ଆମେ ଯେଉଁ ସ୍ଥିତିରେ ରହିଛୁ, ସେହି ସ୍ଥାନରେ ଆସି ପହଞ୍ଚିବାକୁ ଆହୁରି କେତେ ବର୍ଷ ଲାଗି ନ ଥିବ ?

ଅବଶ୍ୟ ଏଥିରେ କୌଣସି ସନ୍ଦେହ ନାହିଁ ଯେ ଅଧିକ ଅଗ୍ରସର ହେବା ସହିତ ପୃଥିବୀର ଗତି ମଧ୍ୟ ଅଧିକ ପ୍ରଖର ହେବାରେ ଲାଗିଛି । ସେକଥା ବୁଝି ହେଉଛି ? ମାତ୍ର ସେହି ଗତି କେତେ ପ୍ରଖର ହେଉଛି ?

*ଯଦି ''ପ୍ରକୃତିଗତ'' ଭାବରେ ପ୍ରକ୍ରିୟାଟି ଚାଲିବ, ତେବେ ସେଥିଲାଗି ଅନନ୍ତ କାଳ ଲାଗିଯିବ ।*

ନାଇଁ ! ଏଠାରେ ପ୍ରକ୍ରିୟାଟି ''ପ୍ରକୃତିଗତ'' ଭାବରେ ଗତି କରିବାର କୌଣସି ପ୍ରଶ୍ନ ନାହିଁ । ଚେତନାର ରୂପାୟନ ଲାଗି ପ୍ରକୃତି ଉତ୍ତରୋତ୍ତର ଅଧିକ ଗତିସଂବଳିତ ଭାବରେ ବସ୍ତୁଗୁଡ଼ିକର ବ୍ୟବସ୍ଥା କରି ରଖିଛି । ଅର୍ଥାତ୍, ଏହି ସମୁଦାୟ କାର୍ଯ୍ୟଟି ଏପରି ଭାବରେ ସମ୍ପନ୍ନ ହୋଇ ଆସିଛି ଯେ, ତଦ୍ଦ୍ୱାରା ପରମ ଅଚେତନାକୁ ସଚେତନ ହେବା ଲାଗି ପ୍ରସ୍ତୁତ କରାଇ ଅଣାଯାଇଛି । ସ୍ୱାଭାବିକ ଭାବରେ ଏହି ପ୍ରକ୍ରିୟାରେ ବର୍ତ୍ତମାନ ଚେତନାର ଆଗମନ ହୋଇଛି, ଅନ୍ତତଃ ବହୁ ଆୟତନରେ ଏହାର ଆବିର୍ଭାବ ଘଟିଛି । ତେଣୁ ପ୍ରକ୍ରିୟାଟି ପ୍ରଖରତର ମଧ୍ୟ ହୋଇଛି, ଅର୍ଥାତ୍, କ୍ରିୟାଟି ଅନେକ ପରିମାଣରେ ସମ୍ପନ୍ନ ହୋଇ ପାରିଛି । ମାତ୍ର, ମୁଁ ଯେପରି କହିଲି, ତଥାପି, ଯେଉଁ ମାତ୍ରାରେ ଏହା ଅଚେତନା ସହିତ, ଏକ ଅର୍ଦ୍ଧ-ଅସ୍ପଷ୍ଟ ଚେତନା ସହିତ ବାନ୍ଧି ହୋଇ ରହିଥିବାର ଯେପରି ଦୃଷ୍ଟିଗୋଚର ହେଉଛି,— ଯେଉଁମାନେ ଅସଲ କଥାଟି ଜାଣନ୍ତି ନାହିଁ, ସେମାନେ ଯେପରି, ଯାହାକୁ ସେମାନେ ''ପ୍ରକୃତି'' ବୋଲି କହୁଛନ୍ତି, ତାହାର''ଚୂଡ଼ାନ୍ତ ଅକାଟ୍ୟତା'' ଓ ''ଚରମ ନିୟତି'' ବିଷୟରେ — ଯାହାକିଛି ଏଠାରେ ପ୍ରାଧାନ୍ୟ ବିସ୍ତାର କରି ରହିଛି ଓ ରାଜତ୍ୱ କରୁଛି,— ସେମାନେ ଯେପରି ସେହି ବିଷୟରେ ଅନୁଭବ କରୁଛନ୍ତି,— ତେଣୁ, ଶେଷ ପରିବର୍ତ୍ତନଟି ସମ୍ଭବ ହେବାକୁ ହେଲେ ସେହି ସବୁକିଛିକୁ ସମ୍ପୂର୍ଣ୍ଣ ଭାବରେ ସଚେତନ ହେବାକୁ ପଡ଼ିବ;— କେବଳ ସେହି ମନୋଗତ ଢଙ୍ଗରେ ନୁହେଁ, ତାହା କଦାପି ଯଥେଷ୍ଟ ନୁହେଁ,— ମାତ୍ର ଏକ ଦିବ୍ୟ ଢଙ୍ଗରେହିଁ ସଚେତନ ହେବାକୁ ପଡ଼ିବ । ବର୍ତ୍ତମାନ ଆହୁରି ଏତେବେଶୀ କରିବାକୁ ବାକି ରହିଛି !

ଏହି କ୍ଷୀଣଶକ୍ତି କ୍ଷୁଦ୍ର ଶରୀରଟିର କ୍ଷେତ୍ରରେ ମୁଁ ପ୍ରତ୍ୟହ ଠିକ୍ ସେହି କଥାଟି ଦେଖିବାକୁ ପାଉଛି ! ଏହି ଶରୀରକୁ ବେଷ୍ଟନ କରି ଯାହା କିଛି ରହିଛି (*ଚାରିପାଖରେ କେତେ କ'ଣ ଜମା ହୋଇ ରହିଥିବାର ଇଙ୍ଗିତ*), ଯାହାକିଛି ଉପାଦାନ ଏହି ବର୍ତ୍ତମାନର ଅବସ୍ଥାରେ ରହିଛି,— ଓଃ, କେବଳ ଏହି ଅସୁସ୍ଥତା, ଦୁଃଖଭୋଗ ଓ ବିଶୃଙ୍ଖଳା — ଏଗୁଡ଼ାକର ପରମ ଦିବ୍ୟସତ୍ତାଙ୍କ ସହିତ ଆଦୌ କୌଣସି ସାଦୃଶ୍ୟ ନାହିଁ । ଏହା କେବଳ ଏଡ଼େ ବଡ଼ ଗୋଟାଏ ଅଚେତନତାର ଗଦା ହୋଇ ରହିଛି !

ତୁମେ କ'ଣ ଏପରି ଭାବୁଛ ଯେ, ଯେପର୍ଯ୍ୟନ୍ତ ଅନ୍ୟ କୌଣସି ଏକ ପଦାର୍ଥ ଉପରୁ ଅବତରଣ ନ କରେ ଏବଂ **ବଳପ୍ରୟୋଗ କରି** ଏହାକୁ ବଦଳାଇ ନ ଦିଏ ?

*ହଁ ।*

ମାତ୍ର ଶ୍ରୀଅରବିନ୍ଦ କହୁଛନ୍ତି (ମୁଁ ଦୁଇଦିନ ତଳେ ତାହା ପଢ଼ିଥିଲି; ଠିକ୍ କେଉଁଠି ଲେଖିଛନ୍ତି ମୋର ମନେ ନାହିଁ । କାରଣ, ତାହା କୌଣସି ଏକ ଜାଗାରେ ଉଦ୍ଧୃତ ହୋଇଥିଲା), ଯଦି ଦିବ୍ୟ ପରମ ଚେତନା, ପରମ ଶକ୍ତି, ପରମ ପ୍ରେମ ଓ ପରମ ସତ୍ୟ ଅତ୍ୟନ୍ତ କ୍ଷିପ୍ର ଭାବରେ ଆପଣାକୁ ଏହି ପୃଥିବୀ ଉପରେ ପ୍ରକଟ କରି ଆଣନ୍ତି, ତେବେ ଏହି ପୃଥିବୀ ସଂପୂର୍ଣ୍ଣ ଭାବରେ ବିଲୁପ୍ତ ହୋଇଯିବ । ପୃଥିବୀ ସେହି ପ୍ରକଟନକୁ ମୋଟେ ସହ୍ୟ କରି ପାରିବ ନାହିଁ,– ଚୂନା ହୋଇଯିବ ।

ତା'ର ଅନୁବାଦ କରି ମୁଁ କହୁଛି । ମାତ୍ର ମର୍ମ ଠିକ୍ ସେଇଆ ।

*ମାତ୍ର, ସବୁଠାରୁ ଅଧିକ ଦିବ୍ୟ-ଅନୁପାନରେ ହୁଏତ ନୁହେଁ, ମାତ୍ର ଏକ କ୍ଷୁଦ୍ର ଅନୁପାନରେ ବି ତ ଦିବ୍ୟ ସାମର୍ଥ୍ୟର ପ୍ରୟୋଗ ହୋଇ ପାରିବ !*

(*ମାଆ ହସିଲେ*) ସେହି କ୍ଷୁଦ୍ର ଅନୁପାନଟି ତ ସବୁବେଳେ ରହିଛି । କ୍ଷୁଦ୍ର ଅନୁପାନ ସବୁବେଳେ ରହିଛି । ଏପରିକି କେତେକ ପରିମାଣରେ କଡ଼ା ଅନୁପାନଟି ମଧ୍ୟ ରହିଛି । ଏବଂ, ସେହି ପରମ ପ୍ରୟୋଗଟି ଆଡ଼କୁ ଦୃଷ୍ଟିପାତ କଲେ ପ୍ରକୃତରେ ବିସ୍ମୟ ଦ୍ୱାରା ପୂର୍ଣ୍ଣ ହୋଇଯିବାକୁ ହୁଏ । ମାତ୍ର ସେଇ ଦିବ୍ୟ ସାମର୍ଥ୍ୟ ହେତୁହିଁ,... ବସ୍ତୁଗୁଡ଼ିକ କିପରି ଅବସ୍ଥାରେ ରହିଛନ୍ତି, ଆମେ ତଥାପି ତାହା ଦେଖିବାକୁ ସମର୍ଥ ହେଉଛୁ ।

ପ୍ରକୃତରେ ଏପରି କୌଣସି ଗୋଟିଏ ଦିନ ବି ବିତି ନାହିଁ, ଯେତେବେଳେ କି ଏକଥା ଦୃଷ୍ଟିଗୋଚର ନ ହୋଇଛି ଯେ ସେଥିରୁ କେବଳ ଗୋଟିଏ ଅନୁପାନ, ଆଦୌ ପୂରା ଅନୁପାନ ନୁହେଁ, କେବଳ ସାନ ଅନୁପାନଟିଏ, ସାନ ବିନ୍ଦୁଟିଏ ମାତ୍ରହିଁ ଗୋଟିଏ ମୁହୂର୍ତ୍ତରେ ତୁମର ଆରୋଗ୍ୟବିଧାନ କରିପାରିବ । ‘‘ଏହା ଅବଶ୍ୟ କରି ପାରିବ’’ । ଏହା ପ୍ରକୃତରେ ତୁମର **ଆରୋଗ୍ୟବିଧାନ କରିବାରେ** ଲାଗିଛି । ତେଣୁ ଖାଲି କରିପାରିବ ବୋଲି କହିଲେ ତାହା ମୋଟେ ଠିକ୍ କହିବା ହେବ ନାହିଁ । ତୁମେ ସର୍ବଦା ସେହି ସ୍ଥିତି ଓ ସେହି ଅବସ୍ଥାରେ ରହିଛ । ସେହି ପ୍ରକ୍ରିୟାଟି କିଞ୍ଚିତ୍ ପରିମାଣରେ ଅଟକି ଗଲେ ମଧ୍ୟ ତଦ୍ଦ୍ୱାରା ଚରମ ବିଶୃଙ୍ଖଳା ଆସି ପହଞ୍ଚିଯିବ, ସବୁକିଛି ଶେଷ ହୋଇଯିବ । ଏବଂ, ତାହାର କେବଳ ଗୋଟିଏ ବିନ୍ଦୁରୁହିଁ ଏକଥା ସମ୍ଭବ ହେଉଛି ।... ତାହାରି ଦ୍ୱାରାହିଁ ଆଲୋକ ସମ୍ଭବ ହେଉଛି, ଅଗ୍ରଗତି ସମ୍ଭବ ହେଉଛି । ତେଣୁ ଦୁଇଟିଯାକ ଚରମ ପଦାର୍ଥ ପରସ୍ପରର ପାର୍ଶ୍ୱବର୍ତ୍ତୀ ହୋଇ ରହିଛନ୍ତି ।

ପ୍ରତ୍ୟହ ଅନ୍ତତଃ ଏକାଧିକ ବାର ଏହିପରି ଦୃଷ୍ଟିଗୋଚର ହୋଇଥାଏ ।

ମାତ୍ର, ଏକଥା ଅତ୍ୟନ୍ତ ସ୍ୱାଭାବିକ ଯେ, ଯଦି ଏହି ଯନ୍ତଟି ପର୍ଯ୍ୟବେକ୍ଷଣ କରିବା ଲାଗି, ବ୍ୟାଖ୍ୟା କରିବା ଲାଗି ଓ ବର୍ଣ୍ଣନା କରି କହି ପାରିବା ଲାଗି ତିଆରି ହୋଇଥାନ୍ତା, ତେବେ ତାହା କେତେ କ'ଣ ଆଶ୍ଚର୍ଯ୍ୟକର କଥା କହି ପାରନ୍ତା; ମାତ୍ର, କଥା ହେଉଛି... ମୁଁ ଭାବୁଛି – କେଜାଣି କ'ଣ ହୋଇଥିବ ?– ମାତ୍ର ମନେ ହେଉଛି, ସତେ ଯେପରି ସର୍ବପ୍ରଥମ ଥର ପାଇଁ ଏହି ଯନ୍ତଟି ''ଈଶ୍ୱରୀୟ ସୁସମାଚାର'', ''ପରମ ସତ୍ୟୋଦ୍‌ଘାଟନ''ର ବାର୍ତ୍ତା ବହନ କରି ଆଣିବା ପରିବର୍ତ୍ତେ, କେବଳ ସଂକେତ ଦେବା ସକାଶେ ତିଆରି ହେବା ପରିବର୍ତ୍ତେ କାର୍ଯ୍ୟଟିକୁ, ସେହି ଅସ୍ପଷ୍ଟ କାର୍ଯ୍ୟଟିକୁ, କରିବା ଲାଗିହିଁ ତିଆରି ହୋଇଛି । ଏବଂ, ତେଣୁ, ଏହା ସବୁକିଛିକୁ ଦେଖୁଛି ସତ, ମାତ୍ର ସେହି ଦେଖିବା ଜନିତ ଆନନ୍ଦ ଦ୍ୱାରା ଗୋଟାସୁଦ୍ଧା ଉଲ୍ଲସିତ ହୋଇଯାଉ ନାହିଁ । ଆହୁରି କେତେ କାର୍ଯ୍ୟ ତଥାପି ହେବାକୁ ବାକି ରହିଛି, **ସେହି ସବୁ କଥା ସତ୍ତ୍ୱେ** ସିଏ ପ୍ରତ୍ୟେକ ମୁହୂର୍ତ୍ତରେ ସେହି କଥାଟିକୁ ଦେଖିବା ଲାଗି ବାଧ ହେଉଛି ।... ତେଣୁ, ତା' ନିଜ ତରଫରୁ କହିବାକୁ ଗଲେ, ଯେତେବେଳେ କାର୍ଯ୍ୟଟି ପ୍ରକୃତରେ ସାଧିତ ହୋଇଯିବ, କେବଳ ସେତିକିବେଳେ ସିଏ ନିଜର ଆନନ୍ଦଟିକୁ ପ୍ରକାଶ କରିପାରିବ । ମାତ୍ର, ''କାମଟି ଯେତେବେଳେ ସାଧିତ ହୋଇଯିବ'',– ଏହି କଥାଟିର ପ୍ରକୃତ ଅର୍ଥ କ'ଣ ?... ଅର୍ଥାତ୍, ସେତେବେଳେ କୌଣସି ଏକ ବସ୍ତୁର **ପ୍ରତିଷ୍ଠା ହେବ** । ଏହି ଦିବ୍ୟ ପରମ ଉପସ୍ଥିତି, ପରମ ଚେତନା ଓ ପରମ ସତ୍ୟ ଆପଣାକୁ ଠିକ୍ ଏହିପରି ଭାବରେ ଏକ ହଠାତ୍ ଝଲକ ମଧ୍ୟଦେଇ ପ୍ରକାଶିତ କରିଆଣେ ଏବଂ ତା'ପରେ ପ୍ରତ୍ୟେକ ପଦାର୍ଥ ଆପଣାର ସାଧାରଣ ଗତିରେହିଁ ଅଗ୍ରସର ହେବାକୁ ଲାଗେ । ତଦ୍ୱାରା ପରିବର୍ତ୍ତନ ହୁଏ ସତ, ମାତ୍ର ସେହି ପରିବର୍ତ୍ତନ ଦୃଷ୍ଟିଗୋଚର ହୁଏ ନାହିଁ । ଏବଂ, ଏଇଟି ଲାଗି (*ଶରୀର ଲାଗି*) ତାହା ଅବଶ୍ୟ ଯଥେଷ୍ଟ ହୁଏ, ଏବଂ ମୁଁ ଭାବୁଛି ଯେ, ଏହାହିଁ ତା'ର ସାହସକୁ ଅତୁଟ ରଖେ, ଏବଂ ପରିଣାମ ଦୃଷ୍ଟିରୁ ଦେଖିଲେ ଯାହା ଏତେ କମ୍ ସନ୍ତୋଷଜନକ ହୋଇ ରହିଥାଏ, ତାହା ସତ୍ତ୍ୱେ ତାହାର ମୁହଁରେ ଏକ ହସ ଭରି ରଖିଥାଏ । ମାତ୍ର ଏତିକିରେ କଦାପି ତାହାର ସନ୍ତୋଷ ହେବ ନାହିଁ; କେବଳ ସେତିକିବେଳେ ସନ୍ତୋଷ ହେବ,... ଯେତେବେଳେ କି କାର୍ଯ୍ୟଟି ସଂପୂର୍ଣ୍ଣ ଭାବରେ ସାଧିତ ହୋଇଯିବ । ଅର୍ଥାତ୍, ବର୍ତ୍ତମାନ ଯାହା କେବଳ ଏକ ସାମୂହିକ ଉନ୍ମୋଚନ ହୋଇ ରହିଛି, ଆଖିକୁ ଝଲସାଇ ଦେଉଥିଲେ ମଧ୍ୟ ତଥାପି ମାତ୍ର କେତେ ସମୟ ଲାଗିହିଁ ସ୍ଥାୟୀ ହୋଇ ରହୁଛି, ତାହା ସେତେବେଳେ ଏକ ସତ୍ୟରୂପେ ସ୍ଥାୟୀ ଭାବରେ ପ୍ରତିଷ୍ଠିତ ହେବ, ସେତେବେଳେ ଶରୀରଗୁଡ଼ିକ ପ୍ରକୃତରେ ଦିବ୍ୟ ଶରୀରରେ ପରିଣତ ହେବେ, ଗୋଟିଏ ଗୋଟିଏ ଦିବ୍ୟ ସତ୍ତା-ରୂପେ ଦିବ୍ୟ ପ୍ରଣାଳୀରେ ଏହି ପୃଥିବୀ-ପୃଷ୍ଠରେ ଜୀବନ ବଞ୍ଚିବେ ।

କେବଳ ସେତିକିବେଳେ ଯାଇ ତାହା ‘‘ହଁ, ଏଥର ହେଲା’’ ବୋଲି କହିପାରିବ । ମାତ୍ର ତା’ ଆଗରୁ ମୋଟେ କହିପାରିବ ନାହିଁ । ଏବଂ, ସେକଥା ଏପରି ହଠାତ୍ ଆସି ପହଞ୍ଚିଯିବ ବୋଲି ମୁଁ ମୋଟେ ବିଶ୍ୱାସ କରୁ ନାହିଁ ।

କାରଣ, ଯାହା ସକ୍ରିୟ ହୋଇ ରହିଛି, ମୁଁ ସେହି କଥାଟିକୁ ଅତ୍ୟନ୍ତ ସକ୍ରିୟ ଭାବରେ ଦେଖିପାରୁଛି । ମୁଁ ତୁମକୁ କହିଛି ଯେ, ଏପରି ଅନେକ ବସ୍ତୁ ରହିଛି, ଯାହାକୁ ନେଇ,— ଯଦି ମୋତେ କଥାଟିକୁ ବର୍ଣ୍ଣନା କରି, ବ୍ୟାଖ୍ୟା କରି ଓ ଭବିଷ୍ୟବାଣୀ କଲା ପରି କହିବାକୁ ହୁଏ,— ଆମେ ଏକ ସମଗ୍ର ଶିକ୍ଷା-ସଂହିତା ତିଆରି କରିଦେଇ ପାରିବା । ଏହି ଅଭିଜ୍ଞତାଗୁଡ଼ିକ ମଧ୍ୟରୁ କେବଳ **ଗୋଟି**କୁ ନେଇହିଁ ଆମେ ତାହା କରିପାରିବା । ପ୍ରତ୍ୟହ ମୋର ଅନ୍ତତଃ ଏକାଧିକ ସେହିପରି ଅଭିଜ୍ଞତା ହେବାରେ ଲାଗିଛି । ମାତ୍ର ମୁଁ ଭଲ କରି ଜାଣିଛି ଯେ, ତଦ୍ୱାରା ଆଦୌ କୌଣସି ଉଦ୍ଦେଶ୍ୟ କେବେହେଲେ ସାଧିତ ହୁଏ ନାହିଁ ।

ଏବଂ ଆମେ ଏହାକୁ ଏକ ଅଧୀରତା ବୋଲି କହିବା ନାହିଁ, ସନ୍ତୋଷର ଅଭାବ ବା ସେହିପରି ଆଉ କିଛି ବୋଲି କଦାପି କହିବା ନାହିଁ । ଏହା ହେଉଛି ଏକ ଶକ୍ତି, ଏକ ଇଚ୍ଛାଶକ୍ତି, ଯାହାକି ସୋପାନ ସୋପାନ ହୋଇ ଆଗକୁ ଯିବାରେ ଲାଗିଛି ଏବଂ କାହାଣୀଟିକୁ କହିବା ସକାଶେ ଅଟକି ରହିବା ପାଇଁ ଯାହାର କୌଣସି ସମୟ ନାହିଁ; ଯେତିକି ସାଧିତ ହେଲା, ତାହାକୁ ନେଇ ସନ୍ତୋଷ ପ୍ରକାଶ କରିବାକୁ ବି ସମୟ ନାହିଁ ।

(*ମାଆ ନୀରବ ରହିଲେ*)

ଏହି ପୃଥିବୀରେ ଏପରି କୌଣସି ସତ୍ତା ରହିଛି, ଯାହାକି ଯଥାର୍ଥରେ ଏକ ଦିବ୍ୟ ସତ୍ତା ହୋଇ ରହିଛି, ଅର୍ଥାତ୍, ଯାହାକି ଅଚେତନତାର କୌଣସି ବିଧାନ ଦ୍ୱାରା ଆଦୌ ପରିଚାଳିତ ହେଉ ନାହିଁ ?... ମୁଁ ଭାବୁଛି, କାହାକୁ ନା କାହାକୁ ସେହି କଥାଟି ଅବଶ୍ୟ ଜଣାଥିବା ଉଚିତ । ଯଦି ତାହା ପ୍ରକୃତରେ କେଉଁଠି ଅଛି ଏବଂ ମୁଁ ତାହା ବିଷୟରେ ଅଜ୍ଞାତ ହୋଇ ରହିଛି, ତେବେ ମୁଁ ଏକଥା ଅବଶ୍ୟ କହିବି ଯେ, ମୋ’ଭିତରେ କୌଣସି ଜାଗାରେ ଆନ୍ତରିକତାର ଏକ ବୃହତ୍ ଅଭାବ ରହିଛି ଏବଂ ସେହି କାରଣରୁହିଁ ଏପରି କଥାଟିଏ ଘଟି ପାରୁଛି ।

ସତ କଥା କହିବାକୁ ଗଲେ, ମୁଁ ନିଜକୁ ଆଦୌ ଏହି ପ୍ରଶ୍ନଟିକୁ ପଚାରୁ ନାହିଁ ।

ଯେଉଁମାନଙ୍କୁ ଲୋକେ ଜାଣିଛନ୍ତି, ଏକ ନୂତନ ପୃଥିବୀ ବିଷୟରେ ଯେଉଁମାନେ ଘୋଷଣାମାନ କରିଛନ୍ତି ଅଥବା ନୂତନ ଜୀବନର ଉପଲବ୍ଧି କରିଛନ୍ତି, ସେମାନେ ପ୍ରତ୍ୟେକେ

ଅଚେତନତାର ଏପରି ଗୋଟିଏ ଅଂଶର ଅଧିକାରୀ ହୋଇ ରହିଛନ୍ତି, ଯାହାକି ମୋର ସେହି ଅଂଶଠାରୁ ଅନେକ ପରିମାଣରେ ଅଧିକ, ତେବେ... ମାତ୍ର ଏହି କଥାଟି ତ ସାଧାରଣ ସମସ୍ତଙ୍କୁ ଜଣାଅଛି । ଏପରି କୌଣସି ସତ୍ତା କୌଣସି ସ୍ଥାନରେ ଅଛନ୍ତି ଯାହାଙ୍କୁ କି କେହି ଜାଣି ନାହାନ୍ତି ? ସେହି ସତ୍ତାଟି ସହିତ ଯଦି ଆଦୌ କୌଣସି ଯୋଗସୂତ୍ର ସ୍ଥାପିତ ହୋଇ ନ ପାରେ, ତେବେ ମୁଁ ପ୍ରକୃତରେ ଭାରି ବିସ୍ମିତ ହେବି । ମୁଁ ଜାଣି ନାହିଁ ।

ହଁ, ଏପରି ଅନେକ, ଅନେକ ଦୃଷ୍ଟାନ୍ତ ରହିଛି । କେତେକେତେ ନୂଆ ଖ୍ରୀଷ୍ଟ ବା କଲ୍କି କିଂବା ଅତିମାନବମାନଙ୍କର ହଠାତ୍ ଆବିର୍ଭାବ ଘଟିଛି । ସେମାନେ ବହୁସଂଖ୍ୟାରେ ଅଛନ୍ତି, ମାତ୍ର, ସାଧାରଣତଃ ସେମାନଙ୍କ ସହିତ କୌଣସି ଯୋଗସୂତ୍ର ଅବଶ୍ୟ ରହିଛି । ଅନ୍ତତଃ ସେମାନେ ଅଛନ୍ତି ବୋଲି ସମସ୍ତଙ୍କୁ ଜ୍ଞାତ ହୋଇଛି । ମାତ୍ର, ସେମାନଙ୍କ ସମସ୍ତଙ୍କ ମଧ୍ୟରୁ, ମୁଁ ଯେତେ ଜଣଙ୍କର ସମ୍ପର୍କରେ ଆସିଛି, ଦୃଶ୍ୟ ବା ଅଦୃଶ୍ୟ ସେହି ସମସ୍ତଙ୍କ ମଧ୍ୟରୁ, ମୁଁ ଜଣଙ୍କୁ କାହାକୁ ଏପରି ଦେଖି ନାହିଁ ଯିଏକି... (ମୁଁ ବର୍ଣ୍ଣନା କରି କିପରି କହିବି କହିଲ !) ଯିଏକି ଏହି ଶରୀରଟିର ତୁଳନାରେ କମ୍ ଅସଚେତନ ହୋଇ ରହିଛନ୍ତି । ମାତ୍ର ମୁଁ ଭଲ କରି ଜାଣିପାରୁଛି ଯେ ଏହି ଶରୀରରେ ପ୍ରଭୂତ ପରିମାଣରେ ଅସଚେତନା ରହିଛି !

*ଯେଉଁ ପ୍ରକ୍ରିୟାଟିକୁ ମୁଁ ଆଖିରେ ଦେଖିପାରୁ ନାହିଁ, ଏହି ଜାଡ୍ୟ ଓ ଅଚେତନା ମଧ୍ୟରୁ ବାହାରି ଆସିବା ପୁଣି କିପରି ସମ୍ଭବ ହେବ ?*

ପ୍ରକ୍ରିୟା, କେଉଁ ପ୍ରକ୍ରିୟା ? ରୂପାନ୍ତରର ପ୍ରକ୍ରିୟା ?

*ହଁ । ଏପରି କୁହାଯାଇଛି ଯେ, ଏହି କ୍ଷେତ୍ରରେ ଚେତନାହିଁ ଆପଣାକୁ କାର୍ଯ୍ୟକାରୀ କରିବ ଓ ସେହି ସବୁକିଛିକୁ ଜାଗୃତ କରି ଆଣିବ...*

ଚେତନା ତ ତାହାହିଁ କରୁଛି !

*ହଁ, କରୁଛି ଯେ, ମାତ୍ର...*

ସେପରି କରିବାରୁ ତାହା କେବେହେଲେ ନିବୃତ୍ତ ହୋଇ ରହୁ ନାହିଁ ।

ଉତ୍ତରଟି ହେଉଛି : ହଠାତ୍ ଏପରି ଏକ ବିଘଟନର ବୋଧ ହେଉଛି (ଏସବୁ

ଭାରି, ଭାରି ସୂକ୍ଷ୍ମ କଥା; ମାତ୍ର ଯଥାର୍ଥ ଚେତନା ଏଗୁଡ଼ିକୁ ଅତ୍ୟନ୍ତ ମୂର୍ତ୍ତ ଭାବରେ ପ୍ରତ୍ୟକ୍ଷ କରିଥାଏ), ବିଘଟନର ହୁଏତ ଏକ ସ୍ରୋତ ବହି ଯାଉଥିବା ପରି ମନେ ହେଉଛି; ତା'ପରେ ଶରୀର ଯେଉଁ ଉପାଦାନରେ ତିଆରି ହୋଇଛି; ତାହା ପ୍ରଥମେ ସେହି ବିଘଟନକୁ ଅନୁଭବ କରୁଛି, ତା'ପରେ ତା'ର ପରିଣାମଗୁଡ଼ିକୁ ମଧ୍ୟ ଦେଖିପାରୁଛି,— ତା'ପରେ ସବୁକିଛି ବିଘଟିତ ହେବାକୁ ଆରମ୍ଭ କରୁଛି । ଏହି ବିଘଟନ ଫଳରେହିଁ ଏକ ବ୍ୟକ୍ତିଗତ ଶରୀରକୁ ଗଠିତ କରି ରଖିବାକୁ ଆବଶ୍ୟକ ହେଉଥିବା କୋଷଗୁଡ଼ିକର ସଂବଦ୍ଧତା ଆଉ ସମ୍ଭବ ହୋଇପାରୁ ନାହିଁ । ତା'ପରେ ଯାଇ ଜାଣିହେଉଛି (*ବିଲୁପ୍ତ ହୋଇଯିବାର ଇଙ୍ଗିତ*) ଯେ ଏଥର ଏଇଟିର ପରିସମାପ୍ତି ଘଟିବ । ତା'ପରେ କୋଷଗୁଡ଼ିକର ଅଭୀପ୍ସା ଆରମ୍ଭ ହୋଇଯାଉଛି, ଯାହାକୁ ଶରୀରର କେନ୍ଦ୍ରୀୟ ଚେତନା ବୋଲି କୁହାଯାଇ ପାରିବ, ତାହା ଅତ୍ୟନ୍ତ ପ୍ରଗାଢ଼ ଭାବରେ ଅଭୀପ୍ସା କରୁଛି । ''ତୁମରି ଇଚ୍ଛା, ହେ ପ୍ରଭୁ, କେବଳ ତୁମରି ଇଚ୍ଛା'' ବୋଲି ନିବେଦନ କରି ଏକ ପୂର୍ଣ୍ଣ ସମର୍ପଣ ସହିତ ସେହି ଅଭୀପ୍ସାଟି ହେଉଛି । ତା'ପରେ ଗୋଟାଏ ପ୍ରକାରର — ଏହି କ୍ଷେତ୍ରରେ କିଛି ଏଡ଼େ ବଡ଼ ଶବ୍ଦ କରି ଠୋ' ହୋଇ ଫାଟିଲା ପରି ଆଦୌ ମନେ ହେଉ ନାହିଁ, ଏପରି କୌଣସି ହଠାତ୍ ଉଦ୍‌ଭାସ ଘଟି ଆଖିକୁ ଜଳକା କରିଦେଉ ନାହିଁ, ମାତ୍ର... ହଁ, ବିଘଟନର ସେହି ସ୍ରୋତଟି କ୍ରମେ ଘନୀଭୂତ ହୋଇ ଆସିଲା ପରି ଅନୁଭବ ହେଉଛି ଏବଂ ତା'ପରେ ସତେଯେପରି କ'ଣ ଗୋଟାଏ ସ୍ତବ୍ଧ ହୋଇ ଅଟକି ଯାଉଛି । ପ୍ରଥମେ ଏକ ଶାନ୍ତି, ତା'ପରେ ଏକ ଆଲୋକ ଓ ତା'ପରେ ଏକ ପରମ ସମଞ୍ଜସତା ଅନୁଭୂତ ହେଉଛି । ତା'ପରେ ବିଶୃଙ୍ଖଳାଟି ଅନ୍ତର୍ହିତ ହୋଇଯାଉଛି । ଏବଂ, ବିଶୃଙ୍ଖଳାଟି ଅନ୍ତର୍ହିତ ହୋଇଯିବା ପରେ ସଙ୍ଗେ ସଙ୍ଗେ **କୋଷଗୁଡ଼ିକ ଭିତରେ** ଏପରି ଏକ ଅନୁଭୂତି ହେଉଛି, ସେଥିରୁ ଲାଗୁଛି, ସତେ ଯେପରି ସେମାନେ ଶାଶ୍ୱତତାକୁହିଁ ବଞ୍ଚୁଛନ୍ତି, ଶାଶ୍ୱତତା ଲାଗିହିଁ ଅସ୍ତିତ୍ୱ ଧାରଣ କରିଛନ୍ତି ।

ହଁ, ଏହିପରି ଭାବରେ, ମୂର୍ତ୍ତ ବାସ୍ତବସତ୍ୟର ସକଳ ସଘନତା ସହିତ ବର୍ତ୍ତମାନ ଏହି କଥାଟି ଘଟିବାରେ ଲାଗିଛି; କେବଳ ପ୍ରତ୍ୟହ ନୁହେଁ, ଦିନକୁ ମଧ୍ୟ ଅନେକ ଥର ଘଟୁଛି । ବେଳେବେଳେ ତାହା ଗୋଟାଏ ସଘନ ପିଣ୍ଡ ପରି ଭାରି କଠିନ ହୋଇ ପଡୁଛି । ବେଳେବେଳେ ତାହା କେବଳ ସ୍ପର୍ଶ କରି ଯାଉଥିବା ପରି ମନେ ହେଉଛି । ତା'ପରେ ଶାରୀରଚେତନାର ଭୂମିରେ ତାହା ଆପଣାକୁ ଏହିପରି ଭାବରେ ଉକୁଟାଇ ଆଣୁଛି, ସତେଅବା ଏକ କୃତଜ୍ଞତା-ଜ୍ଞାପନ ରୂପେ ଉକୁଟାଇ ଆଣୁଛି । ବସ୍ତୁତଃ ଅଚେତନା ଉପରେ ଏକ ଅଗ୍ରଗତି ରୂପେ ଉକୁଟାଇ ଆଣୁଛି । କେବଳ, ଏହି ଘଟଣାଗୁଡ଼ିକର ଆଦୌ କୌଣସି ପ୍ରତିଧ୍ୱନି ହେଉ ନାହିଁ । ପାଖରେ ଥିବା ମନୁଷ୍ୟ-ପ୍ରତିବେଶୀଟି ତାହାକୁ ଜାଣି ମଧ୍ୟ ପାରୁ ନାହିଁ; ସିଏ ହୁଏତ କେବଳ ବାହ୍ୟ କ୍ରିୟାଶୀଳତାର କ୍ଷେତ୍ରରେ କ'ଣ ସବୁ ବନ୍ଦ ହୋଇଗଲା

ପରି ଅନୁଭବ କରୁଛି, କ'ଣ ଗୋଟାଏ ସଂକେନ୍ଦ୍ରିତ ହୋଇଯାଇଥିବା ପରି ତାକୁ ଲାଗୁଛି । ବାସ୍, ସେତିକି । ତେଣୁ ସେହି ବିଷୟରେ ସିଏ କିଛି କହୁ ନାହିଁ, ତା'ଉପରେ କୌଣସି ବହି ଲେଖିପାରୁ ନାହିଁ, ତାକୁ ନେଇ କୌଣସି ପ୍ରଚାର କରି ବି ବୁଲି ହେଉ ନାହିଁ ।... କେବଳ କର୍ମହିଁ କରୁଛି ।

ଯାବତୀୟ ମନଃସ୍ତରୀୟ ଆକାଙ୍‌କ୍ଷା ଏଥିରେ ଆଦୌ ସନ୍ତୁଷ୍ଟ ହୋଇ- ପାରୁ ନାହିଁ ।

ଏହି କାର୍ଯ୍ୟଟି ଏକାନ୍ତ ଅନ୍ତରାଳରେ ହିଁ ସମ୍ପନ୍ନ ହେଉଛି ।

(*ମାଆ ଦୀର୍ଘ ସମୟ ପର୍ଯ୍ୟନ୍ତ ଧ୍ୟାନାବିଷ୍ଟ ହୋଇ ରହିଲେ*)

ଆଜିକୁ ପ୍ରାୟ ଦିନେ ଦୁଇଦିନ ହୋଇଗଲାଣି,– କାହିଁକି ଏପରି ହେଲା କେଜାଣି, ମାତ୍ର ଆପଣାର ଦିବ୍ୟୀକରଣ ଉଦ୍ଦେଶ୍ୟରେ ପୃଥିବୀର ଏହି ପ୍ରଚେଷ୍ଟାଟିକୁ ମୁଁ ସତେ ଯେପରି ସମଗ୍ର ଭାବରେ ଦେଖିବାକୁ ପାଇଲି । ସତେ ଯେପରି କେହିଜଣେ ଆସି ମୋତେ କହି ଯାଉଥିଲା (ପ୍ରକୃତରେ ଏହା ଆଦୌ ''କେହି ଜଣେ'' ନୁହେଁ, ଏହା ସାକ୍ଷୀରୂପେ ରହିଥିବା ଚେତନା, ସବୁ ଅବଲୋକନ କରୁଥିବା ଚେତନା । ମାତ୍ର ତାହା ଆପଣାକୁ ଶବ୍ଦର ସୂତ୍ର ଦେଇ ପ୍ରକାଶିତ ବି କରିଥାଏ । ଅନେକ ସମୟରେ ଆପଣାକୁ ଇଂରାଜୀ ଭାଷାରେ ବ୍ୟକ୍ତ କରେ ଏବଂ ମୁଁ ଅନୁଭବ କରେ ଯେ ଶ୍ରୀଅରବିନ୍ଦହିଁ ଏହି କଥାଗୁଡ଼ିକ କହୁଛନ୍ତି, ତାଙ୍କର ସେହି କ୍ରିୟାଶୀଳ ଚେତନାହିଁ ତାହା କହୁଛି; ମାତ୍ର ଅନେକ ସମୟରେ ତାହା କେବଳ ମୋ ଚେତନାରେ କେତୋଟି ଶବ୍ଦରୂପେ ଆବିର୍ଭୂତ ହୋଇ ଆସିଥାଏ) ସତେ ଯେପରି ମୋତେ କେହି କହି ଯାଉଥିଲା, ''ହଁ, ଘୋଷଣା କରି କହିବା ଓ ଉନ୍ମୋଚିତ କରି ଦେଖାଇ ଦେବାର ସମୟ ପ୍ରକୃତରେ ଅତୀତ ହୋଇ ଯାଇଛି । ଏବେ କେବଳ କର୍ମହିଁ କରିବାକୁ ହେବ ।''

ବସ୍ତୁତଃ, ଘୋଷଣା, ସତ୍ୟୋଦ୍‌ଘାଟନ ଏବଂ ଭବିଷ୍ୟବାଣୀ, ଏସବୁ ପ୍ରକୃତରେ ଭାରି ଭଲ ଲାଗେ, ଏହା ସତେଅବା କିଛି ''ମୂର୍ତ୍ତ'' ବସ୍ତୁ ଆସି ପହଞ୍ଚିଗଲା ପରି ଏକ ଧାରଣା ଦେଇଥାଏ; ବର୍ତ୍ତମାନ ଏହା ବଡ଼ ଅସ୍ପଷ୍ଟ ହୋଇ ରହିଛି, ବଡ଼ ଅସ୍ପଷ୍ଟ ହୋଇ ରହିଥିଲା ପରି ଅନୁଭବ ହେଉଛି, ଅଦୃଶ୍ୟ ହୋଇ ରହିଛି (ଦୀର୍ଘ ଅନେକ କାଳ ପରେ ଯାଇ ତାହାର ପରିଣାମଗୁଡ଼ିକ ଦୃଷ୍ଟିଗୋଚର ହୋଇ ପାରିବ), ଏକାନ୍ତ ଅବୋଧ ହୋଇ ରହିଛି ।

ଏହା ଏପରି ଏକ ରାଜ୍ୟର ବ୍ୟାପାର, ଯାହାକି ତାହାର ଏକ ବ୍ୟାଖ୍ୟା ଲାଗି, ଶବ୍ଦ ଦ୍ୱାରା ପ୍ରକାଶିତ ହେବା ଲାଗି ଆଦୌ ପ୍ରସ୍ତୁତ ହୋଇ ନାହିଁ ।

ଏବଂ ବସ୍ତୁତଃ, ଏହାକୁ ଆମେ ଯେତେ ଦୂର ପର୍ଯ୍ୟନ୍ତ ଏକ ନୂତନ ବସ୍ତୁ ବୋଲି କହିପାରିବା, ସେପର୍ଯ୍ୟନ୍ତ ତାହା ପ୍ରକୃତରେ ଅବୋଧ ହୋଇ ରହିଛି । ମୁଁ ଏଠାରେ ଯାହାକିଛି କହୁଛି, ଏହାକୁ ପଢୁଥିବା ଜଣେ ବ୍ୟକ୍ତିର କୌଣସି ଅଭିଜ୍ଞତା ସହିତ ଏହାର ଆଦୌ ସାଦୃଶ୍ୟ ନାହିଁ ।

ମାତ୍ର ମୁଁ ଭଲ ଭାବରେ ଦେଖି ପାରୁଛି,— ଏହିପରି ଏକ ସାନ କାର୍ଯ୍ୟଟିକୁ (*ମାଆ ଓଲଟାଇବାର ଇଙ୍ଗିତ କଲେ*) ଏଡ଼େ ଭଲ ଭାବରେ ଦେଖି ପାରୁଛି, ଏହାକୁ ଏକ ଭବିଷ୍ୟସୂଚକ ସତ୍ୟୋଦ୍‌ଘାଟନରେ ପରିଣତ କରିବାକୁ ଯାହାର କି ହୁଏତ ଏକ ଆବଶ୍ୟକତା ରହିଛି । ମନର କ୍ଷେତ୍ରରେ ଏହି ସାନ କାର୍ଯ୍ୟଟିକୁ କରିବାକୁ ପଡ଼ିବ, ସେଠି କଥାଗୁଡ଼ିକୁ ଟିକିଏ ଓଲଟାଇ ଦେବାକୁ ପଡ଼ିବ,— ଏହି ଅଭିଜ୍ଞତାଟି ସମ୍ପୂର୍ଣ୍ଣ ଭାବରେ ମନଃକ୍ଷେତ୍ରର ବହିର୍ଭୂତ, ଏବଂ ତେଣୁ ଏହି ବିଷୟରେ ଯାହା କିଛି କୁହା ହୋଇଥାଏ (*ମାଆ ଆପଣାର ମୁଣ୍ଡକୁ ତଳକୁ ନୁଆଁଇ ଆଣିଲେ*)... ଏହା ପ୍ରକୃତରେ ମନଃସ୍ତରର ଏକ ବ୍ୟାପାର ନ ହୋଇଥିବାରୁହିଁ ଏହା ପ୍ରାୟ ଅବୋଧ ହୋଇହିଁ ରହିଯାଏ । ଏବଂ, ଏହି ସବୁକିଛି (ହଁ, ଏସବୁକୁ ମୁଁ ସ୍ପଷ୍ଟଭାବରେ ଦେଖିପାରୁଛି) ବୋଧ ହୋଇ- ପାରିବାକୁ ହେଲେ ମନରେ ବ୍ୟାପାରଗୁଡ଼ିକୁ ଟିକିଏ ଓଲଟାଇ ଦେବାକୁ ପଡ଼ିବ (*ସେହି ପୂର୍ବପରି ଇଙ୍ଗିତ*) ଏବଂ ତା'ପରେ ଏହା ଏକ ଭବିଷ୍ୟବାଣୀରେ ପରିଣତ ହୋଇଯିବ । ଏବଂ ତାହା — ତାହା ମୋଟେ ସମ୍ଭବ ନୁହେଁ । ସେପରି ହେଲେ ତାହା ଆପଣାର ସତ୍ୟଟିକୁ ହରାଇ ବସିବ ।

ବୁଝିଲ ?

ହଁ, ଏହା ବର୍ତ୍ତମାନ ସେଇଟି ଲାଗି ପ୍ରସ୍ତୁତ ହେଉଛି ।

## ୨୨ ନଭେମ୍ବର ୧୯୬୭

ଏକ ଅଗ୍ରଗତି ହୋଇଛି ।

ଡିସେମ୍ବର ଦୁଇତାରିଖର ଶରୀରକ୍ରୀଡ଼ା ପ୍ରଦର୍ଶନୀ* ଶେଷରେ ସବୁ ପିଲା ଏଥର ଏକ ସମବେତ ପ୍ରାର୍ଥନା ଅନୁଷ୍ଠିତ କରିବେ । ସେମାନେ ଯାହା ପ୍ରାର୍ଥନା କରିବେ, ମୁଁ ସେଇଟିକୁ ଲେଖି ଦେଇଛି । ବର୍ତ୍ତମାନ ମୁଁ ତୁମମାନଙ୍କ ଆଗରେ ସେଇଟିକୁ ପଢ଼ିବାକୁ ଯାଉଛି । ମାତ୍ର ମୁଁ କ'ଣ ଯେ ଲେଖିବି; ସେକଥା ଆଗରୁ ଭାବି ନ ଥିଲି । ସେମାନେ ଲେଖିଦେବାକୁ କହିଲେ, ମୁଁ ଲେଖିଦେଲି ।

ବୋଧହୁଏ ସେମାନେ **ବୁଲେଟିନ୍** ପଢ଼ିଥିଲେ ଓ ତା'ପରେ ଏକ ପ୍ରାର୍ଥନା ଲେଖିଦେବାକୁ ମୋତେ କହିଥିଲେ । ଯାହା ଯଥାର୍ଥରେ ଶରୀରର ହୋଇଥିବ, ସେହିପରି ଏକ ପ୍ରାର୍ଥନା । ମୁଁ ଉତ୍ତରରେ ଏହି ପ୍ରାର୍ଥନାଟିକୁ ଲେଖିଦେଲି :

*ଦେହସ୍ଥ କୋଷଗୁଡ଼ିକର ପ୍ରାର୍ଥନା*

*ବର୍ତ୍ତମାନ ଯେତେବେଳେ ସେହି ପରମ କରୁଣାର ପ୍ରଭାବ ଦ୍ୱାରା ପ୍ରେରିତ ହୋଇ ଆମେ କ୍ରମେ ଅଚେତନା ମଧ୍ୟରୁ ବାହାରକୁ ବାହାରି ଆସୁଛୁ ଏବଂ ଜାଗୃତ ହୋଇ ଏକ ଚେତନ ଜୀବନ ମଧ୍ୟକୁ ପ୍ରବେଶ କରୁଛୁ, ସେତେବେଳେ ଆହୁରି ଆଲୋକ ଓ ଆହୁରି ଚେତନା ଲାଗି ଆମ ଭିତରୁ ଏକ ଉଦ୍ଦୀପ୍ତ ପ୍ରାର୍ଥନା ଉଚ୍ଚାରିତ ହୋଇ ଉଠୁଛି,*

*''ହେ ଏହି ବିଶ୍ୱର ସର୍ବୋଚ୍ଚ ପରମପ୍ରଭୁ, ଆପଣଙ୍କୁ ଆମେ ପ୍ରାର୍ଥନା କରୁଛୁ, ଆମେ ଯେପରି ଏହି ପୃଥିବୀପୃଷ୍ଠରେ ଆପଣଙ୍କର ଗୋଟିଏ ଗୋଟିଏ ଦିବ୍ୟ ଯନ୍ତ୍ରରେ ପରିଣତ ହୋଇପାରୁ, ସେଥିଲାଗି ଆପଣ ଆମକୁ ବଳ ଓ ସୌନ୍ଦର୍ଯ୍ୟ ଦିଅନ୍ତୁ, ଆମକୁ ସୌଷମ୍ୟ-ଯୁକ୍ତ ପରିପୂର୍ଣ୍ଣତା ପ୍ରଦାନ କରନ୍ତୁ !''*

ଏହାକୁ ପ୍ରାୟ ଏକ ଘୋଷଣା ବୋଲି କୁହାଯାଇ ପାରିବ ।

କ୍ରୀଡ଼ା-ପ୍ରଦର୍ଶନ ପରେ ସେମାନେ ଏହି ବାକ୍ୟଗୁଡ଼ିକୁ ପ୍ରାର୍ଥନାରୂପେ ଆବୃତ୍ତି କରିବେ । ଯାହା ମନେ ହେଉଛି, ସେମାନେ ପ୍ରଥମେ ଶାରୀରିକ ଦୃଷ୍ଟିର ସମଗ୍ର ଐତିହାସିକ

---

* ପ୍ରତ୍ୟେକ ବର୍ଷ ଏହି ତାରିଖଟିରେ ବିଦ୍ୟାଳୟର ପିଲାମାନେ ଓ ଆଶ୍ରମର କ୍ରୀଡ଼ାଶିକ୍ଷାର୍ଥୀ ସାଧକମାନେ ଏକତ୍ର ଶାରୀରିକ କ୍ରୀଡ଼ା କୌଶଳର ଏକ ସାଧାରଣ ପ୍ରଦର୍ଶନ କରିଥାନ୍ତି ।

ବିକାଶଟିକୁ ପ୍ରଦର୍ଶନର ମାଧ୍ୟମରେ ଉପସ୍ଥାପନ କରିବେ ଓ ତା'ପରେ ଶେଷରେ କହିବେ : ଆମେ ପ୍ରକୃତରେ ଶେଷ ପ୍ରାନ୍ତରେ ଆସି ମୋଟେ ପ୍ରବେଶ କରି ନାହୁଁ; ଆମେ ପ୍ରକୃତରେ ଏକ ସାଧନାର ପ୍ରାରମ୍ଭ-ସ୍ତରରେହିଁ ରହିଛୁ । ଏବଂ ତେଣୁ, ଏହି ପ୍ରାର୍ଥନାଟିକୁ କରୁଛୁ ।

ମୁଁ ଏଥିରେ ଭାରି ଖୁସୀ ହୋଇଗଲି ।

*ଏକ ଅଗ୍ରଗତି ହୋଇଛି ବୋଲି ଆପଣ କହୁଛନ୍ତି ?*

ଅଗ୍ରଗତି ! ଏକ ଅଦ୍ଭୁତ ଅଗ୍ରଗତି ! ଏତେ ଅଗ୍ରଗତି ସମ୍ଭବ ହେବ ବୋଲି ସେମାନେ ଚିନ୍ତାହିଁ କରି ନ ଥିଲେ । ଏକ ସମଗ୍ର ଭୂମି ଉପରେ ବିଚାର କଲେ ସେମାନେ ଏହି ରୂପାନ୍ତରଟିକୁ ହାସଲ କରିବେ ବୋଲି କେବେ ଭାବି ନ ଥିଲେ : ସେମାନେ ପୃଥିବୀର ଜଣେ ଜଣେ ସର୍ବଶ୍ରେଷ୍ଠ ଖେଳାଳି ଏବଂ କ୍ରୀଡ଼ାବିତ୍ ହେବେ ବୋଲି ଭାବୁଥିଲେ, ସେହି ସବୁ ଯାବତୀୟ ନିର୍ବୋଧତାଗୁଡ଼ାକ ବିଷୟରେହିଁ ଭାବୁଥିଲେ ।

ସେମାନେ ଏହି **ଶରୀର** ସକାଶେହିଁ ଏକ ପ୍ରାର୍ଥନା ଚାହିଁଥିଲେ । ସେମାନେ ବର୍ତ୍ତମାନ ବେଶ୍ ବୁଝୁଛନ୍ତି ଯେ, ଶରୀରକୁ ଆପଣାର ସକଳ କୃଷ୍ଟିର ମାଧ୍ୟମରେ ଆଉକିଛିକୁ ରୂପାନ୍ତରିତ ହୋଇଯିବାକୁ ପଡ଼ିବ । ଏଥିପୂର୍ବରୁ ସେମାନେ ପୃଥିବୀର ଅନ୍ୟାନ୍ୟ ଦେଶରେ ଉପଲବ୍ଧ ଶାରୀରିକ କର୍ଷଣର ସମ୍ପୂର୍ଣ୍ଣ ଇତିହାସଟିକୁ ପଢାଇ ରଖୁଥିଲେ; ଯେଉଁ ଦେଶରେ ଶାରୀରିକ ଗଠନର ବିଦ୍ୟାଟି ସବୁଠାରୁ ଅଧିକ ଅଗ୍ରଗତି କରିଛି, ଏହି ଶରୀର ବର୍ତ୍ତମାନ ଯେପରି ଅଛି, ତାହାକୁ ସେହି ଅବସ୍ଥାରେ କିପରି କାମରେ ଲଗାଇବାକୁ ହେବ,— ସେମାନେ ଏହି ସବୁର ଚର୍ଚ୍ଚା କରୁଥିଲେ । ହଁ, — ଏଗୁଡ଼ାକ ଅଲିମ୍ପିକ୍ କ୍ରୀଡ଼ାର ଆଦର୍ଶରେ ପରିଚାଳିତ ହେଉଥିଲା । ବର୍ତ୍ତମାନ ସେମାନେ ସେହି ଗାରଟିକୁ ଅତିକ୍ରମ କରିଗଲେଣି; ସେମାନେ ଅତୀତରେ ସେହିପରି କରୁଥିଲେ, ବର୍ତ୍ତମାନ ସେମାନେ ରୂପାନ୍ତର ଚାହୁଁଛନ୍ତି ।

ହଁ, ଆଗରୁ ଲୋକମାନେ ସେମାନଙ୍କର ମନ ଓ ପ୍ରାଣର କ୍ଷେତ୍ରରେ ଦିବ୍ୟ ହେବାକୁ ପ୍ରାର୍ଥନା କରୁଥିଲେ । ଏଇଟା ହେଉଛି ଆଧ୍ୟାତ୍ମିକତାର ସେହି ପୁରୁଣା ଇତିହାସ, ଶତାବ୍ଦୀ ଶତାବ୍ଦୀ ଧରି ସେହି ଇତିହାସକୁ କେତେ କିଏ ପୁନରାବୃତ୍ତି କରି କହିଛନ୍ତି । ମାତ୍ର, ବର୍ତ୍ତମାନ **ଶରୀର** କଥା କୁହାଯାଉଛି । ବର୍ତ୍ତମାନ ଶରୀର ମଧ୍ୟ ଅଂଶଗ୍ରହଣ କରିବାକୁ ଚାହୁଁଛି । ଏହାକୁ ସମ୍ପୂର୍ଣ୍ଣ ଭାବରେ ଏକ ଅଗ୍ରଗତି ବୋଲି କୁହାଯିବ ।

*ହଁ, ମାତ୍ର, ମନର କ୍ଷେତ୍ରରେ ଏହି ଅଭୀପ୍ସାଟି କିପରି ଆପଣାକୁ ସଂପୁଷ୍ଟ କରୁଛି, କିପରି ଆପେ ଆପଣାକୁ ଜୀବନ ଦେଇ ରଖିଛି, ସେହି କଥାଟି ବେଶ୍*

*ବୁଝିହେଉଛି । ହୃଦୟରେ ମଧ୍ୟ ସେହି ଅଭୀପ୍ସା ଜୀବନ୍ତ ହୋଇ ରହିଛି, ସେକଥାଟି ଭାରି ଭଲ ଭାବରେ ଦୃଷ୍ଟିଗୋଚର ହେଉଛି । ମାତ୍ର ଶରୀରରେ ? ଶରୀରରେ ସେହି ଅଭୀପ୍ସାଟିକୁ ଜାଗୃତ କରାଯାଇ ପାରିବ କିପରି ?*

ମାତ୍ର ତାହା ତ ମାସ ମାସ ହେଲା ମୋ'ଭିତରେ ଜାଗୃତ ହୋଇ ସାରିଲାଣି ! ତେଣୁ ଏହା ଅବଶ୍ୟ ସତ ଯେ, ସେମାନେ ମଧ୍ୟ ବର୍ତ୍ତମାନ ସେହି କଥାଟିକୁ ଅନୁଭବ କରିଛନ୍ତି ଓ ଅନୁଭବ କରୁଛନ୍ତି ।

ଏକଥାଟି କିପରି ହେଉଛି ବୋଲି ପଚାରୁଛ ?— ଏହା ବର୍ତ୍ତମାନ ସେହି ହେବାର ପ୍ରକ୍ରିୟାଟି ମଧ୍ୟଦେଇ ଗତି କରୁଛି ।

*ମାତ୍ର ନିଜ ଭିତରେ କିପରି...*

ନାଇଁ ନାଇଁ,— ସେକଥା ମୋଟେ ନୁହେଁ । ଯେତେବେଳେ ଗୋଟିଏ ଶରୀରରେ ଏହା ସମ୍ଭବ ହୋଇଛି, ତାହା ସମସ୍ତଙ୍କର ଶରୀରରେ ମଧ୍ୟ ଅବଶ୍ୟ ସମ୍ଭବ ହେବ ।

*ହଁ, ମାତ୍ର ମୁଁ ପଚାରୁଛି କିପରି... ? କିପରି ତାହା ସମ୍ଭବ ହେବ ?*

ହଁ, ଗତ କେତେମାସ ହେଲା ମୁଁ ସେହି କଥାଟିକୁହିଁ ବୁଝାଇବାର ଚେଷ୍ଟା କରି ଆସିଛି ।

ପ୍ରଥମ କଥା ହେଉଛି, କୋଷଗୁଡ଼ିକରେ ଚେତନାକୁ ଜାଗୃତ କରାଇ ଆଣିବା ।

*ହଁ, ତାହାହିଁ ପ୍ରଥମ କଥା !*

ହଁ, ତାହା ପ୍ରଥମ କଥା । ଥରେ ଏହିପରି ହେବାକୁ ଆରମ୍ଭ କଲେ ହେଲା ! ଚେତନା ଅଧିକରୁ ଅଧିକ ପରିମାଣରେ ଜାଗୃତ ହୋଇ ଆସିବାରେ ଲାଗିଥିବ; କୋଷଗୁଡ଼ିକ ସଚେତନ ଭାବରେ ଜୀବନ ବଞ୍ଚୁଥିବେ ଓ ସଚେତନ ଭାବରେ ଅଭୀପ୍ସା କରି ପାରୁଥିବେ । ଗତ ଅନେକ ମାସ ହେଲା ମୁଁ ଏହି କଥାଟିକୁହିଁ ବୁଝାଇ କହି ଆସୁଛି; ମାସ ମାସ ଧରି ବୁଝାଇ କହିବାକୁ ଚେଷ୍ଟା କରି ଆସୁଛି । ତେଣୁ ଠିକ୍ ଏହି କଥାଟି ଦେଖି ମୁଁ ଏତେ ଖୁସୀ ହୋଇଛି ଯେ ସେମାନେ ଅନ୍ତତଃ ସମ୍ଭାବନାଟିକୁ ହୃଦୟଙ୍ଗମ କରି ପାରିଛନ୍ତି ।

ଯେଉଁ ଚେତନା ପ୍ରାଣିକ ଓ ମାନସିକ ସ୍ତରର ଏକଚାଟିଆ ସମ୍ପତ୍ତି ହୋଇ ରହିଥିଲା, ଆଜି ସେଇଟିହିଁ ଶରୀରର ଭୂମିଟି ମଧ୍ୟକୁ ଆସିଛି । ସେହି ଚେତନା ଶରୀରର କୋଷଗୁଡ଼ିକରେ ମଧ୍ୟ କାର୍ଯ୍ୟ କରୁଛି ।

ଶରୀରର କୋଷଗୁଡ଼ିକ କ୍ରମଶଃ ସଚେତନ ହୋଇ ଆସୁଛନ୍ତି, ସମ୍ପୂର୍ଣ୍ଣ ଭାବରେ ସଚେତନ ହେବାରେ ଲାଗିଛନ୍ତି ।

ଏହି ଚେତନା ଏକ ସ୍ୱାଧୀନ ଚେତନା; ତାହା ପ୍ରାଣିକ କିଂବା ମାନସିକ ଚେତନା ଉପରେ ଆଦୌ ନିର୍ଭରଶୀଳ ହୋଇ ରହି ନାହିଁ । ଏହା ହେଉଛି ଏକ ଶାରୀରିକ ଚେତନା ।

(*ମାଆ ନୀରବ ରହିଲେ*)

ଏବଂ ଏହି ସ୍ଥୂଳ ମନଟି ବିଷୟରେ କହିବାକୁ ଯାଇ ଶ୍ରୀଅରବିନ୍ଦ ଏହି କଥାଟିକୁ ଏକ ଅସମ୍ଭବ କଥା ବୋଲି କହିଥିଲେ । ଏହି ସ୍ଥୂଳ ମନ ସର୍ବଦା ଆପଣାର ପରିଧିଟି ଉପରେ ଭଉଁରି ବୁଲିବାରେ ଲାଗିଥାଏ, ସେହି ଗୁଳାଟିକୁ କାଟି ବାହାରକୁ ଯିବା ତାହା ପକ୍ଷରେ ମୋଟେ ସମ୍ଭବ ହୁଏ ନାହିଁ । ତାହାର ଆଦୌ କୌଣସି ଚେତନା ନ ଥାଏ । କେବଳ ଗୋଟାଏ ମେସିନ୍ ପରି ଖାଲି ବୁଲିବାରେ ଲାଗିଥାଏ । ବର୍ତ୍ତମାନ ସେହି ସ୍ଥୂଳ ମନ ଏକ ନୂତନ ରୂପ ଗ୍ରହଣ କରିଛି, ତାହା ନୀରବ ହୋଇ ଯାଇଛି । ଏବଂ ସେହି ନୀରବତା ମଧ୍ୟରେ ତାହାକୁ ପରମଚେତନାର ପ୍ରେରଣାଟି ପ୍ରାପ୍ତ ହୋଇପାରିଛି । ଏବଂ ତାହା ପୁନର୍ବାର ପ୍ରାର୍ଥନା କରିବାକୁ ଆରମ୍ଭ କରିଛି : ଆଗରୁ ମନ ଭିତରେ ଯେଉଁ ପ୍ରାର୍ଥନାଟି ରହିଥିଲା, ଏବେ ଏହା ଠିକ୍ ସେହି ପ୍ରାର୍ଥନାଟିକୁ କରୁଛି ।

*ଆପଣଙ୍କ ଭିତରେ କ'ଣ ଘଟିବ, ମୁଁ ସେକଥାଟିକୁ ବେଶ୍ ବୁଝୁଛି, ମାତ୍ର...*

ମାତ୍ର, ଯଦି ଏହା ଗୋଟିଏ ଶରୀରରେ ଘଟିପାରିଲା, ତେବେ ସମସ୍ତଙ୍କ ଶରୀରରେ ମଧ୍ୟ ନିଶ୍ଚୟ ଘଟିପାରିବ । ଅନ୍ୟମାନଙ୍କଠାରୁ ମୁଁ ତ କୌଣସି ଭିନ୍ନ ଉପାଦାନରେ ତିଆରି ହୋଇ ନାହିଁ । ଯାହା କିଛି ବିଭିନ୍ନତା, ତାହା କେବଳ ଚେତନାର ସ୍ତରରେ ରହିଛି । ମୋ ଶରୀର ସେହି ଏକା ବସ୍ତୁ ଓ ଏକା ଉପାଦାନରେ ତିଆରି ହୋଇଛି । ମୁଁ ସେହି ଏକ ଖାଦ୍ୟକୁ ଆହାର ରୂପେ ଗ୍ରହଣ କରୁଛି ଏବଂ ଏହି ଶରୀର ସମ୍ପୂର୍ଣ୍ଣ ଭାବରେ ସେହି ଗୋଟିଏ ପ୍ରକାରେ ତିଆରି ହୋଇଛି ।

ଏହି ସଂସାରର ଅନ୍ୟ ସମସ୍ତ ଶରୀର ପରି ଏହି ଶରୀରଟି ମଧ୍ୟ ଏକଦା ନିର୍ବୋଧ

ହୋଇ ରହିଥିଲା, ତମସାଚ୍ଛନ୍ନ ଓ ଅଚେତନ ହୋଇ ରହିଥିଲା, ଠିକ୍ ସେହିପରି ଅନମନୀୟ ହୋଇ ରହିଥିଲା ।

ମୁଁ ଅତ୍ୟନ୍ତ ପୀଡ଼ିତ ଅଛି ବୋଲି (୧୯୬୨ ବସନ୍ତ ଋତୁରେ) ଡାକ୍ତରମାନେ ଯେତେବେଳେ କହିଲେ, ଏହି ପ୍ରକ୍ରିୟାଟି ସେହି ସମୟରୁ ଆରମ୍ଭ ହେଲା । କାରଣ, ସମ୍ପୂର୍ଣ୍ଣ ଶରୀରକୁ ସେତେବେଳେ ତା'ର ସମସ୍ତ ଅଭ୍ୟାସକୁ ଛାଡ଼ିବାକୁ ପଡ଼ିଲା, ସେହି ଅଭ୍ୟାସଗୁଡ଼ାକର ଯାବତୀୟ ଶକ୍ତି ଶିଥିଳ ହୋଇଗଲା; ଏବଂ ତା'ପରେ, ଧୀରେ ଧୀରେ କୋଷଗୁଡ଼ିକ ଜାଗ୍ରତ ହୋଇ ଉଠିବାକୁ ଆରମ୍ଭ କଲେ; ସେମାନେ ଏକ ନୂତନ ଭାବରେ ଗ୍ରହଣଶୀଳ ହେଲେ ଏବଂ ଅପରୋକ୍ଷ ଭାବରେ ଆପଣାକୁ ସେହି ଦିବ୍ୟ ପରମ ପ୍ରଭାବ ଉଦ୍ଦେଶ୍ୟରେ ଉନ୍ମୋଚିତ କରିଦେଲେ ।

ତା' ନ ହେଲେ, ପ୍ରକୃତରେ ଆଉ କିଛି ଆଶା କରିହୋଇ ନ ଥାନ୍ତା । ଯଦି ଏହି ଜଡ଼ୋପାଦାନ... ଏପରିକି ଖଣ୍ଡେ ଗୋଡ଼ି ବା ପଥରକୁ ଆମେ ଅବଶ୍ୟ ଏକ ସଙ୍ଗଠିତ ଜଡ଼ରୂପ ବୋଲି କହି ପାରିବା । ମାତ୍ର ଏହା ଖଣ୍ଡେ ଗୋଡ଼ି ବା ପଥରରୁ ମଧ୍ୟ ଅଧିକ ହୀନ ହୋଇ ରହିଥିଲା : ଅଚେତନ ଓ ସମ୍ପୂର୍ଣ୍ଣ ଭାବରେ ଜଡ଼ ହୋଇ ରହିଥିଲା । ଏବଂ ତା'ପରେ ଧୀରେ ଧୀରେ ତା'ର ନିଦ୍ରାଭଙ୍ଗ ହେଲା । ଏହାର ଏକ ଦେଖିବାଶକ୍ତି ରହିଛି,— ହଁ, ଦେଖିବାଶକ୍ତି ରହିଛି । କେବଳ ଆଖି ଖୋଲିଦେଇ ପାରିଲେହିଁ ଏହା ଅବଶ୍ୟ ଦେଖି ପାରିବ । ହଁ, ଏହି କ୍ଷେତ୍ରରେ ଠିକ୍ ତାହାହିଁ ଘଟୁଛି । ଗୋଟିଏ ଇତରପ୍ରାଣୀ ମନୁଷ୍ୟ ହେବା ସମୟରେ ତା'ଭିତରେ କେବଳ ଏକ ମାନସିକ ଚେତନାକୁ ନେଇ ପ୍ରବିଷ୍ଟ କରାଇଦେବା ବ୍ୟତୀତ ଆଉ କିଛି କରିବାକୁ ପଡ଼ି ନ ଥିଲା । ମାତ୍ର, ଯେଉଁ ଚେତନାଟି ଏକାବେଳେକେ ସବାତଳେ ଯାଇ ରହିଥିଲା, ବର୍ତ୍ତମାନ ସେହି ଚେତନାଟିକୁ ଜାଗ୍ରତ କରି ଅଣାଇବାକୁ ପଡୁଛି । ମନ ଓ ପ୍ରାଣର ସବୁକିଛିକୁ ପ୍ରତ୍ୟାହୃତ କରିନେବାକୁ ପଡୁଛି । ଯେତେବେଳେ ମୁଁ ପୀଡ଼ିତ ହୋଇ ପଡ଼ିଥିଲି ବୋଲି କୁହା ଯାଉଥିଲା, ସେତେବେଳେ ମନ ବା ପ୍ରାଣ କେହି ଉପସ୍ଥିତ ନ ଥିଲେ; କେବଳ ଶରୀରହିଁ ଆପଣା ବଳ ଉପରେ ନିର୍ଭର କରି ପଡ଼ି ରହିଥିଲା । ଏହା ପଛରେ ଏକ ଉଦ୍ଦେଶ୍ୟ ଅବଶ୍ୟ ରହିଥିଲା । ହଁ, ପ୍ରାଣ ଓ ମନ ଉଭୟେ ଅପସରି ଯାଇଥିବାରୁ ଅସୁସ୍ଥତା ପ୍ରକୃତରେ ଅତ୍ୟନ୍ତ ସାଙ୍ଘାତିକ ବୋଲି ମନେ ହେଉଥିଲା । ଏବଂ, ଶରୀର ଯେତେବେଳେ ଏକାକୀ ଆପଣାର ନିୟତିକୁ ନେଇ ରହିଥିଲା, ସେତେବେଳେ କୋଷଗୁଡ଼ିକ ଧୀରେ ଧୀରେ ଚେତନା ମଧ୍ୟକୁ ଜାଗରିତ ହୋଇ ଉଠିଲେ (*ମାଆ ଅଭୀପ୍ସା ଊର୍ଦ୍ଧ୍ୱକୁ ଜାଗରିତ ହୋଇ ଉଠିବାର ଇଙ୍ଗିତ କଲେ*); ଯେଉଁ ଚେତନା ପ୍ରାଣିକ ସ୍ତରରୁ ଶରୀର ମଧ୍ୟକୁ ପ୍ରବେଶ କରିଥିଲା (ଆଗ ମନଃସ୍ତରରୁ ପ୍ରାଣିକକୁ, ତା'ପରେ ପ୍ରାଣିକରୁ ଶରୀର ମଧ୍ୟକୁ), ବର୍ତ୍ତମାନ ଯେତେବେଳେ ଉଭୟେ

9

ଅପସରି ଯାଇଥିଲେ, ସେତେବେଳେ ସେହି ଚେତନା ଧୀରେ ଧୀରେ ଉନ୍ମୀଳିତ ହେବାକୁ ଆରମ୍ଭ କଲା । ଏହି ପ୍ରକ୍ରିୟାଟି ସେହି ଅନ୍ତିମ ସର୍ବୋଚ୍ଚ ଉଚ୍ଚତାଟିରୁ ପରମ ଶ୍ରଦ୍ଧାର ଏକ ବିସ୍ଫୋରଣ ରୂପେ ଆରମ୍ଭ ହୋଇଥିଲା । ଏବଂ ତା'ପରେ, ଅଳ୍ପ ଅଳ୍ପ କରି, ଅଳ୍ପ ଅଳ୍ପ କରି, ତାହା ଶରୀର ମଧ୍ୟକୁ ଅବତରଣ କରି ଆସିଲା । ଏବଂ ତା'ପରେ, ଏହି ସ୍ଥୂଳ ଭୌତିକ ମନଟି, ଯାହାକି ସମ୍ପୂର୍ଣ୍ଣ ଭାବରେ ନିର୍ବୋଧ ହୋଇ ରହିଥିଲା, କେବଳ ଭଉଁରି ବୁଲି ସେହି ଗୋଟିଏ କଥାର ପୁନରାବୃତ୍ତି କରିବାରେ ଲାଗିଥିଲା, ଶହେବାର ମୁଣ୍ଡଳା ବୁଲି ଆସିଲେ ମଧ୍ୟ ସେତିକି ବ୍ୟତୀତ ଆଉ କିଛି କରୁ ନ ଥିଲା, ତାହା ଧୀରେ ଧୀରେ ଆଲୋକିତ ହୋଇ ଆସିଲା, ସଚେତନ ହେଲା, ସଂଗଠିତ ହେଲା ଏବଂ ତା'ପରେ, ସେହି ନୀରବତା ମଧ୍ୟରେ ଯାଇ ପ୍ରବେଶ କଲା । ଏବଂ ତାହାପରେ, ସେହି ନୀରବତା ମଧ୍ୟରେ ଅଭୀପ୍ସା ଆପଣାକୁ ପ୍ରାର୍ଥନା ରୂପେହିଁ ବ୍ୟକ୍ତ କରି ଆଣିଲା ।

(*ମାଆ ନୀରବ ରହିଲେ*)

ଏହି ଘଟଣାଟି ପ୍ରାଚୀନ ଯାବତୀୟ ଆଧ୍ୟାତ୍ମିକ ଘୋଷଣାକୁ ଅନ୍ୟଥା କରିଦେଲା : ''ଯଦି ତୁମେ ଦିବ୍ୟ ଜୀବନର ସମ୍ପୂର୍ଣ୍ଣ ସଚେତନତା ସହିତ ବଞ୍ଚିବାକୁ ଇଚ୍ଛା କରୁଛ, ତେବେ ଶରୀରକୁ ଛାଡ଼ି ଚାଲିଆସ,– କାରଣ ଶରୀର କେବେହେଲେ ତୁମ ସହିତ ବାଟ ଚାଲିପାରିବ ନାହିଁ ।''; ମାତ୍ର ଶ୍ରୀଅରବିନ୍ଦ ଆସିଲେ ଏବଂ କହିଲେ : ଶରୀର କେବଳ ସାଙ୍ଗରେ ଯେ ବାଟ ଚାଲିପାରିବ ସେତିକି ନୁହେଁ, ଏହା ଦିବ୍ୟ ପରମସତ୍ତାଙ୍କର ରୂପାୟନରେ ଭୂମିଟି ରୂପେ ବି କାର୍ଯ୍ୟ କରି ପାରିବ ।

ଏବେ ସେହି କାର୍ଯ୍ୟଟି କରିବାକୁ ବାକି ରହିଛି ।

ମାତ୍ର ବର୍ତ୍ତମାନ ସେହି କ୍ଷେତ୍ରରେ ଏକ ସୁନିଶ୍ଚିତତା ମଧ୍ୟ ଦୃଷ୍ଟିଗୋଚର ହୋଇଛି । ଯଥାର୍ଥ ଫଳଟି ଏବେ ମଧ୍ୟ ବହୁଦୂରରେ ଅଛି, ଅନେକ, ଅନେକ ଦୂରରେ ଯାଇ ରହିଛି । ଉପରର ଏହି ପରସ୍ତଟି, ବର୍ତ୍ତମାନର ଏହି ବାହ୍ୟତମ ଉପରିଭାଗଟି ଭିତରେ ଯାହା ଘଟୁଛି (''ଭିତରେ'' ଆଧ୍ୟାତ୍ମିକ ଗଭୀରତା-ଗୁଡ଼ିକର ଭୂମିରେ ନୁହେଁ, ଏହି ଶରୀର ଭିତରେ), ତାହାକୁ ବ୍ୟକ୍ତ ଓ ରୂପାୟିତ କରି ପାରିବାକୁ ଆହୁରି ଅନେକ କିଛି କରିବାର ରହିଛି । ଯାହା ଭିତରେ ରହିଛି, ଶରୀର ଯେପରି ତାହାକୁ ବାହାରକୁ ବ୍ୟକ୍ତ କରିଆଣି ପାରିବ,... ସେଇଟି ସବାଶେଷରେ ଘଟିବ । ପ୍ରକୃତରେ ଏହିପରି ଯେ ହେବ, ତାହା ଏକ ଭଲ କଥା । କାରଣ, ଯଦି ତାହା ଯଥାର୍ଥ ସମୟଟି ଆସିବା ପୂର୍ବରୁ ଘଟି-ଯାଉଥାନ୍ତା, ତେବେ ଆମେ ହୁଏତ କାର୍ଯ୍ୟଟି ପ୍ରତି ଏକ ଅବହେଳା ପ୍ରଦର୍ଶନ କରନ୍ତେ; ଆମେ ଏତେ

ବେଶୀ ଆତ୍ମପ୍ରସାଦ ଲାଭ କରନ୍ତେ ଯେ, କାର୍ଯ୍ୟଟିକୁ ସମାପ୍ତ କରିବାକୁ ମଧ୍ୟ ବିଲ୍‌କୁଲ୍ ପାସୋରି ଦିଅନ୍ତେ । ଆଗ ଭିତରେ ସବୁକିଛି ସମ୍ପନ୍ନ ହେବ, ସବୁ କିଛି ଯଥୋଚିତ ଓ ଉତ୍ତମ ଭାବରେ ହେବ, ସମ୍ପୂର୍ଣ୍ଣ ଭାବରେ ପରିବର୍ତ୍ତିତ ହେବ; ତେବେ ଯାଇ ବାହାର ମଧ୍ୟ ତାହାର ଅଭିବ୍ୟକ୍ତି ଘଟାଇ ପାରିବ ।

ମାତ୍ର ଏହା ସମଗ୍ରତଃ ସେହି ଗୋଟିଏ ଉପାଦାନ, ତାହା ସର୍ବତ୍ର ସେଇ ଗୋଟିଏ ଉପାଦାନ ହୋଇ ରହିଛି ଏବଂ ପ୍ରତ୍ୟେକ କ୍ଷେତ୍ରରେ ତାହା ସେହି ଅଚେତନ ରୂପେହିଁ ରହିଥିଲା; ଏବଂ ତା'ପରେ, ଯାହାକୁ ପ୍ରକୃତରେ ଏକ ଉଲ୍ଲେଖଯୋଗ୍ୟ ଘଟଣା ବୋଲି କୁହାଯିବ, ତାହା ହେଉଛି ଯେ, ଅତ୍ୟନ୍ତ **ସ୍ୱତଃପ୍ରେରିତ ଭାବରେ** ଘଟଣାଗୁଡ଼ିକ ଘଟିବାରେ ଲାଗିଛି (*ପୃଥିବୀର ସର୍ବତ୍ର ବିନ୍ଦୁଗୁଡ଼ିକ ବିକ୍ଷିପ୍ତ ହୋଇ ପଡ଼ିଥିବାର ଇଙ୍ଗିତ କଲେ*), ସମ୍ପୂର୍ଣ୍ଣ ଅପ୍ରତ୍ୟାଶିତ ଭାବରେ ଘଟଣାଗୁଡ଼ିକ ଘଟୁଛି,— ଏଠି ସେଠି କେତେଆଡ଼େ ଘଟୁଛି । ଯେଉଁ ଲୋକମାନେ ଆଦୌ କିଛି ବି ଜାଣି ନାହାନ୍ତି, ସେମାନଙ୍କ ଜୀବନରେ ମଧ୍ୟ ଘଟୁଛି ।

(*ମାଆ ନୀରବ ରହିଲେ*)

ଏହି ଭୌତିକ କୋଷଗୁଡ଼ିକୁ ଚେତନାକୁ ଗ୍ରହଣ କରି ତାହାକୁ ବ୍ୟକ୍ତ କରିବାର ସାମର୍ଥ୍ୟଟିକୁ ଅର୍ଜନ କରିବାକୁ ପଡ଼ିବ । ଏବଂ, ଯାହା ପ୍ରକୃତରେ ଏକ ମୂଳଭୂତ ରୂପାନ୍ତରର ସୂଚନା ଦେଇ ଯାଉଛି, ସେହି କଥାଟି ହେଉଛି ଯେ, ଏକ ଶାଶ୍ୱତ ଏବଂ ଅନିର୍ଦ୍ଦିଷ୍ଟ ଉତ୍ତରଣ ହେବା ପରିବର୍ତ୍ତେ ଏକ ନୂତନ ଧାରା ଆବିର୍ଭୂତ ହୋଇ ଆସୁଥିଲା ପରି ମନେ ହେଉଛି । ବର୍ତ୍ତମାନ ଊର୍ଦ୍ଧ୍ୱରୁ ଏକ ଅବତରଣ ହେଉଛି । ଏହାର ପୂର୍ବବର୍ତ୍ତୀ ଅବତରଣଟି ମାନସିକ ସ୍ତରର ଏକ ଅବତରଣ ଥିଲା ଏବଂ ଏହି ଦ୍ୱିତୀୟଟିକୁ ଶ୍ରୀଅରବିନ୍ଦ ଏକ ଅତିମାନସ ଅବତରଣ ବୋଲି କହୁଛନ୍ତି । ମନେ ହେଉଛି, ଯେପରି ସେହି ସର୍ବୋଚ୍ଚ ପରମଚେତନା ତାହାକୁ ଗ୍ରହଣ କରି ଅଭିବ୍ୟକ୍ତ କରିବା ଲାଗି ସମର୍ଥ ହୋଇ ରହିଥିବା କୌଣସି ଏକ ଭୂମି ମଧ୍ୟକୁ ଆପଣାକୁ ପ୍ରବିଷ୍ଟ କରାଇ ଆଣୁଛି । ଏବଂ ତା'ପରେ, ଏଇଟି ମଧ୍ୟରୁ, ଏଇଟିର ଏକ ସମ୍ପୂର୍ଣ୍ଣ ମନ୍ଥନ ହୋଇସାରିବା ପରେ (ଏହି ମନ୍ଥନ କେତେକାଳ ଲାଗିବ, ସେକଥା କେହି ଜାଣନ୍ତି ନାହିଁ) ଏକ ନୂତନ ଆକାର ଜନ୍ମଲାଭ କରିବ; ଶ୍ରୀଅରବିନ୍ଦ ଯାହାକୁ ଅତିମାନସ ଶରୀର ବୋଲି କହିଛନ୍ତି, ସେହି ଶରୀରଟି ଜନ୍ମଲାଭ କରିବ । ତାହାକୁ... ତାହାକୁ କ'ଣ ବୋଲି କୁହାଯିବ, ସେଥିରେ କିଛି ଯାଏ ଆସେ ନାହିଁ । ଏହି ବସ୍ତୁଗୁଡ଼ିକୁ ପ୍ରକୃତରେ କ'ଣ କୁହାଯିବ, ମୋତେ ସେକଥା ଆଦୌ ଜଣା ନାହିଁ ।

ସେଗୁଡ଼ିକ କିପରି ଆପଣାକୁ ଅଭିବ୍ୟକ୍ତ କରିବେ, କିପରି ଆପଣାକୁ ଏକ ବୋଧ

0

ଭୂମିକୁ ଆଣିପାରିବେ,— ଏହିପରି କେତେ ପ୍ରଶ୍ନ ତୁମେ ପଚାରିବ ବୋଲି ଭାବୁଛ କି ?... ମନୁଷ୍ୟର କ୍ଷେତ୍ରରେ, ଏଇଟି ଅତ୍ୟନ୍ତ ମନ୍ଥର ଗତିରେ ବିକଶିତ ହୋଇ ଆସିଛି । କେବଳ ମନ ଯାହା ଏଥିଲାଗି ବହୁତ ପରିଶ୍ରମ କରିଛି ଏବଂ ମୂଳତଃ ବସ୍ତୁଗୁଡ଼ିକର କ୍ଷେତ୍ରରେ ଏକ କ୍ଷିପ୍ରତା ଆଣି ଦେଇଛି ।

ସେହି ସ୍ତରରେ ଯାଇ ଉପନୀତ ହେବା କିପରି ସମ୍ଭବ ହେବ ?... ଏଥିରେ କୌଣସି ସନ୍ଦେହ ନାହିଁ ଯେ ଅଭିବ୍ୟକ୍ତିର ଏହି କ୍ଷେତ୍ରରେ ନାନା ସୋପାନ ରହିବ; ହୁଏତ ତାହାର ଏକ ନମୁନା ଆସି ପହଞ୍ଚିଯିବ ଏବଂ କହିବ : ଏହା ପ୍ରକୃତରେ ଏହିପରି । (*ମାଆ ସମ୍ମୁଖ ଆଡ଼କୁ ଅନାଇଲେ*) ଜଣେ ସେହି ନମୁନାଟିକୁ ଆଖିରେ ଦେଖିପାରୁଥିବ ।

କେବଳ ଏତିକି ମନେ ରଖିବାକୁ ହେବ ଯେ, ଇତରପ୍ରାଣୀର ସ୍ତରରୁ ମନୁଷ୍ୟର ଆବିର୍ଭାବ ଘଟିବା ସମୟରେ ସେହି ଘଟଣାଟିକୁ ଲିପିବଦ୍ଧ କରି ରଖିବାର କୌଣସି ଉପାୟ ନ ଥିଲା,— ପ୍ରକ୍ରିୟାଟିକୁ ଟିପି ରଖି ଏକ ହିସାବ ରଖିବାକୁ କୌଣସି ସାଧନ ନ ଥିଲା । ବର୍ତ୍ତମାନ ସ୍ଥିତି ଅନ୍ୟ ପ୍ରକାର ହୋଇଗଲାଣି । ତେଣୁ ଏହା ନିଶ୍ଚୟ ଅଧିକ ଆଗ୍ରହୋଦ୍ଦୀପକ ହେବ ।

(*ମାଆ ନୀରବ ରହିଲେ*)

ମାତ୍ର ତଥାପି, ଆମର ଏହି ବର୍ତ୍ତମାନ ମୁହୂର୍ତ୍ତଟିରେ ଆମେ ଦେଖିବାକୁ ପାଇବା ଯେ ବହୁସଂଖ୍ୟକ ମଣିଷ, ବୁଦ୍ଧିଜୀବୀ ବର୍ଗଗୁଡ଼ିକ ମଧ୍ୟରୁ ବହୁସଂଖ୍ୟକ ମଣିଷ କେବଳ ଆପଣାକୁ ଓ ଆପଣାର ଏହିପରି (*ମାଆ ଶୂନ୍ୟରେ ସାନ ମୁଣ୍ଡଳାଟିଏ ବୁଲାଇ ଦେଖାଇଦେଲେ*) ସାନ ସାନ ଅଗ୍ରଗତିକୁ ନେଇ ବ୍ୟସ୍ତ ହୋଇ ରହିବାରେ ସମ୍ପୂର୍ଣ୍ଣ ଭାବରେ ସନ୍ତୁଷ୍ଟ ହୋଇ ରହିଛନ୍ତି । ଆଉ ଅନ୍ୟକିଛି ହେବା ଲାଗି ସେମାନଙ୍କ ଭିତରେ କୌଣସି ବାସନା ମଧ୍ୟ ନାହିଁ ।

ଏହାର ଅର୍ଥ ହେଉଛି ଯେ, ଅତିମାନବୀୟ ସତ୍ତାର ଆବିର୍ଭାବ... । ହୁଏତ ତାହା ଆସିଲେ ମଧ୍ୟ ତା'କୁ କେହି ଦେଖିପାରିବେ ନାହିଁ, କେହି ବୁଝିବେ ନାହିଁ ଓ ତାହା ସେହିପରି ଭାବରେ ପୁଣି ଆମ ପାଖରୁ ବିଦାୟ ନେଇ ଚାଲିଯିବ । ଏ ବିଷୟରେ ପ୍ରକୃତରେ କିଛି କହିହେବ ନାହିଁ, କାରଣ ଏହାକୁ ବୁଝାଇ କହିବାକୁ ଆମ ପାଖରେ କୌଣସି ପୂର୍ବଦୃଷ୍ଟାନ୍ତ ମଧ୍ୟ ନାହିଁ । ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଗୋଟିଏ ମାଙ୍କଡ଼, ସେହି ବଡ଼ମାଙ୍କଡ଼ମାନଙ୍କ ଭିତରୁ ଗୋଟିଏ, ଯଦି ଏହି ପୃଥିବୀରେ ଆବିର୍ଭୂତ ହୋଇଥିବା ସର୍ବପ୍ରଥମ ମଣିଷକୁ ଦେଖିଥାନ୍ତା, ତେବେ ସିଏ ତାହାକୁ କେବଳ କିଞ୍ଚିତ୍ ପରିମାଣରେ

ଗୋଟାଏ ବିଚିତ୍ର ଜୀବ ବୋଲିହିଁ ଅନୁଭବ କରିଥାନ୍ତା । ତା' ମନରେ ତା'ଠାରୁ ଅଧିକ ଆଉ କୌଣସି ପ୍ରତିକ୍ରିୟା ହୋଇ ନ ଥାନ୍ତା । ମାତ୍ର ବର୍ତ୍ତମାନ ସ୍ଥିତିଟି ସମ୍ପୂର୍ଣ୍ଣ ଅଲଗା ପ୍ରକାରର; କାରଣ ମନୁଷ୍ୟର ଭାବନାଶକ୍ତି ରହିଛି, ଯୁକ୍ତି ଦ୍ୱାରା ବିଚାର କରିବାର ଶକ୍ତି ମଧ୍ୟ ରହିଛି ।

ମାତ୍ର, ମନୁଷ୍ୟଠାରୁ ଉଚ୍ଚତର ହୋଇ ଯାହାକିଛି ରହିଛି, ମନୁଷ୍ୟ ସେଗୁଡ଼ିକ ବିଷୟରେ ଏହିପରି ଭାବିବାରେ ଅଭ୍ୟସ୍ତ ହୋଇଯାଇଛି ଯେ, ଏମାନେ ହେଉଛନ୍ତି ଗୋଟିଏ ଗୋଟିଏ ଦିବ୍ୟ ସତ୍ତା, ଅର୍ଥାତ୍ ସେମାନଙ୍କର କୌଣସି ଶରୀର ନାହିଁ, ସେମାନେ କେବଳ ଆଲୋକର ମୂର୍ତ୍ତି ହୋଇ ବିଚରଣ କରୁଛନ୍ତି;— ଅର୍ଥାତ୍, ସଂକ୍ଷେପରେ କହିଲେ, ସିଏ ଦେବତାମାନଙ୍କର ଯେପରି କଳ୍ପନା କରିଆସିଛି, ଏମାନଙ୍କୁ ସେହିପରି ଗୋଟିଏ ଗୋଟିଏ ପରି ଭାବିଛି । ମାତ୍ର ଏହିକଥା ମୋଟେ ଏଭଳି ନୁହେଁ ।

(*ମାଆ ଦୀର୍ଘକାଳ ନୀରବ ରହିଲେ*)

ତା' ପରେ ?
ତୁମର ହୃଦ୍‌ବୋଧ ହେଲା ନା ନାହିଁ ?
ତୁମେ ତେବେ ନିଜେ କାହିଁକି ଚେଷ୍ଟା କରୁ ନାହଁ ?

*ନିଶ୍ଚୟ କରୁଛି । ସେଇଥିଲାଗି ତ ମୁଁ ଆପଣଙ୍କୁ ଏତେ ଏତେ ପ୍ରଶ୍ନ ପଚାରୁଛି । ଏସବୁ ବିଷୟରେ ମୋ'ର ଆଦୌ କୌଣସି ସନ୍ଦେହ ନାହିଁ । ଆପଣଙ୍କୁ ମୁଁ କେତେ ପ୍ରଶ୍ନ କରୁଛି । ମୁଁ ଆପଣଙ୍କୁ ପଚାରିଥିଲି : ''ଜଣେ ବ୍ୟକ୍ତି କିପରି ଏହି କଥାଟିକୁ କରି ପାରିବ । ଏକଥା କିପରି କରିବାକୁ ହୁଏ, ସେକଥା ମୋତେ ଜଣା ନାହିଁ ।''... ଉଦାହରଣ ସ୍ୱରୂପ, ପ୍ରତିଦିନ ସକାଳେ ମୁଁ ଦାଢ଼ି ଖିଅର ହୁଏ; ସକାଳେ ନିଜକୁ ଭାରି ବୋକା ବୋକା ଲାଗେ, କ୍ଲାନ୍ତ ଲାଗେ, କିଛି କାର୍ଯ୍ୟ କରିବା ଲାଗି ମନ ମୋଟେ ରାଜୀ ହୁଏ ନାହିଁ, ପ୍ରାଣିକ ପାଖଟା ମଧ୍ୟ ମୋଟେ ରାଜୀ ହୁଏ ନାହିଁ ।...*

ହଁ, ତାହାକୁ ଏକ ଚମତ୍କାର ଅବସର ବୋଲି କୁହାଯାଇ ପାରିବ ।

*ନିଶ୍ଚୟ, ମୁଁ ମଧ୍ୟ ଠିକ୍ ସେହି କଥାଟି କରେ ଓ କହେ, ହଁ, ମୁଁ ଦେଖିପାରୁ ନାହିଁ ।*

*କିପରି ଏଥିରେ ଏକ ଗତିଶୀଳତା ସମ୍ଭବ କରାଯାଇ ପାରିବ, ମୋତେ ସେକଥା ଜଣା ନାହିଁ । ଏଥିରେ ମୁଁ ମୋର ମନ, ପ୍ରାଣ ବା ହୃଦୟକୁ ନ ଲଗାଇବା ପର୍ଯ୍ୟନ୍ତ ଏହା କଦାପି ଗତିଶୀଳ ହେବ ନାହିଁ ।*

ବାଃ !

*ମୁଁ ଏହି କ୍ଷେତ୍ରରେ ଯେ କିଛି ସନ୍ଦେହ କରୁଛି, ସେ କଥା ମୋଟେ ନୁହେଁ । ମୁଁ କହୁଛି ଯେ ହୁଏତ ମୋ'ର ଶରୀରଟା ଠିକ୍ ଗୋଟାଏ ଗଧ ପରି । ମାତ୍ର ମୋ' ଭିତରେ ଆଦୌ କୌଣସି ସନ୍ଦେହ ନାହିଁ ।*

ନା – ଗଧ ମୋଟେ ନୁହେଁ । ବିଚାରା ଶରୀର ! (*ମାଆ ହସିଲେ*)

*ମୋ' ଭିତରେ ଆଦୌ କୌଣସି ସନ୍ଦେହ ନାହିଁ । ମାତ୍ର ମୁଁ ସେହି ଯେଉଁ ''କିପରି'' ବୋଲି ପ୍ରଶ୍ନଟି ପଚାରୁଛି,– ହଁ, ମୋତେ ସେଇଟି ଆଦୌ ଜଣା ନାହିଁ ।*

ମୋ' ଜୀବନରେ ମୋଟେ ସେହି ପ୍ରଶ୍ନଟି ଉଠି ନାହିଁ, କାରଣ... ଯେତେବେଳେ ଜଣେ ବ୍ୟକ୍ତି ସଙ୍ଗୀତ ଗାଏ ବା ଚିତ୍ର ଆଙ୍କେ, ସେତେବେଳେ ସିଏ ଭାରି ଭଲ ଭାବରେ ଦେଖିବାକୁ ସମର୍ଥ ହୁଏ ଯେ, ତା'ର ଚେତନା ତା' କୋଷଗୁଡ଼ିକ ମଧ୍ୟରେ ବି ଯାଇ ପ୍ରବେଶ କରେ ଓ ତା'ଫଳରେ ଏହି କୋଷଗୁଡ଼ିକ ସଚେତନ ହୋଇ ଉଠନ୍ତି । ଏଠାରେ ମୁଁ ଗୋଟିଏ ଅନୁଭବର ଉଦାହରଣ ଦେଉଛି : ଗୋଟିଏ ବାକ୍ସରେ କେତେଗୁଡ଼ିଏ ଜିନିଷ ରହିଛି ଏବଂ ଜଣେ ବ୍ୟକ୍ତି ତା' ହାତକୁ ସେଥିରୁ ବାରୋଟି ଜିନିଷ ଉଠାଇ ଆଣିବାକୁ କହୁଛି (ଗଣିକରି ନୁହେଁ, ସେମିତି ଏକାବେଳେକେ) – ହାତ ବାରୋଟି ଜିନିଷ ଉଠାଇ ଆଣି ତା'କୁ ଦେଇ ଦେଉଛି । ମୋ'ର ଅନେକ, ଅନେକ ଆଗରୁ ଏହି ଅନୁଭବଟି ହୋଇଛି । ମୋତେ କୋଡ଼ିଏ ବର୍ଷ ହେବା ଦିନଠାରୁ ମୋ'ର ଏହିସବୁ ଅନୁଭବ ହେବାକୁ ଆରମ୍ଭ କରିଥିଲା । ତେଣୁ ମୁଁ ଏକଥାଟିକୁ ଭଲକରି ଜାଣିଛି । ଚେତନା ଯେ କିପରି କାର୍ଯ୍ୟ କରେ, ଏଇଥିରୁ ମୁଁ ସେକଥାଟି ଜାଣିଛି । ଚେତନା ଯେପର୍ଯ୍ୟନ୍ତ ହାତଗୁଡ଼ିକ ଭିତରେ ପ୍ରବେଶ ନ କରିଛି ଓ ହାତଗୁଡ଼ିକ ଯେପର୍ଯ୍ୟନ୍ତ ମସ୍ତିଷ୍କଠାରୁ ସଂପୂର୍ଣ୍ଣ ଅନଧୀନ ରହି ସଚେତନ ହୋଇ ନ ପାରିଛନ୍ତି, ସେପର୍ଯ୍ୟନ୍ତ ପିଆନୋ ବଜାଇ ଶିଖିବା ଅଥବା ଚିତ୍ର ଆଙ୍କିବା କଦାପି ସମ୍ଭବ ହେବ ନାହିଁ । ସେତେବେଳେ ମସ୍ତିଷ୍କ ଅନ୍ୟ କୌଣସିଠାରେ ବ୍ୟସ୍ତ ହୋଇ ରହିପାରେ, ସେହି ଘଟଣାର ଆଦୌ କୌଣସି ମହତ୍ତ୍ୱ ନାହିଁ । ଏବଂ, ଯେଉଁମାନେ ନିଦ୍ରିତାବସ୍ଥାରେ ଉଠି

ଚାଲିବାକୁ ଆରମ୍ଭ କରନ୍ତି, ସେମାନଙ୍କ କ୍ଷେତ୍ରରେ ମଧ୍ୟ ଠିକ୍ ସେହି କଥା ଘଟିଥାଏ । ସେମାନଙ୍କ ଶରୀର ମଧ୍ୟରେ ଏପରି ଏକ ସଚେତନତା ରହିଥାଏ, ଯାହା ସେମାନଙ୍କୁ ଚଳାଇ ନେଉଥାଏ ଏବଂ ମନ ବା ପ୍ରାଣର ଆଦୌ କୌଣସି ସାହାଯ୍ୟ ନ ନେଇ ଯାବତୀୟ କାର୍ଯ୍ୟ କରୁଥାଏ ।

*ମୁଁ କହିବାକୁ ଚାହୁଁଥିଲି ଯେ, ଯେତେବେଳେ ଖିଅର ହେବା ସମୟରେ ମୁଁ ଦର୍ପଣ ଆଗରେ ଠିଆ ହୋଇଥାଏ, ସେତେବେଳେ ଯଦି କୌଣସି ମନ୍ତ୍ର ବା ହୃଦୟ ଭିତରୁ ବାହାରି ଆସୁଥିବା କୌଣସି ଅଭୀପ୍ସାକୁ ଆପଣା ମଧ୍ୟରେ ପ୍ରବିଷ୍ଟ କରାଇ ନ ରଖେ, ତେବେ ମନେ ହୁଏ, ସତେ ଯେପରି ଗୋଟିଏ ଜୀବନହୀନ ପିଣ୍ଡଟାଏ ଏହି ଖିଅରର କାର୍ଯ୍ୟଟିକୁ କରିଯିବାରେ ଲାଗିଛି । ତାହା ସହିତ ଭୌତିକ ମନଟିର ଘୂର୍ଣ୍ଣନଟି ମଧ୍ୟ ସବୁବେଳେ ରହିଥାଏ । ମାତ୍ର ଯଦି ସେହି କ୍ଷେତ୍ରରେ ଏକ ମନ୍ତ୍ର ବା କୌଣସି ମାନସିକ ଇଚ୍ଛାକୁ ପ୍ରବିଷ୍ଟ କରାଇ...*

ନାଇଁ, ନାଇଁ, ସେକଥା ମୋଟେ ନୁହେଁ । ସେହି କ୍ଷେତ୍ରରେ **ଶରୀର**ହିଁ ସର୍ବଶେଷରେ ମନ୍ତ୍ରଟିକୁ ଉଚ୍ଚାରଣ କରୁଥାଏ । ତାହା ଏତେ ସ୍ୱତଃସ୍ଫୂର୍ତ୍ତ ଭାବରେ ସେହି କାର୍ଯ୍ୟଟିକୁ କରୁଥାଏ ଯେ, ଦୈବାତ୍ ସେତେବେଳେ ଯଦି ତୁମେ ଅନ୍ୟ କୌଣସି କଥା ଭାବିବାକୁ ଆରମ୍ଭ କଲ, ତଥାପି ଶରୀର ସେହି ମନ୍ତ୍ରଟିକୁ ଉଚ୍ଚାରଣ କରିବାରେ ଲାଗିଥାଏ । ତୁମର କ'ଣ ଏପରି କୌଣସି ଅନୁଭବ ହୋଇ ନାହିଁ ?

*ନା ।*

ମାତ୍ର ଶରୀରହିଁ ଅଭୀପ୍ସା କରେ, ଶରୀରହିଁ ମନ୍ତ୍ରଟିର ଉଚ୍ଚାରଣ କରୁଥାଏ, ଶରୀର ଆଲୋକର କାମନା କରେ, ଚେତନାର କାମନା କରୁଥାଏ । ତୁମେ କେତେ କ'ଣ ବିଷୟରେ ଯେତେ ଯାହା ଭାବୁଥାଅ ପଛକେ, ତାହାର ଆଦୌ କୌଣସି ମହତ୍ତ୍ୱ ନ ଥାଏ ।

ମାତ୍ର ବର୍ତ୍ତମାନ ମୁଁ ସେହି କଥାଟିକୁ ଭାରି ଭଲ କରି ବୁଝିପାରୁଛି । ପ୍ରଥମେ ମୋଟେ ବୁଝି ନ ଥିଲି । ମୁଁ ଭାବୁଥିଲି ଯେ ମୋତେ ଏପରି ''ଅସୁସ୍ଥ'' କରି ରଖାଗଲା, ଯେପରିକି, ତଳ ମହଲାରେ ଥିବାବେଳେ* ମୁଁ ଯେଉଁ ଜୀବନଟିକୁ ବଞ୍ଚୁଥିଲି, ବର୍ତ୍ତମାନ

* ୧୯୬୨ ମସିହାରେ ''ଅସୁସ୍ଥ'' ହେବାପରେ ମାଆ ଉପର ମହଲାକୁ ଗଲେ ।

ଆଉ ସେପରି ଜୀବନ ବଞ୍ଚି ପାରିବି ନାହିଁ । ମାତ୍ର ତଳ ମହଲା ତୁଳନାରେ ଏହି ଉପର ମହଲାକୁ ଆସି ତ ମୁଁ ଆହୁରି ଅଧିକ କାର୍ଯ୍ୟବ୍ୟସ୍ତ ଭାବରେ ମୋ'ଜୀବନଟିକୁ ଅତିବାହିତ କରିପାରୁଛି । ତେଣୁ... ଏଭଳି କିପରି ହେଲା ବୋଲି ମୁଁ ନିଜକୁ ପଚାରିଲି । ଏହା କ'ଣ କେବଳ ଏକ ମଧ୍ୟବର୍ତ୍ତୀ ଅସ୍ଥାୟୀ ଅବସ୍ଥା ବୋଲି ଜାଣିବାକୁ ଚାହିଁଥିଲି । ମାତ୍ର ବର୍ତ୍ତମାନ ବୁଝିପାରୁଛି : ବିଚ୍ଛିନ୍ନ ହୋଇପଡ଼ି ମୁଁ ମୂର୍ଚ୍ଛିତା ହୋଇଗଲି । ତେଣୁ ମୁଁ ଅସୁସ୍ଥ ଅଛି ବୋଲି ଡାକ୍ତର ଘୋଷଣା କଲେ । ପାଦେ ଆଗକୁ ଚାଲିବା ବେଳକୁ ମୁଁ ମୂର୍ଚ୍ଛା ହୋଇ ଯାଉଥିଲି । ତା'ପରେ ବାଟଟିଏ ଧରି ଏଠୁ ସେଠିକୁ ଯିବାକୁ ଇଚ୍ଛା କଲି । ମାତ୍ର ମୂର୍ଚ୍ଛା ହୋଇଗଲି । ଯେପରିକି ମୋ' ଶରୀରଟା ତଳେ କଚାଡ଼ି ହୋଇ ନ ପଡ଼ିବ, ସେଥିଲାଗି ଜଣେ ବ୍ୟକ୍ତି ମୋତେ ଧରିକରି ନେଉଥିଲେ । ମାତ୍ର, ସେତେବେଳେ ଗୋଟାଏ ଦଣ୍ଡ ପାଇଁ ମଧ୍ୟ ମୁଁ ଚେତା ହରାଉ ନ ଥିଲି । ମୂର୍ଚ୍ଛା ହୋଇ ଯାଉଥିଲି, ତଥାପି ସଚେତନ ରହିଥିଲି । ନିଜ ଶରୀରଟିକୁ ଦେଖି ପାରୁଥିଲି, ମୁଁ ମୂର୍ଚ୍ଛା ହୋଇ ଯାଇଛି ବୋଲି ବେଶ୍ ଜାଣି ପାରୁଥିଲି, ମୋ ଚେତନାକୁ କେବେହେଲେ ହରାଇ ପକାଉ ନ ଥିଲି । ଶରୀର ମଧ୍ୟ କେବେ ହେଲେ ଚେତା ହରାଉ ନ ଥିଲା । ତେଣୁ ବର୍ତ୍ତମାନ ସବୁକଥା ବୁଝି ପାରୁଛି : ସେତେବେଳେ ଶରୀର ପ୍ରାଣ ଓ ମନଠାରୁ ବିଚ୍ଛିନ୍ନ ହୋଇ ପଡ଼ିଥିଲା ଓ କେବଳ ଆପଣା ଉପରେ ଅବଲମ୍ବନ କରିବାକୁ ବାଧ୍ୟ ହେଲା । ଏହି କ୍ଷେତ୍ରରେ କେବଳ ଶରୀରହିଁ ରହିଥିଲା । କେବଳ ଶରୀର ଯାହାକିଛି ଜାଣିଥିଲା, ତାହାର ଯାହାକିଛି ଅନୁଭବ ରହିଥିଲା, ଆପଣା ସତ୍ତାର ବିଭିନ୍ନ ସ୍ଥିତି ଉପରେ ତାହାର ଯାହାକିଛି କର୍ତ୍ତୃତ୍ୱ ରହିଥିଲା,— କେବଳ ସେତିକି । ସେତେବେଳେ ପ୍ରାଣ, ମନ ଓ ଆହୁରି ଊର୍ଦ୍ଧ୍ୱରେ ଥିବା ସବୁକିଛି ଅପସରି ଯାଇଥିଲେ । ବିଚରା ଶରୀର ଏକୁଟିଆ କେବଳ ଆପଣାର ବଳ ଉପରେ ନିର୍ଭର କରି ରହିଯାଇଥିଲା । ଏବଂ ତା'ପରେ, ଅତ୍ୟନ୍ତ ସ୍ୱାଭାବିକ ଭାବରେ, ଅଳ୍ପ ଅଳ୍ପ କରି ସେହି ସବୁ କିଛି ପୁନଃରଚିତ ହୋଇ ଆସିଲା, ଏକ ସଚେତନ, ଶୁଦ୍ଧ ଭାବରେ ସଚେତନ ହୋଇ ରହିଥିବା ସତ୍ତା ପୁନଃରଚିତ ହୋଇ ଆସିଲା ।

ହଁ, ମୁଁ ପ୍ରକୃତରେ ବୁଝିଲି । ମାତ୍ର ଏହା ପ୍ରକୃତରେ ବିଚ୍ଛିନ୍ନ ହୋଇ ରହିଥିଲା । ଏଇଟି ଯେ ପ୍ରକୃତରେ ବିଚ୍ଛିନ୍ନ ହୋଇଯାଇଥିଲା, ମୁଁ ସେହି କଥାଟିକୁ ଦେଖିଛି ଓ ଜାଣିଛି; ସତ୍ତାର ସେହି ସ୍ଥିତିଗୁଡ଼ିକୁ ସତେଅବା ନିକାଲି ଦିଆ ଯାଇଥିଲା : ''ତୁମେ ସବୁ ଯାଅ, ତୁମମାନଙ୍କର ଆଉ କୌଣସି କାମ ନାହିଁ'' ବୋଲି କହି ନିକାଲି ଦିଆ ଯାଇଥିଲା । ଏବଂ ତା'ପରେ ଏକ ନୂତନ ଜୀବନ ରଚିତ ହେବାର ପ୍ରୟୋଜନ ଆସି ପହଞ୍ଚିଲା । ଏବଂ, ଗୋଟିକ ପରେ ଗୋଟିକୁ ଜାଗ୍ରତ କରି ଆଗରୁ ଯେପରି ସତ୍ତାର ଯାବତୀୟ ଅବସ୍ଥା ଦେଇ ଅତିକ୍ରମ କରିବାର ଓ ରୂପାତୀତ ସର୍ବୋଚ୍ଚ ସ୍ଥାନରେ ଯାଇ ପହଞ୍ଚିବାର ପ୍ରୟୋଜନ

ରହିଥିଲା (ପୁରାତନ ଧାରାର ଯୋଗୀମାନେ ଯେପରି କରିଛନ୍ତି, ମାଆ ପାହାଚ ପାହାଚ ହୋଇ ଆରୋହଣ କରିବାର ଇଙ୍ଗିତ କଲେ), ତା' ପରିବର୍ତ୍ତରେ, ବର୍ତ୍ତମାନ ସେପରି ମୋଟେ ହେବାର ଆବଶ୍ୟକତା ରହିଲା ନାହିଁ । ସେସବୁର ଆଦୌ କୌଣସି ଆବଶ୍ୟକତା ରହିଲା ନାହିଁ, କେବଳ... (ଉତ୍ତୋଳିତ ହୋଇ ଗୋଟିଏ ଫୁଲ ପରି ମୁକୁଳି ଉଠୁଥିବା ଅଭୀପ୍ସାର ଇଙ୍ଗିତ) । ଭିତରେ କେଉଁଠି କିଛି ଉନ୍ମୋଚିତ ହୋଇଛି, ବିକାଶଲାଭ କରିଛି; ଏବଂ ସେଇଥିଲାଗି ଏହି ନିର୍ବୋଧ ମନଟା ମଧ୍ୟ ତଦନୁରୂପ ଭାବରେ ସଙ୍ଗଠିତ ହୋଇ ପାରିଛି, ଏକ ଅଭୀପ୍ସାରେ ନୀରବ ହୋଇ ରହିବାର ସାମର୍ଥ୍ୟ ଅର୍ଜନ କରିଛି । ଏବଂ ତା'ପରେ, ତା'ପରେ ସେହି ପ୍ରତ୍ୟକ୍ଷ ସମ୍ପର୍କଟି ସମ୍ଭବ ହୋଇଗଲା,— ଆଉ ମଧ୍ୟବର୍ତ୍ତୀ କୌଣସି ଅବଲମ୍ବନର ପ୍ରୟୋଜନ ହେଲା ନାହିଁ,— ସିଧା ସମ୍ପର୍କ ସ୍ଥାପିତ ହେଲା । ବର୍ତ୍ତମାନ ଠିକ୍ ସେହିପରି ହୋଇ ରହିଛି, ନିରନ୍ତର ଠିକ୍ ସେହିପରି ରହିଛି । ସର୍ବଦା ସେହି ଅପରୋକ୍ଷ ସମ୍ପର୍କଟି ରହିଛି । ଏବଂ **ଶରୀର**ର ସେହି ସଂପର୍କ ରହିଛି; ଯାବତୀୟ ବସ୍ତୁ ତଥା ସତ୍ତାଗତ ସ୍ଥିତିର ମଧ୍ୟଦେଇ ଏକ ସମ୍ପର୍କ ସ୍ଥାପନର ଆଉ କୌଣସି ପ୍ରୟୋଜନ ନାହିଁ । ବର୍ତ୍ତମାନ ସିଧା ସମ୍ପର୍କ ରହିଛି ।

ମାତ୍ର ଏହି କଥାଟି ଥରେ ସମ୍ଭବ ହୋଇଗଲେ (ଶ୍ରୀଅରବିନ୍ଦ ଏକଥା କହିଛନ୍ତି), ଥରେ **ଗୋଟିଏ** ଶରୀର ତାହାକୁ ସମ୍ଭବ କରିଦେଇ ପାରିଲେ, ତା' ପରେ ଆପଣାକୁ ଅନ୍ୟମାନଙ୍କ ପାଖକୁ ସଂକ୍ରାମିତ କରି ଦେବା ଲାଗି ସମର୍ଥ ହୋଇଯାଏ । ଏବଂ, ମୁଁ ବର୍ତ୍ତମାନ କହିବାକୁ ଯାଉଛି ଯେ — ସମ୍ଭବତଃ କଥାଟିକୁ ମୁଁ ସମ୍ପୂର୍ଣ୍ଣ ଭାବରେ ଓ ବିସ୍ତାରିତ କରି କହିବାକୁ ଯାଉ ନାହିଁ, ମାତ୍ର ଏଠୁ ଟିକିଏ ସେଠୁ ଟିକିଏ କରି କହିବାକୁ ଇଚ୍ଛା କରୁଛି (*ଏଠିସେଠି ବିକ୍ଷିପ୍ତ ହୋଇ, ପୃଥିବୀର ବିଭିନ୍ନ ସ୍ଥାନରେ ପଡ଼ିଥିବାର ଇଙ୍ଗିତ ଦେଇ*),— ଲୋକମାନଙ୍କ ଜୀବନରେ ହଠାତ୍ ଗୋଟାଏ କିଛି ଅନୁଭବ ହୋଇଥାଏ । ଏଥିରେ ସେମାନେ (ଅଧିକ ଭାଗ ମଣିଷ) ଭୀତ ହୋଇ ପଡ଼ନ୍ତି । ଅବଶ୍ୟ ସେପରି ହେଲେ ଅନୁଭବଟି ମଧ୍ୟ ଅପସରି ଯାଏ । ଏପରି ହୁଏ, କାରଣ ସେମାନଙ୍କ ଭିତରେ ସେମାନେ ଆଗରୁ ଯଥେଷ୍ଟ ପରିମାଣରେ ପ୍ରସ୍ତୁତ ହୋଇ ନ ଥାନ୍ତି । ଯଦି ସେମାନଙ୍କର କ୍ଷୁଦ୍ର ଦୈନନ୍ଦିନତାର ବାହାରେ କୌଣସି ଘଟଣା ଘଟେ, ତେବେ ସେଥିରେ ସେମାନେ ଭୀତ ହୋଇ ପଡ଼ନ୍ତି; ଏବଂ ଭୟ କରିବା ମାତ୍ରକେ ସେହି ଅନୁଭବଟି ମଧ୍ୟ ବିଲୁପ୍ତ ହୋଇଯାଏ । ତା'ର ଅର୍ଥ ହେଉଛି ଯେ, ସେହି ଅନୁଭବଟିର ଏକ ପୁନରାବିର୍ଭାବ ଘଟିବାକୁ ହେଲେ ପୁଣି ବର୍ଷ ବର୍ଷ ଧରି ପ୍ରସ୍ତୁତ ହେବାକୁ ପଡ଼ିବ । ମାତ୍ର କେତେକ ଲୋକ ଅଛନ୍ତି, ଯେଉଁମାନେ କି କୌଣସି ଭୟ କରନ୍ତି ନାହିଁ । ଯେତେବେଳେ ହଠାତ୍ କୌଣସି ଅନୁଭବ ଆସି ପହଞ୍ଚିଯାଏ, ସେତେବେଳେ ସେମାନେ ଚମକୃତ ହୋଇପଡ଼ନ୍ତି । ସେହି ଅନୁଭବଟି ନୂଆ

କରି ଆସିଥାଏ, ଅତ୍ୟନ୍ତ ଅପ୍ରତ୍ୟାଶିତ ଭାବରେ ଆସିଥାଏ,– ସେଇଟି ଆସିବ ବୋଲି ସେମାନେ ଆଗରୁ ଚିନ୍ତାହିଁ କରି ନ ଥାନ୍ତି ।

ଏହି ଅନୁଭବର ଏକ ସଂକ୍ରମଣକାରୀ ଶକ୍ତି ଯେ ରହିଛି, ମୁଁ ସେକଥା ଭଲ କରି ଜାଣିଛି । ଏବଂ ତାହାକୁହିଁ ଏକମାତ୍ର ଆଶା ବୋଲି କୁହାଯିବ, କାରଣ, ଯଦି ପ୍ରତ୍ୟେକ ବ୍ୟକ୍ତିକୁ ପୁନର୍ବାର ସେହି ଗୋଟିଏ ଅନୁଭବର ମଧଦେଇ ଯିବାକୁ ପଡୁଥାନ୍ତା !... ବର୍ତ୍ତମାନ ମୋତେ ନବେ ବର୍ଷ ହେଲାଣି – ନବେ ବର୍ଷ ହେଲା ବେଳକୁ ଲୋକେ କ୍ଳାନ୍ତ ହୋଇ ଯାଇଥାନ୍ତି, ଜୀବନଟାକୁ ଯଥେଷ୍ଟ ଭାବରେ ବଞ୍ଚି ବି ସାରିଥାନ୍ତି । ଜୀବନ ବଞ୍ଚିବାକୁ ହେଲେ ସେତେବେଳେ ଆପଣାକୁ ଠିକ୍ ଗୋଟିଏ ସାନ ପିଲା ପରି ତାରୁଣ୍ୟପୂର୍ଣ୍ଣ ଅନୁଭବ କରିବାକୁ ପଡ଼େ ।

ଏଥିଲାଗି ଅନେକ ସମୟ ଲାଗେ । ଏଥିଲାଗି ଯେ ଦୀର୍ଘ ସମୟ ଲାଗିଛି, ସେକଥା ମୁଁ ସ୍ପଷ୍ଟ ଭାବରେ ଦେଖି ପାରୁଛି ।

ଏବଂ, ଏହି କାର୍ଯ୍ୟଟି ସଂପୂର୍ଣ୍ଣ ଭାବରେ ସାଧିତ ହୋଇସାରି ନାହିଁ, ବର୍ତ୍ତମାନ ସାଧିତହିଁ ହେଉଛି । ମାତ୍ର ସାଧିତ ହୋଇସାରି ନାହିଁ,– ଏବେ ବି ଅନେକ ବାଟ ବାକୀ ରହିଛି, ଅନେକ ବାଟ ବାକୀ ରହିଛି... କୋଷଗୁଡ଼ିକ କେତେ ଅନୁପାତରେ ସଚେତନ ହୋଇ ପାରିଛନ୍ତି ? କେଜାଣି କେତେ ହୋଇଥିବ ?

ଏବଂ, ସବୁବେଳେ ଏପରି କେତେକ ଲୋକ ଅଛନ୍ତି, ଯେଉଁମାନେ କି ଅନ୍ୟମାନଙ୍କୁ ଗାଳି ଦେବାରେ ଲାଗିଥା'ନ୍ତି । ଶୁଣିଲେ ଭାରି କୌତୁକ ଲାଗେ । ସେମାନେ କେତେ ଗାଳି ଦିଅନ୍ତି, ସେମାନଙ୍କୁ ଆକଟ କରି ପାଖରେ ଠିଆ କରାନ୍ତି ଓ ବୋକାଙ୍କ ପରି (ସେମାନଙ୍କର ସ୍ୱକୀୟ ପ୍ରଣାଳୀରେ) କେତେ କ'ଣ କହିଦେଇ ଯାଆନ୍ତି । ଯେଉଁମାନେ ସେହି ପୁରୁଣା ଅଭ୍ୟାସଗୁଡ଼ାକ ଠିକ୍ ସେହିପରି ଭାବରେ ରହିଥାଉ ବୋଲି ଇଚ୍ଛା କରୁଥାନ୍ତି (*ମାଆ ଏକ ସାନ ବୃତ୍ତଟିଏ ଆଙ୍କି ଦେଖାଇ ଦେଲେ*) : ଏକ ନିର୍ଦ୍ଦିଷ୍ଟ ରୀତିରେ ହଜମ ପ୍ରକ୍ରିୟା ଅବଶ୍ୟ ହେବ, ଏକ ନିର୍ଦ୍ଦିଷ୍ଟ ପ୍ରଣାଳୀରେ ପରିପାଚନ ହେବ, ରକ୍ତସଂଚାଳନ ବି ନିର୍ଦ୍ଦିଷ୍ଟ ଧାରାରେ ହେବ, ଶ୍ୱାସକ୍ରିୟା ଏକ ନିର୍ଦ୍ଦିଷ୍ଟ ପ୍ରକାରରେ ହେଉଥିବ... ପ୍ରକୃତିର ପ୍ରଣାଳୀଟି ଅନୁସାରେ ଶରୀରର ଯାବତୀୟ କ୍ରିୟା ସୁରୁଖୁରୁରେ ଚାଲିଥିବ । ଏବଂ, ଯେତେବେଳେ ସେଥିରେ କୌଣସି ବ୍ୟାଘାତ ହୋଇଯାଏ, ସେତେବେଳେ ସେମାନେ ଭାରି ବ୍ୟସ୍ତ ହୋଇପଡ଼ନ୍ତି । ଏବଂ ତା'ପରେ, ଯେଉଁମାନେ ଜାଣିବା ଲୋକ, ସେମାନେ ଆସି ପହଞ୍ଚି ଯାଆନ୍ତି ଓ ଆଗରେ ଠିଆ କରି ଭଗବାନଙ୍କ ନାମରେ କେତେ ନା କେତେ ବୋମା ବର୍ଷଣ କରିବାରେ ଲାଗିଯାନ୍ତି । ଏହି କଥାଟି ପ୍ରକୃତରେ ବଡ଼ ଆମୋଦଦାୟକ ।

କେତେକ କଥା ଶବ୍ଦରେ ଅନୁବାଦ ହୋଇଯାଏ (ତାହା ଶବ୍ଦ ଦ୍ୱାରା ଲିପିବଦ୍ଧ

ହୋଇ ନ ଥାଏ, ମାତ୍ର ତଥାପି କେତେକ କଥା ଶବ୍ଦରେ ଅନୁବାଦ ହୋଇଯାଇଥାଏ) ଏବଂ ତା'ପରେ କୋଷଗୁଡ଼ିକ ଭିତରେ କଥୋପକଥନ ହେବାକୁ ଲାଗେ (*ମାଆ ହସିଲେ*) : ''ତୁ ସତରେ କେଡ଼େ ଗଧଟାଏ ରେ ! ତୁ ଡରୁଛୁ କାହିଁକି କହିଲୁ ? ତୁ କ'ଣ ଏତିକି ଦେଖି ପାରୁ ନାହୁଁ ଯେ, ସ୍ୱୟଂ ପ୍ରଭୁହିଁ ତୋ' ଜୀବନର ଏକ ରୂପାନ୍ତର ଘଟାଇବା ଉଦ୍ଦେଶ୍ୟରେ ସେହି କଥାଟିକୁ କରୁଛନ୍ତି ?'' ଆଉଗୋଟିଏ କୋଷ ସେକଥା ଶୁଣି ''ଓଃ'' ବୋଲି ଜବାବ ଦିଏ । ତା'ପରେ ସିଏ ନୀରବ ହୋଇଯାଏ, ତା'ପରେ ଆପଣାକୁ ଉନ୍ମୋଚିତ କରିଦିଏ ଓ ଅପେକ୍ଷା କରି ରହେ । ଏବଂ ତା'ପରେ, ଯନ୍ତ୍ରଣା ପଳାଏ, ଯାବତୀୟ ବିଶୃଙ୍ଖଳା ଦୂର ହୋଇଯାଏ ଏବଂ ସବୁକିଛି ପୁଣି ଯଥାର୍ଥ ଧାରାଟି ମଧ୍ୟକୁ ଚାଲିଆସେ ।

ଏହା ପ୍ରକୃତରେ ଏକ ଅଦ୍ଭୁତ କଥା ।

ମାତ୍ର ଯଦି ଦୁର୍ଭାଗ୍ୟବଶତଃ ସେହି ସ୍ଥାନରେ ମନ ଆସି ପହଞ୍ଚିଯାଏ, କିଛି ସାହାଯ୍ୟ କରିବାକୁ ବା କୌଣସି ବିଚାର କରିବାକୁ ଆରମ୍ଭ କରିଦିଏ, ତେବେ ସେହି ସମସ୍ତ ପ୍ରକ୍ରିୟାଟି ବନ୍ଦ ହୋଇଯାଏ ଏବଂ ପୁଣି ସବୁକିଛି ସେହି ପୁରୁଣା ଗୁଳାଟି ଉପରେ ଆସି ପଡ଼ିଯାଏ ।

(*ମାଆ ଦୀର୍ଘକାଳ ନୀରବ ରହିଲେ*)

ପ୍ରକୃତ କଥା ହେଉଛି, ଅହଂ, ପ୍ରାଣିକ ଓ ମାନସିକ ଆଦି ସବୁକିଛିକୁ, ଏହି କ୍ଷେତ୍ରରୁ ଅପସରାଇ ନିଆ ଯାଇଛି !

ଏହାକୁ ପ୍ରକୃତରେ ଏକ ମୂଳଭୂତ ଅସ୍ତ୍ରଚିକିତ୍ସା ବୋଲି କୁହାଯିବ ।

ତେଣୁ ବର୍ତ୍ତମାନ ଏକ ସ୍ଥିତିସ୍ଥାପକତା ଏବଂ ନମନୀୟତା ସମ୍ଭବ ହୋଇ ପାରିଛି । ଏବଂ ଏହି ସବୁଟି ବର୍ତ୍ତମାନ କେବଳ ଶିକ୍ଷା କରୁଛି – ଏହା ଅତ୍ୟନ୍ତ ଘନିଷ୍ଠ ଭାବରେ ସମଗ୍ରଟି ସହିତ ଆପଣକୁ ସମ୍ବନ୍ଧିତ କରି ରଖିଛି (*ମାଆ ଅନୁପ୍ରସ୍ଥ ଇଙ୍ଗିତ କଲେ*), ମାତ୍ର ତାହା ଏକ ଅସାଧାରଣ ନମନୀୟତା ସହିତ ଆପଣାର ଯାବତୀୟ ଅବଲମ୍ବନ, ଯାବତୀୟ ଶକ୍ତି, ଯାବତୀୟ ଜ୍ଞାନ, ଯାବତୀୟ ଆଲୋକ ଓ ଯାବତୀୟ ଇଚ୍ଛାର (*ଅନୁଲମ୍ବ ଇଙ୍ଗିତ ଦ୍ୱାରା, ସର୍ବୋଚ୍ଚ ପରମସତ୍ତାଙ୍କ ଆଡ଼କୁ ନିର୍ଦ୍ଦେଶ କରିଦେଇ*) ଅନ୍ୱେଷଣ କରି ଶିଖୁଛି, ସମ୍ପୂର୍ଣ୍ଣ ଭାବରେ ସେହିଭଳି ଅନ୍ୱେଷଣ କରି ଶିଖୁଛି ।

ଏବଂ ତା'ପରେ ସେହି ପରମ ଉପସ୍ଥିତିର... ଅପୂର୍ବ ଐଶ୍ୱର୍ଯ୍ୟ ଆସି ଉପଲବ୍ଧ ହୋଇ ଯାଉଛି ।

## ୨୯ ନଭେମ୍ବର ୧୯୬୭

ଦର୍ଶନ-ଦିବସରେ ନିଆ ଯାଇଥିବା କେତୋଟି ନୂଆ ଫଟୋ ମୋ' ପାଖରେ ଆସି ପହଞ୍ଚିଛି । ଏହି ଫଟୋଗୁଡ଼ିକ ଟେଲିସ୍କୋପିକ୍ କ୍ୟାମେରା ଦ୍ୱାରା ନିଆ ଯାଇଥିଲା । ସେଗୁଡ଼ିକୁ ବଡ଼ କରାହୋଇ ନାହିଁ, ଯେମିତି ନିଆ ହୋଇଥିଲା, ସେହିପରି ଭାବରେ ପ୍ରକାଶ କରାଯାଇଛି । (*ମାଆ ଶିଷ୍ୟଙ୍କୁ ଫଟୋଗୁଡ଼ିକ ଦେଖାଇଲେ*)

କାରଣ କ'ଣ ମୋତେ ଜଣା ନାହିଁ, ମାତ୍ର ମୁଁ ଅନୁଭବ କରିଥାଏ ଯେ, ଦର୍ଶନ ଦିନ ମୁଁ ସତେ ଯେପରି ଅନ୍ୟ ଜଣେ ବ୍ୟକ୍ତିରେ ପରିଣତ ହୋଇଯାଏ । ଏବଂ, ଏହିପରି ଭାବରେ ମୁଁ ଯେତେବେଳେ ଆପଣାକୁ ବାହାରୁ ଥାଇ ଦେଖିବାକୁ ଲାଗେ, ପ୍ରକୃତରେ ପ୍ରତ୍ୟେକ ଥର ମୁଁ ଜଣେ ଜଣେ ଭିନ୍ନ ବ୍ୟକ୍ତିକୁ ଦେଖିବାକୁ ପାଇଥାଏ । ବେଳେବେଳେ ମୁଁ ଜଣେ ବୃଦ୍ଧ ଚୀନା ମଣିଷ ପରି ଦେଖାଯାଏ । ବେଳେବେଳେ ଶ୍ରୀଅରବିନ୍ଦଙ୍କର ଗୋଟାଏ ପ୍ରକାର ସ୍ଥାନାପନ୍ନ ଜଣେ ବ୍ୟକ୍ତି ପରି ଦିଶେ, ସତେଅବା ଅବଗୁଣ୍ଠିତ ହୋଇ ଶ୍ରୀଅରବିନ୍ଦ ରହିଛନ୍ତି । ବେଳେବେଳେ ଏପରି କୌଣସି ଜଣେ ବ୍ୟକ୍ତିଙ୍କ ପରି ଦିଶେ, ଯାହାଙ୍କୁ କି ମୁଁ ଖୁବ୍ ଭଲ କରି ଚିହ୍ନିଛି, ଅଥଚ ଯିଏକି ଠିକ୍ ଏହି ବ୍ୟକ୍ତିଜଣକ ମୋଟେ ନୁହନ୍ତି । ଏକଦା ମୁଁ ସେହିପରି ଥିବା ପରି ମନେ ହୁଏ । ଏଭଳି ଅନେକ ଥର ଘଟିଛି ।

> *ଏହି କ୍ଷେତ୍ରରେ ମୋର ମଧ୍ୟ ଅନୁଭବ ହୋଇଛି ଯେ ସେତେବେଳେ ଆପଣ ପ୍ରକୃତରେ ଅନ୍ୟ ଜଣେ ହୋଇ ଯାଇଥାନ୍ତି । ଆପଣ ସାଧାରଣତଃ ଯେପରି, ତା' ଠାରୁ ସଂପୂର୍ଣ୍ଣ ଭାବରେ ଅଲଗା ଦେଖା ଯାଉଥାନ୍ତି ।*

ନୁହଁ ?

> *ଏବଂ ମୁଁ ଅନୁଭବ କରେ ସତେ ଯେପରି, ଆପଣ ଯାହା ଦିଶନ୍ତି, ତାହା ମୋର ଏକାନ୍ତ ପରିଚିତ ।*

ହଁ । ମୋର ମଧ୍ୟ ଅବିକଳ ସେହିପରି ଅନୁଭୂତି ହୁଏ । ମୁଁ ଏଇଟି ଆଡ଼କୁ ଅନାଏ ଓ କହେ : ଏହି ବ୍ୟକ୍ତିଟିକୁ ମୁଁ ଭଲ କରି ଜାଣିଛି,– ମାତ୍ର ଏହି କ୍ଷେତ୍ରରେ ମୋଟେ ଏହି ଶରୀରଟିର କଥା ଉଠୁ ନାହିଁ ।

*ମାତ୍ର ସେଇଟି ମୋତେ ଅତ୍ୟନ୍ତ ପରିଚିତ ବୋଧ ହୁଅନ୍ତି !*

ହଁ । ସତକଥା । ସିଏ ଅତ୍ୟନ୍ତ ସୁପରିଚିତ, ମାତ୍ର ତଥାପି ଏଇଟି କଦାପି ନୁହନ୍ତି (*ମାଆ ନିଜ ଶରୀର ଆଡ଼କୁ ନିର୍ଦ୍ଦେଶ କଲେ*) । ଇଏ ଏଇଟି ମଧ୍ୟରେ ନାହାନ୍ତି, ତଥାପି ଭାରି ପରିଚିତ ।

*କେଜାଣି କାହିଁକି, ଏଇଟିକୁ ଦେଖିଲେ ମୋର ଜଣେ ଚିତ୍ରକାରଙ୍କ କଥା ମନେ ପଡ଼ିଯାଏ ।*

ଏହି ବ୍ୟକ୍ତି ଜଣେ ପୁରୁଷ ନା ସ୍ତ୍ରୀ, ସେକଥା ମଧ୍ୟ ନିଶ୍ଚିତ ଭାବରେ ଜାଣିହୁଏ ନାହିଁ ।

ଏହା କ'ଣ ଏପରି ଗୋଟିଏ ସତ୍ତା, ଯିଏ କି ଏହି ପୃଥିବୀର ଜଡ଼-ସଂସାରଟିଠାରୁ ଭିନ୍ନ ଆଉ ଗୋଟିଏ ସଂସାରରେ ବାସ କରୁଛନ୍ତି ?– ଏକଥା ମୁଁ ନିଜକୁ ପ୍ରଶ୍ନ କରିଛି । କାରଣ ଇଏ... ମୁଁ ଜାଣିଛି ସତ, ମାତ୍ର ଶାରୀରିକ ବୋଧର ଘନିଷ୍ଠତା ଦେଇ ମୋଟେ ଜାଣିପାରି ନାହିଁ । ହଁ, ଏହି ବ୍ୟକ୍ତିଙ୍କୁ ମୁଁ ଭାରି ଭଲ କରି ଜାଣିଛି, ତାଙ୍କୁ ମୁଁ ବହୁବାର ଦେଖିଛି ।

*ମୋର ଅନୁଭବ ହୁଏ ଯେପରି ମୁଁ ତାଙ୍କୁ ଆଗରୁ ମଧ୍ୟ ଦେଖିଛି ।*

ହଁ, ନିଶ୍ଚୟ ଦେଖିଥିବ ! ମାତ୍ର ତାଙ୍କୁ ତୁମେ ଏହି ସଂସାରରେ ଦେଖିଥିବ କି ନାହିଁ କେଜାଣି ? (*ଆଉ ଜଣେ ଶିଷ୍ୟଙ୍କୁ ଉଦ୍ଦେଶ୍ୟ କରି*) ତୁମେ ବି କ'ଣ ସେହି ବ୍ୟକ୍ତିଙ୍କୁ ଜାଣି ନାହଁ ?

*ସିଏ ଠିକ୍ ଏଇ ମାଆ ଆଦୌ ନୁହନ୍ତି !*

ହଁ... ସମ୍ଭବତଃ ଏହା କେବଳ ଗୋଟିଏ ଚିତ୍ର । ହୁଏତ ତୁମେ ଠିକ୍ କଥାହିଁ କହୁଛ । ମାତ୍ର ଠିକ୍ କେଉଁଟି, ମୁଁ ତାହା ମୋଟେ ଦେଖିପାରେ ନାହିଁ ।

ସିଏ ଏପରି ଜଣେ, ଯିଏକି ମୋ'ର ଅତ୍ୟନ୍ତ ପରିଚିତ, ମାତ୍ର... ସିଏ ଇତିହାସର କୌଣସି ଜଣେ ବ୍ୟକ୍ତି ବୋଲି ଯଦି ମୋତେ କୁହାଯାଏ, ତେବେ ମୁଁ ସେଥିରେ ଆଦୌ ଆଶ୍ଚର୍ଯ୍ୟ ହେବି ନାହିଁ ।

ଭାରି ଆଶ୍ଚର୍ଯ୍ୟର କଥା । ଏବଂ କ୍ରମେ ଅଧିକରୁ ଅଧିକ ଆଶ୍ଚର୍ଯ୍ୟ ଲାଗୁଥିବା ପରି

ମନେ ହୁଏ । ଶରୀର ସେହି ଅନ୍ତର୍ଗତ ଛନ୍ଦଟିକୁ ସ୍ପର୍ଶ କରିବା ସଙ୍ଗେ ସଙ୍ଗେ, ତାହା ଆହୁରି ବୃଦ୍ଧି ପାଉଥାଏ ।

ଏହାକୁ କଦାପି ଏକ ଭୌତିକ ସତ୍ତା ବୋଲି କହିହେବ ନାହିଁ ।

ତେବେ ଏହା ପ୍ରକୃତରେ କ'ଣ ? ସେକଥା ଦିନେ ନିଶ୍ଚୟ ଜଣାଯିବ...

*ଏହା ଅତ୍ୟନ୍ତ ପରିଚିତ ।*

ହଁ, ମାତ୍ର ମୋର ଏହିପରି ଏକ ପ୍ରତୀତି ହୋଇଛି : ଏପରି କୌଣସି ଜଣେ ବ୍ୟକ୍ତି, ଯାହାଙ୍କୁ କି ମୁଁ ଅତ୍ୟନ୍ତ ଘନିଷ୍ଠ ଭାବରେ ଜାଣିଛି, ହୁଏତ ଯାହାଙ୍କ ସହିତ ମୁଁ କେବେ ଏକତ୍ର ବାସ କରିଛି । ମାତ୍ର ଏହି ବ୍ୟକ୍ତିଟି ଠିକ୍ ମୁଁ ନୁହେଁ, ବୁଝିଲ ତ ? ଅର୍ଥାତ୍, ମୋ' ଶରୀର କହୁଛି : ''ଏଇଟି ଠିକ୍ ମୁଁ ନୁହେଁ ।'' ଭିତରେ ଏକାବେଳେକେ ଅଲଗା ଘଟଣା ଘଟେ : ସେଠାରେ ''ମୁଁ-ତୁମେ'' ବୋଲି ଆଦୌ କିଛି ନ ଥାଏ, ସେହି ଯାବତୀୟ ପ୍ରସଙ୍ଗର ଆଦୌ କୌଣସି ଅସ୍ତିତ୍ୱ ନ ଥାଏ । ମାତ୍ର ଶରୀର ତଥାପି ଭେଦଟିକୁ ଜାଣିପାରେ ଓ କହେ : ''ଏଇଟି ମୁଁ ମୋଟେ ନୁହେଁ, ଇଏ ଏପରି ଜଣେ, ଯାହାଙ୍କୁ ମୁଁ ଅତ୍ୟନ୍ତ ଭଲ ଭାବରେ ଜାଣିଛି, ଅତ୍ୟନ୍ତ ଭଲ ଭାବରେ ଜାଣିଛି । ମାତ୍ର ଇଏ କଦାପି ମୁଁ ନୁହନ୍ତି ।''

*ବାଲ୍‌କନି ଉପରେ ଏପରି କାହିଁକି ଘଟିଥାଏ ?**

ଏହାର ଦୁଇଟି କାରଣ ହୋଇପାରେ । ସମ୍ଭବତଃ ମୂଳ ଚେତନାଟି କୌଣସି ଏକ ଅତୀତ ଜୀବନରେ ଆପଣାକୁ ଦୁଇ ଭାଗରେ ବିଭକ୍ତ କରିଛି (ଏପରି ଏକାଧିକ ବାର ହୋଇଛି) ଏବଂ ଆପଣାକୁ ଯୁଗପତ୍ ଭାବରେ ଦୁଇଟି ଭିନ୍ନ ଭିନ୍ନ ଶରୀରରେ ଅଭିବ୍ୟକ୍ତ କରିଛି । ତେଣୁ ଏହି କ୍ଷେତ୍ରରେ ସ୍ୱଭାବତଃ ଏକ ଘନିଷ୍ଠତା ରହି ଆସିଛି, ସମ୍ଭବତଃ ଜୀବନର ଏକ ପାରସ୍ପରିକ ସମ୍ମିଶ୍ରଣ ମଧ୍ୟ ହୋଇଯାଇଛି । ଏହାକୁ ହୁଏତ ଏକ ଶାରୀରିକ ଘଟଣା ବୋଲି ମଧ୍ୟ କୁହାଯାଇ ପାରିବ । ମାତ୍ର, ଏଇଟି ହୁଏତ ଏପରି ଆଉଜଣେ ବ୍ୟକ୍ତି ବି ହୋଇ ପାରନ୍ତି ଯିଏକି ସ୍ଥାୟୀ ଭାବରେ ଏକ ଅସ୍ତିତ୍ୱ ଧାରଣ କରି ରହିଛନ୍ତି, ଆଉ କେଉଁଠି ଏପରି ଏକ ସ୍ଥାୟୀ ଦେହ ଧରି ରହିଛନ୍ତି, ଯେଉଁଟି ସହିତ ସେହି ସଂସାରରେ (ଅଧିମାନସ, ଅତିମାନସ କିଂବା ଅନ୍ୟକିଛି) ଆମର ସତତ ସଂସ୍ପର୍ଶ ମଧ୍ୟ ରହିଛି । ଏବଂ

* ମାଆ ବାଲ୍‌କନି ଉପରେ ଛିଡ଼ା ହୋଇ ଦର୍ଶନ ଦେଉଥିଲେ । ତଳେ ରାସ୍ତା ଉପରେ ଲୋକମାନେ ତାଙ୍କ ସମ୍ମୁଖରେ ସମବେତ ହୋଇ ଠିଆ ହେଉଥିଲେ ।

ଭିତରେ ଏହିପରି ଏକ ଅନୁଭବ ହେବାରେ ଲାଗିଛି : ହଁ, ମୁଁ ଜାଣିଛି । ଏଇଟି ଦୁଇଟି ମଧ୍ୟରୁ କୌଣସି ଗୋଟିଏ ହୋଇ ଥାଇପାରେ । ଠିକ୍ କେଉଁଟି ହୋଇଥିବ, ସେକଥା ମୁଁ ଏପର୍ଯ୍ୟନ୍ତ ଜାଣିପାରି ନାହିଁ ।

(*କିଛି ସମୟ ନୀରବ ରହି*) ଏହାକୁ ଅଧିକତର ପରିମାଣରେ ଏକ ଅଭିବ୍ୟକ୍ତି ବୋଲି କୁହାଯିବ, ଗୋଟାଏ ପ୍ରକାରର ସ୍ପନ୍ଦନ ଅଥବା ଏକ ପରିବେଶ ବୋଲି କୁହାଯିବ । ଅବିକଳ ଏକ ଶାରୀରିକ ଆକୃତି-ସାମଞ୍ଜସ୍ୟ ଅପେକ୍ଷା ଅଧିକତର ପରିମାଣରେ ଏହିପରି କୁହାଯିବ । ହଁ, ଅଧିକତର ପରିମାଣରେ ପ୍ରକୃତରେ ସେହି କଥାହିଁ ହେବ,– କେହି ଜଣେ ଆଉ କୌଣସି ସ୍ଥାନରେ ସ୍ଥାୟୀ ଭାବରେ ରହିଛନ୍ତି ଏବଂ ତାଙ୍କ ସହିତ ଆମର ସଂସ୍ପର୍ଶ ରହିଛି ।

ଏବଂ, ଏଇଟି ଜଣେ ପୁରୁଷ ଅଥବା ଜଣେ ସ୍ତ୍ରୀ, ସମ୍ଭବତଃ ସେହି କାରଣରୁହିଁ ଆମକୁ ସେକଥା ନ ଜାଣି ପାରୁଥିବା ପରି ବୋଧ ହେଉଛି । ସିଏ ନିଶ୍ଚୟ ଏପରି ଏକ ସଂସାରର ହୋଇଥିବେ, ଯେଉଁଠି ଲିଙ୍ଗର କୌଣସି ପୃଥକୀକରଣ ହୋଇ ନାହିଁ, ଯେଉଁଠି ପୁରୁଷ ନାହାନ୍ତି କି ସ୍ତ୍ରୀ ନାହାନ୍ତି ।

(*ମାଆ ନୀରବ ରହିଲେ*)

ସ୍ୱକ୍ଷେତ୍ରରେ ଏହି ଶରୀରର ଏପରି କିଛି ରହିଛି ଯାହାକୁ କି କେବଳ ଏକ ଅନୁଭବଠାରୁ ଅଧିକ ବୋଲି କୁହାଯିବ । ତାହା ହେଉଛି ଗୋଟାଏ ପ୍ରକାରର... ତାହା ହେଉଛି ଗୋଟାଏ ଜ୍ଞାନ – ତାହା କେବଳ ଏକ ଜ୍ଞାନଠାରୁ ଅଧିକ, ଏହା ଏକ ବାସ୍ତବ ସତ୍ୟ : ଏପରି ଅନେକ, ଅନେକ ସତ୍ତା, ଶକ୍ତି ଓ ବ୍ୟକ୍ତିତ୍ୱ ରହିଛନ୍ତି ଯେଉଁମାନେ କି ଏହାରି ମାଧ୍ୟମରେ ଆପଣାକୁ ଅଭିବ୍ୟକ୍ତ କରୁଛନ୍ତି, ଏପରିକି ବେଳେବେଳେ ଏକାବେଳେକେ ଏକାଧିକ ବି ଆପଣାକୁ ଅଭିବ୍ୟକ୍ତ କରୁଛନ୍ତି । ତାହା ହେଉଛି ଏକ ସାଧାରଣ ଅଭିଜ୍ଞତା; ଉଦାହରଣ ସ୍ୱରୂପ, ଆମେ ଏକଥା ଜାଣିଛୁ ଯେ ଶ୍ରୀଅରବିନ୍ଦ ରହିଛନ୍ତି, ସିଏ କଥାବାର୍ତ୍ତା କରୁଛନ୍ତି, ଦେଖୁଛନ୍ତି, ଦେଖିବା ଲାଗି ଓ ଆପଣାକୁ ଅଭିବ୍ୟକ୍ତ କରିବାଲାଗି ତାଙ୍କର ଏକ ନିଜସ୍ୱ ଧାରା ରହିଛି; ତାହା ଅନେକ ସମୟରେ ଘଟୁଛି । ଏବଂ ଅନେକ ସମୟରେ ଦୁର୍ଗାଙ୍କର ଓ ମହାକାଳୀଙ୍କର ବା ସେହିପରି ଆଉ କୌଣସିଟିର ଅଭିବ୍ୟକ୍ତି ଘଟୁଛି । ଅନେକ ସମୟରେ ଅତ୍ୟନ୍ତ ଉଚ୍ଚ ଓ ଅତ୍ୟନ୍ତ ଦୃଢ଼ସ୍ଥାୟୀ ହୋଇ ରହିଥିବା ଏକ ସତ୍ତାରୂପେ ସେହି ଅଭିବ୍ୟକ୍ତି ଘଟୁଛି । ଏବଂ ତା'ପରେ ସତ୍ତା ମଧ୍ୟରେ ଗୋଟାଏ ପ୍ରକାରର ନିର୍ବିଶେଷ କିଛି ଘଟିଥିବାର ଅନୁଭବ ହେଉଛି । ବେଳେବେଳେ ଏହି

6

କ୍ଷେତ୍ରରେ ନିକଟବର୍ତ୍ତୀ କୌଣସି ଭୂମିର ସତ୍ତାମାନେ ଆପଣାକୁ ଅଭିବ୍ୟକ୍ତ କରିବାକୁ ଆସୁଛନ୍ତି,— ସେମାନେ ଆପଣାକୁ ଅନୁଭୂତ କରାଇବା ଲାଗି ଚେଷ୍ଟା କରୁଛନ୍ତି, ଆପଣାକୁ ଅଭିବ୍ୟକ୍ତ ବି କରୁଛନ୍ତି, ମାତ୍ର ତାହା ନିୟନ୍ତ୍ରଣ ମଧ୍ୟରେ ରହିଛି ।

ଶରୀର ସେ ସବୁଥିରେ ଭାରି ଅଭ୍ୟସ୍ତ ହୋଇଯାଇଛି ।

ମାତ୍ର, ଆଶ୍ଚର୍ଯ୍ୟର କଥା ହେଉଛି ଯେ, ଏଥର ଏହି ଚବିଶ ତାରିଖ ଦିନ, ମୁଁ ଯେତେବେଳେ ବାଲ୍‌କନିକୁ ଗଲି, ସେତେବେଳେ ମୁଁ ଏପରି ଏକ ବ୍ୟକ୍ତିଙ୍କୁ ଦେଖିବାକୁ ପାଇଲି (ଏଇ ଘଟଣାଟି ମୋ' ଜୀବନରେ କେତେ ଥର ଘଟିଆସିଛି, ମାତ୍ର କ୍ରମଶଃ ଅଧିକରୁ ଅଧିକ ଥର ଘଟିଛି), ଯିଏକି ଏକ ପ୍ରକାରର ଶାଶ୍ୱତତାର ଭୂମିରୁ ଏକ ମହାନ୍ ଅଥଚ ମିଶ୍ର ଉଦାରତା ସହିତ ଦୃଷ୍ଟିପାତ କରିବାରେ ଲାଗିଛନ୍ତି (ତାହାକୁ ଉଦାରତା ଭଳି କୌଣସି ଏକ ପଦାର୍ଥ ବୋଲି କହିହେବ, ମୁଁ ତାହାକୁ ଠିକ୍ କିପରି ଶବ୍ଦ ଦେଇ ପ୍ରକାଶ କରି ପାରିବି, ସେ କଥା ମୋଟେ ଜାଣିପାରୁ ନାହିଁ) । ମାତ୍ର ତାଙ୍କଠାରେ ଏପରି ଏକ ଅମିଶ୍ରିତ ପ୍ରଶାନ୍ତତା ବିରାଜମାନ କରୁଛି, ଯାହାକୁ ପ୍ରାୟ ଏକ ଉଦାସୀନତା ବୋଲି ବି କୁହାଯାଇ ପାରିବ । ଏବଂ ଦୁଇଟିଯାକ ଭାବ ଏକତ୍ର ରହିଛି, ଠିକ୍ ଏହିପରି ଦେଖାଯାଉଛି (*ମାଆ ଅନେକ ତଳକୁ ହାତଆଣି ତରଙ୍ଗର ଏକ ବର୍ଣ୍ଣନାତ୍ମକ ଇଙ୍ଗିତ କଲେ*) । ସତେ ଯେପରି ମୁଁ ଅନେକ ଦୂରରେ ଥାଇ ତାହାକୁ ଦେଖୁଛି, ସତେ ଯେପରି ସିଏ କେତେ ନା କେତେ ଉଚ୍ଚରେ ଯାଇ ରହିଛନ୍ତି... ଏସବୁ କଥାକୁ ମୁଁ କିପରି ଶବ୍ଦ ଦେଇ କହିବି କହିଲ ? ପ୍ରାୟ ଏକ ଶାଶ୍ୱତ ଦୃଷ୍ଟିପାତ ଦ୍ୱାରା ସିଏ ସବୁକିଛି ଦେଖୁଛନ୍ତି । ଘରୁ ବାହାରି ବାଲ୍‌କନିକୁ ଆସିବା ସମୟରେ ମୋ'ର ଶରୀର ଠିକ୍ ସେହିପରି ଅନୁଭବ କରୁଥିଲା । ଏବଂ କହୁଥିଲା : ''ମୋତେ ଅଭୀପ୍ସା କରିବାକୁ ହେବ,— ମୋ'ଦ୍ୱାରା ଏପରି ଏକ ଅଭୀପ୍ସା ସମ୍ଭବ ହେବ, ଯେପରିକି ଏହି ବିରାଟ ଶକ୍ତିଟି ଏଠାରେ ସମବେତ ସକଳ ବ୍ୟକ୍ତିଙ୍କ ମଧ୍ୟକୁ ଅବତରଣ କରି ପାରିବ ।'' ଏବଂ ସେହି ଶକ୍ତିଟି,— ତାହା ଠିକ୍ ଏହିପରି ହୋଇ ରହିଥିଲା (*ମାଆ ଊର୍ଦ୍ଧ୍ୱରୁ ହାତକୁ କ୍ଷିପ୍ର ଗତିରେ ତଳକୁ ନେଇ ଆସିଲେ*) । ସିଏ ଭାରି ଉଦାର ଦିଶୁଥିଲେ, କିନ୍ତୁ ଉଦାସ ବି ଦିଶୁଥିଲେ । ତାହାକୁ ସେହି ଶାଶ୍ୱତତା'ର ଉଦାସୀନତା ବୋଲି କୁହାଯିବ । ଏହାକୁ ଯେ କିପରି ବୁଝାଇ କହିହେବ, ସେକଥା ମୁଁ କିଛି ଜାଣିପାରୁ ନାହିଁ । ଏବଂ ସତେ ଯେପରି କୌଣସି ବସ୍ତୁ ତାହାକୁ ଆପଣାର ଏକ ନିମିତ୍ତରୂପେ ବ୍ୟବହାର କରୁଥିଲା, ସେହିପରି ଏକ ପ୍ରତୀତି ସହିତ ଶରୀର ଏହି ସବୁକିଛିକୁ ଅନୁଭବ କରୁଥିଲା ।

ସେହି କାରଣରୁହିଁ ଏହି ଫଟୋଗୁଡ଼ିକ ଉପରେ ମୋ'ର ଏତେ ଆଗ୍ରହ । ମୁଁ ସେହି ସ୍ଥିତିଟିକୁ ସମ୍ପୂର୍ଣ୍ଣ ଇନ୍ଦ୍ରିୟଗୋଚର ଅବସ୍ଥାରେ ଦେଖିବାକୁ ଇଚ୍ଛା କରୁଛି ।

ଏହା ଯେ ପ୍ରକୃତରେ କ'ଣ, ସେକଥା ଦିନେ ନିଶ୍ଚୟ ଜଣା ପଡ଼ିବ ।

## ୩୦ ଡିସେମ୍ବର ୧୯୬୭

ଶାସନ ବିଷୟରେ କହିବା ସମୟରେ
ମାଆ ନିମ୍ନଲିଖିତ ମନ୍ତବ୍ୟ କରିଥିଲେ ।

ସମସ୍ୟାଟି ଶେଷକୁ ପ୍ରାୟ ଏହିଠାରେ ଆସି ଛିଣ୍ଡୁଛି : ବର୍ତ୍ତମାନ ଯେଉଁଠି ବୁଦ୍ଧି ଦ୍ୱାରା ଏକ ମାନସିକ ଶାସନ ଚାଲୁଛି, ତାହାର ସ୍ଥାନାପନ୍ନ ଭାବରେ ଆଧ୍ୟାତ୍ମିକ ଭୂମିକୁ ଉତ୍ତୋଳିତ ହୋଇ ପାରିଥିବା ଏକ ଚେତନାର ଶାସନ ପ୍ରତିଷ୍ଠା କରିବା ।

ଏହି ଅନୁଭୂତିଟି ପ୍ରକୃତରେ ଭାରି ଆଗ୍ରହୋଦ୍ଦୀପକ : କିପରି ବୁଦ୍ଧି ଦ୍ୱାରା ପ୍ରେରିତ ହୋଇ ମନ ଭିତରେ ସେହି ଏକାପରି କ୍ରିୟା, ସେହି ଏକା କର୍ମ, ସେହି ଏକା ପର୍ଯ୍ୟବେକ୍ଷଣ ଓ ପରିବେଶ (ଦୂର ଓ ନିକଟସ୍ଥ) ସହିତ ସେହି ଏକା ସମ୍ବନ୍ଧମାନ ସମ୍ଭବ ହୁଏ, ଯାହାକି ଅନୁଭୂତି ଦ୍ୱାରା ଚେତନାର ଭୂମିରେ ମଧ୍ୟ ହୋଇଥାଏ । ଏବଂ, ବର୍ତ୍ତମାନ ଶରୀର ଠିକ୍ ଏହି କଥାଟିକୁହିଁ ଶିକ୍ଷା କରୁଛି; ଯେଉଁଠି ବୁଦ୍ଧିନିର୍ଭର ମନର ରାଜତ୍ୱ ଚାଲିଥିଲା, ତାହା ସେଠାରେ ଚେତନାର ଆଧ୍ୟାତ୍ମିକ ଶାସନକୁ ସ୍ଥାନାପନ୍ନ ଭାବରେ ସ୍ଥାପିତ କରାଇବାକୁ ଶିକ୍ଷା କରୁଛି । ଏବଂ ଏହାଦ୍ୱାରା (ଏହା ହୁଏତ ଆଦୌ କିଛି ଭଳି ଦେଖାଯାଉ ନାହିଁ, ତୁମେ ହୁଏତ ଏହି କ୍ଷେତ୍ରରେ ଆଦୌ କିଛିହେଲେ ଦେଖିପାରିବ ନାହିଁ) ଏକ ବୃହତ୍ ପାର୍ଥକ୍ୟ ସମ୍ଭବ ହେଉଛି; ଏହି ପାର୍ଥକ୍ୟ ଏଡ଼େ ବୃହତ୍ ଯେ ଏହାଦ୍ୱାରା ଶରୀରର ସମ୍ଭାବନାଗୁଡ଼ିକ ଶହେଗୁଣ ବୃଦ୍ଧି ପାଉଥିଲା ପରି ଲାଗୁଛି ।... ଯେତେବେଳେ ଶରୀର ନାନା ନିୟମର ଅଧୀନ ହୋଇ ରହିଥାଏ, ସେହିସବୁ ନିୟମ ଯେତେ ଅଧିକ ପ୍ରଶସ୍ତ ଅଥବା ବ୍ୟାପକ ହୋଇଥିଲେ ମଧ୍ୟ, ତାହା ସେତେବେଳେ ସେହିସବୁ ନିୟମର ଦାସ ହୋଇ ରହିଥାଏ ଏବଂ ତାହାର ସମ୍ଭାବନାଗୁଡ଼ିକ ମଧ୍ୟ ସେହି ନିୟମଗୁଡ଼ିକ ଦ୍ୱାରା ଅତ୍ୟନ୍ତ ସୀମିତ ହୋଇ ରହି ଯାଇଥାଏ । ମାତ୍ର ଯେତେବେଳେ ଶରୀର ପରମ ଚିତ୍‌ସତ୍ତା ତଥା ପରମ ଚେତନା ଦ୍ୱାରା ପରିଚାଳିତ ହେବାକୁ ଆରମ୍ଭ କରେ, ତଦ୍ଦ୍ୱାରା ତାହା ମଧ୍ୟରେ ଏକ ଅତୁଳନୀୟ ସମ୍ଭାବନା ଓ ନମନୀୟତା ଆସି ସମ୍ଭବ ହୁଏ । ଏବଂ ତାହାହିଁ ଶରୀରକୁ ତା'ନିଜ ଲାଗି ଏକ ଦୀର୍ଘ ଜୀବନର ସାମର୍ଥ୍ୟ ଆଣିଦେବ,— ତାହାର ଅବଧିଟିକୁ ଅଧିକ ଦୀର୍ଘ କରିଦେଇ ପାରିବ । ତାହାର ଅର୍ଥ ହେଉଛି ଯେ, ବର୍ତ୍ତମାନ ଯେଉଁଠି ମନଃସ୍ତରରେ ବୁଦ୍ଧିର ଶାସନ ଚାଲୁଛି, ଆମେ ସେଠାରେ ସ୍ଥାନାପନ୍ନ ଭାବରେ ପରମ ଚିତ୍‌ସତ୍ତା ଓ ଚେତନାର,— ସେହି ପରମଚେତନାର ଶାସନକୁ ଆଣି ପ୍ରତିଷ୍ଠିତ କରି ପାରିବା । ବାହାରୁ ଏହାଦ୍ୱାରା ଖୁବ୍‌ବେଶୀ ପାର୍ଥକ୍ୟ ହେଲା ବୋଲି ମୋଟେ ବୋଧ ହେବ ନାହିଁ, ମାତ୍ର,

ମୋ ନିଜର ଅଭିଜ୍ଞତା ହେଉଛି ଯେ (କାରଣ ବର୍ତ୍ତମାନ ମୋ'ର ଶରୀର ଆଉ ମନ ବା ବୁଦ୍ଧିର କୌଣସି ବୋଲ ମାନୁ ନାହିଁ, ମୋଟେ ମାନୁ ନାହିଁ; ଏହା ପ୍ରକୃତରେ କିପରି କରାଯାଇ ପାରିବ, ସିଏ ସେହି କଥାଟିକୁ ବୁଝି ମଧ୍ୟ ପାରୁ ନାହିଁ); ମାତ୍ର ଅଧିକରୁ ଅଧିକ ପରିମାଣରେ ଏବଂ ଅଧିକରୁ ଅଧିକ ସମର୍ଥ ଭାବରେ ତାହା ସେହି ପରମଚେତନା ଦ୍ୱାରା ପରିଚାଳିତ ହେଉଛି, ତାହାରି ପ୍ରେରଣାକୁହିଁ ମାନୁଛି । ଏବଂ, ଏପରି କରି ତାହା ପ୍ରତ୍ୟେକ ମୁହୂର୍ତ୍ତରେ ଏହା ଦ୍ୱାରା ସଂଘଟିତ ହେଉଥିବା ପାର୍ଥକ୍ୟଟିକୁ ମଧ୍ୟ ଦେଖିବାକୁ ପାଉଛି ।... ଉଦାହରଣ ସ୍ୱରୂପ, ତା'ପାଖରେ ସମୟର ଆଉ କୌଣସି ତାତ୍ପର୍ଯ୍ୟ ନାହିଁ,— ତହିଁରେ ସାଧାରଣତଃ ଯେଉଁ ସୁନିର୍ଦ୍ଦିଷ୍ଟ ତାତ୍ପର୍ଯ୍ୟଟି ରହିଥାଏ, ତାହା ଆଉ ମୋଟେ ନାହିଁ । ଠିକ୍ ସେହି ଗୋଟିଏ କଥାକୁ ଅଳ୍ପ ସମୟରେ କରାଯାଇ ପାରୁଛି, ଦୀର୍ଘ ଅଧିକ ସମୟରେ ବି କରାଯାଇ ପାରୁଛି । ପ୍ରୟୋଜନଗୁଡ଼ାକର ଆଉ ଆଦୌ କୌଣସି କର୍ତ୍ତୃତ୍ୱ ନାହିଁ । ଇଚ୍ଛା ହେଲେ ନିଜକୁ ଏପରି ଅନୁକୂଳିତ କରି ହେଉଛି, ପୁଣି ଇଚ୍ଛା ହେଲେ ସେପରି ବି ଅନୁକୂଳିତ କରି ହେଉଛି । ଯାବତୀୟ ନିୟମ ଓ ବିଧାନ, ଯେଉଁଗୁଡ଼ିକ ପ୍ରକୃତିର ନିୟମରୂପେ ସ୍ୱୀକୃତ ହୋଇ ରହିଥିଲା, ହୁଏତ କୁହାଯାଇ ପାରିବ ଯେ ସେଗୁଡ଼ିକର ଆଉ କୌଣସି ସ୍ୱେରାଚାରିତା ସମ୍ଭବ ହୋଇପାରୁ ନାହିଁ । ଅନୁକ୍ଷଣ କେବଳ ନମନୀୟ ଏବଂ ଲୟଯୁକ୍ତ ହୋଇ ରହିବା,— ଏତିକି ହେଲେହିଁ ଯଥେଷ୍ଟ ହେଉଛି । ସେହି ପରମ ଚେତନାର ପ୍ରଭାବଟି ଆଡ଼କୁ ''ଅନୁସ୍ପନ୍ଦନଯୁକ୍ତ'' ହେଲେହିଁ ଯଥେଷ୍ଟ ହେଉଛି । ସେହି ସର୍ବଶକ୍ତିମାନ୍ ପରମ ଚେତନାର ସକଳ ପ୍ରଭାବ ଲାଗି ଏକ ଅସାଧାରଣ ନମନୀୟତା ସହିତ ଉନ୍ମୁକ୍ତ ହୋଇ ରହିବା,— ତାହାହିଁ ଯଥେଷ୍ଟ ହେଉଛି ।

ବର୍ତ୍ତମାନ ଅଧିକରୁ ଅଧିକ ପରିମାଣରେ ଠିକ୍ ଏହି ଆବିଷ୍କାରଟି ହେବାରେ ଲାଗିଛି ।

ଏହା ପ୍ରକୃତରେ ଏକ ଅଦ୍ଭୁତ ଘଟଣା, ନୁହେଁ କି ? ଏହା ପ୍ରକୃତରେ ଏକ ଅଦ୍ଭୁତ ଆବିଷ୍କାର ।

ଯାବତୀୟ ଆଦେଶ ଏବଂ ବିଧାନ ଉପରେ ଏହାକୁ ଏକ ଉତ୍ତରୋତ୍ତର ବୃଦ୍ଧି ପାଉଥିବା ବିଜୟ ବୋଲି କୁହାଯାଇ ପାରିବ । ଏହିପରି ଭାବରେ, ପ୍ରକୃତିର ସକଳ ନିୟମ ଓ ତେଣୁ ଅତ୍ୟନ୍ତ ସ୍ୱାଭାବିକ ଭାବରେ ମନୁଷ୍ୟକୃତ ଯାବତୀୟ ନିୟମ, ଯାବତୀୟ ଅଭ୍ୟସ୍ତତା ଓ ଯାବତୀୟ ଶୃଙ୍ଖଳା ସବୁକିଛି କ୍ରମେ ଅଧିକରୁ ଅଧିକ ନମନୀୟ ହୋଇଆସେ ଏବଂ ଶେଷରେ ସେଗୁଡ଼ାକର ଆଉ କୌଣସି ଅସ୍ତିତ୍ୱ ମଧ୍ୟ ରହେ ନାହିଁ । ତଥାପି, ଜୀବନରେ ଏକ ନିୟମିତ ଛନ୍ଦ ରଖିବା ମଧ୍ୟ ସମ୍ଭବ ହେଉଥାଏ, ଯାହାଦ୍ୱାରା କି ଯାବତୀୟ କର୍ମସମ୍ପାଦନ ସହଜ ହୋଇଯାଏ । ଏବଂ ତାହା ଏହି ନମନୀୟତାର ଆଦୌ କୌଣସି

ବିରୁଦ୍ଧାଚରଣ କରେ ନାହିଁ । ମାତ୍ର, କର୍ମ-ସମ୍ପାଦନରେ ଏକ ନମନୀୟତା ଆସେ, ଆପଣାକୁ ଅନୁକୂଳିତ କରି ରଖିବାର କାର୍ଯ୍ୟରେ ଏକ ନମନୀୟତା ଆସେ; ସେହି ନମନୀୟତା ଆସି ସବୁକିଛିକୁ ବଦଳାଇ ଦିଏ । ସ୍ୱାସ୍ଥ୍ୟରକ୍ଷାର ଦୃଷ୍ଟିକୋଣରୁ, ସ୍ୱାସ୍ଥ୍ୟର ଦୃଷ୍ଟିକୋଣରୁ ଏବଂ ସଂଗଠନ ତଥା ଅନ୍ୟମାନଙ୍କ ସହିତ ସଂବନ୍ଧ ସ୍ଥାପନର ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ, ଏଗୁଡ଼ାକ ମଧ୍ୟରେ ରହିଥିବା ଆକ୍ରମକତା ଯେ କାଳକ୍ରମେ ଅପସାରିତ ହୋଇଯାଇଛି ତାହା ନୁହେଁ (କାରଣ, ଏହି କ୍ଷେତ୍ରରେ ଅପ୍ରମତ୍ତ ହୋଇ ରହିପାରିଲେ, ଅପ୍ରମତ୍ତ, ଶାନ୍ତ ଏବଂ ସ୍ଥିର ହୋଇ ରହିପାରିଲେ ଏଥିରୁ ସକଳ ଆକ୍ରମକତା ମଧ୍ୟ ଅପସାରିତ ହୋଇଯାଏ), ମାତ୍ର ତାହାର ଅନମନୀୟ ନିରଙ୍କୁଶତା ଓ ଆପଣାର ଆଦେଶ- ଗୁଡ଼ାକୁ ଜାରି କରୁଥିବା ନିୟମୋଗ୍ରତା ମଧ୍ୟ ଅପସାରିତ ହୋଇ ଯାଇଛି, ସବୁ ଅପସାରିତ ହୋଇ ଯାଇଛି ।

ତେଣୁ, ଦେଖାଯାଉଛି : ଏହି ପ୍ରକ୍ରିୟାଟି ଅଧିକରୁ ଅଧିକ ପରିପୂର୍ଣ୍ଣ ହୋଇ ଆସୁଥିବା ସଙ୍ଗେସଙ୍ଗେ – ପରିପୂର୍ଣ୍ଣର ଅର୍ଥ ହେଉଛି ପୂର୍ଣ୍ଣାଙ୍ଗ, ସମଗ୍ର, ଯାହାକି କୌଣସି ଗୋଟିଏ କଥାକୁ ମଧ୍ୟ ଛାଡ଼ି ଚାଲିଆସି ନ ଥାଏ,– ଅନିବାର୍ଯ୍ୟ ଓ ସୁନିଶ୍ଚିତ ଭାବରେ ମୃତ୍ୟୁ ଉପରେ ବିଜୟ ହାସଲ କରିବା ସମ୍ଭବ ହୋଇଯାଏ । ଏହାଦ୍ୱାରା ଅବଶ୍ୟ ଏକଥା କୁହାଯାଉ ନାହିଁ ଯେ, ମୃତ୍ୟୁ ଘଟିବାର ଏକ ପରିଣାମ ସ୍ୱରୂପ କୋଷଗୁଡ଼ିକର ଯେଉଁ ବିଲୁପ୍ତି ଘଟିଥାଏ, ଏହାଦ୍ୱାରା ସେଇଟି ମଧ୍ୟ ହାସଲ ହୋଇଯାଏ; ମାତ୍ର ଆବଶ୍ୟକତା ଆସି ପହଞ୍ଚିଲେ ସେଇଟିକୁ ମଧ୍ୟ ହାସଲ କରି ହୋଇଯିବ । ଏକ ନିରଙ୍କୁଶ ବିଧାନରୂପେ ନୁହେଁ, ମାତ୍ର **ଏକ** କାର୍ଯ୍ୟପ୍ରଣାଳୀ ରୂପେ ଆବଶ୍ୟକତା ଆସି ପହଞ୍ଚିଲେ ସେଇଟି ମଧ୍ୟ ହାସଲ ହୋଇଯିବ ।

ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି : ଆମର ମନ, ଅନମନୀୟ, ନିରଙ୍କୁଶ ଓ ପ୍ରାୟ ଅଜେୟ ପରି ହୋଇ ରହିଥିବା ଯାହାକିଛି ଭିଆଣ କରି ରଖିଛି,... ସେହି ସବୁକିଛି ଅନ୍ତର୍ହିତ ହୋଇଯିବ । ଏବଂ, ବଡ଼ ସହଜରେ ତାହା ହେବ, ଆମର ସର୍ବୋଚ୍ଚ ଶକ୍ତିକୁ ସେହି ସର୍ବୋଚ୍ଚ ପରମଚେତନା ହାତରେ ସମର୍ପି ଦେଇ ପାରିଲେ ତାହା ସମ୍ଭବ ହୋଇଯିବ ।

ପ୍ରାଚୀନ ଋଷିମାନେ ଯେତେବେଳେ ପ୍ରକୃତିର ଯାବତୀୟ ଶକ୍ତିକୁ ପୁରୁଷ ମଧ୍ୟରେ ନେଇ ଅବସ୍ଥାପିତ କରିଦେବା ବିଷୟରେ ଯାହାକିଛି କହୁଥିଲେ, ସମ୍ଭବତଃ ତଦ୍ୱାରା ସେମାନେ ଏହି କଥାଟିକୁ ହିଁ ଭାବୁଥିଲେ । ସମ୍ଭବତଃ ସେହି କଥାଟିକୁ ଏହିପରି ଭାବରେ ବ୍ୟକ୍ତ କରୁଥିଲେ ।

## ୧୩ ମାର୍ଚ୍ଚ ୧୯୬୮

୧୯୫୩ ମସିହା ମଇ ୨୭ ତାରିଖର ପ୍ରବଚନରେ
ମାଆ ଜଣେ ଶିଷ୍ୟ ପଚାରିଥିବା ପ୍ରଶ୍ନର ନିମ୍ନଲିଖିତ ଉତ୍ତର ଦେଇଥିଲେ ।

> *''ପରମ ଦିବ୍ୟସତ୍ତା ଆପଣାକୁ ଆମ ପାଖରୁ ପ୍ରତ୍ୟାହୃତ କରିନେଇ ପାରିବେ କି ?''*

> *''ଏହା ଏକାନ୍ତ ଅସମ୍ଭବ କଥା । କାରଣ ପରମ ଦିବ୍ୟସତ୍ତା ଯଦି କୌଣସି ବସ୍ତୁରୁ ଆପଣାକୁ ପ୍ରତ୍ୟାହୃତ କରି ନିଅନ୍ତି, ସେହି ବସ୍ତୁଟି ସଙ୍ଗେସଙ୍ଗେ ବିଲୁପ୍ତ ହୋଇଯିବ, କାରଣ ତା'ର ଆଉ କୌଣସି ଅସ୍ତିତ୍ୱ ରହିବ ନାହିଁ । ଆହୁରି ଅଧିକ ସ୍ପଷ୍ଟ କରି କହିଲେ : ଅସ୍ତିତ୍ୱ କହିଲେ କେବଳ ସେହି ପରମ ଦିବ୍ୟସତ୍ତାଙ୍କୁ ହିଁ ବୁଝାଇବ ।''*

ବର୍ତ୍ତମାନ ମୁଁ ସେହି ପ୍ରଶ୍ନଟିର ଏହିପରି ଉତ୍ତର ଦେଇଥାନ୍ତି : ପରମ ଦିବ୍ୟସତ୍ତା ଆପଣାକୁ ଆପଣାଠାରୁ ପ୍ରତ୍ୟାହୃତ କରି ନେଇପାରିବେ କି ନାହିଁ,— ପ୍ରଶ୍ନଟିରେ ତୁମେ ସତେଅବା ଏହି କଥାଟିକୁ ପଚାରିବାକୁ ଇଚ୍ଛା କରୁଛ ! (*ମାଆ ହସିଲେ*) ସବୁ ଅଡୁଆ ସେହିଠାରେହିଁ ରହିଛି : ଜଣେ ଯେତେବେଳେ ଦିବ୍ୟ ପରମସତ୍ତା ବୋଲି କହୁଛି, ସେତେବେଳେ ଲୋକମାନେ ତାହାକୁ ''ଈଶ୍ୱର'' ଅର୍ଥରେ ବୁଝୁଛନ୍ତି ।... **କେବଳ** ପରମ ତତ୍‌ହିଁ ରହିଛନ୍ତି : କେବଳ ସେଇ ରହିଛନ୍ତି । କେବଳ ସେଇ,— ସିଏ କିଏ କହିଲ ? କେବଳ ସେଇ ବିଦ୍ୟମାନ ରହିଛନ୍ତି ।

(*ମାଆ ନୀରବ ରହିଲେ*)

ଆଜି ସକାଳେ ମଧ୍ୟ ମୁଁ ଯେତେବେଳେ ଚତୁର୍ଦ୍ଦିଗକୁ ଅନାଇ ଦେଖୁଥିଲି, ସେତେବେଳେ ମୁଁ ସତେଅବା ଦିବ୍ୟ ପରମସତ୍ତାଙ୍କୁ ଉଦ୍ଦେଶ୍ୟ କରି ଏହି କଥାଟିକୁ କହୁଥିଲି, ''ଆପଣାକୁ ଅସ୍ୱୀକୃତ କରି ରଖି ଆପଣ କାହିଁକି ଏତେ ଆନନ୍ଦ ପାଆନ୍ତି ?''... ଆମ ନିଜ ଭିତରେ ରହିଥିବା ଯୁକ୍ତି ଓ ବୁଦ୍ଧିଗୁଡ଼ାକର ସନ୍ତୋଷ ଲାଗି ଆମେ ଏହି କଥାସବୁ କହି ନ ଥାଉ କି : ସେସବୁ ଅତ୍ୟନ୍ତ ଅସ୍ପଷ୍ଟ, ଅତ୍ୟନ୍ତ କୁତ୍ସିତ । ସେସବୁ ପ୍ରକୃତରେ କୌଣସି

ଜୀବନ ବଞ୍ଚୁ ନାହାନ୍ତି, ସେଗୁଡ଼ାକ ବଡ଼ ଅସମଞ୍ଜସତାପୂର୍ଣ୍ଣ ଓ ତେଣୁ ମୋଟେ ଦିବ୍ୟ ନୁହନ୍ତି – ମାତ୍ର ସେକଥା ସମ୍ଭବ ବି କିପରି ହୋଇ ପାରିବ ?... କେବଳ କାର୍ଯ୍ୟ କରିବାର କ୍ଷେତ୍ରରେ ଏପରି ଏକ ଦୃଷ୍ଟିକୋଣ ପୋଷଣ କରାଯାଇ ପାରିବ । ତା'ପରେ ଆପଣାକୁ ସେହି କର୍ମର ଚେତନାଟି ମଧ୍ୟରେ ପ୍ରବିଷ୍ଟ କରାଇ ମୁଁ କହିଲି, ''ସେପରି ହେବାରେ ଆପଣ ଏତେ ଆନନ୍ଦ କାହିଁକି ପାଆନ୍ତି ?'' (*ମାଆ ହସିଲେ*) ।

କୋଷଗୁଡ଼ିକ ଅତ୍ୟନ୍ତ ମୂର୍ତ୍ତ ଭାବରେ ସେହି କଥାକୁ ଅନୁଭବ କରି ପାରିଲେ, ଏବଂ ତୁମେ ଯେ ସେହି ମହାନ୍ ରହସ୍ୟଟିର ଅପର ପାର୍ଶ୍ୱରେ ଯାଇ ଅବସ୍ଥିତ ରହିଛ, ଏହିପରି ଗୋଟିଏ ଅନୁଭବ ସହିତ (ପ୍ରକୃତରେ ଏହା କୌଣସି ଅନୁଭବ ନୁହେଁ : ଅନୁଭବ ନୁହେଁ ବା ଇନ୍ଦ୍ରିୟ ସ୍ତରର କୌଣସି ବୋଧ ବି ନୁହେଁ), ଏହିପରି ଗୋଟିଏ ବୋଧ ସହିତ ସେହି କଥାଟିକୁ ଅନୁଭବ କରି ପାରିଲେ ।... ହଠାତ୍, ଆପାତତଃ କୌଣସି କାରଣ ନ ଥାଇ ମଧ୍ୟ ବହୁସଂଖ୍ୟକ କୋଷ ଅଥବା ଶରୀରର କୌଣସି କାର୍ଯ୍ୟ ସତେଅବା କ'ଣ ମନେ କରି ଭୁଲ୍ ବାଟରେ ଯିବାକୁ ଆରମ୍ଭ କରନ୍ତି – କାହିଁକି ? ସେଥିରେ ପ୍ରକୃତରେ କେଉଁ ଅର୍ଥ ନିହିତ ହୋଇ ରହିଥାଏ ? ଏବଂ, ତା'ର ଉତ୍ତରରେ ମୁଁ ଏହି କଥା ପାଇଲି ଯେ... ଏପରି ହେଲା, କାରଣ ତାହା ସତେଅବା ସୂଚିତ ସୀମାଗୁଡ଼ିକୁ ଅତିକ୍ରମ କରିବା ଲାଗି ସହାୟକ ହେଉଥିଲା ।

ମାତ୍ର କାହିଁକି, କିପରି ?...

ତୁମେ ଇଚ୍ଛା କଲେ ମନର ସ୍ତରରେ ସବୁକଥାର ବ୍ୟାଖ୍ୟା କରିଦେଇ ପାରିବ, ମାତ୍ର ତାହାର ଆଦୌ କୌଣସି ଯଥାର୍ଥ ତାତ୍ପର୍ଯ୍ୟ ରହିବ ନାହିଁ । ଶରୀର ପାଇଁ, ଭୌତିକ ଚେତନାଟି ପାଇଁ ତାହା ବଡ଼ ଅବାସ୍ତବ ହୋଇ ରହିଥିବ । ଯେତେବେଳେ ଭୌତିକ ଚେତନା ଆପଣା ଲାଗି କୌଣସି ବସ୍ତୁକୁ ପାଏ, ସେତେବେଳେ ତାହା ସେହି ବସ୍ତୁଟିକୁ, ଆମେ ମନର ସାଧନଗୁଡ଼ିକୁ ପ୍ରୟୋଗ କରି ତାହାକୁ ଯେତିକି ପରିମାଣରେ ଜାଣିଥାଉ, **ତାହାର ଶହେ ଗୁଣ ଅଧିକ ଭଲ ଭାବରେ** ଜାଣିପାରେ । ଏବଂ, ଏହି ଜାଣିବା ଦ୍ୱାରା ତାହା ଶକ୍ତିର ଅଧିକାରୀ ହୁଏ : ଏହାହିଁ ତାହାକୁ ସେହି ଶକ୍ତି ଆଣିଦିଏ । ଏବଂ, ଏହି କଥାଟିହିଁ ଧୀରେ ଧୀରେ ପ୍ରସ୍ତୁତ ହୋଇ ଆସିବାରେ ଲାଗିଥାଏ ଏବଂ ଅଜ୍ଞାନମୟ ଚେତନାଟିର କ୍ଷେତ୍ରରେ ଅତ୍ୟନ୍ତ ମନ୍ଥର ଗତିରେ ଓ ଯନ୍ତ୍ରଣାଦାୟକ ଭାବରେ ପ୍ରସ୍ତୁତ ହୋଇ ଆସୁଥାଏ । ମାତ୍ର, ଯଥାର୍ଥ ଚେତନାର କ୍ଷେତ୍ରରେ, ସେପରି ଆଦୌ ହୁଏ ନାହିଁ : ଯନ୍ତ୍ରଣା, ଆନନ୍ଦ,– ସବୁକିଛି କେବଳ ଏକ ମାର୍ଗରୂପେ କାର୍ଯ୍ୟ କରେ... ବସ୍ତୁଗୁଡ଼ିକୁ ଦେଖି ପାରିବାର – ଅନୁଭବ କରିବାର ଓ ଦେଖି ପାରିବାର ଏକ ଅତ୍ୟନ୍ତ ଅସମ୍ଭବ ମାର୍ଗରୂପେ କାର୍ଯ୍ୟ କରୁଥାଏ ।

ଅଧିକରୁ ଅଧିକ ମୂର୍ତ୍ତ ହୋଇ ପାରୁଥିବା ଏପରି ଏକ ବୋଧ ରହିଛି ଯେ... ଏପରି କୌଣସି ବସ୍ତୁ ନାହିଁ ଯାହା ଭିତରେ କି ସତ୍ତାଗତ କୌଣସି ଆନନ୍ଦ ନିହିତ ହୋଇ ରହି ନାହିଁ । କାରଣ ସେହି ବସ୍ତୁଟିକୁ ସତ୍ତାର ଏକ **ମାର୍ଗ** ରୂପେହିଁ ପ୍ରତ୍ୟକ୍ଷ କରିବା ସମ୍ଭବ ହୁଏ । ସତ୍ତାଗତ ଆନନ୍ଦ ବ୍ୟତିରେକେ କୌଣସି ସତ୍ତାହିଁ ସମ୍ଭବ ହେବ ନାହିଁ । ମାତ୍ର, ମନର କ୍ଷେତ୍ରରେ ସତ୍ତାର ଆନନ୍ଦ କହିଲେ ଆମେ ଆଦୌ ସେକଥାଟିକୁ ବୁଝି ନ ଥାଉ । ଏହି କଥାଟିକୁ ବୁଝାଇ କହିବା ପ୍ରକୃତରେ ବଡ଼ କଷ୍ଟକର । ଏବଂ ଏହି ଯନ୍ତ୍ରଣା ତଥା ଆନନ୍ଦର ବୋଧ, ପ୍ରାୟ ମନ୍ଦ ଓ ଭଲର ଏକ ବୋଧ,– ଏହି ସବୁକିଛିର କାର୍ଯ୍ୟଟି ଲାଗି ପ୍ରୟୋଜନ ରହିଛି । ଅଚେତନତାର କୌଣସି ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଯେପରି କାର୍ଯ୍ୟଟି ସମ୍ପନ୍ନ ହୋଇପାରିବ, ସେଥିଲାଗି ଏଗୁଡ଼ିକର ପ୍ରୟୋଜନୀୟତା ରହିଛି । କାରଣ, ଯଥାର୍ଥ ଚେତନା କହିଲେ ଯାହାକୁ ବୁଝାଇବ, ତାହା ଏଇଟିଠାରୁ ସମ୍ପୂର୍ଣ୍ଣ ଅନ୍ୟ ପ୍ରକାରର ଏକ ବସ୍ତୁ । ଏବଂ, କୋଷଗୁଡ଼ିକର ଚେତନା ବର୍ତ୍ତମାନ ସେହି କଥାଟିକୁହିଁ ଶିକ୍ଷା କରୁଛି, ଏକ ମୂର୍ତ୍ତ ଅନୁଭବର ମାଧ୍ୟମରେ ତାହାକୁ ଶିକ୍ଷା କରୁଛି । ଏବଂ, ସେହି ପରିପ୍ରେକ୍ଷୀରେ, କ'ଣ ଭଲ ଓ କ'ଣ ମନ୍ଦ, ଯନ୍ତ୍ରଣା କ'ଣ ଓ ଆନନ୍ଦ କ'ଣ, ଏହି ସବୁର ଯାବତୀୟ ମୂଲ୍ୟାୟନ ସେତେବେଳେ ପ୍ରାୟ ନିରର୍ଥକ ବୋଲି ମନେ ହୁଏ । ମାତ୍ର ତଥାପି, ଅସଲ ବସ୍ତୁଟି, ଅସଲ ସତ୍ୟଟି, ମୂର୍ତ୍ତ ପରମସମ୍ପଦଟି ତଥାପି ଉପଲବ୍ଧ ହୋଇ ପାରି ନାହିଁ । ତାହା କ୍ରମଶଃ ଉପଲବ୍ଧ ହେବାରେ ଲାଗିଛି, କ୍ରମଶଃ ଉପଲବ୍ଧ ହେବାରେ ଲାଗିଛି ବୋଲି ବେଶ୍ ଉପଲବ୍ଧ ହେଉଛି, ମାତ୍ର ତଥାପି ଉପଲବ୍ଧ ହୋଇ ନାହିଁ । ଯଦି ସେଇଟି ଉପଲବ୍ଧ ହୋଇ ଯାଆନ୍ତା,... ତେବେ ନିଜ ଉପରେ ସର୍ବଶକ୍ତିମାନ୍ କର୍ତ୍ତା ହୋଇ ରହିବା ମଧ୍ୟ ସମ୍ଭବ ହୁଅନ୍ତା । ଏବଂ, ଏକଥା ମଧ୍ୟ ସମ୍ଭବ ଯେ, ଯେତେବେଳେ ସମସ୍ତ ସଂସାର ବା ଏହି ସଂସାରର ଏକ ଯଥେଷ୍ଟ ଅଂଶ ରୂପାନ୍ତରର ଉପଯୁକ୍ତ ହୋଇ ଆସିବ, ସେତେବେଳେ ଯାଇ ତା'ଲାଗି ତାହାର ଉପଲବ୍ଧି ସମ୍ଭବ ହୋଇଯିବ ।

ଏହା ହେଉଛି ଏକ ଭବିଷ୍ୟକଳ୍ପନା,– ଏହାକୁ ଏକ ପ୍ରେରଣା ବୋଲି ମଧ୍ୟ କୁହା ଯାଇପାରେ, ମାତ୍ର ଏହା ତଥାପି ଊର୍ଦ୍ଧ୍ୱସ୍ଥ ଏକ ରାଜ୍ୟର ଅନ୍ତର୍ଗତ ହୋଇ ରହିଛି ।

ବେଳେବେଳେ ଅନେକ ସମୟରେ ସତେଅବା ସେହି ସର୍ବଶକ୍ତିର ନିଧାନଟିକୁ ଠିକ୍ ଛୁଇଁଦେଲା ପରି ମନେ ହୋଇଥାଏ ! ଠିକ୍ ସେହି ବିନ୍ଦୁଟିରେ ଆସି ପହଞ୍ଚି ଗଲା ପରି ଲାଗେ ! (*ସତେଅବା ବସ୍ତୁଟିକୁ ହାତରେ ଧରିପକାଇବା ପରି ମାଆ ଇଙ୍ଗିତ କଲେ*)... ମାତ୍ର ସେଇଟି ସଙ୍ଗେସଙ୍ଗେ ହାତଛଡ଼ା ହୋଇ ଚାଲିଯାଏ ।

ସେଇଟିର ଉପଲବ୍ଧି ହୋଇଗଲେ ଏହି ପୃଥିବୀ ପରିବର୍ତ୍ତିତ ହେବା ଲାଗି ସମର୍ଥ ହେବ । ଏବଂ ମୁଁ ଯେତେବେଳେ ''କେହିଜଣେ'' ବୋଲି କହୁଛି, ସେତେବେଳେ ଆଦୌ

ଜଣେ ବ୍ୟକ୍ତିର କଥା କହୁ ନାହିଁ ।... ହୁଏତ ଏପରି ଏକ ବସ୍ତୁ ରହିଛି ଯାହାକୁ କି ଆମେ ସେହି **ଯଥାର୍ଥ** ପୁରୁଷଙ୍କର ସମବାଚୀ ବୋଲି କହିପାରିବା, ମାତ୍ର ସେଇଟି ମଧ୍ୟ... ମାତ୍ର ସେଇଟି ଯେ, ଆମ ହାତରୁ ଖସି ଚାଲି ଯାଉଥିବା ଏକ ବସ୍ତୁଟି ବିଷୟରେ ଆମ ଚେତନାର ଆଦୌ ଏକ ପ୍ରକ୍ଷେପଣ ନୁହେଁ, ମୁଁ ସେକଥାଟି ମଧ୍ୟ ସଂପୂର୍ଣ୍ଣ ନିଶ୍ଚିତ ଭାବରେ ମୋଟେ କହି ପାରିବି ନାହିଁ ।

ଶ୍ରୀଅରବିନ୍ଦ ସର୍ବଦା କହୁଥିଲେ ଯେ, ଯଦି ଯଥେଷ୍ଟ ଅଗ୍ରଗତି କରି ଜଣେ ବ୍ୟକ୍ତି ପରମ ନୈର୍ବ୍ୟକ୍ତିକକୁ ମଧ୍ୟ ଅତିକ୍ରମ କରିଯାଇ ପାରିବ, ଯଦି ସିଏ ଆହୁରି ସେପାଖକୁ ଯାଇ ପାରିବ, ତେବେ ସେ ଏପରି ଏକ ବସ୍ତୁର ଉପଲବ୍ଧି କରିବ, ଯାହାଙ୍କୁ କି ଆମେ ''ପୁରୁଷ'' ବା ''ପରମ ବ୍ୟକ୍ତି'' ବୋଲି କହି ପାରିବା; ମାତ୍ର ଏହି ''ପୁରୁଷ'' କହିଲେ ଆମେ ବର୍ତ୍ତମାନ ଯାହା ବୁଝୁଛୁ, ଏହି ଉପଲବ୍ଧିଟି ସହିତ ସେହି କଳ୍ପନାଟିର ଆଦୌ କୌଣସି ସମ୍ବନ୍ଧ ନାହିଁ ।

ତେଣୁ, ଏହି କ୍ଷେତ୍ରରେ, କେବଳ ପରମ ତତ୍‌ହିଁ ରହିଛନ୍ତି; ଏବଂ ସେହି ପରମ ତତ୍ ମଧ୍ୟରେହିଁ ସକଳ ଶକ୍ତି ନିହିତ ହୋଇ ରହିଛି । ମାତ୍ର ତଥାପି, ଯେତେବେଳେ ଆମେ ''କେବଳ ସେହି ପରମ ତତ୍ ରହିଛନ୍ତି'' ବୋଲି କହୁଛୁ (*ମାଆ ହସିଲେ*), ସେତେବେଳେ ଆମେ ସେହି କଥାଟିକୁ ହୁଏତ ଆଉ କୌଣସି ଅନ୍ୟ ବସ୍ତୁ ଉପରେ ନେଇ ଆରୋପିତ କରି ପକାଉଛୁ ।... ଶବ୍ଦ ଓ ଶବ୍ଦ-ଆଶ୍ରିତ ଭାଷା ଚେତନାର ଅତୀତ ହୋଇ ରହିଥିବା କୌଣସି ବସ୍ତୁକୁ ବ୍ୟକ୍ତ କରିବାରେ ସମର୍ଥ ହେବ ନାହିଁ : ତୁମେ ଯେମିତି ତାକୁ କେତୋଟି ଶବ୍ଦବର୍ଣ୍ଣନାର ସୂତ୍ର ଦେଇ ପ୍ରକାଶ କରିବାକୁ ଯିବ, ତାହା ତତ୍‌କ୍ଷଣାତ୍ ଆପଣାର ଯଥାର୍ଥ ତାତ୍ପର୍ଯ୍ୟ ସ୍ତରଟିଠାରୁ କେତେ ନା କେତେ ତଳକୁ ଖସିପଡ଼ିବ ।

## ୧୬ ମାର୍ଚ୍ଚ ୧୯୬୮

ସର୍ବଦା ଏହିପରି ଏକ ଅନୁଭବ ହୋଇଥାଏ ଯେ ତୁମେ ଏକ ମହାନ୍ ଆବିଷ୍କାର କରିବା ଲାଗି ଅଗ୍ରସର ହୋଇ ଯାଉଛ । ତା'ପରେ ତୁମେ ପ୍ରକୃତରେ ସେହି ଆବିଷ୍କାର କରିବାକୁ ସମର୍ଥ ହୁଅ ଏବଂ ଉପଲବ୍ଧି କର ଯେ ସେହି ଆବିଷ୍କାରଟି ସର୍ବଦା ସମ୍ପାଦିତ ହୋଇ ରହିଥିଲା ।... ତୁମେ ବର୍ତ୍ତମାନ କେବଳ ଏକ ଅନ୍ୟ ଦୃଷ୍ଟିରେ ଏଇଟି ଉପରେ ଦୃଷ୍ଟିପାତ କରୁଥାଅ ।

ଆଜି ସକାଳେ ଏପରି ଗୋଟିଏ ଅଭିଜ୍ଞତା ହେଲା, ଯାହା କି ସତେଅବା ଏକ ଅସାଧାରଣ ସତ୍ୟୋଦ୍‌ଘାଟନ ପରି ଲାଗିଲା, ମାତ୍ର... ଏହି ବସ୍ତୁଟି ପ୍ରକୃତରେ ଆଗରୁ କେତେବେଳେ ହେଲେ ଅଜ୍ଞାତ ନ ଥିଲା ! ତା' ପରେ ତୁମେ ତା'କୁ ମନୋଭୂମିରେ ରଖି ବିଚାର କଲ; ମନୋଭୂମିରେ ବିଚାର କଲା ମାତ୍ରକେ ତାହା ସ୍ପଷ୍ଟ ହୋଇଗଲା । ମାତ୍ର ସେଇଟି ଯାହା ଥିଲା, ଆଦୌ ତାହା ହୋଇ ରହିଲା ନାହିଁ । ତୁମେ ହୁଏତ କହିବ ଯେ ଏହି ସର୍ଜନାଟି ହେଉଛି ''ସମତାବସ୍ଥାର ଏକ ସର୍ଜନା''*, ଏବଂ କେବଳ ଏକ ମନୋଗତ ଭ୍ରମହିଁ ଏହି କ୍ଷେତ୍ରରେ ଗୋଟିକୁ ଗ୍ରହଣ କରିବାକୁ ଇଚ୍ଛା କରୁଛି ଓ ଆରଟିକୁ ବର୍ଜନ କରିବାକୁ ଇଚ୍ଛା କରୁଛି । ଏହି ସବୁକିଛି ବସ୍ତୁ ପରସ୍ପର ସହିତ ଏକତ୍ର ହୋଇ ରହିବେ : ତୁମେ ଯାହାକୁ ଭଲ କହୁଛ ଓ ଯାହାକୁ ମନ୍ଦ କହୁଛ, ଯାହାକୁ ଉଚିତ ବୋଲି କହୁଛ ଓ ଯାହାକୁ ଅନୁଚିତ କହୁଛ, ଯାହା ତୁମକୁ ପ୍ରୀତିକର ବୋଧ ହେଉଛି ଓ ଯାହା ଅପ୍ରୀତିକର ବୋଧ ହେଉଛି,— ଏହି ସବୁକିଛିକୁ  ଏକତ୍ର ରହିବାକୁ ପଡ଼ିବ । ଆଜି ସକାଳେ ମୋ'ର ଯେଉଁ ଅଭିଜ୍ଞତାଟି ହେଲା, ସେଇଟି ହେଉଛି ବିଚ୍ଛିନ୍ନ ହୋଇ ଯିବାର ଅଭିଜ୍ଞତା; ବିଚ୍ଛିନ୍ନ ହୋଇଯିବାର ଏହି ପ୍ରସଙ୍ଗଟିକୁ ନାନା ସ୍ଥାନରେ ନାନା ଭାବରେ ବର୍ଣ୍ଣନା କରାଯାଇଛି — କେତେବେଳେ ଗଳ୍ପ ଆକାରରେ କୁହାଯାଇଛି, କେତେବେଳେ କେବଳ ଏକ ଅମୂର୍ତ୍ତ କଳ୍ପନା ଦ୍ୱାରା ବ୍ୟକ୍ତ କରାଯାଇଛି, କେତେବେଳେ ଦାର୍ଶନିକ ଢଙ୍ଗରେ ଓ ଆଉ

---

* ଏଠାରେ ୧୯୬୩ ରେ ପ୍ରଦତ୍ତ ମାଆଙ୍କର ଏକ ମନ୍ତବ୍ୟକୁ ସ୍ମରଣ କରା ଯାଇପାରେ : ''ପରମ୍ପରାରେ କଥିତ ହୋଇ ରହିଛି ଯେ ପ୍ରଥମେ ଏକ ବିଶ୍ୱର ସୃଷ୍ଟି ହେଉଛି ଏବଂ ତା'ପରେ ପ୍ରଳୟରେ ପ୍ରତ୍ୟାହୃତ ହୋଇ ଯାଉଛି, ତା'ପରେ ଏକ ନୂତନ ସୃଷ୍ଟିର ସର୍ଜନା ହେଉଛି ଓ ଏହିପରି ଲାଗି ରହିଛି । ସେହି ଅନୁସାରେ ହିସାବ କଲେ ଆମେ ବର୍ତ୍ତମାନ ସପ୍ତମ ବିଶ୍ୱଟିରେ ରହିଛୁ ଏବଂ ଏହା ସପ୍ତମ ବିଶ୍ୱ ହୋଇଥିବାରୁ ଆମେ ଆଉ ପ୍ରଳୟ ମଧ୍ୟକୁ ପ୍ରତ୍ୟାବର୍ତ୍ତନ ନ କରି ଅବ୍ୟାହତ ଭାବରେ ଅଗ୍ରଗତି କରିବାରେ ଲାଗିଥିବୁ ।''

(ଶତବାର୍ଷିକୀ ସଂସ୍କରଣ(ଇଂ), ୪ର୍ଥ ଖଣ୍ଡ, ପୃଷ୍ଠା - ୨୩, ପାଦଟୀକା)

କେତେବେଳେ... ଏହି ସବୁଗୁଡ଼ିକ କେବଳ ଗୋଟିଏ ଗୋଟିଏ ବ୍ୟାଖ୍ୟା; ମାତ୍ର ଏଥିରେ ତଥାପି କିଛି ଉପାଦାନ ରହିଛି, ଯାହାକୁ କେବଳ ଏକ ମୂର୍ତ୍ତୀକରଣ ବୋଲି କୁହାଯାଇ ପାରିବ (*ମାଆ ଏପରି ଏକ ଇଙ୍ଗିତ କଲେ, ଯେପରିକି ସିଏ ବିଶ୍ୱକୁ ଟାଣି ପରମ ଅବ୍ୟକ୍ତ ମଧ୍ୟରୁ ବାହାରକୁ ବାହାର କରି ଆଣୁଛନ୍ତି*), ମାତ୍ର ଏଇଟା ମଧ୍ୟ ସେହି ବ୍ୟାଖ୍ୟା କରିବାର ଏକ ଅନ୍ୟତମ ଧାରା । ଏହି ତଥାକଥିତ ବିଚ୍ଛିନ୍ନ ହୋଇଯିବାକୁ ପ୍ରକୃତରେ କ'ଣ ବୋଲି କୁହାଯିବ ? କ'ଣ କୁହାଯିବ କେଜାଣି ? ହୁଏତ ସେକଥା କାହାକୁ ହେଲେ ଜଣାଥିବ, ମାତ୍ର ମୋତେ ପ୍ରକୃତରେ ଜଣା ନାହିଁ । ସେହି ପରମ ତତ୍‌ହିଁ (ରଙ୍ଗର ପରିପ୍ରେକ୍ଷୀରେ କୁହାଯାଉ) ଶୁଭ୍ର ଓ କୃଷ୍ଣର ସର୍ଜନା କରିଛି, ରାତି ଆଉ ଦିନର ସୃଷ୍ଟି କରିଛି (ଏଇଟା ତ ଏକ ମିଶ୍ର ବସ୍ତୁ ହୋଇଯାଉଛି, ମାତ୍ର କୃଷ୍ଣ ଓ ଶୁଭ୍ର ମଧ୍ୟ ଏକ ମିଶ୍ର ବସ୍ତୁ), ମାତ୍ର ସାଧାରଣତଃ ଦୁଇ ବିପରୀତ ବିନ୍ଦୁରେ ଅଲଗା ଅଲଗା କରି କହିବାର ଏକ ପ୍ରବୃତ୍ତି ରହିଛି : ଗୋଟିଏ ପାଖରେ ପ୍ରୀତିକର ଓ ଭଲ, ଏବଂ ଅନ୍ୟ ପାଖରେ ଅପ୍ରୀତିକର ଓ ମନ୍ଦ । ମାତ୍ର ଅସଲ ମୂଳସ୍ଥାନଟିକୁ ଫେରି ଆସିବାକୁ ଇଚ୍ଛା କଲା ମାତ୍ରକେ ଏହି ଦୁଇ ବିପରୀତ ପରସ୍ପର ମଧ୍ୟରେ କୁଆଡ଼େ ଏକାଠି ହୋଇ ବିଲୀନ ହୋଇ ଯାଇଥାଏ । ଏବଂ ତାହା ଏକ ପରିପୂର୍ଣ୍ଣ ସମତାବସ୍ଥାରେ ରହିଥାଏ, ଅର୍ଥାତ୍, ସେଥିରେ ଆଉ କୌଣସି ବିଭାଜନ ସମ୍ଭବ ହୁଏ ନାହିଁ, ସେଠାରେ ଗୋଟିକ ଉପରେ ଅନ୍ୟଟିର କୌଣସି ପ୍ରଭାବ ନ ଥାଏ, ଦୁଇଟି ଯାକ କେବଳ ଗୋଟିଏରେ ପରିଣତ ହୋଇ ରହିଥାନ୍ତି ଏବଂ ସେଠାରେ ଏହି ବହୁକଥିତ ପରିପୂର୍ଣ୍ଣତା ଅବସ୍ଥାନ କରୁଥାଏ, ଯାହା ଉପରେ କି ଆମେ ପୁନର୍ବାର ବିଜୟଲାଭ କରିବାକୁ ଚେଷ୍ଟା କରୁଛୁ ।

ଗୋଟିକୁ ବର୍ଜନ କରିବା ଓ ଆଉଗୋଟିକୁ ଗ୍ରହଣ କରିବା,— ଏହା ଏକ ପିଲାଳିଆ କଥା । ଏହା ଏକ ଅଜ୍ଞାନତା । ଏବଂ ଆମ ମନୋଭୂମିର ଯାବତୀୟ ଅନୁଲିଖନ, ଉଦାହରଣ ସ୍ୱରୂପ ଚିରନ୍ତନ କାଳ ଲାଗି ମନ୍ଦ ହୋଇ ରହିଥିବା ଏକ କେବଳ-ମନ୍ଦର କଳ୍ପନା ଯାହାକି ଆମ ଆଗରେ ନରକର ଏକ ଧାରଣାକୁ ଆଣି ଉପସ୍ଥାପିତ କରାଇଥାଏ, ଏବଂ ଅନ୍ୟପକ୍ଷରେ ଚିରନ୍ତନ କାଳ ଲାଗି ଭଲ ହୋଇ ରହିଥିବା ଏକ କେବଳ-ଭଲର କଳ୍ପନା... ଏହି ସବୁଗୁଡ଼ାକ ହେଉଛି ପିଲାଳିଆ କଥା ।

(*ମାଆ ନୀରବ ରହିଲେ*)

ଏପରି ହୋଇପାରେ (ହଁ, କେବଳ ହୋଇ **ପାରେ**, କାରଣ ତୁମେ ଯେମିତି ସୂତ୍ରବଦ୍ଧ କରି କିଛି କହିବାକୁ ବାହାରିବ ଏବଂ ଯେମିତି ମନୋଭୂମିରେ ତାହାକୁ ଏକ

ଆକାର ଦେବ, ସେମିତି ତାହାର ଆକାରରେ ହ୍ରାସ ଘଟିବ, ତାହା କ୍ଷୁଦ୍ର ଓ ସୀମିତ ହୋଇଯିବ ଏବଂ ଶେଷରେ ତା'ଭିତରେ ସତ୍ୟର ବି କୌଣସି ଶକ୍ତି ରହିବ ନାହିଁ) ଯେ, ଏହି ବିଶ୍ୱ ବର୍ତ୍ତମାନ ଯେଉଁ ଅବସ୍ଥାରେ ରହିଛି, ସେଥିରେ ପରିପୂର୍ଣ୍ଣତା... (*ମାଆ କିୟତ୍‌କାଳ ଚିନ୍ତାନିମଗ୍ନ ହୋଇ ରହିଲେ*) ତାହାକୁ ଶବ୍ଦ ଦେଇ ବର୍ଣ୍ଣନା କରିହେବ ନାହିଁ । ହୁଏତ କଥାଟିକୁ ଏପରି ଭାବରେ କୁହା ଯାଇପାରେ (ଅବଶ୍ୟ ଏହା ଭାରି ଶୁଷ୍କ ଓ ଜୀବନହୀନ ହୋଇଯାଉଛି) : ପରିପୂର୍ଣ୍ଣତା କହିଲେ ଜଣେ ବ୍ୟକ୍ତି ମଧ୍ୟରେ ଅନୁଭୂତ ହେଉଥିବା ସମଗ୍ରଟିର ଏକ ଐକ୍ୟଚେତନାକୁ ବୁଝାଏ,— ଏହି ଚେତନାଟି ଅନୁଭୂତ ହୁଏ, ତାହାକୁ ବଞ୍ଚିହୁଏ ଓ ଉପଲବ୍ଧି କରିହୁଏ । ମାତ୍ର ସେହି ସଂଜ୍ଞା ମୋତେ କିଛି ନୁହେଁ, ଏଗୁଡ଼ାକ କେବଳ ଶବ୍ଦ... ମନେ ହେଉଛି, ସମଗ୍ରସ୍ଥ ସକଳ ଅଂଶ ଓ ଉପାଦାନ ମଧ୍ୟରେ ଜୀବନ୍ତ ହୋଇ ରହିଥିବା (କେବଳ ବୋଧର ଏକ ବସ୍ତୁ ହୋଇ ନୁହେଁ, ମାତ୍ର ଜୀବନରେ ଅନୁଭୂତ ହେଉଥିବା) ସମଗ୍ର ଚେତନାର ସେହି ବିରୋଧାଭାସଟିକୁ ଉପଲବ୍ଧି କରିବା ଲାଗିହିଁ ଏହି ବିଶ୍ୱର ସର୍ଜନା ହୋଇଛି ।

ଏବଂ, ଏହି ଉପାଦାନଗୁଡ଼ିକ କିପରି ଗଠିତ ହେଲା, ସେହି ବିଷୟରେ କହିବାକୁ ଗଲେ, ତାହା ବିଚ୍ଛିନ୍ନ ହେବାର ଏକ ବିଶ୍ୱକ୍ରିୟାରୁ ଆରମ୍ଭ ହେଲା ଏବଂ ସେଇଥିରୁହିଁ, ଯାହାକୁ ଆମେ ଭଲ ବୋଲି କହୁଛୁ ଓ ଯାହାକୁ ଆମେ ମନ୍ଦ ବୋଲି କହୁଛୁ, ଦୁଇଟି ମଧ୍ୟରେ ଏକ ବିଭାଜନର ସୃଷ୍ଟି ହେଲା । ମାତ୍ର, ସ୍ଥୂଳତମ ଅଂଶରେ ଅବବୋଧର ଦୃଷ୍ଟିକୋଣଟିରୁ ଏହାର ବ୍ୟାଖ୍ୟା କରି କୁହାଯାଇ ପାରିବ ଯେ, ଏହା ହେଉଛି ଗୋଟିଏ ପାଖରେ ଯନ୍ତ୍ରଣା ଓ ଆଉ ଗୋଟିଏ ପାଖରେ ଆନନ୍ଦ । ତେଣୁ ପ୍ରକୃତ ଗତିକ୍ରିୟାଟି ହେଉଛି ଯେ ଏହା ଯାବତୀୟ ବିଚ୍ଛିନ୍ନତାର ପଥରୋଧ କରିବ ଏବଂ ପ୍ରତ୍ୟେକ ଅଂଶରେ ସମଗ୍ର ଚେତନାଟିର ଉପଲବ୍ଧି କରିବ;— ମନୋଗତ ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ ଏହା ଏକ ଅସମ୍ଭବତା । ମାତ୍ର ତଥାପି ତାହାକୁ ଠିକ୍ ସେହିପରିହିଁ ବୁଝିବାକୁ ହେବ ।

ମୋ' ନିଜ ରୁଚି ଅନୁସାରେ ମୋତେ ଏଇଟା ଗୋଟାଏ ଅତିବେଶୀ ଦାର୍ଶନିକ କଥା ପରି ଲାଗୁଛି, ମୋତେ ଯଥେଷ୍ଟ ପରିମାଣରେ ମୂର୍ତ୍ତ ବୋଲି ଲାଗୁ ନାହିଁ । ମାତ୍ର ଆଜି ସକାଳେ ମୋ'ର ଏକ ମୂର୍ତ୍ତ ଅଭିଜ୍ଞତା ହୋଇଥିଲା । ଏହାକୁ ମୁଁ ମୂର୍ତ୍ତ ବୋଲି କହୁଛି, କାରଣ ତାହା ଶରୀର ମଧ୍ୟରେ ରହିଥିବା ମୂର୍ତ୍ତ ଅବବୋଧଗୁଡ଼ିକ ମଧ୍ୟରୁ ନିଷ୍ପନ୍ନ ହୋଇ ଆସୁଥିଲା, ଏହି ନିରନ୍ତର ଦ୍ୱିବିଧତା (ଆପାତ ଦ୍ୱିବିଧତା)ର ଉପସ୍ଥିତିରୁ, ଏକ ପ୍ରତୀକାତ୍ମକ ଭାବରେ କହିଲେ ଦୁଃଖ ଏବଂ ଆନନ୍ଦ ମଧ୍ୟରେ ରହିଥିବା ପରସ୍ପର-ବିରୋଧ (ତାହା କେବଳ ଏକ ବିରୋଧ ନୁହେଁ, କାରଣ ସେହି କ୍ଷେତ୍ରରେ ଗୋଟିଏ ସମ୍ପୂର୍ଣ୍ଣ ଭାବରେ ଆଉଗୋଟିକର ଖଣ୍ଡନହିଁ କରୁଥିଲା) ମଧ୍ୟରୁ ନିଷ୍ପନ୍ନ ହୋଇ ଆସୁଥିଲା । ଏବଂ, ଯଥାର୍ଥ

ଅବସ୍ଥିତିଟି,– ଯାହାକୁ ଶବ୍ଦଦେଇ କହିପାରିବା ବର୍ତ୍ତମାନ ଅସମ୍ଭବ ବୋଲି ମନେ ହେଉଛି, ମାତ୍ର ସେତେବେଳେ ମୁଁ ସେଇଟିକୁ ଅଙ୍ଗେ ନିଭାଇଛି ଏବଂ ଅନୁଭବ କରିଛି,– ଯଥାର୍ଥ ସ୍ଥିତିଟି ହେଉଛି ଏକ ସମଗ୍ରତା, ଯାହା ଭିତରେ କି ଯାବତୀୟ ସବୁକିଛି ଅନ୍ତର୍ଗତ ହୋଇ ରହିଛି । ମାତ୍ର, ପରସ୍ପରର ସମ୍ମୁଖୀନ ହେଉଥିବା ଓ ବିରୋଧ କରୁଥିବା ଯାବତୀୟ ଉପାଦାନ ହିସାବରେ ସେଥିରେ ସବୁକିଛି ଅନ୍ତର୍ଗତ ହୋଇ ରହି ନାହିଁ;– ଏଥିରେ ସବୁକିଛି ଏକ ସମଞ୍ଜସତା ରୂପେ, ଏକ ସମତାବସ୍ଥା ରୂପେହିଁ ଅବସ୍ଥାନ କରୁଛି । ଏବଂ, ଯେତେବେଳେ ସୃଷ୍ଟିର ଭୂମି ଉପରେହିଁ ଏହି ସମତାବସ୍ଥାଟି ଉପଲବ୍ଧ ହୋଇଯାଇ ପାରିବ, ସେତେବେଳେ ଏହି ସୃଷ୍ଟି... (ଯଦି ଶବ୍ଦ ସାହାଯ୍ୟରେହିଁ କହିବାକୁ ହୁଏ, ସେତେବେଳେ ତାହା ଏହି ସୃଷ୍ଟି ହୋଇ ଆଉ କଦାପି ନ ଥିବ),– ଆମେ ନିଶ୍ଚୟ କହି ପାରିବା ଯେ, ଏହି ସୃଷ୍ଟି ଆଦୌ କୌଣସି ପ୍ରକାରେ ଭାଙ୍ଗି ନ ଯାଇ (କଥାଟିକୁ ଠିକ୍ ଭାବରେ ବ୍ୟକ୍ତ କରା ହେଲା ନାହିଁ) ଉତ୍ତରୋତ୍ତର ଅଗ୍ରଗତି କରିପାରିବ ।

ଏବେ, ବର୍ତ୍ତମାନର ଏହି ଅପୂର୍ଣ୍ଣ ଚେତନା ମଧ୍ୟରେ ଏପରି ଏକ ସ୍ଥିତି ବାରବାର ଦେଖିବାକୁ ମିଳୁଛି, (ମାତ୍ର ସେସବୁ ଭାରି ସୁସଂବଦ୍ଧ ଏବଂ ସୁସଂଗଠିତ ହୋଇ ରହିଛି, ଆମର କଳ୍ପନାଠାରୁ ଆହୁରି ଅଧିକ ଉତ୍ତମ ଭାବରେ ସବୁକିଛି ଏଥିରେ ସଂଗଠିତ ହୋଇ ରହିଛି) ଯାହାକି ସମତାବସ୍ଥାଟିକୁ ନଷ୍ଟ କରିଦେବାରେ ସହାୟତା କରୁଛି, ଅର୍ଥାତ୍, ଆକାରଟିକୁ ଏପରି ବିଲୁପ୍ତ କରିଦେବାକୁ ଚେଷ୍ଟା କରୁଛି, ଯାହାକୁକି ସାଧାରଣତଃ ‘‘ମୃତ୍ୟୁ’’ ବୋଲି କୁହା ଯାଇଥାଏ । ଏହି ସ୍ଥିତିଟି ସତେଅବା ଏକ ପ୍ରଦର୍ଶନ ପରି ତାହାର ଚୂଡ଼ାନ୍ତ ଶୀର୍ଷାବସ୍ଥାରେ ଆସି ପହଞ୍ଚିଛି । ଏବଂ, ଯୁଗପତ୍ ଭାବରେ ତାହା ସହିତ ଆଉ ଗୋଟିଏ ସ୍ଥିତି ମଧ୍ୟ ରହିଛି, (କେବଳ ଅବବୋଧ ନୁହେଁ, ପ୍ରକୃତରେ ଏକ ସ୍ଥିତି) ଯାହାକି ସମତାବସ୍ଥାଟିକୁ ଭାଙ୍ଗି ଖଣ୍ଡ ଖଣ୍ଡ ହୋଇଯିବାରୁ ରୋକିକରି ରଖିଛି ଏବଂ ଅଗ୍ରଗତିଟିକୁ ମଧ୍ୟ ଆଦୌ କୌଣସି ପ୍ରକାରେ ଭାଙ୍ଗିଯିବାର ସମ୍ମୁଖୀନ ହେବାକୁ ନ ଦେଇ ତାହାକୁ ଅବିଚ୍ଛିନ୍ନ କରି ରଖିଛି । ଏହା ଦ୍ୱାରା ଶରୀର-ଚେତନା ମଧ୍ୟରେ ଯୁଗପତ୍ ଭାବରେ (ତାହାକୁ ଯୁଗପତ୍ ଭାବରେ ବୋଲି କୁହାଯାଇ ପାରିବ) ସବୁକିଛି ଭାଙ୍ଗି ଯାଉଥିବା ଜନିତ ଚରମ ଯନ୍ତ୍ରଣାର ଏକ ଅବବୋଧ (ଠିକ୍ ତାହାହିଁ ନୁହେଁ, ତଥାପି) ଅନୁଭୂତ ହେଉଛି ଏବଂ ତା’ ସଙ୍ଗେ ସଙ୍ଗେ ସମ୍ମିଳିତ ହୋଇ ରହିବାର ସେହି ଚୂଡ଼ାନ୍ତ ପରମ ଆନନ୍ଦ ମଧ୍ୟ ଅନୁଭୂତ ହେଉଛି । ଦୁଇଟି-ଯାକ ଅନୁଭବ ଯୁଗପତ୍ ଭାବରେ ହେଉଛି ।

ଏହିପରି ଭାବରେ, ସାଧାରଣ ଭାଷାରେ ବ୍ୟକ୍ତ କରି କହିବାକୁ ଗଲେ,– ଶରୀରର ସେହି ଚୂଡ଼ାନ୍ତ ନଶ୍ୱରତା (ଏହାକୁ ନଶ୍ୱରତାଠାରୁ ଆହୁରି ଅଧିକ କିଛି ବୋଲି କୁହାଯିବ) ଏବଂ ସେହି ଶରୀରର ଚିରନ୍ତନତା,– ଦୁଇଟିଯାକ ଅନୁଭୂତ ହେବାରେ ଲାଗିଛି ।

2

ଏବଂ, ଏହାକୁ ଦୁଇଟିଯାକର କେବଳ ଏକ ସମ୍ମିଳନ ବୋଲି କୁହାଯିବ ନାହିଁ,— ଦୁଇଟିଯାକର ଏକତ୍ର-ବିଲୟନ ବୋଲି କୁହାଯାଇ ପାରିବ, ଦୁଇଟିଯାକ ପରସ୍ପର ସହିତ ତଦାତ୍ମକ ହୋଇଯିବା ବୋଲି କୁହାଯିବ । ତାହାହିଁ ଯଥାର୍ଥ ସତ୍ୟ ।

ଏହି କଥାଟିକୁ ମନୋଭୂମିକୁ ଆଣି ବ୍ୟକ୍ତ କଲେ ତାହା ସମସ୍ତଙ୍କର ବୁଝିବା ଲାଗି ବେଶ୍ ସ୍ପଷ୍ଟ ହୋଇଯାଏ ସତ, ମାତ୍ର ତଦ୍ୱାରା ତା'ର ଅସଲ ଗୁଣଟି ହାତଛଡ଼ା ହୋଇଯାଏ । ସେଇଟିକୁ କଦାପି ମନର ଭୂମିରେ ଆଣି ଉକୁଟା ଯାଇ ପାରିବ ନାହିଁ ।

*ଏହି କ୍ଷେତ୍ରରେ ଦୁଇଟିଯାକ ସ୍ଥିତିର ଚେତନାକୁ କ'ଣ ପରସ୍ପର ସହିତ ଯୁଗପତ୍ କରି ରଖିବାକୁ ହେବ ?*

ମାତ୍ର ବିଭକ୍ତ ଭାବରେ ଆଦୌ ନୁହେଁ । ଦୁଇଟି ଯାକର ମିଳନ ଦ୍ୱାରାହିଁ ଯଥାର୍ଥ ଚେତନାଟି ସମ୍ଭବ ହୋଇଥାଏ, ଦୁଇଟିଯାକର ସମ୍ମିଳନ,— ''ସମ୍ମିଳନ'' କହିଲେ ତଥାପି ଏକ ବିଭାଜନର ସୂଚନା ମିଳୁଛି — ଦୁଇଟି ଯାକର ପରସ୍ପର ସହିତ ଘଟୁଥିବା ଏକ ତଦାତ୍ମକତାରୁହିଁ ଯଥାର୍ଥ ଚେତନା ସମ୍ଭବ ହୋଇଥାଏ । ଏବଂ, ସେତେବେଳେ ଏପରି ଏକ ଅନୁଭବ ହୋଇଥାଏ ଯେ, ସେହି ଚେତନାଟି ହେଉଛି ସର୍ବୋଚ୍ଚ ପରମ ଶକ୍ତି । ଶକ୍ତି ମଧ୍ୟ ନାନା ବିରୋଧ ଏବଂ ଖଣ୍ଡନ ଦ୍ୱାରା ସୀମିତ ହୋଇ ରହିଥାଏ, ନୁହେଁ ?— ସବୁଠାରୁ ଅଧିକ ଶକ୍ତିଶାଳୀ  ଶକ୍ତି ସବୁଠାରୁ ଅଧିକ ପରିମାଣରେ ଆଧିପତ୍ୟ ବିସ୍ତାର କରି ରହିଥାଏ । ମାତ୍ର ତାହାକୁ ସମ୍ପୂର୍ଣ୍ଣ ଭାବରେ ଏକ ଅପରିପୂର୍ଣ୍ଣତା ବୋଲି କହିବାକୁ ହେବ । ଅବଶ୍ୟ ଏପରି ଏକ ସର୍ବଶକ୍ତିମାନ୍ ପରମଶକ୍ତି ରହିଛି, ଯାହାକି ଦୁଇଟିର ପରସ୍ପର-ବିଲୟନ ଦ୍ୱାରା ସମ୍ଭବ ହୋଇଛି । ସେଇଟି ହେଉଛି ସେହି ସର୍ବୋଚ୍ଚ ପରମଶକ୍ତି । ଏବଂ, ଯେତେବେଳେ ଶାରୀରିକ ଭୂମିରେ ସେଇଟିର ଉପଲବ୍ଧି ସମ୍ଭବ ହୋଇଯାଏ,— ସେତେବେଳେ ତାହାକୁହିଁ ଯାବତୀୟ ସମସ୍ୟାର ସମାଧାନ ଓ ବିଲୟନ ବୋଲି କୁହାଯାଇ ପାରିବ ।

ବସ୍ତୁତଃ, ଆଜି ସକାଳେ ସେହିପରି କେତୋଟି ମୁହୂର୍ତ୍ତ ବଞ୍ଚୁଥିବାର ଅବଧି ମଧ୍ୟରେ ମୁଁ ଏହିପରି ଅନୁଭବ କରୁଥିଲି ଯେ, ପ୍ରକୃତରେ ପ୍ରତ୍ୟେକ ବସ୍ତୁ ଉପରେ ଏକ ଅଧିକାର ହାସଲ କରାଯାଇ ପାରିଛି ଏବଂ ସବୁକିଛିକୁ ବୁଝିବା ମଧ୍ୟ ସମ୍ଭବ ହୋଇ ପାରିଛି,— ଏବଂ ସେହି ସମଗ୍ର ବୋଧର ସ୍ୱତନ୍ତ୍ର ପ୍ରଣାଳୀଟିରେ ସବୁକିଛିକୁ ଏପରି ବୁଝି ହୋଇଛି, ଯାହାକି ଉପଲବ୍ଧ ଶକ୍ତିଟିକୁ ସର୍ବୋଚ୍ଚ ଓ ଅଲଙ୍ଘ୍ୟ କରିଦେଇ ପାରିଛି । ମାତ୍ର  ଅତ୍ୟନ୍ତ ସ୍ୱାଭାବିକ କଥା ଯେ, ସେକଥା ମୋଟେ କୁହାଯାଇ ପାରିବ ନାହିଁ ।

ଯେଉଁ ବ୍ୟକ୍ତିମାନଙ୍କର ଅବଶ୍ୟ ସେହି ଅନୁଭୂତିଟି ରହିଥିବ ଅଥବା ଅନୁଭୂତିଟି ସହିତ ଏକ ସ୍ପର୍ଶ ଘଟିଥିବ, ସେହିମାନେହିଁ ଏହି ଜଗତକୁ ସମତାବସ୍ଥାରେ ରହିଥିବା ଏକ ଜଗତ ବୋଲି କହି ଆପଣାର ଅନୁଭୂତିଟିକୁ ବ୍ୟକ୍ତ କରିଥିଲେ । ଅର୍ଥାତ୍ ଏହି ଜଗତଟିରେ ଆଦୌ କୌଣସି ବିଭକ୍ତତା ନାହିଁ, ସକଳ ପ୍ରକାରର ବିରୋଧ ଏଥିରେ ଯୁଗପତ୍ ଭାବରେ ଏକତ୍ର ହୋଇ ରହିଛି । ସେହି କ୍ଷେତ୍ରରେ କୌଣସି ଅପସରଣ ଘଟିବା ମାତ୍ରକେ,— ଏପରିକି, ଅପସରଣ ମଧ୍ୟ ନୁହେଁ, କୌଣସି ଭିନ୍ନତା ଘଟିବା ମାତ୍ରକେ, ତା'ପରେ ବିଭକ୍ତତା ଆରମ୍ଭ ହୋଇଯାଉଛି । ଏବଂ, ଯାହା ସେହି ସ୍ଥିତିରେ ଅବସ୍ଥିତ ରହି ନାହିଁ, ତାହା କଦାପି ଚିରନ୍ତନ ହୋଇ ନ ପାରେ; କେବଳ ସେହି ସ୍ଥିତିଟିହିଁ... ତାହା ଯେ କେବଳ ଚିରନ୍ତନତାକୁ ନିଜ ଭିତରେ ଧାରଣ କରି ରଖିଛି ତା' ନୁହେଁ, ତାହା ସେଇଟିକୁ ଅଭିବ୍ୟକ୍ତ (ବା ଆଉ କ'ଣ ବୋଲି କୁହାଯିବ ?) ବି କରି ଦେଉଛି ।

ଯାବତୀୟ ଭିନ୍ନ ଭିନ୍ନ ପ୍ରକାରର ଦର୍ଶନରେ ସେହି କଥାଟିର ବ୍ୟାଖ୍ୟା କରିବାର ଚେଷ୍ଟା କରାଯାଇଛି, ମାତ୍ର ସେଗୁଡ଼ାକ ସବୁ ଖାଲି ପବନ ଭିତରକୁ ଉଡ଼ିଯାଇଛି, ମନର ଭୂମିରେହିଁ ସବୁକିଛି କରାଯାଇଛି,— କେବଳ କଳ୍ପନାର ଡେଣା ଉପରେ ସେସବୁର ଚିନ୍ତା କରାଯାଇଛି । ମାତ୍ର ମୁଁ ଯେଉଁ ସ୍ଥିତିଟିର କଥା କହୁଥିଲି, ସେଇଟିକୁ କେବଳ ବଞ୍ଚିବାକୁହିଁ ହୁଏ — ''ବଞ୍ଚିବାକୁ ହୁଏ'', ଅର୍ଥାତ୍ ସେଇଥିରେ ପରିଣତ ହୋଇଯିବାକୁହିଁ ହୋଇଥାଏ ।

*ଯେଉଁ ଅନୁଭୂତିରେ ଏକ ନିର୍ବିଶେଷ ''ଭଲ''ର ଅବବୋଧ ମଧ୍ୟରେ, ଏପରିକି ମନ୍ଦ ମଧ୍ୟରେ ବି ତାହାର ଏକ ଅବବୋଧ ମଧ୍ୟରେ ମନ୍ଦର ଯାବତୀୟ ଅବବୋଧ ଅନ୍ତର୍ହିତ ହୋଇଯାଏ, ତାହାକୁ ଏକ ମନଃସ୍ତରୀୟ ଅନୁଭବର ବାସ୍ତବସ୍ତରୀୟ ତୁଲ୍ୟାଙ୍କଟିଏ ବୋଲି କୁହାଯାଇ ପାରିବ କି ?*

ହଁ, ପାରିବ । ହୁଏତ କୁହାଯାଇ ପାରିବ ଯେ କେବଳ ଏକ ମନୋଗତ ଅବବୋଧ ହୋଇ ରହିବା ପରିବର୍ତ୍ତେ ସେହି କ୍ଷେତ୍ରରେ ବାସ୍ତବ ସତ୍ୟଟିର ଏକ ମୂର୍ତ୍ତ ଉପଲବ୍ଧି ସମ୍ଭବ ହୋଇ ପାରିଛି ।

## ୨୨ ଅଗଷ୍ଟ ୧୯୬୮

ସ୍ଥୂଳ ଶରୀରକୁ ବିପନ୍ନ କରି ପକାଉଥିବା ଏକ କଠୋର ପରୀକ୍ଷା ବିଷୟରେ ମାଆଙ୍କ ଦ୍ୱାରା ଲିଖିତ ଏକ ଟିପ୍ପଣୀ ସମ୍ବନ୍ଧରେ ।

ଡାକ୍ତର ପରାମର୍ଶ ଦେଇ କହୁଛନ୍ତି ଯେ ଆଦୌ କ୍ଲାନ୍ତ ହୋଇ ପଡ଼ିବା ଉଚିତ ନୁହେଁ । ମଣିଷକୁ ପ୍ରକୃତରେ କ'ଣ କ୍ଲାନ୍ତ କରି ପକାଏ କହିଲ ? ଯାହା ନିରର୍ଥକ, ତାହାହିଁ କ୍ଲାନ୍ତ କରି ପକାଏ ।

ପ୍ରକୃତ ନିଷ୍ଠା ରହିଥିବା ବ୍ୟକ୍ତିମାନଙ୍କୁ ସାକ୍ଷାତ୍ ଦେବା, ଯଦି ସେହି ସାକ୍ଷାତ୍ ଦ୍ୱାରା ସେମାନଙ୍କର ଉପକାର ହେଉଥାଏ,— ତାହା କଦାପି କ୍ଲାନ୍ତି ଆଣି ଦିଏ ନାହିଁ ।

ମାତ୍ର, ଯେଉଁମାନେ ତତ୍ତ୍ୱ ଆଉ ବାସ୍ତବ ପ୍ରୟୋଗଗୁଡ଼ିକୁ ଓଜନ କରି ଦେଖିବାକୁ ଆସନ୍ତି, ଯେଉଁମାନେ ଆପଣା ବୁଦ୍ଧି ଦ୍ୱାରା ଉତ୍ସାହିତ ହୋଇ ଆପଣାକୁ ଅନ୍ୟମାନଙ୍କଠାରୁ ଅଧିକ ଯୋଗ୍ୟ ବୋଲି ବିଶ୍ୱାସ କରନ୍ତି ଓ ସତ୍ୟ ଓ ମିଥ୍ୟା ମଧ୍ୟରେ ରହିଥିବା ତାରତମ୍ୟଟିକୁ ବାରି କରି ବେଶ୍ କହିଦେବେ ବୋଲି ଭାବୁଥା'ନ୍ତି, କୌଣସି ଏକ ଶିକ୍ଷା ଯଥାର୍ଥ କି ନୁହେଁ ଏବଂ କୌଣସି ଏକ ପ୍ରୟୋଗର ସର୍ବୋଚ୍ଚ ପରମ ସତ୍ୟଟି ସହିତ ସଙ୍ଗତି ରହିଛି କି ନାହିଁ ବୋଲି ଯେଉଁମାନେ ମୀମାଂସା କରି କହିଦେବେ ବୋଲି କଳ୍ପନା କରୁଥା'ନ୍ତି,— ସେମାନେ ପ୍ରକୃତରେ ଭାରି କ୍ଲାନ୍ତ କରିପକାନ୍ତି, ଏବଂ ସବୁଠାରୁ ଅଳ୍ପ କଥାରେ ଏତିକି କୁହାଯାଇ ପାରିବ ଯେ, ସେମାନଙ୍କୁ ସାକ୍ଷାତ୍ ଦେବା ଦ୍ୱାରା ଆଦୌ କୌଣସି ଫଳ ହୁଏ ନାହିଁ ।

ଯେଉଁମାନଙ୍କ ପାଖରେ ଅଧିକ ବୁଦ୍ଧି ରହିଛି, ସେମାନେ ଯେପରି ଇଚ୍ଛା କରୁଛନ୍ତି, ସେହିପରି ଭାବରେ ଆପଣାର ବାଟରେ ଟାପୁ ପକାଇ ଯିବାରେ ଲାଗିଥା'ନ୍ତୁ । ସେମାନଙ୍କୁ ଏହିପରି ଭାବରେ ହୁଏତ ହଜାର ହଜାର ବର୍ଷ ଯିବାକୁ ପଡ଼ିବ । ମାତ୍ର, ଯେଉଁମାନଙ୍କ ଭିତରେ ସଦିଚ୍ଛା ରହିଛି, ଦିବ୍ୟ ପରମକରୁଣା ଉପରେ ବିଶ୍ୱାସ ଅଛି, ସେହି ସରଳ ବ୍ୟକ୍ତିମାନଙ୍କୁ ସେମାନେ ଆପଣାର ଆଲୋକପଥରେ ନୀରବ ହୋଇ ଅଗ୍ରସର ହେବା ଲାଗି ସେମାନେ ସବୁବେଳେ ବାଟ ଛାଡ଼ି ଦେଉଥାନ୍ତୁ ।

## ୨୮ ଅଗଷ୍ଟ ୧୯୬୮

ଏଗୁଡ଼ିକ ପ୍ରକୃତରେ ଭାରି ଆଗ୍ରହୋଦ୍ଦୀପକ ଲାଗିଲା । ଏହି ବିଷୟରେ ମୁଁ ସବୁଯାକ ଟିପ୍ପଣୀ ନିଜ ପାଖରେ ରଖିଛି । ଆମେ ଏକାଠି ବସି ସେହି ସବୁଗୁଡ଼ିକୁ ପଢ଼ିବା । ଏହା ଏପର୍ଯ୍ୟନ୍ତ ଶେଷ ହୋଇ ନାହିଁ, ଏବଂ, କେବେ ଶେଷ ହେବ, ମୁଁ ସେକଥା କହି ପାରିବି ନାହିଁ ।

*ନାଇଁ ମାଆ, ମୁଁ ଅଗଷ୍ଟ ପନ୍ଦରର ପୂର୍ବରୁହିଁ ଗୋଟିଏ ବସ୍ତୁ ଦେଖିବାକୁ ପାଇଛି । ବୋଧ ହୁଏ ଅଗଷ୍ଟ ଏଗାର ତାରିଖ ରାତିରେ । ସେଦିନ ମୁଁ ଧଳା ଫେଣର ଏକ ପ୍ରକାଣ୍ଡକାୟ ଅଦ୍ଭୁତ ତରଙ୍ଗ ଦେଖିବାକୁ ପାଇଥିଲି, ଏକ ଘରଠାରୁ ଆହୁରି ଉଚ୍ଚ ହୋଇ ସେହି ତରଙ୍ଗଟି ମାଡ଼ି ଆସୁଥିଲା । ସେହି ତରଙ୍ଗରେ କଳା ରଙ୍ଗର ଗୋଟିଏ ପ୍ରକାଣ୍ଡ ନୌକା ଭାସି ଯାଉଥିଲା । ମନେ ହେଲା, ସତେଯେପରି ସେହି ନୌକାଟି ଯାଇ ଆଗରେ ଠିଆହୋଇ ରହିଥିବା ପର୍ବତମାଳା ଉପରେ ପିଟି ହୋଇଯିବ । ମାତ୍ର ତଥାପି ସେତେବେଳକୁ ନୌକାଟି ପର୍ବତର ଶିଳାରେ ବାଜି ଚୂନା ହୋଇ ଯାଇ ନ ଥିଲା । ଏହି ତରଙ୍ଗଟି ନୌକାକୁ ଠେଲିଠେଲି ନେଇ ଯାଉଥିଲା । ଆଉ ଗୋଟିଏ ଧୂସର ବର୍ଣ୍ଣର ସାନ ନୌକା ବି ମୁଁ ଦେଖିବାକୁ ପାଇଥିଲି; ମାତ୍ର ଏଇଟି ଆହୁରି ଅଧିକ ବେଗରେ ଯାଉଥିଲା । ଏବଂ ଧଳା ଫେଣର ଏହି ଅଦ୍ଭୁତ ତରଙ୍ଗଟି...*

ତେଣେ ତ କେତେ ନା କେତେ ଆନ୍ଦୋଳନ ଲାଗିଛି ।... ଚେକୋସ୍ଲୋଭାକିଆରେ ଘଟୁଥିବା ଘଟଣାଗୁଡ଼ିକ ତ ତୁମକୁ ଅବଶ୍ୟ ଜଣାଥିବ !

ଏହା ଅତ୍ୟନ୍ତ ଗତିଶୀଳ ହୋଇ ରହିଛି ।

ତୁମେ କଳାରଙ୍ଗର ନୌକାଟିଏ ଦେଖିଲ ?

*ହଁ, ଗୋଟାଏ ପ୍ରକାଣ୍ଡ ନୌକା । ଏବଂ, ବଡ଼ ଆଶ୍ଚର୍ଯ୍ୟର କଥା ହେଉଛି ଯେ, ତାହା ଗୋଟିଏ ପାହାଡ଼ ଦେହରେ ଯାଇ ବାଡ଼େଇ ହୋଇ ଯାଉଥିବା ପରି ମନେ ହେଉଥିଲା । (ସେହି ପାହାଡ଼ ମଧ୍ୟ କଳା ହୋଇ ଦିଶୁଥିଲା ।) ଅବଶ୍ୟ ନୌକାଟି ସେଥିରେ ବାଡ଼େଇ ହୋଇ ଚୂନା ହୋଇଯାଇ ନ ଥିଲା ।*

ଉଦ୍‌ବେଳନଟି ଯେ ଆରମ୍ଭ ହୋଇ ଗଲାଣି, ସେ ବିଷୟରେ ମୁଁ ଅତ୍ୟନ୍ତ ସୁନିଶ୍ଚିତ ।... ମାତ୍ର, ଏକ ମୂର୍ତ୍ତ, ଦୃଶ୍ୟମାନ ଏବଂ ସଙ୍ଗଠିତ ଉପଲବ୍‌ଧିରେ ପରିଣତ ହୋଇ ପାରିବାକୁ ପ୍ରକୃତରେ ଆଉ କେତେ ସମୟ ଲାଗିବ ? ସେ କଥା ମୁଁ କହି ପାରିବି ନାହିଁ ।

କିଛି ନା କିଛି ଅବଶ୍ୟ ଘଟିବାକୁ ଆରମ୍ଭ କଲାଣି... ଏହା ଯେ ସେହି ନୂତନ ଜୀବଜାତି, ସେହି ନୂତନ ସୃଷ୍ଟି, ବା ଅନ୍ତତଃ ଏକ ନୂତନ ସୃଷ୍ଟି ଉଦ୍‌ଗତ ହୋଇ ଆସୁଥିବାର ଲକ୍ଷଣ, ସେଥିରେ ଆଦୌ କୌଣସି ସନ୍ଦେହ ନ ଥିବା ପରି ମନେ ହେଉଛି ।

ପୃଥିବୀ ଉପରେ ଏହା ହେଉଛି ଏକ ପୁନଃସଙ୍ଗଠନ, ଏକ ନୂତନ ସୃଜନ ।

ମୋ' ଲାଗି ପ୍ରକୃତରେ ସବୁକିଛି ଭାରି ଉତ୍କଟ ହୋଇ ପଡ଼ିଥିଲା... ଏପରିକି ଗୋଟିଏ ହେଲେ ଶବ୍ଦ ଉଚ୍ଚାରଣ କରିପାରିବା ମଧ୍ୟ ଆଉ ସମ୍ଭବ ହେଲା ନାହିଁ । କଥା କହିବାକୁ ଆରମ୍ଭ କରିବା ମାତ୍ରକେ ତଣ୍ଟିରେ ଅଟକି ଯାଉଥିଲା ପରି ମୁଁ କାଶିବାକୁ ଆରମ୍ଭ କରୁଥିଲି । ମୋର ଯେ ଆଦୌ କିଛି କହିବା ଉଚିତ ନୁହେଁ, ତାହାହିଁ ଅଭିପ୍ରେତ ହୋଇ ରହିଛି ବୋଲି ମୁଁ ତା'ପରେ ସ୍ପଷ୍ଟ ଭାବରେ ଦେଖିବାକୁ ପାଇଲି । ତେଣୁ ମୁଁ ସେହିପରି ନୀରବ ହୋଇ ରହିଗଲି ଏବଂ ଘଟଣାଗୁଡ଼ିକର ଗତିରେଖାଟିକୁ ବିକଶିତ ହେବା ଲାଗି ବାଟ ଛାଡ଼ିଦେଲି । ପରେ ଯାଇ ସବୁକଥା ବୁଝିଲି । ଆମେ ବର୍ତ୍ତମାନ ମୋଟେ ଶେଷ ସୀମାରେ ଆସି ପହଞ୍ଚି ନାହୁଁ, ମାତ୍ର... (କଥାଟିକୁ କିପରି ଶବ୍ଦରେ ବର୍ଣ୍ଣନା କରି କହିହେବ ?) ଆମେସବୁ ଅପର ପାର୍ଶ୍ୱଟିରେ ଯାଇ ରହିଛୁ ।

ଏକଦା ବସ୍ତୁଗୁଡ଼ିକ ଅତ୍ୟନ୍ତ ଉତ୍କଟ ହୋଇ ରହିଥିଲା ।... ସାଧାରଣତଃ ମୁଁ କେବେହେଲେ ଧୈର୍ଯ୍ୟ ହରାଏ ନାହିଁ । ମାତ୍ର ଘଟଣାଟି ଏପରି ଗୋଟିଏ ବିନ୍ଦୁରେ ଆସି ପହଞ୍ଚି ଯାଇଥିଲା, ସତ୍ତା ମଧ୍ୟରେ ରହିଥିବା ସବୁକିଛି — ସବୁକିଛି ସତେଅବା ନିରାକୃତ ହୋଇ ଯାଉଥିବା ପରି ମନେ ହେଉଥିଲା । ମୁଁ ଯେ କେବଳ କିଛି କହିପାରୁ ନ ଥିଲି ତାହା ନୁହେଁ, ମୋ ମୁଣ୍ଡଟା ମଧ୍ୟ ଏପରି ଗୋଟିଏ ଅବସ୍ଥାରେ ଆସି ରହିଥିବା ପରି ମନେ ହେଉଥିଲା, ମୋର ସାରା ଜୀବନରେ ତାହା ଯେଉଁଥିରେ କି କେବେହେଲେ ରହି ନ ଥିଲା । ବସ୍ତୁତଃ ତାହା ଅତ୍ୟନ୍ତ ଯନ୍ତ୍ରଣାଦାୟକ ବୋଧ ହେଉଥିଲା । ମୁଁ କିଛିହେଲେ ଦେଖିପାରୁ ନ ଥିଲି, ଆଦୌ କିଛି ଶୁଣିପାରୁ ନ ଥିଲି । ତା'ପରେ, ଦିନେ (ବର୍ତ୍ତମାନ ମୁଁ ସେହି ଅନୁଭୂତିଗୁଡ଼ିକୁ ବର୍ଣ୍ଣନା କରି କହିବାକୁ ଯାଉଛି), ଦିନେ ସବୁକିଛି ପ୍ରକୃତରେ... ସବୁକିଛି କେବଳ ଯନ୍ତ୍ରଣାଦାୟକ ଓ କଷ୍ଟମୟ ବୋଧ ହେଉଥିଲା । ଶରୀର କହିବାକୁ ଆରମ୍ଭ କଲା, ତାହା ପ୍ରକୃତରେ ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଭାବରେ ଅଥଚ ଅତ୍ୟନ୍ତ ଶକ୍ତିଶାଳୀ ଭାବରେ ତାହା କହିଲା : ''ମୁଁ ସମ୍ପୂର୍ଣ୍ଣ ଭାବରେ ବିଲୁପ୍ତ ହୋଇଗଲେ ମଧ୍ୟ ତଦ୍ଦ୍ୱାରା ଆଦୌ କୌଣସି ଫରକ ହେବ ନାହିଁ । ଏବଂ ଏକଥା ମଧ୍ୟ ସତ ଯେ ମୁଁ ବଞ୍ଚିବା ଲାଗି

ମଧ୍ୟ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି; ମାତ୍ର ବର୍ତ୍ତମାନ ମୁଁ ଯେଉଁ ସ୍ଥିତିଟିରେ ରହିଛି, ସେଥିରେ ତାହା ଆଦୌ ସମ୍ଭବ ହେବ ନାହିଁ,– ସେଥିରେ ଶରୀର କଦାପି ବଞ୍ଚି ରହିପାରିବ ନାହିଁ । ବଞ୍ଚିରହିବା ଅଥବା ମରିଯିବା,– ଦୁଇଟିରୁ କୌଣସି ଗୋଟିଏ କଥା ଘଟିବ ସିନା, ମାତ୍ର ବର୍ତ୍ତମାନର ଏହି ଅବସ୍ଥାଟିରେ ରହିବା ମୋଟେ ସମ୍ଭବ ହେବ ନାହିଁ ।'' ସେହି ମୁହୂର୍ତ୍ତରୁ ଶରୀର ଅପେକ୍ଷାକୃତ ଟିକିଏ ଅଧିକ ଭଲ ଅନୁଭବ କଲା । ତା'ପରେ ସବୁକଥା କ୍ରମଶଃ ଥିର ହୋଇ ଆସିଲା, ଆପଣା ଆପଣାର ସ୍ଥାନରେ ଅବସ୍ଥାପିତ ହୋଇ ରହିଲା ।

ମୁଁ ସେତେବେଳେ ସବୁ କଥାକୁ ଟିପି ରଖୁଥିଲି । ସେଗୁଡ଼ିକର ଅବଶ୍ୟ ଖୁବ୍ ବେଶୀ ମୂଲ୍ୟ ନାହିଁ, ମାତ୍ର ତାହା ହୁଏତ କୌଣସି ନା କୌଣସି କାମରେ ଲାଗିବ ବୋଲି ମୁଁ ବିଶ୍ୱାସ କରୁଛି (*ମାଆ ପାଖରେ ଗୋଟିଏ ଟେବୁଲ୍ ଉପରେ ରହିଥିବା ସେହି ଟିପ୍ପଣୀଗୁଡ଼ିକୁ ପାଇବାକୁ ଚେଷ୍ଟା କଲେ*) । ମୁଁ ତଥାପି କିଛି ଦେଖିପାରୁ ନାହିଁ, କିଛିହେଲେ ଦେଖିପାରୁ ନାହିଁ । କେବଳ ଜାଣିପାରୁଛି ।

*ପ୍ରଥମ ଟିପ୍ପଣୀଟି ଅଗଷ୍ଟ ୨୨ ତାରିଖର ଲେଖା :*

*''ବେଶ୍ ଅନେକ ଘଣ୍ଟା ପର୍ଯ୍ୟନ୍ତ ସମ୍ମୁଖର ଦୃଶ୍ୟଟି ଅତ୍ୟନ୍ତ ଚମତ୍କାର ହୋଇ ରହିଥିଲା, ସବୁଠାରେ ପୂର୍ଣ୍ଣ ସମଞ୍ଜସତା ବିରାଜମାନ କରୁଥିଲା ।*

*''ଏବଂ, ବେଶ୍ ଅନେକ ସମୟ ଧରି ମୋ ସମ୍ମୁଖରେ ପ୍ରକାଣ୍ଡ କେତେ କେତେ ମନ୍ଦିରର ଅଭ୍ୟନ୍ତର ଓ ଜୀବନ୍ତ ଦେବତାମାନେ ଦୃଷ୍ଟିଗୋଚର ହୋଇ ଯାଉଥିଲେ । ସବୁକିଛି ଘଟଣାର ଏକ କାରଣ ରହିଥିଲା, ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରହିଥିଲା; ମନଃସ୍ତରକୁ ଉକୁଟି ଆସିପାରି ନ ଥିବା ଚେତନାର ନାନା ସ୍ଥିତିକୁ ଅଭିବ୍ୟକ୍ତ କରି ଆଣିବାହିଁ ଲକ୍ଷ୍ୟ ହୋଇ ରହିଥିଲା ।*

*''ସେହିସବୁ କଥା ଅନବରତ ଦୃଷ୍ଟିଗୋଚର ହେଉଥିଲା ।*

*''କେତେ ଭଳି ଭୂଦୃଶ୍ୟମାନ ବିସ୍ତୃତ ହୋଇ ରହିଥିଲା ।*

*''କେତେ କେତେ ଅଟ୍ଟାଳିକା ।*

*''ସହର ।*

*''ସବୁକିଛି ବିସ୍ତାରଯୁକ୍ତ ଓ ଅତୀବ ବୈଚିତ୍ର୍ୟମୟ ହୋଇ ରହିଥିଲା । ଚକ୍ଷୁ ସମକ୍ଷରେ ରହିଥିବା ସମଗ୍ର ଭୂମିଟିକୁ ତାହା ଆବୃତ କରି ରଖିଥିଲା ଏବଂ ଶାରୀର-ଚେତନାର ସ୍ଥିତିଗୁଡ଼ିକୁ ଉକୁଟାଇ ଆଣିବାରେ ଲାଗିଥିଲା ।*

*''କେତେକେତେ ଅଟ୍ଟାଳିକା ଓ କେତେ ପ୍ରକାଣ୍ଡ ସହର ନିର୍ମିତ ହେବାରେ ଲାଗିଥିଲେ ।...''*

5

ହଁ, ଏହି ପୃଥିବୀ ନିର୍ମିତ ହେବାରେ ଲାଗିଛି, ଭବିଷ୍ୟତର ପୃଥିବୀଟି ନିର୍ମିତ ହେବାରେ ଲାଗିଛି । ମୁଁ ଆଉ କିଛି ଶୁଣିପାରୁ ନ ଥିଲି, କିଛି ହେଲେ ଦେଖି ବି ପାରୁ ନ ଥିଲି, କିଛି ବ୍ୟକ୍ତ କରି କହିପାରୁ ନ ଥିଲି : ସକଳ ଅବଧି ମୁଁ କେବଳ ତାହାରି ମଧ୍ୟରେହିଁ ବାସ କରୁଥିଲି,— ହଁ ସବୁବେଳେ, ଦିନ ଓ ରାତି ସବୁବେଳେ । ଏବଂ, କିଛି ଟିପି ରଖିବାର ସାମର୍ଥ୍ୟ ଲାଭ କରିବା ମାତ୍ରକେ ମୁଁ ତାହାକୁ ଟିପି ରଖିବାକୁ ଆରମ୍ଭ କଲି ।

> *''ନିର୍ମାଣର ଯାବତୀୟ ଶୈଳୀ ଓ ପ୍ରଣାଳୀ । ସର୍ବୋପରି ଏକାନ୍ତ ନୂତନ, ଅନିର୍ବଚନୀୟ । ସେଗୁଡ଼ିକୁ ଯେ ମୁଁ ଗୋଟିଏ ଗୋଟିଏ ଛବି ପରିହିଁ ଦେଖୁଥିଲି, ସେକଥା ଆଦୌ ନୁହେଁ; ସେଗୁଡ଼ିକ ଗୋଟିଏ ଗୋଟିଏ ସ୍ଥାନ ରୂପେ ପ୍ରତ୍ୟକ୍ଷ ହେଉଥିଲେ, ଯେଉଁଠାରେ କି ମୁଁ ପ୍ରକୃତରେ ବାସ କରୁଥିଲି ।''*

ହଁ, ଠିକ୍ ସେହିପରି ଘଟୁଥିଲା । ଯାହାସବୁ ଘଟୁଥିଲା, ବର୍ତ୍ତମାନ ତୁମମାନଙ୍କୁ ମୁଁ ସେହି କଥାଟିକୁ ବୁଝାଇ କହିଦେବି । ବର୍ତ୍ତମାନ ମୁଁ ଆଉ ଗୋଟିଏ ଟିପ୍ପଣୀ ପଢ଼ି ଶୁଣାଉଛି; ତାହା ଏହିପରି ଆରମ୍ଭ ହୋଇଛି :

> *''ପ୍ରାଣିକ ଏବଂ ମାନସିକ ଦୁଇଟିଯାକ ବିଦାୟ ନେଇ ଚାଲି ଯାଇଛନ୍ତି, ଯେପରିକି ଶାରୀରିକ ଓ ଭୌତିକ ସ୍ୱନିର୍ଭର ହୋଇ ଯଥାର୍ଥ ଭାବରେ ଆପଣାର କାର୍ଯ୍ୟଟିକୁ କରିପାରିବ ।''*

ହଁ, ସ୍ୱନିର୍ଭର ହୋଇ, ସମ୍ପୂର୍ଣ୍ଣ ଭାବରେ ସ୍ୱନିର୍ଭର ହୋଇ ।* ଏବଂ, ଆମେ ସାଧାରଣତଃ ଯାହାକିଛି ଦେଖୁ, ଶୁଣୁ ଅଥବା କହିଥାଉ, ସେସବୁ କେତେ ଅତିରିକ୍ତ ପରିମାଣରେ ଆମର ପ୍ରାଣିକ ଏବଂ ମାନସିକ ଦ୍ୱାରାହିଁ ରଚିତ ହୋଇଥାଏ, ମୁଁ ବର୍ତ୍ତମାନ ଯାଇ ସେହି କଥାଟିକୁ ଆବିଷ୍କାର କରିପାରିଲି । ଏହା... ମୁଁ ଏହି ଅର୍ଥରେ ସେହି କଥାଟିକୁ ଦେଖି

---

* ଏହାର କିଛିଦିନ ପରେ ମାଆ କହିଥିଲେ : ''ପ୍ରାଣିକ ଓ ମାନସିକ ବିଦାୟ ନେଇ ଯାଇଛନ୍ତି, ମାତ୍ର ଚୈତ୍ୟସତ୍ତା ଆଦୌ ବିଦାୟ ନେଇ ଯାଇ ନାହିଁ । କେବଳ ମଧ୍ୟବର୍ତ୍ତୀ ସେହି ଦୁଇଟି ସୋପାନ ବିଦାୟ ନେଇ ଯାଇଛନ୍ତି । ଉଦାହରଣ ସ୍ୱରୂପ, ଲୋକମାନଙ୍କ ସହିତ ସମ୍ପର୍କ (ଯେଉଁମାନେ ଏଠାରେ ଅଛନ୍ତି ଓ ଯେଉଁମାନେ ଏଠାରେ ନାହାନ୍ତି, ସେମାନଙ୍କ ସହିତ ସମ୍ପର୍କ), ସେମାନଙ୍କ ସହିତ ରହିଥିବା ଯାବତୀୟ ସମ୍ବନ୍ଧ ଅବ୍ୟାହତ ରହିଛି, ସମ୍ପୂର୍ଣ୍ଣ ଭାବରେ ସେହି ପୂର୍ବ ଭଳିହିଁ ରହିଛି । ଏପରିକି, ହୁଏତ ଅଧିକ ସାତତ୍ୟର ସହିତ ରହିଛି ।''

ପାରିଲି ଯେ ମୁଁ ବେଶ୍ ଗତିଶୀଳ ହୋଇ ରହି ପାରିଥିଲି । ମାତ୍ର ସେହି ସବୁକିଛି ବହୁ ପରିମାଣରେ ଅସ୍ପଷ୍ଟ ହୋଇ ରହିଥିଲା । ଭାରି ଅସ୍ପଷ୍ଟ ହୋଇ ରହିଥିଲା । ପୂର୍ବ ଅପେକ୍ଷା ମୁଁ ଅଧିକ କମ୍ ଶୁଣିବାକୁ ପାଉଥିଲି; ଅର୍ଥାତ୍, ଅତି କମ୍ ଶୁଣି ପାରୁଥିଲି, ଏକାବେଳେକେ ଅତ୍ୟନ୍ତ କମ୍ । ବେଳେବେଳେ ଠିକ୍ ଆଗ ପରି ସେହି ଏକା କଥା ଶୁଣିବାକୁ ପାଉଥିଲି । ବେଳେବେଳେ କେବଳ କ୍ଷୀଣ ହୋଇ କେତେ ନା କେତେ ଦୂରରେ ଉଚ୍ଚାରିତ ହେଉଥିବା ମାତ୍ର କେତୋଟି ଶବ୍ଦ । ଅନ୍ୟମାନେ ସେଗୁଡ଼ିକୁ ଶୁଣିପାରୁ ନ ଥିଲେ, ମାତ୍ର ମୁଁ ଶୁଣି ପାରୁଥିଲି । ମାତ୍ର ସେମାନେ ମୋ ସହିତ କିଛି କଥାବାର୍ତ୍ତା ହେବାକୁ ବସିଲେ ମୁଁ ତାହା ମୋଟେ ଶୁଣିପାରୁ ନ ଥିଲି । ସେମାନେ ''ଆପଣ କ'ଣ କହୁଛନ୍ତି ?'' ବୋଲି ପଚାରୁଥିଲେ । ମୁଁ କିଛି ଜାଣିପାରୁ ନ ଥିଲି । ଏହିପରି ଅବିଚ୍ଛିନ୍ନ ଭାବରେ ଲାଗି ରହିଥିଲା, ଦିନରାତିହିଁ ଲାଗି ରହିଥିଲା ।

ମାତ୍ର, ଦିନେ ରାତିରେ (ସବୁକିଛି ଯେ କିପରି ଏକାବେଳେକେ ଓଲଟା ହୋଇ ଯାଇଥିଲା, ସେହି କଥାଟି ତୁମମାନଙ୍କୁ ବୁଝାଇ ଦେବାକୁ ମୁଁ ଏହି କଥାଟିକୁ କହୁଛି ।), ଦିନେ ରାତିରେ କିଞ୍ଚିତ ପ୍ରମାଦ ଘଟିଥିଲା । କେଉଁଠାରେ କ'ଣ ଗୋଟାଏ ଘଟିଥିଲା, ଏବଂ ବେଶ୍ ତୀବ୍ର ଯନ୍ତ୍ରଣା ହେବାକୁ ଆରମ୍ଭ କଲା । ମୁଁ ମୋଟେ ଶୋଇ ପାରିଲି ନାହିଁ । ମୁଁ ସେହି ଅବସ୍ଥାରେହିଁ ସମସ୍ତ ସମୟ ଅଭିନିବେଶିତ ହୋଇ ରହିଥିଲି, ଏବଂ ରାତିଟା ମୋତେ ସତେଅବା ମାତ୍ର କେତେ କ୍ଷଣ ମଧ୍ୟରେ ଅତିବାହିତ ହୋଇଗଲା ପରି ମନେ ହେଲା । ତା'ପରେ ଅନ୍ୟ ନାନା ସମୟରେ, ଅନ୍ୟ ନାନା ଦିନର ଅନ୍ୟ ମୁହୂର୍ତ୍ତଗୁଡ଼ିକରେ ମଧ୍ୟ ମୁଁ ସେହିପରି ଅଭିନିବେଶିତ ହୋଇ ରହିଥିଲି ଏବଂ, ବାରବାର ସମୟ କେତେ ହେଲା ବୋଲି ପଚାରୁଥିଲି । ମୋଟେ ପାଞ୍ଚ ମିନିଟ୍ ହୋଇଛି ।... ଏହିପରି ଭାବରେ ମୋତେ ସବୁକିଛି, ଓଲଟା ହୋଇଗଲା ବୋଲି ମୁଁ ଅବଶ୍ୟ କହି ପାରିବି ନାହିଁ, ମାତ୍ର ସବୁକିଛି ସତେଅବା ଭାରି ଅଲଗା ପ୍ରକାରର ହୋଇ ରହିଥିଲା, ଭାରି ଅଲଗା ପ୍ରକାରର ହୋଇଯାଇଥିଲା ।

୨୩ ତାରିଖ ଦିନ 'କ'ଙ୍କର ଜନ୍ମଦିନ ଥିଲା । ମୁଁ ତାଙ୍କୁ ଡାକିଥିଲି ଓ ସିଏ ଆସି ବସିଥିଲେ । ହଠାତ୍, ହଁ, ହଠାତ୍ ମୁଣ୍ଡଟା କ୍ରିୟାଶୀଳ ହେବାକୁ ଆରମ୍ଭ କଲା,– ଠିକ୍ ''ମୁଣ୍ଡ'' ବା ''ଭାବନା'' କ୍ରିୟାଶୀଳ ହେବାକୁ ଆରମ୍ଭ କଲା ବୋଲି କହିହେବ ନାହିଁ (*ମାଆ ତାଙ୍କ ମଧ୍ୟଦେଇ କୌଣସି ଏକ ପ୍ରକାରର ସ୍ରୋତ ବା ତରଙ୍ଗମାଳା ବହି ଚାଲି ଯାଉଥିବା ପରି ଇଙ୍ଗିତ କଲେ*); ଏହି କଥାଟିକୁ କିପରି ବୁଝାଇ କହିହେବ, କେଜାଣି ? ଏହାକୁ ଠିକ୍ ଭାବନା ବୋଲି କହିହେବ ନାହିଁ; ସତେଯେପରି ମୋର ଆଖି ଆଗରେ ଗୋଟାଏ ପ୍ରକାରର କେତେକେତେ ଦୃଶ୍ୟ ଓ ବୋଧ ଉକୁଟି ଉଠୁଥିଲା । ତା'ପରେ ମୁଁ

ତାଙ୍କୁ କେତେକ ପ୍ରଶ୍ନ ପଚାରିଲି ଏବଂ ସିଏ ସେଗୁଡ଼ିକୁ ଲିପିବଦ୍ଧ କରିନେଲେ । (*ମାଆ ଟାଇପ୍ କରା ହୋଇଥିବା ଖଣ୍ଡେ କାଗଜ ଶିଷ୍ୟଙ୍କୁ ବଢ଼ାଇଦେଲେ*) ସିଏ କେବଳ ମୋର ପ୍ରଶ୍ନଗୁଡ଼ିକୁ ଲେଖି ରଖିଛନ୍ତି, ତାଙ୍କ ଉତ୍ତରଗୁଡ଼ିକୁ ଲେଖି ନାହାନ୍ତି ।

*''୧୯୬୮ ମସିହା ଅଗଷ୍ଟ ୨୩ ତାରିଖ ଅପରାହ୍ଣରେ ମାଆ କହିଥିଲେ :*
*''ଜଡ଼ର ରଚନା କିପରି ହେଲା, ସେମାନେ ସେକଥା ଜାଣିଛନ୍ତି କି ?''*

ସେତେବେଳେ ଶରୀରଟିହିଁ ପ୍ରଶ୍ନଟିକୁ ପଚାରିଥିଲା । ମୁଁ ଠିକ୍ କହିପାରୁ ନାହିଁ, ମାତ୍ର ସମ୍ଭବତଃ 'କ'*ଙ୍କର ବାତାବରଣଟିର ସମ୍ପର୍କରେ ଆସି (ସିଏ ଜଣେ ବୈଜ୍ଞାନିକ) ମୋ ଶରୀର ଜଡ଼ ବୋଲି କୁହାଯାଉଥିବା ସେହି ସବୁକିଛିର ରଚନା କିପରି ହୋଇଛି, ସେହି କଥାଟିକୁ ଜାଣିବା ଲାଗି ଆଗ୍ରହ ପ୍ରକାଶ କରିଥିଲା । ଏବଂ ସେତେବେଳେ 'କ' ସେଠି ଥିଲେ, ସିଏ ପ୍ରଶ୍ନର ଉତ୍ତର ଦେଇପାରିବେ ବୋଲି ମୁଁ ଜାଣିଥିଲି; ତେଣୁ ମୁଁ ତାଙ୍କୁ ପ୍ରଶ୍ନଗୁଡ଼ିକୁ ପଚାରିଥିଲି ।

*''ଜଡ଼ର ରଚନା କିପରି ହେଲା, ସେମାନେ ସେକଥା ଜାଣନ୍ତି କି ?*

*''ଶକ୍ତି ଘନୀଭୂତ ହେବାରୁ ଜଡ଼ ଜାତ ହେଲା, ଏପରି କହିବାର ଅର୍ଥ ହେଉଛି ଅସଲ ପ୍ରଶ୍ନଟିକୁ ପୁଣିଥରେ ପଚାରିବା ।*

*''ପ୍ରକୃତ ପ୍ରଶ୍ନଟି ହେଉଛି : ପରମ ସର୍ବୋଚ୍ଚସତ୍ତା କିପରି ଆପଣାକୁ ଜଡ଼ ରୂପେ ଅଭିବ୍ୟକ୍ତ କରିବାକୁ ସମ୍ଭବ କରିପାରିଲେ ?''*

ତୁମେ ଦେଖୁଛ ତ, ଏହିସବୁ ଯେଉଁ ପ୍ରଶ୍ନକୁ ଏତେବେଶୀ ମହତ୍ତ୍ୱପୂର୍ଣ୍ଣ, ଏତେ ବୃହତ୍ ପ୍ରସାରଯୁକ୍ତ ଓ ଏଡ଼େ ଶିକ୍ଷୋଚିତ ବୋଲି ବିଚାର କରାଯାଏ,... ମୁଁ ସେଗୁଡ଼ିକୁ ସମ୍ପୂର୍ଣ୍ଣ ଏକ ପିଲାଳିଆ ଭାବରେ ପଚାରୁଛି ଏବଂ ଏକାବେଳେକେ ସାଧାରଣ ଶବ୍ଦଗୁଡ଼ିକର ବ୍ୟବହାର କରି ତାହାକୁ ପଚାରୁଛି । (*ମାଆ ହସିଲେ*)

*''ଏହି ପୃଥିବୀର ସୃଷ୍ଟି କେତେଦିନ ହେଲା ହେଲାଣି, ସେମାନେ ସେକଥା କହିପାରିବେ କି ?*

*''ଯେତେବେଳେ ତାହାର ଉତ୍ତର ସ୍ୱରୂପ କୋଟି କୋଟି ବର୍ଷ ବୋଲି କହୁଛ, ତାହାର ପ୍ରକୃତ ଅର୍ଥ କ'ଣ ହେବ କହିଲ ?''*

---

* 'କ' ଜଣେ ବୈଜ୍ଞାନିକ ଥିଲେ ।

ତୁମେ ତ ଜାଣୁଥିବ, ସେମାନଙ୍କ ପାଖରେ କୌଣସି ଘଣ୍ଟା ନ ଥିଲା । ଗୋଟିଏ ଶିଶୁର ସରଳତା ସହିତ ଏହି ଶରୀରହିଁ ସେତେବେଳେ କହିଥିଲା : ''ତୁମେ କୋଟି କୋଟି ବର୍ଷର କଥା କହୁଛ; କିନ୍ତୁ କେଉଁ ମାପକ ଦ୍ୱାରା ମାପି ତୁମେ ଏହି କଥାଟି କହିପାରୁଛ ?''

*''ବର୍ଷଟିଏ କହିଲେ ଆମେ ବର୍ତ୍ତମାନ ଯାହା ବୁଝୁଛୁ, ସେକଥା ଯେ ସବୁକାଳରେ ଠିକ୍ ତାହାହିଁ ବୁଝାଇ ଆସିଛି, ସେମାନେ ନିଶ୍ଚିତ ଭାବରେ ତାହା କହିପାରିବେ କି ?... ଏହି ଅବଧିଟି ମଧ୍ୟରେ ଆମ ନିତ୍ୟନୈମିତ୍ତିକ କାଳବୋଧଟିର ସମ୍ପୂର୍ଣ୍ଣ ଅବାସ୍ତବିକତା ବିଷୟରେ ମୁଁ ଭାରି ସଚେତନ ହୋଇ ରହିଥିଲି । ବେଳେବେଳେ ଗୋଟିଏ ମୁହୂର୍ତ୍ତ ମଧ୍ୟ ଅନନ୍ତ କାଳ ପରି ବୋଧ ହେଉଥିଲା । ଏବଂ, ଅନ୍ୟ ସମୟରେ, ଆପଣାର ଅସ୍ତିତ୍ୱ ବିଷୟରେ ଆଦୌ କୌଣସି ବୋଧ ଜାଗୃତ ନ କରି ପୂରା ଦିନଟାଏ ମଧ୍ୟ ଅତିକ୍ରାନ୍ତ ହୋଇ ଯାଉଥିଲା ।''*

*''କେବେ ପ୍ରକୃତରେ ଏକ ଆରମ୍ଭ ହୋଇଥିଲା ବୋଲି ସେମାନେ କହୁଛନ୍ତି କି ?''*

*(ପୃଥିବୀ କିପରି କ୍ରମାନୁବର୍ତ୍ତୀ ଭାବରେ ପ୍ରସାରଣ ଓ ସଙ୍କୁଚନର କେତୋଟି ପର୍ଯ୍ୟାୟ ମଧ୍ୟଦେଇ ଗତିକରି ଆସିଛି, ସେହି ସିଦ୍ଧାନ୍ତଟି ବିଷୟରେ 'କ' ମାଆଙ୍କୁ ବୁଝାଇ କହି ଦେଇଥିଲେ । ଏବଂ ସେହି ସିଦ୍ଧାନ୍ତଟିରେ ମାଆଙ୍କର ସନ୍ତୋଷ ହୋଇଥିବା ପରି ମନେ ହେଲା ।)*

ହଁ, ସେଗୁଡ଼ିକୁ ପ୍ରଳୟର ପର୍ଯ୍ୟାୟ ବୋଲି କୁହାଯାଇଛି ।

*''ବର୍ତ୍ତମାନ ଶରୀର ଏହିସବୁ ପ୍ରଶ୍ନ ପଚାରୁଛି । ମନ ଅନେକ ଦିନରୁ ବିଦାୟ ହୋଇ ଚାଲିଗଲାଣି । ମାତ୍ର ଶରୀର, ଶରୀରର ଏହି କୋଷଗୁଡ଼ିକ ପ୍ରାଣ ବା ମନର ମଧ୍ୟବର୍ତ୍ତୀ ସୋପାନଗୁଡ଼ିକର ମଧ୍ୟ- ଦେଇ ଯିବା ଲାଗି କୌଣସି ପ୍ରକାରେ ବାଧ୍ୟ ନ ହୋଇ ଯଥାର୍ଥ ସତ୍ତାଟିର ସଂସ୍ପର୍ଶ ଲାଭ କରିବାକୁ ଇଚ୍ଛା କରୁଛି । ବର୍ତ୍ତମାନ ସେହି ଘଟଣାଟିହିଁ ଘଟୁଛି ।*

*''ଏହି ଅବଧିଟି ମଧ୍ୟରେ ମୁଁ ଦୁଇ ବା ତିନି ଥର ଲାଗି ସେହି ଯଥାର୍ଥ ପରମଜ୍ଞାନର ପରିଚୟ ପାଇଛି ।''*

ହଁ, ଦୁଇ ବା ତିନିଥର ପାଇଁ ମୁଁ ସେହି ସମ୍ପୂର୍ଣ୍ଣ ବିସ୍ମୟଦାୟକ ଅପୂର୍ବ ମୁହୂର୍ତ୍ତଗୁଡ଼ିକର ଉପଲବ୍ଧି କରିଛି । ସେଗୁଡ଼ିକୁ ମୋଟେ କଥାରେ ପ୍ରକାଶ କରି କହିହେବ ନାହିଁ, ମୋଟେ କହିହେବ ନାହିଁ ।

*''ମାତ୍ର, ଏହିଭଳି ଗୋଟିଏ ଅନୁଭବ ବିଷୟରେ ସଜ୍ଞାନ ହେବା ମାତ୍ରକେ...''*

ପ୍ରଥମେ ଅନୁଭବଟି ହେଉଛି ଏବଂ ତା'ପରେ ତୁମେ ସେଇଟି ବିଷୟରେ ସଜ୍ଞାନ ହେଉଛ । ଏବଂ ସେହିପରି ସଜ୍ଞାନତା ଲାଭ କରିବା ମାତ୍ରକେ ତାହା ତତ୍କ୍ଷଣାତ୍ ଅସ୍ପଷ୍ଟ ହୋଇ ଯାଉଛି,– ତା' ଭିତରେ ରହିଥିବା କୌଣସି ଏକ ଉପାଦାନ ଅସ୍ପଷ୍ଟ ହୋଇ ଯାଉଛି ।

*ହଁ, ସବୁକିଛିକୁ ଏକ ମୂର୍ତ୍ତ ରୂପ ଦେଇ ଅନୁଭବ କରିବାର ଯେଉଁ ପ୍ରବୃତ୍ତିଟି ମନ ଭିତରେ ରହିଛି, ତାହାରି ସକାଶେ ସେପରି ଘଟୁଛି । ଆଗାମୀ ଜୀବଜାତିର କ୍ଷେତ୍ରରେ ସେହି ପ୍ରବୃତ୍ତିଟି ମୂଳତଃ ଅନ୍ତର୍ହିତ ହୋଇଯିବ ।*

ହଁ, ସେହି କଥା ଘଟିବ ବୋଲି ମନେ ହେଉଛି ।

*''ଏହିଭଳି ଏକ ଅନୁଭବ ବିଷୟରେ ତୁମେ ସଜ୍ଞାନ ହେବା ସଙ୍ଗେସଙ୍ଗେ, ତୁମର ସ୍ମୃତି ମଧ୍ୟରେ ସେଇଟି ଚିହ୍ନିତ ହୋଇଯିବା ସଙ୍ଗେସଙ୍ଗେ, ତାହା ସମ୍ପୂର୍ଣ୍ଣ ଭାବରେ ମିଥ୍ୟାରେ ପରିଣତ ହୋଇ ଯାଉଛି ।*

*''ମୂଳତଃ, ବୈଜ୍ଞାନିକମାନଙ୍କର କ୍ଷେତ୍ରରେ ତାହାହିଁ ଘଟୁଛି । ସେମାନେ ଏତେଟିକିଏ ଜ୍ଞାନ ଲାଭ କରିବା ମାତ୍ରକେ, ସେମାନଙ୍କୁ ସେଇଟିକୁ ବସ୍ତ୍ର ପିନ୍ଧାଇ ରଖିବାକୁ ପଡୁଛି, ଏକ ଉଚିତ ପରିଧାନରେ ସଜାଇ ଦେବାକୁ ପଡୁଛି । ମନୁଷ୍ୟର ଚେତନା ଲାଗି ତାହା ଯେପରି ବୋଧ ହୋଇପାରିବ, ମନ ଯେପରି ତାହାକୁ ବୁଝିବା ଲାଗି ସମର୍ଥ ହେବ, ସେଥିଲାଗି ଏହିସବୁ କଥା କରିବାକୁ ପଡୁଛି ।*

*''(କିଛି ସମୟ ନୀରବ ରହି ମାଆ ଏହି ପ୍ରଶ୍ନଟିକୁ ପଚାରିଲେ) ମନୁଷ୍ୟର ଆବିର୍ଭାବ କେତେ ଦିନ ହେଲା ହେଲାଣି, ସେମାନେ ତାହା ଜାଣିଛନ୍ତି କି ?*

*''ମନୁଷ୍ୟର ବିକାଶ ଲାଗି ଯେତେ ସମୟ ଲାଗିଛି, ଅତିମାନବର ଆବିର୍ଭାବ ତାହାଠାରୁ କମ୍ ସମୟ ନେବ । ମାତ୍ର, ତା'ବୋଲି ଯେ ତାହା ହଠାତ୍ ସମ୍ଭବ ହୋଇଯିବ, ସେକଥା ଆଦୌ ନୁହେଁ ।''*

ସେହି ୨୩ ତାରିଖ ଦିନ ମୁଁ ତଥାପି... ମୁଁ ତଥାପି କଞ୍ଚା ମାଟି ମେଞ୍ଚାଏ ପରି ହୋଇ ରହିଥିଲି । ତେଣୁ ମନକୁ ମନ କହିଲି : ଏହି କଞ୍ଚା ମାଟି ମେଞ୍ଚାଟିର ଅବସ୍ଥା ମଧ୍ୟରୁ ବାହାରି ଆସି ପ୍ରକୃତରେ ଫଳଦାୟକ ହୋଇ ପାରୁଥିବା, ପ୍ରକୃତରେ ଅସ୍ତିତ୍ୱ ଧରି ରହିଥିବା ଏବଂ କାର୍ଯ୍ୟ କରିପାରୁଥିବା ଜଣେ ବ୍ୟକ୍ତିରେ ପରିଣତ ହେବାକୁ ଆହୁରି ଅନେକ ସମୟ ଲାଗିବ । ମୁଁ ତାଙ୍କୁ ମଧ୍ୟ ସେହି କଥା କହିଥିଲି ।

*ମାତ୍ର ଆପଣ ଉପସଂହାରରେ ଏକଥା ମଧ୍ୟ କହିଛନ୍ତି :*
*"ଆମେ ଯାହା ପାରିଲୁ, ତାହା ଅବଶ୍ୟ କରିଛୁ ।"*

ହଁ, ତାଙ୍କୁ ସାନ୍ତ୍ୱନା ଦେବା ଲାଗି ମୁଁ ସେହି କଥାଟିକୁ କହିଥିଲି ।

ହଁ, ଏବଂ କାଲି ରାତିରେ ଏହି ଘଟଣାଟି ମଧ୍ୟ ଘଟିଛି (*ମାଆ ଶିଷ୍ୟଙ୍କ ଆଡ଼କୁ ଆଉ ଗୋଟିଏ ଟିପା କାଗଜ ବଢ଼ାଇ ଦେଲେ । ସେଇଟିକୁ ସିଏ ନିଜ ହାତରେ ଲେଖିଥିଲେ ।*)

*"୨୬ ଓ ୨୭ ତାରିଖ ମଝିର ରାତି*
*"ଶରୀର ଭିତରେ ଅତିମାନସ ଶକ୍ତିଗୁଡ଼ିକର ଶକ୍ତିଶାଳୀ ଏବଂ ବହୁକାଳ ଯାବତ୍ ପ୍ରବେଶ ଘଟିଲା । ସେଗୁଡ଼ିକ ଯୁଗପତ୍ ଭାବରେ ଶରୀରର ସବୁ ସ୍ଥାନରେ ପ୍ରବେଶ କରୁଥିଲେ ।"*

ସେମାନେ ଶରୀର ଭିତରକୁ ପ୍ରବେଶ କରୁଥିଲେ । ହଁ, ସ୍ରୋତଟି ଆସି ଦେହ ଭିତରେ ପ୍ରବେଶ କରିବାର ଅଭିଜ୍ଞତାଟି ମୋ'ର ଆଗରୁ ଅନେକ ଅବସରରେ ଘଟିଥିଲା; ମାତ୍ର ସେଦିନ ରାତିରେ (ଅର୍ଥାତ୍, ପଅରିଦିନ ରାତିରେ) ତାହା ଏକାବେଳେକେ ହଠାତ୍ ଆସି ପହଞ୍ଚିଲା; ସତେଯେପରି କେବଳ ଏକ ଅତିମାନସ ପରିବେଶ ବ୍ୟତୀତ ଆଉ ଅନ୍ୟ କିଛିହେଲେ କେଉଁଠି ନାହିଁ, ଠିକ୍ ସେହିପରି ଭାବରେ ତାହା ଆସି ଉପଗତ ହୋଇଗଲା । ପ୍ରକୃତରେ ତାହାରି ବ୍ୟତୀତ ଆଉ କିଛିହେଲେ କେଉଁଠି ନ ଥିଲା । ଏବଂ ମୋର ଶରୀର ତାହାରି ଭିତରେ ଯାଇ ରହିଥିଲା । ତାହା ପ୍ରତ୍ୟେକ ଦିଗରୁହିଁ ଯୁଗପତ୍ ଭାବରେ ମୋ ଭିତରକୁ ପ୍ରବେଶ କରିବା ଲାଗି **ଚାପ ଦେବାରେ ଲାଗିଥିଲା** । ତେଣୁ କେବଳ ଏକ ସ୍ରୋତ ଆସି ପ୍ରବେଶ କରୁଥିଲା ବୋଲି ମୋଟେ କହିହେବ ନାହିଁ । ତାହାକୁ ଏକ ସମୁଦାୟ ପରିବେଶ ବୋଲି କହିବାକୁ ହେବ, ଯାହାକି ଚତୁର୍ଦ୍ଦିଗରୁ ଆସି ମୋ ଭିତରେ ପ୍ରବେଶ

8

କରୁଥିଲା । ଅନ୍ତତଃ ଚାରି ପାଞ୍ଚ ଘଣ୍ଟା ଲାଗି ସେହିପରି ହେଲା । ଏବଂ, ଶରୀରଟି ମଧ୍ୟରେ କେବଳ ଗୋଟିଏ ଭାଗ ଏପରି ଥିଲା, ଯାହା ଭିତରେ କି ତାହା **କ୍ୱଚିତ୍** ପ୍ରବେଶ କରିପାରୁ ଥିଲା; ସେହି ଭାଗଟି ହେଉଛି ଏଠାରୁ ସେଠାଯାଏ (*ମାଆ ତଣ୍ଟି ପାଖରୁ ମୁଣ୍ଡ ପର୍ଯ୍ୟନ୍ତ ଇଙ୍ଗିତ କରି ଦେଖାଇଦେଲେ*) : ସେଠାରେ, ସବୁକିଛି ଭାରି ଧୂସର ଓ ନୀରସ ହୋଇ ଦିଶୁଥିଲା, ସତେ ଯେପରି ସ୍ରୋତଟି ସେଠାରେ ଅଳ୍ପ ପରିମାଣରେ ପ୍ରବେଶ କରି ପାରିଥିଲା ।... ମାତ୍ର, କେବଳ ସେହି ଅଂଶଟିକୁ ଛାଡ଼ିଦେଲେ, ଆଉ ସବୁଯାକ ଅଂଶରେ ତାହା ପ୍ରବେଶ କରିଥିଲା,– କେଉଁଠି ହେଲେ ଆଦୌ କୌଣସି ଅଂଶକୁ ବାକୀ ରଖି ନ ଥିଲା ।... ଆଗରୁ ମୁଁ କେବେହେଲେ **ଏପରି** କିଛି ଘଟିବାର ଦେଖି ନ ଥିଲି । ଘଣ୍ଟା ଘଣ୍ଟା ଧରି ସେହି ଅବସ୍ଥାଟି ଅବ୍ୟାହତ ରହିଥିଲା । ସମ୍ପୂର୍ଣ୍ଣ ସଚେତନ ଭାବରେହିଁ ଅବ୍ୟାହତ ରହିଥିଲା ।

ତେଣୁ ସେଇଟି ଯେତେବେଳେ ଆସିଥିଲା ଓ ଯେତେ ସମୟ ପର୍ଯ୍ୟନ୍ତ ବର୍ତ୍ତମାନ ରହିଥିଲା, ସେତେବେଳେ ମୁଁ ସଚେତନ ରହିଥିଲି : ''ହଁ, ଠିକ୍ ତାହାରି ସକାଶେ, ତାହାରି ସକାଶେ... ହେ ପରମ ପ୍ରଭୁ, ଆପଣ ମୋ'ଠାରୁ ତାହାହିଁ ଇଚ୍ଛା କରନ୍ତି,– ହଁ, କେବଳ ତାହାରି ସକାଶେ, ମୋଠାରୁ କେବଳ ତାହାହିଁ ଇଚ୍ଛା କରନ୍ତି ।'' ସେହି ସମୟରେ ମୁଁ ଏହିପରି ଅନୁଭବ କରୁଥିଲି ଯେ ସତେ ଯେପରି **କିଛି ନା କିଛି** ଅବଶ୍ୟ ଘଟିବାକୁ ଯାଉଛି ।

ସେହି ପରିବେଶଟି ଆଜି ରାତିରେ ପୁନର୍ବାର ଆସିବ ବୋଲି ମୁଁ ଆଶା କରିଥିଲି, ମାତ୍ର ସେପରି ମୋଟେ ଘଟିଲା ନାହିଁ ।

ଏପରି ଘଟଣା ପ୍ରଥମ ଥର ପାଇଁ ଘଟିଲା । ଘଣ୍ଟା ଘଣ୍ଟା ଧରି ଅବ୍ୟାହତ ରହିଲା । କେବଳ ସେଇ ଥିଲେ, ତାଙ୍କ ବ୍ୟତୀତ ଆଉ କେଉଁଠି କିଛିହେଲେ ନ ଥିଲା । ଏବଂ ଏଇଟି (*ମାଆଙ୍କର ଶରୀର*) ସତେଅବା ଏକ ସହଜଗ୍ରହଣକାରୀ ସ୍ୱଞ୍ଜରେ ପରିଣତ ହୋଇଯାଇଥିଲା ।

କେବଳ ମସ୍ତିଷ୍କଟାହିଁ ତଥାପି ଧୂସର ଓ ନୀରସ ହୋଇ ରହିଥିଲା । ତଥାପି, ଏହି କେତୋଟି ମାସର ଅବଧି ମଧ୍ୟରେ ଶରୀରର କ୍ଷେତ୍ରରେ ଯାହାକିଛି ଘଟିଛି, ତାହାର ଏକ ଅତିସ୍ୱଷ୍ଟ ଅନୁଭବ ଦୃଷ୍ଟି ଆଗରେ ଭାସି ଯାଉଥିଲା,– ପ୍ରାୟ ଏକ ପ୍ରତିଶ୍ରୁତି ପରି ମନେ ହେଉଥିଲା । ପ୍ରାୟ ଏକ ପ୍ରତିଶ୍ରୁତି ପରି,– ଏହି ଭୂମିରେ କୌଣସି ଏକ ଘଟଣା ଘଟିବାକୁ ଯାଉଛି ବୋଲି ସତେଯେପରି କିଏ ମୋତେ କହିଦେଇ ଯିବାରେ ଲାଗିଥିଲା । ହଁ, କେବଳ ସେତିକି ଅନୁଭବ ହେଉଥିଲା ।

ଏବଂ, ଶରୀର (ପ୍ରାୟ ଦୁଇ ତିନି ଦିନ ତଳେ) ଯାହା କହିଥିଲା, ମୁଁ ଆଜି

ଆରମ୍ଭରେ ତୁମ୍ଭମାନଙ୍କୁ ଯେଉଁ କଥାଟି କହୁଥିଲି, ସତେ ଯେପରି ଏହା ତାହାର ଏକ ଉତ୍ତର ରୂପେ ମୋତେ କହି ଦିଆ ଯାଉଥିଲା : ତାହା ବିଲୁପ୍ତ ହୋଇଯିବା ଲାଗି ପ୍ରସ୍ତୁତ ରହିଛି (ଏହାକୁ ଏକ ପରିପୂର୍ଣ୍ଣ ସମର୍ପଣ ବୋଲି କୁହାଯିବ) ଏବଂ, କେବଳ ସେହି ଅବସ୍ଥାଟିକୁ ଛାଡ଼ିଦେଲେ ଅନ୍ୟ ଯେକୌଣସି ଅବସ୍ଥା ଓ ଯେକୌଣସି ପରିସ୍ଥିତିରେ ମଧ୍ୟ ତାହା ଅବ୍ୟାହତ ଭାବରେ ଜୀବନ ଧାରଣ କରି ରହିବାକୁ ବି ବେଶ୍ ପ୍ରସ୍ତୁତ ଅଛି । ସେହି ଗଳିତ ଓ ପଳିତ ଅବସ୍ଥାରେ ରହିବା ଲାଗି ତାହା ମୋଟେ ପ୍ରସ୍ତୁତ ନୁହେଁ । ଅବଶ୍ୟ, ଦୁଇଦିନ ପର୍ଯ୍ୟନ୍ତ ତାହାର ଆଦୌ କୌଣସି ଉତ୍ତର ମିଳି ନ ଥିଲା, ଏବଂ ତା'ପରେ ଯାଇ ଏହି ଅଭୂତପୂର୍ବ ପ୍ରବେଶ ଘଟିଲା । ଅର୍ଥାତ୍, ଠିକ୍ ତା' ପରଦିନହିଁ ମୋତେ ଟିକିଏ ଭଲ ଲାଗିବାକୁ ଆରମ୍ଭ କଲା, ମୁଁ... ଏପରିକି ମୁଁ ଆଉ ଠିଆ ହୋଇ ବି ରହିପାରିଲି ନାହିଁ ! ସେତେବେଳେ ମୋର ଭାରସାମ୍ୟର ମୋଟେ କୌଣସି ବୋଧ ନ ଥିଲା; ମୋ' ଶରୀରକୁ ସର୍ବଦା ଆଉଜଣେ ଧରି ରଖିବା ଆବଶ୍ୟକ ହେଉଥିଲା । ମୁଁ ଭାରସାମ୍ୟର ସକଳ ବୋଧ ହରାଇ ପକାଇଥିଲି, ଆଗକୁ ଗୋଟିଏ ପହୁଣ୍ଡ ବି ପକାଇ ପାରୁ ନ ଥିଲି । ଠିକ୍ ସେହି କ୍ଷେତ୍ରରେହିଁ ମୁଁ ପ୍ରତିବାଦ କଲି । ଏବଂ, ପରଦିନ ସକାଳଠାରୁ ଅବସ୍ଥାରେ ଏକ ଉନ୍ନତି ଘଟିଲା ।

ତା'ପରେ ୨୩ ତାରିଖ ଆସି ପହଞ୍ଚିଲା । 'କ'ଙ୍କ ସହିତ ମୋର ଦେଖାହେଲା, ଏବଂ ମୁଁ ଦେଖିବାକୁ ପାଇଲି ଯେ, ସିଏ ଯେତେବେଳ ଯାଏ ଥିଲେ, ସେପର୍ଯ୍ୟନ୍ତ ଶରୀର ବେଶ୍ ସାଗ୍ରହ ହୋଇ ରହିଥିଲା; ନାଇଁ — ଏହି କ୍ଷେତ୍ରରେ ମାନସିକ ବା ପ୍ରାଣିକ ମୋଟେ କେହି ନ ଥିଲେ । ସେମାନେ ବିଦାୟ ନେଇ ଚାଲି ଯାଇଥିଲେ । ତୁମେ ତାହାର ପ୍ରକୃତ ଅର୍ଥଟିକୁ ଉପଲବ୍ଧି କରିପାରିବ କି ନାହିଁ, କେଜାଣି !

*ହଁ, ଏହା ପ୍ରକୃତରେ ଏକ ଅଦ୍ଭୁତ ଘଟଣା ।*

କେବଳ ଶରୀର ଥିବ; ମନ ନ ଥିବ କି ପ୍ରାଣ ନ ଥିବ । 'କ' ଆସି ପହଞ୍ଚିବା ସମୟରେ ଶରୀର ସେହି ଅବସ୍ଥାରେ ଥିଲା । ସେତେବେଳେ କେବଳ ଏହି ଅବବୋଧଗୁଡ଼ିକ ସମ୍ଭବ ହେଉଥିଲା (ସହର, ଅଟ୍ଟାଳିକା, ମନ୍ଦିର), ତାହା ସେହି ଆତ୍ମମୟ ଅବସ୍ଥା ମଧ୍ୟରେ ବାସ କରୁଥିଲା : ସେହି କ୍ଷେତ୍ରରେ ଅନ୍ୟମାନଙ୍କର ଆତ୍ମଗତ ଅବସ୍ଥା ବି ବିଦ୍ୟମାନ ଥିଲା, ଏହି ପୃଥିବୀର ଆତ୍ମଗତ ଅବସ୍ଥା ବିଦ୍ୟମାନ ରହିଥିଲା... ଆତ୍ମାସ୍ତରର ଏହି ଅବସ୍ଥାଗୁଡ଼ିକ ନାନା ପ୍ରତିରୂପ ହୋଇ ଉକୁଟି ଉଠୁଥିଲା । ସବୁକିଛି ପ୍ରକୃତରେ ଭାରି ଆଗ୍ରହୋଦ୍ଦୀପକ ହୋଇ ରହିଥିଲା । ଆଗ୍ରହୋଦ୍ଦୀପକ ନ ଥିଲା ବୋଲି ମୁଁ କଦାପି କହି ପାରିବି ନାହିଁ,

ତାହା ଅବଶ୍ୟ ଆଗ୍ରହୋଦ୍ଦୀପକ ହୋଇ ରହିଥିଲା; ମାତ୍ର ଭୌତିକ ଜୀବନ ସହିତ ଆଦୌ କୌଣସି ସଂସ୍ପର୍ଶ ନ ଥିଲା,— ହୁଏତ ଅତ୍ୟନ୍ତ ଅଳ୍ପ ସଂସ୍ପର୍ଶ ରହିଥିଲା : ମୁଁ ପ୍ରାୟ କିଛି ଖାଇ ପାରୁ ନ ଥିଲି, ପ୍ରାୟ ଚାଲି ପାରୁ ନ ଥିଲି ।... ସଂକ୍ଷେପରେ କହିଲେ, ସେହି ଅବସ୍ଥାଟି ମଧ୍ୟରେ ସମ୍ପୂର୍ଣ୍ଣ ଭାବରେ ନିମଗ୍ନ ଓ ତତ୍ପର ହୋଇ ରହିବାକୁ ପଡୁଥିଲା ।

ଏବଂ ତା'ପରେ, 'କ'ଙ୍କ ସହିତ ସଂସ୍ପର୍ଶ ହେବା ପରେ, ଶରୀର ପୁଣି ସେହିସବୁ ସହିତ ଆଗ୍ରହୀ ହେବାକୁ ଆରମ୍ଭ କଲା, କେଜାଣି କାହିଁକି ବେଶ୍ ସ୍ୱତଃସ୍ଫୂର୍ତ୍ତ ଭାବରେ ପ୍ରଶ୍ନମାନ ପଚାରିବାକୁ ଆରମ୍ଭ କଲା । କେବଳ ପଚାରିବାରେହିଁ ଲାଗିଥିଲା : ''ହଁ, ଏଇଟି କେବଳ ସେହି ପ୍ରକାରେହିଁ ରଚିତ ହୋଇଛି ।''... ତେଣୁ ଏହା ଏଥିରୁ ବେଶ୍ ଏକ ବିନୋଦ ବି ଅନୁଭବ କରିବାକୁ ଲାଗିଲା ।

ଏଥିଲାଗି ନିଶ୍ଚୟ କିଛି ସମୟ ଲାଗିବ ।

ଏହି ଅଭୂତପୂର୍ବ ପ୍ରବେଶଟି ପଅରିଦିନ ଘଟିବା ସମୟରେ ମୁଁ ମନକୁ ମନ କହିଲି : ''ପ୍ରକୃତରେ କେଡ଼େ ଅଦ୍ଭୁତ !'' ମୁଁ ଆଶା କରିଥିଲି ଯେ ଏହାର ଗତିବେଗଟି ଆହୁରି ଅଧିକ ବୃଦ୍ଧି ପାଇବ ଏବଂ ତା'ପରେ ଶୀଘ୍ର ବାହାରି ଆସିବା ମଧ୍ୟ ସମ୍ଭବ ହେବ, ମାତ୍ର ରାତିରେ ସେପରି ମୋଟେ କିଛି ଘଟିଲା ନାହିଁ । ସେଇଥିଲାଗି ମୁଁ କହୁଛି ଯେ ସେଥିଲାଗି ଆହୁରି କିଛି ସମୟ ଲାଗିବ ।

*ମାତ୍ର ଏହା ପ୍ରକୃତରେ ଭାରି କୌତୂହଳପୂର୍ଣ୍ଣ । ୨୬ ଓ ୨୭ ତାରିଖର ଆପଣଙ୍କର ଟିପ୍ପଣୀରେ ପୁଣି ଲେଖା ହୋଇଛି :*

*''କିଞ୍ଚିତ୍ ସଂଘର୍ଷ ସହିତ ଯେଉଁସବୁ ଶକ୍ତି ଯୁଗପତ୍ ଭାବରେ ସର୍ବତ୍ର ପ୍ରବେଶ କରିବାରେ ଲାଗିଥିଲା, ଶରୀର ସତେଅବା ସେହିଗୁଡ଼ିକରେହିଁ ଅବଗାହିତ ହୋଇ ରହିଥିଲା ।''*

*ଏବଂ, ଆପଣ ତା'ପରେ କହିଛନ୍ତି :*

*''ମୁଣ୍ଡଠାରୁ ବେକ ପର୍ଯ୍ୟନ୍ତର ଅଂଶଟି ସବୁଠାରୁ କମ୍ ଗ୍ରହଣଶୀଳ ହୋଇ ରହିଥିଲା ।''*

*ତାହା ଯେ ପ୍ରକୃତରେ କମ୍ ଗ୍ରହଣଶୀଳ ହୋଇ ରହିଥିଲା, କଥାଟି ଭାରି କୌତୂହଳପୂର୍ଣ୍ଣ ।*

ନାଇଁ,— ଏହି ଭାଗଟି ହେଉଛି ମାନସିକ ବିଚାରବିମର୍ଶର ଅଞ୍ଚଳ, ନୁହେଁ କି ? ଏହି ମନରୁହିଁ ବାଧା ଆସିଥାଏ ।

*ଏହି କଥାଟି ବଡ଼ କୌତୂହଳପୂର୍ଣ୍ଣ । ଯେତେଥର ଆପଣଙ୍କର ଜୀବନରେ ଏହିପରି ଏକ ମହାନ୍ ମୁହୂର୍ତ୍ତ ଆସି ପହଞ୍ଚେ,— ବା ଏହିପରି ଏକ ବୃହତ୍ ଧକ୍କା ଆସି ପହଞ୍ଚେ ବୋଲି ହୁଏତ ମୁଁ କହିପାରିବି,— ପ୍ରତ୍ୟେକ ଥର ମାନସିକ ଓ ପ୍ରାଣିକ ଦୁଇଟିଯାକ କ୍ଷେତ୍ର କୁଆଡ଼େ ମନ କୁଆଡ଼େ ଅପସାରିତ ହୋଇ ରହିଯାଆନ୍ତି । ୧୯୬୨ ମସିହାରେ, ସେହି ପ୍ରଥମଥର ମଧ୍ୟ ସେହିପରି ଘଟିଥିଲା ।*

ହଁ, ପ୍ରତ୍ୟେକ ଥର ।

ଏପରି ଘଟେ ବୋଲି ମୁଁ ମଧ୍ୟ ଜାଣିଛି : ମୂଳଭୂତ ଜଡ଼କୁ ପେଷି ପେଷି ଚୂନା କରି ଦେବା ଲାଗି, ଯାବତୀୟ ପ୍ରକାରେ ଚୂନା କରି ଦେବା ଲାଗି ମାନସିକ ଏବଂ ପ୍ରାଣିକ ଦୁଇଟିଯାକ ଉପାଦାନ ଯନ୍ତ୍ରରୂପେ ବ୍ୟବହୃତ ହୋଇଥାନ୍ତି । ପ୍ରାଣିକ ଆପଣାର ଇନ୍ଦ୍ରିୟବୋଧଗୁଡ଼ିକ ଦ୍ୱାରା ଓ ମାନସିକ ଆପଣାର ଭାବନାଗୁଡ଼ିକ ଦ୍ୱାରା ଜଡ଼କୁ ପେଷି ଚୂନାକରି ଦେବାରେ ଲାଗିଥାନ୍ତି । ମାତ୍ର ସେଗୁଡ଼ିକ ମୋତେ କେବଳ ଗୋଟିଏ ଗୋଟିଏ ଅଳ୍ପ କ୍ଷଣସ୍ଥାୟୀ ନିମିତ୍ତ ପରି ବୋଧ ହୋଇଥାଆନ୍ତି, ଏବଂ ଏଗୁଡ଼ିକର ସ୍ଥାନାପନ୍ନ ଭାବରେ ଦିନେ ନା ଦିନେ ଚେତନାର ଅନ୍ୟ ଅବସ୍ଥାଗୁଡ଼ିକର ଅବଶ୍ୟ ଆବିର୍ଭାବ ଘଟିବ ।

ତୁମେ ବୁଝୁଛ ତ, ବିଶ୍ୱ-ବିକାଶର ଧାରାରେ ଏହା ହେଉଛି ଏକ ପର୍ଯ୍ୟାୟ ଏବଂ ସେଗୁଡ଼ିକ... ଦିନେ ଆଉ କୌଣସି କାମରେ ନ ଲାଗୁଥିବା ଗୋଟିଏ ଗୋଟିଏ ନିମିତ୍ତ ପରି ସେଗୁଡ଼ିକ ଅପସାରିତ ହୋଇଯିବେ ।

ଏବଂ, ପ୍ରାଣିକ ଓ ମାନସିକ ଜିନିଷ ଦ୍ୱାରା ଏହି ଜଡ଼ଭୂମିଟି କ'ଣ ହୋଇଛି, ସେ ବିଷୟରେ ତା'ପରେ ମୋର ଏକ ମୂର୍ତ୍ତ ଅଭିଜ୍ଞତା ହୋଇଛି । ମାତ୍ର ସେହି ଅଭିଜ୍ଞତାରେ ପ୍ରାଣିକ **ନାହିଁ**, ମାନସିକ ମଧ୍ୟ **ନାହିଁ** ।... ମାତ୍ର ସିଏ ଏକ ଅନ୍ୟ କଥା ।

ମାତ୍ର ''ଆତ୍ମିକ ସ୍ଥିତିଗୁଡ଼ିକର ସେହି ଅବବୋଧ''... ସେହି କ୍ଷେତ୍ରରେ ମୁଁ ବସ୍ତୁଗୁଡ଼ିକୁହିଁ ଦେଖିଲି,... ପ୍ରକୃତରେ ବିସ୍ମୟଗୁଡ଼ିକୁହିଁ ଦେଖିବାକୁ ପାଇଲି । ମାତ୍ର ସେଥିରେ **ଆଦୌ** କୌଣସି ମାନସିକ କଳ୍ପନା ନ ଥିଲା । ତାହା ପ୍ରକୃତରେ କେଡ଼େ ଆଶ୍ଚର୍ଯ୍ୟଜନକ, ସେଥିରେ କୌଣସି ମାନସିକ କଳ୍ପନା ନ ଥିଲା । ମୁଁ ଆହୁରି କେତେ କେତେ ମୁହୂର୍ତ୍ତକୁ ଅତିକ୍ରମ କରିଛି... ମନୁଷ୍ୟ ହିସାବରେ ଆମେ ଯାହାକିଛି ଅନୁଭବ କରୁଛୁ ବା ଦେଖୁଛୁ, ସେଇଟି ସହିତ ତୁଳନା କରିବାକୁ ଗଲେ ଏସବୁ ପ୍ରକୃତରେ **କିଛି ନୁହେଁ** । ସମ୍ପୂର୍ଣ୍ଣ

ଆଶ୍ଚର୍ଯ୍ୟପୂର୍ଣ୍ଣ ବୋଲି କୁହାଯାଇ ପାରିବା କେତେ କେତେ ମୁହୂର୍ତ୍ତ ମୋ ଜୀବନରେ ଆସିଛି । ମାତ୍ର ଏହି ମୁହୂର୍ତ୍ତଟିରେ କୌଣସି ଭାବନା ନ ଥିଲା, ଆଦୌ କୌଣସି ଭାବନା ନ ଥିଲା ।

*ସେଥିରେ ଆହୁରି କେତେକ ଟିପ୍ପଣୀ ବି ରହିଛି, ଯେଉଁଗୁଡ଼ିକୁ କି ଆପଣଙ୍କୁ ପଢ଼ି ଶୁଣାଇ ନାହିଁ । ଆପଣ କହିଛନ୍ତି :*

*''ମନୁଷ୍ୟର କ୍ଷେତ୍ରରେ ଅଧିକାଂଶଙ୍କ ଜୀବନରେ ଏକ ଅବବୋଧରୁହିଁ ଚେତନାର ଜନ୍ମ ହୋଇଥାଏ । ମାତ୍ର ସେତେବେଳେ ଶରୀର ଲାଗି ଯାବତୀୟ ଅବବୋଧ ସତେଅବା ଅପସାରିତ ହୋଇ ଯାଇଥିଲା, ବା, ଅଧିକ ଯଥାର୍ଥ ଭାବରେ କହିଲେ, ଅବଦମିତ ହୋଇ ରହିଥିଲା : ଦେଖିବା ଓ ଶୁଣିବାର ସକଳ କ୍ରିୟା ସତେଅବା କୌଣସି ପର୍ଦା ତଳେ ଅନ୍ତରାଳ ହୋଇ ରହିଥିଲା । ମାତ୍ର ସମଞ୍ଜସତା ଅଥବା ଅସମଞ୍ଜସତାର ମାତ୍ରାବୋଧଟି ଅତ୍ୟନ୍ତ ସ୍ପଷ୍ଟ ହୋଇ ସମ୍ଭବ ହେଉଥିଲା । ସବୁକିଛି ପ୍ରତିରୂପରେ ବ୍ୟକ୍ତ ହୋଇ ଉଠୁଥିଲା;* ***ଭାବନା ନୁହେଁ;*** *ସେହି କ୍ଷେତ୍ରରେ କୌଣସି ସଂବେଗ ମଧ୍ୟ ନ ଥିଲା ।''*

ମୁଁ ଦେଖିଛି ବୋଲି ତୁମମାନଙ୍କୁ କହିଲି ।... ଏପରିକି ଏହାକୁ ଗୋଟିଏ ଛବିକୁ ଦେଖିବା ଭଳି ଏକ ''ଦେଖିବା'' ବୋଲି ବି କୁହାଯାଇ ପାରିବ ନାହିଁ । ଏଠାରେ ଦେଖିବାର ଅର୍ଥ ହେଉଛି **ଅନ୍ତର୍ଗତ ହୋଇ ରହିବା**, ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଅନ୍ତର୍ଗତ ହୋଇ ରହିବା । ଆଗରୁ ମୁଁ ଏଡ଼େ ସୁନ୍ଦର କୌଣସି ବସ୍ତୁ କେବେହେଲେ ଦେଖି ନ ଥିଲି ଅଥବା ଅନୁଭବ କରି ନ ଥିଲି । ଏବଂ, ଏଇଟିକୁ ମୁଁ ପ୍ରକୃତରେ ଅନୁଭବ ବି କରୁ ନ ଥିଲି, ମୁଁ ... । ଏହାକୁ ମୁଁ ଶବ୍ଦ ଦେଇ କିପରି ବୁଝାଇଦେଇ ପାରିବି କେଜାଣି ? ସେହି କ୍ଷେତ୍ରରେ ଏପରି କେତୋଟି ମୁହୂର୍ତ୍ତ ଆସି ସମ୍ଭବ ହେଲା, ଯାହାକୁ କି ସମ୍ପୂର୍ଣ୍ଣ ଭାବରେ ବିସ୍ମୟକର ଓ ଅସାଧାରଣ ବୋଲି କୁହାଯିବ । ଏବଂ ସେଥିରେ ଭାବନାର ମୋଟେ କୌଣସି ସ୍ଥାନ ନ ଥିଲା । ମୁଁ ତାହାକୁ ବର୍ଣ୍ଣନା କରି ବି କହିପାରୁ ନାହିଁ,— କିପରି ବର୍ଣ୍ଣନା କରି କହିପାରିବି କହିଲ ! ଆଗ ଭାବିବାକୁ ଆରମ୍ଭ କଲେ ସିନା ବର୍ଣ୍ଣନା କରି କହିବା ସମ୍ଭବ ହୁଏ !

*ତଥାପି ଆହୁରି ଗୋଟିଏ ଟିପ୍ପଣୀ ରହିଛି :*

*''ଶାରୀର ଚେତନାର ପ୍ରକୃତ ଅବସ୍ଥା ଏବଂ ତାହାର କାର୍ଯ୍ୟକାରୀ ହେବାର ଗୁଣାତ୍ମକତା ସେଇଟି ଯେଉଁ ବ୍ୟକ୍ତି କିଂବା ବ୍ୟକ୍ତିମାନଙ୍କ ଭିତରେ ରହିଥାଏ, ସେହିମାନଙ୍କ ଉପରେହିଁ ନିର୍ଭର କରେ ।''*

ହଁ, ସେଇଟି ମଧ୍ୟ ଭାରି ଆଗ୍ରହୋଦ୍ଦୀପକ । ଏହା ଏଡ଼େ ଆଗ୍ରହୋଦ୍ଦୀପକ ଲାଗିଲା, କାରଣ ମୁଁ ତାହାକୁ ଏହିପରି ଭାବରେ (*ମାଆ ସତେଅବା ଗୋଟାଏ ଫିଲ୍ମ ଫିଟି ଫିଟି ଯାଉଥିବା ପରି ଇଙ୍ଗିତ କଲେ*) ଦେଖୁଥିଲି, ଏହା ବଦଳି ବଦଳି ଯାଉଥିଲା । କେହି ଜଣେ ମୋର ନିକଟବର୍ତ୍ତୀ ହୋଇ ଆସୁଥିଲେ : ଏଥିରେ ବି ଏକ ପରିବର୍ତ୍ତନ ଘଟିବାରେ ଲାଗିଥିଲା । କୌଣସି ବ୍ୟକ୍ତିର ଜୀବନରେ କୌଣସି ଏକ ଘଟଣା ଘଟୁଥିଲା : ଏଥିରେ ବି ପରିବର୍ତ୍ତନ ହେବାରେ ଲାଗିଥିଲା । ଦିନେ ମୋ' ପାଖରେ 'ଖ' ଆଉ 'ଗ' ବସିଥାଆନ୍ତି ।... ସେମାନଙ୍କର ଜୀବନରେ କ'ଣ ଘଟିଲା କେଜାଣି : ସେମାନେ ଅତିମାନସ ଭାବରେ ପ୍ରତୀତ ହେବାକୁ ଲାଗିଲେ । ଆଉଦିନେ, ମୁଁ ବାହାରକୁ ହୁଏତ ବିପଦରେ ପଡ଼ିଥିବା ପରି ପ୍ରତୀତ ହେଉଥିଲି । କେଜାଣି କ'ଣ ହେଉଥିଲା, ମାତ୍ର ସେହି ସମଗ୍ର ଦିନ, କେତେ କେତେ ପ୍ରତିରୂପ (ଠିକ୍ ''ପ୍ରତିରୂପ'' ନୁହନ୍ତି, ମୁଁ ଯେଉଁଠାରେ ଥିଲି, ସେହିସବୁ ସ୍ଥାନ), ଏଇଟି ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ଭାବରେ ସୁନ୍ଦର ହୋଇ ରହିଥିଲା, ସମଞ୍ଜସତାଯୁକ୍ତ ହୋଇ ରହିଥିଲା ।... ଏହା ପ୍ରକୃତରେ ଅନିର୍ବଚନୀୟ, ଏକାନ୍ତ ଅନିର୍ବଚନୀୟ ହୋଇ ରହିଥିଲା । ଏବଂ ତା'ପରେ, ସେମାନଙ୍କର ଚେତନା ମଧ୍ୟରେ ଏତେଟିକିଏ ବଦଳିବାକୁ ଆରମ୍ଭ କଲା ମାତ୍ରକେ ସବୁକିଛି ବି ବଦଳିବାକୁ ଆରମ୍ଭ କରୁଥିଲା । ସତେ ଯେପରି ଦିନରାତି ଅବିଚ୍ଛିନ୍ନ ଭାବରେ କେତେ ଭଳି କେତେ ମୂର୍ତ୍ତି ପ୍ରକଟ ହୋଇଯିବାରେ ଲାଗିଥିଲା । ସେଇଟିକୁ ଯଦି ପ୍ରକୃତରେ ଲିପିବଦ୍ଧ କରାଯାଇ ପାରିଥାନ୍ତା... ଏହା ପ୍ରକୃତରେ ଅସାଧାରଣ, ଭାରି ଅସାଧାରଣ ଥିଲା । ଏବଂ, ଶରୀର ମଧ୍ୟ ତାହାରି ଭିତରେ ପ୍ରବିଷ୍ଟ ହୋଇ ରହିଥିଲା,– ହଁ, ପ୍ରାୟ ସରନ୍ଧ୍ର ହୋଇ ରହିଥିଲା । ସେହି କ୍ଷେତ୍ରରେ ଆଦୌ କୌଣସି ପ୍ରତିରୋଧ ନ ଥିଲା, ସତେଅବା ବସ୍ତୁଟି ଅବଲୀଳାକ୍ରମେ ଭେଦି ଭିତରକୁ ଚାଲିଯାଇ ପାରୁଥିଲା ।

ଏହିପରି ଅତୀବ ଆଶ୍ଚର୍ଯ୍ୟପୂର୍ଣ୍ଣ ଭାବରେ ମୁଁ କେତୋଟି ମୁହୂର୍ତ୍ତକୁ ଅନୁଭବ କରିଥିଲି; ଏହି ମୁହୂର୍ତ୍ତଗୁଡ଼ିକୁ ଏହି ଧରଣୀ ଉପରେ ସବୁଠାରୁ ଅଧିକ ଅଦ୍ଭୁତ କେତୋଟି ମୁହୂର୍ତ୍ତ ବୋଲି କହିବାକୁ ହେବ ।

ଏବଂ ତାପରେ, ତାହା ଅତୀବ ଅଭିବ୍ୟଞ୍ଜକ ହୋଇ ରହିଥିଲା, କେତେକେତେ କଥାକୁ ଆଣି ଉଦ୍‌ଘାଟିତ କରି ଦେଉଥିଲା । ପ୍ରକୃତରେ କେଡ଼େ ଅଭିବ୍ୟଞ୍ଜକ ହୋଇ ରହିଥିଲା । ଦିନେ ରାତିରେ ଦୁଇଘଣ୍ଟା ଧରି ମୁଁ ଏହି ଯେଉଁ ମନ୍ଦିରଗୁଡ଼ିକ ବିଷୟରେ (ଏଗୁଡ଼ିକର କୌଣସି ସ୍ଥୂଳ ଅସ୍ତିତ୍ୱ ନାହିଁ) କହୁଥିଲି,– ଏଡ଼େ ବିପୁଳ ଓ ବିଶାଳ ମନ୍ଦିରଗୁଡ଼ିକ,– ...ସେଗୁଡ଼ିକରେ କୌଣସି ମୂର୍ତ୍ତି ନ ଥିଲେ, **ଜୀବନ୍ତ** ଦେବତାମାନେ ରହିଥିଲେ । ଏବଂ, ଏଗୁଡ଼ିକ ଯେ ପ୍ରକୃତରେ କ'ଣ ମୁଁ ସେକଥା ଭଲ କରି ଜାଣିଛି ।

ଏବଂ ତା'ପରେ, ପରମ ଚିରନ୍ତନ ବିଷୟରେ ସେହି ଚେତନାଯୁକ୍ତ ହୋଇ ରହିବାର ଅବସ୍ଥା,... ସତେଯେପରି ସର୍ବୋପରି ସେହି ଚେତନାଟିହିଁ ବର୍ତ୍ତମାନ ହୋଇ ରହିଥିଲା ।

ଏହିପରି **ଅସାଧାରଣ** କେତେ କେତେ ବସ୍ତୁ ରହିଥିଲା, ମାତ୍ର ସେଗୁଡ଼ିକୁ ଏକାଠି ସମ୍ବନ୍ଧିତ କରି କିପରି କୁହାଯାଇ ପାରିବ ?... ତାହା ଅସମ୍ଭବ, ସମ୍ପୂର୍ଣ୍ଣ ଅସମ୍ଭବ । ସେଗୁଡ଼ିକୁ ଲେଖି ପାରିବାକୁ ବି ଚେତନା କଦାପି ଯଥେଷ୍ଟ ହେବ ନାହିଁ ।

*ଟିପ୍ପଣୀରେ ଆହୁରି ଲେଖାଅଛି :*

*''ଏହି ଶାରୀର ଚେତନାର ଆସ୍ଥାନ ଓ କ୍ଷେତ୍ରଟି, ତଥା ତାହାର କ୍ରିୟାଶୀଳ ହୋଇ ରହିବାର ଗୁଣାତ୍ମକତା ସେହି କ୍ଷେତ୍ରରେ ବିଦ୍ୟମାନ ରହିଥିବା ସତ୍ତାମାନଙ୍କ ଅନୁସାରେ ପରିବର୍ତ୍ତିତ ହେଉଥାଏ ଓ ଅଲଗା ଅଲଗା ହୋଇ ରହିଥାଏ; ଭୌତିକତମରୁ ଆଧ୍ୟାତ୍ମିକତମ ଏକ ସମଗ୍ର ଧାରାରେ ବଦଳୁଥାଏ ଓ ଭିନ୍ନ ହୋଇ ରହିଥାଏ, ଏବଂ ବୁଦ୍ଧିଗତ କ୍ରିୟାତ୍ମକତାର ଯାବତୀୟ ବୈଚିତ୍ର୍ୟର ମଧ୍ୟ ଦେଇ ଗତି କରୁଥାଏ ।*

*''ମାତ୍ର ପରମ ଉପସ୍ଥିତିର ଅବବୋଧଟି ସତତ ବିଦ୍ୟମାନ ରହିଥାଏ ଏବଂ ଯାବତୀୟ ସକଳ ଚେତନାସ୍ଥିତି ସହିତ ସମ୍ବନ୍ଧିତ ହୋଇ ରହିଥାଏ ।''*

ହଁ, ମୁଁ ଏହି କଥାଟି ବିଷୟରେ ସଜ୍ଞାନ ହୋଇ ପାରିଥିଲି ଯେ, କୋଷଗୁଡ଼ିକ, ସର୍ବତ୍ର ଠିକ୍ ଏହିପରି ଭାବରେ, ସର୍ବଦା ଓ ସର୍ବକ୍ଷଣରେ ସେମାନଙ୍କର ମନ୍ତ୍ରଟିକୁ ବାରବାର ଜପ କରିବାରେ ଲାଗିଥିଲେ ।

*''ଏବଂ, ଏକ 'ତରଳ' ଶାନ୍ତିମୟ ଅବସ୍ଥାରେ ମନ୍ତ୍ରଟିର ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଏବଂ ସ୍ୱୟଂପ୍ରେରିତ ଉଚ୍ଚାରଣ ହେବାରେ ଲାଗିଥିଲା ।''*

ଏହି କାରଣରୁହିଁ ଏହାକୁ କଦାପି କଷ୍ଟଭୋଗ ବୋଲି କୁହାଯାଇ ପାରିବ ନାହିଁ; ଶରୀର ଅସୁସ୍ଥ ବା ପୀଡ଼ିତ ଥିଲା ବୋଲି ମଧ୍ୟ କୁହାଯିବ ନାହିଁ । ଏହି କ୍ଷେତ୍ରରେ ତାହା କଦାପି ସମ୍ଭବ ନୁହେଁ, କଦାପି ସମ୍ଭବ ନୁହେଁ ।

## ୨୫ ସେପ୍ଟେମ୍ବର୍ ୧୯୬୮

କେତେ ଦିନର କେତେକ ପୁରୁଣା କାଗଜ ମୁଁ ଏବେ ପାଇଛି । ସେଥିରେ କ'ଣସବୁ ଲେଖା ହୋଇଛି ମୁଁ ଜାଣେ ନାହିଁ । ସେଥିରେ ତୁମ ପାଖରୁ ଆସିଥିବା ଗୋଟିଏ ଲଫାପା ବି ଅଛି ।

> *ଶ୍ରୀଅରବିନ୍ଦଙ୍କ ଲିଖିତ ''ସୂତ୍ରାବଳୀ'' ବିଷୟରେ ଏଥିରେ ଏକ ପ୍ରଶ୍ନ ପଚରା ଯାଇଛି ।*
>
> *''ଯେତେବେଳେ ମୁଁ ଧାର୍ମିକତା ଦ୍ୱାରା ପ୍ରଣୋଦିତ କୌଣସି ରୋଷ ପ୍ରକାଶ ବିଷୟରେ ଶୁଣିବାକୁ ପାଏ, ସେତେବେଳେ, ଆପଣାକୁ ପ୍ରତାରିତ କରି ରଖିବାର କେତେ ସାମର୍ଥ୍ୟ ଯେ ଏହି ମଣିଷ ଭିତରେ ରହିଛି, ସେହି ବିଷୟରେ ମୁଁ ପ୍ରକୃତରେ ବିସ୍ମୟ ପ୍ରକାଶ କରିଥାଏ ।''*
>
> *('ବିଚାର ଓ ସୂତ୍ରାବଳୀ' ସମ୍ବନ୍ଧରେ) — ଶ୍ରୀଅରବିନ୍ଦ*

ଏହା ଏକ ଚମତ୍କାର ମନ୍ତବ୍ୟ !

> *ତା'ପରେ ପ୍ରଶ୍ନଟିଏ ବି ରହିଥିଲା : ''ସର୍ବଦା 'ସଦ୍ ବିଶ୍ୱାସ'ର ସହିତହିଁ ଜଣେ ମଣିଷ ଆପଣାକୁ ପ୍ରତାରିତ କରିଥାଏ : ଏଥିରେ କୌଣସି ସନ୍ଦେହ ନାହିଁ ଯେ, ସର୍ବଦା ଅନ୍ୟମାନଙ୍କର ମଙ୍ଗଳ ପାଇଁ, ମନୁଷ୍ୟସମାଜର ହିତସାଧନ କରିବା ପାଇଁ ଅଥବା ଆପଣଙ୍କର ସେବା କରିବା ପାଇଁ ଜଣେ ବ୍ୟକ୍ତି ଯାହାକିଛି କାର୍ଯ୍ୟ କରିଥାଏ । ତେବେ ଏହି କ୍ଷେତ୍ରରେ ଆପଣାକୁ ପ୍ରତାରଣା କରିବା କିପରି ସମ୍ଭବ ହୁଏ, ଓ ସେହି ପ୍ରତାରଣାକୁ ଯଥାର୍ଥ ଭାବରେ ଜାଣିବାର ଉପାୟ ବା କ'ଣ ?''**

ଏହି କଥାଟି ଭୟଙ୍କର ଭାବରେ ସତ୍ୟ ।

ଏପରିକି କାଲି, ଏହି ବିଷୟଟିକୁ ନ ପଢ଼ି ମଧ୍ୟ, ଏହି ବିଷୟରେ ମୋ'ର ଦୀର୍ଘକାଳ ବ୍ୟାପୀ ଏକ ଲୋକନ ହୋଇଥିଲା । ଏହା ପ୍ରକୃତରେ ବଡ଼ ବିସ୍ମୟଜନକ । ମାତ୍ର ଏହା ସମ୍ପୂର୍ଣ୍ଣ ଭାବରେ ଆଉଏକ ଭୂମିରେ ହୋଇଥିଲା...

---

* *ମାଆ ଦେଇଥିବା ଏହି ପ୍ରଶ୍ନର ଉତ୍ତରଟି 'ମାତୃ-ରଚନାବଳୀ', ଶତବାର୍ଷିକୀ ସଂସ୍କରଣର ୧୦ମ ଖଣ୍ଡ, ପୃଷ୍ଠା ୮୦-୮୨(ଇଂ)ରେ ପ୍ରକାଶିତ ହୋଇଛି ।*

ହଁ, ଆପଣାର କାର୍ଯ୍ୟଟି ଲାଗି ଯେତେବେଳେ ତୁମେ ନିଜ ମନର ଉଚ୍ଚତର ଅଂଶଟିକୁ ବିଚାରକଙ୍କ ଆସନରେ ନେଇ ବସାଇଦିଅ, ସେତେବେଳେ ତୁମେ ‘‘ସଦ୍‌ବିଶ୍ୱାସ ସହିତ ଆପଣାର ପ୍ରତାରଣାହିଁ କରିଥାଅ’’ । ଅର୍ଥାତ୍, ମନ ଅସଲ ସତ୍ୟଟିକୁ ଦେଖିବା ଲାଗି ଆଦୌ ସମର୍ଥ ହୁଏ ନାହିଁ ଏବଂ ତେଣୁ ଆପଣାର ଅତ୍ୟନ୍ତ ପରିମାଣରେ ସୀମିତ ଶକ୍ତି ଦ୍ୱାରାହିଁ ତାହା ସବୁକିଛିର ବିଚାର କରିଥାଏ । ତାହାର ଶକ୍ତି ଯେ କେବଳ ଅତି ସୀମିତ ହୋଇ ରହିଥାଏ ସେତିକି ନୁହେଁ, ତାହା ସତ୍ୟ ବିଷୟରେ ଅଜ୍ଞାନ ହୋଇ ମଧ୍ୟ ରହିଥାଏ । ତେଣୁ ମନ, ପୂର୍ଣ୍ଣ ବିଶ୍ୱାସର ସହିତ, ଯେତିକି ପାରେ, ସେତିକି ପର୍ଯ୍ୟନ୍ତ ଉତ୍ତମ ଭାବରେ ସବୁକିଛି କରେ । ନୁହେଁ ?

ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଯେଉଁମାନେ ଆପଣାର ଚୈତ୍ୟ ଭୂମିଟି ବିଷୟରେ ସମ୍ପୂର୍ଣ୍ଣ ଭାବରେ ସଚେତ ହୋଇ ରହିଥାନ୍ତି, ସେମାନଙ୍କର ଆପଣାକୁ ପ୍ରତାରିତ କରିବା ପ୍ରକୃତରେ ସମ୍ଭବ ହୁଏ ନାହିଁ; କାରଣ, ଆପଣାର ସମସ୍ୟାଟିକୁ ନେଇ ଚୈତ୍ୟ-ସୋପାନଟି ସମ୍ମୁଖରେ ରଖିଦେଇ ପାରିଲେ, ସେମାନଙ୍କୁ ସେହିଠାରୁହିଁ ପ୍ରଶ୍ନଟିର ଏକ ଦିବ୍ୟ ଉତ୍ତର ପ୍ରାପ୍ତ ହୋଇଯାଏ । ମାତ୍ର, ଚୈତ୍ୟ ଭୂମିଟି ସହିତ ସମ୍ବନ୍ଧ ରଖିଥିବା ବ୍ୟକ୍ତିମାନଙ୍କର କ୍ଷେତ୍ରରେ ମଧ୍ୟ, ସେମାନଙ୍କୁ ମିଳୁଥିବା ଉତ୍ତରଟି କଦାପି ଠିକ୍ ମନର ଭୂମିରେ ପ୍ରାପ୍ତ ହେଉଥିବା ଉତ୍ତର ପରି ହୋଇ ରହି ନ ଥାଏ । ଚୈତ୍ୟ ଭୂମିରୁ ପ୍ରାପ୍ତ ଉତ୍ତରଟି ସୁନିର୍ଦ୍ଦିଷ୍ଟ, ଅସନ୍ଦିଗ୍ଧ, ସୁସ୍ପଷ୍ଟ ଏବଂ ପ୍ରଭାବଶାଳୀ ହୋଇ ରହିଥାଏ; ଏହାକୁ କେବଳ ପ୍ରଭାବଶାଳୀ ବୋଲି ନ କହି ଅଧିକ ପରିମାଣରେ ଏକ **ପ୍ରବୃତ୍ତିବାଚକ** ଘଟଣା ବୋଲି କୁହାଯାଇ ପାରିବ । ଏହା ଏପରି ଏକ ବସ୍ତୁ ହୋଇ ରହିଥାଏ, ମନ ତଥାପି ଯାହାର ବିଭିନ୍ନ ପ୍ରକାରର ବ୍ୟାଖ୍ୟା କରିବାକୁ ବି ସମର୍ଥ ହୋଇଯାଏ ।

ବର୍ତ୍ତମାନ ମୁଁ ମୋର କାଲି ହୋଇଥିବା ଅନୁଭବଟି ବିଷୟରେ କହିବି । ସେଇଟି ଉପରେ ଦୃଷ୍ଟିପାତ କରି ସାରିବା ପରେ ମୁଁ ଏହି ସିଦ୍ଧାନ୍ତଟିରେ ଆସି ପହଞ୍ଚିଲି ଯେ, ପ୍ରତ୍ୟେକ ବ୍ୟକ୍ତି କେବଳ ଆପଣାର ଚେତନା ଅନୁସାରେହିଁ କୌଣସି କାର୍ଯ୍ୟକୁ ଯଥାସମ୍ଭବ ଅଧିକ ଉତ୍ତମ ଭାବରେ କରିଥାଏ; ତେଣୁ ତାକୁ ତା’ର ସେହି କାର୍ଯ୍ୟ ପାଇଁ ଗାଳି ଦେବା ଆଦୌ ସମ୍ଭବ ନୁହେଁ । କାରଣ, ଆପଣା ଚେତନାର ବାହାରକୁ ଯାଇ ସିଏ କିପରି ଆଉ ଅନ୍ୟକିଛି କରି ପାରିଥା’ନ୍ତା ?... ଅଧିକାଂଶ ମନୁଷ୍ୟ ଠିକ୍ ସେହି ଭୁଲ୍‌ଟିକୁହିଁ କରିଥାନ୍ତି : ସେମାନେ ଆପଣା ଆପଣାର ଚେତନା ଅନୁସାରେ ପରସ୍ପରର ବିଚାର କରିଥାନ୍ତି, ମାତ୍ର ଯାହାର ବିଚାର କରାଯାଉଥାଏ, ସେହି ଅନ୍ୟ ଜଣକ ପାଖରେ ସେମାନଙ୍କର ଆପଣାର ଚେତନାଟି ଆଦୌ ନ ଥାଏ ! ତେଣୁ ସେମାନେ ମୋଟେ ବିଚାର କରିପାରନ୍ତି ନାହିଁ (ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହି କ୍ଷେତ୍ରରେ ମୁଁ କେବଳ ସଦିଚ୍ଛା ରହିଥିବା

ବ୍ୟକ୍ତିମାନଙ୍କର କଥାହିଁ କହୁଛି) । ଅପେକ୍ଷାକୃତ ଅଧିକ ସମଗ୍ର ଏକ ଚେତନାର ଦୃଷ୍ଟିରେ ଆଉ ଜଣେ ବ୍ୟକ୍ତି ନିଜକୁ ପ୍ରକୃତରେ ପ୍ରତାରିତ କରୁଥାଏ; ମାତ୍ର ତା' ନିଜ ଚେତନାଟିର ପରିପ୍ରେକ୍ଷୀରେ ବିଚାର କରି ଦେଖିଲେ, ତାହାର ଯାହା କରିବାର କଥା, ସେହି ବିଷୟରେ ତା'ର ରହିଥିବା ବିଶ୍ୱାସଟି ଅନୁସାରେହିଁ ସିଏ ଯଥାଶକ୍ତି ଯାହାକିଛି କରିଥାଏ ।

ଏଥିରୁ ଏହି ନିଷ୍କର୍ଷଟି ବାହାରୁଛି ଯେ, ଆପଣାର ସୀମିତ ଚେତନାର ଭୂମି ଉପରେ ଯେଉଁ ବ୍ୟକ୍ତି ନିଷ୍ପାପର ଭାବରେ ଆପଣାର ଯାବତୀୟ କାର୍ଯ୍ୟ କରୁଛି, ତାକୁ ସେଥିଲାଗି ଦୋଷୀ କରିବା ଆଦୌ କୌଣସି କ୍ଷେତ୍ରରେ ସମ୍ଭବ ହେବ ନାହିଁ । ଏବଂ ବସ୍ତୁତଃ ଯଦି ସେହି କଥାଟିକୁ ସ୍ୱୀକାର କରି ନିଆଯାଏ, ତେବେ କହିବାକୁ ହେବ ଯେ **କେବଳ** ସେହି ପରମଚେତନାଙ୍କ ବ୍ୟତୀତ ପୃଥିବୀରେ ପ୍ରତ୍ୟେକ ବ୍ୟକ୍ତିର କେବଳ ଏକ ସୀମିତ ଚେତନାହିଁ ରହିଛି । **କେବଳ** ସେହି ପରମଚେତନା ଆଦୌ ସୀମାବଦ୍ଧ ହୋଇ ରହି ନାହାନ୍ତି । ମାତ୍ର ବିଶ୍ୱର ଯାବତୀୟ ରୂପାୟନ ନିୟମତଃ ସୀମା ଦ୍ୱାରା ଆବଦ୍ଧ ହୋଇ ରହିଛି । ଅବଶ୍ୟ, ଯେତେବେଳେ ତାହା ନିଜର ସୀମାଟି ମଧ୍ୟରୁ ବାହାରି ଆସୁଛି ଏବଂ ସର୍ବୋଚ୍ଚ ପରମଚେତନା ସହିତ ନିଜକୁ ସମ୍ମିଳିତ କରି ଦେଉଛି, ସେତେବେଳେ ତାହା... ତେବେ କେଉଁସବୁ ଅବସ୍ଥାରେ ତାହା କରିବା ସମ୍ଭବ ହେବ ?

ତେଣୁ, ସମସ୍ୟାଟି ହେଉଛି ସର୍ବୋଚ୍ଚ ପରମସତ୍ତାଙ୍କ ସହିତ ସମ୍ମିଳିତ ଓ ତଦାତ୍ମ ହୋଇପାରିବାର ସମସ୍ୟା । ସେହି ସତ୍ତା ହେଉଛନ୍ତି ଅଦ୍ୱିତୀୟ ସତ୍ତା, ଯିଏକି ସର୍ବସମାବିଷ୍ଟ ହୋଇ ରହିଛନ୍ତି ।

(*ମାଆ ନୀରବ ରହିଲେ*)

ମନୁଷ୍ୟ-ଭାବନାର ଏପରି ଗୋଟିଏ ସମଗ୍ର ପାଖ ରହିଛି, ଯାହା ବିଚାର କରୁଥାଏ ଯେ, କେବଳ ବ୍ୟକ୍ତିମୟ ସୃଷ୍ଟିଟିକୁ କାଟିଦେଇ ପାରିଲେ ଯାଇ ସର୍ବୋଚ୍ଚ ପରମଚେତନାଙ୍କ ସହିତ ତଦାତ୍ମକତା ସମ୍ଭବ ହୋଇପାରିବ । ମାତ୍ର ଶ୍ରୀଅରବିନ୍ଦ ଅତ୍ୟନ୍ତ ସୁନିର୍ଦ୍ଦିଷ୍ଟ ଭାବରେ କହି ଯାଇଛନ୍ତି ଯେ, ସୃଷ୍ଟିର ବିଲୋପସାଧନ ନ କରି ମଧ୍ୟ ତାହା ସମ୍ଭବ ହେବ । ସେମାନଙ୍କର ଏପରି ଏକ ଧାରଣା ରହିଛି ଯେ, ଏଥିଲାଗି ସୃଷ୍ଟିର ବିଲୋପସାଧନ କରିବାକୁ ପଡ଼ିବ; କାରଣ, ସୃଷ୍ଟି କହିଲେ ସେମାନେ ମନୁଷ୍ୟର ସ୍ତର ପର୍ଯ୍ୟନ୍ତହିଁ ଏହି ସଂସାରକୁ ବୁଝିଥାନ୍ତି । ମନୁଷ୍ୟ ଲାଗି ଏହା ଅସମ୍ଭବ ସତ, ମାତ୍ର ଅତିମାନସ ସତ୍ତା ଲାଗି ଅବଶ୍ୟ ସମ୍ଭବ । ଏବଂ, ଏହି କାରଣରୁହିଁ ଅତିମାନସ ସତ୍ତା ମୂଳତଃ ଏକ ଭିନ୍ନ ପ୍ରକାରର ହେବ : ଆପଣାର ସୀମାସୂଚକ ଆକାରଟିକୁ ପରିତ୍ୟାଗ ନ କରି ମଧ୍ୟ ସିଏ ଆପଣାର ଚେତନାକୁ ସର୍ବୋଚ୍ଚ ପରମଚେତନା ସହିତ ସମ୍ମିଳିତ କରିଦେଇ ପାରିବ ।

ମାତ୍ର ମଣିଷ ଲାଗି ତାହା ସମ୍ଭବ ହେବ ନାହିଁ । ମୁଁ ସେ କଥା ଖୁବ୍ ଭଲ କରି ଜାଣିଛି ।

ମୁଁ ଆଗରୁ ଯେପରି କହିଛି, ତୁମର ସେହି ଅନୁଭବଟି ଅବଶ୍ୟ ରହିଥିବ ସତ, ମାତ୍ର, ସେଇଟିକୁ ଶବ୍ଦ ଦେଇ ପ୍ରକାଶ କରିବାକୁ ଇଚ୍ଛା କରିବା ମାତ୍ରକେ ତାହା କୁଆଡ଼େ ଅନ୍ତର୍ହିତ ହୋଇଯିବ । ତାହା ପୁଣି... (*ମାଆ ବନ୍ଦ ହୋଇଯିବାର ଇଙ୍ଗିତ କଲେ*) । ଅର୍ଥାତ୍, ଆମେସବୁ ଯେଉଁ ଉପାଦାନରେ ଗଠିତ ହୋଇଛୁ, ତାହା ଯଥେଷ୍ଟ ପରିମାଣରେ ଆଦୌ ଶୁଦ୍ଧ, ଆଲୋକିତ ଓ ରୂପାନ୍ତରିତ (ଏହାକୁ ଯେକୌଣସି ଶବ୍ଦ ଦ୍ୱାରା ବର୍ଣ୍ଣନା କରି କୁହା ଯାଇପାରେ) ହୋଇ ନାହିଁ, ଏବଂ ତେଣୁ, ତାହା ସର୍ବୋଚ୍ଚ ପରମସତ୍ତାଙ୍କୁ କଦାପି ଅବିକୃତ ଭାବରେ ପ୍ରକାଶ କରିପାରିବ ନାହିଁ ।

(*ମାଆ ନୀରବ ରହିଲେ, ଏକ ଅନୁଭୂତି ମଧ୍ୟରେ ପ୍ରବେଶ କଲେ*)

ଭୌତିକ ଜଡ଼ ମଧ୍ୟରେ ଅର୍ଥାତ୍ ମୂଳ ଜଡ଼ ଉପାଦାନ ମଧ୍ୟରେ ଏପରି ଏକ ଅସ୍ୱଚ୍ଛତା ରହିଛି ଯାହାକି ଚେତନାର ଅଭିବ୍ୟକ୍ତିରେ ତାକୁ ଅସମର୍ଥ କରେ ।... ଏବଂ ଠିକ୍ ଏହି (କଥାଟିକୁ କିପରି ଶବ୍ଦ ଦେଇ ପ୍ରକାଶ କରିହେବ କେଜାଣି ?) ଅସ୍ୱଚ୍ଛତାଟିହିଁ ଅସ୍ତିତ୍ୱର ଏକ ଧାରଣା ଆଣି ଦେଇଥାଏ ।

ଏସବୁ ହେଉଛି ମୋ'ର ଗତ କେତେଦିନ ମଧ୍ୟରେ ହୋଇଥିବା ଅଭିଜ୍ଞତାର ଅଂଶ... ମୁଁ ପ୍ରାୟ କେତେ କେତେ ସପ୍ତାହ ଧରି ଏହିପରି ଏକ ତରଳତାର – ସ୍ୱଚ୍ଛ ତରଳତାର ସ୍ଥିତିରେ ବାସ କରିଛି;– ଏବଂ, ଯେତେବେଳେ ମୁଁ ବର୍ତ୍ତମାନ ଯେଉଁ ''ଅସ୍ୱଚ୍ଛତାଟିର'' କଥା କହୁଥିଲି, ସେଇଟି ଆସି ଏହି ସ୍ୱଚ୍ଛ ତରଳତାର ସ୍ଥାନଟିକୁ ଅଧିକାର କରିନିଏ, ସେତିକିବେଳେ ଯାଇ ଶରୀରର ଅସ୍ତିତ୍ୱଟି ମୂର୍ତ୍ତ ଭାବରେ ଅନୁଭୂତ ହୋଇଥାଏ ।

ତେଣୁ, ଶରୀରର ଉପାଦାନଟି ସହିତ ଚୈତ୍ୟସତ୍ତାର ପ୍ରତ୍ୟକ୍ଷ ସଂସ୍ପର୍ଶ ଘଟିଲେ ଯାଇ – ସେତେବେଳେ ମଧ୍ୟବର୍ତ୍ତୀ କୌଣସି ସୋପାନାନ୍ତର ନ ଥାଏ – ଉକ୍ତ ଇନ୍ଦ୍ରିୟାନୁଭବଟି... ଏହାକୁ ଏକ ''ଇନ୍ଦ୍ରିୟାନୁଭବ'' ବୋଲି କୁହାଯିବ କି ? ମୁଁ କିଛି କହିପାରୁ ନାହିଁ । ଏହା ଆଦୌ ଏକ ଇନ୍ଦ୍ରିୟାନୁଭବ ନୁହେଁ, ଏହା ମୋଟେ କୌଣସି ଇନ୍ଦ୍ରିୟବୋଧ ନୁହେଁ; ତାହାକୁ ଗୋଟାଏ ପ୍ରକାରର ''ଅନୁଭୂତ ଲୋକନ'' ବୋଲି କୁହାଯାଇ ପାରିବ (ଏବଂ, ଏହି ଲୋକନଟି ସର୍ବଦା ଅତ୍ୟନ୍ତ ସୁନିର୍ଦ୍ଦିଷ୍ଟ ଓ ସୁସ୍ପଷ୍ଟ ହୋଇ ରହିଥାଏ) । ଅପେକ୍ଷାକୃତ ଅଧିକ ପ୍ରତ୍ୟକ୍ଷ ଭାବରେ ଯେଉଁ ଉଚ୍ଚତର ସ୍ପନ୍ଦନଟି ସେହି ସର୍ବୋଚ୍ଚ ପରମସ୍ପନ୍ଦନର ଅଭିବ୍ୟକ୍ତି କରିଦେବାରେ ଲାଗିଥାଏ (ଏହି ବିଷୟରେ ମୁଁ କେବଳ ସେତିକି

କହିପାରିବି), ତାହାରି ପରିପ୍ରେକ୍ଷୀରେ ସଂଜାତ ହେଉଥିବା ସ୍ପନ୍ଦନଗୁଡ଼ିକର ମୂଲ୍ୟଟି ବିଷୟରେ ତାହାକୁ ଗୋଟାଏ ପ୍ରକାରର ''ଅନୁଭୂତ ଲୋକନ'' ବୋଲି କୁହାଯାଇ ପାରିବ ।

ଏସବୁକୁ କଥାରେ ପ୍ରକାଶ କରି କହିବା ପ୍ରକୃତରେ ଭାରି କଷ୍ଟକର,– ମାତ୍ର ଶରୀର ବର୍ତ୍ତମାନ ଏପରି ଏକ ଅଭିଜ୍ଞତା ମଧ୍ୟଦେଇ ଗତି କରୁଛି, ଯେଉଁ ଅଭିଜ୍ଞତା କି ତାହାର ଆଗରୁ କେବେହେଲେ ହୋଇ ନ ଥିଲା । ତାହା ସତେଅବା ଏକ ଅନୁଭବର କେବଳ ଗୋଟିଏ ଧାରଣାରୁହିଁ ଏକ ସୁନିର୍ଦ୍ଦିଷ୍ଟ ସ୍ତରକୁ ଗତି କରିବାରେ ଲାଗିଛି, ଏକ ପ୍ରକାରର ତରଳତାରୁ... କୌଣସି ମୂର୍ତ୍ତ ବସ୍ତୁରୁ ନୁହେଁ, ମାତ୍ର ଏକ ତରଳ, ତରଳ ଏବଂ ସୁନିର୍ଦ୍ଦିଷ୍ଟତାହୀନ – ବସ୍ତୁରୁ ଏକ ସୁନିର୍ଦ୍ଦିଷ୍ଟ ବସ୍ତୁର ସ୍ତରକୁ ଗତି କରିବାରେ ଲାଗିଛି । ବୈଚିତ୍ର୍ୟମୟ ଯାବତୀୟ ଘଟଣା (ତାହା ଯେଡ଼େ ସାମାନ୍ୟ ହୋଇଥାଉ ପଛକେ) ଏକ ନୂତନ ଅବବୋଧ ଲାଗି ଅବସର ଯୋଗାଇ ଦେଉଛି । ଆଗରୁ ସବୁକିଛି କେବଳ ତରଳ ଏବଂ ସୁନିର୍ଦ୍ଦିଷ୍ଟତାହୀନ ହୋଇ ରହିଥିଲା । ଏବେ ତାହା ଅଧିକ ସୁନିର୍ଦ୍ଦିଷ୍ଟ ହେବାକୁ ଆରମ୍ଭ କରୁଛି,– ଅଧିକ ସୁନିର୍ଦ୍ଦିଷ୍ଟ ଓ ଅଧିକ ଯଥାର୍ଥ ହେବାକୁ ଆରମ୍ଭ କରୁଛି । ମାତ୍ର ତାହା ଆପଣାର ତରଳତାକୁ ଅବଶ୍ୟ କିଞ୍ଚିତ୍ ପରିମାଣରେ ହରାଇ ବସୁଛି ।

ଏସବୁକୁ କଥାରେ ପ୍ରକାଶ କରି କହିବା ବଡ଼ କଷ୍ଟକର ।

ଆଗରୁ ମୁଁ ଏହି ବିଷୟରେ ଆଦୌ କିଛି ବି ଭାବି ନ ଥିଲି । ବଡ଼ ଆଶ୍ଚର୍ଯ୍ୟର କଥା ଯେ ମୁଁ ଏହା ଇଚ୍ଛା ବି କରି ନ ଥିଲି । ଏହି ଅଭିଜ୍ଞତାଟି ମୋ'ର ଠିକ୍ ବର୍ତ୍ତମାନ ହେଲା । ତେଣୁ ଏବେ ମଧ୍ୟ ତାହା ଅତ୍ୟନ୍ତ ସ୍ପଷ୍ଟ ହୋଇପାରି ନାହିଁ ।

ବସ୍ତୁତଃ, ମନହିଁ ଆମକୁ ଏପରି ଏକ ସୁନିର୍ଦ୍ଦିଷ୍ଟତା ଆଣି ଦେଇଥାଏ, ଯାହାକି ମନ ନ ଥିଲା ବେଳେ ଆଦୌ ଉପସ୍ଥିତ ନ ଥାଏ । ସୃଷ୍ଟିର କ୍ଷେତ୍ରରେ ଏହାର ଭୂମିକା ହେଉଛି ସୁନିର୍ଦ୍ଦିଷ୍ଟତା ଆଣିଦେବା, ବ୍ୟାଖ୍ୟା କରି କହିଦେବା, ଏବଂ ତା' ସଙ୍ଗେ ସଙ୍ଗେ ସୀମାବଦ୍ଧ ବି କରି ପକାଇବା ।

*ଏକ ସାଧାରଣ ମନ ହୁଏତ ପ୍ରଶ୍ନ କରିବ : ''ମାତ୍ର ଏପରି ସୁନିର୍ଦ୍ଦିଷ୍ଟ ନ ହେବାରୁ ପ୍ରକୃତରେ କି ଲାଭ ହୁଏ ?''*

ଆଦୌ କୌଣସି ଲାଭ ହୁଏ ନାହିଁ ।

ଏହା ସମ୍ପୂର୍ଣ୍ଣ ଭାବରେ ଏକ ନିଶ୍ଚିତ କଥା ଯେ, ଯେତେବେଳେ ପରମ ଅତିମାନସଙ୍କର ପ୍ରକାଶ ଘଟିବ, ସେତେବେଳେ ତାହା ଏହି ହ୍ରାସକାରୀ (ଠିକ୍ କେଉଁସବୁ ଶବ୍ଦ ଦେଇ ସେକଥାଟି କୁହାଯାଇ ପାରିବ ?) ମାନସିକ ସୁନିର୍ଦ୍ଦିଷ୍ଟତାର – ଯେଉଁ ସୁନିର୍ଦ୍ଦିଷ୍ଟତା

4

ସୀମା ଭିତରେ ଛନ୍ଦି କରି ରଖିଦିଏ ଏବଂ ତେଣୁ ବସ୍ତୁଗୁଡ଼ିକୁ ଆଂଶିକ ଭାବରେ ମିଥ୍ୟାଗ୍ରସ୍ତ କରିପକାଏ,— ସ୍ଥାନାପନ୍ନ ରୂପେ ପ୍ରତିଷ୍ଠିତ ହେବ । ସେତେବେଳେ ଲୋକନର କ୍ଷେତ୍ରରେ ଏକ ସ୍ୱଷ୍ଟତା ପ୍ରତିଷ୍ଠିତ ହେବ, ଏପରି ଏକ ଲୋକନ ସମ୍ଭବ ହେବ, ଯାହାକି ଆଦୌ କୌଣସି କଥାକୁ ହ୍ରାସ କରିଦେଉ ନ ଥିବ । ବର୍ତ୍ତମାନ ତାହାରିହିଁ ନିର୍ମାଣ ହେବାରେ ଲାଗିଛି ।

ବସ୍ତୁତଃ କୁହାଯାଇ ପାରିବ (ଅସଲ କଥାଟି ଆଦୌ ଠିକ୍ ଏପରି ନୁହେଁ) : ଏକ ସୁନିର୍ଦ୍ଦିଷ୍ଟତା ଆଣି ଦେଇପାରିବା ଲାଗି ମନ କେତେ ସୀମାର ଅବତାରଣା କରେ ଓ ଅଲଗା ଅଲଗା କରି ଦେଉଥାଏ; ଏବଂ ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଏପରି ଏକ ସୁନିର୍ଦ୍ଦିଷ୍ଟତା ମଧ୍ୟ ରହିଛି, ଯାହାକି ଆଦୌ କୌଣସି ବିଭାଜନ ନ ଥିବା ଏବଂ କୌଣସି ପ୍ରକାର ଅଲଗା ଅଲଗା କରିଦେଉ ନ ଥିବା ଏକ ଅପେକ୍ଷାକୃତ ଅଧିକ ଯଥାର୍ଥ ଲୋକନରୁ ନିଷ୍ପନ୍ନ ହୋଇ ଆସିପାରିବ । ଏବଂ, ସେହି ସୁନିର୍ଦ୍ଦିଷ୍ଟତାକୁ ଅତିମାନସ ଦୃଷ୍ଟିର ସୁନିର୍ଦ୍ଦିଷ୍ଟତା ବୋଲି କୁହାଯିବ । ସେହି ସୁନିର୍ଦ୍ଦିଷ୍ଟତା ସହିତ ଯୁଗପତ୍ ଭାବରେ ଯାବତୀୟ ବସ୍ତୁକୁ ପରସ୍ପରଠାରୁ ଆଦୌ କୌଣସି ପ୍ରକାରେ ଅଲଗା ଅଲଗା କରି ନ ଦେଇ ସେଗୁଡ଼ିକର ପରସ୍ପର ମଧ୍ୟରେ ରହିଥିବା **ସମ୍ବନ୍ଧଟି** ମଧ୍ୟ ଅବଶ୍ୟ ଉପଲବ୍ଧ ହୋଇଯିବ ।

ମାତ୍ର ସେଇଟି ବର୍ତ୍ତମାନ କେବଳ ଏକ ପ୍ରସ୍ତୁତିର ପର୍ଯ୍ୟାୟରେ ରହିଛି । ତାହା ମଝିରେ ମଝିରେ ହଠାତ୍ ଏକ ଝଲକ ପରି ଆସି ଦିଶିଯାଉଛି, କ୍ଷଣକ ସକାଶେ ଦିଶି ଯାଉଛି, ଏବଂ ତା'ପରେ ପୁନର୍ବାର ଆପଣାର ସେହି ପୁରାତନ ଗୁଳାଟି ଭିତରକୁ ବାହୁଡ଼ି ଚାଲିଯାଉଛି ।

ପ୍ରାଣିକ ସ୍ତରଟି ସମ୍ବନ୍ଧରେ ବି ଠିକ୍ ସେହି କଥା କୁହା ଯାଇପାରିବ । ପ୍ରାଣିକ ଏପରି ଏକ ପ୍ରଗାଢ଼ତା ଆଣି ଦେଇଥାଏ, ଯାହାକି ଆଉ କୌଣସିଟି ଦ୍ୱାରା ଆଦୌ ସମ୍ଭବ ହୁଏ ନାହିଁ । ଏବଂ, ଠିକ୍ ଏହି ପ୍ରଗାଢ଼ତା ଅତିମାନସ ଭିତରେ ମଧ୍ୟ ରହିଛି । ମାତ୍ର ସେଥିରେ ଆଦୌ କୌଣସି ବିଭାଜନ ରହି ନାହିଁ । ସେହି ପ୍ରଗାଢ଼ତା ଆଦୌ କୌଣସି ପ୍ରକାରେ ଅଲଗା ଅଲଗା କରିଦେଉ ନାହିଁ ।

ମୋ'ର ଏହି ଦୁଇଟିଯାକ ଅଭିଜ୍ଞତା ରହିଛି, ମାତ୍ର ଅସ୍ଥାୟୀ ଭାବରେ କେବଳ କେତେକ ମୁହୂର୍ତ୍ତ ସକାଶେ ରହିଛି । ବର୍ତ୍ତମାନ ଠିକ୍ ସେହିସବୁ ବସ୍ତୁକୁହିଁ ପ୍ରସ୍ତୁତ କରି ଅଣାଯାଉଛି ।

## ୨୩ ନଭେମ୍ବର ୧୯୬୮

ମୋ'ର ଏକ ଭାରି ଚମତ୍କାର ଅଭିଜ୍ଞତା ହୋଇଛି... କାଲି ରାତିରେ ନୁହେଁ, ପଅରିଦିନ ରାତିରେ । ସେଦିନ ଜଣେ କେହି, ମୁଁ ତାଙ୍କର ନାମକୁ ଉଲ୍ଲେଖ କରିବି ନାହିଁ, ମୋତେ ଆସି କହିଲେ, '' ମୋ'ର ଭୌତିକ ଚେତନା ଇତିମଧ୍ୟରେ ସମ୍ପୂର୍ଣ୍ଣ ଭାବରେ ରସାତଳକୁ ଚାଲିଯାଇଛି : ମୁଁ ଆଉ କୌଣସି ଧ୍ୟାନ କରିପାରୁ ନାହିଁ, ଏବଂ ପରମ ଦିବ୍ୟସତ୍ତା ସତେଯେପରି କୁଆଡ଼େ କେତେ ଉପରେ ମୋ'ଠାରୁ କେତେ ଦୂରରେ ଯାଇ ରହିଛନ୍ତି ।'' ତା'ପରେ, ସେହି ଘଟଣାଟିର ଅବ୍ୟବହିତ ପରେ, ସିଏ ଏହିସବୁ କଥା କହୁଥିବା ସମୟରେ ସମସ୍ତ କୋଠରିଟି ଦିବ୍ୟ ପରମ ଉପସ୍ଥିତି ଦ୍ୱାରା ପରିପୂର୍ଣ୍ଣ ହୋଇ ଉଠିଲା । ମୁଁ ତାଙ୍କୁ କହିଲି, ''ପରମ ଦିବ୍ୟସତ୍ତା ସେଠି ସେହି ଉପରେ ଯାଇ ରହି ନାହାନ୍ତି, ସିଏ **ଏଇଠି**, ଏହିଠାରେହିଁ ଅଛନ୍ତି ।'' ଏବଂ, ସେହି ସମୟରେ, **ସବୁକିଛି**, ସମୁଦାୟ ବାତାବରଣଟି... ମନେ ହେଉଥାଏ, ସତେ ଯେପରି ସେହି ଘରର ବାୟୁହିଁ ସେହି ଦିବ୍ୟ ପରମ ଉପସ୍ଥିତିକୁ ରୂପାନ୍ତରିତ ହୋଇ ଯାଇଛି (*ମାଆ ତାଙ୍କର ହାତ ଦୁଇଟିକୁ ସ୍ପର୍ଶ କଲେ, ମୁହଁକୁ ସ୍ପର୍ଶ କଲେ, ଶରୀରକୁ ସ୍ପର୍ଶ କଲେ*), ତାହା ସବୁକିଛିକୁ ସ୍ପର୍ଶ କରି ରହିଥିଲା, ସବୁଠାରେହିଁ ବ୍ୟାପ୍ତ ହୋଇ ରହିଥିଲା,— ଆଖିକୁ ସମ୍ପୂର୍ଣ୍ଣ ଭାବରେ ଝଲସାଇ ଦେଉଥିବା ଏକ ପରମ ଆଲୋକର ଉପସ୍ଥିତିହିଁ ସେଠାରେ ବିଶେଷ ଭାବରେ ଅନୁଭୂତ ହେଉଥିଲା, ଠିକ୍ ଏହିପରି ଏକ ପରମ ଶାନ୍ତି (*ମାଆ ଏକ ବିଶାଳତାର ଇଙ୍ଗିତ କଲେ*), ଏକ ପରମ ଶକ୍ତି, ଏବଂ ତା'ପରେ ଏକ ପରମ ମଧୁମୟତା... ଅନୁଭବ ହେଉଥିଲା, ସତେଯେପରି ତାହା ଗୋଟାଏ ପୂରା ପର୍ବତକୁ ମଧ୍ୟ ତରଳାଇ ଦେଇ ପାରିବ ।

ଏବଂ ତାହା ମୋଟେ ସେଠାରୁ ଚାଲିଯାଇ ନ ଥିଲା । ସ୍ଥାୟୀ ହୋଇ ରହିଲା ।

ତାହା ସେହିପରି ଭାବରେ ଆସିଥିଲା ଓ ତା'ପରେ ସ୍ଥାୟୀ ହୋଇ ରହିଲା ।

ଏବଂ, ସାରାରାତି ସେଇପରି ହୋଇ ରହିଥିଲା — ସବୁକିଛି ସେହିପରି ହୋଇ ରହିଥିଲା । ଏପରିକି ବର୍ତ୍ତମାନ ମଧ୍ୟ ଏହି ଦୁଇଟିଯାକ ସେହିପରି ବିଦ୍ୟମାନ ରହିଛି : ସାଧାରଣ ଚେତନାଟି କିଞ୍ଚିଦଂଶରେ ରହିଛି, ସତେଅବା ଏକ ଯନ୍ତ୍ରବତ୍ ବିଧାନର ବଶବର୍ତ୍ତୀ ହୋଇ ରହିଛି, ମାତ୍ର, ମୁଁ କେବଳ ଗୋଟିଏ ମୁହୂର୍ତ୍ତ ସ୍ଥିର ଓ ଅଭିନିବେଶିତ ହୋଇ ରହିବା ପରେହିଁ ସେଇଟି ଆସି ପହଞ୍ଚି ଯାଉଛି । ଏବଂ ଏହି ଅନୁଭୂତିଟି ହେଉଛି **ଶରୀରର** ଏକ ଅନୁଭୂତି,— ଏକ ଭୌତିକ, ଜଡ଼ସ୍ଥ ଏହି ଶରୀରରହିଁ ଅନୁଭୂତି : ସବୁକିଛି, ସବୁକିଛି କେବଳ ପରିପୂର୍ଣ୍ଣ ହୋଇ ରହିଛି; କେବଳ ସେହି **ପରମ ତତ୍**ହିଁ ରହିଛନ୍ତି, ଏବଂ ଆମେସବୁ... ସବୁକିଛି ସତେଅବା ଭାରି ନିସ୍ତେଜ ହୋଇ ପଡ଼ିରହିଛି, ଗୋଟାଏ ଶୁଖିଲା

ଚମଡ଼ା ପରି ହୋଇ ରହିଛି, ଠିକ୍ ସେହିପରି ଭାବରେ ଗୋଟାସୁଦ୍ଧା ଶୁଖିଲା ହୋଇ ରହିଛି । ଅନୁଭବ ହେଉଛି, ସତେଯେପରି ସବୁକିଛି (ସମ୍ପୂର୍ଣ୍ଣ ଭାବରେ ନୁହେଁ, କେବଳ ସେଗୁଡ଼ିକର ଉପରି ଭାଗରେ) କଠିନ ଓ ଶୁଷ୍କ ହୋଇ ଯାଇଛି, ଏବଂ, ସେହି କାରଣରୁହିଁ ତୁମେ ସେହି ପରମ ତତ୍‌କୁ ମୋଟେ ଅନୁଭବ କରିପାରୁ ନାହଁ । ତା' ନ ହେଲେ, ସବୁକିଛି ସେହି ତତ୍ ସ୍ୱରୂପହିଁ ହୋଇ ରହିଛି । **କେବଳ** ସେହି ପରମ ତତ୍‌ହିଁ ଅଛନ୍ତି । ତାଙ୍କୁ ନିଶ୍ୱାସରେ ଗ୍ରହଣ ନ କରି ତୁମେ ନିଶ୍ୱାସ ବି ନେଇ ପାରିବ ନାହିଁ, ତୁମର ଯାବତୀୟ ଗତିଶୀଳତା କେବଳ ତାଙ୍କରି ଭିତରେହିଁ ସମ୍ଭବ ହେବ; ତୁମେ... ସବୁକିଛି, ସବୁକିଛି, ଏହି ସମଗ୍ର ବିଶ୍ୱ କେବଳ ତାଙ୍କରି ଭିତରେହିଁ ଅବସ୍ଥିତ ରହିଛି । – ମାତ୍ର **ଜଡ଼ ସ୍ତରରେ**, ଏହି ଭୌତିକ ସ୍ତରରେ ।

ବର୍ତ୍ତମାନ ମୁଁ ଏହି ''ଶୁଷ୍କ ହୋଇ ପଡ଼ିବା''ରୁ ଏକ ଆରୋଗ୍ୟର ଉପାୟ ଅନ୍ୱେଷଣ କରୁଛି ।

ମୁଁ ଅନୁଭବ କରୁଛି, ଏହା ପ୍ରକୃତରେ ଏକ ଅଦ୍ଭୁତ କଥା । ତୁମ୍ଭେମାନେ ବୁଝିପାରୁଛ ତ ?

ଏବଂ, ମୁଁ କାନ ଡେରି ରହିଥିବା ସମୟରେ, ସିଏ ମୋତେ କେତେ କଥା ମଧ୍ୟ କହୁଛନ୍ତି । ମୁଁ ତାଙ୍କୁ କହିଲି, ''ମାତ୍ର ଆପଣଙ୍କୁ ପାଇବା ଲାଗି ଲୋକେ ସେଇ ଉପରକୁ କାହିଁକି ଯାଆନ୍ତି ?'' ଏବଂ, ବଡ଼ ଅସାଧାରଣ ଓ ଅନନ୍ୟ ଏକ ବିନୋଦଭାବ ସହିତ ମୁଁ ତାଙ୍କର ଉତ୍ତର ପାଇଲି : ''କାରଣ ସେମାନେ ମୋତେ ସେମାନଙ୍କ ଚେତନାର ବହୁ ଦୂରରେ ରଖିବା ଲାଗି ଇଚ୍ଛା କରୁଥାନ୍ତି !'' ଠିକ୍ ଏହିପରି କେତେସବୁ କଥା, ମାତ୍ର ସେଗୁଡ଼ିକ ମୋତେ ଏହିପରି ସୁନିର୍ଦ୍ଦିଷ୍ଟ ଭାବରେ ସୂତ୍ରବଦ୍ଧ ହୋଇ ରହି ନ ଥିଲା : ସେଗୁଡ଼ିକୁ କେବଳ କେତୋଟି ଆଭାସାନୁଭବ ବୋଲି କୁହାଯାଇ ପାରିବ । ଅନେକ ଥର ମୁଁ ଶୁଣିବାକୁ ପାଇଛି : ''ଯାହା ବିଦ୍ୟମାନ ରହିଛି, ତାହାକୁ ଖୋଜି ସେମାନେ କାହିଁକି ଏତେଦୂର ଯିବାରେ ଲାଗିଥାନ୍ତି ?''– ଅବଶ୍ୟ ଏପରି ବାକ୍ୟସବୁ ରହିଛି, ଯାହାକି ଏହା ତୁମରି ନିଜ ଭିତରେ ରହିଛି ବୋଲି ଘୋଷଣା କରିଥାଏ – ''ସର୍ବତ୍ର କ'ଣ ବିଦ୍ୟମାନ ରହିଛି ?''

ସେହି ବ୍ୟକ୍ତିଙ୍କୁ ମୁଁ ଏ କଥାଟିକୁ ମୋଟେ କହି ନ ଥିଲି; କାରଣ, ସେତେବେଳେ ସେହି ଅନୁଭୂତିଟି ବର୍ତ୍ତମାନ ପରି ଏକ ସତତ ଅନୁଭୂତିରେ ଆଦୌ ପରିଣତ ହୋଇ ନ ଥିଲା ।

ଏବଂ, ସେଥିରେ, ବିଶେଷ ଭାବରେ ଏହି କଥାଟି ମଧ୍ୟ ରହିଥିଲା : **ଆଉ ମୋଟେ କୌଣସି ନୂତନ ଧର୍ମର ଆବଶ୍ୟକତା ନାହିଁ**, କୌଣସି ଧର୍ମସୂତ୍ର ବା ଅପରିବର୍ତ୍ତନୀୟ ଶିକ୍ଷାଚର୍ଯ୍ୟାର ବି ଆବଶ୍ୟକତା ନାହିଁ । ଏହି କଥାଟି ଯେପରି ଏକ ନୂତନ ଧର୍ମରେ

ପରିଣତ ହୋଇ ନ ଯାଏ, ସେହି ବିଷୟରେ ଅତ୍ୟନ୍ତ ସାବଧାନ ରହିବାକୁ ପଡ଼ିବ। କାରଣ, ଏଇଟିକୁ ଆମେ ଯେମିତି ଏକ ସୁଦୃଶ୍ୟ, ଗାମ୍ଭୀର୍ଯ୍ୟପୂର୍ଣ୍ଣ ଏବଂ ଶକ୍ତିଶାଳୀ ସୂତ୍ର ଦେଇ ବାନ୍ଧି ଥୋଇଦେବା, **ସେମିତି ଏହାର ଅବଲୟହିଁ ହୋଇଯିବ।**

ତୁମର ଏହି ଅନୁଭବଟି ହେଉଥିବ ଯେ ସିଏ ସବୁଠାରେ, ସବୁଠାରେ, ସବୁଠାରେ ବିଦ୍ୟମାନ ରହିଛନ୍ତି। ତାଙ୍କ ବ୍ୟତୀତ ଆଉ କେଉଁଠାରେ କିଛିହେଲେ ନାହିଁ। ଏବଂ, ଆମେ ଏହି କଥାଟିକୁ ମୋଟେ ଜାଣିପାରୁ ନାହୁଁ, କାରଣ ଆମେ... ଭାରି ସଙ୍କୁଚିତ ହୋଇ ରହିଛୁ;– ଏହାକୁ ମୁଁ କିପରି ଯଥାର୍ଥ ଶବ୍ଦ ଦେଇ ପ୍ରକାଶ କରିବି, ସେକଥା ଆଦୌ ଭାବିପାରୁ ନାହିଁ,– କାରଣ ଆମେ ଗୋଟାସୁଦ୍ଧା ଶୁଷ୍କ ହୋଇ ରହିଛୁ। ଆମ ନିଜକୁ ବିଚ୍ଛିନ୍ନ କରି ରଖିବା ଲାଗି ଆମେ କେଡ଼େ କେଡ଼େ ଚେଷ୍ଟାମାନ କରିଛୁ (*ମା ହସିଲେ*), ଏବଂ ସେହି ଚେଷ୍ଟାରେ ସଫଳତା ବି ଲାଭ କରିଛୁ। ସଫଳତା ଲାଭ କରିଛୁ ସତ, ମାତ୍ର କେବଳ ଆମରି ଚେତନାରେ ସଫଳତା ଲାଭ କରିଛୁ, ବସ୍ତୁତଃ କୌଣସି ସଫଳତା ଲାଭ କରି ନାହୁଁ। ବସ୍ତୁତଃ, ସେହି ବସ୍ତୁଟି ସେହିଠାରେହିଁ ରହିଛି। ସେହିଠାରେହିଁ ରହିଛି। କେବଳ ତାହାକୁହିଁ ଛାଡ଼ିଦେଲେ **ଆଉ କେଉଁଠି କିଛିହେଲେ ନାହିଁ**। ଆମେ ଯାହାକିଛି ଜାଣିଛୁ, ଦେଖୁଛୁ ଓ ସ୍ପର୍ଶ କରୁଛୁ, ଏସବୁ କରିବା ଦ୍ୱାରା ଆମେ ସତେଅବା ସେହି ପରମ ବସ୍ତୁଟି ମଧ୍ୟରେହିଁ ଅବଗାହନ କରୁଛୁ, ତାଙ୍କରି ମଧ୍ୟରେ ଭାସୁଛୁ। ମାତ୍ର, ତାଙ୍କୁ ଭେଦ କରାଯାଇ ପାରିବ, ଅବଶ୍ୟ ବେଶ୍ ଭେଦ କରିହେବ। ତାହା ଏହାକୁହିଁ ଭେଦକରି ରହିଛି। ବିଚ୍ଛିନ୍ନ ହେବାର ଯେଉଁସବୁ ବୋଧ, ତାହା କେବଳ ଏଇଟି ଭିତରୁ (*ମନକୁ ସୂଚାଇ ଦେଇ ମାଆ କପାଳଦେଶକୁ ସ୍ପର୍ଶ କଲେ*) ହିଁ ଆସିଥାଏ।

ହୁଏତ ଏହି କାରଣରୁ ଅନୁଭୂତିଟି ସମ୍ଭବ ହେଲା ଯେ, ବେଶ୍ କେତେ ଦିନ ଧରି ସେହି କଥାଟିର କାରଣ ଖୋଜି ବାହାର କରିବାକୁ ଏକ ବୃହତ୍ ଅଭିନିବେଶର ପ୍ରକ୍ରିୟା ଲାଗି ରହିଥିଲା। କୌଣସି କାହିଁକି ବା କିପରିର ସୂତ୍ର ଖୋଜି ବାହାର କରିବାକୁ ନୁହେଁ, ମାତ୍ର ଏହି ବିଚ୍ଛିନ୍ନ ହୋଇ ପଡ଼ିବାର କାରଣଟିକୁ, ସବୁକିଛି ଏପରି ନିର୍ବୋଧ ଏବଂ କୁତ୍ସିତ ବୋଲି ପ୍ରତୀତ ହେବାର କାରଣ ବାହାର କରିବାକୁ ସେହି ପ୍ରକ୍ରିୟାଟି ଲାଗି ରହିଥିଲା।... ଯାବତୀୟ ପ୍ରକାରର କେତେ କେତେ ଅନୁଭୂତିର ନାନା ଜୀବନ୍ତ ସ୍ମୃତି ମୋତେ ଆକ୍ରମଣ କରିବାରେ ଲାଗିଥାଏ (ସବୁପ୍ରକାରର ଅନୁଭୂତି : ବହିପତ୍ର, ଛବି, ସିନେମା ଏବଂ ଜୀବନ, ମଣିଷ ଓ ବସ୍ତୁ – ଏହିପରି ଯାବତୀୟ ପ୍ରକାରର); ଏହି ଶରୀର ବିଷୟରେ କେତେ କେତେ ସ୍ମୃତି, ଯେଉଁଗୁଡ଼ାକୁ ହୁଏତ ''ଦିବ୍ୟତାବିରୋଧୀ'' ବୋଲି କୁହାଯିବ, ସେହିପରି ନାନା ସ୍ମୃତି,– ଯେଉଁ ସବୁଥିରେ ଶରୀରର ସତେଅବା ଏକାନ୍ତ ଭାବରେ ବିକର୍ଷକ ଏବଂ ଅନିଷ୍ଟକାରକ କୌଣସି ଏକ ବସ୍ତୁର ସମ୍ମୁଖୀନ ହେବା ପରି ବୋଧ ହେଉଥିଲା। ଏଠାରେ

ଦିବ୍ୟ ପରମସତ୍ତାଙ୍କୁ ସମ୍ପୂର୍ଣ୍ଣ ଭାବରେ ଅସ୍ୱୀକାର କରୁଥିବାର ବୋଧଟିକୁ ଏକ ଉଦାହରଣ ସ୍ୱରୂପ ନିଆ ଯାଇପାରେ । ଏହା ଠିକ୍ ସେହିପରି ଭାବରେ ଆରମ୍ଭ ହୋଇଥିଲା; ଦୁଇଦିନ ଯାଏ ମୁଁ ସେହିପରି ଏକ ଅବସ୍ଥାରେ ରହିଥିଲି,— ଏବଂ ଶରୀରଟା ସତେଅବା ଘୋର ନୈରାଶ୍ୟ ଭିତରେ ବୁଡ଼ି ରହିଥିଲା । ଏବଂ ତା'ପରେ ସେହି ଅନୁଭୂତିଟି ହେଲା ଏବଂ ସ୍ଥିର ହୋଇ ରହିଲା । ଏତେ ଟିକିଏ ବି ହଲଚଲ ହେଲା ନାହିଁ । ଅଭିଜ୍ଞତାଟି ଆସିଲା, ଏବଂ ତା'ପରେ ମୋଟେ ହଲଚଲ ନ ହୋଇ ସେହିପରି ସ୍ଥିର ହୋଇ ରହିଲା । ସାଧାରଣତଃ ଏହିପରି କେତେକେତେ ଅଭିଜ୍ଞତା ଆସେ ଓ ଆସିକରି ପୁଣି ଚାଲିଯାଏ : ମାତ୍ର ଏହି ଅଭିଜ୍ଞତାଟି ସେହିପରି ସ୍ଥିର ହୋଇ ରହିଲା । ବର୍ତ୍ତମାନ ମଧ୍ୟ ତାହା ସେହିପରି ସ୍ଥିର ହୋଇ ରହିଛି । ଏବଂ ତା'ପରେ ଏହି ଶରୀର ମଧ୍ୟ ତରଳ ହେବା ଲାଗି ଚେଷ୍ଟା କରେ (*ମାଆ ଆପଣାକୁ ସତେଅବା ଅଜାଡ଼ି ଦେଉଥିବା ପରି ଇଙ୍ଗିତ କଲେ*), ତାହା ବିଗଳିତ ହୋଇଯିବାକୁ ଚେଷ୍ଟା କରିଥାଏ । ଚେଷ୍ଟା କରେ ଏବଂ ଏଇଟି ଯେ ପ୍ରକୃତରେ କ'ଣ, ସେକଥା ମଧ୍ୟ ବୁଝେ । ଚେଷ୍ଟା କରେ, ମାତ୍ର ଅତ୍ୟନ୍ତ ସ୍ପଷ୍ଟ କଥା ଯେ ମୋଟେ ସଫଳ ହୋଇ ପାରେ ନାହିଁ ! (*ମାଆ ଆପଣାର ହାତଦୁଇଟି ଆଡ଼କୁ ଅନାଇଲେ*), ମାତ୍ର ତାହାର ଚେତନାଟି ଅବଶ୍ୟ ସବୁକଥା ଜାଣିଥାଏ ।

କେବଳ, ସେହି ଅଭିଜ୍ଞତାରୁ କେତେକ ପରିଣାମ ଅବଶ୍ୟ ଘଟେ : ଏହା ଦ୍ୱାରା ଅନେକ ବ୍ୟକ୍ତି ହଠାତ୍ ଏକ ସ୍ୱସ୍ତି ଅନୁଭବ କରନ୍ତି; ଜଣେ ଦୁଇଜଣ ତ ଏହାଦ୍ୱାରା ସମ୍ପୂର୍ଣ୍ଣ ଭାବରେ ଆରୋଗ୍ୟ ହୋଇ ଯାଇଥିଲେ । ଏବଂ, ଯେତେବେଳେ ଶରୀର ମଧ୍ୟରେ କିଛି କେଉଁଠି ବିଗିଡ଼ି ଯାଇଥାଏ, ସେତେବେଳେ ଆଉ ଆଦୌ ତାହା ସଜାଡ଼ି ହୋଇଯାଉ ବୋଲି ଅନୁରୋଧ କରିବାକୁ ପଡ଼େ ନାହିଁ : ତାହା ଅତ୍ୟନ୍ତ ସ୍ୱାଭାବିକ ଭାବରେ ପୁଣି ସଜାଡ଼ି ହୋଇଯାଏ ।

ଏବଂ, ତାହା ଫଳରେ, ଶରୀରକୁ ମଧ୍ୟ ଆଦୌ କିଛି ନ କରିବାର ଏବଂ ସମ୍ପୂର୍ଣ୍ଣ ଭାବରେ କେବଳ ଆପଣାର ଅନୁଭୂତିଟିକୁ ନେଇ ସଂକେନ୍ଦ୍ରିତ ହୋଇ ରହିବାର ଆବଶ୍ୟକତାଟି ମୋଟେ ପ୍ରଦାନ କରାଯାଇ ନାହିଁ । ନା — ସେହି କ୍ଷେତ୍ରରେ ଆଦୌ କୌଣସି ବାସନା ନାହିଁ, କୌଣସି ବାସନା ନାହିଁ । ଠିକ୍ ଏହିପରି ଭାବରେ... ଏକ ଜ୍ୟୋତିର୍ମୟ ବିପୁଳତା ଭିତରେ ଭାସି ବୁଲିବା ଲାଗି ଆଦୌ କୌଣସି ବାସନା ନାହିଁ । ଏହି କଥା ଯେ କେବଳ ବାହାରେ ଘଟିଛି, ସେ କଥା ଆଦୌ ନୁହେଁ, ଏକଥା ଭିତରେ ମଧ୍ୟ ଘଟିଛି । ତାହା ଭିତରେ ମଧ୍ୟ ଘଟିଛି । ଯାହାକିଛି, (*ମାଆ ଆପଣାର ହାତ ଦୁଇଟିକୁ ସ୍ପର୍ଶ କଲେ*) ଯାହାକିଛି ବାହାରକୁ ଅଲଗା ବୋଲି ମନେ ହେଉଛି, ପ୍ରକୃତରେ ସେହିପରି ହୋଇଛି ବୋଲି ଏକ ଅନୁଭବ ମଧ୍ୟ ହେଉଛି... ଏସବୁକୁ ମୁଁ କିପରି ତୁମମାନଙ୍କୁ ଶବ୍ଦରେ

ବର୍ଣ୍ଣନା କରି କହିପାରିବି କେଜାଣି, ମାତ୍ର, କେବଳ ଚେତନାର କ୍ଷେତ୍ରରେ ଏକ ବିକୃତି ଘଟିଲେ ଯାଇ ଏହା ପ୍ରକୃତ ବୋଲି ମନେ ହେଉଥାଏ, ମନୁଷ୍ୟର ଚେତନାରେ ତାହା କଦାପି ହୁଏ ନାହିଁ : ଚେତନାର କ୍ଷେତ୍ରରେ କିଛି ଅବଶ୍ୟ ଘଟିଛି... (*ମାଆ ମୁଣ୍ଡ ହଲାଇ ନାସ୍ତିର ସୂଚନା ଦେଲେ*) ମୁଁ କିଛି ବୁଝିପାରୁ ନାହିଁ ।

(*ମାଆ ନୀରବ ରହିଲେ*)

ପ୍ରତ୍ୟେକ ଧର୍ମର ମୂଳରେ ଯେଉଁସବୁ ସିଦ୍ଧାନ୍ତ, ବ୍ୟାଖ୍ୟା ଏବଂ କାହାଣୀମାନ ରହିଛି, ସେଗୁଡ଼ାକ ମୋତେ... ଏକ ମନୋରଞ୍ଜନ ପରି ବୋଧ ହୋଇଥାଏ । ଏବଂ ତା'ପରେ ପ୍ରକୃତରେ ଭାରି ଆଶ୍ଚର୍ଯ୍ୟ ଲାଗେ, ଭାରି ଆଶ୍ଚର୍ଯ୍ୟ ଲାଗେ... ମୁଁ ବର୍ତ୍ତମାନ ତୁମମାନଙ୍କୁ ଗୋଟାଏ କଥା କହିବି : ଏହାକୁ କ'ଣ ହୁଏତ ଏକ ବିନୋଦଦାୟକ ନାଟକ ବୋଲି କୁହାଯିବ ନାହିଁ ଯାହାକୁ କି ସ୍ୱୟଂ ପରମପ୍ରଭୁ ଆପଣା ଲାଗି ଅଭିନୟ କରିବାରେ ଲାଗିଛନ୍ତି ?

କିନ୍ତୁ ଏକଥା କହିବା ପ୍ରକୃତରେ ଭାରି କଷ୍ଟକର । ମୋ ଜୀବନରେ ଏପରି ଅନେକ ଦିନ ଆସିଛି, ଯେତେବେଳେ କି ମୁଁ ଏହି ଭିଆଣଟିର ଯାବତୀୟ ବୀଭତ୍ସତାକୁ ଅଙ୍ଗେ ନିଭାଇଛି (ସେଗୁଡ଼ିକ ଗୋଟିଏ ଗୋଟିଏ ବୀଭତ୍ସତା ବୋଲି ସମ୍ପୂର୍ଣ୍ଣ ଭାବରେ ସଚେତନ ରହି), ଏବଂ ତା'ପରେ ସେଥିରୁ ମୁଁ ଏହି ଅନୁଭୂତିଟିକୁ ଲାଭ କରିଛି, ଏବଂ... ତା'ପରେ ଯାବତୀୟ ବୀଭତ୍ସତା ଅନ୍ତର୍ହିତ ହୋଇ ଯାଇଛି ।

ଏବଂ, ଏଗୁଡ଼ିକୁ କେବଳ ଗୋଟିଏ ଗୋଟିଏ ମନଃକ୍ଷେତ୍ରୀୟ ଅନୁଭବ ବୋଲି ଆଦୌ କୁହାଯାଇ ପାରିବ ନାହିଁ, ଏଗୁଡ଼ିକୁ ଅଧିକ ପରିମାଣରେ ଶାରୀରିକ ଦୁଃଖଭୋଗହିଁ କୁହାଯିବ,– ହଁ, ବିଶେଷ ଭାବରେ କେବଳ ଶାରୀରିକ ଦୁଃଖଭୋଗ ବୋଲି କୁହାଯିବ । ମୁଁ ଏହି କଥାଟିକୁ ନିଜେ ଦେଖିଛି – ଏକ ଶାରୀରିକ ଦୁଃଖଭୋଗ, ଯାହାକି ଦୀର୍ଘସ୍ଥାୟୀହୋଇ ରହେ, ଯାହାର ମୋଟେ ଉପଶମ ହୁଏ ନାହିଁ, ଯାହା ଦିନରାତି କେବଳ ଲାଗିହିଁ ରହିଥାଏ । ଏବଂ ତା'ପରେ ହଠାତ୍, ଆଉ ସେହି ଚେତନାଟି ମଧ୍ୟରେ ଅଧିକ କାଳ ରହିବା ପରିବର୍ତ୍ତେ, ତୁମେ ପୂର୍ଣ୍ଣ ଭାବରେ ଏହି ଦିବ୍ୟ ପରମ ଉପସ୍ଥିତିଟି ମଧ୍ୟରେ ବାସ କରିବାକୁ ଆରମ୍ଭ କର । ସବୁ ଯନ୍ତ୍ରଣା କୁଆଡ଼େ ଅନ୍ତର୍ହିତ ହୋଇଯାଏ ! ଏବଂ ଏହି ଯନ୍ତ୍ରଣା ଏକ ଶାରୀରିକ ଯନ୍ତ୍ରଣା ହୋଇ ରହିଥିଲା, ସମ୍ପୂର୍ଣ୍ଣ ଭାବରେ ଏକ ଶାରୀରିକ ଯନ୍ତ୍ରଣା ହୋଇ ରହିଥିଲା; ତାହାର ଏକ ଶାରୀରିକ କାରଣ ମଧ୍ୟ ରହିଥିଲା । ହଁ, ସେହି କ୍ଷେତ୍ରରେ ଡାକ୍ତରମାନେ ଆସି କହିବେ, ''ଏହି କାରଣରୁ, ଅମୁକ ବା ଅମୁକ କାରଣରୁ

ସେହିପରି ଘଟିଲା,'' ଏଇଟି ସମ୍ପୂର୍ଣ୍ଣ ଭାବରେ ଏକ ଏହି ଜଡ଼ସ୍ତରର କଥା – ସମ୍ପୂର୍ଣ୍ଣ ଭାବରେ ଏକ ଶାରୀରିକ ସ୍ତରର କଥା ! ଓଃ – ଶେଷକୁ ତାହା ସମ୍ପୂର୍ଣ୍ଣ ଭାବରେ ଅନ୍ତର୍ହିତ ହୋଇଯାଏ... ପୁଣି ଚେତନା ବଦଳିଯାଏ ଓ ତାହା ପୁନର୍ବାର ଆସି ପହଞ୍ଚିଯାଏ ।

ଯଦି ଆମେ ଯଥେଷ୍ଟ ଦୀର୍ଘ ସମୟ ଲାଗି ଯଥାର୍ଥ ଚେତନାଟି ମଧ୍ୟରେ ଅବସ୍ଥାନ କରିପାରିବା, ତେବେ ଏହି ପ୍ରତୀତିଟି, ଯାହାକୁ ଆମେ ଏକ ଭୌତିକ ''ସତ୍ୟ'' ବୋଲି କହୁଛୁ, ସେଇଟି ସ୍ୱୟଂ ଅନ୍ତର୍ହିତ ହୋଇଯିବ,– କେବଳ ଯେ ତଜ୍ଜନିତ ଯନ୍ତ୍ରଣାଟି ଚାଲିଯିବ, ମୋଟେ ସେତିକି ନୁହେଁ ।... ମୁଁ ଅନୁଭବ କରୁଛି, ସତେଯେପରି ମୁଁ (କେଡ଼େ ଭାଗ୍ୟର କଥା, ଯେ ଏହି କ୍ଷେତ୍ରରେ ସବୁକିଛିକୁ ବୁଝୁଛି ବୋଲି ଅନୁମାନ କରୁଥିବା କୌଣସି ମନ ମଝିରେ ଆସି ଠିଆ ହୋଇ ନାହିଁ) ସେହି ଅସଲ ଅନୁଭୂତିଟିକୁ ସ୍ପର୍ଶ କରି ପାରିଥିଲି ।

ଏହାକୁ କେବଳ ଏକ କ୍ଷୁଦ୍ର ଆରମ୍ଭ ବୋଲି କୁହାଯିବ ।

କେବଳ ଏହି ଭୌତିକ ସୋପାନଟିର ରୂପାନ୍ତର ସମ୍ଭବ ହେଲେ ଯାଇ ସେହି ସର୍ବୋଚ୍ଚ ପରମ ରହସ୍ୟସତ୍ୟକୁ ସତକୁ ସତ ସ୍ପର୍ଶ କରିଥିବାର ଏକ ସୁନିଶ୍ଚିତ ଅନୁଭବ ସମ୍ଭବ ହୋଇ ପାରିବ ।... ମୋ'ର ଯେତିକି ଅନୁଭୂତି ହୋଇଛି (ଏକ ବିସ୍ତୃତତର ପ୍ରସଙ୍ଗର ଏକ କ୍ଷୁଦ୍ର ଅନୁଭୂତିଟିଏ), ସେହି ଅନୁସାରେ ମୁଁ କହିବି ଯେ ଏହି କଥାଟି ଅବଶ୍ୟ ଠିକ୍ । ଏବଂ, ତା'ପରେ, କେବଳ **ଗୋଟିଏ** ଶରୀରରେହିଁ କ'ଣ ଏହି ପରମଚେତନା ଆପଣାକୁ ବ୍ୟକ୍ତ କରିବ ନା ସମସ୍ତଙ୍କର,– ସମସ୍ତଙ୍କର ଏକ ରୂପାନ୍ତର ଘଟିବ ?... ଏହା ହେଉଛି ଚେତନାକ୍ଷେତ୍ରର ଏକ ପ୍ରସଙ୍ଗ ।

ମାତ୍ର ଏହି କଥାଟି ପ୍ରକୃତରେ ଅତ୍ୟନ୍ତ ମୂର୍ତ୍ତ ଭାବରେ ଅନୁଭୂତ ହେଲା,– ପ୍ରକୃତରେ ଅତ୍ୟନ୍ତ ମୂର୍ତ୍ତ ଭାବରେ !

(*ମାଆ ନୀରବ ରହିଲେ*)

କେବଳ ଏତିକି କଥା ମନେ ରହିଥିବା ଉଚିତ ଯେ, ଅନ୍ୟ ଚେତନାଟି ତଥାପି ବିଦ୍ୟମାନ ରହିଥିବ... ଆଜି ସକାଳେ, ମୁଁ ବହୁସଂଖ୍ୟକ ଲୋକଙ୍କୁ ଦେଖିବାକୁ ପାଇଥିଲି । ପ୍ରତ୍ୟେକ ବ୍ୟକ୍ତି ଆସି ପ୍ରବେଶ କରିବା ମାତ୍ରକେ ମୁଁ ତାଙ୍କ ଆଡ଼କୁ ଅନାଇ ଦେଖୁଥିଲି (ଏହି କ୍ଷେତ୍ରରେ ଆଦୌ କୌଣସି ''ମୁଁ'' ଏହି ଅବଲୋକନଟିକୁ କରୁ ନ ଥିଲା : ସେହି **ବ୍ୟକ୍ତିଟି ଲାଗି** ଅବଶ୍ୟ ତାହା ସେହିପରି ବୋଧ ହେଉଥିଲା, ସିଏ ଭାବୁଥିଲେ ଯେ ମୁଁ ତାଙ୍କୁ ଅନାଇ ଦେଖୁଥିଲି), ଆଖିଗୁଡ଼ିକ ସ୍ଥିର ହୋଇ ରହିଥିଲେ, ଏବଂ ତା'ପରେ ଏହି ଅବବୋଧ ଓ ଲୋକନଟିହିଁ (ଲୋକନ କହିଲେ ଆମେ ସାଧାରଣତଃ ଯାହା ବୁଝୁ, ସେ

କଥା ମୋଟେ କୁହାଯାଉ ନାହିଁ : ଏହାକୁ ସମ୍ପୂର୍ଣ୍ଣ ଭାବରେ ଚେତନାର 'ହିଁ' ଏକ ବ୍ୟାପାର ବୋଲି କହିବାକୁ ହେବ), ସେହି ପରମ ଉପସ୍ଥିତିର ଚେତନା ଓ ସେହି ପରମ ଉପସ୍ଥିତିହିଁ ଏହି ଉପର ଖୋଳଟାକୁ ଭେଦି ଭିତରେ ପ୍ରବେଶ କରୁଥିଲା, ଏହି କଠିନ ଆବରଣଟାକୁ ଭେଦକରି ଭିତରକୁ ଚାଲି ଯାଉଥିଲା । ଏହା ପ୍ରକୃତରେ ଭେଦକରି ଭିତରକୁ ଚାଲିଯାଏ, ତାହା ପ୍ରତ୍ୟେକ ସ୍ଥାନକୁ ବ୍ୟାପ୍ତ ହୋଇଯାଏ । ଏବଂ, ଯେତେବେଳେ ମୁଁ ଏହିପରି ଭାବରେ ଅନାଇ ରହିଥାଏ, ଯେତେବେଳେ ଆଖିଗୁଡ଼ିକ ସ୍ଥିର ହୋଇ ରହିଥାନ୍ତି, ସେତେବେଳେ ତାହା ଏକ ଅଭିନିବେଶର* ସମବାଚୀ ଏକ ଘଟଣାରେ ପରିଣତ ହୋଇଯାଏ । ମାତ୍ର ଏଥିରେ କୌଣସି ସନ୍ଦେହ ନାହିଁ ଯେ, ତାହା ସମ୍ପୂର୍ଣ୍ଣ ଭାବରେ କେବଳ ଏକ ଅଳ୍ପକ୍ଷଣସ୍ଥାୟୀ ଓ ମଧ୍ୟବର୍ତ୍ତୀ ଘଟଣାରୂପେ ଅବସ୍ଥିତ ରହିଥାଏ, କାରଣ ସେହି ଅନ୍ୟ ଚେତନାଟି ମଧ୍ୟ ତଥାପି ରହିଥାଏ (ଯେଉଁ ଚେତନା ବସ୍ତୁଗୁଡ଼ିକୁ ଦେଖେ, ସେଗୁଡ଼ିକର ସମ୍ମୁଖୀନ ହୁଏ, ଯାହା ସେଗୁଡ଼ିକୁ ନେଇ ନିତ୍ୟନୈମିତ୍ତିକ ଭାବରେ ବ୍ୟସ୍ତ ହୋଇ ରହିଥାଏ; ସମ୍ପୃକ୍ତ ବ୍ୟକ୍ତିଟି ମଧ୍ୟରେ ଯାହାକିଛି ଘଟୁଛି, ଯାହା ସିଏ ଭାବୁଛି, କେବଳ ସେତିକି ଅବବୋଧର ଆୟତନ ମଧ୍ୟରେହିଁ ବ୍ୟସ୍ତ ହୋଇ ରହିଥାଏ,– ସିଏ କ'ଣସବୁ ଭାବୁଛି, ତାହା ଅପେକ୍ଷା, ସିଏ କ'ଣସବୁ ଅନୁଭବ କରୁଛି, ସିଏ କିପରି ଅଛି, ତାହାକୁ ନେଇ ବ୍ୟସ୍ତ ହୋଇ ରହିଥାଏ) । ଏଥିରେ ଅବଶ୍ୟ କୌଣସି ସନ୍ଦେହ ନାହିଁ ଯେ, ସଂସ୍ପର୍ଶଟିକୁ ସ୍ଥାୟୀ କରି ରଖିବାକୁ ହେଲେ ଏଇଟିର ମଧ୍ୟ ପ୍ରୟୋଜନ ରହିଥାଏ, ମାତ୍ର...

ସମ୍ପୂର୍ଣ୍ଣ ନିଶ୍ଚିତ କଥା ଯେ ଏହା ତଥାପି ଏକ ଅନୁଭୂତିର ସ୍ତରରେହିଁ ରହିଛି, ଏକ ସ୍ଥାୟୀ ସତ୍ୟ ରୂପେ ତଥାପି ପ୍ରତିଷ୍ଠିତ ହୋଇ ନାହିଁ । ସ୍ଥାୟୀ ସତ୍ୟ ରୂପେ ପ୍ରତିଷ୍ଠିତ ହୋଇ ନାହିଁ ବୋଲି କହିବା ଦ୍ୱାରା ମୁଁ ଏହାହିଁ ବୁଝୁଛି ଯେ, ଚେତନାଟି ଏପରି ଭାବରେ ପ୍ରତିଷ୍ଠିତ ହୋଇ ନାହିଁ, ଯେତେବେଳେ କି ଆଉ ଅନ୍ୟ କିଛି ହେଲେ ନ ଥିବ, କେବଳ ତାହାହିଁ ରହିଥିବ,– ସେହି ଉପଲବ୍ଧିଟି ତଥାପି ସମ୍ଭବ ହୋଇ ନାହିଁ ।

(*ମାଆ ଅନେକ ସମୟ ପର୍ଯ୍ୟନ୍ତ ନୀରବ ରହିଲେ*)

ଆଉ ତୁମେ ? – ତୁମର ମୋତେ କ'ଣ କହିବାକୁ ଅଛି ?

*ମୁଁ ବାତାବରଣରେ ଏକ ପରିବର୍ତ୍ତନ ଅନୁଭବ କରିଥିଲି ।*

---

* ସେହି ପରମ ଉପସ୍ଥିତିର ଏକ ଅଭିନିବେଶ

ଆଚ୍ଛା !

*ହଁ, କରିଥିଲି । ଆଜିକୁ ପାଞ୍ଚ ଛଅ ଦିନ ହେବ ମୁଁ ଏହିପରି, ସତେଅବା ଅଭିଭୂତ କରିଦେଉଥିବା କିଛି ଗୋଟାଏ ଘଟିଥିବା ପରି ଅନୁଭବ କରୁଛି । ପୁଣି ଗତ ରାତିରେ, ପ୍ରାୟ ବଡ଼ ବିଚିତ୍ର ଭାବରେ ଗୋଟାଏ କଥା ଘଟିଲା; ଗୋଟାଏ ମୁହୂର୍ତ୍ତରେ ମୁଁ ଆପଣଙ୍କୁ ଦେଖିବାକୁ ପାଇଲି, ଆପଣ ଭୂମି ଉପରେ ପୂରା ଲମ୍ବ ହୋଇ ଶୋଇଥିଲେ । ତା'ପରେ ମୁଁ ଆପଣଙ୍କ ପାଖକୁ ଆସି ପଚାରିଲି, ''ଆପଣଙ୍କର ମୁଣ୍ଡକୁ କ'ଣ ତକିଆଟିଏ ଦରକାର ହେଉ ନାହିଁ ?'' ଆପଣ ଉତ୍ତର ଦେଲେ, ''ନା, ମୋର କିଛି ଦରକାର ନାହିଁ'', ଏବଂ ଆପଣ ସେହିପରି ଭୂମି ଉପରେ ସିଧା ହୋଇ ଶୋଇ ରହିଥିଲେ ।... ତାହାର ଅର୍ଥ କ'ଣ କହିଲେ ?*

(*ମାଆ ଅନେକ ସମୟ ପର୍ଯ୍ୟନ୍ତ ଚୁପ୍ ରହିଲେ ଓ କିଛି ଉତ୍ତର ଦେଲେ ନାହିଁ ।*)

ମାତ୍ର ସେହି ପରମ ଅତିମାନସ ''ଉପରୁ ଅବତରଣ କରି ଆସିବା'' ଓ ଏକ ପରମଚେତନା ଏଠାରେ ଆସି ''ପ୍ରବେଶ କରି ସାରିଲାଣି''... ଏହିସବୁ ଧାରଣା ହେଉଛି **ଆମର** ତର୍ଜମା... ଅନୁଭବଟି ଏକ ଶାଶ୍ୱତ ସତ୍ୟର ଅନୁଭୂତି ରୂପେହିଁ ଆସିଥିଲା, ଘଟୁଥିବା କୌଣସି ଘଟଣା ରୂପେ ନୁହେଁ । ଏଥିରେ କୌଣସି ସନ୍ଦେହ ନାହିଁ ଯେ, ସେହି ସବୁକିଛି ଚେତନାର ସ୍ଥିତିଗତ ପରିଣାମ ରୂପେହିଁ ସେହିପରି ପ୍ରତୀତ ହେଉଥିଲା । ଏସବୁର ସେପାଖରେ ଆଉକିଛି ପ୍ରକୃତରେ ରହିଛି କି ନାହିଁ, ମୁଁ ମୋଟେ ସେକଥା କହିପାରିବି ନାହିଁ, ମାତ୍ର ସେ କଥା ଯାହା ହୋଇଥାଉ ପଛକେ, ମୁଁ ତାହାର ଏକ ସକାରାତ୍ମକ ଅନୁଭୂତି ଲାଭ କରିଥିଲି । ଏସବୁ ହେଉଛି ଚେତନାଗତ ଗତିଶୀଳତାର ପରିଣାମ । କାହିଁକି ଏହା ହେଲା, କିପରି ହେଲା ?... ସେକଥା ମୋତେ ଆଦୌ ଜଣା ନାହିଁ । କେବଳ, ଅନ୍ୟ ପାଖରେ ଥାଇ ଏପାଖ ଉପରେ ଦୃଷ୍ଟିପାତ କଲେ, ଯେତେବେଳେ ଅନୁଭୂତ ହୁଏ ଯେ ଏହି ନିତ୍ୟନୈମିତ୍ତିକ ପାର୍ଥିବ ଆୟତନର ହୋଇ ରହିଥିବା କୌଣସି ଏକ ଉପାଦାନ ଚେତନାଯୁକ୍ତ ହେବାକୁ ଆରମ୍ଭ କରିଛି, ସେତେବେଳେ ସତେଅବା କ'ଣ ଗୋଟାଏ ଆସି ପ୍ରକୃତରେ ''ପହଞ୍ଚି ଯାଇଛି'' ବୋଲି ଏକ ଧାରଣା ହେବାକୁ ଲାଗେ ।... ମୋ' କଥାକୁ ମୁଁ ଯଥେଷ୍ଟ ବୋଧଗମ୍ୟ କରି କହି ପାରିବି କି ନାହିଁ କେଜାଣି ?... ମୁଁ ଏହି କଥାଟିକୁହିଁ କହିବାକୁ ଇଚ୍ଛା କରୁଛି ଯେ, ଏହି ଶରୀରର ପାର୍ଥିବ

ଅନ୍ୟାନ୍ୟ ବସ୍ତୁଠାରୁ ଆଦୌ କୌଣସି ପାର୍ଥକ୍ୟ ନାହିଁ, ମାତ୍ର ଏପରି ଏକ ଘଟଣା ଘଟିଛି, ଯଦ୍ଦ୍ୱାରା କି ଏକ ଅନ୍ୟ ଭାବରେ ଏହା ଚେତନାଯୁକ୍ତ ହୋଇଯାଇଛି : ଏବଂ, ତାହା ସାଧାରଣତଃ ଏହି ପାର୍ଥିବ ଚେତନାକୁ ସତେଅବା ଏକ ''ପହଞ୍ଚିଥିବା'' ପରି, ଏକ ''ଅବତରଣ'' ପରି ବା ଏକ ''ଆରମ୍ଭ'' ପରି ଅବଶ୍ୟ ପ୍ରତୀତ ହେବ ।... ମାତ୍ର ଏହା କ'ଣ ପ୍ରକୃତରେ ଏକ ଆରମ୍ଭ ? ପ୍ରକୃତରେ କ'ଣ ନ ଥିଲା ଏବଂ ଏବେ ଆସି ''ପହଞ୍ଚିଗଲା'' ?... ବୁଝି ରଖିଥାଅ, କେବଳ ସେହି ପରମପ୍ରଭୁହିଁ ଅଛନ୍ତି, ତାଙ୍କ ବ୍ୟତୀତ **ଆଉ କିଛିହେଲେ ନାହିଁ ।** (କେବଳ ଭାଷାର ସୁବିଧା ହେତୁ ମୁଁ ତାଙ୍କୁ ପରମପ୍ରଭୁ ବୋଲି କହୁଛି, ତା' ନ ହେଲେ) ସେହି ପରମପ୍ରଭୁଙ୍କ ବ୍ୟତୀତ ଆଉ କିଛିହେଲେ ନାହିଁ । ଆଉ କିଛି ହେଲେ ନାହିଁ । ଆଦୌ କିଛିହେଲେ ନାହିଁ । ଯାହାକିଛି ଘଟୁଛି, ତାହା ତାଙ୍କରି ଭିତରେହିଁ ଘଟୁଛି, ଅତ୍ୟନ୍ତ ସଚେତନ ଭାବରେ ଘଟୁଛି । ଏବଂ ଆମେସବୁ... ଆମେସବୁ ଏହି ପରମ ଅନନ୍ତତା ଭିତରେ ଗୋଟିଏ ଗୋଟିଏ ବାଲିକଣା ପରି ହୋଇ ରହିଛୁ । କେବଳ ଏହି କଥାଟି ସତ୍ୟ ଯେ, ଆମେହିଁ ହେଉଛୁ ସେହି ପରମପ୍ରଭୁ ଏବଂ ପରମପ୍ରଭୁଙ୍କର ଚେତନା ବିଷୟରେ ସଚେତନ ହେବାର ସାମର୍ଥ୍ୟଟିକୁ ଆମେ ବହନ କରି ରହିଛୁ । ତାହାହିଁ ଯଥାର୍ଥ ସତ୍ୟ ।

(*ମାଆ ନୀରବ ରହିଲେ*)

ମୋ'ର ଏହି ଅନୁଭୂତିଟି ହେବା ପୂର୍ବରୁ, ମୁଁ ଯେତେବେଳେ ଶାରୀରିକ ଜୀବନର ଏହି ଯାବତୀୟ ଯନ୍ତ୍ରଣା ଓ ଭୟଙ୍କରତାର ସଚେତନତା ମଧ୍ୟରେ ରହିଥିଲି, ସେତିକିବେଳେ ଏକ ମୁହୂର୍ତ୍ତରେ ଏପରି କିଛି ଆସି ପହଞ୍ଚିଲା (ତାହା ପ୍ରକୃତରେ କିଛି ''କହି'' ନ ଥିଲା; ଶବ୍ଦଗୁଡ଼ିକର ସାହାଯ୍ୟ ନେବାକୁ ମୁଁ ବର୍ତ୍ତମାନ ବାଧ୍ୟ ହେଉଛି ସିନା, ମାତ୍ର ମନର ଭୂମିରେ ଆଦୌ କୌଣସି ପ୍ରକାରର ଆକାରଣ ନ ଘଟାଇ ଏହି ଯାବତୀୟ ଘଟଣା ଘଟିଥାଏ), ଏହା ଏକ ଧାରଣା ରୂପେ ଆସି ଉପସ୍ଥିତ ହୋଇଥିଲା : ଯଦି ମୁଁ ତାହାର ଏକ ତର୍ଜମା କରିବି, ତେବେ ମୁଁ ତାହାକୁ ଏହିପରି କହିବି, ''ପାଗଳ ହୋଇଯିବାକୁ କ'ଣ ତୋତେ ଡର ମାଡୁ ନାହିଁ ?'' ବୁଝିଲ ତ ? କେବଳ ଏକ ତର୍ଜମା କରିହିଁ ମୁଁ ଏହା କହୁଛି । ଏବଂ ତା'ପରେ ଏହି ଶରୀର ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଭାବରେ ଉତ୍ତର ଦେଇଥିଲା : ''ଆମେ ତ ସମସ୍ତେ ପାଗଳ, ଆମେ ଯେତିକି ପାଗଳ ହୋଇ ରହିଛୁ, ଆମକୁ କେହି ତା'ଠାରୁ ଅଧିକ ପାଗଳ କଦାପି କରିପାରିବ ନାହିଁ ।'' ଏବଂ, ତାହା ତତ୍କ୍ଷଣାତ୍ ସ୍ଥିର ହୋଇଗଲା ।

(*ମାଆ ବହୁକାଳ ନୀରବ ହୋଇ ରହିଲେ*)

ସେହି ଚେତନାଟି ଏହିଠାରେ (*ମାଆ ନିଜ ଛାତିକୁ ନିର୍ଦ୍ଦେଶ କରି ଦେଖାଇଦେଲେ*) ରହିଛି । ସେଇଟି (*ମାଆ ମନକୁ ଏବଂ ତାହାର ଆହୁରି ଉପରକୁ ସୂଚିତ କରି ଦେଖାଇଲେ*) ହେଉଛି ଆଲୋକର ସ୍ୱରୂପ, ତାହା ଆଲୋକ (*ମାଆ ବ୍ୟାପ୍ତିର ଇଙ୍ଗିତ କଲେ*) । ମାତ୍ର ଏହି ଶରୀର ମଧ୍ୟରେହିଁ ଏହି ଚେତନା ଅବସ୍ଥିତ । (*ମାଆ ପୁଣି ଛାତି ଆଡ଼କୁ ନିର୍ଦ୍ଦେଶ କରି ଦେଖାଇଦେଲେ*) ଏଠାରେ ମୁଁ ଚେତନାର କଥା କହୁଛି... ସେହି ଚେତନା ପରମ ପ୍ରଭୁଙ୍କ ମଧ୍ୟରେ ଅବସ୍ଥିତ ।

ମୁଁ ଭଲକରି ଜାଣିଛି ଯେ, ସେଠାରେ ଯେଉଁ ଚେତନା ବାସ କରୁଛି, ତାହା ସମ୍ପୂର୍ଣ୍ଣ ସଜ୍ଞାନ ରହିଛି ଯେ, ଏ କଥାଗୁଡ଼ିକୁ ଏପରି ଭାବରେ କହିବା ଏକ ସଂପୂର୍ଣ୍ଣ ପିଲାଳିଆ କଥା; ମାତ୍ର ସୁନିର୍ଦ୍ଦିଷ୍ଟ ଏବଂ ନିର୍ଦ୍ଦୋଷ ହେବାର ଚେଷ୍ଟା କରି ମନର ଭୂମିରେ ଉକୁଟାଇ କିଛି ବ୍ୟକ୍ତ କରିବା ଅପେକ୍ଷା ତାହା ଏହି ପିଲାଳିଆ ପଦ୍ଧତିଟିକୁ ଅଧିକ ଉଚିତ ବୋଲି ଅନୁଭବ କରୁଛି ।

## ୨୭ ନଭେମ୍ବର ୧୯୬୮

ସେହି ସ୍ଥିତି ଅବିଚ୍ଛିନ୍ନ ଭାବରେ ରହିଛି ।... ଶରୀର ଯେ କ୍ରମଶଃ ବୁଝିବାକୁ ଆରମ୍ଭ କରୁଛି, ସେ କଥାଟିକୁ ସିଏ ବେଶ୍ ବୁଝୁଛି । ତେଣୁ ଅତ୍ୟନ୍ତ ସ୍ୱାଭାବିକ କଥା ଯେ, ତା'ଲାଗି ବର୍ତ୍ତମାନ ଭାବନା ବୋଲି ଆଉ କିଛି ନାହିଁ; ଏଗୁଡ଼ିକୁ କେବଳ ଚେତନାରହିଁ ଭିନ୍ନ ଭିନ୍ନ ଅବସ୍ଥା ବୋଲି କୁହାଯିବ,— ଚେତନାର ଏଭଳି କେତେଗୁଡ଼ିଏ ଅବସ୍ଥା, ଯେଉଁଗୁଡ଼ିକ କି ପରସ୍ପରକୁ ପରିପୂର୍ଣ୍ଣ କରି ଦେଉଛନ୍ତି, ପରସ୍ପରର ସ୍ଥାନାପନ୍ନ ହୋଇ କାର୍ଯ୍ୟ କରୁଛନ୍ତି... ଏବଂ, ଏହି ପ୍ରକ୍ରିୟାଟି ଏତେଦୂର ଚାଲିଛି ଯେ, ଭାବନା ଦ୍ୱାରା ପ୍ରକୃତରେ ଆଦୌ କିପରି କ'ଣ ଜାଣିହେବ ବୋଲି ଏକ ପ୍ରଶ୍ନ ମଧ୍ୟ ଉତ୍ଥାପିତ ହୋଇ ଆସୁଛି । କାରଣ ତା'ଲାଗି ଚେତନାହିଁ ଜାଣିବାର ଓ ଚିହ୍ନିବାର ଏକମାତ୍ର ମାର୍ଗ ହୋଇ ରହିଛି । ଏବଂ, ସାଧାରଣ ଦୃଷ୍ଟିରୁ ଦେଖିଲେ ଏହା ଅଧିକରୁ ଅଧିକ ସ୍ପଷ୍ଟ ହେବାରେ ଲାଗିଛି ଏବଂ ଶରୀର ନିଜର କ୍ଷେତ୍ରଟିରେ ମଧ୍ୟ ତାହାର ପ୍ରୟୋଗ କରୁଛି । ଅର୍ଥାତ୍, ଏପରି ଏକ କ୍ରିୟା ସମ୍ପନ୍ନ ହେଉଛି, ଯେପରିକି ତଦ୍ଦ୍ୱାରା ଶରୀରର ସମସ୍ତ ଭାଗଗୁଡ଼ିକ ଚେତନାଯୁକ୍ତ ହୋଇପାରିବ; କେବଳ ପ୍ରାପ୍ତ ହେଉଥିବା ଶକ୍ତିଗୁଡ଼ିକ ବିଷୟରେ ଯେ ସଚେତନ ହୋଇପାରିବ ତା'ନୁହେଁ, କେବଳ ତାହା ମଧ୍ୟଦେଇ ଗତି କରି ଯାଉଥିବା ଶକ୍ତିଗୁଡ଼ିକ ବିଷୟରେ ବି ସଚେତନ ହୋଇପାରିବ ତାହା ନୁହେଁ, ମାତ୍ର ତାହାର ଅନ୍ତର୍ଗତ କ୍ରିୟାଶୀଳତାର ପ୍ରକ୍ରିୟାଟି ବିଷୟରେ ମଧ୍ୟ ସଚେତନ ହୋଇପାରିବ ।

ଏବଂ ଏହି କ୍ରିୟାଟି ଅଧିକରୁ ଅଧିକ ପରିମାଣରେ ସୁନିର୍ଦ୍ଦିଷ୍ଟ ହେବାରେ ଲାଗିଛି ।

ଏବଂ ସର୍ବୋପରି ଏକଥା ମଧ୍ୟ ହେଉଛି : ଏହାଲାଗି ସବୁକିଛିହିଁ ଚେତନାର ଏକ ବ୍ୟାପାରରେ ପରିଣତ ହୋଇଯାଉଛି, ଏବଂ ଯେତେବେଳେ ଏହା କିଛି କରିବ ବୋଲି ଇଚ୍ଛା କରୁଛି, ସେତେବେଳେ, ଏହି କାର୍ଯ୍ୟଟିକୁ କିପରି କରିବାକୁ ହେବ, ସେ କଥାଟିକୁ ଜାଣିବାର ପ୍ରକୃତ ଅର୍ଥ ଯେ କ'ଣ, ସିଏ ଆଉ ସେକଥା ମୋଟେ ବୁଝି ବି ପାରୁ ନାହିଁ । କାର୍ଯ୍ୟଟିକୁ ଯେପରି ଭାବରେ କରିବାକୁ ହେବ, ସେହି ପ୍ରଣାଳୀଟି ବିଷୟରେ **ସଚେତନ** ହୋଇ ରହିବାଟିହିଁ ସେତେବେଳେ ଏକମାତ୍ର ପ୍ରୟୋଜନ ହୋଇ ରହୁଛି । ଏବଂ, କେବଳ ତା' ନିଜ ସକାଶେ ନୁହେଁ, ତା ଚତୁର୍ଦ୍ଦିଗରେ ରହିଥିବା ସବୁ ମଣିଷଙ୍କ ସକାଶେ ମଧ୍ୟ କେବଳ ତାହାହିଁ ଏକମାତ୍ର ପ୍ରୟୋଜନ ହୋଇ ରହିଛି । ଏହା ପ୍ରକୃତରେ ଏପରି ଏକ ସୁନିଶ୍ଚିତ ପ୍ରକୃତ କଥାରେ ପରିଣତ ହୋଇ ସାରିଲାଣି... ତେଣୁ ଆଉ ଅନ୍ୟଜଣକଠାରୁ କିଛି ଶିକ୍ଷା କରିବା,— ଉଦାହରଣ ସ୍ୱରୂପ କୌଣସି ଗୋଟିଏ କାର୍ଯ୍ୟ କରିବାର ପ୍ରଣାଳୀଟିକୁ

ଶିକ୍ଷା କରିବା : କେବଳ ସେହି କ୍ଷେତ୍ରଟିରେ ତାହା ପ୍ରୟୋଗ କରୁଥିବା ଚେତନାଟି ସହିତ ସେହି କାର୍ଯ୍ୟଟିକୁ କରିବା ଦ୍ୱାରାହିଁ ସିଏ ସେହି ପ୍ରଣାଳୀଟିକୁ ଶିଖିନେଇ ପାରୁଛି । ଏବଂ, ଆଉଜଣେ ବ୍ୟକ୍ତି ଏବିଷୟରେ ତାକୁ ଯାହାକିଛି ବୁଝାଇବାକୁ ବାହାରୁଛି ବା ସେ ଯାହା ବୁଝାଇପାରିବ, ତାହା ତାକୁ ଗୋଟାସୁଦ୍ଧା ଶୂନ୍ୟ ଓ ନିରର୍ଥକ ବୋଲି ମନେ ହେଉଛି ।

ଏବଂ ଏବେ ଅଧିକରୁ ଅଧିକ ପରିମାଣରେ ଏପରି ହେଉଛି ।

(*ମାଆ ନୀରବ ରହିଲେ*)

*ଆପଣ ଭୂମି ଉପରେ ତଳେ ଲମ୍ବ ହୋଇ ଶୋଇଥିବାର ମୋ'ର ଯେଉଁ ଲୋକନଟି ବିଷୟରେ ମୁଁ ଯେଉଁ ପ୍ରଶ୍ନଟି ପଚାରିଥିଲି, ଆପଣ ତାହାର କୌଣସି ଉତ୍ତର ଦେଲେ ନାହିଁ ।...*

(*ମାଆ ହସିଲେ*) ମୁଁ ଅନୁମାନ କରୁଛି ଯେ, ଏହା ହେଉଛି ପରିପୂର୍ଣ୍ଣ ସମର୍ପଣର ଏକ ପ୍ରତୀକ । ମୁଁ ଉପରକୁ ମୁହଁ କରି ଶୋଇଥିଲି, ନୁହେଁ ?

*ହଁ, ଆପଣ ଉପରକୁ ମୁହଁ କରି ଭୂମିରେ ଶୋଇଥିଲେ ।*

ଏଇଟି ହେଉଛି ସମ୍ପୂର୍ଣ୍ଣ ଭାବରେ ଚିନ୍ତାଶୂନ୍ୟ ହୋଇ ଆପଣାକୁ ପରିପୂର୍ଣ୍ଣ ଭାବରେ ଗ୍ରହଣଶୀଳ କରି ରଖିବାର ଏକ ଦୃଷ୍ଟି । ଶରୀର ଭିତରେ ଏହି ଯେଉଁ ଦୃଷ୍ଟିଟି ରହିଛି, ତୁମ ଲୋକନଟି ନିଶ୍ଚିତ ଭାବରେ ତାହାରି ଏକ ପ୍ରତୀକାତ୍ମକ ଅଭିବ୍ୟକ୍ତି ହୋଇଥିବ ।

କାରଣ, ପ୍ରକୃତ କଥା କହିବାକୁ ଗଲେ, ଯାହାକୁ ଆପେ ସ୍ୱତନ୍ତ୍ର ହୋଇ କାର୍ଯ୍ୟ କରିବାର ଏକ ଭାବ ବୋଲି କୁହାଯାଇ ପାରିବ, ଏହି ଶରୀରର କୌଣସି ଏକ ଅଙ୍ଗ ବା ''କ୍ଷୁଦ୍ର'' ଅଂଶରେ ମଧ୍ୟ ହୁଏତ ସେହି ଭାବଟି କେଉଁଠି ରହିଛି ବୋଲି ମୁଁ ମୋଟେ ଜାଣି ନାହିଁ । ମାତ୍ର ଶରୀର ଯଥାର୍ଥ ଭାବରେ ଆପଣାର ପୂର୍ଣ୍ଣ ସମର୍ପଣ କରି ଦେଇଛି; ଅର୍ଥାତ୍, ଏହାର ଆଉ ଆପଣାର ଇଚ୍ଛା ବୋଲି ଆଦୌ କିଛି ନାହିଁ – କୌଣସି ବାସନା ନାହିଁ, ଆପଣାର କୌଣସି ଇଚ୍ଛା ନାହିଁ; ଏବଂ, ଯଥାର୍ଥ ସଙ୍କେତଟି ପାଇବା ଲାଗି ତାହା ସତେଯେପରି ''କାନଡେରି'' ନିରନ୍ତର ଅପେକ୍ଷା କରି ରହିଛି ।

ଠିକ୍ ଯେଉଁ ସ୍ଥାନଟି ବା ଯେଉଁ କ୍ରିୟାଟି ଏପର୍ଯ୍ୟନ୍ତ... ଏଠାରେ ମୁଁ ଠିକ୍

''ରୂପାନ୍ତରିତ'' ହୋଇ ନାହିଁ ବୋଲି କହିବି ନାହିଁ, କାରଣ ଏଇଟା ହେଉଛି ଏକ ବୃହତ୍ ଶବ୍ଦ,— ଯେଉଁ କ୍ରିୟାଟି ଏପର୍ଯ୍ୟନ୍ତ ଅବଶିଷ୍ଟଟି ସହିତ ସମଞ୍ଜସତା ଲାଭ କରିପାରି ନାହିଁ ଓ ତେଣୁ ଏକ ବିଶୃଙ୍ଖଳା ସୃଷ୍ଟି କରୁଛି, ଶରୀର ବର୍ତ୍ତମାନ ସେହିଟିକୁ ଜାଣିବାକୁ ଆରମ୍ଭ କରୁଛି । ତାହା ତା'ର ପ୍ରତ୍ୟେକ ମୁହୂର୍ତ୍ତର ଏକ ବୋଧରେ ପରିଣତ ହେବାକୁ ଆରମ୍ଭ କରୁଛି । ଯେତେବେଳେ ଅସ୍ୱାଭାବିକ ବୋଲି ବୋଧ ହେଉଥିବା କୌଣସି କିଛି ଘଟୁଛି, ସେତେବେଳେ, ସେଇଟି ପ୍ରକୃତରେ କାହିଁକି ଘଟିଲା, ତାହାର ପରିଣତି କ'ଣ ହେବ ଓ ଏକ ଆପାତ ବିଶୃଙ୍ଖଳା କିପରି ଏକ ବୃହତ୍ତର ପରିପୂର୍ଣ୍ଣତା ଲାଗି ବାଟ ଫିଟାଇଦେବ, ତାହାରି ଏକ ବୋଧ ସମ୍ଭବ ହୋଇ ଯାଉଛି, ତାହାର ଏକ ଚେତନା ସମ୍ଭବ ହେଉଛି । ହଁ, ପ୍ରକୃତରେ ସେହିପରି ହେଉଛି । ଏହାକୁ ଅବଶ୍ୟ ଏକ କ୍ଷୁଦ୍ର ଆରମ୍ଭ ବୋଲି କୁହାଯାଇ ପାରିବ; ମାତ୍ର ତାହା ତଥାପି ଆରମ୍ଭ ହୋଇଗଲାଣି । ଶରୀର କିଞ୍ଚିତ୍ ସଚେତନ ହେବାକୁ ଆରମ୍ଭ କଲାଣି । ଏବଂ, କେବଳ ନିଜ ପାଇଁ ନୁହେଁ, ତାହା ଅନ୍ୟମାନଙ୍କ ପାଇଁ ମଧ୍ୟ ସଚେତନ ହେବାକୁ ଆରମ୍ଭ କରିଛି । ସେହି ପ୍ରକ୍ରିୟାଟି ଆରମ୍ଭ ହୋଇ ଯାଇଛି । କିପରି, ଅର୍ଥାତ୍ କେଉଁ ପ୍ରଣାଳୀଟି ଅନୁସାରେ ଚେତନା (ଏଠାରେ ଏହା ପରମ ଚେତନାକୁହିଁ ବୁଝାଇବ) ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟ କରୁଛି, ତାହାର ଏକ ବୋଧ ଲାଭ କରିବାର ପ୍ରକ୍ରିୟାଟି ଆରମ୍ଭ ହୋଇ ଗଲାଣି । ଏବଂ ବସ୍ତୁତଃ, ବେଳେବେଳେ (ଆଗ ଅନୁଭବଟି ହେଉଛି, ଏବଂ ତାହାର **ଦୀର୍ଘ ଅନେକ ସମୟ ପରେ** ଯାଇ ତାହାକୁ ଶବ୍ଦ ଦେଇ ବ୍ୟକ୍ତ କରି ହେଉଛି) ଆଉ ବିଭାଜନର ଆଦୌ କୌଣସି ବୋଧ ହେଉ ନାହିଁ; କେବଳ ଏକ ବୈଚିତ୍ର୍ୟରହିଁ ଅବବୋଧ ହେଉଛି ଏବଂ ତାହା ଭାରି ଆଗ୍ରହୋଦ୍ଦୀପକ ହେବାକୁ ଆରମ୍ଭ କରୁଛି... ଏହି ବୈଚିତ୍ର୍ୟର ବୋଧଟିହିଁ,— ଯଦି ଅଲଗା ହୋଇଯିବାର ସେହି ''ଝିଙ୍କିବା''ଟି ନ ଥା'ନ୍ତା,— ଯଥାର୍ଥ ଚେତନାର ଭୂମିରେ ପରିପୂର୍ଣ୍ଣ ଭାବରେ ସମଞ୍ଜସତାଯୁକ୍ତ ହୋଇ ପାରନ୍ତା ଏବଂ ଏପରି ଏକ ସମଗ୍ରତାକୁ ସମ୍ଭବ କରି ଆଣନ୍ତା, ଯାହାକୁହିଁ ପରିପୂର୍ଣ୍ଣତା ବୋଲି କୁହାଯାଇ ପାରନ୍ତା (*ମାଆ ଏକ ବୃତ୍ତ କାଟିଦେବାର ଇଙ୍ଗିତ କଲେ*) । କେବଳ ସେହି ପ୍ରତିବନ୍ଧକଟି — କ'ଣ ପ୍ରକୃତରେ ଘଟିଛି ?— ... ପ୍ରକୃତରେ କ'ଣ ହୋଇଛି ?...

କୌଣସି କାରଣରୁ ସେପରି ହେବା ଆବଶ୍ୟକ ହେଲା ନା କେବଳ ଆକସ୍ମିକ ଭାବରେ ତାହା ଘଟିଲା, ସେହି କଥାଟି ଜାଣିବାକୁ ଏବେ ମଧ୍ୟ ବାକି ରହିଛି । ମାତ୍ର ତାହାକୁ ଏକ ଆକସ୍ମିକ ଘଟଣା ବୋଲି କିପରି କୁହାଯାଇ ପାରିବ ? ସେହି ମୁହୂର୍ତ୍ତଟି ପାଇଁ (ଏହି କ୍ଷେତ୍ରରେ କୌଣସି ଭାବନା କାର୍ଯ୍ୟ କରୁ ନାହିଁ, ତେଣୁ ଏଥିରେ କିଛି ନିରର୍ଥକତା ଅବଶ୍ୟ ରହିଯାଉଛି) ସେହି ମୁହୂର୍ତ୍ତକ ଲାଗି ଏପରି ଏକ ଅନୁଭବ ହେଉଛି... ଆମେ ତାହାକୁ ସିଧା ଏହିପରି ଭାବରେ ବ୍ୟକ୍ତ କରିପାରିବା : ଏକ ଦୁର୍ଜେୟ ଚେତନା

ଅର୍ଜନ କରିବା ସମ୍ଭବ ହୋଇଛି ଏବଂ, ଯାବତୀୟ ଦୁଃଖ-ଭୋଗ ଏବଂ ବିଶୃଙ୍ଖଳାର ମୂଲ୍ୟ ଦେଇ ତାହାକୁ ଅର୍ଜନ କରାଯାଇଛି... କାଲି ବା ଆଜି (ବର୍ତ୍ତମାନ ମୁଁ ସେହି କଥାଟି ମନେ କରିପାରୁ ନାହିଁ) – ଖୁବ୍ ସମ୍ଭବ, କାଲି ଏକ ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ ସମସ୍ୟାଟି ବଡ଼ ଉତ୍କଟ ହୋଇ ପଡ଼ିଥିଲା, ଏବଂ ସେତେବେଳେ ସ୍ୱୟଂ ଦିବ୍ୟ ପରମଚେତନା ମୋତେ ଆସି କହିଲା : ''ଏହି ଦୁଃଖଭୋଗଟିରେ ପ୍ରକୃତରେ ମୁଁ ନିଜେ ଏହି ସକଳ ଦୁଃଖକୁ ଭୋଗ କରୁଛି''– ସେହି ପରମଚେତନା ମୋତେ ଏପରି କହୁଥିଲା, ନୁହେଁ ?– ''ଏହି ଦୁଃଖକୁ ମୁଁ ଭୋଗ କରୁଛି, ମାତ୍ର ତୁମେ ଯେପରି ଭାବରେ ଭୋଗ କରୁଛ ସେପରି ନୁହେଁ, ମୁଁ ଆଉ ଏକ ଭାବରେ ଭୋଗ କରୁଛି ।'' ଏହି କଥାଟିକୁ କିପରି ଯେ ଶବ୍ଦରେ ପ୍ରକାଶ କରି କହିହେବ, ମୁଁ ସେକଥା ଜାଣିପାରୁ ନାହିଁ । ହୁଏତ ଏହିପରି ହୋଇଥିଲା ଯେ, ଆମେ ଯାହାକୁ ଦୁଃଖଭୋଗ ବୋଲି କହୁଛୁ, ଦିବ୍ୟ ପରମଚେତନା ତାହାକୁ ଅନୁଭବ କରୁଥିଲା । ଦିବ୍ୟ ପରମଚେତନା ଲାଗି ମଧ୍ୟ ଦୁଃଖଭୋଗ ଥିଲା; ମାତ୍ର ଆମ ଚେତନାରେ ତାହା ଯେପରି ଭାବରେ ଅନୁଭୂତ ହୁଏ, ସେପରି ନୁହେଁ, ମାତ୍ର ଏକ ଅନ୍ୟଭାବରେ ତାହା ସେହି ଦୁଃଖକୁ ଅନୁଭବ କରୁଥିଲା; ଏବଂ ତା'ପରେ,– ସମସ୍ତଙ୍କର ଚେତନାକୁ ଏକାବେଳେକେ ଯୁଗପତ୍ ଭାବରେ ଅନୁଭବ କରିବା ପାଇଁ ଏକ ବୋଧ ଆଣି ଦେବାର ଏକ ପ୍ରୟାସ ମଧ୍ୟ ତା'ପରେ ହୋଇଥିଲା । (ଏହି କଥାଟିକୁ ବ୍ୟକ୍ତ କରିବା ଲାଗି ହୁଏତ କେବଳ ଏହିପରି କହିହେବ) : ଦୁଃଖଯନ୍ତ୍ରଣା, ଉତ୍କଟତମ ବିଶୃଙ୍ଖଳା ଏବଂ ପରମ ସମଞ୍ଜସତା ଓ ପରିପୂର୍ଣ୍ଣତମ ଆନନ୍ଦ – ଏହି ଦୁଇଟିଯାକକୁ ଏକାଠି ଅନୁଭବ କରିବା ଲାଗି ଏକ ପ୍ରୟାସ ହୋଇଥିଲା । ଏହା ଅତ୍ୟନ୍ତ ସ୍ପଷ୍ଟ କଥା ଯେ, ତଦ୍ଦ୍ୱାରା ଦୁଃଖଭୋଗର ସ୍ୱଭାବଟିହିଁ ବଦଳି ଯାଇଥିଲା ।

ମାତ୍ର ଏହି ସବୁକିଛି ଅତ୍ୟନ୍ତ ସଚେତନ ଭାବରେ ହେଉଥିଲା ଓ ମୁଁ ବର୍ତ୍ତମାନ ଯାହା କହୁଛି, ତାହା ପ୍ରକୃତରେ ପିଲାମାନେ କହୁଥିବା ଗୋଟିଏ ଗୋଟିଏ କଥା ପରି । ଯାହା ପ୍ରକୃତରେ ହୋଇଥିଲା, ଏହା ତାହାର କୌଣସି ପ୍ରକୃତ ତର୍ଜମା କରିପାରିବ ନାହିଁ ।

ହଁ, ଏପରି ଗୋଟିଏ ବୋଧ ବି ହୋଇଥିଲା ଯେ, କ୍ରମଶଃ, ଏହିସବୁ ଅନୁଭବର ମଧ୍ୟଦେଇ ପ୍ରତ୍ୟେକଟି ସମଗ୍ର (ଆମେ ଯାହାକୁ ଶରୀର ବୋଲି କହୁଛୁ) ଆପଣାକୁ ଏପରି ଭାବରେ ଅନୁକୂଳିତ କରିଆଣୁଛି, ଯେପରିକି ତାହା ଯଥାର୍ଥ ପରମଚେତନାଟିକୁ ବହନ କରି ରହିବା ଲାଗି ସମର୍ଥ ହୋଇ-ପାରିବ । ସେଥିଲାଗି ପ୍ରକୃତରେ ଅନୁକୂଳନର ଏକ ପ୍ରକ୍ରିୟାର ପ୍ରୟୋଜନ ରହିଛି ।

*ମାତ୍ର ମୁଁ ଭାବୁଛି,* "Thoughts and Glimpses" (ବିଚାର ଓ ଦୃଷ୍ଟିପାତ) *ଗ୍ରନ୍ଥରେ ଶ୍ରୀଅରବିନ୍ଦ ଲେଖିଛନ୍ତି ଯେ, ଦୁଃଖଭୋଗ ଆମକୁ ସେହି ପରମ ଆନନ୍ଦଟି ଲାଗିହିଁ ପ୍ରସ୍ତୁତ କରି ନେଇଯାଏ ।**

ହଁ । ମୁଁ ମଧ୍ୟ ଅବଶ୍ୟ କହିବି ଯେ, ଶ୍ରୀଅରବିନ୍ଦଙ୍କର ରଚନାରେ ଏପରି ଅନେକ କଥା ରହିଛି, ଯାହାକୁ କି ମୁଁ ବର୍ତ୍ତମାନ ଏକ ଅନ୍ୟପ୍ରକାରେ ବୁଝିବାକୁ ଆରମ୍ଭ କରୁଛି ।

(*ମାଆ ନୀରବ ରହିଲେ*)

କୌଣସି ଏକ ବସ୍ତୁକୁ ତୁମେ ପ୍ରକୃତରେ ସ୍ପର୍ଶ କରିବାକୁ ଯାଉଛ ବୋଲି ଅନୁଭବ ହେଉଥିବ, ଏବଂ ତା'ପରେ... ତାହା ତୁମଠାରୁ ଦୂରକୁ ପଳାଇବ । ସେହି କ୍ଷେତ୍ରରେ ନିଶ୍ଚୟ କୌଣସି ଏକ କଥାର ଅଭାବ ରହିଥିବ । ଏବେ ମଧ୍ୟ ଏକ ଅତ୍ୟନ୍ତ ଦୀର୍ଘ, ଦୀର୍ଘ, ଦୀର୍ଘ ପଥ ବାକି ରହିଛି ।

---

* ''ଏକ କଳ୍ପନାତୀତ ପରମୋଲ୍ଲାସର ସ୍ପର୍ଶ ପାଇବା ଲାଗିହିଁ ଦୁଃଖ କାର୍ଯ୍ୟ କରିବାରେ ଲାଗିଥାଏ ।'' (ଶତବାର୍ଷିକୀ ସଂସ୍କରଣ, ୧୬ଶ ଖଣ୍ଡ (ଇଂ), ପୃ. ୩୮୪) Thoughts and Aphorisms (ବିଚାର ଓ ସୂତ୍ରାବଳି)ରେ ମଧ୍ୟ ଶ୍ରୀଅରବିନ୍ଦ ଲେଖିଛନ୍ତି : ''ଆମର ଦୁଃଖ ମାଧ୍ୟମରେ ଆମ ଦିବ୍ୟଜନନୀ ଆମକୁ ସ୍ପର୍ଶ କରନ୍ତି ଏବଂ ଆମେ ଯେ କିପରି ସେହି ଦୁଃଖର ସହନ କରିପାରିବା ଏବଂ ଭାବମୟ ଆନନ୍ଦମଗ୍ନତା ଆଡ଼କୁ ଅଗ୍ରସର ହୋଇଯିବା, ଆମକୁ ସେହି କଥାଟିକୁ ଶିଖାଇ ଦିଅନ୍ତି । ଆମକୁ ଏହି ଶିକ୍ଷା ଦେବାର ତାଙ୍କର ତିନୋଟି ପର୍ଯ୍ୟାୟ ରହିଛି : ପ୍ରଥମଟି ହେଉଛି ସହ୍ୟ କରିବା, ଦ୍ୱିତୀୟରେ ଅନ୍ତର୍ଗତ ସମତା ଅର୍ଜନ କରିବା ଏବଂ ଶେଷଟି ହେଉଛି, ସେହି ଉଲ୍ଲାସ ମଧ୍ୟରେ ମଗ୍ନ ହୋଇ ରହିବା ।'' [ତତ୍ରୈବ, ୧୭ଶ ଖଣ୍ଡ (ଇଂ), ପୃ. ୮୯]

## ୨୧ ଡିସେମ୍ବର ୧୯୬୮

*ଗୋଟିଏ ପ୍ରଶ୍ନ ପଚରା ଯାଇଛି । ମୁଁ ସେଇଟିକୁ ଅନୁବାଦ କରି କହୁଛି : ‘‘ଗତ ଅଗଷ୍ଟ ଓ ସେପ୍‌ଟେମ୍ବର ମାସଗୁଡ଼ିକରେ ହୋଇଥିବା ଅନୁଭୂତିଗୁଡ଼ିକୁ ବର୍ଣ୍ଣନା କରିବାକୁ ଯାଇ ମାଆ ମନ ଓ ପ୍ରାଣର କ୍ଷେତ୍ରଟିକୁ ଅଲଗା କରି ରଖିବା ବିଷୟରେ କହିଥିଲେ । ଶରୀର ସ୍ତରରେ ଏକ ସତ୍ୱର ଏବଂ ଫଳପ୍ରଦ ରୂପାନ୍ତର ଘଟାଇବା ସକାଶେ ସେଗୁଡ଼ିକୁ କାହିଁକି ଅବଶ୍ୟ ବିଲୁପ୍ତ ହେବାକୁ ପଡ଼ିବ ? ସେମାନଙ୍କ ଉପରେ ମଧ୍ୟ କ’ଣ ଅତିମାନସ ଚେତନା କାର୍ଯ୍ୟ କରୁ ନାହିଁ କି ?*

ଅବଶ୍ୟ କାର୍ଯ୍ୟ କରୁଛି, ତାହା ଦୀର୍ଘ ଅନେକ ସମୟ ଲାଗି କାର୍ଯ୍ୟ କରି **ଆସିଲାଣି** । ଶରୀର ପ୍ରାଣିକ ଏବଂ ବିଶେଷ ଭାବରେ ମାନସିକ ଭାଗଟିର ବୋଲ ମାନିବାରେ ଅଭ୍ୟସ୍ତ ଥିବାରୁ,– ଅଭ୍ୟସ୍ତ ରହି ଆସିଥିବାରୁ – ସେହି ବିଷୟରେ ଏଭଳି କୁହା ଯାଇଥିଲା । ଯେପରିକି ତାହା କେବଳ ଉଚ୍ଚତର ଚେତନାଟିରହିଁ ଅନୁଗତ ହୋଇ ରହିପାରିବ, ସେଇଥିଲାଗି ଶରୀରର ସେହି ଅଭ୍ୟାସଟିକୁ ବଦଳାଇ ଦେବା ପାଇଁହିଁ ସେପରି କରିବାକୁ ହେବ । ପ୍ରକ୍ରିୟାଟି ଯେପରି ଅଧିକ ବେଗରେ ସମ୍ଭବ ହେବ, ସେହି ସକାଶେ ସେପରି କୁହା ଯାଇଥିଲା । ମନୁଷ୍ୟମାନଙ୍କ ଭିତରେ ମନ ଏବଂ ପ୍ରାଣିକର ମଧ୍ୟଦେଇ ପରମ ତତ୍ କାର୍ଯ୍ୟ କରୁଛନ୍ତି; ମାତ୍ର ମୁଁ କହିଛି ଯେ ସେ ଶରୀର ମଧ୍ୟଦେଇ କାର୍ଯ୍ୟ କଲେ ସେହି କ୍ଷେତ୍ରରେ ଅଧିକ ନିଶ୍ଚିତତା ସମ୍ଭବ ହୋଇପାରିବ । ଏକ ଅନୁଭୂତି ହିସାବରେ ଅବଶ୍ୟ ଏହାକୁ ଅଧିକ ପ୍ରମାଦଗ୍ରସ୍ତ ବୋଲି କୁହାଯିବ । ମାତ୍ର ଏହାଦ୍ୱାରା ପ୍ରକ୍ରିୟାଟିର ବେଗ ଅତୀବ ପରିମାଣରେ ବୃଦ୍ଧିପାଏ; କାରଣ ସାଧାରଣତଃ ଅନ୍ୟ ଦୁଇଟିର ମଧ୍ୟଦେଇହିଁ ଆମେ ଶରୀରକୁ ନେଇ କୌଣସି କ୍ରିୟା କରିଥାଉ; ମାତ୍ର ଏହି ରୀତିଟିରେ, ଯେତେବେଳେ ଅନ୍ୟ ଦୁଇଟିଯାକ ବହିର୍ଗତ ହୋଇ ରହିଥାନ୍ତି, ସେହି ପରମ ତତ୍ ସିଧା କାର୍ଯ୍ୟ କରିପାରନ୍ତି । ମୁଁ ସେହି କଥା କହିଥିଲି ।

ସେହି ପ୍ରକ୍ରିୟାଟିକୁ ମୁଁ ମୋଟେ ଅନ୍ୟମାନଙ୍କ ଲାଗି ସୁପାରିସ କରୁ ନାହିଁ । ଅବସର ଆସି ପହଞ୍ଚିବା ମାତ୍ରକେ ମୁଁ ପ୍ରତ୍ୟେକ ଥର ସେହି କଥାଟିକୁ ଦୋହରାଇ କରି କହୁଛି । ଏଇଟି ନେଇ ଚେଷ୍ଟା କରିବା ଉଚିତ ବୋଲି ଲୋକମାନଙ୍କର ଆଦୌ କଳ୍ପନା କରିବା ଉଚିତ ନୁହେଁ (ସେମାନେ କଦାପି ସେକଥା କରିପାରନ୍ତେ ନାହିଁ, ମାତ୍ର ସେଥିରେ କିଛି ଯାଏ ଆସେ ନାହିଁ) । ମୁଁ ସେଇଟିକୁ ମୋଟେ ସୁପାରିସ କରୁ ନାହିଁ । ସମସ୍ତଙ୍କ ଲାଗି ଆବଶ୍ୟକ ସମୟଟି ଅବଶ୍ୟ ଲାଗିବ । କେବଳ ଏତେଗୁଡ଼ାଏ ବର୍ଷ ହୋଇଗଲାଣି ବୋଲି

ଏହି କଥାଟିର ଅବସର ଆସିଲା... ପ୍ରକ୍ରିୟାଟି କ୍ଷିପ୍ରତର ହୋଇପାରିବ ବୋଲି ସେଇଟିକୁ କରାଗଲା ।

(*ମାଆ ନୀରବ ରହିଲେ*)

ଏହି କ୍ଷେତ୍ରରେ କୌତୂହଳପୂର୍ଣ୍ଣ କଥାଟି ହେଉଛି ଯେ, ଶରୀରର ଯେ ଏକ ସ୍ୱାଭାବିକ ପ୍ରାକୃତିକ ପ୍ରବୃତ୍ତି ରହିଛି (ମୁଁ ଭାବୁଛି, ସବୁ ଶରୀରରେ ତାହା ଆଦୌ ସେହି ଗୋଟିଏ ପ୍ରକାରର ହୋଇ ରହି ନ ଥାଏ : ଏହି ଶରୀର ଯେଉଁ ପରି ଭାବରେ ତିଆରି ହୋଇଛି, ତାହା ତାହାରି ଉପରେ ନିର୍ଭର କରୁଥାଏ, ଅର୍ଥାତ୍ ପିତାମାତା ଓ ପୂର୍ବପୁରୁଷ ପ୍ରଭୃତିଙ୍କ ଉପରେ ନିର୍ଭର କରୁଥାଏ), ସେହି କଥାଟିକୁ ପ୍ରଦର୍ଶନ କରି ଦେଖାଇ ହେବ । ଶରୀର ଯେ ଆଦୌ କାହାରି ଉପରେ ନିର୍ଭର ନ କରି ଆପେ କ୍ରିୟା କରିପାରୁଛି, ତାହାର ପ୍ରମାଣ ଦର୍ଶାଇ ଦିଆ ଯାଇପାରିବ । ଉଦାହରଣ ସ୍ୱରୂପ, ଏହି ଶରୀରଟି ମଧ୍ୟରେ ଏକ ପ୍ରକାରର କଳ୍ପନାଶକ୍ତି (ଏହା ଏକ ବିଚିତ୍ର ପ୍ରକାରର) ରହିଛି, ଏକ ନାଟକୀୟ ପ୍ରକୃତିର କଳ୍ପନାଶକ୍ତି ରହିଛି : ସର୍ବଦା ତା' ଭିତରେ ଏପରି ଏକ ଅନୁଭବ ରହିଛି ଯେ, ତାହା ନାନାବିଧ ଦୁର୍ବିପାକ ଓ ବିପତ୍ତି ଭିତରେ ବାସ କରିବାରେ ଲାଗିଛି । ଏବଂ, ତା'ପରେ, ତା'ଭିତରେ ସର୍ବଦା ଯେଉଁ ବିଶ୍ୱାସଟି ମଧ୍ୟ ରହିଛି, ସେହି ବିପତ୍ତି-ଭାବନା ଏକ ଉପଲବ୍ଧିରେ ରୂପାନ୍ତରିତ ହୋଇଯାଉଛି । ଏହିପରି ନାନା ଅସମ୍ଭବ କଥା ଘଟୁଛି । ତେଣୁ, କିୟତ୍‌କାଳ ସକାଶେ ତାହାକୁ ତାହାର ଏକ କଳ୍ପନା ମଧ୍ୟରେ ସ୍ୱାଧୀନ ଭାବରେ ଛାଡ଼ି ଦିଆଯାଉଛି (ଏବେ ଏହି କଥାଟିହିଁ ଘଟିଛି) ଏବଂ, ସେହି ନିର୍ବୋଧ କାର୍ଯ୍ୟଟିକୁ କରି କରି କ୍ଳାନ୍ତ ହୋଇଗଲା ପରେ ତାହା ସକଳ ଅନ୍ତର୍ଗଭୀରତା ସହିତ ପ୍ରାର୍ଥନା କରିବାକୁ ଆରମ୍ଭ କରୁଛି, ସେହି ପ୍ରକ୍ରିୟାଟି ବନ୍ଦ ହୋଇଯାଉ ବୋଲି ପ୍ରର୍ଥନା କରୁଛି । ସଙ୍ଗେ ସଙ୍ଗେ ତାହା ସେହି କାର୍ଯ୍ୟଟିକୁ ଆରମ୍ଭ କରିଦେଉଛି (*ମାଆ ଇଙ୍ଗିତ କରି ଦେଖାଇଦେଲେ*); ତାହା ସଙ୍ଗେ ସଙ୍ଗେ ବୁଲିପଡ଼ି ଏକ ଧ୍ୟାନ ମଧ୍ୟରେ ମଗ୍ନ ହୋଇ ଯାଉଛି, ସର୍ବତ୍ର ବିରାଜି ରହିଥିବା ସେହି ଅଦ୍ଭୁତ ପରମ-ଉପସ୍ଥିତିଙ୍କର ଧ୍ୟାନରେ ନିମଗ୍ନ ରହୁଛି । ତାଙ୍କୁ ଦୂର ପରି ଅନୁଭବ କରି ନୁହେଁ, ଅତ୍ୟନ୍ତ ସନ୍ନିଧାନରେ ଅନୁଭବ କରି ଧ୍ୟାନମଗ୍ନ ହୋଇ ରହୁଛି ।

ଏହା ଠିକ୍ ଏହିପରି, ଏହିପରି ହେଉଛି (*ମାଆ କ୍ଷିପ୍ର ଭାବରେ ଦୁଇଟି ଆଙ୍ଗୁଠିକୁ ବୁଲାଇକରି ଦେଖାଇଲେ*) । ଏଥିଲାଗି କୌଣସି ସମୟ ଲାଗୁ ନାହିଁ, ଏଥିଲାଗି କୌଣସି ପ୍ରସ୍ତୁତି ବା ସେହିଭଳି ଆଉ କିଛିହେଲେ ହେଉ ନାହିଁ । ଏହିପରି ଡେଇଁ ପଡ଼ିଲା ପରି ସବୁ ହେଉଛି (*ପୁଣି ସେହିପରି ଇଙ୍ଗିତ କଲେ*), ସତେଅବା ଶରୀରର ନିର୍ବୋଧତାକୁହିଁ

ଦେଖାଇଦେବା ସକାଶେ ଏପରି ହେଉଛି । ଏହାକୁ ପ୍ରକୃତରେ ଏକ ସଂପୂର୍ଣ୍ଣ ନିର୍ବୋଧ ବ୍ୟାପାର ବୋଲି କୁହାଯିବ, କେବଳ ଆପଣାଛାଏଁ କାର୍ଯ୍ୟ କରୁଥିବା ଶରୀର ନିର୍ବୋଧତାର ପ୍ରମାଣ ଦେଇ ଦେଖାଇ ଦେବାର ନିର୍ବୋଧତା ପରି ଏକ ନିର୍ବୋଧତା ବୋଲି କୁହାଯିବ । ଏବଂ ତା'ପରେ ସେହି ଅଦ୍ଭୁତ ପରମଚେତନା ଆସି ଉପଗତ ହେଉଛି ଏବଂ ଏଥିରେ ସେହି ସବୁକିଛି କୁଆଡ଼େ ଅନ୍ତର୍ହିତ ହୋଇଯାଉଛି... ଆଦୌ କୌଣସି ସଙ୍ଗତି ବା ସତ୍ୟତା ନ ଥିବା ଏକ ବସ୍ତୁ ପରି ଅନ୍ତର୍ହିତ ହୋଇ ଯାଉଛି । ଏବଂ, ଏହା ଯେ କେବଳ କଳ୍ପନା ଭିତରେ ନାହିଁ, ମାତ୍ର ଯଥାର୍ଥ **ସତ୍ୟ**ଟି ଭିତରେ ଯେ ରହିଛି, ତାହାର ଏକ ପ୍ରମାଣ ମିଳିଯାଉଛି । ଏହି ନିତ୍ୟନୈମିତ୍ତିକ ଜୀବନର ଏହି ଯାବତୀୟ ବୃଥା ସ୍ୱପ୍ନ ଯେ (ସେହି ଜୀବନ ଏହି ଶରୀରର ଚେତନା ଲାଗି ଅତ୍ୟନ୍ତ ଭୟପ୍ରଦ ବୋଲି ଅନୁଭୂତ ହେଉଛି) କେବଳ ଚେତନାର ଏକ ଉତ୍କ୍ରମଣ ଦ୍ୱାରା ଏହିପରି ଏକ ଅଦ୍ଭୁତ ସମ୍ପଦରେ ପରିବର୍ତ୍ତିତ ହୋଇଯାଇ ପାରିବ, ତାହାରି ପ୍ରମାଣ ଆଣି ଦେଇଗଲା ପରି ସେହି ପରମଚେତନାର ଆବିର୍ଭାବ ହେଉଛି ।

ଯାବତୀୟ ଟିକିନିଖି ପ୍ରତ୍ୟେକ ଅଂଶରେ ଓ ପ୍ରତ୍ୟେକ କ୍ଷେତ୍ରରେ ଏହି ଅନୁଭବଟି ସତ୍ୟର ଏକ ପ୍ରତ୍ୟକ୍ଷ ପ୍ରଦର୍ଶନ ପରି ପୁନରାବୃତ୍ତ ହେବାରେ ଲାଗିଛି । ଏବଂ ଏହା ରୂପାନ୍ତରର ଏକ ''ଦୀର୍ଘ ପ୍ରକ୍ରିୟା'' ରୂପେ ଆଦୌ ଘଟୁ ନାହିଁ, ସତେଯେପରି ସବୁକିଛିର କ୍ଷେତ୍ରରେ ହଠାତ୍ ଏକ ଉତ୍କ୍ରାନ୍ତି ଆସି ସମ୍ଭବ ହୋଇଯାଉଛି (*ମାଆ ଦୁଇଟି ଆଙ୍ଗୁଠିରେ ସେହି ପୂର୍ବ ପରି ଇଙ୍ଗିତ କଲେ*), ଏବଂ ତା'ପରେ କୌଣସି ପ୍ରକାର କୁତ୍ସିତତା, ମିଥ୍ୟା ଏବଂ ଦୁଃଖ ବା ତଦନୁରୂପ କିଛି ଦେଖିବା ପରିବର୍ତ୍ତେ ଏହା ସଙ୍ଗେ ସଙ୍ଗେ ଏକ ଆନନ୍ଦମୟତା ମଧ୍ୟରେ ଯାଇ ବାସ କରୁଛି । ଏବଂ, ଯାବତୀୟ ବସ୍ତୁ ଯେଉଁଭଳି ଥିଲେ, ଠିକ୍ ସେହିଭଳି ରହିଛନ୍ତି; କେବଳ ଚେତନାର କ୍ଷେତ୍ରରେହିଁ ଏକ ପରିବର୍ତ୍ତନ ଘଟିଛି ।

ଏବଂ, ତେଣୁ ବର୍ତ୍ତମାନ ଏହି କଥାଟି ବାକୀ ରହିଛି (ତାହା ସମ୍ମୁଖରେ ରହିଛି, ଯାହା ସମ୍ଭବତଃ ଆସିବ ବୋଲି ଅପେକ୍ଷା କରିଛି) : ସେହି ଅନୁଭବଟିକୁ ଆମେ ଶରୀରର ସ୍ତରକୁ କିପରି ଉକୁଟାଇ ଆଣିପାରିବା, ସେହି କଥାଟିହିଁ ବାକୀ ରହିଛି;... ସ୍ୱୟଂ ଶରୀରର କ୍ଷେତ୍ରରେ ତାହା ବେଶ୍ ସ୍ପଷ୍ଟ ହୋଇ ଗଲାଣି : ଘଣ୍ଟାଏ, ଦୁଇଘଣ୍ଟା ବା ତିନିଘଣ୍ଟା ପର୍ଯ୍ୟନ୍ତ ତାହା ଅନେକ ଯନ୍ତ୍ରଣା ଭୋଗ କଲା, ସେତେବେଳେ ତାହାର ଅବସ୍ଥା ପ୍ରକୃତରେ ବଡ଼ ଶୋଚନୀୟ ହୋଇ ପଡ଼ିଥିଲା (ଏହା ନୈତିକ ସ୍ତରର କୌଣସି ଯନ୍ତ୍ରଣାଭୋଗ ନୁହେଁ, ସମ୍ପୂର୍ଣ୍ଣ ଭାବରେ ଏକ ଶାରୀରିକ ଯନ୍ତ୍ରଣାଭୋଗ), ଏବଂ ତା'ପରେ ସଙ୍ଗେ ସଙ୍ଗେ ତାହା ସତେଅବା କୁଆଡ଼େ ଉଡ଼ି ପଳାଇଲା !... ଶରୀର ବାହାରୁ ଦେଖିବାକୁ ଆପାତତଃ ଯେପରି ଥିଲା ଠିକ୍ ସେହିପରିହିଁ ରହିଛି (*ମାଆ ଆପଣାର ହାତଗୁଡ଼ିକୁ ଅନାଇ ଦେଖିଲେ*),

ମାତ୍ର, ଯେଉଁ ଅନ୍ତର୍ଗତ ବିଶୃଙ୍ଖଳାଟି ସକାଶେ ତାହା ଏତେ କଷ୍ଟଭୋଗ କରୁଥିଲା, ତାହାର ଅବସାନ ଘଟିଛି ଏବଂ ସବୁ ସୁରୁଖୁରୁରେ ଚାଲିଛି; ସେହି କ୍ଷେତ୍ରରେ ଏକ ବୃହତ୍ ଶାନ୍ତି ଓ ସ୍ଥିରତା ବିରାଜମାନ କରୁଛି, ସବୁ ଠିକ୍ ଭାବରେ ଚାଲିଛି । ମାତ୍ର ଏସବୁ ତ କେବଳ **ଗୋଟିଏ** ଶରୀରର କ୍ଷେତ୍ରରେ ଘଟୁଛି – ଅନ୍ୟମାନଙ୍କ ଉପରେ ଏହାର କେଉଁ ପ୍ରତିକ୍ରିୟା ପଡୁଛି ? ଅନ୍ୟ ଚେତନାଗୁଡ଼ିକ ମଧ୍ୟରେ ଯେଉଁ ସମ୍ଭାବନାଟି ରହିଛି, ଏହା ତାହାକୁ ଦେଖିବାକୁ ଆରମ୍ଭ କରୁଛି । ନୈତିକ ଦୃଷ୍ଟିରୁ ବିଚାର କରି ଦେଖିଲେ (ଅର୍ଥାତ୍, ଦୃଷ୍ଟିଭଙ୍ଗୀ, ଚରିତ୍ର ଏବଂ ପ୍ରତିକ୍ରିୟାଗୁଡ଼ିକ ଦୃଷ୍ଟିରୁ) ଏହା ବେଶ୍ ଦୃଶ୍ୟମାନ ହୋଇପାରୁଛି; ବେଳେବେଳେ ଶାରୀରିକ ଦୃଷ୍ଟିରୁ ମଧ୍ୟ ଦୃଶ୍ୟମାନ ହୋଇପାରୁଛି : ହଠାତ୍ ଗୋଟାଏ କିଛି ଅନ୍ତର୍ହିତ ହୋଇ ଯାଉଛି – ଶ୍ରୀଅରବିନ୍ଦ ଯେତେବେଳେ ଜଣକର ଯନ୍ତ୍ରଣାକୁ କାଢ଼ି ନେଇଥିଲେ, ସେତେବେଳେ ଆମର ସେହି ଅଭିଜ୍ଞତାଟି ହୋଇଥିଲା (*ସତେଯେପରି ହାତଟିଏ ଆସି ଯନ୍ତ୍ରଣାଟିକୁ କାଢ଼ି ଆଣିଲା, ମାଆ ସେହିପରି ଇଙ୍ଗିତ କଲେ*) : ଏକଥା ଭାବି ଭାରି ଆଶ୍ଚର୍ଯ୍ୟ ଲାଗିଲା... ''ଆରେ, ପ୍ରକୃତରେ ଅନ୍ତର୍ହିତ ହୋଇଗଲା, କାଢ଼ି ନେବା ପରି କାଢ଼ିଦେଇ ହେଲା !'' ମାତ୍ର ଏସବୁ ସବୁବେଳେ ହୁଏ ନାହିଁ, ଏକ ସାଧାରଣ ନିୟମ ପରି ମୋଟେ ଘଟେ ନାହିଁ; ଏହା ଯେ ଅବଶ୍ୟ ସମ୍ଭବ, ଅମୁକ ବା ସମୁକର କ୍ଷେତ୍ରରେ ଏହା ଘଟିବା ଦ୍ଵାରା କେବଳ ଦେଖାଇଦେବା ନିମନ୍ତେ ତାହା କରା ହୋଇଥିଲା, ସେପରି ପ୍ରକୃତରେ ଘଟିପାରେ ବୋଲି ଦେଖାଇଦେବାକୁ କରା ହୋଇଥିଲା ।

କଥାଟିକୁ ଏପରି ଭାବରେ ମଧ୍ୟ କୁହାଯାଇପାରିବ : ଶରୀରର ଏଭଳି ଏକ ଅନୁଭବ ରହିଛି ଯେ ତାହା 'କ'ଣ ଗୋଟାଏ' ମଧ୍ୟରେ ବନ୍ଦୀ ହୋଇ ରହିଛି – ହଁ, ବନ୍ଦୀ ହୋଇ ରହିଛି,– ସତେଅବା ଗୋଟାଏ ବାକ୍ସରେ ବନ୍ଦୀ ହୋଇ ରହିଛି; ମାତ୍ର ତାହା ତଥାପି ତାହାରି ଭିତରୁ ବି ବାହାରକୁ ସବୁ ଦେଖିପାରୁଛି; ଦେଖିପାରୁଛି ଏବଂ, (ଏକ ସୀମିତ ଭାବରେ) ଯାହା ତଥାପି ଅବସ୍ଥିତ ରହିଛି ଓ ଯାହାକୁ ଅନ୍ତର୍ହିତ ହୋଇଯିବାକୁ ପଡ଼ିବ, ତାହାରି ମାଧ୍ୟମରେ ତାହା କ୍ରିୟାଶୀଳ ବି ହୋଇପାରିବ । ଏହି 'କ'ଣ ଗୋଟିଏ'ର ବୋଧହିଁ ତାକୁ ବନ୍ଦୀ ହୋଇ ପଡ଼ିଥିବାର ବୋଧଟିକୁ ଆଣି ଦେଇଯାଉଛି । ଏଇଟି ଅନ୍ତର୍ହିତ ହୋଇପାରିବ କିପରି ? ଏବେ ମଧ୍ୟ ମୁଁ ସେହି କଥାଟିକୁ ଜାଣିପାରି ନାହିଁ ।

**ଗୋଟିଏ** ଶରୀର ମଧ୍ୟରେ ରହିଥିବା ଚେତନା ଓ ସବୁ ଶରୀର ମଧ୍ୟରେ ରହିଥିବା ଚେତନା,– ଆମକୁ ଦୁଇଟି ମଧ୍ୟରେ ରହିଥିବା ସମ୍ବନ୍ଧକୁ ଜାଣିବାକୁ ପଡ଼ିବ । ଏବଂ, ଏହି କ୍ଷେତ୍ରରେ କେତେ ପରିମାଣରେ ନିର୍ଭରଶୀଳତା ରହିଛି ଓ କେତେ ପରିମାଣରେ ସ୍ଵତନ୍ତ୍ରତା ରହିଛି, ଅର୍ଥାତ୍, ଆପଣା ଚେତନାଟିର ଭୂମିରେ ଶରୀରର କେତେ ପରିମାଣରେ ଏକ ରୂପାନ୍ତର ସମ୍ଭବ ହୋଇ ପାରିବ (ଏବଂ, ଅନିବାର୍ଯ୍ୟତଃ, ତାହାଫଳରେ ଆପଣାର ବାହ୍ୟ

ରୂପରେ ମଧ୍ୟ), ସମସ୍ତଙ୍କର ରୂପାନ୍ତର ନ ହୋଇ ମଧ୍ୟ ତାହାର ଏହି ରୂପାନ୍ତର ସମ୍ଭବ ହୋଇପାରିବ, ସେହି କଥାଟି ଜାଣିବାକୁ ପଡ଼ିବ । ଏବଂ, ଗୋଟିଏ ଶରୀରର ରୂପାନ୍ତର ହୋଇପାରିବା ସକାଶେ ସମସ୍ତଙ୍କର ରୂପାନ୍ତର ସାଧିତ ହେବାର କେତେଦୂର ଆବଶ୍ୟକତା ରହିଛି, ସେହି କଥାଟିର ଆବିଷ୍କାର କରିବା ବାକି ରହିଛି ।

(*ମାଆ ନୀରବ ରହିଲେ*)

ସବୁକଥା କହିବାକୁ ଗଲେ ସେଥିଲାଗି ଘଣ୍ଟା ଘଣ୍ଟା ସମୟ ଲାଗିବ ।...

*ମାତ୍ର, ଆପଣ ଯେଉଁ ''ବାକ୍ସ''ଟି କଥା କହିଲେ, ତାହା ହେଉଛି ବିଶ୍ୱସ୍ତରର ଏକ ବାକ୍ସ, ବ୍ୟକ୍ତିସ୍ତରର ନୁହେଁ...*

ହଁ !

*ଅନେକ ସମୟରେ ମୋ'ର ଏପରି ଏକ ଅନୁଭବ ହୋଇଛି ଯେ, ମନୁଷ୍ୟ ବନାଇଥିବା ଏହି ଯାବତୀୟ ''ପ୍ରାକୃତିକ'' ନିୟମ କେବଳ ବିପୁଳ ସ୍ତରରେ ଏକ ବ୍ୟାଧିତ କଳ୍ପନାରହିଁ ପରିଚାୟକ ହୋଇ ରହିଛି ଓ ମନୁଷ୍ୟମାନେ ସାମୂହିକ ଭାବରେ ତାହାକୁ ନିୟମ ବୋଲି ଚଳାଉଛନ୍ତି । — ତାହାକୁହିଁ ମୁଁ ସେହି ବାକ୍ସଟି ବୋଲି କହିବି ।*

ହଁ, ଠିକ୍ ସେହି କଥା, ବିଲ୍‌କୁଲ୍ ଠିକ୍ ସେହି କଥା ।

*ତେବେ, କିପରି...*

ତେବେ କେବଳ ଜଣେ ବ୍ୟକ୍ତିର ଆଲୋକ ତା' ଉପରେ ପ୍ରକୃତରେ କେତେ ପରିମାଣରେ କାର୍ଯ୍ୟ କରି ପାରିବ ?... ତାହାହିଁ ସମସ୍ୟା... ମୁଁ କିଛି ଜାଣିପାରୁ ନାହିଁ ।

(*ମାଆ ନୀରବ ରହିଲେ*)

ପୃଥିବୀପୃଷ୍ଠରେ ସାମୂହିକ ଜୀବନର କ୍ଷେତ୍ରରେ (ଏହି ପୃଥିବୀହିଁ ଆମ ଅଭିଜ୍ଞତାର ଏକମାତ୍ର କ୍ଷେତ୍ର) ଯେଉଁ ପ୍ରଗତି ହୋଇଛି, ତାହାକୁ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଦେଖିହେଉଛି । ମାତ୍ର, ଅତୀତରେ ଯେତିକି ସମ୍ଭବ ହୋଇଛି, ସେହି ଦୃଷ୍ଟିରୁ ବିଚାର କରି ଦେଖିଲେ, ଏପରି ଅବଶ୍ୟ ବୋଧ ହେବାକୁ ଲାଗିବ ଯେ, ସମସ୍ତେ ପରିବର୍ତ୍ତନ ଲାଗି ପ୍ରସ୍ତୁତ ହୋଇ ପାରିବା ସକାଶେ ଦୀର୍ଘ ଅନେକ ସମୟର ଆବଶ୍ୟକତା ରହିଛି... ଏବଂ, ତଥାପି, ଏହି କଥାଟି ପ୍ରାୟ ଏକ ପ୍ରତିଶ୍ରୁତି ରୂପେ ଆମକୁ ପ୍ରଦତ୍ତ ହୋଇ ରହିଛି ଯେ,... ପ୍ରକୃତରେ ହଠାତ୍ ଏକ ପରିବର୍ତ୍ତନ ହେବାକୁହିଁ ଯାଉଛି (ଆମର ଚେତନା ମଧ୍ୟରେ ଯାହାରକି ଏକ ‘‘ଅବତରଣ’’ ରୂପେ ତର୍ଜମା ହୋଇଯାଉଛି । ଏପରି ଏକ ‘‘କ୍ରିୟା’’ ରୂପେ ଉକୁଟି ଉଠୁଛି, ଯାହାକି ପ୍ରକୃତରେ ଏକ ଘଟଣା ରୂପେ ଘଟିବାକୁ ଯାଉଛି । ଏପରି ଏକ ବ୍ୟାପାର, ଯାହାକି ବର୍ତ୍ତମାନ ପର୍ଯ୍ୟନ୍ତ କ୍ରିୟାଶୀଳ ହୋଇ ନ ଥିଲା ଏବଂ ଯାହା ଆମ ଚେତନାରେ ବର୍ତ୍ତମାନ କାର୍ଯ୍ୟ କରିବାକୁ ଆରମ୍ଭ କରିଛି;— ସେହିଭଳି ଭାବରେ ଏହାର ଏକ ତର୍ଜମା କରାଯାଉଛି) ।

ଦେଖାଯାଉ କ’ଣ ହେଉଛି ।

ଖାସ୍ ଶରୀର ମଧ୍ୟ ଏହି କଥାଟିକୁ ଅଧିକରୁ ଅଧିକ ପରିମାଣରେ ଅନୁଭବ କରୁଛି, ଅର୍ଥାତ୍, ତାହା ଅଧିକରୁ ଅଧିକ ସୁନିର୍ଦ୍ଦିଷ୍ଟ ରୂପେ **ଯୁଗପତ୍ ଭାବରେ** ଆପଣାର ଭଙ୍ଗୁରତା (ଅତିମାତ୍ରାରେ ଏକ ଭଙ୍ଗୁରତା, ସତେଯେପରି ଏତେଟିକିଏ ଗତିଶୀଳ ହେବାକୁ ଆରମ୍ଭ କରିବା ମାତ୍ରକେ ତାହାର ଏହି ବର୍ତ୍ତମାନ ଅସ୍ତିତ୍ୱଟି ଲୁପ୍ତ ହୋଇଯିବ) ଓ ଆପଣାର ଶାଶ୍ୱତତାର ଉପଲବ୍ଧି କରି ପାରୁଛି ! — ଏକ ଶାଶ୍ୱତ ଜୀବନ ଅବଶ୍ୟ ରହିଛି ବୋଲି ଉପଲବ୍ଧି କରି ପାରୁଛି । ଶରୀର ଏକାବେଳେକେ ଏହି ଦୁଇଟିଯାକ କଥାକୁ ଅନୁଭବ କରୁଛି ।

ବର୍ତ୍ତମାନର କାଳଟିକୁ ପ୍ରକୃତରେ ଏକ ସନ୍ଧିକାଳ ବୋଲି କୁହାଯିବ !

(*ମାଆ ନୀରବ ରହିଲେ*)

ଥରେ ବା ଦୁଇଥର ଲାଗି, ଯେତେବେଳେ ଏହି ଶରୀରର ... ଯାହାକୁ କି ହୁଏତ ଜାଣିବା ଲାଗି ଏକ ଯନ୍ତ୍ରଣାଦାୟକ ବ୍ୟାକୁଳତା ବୋଲି କୁହାଯାଇ ପାରିବ,— ଯେତେବେଳେ ତାହାର ସେହି ବ୍ୟାକୁଳତା ଓ ସେହି ଯନ୍ତ୍ରଣା ଅତ୍ୟନ୍ତ ତୀବ୍ର ହୋଇ ଉଠିଥିଲା, ସେତେବେଳେ ସେହି ପରମ ଉପସ୍ଥିତିଟି ସମ୍ବନ୍ଧରେ ତାହାର ଏକ ପରିପୂର୍ଣ୍ଣ ବୋଧ ରହିଥିଲା, ସେହି ପରମ ଉପସ୍ଥିତି ସର୍ବତ୍ର ବିଦ୍ୟମାନ ରହିଛି ବୋଲି ଏକ ବୋଧ ରହିଥିଲା,

ଏହି ଭିତରେ ସର୍ବତ୍ର ବିଦ୍ୟମାନ ରହିଥିଲା (*ମାଆ ତାଙ୍କର ମୁଖମଣ୍ଡଳକୁ ସ୍ପର୍ଶ କଲେ, ହାତଗୁଡ଼ିକୁ ସ୍ପର୍ଶ କଲେ*), ସେତେବେଳେ, ବର୍ତ୍ତମାନର ଏହି ବିଶୃଙ୍ଖଳାଟି କିପରି (ଏପରିକି କାହିଁକି ବୋଲି ସିଏ ମୋତେ ପଚାରିଲା ନାହିଁ, ତାହାର ଆଦୌ ସେପରି କୌଣସି କୌତୂହଳ ନ ଥିଲା) ସମ୍ଭବ ହୋଇ ପାରୁଛି ବୋଲି ତାହା ପଚାରିବାକୁ ଲାଗିଲା । ସେହି ଯନ୍ତ୍ରଣାଟି ଅତ୍ୟନ୍ତ ତୀବ୍ର ହୋଇ ରହିଥିବା ସମୟରେ ଶରୀର ଥରେ ବା ଦୁଇଥର ଲାଗି ଏପରି ବି ଅନୁଭବ କରିଥିଲା : ଥରେ ଏହି ଉତ୍ତରଟି ମିଳିଗଲେ ତାହାକୁହିଁ ଅମରତ୍ୱଲାଭ ବୋଲି କୁହାଯିବ । ଏହିପରି ଭାବରେ ତାହା ଆଗକୁ ଆଗକୁ ଆପଣାକୁ ଠେଲି ନେବାକୁ ଲାଗିଲା, ସେହି ଅସଲ ରହସ୍ୟଟିକୁ ଲାଭ କରିବାକୁ ଅଗ୍ରସର ହେଲା... ସେହି ରହସ୍ୟଟି ଯେ ଅବଶ୍ୟ ଉପଲବ୍ଧ ହୋଇଯିବ, ତାହାର ସେପରି ଏକ ଅନୁଭବ ବି ହେଉଥିଲା । ଏବଂ, ତା'ପରେ ତା'ର ଏହି ଆକାଙ୍‌କ୍ଷାରେ ଏକ ନିସ୍ତବ୍ଧତା ଆସି ଉପସ୍ଥିତ ହେଲା : ''ଶାନ୍ତି, ଶାନ୍ତି, ଶାନ୍ତି...'' ହଁ, ଥରେ ଦୁଇଥର ଏପରି ଏକ ଧାରଣା ବି ହୋଇ ଯାଇଥିଲା : ''ହଁ, ଏହା ଅଚିରେ ବୋଧଗମ୍ୟ ହୋଇଯିବ'' (''ବୋଧଗମ୍ୟ'' ହେବ ଅର୍ଥାତ୍ ଜୀବନରେ ବଞ୍ଚିହୋଇ ପାରିବ; କେବଳ ଭାବନାର ସ୍ତରରେ ଯେ ''ବୋଧଗମ୍ୟ''ହେବ, ସେକଥା ମୋତେ ନୁହେଁ : ଜୀବନରେ ବଞ୍ଚିହୋଇ ପାରିବ), ଏବଂ ତା'ପରେ... (*ମାଆ ପଳାୟନର ଇଙ୍ଗିତ କଲେ*) । ଏବଂ ତା'ପରେ ଏକ ପରମ ଶାନ୍ତିର ଅବତରଣ ଘଟିବ ।

ମାତ୍ର ତଥାପି ସେହି ଅନୁଭବଟି ହେଉଛି : ଏହି କଥାଟି କାଲି ଘଟିବ ମାତ୍ର କାଲି, କେଉଁ କାଲି ? ଆମେ ଯେଉଁ ମାପକରେ ମାପି କାଲି ବୋଲି କହିଥାଉ, ସେ କଥାଟି ଆଦୌ ନୁହେଁ ।

ଦେଖାଯାଉ କ'ଣ ହେଉଛି ।

ମାତ୍ର ସେହି ବିଷୟରେ ଅଗଣିତ ଅନୁଭୂତି ହେବାରେ ଲାଗିଛି । ସେହି ଅନୁଭୂତିର ଯାବତୀୟ ଦିଗ ମଧ୍ୟ ରହିଛି । କହି ବସିଲେ ଘଣ୍ଟା ଘଣ୍ଟା ଲାଗିବ, ତଥାପି ସର୍ବଦା ଏହିପରି ଏକ ବୋଧ ହେଉଛି ଯେ, ଶବ୍ଦ ଦେଇ କହିବା ମାତ୍ରକେ କିଛି ନା କିଛି ଅବଶ୍ୟ ଏକ ମିଥ୍ୟାଭାସରେ ପରିଣତ ହୋଇଯାଉଛି । ଏହା ଆଦୌ ଏକ ସରଳ ବ୍ୟାପାର ନୁହେଁ, ଆଦୌ ଏପରି ଏକ ସୁନ୍ଦର ବ୍ୟାପାର ନୁହେଁ, ସ୍ପଷ୍ଟ ହୋଇ ଦେଖା ଯାଉଥିବା କୌଣସି ବ୍ୟାପାର ବି ନୁହେଁ, ଏହା ପ୍ରକୃତରେ ଭାରି ଜଟିଳ ହୋଇ ପଡୁଛି ।

ଶରୀରର ଅନୁଭବରେ ଏପରି କେତୋଟି ମୁହୂର୍ତ୍ତ ଆସିଛି, ଯାହାକୁ କି ସମ୍ପୂର୍ଣ୍ଣ ଭାବରେ ଗୋଟିଏ ଗୋଟିଏ ଅଦ୍ଭୁତ ମୁହୂର୍ତ୍ତ ବୋଲି କୁହାଯାଇ ପାରିବ । ତାହାର କେତେ କେତେ **କାଳ** ଦାରୁଣ ଯନ୍ତ୍ରଣାଭୋଗରେ ମଧ୍ୟ ଅତିବାହିତ ହୋଇଛି । ଏବଂ, ତା'ପରେ, ହଠାତ୍ ଏକ ଅଦ୍ଭୁତ ମୁହୂର୍ତ୍ତ ଆସି ପହଞ୍ଚି ଯାଇଛି । ମାତ୍ର, ସେହି ମୁହୂର୍ତ୍ତଟିକୁ କଦାପି

ବ୍ୟାଖ୍ୟା କରି କହିହେବ ନାହିଁ ।... ଯଦି ସମୟର ଅନୁପାତ ଦ୍ୱାରାହିଁ କେହି ଅଭିବୃଦ୍ଧିର ପରିମାଣଟିକୁ ବିଚାର କରିବାକୁ ମନ କରିବ,... ସେହି ଅଦ୍ଭୁତ ମୁହୂର୍ତ୍ତ ମାତ୍ର କେତୋଟି ମିନିଟ୍ ସକାଶେ ରହେ, ଏବଂ ତା'ପରେ ଘଣ୍ଟା ଘଣ୍ଟା ଧରି ଯନ୍ତ୍ରଣା ଲାଗି-ରହିଥାଏ । ଏପରିକି ଦୀର୍ଘ ଅନେକ ଘଣ୍ଟା ଧରି କଷ୍ଟଭୋଗ କରିବାକୁ ହୁଏ । ଏବଂ, ଯଦି ଆମେ ସେହି ଅନୁସାରେ ଅନୁପାତଟିର ବିଚାର କରି ବାହାରିବା, ତେବେ ଅସଲ ଉପଲବ୍ଧିଟି ପ୍ରକୃତରେ ଅନେକ, ଅନେକ, ଅନେକ ପରିମାଣରେ ଅତ୍ୟନ୍ତ ଦୂରବର୍ତ୍ତୀ ହୋଇ ରହିଛି ବୋଲି କୁହାଯିବ ।...

ମାତ୍ର ତା'ବୋଲି ଆଉ କ'ଣ କରାଯିବ ? ତଥାପି ଚାଲିବାକୁ ପଡ଼ିବ, ଅନବରତ ଯିବାକୁ ହେବ । ସେତିକି ହେଉଛି କର୍ତ୍ତବ୍ୟ ।

## ୧ ଜାନୁଆରି ୧୯୬୯

ମାଆ ପରେ ଯାହାକୁ ଅତିମାନବୀୟ ଚେତନା ବୋଲି ଚିହ୍ନିଲେ,
ତାହାରି ଅବତରଣ ବିଷୟରେ ।

ରାତ୍ରି ସମୟରେ ତାହା ଅତ୍ୟନ୍ତ ଧୀର ଭାବରେ ଆସି ପହଞ୍ଚିଥିଲା ଏବଂ ଆଜି ସକାଳେ ଉଠିଲା ବେଳକୁ ସତେଅବା ଏକ ସ୍ୱର୍ଣ୍ଣମୟୀ ଉଷାର ଆବିର୍ଭାବ ହୋଇଛି ବୋଲି ମନେ ହେଲା । ପରିବେଶଟି ପ୍ରକୃତରେ କେଡ଼େ ହାଲୁକା ଲାଗୁଥିଲା । ଶରୀର ‘‘ହଁ, ଏହା ପ୍ରକୃତରେ ନୂତନ, ଏକାନ୍ତ ନୂତନ’’ ବୋଲି ଅନୁଭବ କରୁଥିଲା । ଏକ ସ୍ୱର୍ଣ୍ଣ ବର୍ଣ୍ଣର ଆଲୋକ,– କେଡ଼େ ସ୍ୱଚ୍ଛ ଓ କେଡ଼େ ଶୁଭାନ୍ୱେଷକାରୀ । ଏକ ସୁନିଶ୍ଚୟତା ଅର୍ଥରେ, ଏକ ସମଞ୍ଜସତାପୂର୍ଣ୍ଣ ସୁନିଶ୍ଚୟତାର ଅର୍ଥରେହିଁ ଏଠାରେ ତାହାକୁ ଶୁଭାନ୍ୱେଷକାରୀ ବୋଲି କୁହାଯାଇଛି । ଏହା ଏକାନ୍ତ ନୂତନ ବୋଲି ଅନୁଭୂତ ହେଉଥିଲା ।

କଥାଟି ପ୍ରକୃତରେ ସେହିପରି ।

ଏବଂ, ଯେତେବେଳେ ମୁଁ ଲୋକମାନଙ୍କୁ ‘‘**ଶୁଭ ନବବର୍ଷ**’’ ବୋଲି କହୁଛି, ସେତେବେଳେ ମୁଁ ସେମାନଙ୍କ ହାତକୁ ଏହି ନୂତନ ସମ୍ପଦଟିକୁହିଁ ବଢ଼ାଇ ଦେଉଛି । ଏବଂ, ଆଜି ସକାଳଟା ଯାକ ମୁଁ ଏହିପରି ଭାବରେହିଁ ମୋ’ର ସମସ୍ତ ସମୟ ବିତାଇଛି;– ସ୍ୱତଃସ୍ଫୂର୍ତ୍ତ ଭାବରେ କେବଳ ‘‘**ଶୁଭ ନବବର୍ଷ, ଶୁଭ ନବବର୍ଷ**’’ ବୋଲି କହିଛି । ତେଣୁ...

## ୪ ଜାନୁଆରି ୧୯୬୯

ପ୍ରଥମେ ଗୋଟିଏ ଅତି ବିଚିତ୍ର କଥା ଘଟିଲା ।... ମୁଁ ଯେ କେବଳ ଏକାକୀ ଏହି କଥାଟିକୁ ଅନୁଭବ କଲି ସେକଥା ନୁହେଁ, କେତେ ଅନ୍ୟ ବ୍ୟକ୍ତି ମଧ୍ୟ ସେହିପରି ଅନୁଭବ କରିଛନ୍ତି । ଠିକ୍ ମଧ୍ୟରାତ୍ରିର ପରେ ପରେ ତାହା ଘଟିବାକୁ ଆରମ୍ଭ କଲା; ମାତ୍ର ମୁଁ ରାତି ଦୁଇଟା ସମୟକୁ ଓ ଅନ୍ୟମାନେ ଭୋର ଚାରିଟା ସମୟକୁ ଯାଇ ଏହାକୁ ଅନୁଭବ କରି ପାରିଥିଲେ । ଏହା... ମୁଁ ଗତଥର ତୁମମାନଙ୍କୁ ଏହି ବିଷୟରେ କେତେକ କଥା କହିଥିଲି, ମାତ୍ର ଭାରି ଆଶ୍ଚର୍ଯ୍ୟଜନକ କଥା ହେଉଛି ଯେ, ମୁଁ ଯାହାକିଛି ଘଟିବ ବୋଲି ପ୍ରତ୍ୟାଶା କରୁଥିଲି, ଏଇଟିର ତାହା ସହିତ ଆଦୌ କୌଣସି ସାଦୃଶ୍ୟ ନ ଥିଲା (ଅବଶ୍ୟ ମୁଁ ଆଦୌ କିଛି ପ୍ରତ୍ୟାଶା କରୁ ନ ଥିଲି); ମୁଁ ଅନୁଭବ କରିଥିବା ଅନ୍ୟ କଥାଗୁଡ଼ିକ ସହିତ ଏହାର କୌଣସି ସାଦୃଶ୍ୟ ନ ଥିଲା । ଏହା ଅତ୍ୟନ୍ତ ଭୌତିକ ପ୍ରକୃତିର ଏକ ଘଟଣା ଥିଲା, ଅର୍ଥାତ୍ ଅତ୍ୟନ୍ତ ବାହ୍ୟ ଭାବରେ ପ୍ରକଟିତ ହୋଇଥିଲା । – ଏବଂ, ଏକ ସ୍ୱର୍ଣ୍ଣମୟ ଆଲୋକରେ ପ୍ରଭାସ୍ୱର ହୋଇ ରହିଥିଲା । ଏହି ଆଲୋକ ଅତ୍ୟନ୍ତ ଉଜ୍ଜ୍ୱଳ ଓ ଶକ୍ତିଶାଳୀ ହୋଇ ରହିଥଲା; ମାତ୍ର, ତେବେ ସୁଦ୍ଧା, ତାହା ଆପଣା ପ୍ରକୃତିରେ ସତେଅବା ବଦାନ୍ୟ ପରି ମଧୁର ଭାବରେ କେବଳ ହସିବାରେ ଲାଗିଥିଲା । ଏଥିରେ ଏକ ଶାନ୍ତିପୂର୍ଣ୍ଣ ଆନନ୍ଦ ପୂର୍ଣ୍ଣ ହୋଇ ରହିଥିଲା ଏବଂ ସତେଅବା ଆନନ୍ଦ ଓ ଆଲୋକ ମଧ୍ୟକୁ ତାହା ଉନ୍ମୋଚିତ ହୋଇ ଆସୁଥିଲା । ଏବଂ, ଏହା ସତେଅବା ଏକ ''**ଶୁଭ ନବବର୍ଷ**'' ସମ୍ବୋଧନ ପରି ମନେ ହେଉଥିଲା, ସତେଅବା ଅଭିନନ୍ଦନ ଜଣାଇବା ପରି ମନେ ହେଉଥିଲା । ଏହା ହଠାତ୍ ଆସି ମୋତେ ଅଭିଭୂତ କରି ପକାଇଲା । ପ୍ରାୟ ତିନିଘଣ୍ଟା ଯାଏ ରହିଲା ଓ ମୁଁ ତାହାକୁ ତିନିଘଣ୍ଟା ଯାଏ ଅନୁଭବ କରିଥିଲି । ପରେ ଆଉ ସେଇଟି ସହିତ ଆଦୌ ବ୍ୟାପୃତ ହୋଇ ରହି ନ ଥିଲି । ତା'ପରେ କ'ଣ ହେଲା ମୁଁ କିଛି ଜାଣି ନାହିଁ । ମାତ୍ର ଏଇଟି ବିଷୟରେ ମୁଁ ତୁମମାନଙ୍କୁ ପଦେ ଦୁଇପଦ କଥା କହିଥିଲି ଏବଂ ଦୁଇ ତିନିଜଣ ବ୍ୟକ୍ତିଙ୍କ ଆଗରେ ମଧ୍ୟ ସେହି କଥାଟିକୁ କହିଥିଲି । ସେମାନେ ମଧ୍ୟ ସମସ୍ତେ ସେହି କଥାଟିକୁ ଅନୁଭବ କରିଥିଲେ; ଠିକ୍ ଏହିପରି ଏକପ୍ରକାର ଆନନ୍ଦ ଅନୁଭବ କରିଥିଲେ, ମାତ୍ର ଏକ ସୁହୃତ୍ସଦୃଶ, ଶକ୍ତିଶାଳୀ, ଅତ୍ୟନ୍ତ କୋମଳ, ଅତ୍ୟନ୍ତ ସ୍ମିତହାସ୍ୟଯୁକ୍ତ ଓ **ଅତ୍ୟନ୍ତ ଶୁଭେଚ୍ଛାମୟ** ଏକ ଆନନ୍ଦ ରୂପେ ଅନୁଭବ କରିଥିଲେ । ଏଇଟି ଯେ ପ୍ରକୃତରେ କ'ଣ, ମୁଁ ସେକଥା ଜାଣି ନାହିଁ । ସେଇଟି ପ୍ରକୃତରେ କ'ଣ, ମୁଁ ସେକଥା ଜାଣି ନାହିଁ ସତ, ମାତ୍ର ଏହି ହେଉଛି ଗୋଟିଏ ପ୍ରକାରର ଶୁଭଚିନ୍ତକତା, ଏବଂ ତେଣୁ ଏହା ମନୁଷ୍ୟ ଜୀବନର ଅତ୍ୟନ୍ତ ନିକଟବର୍ତ୍ତୀ ଏକ ସମ୍ପଦ ପରି ହୋଇ ରହିଥିଲା । ଏବଂ, ଏହା ପ୍ରକୃତରେ

ଅତ୍ୟନ୍ତ, ଅତ୍ୟନ୍ତ ମୂର୍ତ୍ତ ହୋଇ ରହିଥିଲା । ସତେ ଯେପରି ତାହାର ନିର୍ଦ୍ଦିଷ୍ଟ ଏକ ସ୍ୱାଦ ମଧ୍ୟ ରହିଥିଲା । ତାହା ପ୍ରକୃତରେ ଏତେ ଅଧିକ ପରିମାଣରେ ମୂର୍ତ୍ତ ହୋଇ ରହିଥିଲା ! ପରେ ମୁଁ ଏହା ବିଷୟରେ ଦୁଇ ତିନିଜଣ ବ୍ୟକ୍ତିଙ୍କ ଆଗରେ କିଛି କହିଥିଲି ସିନା, ମାତ୍ର ତା' ବ୍ୟତୀତ ଆଉ କୌଣସି ପ୍ରକାରେ ତାହାକୁ ନେଇ ସମ୍ପୃକ୍ତ କରି ରଖି ନ ଥିଲି । ଏଇ କଥାଟିକୁ ସମସ୍ତେ ଅନୁଭବ କରିଥିଲେ । ବର୍ତ୍ତମାନ ଏହା ବିମିଶ୍ରିତ ହୋଇଗଲାଣି କି ସେହିପରି ରହିଛି ମୁଁ ସେକଥା କହିପାରୁ ନାହିଁ ।... ମାତ୍ର, ଏହା ଆଦୌ ଛାଡ଼ିକରି ଚାଲିଯାଇ ନାହିଁ । ସେହି ବସ୍ତୁଟି ଯେ କେବଳ ଚାଲିଯିବା ଲାଗିହିଁ ଆସି ଉପସ୍ଥିତ ହୋଇଥିଲା, ସେପରି ମୋତେ ଅନୁଭବ ହେଉ ନାହିଁ ।

ସାଧାରଣତଃ ମୁଁ ବସ୍ତୁଗୁଡ଼ିକ ବିଷୟରେ ଯେପରି ଅନୁଭବ କରିଥାଏ, ଏଇଟିକୁ ମୁଁ ତାହାଠାରୁ ଅନେକ ଅଧିକ ମୂର୍ତ୍ତ ବୋଲି କହିବି ।... ଏଥିରେ ମାନସିକ ବ୍ୟାପାର ଅତ୍ୟନ୍ତ ଅଳ୍ପ ପରିମାଣରେ ରହିଥିଲା, ଅର୍ଥାତ୍, ଏଥିରୁ ଏକ ''ପ୍ରତିଶ୍ରୁତି''ର କୌଣସି ଅନୁଭବ ମିଳୁ ନ ଥିଲା କିଂବା... ନାଇଁ, ବରଂ... ମୋ ନିଜର ଏପରି ଅନୁଭବ ହେଲା, ସତେଯେପରି ତାହା ଏକ ବିପୁଳ ବ୍ୟକ୍ତିତ୍ୱ ରୂପେ ଆପଣାକୁ ଅନୁଭୂତ କରାଇବାରେ ଲାଗିଥିଲା,– ଏକ ବିପୁଳ ବ୍ୟକ୍ତିତ୍ୱରୂପେ, ଅର୍ଥାତ୍ – ତା'ପାଇଁ ଏହି ପୃଥିବୀ ଏହିପରି (*ମାଆ ହାତ ପାପୁଲିରେ ସାନ ବଲ୍‌ଟିଏ ଧରିଥିବାର ଇଙ୍ଗିତ କଲେ*) ସାନ ବଲ୍‌ଟିଏ ହୋଇ ରହିଥିଲା । ଏକ ବିପୁଳ ବ୍ୟକ୍ତିତ୍ୱ – ଅତ୍ୟନ୍ତ, ଅତ୍ୟନ୍ତ ଶୁଭକାରକ,– ଏବଂ ତାହା ସତେଅବା ଏଇଥି ସକାଶେ ଏଠାକୁ ଆସିଥିଲା (*ଆପଣା ହାତର ମୁଣ୍ଡଳିଟି ଭିତରୁ ମାଆ ସେହି ବଲ୍‌ଟିକୁ ଉଠାଇ ନେଉଥିବାର ଇଙ୍ଗିତ କଲେ*) । ଏହା ଏକ ବ୍ୟକ୍ତିରୂପ ଗ୍ରହଣ କରିଥିବା ଦିବ୍ୟସତ୍ତାର ଧାରଣା ଆଣି ଦେଇଗଲା (ମାତ୍ର ତଥାପି... ମୁଁ କିଛି ଜାଣି ନାହିଁ), ସିଏ ପ୍ରକୃତରେ ସାହାଯ୍ୟ କରିବାକୁ ଆସିଥିଲା,– ଏବଂ ଅତ୍ୟନ୍ତ ଶକ୍ତିଶାଳୀ ଥିଲା, ତଥାପି କେଡ଼େ କୋମଳ ଓ ସର୍ବଗ୍ରାହୀ ହୋଇ ରହିଥିଲା ।

ତଥାପି ଅତ୍ୟନ୍ତ ବାହ୍ୟ ହୋଇ ରହିଥିଲା : ଶରୀର ସର୍ବତ୍ରହିଁ ତାହାର ଉପସ୍ଥିତିକୁ ଅନୁଭବ କରୁଥିଲା (*ମାଆ ଆପଣାର ମୁଖମଣ୍ଡଳକୁ ସ୍ପର୍ଶ କଲେ, ହାତଦୁଇଟିକୁ ସ୍ପର୍ଶ କଲେ*),– ସର୍ବତ୍ର ଅନୁଭବ କରୁଥିଲା ।

ତାହାର ପରିଣାମ ସ୍ୱରୂପ କ'ଣ ଘଟିଲା । ମୁଁ ସେ ବିଷୟରେ କିଛି ଜାଣି ନାହିଁ ।

ସେତେବେଳେ ବର୍ଷଟି ଆରମ୍ଭ ହେଉଥାଏ । ସତେଯେପରି ଏକ ଦେବତାର ଆୟାମବିଶିଷ୍ଟ (ଦେବତା ବା ସେହିପରି କେହି ଜଣେ) ''**ଶୁଭ ନବବର୍ଷ**'' ବୋଲି କହିବାକୁ ଆସିଥିଲା, ଏହି ବର୍ଷଟିକୁ ଏକ **ଶୁଭବର୍ଷରେ** ପରିଣତ କରିଦେବାର ସମସ୍ତ କ୍ଷମତା ବହନ କରି ଆସିଥିଲା । ଏହା ପ୍ରକୃତରେ ଏହିପରି ଥିଲା ।

ମାତ୍ର, ଏହା ପ୍ରକୃତରେ କ'ଣ ଥିଲା ?

ଅତ୍ୟନ୍ତ ମୂର୍ତ୍ତ...

ମୁଁ ଜାଣି ନାହିଁ ।

ଏହା କ'ଣ ପ୍ରକୃତରେ ଏକ ବ୍ୟକ୍ତିତ୍ୱ ?– କାରଣ ତାହାର କୌଣସି ଆକାର ନ ଥିଲା,– ମୁଁ ଆଦୌ କୌଣସି ଆକାର ଦେଖି ନ ଥିଲି; ସିଏ ଯେତିକି ସାଙ୍ଗରେ ନେଇ ଆସିଥିଲା (*ମାଆ ବାୟୁମଣ୍ଡଳଟିକୁ ଅନୁଭବ କରିବାକୁ ଲାଗିଲେ*), କେବଳ ସେହି ଅନୁଭୂତି ଓ ସେହି ବୋଧଟିହିଁ ରହିଥିଲା । ଅନୁଭୂତି ଓ ବୋଧ, କେବଳ ଏହି ଦୁଇଟି କଥା । ଏହା ସତେ କ'ଣ ସେହି ଅତିମାନସ ବ୍ୟକ୍ତିତ୍ୱ ବୋଲି ମୁଁ ମନେମନେ ନିଜକୁ ପଚାରିଥିଲି... ଯିଏ ତା'ପରେ ଆପଣାକୁ ସାକାର ରୂପରେ ପ୍ରକଟ କରିବାକୁ ଯାଉଛନ୍ତି, ଇଏ କ'ଣ ସେହି ବ୍ୟକ୍ତିତ୍ୱ ବୋଲି ମୁଁ ନିଜକୁ ପଚାରିଥିଲି ।

ସେହି ମୁହୂର୍ତ୍ତଟିଠାରୁ ଶରୀର, ମୋ'ର ଏହି ଶରୀର ଅନୁଭବ କରୁଛି (ସେହି ବସ୍ତୁଟି ତା' ଭିତରକୁ ଗଭୀର ଭାବରେ ସର୍ବତ୍ର ପ୍ରବେଶ କରିଛି), ଅତ୍ୟନ୍ତ ଆନନ୍ଦିତ ଅନୁଭବ କରୁଛି, ଅପେକ୍ଷାକୃତ କମ୍ ସଂକେନ୍ଦ୍ରିତ ହୋଇ ରହିଥିବା ପରି ଅନୁଭବ କରୁଛି, ଅଧିକ ଜୀବନ୍ତ ଅନୁଭବ କରୁଛି । ଏକ ଆନନ୍ଦମୟ ଓ ହସହସ ସଂପ୍ରସାରଣର ଅନୁଭବ କରୁଛି । ଏକ ସ୍ମିତହାସ୍ୟ, ଏକ ଶୁଭମନାସକାରୀ ସ୍ମିତହାସ୍ୟ,– ଏବଂ ତା' ସହିତ ସର୍ବତ୍ର ଏକ **ବୃହତ୍ ଶକ୍ତିମତ୍ତା** ପ୍ରବିଷ୍ଟ ହୋଇ ରହିଛି... ମୁଁ ଜାଣି ନାହିଁ ।

ତୁମେ କିଛି ଅନୁଭବ କରି ନାହଁ ?

*ସେଦିନ ମୁଁ ଏକ ଅପୂର୍ବ ସନ୍ତୋଷର ଅନୁଭବ କରିଥିଲି ।*

ହଁ, ଠିକ୍ ସେହି କଥା, ଠିକ୍ ସେହି କଥା ।

ଏହା କ'ଣ ସେହି ଅତିମାନସ ବ୍ୟକ୍ତିତ୍ୱ ?... ଯିଏକି, ଯେଉଁମାନଙ୍କର ଏକ ଅତିମାନସ ଶରୀର ରହିଛି, ସେମାନଙ୍କ ସମସ୍ତଙ୍କ ମଧ୍ୟରେ ଅବତୀର୍ଣ୍ଣ ହେବାକୁ ଯାଉଛି ?...

ଏହା ପ୍ରଭାମୟ ଓ ପ୍ରଫୁଲ୍ଲ ହୋଇ ରହିଥିଲା ଏବଂ, **ଶକ୍ତିଶାଳିତା ଦ୍ୱାରା** ସଦ୍‌ଭାବପୂର୍ଣ୍ଣ ହୋଇ ରହିଥିଲା । ଅର୍ଥାତ୍, ମନୁଷ୍ୟର କ୍ଷେତ୍ରରେ ଏହି ସଦ୍‌ଭାବ ସହିତ କିଞ୍ଚିତ୍ ଦୁର୍ବଳତା ମଧ୍ୟ ନିହିତ ହୋଇ ରହିଥାଏ,– ଅର୍ଥାତ୍ ତାହା କୌଣସି ସଂଗ୍ରାମ ଇଚ୍ଛା କରୁ ନ ଥାଏ, ଆଦୌ ଲଢ଼ିବା ଲାଗି ଇଚ୍ଛା କରୁ ନ ଥାଏ; ମାତ୍ର ଏହି ସଦ୍‌ଭାବ ସେପରି ଏକ ସଦ୍‌ଭାବଠାରୁ ସମ୍ପୂର୍ଣ୍ଣ ଅଲଗା ! ଏହା ଏପରି ଏକ ସଦ୍‌ଭାବ, ଯାହାକି ଆପଣାକୁ ଆପଣା ଆଡୁ ଆଣି ପ୍ରତିଷ୍ଠିତ କରି ରଖୁଥିଲା (*ମାଆ ଆପଣାର ହାତମୁଠା ଦୁଇଟିକୁ ଚଉକିର ହାତ ଉପରେ ଆଣି ରଖିଦେଲେ*) ।

ଏହା ମୋ ଭିତରେ ଅନେକ ଆଗ୍ରହ ସୃଷ୍ଟି କରିଛି, କାରଣ ଏହା ହେଉଛି ସମ୍ପୂର୍ଣ୍ଣ ଭାବରେ ଏକ ନୂତନ ଘଟଣା । ଏବଂ ଏହା ଏତେ ଅଧିକ ପରିମାଣରେ ମୂର୍ତ୍ତ ଭାବରେ ଘଟି ପାରିଛି ! ଠିକ୍ ଏହିପରି ମୂର୍ତ୍ତ ଭାବରେ (*ମାଆ ଚଉକିର ହାତ ଦୁଇଟିକୁ ଛୁଇଁଲେ*), ଶାରୀରିକ ଚେତନା ସାଧାରଣତଃ ଯାହାକୁ ''ସେହି ଅନ୍ୟମାନେ'' ବୋଲି ଠାଣ କରିଥାଏ, ଠିକ୍ ସେହିପରି ମୂର୍ତ୍ତ । ଅର୍ଥାତ୍ ତାହା ଯେ କୌଣସି ଏକ ଅନ୍ତର୍ଗତ ସତ୍ତାର ମଧ୍ୟଦେଇ ଚାଲିଗଲା ବା ଚୈତ୍ୟସତ୍ତାର ମଧ୍ୟଦେଇ ଅନୁଭୂତ ହେଲା, ସେକଥା ଆଦୌ ନୁହେଁ; ତାହା **ସିଧା** ଏହି ଶରୀର ଉପରେ ଆସି ଅବତରଣ କରିଥିଲା ।

ଏଇଟି ପ୍ରକୃତରେ କ'ଣ ?... ହଁ, ସମ୍ଭବତଃ ଏହିପରି ହୋଇଥିବ... ଏହା ଆସିବା ପରଠାରୁ ଶରୀର ଗୋଟିଏ ପ୍ରକାରର ନିଶ୍ଚୟତା ଅନୁଭବ କରୁଛି, ଏପରି ଏକ ନିଶ୍ଚୟତା, ଯାହା ଫଳରେ କି ଏହା ବର୍ତ୍ତମାନ ''ଏହାପରେ କ'ଣ ହେବ ? ଅତିମାନସ ପ୍ରକୃତରେ କାହା ପରି ? **ଶାରୀରିକ** ସ୍ତରରେ, ଶାରୀରିକ ସ୍ତରରେ ଏହାର ଆକାର କିପରି ହୋଇଥିବ ?'' ପ୍ରଭୃତି ପ୍ରଶ୍ନ ନେଇ ମୋଟେ ବ୍ୟସ୍ତ ହେଉ ନାହିଁ କିଂବା ନାନା ଅନିଶ୍ଚୟତା ଭିତରେ ଯାଇ ପଡ଼ିଯାଉ ନାହିଁ । ଶରୀର ଆଗରୁ ଆପଣାକୁ ଏହିସବୁ ପ୍ରଶ୍ନ ପଚାରୁଥିଲା । ଏବେ ତାହା ସେସବୁ କଥା ଆଉ ମୋଟେ ଭାବୁ ନାହିଁ । ସମ୍ପୂର୍ଣ୍ଣ ଭାବରେ ସନ୍ତୁଷ୍ଟ ହୋଇ ରହିଛି ।

*ଏହା କ'ଣ ଏପରି ଏକ ବସ୍ତୁ, ଯାହାକି ପ୍ରସ୍ତୁତ ହୋଇ ରହିଥିବା ଶରୀରଗୁଡ଼ିକୁ ଆସି ପୂର୍ଣ୍ଣପ୍ଲାବିତ କରିଦେବ ?*

ହଁ, ମୁଁ ମଧ୍ୟ ଠିକ୍ ସେହିପରି ଭାବୁଛି । ମୁଁ ଅନୁଭବ କରୁଛି ଯେ, ଏହି ଗଠନଟି ବର୍ତ୍ତମାନ ଶରୀରଗୁଡ଼ିକ ଭିତରେ ପ୍ରବେଶ କରିବାକୁ ଯାଉଛି, ସେହି କ୍ଷେତ୍ରରେ ଆପଣାକୁ ଅଭିବ୍ୟକ୍ତ କରିଦେବାକୁ ଯାଉଛି । ସେହିଗୁଡ଼ିକହିଁ ଅତିମାନସର ଶରୀରରେ ପରିଣତ ହୋଇଯିବେ ।

ବା ହୁଏତ... ହୁଏତ ଅତିମାନବ,— ମୁଁ ଜାଣି ନାହିଁ । ଦୁଇ ସୋପାନ ମଧ୍ୟରେ କୌଣସି ଏକ ମଧ୍ୟବର୍ତ୍ତୀ ସୋପାନ । ହୁଏତ ଅତିମାନବ : ଅତ୍ୟନ୍ତ ମାନବୋଚିତ, ଅଥଚ ଦିବ୍ୟ ଅନୁପାତ-ବିଶିଷ୍ଟ ଏକ ମନୁଷ୍ୟ ।

ଏପରି ଏକ ମନୁଷ୍ୟ, ଯାହା ଭିତରେ କି କୌଣସି ଦୁର୍ବଳତା ନାହିଁ, ଯାହାର ଆଦୌ କୌଣସି ଛାଇ ପଡୁ ନାହିଁ : ଏହା କେବଳ ଆଲୋକମୟ ହୋଇ ରହିଥିଲା — କେବଳ ଆଲୋକମୟ ଓ ପ୍ରଫୁଲ୍ଲ ହୋଇ ରହିଥିଲା... ତାହା ସଙ୍ଗେ ସଙ୍ଗେ ମଧୁରତାରେ ବି ପୂର୍ଣ୍ଣ ହୋଇ ରହିଥିଲା ।

ହଁ, ହୁଏତ ସେହି ଅତିମାନବ ।

(*ମାଆ ନୀରବ ରହିଲେ*)

*କାରଣଟି କ'ଣ ମୁଁ ଜାଣେ ନାହିଁ, ମାତ୍ର ବିଗତ କେତୋଟି ମୁହୂର୍ତ୍ତ ହେଲା ମୁଁ ନିଜକୁ ବାରବାର ଏହି କଥାଟି କହିବାରେ ଲାଗିଛି : କଥାଗୁଡ଼ିକ ଯେ ପ୍ରକୃତରେ କିପରି ଘଟିଛି, ତାହା ଜାଣି ନ ଥିବା ଲୋକମାନେ, ଏହି ଅତିମାନସ ଶକ୍ତି ପୃଥ୍ୱୀ-ମଣ୍ଡଳରେ ପ୍ରବେଶ କରିସାରିବା ପରେ, ଏପରିକି ସେମାନଙ୍କ ଭିତରେ ବି ପ୍ରବେଶ କରି ସାରିବା ପରେ କହିବେ : ''ହଁ, ହଁ, ପ୍ରକୃତରେ* **ଆମେ***ହିଁ ଏହି ସବୁକିଛିକୁ ସମ୍ଭବ କରିପାରିଲୁ !''*

(*ମାଆ ହସିଲେ*) ହଁ, ହୁଏତ ତାହାହିଁ କହିବେ ।

*ଏହାଦ୍ୱାରା ଆମେ, ଆମର ଏହି ବଢ଼ିଆ ମାନବ ସ୍ୱଭାବଟିହିଁ ପ୍ରସ୍ଫୁଟିତ ହୋଇ ଉଠିଛି ।*

ହଁ, ଏକାବେଳେକେ ସତ କଥା । ସର୍ବଦା ଠିକ୍ ସେହିପରିହିଁ ଘଟିଥାଏ ।

ତେଣୁ ମୁଁ କହୁଛି – ମୁଁ କହୁଛି ଯେ, ଆମେସବୁ ତ ଏଠାରେ ବାସ କରୁଛୁ, ଆମେ ପ୍ରତ୍ୟେକେହିଁ ଏଠାରେ ରହିଛୁ ଏବଂ ଆଖର ଆମକୁହିଁ ଯାବତୀୟ ବାଧାର ସମ୍ମୁଖୀନ ହେବାକୁ ପଡ଼ିବ । ମାତ୍ର, ତଥାପି ଏହାକୁ ଏକ ପରମକରୁଣା ବୋଲି କୁହାଯିବ, କାରଣ ଆମେ, ଏସବୁ କିପରି ଘଟିଲା, **ଆମେ**ହିଁ ସେହି କଥାଟିକୁ ଜାଣିବା – ଏବଂ ଆମର ଅସ୍ତିତ୍ୱ କଦାପି ଲୋପ ହୋଇଯିବ ନାହିଁ, ନୁହେଁ କି ? କଥାଟି ଯେ କିପରି କାର୍ଯ୍ୟାନ୍ୱିତ ହୋଇ ପାରିଲା, ଆମେ ସେହି ବିଷୟଟିକୁ ଜାଣି ପାରିବା ।

## ୮ ଜାନୁଆରି ୧୯୬୯

ଏହି ଚେତନାଟିକୁ ମୁଁ ସ୍ୱତନ୍ତ୍ର ଭାବରେ ଚିହ୍ନିନେଇ ପାରିଛି ବୋଲି ତୁମକୁ କହିଛି କି ?

*ଗତଥର ଆପଣ ଯେତେବେଳେ କହୁଥିଲେ, ସେତେବେଳେ ସେଇଟିକୁ ଜାଣି ସାରିଥିଲେ ।*

ହଁ, ମାତ୍ର ସେତେବେଳେ ମୁଁ ''ଅତିମାନସ ଚେତନା'' ବୋଲି କହିଥିଲି ।

*ପରେ ଆପଣ ''ହୁଏତ ଅତିମାନବ'' ବୋଲି କହିଲେ ।*

ହଁ, ଠିକ୍ ସେହି କଥା । ଏଇଟି ହେଉଛି ଅତିମାନବ-ଚେତନାର ଅବତରଣ । ପରେ ମୁଁ ତାହାରି ସୁନିଶ୍ଚିତ ପ୍ରତିଶ୍ରୁତି ଲାଭ କଲି ।

ଜାନୁଆରି ପହିଲା ଠିକ୍ ମଧ୍ୟରାତ୍ରି ପରେ । ମୁଁ ପ୍ରାୟ ଦୁଇଟା ସମୟରେ ଉଠିଲି, ମୋ'ଚାରି ପାଖରେ ଏକ ଚେତନା ମୋତେ ବେଷ୍ଟିତ କରି ରହିଥିଲା । ତାହା ଅତ୍ୟନ୍ତ ମୂର୍ତ୍ତ ହୋଇ ରହିଥିଲା ଓ ଏକାବେଳକେ **ନୂତନ** ପରି ଲାଗୁଥିଲା, କାରଣ ମୁଁ ତାହାକୁ ଆଗରୁ କେବେହେଲେ ଅନୁଭବ କରି ନ ଥିଲି । ଏବଂ, ସମ୍ପୂର୍ଣ୍ଣ ମୂର୍ତ୍ତ ଓ ବର୍ତ୍ତମାନ ଭାବରେ ତାହା ଦୁଇତିନି ଘଣ୍ଟା ପର୍ଯ୍ୟନ୍ତ ସେହିପରି ହୋଇ ରହିଲା; ତା'ପରେ ଆହୁରି ଅଧିକ ବ୍ୟାପ୍ତ ହେବାକୁ ଲାଗିଲା ଏବଂ, ଯେଉଁ ବ୍ୟକ୍ତିମାନେ ତାହାକୁ ଗ୍ରହଣ କରିପାରିବେ, ତାହା ସେହିମାନଙ୍କୁ ଖୋଜିବାକୁ ବାହାରିଗଲା । ସେତେବେଳେ ଯାଇ ମୁଁ ତାହାକୁ ଅତିମାନବର ଚେତନା ବୋଲି ଜାଣିବାକୁ ପାଇଲି, ଅର୍ଥାତ୍, ମନୁଷ୍ୟ ଏବଂ ଅତିମାନସ ସତ୍ତାର ମଧ୍ୟବର୍ତ୍ତୀ ହୋଇ ରହିଥିବା ଏକ ଅବସ୍ଥା ରୂପେ ଜାଣିବାକୁ ପାଇଲି ।

ତାହା ଶରୀରକୁ ଏକପ୍ରକାରର ପ୍ରତିଶ୍ରୁତି ଏବଂ ବିଶ୍ୱାସ ପ୍ରଦାନ କରି ଦେଇଗଲା । ସେହି ଅନୁଭୂତିଟି ସତେଅବା ଶରୀରକୁ ଦୃଢ଼ପ୍ରତିଷ୍ଠ କରି ଦେଇଗଲା ଏବଂ, ଯଦି ଶରୀର ଭିତରେ ସେହି ଯଥାର୍ଥ ଦୃଷ୍ଟିଟି ସ୍ଥାୟୀ ହୋଇ ରହିପାରିବ, ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ, ତାହାର ସହାୟତା ଲାଗି ଯାବତୀୟ ସାହାଯ୍ୟ ଅବଶ୍ୟ ମହଜୁଦ ହୋଇ ରହିଥିବ ।

## ୧୮ ଜାନୁଆରି ୧୯୬୯

ସେଦିନ ଯେତେବେଳେ 'କ' ଆସି ପହଞ୍ଚିଲେ, ଯେମିତି ସିଏ ଘର ଭିତରକୁ ଆସିଲେ (ସିଏ ସେଇଠି ଠିଆହୋଇ ରହିଥିଲେ), ସେତିକିବେଳେହିଁ ଏହି ବାତାବରଣଟି ଆସି ଏଠାରୁ ସେଠା ପର୍ଯ୍ୟନ୍ତ (*ମାଆ ଆପଣାର ସମ୍ମୁଖରେ ଏକ ଅର୍ଦ୍ଧବୃତ୍ତ କାଟି ଦେଉଥିବାର ଇଙ୍ଗିତ କଲେ*) ମୋତେ ଠିକ୍ ଏକ ପ୍ରାଚୀର ପରି ବେଷ୍ଟନ କରି ରଖିଲା । ସେହି ପ୍ରାଚୀରଟି ଘନ ଥିଲା, ପ୍ରଭାମୟ ଥିଲା, ଏବଂ, ଅତ୍ୟନ୍ତ ଶକ୍ତିଶାଳୀ ବି ହୋଇ ରହିଥିଲା । ସେଇଟିକୁ ମୁଁ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଦେଖି ପାରୁଥିଲି,– ତାହା ଅତ୍ୟନ୍ତ ବାସ୍ତବ ହୋଇ ଦିଶୁଥିଲା, ପ୍ରାୟ ଏତେ ମୋଟାର (*ମାଆ ଇଙ୍ଗିତ କରି ପ୍ରାୟ ୪୦ ସେଣ୍ଟିମିଟର ମୋଟା ବୋଲି ଦେଖାଇଲେ*) ସତେଅବା ଗୋଟିଏ ପ୍ରାକାର ପରି ହୋଇ ରହିଥିଲା । ଏବଂ 'କ' ଉପସ୍ଥିତ ରହିଥିବା ଯାଏ ପ୍ରାକାରଟି ମଧ୍ୟ ସେହିପରି ରହିଥିଲା ।

ତେଣୁ ଏହା ପ୍ରକୃତରେ ଅତ୍ୟନ୍ତ ସଚେତନ ଭାବରେ କ୍ରିୟାଶୀଳ ହୋଇଛି ।

ସତେ ଯେପରି କ୍ଷମତାର ଏକ ପ୍ରକ୍ଷେପଣ । ଏବଂ ବର୍ତ୍ତମାନ ସେହି ଅନୁଭବ ଏକ ଅଭ୍ୟାସରେ ପରିଣତ ହୋଇଗଲାଣି ।

ଏହା ଭିତରେ ଏପରି ଏକ ଚେତନା ରହିଛି – ଏକ ଅତ୍ୟନ୍ତ **ମୂଲ୍ୟବାନ୍** ସମ୍ପଦ ରହିଛି – ଯାହାକି ଶରୀରକୁ ନାନାବିଧ ଶିକ୍ଷା ଦେଇଯାଉଛି । ଶରୀର ଆପଣାର କର୍ତ୍ତବ୍ୟ ରୂପେ ଅବଶ୍ୟ କ'ଣ ସବୁ କରିବ, ଅର୍ଥାତ୍ ତା'ର କିଭଳି ଦୃଷ୍ଟିକୋଣ ରହିବ, କେଉଁ ଭଳି ପ୍ରତିକ୍ରିୟାମାନ ବି ରହିବ, ତାକୁ ସେହି କଥା ଶିଖାଇ ଦେଇ ଯାଉଛି ।... ତୁମମାନଙ୍କୁ ମୁଁ ଏହି କଥାଟି ବହୁବାର କହିଛି ଯେ, କୌଣସି ପ୍ରକାର ଯଥାର୍ଥ ସୂଚନାମାନ ଦେବା ଲାଗି ପ୍ରକୃତରେ କେହି ନ ଥିଲା ବେଳେ ରୂପାନ୍ତରର ପ୍ରକ୍ରିୟାଟିକୁ ଖୋଜି ପାଇବା ଅତ୍ୟନ୍ତ କଷ୍ଟକର ହୋଇପଡ଼ିବ; ସତେଅବା ତାହାରି ଉତ୍ତର ସ୍ୱରୂପ ଏହି କଥାଟି ଘଟିଲା; ତାହା ଶରୀରକୁ ଏହି କଥାଟିକୁହିଁ କହିବାକୁ ଆସିଥିଲା : ''ତୁମେ ଏହିପରି ଦୃଷ୍ଟିଭଙ୍ଗୀ ରଖ, ଏହି କଥାଟିକୁ ଏପରି ଭାବରେ କର, ଏଇଟିକୁ ଏପରି ନ କରି ସେପରି କର ।'' ତେଣୁ ଶରୀର ଏଥିରେ ଅତ୍ୟନ୍ତ ସନ୍ତୋଷ ଲାଭ କରିଛି, ଏହା ସମ୍ପୂର୍ଣ୍ଣ ଭାବରେ ସୁନିଶ୍ଚିତ ହୋଇଯାଇ ପାରିଛି, ଆଉ ସିଏ କେବେହେଲେ କୌଣସି ଭୁଲ୍ କରିବ ନାହିଁ ।

ଏହା ପ୍ରକୃତରେ ଭାରି ଆଗ୍ରହୋଦ୍ଦୀପକ ।

ଏହା ଜଣେ ''ପରାମର୍ଶଦାତା'' ହିସାବରେ ଆସିଥିଲା । ଏହା **ବ୍ୟାବହାରିକ** ନାନା ପରାମର୍ଶ ଦେଇଗଲା : ''ଏହି କଥାଟିକୁ ବର୍ଜନ କରିବାକୁ ପଡ଼ିବ, ସେଇଟିକୁ ଗ୍ରହଣ କରିବାକୁ ପଡ଼ିବ; ଏଇଟିକୁ ଏକ ସାଧାରଣ ନିୟମରେହିଁ ପରିଣତ କରିବାକୁ

ହେବ, ସେଇଟିକୁ...'' ଯାବତୀୟ ଅନ୍ତର୍ଗତ ଗତିକ୍ରିୟା ବିଷୟରେ ତାହା ଏହିପରି ନାନା ପରାମର୍ଶ ଦେଇଥିଲା । ଏବଂ କେତେକ ନିର୍ଦ୍ଦିଷ୍ଟ ସ୍ପନ୍ଦନ ଦୃଷ୍ଟିରୁ ଏହାକୁ ଅତ୍ୟନ୍ତ ବାସ୍ତବ ବୋଲି ମଧ୍ୟ କୁହାଯାଇ ପାରିବ : ''ତୁମକୁ ଏଇଟିକୁ ସବୁପ୍ରକାରେ ଉତ୍ସାହିତ କରି ରଖିବାକୁ ହେବ'', ଆହୁରି କେତେକ ସ୍ପନ୍ଦନ ବେଳକୁ ତାହା କହେ : ''ସେଇଟିକୁ ଏକ ନିର୍ଦ୍ଦିଷ୍ଟ ଧାରାରେ ପ୍ରବାହିତ କରି ଆଣିବାକୁ ହେବ;'' ପୁନଶ୍ଚ, ଆହୁରି ଅନ୍ୟ କେତେକ ସ୍ପନ୍ଦନ ବିଷୟରେ କହେ : ''ଏଇଟିକୁ ଅପସାରଣ କରିନେବାକୁ ହେବ ।'' ଏହିପରି ସାନସାନ ନାନା ସୂଚନା ଦେବାରେ ଲାଗିଥାଏ ।

(*ମାଆ ନୀରବ ରହିଲେ*)

ପୂର୍ବର ଗୋଟିଏ ପ୍ରବଚନରେ (ଯେତେବେଳେ ମୁଁ ସେଠି ପ୍ଲେ-ଗ୍ରାଉଣ୍ଡରେ ପ୍ରବଚନ ଦେଉଥିଲି) ମୁଁ କହିଥିଲି : ''ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଅତିମାନବ ସର୍ବପ୍ରଥମେ ଏକ ଶକ୍ତିମାନ୍ ସତ୍ତା ହୋଇ ରହିଥିବ, ଯେପରିକି ସିଏ ସକଳ ପ୍ରତିକୂଳତାର ସମକ୍ଷରେ ଆପଣାକୁ ରକ୍ଷା କରି ପାରିବ ।''* ହଁ, ଏଥର ସେହି କଥାଟିହିଁ ଅନୁଭୂତ

* ''ଏପରି ମନେ ହେଉଛି ଯେ, ଅତିମାନସର ଚୂଡ଼ାନ୍ତତମ ଏବଂ ନିଶ୍ଚିତତମ ଗଢ଼ଣଟି ଏପରି ହୋଇଥିବ ଏବଂ ଯାହାକି ହୁଏତ ସର୍ବପ୍ରଥମେ ଆପଣାକୁ ରୂପାୟିତ କରିବ, ସେଇଟି ହେଉଛି ତାହାର ପରମ ଶକ୍ତିମତ୍ତାର ଦିଗ; – ତାହାର ଆନନ୍ଦମୟ ଅଥବା ସତ୍ୟମୟ ଦିଗଗୁଡ଼ିକ ହୁଏତ ତା'ର ପରେ ଯାଇ ଅନୁଭୂତ ହେବ । କାରଣ, ପୃଥିବୀପୃଷ୍ଠରେ ଏକ ନୂତନ ଜାତିର ପ୍ରତିଷ୍ଠା ସମ୍ଭବ ହେବାକୁ ହେଲେ, ତାହାକୁ ଅନିବାର୍ଯ୍ୟତଃ ପୃଥ୍ୱୀସ୍ଥ ଅନ୍ୟ ଉପାଦାନଗୁଡ଼ିକର ହାତରୁ ବଞ୍ଚାଇ ରଖିବାକୁ ପଡ଼ିବ;– ତେବେଯାଇ ସିନା ତାହା ବଞ୍ଚିକରି ରହିପାରିବ । ଏବଂ ଶକ୍ତି ହେଉଛି ଅସଲ ସୁରକ୍ଷା – ଏହି ଶକ୍ତି ଏକ କୃତ୍ରିମ ଶକ୍ତି ନୁହେଁ, ବାହ୍ୟ ବା ମିଛ ଶକ୍ତି ବି ନୁହେଁ, – ମାତ୍ର ଏକ ଯଥାର୍ଥ ଶକ୍ତି,– ସେହି ସଦାଜୟୀ ପରମ ଇଚ୍ଛାଶକ୍ତି । ତେଣୁ, ଏପରି ଭାବିବା ଆଦୌ ଅସମ୍ଭବ ହେବ ନାହିଁ ଯେ, ଅତିମାନସ କ୍ରିୟା, ଏପରିକି ସମଞ୍ଜସୀକରଣ, ଆଲୋକନ, ଆନନ୍ଦ ଏବଂ ସୌନ୍ଦର୍ଯ୍ୟର ଏକ କ୍ରିୟାରୂପେ ଅନୁଭୂତ ହେବା ପୂର୍ବରୁ ହୁଏତ ଶକ୍ତିରହିଁ ଏକ କ୍ରିୟାରୂପେ ପ୍ରକଟ ହେବ ଏବଂ ଏକ ସୁରକ୍ଷାରୂପେ କାର୍ଯ୍ୟ କରିବ । ଏବଂ, ଏକଥାଟି ଅତ୍ୟନ୍ତ ସ୍ୱାଭାବିକ ଯେ, ଯଥାର୍ଥରେ ଫଳଦାୟକ ହୋଇ- ପାରିବା ଲାଗି ଶକ୍ତିର ସେହି କ୍ରିୟାଟିକୁ ପରମ ଜ୍ଞାନ, ପରମ ସତ୍ୟ, ପରମ ପ୍ରେମ ଓ ପରମ ସମଞ୍ଜସତା ଉପରେ ଦୃଢ଼ ପ୍ରତିଷ୍ଠିତ ହୋଇ ରହିବାକୁ ପଡ଼ିବ । ମାତ୍ର ଯେତେବେଳେ ଭୂମିଟି ଏକ ସାର୍ବଭୌମ ପରମ ଇଚ୍ଛା ଓ ପରମ ଶକ୍ତି ଦ୍ୱାରା ଆଗ ପ୍ରସ୍ତୁତ ହୋଇ ସାରିବ, ସେତେବେଳେ ଯାଇ ଏହିସବୁ ବସ୍ତୁର ପ୍ରକାଶ ଘଟିବ, ସେସବୁ ଅଳ୍ପ ଅଳ୍ପ କରି କ୍ରମଶଃ ଦୃଶ୍ୟମାନ ହେବାକୁ ଆରମ୍ଭ କରିବେ ।'' (୧୮ ଡିସେମ୍ବର ୧୯୫୭)

ହେଲା, ସେହି କଥାଟିହିଁ ଏକ ଅନୁଭବ ରୂପେ ଫେରି ଆସିଥିଲା । ସେଇଟି ଏକ ଅନୁଭବ ରୂପେ ଫେରି ଆସିଥିବାରୁହିଁ, ଆଗରୁ ଥରେ ସେହି କଥାଟିକୁ କହିଥିଲି ବୋଲି ମୁଁ ମନେ କରି ପାରିଲି ।

*ହଁ, ଆପଣ କହିଥିଲେ : ସର୍ବପ୍ରଥମେ ପରମ ଶକ୍ତିହିଁ ଆସିବ ।*

ହଁ, ସର୍ବପ୍ରଥମେ ଶକ୍ତି ।

*କାରଣ ସେହି ସତ୍ତାଗୁଡ଼ିକୁ ସୁରକ୍ଷିତ କରି ରଖିବାକୁ ପଡ଼ିବ ।*

ହଁ, ଠିକ୍ ସେହି କଥା । ହଁ, ମୁଁ ସର୍ବପ୍ରଥମେ ଏହି ଶରୀରରେହିଁ ଏକ ଅଭିଜ୍ଞତା ଲାଭ କରିଥିଲି : ତାହା ଏକ ପ୍ରାକାରରେ ପରିଣତ ହୋଇଗଲା, ଏବଂ ସେହି ପ୍ରାକାର ଅତ୍ୟନ୍ତ ଶକ୍ତିଶାଳୀ ହୋଇ ତିଆରି ହୋଇଥିଲା । ଏହା ପ୍ରଭୂତ ଶକ୍ତିସମ୍ପନ୍ନ ହୋଇ ରହିଥିଲା । ଆପାତ କାର୍ଯ୍ୟଟି ତୁଳନାରେ ପ୍ରାୟ ସମ୍ପୂର୍ଣ୍ଣ ଅନୁପାତହୀନ ଭାବରେ ଶକ୍ତିଶାଳୀ ହୋଇ ରହିଥିଲା ।

ଏହା ପ୍ରକୃତରେ ଭାରି ଆଗ୍ରହୋଦ୍ଦୀପକ ହୋଇ ରହିଥିଲା ।

ଏବଂ, ଠିକ୍ ସେହି କାରଣରୁ ମଧ୍ୟ, ବର୍ତ୍ତମାନ ମୁଁ ସେହି ଅନୁଭୂତିଟିକୁ ଦେଖିପାରୁ ଥିବାରୁ, ମୁଁ ପରିଣାମଟି ଅପେକ୍ଷାକୃତ ଅଧିକ ସୁନିର୍ଦ୍ଦିଷ୍ଟ ଓ ମୂର୍ତ୍ତ ହୋଇ ରହିଥିବାର ବି ଦେଖିବାକୁ ପାଉଛି । କାରଣ ଏହି କ୍ଷେତ୍ରରେ ଅନ୍ତରାୟ ସୃଷ୍ଟି କରିବାକୁ ମନ ବା ପ୍ରାଣ କେହି ହେଲେ ନାହାନ୍ତି । କାରଣ ତାହାହିଁ ଆସି ସେମାନଙ୍କର ସ୍ଥାନକୁ ଅଧିକାର କରିନେଇଛି – ଏବଂ, ଯୁଗପତ୍ ଭାବରେ ଉପଲବ୍ଧ ହେଉଥିବା ଜ୍ଞାନଟି ମଧ୍ୟ ଏହି ଯାବତୀୟ ସୁନିଶ୍ଚୟତା ଆଣି ଦେଇଯାଇ ପାରିଛି । ଏହା ବଡ଼ ଆଗ୍ରହୋଦ୍ଦୀପକ ।

(*ମାଆ ନୀରବ ରହିଲେ*)

ତୁମର କିଛି କହିବାକୁ ଅଛିକି ?

*ବ୍ୟକ୍ତିର କ୍ଷେତ୍ରରେ ଏହି ଚେତନା କିପରି କାର୍ଯ୍ୟ କରିବ, ମୁଁ ମନେ ମନେ ସେହି କଥା ଭାବୁଥିଲି । ଉଦାହରଣ ସ୍ୱରୂପ, ଆପଣଙ୍କ ବାହାରେ ତାହା କିପରି କାର୍ଯ୍ୟ କରିବ ?*

ଠିକ୍ ଏକାଭଳି କାର୍ଯ୍ୟକରିବ । କେବଳ, ଆପଣାଙ୍କୁ ଯେଉଁମାନେ ତଟସ୍ଥ ଭାବରେ ଅବଲୋକନ କରିବାରେ ଆଦୌ ଅଭ୍ୟସ୍ତ ନୁହନ୍ତି, ସେମାନେ ତାହାକୁ ଅପେକ୍ଷାକୃତ କମ୍ ପରିମାଣରେ ଦେଖିପାରିବେ । ବାସ୍, ସେତିକି ଯାହା ଫରକ ରହିବ । ସବୁ ସମୟରେ ଯାହା ହୋଇଥାଏ, ତାହା ସତେଅବା ତୁଳା ଭିତର ଦେଇ ଯାଉଥିଲା ପରି ଚାଲି ଯାଉଥିବ । ମାତ୍ର, ତା' ନ ହେଲେ, ସର୍ବତ୍ର ସେହି ଏକାଭଳି ହେବ ।

*ମୁଁ କହୁଥିଲି : ଏହି ଚେତନା ଶରୀର ଉପରେ ଯେତେ କାର୍ଯ୍ୟ କରିବ, ମନ ଉପରେ ଆଦୌ ସେତେ କାର୍ଯ୍ୟ କରିବ ନାହିଁ ?*

ତଥାପି, ତାହା ଜଣେ ବ୍ୟକ୍ତିକୁ ଯଥାର୍ଥ ଭାବରେ ଚିନ୍ତା କରି ଶିଖାଇବ ବୋଲି ମୁଁ ଆଶା କରୁଛି ।

*ଏହା ମୂଳତଃ ଏକ ପଥପ୍ରଦର୍ଶକ ହୋଇ ରହିବ ।*

ହଁ, ଏକ ପଥପ୍ରଦର୍ଶକ ହୋଇ ରହିଥିବ ।

ମାତ୍ର ଏହା ହେଉଛି ଏକ ଚେତନା ।

ମୋ'ର ଅନୁଭବ ହେଉଛି ଯେ **ଏହି** ପରମ ଚେତନା ଆପଣାକୁ ବିଶେଷ ବିଶେଷ କ୍ରିୟାତ୍ମକତା ଭିତରେ ଓ ବିଶେଷ ବିଶେଷ କ୍ଷେତ୍ର ଲାଗି ସୀମିତ କରି ରଖିଥାଏ ସତ, ମାତ୍ର ତଥାପି ସର୍ବଦା ସେହି **ପରମ** ଚେତନା ହୋଇ ରହିଥାଏ । ମନୁଷ୍ୟ-ଚେତନାର କ୍ଷେତ୍ରରେ ଏହା ଯେପରି ଆଦୌ ପ୍ରାୟ କୌଣସିଟି ମଧ୍ୟରେ ଆପଣାକୁ ସୀମିତ କରି ରଖି ନ ଥାଏ, ଠିକ୍ ସେହିପରି ଆପଣାର ପ୍ରକ୍ରିୟାଟିକୁ ସମ୍ପାଦନ କରିବା ଲାଗି ତାହା ସତ୍ତାର କେତେକ ସ୍ଥିତିରେ ଓ କେତେକ କ୍ରିୟାଶୀଳତାରେ ଆପଣାକୁ ସତ୍ତାର ଏକ ନିର୍ଦ୍ଦିଷ୍ଟ ଧାରା ମଧ୍ୟରେ ସୀମିତ କରି ମଧ୍ୟ ରଖିଥାଏ । ''ମୁଁ ଯେପରି ପ୍ରତ୍ୟେକ ମୁହୂର୍ତ୍ତରେ ଆବଶ୍ୟକ ମାର୍ଗଦର୍ଶନଟିକୁ ଲାଭ କରିପାରେ'' ବୋଲି ମୁଁ ତାଙ୍କ ପାଖରେ କେତେ ପ୍ରାର୍ଥନା କରି କହିଛି,— କାରଣ ତଦ୍ୱାରା ଅତ୍ୟନ୍ତ ପରିମାଣରେ ସମୟ ବଞ୍ଚିଯାଏ, ନୁହେଁ ?— ତେବେ ଆଉ ଏତେବେଶୀ ଅଧ୍ୟୟନ କରିବାକୁ ପଡ଼େ ନାହିଁ, ଏତେ ପର୍ଯ୍ୟବେକ୍ଷଣ ବି ଆବଶ୍ୟକ ହୁଏ ନାହିଁ ।... ହଁ, ବର୍ତ୍ତମାନ ମୁଁ ଜାଣିବାକୁ ପାଉଛି ଯେ ଏହା ଠିକ୍ ସେହିପରି ଭାବରେ ଘଟିଛି ।

(*ମାଆ ନୀରବ ରହିଲେ*)

ଜାନୁଆରି ପହିଲା ଦିନ ଯେଉଁମାନେ ଏହାର ସ୍ପର୍ଶ ଲାଭ କରିଛନ୍ତି, ସେମାନଙ୍କଠାରେ ଏକ ସ୍ପଷ୍ଟ ପରିବର୍ତ୍ତନ ପରିଲକ୍ଷିତ ହୋଇ ପାରୁଛି : ସେମାନଙ୍କ ଭାବନାର ଧାରାଟି ମଧ୍ୟରେ ବସ୍ତୁତଃ ଏକ ସୁନିର୍ଦ୍ଦିଷ୍ଟତା ଏବଂ ସୁନିଶ୍ଚିତତା ପ୍ରବେଶ କରି ପାରିଛି । ବିଶେଷ ଭାବରେ ଏହି ପରିବର୍ତ୍ତନଟି ଘଟିଛି ।

ତାହା ଏଇଠି ଥିଲା (*ମାଆ ଆପଣାର ହୃଦ୍‌ଦେଶ ଆଡ଼କୁ ଅନାଇଲେ*) । ଏକଥାଟି ପ୍ରକୃତରେ ଭାରି କୌତୂହଳମୟ ଲାଗୁଛି, ସତେଯେପରି, ଯେଉଁମାନେ ମୋ ନିକଟକୁ ଆସିଥିଲେ, ଏଇଟିକୁ ସେମାନଙ୍କ ପ୍ରତ୍ୟେକଙ୍କର ସଂସ୍ପର୍ଶରେ ଆଣି ପହଞ୍ଚାଇ ଦେବା ଦାୟିତ୍ୱ ମୁଁ ଯେପରି ବହନ କରିଥିଲି ।

## ୧୫ ଫେବ୍ରୁଆରି ୧୯୬୯

ଏହି ବାୟୁମଣ୍ଡଳ ଓ ଏହି ଚେତନା (ଅତିମାନବୀୟ ଚେତନା) ଅତ୍ୟନ୍ତ ସକ୍ରିୟ ହୋଇ ରହିଛି, ଏବଂ ଏକ ପରାମର୍ଶଦାତା ରୂପେ ସକ୍ରିୟ ହୋଇ ରହିଛି । ଏହି କଥା ମୁଁ ଆଗରୁ କହିସାରିଛି । ସେହି ସକ୍ରିୟତା ଏବେ ମଧ୍ୟ ଲାଗିରହିଛି । ଏବଂ, ତା'ଛଡ଼ା, ବିଗତ କୌଣସି ଗୋଟିଏ ଦିନ ବଡ଼ିସକାଳେ ବେଶ୍ କେତେ ଘଣ୍ଟା ଧରି... ଶରୀର ପୂର୍ବରୁ କେବେହେଲେ ଏତେବେଶୀ ପ୍ରଫୁଲ୍ଲତା ଅନୁଭବ କରି ନ ଥିଲା; ଶରୀର ଭିତରେ ସେହି ପରମ ଉପସ୍ଥିତି ସମ୍ପୂର୍ଣ୍ଣ ଭାବରେ ଅନୁଭୂତ ହୋଇ ରହିଥିଲା, ପରିପୂର୍ଣ୍ଣ ମୁକ୍ତି ଏବଂ ଏକ ସୁନିଶ୍ଚୟତା ରହିଥିଲା : ତାହାର ଆଦୌ କୌଣସି ମହତ୍ତ୍ୱ ନ ଥିଲା – ଏହି କୋଷଗୁଡ଼ିକ, ଅନ୍ୟ କୋଷଗୁଡ଼ିକ (*ମାଆ ଏପାଖକୁ ଓ ସେପାଖକୁ ଇଙ୍ଗିତ କରି ଦେଖାଇଲେ, ତଦ୍ୱାରା ସମସ୍ତଙ୍କର ଶରୀରକୁ ସୂଚିତ କରିଦେଉଥିଲେ*), ଏହି ସବୁକିଛି ଏକ ପ୍ରାଣବନ୍ତତାରେ ପରିଣତ ହୋଇଯାଇଥିଲା, ଚେତନାରେହିଁ ପରିଣତ ହୋଇଯାଇଥିଲା । ଏହି କଥାଟି ପ୍ରକୃତରେ ସମ୍ପୂର୍ଣ୍ଣ ଭାବରେ ଭାରି ଆଶ୍ଚର୍ଯ୍ୟଜନକ । ଆଦୌ କୌଣସି ପ୍ରୟାସ ନ କରି ମଧ୍ୟ ତାହା ମନକୁ ମନ ଆସି ଉପସ୍ଥିତ ହୋଇଥିଲା, ଏହି ଅବସ୍ଥାଟି ପୁଣି ଚାଲିଯିବାର ଏକମାତ୍ର କାରଣ ହେଉଛି ଯେ... ମୁଁ ଅତ୍ୟନ୍ତ କାର୍ଯ୍ୟବ୍ୟସ୍ତ ହୋଇ ରହିଥିଲି । ଏବଂ ତାହା କଦାପି ଆମ ଇଚ୍ଛା ଅନୁସାରେ ଆସେ ନାହିଁ – ଯାହା ଇଚ୍ଛା କରିବା ଅନୁସାରେ ଆସେ, ତାହାକୁ ହୁଏତ ଏକ ''ନକଲ'' ବୋଲି କୁହା ଯାଇପାରେ : ଏହା ବାହାରକୁ ସେହିପରି ଦେଖାଯାଉଥାଏ ସତ, ମାତ୍ର ତଥାପି ସେହି ଅସଲ ବସ୍ତୁଟି ହୋଇ ମୋଟେ ରହି ନ ଥାଏ । ଅସଲ ବସ୍ତୁଟି ହେଉଛି... ଏପରି କିଛି ବସ୍ତୁ ରହିଛି, ଯାହାକି ଆମର ଅଭୀପ୍ସାଠାରୁ ସମ୍ପୂର୍ଣ୍ଣ ଭାବରେ ସ୍ୱତନ୍ତ୍ର ହୋଇ ରହିଥାଏ, ଆମର ଇଚ୍ଛା ଓ ଆମର ପ୍ରୟାସରୁ ସମ୍ପୂର୍ଣ୍ଣ ଭାବରେ ସ୍ୱତନ୍ତ୍ର ହୋଇ ରହିଥାଏ । ଏବଂ ଏହି ବସ୍ତୁଟିହିଁ ସର୍ବଶକ୍ତିସମ୍ପନ୍ନ ବୋଲି ବୋଧ ହୁଏ, କାରଣ ସେଇଟି ଆସି ପହଞ୍ଚିବା ପରେ ଶରୀରର ଆଉ କୌଣସି ଅସୁବିଧା ରହେ ନାହିଁ । ଏହି ସମୟରେ ସବୁକିଛି ଅନ୍ତର୍ହିତ ହୋଇଯାଏ । ମାତ୍ର ଅଭୀପ୍ସା, ଅଭିନିବେଶ, ପ୍ରୟାସ... ସେହି ସବୁକିଛିର ଆଉ କୌଣସି ପ୍ରୟୋଜନ ନ ଥାଏ । କେବଳ ସେହି **ଦିବ୍ୟ ବୋଧଟି**, ହଁ, କେବଳ ସେହି ଦିବ୍ୟ ବୋଧଟି ଲାଭ କରିବା, ସେତିକି ହେଲେ ହେଲା । ଏହି କେତୋଟି ଘଣ୍ଟା ମଧ୍ୟରେ (ପ୍ରାୟ ତିନି ବା ଚାରି ଘଣ୍ଟା), ଶରୀର ମଧ୍ୟରେ ଦିବ୍ୟ ଚେତନାକୁ ଲାଭ କରିବାର ଅର୍ଥ ଯେ କ'ଣ ହୋଇପାରେ, ସେକଥା ମୁଁ ସମ୍ପୂର୍ଣ୍ଣ ଭାବରେ ବୁଝିବାକୁ ସମର୍ଥ ହୋଇଥିଲି । ଏବଂ, ଏଠାରେ ଏହି ଶରୀରଟି, ସେଠାରେ ସେହି ଶରୀରଟି ଓ ସେଠାରେ ସେହି ଶରୀରଟି (*ମାଆ ଏପାଖ, ସେପାଖ ଓ ନିଜ ଶରୀରର ଚାରିପାଖକୁ*

*ଇଙ୍ଗିତ କରି ଦେଖାଇ ଦେଉଥିଲେ*), ସେତେବେଳେ ଏସବୁର ଆଦୌ କୌଣସି ମହତ୍ତ୍ୱ ନ ଥିଲା; ଏହି ବସ୍ତୁଟି ଗୋଟିଏ ଶରୀରରୁ ଆଉ ଗୋଟିଏ ଶରୀରକୁ ସଞ୍ଚାରିତ ହେବାରେ ଲାଗିଥିଲା, ସମ୍ପୂର୍ଣ୍ଣ ମୁକ୍ତ ଓ ଅବାଧ ହୋଇ ସଞ୍ଚାରିତ ହୋଇଯାଉଥିଲା,— ଏବଂ ପ୍ରତ୍ୟେକ ଶରୀରର ସୀମା ତଥା ସମ୍ଭାବନାଗୁଡ଼ିକ ବିଷୟରେ ସମ୍ପୂର୍ଣ୍ଣ ଅବହିତ ହୋଇ ରହିଥିଲା — ପ୍ରକୃତରେ ସମ୍ପୂର୍ଣ୍ଣ ଭାବରେ ଅଦ୍ଭୁତ । ମୁଁ ପୂର୍ବରୁ କେବେହେଲେ, କେବେହେଲେ ଏଭଳି ଏକ ଅନୁଭୂତି ଲାଭ କରି ନ ଥିଲି । ପ୍ରକୃତରେ ସମ୍ପୂର୍ଣ୍ଣ ଅଦ୍ଭୁତ । ଏହା ଆସିଲା ଓ ଚାଲିଗଲା, କାରଣ ମୁଁ ଏତେ ଅଧିକ ପରିମାଣରେ କାର୍ଯ୍ୟବ୍ୟସ୍ତ ହୋଇ ରହିଥିଲି ଯେ... ମାତ୍ର, ଏଇଟି ଯେ ପ୍ରକୃତରେ କିପରି, କେବଳ ଏତିକି ଦେଖାଇଦେବା ସକାଶେହିଁ ତାହା କଦାପି ପୁଣି ଚାଲିଗଲା ନାହିଁ — ମୋଟେ ସେଥିଲାଗି ଚାଲିଗଲା ନାହିଁ । ଏହି ଜୀବନ ଓ ଏହି ଜୀବନର ନାନା ବ୍ୟବସ୍ଥାଜାଲ ତୁମକୁ ଗୋଟାସୁଦ୍ଧା ଗିଳିକରି ରହିଥାଏ ବୋଲି ସେପରି ହେଲା ।

ମୁଁ ଜାଣିଛି ଯେ ତାହା ସେଠାରେ ଅବଶ୍ୟ ରହିଛି (*ପଛ ଆଡ଼କୁ ଇଙ୍ଗିତ କଲେ*) । ମୁଁ ଜାଣିଛି, କିନ୍ତୁ... ମାତ୍ର ମୁଁ ଭଲକରି ବୁଝୁଛି ଯେ ସେଇଟି ହେଉଛି ଏକ ରୂପାନ୍ତର । ଏବଂ ଏହି ବ୍ୟକ୍ତିମାନେ ବି ବଡ଼ ସ୍ପଷ୍ଟ ହୋଇ ଦେଖା ଯାଉଛନ୍ତି, ଆଦୌ ଅସ୍ପଷ୍ଟ ହୋଇ ରହି ନାହାନ୍ତି । ଅତ୍ୟନ୍ତ ସ୍ପଷ୍ଟ ଭାବରେ ତାହା ଏହି ବ୍ୟକ୍ତି ମଧ୍ୟରେ ଆପଣାକୁ ପ୍ରକଟ କଲା, ସେହି ବ୍ୟକ୍ତି ମଧ୍ୟରେ ବି ପ୍ରକଟ କଲା, ଆପଣାକୁ (*ଏଠା ଓ ସେଠା ସବୁପାଖକୁ ଦେଖାଇ ଦେବାର ଇଙ୍ଗିତ*) ଅତ୍ୟନ୍ତ ସ୍ପଷ୍ଟ ଓ ସମ୍ପୂର୍ଣ୍ଣ ଭାବରେ ପ୍ରକଟ କରିପାରିଲା । ଏବଂ, ଏକ ପ୍ରଫୁଲ୍ଲ ହସ ହସି !...

ଏବଂ ତା'ପରେ କୋଷଗୁଡ଼ିକ ମଧ୍ୟ ସ୍ୱୟଂ ରୂପାନ୍ତରିତ ହେବା ଲାଗି ସେମାନେ କରୁଥିବା ପ୍ରୟାସଟି ବିଷୟରେ କହିଥିଲେ, ଏବଂ ତା'ପରେ ସେମାନଙ୍କ ମଧ୍ୟରେ ସେହି ପରମ ଶାନ୍ତି ଅବତରଣ କରି ଆସିଲା... ଏହି କଥାଟିକୁ କିପରି ବୁଝାଇ କୁହାଯାଇ ପାରିବ ? ଶରୀର ଆପଣାର ଅଭୀପ୍ସା ବିଷୟରେ କହିଲା, ଆପଣାକୁ ପ୍ରସ୍ତୁତ କରିବା ଲାଗି ତା' ନିଜର ଇଚ୍ଛା ବିଷୟରେ କହିଲା; ମାତ୍ର ତାହା ଆଦୌ କିଛି ମାଗି ନ ଥିଲା, ତାହାର ଯାହା ହେବାକୁ ଇଚ୍ଛା, କେବଳ ତାହାହିଁ ହେବା ଲାଗି ଏକ ପ୍ରୟାସ କରୁଥିଲା । ଏବଂ ସବୁବେଳେ ତାହା ଏହି ଗୋଟିଏ ପ୍ରଶ୍ନକୁହିଁ ପଚାରୁଥିଲା (ଶରୀର କେବେ ପ୍ରଶ୍ନଟିଏ ପଚାରେ ନାହିଁ, ଶରୀର... ମାତ୍ର ପରିବେଶ, ପରିବେଷ୍ଟନୀ — ପୃଥିବୀ, ସତେଅବା ପୃଥିବୀହିଁ ସେହି ପ୍ରଶ୍ନ ପଚାରୁଥାଏ) : ''ଏଇଟି ଏହିପରି ରହିବ ନା ଏହାକୁ ବିଲୁପ୍ତ ହୋଇଯିବାକୁ ପଡ଼ିବ ?... କେବଳ ତାହାରି ବିଷୟରେ କହିଲେ, ତାହା ବର୍ତ୍ତମାନ ଏହିଭଳି ହୋଇ ରହିଛି (*ପାପୁଲିଗୁଡ଼ିକୁ ଉପର ଆଡ଼କୁ ଖୋଲିଦେଇ ମାଆ ଏକ ଆତ୍ମନିଶ୍ଚିନ୍ତ ହୋଇ ରହିଥିବା ଅବସ୍ଥାର ଇଙ୍ଗିତ କଲେ*); ଇଏ କହୁଛି, ''ହେ ପ୍ରଭୁ, ଆପଣ ଯାହା

ଇଚ୍ଛା କରିବେ, କେବଳ ତାହାହିଁ ହେବ ।'' ମାତ୍ର ତଥାପି, ଶରୀର ଏକଥା ମଧ୍ୟ ଜାଣିଛି ଯେ, ଯାହା ହେବାକୁ ଯାଉଛି, ତାହା ଆଗରୁ ନିର୍ଦ୍ଧାରିତ ହୋଇ ରହିଛି ଏବଂ ସେହି କଥାଟିକୁ ତାହାକୁ କଦାପି କୁହାଯିବ ନାହିଁ । ତେଣୁ ତାହା ସ୍ୱୀକାର କରିନେଉଛି, ଆଦୌ ଅଧୀର ହୋଇପଡୁ ନାହିଁ, ସବୁ ସ୍ୱୀକାର କରିନେଉଛି ଓ କହୁଛି, ''ଏହାହିଁ ଭଲ କଥା; ଆପଣ ଯାହା ଇଚ୍ଛା କରିବେ, କେବଳ ତାହାହିଁ ହେବ ।'' ମାତ୍ର, ଯେଉଁ ପରମ ବସ୍ତୁ ସବୁ ଜାଣିଛନ୍ତି ଓ ଯିଏ ଆଦୌ କିଛିହେଲେ ଆଗରୁ ଜଣାଉ ନାହାନ୍ତି, ସିଏ ହେଉଛନ୍ତି... ସେହି କଥାଟିକୁ ଆଦୌ କଥାରେ ବ୍ୟକ୍ତ କରିହେବ ନାହିଁ । ଇଏ ହେଉଛନ୍ତି... ହଁ, ମୁଁ ଭାବୁଛି, କେବଳ ଗୋଟିଏ ଶବ୍ଦରେହିଁ ସେହି ବୋଧଟିକୁ ବର୍ଣ୍ଣନା କରି କହିହେବ : ଇଏ ହେଉଛନ୍ତି ଏକ ସମ୍ପୂର୍ଣ୍ଣ ଓ ନିର୍ବିଶେଷ ସତ୍ତା — ଏହି ବୋଧଟି ହେଉଛି ସେହି ନିର୍ବିଶେଷ ପରମ ସତ୍ତାଙ୍କର ଉପସ୍ଥିତି ମଧ୍ୟରେ ରହିଥିବାର ବୋଧ । ନିର୍ବିଶେଷ ସତ୍ତା : ନିର୍ବିଶେଷ ଜ୍ଞାନ, ନିର୍ବିଶେଷ ଇଚ୍ଛା, ନିର୍ବିଶେଷ ଶକ୍ତି... କେହି ବା କୌଣସି ବସ୍ତୁ ତାହାର ପ୍ରତିରୋଧ କରିପାରିବ ନାହିଁ । ଏବଂ ଏହି ନିର୍ବିଶେଷ ସତ୍ତା ହେଉଛନ୍ତି ଏକ କରୁଣାମୟ ସତ୍ତା (ତାଙ୍କ ବିଷୟରେ ଏହିପରି ଏକ ମୂର୍ତ୍ତ ବୋଧ ଅବଶ୍ୟ ହୋଇଥାଏ) ! ଏବଂ ସେହି କରୁଣାର ସମ୍ମୁଖରେ,— ଆମେସବୁ ଯାହାକୁ ଦୟା ବା ସମବେଦନା ବୋଲି କହିଥାଉ, ତାହା ପ୍ରକୃତରେ ଆଦୌ କିଛି ନୁହେଁ — ଏହା ପ୍ରକୃତରେ କିଛି ନୁହେଁ । ସେହି ପରମ କରୁଣା ମଧ୍ୟରେ ପରିପୂର୍ଣ୍ଣ ଶକ୍ତି ନିହିତ ହୋଇ ରହିଥାଏ... ଏହାକୁ ପରମ ପ୍ରଜ୍ଞା ବୋଲି କୁହାଯାଇ ପାରିବ ନାହିଁ, ପରମ ଜ୍ଞାନ ବୋଲି ବି କୁହାଯାଇ ପାରିବ ନାହିଁ, ଏହାକୁ... ଆମ ରୀତିଗୁଡ଼ିକ ସହିତ ଏହାର ଆଦୌ କୌଣସି ସମ୍ବନ୍ଧ ନାହିଁ । ଏବଂ ସିଏ ହେଉଛି ସେହି ପରମ ତତ୍, ସିଏ ସର୍ବତ୍ର ବିଦ୍ୟମାନ ହୋଇ ରହିଛି । ସର୍ବତ୍ର ବିଦ୍ୟମାନ ରହିଛି । ଏହି ଶରୀର ସେହି କଥାଟିକୁହିଁ ଅନୁଭବ କରୁଛି ଏବଂ ତାଙ୍କରି ପାଖରେ ଆପଣାକୁ ସମ୍ପୂର୍ଣ୍ଣ ଭାବରେ ସମର୍ପଣ କରିଦେଉଛି । କିଛି ମାଗୁ ନାହିଁ, ଆଦୌ କିଛିହେଲେ ମାଗୁ ନାହିଁ । ତାହା ମଧ୍ୟରେ କେବଳ ସେହି ଗୋଟିଏ ମାତ୍ର ଅଭୀପ୍ସା ରହିଛି (*ମାଆ ଠିକ୍ ପୂର୍ବ ପରି ଇଙ୍ଗିତ କରି ପାପୁଲିଗୁଡ଼ିକୁ ଉପର ଆଡ଼କୁ ଖୋଲା କରିଦେଲେ*) : କେବଳ ସେହି ପରମ ତତ୍‌ରେହିଁ **ପରିଣତ ହେବା**, କେବଳ ସେଇ ଯାହା ଇଚ୍ଛା କରୁଛନ୍ତି ତାହାହିଁ ହେବା — କେବଳ ତାଙ୍କରି ସେବା କରିବା;— ହୁଏତ ଏପରିକି ସେକଥା ମଧ୍ୟ ନୁହେଁ; କେବଳ ସେହି ତତ୍‌ରେହିଁ **ପରିଣତ ହେବା ।**

ମାତ୍ର, ସେହି ଯେଉଁ ସ୍ଥିତିଟି ଏକାଧିକ କେତେ ଘଣ୍ଟା ପର୍ଯ୍ୟନ୍ତ ସ୍ଥାୟୀ ହୋଇ ରହିଥିଲା, ଏହି ପୃଥିବୀରେ ଏକାନବେ ବର୍ଷ କାଳ ରହିବା ମଧ୍ୟରେ ଶରୀର ଆଉ କେବେହେଲେ ଏଭଳି ଏକ ସୁଖର ଅନୁଭବ କରି ନ ଥିଲା । ଏହି ଅନୁଭବଟି ହେଉଛି

ମୁକ୍ତିର ଅନୁଭବ, ପରିପୂର୍ଣ୍ଣ ଶକ୍ତିର ଅନୁଭବ, ଯେଉଁଥିରେ କି ଆଦୌ କୌଣସି ସୀମା ନାହିଁ । (*ମାଆ ଏଠି, ସେଠି ଓ ସବୁଠି ନିର୍ଦ୍ଦେଶ କରି ଦେଖାଇ ଦେବାର ଇଙ୍ଗିତ କଲେ ।*) କୌଣସି ସୀମା ନାହିଁ, ଅସମ୍ଭବ ବୋଲି କିଛି ନାହିଁ । ଆଉ ସକଳ ଶରୀର ମଧ୍ୟ ତାହାରି ସହିତ ଅଭେଦ ହୋଇ ରହିଥିଲା । ଆଦୌ କୌଣସି ପ୍ରଭେଦ ନ ଥିଲା, କେବଳ ସେହି ଚେତନାର ଲୀଳାଟିହିଁ ସର୍ବତ୍ର ସଞ୍ଚାରିତ (*ଏକ ବୃହତ୍ ପରମ ଛନ୍ଦର ଇଙ୍ଗିତ*) ହୋଇ ରହିଥିଲା ।

ବାସ୍, ସେତିକି ।

(*ମାଆ ଦୀର୍ଘ କାଳ ନୀରବ ହୋଇ ରହିଲେ*)

ତା'ଛଡ଼ା, ଏହି କାର୍ଯ୍ୟଟି କ୍ରମଶଃ ଅଧିକରୁ ଅଧିକ ଦାବି ବି କରିବାରେ ଲାଗିଛି । ମାତ୍ର ମୁଁ ଅନୁଭବ କରୁଛି ଯେ (ଅର୍ଥାତ୍ ଶରୀର ଭାରି ଭଲ ଭାବରେ ତାହା ଅନୁଭବ କରୁଛି), ଏହା ହେଉଛି ସେହି ଶିକ୍ଷାର ଏକ ଅଂଶ ।

ଏହା ଠିକ୍ ସେହିପରି ମନେ ହେଉଛି : ଏହାକୁ, ଏହି ଶରୀରକୁ ଅବଶ୍ୟ ଅଟଳ ହୋଇ ରହିବାକୁ ହେବ, ନ ହେଲେ ଅବସ୍ଥା ଆହୁରି ଖରାପ ହୋଇଯିବ, ଆଉ ଥରକ ପାଇଁ ଅବସ୍ଥା ଆହୁରି ଖରାପ ହୋଇଯିବ ।

ଏଥିରୁ ଛୁଟି ପାଇବାର ଯାବତୀୟ ମାନୁଷିକ ଆବେଦନ କେବଳ ପିଲାଳିଆ ଆଚରଣ ପରି ମନେ ହେଉଛି ।

ଏହା ପ୍ରକୃତରେ ଏକ ଭାରି ଅଦ୍ଭୁତ କଥା, ମନୁଷ୍ୟର ଯାବତୀୟ ଗୁଣ ଓ ଯାବତୀୟ ଦୋଷ କେବଳ ଗୋଟିଏ ଗୋଟିଏ ପିଲାଳିଆ କଥା ବା ଦୁର୍ବଳତା ପରି ମନେ ହୋଇଥାଏ । ଏହା ବଡ଼ କୌତୂହଳୋଦ୍ଦୀପକ । ଏବଂ, ଏହା ଆଦୌ ଏକ ଭାବନା ନୁହେଁ, ଏହା ମୂର୍ତ୍ତ ଭାବରେ ଅନୁଭୂତ ହେଉଥିବା ଗୋଟିଏ ବୋଧ । ଏହା ହେଉଛି ଏକ ଉପାଦାନ ସଦୃଶ, ଯାହାର କି କୌଣସି ପ୍ରାଣ ନାହିଁ । ସାଧାରଣ ଯେତେଯେତେ ବସ୍ତୁ ରହିଛି ସେହି ସବୁଗୁଡ଼ିକର ଯେପରି ଏକ ଉପାଦାନ ରହିଛି, ମାତ୍ର କୌଣସି ପ୍ରାଣ ନାହିଁ । – ସେହି **ଯଥାର୍ଥ** ପ୍ରାଣଟି ଆଦୌ ନାହିଁ । ସବୁ କେବଳ କୃତ୍ରିମ ଓ ମିଥ୍ୟା ହୋଇ ରହିଛି । ଏହା ବଡ଼ ବିଚିତ୍ର କଥା ।

ଏହା ଅନ୍ୟମାନଙ୍କ ଭିତରେ ମୋଟେ ଏତେ ପରିମାଣରେ ପରିଦୃଷ୍ଟ ହୁଏ ନାହିଁ । ମୋଟେ ହୁଏ ନାହିଁ : ଏଇଟି ହେଉଛି ପ୍ରକୃତରେ ସେହି ଅନ୍ତର୍ଗତ ଶିକ୍ଷା । ଏବଂ, ଏହି ଯେଉଁ ଯଥାର୍ଥ ପରମ ଚେତନା, ଏହି ଯଥାର୍ଥ ଦୃଷ୍ଟିକୋଣଟି,– ଏଇଟି ଏଡ଼େ ଦୁର୍ଜେୟ ଭାବରେ ବଳଯୁକ୍ତ ଏବଂ ଶକ୍ତିଶାଳୀ ହୋଇ ରହିଛି... ଏଡ଼େ ପ୍ରଫୁଲ୍ଲ ଏକ **ଶାନ୍ତି** ମଧ୍ୟରେ ଅବସ୍ଥାନ କରୁଛି ! ତାହା ଏଡ଼େ ପ୍ରଫୁଲ୍ଲ ଯେ, ତାହାକୁ ଆଦୌ ବିରକ୍ତ କରାଯାଇ ପାରିବ

ନାହିଁ, ତାହା କରିବା ସଂପୂର୍ଣ୍ଣ ଅସମ୍ଭବ... ଏତେ ପ୍ରଫୁଲ୍ଲ ଓ ହସହସ... ଏବଂ ସର୍ବଦା ଅବଲୋକନରତ ।

(*ମାଆ ନୀରବ ରହିଲେ*)

ଏହି ନୂତନ ଚେତନାର ବିଶେଷ ଲକ୍ଷଣଟି ହେଉଛି : ଏଥିରେ ଅର୍ଦ୍ଧସାଧନଗୁଡ଼ାକର କୌଣସି ସ୍ଥାନ ନାହିଁ, କୌଣସି ଆପାତସତ୍ୟ ଲାଗି କୌଣସି ସ୍ଥାନ ନାହିଁ । ତାହାହିଁ ଏହାର ଲକ୍ଷଣ । ''ଆମେ ଏହି କଥାଟିକୁ କରିବା ସତ, ମାତ୍ର ଅଳ୍ପ ଅଳ୍ପ କରି କରିବା...'' ଏସବୁ ଧାରଣା ଲାଗି ଏଥିରେ କୌଣସି ସ୍ଥାନ ନାହିଁ । ଏଥିରେ ଗୋଟାସୁଦ୍ଧା ହଁ କରିବାକୁ ହେବ ନଚେତ୍ ଗୋଟାସୁଦ୍ଧା ନାହିଁ ବୋଲି କହିବାକୁ ହେବ । ହୁଏତ ତୁମେ ପାରିବ ଅଥବା ପାରିବ ନାହିଁ, — ଆଉ ତୃତୀୟ କଥା କିଛି ନାହିଁ ।

(*ମାଆ ନୀରବ ରହିଲେ*)

ଏହା ପ୍ରକୃତରେ ଏକ **ଭଗବତ୍ କରୁଣା**, ସତେଯେପରି — ଏଥିରେ ଆଦୌ କୌଣସି ବିଳମ୍ବ କରିହେବ ନାହିଁ, ଆଦୌ କୌଣସି ବିଳମ୍ବ କରାଯାଇ ପାରିବ ନାହିଁ । ଏହାକୁ ଯେକୌଣସି ପ୍ରକାରେ କରିବାକୁ ହେବ, ନଚେତ୍...

ଏବଂ ଏହି ଅପାର ଶକ୍ତିମୟତା,— ତାହାହିଁ ସବୁଠାରୁ ବଡ଼ କଥା; ଏବଂ ସେଥିରେ ପୁଣି କରୁଣା ଭରି ରହିଛି, ଏକ କୋମଳତା ରହିଛି !... ନାହିଁ,— କୌଣସି ଶବ୍ଦ ତାହାକୁ ବର୍ଣ୍ଣନା କରି କହିପାରିବ ନାହିଁ, ତା' ପାଇଁ ଆଦୌ କୌଣସି ଶବ୍ଦ ନାହିଁ । ସେଠାରେ ଆଉ କିଛିହେଲେ କରିବାର ନାହିଁ, କେବଳ ଥିର ହୋଇ ତନ୍ମୁଖ ହୋଇ ରହିବା ବ୍ୟତୀତ ଆଉ କିଛିହେଲେ କରିବାର ନାହିଁ । ଏହା ଆନନ୍ଦ ବ୍ୟତୀତ ଆଉ ଆଦୌ କିଛିହେଲେ ନୁହେଁ । ଏହି କ୍ଷେତ୍ରରେ କେବଳ ତାହାରି ଉଦ୍ଦେଶ୍ୟରେ ଆପଣାର ଧ୍ୟାନଟିକୁ ମୁହାଁଇ ରଖିବା ବ୍ୟତୀତ ଆଉ କିଛିହେଲେ କରିବାର ନାହିଁ,— ପ୍ରତ୍ୟକ୍ଷ ଭାବରେ କେବଳ ସେହି ଆନନ୍ଦମୟତାହିଁ ବିଦ୍ୟମାନ ରହିଛି । ଏବଂ ମୁଁ ବୁଝି ପାରୁଛି ଯେ (ତାହାରି ସାହାଯ୍ୟରେ ମୁଁ କେତେକ ବିଷୟ ଅବଶ୍ୟ ବୁଝିପାରିଛି) ଆମେ ଏପରି ବ୍ୟକ୍ତିଙ୍କ ବିଷୟରେ ଶୁଣିଛୁ, ଯେଉଁମାନେ କି ଶାରୀରିକ ଉତ୍ପୀଡ଼ନ ସହୁଥିବା ସମୟରେ ମଧ୍ୟ ଏକ ଆନନ୍ଦର ଅନୁଭବ କରି ପାରୁଥିଲେ — ହଁ, ଠିକ୍ ସେହିପରି କରି ପାରୁଥିଲେ । ଏକ ଅପୂର୍ବ ଆନନ୍ଦମୟ ଅବସ୍ଥା ମଧ୍ୟରେ ରହି ପାରିଥିଲେ ।

ହଁ, ଠିକ୍ ଏହାରି ପରି (*ମାଆ ଗୋଟିଏ ଧଳା ମନ୍ଦାର ଫୁଲ ବଢ଼ାଇ ଦେଲେ — ଏହି ଫୁଲଟିର ସିଏ ''କୃପା'' ବୋଲି ନାମକରଣ କରିଛନ୍ତି*) ।

# ୨୨ ଫେବ୍ରୁଆରି ୧୯୬୯

ଫେବ୍ରୁଆରି ୨୧ ରେ ଦର୍ଶନଦିବସର ସନ୍ଦେଶ ବିଷୟରେ
ମନ୍ତବ୍ୟ ଦେଇ ମାଆ ଏହି ପ୍ରବଚନଟିକୁ ଆରମ୍ଭ କରିଥିଲେ ।

*''କେବଳ ଅବିକୃତ ଶାନ୍ତିହିଁ ଶାଶ୍ୱତ ଜୀବନକୁ ସମ୍ଭବ କରିପାରିବ ।''*

ପରମ ନିଶ୍ଚେତନର ଅର୍ଥାତ୍ ସୃଷ୍ଟିର ସର୍ବମୂଳରେ ଯେଉଁ ଗତିହୀନତା ରହିଛି, ତାହାକୁ ଏକ ''ପ୍ରକ୍ଷେପଣ'' ବୋଲି ନ କହି ସେହି ଶାଶ୍ୱତତା ତଥା ସେହି ପରମ ଗତିହୀନତାରହିଁ ଏକ ପ୍ରକାରର ଜୀବନହୀନ ବା ଅଚେତନ ପ୍ରତୀକ ବୋଲି ଯେ କୁହାଯିବ, ଏହି ଅନୁଭୂତିଟିକୁ ଲାଭ କରି ସାରିବା ପରେହିଁ ମୁଁ ଉକ୍ତ ବାକ୍ୟଟିକୁ ଲେଖିଥିଲି ବୋଲି ମୋର ମନେ ପଡୁଛି । ତାହାକୁ ପ୍ରକୃତରେ ଗତିହୀନତା ବୋଲି କହିହେବ ନାହିଁ, ଏହି କ୍ଷେତ୍ରରେ ଶବ୍ଦଗୁଡ଼ାକର ଆଦୌ କୌଣସି ମୂଲ୍ୟ ନାହିଁ । ଅସଲ କଥାଟି ଗତିହୀନତା ଓ ସ୍ଥିରତାର ମଧ୍ୟବର୍ତ୍ତୀ ଗୋଟିଏ କିଛି ଅବଶ୍ୟ ହେବ । ଏଠାରେ ମୁଁ ''ଶାନ୍ତି'' ବୋଲି ଲେଖିଛି ସତ, ମାତ୍ର ''ଶାନ୍ତି'' ହେଉଛି ଏକ ଦୁର୍ବଳ ଶବ୍ଦ; ଏହି ଶବ୍ଦଟି ଏଠାରେ ଆଦୌ ଉପଯୁକ୍ତ ନୁହେଁ । ଅସଲ କଥାଟି ଶାନ୍ତିଠାରୁ କେତେ ନା କେତେ ପରିମାଣରେ ଅଧିକ । ଏହାକୁ ଆମେ ଏହିଭଳି କୌଣସି ଏକ ସମ୍ପଦ ବୋଲି କହିବା (ଏପରିକି ''ଶାଶ୍ୱତ'' ଶବ୍ଦଟିରୁ ମଧ୍ୟ କେବଳ ଏକ ସୀମିତ ବୋଧ ସମ୍ଭବ ହୋଇ ପାରୁଛି, ଏହାକୁ ଆଦୌ କୌଣସି ଶବ୍ଦ ଦେଇ ବ୍ୟକ୍ତ କରିବା ସମ୍ଭବ ନୁହେଁ), ଯାହାକି ସକଳ ବସ୍ତୁର ପରମ ଉତ୍ସ ହୋଇ ଅବସ୍ଥିତ ରହିଛି, ଏବଂ ଅସଲ ଉତ୍ସଟି ସହିତ ପୁନର୍ବାର ମିଳିତ ହେବା ଲାଗି ଯେଉଁ ଅଭିବ୍ୟକ୍ତିର ବିବର୍ତ୍ତନ ହେବାରେ ଲାଗିଛି, ତାହାକୁ ତାହାରି ଆରମ୍ଭ ବୋଲିହିଁ କୁହାଯିବ (*ମାଆ ଗୋଟିଏ ବକ୍ରରେଖା ଟାଣି ଗୋଟିକୁ ଆଉଗୋଟିକ ସହିତ ମିଳାଇଦେଲେ*) ।

ମୋର ଏହି ଧାରଣାଟି ହୋଇଛି, — ପ୍ଲେ-ଗ୍ରାଉଣ୍ଡରେ ମୋର ସେହି ଧାରଣାଟି ହୋଇଥିଲା,— ଯେ ଏହି ଅଚେତନ ଗତିରହିତତା — ଅର୍ଥାତ୍, ସେହି ପରମ ଅଚେତନର ଗତିରହିତତା, ପରମ ଅଚେତନା ମଧ୍ୟରେ ରହିଥିବା ସେହି ଜୀବନହୀନ ଗତିରହିତତାହିଁ ସତେଅବା ବିବର୍ତ୍ତନର ସର୍ବମୂଳ ବିନ୍ଦୁରୂପେ କାର୍ଯ୍ୟ କରିଛି ଏବଂ ଏହାରି ଏକ **ତର୍ଜମା** ପରି କିଛି ହୋଇ... ଏହାକୁ ଶବ୍ଦ ଦେଇ କିପରି କହିହେବ ? (ଏଇଟି ମଧ୍ୟ ଆଉ ଗୋଟିଏ ପ୍ରକାରର ଗତିରହିତତା ! ମାତ୍ର ଏହି ଗତିରହିତତା ମଧ୍ୟରେ ଯାବତୀୟ ଗତିଶୀଳତା ଅନ୍ତର୍ଭୁକ୍ତ ହୋଇ ରହିଛି) — ସେହି ପରମ ମୂଳର ଗତିରହିତତା ଓ ସ୍ଥାଣୁତାର ଏକ

ତର୍ଜମା ଦ୍ୱାରାହିଁ ଯାବତୀୟ ବିବର୍ତ୍ତନ ଏପରି ସମ୍ଭବ ହୋଇଛି, ଯେପରିକି ତାହା ସମସ୍ତ ଗତିପଥଟିକୁ ଅତିକ୍ରମ କରି (*ମାଆ ଏକ ବୃହତ୍ ବକ୍ର ଆଙ୍କି ଦେବାର ଠିକ୍ ପୂର୍ବଭଳି ଏକ ଇଙ୍ଗିତ କଲେ*) ତାହା ପୁନର୍ବାର ସେହି ପରମ ତତ୍‌ଙ୍କ ପାଖକୁ ଫେରି ଆସିପାରିବ । ଏହାକୁ ମୁଁ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଦେଖି ପାରିଥିଲି । ତା'ପରେ ତାହାକୁ ଲେଖି ରଖିଲି ବୋଲି ମଧ୍ୟ ମୋ'ର ମନେ ପଡୁଛି, ଏବଂ ତା'ପରେ ସେଇଟିକୁ ଯେତେବେଳେ ପଢ଼ିବାକୁ ଆରମ୍ଭ କଲି, ସେତେବେଳେ ସେହି ଅନୁଭବଟି ମଧ୍ୟ ପୁଣି ମୋ' ପାଖକୁ ଫେରି ଆସିଥିଲା । ଏହିସବୁ କ୍ଷେତ୍ରରେ ଆମେ ସର୍ବଦା ଏକ ''ପତନ''ର କଥା କହିଥାଉ । ମାତ୍ର ଏହା ଏକ ପତନ ଆଦୌ ନୁହେଁ । ଆଦୌ ସେପରି ନୁହେଁ । ଯଦି ପତନ କେବେ ହୋଇଥାଏ, ତେବେ ପ୍ରାଣ ସମ୍ପୂର୍ଣ୍ଣ ସ୍ୱାଧୀନ ହୋଇ ରହିବାର ଏକ ଇଚ୍ଛା ପୋଷଣ କରିଥିବା ସମୟରେହିଁ ସେହି ପତନ ସମ୍ଭବ ହେଲା ବୋଲି କୁହାଯାଇ ପାରିବ । ମାତ୍ର ସେହି ପତନ କଦାପି ଆରମ୍ଭ ସମୟରେ ହୋଇ ନାହିଁ, ଏହା ସଂପୂର୍ଣ୍ଣ ନିଶ୍ଚିତ ଭାବରେ ପରେ କେବଳ ମାର୍ଗରେହିଁ ଘଟିଛି... ପ୍ରାଚୀନ ପରମ୍ପରାରେ କୁହାଯାଇଛି ଯେ, ''ପରମ ଚେତନ''ହିଁ ପରମ ଅଚେତନରେ ପରିଣତ ହେଲେ, କାରଣ ସିଏ ଅସଲ ପରମ ମୂଳଟିରୁ ବିଚ୍ୟୁତ ହୋଇ ପଡ଼ିଲେ । ଏକଥା ଶୁଣି ମୋ'ର ପିଲାମାନଙ୍କୁ କୁହାଯାଉଥିବା କୌଣସି ଗପ ଶୁଣୁଥିବା ପରି ମନେ ହେଉଛି ।

ଭାରି ବିଚିତ୍ର କଥା ଯେ, ନୀରବତା ମଧ୍ୟରେ ସେହି ଦୃଶ୍ୟଟିର ପ୍ରତ୍ୟକ୍ଷ କରୁଥିବା ସମୟରେ ତାହା ଭାରି ସ୍ପଷ୍ଟ, ପ୍ରଭାମୟ ଏବଂ ସୁବୋଧ ହୋଇ ରହିଥାଏ; ମାତ୍ର ସେଇଟିକୁ ଶବ୍ଦ ଦ୍ୱାରା ବର୍ଣ୍ଣନା କରି କହିବାକୁ ବାହାରିବା ମାତ୍ରକେ, ତାହା ଭିତରେ କେତେ ନା କେତେ ନିର୍ବୋଧତା ଆସି ପଶିଯାଏ ।

ମାତ୍ର ତଥାପି, ଏହି ସୃଷ୍ଟି ବର୍ତ୍ତମାନ ଯେପରି ଅବସ୍ଥାରେ ରହିଛି, ସେହି ଦୃଷ୍ଟିରୁ ଏହା ଅବଶ୍ୟ ସତ୍ୟ ଯେ ଏହି କ୍ଷେତ୍ରରେ ''ଶାନ୍ତି'' ଶବ୍ଦଟି ଦ୍ୱାରାହିଁ ସମ୍ଭବତଃ ଅସଲ କଥାଟି ସବୁଠାରୁ ଅଧିକ ନିକଟବର୍ତ୍ତୀ ଭାବରେ ବ୍ୟକ୍ତ ହୋଇଥାଏ, (ଅବଶ୍ୟ ପ୍ରକୃତରେ ତାହା ମୋଟେ ନୁହେଁ, ଏହି ଶବ୍ଦଟି ମଧ୍ୟ ଭାରି କ୍ଷୁଦ୍ର, ଏହାର ଅର୍ଥ ଅତ୍ୟନ୍ତ ସୀମାବଦ୍ଧ,— ତେଣୁ ଏଇଟି ମୋଟେ ନୁହେଁ) । ଯେମିତି କିଛି ଭୁଲ୍ ହୋଇଯାଏ ଅଥବା ବିଗିଡ଼ି ଯାଏ, ସେତେବେଳେ ତାହାର ପ୍ରତିକାର ସ୍ୱରୂପ ଭିତରେ ତାହାରହିଁ ଆବିର୍ଭାବ ହୋଇଥାଏ ।

(*ମାଆ ନୀରବ ରହିଲେ*)

ହଁ, ଏହି ଶବ୍ଦଗୁଡ଼ାକର ମୋଟେ କୌଣସି ମୂଲ୍ୟ ନାହିଁ । ତେଣୁ ମୁଁ କିପରି ପ୍ରକୃତ କଥାଟିକୁ ବ୍ୟକ୍ତ କରିପାରିବି କେଜାଣି ? ମୋ' ପାଖରେ ଯଥେଷ୍ଟ ପରିମାଣରେ ଶବ୍ଦ

ନାହିଁ ବୋଲି ସେପରି ହେଉଛି ଅଥବା ପ୍ରକୃତରେ ଶବ୍ଦ ଭିତରେ ସେହି ସାମର୍ଥ୍ୟ ନାହିଁ ବୋଲି ତାହା ହେଉଛି, ମୁଁ ସେକଥା କହି ପାରିବି ନାହିଁ । ମନଃସ୍ତରର ଯାବତୀୟ ଅଭିବ୍ୟକ୍ତି ଏହିପରି କେବଳ କୃତ୍ରିମହିଁ ବୋଧ ହୋଇଥାଏ । ଏହା ସତେଅବା ଜୀବନ ନ ଥିବା ଗୋଟାଏ ଫିଲ୍ମ୍‌ର ଆବେଶ ସୃଷ୍ଟି କରୁଥିବା ପରି ଲାଗେ । ଏହା ପ୍ରକୃତରେ ବଡ଼ ବିଚିତ୍ର କଥା । ଏବଂ ଯାବତୀୟ ଭାଷା ଠିକ୍ ଏହି ଜଗତଟିରହିଁ ଅନ୍ତର୍ଭୁକ୍ତ ହୋଇ ରହିଛି । ମୁଁ ଯେତେବେଳେ ମୋ'ର ଏହି ଅନୁଭୂତିଟିକୁ ବର୍ଣ୍ଣନା କରି କହିବାକୁ ଇଚ୍ଛା କରୁଛି... କେତେକ ବ୍ୟକ୍ତିଙ୍କ ସହିତ ମୁଁ ଭାରି ସହଜରେ ଏକ ଉତ୍ତମ ସମ୍ବନ୍ଧ ସ୍ଥାପନ କରି ପାରୁଛି,– ସଂପୂର୍ଣ୍ଣ ନୀରବତାରେ ତାହା ସମ୍ଭବ ହୋଇଯାଉଛି । ଶବ୍ଦର ସାହାଯ୍ୟରେ ମୁଁ ସେମାନଙ୍କୁ ଯେତିକି କଥା କହିପାରନ୍ତି, ଏହାଦ୍ୱାରା ମୁଁ ସେମାନଙ୍କୁ ତା'ର ଅନନ୍ତ ଗୁଣ ଅଧିକ କହିପାରୁଛି; ଏହା ଅଧିକ ନମନୀୟ, ଅଧିକ ସୁନିର୍ଦ୍ଦିଷ୍ଟ ଓ ଅଧିକ ଅର୍ଥଗଭୀର ହୋଇପାରୁଛି... ମାତ୍ର, ଶବ୍ଦଗୁଡ଼ାକ, ବାକ୍ୟାଂଶ ଓ ଲିଖିତ ବିଷୟଗୁଡ଼ାକ ମୋତେ ସତେଅବା ଏକ ଦୁଇପ୍ରସ୍ଥବିଶିଷ୍ଟ ଛବିର ଆଭାସ ଆଣି ଦେଇଯାଉଛି, ଏକ ସାଧାରଣ ଛବିର ଆଭାସ ଦେଇଯାଉଛି । ମାତ୍ର, କଥା ନ କହି ମୁଁ ଲୋକମାନଙ୍କ ସହିତ ଯେଉଁ ସମ୍ବନ୍ଧଟି ସମ୍ଭବ କରି ପାରୁଛି, ତାହା ସେଥିରେ ଗଭୀରତାର ତୃତୀୟ ପ୍ରସ୍ଥଟିକୁ ଆଣି ଯୋଡ଼ି ଦେଉଛି, ସେଥିରେ ଆହୁରି ଅଧିକ ଯଥାର୍ଥ କୌଣସି ଏକ ଉପାଦାନକୁ ଯୋଡ଼ି ଦେଇ ଯାଉଛି । (ଏହାକୁ ପୂର୍ଣ୍ଣଭାବରେ ସତ୍ୟ ବୋଲି ଅବଶ୍ୟ ଆଦୌ କହିହେବ ନାହିଁ, ମାତ୍ର ତଥାପି ଅପେକ୍ଷାକୃତ ଅଧିକ ସତ୍ୟ) । ଏବଂ ସେଥିରେ ଅବଶ୍ୟ ଏକ ଗଭୀରତା ରହି ପାରୁଛି ।

(*ମାଆ ନୀରବ ରହିଲେ*)

ଏହି କାରଣରୁହିଁ ସେହି ଅଭିଜ୍ଞତାଗୁଡ଼ିକୁ ମୋତେ ବର୍ଣ୍ଣନା କରିହେଉ ନାହିଁ । ସେଗୁଡ଼ିକୁ ଆଉ ଏପରି ଅଲଗା ଅଲଗା ଅଭିଜ୍ଞତା ରୂପେ ମୋତେ ବର୍ଣ୍ଣନା କରିହେଉ ନାହିଁ, ଯାହାକି ପ୍ରକୃତରେ ଗୋଟିଏ ପରେ ଗୋଟିଏ ହୋଇ ମୋ ସମ୍ମୁଖରେ ଉପସ୍ଥିତ ହୋଇଥିଲେ । ଏହା ରୂପାନ୍ତରର ସତେଅବା ଅଖଣ୍ଡ ଗୋଟିଏ ଅଭିଜ୍ଞତାରେ, ଏକ ସମ୍ପୂର୍ଣ୍ଣ ଅଭିଜ୍ଞତାରେ (*ମାଆ ଶୂନ୍ୟରେ ବୃତ୍ତଟିଏ କାଟି ଦେଖାଇଦେଲେ*) ପରିଣତ ହୋଇଯାଉଛି ଏବଂ ତାହା ମଧ୍ୟରେ ଏକ ପ୍ରଭୂତ ଘନତା ଆସି ପ୍ରବେଶ କରୁଛି ।

ଜୀବନର ଏହି ସାଧାରଣ କ୍ରିୟାଶୀଳତାର କ୍ଷେତ୍ରରେ ''ସବୁ ଭଲଭାବରେ ଚାଲିଛି'' ବୋଲି ଏକ ଅନୁଭୂତି ରହିଥାଏ, ଲୋକମାନେ ତାହାକୁ ଉତ୍ତମ ସ୍ୱାସ୍ଥ୍ୟର ଏ ଅନୁଭୂତି ବୋଲି ତର୍ଜମା କରିଥା'ନ୍ତି,– ଏବଂ ତା'ପରେ ଭାରସାମ୍ୟର ଏକ ଅଭାବ

ଆସି ପହଞ୍ଚେ, ବିଶୃଙ୍ଖଳା ଘଟେ; ଏବଂ ଏହି ବିରୋଧଟି ବର୍ତ୍ତମାନ **ସଂପୂର୍ଣ୍ଣ ଭାବରେ** ଏକ କୃତ୍ରିମ ବିରୋଧ ପରି ମନେ ହୁଏ । ବସ୍ତୁତଃ, ସେହି କ୍ଷେତ୍ରରେ ଅବିଚ୍ଛିନ୍ନ ଭାବରେ କେବଳ ସେହି ଗୋଟିଏ ଗତିସ୍ପନ୍ଦନହିଁ ଲାଗି ରହିଥାଏ, ଯାହାକି ସ୍ପନ୍ଦନର ଗୋଟିଏ ପ୍ରକାରରୁ ଆଉଗୋଟିଏ ପ୍ରକାରକୁ ବଦଳି ଯିବାରେ ଲାଗିଥାଏ, ମାତ୍ର ତାହାର ମୂଳଟି (ଏଠାରେ କେଉଁ ଶବ୍ଦ ଦେଇ ସେହି କଥାଟିକୁ କହିହେବ ?– ‘‘ଅଧିକ ଉଚ୍ଚ’’ ବା ‘‘ଅଧିକ ଗଭୀର’’ ବୋଲି କହିହେବ ନାହିଁ; ଏବଂ ‘‘ଅଧିକ ସତ୍ୟ’’ ବୋଲି କହିଲେ କେବଳ ଗୋଟିଏ ପାଖର କଥା କୁହାଯିବ,– ତେଣୁ ସେଇଟି ମଧ୍ୟ ଉପଯୁକ୍ତ ନୁହେଁ), ହୁଏତ କେତେକ ଦୃଷ୍ଟିରୁ ତାହାକୁ ‘‘ଅଧିକ ବରିଷ୍ଠ’’ ବୋଲି କୁହାଯାଇ ପାରିବ;– ଶବ୍ଦଗୁଡ଼ାକ ପ୍ରକୃତରେ ବଡ଼ ନିର୍ବୋଧ, ସମ୍ପୂର୍ଣ୍ଣ ଭାବରେ ନିର୍ବୋଧ ।

ଏକଥା ଏହିପରି ଚାଲିଥାଏ, ସର୍ବଦା କେବଳ ଏହିପରି ଚାଲିଥାଏ । ଏବଂ ଏହିପରି ଜଣେ ଆସି ଅମୁକ ବା ସମୁକ କୌଣସି ଗୋଟାଏ ସ୍ଥାନରେ ପହଞ୍ଚିଯାଏ; ଏଇଟାକୁ କେବଳ ଆମ ଚେତନାର ଏକ ଖେଳବୋଲିହିଁ କୁହାଯିବ । ମାତ୍ର ଯେଉଁ ଚେତନା ସମଗ୍ର ଭାବରେ ଦର୍ଶନ କରିପାରେ, ଏହା ହେଉଛି ଏକ ଅବିଚ୍ଛିନ୍ନ ଗତିସ୍ପନ୍ଦନ, ଏବଂ ଏକ ସାର୍ବତ୍ରିକ ଗତିସ୍ପନ୍ଦନ ଯାହାକି... ଏହି ଜୀବନହୀନ ପରମ ଅଚେତନ ଯେପରି ସେହି ଅଦ୍ୱିତୀୟ ପରମଚେତନାରେ ପରିଣତ ହୋଇ ପାରିବ, ଏହି ଗତିସ୍ପନ୍ଦନଟି ସେଇଥିଲାଗି ଆପଣାକୁ କାର୍ଯ୍ୟକାରୀ କରି ରଖିଛି ।... କେଜାଣି କାହିଁକି ମୁଁ ଜାଣେ ନାହିଁ, ମାତ୍ର ମୋ’ର ଏପରି ଗୋଟିଏ ଅସ୍ପଷ୍ଟ ଧାରଣା ରହିଛି ଯେ, ଏହି କଥାଟି ଆବିଷ୍କୃତ ହୋଇସାରିଛି (ଏଠାରେ ସମ୍ପୂର୍ଣ୍ଣ ଭାବରେ ଏହି ପୃଥିବୀ ଉପରେ ଆବିଷ୍କୃତ ହୋଇଥିବାର କଥା କୁହାଯାଉଛି), ଏହି କଥାଟି ଆବିଷ୍କୃତ ହୋଇସାରିଛି ଯେ ଏହି ଗତିସ୍ପନ୍ଦନଟିର ଏକ ନିର୍ଦ୍ଦିଷ୍ଟ ସଘନତା (ଅର୍ଥାତ୍, ଯାହାକୁ ଆମେ ‘‘କ୍ଷିପ୍ରତା’’ ବୋଲି କହିଥାଉ)ର ଗତିରହିତତାର ଏକ ଧରଣା ଦ୍ୱାରା ଏକ ତର୍ଜମା ହୋଇଯାଉଛି । ମୋ’ର ଏପରି ଏକ ଅସ୍ପଷ୍ଟ ଧାରଣା ରହିଛି ଯେ, ମୋତେ ଏହି କଥାଟି ପ୍ରକୃତରେ କୁହାଯାଇଛି । ମାତ୍ର, ଏହି କଥାଟିର ଆଉଗୋଟିଏ କଥା ସହିତ ଏକ ମେଳ ବି ରହିଛି । ବାର୍ତ୍ତାଟିରେ ମୁଁ ‘‘ଶାନ୍ତି’’ ବୋଲି ଯାହା କହିଛି, ଯାହାକି ଶାନ୍ତିରୂପେ ଅନୁଭୂତ ହୋଇଥାଏ, ତାହାକୁ ସେହି ଗତିସ୍ପନ୍ଦନର ଏକ ପରାକାଷ୍ଠା ବୋଲି କୁହାଯାଇ ପାରିବ, ମାତ୍ର ଯାହାକି ଏକ ସାଧାରଣ,– ସମଞ୍ଜସତାବିଶିଷ୍ଟ ଓ ସାଧାରଣ ଗତିସ୍ପନ୍ଦନ ରୂପେ କାର୍ଯ୍ୟକାରୀ ହୋଇ ରହିଥାଏ ।

ମାତ୍ର ଏହି କଥାଟିକୁ ଶବ୍ଦ ଦେଇ କହିବା ମାତ୍ରକେ ତାହା ସତେଅବା ଏକ ବିକୃତୀକରଣ ପରି ମନେ ହୋଇଥାଏ ।

(*ମାଆ ଦୀର୍ଘକାଳ ନୀରବ ରହିଲେ*)

ନୀରବତାରେହିଁ ମୁଁ ଶେଷ କରିବି !

*ମୁଁ ଆଶା କରୁଛି, ସେପରି ହେବ ନାହିଁ !*

(*ମାଆ ହସିଲେ*) ମାତ୍ର ଏସବୁ ଏଡ଼େ ଅପର୍ଯ୍ୟାପ୍ତ, ଏହି ସବୁକିଛି କଥା ।

*ପରେ ଆମେ ରଙ୍ଗରେ ହୁଏତ ଆପଣା ଆପଣାର ଭାବକୁ ବ୍ୟକ୍ତ କରି ପାରିବା ।*

ହଁ ! ତାହା ପ୍ରକୃତରେ କେଡ଼େ ବଢ଼ିଆ ହେବ...

ଏହା ଏତେ ଅଧିକ ପରିମାଣରେ ଏପରି ହେଉଛି ଯେ, ମୋତେ ଯେତେବେଳେ କେହି କୌଣସି କଥା ଆସି କହୁଛି, ଉଦାହରଣ ସ୍ୱରୂପ, ମୁଁ କେବେ କହିଥିବା କୌଣସି କଥାକୁ ଯେତେବେଳେ କେହି ମୋ'ଆଗରେ ଆଉଥରେ ଆସି କହୁଛି, ମୁଁ ଆଉ ସେହି କଥାଟିକୁ ମୋଟେ ବୁଝିପାରୁ ନାହିଁ।... ମୋ'ର ଯଥାସାଧ ଚେଷ୍ଟା କରୁଛି; ମାତ୍ର ସେହି ପରମଚେତନାର ସମଗ୍ର ସଘନତାଟିହିଁ ସେତେବେଳେ ଆପଣାକୁ ବ୍ୟକ୍ତ କରି ଆଣିବା ଲାଗି ଇଚ୍ଛା କରୁଛି, ଏବଂ ତେଣୁ, ଯେତେବେଳେ କଥାଟିର ପୁନରାବୃତ୍ତି ହେଉଛି, ସେତେବେଳେ ସେହି ସଘନତା ଆଉ ମୋଟେ ରହି ପାରୁ ନାହିଁ ଏବଂ ତେଣୁ ତାହାର ଆଉ କୌଣସି ଅର୍ଥ ମଧ୍ୟ ରହୁ ନାହିଁ ।

ମାତ୍ର, ବିଶେଷକରି ଯେତେବେଳେ ଏହି ବାର୍ତ୍ତାଟି ମୋ ଆଗରେ ପାଠ କରାଗଲା, ସେତେବେଳେ ତାହା ପୁନର୍ବାର ପୂର୍ବର ସେହି ଅନୁଭୂତିଟିକୁ ମଧ୍ୟ ଫେରାଇ ଆଣି ପାରିଥିଲା; ତେଣୁ ସେତେବେଳେ ମୁଁ କିପରି ସ୍ଥିତିରେ ସେଇଟିକୁ କହିଥିଲି, ସେକଥାଟିକୁ ମୁଁ ହୃଦୟଙ୍ଗମ କରି ପାରିଲି । ସେତେବେଳେ ସେହି ''ଶାନ୍ତି'' ଶବ୍ଦଟି ମଧ୍ୟରେ ପ୍ରକୃତରେ କେତେ କ'ଣ ରହିଥିଲା !... ବର୍ତ୍ତମାନ ଆଉ ଏତେ କଥା ରହିଛି ବୋଲି ମୋଟେ ମନେ ହେଉ ନାହିଁ ।

ମୁଁ କେଉଁ ଶବ୍ଦଟିକୁ ବ୍ୟବହାର କରିଥିଲି ଟି ?

*''ଶାନ୍ତି'' ଶବ୍ଦଟିକୁ ।*

ଅପରିବର୍ତ୍ତନୀୟ ଶାନ୍ତି ?

*ହଁ, – ''କେବଳ ଏହି ଅପରିବର୍ତ୍ତନୀୟ ଶାନ୍ତି'', – ଆପଣ କଥାଟିକୁ ଏହିଭଳି ଭାବରେ କହିଥିଲେ ।*

ହଁ, ଏବଂ ସେତେବେଳେ ମୋ'ର ଏହିପରି ଏକ ଅନୁଭୂତି ହେଉଥିଲା ଯେ, ଠିକ୍ ଏହି ଅପରିବର୍ତ୍ତନୀୟ ଶାନ୍ତିହିଁ (ପ୍ରକୃତରେ ତାହାକୁ ''ଶାନ୍ତି'' ବୋଲି କୁହାଯିବ ନାହିଁ କିଂବା ''ଅପରିବର୍ତ୍ତନୀୟ'' ବୋଲି ବି କୁହାଯିବ ନାହିଁ ! ମାତ୍ର ଏହାକୁ ''କୌଣସି ଏକ ବସ୍ତୁ'' ବୋଲି କୁହାଯିବ), ଠିକ୍ ଏହି ପରମ ବସ୍ତୁଟିହିଁ ଅଚେତନ ଜଡ଼ତା ମଧ୍ୟରେ ନିହିତ ହୋଇ ରହିଥିଲା । ଏବଂ, ଏଇଟି ଏଡ଼େ ମୂର୍ତ୍ତ ଭାବରେ ବି ଅନୁଭୂତ ହେଉଥିଲା !... ଏବଂ, ସେହି କ୍ଷେତ୍ରରେ ସୃଷ୍ଟିର ସମଗ୍ର ବକ୍ରଟି ମଧ୍ୟ ମହଜୁଦ ହୋଇ ରହିଥିଲା, ଯେପରିକି ଏଇଟି ଏବଂ ସେହି ପରମ ତତ୍ ହୁଏତ ଆପାତତଃ ଅଭିନ୍ନ ହୋଇ ଅବସ୍ଥାନ କରି ପାରିବେ (ମାତ୍ର ଏହା ପ୍ରକୃତରେ **ଗୋଟିଏ**, ଏହା ଗୋଟିଏ) । ଆମେ ହୁଏତ କହିପାରିବା (ମାତ୍ର ତଦ୍ୱାରା ତାହା କେବଳ ଏକ କଥାଂଶରେହିଁ ପରିଣତ ହୋଇଯିବ, ମୁଁ କେବଳ ଶବ୍ଦ ଦେଇ ଏହି କଥାଟିକୁ କହୁଛି) : ଆମକୁ ଆମର ଏହି ଅଭିନ୍ନତା ବିଷୟରେ ସଚେତନ ରହିବାକୁ ପଡ଼ିବ । ମାତ୍ର ଏଇଟା କେବଳ କେତୋଟି ଶବ୍ଦରହିଁ ଏକ ସମାହାର ।

(*ମାଆ ଦୀର୍ଘ କାଳ ନୀରବ ରହିଲେ*)

ଅନୁଭୂତିଟି ଏଡ଼େ ପ୍ରଗାଢ଼ ଭାବରେ ମୂର୍ତ୍ତ ହୋଇ ରହିଛି ଯେ, ମୁଁ ଯେମିତି ସେଇଟିକୁ କହିବାକୁ ଆରମ୍ଭ କରୁଛି, ସେତେବେଳେ ତାହା ଅବତୀର୍ଣ୍ଣ ହୋଇ ଏଠାରେ ପହଞ୍ଚି ଯାଉଛି । ସେହି ଉର୍ଦ୍ଧ୍ୱରେ (*ମାଆ ଉର୍ଦ୍ଧ୍ୱ ଆଡ଼କୁ ଇଙ୍ଗିତ କଲେ*), ଚେତନା ସମ୍ପୂର୍ଣ୍ଣ ଭାବରେ ସ୍ୱଚ୍ଛ ହୋଇ ରହିଛି, ଏବଂ ତେଣୁ...

## ୧୭ ମଇ ୧୯୬୯

*ଏପରି କ'ଣ ସମ୍ଭବ ଯେ ମୃତ୍ୟୁ ପରେ ମୃତ ବ୍ୟକ୍ତିର ବ୍ୟକ୍ତି-ଭାବଟି ମଧ୍ୟ ବିଲୁପ୍ତ ହୋଇଯାଏ ?*

ବ୍ୟକ୍ତିଭାବ ଓ ବ୍ୟକ୍ତିତ୍ୱ ବିଷୟରେ ଏହି ଯାବତୀୟ ଧାରଣା... ସେଗୁଡ଼ାକ ମୋ'ଲାଗି ଅନେକ ପରିମାଣରେ ବଦଳି ଗଲାଣି । ପ୍ରକୃତରେ ଅନେକ ପରିମାଣରେ ବଦଳି ଗଲାଣି । ଏପରିକି, ଆଜି ସକାଳଟାଯାକ ବି... ମାତ୍ର ଦୀର୍ଘ କେତେକାଳ ଧରି, ଅନ୍ତତଃ ଗୋଟିଏ ମାସ ହେଲା, ଏହା ଏହିପରି ଅନ୍ୟପ୍ରକାରର ହେବାକୁ ଆରମ୍ଭ କରିଛି ।

ଯେତେବେଳେ ଲୋକେ ଏକ ସ୍ୱତନ୍ତ୍ର ବ୍ୟକ୍ତିଭାବ ବିଷୟରେ ଆଲୋଚନା କରନ୍ତି, ସେତେବେଳେ ମନେ ହୁଏ, ସତେଯେପରି... ଅନ୍ତତଃ ପୃଷ୍ଠଭୂମିରେ, କେତେକ ପରିମାଣରେ ଏକ ବିଚ୍ଛିନ୍ନତା ରହିଛି, ଅର୍ଥାତ୍ କୌଣସି ଏକ ଉପାଦାନ ସ୍ୱତନ୍ତ୍ର ଭାବରେ ଅବସ୍ଥିତ ରହିଛି ଓ ଆପଣାର ଏକ ସ୍ୱତନ୍ତ୍ର ନିୟତିକୁ ବହନ କରୁଛି । ମାତ୍ର, ଶରୀରର ଚେତନା ବର୍ତ୍ତମାନ ଏହି କଥାଟିକୁ ଯେପରି ଭାବରେ ଜାଣିବା ଲାଗି ସମର୍ଥ ହୋଇଛି, ଏହା ପ୍ରାୟ ଏପରି ଏକ ''ବସ୍ତୁ''ର ସତେଅବା ଏକ ଅନୁସ୍ପନ୍ଦନ ହୋଇ ଅବସ୍ଥିତ ରହିଛି ଯାହାକି **ସେହି ମୁହୂର୍ତ୍ତଟି ସକାଶେ** ଏକ ସ୍ୱତନ୍ତ୍ର କ୍ରିୟା ହୋଇ ରହିଛି ସତ, ମାତ୍ର ମର୍ମଗତ କ୍ଷେତ୍ରରେ, ସାରତଃ ସର୍ବଦା ସେହି ଗୋଟିଏ ହୋଇ ରହିଛି; ସତେଅବା ଏହିପରି ଭାବରେ (*ମାଆ ସମ୍ପ୍ରସାରଣର ଇଙ୍ଗିତ କଲେ*) ପ୍ରକ୍ଷେପିତ ହୋଇ ରହିଥିବା ଏକ ବସ୍ତୁ ପରି ଅବସ୍ଥିତ ରହିଛି, ବର୍ତ୍ତମାନ ତାହାର ଏକ ନିର୍ଦ୍ଦିଷ୍ଟ ଆକାର ରହିଛି; ଏବଂ ତା'ପରେ ଏହା (*ଆକୁଞ୍ଚନର ଇଙ୍ଗିତ*) ଆପଣାର ଇଚ୍ଛା ହେଲେ ଆପଣାର ଏହି ଆକାରଟିକୁ ବିଲୁପ୍ତ ବି କରିଦେଇ ପାରିବ । ଏଗୁଡ଼ିକୁ ବୁଝାଇ କହିବା ଅତ୍ୟନ୍ତ କଷ୍ଟକର, ମାତ୍ର ଏହି କଥାଟି ସୁନିଶ୍ଚିତ ଯେ, ବିଚ୍ଛିନ୍ନତାଟି ସ୍ଥାୟୀ ହୋଇ ରହିବାର ସକଳ ଧାରଣା ବର୍ତ୍ତମାନ ସମ୍ପୂର୍ଣ୍ଣ ଭାବରେ ଅନ୍ତର୍ହିତ ହୋଇଯାଇଛି । ଏହି ବିଶ୍ୱବ୍ରହ୍ମାଣ୍ଡକୁ ସେହି ସର୍ବୋଚ୍ଚ ପରମଚେତନାର କେବଳ ଏକ ବାହ୍ୟ ପ୍ରକାଶରୂପ (*ପୂର୍ବ ପରି ସେହି କମ୍ପନର ଇଙ୍ଗିତ*) ବୋଲି କୁହାଯିବ । ଏକ ସଂପୂର୍ଣ୍ଣ ଦୃଷ୍ଟି ଦେଇ ଦେଖିବା ଲାଗି ଆମମାନଙ୍କର କୌଣସି ସାମର୍ଥ୍ୟ ନାହିଁ ବୋଲି ଆମଭିତରେ ଏକ ସ୍ଥାୟିତ୍ୱର ଭ୍ରମ ଆସି ଜନ୍ମଲାଭ କରୁଛି; ପ୍ରକୃତରେ ଏହାର କୌଣସି ସ୍ଥାୟୀ ଭିନ୍ନତ୍ୱ ନାହିଁ, କେବଳ କେତୋଟି କମ୍ପନ ପରିହିଁ ଯାହାକିଛି ଘଟୁଛି, କିଂବା... ବସ୍ତୁତଃ, ଏହାକୁ କେବଳ ଆକାରଗୁଡ଼ିକର ଏକ ଲୀଳା ବୋଲି କହିବାକୁ ହେବ — ମାତ୍ର ସତ୍ତାରୂପେ ସେହି **ଏକମାତ୍ର** ପରମସତ୍ତାହିଁ ରହିଛନ୍ତି । କେବଳ ସେହି ଗୋଟିଏ ପରମସତ୍ତା

ଅବସ୍ଥିତ ରହିଛନ୍ତି । କେବଳ ଏକମାତ୍ର ଚେତନାରୂପେ ସେହି ପରମଚେତନା ଓ ଏକମାତ୍ର ସତ୍ତାରୂପେ ସେହି ପରମସତ୍ତାହିଁ ରହିଛନ୍ତି । ଏବଂ, ବିଚ୍ଛିନ୍ନତାଟି,– ସେଇଟି ହେଉଛି ପ୍ରକୃତରେ ... ପ୍ରକୃତରେ କ'ଣ ଘଟିଛି, ମୁଁ ତାହା ଜାଣି ନାହିଁ । ମାତ୍ର ଠିକ୍ ସେହି ଘଟଣାଟିହିଁ ଯାବତୀୟ ଗୋଳମାଳଟିକୁ ଆଣି ସୃଷ୍ଟି କରିଛି । ... ସକଳ ଦୁଃଖ ଓ ସକଳ କଷ୍ଟଭୋଗ ସେଇଥିରୁହିଁ ଜନ୍ମଲାଭ କରିଛି । ଏହି ଶରୀର ବେଶ୍ କେତେ ଦିନ ସକାଶେ ଏବେ କେତେଗୁଡ଼ିଏ ଅନୁଭୂତି ମଧ୍ୟଦେଇ ଗତି କରି ଆସିଛି (ସେହି ଦୀର୍ଘ କାହାଣୀଟିକୁ ମୋଟେ ବର୍ଣ୍ଣନା କରି କହିହେବ ନାହିଁ), ଚେତନାର ସମ୍ଭାବ୍ୟ ଯାବତୀୟ ସ୍ଥିତିର ମଧ୍ୟଦେଇ ଗତି କରି ଆସିଛି; ତାହାକୁହିଁ, ସେହି ଉପାଦାନଟିକୁହିଁ ଏକମାତ୍ର ବସ୍ତୁସତ୍ୟ ବୋଲି ଭାବିବାର ବୋଧଟିରୁ ଏହି ଗତିପଥର ଆରମ୍ଭ ହୋଇଛି (*ମାଆ ହାତ ଦେଇ ଆପଣାର ଚମକୁ ଚିମୁଟି ଦେଲେ*) । ଏହି ଜଡ଼ ହେଉଛି ସମସ୍ତ ସତ୍ୟ, ଏହି ବିଶ୍ୱାସରୁ ଉତ୍ପନ୍ନ ହେଉଥିବା ସକଳ ଦୁଃଖ ଓ ସକଳ ଯନ୍ତ୍ରଣା ତାକୁ ଭୋଗ କରିବାକୁ ପଡ଼ିଛି । ସେଇଠାରୁ ଆରମ୍ଭ କରି ତାହା ମୁକ୍ତି ପର୍ଯ୍ୟନ୍ତ ସମସ୍ତ ପଥଟି ଅତିକ୍ରମ କରି ଆସିଛି । ଏହା ଘଣ୍ଟା ଘଣ୍ଟା ଧରି ଏକ ଯନ୍ତ୍ରଣାଭୋଗରେ ପରିଣତ ହୋଇ ରହିଛି ।

ମାତ୍ର, ଏଭଳି ଘଟିବାର ପୂର୍ବରୁ ମଧ୍ୟ, କୋଷଗୁଡ଼ିକର ଚେତନା ବି ସେହି ଐକ୍ୟର ଉପଲବ୍ଧି କରି ସାରିଥିଲା; ଏହି **ଯଥାର୍ଥ** ମର୍ମଗତ ଐକ୍ୟଟିକୁ ଉପଲବ୍ଧି କରିଥିଲା, ଯାହାକି, ଏହି ପ୍ରକାରର ଏକ ମାୟା ଅପସାରିତ ହୋଇଯାଇ ପାରିଥିଲେ ଅବଶ୍ୟ ଏକ ସମଗ୍ର ଉପଲବ୍ଧିରେ ପରିଣତ ହୋଇ **ପାରିଥାନ୍ତା** । ଏହି ସକଳ ଦୁଃଖର ଭିଆଣ କରିଥିବା ସେହି ମାୟା ବସ୍ତୁତଃ ଜୀବନର କ୍ଷେତ୍ରରେ ଏଡ଼େ ତୀବ୍ର ଭାବରେ ଅନୁଭୂତ ହେଉଥିଲା ଯେ, ଏହା କ୍ରମେ ପ୍ରାୟ ଅସହ୍ୟ ହୋଇ ପଡ଼ିଲା ତଥା ମନୁଷ୍ୟସ୍ତରୀୟ ଚେତନା ଏବଂ ଏହି ଭୂପୃଷ୍ଠ ଉପରେ ତାହା କେତେ ନା କେତେ ଭୟଙ୍କରତା ଏବଂ ଭୟପ୍ରଦତା ମଧ୍ୟ ସୃଷ୍ଟି କରିଥିଲା । କେତେ କେତେ ଭୟପ୍ରଦ ବସ୍ତୁର ଅନୁଭବ ଭୋଗିବାକୁ ହେଲା । ଏବଂ ତା'ପରେ – ଠିକ୍ ତା'ପରେ – ଅସଲ ବିମୋଚନଟି ସମ୍ଭବ ହେଲା ।

ବର୍ତ୍ତମାନ ଯେଉଁ ପରବର୍ତ୍ତୀ ସ୍ତରର ଜୀବନଟି ବଞ୍ଚିବାକୁ ବାକୀ ରହିଛି, ଅର୍ଥାତ୍, ଯେଉଁ ଅନୁଭୂତିଟିକୁ ଉପଲବ୍ଧି କରିବାକୁ ବାକୀ ରହିଛି,... ସୃଷ୍ଟି ଓ ଜଡ଼ର ଯେଉଁ ପରବର୍ତ୍ତୀ ଅଗ୍ରଗତିଟି ହେବାକୁ ଯାଉଛି,– ଯଥାର୍ଥ ପରମ-ଚେତନାକୁ ପ୍ରତ୍ୟାବର୍ତ୍ତନ, ତାହାହିଁ ହେଉଛି ସେହି ପରବର୍ତ୍ତୀ ସୋପାନ ।...

ଏହା ପ୍ରାୟ ମୀମାଂସିତ ହୋଇ ସାରିଥିବା ପରି ବୋଧ ହେଉଛି ଯେ, ବର୍ତ୍ତମାନ ସେହିପରି ଏକ ଆରମ୍ଭ ପରି କିଛି ହେବାକୁ ଯାଉଛି, ସେହି ଅନୁଭୂତିର ଏକ ପରୀକ୍ଷାମୂଳକ

ଆରମ୍ଭ ହେବାକୁ ଯାଉଛି,– ତାହାହିଁ ଅଙ୍ଗେ ନିଭାଇବାକୁ ବାକୀ ରହିଛି (*ମାଆ ଆପଣାର ଦେହକୁ ସ୍ପର୍ଶ କଲେ*)।

ଏହା ହେଉଛି ସେହି ବିଶ୍ୱାସର ପ୍ରଗାଢ଼ତାର ପ୍ରଶ୍ନ,– ସେହି ବିଶ୍ୱାସରୁ ସହ୍ୟ କରିବାର ଯେଉଁ ଶକ୍ତି ଉତ୍ପନ୍ନ ହୋଇଥାଏ, ଏହା ହେଉଛି ତାହାରି ପ୍ରଶ୍ନ । ସବୁକିଛି ଆବଶ୍ୟକ ଅନୁଭୂତିଗୁଡ଼ିକର ମଧ୍ୟଦେଇ ଗତି କରିବାର ସାମର୍ଥ୍ୟ ଉପରେହିଁ ନିର୍ଭର କରୁଛି ।

ମାତ୍ର ସେକଥା ଯାହା ହେଉ ପଛକେ, ଯାବତୀୟ ପୁରାତନ ଧାରଣା, ବସ୍ତୁଗୁଡ଼ିକୁ ବୁଝିବାର ସେହି ପୁରୁଣା ରୀତିଗୁଡ଼ାକ, ସେହି ସବୁକିଛି ବର୍ତ୍ତମାନ ଅପସାରିତ ହୋଇଯାଇଛି, ସବୁକାଳ ଲାଗି ଅପସାରିତ ହୋଇଛି, ଅତିକ୍ରାନ୍ତ ହୋଇଯାଇଛି ।

ଏବଂ ସେହି ସବୁଗୁଡ଼ିକୁହିଁ ଅବଶ୍ୟ ଏକ ପ୍ରତ୍ୟାବର୍ତ୍ତନର ପଥ ବୋଲି କହିବାକୁ ହେବ; ସେଗୁଡ଼ିକର ମଧ୍ୟଦେଇ ଯିବାକୁ ପଡ଼ିଲା, ସେଗୁଡ଼ିକର ମଧ୍ୟଦେଇ ତଥାପି ଯିବାକୁ ପଡ଼ିବ – ମାତ୍ର ଏହାକୁ ଠିକ୍ ସେହି ଏକା କଥା ବୋଲି ଆଦୌ କୁହାଯିବ ନାହିଁ । ଏହା ସର୍ବଦାହିଁ ଆଗକୁ ଆଗକୁ ଯିବାରେ ଲାଗିଛି, ଏବଂ ଶେଷରେ... ଏବଂ ଶେଷରେ ସେହି ପରମ ସତ୍ୟରେ ଜୀବନ ବଞ୍ଚିବା ମଧ୍ୟ ସମ୍ଭବ ହୋଇଯିବ । ମୁଁ ଠିକ୍ ଭାବରେ ଜାଣି ନାହିଁ, ମାତ୍ର ମୋ'ର ଅନୁଭବ ହେଉଛି ଯେ ତାହା ଯେତିକି ସତ୍ୱରତାର ସହିତ ଯିବା ସମ୍ଭବ, ସେତିକି ସତ୍ୱର ଭାବରେ ଗତି କରିବାରେ ଲାଗିଛି; ବସ୍ତୁତଃ ସେହି ପରମଚେତନାହିଁ କାର୍ଯ୍ୟ କରୁଛି ଏବଂ ଆମକୁ ଯଥାସମ୍ଭବ ଅଧିକ ସତ୍ୱର ଗତିରେ ଅଗ୍ରସର କରାଇ ନେଇଯାଉଛି । ଅତ୍ୟନ୍ତ ବିଳମ୍ବିତ ଭାବରେ ନିଦ୍ରାଳୁଙ୍କ ପରି ବାଟ ଚାଲିବାର ସମୟଟି ଅତିକ୍ରାନ୍ତ ହୋଇ ଯାଇଛି ।

(*ମାଆ ଦୀର୍ଘ ସମୟ ନୀରବ ରହିଲେ*)

*ମାତ୍ର ବ୍ୟକ୍ତିବୋଧ କହିଲେ ମୁଁ ଆଦୌ କୌଣସି ଅହଂକୁ ବୁଝୁ ନାହିଁ । ମୁଁ ଏପରି ଏକ ଉପାଦାନକୁ ବୁଝୁଛି, ଯାହାକି ସବୁଯାକ ଜନ୍ମଗ୍ରହଣ ମଧ୍ୟରେ ତଥାପି ସେହି ଗୋଟିଏ ହୋଇ ରହିଥାଏ । ଆପଣାର ବିକାଶଧାରାଟିର ଅନୁସରଣ କରି ଯାହା ସକଳ ଜନ୍ମଗ୍ରହଣ ମଧ୍ୟଦେଇ ଅଗ୍ରଗତି କରିବାରେ ଲାଗିଥାଏ ।*

ସେଇଟି ହେଉଛି ସେହି ସର୍ବୋଚ୍ଚ ପରମସତ୍ତା ।

*ହଁ, ମାତ୍ର ତଥାପି ଏପରି ଗୋଟିଏ ଉପାଦାନ ରହିଛି, ଯାହାକି...*

ସେଇଟି ହେଉଛି ସେହି ସର୍ବୋଚ୍ଚ ପରମସତ୍ତା, ଆପଣା ବିଷୟରେ ସଚେତନ ହୋଇ ରହିଥିବା ପରମସତ୍ତା...

*ହଁ ।*

...ଆଂଶିକ ଭାବରେ ।

*ହଁ, ଠିକ୍ ସେହି କଥା । ଏପରି ଗୋଟିଏ ଉପାଦାନ ରହିଛି...*

ସେହି ସର୍ବୋଚ୍ଚ ପରମସତ୍ତା, ଯିଏକି ଆଂଶିକ ଭାବରେ ନିଜ ବିଷୟରେ ସଚେତନ ହୋଇ ରହିଛନ୍ତି ।

*ତାହା ଅଭିବୃଦ୍ଧିର ଏକ ନିର୍ଦ୍ଦିଷ୍ଟ ପଥ ଅନୁସରଣ କରିଥାଏ ।*

ହଁ, ସେଇଟି ହେଉଛି ପ୍ରକୃତ ପ୍ରକ୍ରିୟା ।

ବିବର୍ତ୍ତନ ଲାଗି ସେହି ପ୍ରକ୍ରିୟାଟିହିଁ ବ୍ୟବହୃତ ହୋଇଛି ।

*ହଁ, ମୁଁ ତାହାକୁହିଁ ବ୍ୟକ୍ତିଭାବ ବୋଲି କହୁଛି ।*

ହଁ, ସେହି କଥା । ସେଇଟି ହେଉଛି ପ୍ରକ୍ରିୟା । ତାହାହିଁ ସୃଷ୍ଟିର ପ୍ରକ୍ରିୟା ହୋଇ ରହିଆସିଛି ।

ଏଇଟି ସୃଷ୍ଟିର ପ୍ରକ୍ରିୟା ହୋଇ ରହିଥିବାରୁ ଲୋକମାନେ ତାହାକୁ ଭ୍ରମରେ ପଡ଼ି...

*ବିଚ୍ଛିନ୍ନ ହୋଇପଡ଼ିବା ବୋଲି ଭାବିଛନ୍ତି ।*

ହଁ, ସେହି ବିଚ୍ଛିନ୍ନତା, ସେଇଥିରୁ ଅହଂ ।

ମାତ୍ର ସେହି ଅସଲ ବସ୍ତୁଟି (ସେହି ଉପାଦାନଟି, ଯିଏ ସର୍ବଦା ରହିଛି) ତାହା ହେଉଛି ଅବିଚ୍ଛିନ୍ନ । ତାହା ଅତ୍ୟନ୍ତ ସ୍ପଷ୍ଟ ଭାବରେ ରହିଛି । ସର୍ବଦା ରହିଛି । ତାହା କଦାପି ଅନ୍ତର୍ହିତ ହୋଇଯାଇ ପାରିବ ନାହିଁ ।

(*ମାଆ ନୀରବ ରହିଲେ*)

କ'ଣ ଯେ ଘଟିବାକୁ ଯାଉଛି, ମୋତେ କିଛି ଜଣା ନାହିଁ ।

ଶରୀର ବର୍ତ୍ତମାନ ଆଦୌ ଆପଣା ବିଷୟରେ କୌଣସି ଚିନ୍ତା କରୁ ନାହିଁ । ଏହା ବର୍ତ୍ତମାନ ଏହିପରି ହୋଇ ରହିଛି (*ମାଆ ନିଜ ହାତ ଦୁଇଟିକୁ ସମ୍ପୂର୍ଣ୍ଣ ଭାବରେ ଖୋଲିଦେଲେ*), ''ହେ ପ୍ରଭୁ, କେବଳ ଆପଣ ଯାହା ଇଚ୍ଛା କରୁଛନ୍ତି, କେବଳ ଆପଣ ଯାହା ଇଚ୍ଛା କରୁଛନ୍ତି''– ସର୍ବଦା ଏହାହିଁ ତାହାର ଦୃଷ୍ଟିଭଙ୍ଗୀ ହୋଇ ରହିଛି ।... ଏବଂ, ସର୍ବଦା ପ୍ରଫୁଲ୍ଲ ଭାବରେ ଓ ପରିପୂର୍ଣ୍ଣ ଆନନ୍ଦର ସହିତ ତାହା ସେହି କଥାଟିକୁହିଁ ବ୍ୟକ୍ତ କରୁଛି – ଠିକ୍ ଏହିପରି ଭାବରେ, ଠିକ୍ ଏହିପରି ଭାବରେ (*ମାଆ ଏକ ଇଙ୍ଗିତ କରି ପୃଥିବୀର ଏପାଖଟିକୁ, ସେପାଖଟିକୁ ଏବଂ ଯାବତୀୟ ପ୍ରକାରର ଅନ୍ୟ ସବୁପାଖକୁ ସୂଚିତ କରିଦେଲେ*) । ଅତ୍ୟନ୍ତ ଆଶ୍ଚର୍ଯ୍ୟର କଥା ଯେ, ତାହାକୁ ବର୍ତ୍ତମାନ ଏପରି ଏକ ଚେତନା ପ୍ରଦତ୍ତ ହୋଇ ରହିଛି, ଯାହାରକି କାଳ ସହିତ ଆଦୌ କିଛିହେଲେ କରିବାକୁ ନାହିଁ; ବୁଝିପାରୁଛ ତ, ବର୍ତ୍ତମାନ ଆଉ ତା'ପାଇଁ ''ଯେତେବେଳେ ଏଇଟି ନ ଥିଲା'' ଅଥବା ''ଯେତେବେଳେ ଏଇଟି ନ ଥିବ'' ବୋଲି ଆଦୌ କୌଣସି କଥାହିଁ ନାହିଁ । ବର୍ତ୍ତମାନ ଏହା ସତତ ଗତିଶୀଳ ହୋଇ ରହିଥିବା ଏକ ବସ୍ତୁ ପରି ହୋଇ ରହିଛି । ମାତ୍ର ପ୍ରକୃତରେ ଏହା ଅତ୍ୟନ୍ତ ଆଗ୍ରହୋଦ୍ଦୀପକ । ଏବଂ ଏହିସବୁ ଯାବତୀୟ ପ୍ରତିକ୍ରିୟା, ଅବବୋଧ ଓ ଅନୁଭବ,– ଏସବୁ ସମ୍ପୂର୍ଣ୍ଣ ଭାବରେ ପରିବର୍ତ୍ତିତ ହୋଇ ଯାଇଛି, ଏପରିକି ବାହାରକୁ ଦେଖିବାକୁ ମଧ୍ୟ ଏଗୁଡ଼ିକର ରୂପ ବଦଳି ଯାଇଛି । ଏକ ଅନ୍ୟ ବସ୍ତୁରେ ପରିଣତ ହୋଇ ଯାଇଛି ।

ହଁ, ଯେଉଁ ସ୍ଥିତିଗୁଡ଼ିକରେ ଜଣେ ବ୍ୟକ୍ତି ସେହି ଉଚ୍ଚତମ ଚେତନାର ଭୂମିରେ ରହିଥିବା ବେଳେ ଅବସ୍ଥାନ କରୁଥିବ, ଯେଉଁ ସ୍ଥିତିଗୁଡ଼ିକ ତାକୁ କେବଳ ଏକତ୍ର ସମ୍ମିଳିତ କରି ଦେଉଥିବେ, ଯେଉଁଗୁଡ଼ିକ ସ୍ୱତଃପ୍ରେରିତ ଭାବରେ ସକଳ ବ୍ରହ୍ମାଣ୍ଡର ଚେତନାର ଅଧିକାରୀ ହୋଇଥିବା ସେହି ପରମ ଚେତନା ସହିତ ଅଭିନ୍ନ ହୋଇ ରହିଥିବେ, ବର୍ତ୍ତମାନ ସେହି ସ୍ଥିତିହିଁ ଏହି ଦେହର ଏକ ସ୍ୱାଭାବିକ ସ୍ଥିତିରେ ଆସି ପରିଣତ ହୋଇଛି । କେଉଁଠି ହେଲେ କୌଣସି ପ୍ରଚେଷ୍ଟା ନାହିଁ, ସବୁକିଛି ସ୍ୱତଃପ୍ରେରିତ ହୋଇ ରହିଛି : ଏହା କଦାପି ଅନ୍ୟ ପ୍ରକାର ହୋଇ ପାରିବ ନାହିଁ । ତେଣୁ, ଏହାପରେ କ'ଣ ହେବାକୁ ଯାଉଛି, ଠିକ୍ କିପରି ଭାବରେ ସେଇଟିର ତର୍ଜମା ହେବାକୁ ଯାଉଛି, ସେ ବିଷୟରେ ମୁଁ କିଛି ଜାଣି ନାହିଁ ।

ଆଗରୁ ରହିଥିବା ଯାବତୀୟ ଅଭ୍ୟାସର ଠିକ୍ ଓଲଟାଗୁଡ଼ାକ ବର୍ତ୍ତମାନ ଘଟୁଛି ।

ଜଡ଼ର ସ୍ତରରେ କ'ଣସବୁ କରିବାକୁ ହେବ, ଏହି ଚେତନା ସେସବୁ ବିଷୟରେ କିଛି ଜାଣିଛି କି ?... ମୁଁ ଆଦୌ କିଛି ଜାଣି ନାହିଁ । ମାତ୍ର ଶରୀର ସେସବୁ ବିଷୟରେ ଆଦୌ କୌଣସି ଚିନ୍ତାହିଁ କରୁ ନାହିଁ । ତାହାର ଯାହା କରିବାର କଥା, କ୍ଷଣକୁ କ୍ଷଣ ସିଏ କେବଳ ସେହିଗୁଡ଼ିକୁହିଁ କରିଯାଉଛି । କେବେହେଲେ କୌଣସି ପ୍ରଶ୍ନ ପଚାରୁ ନାହିଁ । ତାହାର ଏହି କ୍ଷେତ୍ରରେ ଆଦୌ କୌଣସି ଜଟିଳତା ନାହିଁ, କୌଣସି ଯୋଜନା ନାହିଁ, କିଛିହେଲେ ବି ନାହିଁ ।

ବୁଝି ପାରିଲ ?

କ'ଣ ହେଉଛି ଦେଖାଯାଉ । ଏହା ଅତ୍ୟନ୍ତ ଆଗ୍ରହୋଦ୍ଦୀପକ ।

## ୨୪ ମଇ ୧୯୬୯

ଏହା ଏକ ବଡ଼ କଷ୍ଟକର କଥା... ଇଂରାଜୀ ଭାଷାରେ ଜଣେ ଏହାକୁ it's not a joke (ଏଇଟା ମୋଟେ ଗେଲ କଥା ନୁହେଁ) ବୋଲି କହିବ... ସବୁକିଛି ଅଡୁଆ ହୋଇଯାଉଛି, ଶୃଙ୍ଖଳା ବୋଲି ଆଉ କିଛିହେଲେ ରହିପାରୁ ନାହିଁ । ଏହି କଥାଟି ଅବଶ୍ୟ ଭାରି ଭଲ କରି ଦେଖି ହେଉଛି ଯେ, ଏହି ବିଶୃଙ୍ଖଳା ଓ ବିଘଟନ ଏକ ଉଚ୍ଚତର ସଂଗଠନ **ଆଡ଼କୁ** ଗତି କରି ଚାଲିଛି; ଅର୍ଥାତ୍ ଏକ ପ୍ରଶସ୍ତୀକରଣ ଏବଂ ଏକ ମୁକ୍ତି ଆଡ଼କୁ ପରିଚାଳିତ ହୋଇଯିବାରେ ଲାଗିଛି । ସେକଥା ଅବଶ୍ୟ ସତ... ମାତ୍ର, କୌଣସି ଗୋଟିଏ ବିଷୟ ମଧ୍ୟ ପୂର୍ବର ସେହି ସାଧାରଣ ନିତ୍ୟନୈମିତ୍ତିକ ଧାରାରେ ଆଦୌ ଚାଲୁ ନାହିଁ ।

(*ମାଆ ନୀରବ ରହିଲେ*)

ଶରୀର ବର୍ତ୍ତମାନ ଚେତନାର ଏପରି ଏକ ସ୍ଥିତିରେ ଆସି ପହଞ୍ଚି ଯାଇଛି, ଯେଉଁଥିରେ କି ତାହା ଭାରି ଭଲ ଭାବରେ ଜାଣିପାରୁଛି ଯେ, ମୃତ୍ୟୁ ଦ୍ୱାରା ହୁଏତ ଏକ ସ୍ଥିତି-ପରିବର୍ତ୍ତନ ହେବ, ମାତ୍ର – ଏଠାରେ ବିଲୁପ୍ତ ହୋଇଯିବାର ଆଦୌ କୌଣସି ପ୍ରଶ୍ନହିଁ ନାହିଁ (ଚେତନା ବିଲୁପ୍ତ ହୋଇଯିବାର) । ଏବଂ ତା'ପରେ, ଅଧିକାଂଶ ବହୁସଂଖ୍ୟକ ମନୁଷ୍ୟ ଯେଉଁ ଧାରଣାଟିକୁ ପୋଷଣ କରିଥା'ନ୍ତି : ଏଠାରେ ମୁଁ ମୃତ୍ୟୁଜନିତ ସେହି ବିଶ୍ରାମସ୍ଥିତି ବିଷୟରେ କହୁଛି (*ମାଆ ନିଜ ହାତକୁ ତାଙ୍କ ମୁହଁ ଉପରେ ନେଇ ରଖିଲେ, ସତେଯେପରି ସିଏ ଏକ ଦୁର୍ଦ୍ଧର୍ଷ ନିର୍ବୋଧତାର ଆଗରେ ଆସି ହାବୁଡ଼ି ଯାଇଛନ୍ତି*) । ଏହି କ୍ଷେତ୍ରରେ ଏତିକି ସାନ୍ତ୍ୱନା ମଧ୍ୟ ଆଦୌ ନାହିଁ । ଅଧିକାଂଶ ମଣିଷଙ୍କର କ୍ଷେତ୍ରରେ ତାହା ବିଶ୍ରାମର ଠିକ୍ ବିପରୀତ କଥାଟିକୁହିଁ ବୁଝାଇଥାଏ । ତେଣୁ ସେହି କ୍ଷେତ୍ରରେ ମଧ୍ୟ, ମାତ୍ର ଏକ ଆହୁରି ଅଧିକ ତୀବ୍ର ଏବଂ ସଘନ ଭାବରେ : ''ହେ ପ୍ରଭୁ, ଆପଣହିଁ କେବଳ ସେହି ଗୋଟିଏ ମାତ୍ର, **ଗୋଟିଏ ମାତ୍ର** ଆଶା । ସେହି ଆପଣଙ୍କ ମଧ୍ୟକୁ ଆପଣାକୁ ପରିଣତ କରି ଆଣିବାକୁ ହେଲେ, କେବଳ ସେହି ଆପଣଙ୍କ ବ୍ୟତୀତ ମଝିରେ ଆଉ କିଛିହେଲେ ଯେପରି ଅନ୍ତରାୟ ହୋଇ ଠିଆହୋଇ ନ ରହୁ ଏବଂ ଏହି ପାର୍ଥକ୍ୟ ଓ ଏହି ଦୂରତା ଅନ୍ତର୍ହିତ ହୋଇଯାଉ । ଏହି ପାର୍ଥକ୍ୟଟା ହେଉଛି ପ୍ରକୃତରେ ଗୋଟାଏ ଭୟଙ୍କର କଥା ! ସେହି ପାର୍ଥକ୍ୟ ଦୂରୀଭୂତ ହୋଇଯାଉ, ଯେପରିକି କେବଳ ଆପଣ ଯେତିକି ଇଚ୍ଛା କରିବେ, ସର୍ବଦା ତାହାହିଁ ହେଉଥିବ ଓ ତାହାହିଁ ଘଟୁଥିବ : ପରିପୂର୍ଣ୍ଣ ଯାବତୀୟ କର୍ମରେ ଆପଣହିଁ ରହନ୍ତୁ, ଅଥବା ପରିପୂର୍ଣ୍ଣ ବିଶ୍ରାମରେ ମଧ୍ୟ କେବଳ ଆପଣହିଁ ଉପସ୍ଥିତ

ରହିଥା'ନ୍ତୁ । ତେବେ ଦୁଇଟି ମଧ୍ୟରେ ଆଉ ଆଦୌ କୌଣସି ପ୍ରକାର ପାର୍ଥକ୍ୟ ମୋଟେ ରହିବ ନାହିଁ । ହୁଏତ ଏଇଟା ହେବ ନଚେତ୍ ସେଇଟା ହେବ; ସେଥିରେ ଆଦୌ କୌଣସି ଫରକ ରହିବ ନାହିଁ । ଆପଣଙ୍କ ଆଡ଼କୁ କ୍ରମପରିଣତ ହୋଇ ଯାଇପାରିବା, କେବଳ ତାହାହିଁ ଏକମାତ୍ର ମହତ୍ତ୍ୱର ବିଷୟ ହୋଇ ରହିବ ।''

ଏହାହିଁ ହେଉଛି ସେହି ପରିପୂର୍ଣ୍ଣ **ସୁନିଶ୍ଚୟତା** (*ମାଆ ତାଙ୍କର ଦୁଇଟିଯାକ ହାତମୁଠାକୁ ବନ୍ଦ କରି ଦେଖାଇଲେ ।*) ସେହି ଗୋଟିଏ ମାତ୍ର ସୁନିଶ୍ଚୟ କଥା ହେଉଛି ଯେ, ସେହି ସବୁକିଛିରୁ ବାହାରି ଯାଇପାରିବା ଲାଗି କେବଳ **ଗୋଟିଏ ମାତ୍ର** ଦ୍ୱାର ରହିଛି, କେବଳ **ଗୋଟିଏ ମାତ୍ର** ଦ୍ୱାର ରହିଛି – ଗୋଟିଏ ଦ୍ୱାର ରହିଛି, ଦୁଇଟି ମୋଟେ ନାହିଁ; ଏହି କ୍ଷେତ୍ରରେ ଏଇଟା ବା ସେଇଟା କହି ବାଛିବାର ଆଦୌ କୌଣସି ଅବକାଶ ନାହିଁ । ଆଦୌ ଏକାଧିକ ସମ୍ଭାବନା ନାହିଁ, କେବଳ ଗୋଟିଏ ମାତ୍ର ସମ୍ଭାବନା ରହିଛି;... ସେଇଟି ହେଉଛି ସେହି ସର୍ବୋତ୍ତମ ପରମ ଦ୍ୱାର, ସକଳ ଆଶ୍ଚର୍ଯ୍ୟର ପରମାଶ୍ଚର୍ଯ୍ୟ । ଏହା ବ୍ୟତୀତ ଆଉ ଯାହାକିଛି ରହିଛି,... ଆଉ ସବୁକିଛି, ସେଗୁଡ଼ାକ ମୋଟେ ସମ୍ଭବ ନୁହେଁ ।

ଏବଂ, ସେସବୁ ହେଉଛି ଏହି ଶରୀରର (*ମାଆ ନିଜ ଶରୀରଟିକୁ ନିର୍ଦ୍ଦେଶ କରିଦେଲେ*) ଅନୁଭବ; ଏହା ଏକ ମାନସିକ ଅନୁଭବ ଆଦୌ ନୁହେଁ; ସମ୍ପୂର୍ଣ୍ଣ ଭାବରେ ଏହି ଶରୀରରହିଁ ଏକ ଅନୁଭବ ।

ମୁଁ ଦେଖିପାରୁଛି, କାରଣ ମୋ' ଲାଗି ଲୋକମାନଙ୍କର ଚେତନା ଉନ୍ମୁକ୍ତ ହୋଇ ରହିଛି (ଆଦୌ କୌଣସି ପାର୍ଥକ୍ୟ ନାହିଁ, ସଂପୂର୍ଣ୍ଣ ଭାବରେ ଉନ୍ମୁକ୍ତ ହୋଇ ରହିଛି) । ତେଣୁ ମୁଁ ଦେଖିପାରୁଛି : ଅଧିକାଂଶ, ଅଧିକସଂଖ୍ୟକ ଲୋକଙ୍କର କ୍ଷେତ୍ରରେ, ଯେତେବେଳେ ସବୁକିଛି ପ୍ରକୃତରେ ଯନ୍ତ୍ରଣାଦାୟକ ହୋଇଉଠେ, ସେତେବେଳେ ସେମାନେ ''ଓଃ'' ବୋଲି କହନ୍ତି ଓ ସର୍ବଦା ଧାରଣା କରିଥା'ନ୍ତି ଯେ ''ଦିନେ ଏହି ସବୁକିଛି ବନ୍ଦ ହୋଇଯିବ !'' ପ୍ରକୃତରେ କେଡ଼େ ନିର୍ବୋଧ କଥା !

(*ମାଆ ନୀରବ ରହିଲେ*)

ମାତ୍ର, କାହିଁକି ? କାହିଁକି ଏପରି ହେବ ?... ଶରୀର ବାରଂବାର ବ୍ୟାକୁଳ ହୋଇ ଉଠୁଛି ଓ କହୁଛି : କାହିଁକି, କାହିଁକି ଏସବୁ ହେବ, କାହିଁକି ହେବ ? ଯେତେବେଳେ ତାହା ଦେଖିପାରୁଛି, ଯେତେବେଳେ ଦୁଃଖର ସଂସ୍ପର୍ଶରେ ଆସୁଛି, ଲୋକମାନଙ୍କର ସଂସ୍ପର୍ଶରେ ଆସୁଛି, ନାନା କଷଣ ଏବଂ କଷ୍ଟର ସଂସ୍ପର୍ଶରେ ଆସୁଛି, ସେତେବେଳେ ତାହା କାହିଁକି, କହିଁକି, କାହିଁକି ବୋଲି କହି ବ୍ୟାକୁଳ ହୋଇ ଉଠୁଛି ।

ସେହି ସର୍ବୋଚ୍ଚ ପରମଚେତନା ସହିତ ଏକତ୍ୱ ଅର୍ଜନ କରି ପାରିଲେ ଯଦି ଏହି ସୃଷ୍ଟି ଏକ ଅପୂର୍ବ ବିସ୍ମୟସମ୍ପଦରେ ପରିଣତ ହୋଇଯାଇ ପାରିବ, ତେବେ କାହିଁକି, କାହିଁକି ସେହି ସବୁକିଛିର ଆବଶ୍ୟକତା ରହିଥିଲା (*ମାଆ ଗୋଟିଏ ମୁଣ୍ଡଳା କାଟି ଗାରଟିକୁ ଆରମ୍ଭ କରିଥିବା ବିନ୍ଦୁରେ ଆଣି ଶେଷ କରିଦେଲେ*) ?

ବାରଂବାର ସିଏ ଏହିପରି ବ୍ୟାକୁଳ ହୋଇ ଉଠୁଛି ।

ମାତ୍ର ବସ୍ତୁତଃ ଏଗୁଡ଼ାକ ଏକାନ୍ତ ନିରର୍ଥକ କଥା, କାରଣ ଏହାଦ୍ୱାରା ଆଦୌ କୌଣସି ଉଦ୍ଦେଶ୍ୟ ସାଧିତ ହୁଏ ନାହିଁ । ହଁ, ଏହା ଠିକ୍ ସେହିପରି, ସେହିପରି ଏକ କଥା । ଏଭଳି ଆଉ ଯେପରି ନ ହୁଏ, ସେଥିଲାଗି କୌଣସି ଉପାୟ ବାହାର କରିବା, ଏହି କ୍ଷେତ୍ରରେ କେବଳ ଏତିକି କରିବାକୁ ରହିଛି ।

(*ମାଆ ନୀରବ ରହିଲେ*)

ମୁଁ ସବୁବେଳେ ବୁଦ୍ଧଙ୍କ କଥା ଚିନ୍ତା କରିଥାଏ ଏବଂ ସେଇ ସମସ୍ତଙ୍କ କଥା ବି ଚିନ୍ତା କରିଥାଏ : ସେମାନେ ଅଗ୍ରସର ହୋଇ ପରମପ୍ରଭୁଙ୍କ ମଧ୍ୟରେ ବିଲୀନ ହୋଇ ଯିବାକୁ ଯାଆନ୍ତି ଏବଂ ତା'ପରେ ଆଉ କିଛିହେଲେ ଅବଶେଷ ରହିବ ନାହିଁ ବୋଲି ଭାବନ୍ତି ! (*ମାଆ ଆପଣାର ମୁଣ୍ଡଟିକୁ ତାଙ୍କର ଦୁଇହାତର ମଝିରେ ଧରିଲେ*)

ଏବଂ ତା'ପରେ, ଆପଣାର ସେହି ସିଦ୍ଧାନ୍ତଟିକୁ ସତ୍ୟର ଏକ ପ୍ରତୀତି ଆଣି ଦେବା ଲାଗି, ସେମାନେ (*ମାଆ ହସିଲେ*) କହନ୍ତି ଯେ, ଏଇଟା ହେଉଛି ଏକ ''ମିଥ୍ୟା'' । ଆପଣାର ସିଦ୍ଧାନ୍ତଟା ଯେ କେଡ଼େ ଅସମ୍ଭବତାମୟ, ସେମାନେ ସେକଥା ମୋଟେ ଦେଖି ପାରନ୍ତି ନାହିଁ । ସେମାନେ ଭାବନ୍ତି, ସତେଯେପରି ପରମପ୍ରଭୁ ମଧ୍ୟ ଏକ ମିଥ୍ୟାର କାରଣ ହୋଇପାରିବେ... ଏବଂ ତେଣୁ କେବଳ ଅନୁତାପ କରି ଆପଣାକୁ ପ୍ରତ୍ୟାହୃତ କରି ନେଇପାରିବେ !

ଏମାନେ, ଏହିସବୁ ବ୍ୟକ୍ତିମାନେ, ସେମାନେ ଯେତିକି ଅଧିକ ଆତ୍ମପ୍ରତ୍ୟୟ ଲାଭ କରୁଥା'ନ୍ତି ସେମାନଙ୍କର ସେତିକି ଅଧିକ ହୃଦ୍‌ବୋଧ ହେଉଥାଏ ଯେ ସତେଯେପରି ସେମାନେ ଜଳାକବାଟି ଦେଇ ଆପଣାକୁ ଏକାବେଳେକେ ବନ୍ଦ କରି ରଖିଛନ୍ତି ।

(*ମାଆ ନୀରବ ରହିଲେ*)

*ମାତ୍ର ବସ୍ତୁତଃ, ଆପଣଙ୍କର ଶରୀର ତ ଏହି ସମସ୍ତ ପୃଥିବୀର ଏକ ପ୍ରତୀକ ହୋଇ ରହିଛି ।*

ହଁ, ସେହିପରି ମନେ ହେଉଛି ।

*ତେଣୁ ସବୁକିଛି ବିଶୁଦ୍ଧ ହେବା ଲାଗି ଆପଣଙ୍କ ପାଖକୁ ଅବଶ୍ୟ ଆସୁଛି ।*

ହଁ ଆସୁଛି, ମାତ୍ର ମୁଁ ସେଥିରୁ ଆଦୌ କୌଣସି ସାନ୍ତ୍ୱନା ପାଉ ନାହିଁ ।

*ସତ କଥା । ମାତ୍ର ମୁଁ ଏପରି ମଧ୍ୟ ଅନୁଭବ କରୁଛି ଯେ, କୌଣସି ବସ୍ତୁ, ତାହା ଯାହା ହୋଇଥାଉ ପଛକେ, ଥରେ ଆପଣଙ୍କୁ ସ୍ପର୍ଶ କରି ସାରିବା ପରେ ଆଗରୁ ଠିକ୍ ଯେମିତି ଥିଲା ସେମିତି ହୋଇ କଦାପି ପୃଥିବୀକୁ ଫେରିଯାଇ ପାରିବ ନାହିଁ ।*

ହଁ, ସେହିପରି ହେଉଥିବ ବୋଲି ମନେ ହେଉଛି । ବର୍ତ୍ତମାନ ଅନୁକ୍ଷଣ କେତେକେତେ ଅସାଧାରଣ ଘଟଣାହିଁ ଘଟିବାରେ ଲାଗିଛି; ଅନୁକ୍ଷଣ, ଅନୁକ୍ଷଣହିଁ ମୁଁ ପ୍ରକୃତରେ ଅସାଧାରଣ କଥାଗୁଡ଼ିକ ଘଟୁଛି ବୋଲି ଶୁଣିବାକୁ ପାଉଛି ।

ମାତ୍ର ସେଥିରୁ ଏହାକୁ ଆଦୌ କୌଣସି ସାନ୍ତ୍ୱନା ମିଳୁ ନାହିଁ... ଏହାର ଆଦୌ କୌଣସି ଆତ୍ମସମ୍ମାନ ନାହିଁ ।

*ମାତ୍ର ଏହାଦ୍ୱାରା ତଥାପି କୌଣସି ନା କୌଣସି ଉଦ୍ଦେଶ୍ୟ ସାଧିତ ହେଉଛି ।*

ହଁ ହଁ, ଅବଶ୍ୟ ହେଉଛି ।

*ଏହା ଶୁଦ୍ଧ କରୁଛି — ଏହା ଅବଶ୍ୟ ଏହି ବିଶ୍ୱକୁ ମଧ୍ୟ ଶୁଦ୍ଧ କରିବ ।*

ତାହା ବର୍ତ୍ତମାନ ଆପଣାର ଶୁଦ୍ଧତା ଲାଗି ମଧ୍ୟ ଆଦୌ କୌଣସିପ୍ରକାରେ ଚିନ୍ତିତ ହେଉ ନାହିଁ... ମୁଁ କଥାଟିକୁ କିପରି ବୁଝାଇ କହିପାରିବି କେଜାଣି !... ଦିନ ରାତି ଅବିଶ୍ରାନ୍ତ ଭାବରେ କେବଳ ଏତିକି ଉଚ୍ଚାରିତ ହେଉଛି : ''ହେ ପରମ ପ୍ରଭୁ, କେବଳ ଆପଣ ଯାହା ଇଚ୍ଛା କରିବେ, କେବଳ ଆପଣ ଯାହା ଇଚ୍ଛା କରିବେ ।''... ହଁ, ''ଯାହା ଇଚ୍ଛା କରିବେ'', ''ଯାହା ଆବଶ୍ୟକ କରିବେ'' ମଧ୍ୟ ନୁହେଁ । କାରଣ ଏହା କେବଳ ଏହିପରି ନୁହେଁ (*ମାଆ ଆପଣାର ଅନ୍ତର୍ଦେଶ ଆଡ଼କୁ ଇଙ୍ଗିତ କଲେ*), ଏହା ଏପରି ମଧ୍ୟ (*ମାଆ*

*ବହିର୍ଦ୍ଦେଶକୁ ଇଙ୍ଗିତ କଲେ, ହାତକୁ ପ୍ରସାରି ଦେଇ ବ୍ୟାପ୍ତିର ଇଙ୍ଗିତ କଲେ)* । ''କେବଳ ଆପଣ ଯାହା ଇଚ୍ଛା କରିବେ, ଯାହା ଆପଣ ଚାହିଁବେ,''– ଏତିକି ବ୍ୟତୀତ ଆଉ କିଛି ନୁହେଁ । ବର୍ତ୍ତମାନ ଅପରିବର୍ତ୍ତନୀୟ ଭାବରେ ତାହା ସେହିପରି ଏକ ସ୍ଥିତିରେ ରହିଛି ।

(*ମାଆ ନୀରବ ରହିଲେ*)

ସେକଥା ଯାହା ହେଉ ପଛକେ (ଏଇଟା ତ ବେଶ୍ ସ୍ପଷ୍ଟ ହୋଇ ଯାଇଛି), ଯେଉଁ ପରମଚେତନା ଏହି ଶରୀରକୁ ତା'ର ପ୍ରୟାସଗୁଡ଼ିକରେ ସାହାଯ୍ୟ କରିବା ପାଇଁ କ୍ରିୟାଶୀଳ ହୋଇ ରହିଛି, ତାହା ତାକୁ ଏହି କଥାଟିକୁ ସଂ-ପୂ-ର୍ଣ୍ଣ ଭାବରେ ବୁଝାଇ ଦେଇଛି ଯେ ଛାଡ଼ି ପଳାଇଗଲେ ତଦ୍ଦ୍ୱାରା ଆଦୌ କୌଣସି ସମାଧାନ ହେବ ନାହିଁ । ତା'ର ଦଶା ଏହାପରେ କ'ଣ ହେବ, ଏ ବିଷୟରେ କିଛି ଜାଣିବା ଲାଗି ତାହାର ପୂର୍ବେ ଗୋଟାଏ କୁତୂହଳ ହୁଏତ ରହିଥିଲା, ବର୍ତ୍ତମାନ ସେହି କୁତୂହଳ ମଧ୍ୟ ଅନ୍ତର୍ହିତ ହୋଇଯାଇଛି । ଏବଂ ଅପର ପକ୍ଷରେ, ଏହି ପୃଥିବୀରେହିଁ ସବୁକାଳ ପାଇଁ ରହିବାର ବାସନାଟି, ସେଇଟି ମଧ୍ୟ ଦୀର୍ଘ ଅନେକ ଦିନ ହେଲା ଅପସାରିତ ହୋଇ ଯାଇଛି । ଯେତେବେଳେ ଏଠାରେ ଟିକିଏ ଅଣନିଃଶ୍ୱାସୀ ହୋଇଯିବା ପରି ଲାଗୁଛି, ସେତେବେଳେ ମଧ୍ୟ ପଳାଇ ଯିବାର ଏକ ସମ୍ଭାବ୍ୟ ବାସନା,– ଏହାଦ୍ୱାରା ଯେ ଆଦୌ କୌଣସି ପରିବର୍ତ୍ତନ ସମ୍ଭବ ହେବ ନାହିଁ, ଏହି ହୃଦ୍‌ବୋଧଟି ଆସିବା ପରେ ସେହି ବାସନା ମଧ୍ୟ ଅନ୍ତର୍ହିତ ହୋଇଯାଇଛି । ତେଣୁ ତା' ଆଗରେ କେବଳ ଗୋଟିଏ ପନ୍ଥାହିଁ ରହିଛି,– ଏହି ସ୍ୱୀକୃତିଟିକୁ ଯଥାସମ୍ଭବ ଅଧିକ ସଂପୂର୍ଣ୍ଣ କରି ଗଢ଼ି ଆଣିବାର ସେହି ଗୋଟିଏ ପନ୍ଥାହିଁ ରହିଛି । ବାସ୍, ସେତିକି ।

23

## ୨୮ ମଇ ୧୯୬୯

କେବଳ ଗୋଟିଏ ମାତ୍ର ସମାଧାନ ରହିଛି,— ସେଇଟି ହେଉଛି ଭୌତିକ ସତ୍ତାର ସେହି ସର୍ବୋଚ୍ଚ ପରମସତ୍ତାଙ୍କ ସହିତ ସମ୍ପର୍କସ୍ଥାପନ । ତାହାହିଁ ଏକମାତ୍ର ସମାଧାନ ।

ହଁ, ତାହାହିଁ ସମାଧାନ ।

ମାତ୍ର ଏହି ଶରୀରର କୋଷଗୁଡ଼ିକ... (କେବଳ ଏହି ଗୋଟିଏ ଶରୀରରେ ଯେ ସେପରି ଘଟୁଛି, ମୁଁ ସେକଥା କହି ପାରିବି ନାହିଁ, ଏହି ଶରୀରଟାର କୌଣସି ଏକ ସ୍ୱତନ୍ତ୍ର ମହତ୍ତ୍ୱ ରହିଛି ବୋଲି ମୁଁ ମୋଟେ ବିଶ୍ୱାସ କରୁ ନାହିଁ), ମାତ୍ର ସେହି କୋଷଗୁଡ଼ିକର **ସଂପୂର୍ଣ୍ଣ** ହୃଦ୍‌ବୋଧ ହୋଇଯାଇଛି, ଏବଂ ସେମାନେ ଅନୁକ୍ଷଣ, ଅନୁକ୍ଷଣ, ପ୍ରତ୍ୟେକଟି ଦୁଃଖ, ପ୍ରତ୍ୟେକଟି କଷ୍ଟ ଆସିବା ମାତ୍ରକେ କେବଳ ସେହି ଗୋଟିଏ ପ୍ରୟାସହିଁ କରିବାରେ ଲାଗିଛନ୍ତି । କେବଳ ଗୋଟିଏ ମାତ୍ର ସମାଧାନ ରହିଛି, ଗୋଟିଏ ମାତ୍ରହିଁ ରହିଛି : ‘‘କେବଳ ଆପଣ; ହେ ପରମ ପ୍ରଭୁ, କେବଳ ଆପଣଙ୍କ ଲାଗି — କେବଳ ଆପଣହିଁ ବିଦ୍ୟମାନ ରହିଛନ୍ତି ।’’ ବୌଦ୍ଧ ଓ ତଦନୁରୂପ ଅନ୍ୟମାନଙ୍କର ଚେତନାରେ କେବଳ ଏହି କଥାଟିରହିଁ ବିଶ୍ୱ-ମାୟାରୂପେ ତର୍ଜମା ହୋଇ ଆସିଛି, ମାତ୍ର ଏହି ତର୍ଜମା ହେଉଛି କେବଳ ଏକ ଅଧା ତର୍ଜମା ।

ମାତ୍ର ଯଥାର୍ଥ ସମାଧାନଟି ହେଉଛି : ‘‘ହେ ପରମପ୍ରଭୁ, କେବଳ ଆପଣହିଁ ରହିଛନ୍ତି, ଏକା ଆପଣହିଁ ଅଛନ୍ତି ।’’ ଏତିକିକୁ ଛାଡ଼ି ଆଉ ଯାହାକିଛି ରହିଲା, ସେହି ସବୁଗୁଡ଼ାକ ହେଉଛି ଦୁଃଖ : ଦୁଃଖ, ଯନ୍ତ୍ରଣା... ଅନ୍ଧକାର ।

ସମ୍ଭବତଃ — ସମ୍ଭବତଃ, ଶ୍ରୀଅରବିନ୍ଦଙ୍କର କଳ୍ପନା ଅନୁସାରେ ମଧ୍ୟ ପରମ ଅତିମାନସହିଁ ସୁନିଶ୍ଚିତ ଭାବରେ ଏହି ଯାବତୀୟ ଦୁଃଖଭୋଗରୁ ବାହାର ହୋଇ ରହିଥା’ନ୍ତି ।

କେବଳ ସେହି ପରମ ତତ୍‌ହିଁ ଅଛନ୍ତି । ତା’ ହୋଇ ନ ଥିଲେ ସବୁକିଛି ଭାରି କଷ୍ଟକର ହେଉଥା’ନ୍ତା ।

ସମ୍ଭବତଃ ଅର୍ଦ୍ଧ-ସମାଧାନଗୁଡ଼ିକ ଆଉ ମୋଟେ ଯଥେଷ୍ଟ ହୋଇପାରୁ ନାହାନ୍ତି ।... ମୁଁ ଏବିଷୟରେ କିଛି ଠିକ୍ କରି ଜାଣି ନାହିଁ । ସମ୍ଭବତଃ  ସମୟ ଆସିଛି, ଯେତେବେଳେ କି ଆମେ ସୁନିର୍ଦ୍ଦିଷ୍ଟ ଭାବରେ ଆପଣା ଲାଗି ଏକ ପଥ ବାଛିନେଇ ପାରିବା ।

ମୋ’ର ଏହି ଶରୀର ମଧ୍ୟ ଆପଣାର ପଥଟିକୁ ବାଛିନେଇ ସାରିଛି । ମାତ୍ର ମୁଁ ଅନୁଭବ କଲି... ଏଥିଲାଗି ଅତ୍ୟନ୍ତ, ଅତ୍ୟନ୍ତ ପରିମାଣରେ ସହିଷ୍ଣୁ ହେବାକୁ ପଡ଼ିବ — ଅତ୍ୟନ୍ତ ସହିଷ୍ଣୁ ହେବାକୁ ପଡ଼ିବ — ତେଣୁ ଅନ୍ୟମାନେ ବି ଠିକ୍ ସେହିପରି କରନ୍ତୁ ବୋଲି

ମୁଁ ମୋଟେ ଜିଦ୍ କରି ସେମାନଙ୍କୁ କହିଲି ନାହିଁ । ମାତ୍ର **'ବର୍ତ୍ତମାନ ସମୟ ହୋଇଗଲାଣି'** – ସମ୍ଭବତଃ ସେହି ସବୁକିଛିରୁ ଏହାହିଁ ନିଷ୍କର୍ଷ ଉପୁଜୁଛି । ମୁଁ ଠିକ୍ କରି କିଛି ଜାଣିପାରୁ ନାହିଁ ।

## ୩୧ ମଇ ୧୯୬୯

ପଅରଦିନ ରାତିରେ ମୁଁ ଶ୍ରୀଅରବିନ୍ଦଙ୍କ ସହିତ ତିନିଘଣ୍ଟାରୁ ଅଧିକ ସମୟ ଅତିବାହିତ କରିଥିଲି, ଏବଂ ଅରୋଭିଲ୍‌ରେ ଯାହାସବୁ ତିଆରି ହେବାକୁ ଯାଉଛି, ସେତେବେଳେ ତାଙ୍କୁ ମୁଁ ସେହିସବୁ କଥା ଦେଖାଉଥିଲି । ଏହା ବେଶ୍ ଆଗ୍ରହୋଦ୍ଦୀପକ ଥିଲା । ସେଠି ଖେଳର ବ୍ୟବସ୍ଥା ଥିଲା, କଳାର ବ୍ୟବସ୍ଥା ଥିଲା, ଖାଇବା ତିଆରି କରିବାର ବି ବ୍ୟବସ୍ଥା ରହିଥିଲା । ମାତ୍ର ସେହି ସବୁକିଛି କେବଳ ଅତ୍ୟନ୍ତ ପ୍ରତୀକାତ୍ମକ ଭାବରେ ରହିଥିଲା । ମୁଁ ତାଙ୍କୁ ସତେଅବା ଗୋଟିଏ ଟେବୁଲ୍ ଉପରେ ସବୁକଥା ବୁଝାଇ କହି ଦେଉଥିଲି, ଏକ ବୃହତ୍ ଭୂଦୃଶ୍ୟର ସମ୍ମୁଖରେ ତାହା କରୁଥିଲି । ଶାରୀରିକ ବ୍ୟାୟାମ ଓ ଖେଳସବୁ ଯେଉଁ ମୂଳନୀତିଟି ଅନୁସାରେ ସେଠାରେ ସଂଗଠିତ ହେବ, ତାଙ୍କୁ ମୁଁ ସେହି କଥାଟି ବୁଝାଇ ଦେଉଥିଲି । ସବୁ ଅତ୍ୟନ୍ତ ସ୍ପଷ୍ଟ ଓ ସୁନିର୍ଦ୍ଦିଷ୍ଟ ହୋଇ ରହିଥିଲା ଏବଂ ମୁଁ ସତେଅବା ଏକ ପ୍ରଦର୍ଶନ ସାହାଯ୍ୟରେ ତାଙ୍କୁ ସବୁକଥା ସହଜ କରି କହିଦେଉଥିଲି; ଏବଂ, ସେଠାରେ ଯାହାକିଛି ହେବାକୁ ଯାଉଛି, ଏକ କ୍ଷୁଦ୍ରଚିତ୍ରର ଉପସ୍ଥାପନା ଦ୍ୱାରା ସତେଅବା ଏକ ଅତ୍ୟନ୍ତ ଛୋଟ ପରିସର ଭିତରେ ମୁଁ ତାଙ୍କୁ ସବୁକଥା କହିଦେବାରେ ଲାଗିଥିଲି । ମୁଁ ଲୋକମାନଙ୍କୁ ଓ ବସ୍ତୁଗୁଡ଼ିକୁ ଏଠୁ ସେଠାକୁ ଓ ସେଠୁ ଏଠାକୁ ଘୁଞ୍ଚାଇବାରେ ଲାଗିଥିଲି (*ମାଆ ସତେଅବା ଏକ ଚେସ୍‌ପାଲି ଉପରେ ସାର ଚଳାଉଥିବାର ଇଙ୍ଗିତ କଲେ*) । ମାତ୍ର ସବୁକିଛି ଭାରି ଆଗ୍ରହୋଦ୍ଦୀପକ ହୋଇ ରହିଥିଲା ଏବଂ ସିଏ ମଧ୍ୟ ଏହି ସବୁଥିରେ ଭାରି ଆଗ୍ରହ ପ୍ରକାଶ କରୁଥିଲେ । ସଂଗଠନଟିର ମୋଟାମୋଟି ନିୟମଗୁଡ଼ିକ କିପରି ହେବ, ସେକଥା ସିଏ ସ୍ଥିର କରି କହି ଦେଉଥିଲେ (ସେଗୁଡ଼ାକୁ ମୁଁ କିପରି ବୁଝାଇ କରି କହିବି, ସେକଥା ମୋତେ ଜଣା ନାହିଁ) । ସେଥିମଧ୍ୟରେ କଳା ଥିଲା ଓ ତାହା ଭାରି ସୁନ୍ଦର ଥିଲା, ଭାରି ଭଲ ବି ହୋଇଥିଲା ଏବଂ, ଘରଗୁଡ଼ିକୁ କିପରି ସୁଖଦାୟକ ଏବଂ ସୁନ୍ଦର କରି ଗୃହନିର୍ମାଣର କେଉଁ ନିୟମଟି ଅନୁସାରେ ଗଢ଼ିବାକୁ ହେବ, ସେସବୁ କଥା ମଧ୍ୟ ରହିଥିଲା । ଏବଂ ତା'ପରେ, ରୋଷେଇଘର ବିଷୟରେ ବି କଥା ହୋଇଥିଲା । ସବୁକିଛି ଭାରି କଉତୁକିଆ ଲାଗୁଥିଲା ଓ ପ୍ରତ୍ୟେକଟି କଥା ତାଙ୍କର ଉଦ୍‌ଭାବନ କରିବାର ଶକ୍ତିର ପରିଚୟ ଦେଉଥିଲା... ଏହିପରି ତିନି ଘଣ୍ଟା ପର୍ଯ୍ୟନ୍ତ ହେଲା — ରାତିରେ ତିନିଘଣ୍ଟା ସମୟ ଲାଗିଲା । ପ୍ରକୃତରେ ଗୁଡ଼ାଏ ସମୟ ଲାଗିଲା ! ଭାରି ଆଗ୍ରହୋଦ୍ଦୀପକ ବୋଧ ହେଉଥିଲା ।

*ମାତ୍ର, ପୃଥିବୀରେ ବର୍ତ୍ତମାନ ଯେଉଁଭଳି ଅବସ୍ଥାମାନ ରହିଛି, ସେଗୁଡ଼ିକ ସେଇଟିଠାରୁ ବହୁଦୂରବର୍ତ୍ତୀ ହୋଇ ରହିଥିବା ପରି ମନେ ହେଉଛି ।...*

(*କିଞ୍ଚିତ୍ କୁଣ୍ଠା ପ୍ରକାଶ କରି*) ନାଇଁ... ସେତେବେଳେ ସବୁ ଠିକ୍ ବୋଲି ଲାଗୁଥିଲା, ଏହି ପୃଥିବୀ ଲାଗି ମଧ୍ୟ ଆଦୌ ''ଅପ୍ରାସଙ୍ଗିକ'' ପରି ବୋଧ ହେଉ ନ ଥିଲା । ଏହାକୁ ଏକ ସମଞ୍ଜସତା ବୋଲି କୁହାଯାଇ ପାରିବ : ବସ୍ତୁଗୁଡ଼ିକର ପଶ୍ଚାତରେ ରହିଥିବା ଏକ ସଚେତନ ସମଞ୍ଜସତା ବୋଲି କୁହାଯିବ । ଶାରୀରିକ ବ୍ୟାୟାମ ଓ ଖେଳଗୁଡ଼ିକ ପଛରେ, ସାଜସଜ୍ଜା ଓ କଳାର ପଶ୍ଚାତ୍‌ରେ, ଖାଦ୍ୟପଦାର୍ଥର ପ୍ରସ୍ତୁତି ପଛରେ ସର୍ବତ୍ର ଏକ ସଚେତନ ସମଞ୍ଜସତାହିଁ ସାଧାରଣ ନିୟାମକ ହୋଇ ରହିଥିଲା ବୋଲି କହିବାକୁ ହେବ ।

*ମୁଁ ତ ଭାବୁଛି ଯେ, ବର୍ତ୍ତମାନ ପୃଥିବୀରେ ଯାହାସବୁ ରହିଛି, ଏଗୁଡ଼ିକ ତାହାର ଠିକ୍ ଓଲଟା ପାଖରେ ଯାଇ ରହିଥିବାର ବୋଧ ହେଉଛି ।*

ନାଇଁ...

*ନାଇଁ ?*

ଆଜି 'କ' ସହିତ ମୋ'ର ଦେଖା ହୋଇଥିଲା ଏବଂ ମୁଁ ତାଙ୍କୁ କହୁଥିଲି ଯେ, କଳା ଏବଂ କ୍ରୀଡ଼ାର ଏହି ସମଗ୍ର ସଂଗଠନଟି, ଏପରିକି ଖାଦ୍ୟପଦାର୍ଥ ଓ ଆଉ ସବୁକିଛିର ସଂଗଠନ ସୂକ୍ଷ୍ମଭୌତିକ ସ୍ତରରେ ପ୍ରସ୍ତୁତ ହୋଇ ରହି ସାରିଲାଣି — ଏହି ଭୂପୃଷ୍ଠକୁ ଆସି ମୂର୍ତ୍ତରୂପ ଧାରଣ କରିବା ଲାଗି ପ୍ରସ୍ତୁତ ହୋଇ ରହିଲାଣି । ଏବଂ ତାଙ୍କୁ ମୁଁ କହିଲି, ''ବର୍ତ୍ତମାନ କେବଳ ଆଞ୍ଜୁଳାଏ ମାଟି ଦରକାର (*ହାତ ଆଞ୍ଜୁଳା କରିବାର ଇଙ୍ଗିତ*), ଆଞ୍ଜୁଳାଏ ମାଟି ଦରକାର ଯେଉଁଠାରେ କି ଚାରାଗଛଟିର ରୋପଣ ଓ ଲାଳନ କରାଯାଇ ପାରିବ... ଆଞ୍ଜୁଳାଏ ମାଟି ଦରକାର, ଯେଉଁଠାରେ କି ତାହା ଅଭିବୃଦ୍ଧି ଲାଭ କରି ପାରିବ ।''

(*ମାଆ ନୀରବ ରହିଲେ*)

*ଏଇଟି ଏକ ପ୍ରକୃତ ବୋଧ କି ନୁହେଁ, ମୁଁ ସେକଥା କହି ପାରିବି ନାହିଁ; ମାତ୍ର ଗତ କେତେକେତେ ମାସ ଧରି ମୁଁ ଅନୁଭବ କରି ଆସୁଛି ଯେ, ବର୍ତ୍ତମାନ ପରି ପୃଥିବୀ ପୂର୍ବରୁ ଆଉ କେବେହେଲେ ଏତେବେଶୀ ଅନ୍ଧକାର ଭିତରେ ଗ୍ରସ୍ତ ହୋଇ ରହି ନ ଥିଲା । ମୁଁ ଏହାକୁ ଏକ ଦୁର୍ଜେୟ ଅନ୍ଧକାର ବୋଲି ଅନୁଭବ କରୁଛି ।*

ହଁ, ହଁ । ମାତ୍ର ଦୁଇଟିଯାକ ଏକତ୍ର ରହିଛନ୍ତି । ଏହା ପ୍ରକୃତରେ ସତ । ସେହି **ବିଭ୍ରାନ୍ତି** — ଏହା ହେଉଛି ଏକ ବିଭ୍ରାନ୍ତି, ଏକ ଅନ୍ଧକାରମୟ ବିଭ୍ରାନ୍ତି । ହଁ, ସମ୍ପୂର୍ଣ୍ଣ ସତ କଥା । ଏହା ଏକ ଅନ୍ଧକାରମୟ ବିଭ୍ରାନ୍ତି, ମାତ୍ର ଶ୍ରୀଅରବିନ୍ଦ ସର୍ବଦା ଏହି କଥା କହୁଥିଲେ : ଯେତେବେଳେ ଆଲୋକର ଉଦୟ ହେବାକୁ ଯାଉଥାଏ, ଠିକ୍ ସେହି ସମୟରେହିଁ ବିଭ୍ରାନ୍ତିଟି ଅଧିକ ଘନ ହୁଏ ଓ ଅଧିକ କୃଷ୍ଣ ହୁଏ । ଏକଥାଟି ଠିକ୍ ଏହିପରି । ସେଇଥିଲାଗି ଏହା ଏକ ଅନ୍ଧକାରଘନ ଅରାଜକତା ପରି ବୋଧ ହେଉଛି । ଏବଂ ଚୀନାମାନେ...

*ମାଆ, ଆପଣ ଜାଣନ୍ତି କି, ପାଶ୍ଚାତ୍ୟ ପୃଥିବୀରେ ଆଜି ମାଓ-ସେ-ତୁଙ୍ଗ୍‌ଙ୍କ ରଚନାବଳୀରହିଁ ସବୁଠାରୁ ଅଧିକ ପ୍ରଭାବ ପଡୁଛି (କେବଳ ଯେ ପ୍ରଭାବ ପଡୁଛି ତା' ନୁହେଁ, ତରୁଣ ବୟସର ଲୋକମାନେ ସେଗୁଡ଼ିକୁ ପଢୁଛନ୍ତି ଏବଂ ଉଦରସାତ୍ କରି ପକାଉଛନ୍ତି) ?*

ମାଓ-ସେ-ତୁଙ୍ଗ୍ କ'ଣ କହୁଛନ୍ତି ?

*ସିଏ କହୁଛନ୍ତି : ''ଅସଲ କ୍ଷମତା ବନ୍ଧୁକର ନଳି ଭିତରୁହିଁ ସମ୍ଭବ ହୁଏ ।''* (ମାଆ ଚୁପ୍ ହୋଇ ରହିଲେ) *ବର୍ତ୍ତମାନ ପାଶ୍ଚାତ୍ୟ ଜଗତରେ ତାହାହିଁ ପଠିତ ହେଉଛି । ଏବଂ ସେଠି ଯେଉଁ ବହିଟି ସବୁଠାରୁ ଅଧିକ ସଂଖ୍ୟାରେ ବିକ୍ରି ହୋଇଛି, ତା'ର ନାଁ ହେଉଛି* The Wretched *ନା ସେହିପରି ଗୋଟାଏ କିଛି, ଯେଉଁଥିରେ କି ହିଂସା ଦ୍ୱାରା ପୃଥିବୀକୁ ବଦଳାଇବାର ପକ୍ଷ ସମର୍ଥନ କରାଯାଇଛି । ସେଥିରେ କୁହାଯାଇଛି ଯେ, ହିଂସା ଦ୍ୱାରା କ୍ଷମତା ହାସଲ କରିବାକୁହିଁ ପଡ଼ିବ । ପାଶ୍ଚାତ୍ୟ ପୃଥିବୀରେ ଆଜି ସେହି ମାର୍ଗରହିଁ ସଫଳତା ରହିଛି; ଏହି ବିଚାରଟିକୁହିଁ ଛାତ୍ରମାନେ ସମସ୍ତେ ଉଦରସାତ୍ କରିବାରେ ଲାଗିଛନ୍ତି ।**

---

* ଏଠାରେ Frantz Fanon ଙ୍କ ଲିଖିତ The Wretched of the Earth ବହିଟିର କଥା କୁହାଯାଇଛି । ସେହି ବହିର ମୂଳ ପ୍ରତିପାଦ୍ୟଟି ହେଉଛି : କେବଳ ହିଂସା ଦ୍ୱାରାହିଁ ସଫଳତା ମିଳିବ । ''ହିଂସାର ପ୍ରୟୋଗହିଁ ମଣିଷମାନଙ୍କୁ ଗୋଟିଏ ସମଗ୍ରରୂପେ ପରସ୍ପର ସହିତ ବାନ୍ଧି ରଖିଛି, କାରଣ, ପ୍ରତ୍ୟେକ ବ୍ୟକ୍ତିହିଁ ସେହି ବୃହତ୍ ଶୃଙ୍ଖଳଟିରେ ଗୋଟିଏ ଗୋଟିଏ ହିଂସାତ୍ମକ କଡ଼ା ପରି ହୋଇ ରହିଛି; ଊର୍ଦ୍ଧ୍ୱକୁ ଉତ୍କ୍ଷିପ୍ତ ହୋଇ ଆସିଥିବା ହିଂସାର ସେହି ଅବୟବ-ସଂସ୍ଥାନଟିରେ ପ୍ରତ୍ୟେକ ବ୍ୟକ୍ତି ଏକ ଅଂଶସ୍ୱରୂପ ହୋଇ ରହିଛି ।'' ଜାଁ ପଲ୍ ସାର୍ତ୍ର ଏହି ବହିର

(*ପରପୃଷ୍ଠାରେ ଅବଶିଷ୍ଟାଂଶ*)

ହିଂସାର ପକ୍ଷ-ସମର୍ଥନ କରି... ?

*ହିଂସା ପକ୍ଷରେ ପ୍ରଦତ୍ତ ଏକ ଧର୍ମସିଦ୍ଧାନ୍ତ ।*

ଏହା ହେଉଛି ପ୍ରାଣିକର ପୂର୍ଣ୍ଣ ପ୍ରକାଶ ।

*ହଁ ।*

ହଁ, ଏବେ ମୋ'ର ଯେଉଁସବୁ ଲୋକନ ହୋଇଥିଲା, ଏଥିରୁ ସେହିସବୁର ସମ୍ପୂର୍ଣ୍ଣ ବ୍ୟାଖ୍ୟା ମିଳିଯାଉଛି । ମୁଁ ସେତେବେଳେ ବିଶ୍ୱାସ କରିଥିଲି ଯେ... ମୁଁ ମୋ ଶରୀରଟାକୁ ଦୋଷ ଦେଉଥିଲି । କହୁଥିଲି : ଏଇ ଶରୀର ବିଚରା, ବଡ଼ ଦୁର୍ଭାଗ୍ୟଜନକ ଭାବରେ ତାହାକୁ ଏକ କୁଳାଗତତାର ବ୍ୟାଧି କାମୁଡ଼ି ଧରି ରହିଛି : ସେଇଥିଲାଗି ତାହାର ସର୍ବଦା ଏହିଭଳି ଭୟଙ୍କର ଓ ଅତି ଭୟଙ୍କର କଳ୍ପନାମାନ ହେବାରେ ଲାଗିଛି । – ଏବଂ, ସେଗୁଡ଼ିକ ପ୍ରକୃତରେ କଳ୍ପନା ବି ନୁହନ୍ତି : କାରଣ, ଯାହାସବୁ ଘଟୁଥିଲା, ସେଗୁଡ଼ିକ ବିଷୟରେ ତାହା ବେଶ୍ ସଚେତନ ହୋଇ ବି ରହିଥିଲା ।...

ବର୍ତ୍ତମାନ ତୁମେ ମୋତେ ଯାହାସବୁ କହିଲ, ସେଗୁଡ଼ିକ ପ୍ରକୃତରେ ଭାରି ଆଗ୍ରହୋଦ୍ଦୀପକ; କାରଣ, କାଲି (ଏହି ତିନିଦିନ ଯାକ), ବସ୍ତୁଗୁଡ଼ିକୁ ପ୍ରତ୍ୟକ୍ଷ କରିବା ଜନିତ ସେହି ଭୟାକୁଳତାର ସମ୍ମୁଖରେ, ଏହି ଶରୀର (ତାହା ମୋଟେ ଭାବପ୍ରବଣ ହୋଇ ନ ଥିଲା, ଠିକ୍ ତା'ର ବିପରୀତହିଁ ହୋଇଥିଲା; ଏହି ଶରୀର କେବେ, କେବେହେଲେ ଭାବପ୍ରବଣ ହୋଇ ପଡ଼ି ନାହିଁ), ଏହି ଶରୀର କାନ୍ଦିବାକୁ ଆରମ୍ଭ କଲା... ଅତ୍ୟନ୍ତ ସ୍ୱାଭାବିକ କଥା ଯେ ସ୍ଥୂଳ ଘଟଣାର କ୍ଷେତ୍ରରେ ତାହା ଆଦୌ କାନ୍ଦୁ ନ ଥିଲା, ତଥାପି... ଏବଂ କହିଲା, ଏକ ଅନ୍ତର୍ଗତ ତୀବ୍ରତା ସହିତ କହିବାକୁ ଲାଗିଲା, ''ହାୟ,

---

ମୁଖବନ୍ଧ ଲେଖିଛନ୍ତି, ସିଏ ଆହୁରି ଅଧିକ ସ୍ପଷ୍ଟ ଭାବରେ କହିଛନ୍ତି : ''କେବଳ ଅନମନୀୟ ହିଂସା ଦ୍ୱାରାହିଁ... ମନୁଷ୍ୟ ଆପଣାର ପୁନଃସର୍ଜନା କରିପାରିବ ।'' କେବଳ ଏହି ''ଉନ୍ମତ୍ତ କ୍ରୋଧ'' ଦ୍ୱାରାହିଁ ''ପୃଥିବୀର ଦୁଃଖଗ୍ରସ୍ତ'' ମାନେ ପୁନର୍ବାର ମନୁଷ୍ୟରୂପେ ପ୍ରତିଷ୍ଠିତ ହୋଇପାରିବେ । ''ବନ୍ଧୁକର ଗୁଳିରେ ଜଣେ ଇଉରୋପବାସୀର ଜୀବନ ନେବାର ଅର୍ଥ ହେଉଛି ଗୋଟିଏ ଟେକାରେ ଦୁଇଟି ଚଢ଼େଇ ମାରିବା... ତଦ୍ଦ୍ୱାରା ଗୋଟିଏ ମଣିଷର ପ୍ରାଣନାଶ ହେବ ଏବଂ ଆଉଗୋଟିଏ ମଣିଷର ବନ୍ଧନମୁକ୍ତି ଘଟିବ ।'' (୩୦ ମଇ, ୧୯୬୯ *Indian Express* କାଗଜରୁ ଅଣା ଯାଇଥିବା ଉଦ୍ଧୃତିଗୁଡ଼ିକ)

ତେବେ ଏହି ପୃଥିବୀ ପୁଣି ରହିଛି କାହିଁକି ?'' ସେତେବେଳେ ତାହାର ଏହିପରି ଏକ ଅବସ୍ଥା ହୋଇଥିଲା — ଏହା ପ୍ରକୃତରେ ଏକ ଭୟଙ୍କର, ଦୁଃଖପୂର୍ଣ୍ଣ ଏବଂ ଦୟନୀୟ ଅବସ୍ଥା... ଏହିପରି ଭାବରେ ତାହା ଅତ୍ୟନ୍ତ ବିକଳ ହୋଇ ରହିଥିଲା ଏବଂ... ଅବସ୍ଥା ଅତ୍ୟନ୍ତ ଭୟଙ୍କର ମଧ୍ୟ ଥିଲା... । ମାତ୍ର ତାକୁ ସଙ୍ଗେ ସଙ୍ଗେ ଯଥାର୍ଥ ଉତ୍ତରଟି ମିଳିଯାଇଥିଲା,— ସେହି ଉତ୍ତର ଶବ୍ଦଗୁଡ଼ିକର ମାଧ୍ୟମରେ ମିଳିଲା ନାହିଁ, କେବଳ... ସତେଯେପରି ଏକ ବ୍ୟାପ୍ତି କ୍ରମପ୍ରସାରିତ ହୋଇ ଏକ ମହାନ୍ ଆଲୋକ ମଧ୍ୟରେ ଆପଣାକୁ ନେଇ ଉନ୍ମୋଚିତ କରିଦେଲା । ତା'ପରେ, ସେହି ବିଷୟରେ ଆଉ କିଛି କହିହେବ ନାହିଁ ।

ମାତ୍ର ସେହି ପରମ ତତ୍, ସେହି ବ୍ୟାପ୍ତି, ଏପରି ଗୋଟିଏ ଦଶାରେ ଆସି ପଡ଼ି ପାରିବ ?... ମୁଁ ଜାଣେ ନାହିଁ । ''ସେହି ପରମ ତତ୍ କିପରି ଏଭଳି ହୋଇ ପାରିଲେ ?''— ଏହି ପ୍ରଶ୍ନଟି ମୋ'ପାଖକୁ ସେହିପରି ଭାବରେ ଆସିଥିଲା : ''ସେହି ପରମ ତତ୍, ସେହି ପରମ ବିସ୍ମୟ କିପରି ଏହି ବୀଭତ୍ସ ଓ ବିକରାଳ ବସ୍ତୁରେ ପରିଣତ ହୋଇ ପାରିଲେ ?''

କିନ୍ତୁ, ଏହି ଅବସ୍ଥାଟିକୁ ପୁନର୍ବାର ଲେଉଟାଇ ନେଇ ସେହି ପରମ ତତ୍ ମଧ୍ୟରେ ପ୍ରବିଷ୍ଟ କରାଇ ପାରିବା ଲାଗି ଯେଉଁ ମାର୍ଗଟି ରହିଛି,— ମୁଁ ଜାଣି ନାହିଁ... ସେହି ମାର୍ଗଟି ହେଉଛି... ଆସନତ୍ୟାଗ (ତାହାକୁ ଠିକ୍ କିପରି ଶବ୍ଦ ଦେଇ କହିହେବ ?), ଆତ୍ମଦାନ (ଏହା ମଧ୍ୟ ଠିକ୍ ସେହି କଥାଟି ଆଦୌ ନୁହେଁ) । ମାତ୍ର ଏହି ସବୁକିଛି, ସବୁକିଛି ତାକୁ ସେତେବେଳେ ଅତ୍ୟନ୍ତ ବୀଭତ୍ସ ବୋଧ ହୋଇଥିଲା । ଗୋଟାଏ ପୂରା ଦିନ ଭାରି, ଭାରି କଷ୍ଟକର ଭାବରେ ଅତିବାହିତ ହୋଇଥିଲା । ଏବଂ, ବଡ଼ ବିଚିତ୍ର କଥା ହେଉଛି, ମୁଁ ସେତେବେଳେ ଜାଣିଥିଲି ଯେ, ଏକଦା ସିଦ୍ଧାର୍ଥ ବୁଦ୍ଧଙ୍କର ଯେଉଁ ଅନୁଭବ ହୋଇଥିଲା, ବର୍ତ୍ତମାନ ଠିକ୍ ସେହି ଅନୁଭବଟିରହିଁ ଏକ ପୁନରାବୃତ୍ତି ହେବାରେ ଲାଗିଛି । ଏବଂ, ଠିକ୍ ସେହି ଅନୁଭବଟି **ମଧ୍ୟରେ** ରହିଥିବା ସମୟରେହିଁ ସିଏ ସେତେବେଳେ କହିଥିଲେ : ''ନିଷ୍କୃତିର କେବଳ ଗୋଟିଏ ମାତ୍ର ମାର୍ଗ ରହିଛି, ତାହା ହେଉଛି ନିର୍ବାଣ'' । ଏବଂ **ଯୁଗପତ୍ ଭାବରେ** ମୁଁ ମଧ୍ୟ ଏକ ଯଥାର୍ଥ ଚେତନାର ସ୍ଥିତିରେ ଅବସ୍ଥାନ କରୁଥିଲି : ଗୋଟିଏ ପାଖରେ ତାଙ୍କର ସମାଧାନ ଓ ଆଉଗୋଟିଏ ପାଖରେ ଯଥାର୍ଥ ସମାଧାନ । ପ୍ରକୃତରେ ଭାରି ଆଗ୍ରହୋଦ୍ଦୀପକ ଲାଗୁଥିଲା । ବୌଦ୍ଧ ସମାଧାନଟି ଏହି ଦିଗରେ କେବଳ **ଗୋଟିଏ** କଦମ ଆଗକୁ ପକାଇଛି,— ହଁ କେବଳ ଗୋଟିଏ କଦମ । ଏବଂ, ଯଥାର୍ଥ ସମାଧାନଟି ତା'ର **ଆହୁରି ସେପାଖରେ** ଯାଇ ରହିଛି (ଏକ ଅନ୍ୟ ବାଟରେ ନୁହେଁ, ମାତ୍ର ତାହାର **ଆହୁରି ସେପାଖରେ**) ଏହାକୁ ଏକ ମୀମାଂସକ ଅନୁଭବ ବୋଲି କୁହାଯିବ ।

*(ମାଆ ଦୀର୍ଘ କାଳ ନୀରବ ରହିଲେ)*

ମାତ୍ର, ଏହି ସୃଷ୍ଟିକୁ ଆମେ ଆଖର କ'ଣ ବୋଲି କହିବା ?...ହଁ, ଏକ ବିଚ୍ଛିନ୍ନତା ବା ବିଚ୍ଛେଦ ବୋଲି କହିବା, ଏବଂ ତା'ପରେ ତଜ୍ଜନିତ ଏକ ଦୁଷ୍ଟତା ଏବଂ ନୃଶଂସତା ବୋଲି କହିବା – ଏହାକୁ ଏକ ଅନିଷ୍ଟ କରିବାର ପିପାସା ବୋଲି ହୁଏତ କୁହାଯାଇ ପାରିବ – ଏବଂ ତାହାର ଫଳସ୍ୱରୂପ ଅତୀବ କଷ୍ଟଭୋଗ, ଅନ୍ୟକୁ କଷ୍ଟଦେବାରେହିଁ ଅନୁଭୂତ ହେଉଥିବା ଏକ ଆନନ୍ଦ,– ଏବଂ ତା'ପରେ, ଏହି ଯାବତୀୟ ରୁଗ୍ଣତା, ଏହି ଶଢ଼ିପଚି ଯିବାର ଅବସ୍ଥା ଏବଂ ମୃତ୍ୟୁ – ଅର୍ଥାତ୍ ବିନାଶ । ସେହି ସବୁକିଛିକୁ ସେହି ଗୋଟିଏ ବସ୍ତୁର ଅଂଶ ବୋଲିହିଁ କୁହାଯିବ । ପ୍ରକୃତରେ କ'ଣ ଘଟିଛି ?... ଏବଂ, ମୋ'ର ଯେଉଁ ଅନୁଭବଟି ହୋଇଥିଲା, ସେଥିରେ ଏହି ଯାବତୀୟ ବସ୍ତୁର **ଅବାସ୍ତବତାଟି**ହିଁ ମୋତେ ଜଳଜଳ ହୋଇ ଦିଶି ଯାଉଥିଲା । ସତେଯେପରି ଏକ ଅବାସ୍ତବ ଅସତ୍ୟର ଜଙ୍ଗଲ ଭିତରେ ଯାଇ ପଶିଯିବା ପରି ମନେ ହେଉଥିଲା, ଏବଂ ତାହାରି ଭିତରୁ ବାହାରକୁ ବାହାରି ଆସିଲେ ସବୁକିଛି ଅନ୍ତର୍ହିତ ହୋଇଯାଉଥିଲା । ସେତେବେଳେ ତାହାର ଆଉ ଆଦୌ କୌଣସି **ଅସ୍ତିତ୍ୱ ନ ଥିଲା**, କୌଣସି ଅସ୍ତିତ୍ୱ ନ ଥିଲା । ଏହାହିଁ ପ୍ରକୃତରେ ଏକ ଭୟଙ୍କର କଥା ! ଆମକୁ ଯାହା ଏଡ଼େ ବାସ୍ତବ, ମୂର୍ତ୍ତ ଏବଂ ଭୟାନକ ବୋଲି ବୋଧ ହେଉଛି, ସେହି ସବୁକିଛିର ଆଦୌ କୌଣସି ଅସ୍ତିତ୍ୱ ନାହିଁ । ଏହା ହେଉଛି... ତୁମେ ଅସତ୍ୟ ମଧ୍ୟରେ ଯାଇ ପ୍ରବେଶ କରିଛ । କାହିଁକି ? କିପରି ? କେଉଁ ଅସତ୍ୟ ?...

ମାତ୍ର, ଜୀବନଟାଯାକ ଏହି ଶରୀରଟି ରହିଆସିଥିବା ଦିନଠାରୁ, ମାତ୍ର ଥରକ ସକାଶେ ମଧ୍ୟ ତାହା ସେଦିନ ପରି ଆଉ କେବେହେଲେ ଏଭଳି ସମ୍ପୂର୍ଣ୍ଣ ଓ ଗଭୀର ଭାବରେ ଏତେ ଯନ୍ତ୍ରଣା ଅନୁଭବ କରି ନ ଥିଲା । ଓଃ... ଏପରି ଏକ ଯନ୍ତ୍ରଣା, ଯାହାକି... (*ମାଆ ଆପଣାର ତଣ୍ଟି ଉପରେ ହାତ ରଖି ସତେଅବା ଅଣନିଃଶ୍ୱାସୀ ହୋଇଯିବାର ଇଙ୍ଗିତ କଲେ*) । ଏବଂ ତା'ପରେ ସେହିସବୁର ଶେଷରେ ସେହି ଆନନ୍ଦମୟ ଅବସ୍ଥାର ଆବିର୍ଭାବ ହେଲା । ଏବଂ ତା'ପରେ,– ଓଃ, କେତେ ଉଶ୍ୱାସ ଲାଗିଲା ! ବର୍ତ୍ତମାନ ତାହା ଏକାବେଳେକେ ପୋଛି ହୋଇ ବିଦାୟ ନେଇ ଯାଇଛି ।'' ତଥାପି ସମୟ ଆସି ନାହିଁ, ତଥାପି ସମୟ ଆସି ନାହିଁ, ସମୟ ଏବେ ମଧ୍ୟ ହୋଇ ନାହିଁ''– ସତେଯେପରି ଏହିଭଳି ଏକ ବୋଧ ସମ୍ଭବ ହୋଇଛି । ସତେଯେପରି, ସେହି ସବୁକିଛି, ଯାହା କେଡ଼େ ଭୟଙ୍କର ହୋଇ ଦେଖା ଯାଉଥିଲା, ବର୍ତ୍ତମାନ ସତେଯେପରି ତାହାର ଆଦୌ କୌଣସି ଅସ୍ତିତ୍ୱହିଁ ନାହିଁ !

ହୁଏତ ଶେଷକୁ – ହୁଏତ – କେବଳ ଏହି ପୃଥିବୀହିଁ ସେହି କ୍ଷେତ୍ରରେ ଅବସ୍ଥିତ ରହିଥିଲା (ସେକଥା ମୁଁ ଠିକ୍ କରି କହିପାରୁ ନାହିଁ) । ମାତ୍ର ତାହା ସେପରି ହୋଇଥିବ ବୋଲି ବି ବୋଧ ହେଉ ନାହିଁ, କାରଣ ଚନ୍ଦ୍ରଗ୍ରହ ଅତ୍ୟନ୍ତ ମୂର୍ତ୍ତଭାବରେ ଏକ ଜୀବନବର୍ଜିତ

ସ୍ଥାନ ହୋଇହିଁ ରହିଛି । ସଂକ୍ଷେପରେ କହିଲେ, ଏବେ ମଧ୍ୟ ଏହିପରି ଏକ ଦୃଢ଼ ଏବଂ ସୁନିର୍ଦ୍ଦିଷ୍ଟ ଅନୁଭବ ତଥାପି ରହିଛି ଯେ, ବସ୍ତୁଟି ଅତ୍ୟନ୍ତ ସୀମାବଦ୍ଧ ହୋଇ ରହିଥିବାରୁହିଁ ସେହି ଅବସ୍ଥାରେ ରହିଛି, ଏହି ବୃହତ୍ ମିଥ୍ୟାଟି ଭିତରେ ସେହିପରି ଏକ ସୀମାବଦ୍ଧତାହିଁ ରହିଛି । ଏବଂ ଏକ **ଅବାସ୍ତବତା** ମଧ୍ୟ ରହିଛି । ଏବଂ ଆମେ ସମସ୍ତେ ସେହି ଅସତ୍ୟ ଏବଂ ଅବାସ୍ତବତା ମଧ୍ୟରେହିଁ ବିଚରଣ କରୁଛୁ; ଏବଂ ସେହି କାରଣରୁହିଁ ସ୍ଥିତି ସେହିପରି ହୋଇ ରହିଛି । ଏବଂ, ଅସଲ ଆଗ୍ରହୋଦ୍ଦୀପକ କଥାଟି ହେଉଛି ଯେ, ନିର୍ବାଣ ଭିତରକୁ ପଳାଇଗଲେ ମଧ୍ୟ ଏହାର ଯଥାର୍ଥ ସମାଧାନଟି ଆଦୌ ମିଳିବ ନାହିଁ । ତଦ୍ଦ୍ୱାରା ଏକ ସାମୟିକ ପ୍ରତିକାର ସମ୍ଭବ ହେବ ସତ, ତାତ୍କାଳିକ ଉପଚାର ମିଳିଯିବ ସତ (କଥାଟିକୁ କିପରି ଠିକ୍ ଭାବରେ ବ୍ୟାଖ୍ୟା କରି କହିହେବ ମୁଁ ଜାଣିପାରୁ ନାହିଁ),– କେବଳ ଏକ ଆଂଶିକ ମୁକ୍ତ୍ୟୁପାୟ ମିଳିଯିବ । ଏକ ଆଂଶିକ ଆରୋଗ୍ୟ ସମ୍ଭବ ହେବ; ହୁଏତ ଏପରି ବି କୁହାଯାଇ ପାରିବ ଯେ, କେବଳ ଅତ୍ୟନ୍ତ କ୍ଷଣସ୍ଥାୟୀ ଏକ ଉପାୟ ଉପଲବ୍ଧ ହୋଇ ପାରିବ ।

ଏବଂ, ତାହାକୁ ଏକ ମୁହୂର୍ତ୍ତକର ଆବେଗ ବୋଲି କୁହାଯାଇ ପାରିବ । ତା'ପରେ ସେହି ଅସଲ ଦୀର୍ଘ ପଥଟି ଆସି ପହଞ୍ଚିବ : ତେଣୁ **ଉତ୍ତରୋତ୍ତର ଅଧିକ ଭାବରେ** ରୂପାନ୍ତରର କାର୍ଯ୍ୟଟିକୁ ଅବ୍ୟାହତ କରି ରଖିବାକୁ ହେବ । ଏବଂ ତା'ର ପରବର୍ତ୍ତୀ କ୍ଷଣରେ, ଶ୍ରୀଅରବିନ୍ଦ ଯାହାକୁ ଅତିମାନସ ସତ୍ତା ବୋଲି କହିଛନ୍ତି, ଆମେ ତାହାରି ପାଖରେ ଯାଇ ପହଞ୍ଚିଯିବା । ସତେଯେପରି ଗୋଟିଏ ପାହାଚରୁ ଆଉଗୋଟିଏ ପାହାଚରେ ଯାଇ ପହଞ୍ଚିଗଲା ପରି ଲାଗିବ ।

ମାତ୍ର ଏସବୁ ପ୍ରକୃତରେ କିପରି ବଦଳିବ ? ମୁଁ କହି ପାରିବି ନାହିଁ ।

> *ହଁ, ଏବେ ଦିନେ ମୋ'ର ଏପରି ଏକ ବୋଧ ହୋଇଥିଲା – ସେହି ବୋଧଟି ଅତ୍ୟନ୍ତ ପରିମାଣରେ ମୂର୍ତ୍ତ ହୋଇ ରହିଥିଲା – ଯେ, ଏହି ପୃଥିବୀ ସତେଅବା ଗୋଟିଏ କୃଷ୍ଣବର୍ଣ୍ଣ ବସ୍ତ୍ର ଦ୍ୱାରା ଆଚ୍ଛାଦିତ ହୋଇ ରହିଛି;– ଆପଣ ତାହାକୁହିଁ ମହା-ଅସତ୍ୟ ଓ ମାୟା ବୋଲି କହିଛନ୍ତି । ସେହି ବସ୍ତ୍ରଟି ସମସ୍ତ ପୃଥିବୀକୁ* **ଆବୃତ** *କରି ରଖିଥିଲା ।*

ହଁ, ହଁ, ଠିକ୍ ସେହି କଥା ।

> *ମୁଁ ସେହିପରି ଅନୁଭବ କରିଥିଲି,– କିନ୍ତୁ ଅତ୍ୟନ୍ତ ମୂର୍ତ୍ତଭାବରେ – ଏକ କୃଷ୍ଣବର୍ଣ୍ଣ ବସ୍ତ୍ର ।*

ହଁ, ଠିକ୍ ସେହି କଥା ।

*କେବଳ ଏତିକି କଥା କରିବାକୁ ରହିଛି ଯେ ସେହି ବସ୍ତୁଟିକୁ ସମଗ୍ର ପୃଥିବୀ ଉପରୁ ଟାଣି ବାହାର କରି ଆଣିବାକୁ ହେବ ।...*

(*କିଛି କ୍ଷଣ ନୀରବ ରହିବା ପରେ*) ମୁଁ ଠିକ୍ କରି କହି ପାରୁ ନାହିଁ, ତାହାକୁ ଶବ୍ଦ ଦେଇ ବ୍ୟକ୍ତ କରିହେଉ ନାହିଁ । ଏଇଟି ଭିତରେ ଭୟପ୍ରଦ, ତ୍ରାସଜନକ ଏବଂ ଯନ୍ତ୍ରଣାଦାୟକ କେତେକ'ଣ ଭର୍ତ୍ତି ହୋଇ ରହିଛି । ଏବଂ, ଏକ ସଂବେଦନା ମଧ୍ୟ ରହିଛି,— ଏକ ଅତ୍ୟନ୍ତ ତୀବ୍ର ସଂବେଦନା ରହିଛି ।... ଏହି ଶରୀର ଆଗରୁ କେବେହେଲେ ସେହି ଅନୁଭବଟିକୁ ଲାଭ କରି ନ ଥିଲା । ଏବଂ ତାହା ସଙ୍ଗେ ସଙ୍ଗେ, ତାହା ଏହି ଶରୀରକୁ ଏପରି ଏକ ଅବସ୍ଥାରେ ଆଣି ରଖିଥିଲା ଯେ... ତାହାକୁ ଏକ ଅତ୍ୟନ୍ତ ସଙ୍କଟପୂର୍ଣ୍ଣ ଅବସ୍ଥା ବୋଲି କୁହାଯିବ । ସେହି ଅବସ୍ଥାଟି ବେଶ୍ କେତେଘଣ୍ଟା ଧରି ରହିଥିଲା । ଏବଂ ତା'ପରେ ସତେଅବା ସବୁକିଛି — ଗୋଟିଗୋଟି କରି ସବୁକିଛି — ଏକ ପ୍ରଫୁଲ୍ଲ ସ୍ମିତହାସ୍ୟ ବହନ କରି ଆବିର୍ଭୂତ ହୋଇଥିଲା, ଏକ ଉଜ୍ଜ୍ୱଳ ଆଲୋକମୟତାକୁ ନେଇ ଉଭା ହେବାକୁ ଲାଗିଲା, ସତେଯେପରି (ଏକ ସାନ ପିଲାର ଚିତ୍ରକଳ୍ପ ଦେଇ କହିଲେ), ସତେ ଯେପରି ସ୍ୱୟଂ ପରମପ୍ରଭୁ ଆସି ଏହି କଥା କହୁଥିଲେ, ''ଚାହିଁକରି ଦେଖିଲୁ, ମୁଁ ସର୍ବତ୍ର ରହିଛି; ମୁଁ ପ୍ରତ୍ୟେକ ବସ୍ତୁରେ ବିଦ୍ୟମାନ ରହିଛି ।'' ଏହା ପ୍ରକୃତରେ ଏକ ଅବିଶ୍ୱସନୀୟ ଘଟଣା ଥିଲା, ପ୍ରକୃତରେ ଏକ ଅବିଶ୍ୱସନୀୟ ଘଟଣା ।... ମାତ୍ର ଦୁଇଟି ମଧ୍ୟରେ ଆଦୌ କୌଣସି ଯୋଗାଯୋଗ ନ ଥିଲା ।

ହଁ, ଏହି କଥାଟି ସେତିକିବେଳେ ଘଟିଲା, ଯେତେବେଳେ ଶରୀର କହୁଥିଲା, ''ଏପରି କିପରି ହେଲା ? ଏହି ଅବସ୍ଥାଟି ସ୍ଥା-ୟୀ ହୋଇ ରହିବାର ଏକ ପ୍ରୟୋଜନ ଆସି ପହଞ୍ଚିବ କି ? ଏଇଟିକୁ କ'ଣ ଅବଶ୍ୟ ସ୍ଥାୟୀ କରି ରଖିବାକୁ ହେବ ? ଏହି ପୃଥିବୀ, ଏଠାରେ ବାସ କରୁଥିବା ସବୁ ମଣିଷ, ଏହି ସମଗ୍ର ସୃଷ୍ଟିଟି — ଏହି ସବୁକିଛିକୁ କ'ଣ ଏହିପରି ସ୍ଥାୟୀ ହୋଇ ରହିବାକୁ ହେବ ?'' ସେହି କଥାଟି ଆସି ଆବିର୍ଭୂତ ହେଲା... ମୁଁ ତତ୍କ୍ଷଣାତ୍ ସବୁକିଛି ବୁଝି ପାରିଲି : ହଁ, ଠିକ୍ ଏଇଟିକୁହିଁ ଲୋକମାନେ ''ଚିରନ୍ତନ ନରକ'' ବୋଲି ତର୍ଜମା କରି କହିଛନ୍ତି । ଏଇ ହେଉଛି ସେହି ନର୍କ । କାହାରି ନା କାହାରି ଅବଶ୍ୟ ଏହି ବୋଧଟି ହୋଇଛି ।

ଏବଂ, ନିର୍ବାଣ ସମେତ, ତାହାଭିତରୁ ବାହାରି ଆସିବା ଲାଗି ଯେତେଯେତେ ଉପାୟ ରହିଛି, ତାହାର ପ୍ରକୃତରେ ଆଦୌ କୌଣସି ମୂଲ୍ୟ ନାହିଁ । ଯେଉଁ ନିର୍ବୋଧ

ବ୍ୟକ୍ତି ଆପଣା ଜୀବନର ''ଅବସାନ ଘଟାଇବାକୁ'' ଆପଣାର ହତ୍ୟା କରୁଛି (ଯାବତୀୟ ନିର୍ବୋଧତା ମଧ୍ୟରେ ଏଇଟି ହେଉଛି ଅବଶ୍ୟ ସବୁଠାରୁ ଅଧିକ ନିର୍ବୋଧତାପୂର୍ଣ୍ଣ; ଏହାଦ୍ୱାରା ଆପଣାର ଅବସ୍ଥାଟି ପ୍ରକୃତରେ ଅଧିକ ଶୋଚନୀୟହିଁ ହୋଇଥାଏ), ତାହାରିଠାରୁ ଆରମ୍ଭ କରି ଏକାବେଳେକେ ନିର୍ବାଣ ପର୍ଯ୍ୟନ୍ତ (ଯେଉଁଠି ଯାଇ ପହଞ୍ଚିଲେ ନିଷ୍କୃତି-ଲାଭ ସମ୍ଭବ ହୁଏ ବୋଲି କଳ୍ପନା କରା ଯାଇଥାଏ), ସେହି ଯାବତୀୟ ଉପାୟର ଆଦୌ କୌଣସି, **କୌଣସି ମୂଲ୍ୟ ନାହିଁ ।** ସେଗୁଡ଼ିକ ବିଭିନ୍ନ ସ୍ତରର ଗୋଟିଏ ଗୋଟିଏ ଉପାୟ ସତ, ମାତ୍ର ସେଗୁଡ଼ିକର **ଆଦୌ କୌଣସି ମୂଲ୍ୟ ନାହିଁ ।** ଏବଂ, ତା'ପରେ, ଯେତେବେଳେ ତୁମେ ନିଜ ଭିତରେ ସତକୁ ସତ ଏକ ଅନନ୍ତ ନରକର ଅବସ୍ଥିତିକୁ ଅନୁଭବ କରି ପାରୁଛ, ସେତେବେଳେ ହଠାତ୍... (ଏହା ହେଉଛି କେବଳ ଏକ ଚେତନାର ସ୍ଥିତି, ଚେତନାର ସ୍ଥିତି ବ୍ୟତୀତ ଆଉ କିଛି ନୁହେଁ) ସେତିକିବେଳେ ହଠାତ୍ ଚେତନାର ଏକ ସ୍ଥିତି... ଯେଉଁଠାରେ କି ସବୁକିଛି ଆଲୋକମୟ ହୋଇ ରହିଛି, ସବୁକିଛି ମହିମା, ସୌନ୍ଦର୍ଯ୍ୟ, ସୁଖ ଏବଂ ମଙ୍ଗଳରେ ପରିପୂର୍ଣ୍ଣ ହୋଇ ରହିଛି,— ଏବଂ ସବୁକିଛି ଅନିର୍ବଚନୀୟ ହୋଇ ରହିଛି । ଏବଂ ତାହା ହେଉଛି ଠିକ୍ ଏହିପରି : ''ଏଇଠି, ଏହିଠାରେହିଁ ସକଳ ବସ୍ତୁ ରହିଛି'',— ଏବଂ ତା'ପରେ, ସବୁକିଛି କୁଆଡ଼େ ଉଶ୍ୱାସ ହୋଇ ଯାଉଛି । ସେହି ସ୍ଥିତିଟିର ଆବିର୍ଭାବ ଘଟୁଛି ଏବଂ ତା'ପରେ ତାହା କୁଆଡ଼େ ପଳାଇ ଯାଉଛି । ଏବଂ ତା'ପରେ ସେହି ପରମଚେତନାର ଆବିର୍ଭାବ ହେଉଛି, ଯାହାକି ଆପଣାକୁ ଆଣି ପ୍ରତିଷ୍ଠିତ କରିଦେଉଛି ଏବଂ କହୁଛି, ''ବର୍ତ୍ତମାନ, ବର୍ତ୍ତମାନହିଁ ପରବର୍ତ୍ତୀ ପଦକ୍ଷେପଟିର ବେଳ ଆସି ପହଞ୍ଚିଛି ।'' ତେଣୁ, ସେହି ଯାବତୀୟ ଅନୁଭବ ଉପସ୍ଥିତ ରହିଥିବା ସମୟରେ ଶରୀର... ତା' ଜୀବନରେ ସିଏ କେବେହେଲେ ଏତେ ଯନ୍ତ୍ରଣା ଅନୁଭବ କରି ନ ଥିଲା, ଏବଂ, ବର୍ତ୍ତମାନ ମଧ୍ୟ...

ସେଇଟିକୁ କ'ଣ ଏକ ଲିଭର୍ ବୋଲି କୁହାଯିବ କି ?... କେଜାଣି ? ମାତ୍ର ଅସଲ ବିମୋଚନଟି ହେଉଛି ଏହି **ଭୌତିକ ସ୍ତରର** — ତାହା ଆଦୌ ଏକ ମାନସିକ ସ୍ତରର ନୁହେଁ, ମାତ୍ର **ଭୌତିକ ସ୍ତରର ।** ଅର୍ଥାତ୍, କୌଣସି ପ୍ରକାର ପଳାୟନ ଦ୍ୱାରା ତାହା କଦାପି ଉପଲବ୍ଧ ହେବ ନାହିଁ, ତାହା **ଏଇଠି** ରହିଛି । ମୁଁ ଏହି କଥାଟିକୁହିଁ ଅତ୍ୟନ୍ତ ଦୃଢ଼ ଭାବରେ ଅନୁଭବ କରିଥିଲି ।

ମାତ୍ର ଶରୀର ଲାଗି ସେହି କେତୋଟି ଘଣ୍ଟା ଅତ୍ୟନ୍ତ କଷ୍ଟରେ ଅତିବାହିତ ହୋଇଥିଲା । ମାତ୍ର ସର୍ବଦା,— ତାହା ସକାଶେ ଏହା ଆଦୌ କୌଣସି ଫରକ ଘଟାଇ ନ ଥିଲା —; ଶରୀର କହୁଛି, ''ଭାରି ଭଲ କଥା, ବେଶ୍ ଉତ୍ତମ କଥା ।'' ଏହା ବିଲୟଟି ଲାଗି ମଧ୍ୟ ବେଶ୍ ପ୍ରସ୍ତୁତ ହୋଇ ରହିଛି, ଅଥବା... ଏହି କ୍ଷେତ୍ରରେ ବିଲୟର କୌଣସି

ପ୍ରଶ୍ନହିଁ ନ ଥିଲା । ଅସଲ ପ୍ରଶ୍ନଟି ମୋଟେ ତାହା ନ ଥିଲା; ପ୍ରଶ୍ନଟି ଥିଲା,— ପରମ ଯଥାର୍ଥ ଆରୋଗ୍ୟଟି କିପରି ଉପଲବ୍ଧ ହୋଇ ପାରିବ, ତାହାହିଁ ଅସଲ ପ୍ରଶ୍ନ ଥିଲା ।... ଏବଂ, କିପରି ତାହାର ଉପଲବ୍ଧ ସମ୍ଭବ ହେବ ?— ଆମ ପାଖରେ ରହିଥିବା ଶବ୍ଦସାଧନଗୁଡ଼ିକ ଦ୍ୱାରା ତାହାକୁ ଆଦୌ ବ୍ୟକ୍ତ କରିହେବ ନାହିଁ ।

ମାତ୍ର ଏକଥା ଆଦୌ ଠିକ୍ ନୁହେଁ ଯେ ତାହା ଆବରଣ ଭିତରେ ରହିଛି, ପ୍ରଚ୍ଛନ୍ନ ଅଥବା ସେହିପରି କିଛି ହୋଇ ରହିଛି । ତାହା **ପ୍ରତ୍ୟକ୍ଷ ହୋଇ** ରହିଛି । କାହିଁକି ? ସମଗ୍ର ଭାବରେ କେଉଁ କାରଣଟି ତୁମକୁ ତାହାକୁ ବଞ୍ଚିବାରୁ ଦୂରବର୍ତ୍ତୀ କରି ରଖିଛି ? ମୁଁ ସେକଥା ଜାଣି ନାହିଁ । ମାତ୍ର ତାହା ନିଶ୍ଚୟ ଅବସ୍ଥିତ ରହିଛି । **ପ୍ରତ୍ୟକ୍ଷ ଭାବରେ**ହିଁ, ରହିଛି । ଏବଂ, ତାହାକୁ ଛାଡ଼ି ବାକୀ ଯାହାକିଛି ରହିଲା, ମୃତ୍ୟୁ ଏବଂ ଆଉ ଅନ୍ୟ ସବୁକିଛି ସମେତ ଯାହାକିଛି ରହିଲା, ତାହା ଯଥାର୍ଥରେ ଏକ ମିଥ୍ୟାରେହିଁ ପରିଣତ ହୋଇ ଯାଉଛି । ଅର୍ଥାତ୍, ଏପରି ଏକ ଉପାଦାନରେ ପରିଣତ ହୋଇଯାଉଛି, ଯାହାର କି ଯଥାର୍ଥ ଅସ୍ତିତ୍ୱ ବୋଲି କିଛି ନାହିଁ ।

*ହଁ, ସେହି କୃଷ୍ଣ ବସ୍ତ୍ରଟିକୁହିଁ କାଢ଼ିନେବାକୁ ପଡ଼ିବ ।*

କଥାଟି ଯଦି କେବଳ ସେତିକି ହୋଇଥା'ନ୍ତା, ତେବେ ତାହା ତ କେଡ଼େ ସହଜ କଥା ହୋଇଥା'ନ୍ତା ।

*ନାଇଁ, ମୁଁ କହୁଥିଲି ଯେ, ଏହି ସବୁକିଛି, ଏହି ବୃହତ୍ ମାୟା ଏପରି ଏକ ବସ୍ତ୍ର ହୋଇ ପୃଥିବୀକୁ ଆବୋରି ରହିଛି, ଯାହାକୁ କି ତା' ଦେହ ଉପରୁ କାଢ଼ିନେବାକୁ ପଡ଼ିବ ।*

ହଁ, ଠିକ୍ ସେହି କଥା । ଠିକ୍ ସେହି କଥା । ମାତ୍ର କ'ଣ କେବଳ ଏହି ପୃଥିବୀକୁ ଆବୋରି ରହିଛି ? କେଜାଣି ? ସେହି କଥାଟି ଦେଖିବା ଲାଗି ସେମାନେ ତ ଏବେ କେତେ ଊର୍ଦ୍ଧ୍ୱକୁ ଯିବାକୁ ଲାଗିଲେଣି !

ମୁଁ କେବଳ ଏତିକି ଜାଣିଛି ଓ ମୋର ଏ ବିଷୟରେ ଏହି ଅନୁଭୂତିଟି ରହିଛି ଯେ, ଏଇଟି ଏହିଠାରେ ସଂକେନ୍ଦ୍ରିତ ହୋଇ ରହିଛି । ସଂକେନ୍ଦ୍ରଣଟି ଏଇଠି ହୋଇଛି, ତେଣୁ କାର୍ଯ୍ୟଟି ମଧ୍ୟ ଏହିଠାରେ ରହିଛି । ହୁଏତ ଏହା... ସମଗ୍ର ସୂର୍ଯ୍ୟମଣ୍ଡଳଟିକୁ ଆବୋରି ରହିଛି । କେଜାଣି ?

*(ମାଆ ନୀରବ ରହିଲେ)*

ମାତ୍ର ଏକାକୀ ଚେଷ୍ଟା କରି ଏଥିଭିତରୁ କେହି ବାହାରି ଆସି ପାରିବ ନାହିଁ ।

*ହଁ, ମାଆ, ଆଉଦିନେ ମଧ୍ୟ ଆପଣ ଏହିପରି କିଛି କହିଥିଲେ । ଆପଣ କହିଥିଲେ, ''ବର୍ତ୍ତମାନ ସମୟ ଆସିଛି, ଏ ବିଷୟରେ କିଛି ଭୂମିକା ଗ୍ରହଣ କରିବାକୁ ପଡ଼ିବ ।'' ଆପଣ କହିଥିଲେ, ''ତା' ଆପଣା ତରଫରୁ ଶରୀର ନିଜର ଭୂମିକାଟିଏ ଗ୍ରହଣ କରି ସାରିଲାଣି ।'' ମାତ୍ର, ଏପର୍ଯ୍ୟନ୍ତ ସେଭଳି କରିବା ସକାଶେ ଆପଣ ଅନ୍ୟମାନଙ୍କୁ ଠେଲି କରି କେବେ ଏହା ଭିତରକୁ ଆଣି ନ ଥିଲେ, ଏବଂ ଆପଣ କହିଥିଲେ, ''ବର୍ତ୍ତମାନ ସମୟ ଆସିଛି, ଏହି ବିଷୟରେ ଏକ ଭୂମିକା ଗ୍ରହଣ କରିବାକୁ ପଡ଼ିବ ।''*

ହଁ, ମୁଁ ଠିକ୍ ସେଇକଥା ଭାବୁଛି ।

*ମାତ୍ର ''ଭୂମିକା ଗ୍ରହଣ କରିବ'' କଥାଟି ଦ୍ୱାରା ଆପଣ କ'ଣ ଭାବୁଛନ୍ତି ?*

ବର୍ତ୍ତମାନ ଏହି ଶରୀର ଯେଉଁ – ଯେଉଁ ଚେତନାଟି ମଧ୍ୟରେ ବାସ କରୁଛି, ସେହି ସବୁକିଛି ହେଉଛି ଅବାସ୍ତବ ।

ଶରୀରକୁ ପଚାରିଲେ ସିଏ ହୁଏତ କହିବ, ''ମୁଁ ପ୍ରକୃତରେ ବଞ୍ଚିଛି କି ନାହିଁ, ମୁଁ ସେକଥା କହି ପାରିବି ନାହିଁ; ମୁଁ ମରି ସାରିଲିଣି କି ନାହିଁ, ସେକଥା ମଧ୍ୟ କହିପାରିବି ନାହିଁ ।'' କାରଣ, ପ୍ରକୃତରେ ତାହା ସେହିଭଳି ଏକ ଅବସ୍ଥାରେ ରହିଛି । କେତେକ ମୁହୂର୍ତ୍ତରେ ତାହାର ଏପରି ଏକ ଅନୁଭବ ହେଉଛି ଯେ, ସିଏ ପ୍ରକୃତରେ ମରି ସାରିଲାଣି । ଆଉ କେତୋଟି ମୁହୂର୍ତ୍ତରେ ମଧ୍ୟ ଅନୁଭବ ହୋଇ ସାରିଲାଣି ଯେ ତାହା ତଥାପି ଜିଇଁକରି ଅଛି । ଏହିପରି ଏକ ଅବସ୍ଥା ରହିଛି । ଏବଂ, ଶରୀର ଏକଥା ବି ଅନୁଭବ କରୁଛି ଯେ ଏଇକଥାଟି ସମ୍ପୂର୍ଣ୍ଣ ଭାବରେ... ଜଣେ ପରମ ସତ୍ୟର ପରିଚୟ ଲାଭ କରିଛି କି ନାହିଁ, ତାହାରି ଉପରେହିଁ ନିର୍ଭର କରୁଛି ।

*(ମାଆ ନୀରବ ରହିଲେ)*

ସେହି କଥାଟି କାହା ଉପରେ ନିର୍ଭର କରୁଛି ?...

(*ମାଆ ନୀରବ ରହିଲେ*)

ଅନ୍ୟମାନେ ଯେପରି କହିଛନ୍ତି, ଲେଖିଛନ୍ତି ବା ଅନୁଭବ କରିଛନ୍ତି, ସେଇଟି ଅନୁସାରେ ବିଚାର କରି ଦେଖିଲେ, ମୁଁ ଦେଖିବାକୁ ପାଇଛି ଯେ ମନୁଷ୍ୟସମାଜର ଅଧିକାଂଶ ବହୁସଂଖ୍ୟକ ବ୍ୟକ୍ତି ଏହି ବୋଧଟି ଦ୍ୱାରା ଭୀତ ହୋଇ ପଡ଼ିଛନ୍ତି – ସେମାନେ ଏହିଟିକୁହିଁ ସବୁଠାରୁ ଅଧିକ ପରିମାଣରେ ଭୟ କରିଛନ୍ତି : ଏହା ଯେ ପ୍ରକୃତରେ ଏକ ବୃହତ୍ ମିଥ୍ୟା, ଏବଂ ସେହି ଆଡ଼କୁ ପରିଚାଳିତ କରି ନେଉଥିବା ଯାବତ୍ ବସ୍ତୁ ଯେ ଏକ ବୃହତ୍ ମିଥ୍ୟା,– ଏହି ବୋଧଟିକୁ ସେମାନେ ସବୁଠାରୁ ଅଧିକ ପରିମାଣରେ ଭୟ କରିଛନ୍ତି । ମୁଁ ଏପରି ଲୋକଙ୍କୁ ଜାଣିଛି (ସେମାନେ ମୋ’ ପାଖକୁ ଚିଠି ଲେଖିଛନ୍ତି), ଯେଉଁମାନେ କି ଏବେ ନାନା ଭୟାନକ ଭୀତିର ସମ୍ମୁଖୀନ ହୋଇଛନ୍ତି, କାରଣ ସେମାନେ ସତେଅବା କୌଣସି ଏକ ବସ୍ତୁ ସେମାନଙ୍କୁ ଜବରଦସ୍ତି ଆପଣାର କବଳରେ ନେଇ ପକାଇଦେବା ପରି ଅନୁଭବ କରିଛନ୍ତି; ସେମାନେ ଅନୁଭବ କରିଛନ୍ତି, ଯେପରି କୌଣସି ବସ୍ତୁ ସେମାନଙ୍କୁ ସ୍ପର୍ଶ କରିବାକୁ ଆରମ୍ଭ କରିଛି : ଏହି ଜୀବନର ଅବାସ୍ତବତା ବିଷୟରେ ଏକ ବୋଧ ସେମାନଙ୍କୁ ସ୍ପର୍ଶ କରିବାକୁ ଆସିଛି । ଏଇଥିରୁହିଁ ବୁଝିହେଉଛି ଯେ ଏପର୍ଯ୍ୟନ୍ତ ବି ଏକ ଦୀର୍ଘ ପଥ ଚାଲିବାକୁ ତଥାପି ବାକି ରହିଛି । ବୋଧ ହେଉଛି, ହଠାତ୍ ପାଖାପାଖି କୌଣସି ଏକ ସମାଧାନ ପାଇବାର ଆଶା କରିବା ପ୍ରକୃତରେ ଏକ ପିଲାଳିଆ ଭାବନା ପରିହିଁ ହେବ । ଅବଶ୍ୟ ଯଦି... ଯଦି ବସ୍ତୁଗୁଡ଼ିକର ଗତି ଏକ ଅନ୍ୟ ଦିଗରେ ହେବାକୁ ଆରମ୍ଭ କରେ, ତେବେ ତାହା ଅନ୍ୟ କଥା ହେବ ।

ଏପର୍ଯ୍ୟନ୍ତ ତାହା ଯେଉଁଭଳି ଗତି କରି ଆସିଛି, ଯଦି ତାହା କେବଳ ସେହି ଗୁଳାଟିରହିଁ ଅନୁସରଣ କରେ,... ଶତାବ୍ଦୀ, ବହୁ ଶତାବ୍ଦୀ ଧରି କେବଳ ଏହି ଗତିଟିହିଁ ବଳବତ୍ତର ରହିଛି... । ସେତେବେଳେ ଅତିମାନବ ମଧ୍ୟ ଏହି କ୍ଷେତ୍ରରେ ତଥାପି କେବଳ ଏକ ଅନ୍ୟତମ ପର୍ଯ୍ୟାୟ ବୋଲି ସାବ୍ୟସ୍ତ ହେବ ଏବଂ ତା’ପରେ ମଧ୍ୟ ଆହୁରି ଅନ୍ୟ କେତେକେତେ ବସ୍ତୁର ଆବିର୍ଭାବ ଘଟିବ ।

*ମୁଁ ଯେତେବେଳେ ସେହି କଥାଟି ବିଷୟରେ କିଛି ଭାବେ, ସେତେବେଳେ ସବୁଥର ମୁଁ ଏହିଭଳି ଅନୁଭବ କରିଥାଏ : ଏହିସବୁର ଏକମାତ୍ର ସମାଧାନ ହେଉଛି ଯେ ଆପଣ ଏକ ଗୌରବମୟ ତେଜସ୍ୱୀ ଶରୀରର ଅଧିକାରିଣୀ ହେବେ, ସେହି*

*ଶରୀରଟି ସମସ୍ତଙ୍କ ଲାଗି ଦୃଶ୍ୟ ହୋଇ ରହିଥିବ; ତେବେ ସମସ୍ତେ ଆସି ତାହାକୁ ଦେଖି ପାରିବେ — ଦିବ୍ୟ ପରମସତ୍ତା ଯେ ପ୍ରକୃତରେ କିପରି, ସେହି କଥାଟିକୁ ଆସି ଦେଖିଯାଇ ପାରୁଥିବେ ।*

(*ମାଆ ହସିଲେ*) ସେଇଟା ବେଶ୍ ସୁବିଧାଜନକ ଭାବରେ ସବୁକଥା ହାସଲ କରାଇ ଆଣିବ, ନୁହେଁ ?

*ଏହା ସେମାନଙ୍କର ଯାବତୀୟ ପୂର୍ବଧାରଣାକୁ ଏକାବେଳେକେ ଓଲଟାଇ ଦେଇଯିବ ।...*

ହଁ, ଅବଶ୍ୟ ଓଲଟାଇ ଦେବ । ଏହା ପ୍ରକୃତରେ କେଡ଼େ ସୁବିଧାର କଥାଟିଏ ନ ହେବ ! ପ୍ରକୃତରେ ସେଭଳି ହେବ କି ?...

ସୁନିଶ୍ଚିତ ଭାବରେ ମୁଁ ସେଇଟି ବିଷୟରେ ସମ୍ପୂର୍ଣ୍ଣ ଭାବରେ ଏକମତ ! ଏବଂ ଯଦି କେହି ସେପରି ଏକ ଘଟଣାର ନିମିତ୍ତ ହୋଇପାରନ୍ତା, ତେବେ ମୁଁ ମଧ୍ୟ କେଡ଼େ ଖୁସୀ ହୁଅନ୍ତି । କିଏ ସେହି ନିମିତ୍ତ ହୁଅନ୍ତା, ତାହା ମୋଟେ ବଡ଼ କଥା ନୁହେଁ । ମୁଁ ନିଜେ ସେହି ନିମିତ୍ତ ହୋଇପାରିବି,— ଏହି କଥା ଲାଗି ମୋ'ର ପ୍ରକୃତରେ ଏତେ ଟିକିଏ ହେଲେ ବାସନା ନାହିଁ ।

*ସମସ୍ତେ ଆସ; ପରମ ଦିବ୍ୟସତ୍ତା ଯେ ପ୍ରକୃତରେ କିପରି, ତୁମେମାନେ ତାହାରି ଦର୍ଶନ କର !*

ହଁ, ପ୍ରକୃତରେ କିପରି, ତାହାରି ଦର୍ଶନ କର ! (*ମାଆ ଦୀର୍ଘ ସମୟ ପର୍ଯ୍ୟନ୍ତ ଅପଲକ ଦୃଷ୍ଟିରେ ଅନାଇ ରହିଲେ*)

## ୪ ଜୁନ୍ ୧୯୬୯

ଗତ ଥର ତୁମେ ଯିବା ପରେ ମୁଁ ସମସ୍ତ ଦିନ ଏହି ବିଷୟଟି ଉପରେ ବହୁତ ଭାବିଥିଲି... ଏଇଟି (ମହିମମୟ ଶରୀର) ଏକ ଅଦ୍ଭୁତ ସମାଧାନ ପରି କାର୍ଯ୍ୟ କରିବ,– ଏହି କଥାଟିରେ ଅବଶ୍ୟ କିଛି ଔଚିତ୍ୟ ରହିଛି । ତୁମେ ସେହି କଥାଟିକୁ କହିବା ସମୟରେ ସତେଯେପରି କିଛି ହଠାତ୍ ମୂର୍ତ୍ତ ହୋଇ- ଗଲା ପରି ମନେ ହେଲା । ମାତ୍ର ସେତେବେଳେ ଭିତରେ ଆଦୌ କୌଣସି ସ୍ୱତନ୍ତ୍ର ବ୍ୟକ୍ତିଗତ ବୋଧ ନ ଥିଲା ।... ଶରୀରର ମଧ୍ୟ ଆଦୌ ସେପରି କୌଣସି ବୋଧ ନାହିଁ, ଆଦୌ କୌଣସି ପ୍ରକାର ଉଚ୍ଚାକାଙ୍କ୍ଷା କିଂବା ବାସନା ନାହିଁ ବା ଏପରିକି ସେପରି ହେବା ଲାଗି କୌଣସି ଅଭୀପ୍ସା ମଧ୍ୟ ନାହିଁ । ମାତ୍ର, ''ସେଇଟି'' ସାଧିତ ହେବାର ସମ୍ଭାବନାଟିରେ ତାହା କେବଳ ଗୋଟାଏ ପ୍ରକାରର ପୁଲକହିଁ ଅନୁଭବ କରୁଛି; ସେଇଟି କିଏ କରିବ ବା ତାହା କେଉଁଠି କିପରି ସାଧିତ ହେବ, ସେ ବିଷୟରେ ଆଦୌ କୌଣସି ଭାବନା ନାହିଁ । କେବଳ ସେହିପରି ଏକ ଘଟଣା ସମ୍ଭବ ହେଉ,– ସେହି ସମ୍ଭାବନାରେହିଁ ଏକ ପୁଲକ ଅନୁଭୂତ ହେଉଛି । ଏବଂ, ଏହି ପ୍ରସଙ୍ଗଟି ଉପରେ ମୁଁ ଅତ୍ୟନ୍ତ ଘନିଷ୍ଠ ଭାବରେ ଦୃଷ୍ଟିପାତ କରିଥିଲି; ଏବଂ, ଗୋଟାଏ ମୁହୂର୍ତ୍ତ ଲାଗି ମଧ୍ୟ ଏପରି ଆଦୌ କୌଣସି ଧାରଣା ନ ଥିଲା ଯେ ''ତାହା ଏହି ଶରୀର ଭିତରେହିଁ ଅବଶ୍ୟ ସଂଘଟିତ ହେବ'' (*ମାଆ ଆଙ୍ଗୁଠିରେ ଆପଣା ଦେହକୁ ଚୁମୁଟି ଦେଖାଇଲେ*), ବୁଝିଲ ? କେବଳ ଏହିପରି ଏକ ବୋଧ ରହିଥିଲା : ''ଏହି ଅବତାରଟି, ଏହି ପରିପ୍ରକାଶଟି ଅବଶ୍ୟ **ଘଟୁ**''– ମାତ୍ର ସେଥିଲାଗି ଏହି ବ୍ୟକ୍ତି ଅଥବା ସେହି ବ୍ୟକ୍ତିକୁ ଅଲଗା କରି ବାଛିବା, ଏହି ସ୍ଥାନ ଅଥବା ସେହି ସ୍ଥାନଟିକୁ ବାଛିବା,– ସେପରି ଆଦୌ କୌଣସି ବୋଧ ରହି ନ ଥିଲା । କେବଳ ସେହି ଘଟଣାଟିହିଁ ଏକ ଅଦ୍ଭୁତ ସମାଧାନ ପରି କାର୍ଯ୍ୟ କରିବ ବୋଲି ମୁଁ ଅନୁଭବ କରୁଥିଲି । ବାସ୍, ସେତିକି ।

ଏବଂ, ତା'ପରେ ଚେତନା ଅବଲୋକନ କରିବାକୁ ଆରମ୍ଭ କଲା : ତାହା ହୋଇ ପାରିବା ଲାଗି ''ଅଭୀପ୍ସା କରୁଥିବା'' କୌଣସି ଉପାଦାନ ଯଦି ଏହି ଶରୀର ଭିତରେ ନାହିଁ, ତେବେ ତାହାହିଁ ପ୍ରମାଣ କରିଦେଉଛି ଯେ, ଏହି କାର୍ଯ୍ୟଟି ମଧ୍ୟ ଏହି ଶରୀରର କାର୍ଯ୍ୟ ମୋଟେ ନୁହେଁ । ତା'ପରେ ସେହି ଅସାଧାରଣ ସ୍ମିତହାସ୍ୟଟି ଆବିର୍ଭୂତ ହୋଇ ଆସିଥିଲା (ମୁଁ ତାହାକୁ କିପରି ଶବ୍ଦ ଦ୍ୱାରା ବ୍ୟକ୍ତ କରି କହିପାରିବି କେଜାଣି ?) – ସେହି ଦରସ୍ମିତି ଆବିର୍ଭୂତ ହେଲା, ଆସି ମୋ ସମ୍ମୁଖ ଦେଇ ଚାଲି ଯାଉଥିଲା ଏବଂ କହିଲା... (ବେଶ୍ ଏକ ପିଲାଳିଆ ରୀତିରେ ହୁଏତ ତାହାର ଏକ ତର୍ଜମା କରାଯାଇ ପାରିବ) : ''ଏଇଟା ମୋଟେ ତୋ'ର କାମ ନୁହେଁ !'' ବାସ୍, ସେତିକି । ଏବଂ, ସେଇଟି

ସରିଗଲା ପରେ ମଧ୍ୟ ମୁଁ ସେଇଟିକୁ ନେଇ ଆଉ ଆଦୌ ବ୍ୟସ୍ତ ରହି ନ ଥିଲି । ''ତୋ'ର କାର୍ଯ୍ୟ ନୁହେଁ''ର ଅର୍ଥ ହେଉଛି : ଏଇ କାର୍ଯ୍ୟଟିରେ ତୋ'ର କୌଣସି ସମ୍ପର୍କ ନାହିଁ; ଏଥିରେ ଏଇଟି କାମରେ ଲାଗିବ, ସେଇଟି କାମରେ ଲାଗିବ ବା ଆଉ କେଉଁଟି କାମରେ ଲାଗିବ, ସେହି କଥାଟିରେ ତୋ'ର ଆଦୌ କିଛି କରିବାର ନାହିଁ । ବାସ୍, ସେତିକି ।

ମାତ୍ର, ଯେଉଁଟି ତା'ର ଏକ କାର୍ଯ୍ୟରେ ପ୍ରକୃତରେ ପରିଣତ ହୋଇଛି,— ଏତେ ଅଧିକ ପ୍ରଗାଢ଼ ଭାବରେ ପରିଣତ ହୋଇଛି ଯେ, ତାହାକୁ ଶବ୍ଦ ସାହାଯ୍ୟରେ ଆଦୌ ବ୍ୟକ୍ତ କରିହେବ ନାହିଁ,— ସେଇଟି ହେଉଛି : ''ହେ ପ୍ରଭୁ, କେବଳ ଆପଣ, କେବଳ ଆପଣ, କେବଳ ଆପଣ ।'' କୌଣସି ଶବ୍ଦ ସେହି କଥାଟିର ତର୍ଜମା କରି ପାରିବ ନାହିଁ । ଗୋଟିଏ ଶବ୍ଦରେ ତାହାକୁ ପରମ ଦିବ୍ୟସତ୍ତା ବୋଲି କୁହାଯାଇ ପାରିବ । ତାହାହିଁ ସବୁକିଛି । ସବୁକିଛିରେ କେବଳ ସେଇ — ଆହାରରେ, ଶୟନରେ, କଷ୍ଟ ସହ୍ୟ କରିବା ସମୟରେ,— ସର୍ବଦା କେବଳ ସେହି ପରମ ଦିବ୍ୟସତ୍ତା... ଠିକ୍ ସେହିପରି (*ମାଆ ଦୁଇ ହାତକୁ ଟେକି ଉପର ଆଡ଼କୁ ନିର୍ଦ୍ଦେଶ କଲେ*) । ଅବିଚଳିତ ଏବଂ ଅପରିବର୍ତ୍ତିତ ଭାବରେ କେବଳ ସେଇ ।

## ୧୬ ଅଗଷ୍ଟ ୧୯୬୯

*ସବୁକିଛିକୁ ଶୂନ୍ୟ କରିଦେବାକୁ ହେଲେ ଭିତରୁ ସବୁକିଛିକୁ କାଢ଼ି ବାହାର କରିଦେବା କ'ଣ ଏକ ଭୁଲ୍ କଥା ?*

ନାଇଁ, ନାଇଁ,– ସେପରି ମୋଟେ ନୁହେଁ !

*ମୁଁ ଯେପରି ଭାବରେ ଆଚରଣ କରୁଛି, ସେଥିରେ ମୁଁ ପ୍ରକୃତରେ କୌଣସି ଭୁଲ୍ କରୁଛି କି ନାହିଁ ବୋଲି ମୁଁ ଅନେକ ସମୟରେ ନିଜକୁ ପଚାରିଛି । ଅଗ୍ରସର ହେବାର ମୋ'ର ସ୍ୱାଭାବିକ ରୀତିଟି ହେଉଛି ଭିତରୁ ସବୁକିଛିକୁ କାଢ଼ି ବାହାର କରିଦେବା, ସବୁକିଛିକୁ ଏକାବେଳେକେ ଶୂନ୍ୟ କରିଦେବା;– ଏବଂ ତା'ପରେ ଊର୍ଦ୍ଧ୍ୱସ୍ଥ ସେହି ସମ୍ପଦଟି ଆଡ଼କୁ ନିଜକୁ ଉନ୍ମୁଖ କରି ରଖିବା,– ସମ୍ପୂର୍ଣ୍ଣ ଭାବରେ ନୀରବ ହୋଇଯିବା, ଗୋଟାସୁଦ୍ଧା ଅଚଳ ହୋଇଯିବା ।*

ହଁ, ତାହାହିଁ **ସର୍ବୋତ୍କୃଷ୍ଟ** ଉପାୟ, ତା'ଠାରୁ ଅଧିକ ଭଲ ଉପାୟ ଆଉ ଦ୍ୱିତୀୟ କିଛି ନାହିଁ ।

ମୁଁ ନିଜେ ଅନବରତ ସେହି କଥାଟିକୁହିଁ କରୁଛି ।

ଜଣେ ବ୍ୟକ୍ତି ଯଦି କେବଳ ସେତିକି ବି କରି ପାରନ୍ତା !... ଏହା ଚତୁର୍ଦ୍ଦିଗରୁ ସତେଅବା ଏହିପରି ଭାବରେ (*ମାଆ ଚାରିଆଡୁ କେତେକେତେ ତରଙ୍ଗ ଆସି ଆକ୍ରମଣ କରୁଥିବାର ଇଙ୍ଗିତ ଦେଲେ*) ଆସିବାରେ ଲାଗିଥାଏ ।

ଏହାର କିଛିଟ୍ ପରେ । ବିଶ୍ୱର ପରିସ୍ଥିତି ବିଷୟରେ ।

ଆମେ ପ୍ରତିଦିନ ପ୍ରକୃତରେ କିପରି ଭାବରେ ବଞ୍ଚିବା, ଅର୍ଥାତ୍, କାଲେ କ'ଣ ଘଟିବ, କ'ଣ ଘଟିବ,– ଏହିସବୁ ବିଷୟରେ ଆଦୌ କୌଣସି ପ୍ରକାରେ ବ୍ୟସ୍ତ ଓ ଚିନ୍ତିତ ହୋଇ ନ ରହି, ଆମର ଯେଉଁସବୁ କାର୍ଯ୍ୟ କରିବାକୁ ରହିଛି, ପ୍ରତ୍ୟହ କେବଳ ସେହି କାର୍ଯ୍ୟଗୁଡ଼ିକୁ ସମ୍ପନ୍ନ କରି ଯାଉଥିବା,– ଆମକୁ ଖାସ୍ ଏହି ଶିକ୍ଷାଟିକୁ ଦେଇ ଯିବା ଲାଗିହିଁ ଯେ ବର୍ତ୍ତମାନର ଯାବତୀୟ ବିଭ୍ରାନ୍ତି ଆସି ଆବିର୍ଭୂତ ହୋଇଛି, ଏ ବିଷୟରେ ମୋର ଆଉ ତିଳେହେଲେ ସନ୍ଦେହ ନାହିଁ । ଯାବତୀୟ ଭାବିବା, ଆଗରୁ ଯୋଜନା କରି

ରଖିବା, ସବୁକିଛି ବ୍ୟବସ୍ଥା କରି ରଖିବାକୁ ଚେଷ୍ଟା କରିବା,— ଏସବୁ ଅଧିକ ବିଶୃଙ୍ଖଳା ଲାଗି ଭାରି ଅନୁକୂଳ ହୋଇ କାର୍ଯ୍ୟ କରିଥା'ନ୍ତି ।

ତେଣୁ, ପ୍ରାୟ ମିନିଟ୍ ମିନିଟ୍ କରି ପ୍ରତ୍ୟେକ ମିନିଟ୍‌କୁ ବିଞ୍ଚିବା, ଠିକ୍ ସେହିପରି ହୋଇ (*ଊର୍ଦ୍ଧ୍ୱକୁ ଇଙ୍ଗିତ*) ରହିବା, ପ୍ରତ୍ୟେକ ମୁହୂର୍ତ୍ତରେ ଯାହା କରିବାକୁ ରହିଛି, କେବଳ ତାହାକୁ ନେଇ ଅଭିନିବିଷ୍ଟ ହୋଇ ରହିବା,— ଏବଂ ତା'ପରେ, ସେହି ପରମଚେତନାକୁହିଁ ସବୁକିଛିର ନିଷ୍ପତ୍ତି କରିବା ଲାଗି ବାଟ ଛାଡ଼ିଦେବା... ଆମର ପ୍ରଶସ୍ତତମ ଦୃଷ୍ଟିସାମର୍ଥ୍ୟ ଦ୍ୱାରା ମଧ୍ୟ ଆମେ କଦାପି ବିଷୟଗୁଡ଼ିକୁ ଜାଣି ପାରିବା ନାହିଁ : କେବଳ ଅତ୍ୟନ୍ତ **ଆଂଶିକ ଭାବରେ**ହିଁ ଆମେ ସେଗୁଡ଼ିକୁ ଜାଣିବା ଲାଗି ସମର୍ଥ ହେବା — ଅତ୍ୟନ୍ତ ଆଂଶିକ ଭାବରେ ଜାଣିବାକୁ ସମର୍ଥ ହେବା । ତେଣୁ ଆମର ଦୃଷ୍ଟି ଖାଲି ଏପାଖ ଆଉ ସେପାଖ ହେବାରେ ଲାଗିଥିବ, ଏବଂ ତଥାପି ଅନ୍ୟ ବିଷୟଗୁଡ଼ିକ ଆମର ଦୃଷ୍ଟି ବାହାରେ ପଡ଼ି ରହିଥିବେ । ବିପଜ୍ଜନକ ଏବଂ ଅନିଷ୍ଟକାରୀ ବିଷୟଗୁଡ଼ିକୁ ଅଧିକ ଗୁରୁତ୍ୱ ଦେବା ଦ୍ୱାରା ଆମେ କେବଳ ସେଗୁଡ଼ିକୁ ଅଧିକ ବଳ ଆଣିହିଁ ଦେଇଥାଉ ।

(*ମାଆ ଧ୍ୟାନସ୍ଥ ହେଲେ*)

ଆପଣାର କଳ୍ପନାଦୃଷ୍ଟିରେ ଏହିଭଳି ବିଶୃଙ୍ଖଳା ଏବଂ ବିଭ୍ରାନ୍ତିକୁ ଦେଖି ଯେତେବେଳେ ତୁମେ ସେଗୁଡ଼ିକ ଦ୍ୱାରା ଆକ୍ରାନ୍ତ ହୋଇ ରହିଥିବ, ସେତେବେଳେ ତୁମେ କେବଳ ଗୋଟିଏ କଥା କରିବ,— ସେତେବେଳେ ତୁମେ ଏପରି ଏକ ଚେତନା ମଧ୍ୟରେ ଆପଣାକୁ ପ୍ରବିଷ୍ଟ କରାଇ ଆଣିବ, ଯେଉଁଠାରେ କି ତୁମେ କେବଳ **ଗୋଟିଏ** ସତ୍ତା ଦେଖୁଥିବ, **ଗୋଟିଏ** ଚେତନା ଏବଂ **ଗୋଟିଏ** ଶକ୍ତିକୁହିଁ ପ୍ରତ୍ୟକ୍ଷ କରୁଥିବ । ପ୍ରକୃତରେ କେବଳ ସେହି ଗୋଟିଏ ମାତ୍ର ପରମ ଏକତ୍ୱହିଁ ରହିଛି — ଏବଂ, ଏହି ଯାହାକିଛି ଘଟୁଛି, ତାହା ସେହି ଏକତ୍ୱଟି ମଧ୍ୟରେହିଁ ଘଟୁଛି । ଏବଂ ଆମେ ଯେଉଁ କ୍ଷୁଦ୍ର କଳ୍ପନାଗୁଡ଼ିକୁ କରୁଛୁ, କ୍ଷୁଦ୍ର ଜ୍ଞାନଗୁଡ଼ିକ ଦ୍ୱାରା ପରିଚାଳିତ ହୋଇ କ୍ଷୁଦ୍ରମୀମାଂସା ଗୁଡ଼ିକରେ ପହଞ୍ଚୁଛୁ,... ସେଗୁଡ଼ାକରେ ଆଦୌ କୌଣସି ସାରବତ୍ତା ନାହିଁ, ଏହି ସବୁକିଛିର ଅଧିଷ୍ଠାତା ହୋଇ ରହିଥିବା ପରମଚେତନାର ତୁଳନାରେ ଏହା ହୁଏତ କାଣିଚାଏ ବି କଦାପି ହେବ ନାହିଁ । ତେଣୁ, ଏହି ପୃଥିବୀରେ କାହିଁକି ଯେ ସ୍ୱତନ୍ତ୍ର ବ୍ୟକ୍ତିସତ୍ତାମାନ ରହିଛି, ଯଦି ସେହି ବିଷୟରେ କାହାରି ଏତେଟିକିଏ ଧାରଣା ମଧ୍ୟ ଥିବ, ତେବେ ସିଏ ଅବଶ୍ୟ ଏକଥା ଦେଖି ପାରିବ ଯେ, କେବଳ ଅଭୀପ୍ସାକୁ କାର୍ଯ୍ୟ କରିବା ଲାଗି ଏକ ପରିସର ଯୋଗାଇ ଦେବା ଲାଗି, ଅଭୀପ୍ସାର ଅସ୍ତିତ୍ୱକୁ ସମ୍ଭବ କରିବା ଲାଗି, ଆତ୍ମଦାନ, ସମର୍ପଣ, ନିର୍ଭରସ୍ଥାପନ ଏବଂ

**ବିଶ୍ୱାସ,** ଏହି ସବୁକିଛିର ଅସ୍ତିତ୍ୱକୁ ସମ୍ଭବ କରିବା ଲାଗିହିଁ ସେହିପରି ଭିଆଣ ହୋଇ ରହିଛି । ଏବଂ, ଖାସ୍ ଏହି କାରଣରୁହିଁ ବ୍ୟକ୍ତିମାନଙ୍କର ରଚନା ହୋଇଛି; ଏବଂ ତା'ପରେ, ଆପଣାର ସକଳ ନିଷ୍ଠା ଏବଂ ପ୍ରଗାଢ଼ତା ସହିତ ତୁମେ ସେହି ସାମର୍ଥ୍ୟଗୁଡ଼ିକୁ ଅର୍ଜନ କରିବ,– କେବଳ ଏତିକିରହିଁ ଆବଶ୍ୟକତା ରହିଛି ।

କେବଳ ସେତିକିରହିଁ ଆବଶ୍ୟକତା ରହିଛି, କେବଳ ତାହାହିଁ **ଏକମାତ୍ର** କଥା, ଏକମାତ୍ର ସ୍ଥାୟୀ କଥା; ଏହା ବ୍ୟତୀତ ଆଉ ଯାହାକିଛି ରହିଲା, ସେସବୁ ହେଉଛି କେବଳ ମାୟା, କେବଳ କଳ୍ପନା, ଅଳୀକ କଳ୍ପନା ।

ଏବଂ ପ୍ରତ୍ୟେକ କ୍ଷେତ୍ରରେ ସେହି ଗୋଟିଏ କଥାରହିଁ ଯାହାକିଛି ମୂଲ୍ୟ ରହିଛି : ଯେତେବେଳେ ତୁମେ କୌଣସି କଥା କରିବାକୁ ଇଚ୍ଛା କରୁଛ, ଯେତେବେଳେ କୌଣସି କାର୍ଯ୍ୟକୁ କରିପାରୁ ନାହିଁ, ଯେତେବେଳେ ତୁମେ ସଚଳ ହୋଇ ରହିଛ କିଂବା ଯେତେବେଳେ ତୁମର ଶରୀର ଏକାବେଳେକେ ଅଚଳ ହୋଇ ରହିଯାଉଛି, ଏହିପରି **ପ୍ରତ୍ୟେକ**, ପ୍ରତ୍ୟେକ ଘଟଣାରେ ତୁମେ କେବଳ ସେହି କଥାଟିକୁ, କେବଳ ସେହି କଥାଟିକୁହିଁ କରିବ : ସେହି ସର୍ବୋଚ୍ଚ ପରମଚେତନାଟି ସହିତ ସଚେତନ ଭାବରେ ନିଜ ଚେତନାର ସଂସ୍ପର୍ଶ ଘଟାଇବ, ତାହାରି ସହିତ ସମ୍ମିଳିତ ହୋଇ ରହିବ; ଏବଂ... ଅପେକ୍ଷା କରି ରହିବ । ବାସ୍, ସେତିକି ।

ତେବେ, ପ୍ରତ୍ୟେକ କ୍ଷଣରେ ତୁମର ପ୍ରକୃତରେ କ'ଣ କରିବା ଉଚିତ, ତୁମକୁ ତାହାର ସୁନିର୍ଦ୍ଦିଷ୍ଟ ସୂଚନାଟି ଅବଶ୍ୟ ଉପଲବ୍ଧ ହେବ — ଗୋଟିଏ କାର୍ଯ୍ୟକୁ ତୁମେ କରିବ ବା କରିବ ନାହିଁ । ଆଦୌ କୌଣସି କାର୍ଯ୍ୟ କରିବ ଅଥବା ପଥର ପରି ନିଶ୍ଚଳ ହୋଇ ରହିବ,– ଏହି ସକଳ ସୂଚନା ତୁମକୁ ଅବଶ୍ୟ ମିଳିଯିବ । ବାସ୍, ତାହାହିଁ ସମ୍ପୂର୍ଣ୍ଣ କଥା । ଏବଂ, ଏପରିକି ତୁମେ ଆଦୌ ଏଇଟି ଅଥବା ସେଇଟି ହେବ କି ନ ହେବ, ତାହାର ଏକ ନିର୍ଦ୍ଦେଶ ପ୍ରାପ୍ତ ହୋଇଯିବ । ତାହାହିଁ ଏକମାତ୍ର ସମାଧାନ । ଏହିପରି ଏକ ନିଶ୍ଚୟତା ଅଧିକରୁ ଅଧିକ ବୃଦ୍ଧି ପାଇବାରେ ଲାଗିଥିବ : ଏହାହିଁ **ଏକମାତ୍ର** ସମାଧାନ । ଏହା ବ୍ୟତୀତ ଆଉ ଯାହାକିଛି ରହିଛି, ସେଗୁଡ଼ାକ କେବଳ ପିଲାମି ।

ଏବଂ ଏହାଦ୍ୱାରା ଆମର ସକଳ କାର୍ଯ୍ୟକଳାପ ଓ ସକଳ ସମ୍ଭାବନା ଏକ ସ୍ୱାଭାବିକ ମାର୍ଗରେ କାର୍ଯ୍ୟରେ ଲାଗିପାରିବ — ଏହି କ୍ଷେତ୍ରରେ ଆଦୌ କୌଣସି ପ୍ରକାର ଖିଆଲୀ ବ୍ୟକ୍ତିଗତ ନିଷ୍ପତ୍ତି ଓ ନିର୍ବାଚନ ଲାଗି ଆଉ ସ୍ଥାନ ରହିବ ନାହିଁ । ସେଠାରେ ଯାବତୀୟ ସମ୍ଭାବନା ନିହିତ ହୋଇ ରହିଛି, ପ୍ରକୃତରେ ଯାବତୀୟ ସମ୍ଭାବନା ରହିଛି । ଯାବତୀୟ ବୋଧ ଓ ଯାବତୀୟ ଜ୍ଞାନ ମଧ୍ୟ ରହିଛି — କେବଳ ବ୍ୟକ୍ତିଗତ ଖିଆଲ ଦ୍ୱାରା ପରିଚାଳିତ ହୋଇ କିଛି କରିବାର ସମ୍ଭାବନାଟିକୁ ଅପସାରିତ କରି ଦିଆଯାଇଛି । ଏବଂ, ବ୍ୟକ୍ତିଗତ ଖିଆଲ ଦ୍ୱାରା ପ୍ରଭାବିତ ହୋଇ କୌଣସି କାର୍ଯ୍ୟ କରିବାର ଏହି ଯେଉଁ ରୀତିଟି, ଏହା

ପ୍ରକୃତରେ ଏକ ଭାରି ପିଲାଳିଆ କଥା... ଏହା ହେଉଛି ଏକ ନିର୍ବୋଧତା; ଏପରି ଏକ ନିର୍ବୋଧତା, ଯେଉଁଥିରେ କି ଅଜ୍ଞାନତା ଭର୍ତ୍ତି ହୋଇ ରହିଛି ।

ଏବଂ ମୁଁ ଅନୁଭବ କରୁଛି (*ମାଆ ଚତୁର୍ଦିଗସ୍ଥ ବାୟୁକୁ ଅନୁଭବ କରୁଥିବା ପରି ଇଙ୍ଗିତ କଲେ*) — ମୁଁ ଏହି ଉତ୍ତେଜନାଟିକୁ ଅନୁଭବ କରି ପାରୁଛି ! ପରିବେଶଟି ମଧ୍ୟରେ ରହିଥିବା ଏହି ଘୂର୍ଣ୍ଣନଟିକୁ ମୁଁ ବେଶ୍ ଅନୁଭବ କରିପାରୁଛି ।

ଦୁର୍ଭାଗ୍ୟ ମନୁଷ୍ୟସମାଜ !

(*ମାଆ ଦୀର୍ଘ କାଳ ନୀରବ ରହିଲେ*)

ଆପଣାର ଚେତନାଭୂମିରେ ପରମ ପ୍ରଭୁଙ୍କ ପାଖକୁ ଫେରି ଆସିବା ଲାଗି ପୃଥିବୀକୁ ଶିକ୍ଷା ଦେବା ସକାଶେହିଁ ଏହି ସବୁକିଛି ଘଟୁଛି ।... କିନ୍ତୁ କାହିଁକି ? କ'ଣ ଏଇଥି ସକାଶେହିଁ ଏହି ପୃଥିବୀର ସୃଷ୍ଟି ହୋଇଥିଲା ?

(*ମାଆ ନୀରବ ରହିଲେ*)

*ମାତ୍ର ମୋ'ର ଗୋଟାଏ ପ୍ରକୃତ ସମସ୍ୟା ରହିଛି । ଏହି ଶୂନ୍ୟତାର ରଚନା କରିଆଣିବା ସମୟରେ,— ମୁଁ ଯେପରିକି ସୁନିର୍ଦ୍ଦିଷ୍ଟ ଭାବରେ ସେହି ଊର୍ଦ୍ଧ୍ୱଟି ସହିତ ଯୁକ୍ତ ହୋଇ ରହିପାରିବି, ଏହି ସମ୍ପଦଟି ସହିତ ଯୁକ୍ତ ହୋଇ ପାରିବି, ସେତେବେଳେ ପ୍ରତ୍ୟେକ ଥର ମୁଁ ଅନୁଭବ କରୁଛି ଯେ ମୋତେ ଏପର୍ଯ୍ୟନ୍ତ ସୁନିର୍ଦ୍ଦିଷ୍ଟ ଭାବରେ ମୋଟେ କୌଣସି ଉତ୍ତର ମିଳି ନାହିଁ । ସେହି ଊର୍ଦ୍ଧ୍ୱରେ ସେହି ବିରାଟ ପରମଶକ୍ତି ଦୃଢ଼ ହୋଇ ଅଧିଷ୍ଠିତ ରହିଛନ୍ତି, ଏବଂ ତଥାପି...*

ଆଚ୍ଛା, ତୁମେ କେବେହେଲେ କୌଣସି ଉତ୍ତର ପାଇ ନାହଁ ?

*ନା — ସବୁବେଳେ ସେଇ ଗୋଟାଏ କଥାହିଁ ଘଟିଛି, ସେଠାରେ ଥିବା ସେହି ପରମଶକ୍ତି ତଥାପି ନିଶ୍ଚଳ ହୋଇ ବସିରହିଛନ୍ତି ।*

ଆଚ୍ଛା !

*ଉଦାହରଣ ସ୍ୱରୂପ, କାଲି, ଧ୍ୟାନ ସମୟରେ, ଠିକ୍ ସେହି କଥାହିଁ ଘଟିଲା – ସବୁବେଳେହିଁ କେବଳ ସେଇଆ ଘଟିଛି – ଦୃଢ଼ ଓ ଶକ୍ତିଶାଳୀ ହୋଇ ରହିଥିବା ସେହି ପରମବସ୍ତୁ ଅଧିଷ୍ଠିତ ହୋଇ ରହିଛନ୍ତି ସତ, ମାତ୍ର ମୋଟେ କିଛିହେଲେ କହିବାକୁ ମନ କରୁ ନାହାନ୍ତି ।*

ମାତ୍ର, ତୁମର କ'ଣ ଏପରି ଏକ ବୋଧ... ମୁଁ ତୁମକୁ କିପରି ବୁଝାଇ କହିବି ଜାଣିପାରୁ ନାହିଁ,– କାରଣ ତାହାକୁ ଏକ ସହଜତାର ବୋଧ ବୋଲି କୁହାଯିବ ନାହିଁ... ମୁଁ କିପରି ସେହି କଥାଟିକୁ ବୁଝାଇ କହି ପାରିବି ?– ଏଇଟି ହେଉଛି ଏପରି ଗୋଟିଏ କଥା... ତାହାକୁ ମୋଟେ ଶବ୍ଦ ଦେଇ କହିହେବ ନାହିଁ,– ମାତ୍ର ତୁମକୁ ତା'ପରେ ଭାରି ପ୍ରସନ୍ନ ଓ ପରିତୃପ୍ତ ବୋଧ ହେଉଥିବ ।

*ହଁ, ବେଶ୍ ଭଲ ଲାଗେ ।*

ଆଚ୍ଛା !

*ହଁ, ଭଲ ଲାଗେ । ସେଥିରେ କୌଣସି ସନ୍ଦେହ ନାହିଁ ।*

ଆଚ୍ଛା ! ତେବେ ସବୁ ଠିକ୍ ଅଛି । ମୁଁ ତାହାରି କଥା କହୁଥିଲି । ଆଉ ସବୁକିଛି ହେଉଛି କେବଳ ନିରର୍ଥକ ।

*ହଁ, ମାତ୍ର ସେହି ଯଥାର୍ଥ ଓ ପ୍ରକୃତ ପ୍ରେରଣାଟିକୁ ପୁଣି କିପରି ଲାଭ କରାଯାଇ ପାରିବ ?*

ମାତ୍ର ସେଇଟି ତ ସେହି ସ୍ଥିତିର ନିମ୍ନ ଦେଶରେ ରହିଥାଏ ।

*ନିମ୍ନଦେଶରେ ରହିଥାଏ ?*

ହଁ, ସେଇଟି ତାହାରି ତଳେ ଅବଶ୍ୟ ରହିଥାଏ ।

ସେହି ଅବସ୍ଥାଟି – ମୁଁ ନିଜ ଅନୁଭୂତିରୁ ତାହା ଜାଣିଛି – ସେହି ଅବସ୍ଥାଟିରେ ରହିହିଁ **ଜଣେ ପୃଥିବୀକୁ ବଦଳାଇ ଦେଇ ପାରିବ** । ସେତେବେଳେ ସିଏ ସତେଅବା

ଏକ ନିମିତ୍ତରେ ପରିଣତ ହୋଇଯିବ – ଏପରିକି, ନିମିତ୍ତ ହେବା ବିଷୟରେ ମଧ୍ୟ ସଂପୂର୍ଣ୍ଣ ଅଚେତନ ହୋଇ ରହିଥିବ – ମାତ୍ର ତଦ୍ଦ୍ୱାରା ସିଏ (*ମାଆ ନିମିତ୍ତଟିର ମଧ୍ୟଦେଇ ଶକ୍ତିଗୁଡ଼ିକ ପ୍ରବାହିତ ହୋଇଯାଉଥିବା ପରି ଇଙ୍ଗିତ କଲେ*) ଶକ୍ତିଗୁଡ଼ିକର ପ୍ରକ୍ଷେପଣ କରିପାରିବ (*କେନ୍ଦ୍ରରୂପେ ଅବସ୍ଥିତ ନିମିତ୍ତଟିରୁ ଶକ୍ତିଗୁଡ଼ିକ ସକଳ ଦିଗକୁ ବିକୀର୍ଣ୍ଣ ହୋଇ ଯାଉଥିବାର ଇଙ୍ଗିତ*) । ଏହି ମସ୍ତିଷ୍କ ହେଉଛି ଏକ କ୍ଷୁଦ୍ର ପଦାର୍ଥଟିଏ, ଏକାବେଳେକେ କ୍ଷୁଦ୍ର ପଦାର୍ଥଟିଏ, ନୁହେଁ କି ? ଏପରିକି, ଏହାର ଆକାର ଅତ୍ୟନ୍ତ ବୃହତ୍ ହୋଇ ରହିଥିବା ସମୟରେ ମଧ୍ୟ, ତାହା ତଥାପି ଏଡ଼େ ସାନ ହୋଇ ରହିଥିବ ଯେ, ଏବିଷୟରେ ଆଦୌ କିଛିହେଲେ ବୁଝିପାରିବ ନାହିଁ; ସେଇଥିଲାଗି ମନ ଭିତରେ ଏହିପରି ଏକ ଶୂନ୍ୟସ୍ଥାନ ରହିଥିବା ଭଳି ବୋଧହୁଏ ଓ ତା'ପରେ ଅସଲ ଘଟଣାଟି ଘଟିବାକୁ ଆରମ୍ଭ କରେ ।

ଏବଂ ତା'ପରେ ତୁମର ଏହି ବୋଧଟି ହେବାକୁ ଲାଗେ ଯେ, ତୁମେ ପ୍ରତିନିଧିତ୍ୱ କରୁଥିବା ଏହି ସାନ ଜୀବନଟିର ଆବଶ୍ୟକତାଗୁଡ଼ିକର କ୍ଷେତ୍ରରେ,– ଏଭଳି ଘଟିବାକୁ ଆରମ୍ଭ କରେ ଯେ, ତୁମର ଯାହାକିଛି କର୍ତ୍ତବ୍ୟ ରହିଛି, ସେଗୁଡ଼ିକ ସ୍ୱୟଂପ୍ରେରିତ ଭାବରେ ତୁମ ପାଖରେ ଆସି ଉପସ୍ଥିତ ହୁଅନ୍ତି ଏବଂ ପ୍ରତ୍ୟେକ ମୁହୂର୍ତ୍ତରେ ତୁମେ ସେହିଗୁଡ଼ିକୁହିଁ ଠିକ୍ ସ୍ୱତଃପ୍ରେରିତ ଭାବରେ କରିବାରେ ଲାଗିଯାଅ... ଆଦୌ କୌଣସି ହିସାବ କର ନାହିଁ, କୌଣସି କଳ୍ପନାଜଳ୍ପନା ମୋଟେ କର ନାହିଁ, ନିଜେ କୌଣସି ନିଷ୍ପତ୍ତି ବି କର ନାହିଁ; ସେତେବେଳେ ଠିକ୍ ଏହିପରି ହୁଏ (*ନିମିତ୍ତଟିର ମଧ୍ୟଦେଇ ସବୁକିଛି ପ୍ରବାହିତ ହେଉଥିବାର ପୂର୍ବବତ୍ ଇଙ୍ଗିତ*) ।

ସେତେବେଳେ ମୋ'ର ଏହି ବ୍ୟକ୍ତିଗତ ଅନୁଭୂତିଟି ହୋଇଥିଲା ଯେ, ଯଦି ଏହି ଶରୀର ମଧ୍ୟରେ କେଉଁଠି କିଛି ବିଗିଡ଼ିଯାଏ (କୌଣସି ଯନ୍ତ୍ରଣା ହୁଏ, ଅସ୍ୱସ୍ତି ଲାଗେ ଅଥବା ଶରୀର ଭିତରେ କିଛି ଉଚିତପ୍ରକାରେ କାର୍ଯ୍ୟ କରୁ ନ ଥାଏ), ଯେତେବେଳେ ତୁମେ ସେହି ଅବସ୍ଥାଟି ମଧ୍ୟଦେଇ ଗତି କରିବାକୁ ଲାଗ, ସେତେବେଳେ ଏହି ସବୁକିଛି ତୁମକୁ ଛାଡ଼ି ଚାଲିଯାଏ । ଛାଡ଼ି ଚାଲିଯାଏ, ଅନ୍ତର୍ହିତ ହୋଇଯାଏ । ଏପରିକି ଅତି ଉତ୍କଟ ଯନ୍ତ୍ରଣା ମଧ୍ୟ ଏହିପରି ଭାବରେ ସମ୍ପୂର୍ଣ୍ଣ ଭାବରେ ଅନ୍ତର୍ହିତ ହୋଇ ଯାଇଛି । କିପରି ହୋଇଛି ସେକଥାର କୌଣସି ଅନ୍ତ ମିଳି ନାହିଁ । ଏକାବେଳେକେ ବିଦାୟ ନେଇ ଚାଲିଯାଇଛି ।

ଏବଂ ତା'ପରେ, ଲୋକମାନଙ୍କ ସହିତ ଓ ଜୀବନର ଯାବତୀୟ ବସ୍ତୁଗୁଡ଼ିକ ସହିତ ସଂପର୍କରେ ଆସିବାର କ୍ଷେତ୍ରରେ, ଏକ ଶିଶୁସୁଲଭ ସରଳତା ଉପଲବ୍ଧ ହୋଇ ପାରିଛି । ଅର୍ଥାତ୍,– କାର୍ଯ୍ୟଗୁଡ଼ିକ ସମ୍ପାଦିତ ହୋଇଛି, ମାତ୍ର ସେଥିଲାଗି ଆଦୌ କୌଣସି କଳ୍ପନାଜଳ୍ପନା କରିବାକୁ ପଡ଼ି ନାହିଁ ।

ହଁ, ଏହି କଥାଟି ଠିକ୍ ସେହିପରି । ତୁମେ ଯେଉଁଟିର ବର୍ଣ୍ଣନା କରୁଛ, ମୁଁ ସବୁବେଳେ ସେହିପରି ଏକ ଅବସ୍ଥାରେ ରହିବା ସକାଶେ ଚେଷ୍ଟା କରିଥାଏ । ହଁ, **ଯାହାକିଛି ବି ଘଟୁଥାଉ**, ଠିକ୍ ସେହି ଅବସ୍ଥାରେ ରହିବାକୁ ଚେଷ୍ଟା କରେ । ଏବଂ ସର୍ବଦା,– ଏଥିରେ ଥରେ ମଧ୍ୟ ବ୍ୟତିକ୍ରମ ହୁଏ ନାହିଁ,– ଯଦି ମୋ ଦ୍ୱାରା କୌଣସି କାର୍ଯ୍ୟ ହେବାକୁ ରହିଥାଏ, ତେବେ ମୋ ଦ୍ୱାରା ସେହି କାର୍ଯ୍ୟଟିକୁ କରାଇ ନିଆଯାଏ ।

ଆଉ ମୁଁ ଅଧିକ କିଛି କହିପାରିବି ନାହିଁ । ଏହା ଠିକ୍ ଏହିପରି ।

ମୁଁ ବେଶ୍ ଲକ୍ଷ୍ୟ କରି ପାରିଲି ଯେ, ବିଭିନ୍ନ ସମୟରେ ବିଭିନ୍ନ ଲୋକଙ୍କ ସହିତ ମୋତେ ବିଭିନ୍ନ ପ୍ରକାରେ କାର୍ଯ୍ୟ କରିବା ଲାଗି ସୂଚନା ଦିଆଯାଉଛି, ଏବଂ ସେଥିରୁ ମିଳୁଥିବା ଅଭିଜ୍ଞତା ମଧ୍ୟ ବିଭିନ୍ନ ପ୍ରକାରର ହେଉଛି – ସବୁବେଳେ ଠିକ୍ ସେହିପରି ହେଉଛି, ସେହି ଗୋଟିଏ ପ୍ରକାରେ ଘଟୁଛି, ଠିକ୍ ଏହିପରି (*ମାଆ ହାତ ଉଠାଇ ଊର୍ଦ୍ଧ୍ୱ ଆଡ଼କୁ ନିର୍ଦ୍ଦେଶ କଲେ, ସେହିପରି ନିଶ୍ଚଳ ହୋଇ ରହିଲେ*) ।

ତେଣୁ, ଏକମାତ୍ର କଥା ହେଉଛି, ଆମେ ଏପରି ଏକ ସ୍ଥିତିରେ ଆସି ପହଞ୍ଚିବା, ଯେଉଁଠାରେ କି ସ୍ୱାଭାବିକ ଭାବରେ ଆଦୌ କୌଣସି ଅଗ୍ରରୁଚି ନ ଥିବ, କୌଣସି ବାସନା ନ ଥିବ, ବିକର୍ଷଣ ବା ଆକର୍ଷଣ ନ ଥିବ । ଆଦୌ କିଛିହେଲେ ନ ଥିବ । ସେହି ସବୁକିଛି ବିଦାୟ ନେଇ ଚାଲିଯାଇଥିବ ।

ଏବଂ ସର୍ବୋପରି, ସର୍ବୋପରି, ବିଶେଷ ଭାବରେ, ଆଦୌ କୌଣସି ଭୟ ନ ଥିବ । ତାହାହିଁ ହେଉଛି ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ।

## ୧ ଅକ୍ଟୋବର ୧୯୬୯

୨୬ ଅଗଷ୍ଟ ୧୯୫୩ ଦିନ ମାଆ ପ୍ରେମ ବିଷୟରେ
ଯାହା କହିଥିଲେ, ତାହାରି ବିଷୟରେ ।

> *ମାଆ, ପ୍ରେମର ଏହି ଯେଉଁ ଶକ୍ତି ଜୀବନରେ ଆସେ ବୋଲି ଆପଣ କହିଥିଲେ,— ସେହି ଶକ୍ତି ବେଳେବେଳେ ଆସେ, ସେତେବେଳେ ଆମେ ଯଥାର୍ଥରେ ଭଲ ପାଇ ପାରୁଥିଲା ପରି ମନେ ହୁଏ,— ମାତ୍ର ସେହି ଶକ୍ତିଟିକୁ ସ୍ଥାୟୀ ଭାବରେ ଧରି ରଖି ହୁଏ ନାହିଁ, କାହିଁକି ?*

ତାକୁ ସ୍ଥାୟୀ କରି ରଖିବା ଲାଗି ଉପଯୁକ୍ତ ଶକ୍ତି ଥିବା ଆବଶ୍ୟକ ।

> *ହଁ, ତାହା ଏକାନ୍ତ ଆବଶ୍ୟକ ବୋଲି ମୁଁ ମଧ୍ୟ ଭାବୁଛି, ମାତ୍ର ତଥାପି ତାହାକୁ ସ୍ଥାୟୀ କରି ରଖିହୁଏ ନାହିଁ ।*

ହଁ, ଠିକ୍ ଏହି କ୍ଷେତ୍ରରେହିଁ ଏକ ସାତତ୍ୟ ରଖିବାକୁ ପଡ଼ିବ । ଶରୀର ଯାହାକିଛି କରୁଥାଉ ପଛକେ,— ଲୋକମାନଙ୍କ ସହିତ ସାକ୍ଷାତ କରୁଥାଉ, ଆପଣାର କୌଣସି କାର୍ଯ୍ୟରେ ବ୍ୟସ୍ତ ହୋଇ ରହିଥାଉ ଅଥବା ଶୋଇଥାଉ ପଛକେ,— ସେହି କ୍ଷେତ୍ରରେ ସର୍ବଦା ସଚେତନ ଏବଂ ସ୍ପନ୍ଦନଯୁକ୍ତ ହୋଇ ରହିବାକୁ ପଡ଼ିବ । ‘‘ଏହା ଅବଶ୍ୟ ସମ୍ଭବ’’ ବୋଲି ମୁଁ କହୁଛି; ଏହା ଏକ ବାସ୍ତବ ସତ୍ୟ । ଏଥିପାଇଁ କେବଳ ଏତିକି କରିବାର ପ୍ରୟୋଜନ ରହିଛି ଯେ,... ସାଧାରଣତଃ, ଯେଉଁ ସକାଶେ ତାହା ସ୍ଥାୟୀ ହୋଇ ରହି ପାରେ ନାହିଁ, ତାହା ହେଉଛି ଯେ, ଅଧିକାଂଶ ମଣିଷଙ୍କ ମଧ୍ୟରେ ଭୌତିକ ସ୍ତରର ଚେତନାଟି ବଡ଼ ଅନ୍ଧକାରାଚ୍ଛନ୍ନ ହୋଇ ରହିଥାଏ; କେବଳ ଅତ୍ୟନ୍ତ ସ୍ଥୂଳସ୍ତରୀୟ କେତୋଟି ପ୍ରୟୋଜନ, ବାସନା ତଥା ପ୍ରତିକ୍ରିୟାକୁ ନେଇ ତାହା ଗଠିତ ହୋଇଥାଏ । ଏହି କ୍ଷେତ୍ରରେ ଅସଲ ଆବଶ୍ୟକତାଟି ହେଉଛି ଯେ ଆମେ ଆମ ଶରୀରର କୋଷଗୁଡ଼ିକ ଭିତରେ ଦିବ୍ୟ ପରମସତ୍ତାଙ୍କ ପ୍ରତି ସେହି ଯଥାର୍ଥ ପ୍ରେମଭାବଟିକୁ ଜାଗ୍ରତ କରି ଆଣିବା; ଯେପରିକି ତାହା ସର୍ବଦା ସ୍ଥାୟୀ ହୋଇ ରହିବ, ଆଉ ମୋଟେ ବଦଳି ଯିବ ନାହିଁ । ଏହା ଏପରିକି ଅନ୍ୟ ଯେ କୌଣସି ପ୍ରାଣିକ ବା ମାନସିକ କ୍ରିୟାଶୀଳତା ଅପେକ୍ଷା **ଅନେକ ଅଧିକ ପରିମାଣ**ରେ ସ୍ଥାୟୀ ହୋଇ ରହିପାରିବ । ଠିକ୍ ଏହିପରି (*ମାଆ ତାଙ୍କର ଦୁଇ ହାତମୁଠାକୁ ବନ୍ଦ କରି ରଖିଲେ*)

ଆଦୌ ବାହାରି ଚାଲିଯିବ ନାହିଁ । କୋଷଗୁଡ଼ିକ ଅନୁକ୍ଷଣହିଁ ଏହି ଅବସ୍ଥାରେ ରହିଥା'ନ୍ତି, ଦିବ୍ୟ ପରମସତ୍ତାଙ୍କ ପ୍ରତି ଏକ ପ୍ରେମ ଦ୍ୱାରା ଅନୁସିକ୍ତ ହୋଇ ରହିଥା'ନ୍ତି । ଶରୀରର ସ୍ତରଟିରେ ସବୁଠାରୁ ଅଧିକ ଉଲ୍ଲେଖଯୋଗ୍ୟ କଥା ହେଉଛି ଯେ, ତାହା ଥରେ ଯେଉଁ କଥାଟିକୁ ଶିକ୍ଷା କରିଛି, ସେକଥା ସିଏ କେବେହେଲେ ଭୁଲିଯାଏ ନାହିଁ । କୋଷଗୁଡ଼ିକ ଥରେ ସେହି କଥାଟିକୁ ଶିଖିନେଇ ପାରିଲେ, ଏହି ଆତ୍ମ-ଦାନ, ଦିବ୍ୟ-ପରମସତ୍ତାଙ୍କ ଉଦ୍ଦେଶ୍ୟରେ ଏହି ନିବେଦନ ଓ ଏହି ଆତ୍ମୋତ୍ସର୍ଗର **ଆବଶ୍ୟକତା**କୁ ଥରେ ଶିକ୍ଷାକରି ପାରିଲେ ସେମାନେ ସବୁକାଳ ଲାଗି ତାହାକୁ ଶିକ୍ଷାକରି ନେଇଥା'ନ୍ତି । ତା'ପରେ ସେଥିରୁ କେବେହେଲେ ବିଚ୍ୟୁତ ହୋଇ ପଡ଼ନ୍ତି ନାହିଁ । ସେମାନଙ୍କର ସେହି ଶିକ୍ଷାଟି ସ୍ଥାୟୀ ହୋଇ ରହିଥାଏ, ଚବିଶିଘଣ୍ଟା ମଧ୍ୟରୁ ଚବିଶି ଘଣ୍ଟା ସ୍ଥାୟୀ ହୋଇ ରହିଥାଏ, କେବେ ବନ୍ଦ ହୋଇଯାଏ ନାହିଁ ଏବଂ ଦିନ ପରେ ଦିନ ସେଥିରେ ଆଦୌ କୌଣସି ପରିବର୍ତ୍ତନ ହୁଏ ନାହିଁ । ଏପରିକି, ଯଦି ସେହି ଭୂମିରେ କେଉଁଠି କିଛି ବିଗିଡ଼ି ବି ଯାଇଥାଏ (ହୁଏତ କେଉଁଠି ଏକ ଯନ୍ତ୍ରଣା ବା ଆଉକିଛି ରହିଥାଏ), ସେତେବେଳେ ସର୍ବପ୍ରଥମେ ତୁମକୁ ଏହାହିଁ କରିବାକୁ ହେବ ଯେ ତୁମେ ଆପଣାକୁ ସଂପୂର୍ଣ୍ଣ ଭାବରେ ନିବେଦନ କରିଦେବ, ସମ୍ପୂର୍ଣ୍ଣ ଭାବରେ ଦେଇଦେବ । ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଭାବରେ ଦେଇଦେବ । ଉଚ୍ଚତର ଚେତନା ଆଦୌ କୌଣସି ହସ୍ତକ୍ଷେପ କରିବ ନାହିଁ । କୋଷଗୁଡ଼ିକରେ ଅବସ୍ଥିତ ଚେତନା ଆପଣାକୁ ସ୍ୱତଃସ୍ଫୂର୍ତ୍ତ ଭାବରେ ଦେଇଦେବ । ସେହି ଦୃଷ୍ଟିରୁ ଦେଖିଲେ, ପ୍ରାଣିକ ଓ ମାନସିକ ଭାରି ଅସ୍ଥାୟୀ ହୋଇ ରହିଥା'ନ୍ତି (*ବଙ୍କାଟଙ୍କା ହୋଇ ଚାଲିଯିବାର ଇଙ୍ଗିତ*) । ବିଶେଷ କରି ପ୍ରାଣିକହିଁ ଯାବତୀୟ ପ୍ରକାରର ବିଷୟ ନେଇ ନିଜକୁ ଭାରି ଛନ୍ଦିକରି ରଖିଥାଏ । ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ, ଦୁଇଟିଯାକ ପରସ୍ପର ଉପରେ ନିର୍ଭରଶୀଳ ହୋଇ ରହିଥା'ନ୍ତି ।

ଅହଂରହିଁ ବିଲୋପ ସାଧନ କରିବାକୁ ପଡ଼ିବ, ଅହଂର ଯାବତୀୟ **ବିଧାନ**କୁ ବିଲୁପ୍ତ ହୋଇଯିବାକୁ ପଡ଼ିବ । ମାତ୍ର ଲୋକମାନେ ସାଧାରଣତଃ ବିଶ୍ୱାସ କରିଥା'ନ୍ତି ଯେ, ଶାରୀରିକ ସ୍ତରର ଅହଂଟିକୁ ବିଲୁପ୍ତ କରିପାରିବା ଆଦୌ ସମ୍ଭବ ହେବ ନାହିଁ । ଏହା ଯେ କେବଳ ସମ୍ଭବ, ସେତିକି ନୁହେଁ, ଏହାକୁ **କାର୍ଯ୍ୟାନ୍ୱିତ କରି** ଦେଖାଇ ଦିଆଯାଇ ସାରିଛି । ଏବଂ ତଥାପି ଶରୀର ରହିଛି, ବିଚରଣ କରୁଛି, ଆଦୌ ଚାଲିଯାଇ ନାହିଁ (ହଁ, ଏକଦା ଏକ କଷ୍ଟକର ମୁହୂର୍ତ୍ତ ଅବଶ୍ୟ ରହିଥିଲା, ମାତ୍ର କେବଳ କିଞ୍ଚିତ୍ ପରିମାଣରେ) ।

ଶ୍ରଦ୍ଧାର ଏହି ସକ୍ରିୟ ଭାବମୟତାଟି ବ୍ୟତୀତ ତିଷ୍ଠି ରହିବା ଆଦୌ କିପରି ଯେ ସମ୍ଭବ, କୋଷଗୁଡ଼ିକ ବର୍ତ୍ତମାନ ବିସ୍ମିତ ହୋଇ ସେହି କଥା ଭାବୁଛନ୍ତି । ସେଗୁଡ଼ିକ ସବୁଠାରେ କେବଳ ଏହିପରି (*ପ୍ରଗାଢ଼ ଅଭୀପ୍ସାର ଇଙ୍ଗିତ*) ହୋଇ ରହିଛନ୍ତି । ଏହା ଭାରି ଆଗ୍ରହୋଦ୍ଦୀପକ ।

ଆପଣାର ପ୍ରାଣିକ ଏବଂ ମାନସିକର ସମ୍ମୁଖୀନ ହେଉଥିବା ସମୟରେ ଆପଣାର ଅନ୍ତର୍ଗତ ବିକାଶର କ୍ଷେତ୍ରରେ ଏହିସବୁ ଯେତେ ଅସୁବିଧା ଭୋଗ କରିବାକୁ ପଡ଼ିଥାଏ, ପୁରାତନ ବସ୍ତୁଗୁଡ଼ାକର ପୁନରାବିର୍ଭାବ ଘଟିବାର ଓ ତତ୍ତୁଲ୍ୟ ଯେତେ ଯାହା ଅସୁବିଧା ଭୋଗ କରିବାକୁ ହୁଏ, ସେସବୁ ବର୍ତ୍ତମାନ ଏଥିଭିତରୁ (ଶରୀରରୁ) ଅନ୍ତର୍ହିତ ହୋଇ ଯାଇଛନ୍ତି । ଏଠାରେ ଆଉ ସେଭଳି ମୋଟେ ହେଉ ନାହିଁ ।

## ୧୮ ଅକ୍ଟୋବର ୧୯୬୯

ଉପଲବ୍ଧିକୁ **ପରିପୂର୍ଣ୍ଣ** କରିବାକୁ ହେଲେ, ଆମର ସମସ୍ତ ସତ୍ତାର ଏକ ଆଲୋକନ ଆବଶ୍ୟକ; ମାତ୍ର ଏକ ଉପଲବ୍ଧିର ପ୍ରଥମ ପର୍ଯ୍ୟାୟରେ, ଯେଉଁ ଶରୀରର ମନଟି ଅତ୍ୟନ୍ତ ବିକାଶଲାଭ କରି ନାହିଁ, ସମ୍ଭବତଃ ସେହି ଶରୀର ଲାଗି ସବୁକିଛି ଅପେକ୍ଷାକୃତ ଅଧିକ ସହଜ ହୋଇଯିବ ।... ଅବଶ୍ୟ ଆମ୍ଭମାନଙ୍କ ଲାଗି, ଯେଉଁମାନେ ମାନସିକ ସମ୍ଭାବନାର ସର୍ବୋଚ୍ଚ ଉପଲବ୍ଧି-ସ୍ତରରେ ଯାଇ ପହଞ୍ଚି ପାରିଛନ୍ତି, କେବଳ ସର୍ବୋଚ୍ଚ ସୀମାଟିକୁ ସ୍ପର୍ଶ କରି ତାହାରି ମାଧ୍ୟମରେହିଁ ଆମେ ଆହୁରି ସେପାଖକୁ ଅତିକ୍ରମ କରିଯାଇଛୁ । କେବଳ ଆପଣାର ସର୍ବୋଚ୍ଚ ସୀମାଟିରେ ଆସି ପହଞ୍ଚି ସାରିବା ପରେ ଯାଇ ମନ ଆସନରୁ ଓହ୍ଲାଇ ଯାଇଛି । ଏବଂ, ସଂପୂର୍ଣ୍ଣ ଉପଲବ୍ଧି ଲାଗି ଏହା ଏକ ଯଥାର୍ଥ ରୀତି ସତ, ମାତ୍ର ସାଧାରଣତଃ ଆମର ଶରୀର ମନର ବୋଲ ମାନିବାରେ ଅତିରିକ୍ତ ଭାବରେ ଅଭ୍ୟସ୍ତ ହୋଇ ରହିଥାଏ, ରୂପାନ୍ତରିତ ହୋଇ ପାରିବା ଲାଗି ତାହା ଯଥେଷ୍ଟ ପରିମାଣରେ ଆଦୌ ନମନୀୟ ହୋଇ ରହି ନ ଥାଏ । ଏବଂ ସେହି କାରଣରୁ ମୁଁ ମୋର ମନକୁ ବିଦା ଦେଇ ଅନ୍ୟତ୍ର ପଠାଇ ଦେଇଛି... ମାତ୍ର ଠିକ୍ ସେହି ପଦ୍ଧତିର ଅନୁସରଣ କରିବା ଲାଗି ଅନ୍ୟମାନଙ୍କୁ କଦାପି ଉତ୍ସାହ ଦିଆଯିବ ନାହିଁ । କାରଣ ସେପରି ହେଲେ ଦଶଜଣଙ୍କ ମଧ୍ୟରୁ ନଅଜଣଙ୍କର ମୃତ୍ୟୁ ହୋଇଯିବାର ଆଶଙ୍କା ରହିଥିବ ।

*ମନ ?*

ମନ ବିଦାୟ ନେଇ ଚାଲି ଯାଇଥାଏ ।

*ଆପଣ ଭାବୁଛନ୍ତି, ଏପରି ହେଲେ ମୋ'ର ମୃତ୍ୟୁ ଘଟିବ ?*

ମନ ଆଉ ପ୍ରାଣିକ ଉଭୟର ।

*ହଁ, ପ୍ରାଣିକର ମୃତ୍ୟୁ ଘଟିବ ବୋଲି ମୁଁ ବେଶ୍ ବୁଝି ପାରୁଛି; ମାତ୍ର ଯଦି ଆପଣ ମୋ'ର ମନଟିକୁ ଅପସରାଇ ନେଇଯାଆନ୍ତି...*

ନା-ନା – ମୁଁ ସେକଥା କଦାପି କରିବି ନାହିଁ । (*ମାଆ ହସିଲେ*) ମନକୁ କେବଳ... କେବଳ ଓହ୍ଲାଇ ଯିବାକୁ ପଡ଼ିବ ।

ଅସଲ ଶକ୍ତିଟି ଯେପରି ସତ୍ୱର ଗତିରେ ସମସ୍ତ ପଥଟି ଅତିକ୍ରମ କରି ଶରୀରଯାଏ ଆସି ପହଞ୍ଚି ପାରିବ, ସେଥିଲାଗି ଏକ **ବୃହତ୍** ବଶ୍ୟତା ଓ ପୂର୍ଣ୍ଣସମ୍ମତିର ଆବଶ୍ୟକତା ରହିଛି । ମୁଁ ଦେଖିବାକୁ ପାଉଛି ଯେ, ଶରୀରର କୌଣସି ଗୋଟିଏ ଅଥବା ଅନ୍ୟ ଅଂଶରେ କ୍ରିୟା କରିବା ଉଦ୍ଦେଶ୍ୟରେ ଯେତେଥର ଏକ ଚାପ ଆସି ପହଞ୍ଚୁଛି, ଏକ ସମ୍ପୂର୍ଣ୍ଣ ବଶ୍ୟତାରୁହିଁ ସମସ୍ତ କ୍ରିୟାଟି ଆରମ୍ଭ ହେଉଛି... ତାହାକୁ ‘‘ପରିପୂର୍ଣ୍ଣ ଅକ୍ରିୟତା’’ ବୋଲି କୁହାଯାଇ ପାରିବ । ବୁଝି ପାରୁଛ ତ ? ଅକ୍ରିୟତା ଯାହାକୁ ଅପରିପୂର୍ଣ୍ଣ ବୋଲି ଦେଖାଉଛି, ଏହା ହେଉଛି ତାହାରି ପରିପୂର୍ଣ୍ଣତା... ଏହା ଏପରି ଏକ ବସ୍ତୁ, ଯାହାର କି ଆଦୌ ନିଜର କୌଣସି କ୍ରିୟାଶୀଳତା ବିଦ୍ୟମାନ ନ ଥାଏ । ଏବଂ, ଯେଉଁମାନଙ୍କ ପାଖରେ ଏକ ସୁବିକଶିତ ମନ ରହିଛି, ସେମାନଙ୍କ କ୍ଷେତ୍ରରେ ଏହା କରିପାରିବା **ସବୁଠାରୁ ଅଧିକ** କଷ୍ଟକର, ଭାରି କଷ୍ଟକର । କାରଣ, ସେହି କ୍ଷେତ୍ରରେ ସମସ୍ତ ଶରୀର ତା’ର ଜୀବନସାରା କେବଳ ମନ ଲାଗି ଗ୍ରହଣଶୀଳ ହୋଇ ରହିବାର ଏହି ସ୍ଥିତିଟିରେ ଅବସ୍ଥାନ କରି ପାରିବା ଲାଗିହିଁ କାର୍ଯ୍ୟ କରି ଆସିଛି; ଯାହାଫଳରେ କି ସିଏ ମନର ଅନୁଗତ ହୋଇ ରହିଛି, ଆପେ ଅତ୍ୟନ୍ତ ନିଷ୍କ୍ରିୟ ହୋଇ ରହିଛି,— ଏବଂ ଏହି କଥାଟିକୁହିଁ ବିଲୁପ୍ତ କରିଦେବାକୁ ପଡ଼ିବ ।

ଏହି କଥାଟିକୁ ମୁଁ କିପରି ବୁଝାଇ କହିପାରିବି ?... ମନର ମାଧ୍ୟମରେ ବିକାଶ ଲାଭ କରିବାର ଅର୍ଥ ହେଉଛି ସ୍ଥୂଳତମ ଅଂଶଟି ସମେତ ସମଗ୍ର ସତ୍ତାଟି ଏକ ଅବିରାମ ଏବଂ ସାଧାରଣ ଜାଗୃତି, ଯାହା ଫଳରେ କି ଏପରି ଗୋଟିଏ ଉପଲବ୍ଧି ମଧ୍ୟ ସମ୍ଭବ ହୋଇଥାଏ, ଯାହାକୁ କି ଆମେ ନିଦ୍ରାର ବିପରୀତ ବୋଲି କହି ପାରିବା । ମାତ୍ର, ସର୍ବୋଚ୍ଚ ପରମଶକ୍ତିଙ୍କୁ ଲାଭ କରି ପାରିବାକୁ ହେଲେ ଆମକୁ ଠିକ୍ ଓଲଟା ହେବାକୁ ପଡ଼ିବ, ଅର୍ଥାତ୍ ଏକ ଗତିରହିତ ଅବସ୍ଥାର ଏକ ସଦୃଶସ୍ଥିତି ଅର୍ଜନ କରିବାକୁ ହେବ — ଠିକ୍ ନିଦ୍ରାକାଳୀନ ଏକ ଗତିରହିତତା, **ମାତ୍ର ସମ୍ପୂର୍ଣ୍ଣ ଭାବରେ ସଚେତନ ରହିଥିବା** ଏକ ଗତିରହିତତା, ଏକାବେଳେକେ ସମ୍ପୂର୍ଣ୍ଣ ଭାବରେ ସଚେତନ । ଶରୀର ଏହି ପାର୍ଥକ୍ୟଟିକୁ ସଂପୂର୍ଣ୍ଣ ଭାବରେ ଅନୁଭବ କରୁଥିବ । ଏତେ ଅଧିକ ପରିମାଣରେ ସେହି ପାର୍ଥକ୍ୟଟିକୁ ଅନୁଭବ କରୁଥିବ ଯେ,... ଉଦାହରଣ ସ୍ୱରୂପ, ମୁଁ ସନ୍ଧ୍ୟାବେଳେ ଲମ୍ବ ହୋଇ ଶୋଇ ରହିଥାଏ ଏବଂ ଘଣ୍ଟା ଘଣ୍ଟା ଧରି ସେହିପରି ଅବସ୍ଥାରେ ରହିଥାଏ । ଏବଂ ସେହି ସମୟରେ ଯଦି ସାଧାରଣ ଅର୍ଥରେ ମୋତେ ନିଦ ଆସିଯାଏ, ତେବେ ଉଠିଲା ବେଳକୁ ଶରୀର ସତେ ଯେପରି ଏକ ଦାରୁଣ ବ୍ୟଥା ଅନୁଭବ କରୁଥାଏ । ଏବଂ ତା’ପରେ ତାହା ଆପଣାକୁ ପୁନର୍ବାର ସେହି ଅବସ୍ଥାକୁ ଫେରାଇ ନେବାକୁ ଆରମ୍ଭ କରେ । ମୁଁ ବାରବାର ସେହି ବ୍ୟଥା ଅନୁଭବ କରିଛି,— ଏବଂ ଶରୀର ନିଜର ଯଥାର୍ଥ ଦୃଷ୍ଟିସ୍ଥିତିଟିକୁ ଫେରିଯିବା

ସଙ୍ଗେସଙ୍ଗେ ସେହି ବ୍ୟଥା ମଧ୍ୟ ଅନ୍ତର୍ହିତ ହୋଇଯାଇଥାଏ । ସେହି ଯଥାର୍ଥ ସ୍ଥିତିଟି ହେଉଛି ଏକ ଗତିରହିତତାର ସ୍ଥିତି, ମାତ୍ର ସମ୍ପୂର୍ଣ୍ଣ ଭାବରେ ସଚେତନ ହୋଇ ରହିଥିବା ଏକ ଗତିରହିତତାର ସ୍ଥିତି । ହଁ, ‘‘ଗତିରହିତତା’’... ସେହି କଥାଟିକୁ ମୁଁ କିପରି ଯଥାର୍ଥ ଭାବରେ ପ୍ରକାଶ କରି ପାରିବି, କିଛି ଜାଣିପାରୁ ନାହିଁ । ମାତ୍ର ଗତିରହିତତା ମଧ୍ୟରେ ସାଧାରଣତଃ ଯେଉଁ ଜଡ଼ତା ରହିଥାଏ, ଏଇଟି ହେଉଛି ତା’ର ପ୍ରାୟ ଏକ ବିପରୀତ କଥା ।

ଏବଂ, ସେହି ଜଡ଼ତାବସ୍ଥାରୁହିଁ କାହିଁକି ଏହି ସୃଷ୍ଟିର ପ୍ରାରମ୍ଭ ହୋଇଥିଲା, ଏହାରି ସାହାଯ୍ୟରେହିଁ ମୁଁ ବର୍ତ୍ତମାନ ସେହି କଥାଟିକୁ ବୁଝିବାକୁ ସମର୍ଥ ହେଉଛି । ତେଣୁ, ଚେତନାର ଯାବତୀୟ ସ୍ତରଦେଇ ଅତିକ୍ରମ କରି ଗଲା ପରେ ସେହି ସ୍ଥିତିଟିର ପୁନରାବିଷ୍କାର କରିବାକୁହିଁ ପଡ଼ିଲା (*ମାଆ ଏକ ବୃହତ୍ ବକ୍ର ଅଙ୍କନ କରି ଦେଖାଇଦେଲେ*) । ଏବଂ ତାହାହିଁ ଆମକୁ... (*ମାଆ ହସିଲେ*) ଏକ ଭାରି ବଡ଼ ଅଡୁଆରେ ଆଣି ପକାଇ ଦେଇଛି । ମାତ୍ର ଯେତେବେଳେ ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ତାହାର ସମ୍ପାଦନ କରାଯାଏ ସେତେବେଳେ ତାହା ଆଉ ମୋଟେ ଏକ ଅଡୁଆ ହୋଇ ରହେ ନାହିଁ ।

*ମୋ’ଲାଗି ଯାହା ଅଧିକାଂଶ ସମୟରେ ଏକ ଅସୁବିଧା ବୋଲି ଅନୁଭୂତ ହେଉଛି, ସେଇଟି ହେଉଛି ଯେ, ମୋ’ କ୍ଷେତ୍ରରେ ଅଭୀପ୍ସା ସହିତ ସକ୍ରିୟତାର ମଧ୍ୟ ଏକ ଆବଶ୍ୟକତା ରହିଛି ।*

ହଁ, ବୁଝିଲି ।

*ମୁଁ ଏପରି ଅନୁଭବ କରୁଛି, ସକ୍ରିୟ ଭାବରେ ଅଭୀପ୍ସା କରିବାର ଏହି ରୀତିଟି ଯେପରି ଆଦୌ ବନ୍ଦ ହୋଇ ନ ଯାଏ । ଅଧିକାଂଶ ସମୟରେ ମୁଁ ଏହି ସବୁକିଛିକୁ ବିଦାୟ ଦେଇ ଛାଡ଼ି ଆସି ପାରିବି, ଏତେ ଟିକିଏ ବି ହଲଚଲ ହେବି ନାହିଁ, ମାତ୍ର...*

ହଁ, ମାତ୍ର ସେତେବେଳେ ଅଭୀପ୍ସାର ଆବିର୍ଭାବ ହେବ ।

*ମୁଁ ଅଭୀପ୍ସାର ସେହି ସକ୍ରିୟତାଟିର ଆବଶ୍ୟକତାକୁ ଅନୁଭବ କରୁଛି ।*

ହଁ, ତା'ର ଅର୍ଥ ହେଉଛି ତୁମକୁ ଜଡ଼ତାର ବିରୋଧ କରିବାକୁ ପଡ଼ିବ । କାରଣ ଏକ ଉତ୍ତରାଧିକାର ରୂପେ ସେହି ଜଡ଼ତା ଆମ ଭିତରେ ତଥାପି ରହିଛି ।

*ମାତ୍ର, ତା'ହେଲେ, ଏପରି ଏକ କ୍ଷେତ୍ରରେ ପ୍ରକୃତରେ କ'ଣ କରିବାକୁ ପଡ଼ିବ ? ସେତେବେଳେ ସବୁକିଛିକୁ ଖୋଲିଦେଇ ନିଷ୍କ୍ରିୟ ହୋଇ ଅପେକ୍ଷା କରିବାକୁ ହେବ, ନା ... ଯଥାର୍ଥରେ ପ୍ରଗାଢ଼ ହୋଇ ରହିଥିବା ଏହି ସକ୍ରିୟ ଅଭୀପ୍ସାକୁ ତଥାପି ବାରବାର ଜାଗୃତ କରାଇବାକୁ ପଡ଼ିବ ?*

ସେକଥାର ଉତ୍ତର ଦେବା ଆଦୌ ସହଜ ନୁହେଁ, କାରଣ ମୁଁ ଅତ୍ୟନ୍ତ ଦୃଢ଼ ଭାବରେ ବିଶ୍ୱାସ କରୁଛି ଯେ, ପ୍ରତ୍ୟେକ ବ୍ୟକ୍ତିର ଗୋଟିଏ ଗୋଟିଏ ସ୍ୱକୀୟ ମାର୍ଗ ରହିଛି, ମାତ୍ର ଏହି ଶରୀରଟି ଲାଗି ସେହି ମାର୍ଗଟି ହେଉଛି ଏହିପରି ସକ୍ରିୟ ଭାବରେ ଅଭୀପ୍ସା କରିବା ।

*ସକ୍ରିୟ ଭାବରେ ଅଭୀପ୍ସା କରିବା ? ହଁ, ମାତ୍ର ତା'ହେଲେ ଏହି ଗତିରହିତତାଟି ତ ଆଉ ମୋଟେ ରହି ପାରିବ ନାହିଁ !*

ସେହି ଅଭୀପ୍ସା ଯଥାର୍ଥ ମାର୍ଗଟିକୁ ପାଇ ସାରିଥିବ, ଉପାୟଟିକୁ ବୁଝି ପାରିଥିବ; କିପରି ତାହା କରିବାକୁ ହେବ, ବୁଝି ପାରିଥିବ ।

*ଏକାବେଳେକେ ଦୁଇଟିଯାକ, ଦୁଇଟିଯାକର ସମ୍ମିଳନ ?*

ହଁ, ଦୁଇଟିଯାକ ଏକାଠି ରହିଥା'ନ୍ତି । ହଁ, ଏହି ଦୁଇଟିଯାକ ଲାଭ କରିବାରେ ଏହା ସଫଳ ହୋଇ ପାରିଲା : ସଂପୂର୍ଣ୍ଣ ଭାବରେ ଗତିରହିତ ହୋଇ ରହିବା ଏବଂ **ପ୍ରଗାଢ଼** ଭାବରେ ଅଭୀପ୍ସା କରିବା । କେବଳ ଯେତେବେଳେ ଏକମାତ୍ର ଗତିରହିତତା ରହିଥାଏ, ମାତ୍ର ଅଭୀପ୍ସା ନ ଥାଏ, ସେତିକିବେଳେ ତାହା ଏପରି ଏକ ଭୟଙ୍କର ବ୍ୟଥାବୋଧ ଭିତରେ ଯାଇ ପଡ଼ିଯାଏ, ଯାହାକି ତତ୍କ୍ଷଣାତ୍ ତାହାର ନିଦ୍ରାଭଙ୍ଗ କରାଏ । ଏହା ହେଉଛି ସେହି ପ୍ରଗାଢ଼ ଅଭୀପ୍ସା । ଏବଂ, ତାହା ସମ୍ପୂର୍ଣ୍ଣ ଭାବରେ ଗତିରହିତ ହୋଇ ରହିଥାଏ, ଭିତରେ ସଂପୂର୍ଣ୍ଣ ଗତିରହିତ ଥାଏ, – ସତେଯେପରି ସବୁଯାକ କୋଷ ଏକାବେଳେକେ ଗତିରହିତ ହୋଇ ରହିଥାନ୍ତି... ଏହା ଠିକ୍ ସେହିପରି ହେବାହିଁ ଉଚିତ । ସେହି ଅତିମାନସ ସ୍ପନ୍ଦନକୁହିଁ ସେହି ସକ୍ରିୟ ଅଭୀପ୍ସା ବୋଲି ଜାଣିବାକୁ ପଡ଼ିବ । ତାହାକୁ ସେହି ଦିବ୍ୟ ସ୍ପନ୍ଦନ, ଯଥାର୍ଥ

ଦିବ୍ୟ ସ୍ପନ୍ଦନରେ ପରିଣତ ହେବାକୁ ପଡ଼ିବ । ମୁଁ ଅନେକ ସମୟରେ ନିଜ ଆଗରେ ସେହି କଥାଟିକୁ କହିଛି ।

ମାତ୍ର, ଏପରିକି ଗୋଟାଏ ମୁହୂର୍ତ୍ତ ସକାଶେ ମଧ୍ୟ, ଯଦି ଶରୀର ଜଡ଼ତାର ଏକ ସ୍ଥିତି ମଧ୍ୟରେ ପତିତ ହୋଇ ରହିବ,— ଅର୍ଥାତ୍, ଗତିରହିତତା ଥିବ, ଅଭୀପ୍ସା ନ ଥିବ — ସେତେବେଳେ ସତେଅବା ଆସନ୍ନ ମୃତ୍ୟୁ ଘଟିବାକୁ ଯାଉଥିବା ଭଳି ଏକ ବ୍ୟଥା ଆସି ଅନୁଭୂତ ହେବ ଏବଂ ତାହାହିଁ ଅଭୀପ୍ସାକୁ ପୁନର୍ବାର ଜାଗ୍ରତ କରି ଆଣିବ । ବୁଝିଲ ? ଏହା ସେହି ପରିମାଣରେ ହେବ । ଏହା ଲାଗି ଗତିରହିତତାର ଅର୍ଥ ହେଉଛି... ହଁ, ଏହା ଅନୁଭବ କରୁଥାଏ ଯେ, ସେହି ସର୍ବୋଚ୍ଚ ସ୍ପନ୍ଦନଟି, **ଯଥାର୍ଥ** ଚେତନାର ସେହି ସର୍ବୋଚ୍ଚ ସ୍ପନ୍ଦନଟି ଏତେ ଅଧିକ ପରିମାଣରେ ପ୍ରଗାଢ଼ ଓ ସଘନ ହୋଇ ରହିଛି ଯେ, ତାହା ପ୍ରକୃତରେ ଗତିରହିତତା-ଜନିତ ଜଡ଼ତାର ସମତୁଲ୍ୟ ହୋଇ ରହିଛି,— ସେହି ପ୍ରଗାଢ଼ତା ଆମ ଲାଗି ଆଦୌ ଗୋଚର ହୋଇ ପାରୁ ନାହିଁ । ଏହି ପ୍ରଗାଢ଼ତା ଏତେ ଅଧିକ ପରିମାଣରେ ରହିଥିବ ଯେ, ଆମ ଲାଗି ତାହା ଜଡ଼ତାଠାରୁ ଆଦୌ ଭିନ୍ନ ବୋଲି ଦେଖାଯାଉ ନ ଥିବ ।

ବର୍ତ୍ତମାନ ଏହାହିଁ ପ୍ରତିଷ୍ଠିତ ହେବାକୁ ଯାଉଛି ।

ଏହା ମୋତେ ଏହାହିଁ ବୁଝାଇ ପାରିଛି (କାରଣ ବର୍ତ୍ତମାନ ଶରୀର ବି ବୁଝିପାରୁଛି), ତାକୁ ସୃଷ୍ଟିର ପ୍ରକ୍ରିୟାଟିକୁ ବୁଝାଇଦେଇ ପାରିଛି... ପ୍ରାୟ ଏପରି ବି କୁହାଯାଇ ପାରିବ ଯେ, ଏକ ପରିପୂର୍ଣ୍ଣତାର ସ୍ଥିତିରୁହିଁ ସୃଷ୍ଟିର ଆରମ୍ଭ ହୋଇଥିଲା, ମାତ୍ର ସେହି ସ୍ଥିତି ସେତେବେଳେ ଅଚେତନ ହୋଇ ରହିଥିଲା; ଏବଂ, ଏହି ଅଚେତନ ପରିପୂର୍ଣ୍ଣାବସ୍ଥାରୁ ତାହାକୁ ସଚେତନ ପରିପୂର୍ଣ୍ଣାବସ୍ଥା ପର୍ଯ୍ୟନ୍ତ ଗତି କରି ଯିବାକୁ ପଡ଼ିବ,— ଏବଂ, ଦୁଇଟି ମଧ୍ୟରେ ଯେଉଁ ଅବସ୍ଥାଟି ରହିଛି, ସେଇଟି ହେଉଛି ଅପରିପୂର୍ଣ୍ଣତାର ଅବସ୍ଥା । ଶବ୍ଦଗୁଡ଼ାକ ଭାରି ନିର୍ବୋଧ, ଆଦୌ କିଛି ବ୍ୟକ୍ତ କରି ପାରନ୍ତି ନାହିଁ, ମାତ୍ର ତୁମେ ବୁଝି ପାରୁଥିବ ।

(*ମାଆ ନୀରବ ରହିଲେ*)

ବର୍ତ୍ତମାନ ଏହିପରି ଏକ ଅନୁଭବ ହେଉଛି ଯେ, ସତେଯେପରି ଯଥାର୍ଥ ବୋଧର ଦ୍ୱାରଦେଶରେ ଆସି ପହଞ୍ଚିବା ସମ୍ଭବ ହୋଇ ଯାଇଛି । ଏବଂ, ଏଇଟି ଆଦୌ ଏକ ମାନସିକ ବୋଧ ନୁହେଁ, ଆଦୌ ତାହା ନୁହେଁ । (ଏକଦା ସେଇ ବୋଧଟି ରହିଥିଲା, ମାତ୍ର ଏହା କିଛି ନୁହେଁ, ଏକାବେଳେକେ ଶୂନ୍) ଏହି ବୋଧଟି ହେଉଛି ପ୍ରକୃତରେ **ବଞ୍ଚୁଥିବାର** ଏକ ବୋଧ । ଏବଂ ସେହି ବୋଧଟି ମନର କଦାପି, କଦାପି ହୋଇ ପାରିବ

ନାହିଁ । ଏବଂ, ଏପରି ଅନୁଭବ ହେଉଛି ଯେ, କେବଳ ଶରୀର — ଗ୍ରହଣଶୀଳ ଓ ଆପଣାକୁ ଉନ୍ମୁକ୍ତ କରି ରଖିଥିବା ଶରୀର, ଅବଶ୍ୟ ଆଂଶିକ ଭାବରେ ରୂପାନ୍ତରିତ ହୋଇ ପାରିଥିବା ଶରୀର — ଏହି ଶରୀରହିଁ ସେହି ବୋଧର ସମର୍ଥ ହୋଇ ପାରିବ । ସୃଷ୍ଟିକୁ ବୁଝି ପାରିବ; ଆମେ ଯାହାକୁ ସୃଷ୍ଟି ବୋଲି କହୁଛୁ, ତାହାକୁ ବୁଝି ପାରିବ : କାହିଁକି ଓ କିପରି,— ଏହି ଦୁଇଟିଯାକକୁ ବୁଝି ପାରିବ । ଏହାକୁ ଆଦୌ ଏକ ଭାବନାପ୍ରସୂତ ବସ୍ତୁ ବୋଲି କୁହାଯାଇ ପାରିବ ନାହିଁ, ଏକ ଅନୁଭୂତ ବସ୍ତୁ ବୋଲି ମଧ୍ୟ କୁହାଯାଇ ପାରିବ ନାହିଁ । ଏହା ଏପରି ଏକ ବସ୍ତୁ, ଯାହାକୁ ବଞ୍ଚିବାର ମଧ୍ୟଦେଇ ଉପଲବ୍ଧି କରିହେଉଥିବ; ଏବଂ ଏହାହିଁ ଯଥାର୍ଥ ଜାଣିବାର ଏକମାତ୍ର ଉପାୟ ।... ଏହା ଏକ ଚେତନା ।

ମାତ୍ର ତୁମେ ଜାଣିଛ, ଯେତେବେଳେ ଏହି ବୋଧଟି ସମ୍ଭବ ହୋଇଯାଏ,— ଏଇଟି ସମ୍ଭବ ହୁଏ ଓ ତା'ପରେ ଏହିପରି ହୋଇଯାଏ (*ଏକ ଆଲୋକମୟ ସ୍ଫୀତିର ଇଙ୍ଗିତ*), ଏହା ଏହିପରି ଭାବରେ ଆସେ ଓ ତା'ପରେ କ୍ଷୀଣ ହୋଇଯାଏ, ପୁନର୍ବାର ଆସେ ଓ ପୁନର୍ବାର କ୍ଷୀଣ ହୋଇଯାଏ; ମାତ୍ର ଯେତେବେଳେ ଆସେ, ସେତେବେଳେ ତାହା ଏତେ ସୁନିଶ୍ଚିତ ଓ ଏତେ ସହଜ ହୋଇ ରହିଥାଏ ଯେ, ଆମେ କାହିଁକି ଯେ ଆହୁରି ଆଗରୁ ଏହାକୁ ଜାଣି ନ ପାରିଲୁ, ଆମେ ଆପଣାକୁ ସେହି ପ୍ରଶ୍ନଟିକୁ ପଚାରିବାକୁ ଇଚ୍ଛା କରୁ ।

ତଥାପି, ଏଥିଲାଗି ଆହୁରି ଅଧିକ ସମୟର ଆବଶ୍ୟକତା ରହିଛି ।... କେତେ ସମୟର ଆବଶ୍ୟକତା ରହିଛି, ମୁଁ ସେକଥା କହି ପାରିବି ନାହିଁ । ମାତ୍ର ସମୟ ବିଷୟରେ ରହିଥିବା ଆମର ଧାରଣା ମଧ୍ୟ ସେପରି କୌଣସି ଦୃଢ଼ ଭିତ୍ତି ଉପରେ ପ୍ରତିଷ୍ଠିତ ହୋଇ ରହି ନାହିଁ ।

ଆମେ ଆମର ସକଳ ଅନୁଭୂତିକୁ ସର୍ବଦା ସେହି ପୁରାତନ ଚେତନାଗତ ସ୍ଥିତିକୁ ତର୍ଜମା କରି ପକାଇବାକୁ ଭାରି ମନ କରିଥାଉ, ଏବଂ **ତାହାହିଁ** ସକଳ ଦୁର୍ଦ୍ଦଶାର କାରଣ ହୁଏ ।

ଆମେ ତାହାକୁ ଭାରି ଆବଶ୍ୟକ ବୋଲି ଭାବୁ, ପ୍ରାୟ ଅପରିହାର୍ଯ୍ୟ ବୋଲି ଭାବିଥାଉ,— ଏବଂ ଏହା ପ୍ରକୃତରେ ଭାରି ଆଶ୍ଚର୍ଯ୍ୟର କଥା । ଏହାଦ୍ୱାରା ସବୁକିଛି ଅତିରିକ୍ତ ଭାବରେ ବିଳମ୍ବିତ ହୋଇ ରହେ ।

(*ମାଆ ନୀରବ ରହିଲେ*)

ମନୁଷ୍ୟମାନେ ଯାହାକିଛି, ଯାହାକିଛି, ଯାହାକିଛି କହିଛନ୍ତି, ସେମାନେ ଯାହାକିଛି ଲେଖିଛନ୍ତି ଓ ଶିକ୍ଷା ଦେଇଛନ୍ତି ସେଗୁଡ଼ିକୁ କେବଳ କହିବାର ଗୋଟିଏ ଗୋଟିଏ ବିଶେଷ

ପଦ୍ଧତି ବୋଲିହିଁ କୁହାଯିବ । ଆପଣାକୁ ଅନ୍ୟପାଖରେ ବୋଧ କରାଇବା ଲାଗିହିଁ ଏସବୁ କରା ଯାଇଥାଏ, ମାତ୍ର ତାହା ଆଦୌ ସମ୍ଭବ ନୁହେଁ । ଏବଂ (*ମାଆ ହସିଲେ*) ଏତେ ଅଧିକ ପରିମାଣରେ ଆପେକ୍ଷିକ ହୋଇ ରହିଥିବା ବିଷୟଗୁଡ଼ାକୁ ନେଇ ସିଏ ପ୍ରକୃତରେ କେତେ ଲଢ଼ାଇ କଲା ବୋଲି ଯେତେବେଳେ ଜଣେ ଭାବିବାକୁ ଆରମ୍ଭ କରେ !...

(*ମାଆ ଦୀର୍ଘ କାଳ ନୀରବ ରହିଲେ*)

ଅତିବାହିତ ହୋଇ ଯାଉଥିବା ଦିନଗୁଡ଼ିକ ଏବଂ ଘଟି ଯାଉଥିବା ଘଟଣାଗୁଡ଼ିକ ଉପରେ ଦୃଷ୍ଟିପାତ କଲେ, ଶରୀରର ପ୍ରାୟ ଏହିଭଳି ଅନୁଭୂତି ହେବା ପରି ମନେ ହୋଇଥାଏ... କେତେକ ପରିମାଣରେ ଓ କେତେକ ମୁହୂର୍ତ୍ତରେ ତାହା ଅମରତ୍ୱର ଚେତନା ମଧ୍ୟରେ ବାସ କରୁଥାଏ ଓ ତା'ପରେ, ନାନା ପ୍ରଭାବର ବଶବର୍ତ୍ତୀ ହୋଇ (ଏବଂ ତଥାପି, ବାରବାର ଆପଣାର ସେହି ପୁରାତନ ଅଭ୍ୟାସଗୁଡ଼ାକ ଦ୍ୱାରା ବାଧ୍ୟ ହୋଇ) ତାହା ପୁନର୍ବାର ମରଣଶୀଳତାର ଚେତନା ଭିତରକୁ ବାହୁଡ଼ି ଆସେ, ଏବଂ ଏଇଟି ହେଉଛି ଯଥାର୍ଥରେ... ବର୍ତ୍ତମାନ ଏହିପରି ଭାବରେ ମରଣଶୀଳତାର ଚେତନା ମଧ୍ୟରେ ଆସି ପୁନର୍ବାର ପତିତ ହେବା ଦ୍ୱାରା ତାହା ଅତ୍ୟନ୍ତ ପରିତାପ ଅନୁଭବ କରିଥାଏ । ଏବଂ, ପୁନର୍ବାର ଯେତେବେଳେ ତାହା ସେଇଟି ମଧ୍ୟରୁ ବାହାରକୁ ବାହାରିଆସେ, ଯେତେବେଳେ ଯଥାର୍ଥ ଚେତନାଟି ମଧ୍ୟକୁ ପୁଣି ଫେରି ଆସିପାରେ, ସେତେବେଳେ ଯାଇ ସିଏ ସେହି ପରିତାପରୁ ମୁକ୍ତିଲାଭ କରିଥାଏ । ଏବଂ, ଏହି ପୃଥିବୀର ଅବାସ୍ତବତା ଓ ଅସତ୍ୟତା ବିଷୟରେ ଲୋକେ ଓ ଯୋଗୀମାନେ ଅନେକ ସ୍ଥଳରେ କାହିଁକି ଏତେ କଥା କହି ଯାଇଛନ୍ତି, ମୁଁ ଏହି କଥାଟିକୁ ବେଶ୍ ବୁଝି ପାରୁଛି । କାରଣ, ଅମରତ୍ୱର ଚେତନା ଲାଗି ମରଣଶୀଳତାର ଚେତନା କେବଳ ଏକ ଅବାସ୍ତବ ଅସମ୍ଭବତାହିଁ ହୋଇ ରହିବ । ଏହା ଠିକ୍ ଏହାରି ଭଳି ହେବ (*ମାଆ ଗୋଟିଏ ହାତର ଆଙ୍ଗୁଠିଗୁଡ଼ିକୁ ଅନ୍ୟ ହାତର ଆଙ୍ଗୁଠିଗୁଡ଼ିକ ମଧ୍ୟଦେଇ ଅତିକ୍ରମ କରାଇ ଆଣିଲେ ଏବଂ ତଦ୍ଦ୍ୱାରା ଦୁଇଟିଯାକ ଚେତନା କିପରି ଆସନ୍ତି ଓ ଯାଆନ୍ତି, ସେହି କଥାଟିକୁ ସୂଚାଇଦେଲେ*) । ଏଣୁ, ଗୋଟିଏ ମୁହୂର୍ତ୍ତରେ ଏପରି ହୁଏ ଓ ଆଉଗୋଟିଏ ମୁହୂର୍ତ୍ତରେ ସେପରି ହୁଏ । ଏବଂ ସେହି ଅନ୍ୟ ଅବସ୍ଥାଟି, ଅମରତ୍ୱର ଅବସ୍ଥାଟି ଅପରିବର୍ତ୍ତନୀୟ ଭାବରେ ଶାନ୍ତିମୟ, ସ୍ଥିର ହୋଇ ରହିଥାଏ... ସେଥିରେ ତରଙ୍ଗଗୁଡ଼ିକ ଏଡ଼େ ଆଶ୍ଚର୍ଯ୍ୟଜନକ ଭାବରେ କ୍ଷିପ୍ର ଓ ଗତିଶୀଳ ହୋଇ ରହିଥାଏ ଯେ, ସେଗୁଡ଼ିକ ସତେଅବା ସମ୍ପୂର୍ଣ୍ଣ ଗତିରହିତ ହୋଇ ରହିଥିବା ପରି ମନେ ହେଉଥାଏ । ହଁ, ଠିକ୍ ସେହିପରି ହୋଇ ରହିଥାଏ, ଏକ ଭୟଙ୍କର ଗତିଶୀଳତାରେ ସେଥିରେ କିଛି

ହେଲେ ଗତି କରୁ ନ ଥାଏ (ଆପାତତଃ ସେହିପରି ମନେ ହେଉଥାଏ) । ଏବଂ, ତା'ପରେ, ଅନ୍ୟ ସ୍ଥିତିଟି ଆସି ପହଞ୍ଚିଯିବା ମାତ୍ରକେ, ଯାବତୀୟ ସାଧାରଣ ଧାରଣାଗୁଡ଼ାକ ମଧ୍ୟ ଆସି ପହଞ୍ଚି ଯାଆନ୍ତି, ଅର୍ଥାତ୍... ବସ୍ତୁତଃ, ଶରୀର ବର୍ତ୍ତମାନ ଯେଉଁ ସ୍ଥିତିରେ ଅବସ୍ଥାନ କରୁଛି, ତାହା ତାହାକୁ ନାନା ଦୁଃଖ ଆଣିଦିଏ, ଏକ ମିଥ୍ୟାଜନିତ ଯନ୍ତ୍ରଣା ଦ୍ୱାରା ବିଦ୍ଧ କରି ରଖିଥାଏ । ମାତ୍ର ଏହା ଠିକ୍ ସେହିପରି ହୋଇ ରହିଥାଏ (*ଆସୁଥିବା ଓ ଯାଉଥିବାର ସେହି ପୂର୍ବବତ୍ ଇଙ୍ଗିତ*)... ସେହି ସ୍ଥିତିଟି ମଧ୍ୟରୁ ବାହାରି ଆସିବାକୁ ହେଲେ କେବଳ ଆପଣାକୁ ସମର୍ପିତ କରିଦେବା ହେଉଛି ଏକମାତ୍ର ଫଳପ୍ରଦ ଉପାୟ । ତାହାକୁ ଶବ୍ଦ ଦେଇ ବ୍ୟକ୍ତ କରାଯାଏ ନାହିଁ, କେତୋଟି ଧାରଣା ବା ଅନ୍ୟ କୌଣସି ବସ୍ତୁ ଦ୍ୱାରା ବି ବ୍ୟକ୍ତ କରାଯାଇ ପାରେ ନାହିଁ; ଏହାକୁ ସ୍ପନ୍ଦନରହିଁ ଏଭଳି ଏକ ଅବସ୍ଥା ବୋଲି କୁହାଯିବ, ଯେଉଁଥିରେ କି କେବଳ ସେହି ଦିବ୍ୟ ପରମସ୍ପନ୍ଦନଟି ବ୍ୟତୀତ ଆଉ କାହାରି ହେଲେ ଆଦୌ କୌଣସି ମୂଲ୍ୟ ନ ଥାଏ । ସେତେବେଳେ ଯାଇ ଯାବତୀୟ ବିଷୟକୁ ପୁନର୍ବାର ଯଥାର୍ଥ ଭାବରେ ଏକ ବ୍ୟବସ୍ଥା ମଧ୍ୟରେ ରଖିବା ସମ୍ଭବ ହୁଏ ।

ମାତ୍ର, ସେହି ସବୁକିଛି; ସେଗୁଡ଼ାକୁ ଶବ୍ଦ ଦେଇ କହିବାକୁ ଆରମ୍ଭ କରିବା ମାତ୍ରକେ...

କିନ୍ତୁ ଗୋଟିଏ କଥା ସତତ ସ୍ଥାୟୀ ହୋଇ ରହିଥାଏ ବୋଲି ଜାଣି ରଖିବ : ଏହା ରାତିରେ ଆସେ, ଏହା ସକାଳେ ଆସେ : ଏବଂ ଅନ୍ୟ ସମୟରେ ବି ଆସେ, ଯେତେବେଳେ... (*ଏକ ପରିବ୍ୟାପ୍ତି, ସମ୍ମିଳିତତା ଏବଂ ସହାସ୍ୟତାର ଇଙ୍ଗିତ*) ଆଉ କୌଣସି ସମସ୍ୟା ରହେ ନାହିଁ, କୌଣସି ଅସୁବିଧା ରହେ ନାହିଁ, ସେସବୁ ଆଦୌ କିଛିହେଲେ ରହେ ନାହିଁ ।

(*ମାଆ ନୀରବ ରହିଲେ*)

ସକଳ ବସ୍ତୁର ପଶ୍ଚାତରେ ଅଚେତନ ଅସ୍ୱୀକୃତିର ଏକ ପୃଷ୍ଠଭୂମି ରହିଛି,– ତାହା ସକଳ ବସ୍ତୁର ପଶ୍ଚାତରେ ରହିଛି । ଏହା ତଥାପି ସବୁସ୍ଥାନରେ ରହିଛି – ତୁମେ ଏହି ଅସ୍ୱୀକୃତିକୁ ଭୋଜନ କରୁଛ, ନିଃଶ୍ୱାସରୂପେ ଭିତରକୁ ନେଉଛ ଏବଂ ଗ୍ରହଣ କରିବାରେ ଲାଗିଛ... ସେହି ସବୁକିଛିକୁ ରୂପାନ୍ତରିତ କରିଦେବାର ସେହି ବିଶାଳ କାର୍ଯ୍ୟଟି ତଥାପି ବାକି ରହିଛି । ମାତ୍ର, ଯେତେବେଳେ ଜଣେ ''ଅନ୍ୟ ପାଖଟିରେ'' ଅବସ୍ଥାନ କରୁଥାଏ,– ହୁଏତ ଜଣେ ଏପରି ଭାବରେ କହି ପାରିବ – (କାରଣ, ଏହି କ୍ଷେତ୍ରରେ ''ପାଖ'' ବୋଲି କିଛି ନାହିଁ), ମାତ୍ର, ସେହି ଅନ୍ୟ ଅବସ୍ଥାଟି ସମୟରେ, ଏହା ଏଡ଼େ

ସ୍ୱାଭାବିକ ଓ ସରଳ ବୋଲି ପ୍ରତୀତ ହେଉଥାଏ ଯେ, ତେବେ ଏହା କାହିଁକି ଅନ୍ୟ ପ୍ରକାରର ବି ହେଉଛି, କାହିଁକି ଏଡ଼େ କଷ୍ଟକର ହୋଇପଡୁଛି ବୋଲି ତୁମେ ଆଚମ୍ବିତ ହୋଇ ନିଜକୁ ପଚାରିବାରେ ଲାଗିଥାଅ; ଏବଂ ତା'ପରେ, ଯେମିତି ତୁମେ ଅନ୍ୟ ପାଖଟିକୁ ଚାଲିଆସ, ସେତେବେଳେ ଏହା... (*ମାଆ ଆପଣାର ମୁଣ୍ଡକୁ ଦୁଇହାତ ମଧ୍ୟରେ ଧରି ରଖିଲେ*)। ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଏହି କ୍ଷେତ୍ରରେ ମିଶ୍ରଣଟି ଅବଶ୍ୟ ରହିଛି ।

ବସ୍ତୁତଃ, ସାଧାରଣ ସ୍ଥିତି ଅର୍ଥାତ୍ ପୁରାତନ ସ୍ଥିତିଟି ସଚେତନ ଭାବରେ (ଅର୍ଥାତ୍, ସଚେତନ ଭାବରେ ଏହି କଥାଟିକୁ ବୋଧ କରିହୁଏ) ମୃତ୍ୟୁ ଏବଂ ଦୁଃଖ-ଭୋଗରହିଁ ଏକ ଅବସ୍ଥା ହୋଇ ରହିଥାଏ । ଏବଂ ତା'ପରେ, ସେହି ଅନ୍ୟ ଅବସ୍ଥାଟିରେ ମୃତ୍ୟୁ ଏବଂ ଦୁଃଖଭୋଗ ସମ୍ପୂର୍ଣ୍ଣଭାବରେ ଅସତ୍ୟ ଗୋଟିଏ ଗୋଟିଏ ବସ୍ତୁ ବୋଲି ମନେ ହୋଇଥାଏ । ବୁଝିଲ !

ବର୍ତ୍ତମାନ,— ଏଇଟିକୁ ନିଅ (*ମାଆ 'ରୂପାନ୍ତର' ପ୍ରତୀକାର୍ଥର ଗୋଟିଏ ଫୁଲ ବଢ଼ାଇଦେଲେ*)।

କୌଣସି ଅଧୀରତା ରହିବ ନାହିଁ ।

କେବଳ ଏକ ବିଶ୍ୱାସମୟ ଧୈର୍ଯ୍ୟହିଁ ରହିଥିବ ।

ପ୍ରକୃତ କଥା ହେଉଛି, ପ୍ରତ୍ୟେକ ବିଷୟ ପ୍ରତ୍ୟେକ ବ୍ୟକ୍ତି ଲାଗି ଯଥାସମ୍ଭବ ମଙ୍ଗଳଦାୟକ ହୋଇ ରହିଥାଏ । ସର୍ବଦା ସେହି ପୁରାତନ ଗତିଶୀଳତାଗୁଡ଼ିକହିଁ ଅଧୀର ହୋଇ ପଡ଼ନ୍ତି... ଅର୍ଥାତ୍, ଯେତେବେଳେ ସବୁଟିକୁ ଦେଖିପାରିବା ସମ୍ଭବ ହୁଏ, ସେତେବେଳେ ସମ୍ପୂର୍ଣ୍ଣ ଭାବରେ ଜଣା ପଡ଼ିଯାଏ ଯେ ଜଡ଼ତାର ପ୍ରଭାବଟିକୁ କାଟିବା ଲାଗିହିଁ ଏହି ଅଧୀରତାର ସୃଷ୍ଟି ହୋଇଛି । ମାତ୍ର ବର୍ତ୍ତମାନ ତାହା ସମ୍ପନ୍ନ ହୋଇ ସାରିଲାଣି, ତେଣୁ ସେହି ସମୟଟି ମଧ୍ୟ ଅତିକ୍ରାନ୍ତ ହୋଇଯାଇଛି ।

## ୧୯ ନଭେମ୍ବର ୧୯୬୯

ଆଜି ସକାଳେ ପ୍ରାୟ ଆଠଟା ସମୟରେ, ମୁଁ ପ୍ରକୃତରେ ଅନେକ କଥା କହି ପାରିଥା'ନ୍ତି... କାରଣ, ଆଜି ଏପରି ଗୋଟିଏ ଦିନ ଆସି ପହଞ୍ଚିଥିଲା, ଯେତେବେଳେ ଘଟି ଯାଇଥିବା ଗୋଟିଏ ଘଟଣାର ପରିଣାମ ସ୍ୱରୂପ ଅନେକ ସମସ୍ୟାର ଉଦ୍ଭବ ହୋଇ ଯାଇଥିଲା, ତା'ପରେ ଆଜି ସକାଳେ (ପ୍ରାୟ ରାତିର ଶେଷ ଆଡ଼କୁ), ମୋ'ର ଏପରି ଗୋଟିଏ ଅନୁଭୂତି ହେଲା, ଯେଉଁଥିରୁ କି ମୋତେ ଯଥାର୍ଥ ବ୍ୟାଖ୍ୟାଟି ମିଳିଯାଇ ପାରିଲା । ଏବଂ, ଦୁଇଘଣ୍ଟା କାଳ ମୁଁ ସେହି ଅତ୍ୟନ୍ତ ସ୍ପଷ୍ଟ ବୋଧଟି ଭିତରେ ଅବସ୍ଥିତ ରହିଥିଲି (ମୋଟେ କୌଣସି ଭାବନା ନୁହେଁ, ଏକ ଅତ୍ୟନ୍ତ ସ୍ପଷ୍ଟ ବୋଧ),– ସୃଷ୍ଟିର କାହିଁକି ଓ କିପରି ବିଷୟରେ ଏକ ଅତ୍ୟନ୍ତ ସ୍ପଷ୍ଟ ବୋଧ ମଧ୍ୟରେ ଅବସ୍ଥାନ କରୁଥିଲି । ଏହା ଏତେ ଅଧିକ ପରିମାଣରେ ଆଲୋକଯୁକ୍ତ ଓ ସ୍ପଷ୍ଟ ହୋଇ ରହିଥିଲା ଯେ ତାହାକୁ ଆଦୌ ଅସ୍ୱୀକାର କରାଯାଇ ପାରିବ ନାହିଁ । ତାହା ପ୍ରାୟ ଚାରି ବା ପାଞ୍ଚଘଣ୍ଟା ପର୍ଯ୍ୟନ୍ତ ସ୍ଥାୟୀ ହୋଇ ରହିଥିଲା ଏବଂ ତା'ପରେ ଶେଷ ହୋଇ ଯାଇଥିଲା; ଅନୁଭୂତିଟିର ପ୍ରଗାଢ଼ତା ଓ ସ୍ପଷ୍ଟତା ଧୀରେ ଧୀରେ ହ୍ରାସ ହୋଇ ଆସିଲା... ସେତିକିବେଳେ ମୁଁ ଏତେ ବେଶୀ ଲୋକଙ୍କ ସହିତ ସାକ୍ଷାତ କରିଥିଲି ଯେ,... ତା'ପରେ... ବର୍ତ୍ତମାନ ବୁଝାଇ କହିବା ପ୍ରକୃତରେ କଷ୍ଟକର । ମାତ୍ର ସବୁକିଛି କେତେ ବେଶୀ ପରିଷ୍କାର ହୋଇ ଯାଇଥିଲା; ପରସ୍ପରର ବିରୋଧ କରୁଥିବା ଯାବତୀୟ ତତ୍ତ୍ୱ ଓ ସିଦ୍ଧାନ୍ତ, ସବୁକିଛି ସେହି ତଳେ ଯାଇ ରହିଥିଲା (*ମାଆ ଉପରୁ ଦୃଷ୍ଟିପାତ କଲେ*), ଏବଂ ଯାବତୀୟ ବ୍ୟାଖ୍ୟା,– ଯାହାକିଛି ଶ୍ରୀଅରବିନ୍ଦ କହି ଯାଇଛନ୍ତି ଏବଂ ଥେଅଁ ମୋତେ କହିଥିବା କେତେକ ବିଷୟକୁ ମୁଁ ସେହି ଅନୁଭୂତିର ପରିଣାମରୂପେ ଦେଖିବାକୁ ପାଇଥିଲି : ପ୍ରତ୍ୟେକ ବିଷୟ ନିଜନିଜର ଯଥାର୍ଥ ସ୍ଥାନରେ ରହିଥିଲେ ଏବଂ ସଂପୂର୍ଣ୍ଣ ସ୍ପଷ୍ଟ ହୋଇ ରହିଥିଲେ । ସେତେବେଳେ ମୁଁ ସବୁକଥା କହିଦେଇ ପାରିଥା'ନ୍ତି, ବର୍ତ୍ତମାନ ସେଗୁଡ଼ିକୁ କହିବା ଅବଶ୍ୟ କିଞ୍ଚିତ୍ କଷ୍ଟକର ହେବ ।

ଏହା ପ୍ରକୃତରେ ଏହିପରି ନୁହେଁ କି ? ଜଣେ ଯାହାକିଛି ପଢ଼ିଛି ଏବଂ ସିଦ୍ଧାନ୍ତ ଏବଂ ବ୍ୟାଖ୍ୟାରୂପେ ଯାହାକିଛି ଜାଣିଛି, ତା'ସତ୍ତ୍ୱେ ଏପରି କିଛି ତଥାପି ରହି ଯାଇଥିଲା (ଶବ୍ଦ ଦେଇ କିପରି କହିହେବ ?), ଯାହାକୁ କି ''ବୁଝାଇ କହିବା'' ପ୍ରକୃତରେ କଷ୍ଟକର ଥିଲା (ଏହା ପ୍ରକୃତରେ ''ବୁଝାଇ କହିବା''ର ଆଦୌ କୌଣସି ବିଷୟ ନୁହେଁ, ସେଇଟା ତ ଅତ୍ୟନ୍ତ ମାମୁଲି କଥା) । ଉଦାହରଣ ସ୍ୱରୂପ, ଏଠାରେ ଦୁଃଖ ଏବଂ ଦୁଃଖ ଦେବାର ଇଚ୍ଛା,– ବିଶ୍ୱପରିପ୍ରକାଶର ସେହି ଅନ୍ୟ ପାଖଟିର ବିଚାର କରା ଯାଇପାରେ । ମନେ ହେଉଛି, ସତେଯେପରି ଆଗରୁ କେହି ଘୃଣା ଏବଂ ପ୍ରେମ ମୂଳତଃ ପରସ୍ପରଠାରୁ ଅଭେଦ

ବୋଲି ଦେଖିବାକୁ ସମର୍ଥ ହୋଇଛି, କାରଣ ବିଷୟଟି ତାହାର ଚରମ ପ୍ରାନ୍ତଗୁଡ଼ିକରେ ଯାଇ ପହଞ୍ଚିବାର ଉପକ୍ରମ କରୁଛି,— ମାତ୍ର ଅନ୍ୟ ସକଳ ବିଷୟ ବେଶ୍ କଷ୍ଟକର ହୋଇ ରହିଥିଲା । ମାତ୍ର ବର୍ତ୍ତମାନ ତାହା କେଡ଼େ ସ୍ୱଷ୍ଟ ଓ କେଡ଼େ ସରଳ ହୋଇଯାଇଛି, ହଁ, ପ୍ରକୃତରେ ଭାରି ପ୍ରତ୍ୟକ୍ଷ ପରି ହୋଇଯାଇଛି ! (*ମାଆ ଆପେ ଲେଖିଥିବା ଗୋଟିଏ ଟିପ୍ପଣୀ ଆଡ଼କୁ ଅନାଇଲେ*) ଏହି ଶବ୍ଦଗୁଡ଼ାକ ଆଦୌ କିଛି ନୁହେଁ । ମାତ୍ର ସେତେବେଳେ ମୁଁ ଗୋଟିଏ ପେନ୍‌ସିଲ୍‌ରେ କିଛି ଲେଖି ପକାଇଥିଲି, ପେନ୍‌ସିଲ୍‌ଟିରେ ମଧ୍ୟ ଭଲ କରି ଲେଖି ହେଉ ନ ଥିଲା ।... ଶବ୍ଦଗୁଡ଼ିକୁ ତୁମେ ଦେଖି ପଢ଼ିପାରିବ କି ନାହିଁ କେଜାଣି ! ମୋ' ଲାଗି ସେଗୁଡ଼ିକ ଅତ୍ୟନ୍ତ ସୁନିର୍ଦ୍ଦିଷ୍ଟ ଭାବରେ କିଛି ପ୍ରକାଶ କରି ଦେଉଥିଲା : ବର୍ତ୍ତମାନ ତ ସେଗୁଡ଼ିକ କେବଳ ଶବ୍ଦବ୍ୟତୀତ ଆଉ କିଛି ନୁହେଁ । (*ଶିଷ୍ୟ ପଢ଼ିଲେ*) :

*ସ୍ଥାୟିତ୍ୱ ଏବଂ ପରିବର୍ତ୍ତନ*
*ଜଡ଼ତା ଏବଂ ରୂପାନ୍ତର*

ହଁ, ପରମପ୍ରଭୁଙ୍କ ମଧ୍ୟରେ ସେଗୁଡ଼ିକ ନିଃସନ୍ଦେହ ଭାବରେ ସେହି ଗୋଟିଏ ସିଦ୍ଧାନ୍ତ ହୋଇ ରହିଥିଲେ । ଏବଂ ଏହି ଅଭିନ୍ନତା ଯେ ଏକ ଏକାନ୍ତ ସରଳ କଥା ହୋଇ ରହିଥିଲା,— ଏହାହିଁ ଏହି କ୍ଷେତ୍ରରେ ବିଶେଷ ଭାବରେ ଉଲ୍ଲେଖ କରି ରଖିବାର କଥା । ମାତ୍ର ବର୍ତ୍ତମାନ ସେଗୁଡ଼ିକ କେବଳ ଶବ୍ଦ ବ୍ୟତୀତ ଆଉ କିଛି ନୁହନ୍ତି ।

*ସ୍ଥାୟିତ୍ୱ ଏବଂ ପରିବର୍ତ୍ତନ*
*ଜଡ଼ତା ଏବଂ ରୂପାନ୍ତର*
*ଚିରନ୍ତନତା ଏବଂ ଅଗ୍ରଗତି*

---

*ଏକତ୍ୱ* = ... (*ଶିଷ୍ୟଜଣକ ସେହି ଶବ୍ଦଗୁଡ଼ିକୁ ପଢ଼ି ପାରିଲେ ନାହିଁ ।*)

ଏଗୁଡ଼ିକୁ ମୁଁ ଲେଖି ନାହିଁ । ଅର୍ଥାତ୍, ସାଧାରଣ ଚେତନା ବା ପେନ୍‌ସିଲ୍ କେହି ଏହାକୁ ଲେଖି ନାହାନ୍ତି ।... ମୁଁ ନିଜେ ସେଥିରେ କ'ଣ ଲେଖିଥିଲି, ସେକଥା ମୁଁ ବର୍ତ୍ତମାନ କିଛି ଜାଣେ ନାହିଁ । (*ମାଆ ବି ଶବ୍ଦଗୁଡ଼ିକୁ ପଢ଼ିବାକୁ ଚେଷ୍ଟା କଲେ, କିନ୍ତୁ ପାରିଲେ ନାହିଁ*) ସେଇଟିକୁ ସୃଷ୍ଟିର ଲୋକନ ବୋଲିହିଁ କହିବାକୁ ହେବ — ଲୋକନ, ବୋଧ, କିପରି,

କାହିଁକି, କେଉଁଆଡ଼କୁ,– ତା'ଭିତରେ ସବୁକିଛି ଅନ୍ତର୍ଭୁକ୍ତ ହୋଇ ରହିଥିଲା,– ସମଗ୍ରଟି ଏକତ୍ର ହୋଇ ରହିଥିଲା, ଏବଂ ଅତ୍ୟନ୍ତ... ଅତ୍ୟନ୍ତ ସ୍ପଷ୍ଟ ହୋଇ ରହିଥିଲା । ମୁଁ କହିବି ଯେ, ମୁଁ ଏକ ସ୍ୱର୍ଣ୍ଣୋଜ୍ଜ୍ୱଳ ମହିମା,– ଆଲୋକମୟ ଏବଂ ଚକ୍ଷୁକୁ ଉଦ୍‌ଭାସିତ କରି ଦେଉଥିବା ମହିମା ମଧ୍ୟରେ ଅବସ୍ଥାନ କରୁଥିଲି ।

ସୃଷ୍ଟିର ପ୍ରତିନିଧିତ୍ୱ କରି ପୃଥିବୀ ସବାମଝିରେ ଅବସ୍ଥିତ ରହିଥିଲା, ଏବଂ, ସେଠାରେ ସବୁଠାରୁ ଅଧିକ ଜୀବନହୀନ ପଥରର ଜଡ଼ତା ଏବଂ... ଦୁଇଟିଯାକ ଅଭେଦ ହୋଇ ରହିଥିଲା... (*ମାଆ ଶବ୍ଦଗୁଡ଼ିକୁ ପଢ଼ିବା ଲାଗି ପୁଣି ଚେଷ୍ଟା କଲେ*)

ଏହାକୁ ମୁଁ ଆଦୌ ପଢ଼ିପାରିବି କି ନାହିଁ କେଜାଣି ?

(*ମାଆ ଏକ ଦୀର୍ଘ ଅଭିନିବେଶ ମଧ୍ୟରେ ପ୍ରବିଷ୍ଟ ହୋଇ ରହିଲେ*)

ହୁଏତ ବିଷୟଟିକୁ ଏପରି ଭାବରେ କହି ହେବ... ଅଭିବ୍ୟକ୍ତିର ସୁବିଧା ଦୃଷ୍ଟିରୁ ମୁଁ କହିବି : ''ସର୍ବୋଚ୍ଚ ପରମସତ୍ତା'' ଏବଂ ''ସୃଷ୍ଟି'' । ସର୍ବୋଚ୍ଚ ପରମସତ୍ତାଙ୍କ ମଧ୍ୟରେ ଏକ ଏକତ୍ୱ ବିରାଜମାନ କରୁଛି, ଯେଉଁଥିରେ କି ଯାବତୀୟ ସମ୍ଭାବନା ଅନ୍ତର୍ଭୁକ୍ତ ହୋଇ ରହିଛି,– ଏକୀଭୂତ ହୋଇ ରହିଛି, ସେଠାରେ ଆଦୌ କୌଣସି ଭେଦ ନାହିଁ । ମାତ୍ର, ସୃଷ୍ଟି ଭିତରେ, ସେହି ଏକତ୍ୱ ମଧ୍ୟରେ ରହିଥିବା ସବୁକିଛି ପରସ୍ପର-ବିରୋଧୀ ତତ୍ତ୍ୱଗୁଡ଼ିକୁ ଭିନ୍ନ ଭିନ୍ନ କରି ରଖି ଏକ ପ୍ରକ୍ଷେପଣହିଁ ରହିଛି, ଅର୍ଥାତ୍ ସେଠି ତାହା ସବୁଗୁଡ଼ିକୁ ଅଲଗା ଅଲଗା କରି ଦେଇଛି (ସୃଷ୍ଟିକୁ ବିଭାଜନ ଓ ବିଭିନ୍ନତା ବୋଲି ଯିଏ କହିଛନ୍ତି, ସିଏ ଏହି କଥାଟିକୁହିଁ ଦେଖିଛନ୍ତି) : ଉଦାହରଣ ସ୍ୱରୂପ, ରାତି ଆଉ ଦିନ, କଳା ଓ ଧଳା, ଭଲ ଓ ମନ୍ଦ, ଇତ୍ୟାଦି ଇତ୍ୟାଦି । ମାତ୍ର ଏହି ସବୁକିଛି ହେଉଛି ଆମର କେବଳ ଗୋଟିଏ ଗୋଟିଏ ବ୍ୟାଖ୍ୟା । ଏହାର ସମଗ୍ର ପରିଚୟରେ ଏହା ଏକତ୍ର ଏକ ପରିପୂର୍ଣ୍ଣ ଏକତ୍ୱ,– ତାହାର ପରିବର୍ତ୍ତନ ନାହିଁ ଅଥବା ବିଲୋପ ନାହିଁ । ଏହି ଏକତ୍ୱ ଭିତରେ ଯାହାକିଛି ରହିଛି, ତାହା ଯେତେବେଳେ ଅଲଗା ଅଲଗା ହୋଇଯାଉଛି, ତାହାହିଁ ସୃଷ୍ଟି । ଜଣେ ଏହାକୁ ହୁଏତ ଚେତନାର ବିଭାଜନ ବୋଲି ବି କହି ପାରିବ । ଆପଣାର ଏକତ୍ୱ ସମ୍ବନ୍ଧରେ ସଚେତନ ହୋଇ ରହିଥିବା ଏକତ୍ୱରୁହିଁ ସେହି ବିଭାଜନର ଆରମ୍ଭ ହୋଇଥାଏ,– **ଏକତ୍ୱ ମଧ୍ୟରେହିଁ** ଆପଣାର ଅନେକତ୍ୱ ସମ୍ବନ୍ଧରେ ସଚେତନ ରହିଥିବା ଏକତ୍ୱରେ ଯାଇ ଉପନୀତ ହୋଇ ପାରିବା ଲାଗି ତାହାର ଆରମ୍ଭ ହୋଇଥାଏ । ଏବଂ, ଏଥିରେ ଅନ୍ତର୍ଗତ ଖଣ୍ଡଗୁଡ଼ିକ ହେତୁହିଁ ଏହି ପଥର ଆମ ଲାଗି ଦେଶ ଓ କାଳରୂପେ ତର୍ଜମା ହୋଇଥାଏ । ଆମେ ବର୍ତ୍ତମାନ ଯେଉଁ ସ୍ଥିତିରେ ରହିଛୁ, ସେଥିରେ ଆମ ଲାଗି ଏହି ଚେତନାର ପ୍ରତ୍ୟେକଟି

ବିନ୍ଦୁ ଆପଣା ବିଷୟରେ ସଚେତନ ହେବା ସମ୍ଭବ ହୋଇ ପାରୁଛି **ଏବଂ** ମୂଳସ୍ଥ ସେହି ଏକତ୍ୱ ବିଷୟରେ ବି ସଚେତନ ହୋଇପାରୁଛି । ଏବଂ, ବର୍ତ୍ତମାନ ଠିକ୍ ସେହି କାର୍ଯ୍ୟଟିହିଁ ଚାଲିଛି । ଅର୍ଥାତ୍, ଏହି ଚେତନାର କ୍ଷୁଦ୍ରାଦପି କ୍ଷୁଦ୍ର ପ୍ରତ୍ୟେକ ଉପାଦାନ ଚେତନାର ଏହି ସ୍ଥିତିଟିକୁ ଅବ୍ୟାହତ କରି ରଖିବା ସଙ୍ଗେସଙ୍ଗେ ସେହି ସମଗ୍ର ମୂଳଭୂତ ଚେତନାଟିକୁ ପୁନର୍ବାର ଆବିଷ୍କାର କରିବାର ଏକ ପ୍ରକ୍ରିୟା ମଧ୍ୟଦେଇ ଗତି ବି କରୁଛନ୍ତି — ଏବଂ ତାହାରି ଫଳରେ ମୂଳଭୂତ ପରମଚେତନା ଆପଣାର ଏକତ୍ୱ **ଏବଂ** ସମଗ୍ର ଲୀଳାଟି ବିଷୟରେ ସଚେତନ ହୋଇ ପାରୁଛି, ଏହି ପରମ ଏକତ୍ୱର ଅଗଣିତ ଉପାଦାନଗୁଡ଼ିକ ବିଷୟରେ ମଧ୍ୟ ସଚେତନ ହୋଇ ପାରୁଛି । ଏବଂ, ଏହା ଆମ ଲାଗି ସମୟବୋଧ ରୂପେ ତର୍ଜମା ହୋଇଯାଉଛି : ପରମ ଅଚେତନରୁ ପରମଚେତନାର ଏହି ସ୍ଥିତିଟି ପର୍ଯ୍ୟନ୍ତ ଏକ ଗତିପଥ ରୂପେ ତାହାର ତର୍ଜମା ହୋଇଯାଉଛି । ଏବଂ, ପରମ ଅଚେତନ ହେଉଛି ସେହି ସର୍ବପ୍ରଥମ ପରମ ଏକତ୍ୱର ପ୍ରକ୍ଷେପଣ (ଯଦି ଏପରି ଆଦୌ କୁହା ଯାଇପାରେ; ଏହି ଯାବତୀୟ ଶବ୍ଦ ସମ୍ପୂର୍ଣ୍ଣ ଭାବରେ କେବଳ ଅର୍ଥହୀନ), ଆପଣାର ଏକତ୍ୱ ବିଷୟରେ କେବଳ ସଚେତନ ରହିଥିବା ସେହି ମର୍ମଗତ ଏକତ୍ୱରହିଁ ପ୍ରକ୍ଷେପଣ — ହଁ, ପରମ ଅଚେତନ କହିଲେ ଆମେ ତାହାହିଁ ବୁଝିବା । ଏବଂ, ଯେଉଁ ସତ୍ତାମାନେ ଆପଣାର କ୍ଷୁଦ୍ରାଦପି କ୍ଷୁଦ୍ର ଅସ୍ତିତ୍ୱଟି ବିଷୟରେ ସଚେତନ ରହିଛନ୍ତି ଏବଂ **ଯୁଗପତ୍ ଭାବରେ**, ଆମେ ଯାହାକୁ ଅଗ୍ରଗତି, ବିବର୍ତ୍ତନ ଅଥବା ରୂପାନ୍ତର ବୋଲି କହୁଛୁ, ତାହାରି ଜରିଆରେ ମୂଳସ୍ଥ ପରମ ଏକତ୍ୱଟି ବିଷୟରେ ସଚେତନ ହୋଇ ପାରୁଛନ୍ତି, ସେମାନଙ୍କ ମଧ୍ୟରେ ପରମ ଅଚେତନ ଅଧିକରୁ ଅଧିକ ପରିମାଣରେ ସଚେତନ ହେବାରେ ଲାଗିଛି । ଏବଂ, ଆମେ ବର୍ତ୍ତମାନ ଯେପରି ଦେଖିଲେ, ତାହାରି ଦ୍ୱାରା ସବୁ ପ୍ରମାଣିତ ହୋଇଯାଉଛି ।

ଶବ୍ଦଗୁଡ଼ାକ ପ୍ରକୃତରେ କିଛି ନୁହନ୍ତି ।

ପ୍ରତ୍ୟେକ ବସ୍ତୁ, ସବୁଠାରୁ ଅଧିକ ଜଡ଼ସ୍ଥଠାରୁ ଆରମ୍ଭ କରି ସବୁଠାରୁ ଅଧିକ ଅପାର୍ଥିବ ପର୍ଯ୍ୟନ୍ତ ସକଳ ବସ୍ତୁ, ସେଠାରେ ସେହି **ସକଳ ବସ୍ତୁର** ସ୍ଥାନ ନିରୂପିତ ହୋଇ ରହିଛି — ଏହା ଅତ୍ୟନ୍ତ ପରିଷ୍କାର, ପରିଷ୍କାର ଭାବରେ ଦୃଶ୍ୟ ହୋଇ ଯାଉଛି ।

ଏବଂ ମନ୍ଦ, ଆମେ ଯାହାକୁ ମନ୍ଦ ବୋଲି କହିଥାଉ, — ସମଗ୍ର ମଧ୍ୟରେ ସେଇଟିର ମଧ୍ୟ ଆପଣାର **ଅପରିହାର୍ଯ୍ୟ** ସ୍ଥାନଟି ଅବଶ୍ୟ ରହିଛି । ସେହି ପରମ ତତ୍‌ଙ୍କ ସମ୍ବନ୍ଧରେ ସଚେତନ ହୋଇପାରିବା ମାତ୍ରକେ ତାହା ଆମ ଲାଗି ଆଉ ଆଦୌ ମନ୍ଦ ବୋଲି ଅନୁଭୂତ ହେବ ନାହିଁ । ମନ୍ଦକୁ ଆମେ ଏହିପରି ଏକ କ୍ଷୁଦ୍ରାଦପି କ୍ଷୁଦ୍ର ଉପାଦାନ ବୋଲି କହିବା, ଯାହାକି ଆପଣାର କ୍ଷୁଦ୍ରାଦପି କ୍ଷୁଦ୍ର ଚେତନାଟି ଉପରେ ଦୃଷ୍ଟିପାତ କରିବାରେ ଲାଗିଛି । ମାତ୍ର ସକଳ ଚେତନା ମର୍ମତଃ ଗୋଟିଏ ଚେତନା ହୋଇଥିବାରୁ ତାହା ପୁନର୍ବାର ସେହି

ପରମ ଏକତ୍ୱର ଚେତନାକୁ ମଧ୍ୟ ଫେରି ପାଇବାକୁ ସମର୍ଥ ହେଉଛି, ଦୁଇଟିଯାକକୁ ଏକତ୍ର ଅନୁଭବ କରି ପାରୁଛି । ଆମକୁ ତାହାରି,– ହଁ, **ତାହାରିହିଁ** ଉପଲବ୍ଧ କରିବାକୁ ପଡ଼ିବ । ସେତେବେଳେ ଏହି ଅଦ୍ଭୁତ କଥାଟିହିଁ ମୋ'ର ଦୃଷ୍ଟିଗୋଚର ହୋଇଥିଲା... ଏବଂ ଆରମ୍ଭଗୁଡ଼ିକ (ସେଗୁଡ଼ିକୁ ପ୍ରକୃତରେ ଆରମ୍ଭଗୁଡ଼ିକ ବୋଲି କୁହାଯିବ କି ?), ଇଂରାଜୀରେ ଯାହାକୁ outskirts (ବାହ୍ୟାଞ୍ଚଳ) ବୋଲି କହନ୍ତି, ଯାହାକି କେନ୍ଦ୍ରସ୍ଥ ଉପଲବ୍ଧିଠାରୁ ସବୁଠାରୁ ଅଧିକ ଦୂରବର୍ତ୍ତୀ ହୋଇ ରହିଥାଏ, ତାହାହିଁ ଅନେକବସ୍ତୁରେ ପରିଣତ ହୁଏ, ଏବଂ ସେଇଥିରୁହିଁ ଅନେକ ବୋଧ ଜାତହୁଏ, ଅନେକ ଅନୁଭବର ଉଦ୍ଭବ ହୁଏ... ଅନେକ ଚେତନାର ମଧ୍ୟ ଉଦ୍ଭବ ହୁଏ । ଅଲଗା ଅଲଗା କରିଦେବାର ଏହି କାର୍ଯ୍ୟଟିରୁହିଁ ଏହି ଜଗତର ସୃଷ୍ଟି ହୋଇଛି, ସତତ ହେଉଛି ଏବଂ ତାହା ଯୁଗପତ୍ ଭାବରେ ଦୁଃଖ, ସୁଖ, ଏଥିରୁ ନିଷ୍ପନ୍ନ ହେଉଥିବା ସବୁକିଛିର ଉଦ୍‌ଭବ କରାଉଛି,– ଏହି ଅନେକତ୍ୱ ଓ ''ବିସ୍ତାର''ର ସୃଷ୍ଟି ହୋଇ ପାରୁଛି । ମାତ୍ର ଏହା ଏକ ଅସମ୍ଭବ କଥା,– ଏହାକୁ ମୋଟେ ବିସ୍ତାର ବୋଲି କହିହେବ ନାହିଁ । ଆମେ ସ୍ୱୟଂ ଦେଶର ଏକ ବୋଧ ମଧ୍ୟରେ ବାସ କରୁଥିବାରୁହିଁ ବିସ୍ତାର ଓ ସଂକେନ୍ଦ୍ରଣର କଥା କହୁଛୁ, ମାତ୍ର ଯଥାର୍ଥରେ ତାହା ସେପରି ଆଦୌ କିଛିହେଲେ ନୁହେଁ ।

ଆମେସବୁ ଏକ ''ସମତାବସ୍ଥା''ର କାଳରେ ବାସ କରୁଛୁ ବୋଲି ଥେଅଁ ଯେ କାହିଁକି କହୁଥିଲେ, ବର୍ତ୍ତମାନ ମୁଁ ସେ କଥାଟିକୁ ବୁଝି ପାରୁଛି । ଅର୍ଥାତ୍, ଏହିସବୁ ଯାବତୀୟ ଅସୁମାରି ଚେତନାବିନ୍ଦୁ ଓ ଏହିସବୁ ଯାବତୀୟ ବିରୋଧର ମଧ୍ୟଦେଇହିଁ କେନ୍ଦ୍ରସ୍ଥ ପରମଚେତନାର ଆବିଷ୍କାର ସମ୍ଭବ ହୋଇଥାଏ । ଏବଂ, ଏହି ବିଷୟରେ ଶବ୍ଦରେ ପ୍ରକାଶ କରି ଯାହାକିଛି କୁହାଯାଉଛି, ତାହା ହେଉଛି ସବୁଯାକ ନିରର୍ଥକ,– ତଥାପି ମୁଁ ଯେତେବେଳେ ତାହାକୁ ପ୍ରକାଶ କରୁଛି, ସେତେବେଳେ ମୁଁ ସେହି ନିରର୍ଥକତାଟିକୁ ମଧ୍ୟ ଯଥାର୍ଥ ଭାବରେ ବୁଝିପାରୁଛି । ମାତ୍ର ଶବ୍ଦ ଦ୍ୱାରା ପ୍ରକାଶ କରି କହିବା ବ୍ୟତୀତ ଆଉ ଅନ୍ୟ ଉପାୟ ନାହିଁ । ଏହି ବସ୍ତୁଟି ପ୍ରକୃତରେ ଅତ୍ୟନ୍ତ **ମୂର୍ତ୍ତ**, ଅତ୍ୟନ୍ତ ସତ୍ୟ, ଅତ୍ୟନ୍ତ ପରିପୂର୍ଣ୍ଣ ଭାବରେ ଠିକ୍ **ସେଇଆ** ।

ସେହି ଅନୁଭବଟିକୁ ଅଙ୍ଗେ ନିଭାଉଥିବା ପର୍ଯ୍ୟନ୍ତ ତାହା... ମାତ୍ର ଖୁବ୍ ସମ୍ଭବ ସେତେବେଳେ ମୁଁ ତାହାକୁ ବର୍ଣ୍ଣନା କରି କିଛି କହି ପାରି ନ ଥାନ୍ତି । ମୁଁ ଏଇଟିକୁ (*ମାଆ ଟିପ୍ପଣୀଟିକୁ ଦେଖାଇଦେଲେ*) କିଛି କାଗଜ ନେଇ ଲେଖି ପକାଇବାକୁ ବାଧ୍ୟ ହେଲି,– ଏବଂ ଏପରି ଭାବରେ ଟିପି ରଖିଲି ଯେ, କ'ଣସବୁ ଟିପି ରଖିଲି, ସେ ବିଷୟରେ ମୋ'ର ଆଉ କିଛିହେଲେ ମନେ ନାହିଁ... ସବା ପ୍ରଥମେ ଏହି କଥା ଲେଖା ହୋଇଥିଲା :

*ସ୍ଥାୟିତ୍ୱ ଏବଂ ପରିବର୍ତ୍ତନ*

ଏଇଟି ହେଉଛି ସେହି ସର୍ବମୂଳ ପରମସ୍ଥାୟିତ୍ୱର କଥା (ଏହାକୁ ହୁଏତ ଏହିପରି ଭାବରେ ବର୍ଣ୍ଣନା କରିହେବ) । ଯାହାର କି ପରମ ଅଭିବ୍ୟକ୍ତି ମଧ୍ୟରେ ଜଡ଼ତା ରୂପେ ତର୍ଜମା ହୋଇ ଯାଇଥାଏ । ଏବଂ ପରିବର୍ତ୍ତନ ରୂପେହିଁ ଅଭିବୃଦ୍ଧିର ତର୍ଜମା ହୁଏ । ତା'ପରେ :

*ଜଡ଼ତା ଏବଂ ରୂପାନ୍ତର*

ମାତ୍ର ବର୍ତ୍ତମାନ ତାହା ଆଉ ନାହିଁ, ବର୍ତ୍ତମାନ ତାହାର ଆଦୌ କୌଣସି ବୋଧ ନାହିଁ – ସେତେବେଳେ ଏହି ଶବ୍ଦଗୁଡ଼ିକର ଏକ ଅର୍ଥ ଥିଲା ।

*ଚିରନ୍ତନତା ଏବଂ ଅଗ୍ରଗତି*

ଏଗୁଡ଼ିକ ଗୋଟିଏ ଆରଟିର ବିପରୀତ (ଏହି ତିନୋଟିଯାକ) ।

ତା'ପରେ ମଝିରେ ଏକ ଶୂନ୍ୟସ୍ଥାନ (*ମାଆ ତିନୋଟି ବିରୋଧ-ଯୁଗ୍ମ ତଳେ ଗୋଟିଏ ଗାର କାଟିଦେଲେ*), ଏବଂ ତା'ପରେ ଏକ ବୃହତ୍ ଚାପ, ଏବଂ ତା'ପରେ ମୁଁ ଏପରି ଲେଖିଥିଲି :

*ଏକତ୍ୱ = ... (ତା'ପରେ ତିନୋଟି ଶବ୍ଦ ଥିଲା, ଯେଉଁଗୁଡ଼ିକୁ ପଢ଼ି ହେଉ ନାହିଁ ।)*

ମାତ୍ର, ସେହି ଶବ୍ଦଗୁଡ଼ିକ ଅନେକ ପରିମାଣରେ ଅଧିକ ଯଥାର୍ଥ ଭାବରେ ଅନୁଭୂତିଟିକୁ ବ୍ୟକ୍ତ କରୁଥିଲା । କିନ୍ତୁ ସେଗୁଡ଼ିକୁ ବର୍ତ୍ତମାନ ପଢ଼ି ହେଉ ନାହିଁ – ମୁଁ ଭାବୁଛି, ଏହା ଯେ ପଢ଼ିହେବ ନାହିଁ, ସେତେବେଳେ ଇଚ୍ଛାକୃତ ଭାବରେ ତାହା କରା ଯାଇଥିଲା । ସେଇଟିକୁ ପଢ଼ିବାକୁ ହେଲେ ତାହାର ପ୍ରକୃତ ଅନୁଭବ ବି ଅବଶ୍ୟ ରହିଥିବା ଉଚିତ ।

(ଶିଷ୍ୟ ଶବ୍ଦଗୁଡ଼ିକୁ ପଢ଼ିବା ଲାଗି ଚେଷ୍ଟା କଲେ :) *ମୋ'ର ମନେ ହେଉଛି ସେଥିରେ ''ବିଶ୍ରାମ'' ଶବ୍ଦଟି ରହିଥିଲା ।*

ହଁ, ହଁ, ନିଶ୍ଚୟ ତାହାହିଁ ହେବ । ବିଶ୍ରାମ ଏବଂ...

(*ମାଆ ଅଭିନିବିଷ୍ଟ ହୋଇ ରହିଲେ*)

ଏହା ''ଶକ୍ତି'' ନୁହେଁ ତ ?

*ହଁ, ହଁ, ''ଏକତ୍ର ସଂଯୁକ୍ତ ହୋଇ ରହିଥିବା ଶକ୍ତି ଓ ବିଶ୍ରାମ ।''*

ହଁ ଠିକ୍ ସେଇଆ ।

ମୁଁ ନିଜେ ମୋଟେ ସେହି ଶବ୍ଦଗୁଡ଼ିକୁ ବାଛି ନାହିଁ । ତେଣୁ ସେଗୁଡ଼ିକ ମଧ୍ୟରେ ଅବଶ୍ୟ ଏକ ବିଶେଷ ସାମର୍ଥ୍ୟ ନିହିତ ହୋଇ ରହିଛି । ଯେତେବେଳେ ମୁଁ ''ମୁଁ'' ବୋଲି କହୁଛି ସେତେବେଳେ ମୁଁ ସେଠାରେ ଅବସ୍ଥିତ ରହିଥିବା (*ମାଆ ନିଜ ମୁଣ୍ଡ ଉପରକୁ ଇଙ୍ଗିତ କରିଦେଲେ*) ଚେତନାକୁହିଁ ବୁଝାଉଛି; ସେହି ଚେତନାଟି ଆଦୌ ନୁହେଁ; ଏହା ଆଉ କୌଣସି ବସ୍ତୁ, ଯାହାକି ଉପରୁ ଚାପ ପକାଇବାରେ ଲାଗିଥିଲା ଏବଂ ମୋତେ ଲେଖିବାକୁ ବାଧ କଲା । (*ମାଆ ଟିପ୍ପଣୀଟିକୁ ଆଉଥରେ ନକଲ କରିନେଲେ*)

*ସ୍ଥାୟିତ୍ୱ ଏବଂ ପରିବର୍ତ୍ତନ*
*ଜଡ଼ତା ଏବଂ ରୂପାନ୍ତର*
*ଚିରନ୍ତନତା ଏବଂ ଅଗ୍ରଗତି*

---

*ଏକତ୍ୱ = ଏକତ୍ର ସଂଯୁକ୍ତ ହୋଇ ରହିଥିବା ଶକ୍ତି ଏବଂ ବିଶ୍ରାମ*

ଅସଲ କଥାଟି ହେଉଛି ଯେ ଦୁଇଟିଯାକ ଏକତ୍ର ସଂଯୁକ୍ତ ହୋଇ ରହି ଆପଣାକୁ ଅଭିବ୍ୟକ୍ତ କରିବା ଲାଗି ଇଚ୍ଛା କରୁଥିବା ସେହି ଚେତନାସ୍ଥିତିଟିକୁ ପୁନରାବସ୍ଥାପିତ କରି ପାରିଲେ ।

ଏହା ବିଶ୍ୱଗତ ସ୍ତରରେ ଘଟିଥିଲା, ବ୍ୟକ୍ତିଗତ ସ୍ତରରେ ଘଟି ନ ଥିଲା ।

ଦୁଇଟିର ମଝିରେ ମୁଁ ଗୋଟିଏ ଗାର ଟାଣିଦେଲି, ତଦ୍ୱାରା ଏହାହିଁ ସୂଚିତ କରି ଦେଇଥିଲି ଯେ ସେହି ଦୁଇଟିଯାକ ଆଦୌ ଏକାସାଙ୍ଗରେ ଆସି ନ ଥିଲେ ।

*ମାତ୍ର, ଯେତେବେଳେ ଆପଣ ଅତିମାନସ ଅନୁଭୂତି ବିଷୟରେ କହୁଛନ୍ତି, ସେତେବେଳେ ଆପଣ ଅନେକ ସମୟରେ କହୁଛନ୍ତି ଯେ, ଏଇଟି ହେଉଛି ଏକ*

*ଅତ୍ୟନ୍ତ ବିସ୍ମୟକାରୀ ଗତିସ୍ପନ୍ଦନ, ମାତ୍ର ଯୁଗପତ୍ ଭାବରେ ତାହା ହେଉଛି ସତେଯେପରି ସମ୍ପୂର୍ଣ୍ଣ ଭାବରେ ଗତିରହିତ ଏକ ଘଟଣା । ଆପଣ ଏପରି ଭାବରେ ଅନେକ ସମୟରେ କହିଛନ୍ତି ।*

ମାତ୍ର ତୁମେ ତ ଜାଣିଛ, ମୁଁ ଥରେ ଯାହାକିଛି କହିଥାଏ, ତାହାକୁ ଅନେକ ସମୟରେ ଏକାବେଳେକେ ଭୁଲିଯାଏ ।

*ଆପଣ କହିଛନ୍ତି : ସେହି ସ୍ପନ୍ଦନଟି ଏତେ କ୍ଷିପ୍ରଗତି ହୋଇ ରହିଥିବ ଯେ, ତାହା ମୋଟେ ଇନ୍ଦ୍ରିୟଗୋଚର ହେବ ନାହିଁ; ପୁଣି ଆପଣ ଏକଥା ମଧ୍ୟ କହିଛନ୍ତି ଯେ, ଏହା ଅତ୍ୟନ୍ତ ଘନ ହୋଇ ରହିଥିବ ଓ ସତେଅବା ଗତିରହିତ ହୋଇ ରହିଥିବ ।*

ହଁ, ଆଜି ସକାଳେ ମୁଁ ଏହିପରି ଏକ ମହିମା ମଧ୍ୟରେ ଘଣ୍ଟା ଘଣ୍ଟା ଧରି ଅବସ୍ଥାନ କରିଥିଲି ।

ଏବଂ ତା'ପରେ, ସବୁ, ସବୁକିଛି ଧାରଣା, ସର୍ବାଧିକ ପରିମାଣରେ ବୁଦ୍ଧିପ୍ରେରିତ ହୋଇ ରହିଥିବା ଧାରଣା ସମେତ ସେହି ସବୁକିଛି... ସତେଅବା ଏକ ପିଲାଳିଆରେ ପରିଣତ ହୋଇ ଯାଇଥିଲା । ତାହା ଏପରି ସଂପୂର୍ଣ୍ଣ ସ୍ପଷ୍ଟ ଭାବରେ ଅନୁଭୂତ ହେଉଥିଲା ଯେ, ସେତେବେଳେ ମନେ ହେଉଥିଲା : ଏହା ବିଷୟରେ କିଛି କହିବା ଲାଗି ଆଦୌ କୌଣସି ପ୍ରୟୋଜନ ନାହିଁ ।

ଏହି ମନୁଷ୍ୟଭୂମିର ଯାବତୀୟ ପ୍ରତିକ୍ରିୟା,— ଏପରିକି ସେହି ଭୂମିର ଉଚ୍ଚତମ, ଶୁଦ୍ଧତମ ଓ ମହତ୍ତମ ପ୍ରତିକ୍ରିୟାଗୁଡ଼ିକ,— ସବୁ **ଅତ୍ୟନ୍ତ ପରିମାଣରେ** ପିଲାଳିଆ ପରି ଲାଗୁଥିଲା ।... କୌଣସି ଏକ ସ୍ଥାନରେ ଶ୍ରୀଅରବିନ୍ଦ ଗୋଟିଏ ବାକ୍ୟରେ ଯାହା ଲେଖିଛନ୍ତି, ସେହି ବାକ୍ୟଟି ସମସ୍ତ ସମୟ ଧରି ମୋ ମନ ଭିତରେ ଆସି ଉଦୟ ହୋଇ ଯାଉଥିଲା । ଦିନେ, ଠିକ୍ କେଉଁଠାରେ ମୁଁ କହିପାରୁ ନାହିଁ, ସିଏ ଏପରି ଏକ ଲମ୍ବ ବାକ୍ୟ ଲେଖିଥିଲେ ଯେଉଁଥିରେ ଏହାହିଁ ଲେଖା ଥିଲା : ''ଏବଂ ଯେତେବେଳେ ମୁଁ ଈର୍ଷାନ୍ୱିତ ଅନୁଭବ କରେ, ସେତେବେଳେ ମୁଁ ଜାଣିପାରେ ଯେ ସେହି ବୁଢ଼ା ତଥାପି ଯାଇ ନାହିଁ, ଯେଉଁଠି ଥିଲା, ସେହିଠାରେ ରହିଛି ।'' ସମ୍ଭବତଃ ତିରିଶ ବର୍ଷ ତଳେ ମୁଁ ସେହି କଥାଟିକୁ ପଢ଼ିଥିଲି,— ହଁ, ପ୍ରାୟ ତିରିଶ ବର୍ଷ ତଳେ,— ଏବଂ ମୋ'ର ବେଶ୍ ମନେ ଅଛି ଯେ, ଯେତେବେଳେ ମୁଁ ''ଈର୍ଷାନ୍ୱିତ'' ଶବ୍ଦଟିକୁ ପଢ଼ିଲି, ସେତେବେଳେ ମନକୁ ମନ କହିଲି : ଶ୍ରୀଅରବିନ୍ଦ କିପରି କାହା ଲାଗି ଈର୍ଷାନ୍ୱିତ ହୋଇ ପାରିଲେ ? ଏବଂ, ଏବେ ତିରିଶବର୍ଷ ପରେ ମୁଁ

ବୁଝିଲି ''ଈର୍ଷାନ୍ୱିତ'' ହେଉଛନ୍ତି ବୋଲି କହି ସିଏ ପ୍ରକୃତରେ କ'ଣ ମନେ କରୁଥିଲେ । ସାଧାରଣତଃ ମଣିଷମାନେ ''ଈର୍ଷାନ୍ୱିତ'' କହିଲେ ଯାହା ବୁଝନ୍ତି, ଏଠାରେ ମୋଟେ ସେହି ଅର୍ଥରେ ଶବ୍ଦଟିର ବ୍ୟବହାର ହୋଇ ନାହିଁ, ସମ୍ପୂର୍ଣ୍ଣ ଏକ ଅନ୍ୟ ଚେତନାସ୍ଥିତିରେ ରହି ସେହି ଶବ୍ଦଟିକୁ କୁହାଯାଇଛି । ମୁଁ ସ୍ପଷ୍ଟ ଭାବରେ ସେହି କଥା ବୁଝି ପାରିଲି । ଏବଂ, ସେହି କଥାଟି ଆଜି ସକାଳେ ମଧ୍ୟ ମୋ'ର ମନେ ପଡ଼ିଗଲା : ''ଯେତେବେଳେ ମୁଁ ଈର୍ଷାନ୍ୱିତ ଅନୁଭବ କରେ, ସେତେବେଳେ ମୁଁ ଜାଣିପାରେ ଯେ, ସେହି ବୁଢ଼ା ତଥାପି ଯାଇ ନାହିଁ ।'' ''ଈର୍ଷାନ୍ୱିତ'' ହେବା କହିଲେ ଆମେ ଯାହା ବୁଝିଥାଉ, ଶ୍ରୀଅରବିନ୍ଦ ''ଈର୍ଷାନ୍ୱିତ'' ହେବା କହିଲେ ଆଦୌ ସେକଥା କହୁ ନ ଥିଲେ ।... ଏହି ଯେଉଁ କ୍ଷୁଦ୍ରାଦପି କ୍ଷୁଦ୍ର କଣିକାଟିକୁ ଆମେ ବ୍ୟକ୍ତି ବୋଲି କହୁଛୁ, ଏହି ଯେଉଁ କ୍ଷୁଦ୍ରାଦପି କ୍ଷୁଦ୍ର ଚେତନା ଆପଣାକୁ କେନ୍ଦ୍ରରେ ନେଇ ଅବସ୍ଥାପିତ କରି ରଖିଛି, ଯାହା ଯାବତୀୟ ଅବବୋଧର କେନ୍ଦ୍ର ହୋଇ ରହିଛି ଏବଂ ଯାହା ପରିଣାମତଃ ବସ୍ତୁଗୁଡ଼ିକୁ ଆସୁଥିବାର (*ଆପଣା ଆଡ଼କୁ ଆସୁଥିବାର ଇଙ୍ଗିତ*) ଓ ଯାଉଥିବାର (*ବାହାରକୁ ଚାଲିଯାଉଥିବାର ଇଙ୍ଗିତ*) ପ୍ରତ୍ୟକ୍ଷ କରୁଛି, ଏବଂ ଯାହାକିଛି ତା'ପାଖକୁ ଆସୁ ନାହିଁ ବୋଲି ପ୍ରତ୍ୟକ୍ଷ କରୁଛି, ସେଗୁଡ଼ିକ ଏପରି ଏକ ପ୍ରକାରର ଅବବୋଧ ସୃଷ୍ଟି କରୁଛି, ଯାହାକୁ କି ଶ୍ରୀଅରବିନ୍ଦ ''ଈର୍ଷାନ୍ୱିତ'' ହେବା ବୋଲି କହିଥିଲେ । ଏହା ଏପରି ଏକ ଅବବୋଧ, ଯାହା ସୂଚନା ଦେଇଥାଏ ଯେ, ଏକ ସଂକେନ୍ଦ୍ରଣ ଆଡ଼କୁ ଅଗ୍ରସର ହୋଇ ଆସିବା ପରିବର୍ତ୍ତେ ସତେଯେପରି ବସ୍ତୁଗୁଡ଼ିକ କେବଳ ଅଲଗା ହୋଇ ଖେଳାଇ ହୋଇ ଯାଉଛି । ଏହି କଥାଟିକୁ ସିଏ ''ଈର୍ଷାନ୍ୱିତ'' ହେବା ବୋଲି କହିଥିଲେ । ତେଣୁ ସେ କହିଥିଲେ : ''ମୁଁ ଯେତେବେଳେ ଈର୍ଷାନ୍ୱିତ ହୋଇଯିବା ପରି ଅନୁଭବ କରୁଛି, ସେତେବେଳେ ମୁଁ ଜାଣି ପାରୁଛି ଯେ ସେହି ବୃଦ୍ଧ ବ୍ୟକ୍ତିଟି ତଥାପି ନ ଯାଇ ସେହିଠାରେହିଁ ରହିଛି (ଏହାହିଁ କହିବାହିଁ ତାଙ୍କର ଉଦ୍ଦେଶ୍ୟ ଥିଲା); ଅର୍ଥାତ୍, ଚେତନାର ଏହି କ୍ଷୁଦ୍ରାଦପି କ୍ଷୁଦ୍ର କଣାଟି **ତଥାପି** ଆପଣାର କେନ୍ଦ୍ରରେ ଆପଣାକୁ ଅବସ୍ଥାପିତ କରି ରଖି ପାରିବ; ଏହା ଯାବତୀୟ କ୍ରିୟାଶୀଳତାର, ଯାବତୀୟ ଅବବୋଧର ଏବଂ ଯାବତୀୟ ଇନ୍ଦ୍ରିୟଗ୍ରାହିତାର କେନ୍ଦ୍ର ହୋଇ ରହିପାରିବ ।...

(*ମାଆ ନୀରବ ରହିଲେ*)

ହଁ, ମୁଁ ବେଶ୍ ଦେଖି ପାରିଲି – ଠିକ୍ ଏହି ସମୟରେହିଁ ମୁଁ ମୋ'ର ଯାବତୀୟ ଭୌତିକ ସ୍ତରର କାର୍ଯ୍ୟ ସମାପନ କରି ଦେଇଥାଏ – ମୁଁ ଦେଖି ପାରିଲି ଯେ, ଚେତନାରେ ଆଦୌ କୌଣସି ପରିବର୍ତ୍ତନ ନ ଘଟାଇ ମଧ୍ୟ ଏହି ସମଗ୍ର କାର୍ଯ୍ୟଟିକୁ ସମ୍ପନ୍ନ କରାଯାଇ

ପାରିବ । ତେଣୁ, ସେଇଟି କଦାପି ମୋ'ର ଚେତନାରେ କୌଣସି ପରିବର୍ତ୍ତନ ଘଟାଉ ନ ଥିଲା; ଲୋକମାନଙ୍କ ସହିତ ସାକ୍ଷାତ କରିବାଟାହିଁ ମୋ'ର ଚେତନା ଉପରେ ସତେଅବା ଏକ ଆବରଣ ମଡ଼ାଇ ରଖୁଥିଲା : ଯେତେବେଳେ ମୁଁ ଏଠାକୁ ଆସୁଥିଲି ଓ ପ୍ରତ୍ୟେକ ଦିନ କରି ଆସୁଥିବା କାର୍ଯ୍ୟଟିକୁ କରୁଥିଲି, ଅର୍ଥାତ୍ ଦିବ୍ୟ ପରମଚେତନାକୁ ଲୋକମାନଙ୍କ ଉପରକୁ ପ୍ରକ୍ଷେପିତ କରି ଆଣୁଥିଲି, ସେତିକିବେଳେ ତାହା ହେଉଥିଲା । ମାତ୍ର ଏହା ପୁନର୍ବାର ଫେରି ଆସୁଥିଲା... (ଏହି କଥାକୁ କିପରି ଶବ୍ଦ ଦେଇ ବର୍ଣ୍ଣନା କରାଯାଇ ପାରିବ ?), ପୁଣି ଆସି ପ୍ରାନ୍ତଗୁଡ଼ିକରେ ଦେଖା ଦେଉଥିଲା; ଅର୍ଥାତ୍, ଭିତରେ **ରହିବା** ପରିବର୍ତ୍ତେ, ତୁମେ ଯେତେବେଳେ ମୋତେ ପଚାରୁଥିଲ, ସେତେବେଳେ ମୁଁ ତାହାର ବୋଧ ଲାଭ କରିବାକୁ ଆରମ୍ଭ କରୁଥିଲି । ମାତ୍ର ସେହି ଅନୁଭୂତିଟି ଆଉ ମୋଟେ ସମ୍ଭବ ହେଉ ନ ଥିଲା,— **କେବଳ ସେଇଟି** ବ୍ୟତୀତ ଆଉ କିଛିହେଲେ ନ ଥିଲା । କେବଳ ସେଇଟିହିଁ ଥିଲା, ଏବଂ ସବୁକିଛି, ଯାବତୀୟ ବାହ୍ୟ ରୂପ ଏବଂ ଅର୍ଥ, ସବୁକିଛି ବଦଳି ଯାଉଥିଲା ।

ତାହାହିଁ ଅବଶ୍ୟ ସେହି ଅତିମାନସ ଚେତନା ହୋଇଥିବ : ମୁଁ ଭାବୁଛି, ଏହାହିଁ ହେଉଛି ସେହି ଅତିମାନସ ଚେତନା ।

*ମାତ୍ର, ମୁଁ ହୁଏତ ଏପରି କହିପାରିବି ଯେ, ତାହାକୁହିଁ ବେଶ୍ ସେହି ପ୍ରଶସ୍ତ ଏବଂ ବେଗଯୁକ୍ତ ଚେତନା ବୋଲି ଅନୁଭବ କରାଯାଇ ପାରିବ, ଯାହାକି ମାର୍ଗଟିର କେବଳ ଏକ କ୍ଷୁଦ୍ର ଅଂଶକୁ ନୁହେଁ, ମାତ୍ର ଯୁଗପତ୍ ଭାବରେ ସମଗ୍ର ମାର୍ଗଟିକୁ ପ୍ରତ୍ୟକ୍ଷ କରିପାରୁଥାଏ ।*

ହଁ, ହଁ ।

*ସେହି ସମଗ୍ରଟିକୁ ଏକ ଗତିଶୀଳ ପରିପୂର୍ଣ୍ଣ ଅବସ୍ଥା ବୋଲି କୁହାଯାଇ ପାରିବ ।*

ହଁ ।

*ଆପଣାର ଦୃଷ୍ଟିକୁ କେବଳ ଗୋଟିଏ ମାତ୍ର କ୍ଷୁଦ୍ର କୋଣ ଭିତରେ ସୀମାବଦ୍ଧ କରି ରଖିବା,— ତାହାହିଁ ମନ୍ଦ । ତା'ପରେ ଯାଇ ''ଏଇଟା ମନ୍ଦ'' ବୋଲି କହିହୁଏ, ମାତ୍ର ଯଦି ସମଗ୍ର ପଥଟି ଦୃଷ୍ଟିଗୋଚର ହୋଇ ପାରୁଥାଏ, ... ଏକ ସମଗ୍ର ଚେତନାର ଭୂମିରେ ସ୍ପଷ୍ଟତଃ ମନ୍ଦ ବୋଲି ଆଉ କିଛିହେଲେ ନ ଥାଏ ।*

ବିରୋଧଗୁଡ଼ିକ ମୋଟେ ନ ଥାଏ । କୌଣସି **ବିରୋଧ** ନ ଥାଏ – ଏପରିକି କୌଣସି ବୈପରୀତ୍ୟ ମଧ୍ଯ ନ ଥାଏ । ମୁଁ କହୁଛି : କୌଣସି ବିରୋଧ ପ୍ରକୃତରେ ନାହିଁ । କେବଳ ସେହି ପରମ ଐକ୍ୟହିଁ ବିଦ୍ୟମାନ ରହିଥାଏ, କେବଳ ସେହି ପରମ ଐକ୍ୟ ମଧ୍ୟରେହିଁ ସେତେବେଳେ **ବାସ କରାଯାଏ ।** ଏବଂ, ଆମେ କୌଣସି ଭାବନା କିଂବା ଶବ୍ଦ ଦେଇ ତାହାର ଆଦୌ ତର୍ଜମା କରି ପାରିବା ନାହିଁ । ମୁଁ କହୁଛି, ଏହା... ଏହା ଏପରି ଏକ ପରିବ୍ୟାପ୍ତି, ଯାହାରକି ଆଦୌ କୌଣସି ସୀମା ନାହିଁ । ଏହା ହେଉଛି ଏକ ଆଲୋକ,– ଏକ ଆଲୋକ ଯାହା ଅବିଚଳ ହୋଇ ରହିଛି, ଏବଂ ଯୁଗପତ୍ ଭାବରେ ଏକ ସହଜାନୁଭବ ହୋଇ ରହିଛି... ଯେଉଁ ସହଜାନୁଭବକୁ ଏକ ସହଜାନୁଭବ ବୋଲି ମୋଟେ ବାରି ହେଉ ନାହିଁ । ଏବଂ, ତାହାହିଁ ଯେ ଅତିମାନସ ଚେତନା, ଏ ବିଷୟରେ ମୋ'ର ବର୍ତ୍ତମାନ ଆଉ ମୋଟେ କୌଣସି ସନ୍ଦେହ ନାହିଁ ।

ଏବଂ, ଅତ୍ୟନ୍ତ ସୁନିଶ୍ଚିତ ଭାବରେ ତାହାହିଁ କ୍ରମଶଃ ଏହି ଯାବତୀୟ ପ୍ରତୀତିକୁ ବଦଳାଇ ଦେବ ।

(*ମାଆ ଦୀର୍ଘକାଳ ନୀରବ ରହିଲେ*)

ଯେତେଯାହା ଶବ୍ଦ ଦେଇ କହିଲେ ମଧ୍ଯ ସେହି ପରମ କରୁଣାର ମହିମାକୁ ବୁଝାଇ କହିଦେଇ ହେବ ନାହିଁ । ସବୁଟି ଯେପରି ଯଥାସମ୍ଭବ ଅଧିକ ସତ୍ୱର ଭାବରେ ଅଗ୍ରଗତି କରିପାରିବ, ସେଥିଲାଗି ସମଗ୍ରଟି କିପରି ଏକତ୍ର ଗୁନ୍ଥା ହୋଇ ରହିଛି, ସେକଥାକୁ ଶବ୍ଦରେ ପ୍ରକାଶ କରାଯାଇ ପାରିବ ନାହିଁ । ବ୍ୟକ୍ତିମାନେ ଯେତିକି ପରିମାଣରେ ସେହି ବିଷୟରେ ସଚେତନ ହୋଇ ପାରି ନ ଥାନ୍ତି ଏବଂ ତେଣୁ ସେମାନଙ୍କର ଜୀବନରେ ଘଟୁଥିବା ଘଟଣାଗୁଡ଼ିକ ବିଷୟରେ ଏକ ମିଥ୍ୟା ଦୃଷ୍ଟିକୋଣ ପୋଷଣ କରିବାରେ ଲାଗିଥା'ନ୍ତି, ଠିକ୍ ସେହି ପରିମାଣରେହିଁ ସେମାନଙ୍କୁ ଦୁର୍ଦ୍ଦଶା ଭୋଗ କରିବାକୁ ପଡ଼ିଥାଏ ।

*ମାତ୍ର, ଏହି କଥାଟି ଭାବିବାକୁ ଭାରି କଷ୍ଟକର ହେଉଛି ଯେ, ପ୍ରତ୍ୟେକ ମୁହୂର୍ତ୍ତରେ... କେବଳ ସେହି ପରିପୂର୍ଣ୍ଣତାହିଁ **ବିଦ୍ୟମାନ ରହିଛି ।***

ହଁ, ଠିକ୍ ସେହି କଥା ।

*ପ୍ରତ୍ୟେକ ମୁହୂର୍ତ୍ତରେ ପରିପୂର୍ଣ୍ଣତାହିଁ ବିଦ୍ୟମାନ ରହିଛି ।*

ହଁ, **ପ୍ରତ୍ୟେକ ମୁହୂର୍ତ୍ତରେ ।** ତଦ୍‌ବ୍ୟତୀତ ଆଉ ମୋଟେ କିଛିହେଲେ ନାହିଁ ।... ମୁଁ ଯେତେବେଳେ ସେଠାରେ ଅବସ୍ଥାନ କରୁଥିଲି, ସେତେବେଳେ ସେଠାରେ ଆଦୌ କିଛିହେଲେ ନ ଥିଲା । ମାତ୍ର ତଥାପି, ଆଗରୁ ମୁଁ ଯେପରି ତୁମ୍ଭମାନଙ୍କୁ କହିଛି, ସେହି ସମୟରେ ଶାରୀରିକ ଦୃଷ୍ଟିରୁ ମୁଁ ଅତ୍ୟନ୍ତ ବ୍ୟସ୍ତ ହୋଇ ରହିଥିଲି **– ଆଦୌ କୌଣସି କଥାକୁ** ବ୍ୟାହତ ନ କରି ସେତେବେଳେ ସବୁକିଛିକୁ କରିବାକୁ ହେଉଥିଲା; ବରଂ, ଓଲଟା ଏପରି କୁହାଯାଇ ପାରିବ ଯେ, ସାଧାରଣ ସମୟ ଅପେକ୍ଷା ସେତେବେଳେ ମୁଁ କାର୍ଯ୍ୟଗୁଡ଼ିକୁ ଆହୁରି ଅଧିକ ଭଲ ଭାବରେ ସମ୍ପାଦନ କରି ପାରୁଥିଲି ।... ଏହାକୁ ମୁଁ କିପରି କଥାରେ ବୁଝାଇ କହିପାରିବି କେଜାଣି ? ସତେଯେପରି ଗୋଟାଏ ''ଅଧିକା'' ବିଷୟ ପରି ଯେ ତାହା ଆସି ଆଗରୁ ରହିଥିବା କଥାଗୁଡ଼ିକ ସହିତ ଯୋଡ଼ା ହେଲା, ସେକଥା ଆଦୌ ନୁହେଁ । ତାହା ଅତ୍ୟନ୍ତ ସ୍ୱାଭାବିକ ଭାବରେହିଁ ବିଦ୍ୟମାନ ରହିଥିଲା ।

ସେହି ଚେତନା ମଧ୍ୟରେ ଆମର ଏହି ଜୀବନଟିକୁ ମଧ୍ୟ ଅବଶ୍ୟ ବଞ୍ଚିହେବ – ମାତ୍ର ସେତେବେଳେ ତାହାକୁ ବେଶ୍ ଭଲ ଭାବରେ ବଞ୍ଚିହେବ !... ଆଦୌ କିଛିହେଲେ ବଦଳାଇବାକୁ ପଡ଼ିବ ନାହିଁ; ଯାହାକିଛି ବଦଳାଇବା ଦରକାର ପଡ଼ିବ, ତାହା ବେଶ୍ ସ୍ୱାଭାବିକ ଭାବରେ ବଦଳି ଯାଇ ପାରୁଥିବ ।

ବର୍ତ୍ତମାନ ତାହାର ଗୋଟିଏ ଉଦାହରଣ ଦେଉଛି । ... ଙ୍କୁ ନେଇ କେତେଦିନ ଲାଗି ମୁଁ ଟିକିଏ ଅଡୁଆରେ ପଡ଼ିଥିଲି । ମୁଁ ବର୍ତ୍ତମାନ ତାଙ୍କର ନାମ କହିବାକୁ ଆଦୌ ଇଚ୍ଛା କରୁ ନାହିଁ । ତାଙ୍କର କେତେକ ଆଚରଣ ଯେପରି ବଦଳିଯାଇ ପାରିବ, ସେଥିଲାଗି ତାଙ୍କ ଉପରେ କିଞ୍ଚିତ୍ ଚାପ ପକାଇବାକୁ ପଡ଼ିଥିଲା । ଆଜି ସାଧାରଣ ଦିନ ଅପେକ୍ଷା ଏକ ପୃଥକ୍ ଭାବରେ ସିଏ ଏଇଟି ବିଷୟରେ ସଚେତନ ହେଲେ ଏବଂ ଶେଷରେ କହିଲେ ଯେ ସିଏ ବର୍ତ୍ତମାନ ବଦଳିବାକୁ ଆରମ୍ଭ କଲେଣି (ତାହା ଏକ ସତ କଥା), ଏବଂ, ଆଦୌ ଗୋଟିଏ ହେଲେ ଶବ୍ଦର ପ୍ରୟୋଗ ନ କରି ଯେ ତାହା ସମ୍ଭବ ହେଲା, କେବଳ ସେତିକି ନୁହେଁ, ମାତ୍ର, ଚାପ ପକାଇବା ସକାଶେ ମଧ୍ୟ ଚେତନାର ଭୂମିରେ ଆଦୌ କୌଣସି କ୍ରିୟାଶୀଳତା ଆଣିବାକୁ ମୋଟେ ପଡ଼ିଲା ନାହିଁ । ଏଥର ବୁଝିଲ ତ ? ତାହାକୁ ଏକ ପ୍ରମାଣ ବୋଲି ଗ୍ରହଣ କରାଯାଇ ପାରିବ... ସେହି କ୍ଷେତ୍ରରେ ଯାହାକିଛି ହୁଏ, କେବଳ ସ୍ୱତଃପ୍ରେରିତ ଭାବରେହିଁ ହୁଏ; ପରମସତ୍ୟ ଆପଣାକୁ ଆଣି **ଆରୋପିତ** କରିଦିଏ, ମାତ୍ର ସେଥିଲାଗି କୌଣସି ହସ୍ତକ୍ଷେପର ଆବଶ୍ୟକତାହିଁ ନ ଥାଏ । ତେଣୁ, କେବଳ ସେହି ଯଥାର୍ଥ ଚେତନାରେହିଁ ଅବସ୍ଥାନ କରିବାକୁ ପଡ଼ିବ,– ବାସ୍, ସେତିକି କଥା, ତାହାହିଁ ଯଥେଷ୍ଟ ।

ମାତ୍ର, ଏହି ସବୁକିଛି ସତ୍ତ୍ୱେ, ସେତେବେଳେ ଶରୀର ଆପଣାର ଆବଶ୍ୟକତା-

ଗୁଡ଼ିକ ବିଷୟରେ କିଞ୍ଚିତ୍ ପରିମାଣରେ ସର୍ବଦା ସଚେତନ ହୋଇ ରହିଥିଲା (ଅବଶ୍ୟ ଆପଣାକୁ ନେଇ ତାହା ମୋଟେ ବ୍ୟସ୍ତ ହୋଇ ରହି ନ ଥିଲା; ମୁଁ ସର୍ବଦା କହୁଥିଲି : ତାହା ଆପଣାକୁ ନେଇ ମୋଟେ ବ୍ୟସ୍ତ ନୁହେଁ, ସେ ବିଷୟରେ ତାହାର କୌଣସି ଆଗ୍ରହ ନାହିଁ) । ମାତ୍ର ଶ୍ରୀଅରବିନ୍ଦ ସବୁବେଳେ ସେହି କଥାହିଁ କହୁଥିଲେ : ମୁଁ ଅନୁଭବ କରୁଛି ଯେ ମୁଁ ଠିକ୍ ସେହି ଆଗର ମଣିଷଟି ହୋଇହିଁ ରହିଛି । ଆଜି ସକାଳେ ଯାଇ ମୁଁ ସେହି କଥାଟିର ମର୍ମ ବୁଝି ପାରିଲି, କାରଣ ସେତେବେଳେ ତାହା ଆଉ ମୋଟେ ସେଠାରେ ନ ଥିଲା । ହଁ, କ'ଣ ଗୋଟାଏ ତଥାପି ସମ୍ପୂର୍ଣ୍ଣ ଠିକ୍ ଅବସ୍ଥାରେ ନାହିଁ ବୋଲି ଅତ୍ୟନ୍ତ କୋଳାହଳଶୂନ୍ୟ ଭାବରେ ଏହି ଯେଉଁ ବୋଧଟି ହୋଇଥାଏ,– ଏଠି କୌଣସି ଯନ୍ତ୍ରଣା ଥିଲା ପରି ଓ ସେଠି କୌଣସି ଅସୁବିଧା ଥିଲା ପରି ମନେ ହେଉଥାଏ,– ଅତ୍ୟନ୍ତ କେଳାହଳଶୂନ୍ୟ ଓ ଅତ୍ୟନ୍ତ ନିଷ୍ପୃହ ଭାବରେ ସେହିପରି ବୋଧ ହେଉଥାଏ,– ମାତ୍ର ତଥାପି **ବୋଧ ହେଉଥାଏ** (ଆପଣା ଉପରେ ଆଦୌ କୌଣସି ମହତ୍ତ୍ୱର ଆରୋପ ନ କରି ବୋଧ ହେଉଥାଏ,– ଏବଂ, ସେଇଟି ମଧ୍ୟ ବର୍ତ୍ତମାନ ଅନ୍ତର୍ହିତ ହୋଇଯାଇଛି, ସମ୍ପୂର୍ଣ୍ଣ ଭାବରେ ଅପସାରିତ ହୋଇଯାଇଛି !... ମୁଁ ଆଶା କରୁଛି ଯେ ଏହା କଦାପି ପୁନର୍ବାର ଫେରି ଆସିବ ନାହିଁ । ଏହା ପ୍ରକୃତରେ... ମୁଁ ବୁଝୁଛି ଯେ ଏହା ହେଉଛି ଏକ ରୂପାନ୍ତର । ଏକ ସ୍ୱର୍ଣ୍ଣିମ ପରିବ୍ୟାପ୍ତି ମଧ୍ୟରେ କେବଳ ଏକ ସଚେତନତାରହିଁ ବିଦ୍ୟମାନ ରହିବା – ଏହା ପ୍ରକୃତରେ ଅଦ୍ଭୁତ – ପ୍ରଭାସ୍ୱର, ସୁବର୍ଣ୍ଣୋଜ୍ଜ୍ୱଳ, ଶାନ୍ତିଯୁକ୍ତ, ଶାଶ୍ୱତ, ସର୍ବଶକ୍ତିମୟ ।

ଏବଂ ଏହାର ଆବିର୍ଭାବ କିପରି ହେଉଛି... ବସ୍ତୁତଃ କୌଣସି ଶବ୍ଦ ତାହାକୁ ବର୍ଣ୍ଣନା କରି କହି ପାରିବ ନାହିଁ, ସେହି ପରମ କରୁଣାବିଷୟକ ଏହି ବିସ୍ମୟକୁ କଦାପି ବର୍ଣ୍ଣନା କରି ପାରିବ ନାହିଁ... ପରମକରୁଣା ଏପରି ଏକ ବସ୍ତୁ, ଯାହା ପ୍ରକୃତରେ ସକଳ ବୋଧର ଅତୀତ, ଅତ୍ୟନ୍ତ ସ୍ୱଷ୍ଟ ଭାବରେ ଦେଖି ପାରୁଥିବା ତାହାର ସେହି ସଦୟ ପ୍ରସନ୍ନତା... ଏବଂ ଏହି ଶରୀରହିଁ ସେହି ଅନୁଭବଟିକୁ ଲାଭ କରିଛି । ଏପରି ଏକ ଘଟଣା ଘଟିଛି, ଯାହାକୁକି ମୁଁ କଦାପି ତୁମମାନଙ୍କ ଆଗରେ କହିବି ନାହିଁ । ଏବଂ, ସେହି ଘଟଣାଟିର ଏକ ଯଥାର୍ଥ ପ୍ରତିକ୍ରିୟା ମଧ୍ୟ ହୋଇଥିଲା,– ତାହା ହସିବାକୁ ଆରମ୍ଭ କଲା, ସେହି ସର୍ବୋଚ୍ଚ ପରମପ୍ରଭୁଙ୍କର ହସ ସହିତ ହସିବାରେ ଲାଗିଥିଲା– ହସିବାରେହିଁ ଲାଗିଥିଲା । ପୂରା ଦେଢ଼ଦିନ ସକାଶେ ସେହି ଅବସ୍ଥା ବିଦ୍ୟମାନ ରହିଲା । ଏବଂ ଏହି ଅସୁବିଧାଟି ସକାଶେହିଁ ଶରୀର ତାହାର ସର୍ବଶେଷ ଅଗ୍ରଗତିଟିକୁ ସାଧନ କରି ପାରିବାରେ ସମର୍ଥ ହେଲା, ସେହି ପରମଚେତନା ମଧ୍ୟରେ ଅବସ୍ଥାନ କରିବାକୁ ସମର୍ଥ ହେଲା : ଯଦି ସବୁକିଛି ସୁସମଞ୍ଜସ ହୋଇ ପାରିଥା'ନ୍ତା, ତେବେ ଏହି ବସ୍ତୁଗୁଡ଼ିକ ବର୍ଷ ବର୍ଷ ଧରି ଠିକ୍

ସେହିପରି ଭାବରେ ରହି ପାରିଥା'ନ୍ତା । ଏହା ପ୍ରକୃତରେ ଏକ ଅଦ୍ଭୁତ ଅନୁଭୂତି, ଏକ ଅଦ୍ଭୁତ ଅନୁଭୂତି ।

ଏବଂ, ଲୋକମାନେ ପ୍ରକୃତରେ କେଡ଼େ ନିର୍ବୋଧ ! ଯେତେବେଳେ ପରମ ଚେତନା ସେମାନଙ୍କର ପାଖରେ ଆସି ଠିଆ ହୋଇଥାଏ, ସେମାନେ ସେତେବେଳେ ତାହାକୁ ପାଖରୁ ଦୂରକୁ ନିକାଲି ଦିଅନ୍ତି, କହନ୍ତି, ''ଓଃ, କେଡ଼େ ଭୟଙ୍କର ଇଏ !''... ଏହି କଥାଟିକୁ ମୁଁ ଦୀର୍ଘ ଅନେକ କାଳ ହେଲା ଜାଣିଛି । ମାତ୍ର ମୋ'ର ଯେଉଁ ଅନୁଭବଟି ହେଲା, ତାହା ପ୍ରକୃତରେ ମୋତେ ସମ୍ପୂର୍ଣ୍ଣ ଭାବରେ ଚକିତ କରିଦେଲା ।

*ହଁ, ପ୍ରତ୍ୟେକ ବସ୍ତୁ ପ୍ରକୃତରେ ଯାହା ହେବା ଉଚିତ, ତାହା ପ୍ରତ୍ୟେକ ମୁହୂର୍ତ୍ତରେ ପରିପୂର୍ଣ୍ଣ ଓ ବିସ୍ମୟକାରୀ ଭାବରେ ଠିକ୍ ତାହାହିଁ ହୋଇ ରହିଛି ।*

ହଁ, ଠିକ୍ ସେହି କଥା ।

*ମାତ୍ର ଆମର ଆପଣା ଗୋଚରଦ୍ୱାରଗୁଡ଼ିକ ସେଥିଲାଗି ଉନ୍ମୋଚିତ ହୋଇପାରି ନାହିଁ ।*

ହଁ ନିଜକୁ ବିଚ୍ଛିନ୍ନ କରି ରଖିଥିବା ଆମର ଏହି ଚେତନା ।

ସତେଅବା ବିଦ୍ୟୁତ୍‌ପ୍ରାୟ ଏକ ବେଗରେ ସମଗ୍ରଟି ଚେତନା ଉଦ୍ଦେଶ୍ୟରେ ଆନୀତ ହୋଇ ରହିଛି,– ଏବଂ ତାହାହିଁ ଯୁଗପଦ୍ ଭାବରେ ବିନ୍ଦୁର ତଥା ଏହି ସବୁକିଛିର ପରମଚେତନାରେ ପରିଣତ ହେବାକୁ ଯାଉଛି ।

(*ମାଆ ଦୀର୍ଘ କାଳ ନୀରବ ରହିଲେ*)

(*ମାଆ ଆପଣାର ଟିପ୍ପଣୀଟିକୁ ପୁନର୍ବାର ନକଲ କରି ସାରିଲେ*) ଏଥିରେ ମୁଁ ଆଜି ତାରିଖଟି ଲେଖି ଦେଉଛି ।

*ଆଜି ଉଣେଇଶି ତାରିଖ ।*

୧୯ ନଭେମ୍ବର ୧୯୬୯, ଅତିମାନସ ଚେତନା ।

(*ମାଆ ନୀରବ ରହିଲେ*)

ଏକଦା ୨୯ ତାରିଖରେ ଅତିମାନସ ଶକ୍ତି ସର୍ବପ୍ରଥମେ ଅବତରଣ କରିଥିଲା । ଏବଂ ଆଜି ହେଉଛି ଏକ ୧୯... ଏହି କ୍ଷେତ୍ରରେ ୯ ହେଉଛି ଏକ ଉଲ୍ଲେଖଯୋଗ୍ୟ ସଂଖ୍ୟା... ଏହିପରି କେତେ ନା କେତେ କଥା ରହିଛି, ଆମକୁ ଯାହାର ତାତ୍ପର୍ଯ୍ୟ ବିଷୟରେ ଆଦୌ କିଛିହେଲେ ଜଣା ନାହିଁ ।

(*ମାଆ ନୀରବ ରହିଲେ*)

ଆଂଶିକ ଭାବରେ ମୋ'ର ଆଗରୁ ଏପରି ଏକ ଅନୁଭୂତି ହୋଇଛି ଯେ, ଯେତେବେଳେ ଜଣେ ବ୍ୟକ୍ତି ଅନ୍ତର୍ଗତ ସମଞ୍ଜସତାର ଏହି ଅବସ୍ଥାଟି ମଧ୍ୟରେ ରହିଥାଏ ଏବଂ ତା' ଧ୍ୟାନର ଆଦୌ କୌଣସି ଅଂଶ ଶରୀର ଆଡ଼କୁ ଉନ୍ମୁଖ ନ ଥାଏ, ସେତେବେଳେ ଶରୀର ସଂପୂର୍ଣ୍ଣ ଉତ୍ତମ ଭାବରେ କାର୍ଯ୍ୟ କରିବାରେ ଲାଗିଥାଏ । ଏହି ''ଆପଣା ଉପରେହିଁ କେନ୍ଦ୍ରିତ ହୋଇ ରହିବା''ରୁହିଁ ଯାବତୀୟ ପ୍ରମାଦର ସୃଷ୍ଟି ହୁଏ । ଏବଂ, ମୁଁ ଏହି କଥାଟିକୁ ବହୁବାର — ବହୁବାର ଲକ୍ଷ୍ୟ କରି ଦେଖିଛି । ପ୍ରକୃତ କଥା ହେଉଛି ଯେ, ଆମେ ନିଜେ ନିଜକୁହିଁ ଅସୁସ୍ଥ କରି **ପକାଇଥାଉ** । ଚେତନାର ସଂକୀର୍ଣ୍ଣତା ଓ ବିଭାଜନହିଁ ଏଥିରେ କାରଣ ପରି କାର୍ଯ୍ୟକରେ । ଯଦି ତୁମେ ସେହିପରି ଭାବରେ ଏକ କ୍ରିୟାଶୀଳତା ସମ୍ଭବ କରିପାରିବ,... ସର୍ବତ୍ର ଏକ ପରମ ଚେତନା ଓ ପରମ କରୁଣା ବିଦ୍ୟମାନ ରହିଛି, ଯାହାକି ସବୁକିଛି କରୁଛି ଓ ଯାହାଫଳରେ କି ସବୁକିଛି ସମୁଚିତ ଭାବରେ ଚାଲିପାରୁଛି; ଏବଂ, କେବଳ ଏହି ମୂଢ଼ତା ଦ୍ୱାରାହିଁ ସବୁକିଛି ବିଗିଡ଼ି ଯାଉଛି । ଏହା ପ୍ରକୃତରେ ବଡ଼ ଅଦ୍ଭୁତ କଥା ! ଏହି ଅହଂକେନ୍ଦ୍ରୀ ମୂଢ଼ତା,— ଏହାକୁହିଁ ଶ୍ରୀଅରବିନ୍ଦ ''ବୁଢ଼ା ମଣିଷଟି'' ବୋଲି କହିଛନ୍ତି ।

ଏହା ପ୍ରକୃତରେ ଭାରି ଆଗ୍ରହୋଦ୍ଦୀପକ ।

## ୧୦ ଡିସେମ୍ବର ୧୯୬୯

ବର୍ତ୍ତମାନ ଏକ ଅସୁରପାଦର ବେଗରେ ଅଗ୍ରଗତି ହେବାରେ ଲାଗିଛି — ତଦ୍ଦ୍ୱାରା ଘରଟି କିଞ୍ଚିତ୍ ପରିମାଣରେ ଦୋହଲି ଯାଉଛି ସତ, ମାତ୍ର ପ୍ରଗତି ଅସୁରବେଗରେ ହୋଇ ଚାଲିଛି । ଏବଂ, କେତେକଙ୍କର କ୍ଷେତ୍ରରେ, ଉଦାହରଣ ସ୍ୱରୂପ 'କ'ଙ୍କ କ୍ଷେତ୍ରରେ, ତାହା ଅତ୍ୟନ୍ତ ସଚେତନ ଭାବରେ ଚାଲିଛି । ବହୁଦିନ ତଳେ ଏକ ଦୁର୍ଘଟଣାରେ ସିଏ ଆଣ୍ଠୁରେ ଏକ ଆଘାତ ପାଇଥିଲେ ଏବଂ ତେଣୁ ତାଙ୍କର ଏହି ଗୋଡ଼ଟି ଆରଗୋଡ଼ଟିର ତୁଳନାରେ ଅପେକ୍ଷାକୃତ କିଞ୍ଚିତ୍ ଅଧିକ ଦୁର୍ବଳ ହୋଇ ରହିଛି । ଏହାଦ୍ୱାରା ସିଏ ସମ୍ପୂର୍ଣ୍ଣ ଭାବରେ ବିଚଳିତ ହୋଇ ପଡ଼ିବାର ଏକ ଆଶଙ୍କା ମଧ୍ୟ ରହିଥିଲା । ସିଏ ବେଶ୍ ଦେଖିବାକୁ ପାଇଥିଲେ ଯେ, ସମୁଚିତ ଦୃଷ୍ଟିକୋଣଟି ରହିଥିବା ପର୍ଯ୍ୟନ୍ତ ସିଏ ଆଦୌ **କିଛିହେଲେ ଅନୁଭବ କରୁ ନ ଥିଲେ,**— ଆଦୌ କିଛି ହେଲେ ବିଗିଡ଼ି ଯାଇଛି ବୋଲି ତାଙ୍କୁ ମୋଟେ ଲାଗୁ ନ ଥିଲା, ସମ୍ପୂର୍ଣ୍ଣ ଭାବରେ ସବୁ ଭଲ ହୋଇ ଯାଇଥିବା ପରି ମନେ ହେଉଥିଲା । ମାତ୍ର, ପୁନର୍ବାର ସାଧାରଣ ଚେତନାଟି ମଧ୍ୟରେ ଆସି ପଡ଼ିରହିବା ମାତ୍ରକେ, ଅସୁସ୍ଥତାଟି ମଧ୍ୟ ପୁନର୍ବାର ଫେରି ଆସୁଥିଲା... ଏବଂ, ତାଙ୍କର ଏଇଟି ବିଷୟରେ ଅଗଣିତ ଅନେକ ଅନୁଭବ ହୋଇଛି । ଶୁଣିବା ପରେ ମୋତେ ଏଗୁଡ଼ିକ ଭାରି ଆଗ୍ରହୋଦ୍ଦୀପକ ମନେ ହୋଇଥିଲା । ଅନ୍ୟମାନଙ୍କୁ ମଧ୍ୟ ଠିକ୍ ସେହିପରି ଲାଗିଥିଲା ।

ଏବଂ, ଏହା ପ୍ରକୃତରେ ଭାରି ଆଗ୍ରହୋଦ୍ଦୀପକ । ଏହା ପ୍ରକୃତରେ ଆଗ୍ରହୋଦ୍ଦୀପକ, କାରଣ ଏଥିରେ ଏକ ସହଜ ଏବଂ ସୁପ୍ରକଟ ସ୍ୱଷ୍ଟତା ନିହିତ ହୋଇ ରହିଛି, କାରଣ ତାହା ଆପଣାକୁ **ସମ୍ପୂର୍ଣ୍ଣ ଭାବରେ ଏ ଚେତନାର ଏକ ସ୍ତରରେହିଁ** ପର୍ଯ୍ୟବସିତ କରି ରଖିଛି । ଯେତେବେଳେ ସେହି ଚେତନାଟି ସମ୍ଭବ ହୋଇ ପାରୁଛି (ଅର୍ଥାତ୍, ଚେତନା ଯେତିକି ଅଧିକରୁ ଅଧିକ ପରିମାଣରେ ଯଥାର୍ଥ ହୋଇ ପାରୁଛି,— ଅବରୁଦ୍ଧ ହୋଇ ରହିଥିବା କୌଣସି ଚେତନା ନୁହେଁ, ମାତ୍ର ଏକ ଆରୋହଣରତ ଚେତନା), ଯେତେବେଳେ ତୁମେ ସେଇଟି ମଧ୍ୟରେ ବାସ କରିପାରୁଛ, ସେତେବେଳେ ସବୁକିଛି ଠିକ୍ ହୋଇ ରହିଛି; ମାତ୍ର, ଯେମିତି ତୁମେ ପୁନର୍ବାର ସେହି ପୁରାତନ ଚେତନାଟି ମଧ୍ୟକୁ ଫେରି ଆସୁଛ, ଯେତେବେଳେ ତୁମେ ଆଦୌ କୌଣସି ଅଗ୍ରଗତି କରୁ ନାହଁ ଅଥବା କେବଳ ଅତ୍ୟନ୍ତ ମନ୍ଥର ଭାବରେ ଅଗ୍ରଗତି କରୁଛ ଯାହା ମୋଟେ ଅଗ୍ରଗତି କରୁଥିବା ପରି ମନେ ହେଉ ନାହିଁ, ସେତେବେଳେ ପୁଣି ସବୁ ଏକାବେଳେକେ ବିଗିଡ଼ି ଯାଉଛି । ଏବଂ, ଏହା ଦ୍ୱାରା ସତେଅବା ଏକ ସମ୍ପୂର୍ଣ୍ଣ ସ୍ୱଷ୍ଟ ଏବଂ ସୁପ୍ରକଟ ମାର୍ଗରେ ଆମକୁ ଏକ ଶିକ୍ଷା ମିଳିଗଲା ପରି ମନେ ହେଉଛି ।

ଏହା ପ୍ରକୃତରେ ଭାରି ଆଗ୍ରହୋଦ୍ଦୀପକ ।

ଏବଂ ଶରୀର ଏହିପରି ଭାବରେ ଶିକ୍ଷା କରିବାରେହିଁ ଲାଗିଛି ! ତାହା ଅତ୍ୟନ୍ତ ସତ୍ୱରତା ସହିତ ଶିକ୍ଷା କରୁଛି ।

(*ମାଆ ନୀରବ ରହିଲେ*)

ଅନ୍ୟମାନଙ୍କ ମଧ୍ୟରେ ପରିପୂର୍ଣ୍ଣତା ଦେଖିବା ସକାଶେ ଅପେକ୍ଷା କରି ରହିବା ପରିବର୍ତ୍ତେ ଯେତେବେଳେ ମଣିଷ ସ୍ୱଭାବପ୍ରେରିତ ହୋଇ ଆପଣାକୁ ଅଧିକରୁ ଅଧିକ ପରିପୂର୍ଣ୍ଣ କରି ଆଣିବା ଲାଗି ଉଦ୍ୟତ ହୋଇ ପାରିବ, ସେଦିନ ପ୍ରକୃତରେ ଏକ ବୃହତ୍ ପଦକ୍ଷେପ ଗ୍ରହଣ କରାଯାଇ ପାରିଛି ବୋଲି ଅତ୍ୟନ୍ତ ନିଶ୍ଚିତ ଭାବରେ କୁହାଯାଇ ପାରିବ... ଏହି ଉତ୍କ୍ରମଣକୁହିଁ ଆମେ ଯାବତୀୟ ଅଗ୍ରଗତିର ଅସଲ ଭିତ୍ତି ବୋଲି କହିପାରିବା । ''ଏହା ହେଉଛି ପରିସ୍ଥିତି ମାନଙ୍କର ଦୋଷ, ଲୋକମାନଙ୍କର ଦୋଷ, ଏଇଟା... ଏଇଟା ଏମିତି, ସେଇଟା ସେମିତି,— ଆରଟା...'' ଏପରି କହିବା ହେଉଛି ମନୁଷ୍ୟର ସର୍ବପ୍ରଥମ ମନୋବୃତ୍ତି । ଏବଂ ଏହା ସତେଅବା ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଲାଗିହିଁ ରହିଥାଏ । ସେଥିରୁ ବାହାରି ଆସିବାର **ସର୍ବପ୍ରଥମ ପଦକ୍ଷେପ** ରୂପେ କହିବାକୁ ପଡ଼େ : ''ମୋର ଯାହା ହେବା ଉଚିତ, ଯଦି ମୁଁ ତାହାହିଁ ହୋଇଥା'ନ୍ତି ଅଥବା, ଏହି ଶରୀରର ଯେପରି ହେବା ଉଚିତ, ଶରୀର ଯଦି ଠିକ୍ ସେହିପରି ହୋଇଥା'ନ୍ତା, ତେବେ ତାହା ଲାଗି ସବୁକିଛି ଯଥାର୍ଥ ଓ ସଂପୂର୍ଣ୍ଣ ହୋଇ ଅବଶ୍ୟ ରହିଥା'ନ୍ତା ।'' ଆପେ ଅଗ୍ରଗତି କରିବା ଲାଗି ଯଦି ତୁମେ ଅନ୍ୟମାନଙ୍କର ଅଗ୍ରଗତି କରିବା ଲାଗି ଅପେକ୍ଷା କରି ରହିବ, ତେବେ ତୁମକୁ ହୁଏତ ଚିରକାଳ ଲାଗିହିଁ ଅପେକ୍ଷା କରି ରହିବାକୁ ପଡ଼ିବ । ଏହି କଥାଟିକୁହିଁ ସବୁଠାରେ ସମସ୍ତଙ୍କ ଆଗରେ ବିଦିତ କରାଇଦେବାକୁ ପଡ଼ିବ । ତେଣୁ, ତୁମେ କଦାପି ଅନ୍ୟମାନଙ୍କ ଉପରେ କିଂବା ପରିସ୍ଥିତି ଉପରେ ଦୋଷଗୁଡ଼ାକୁ ନେଇ ଢାଳି ଦେବ ନାହିଁ; କାରଣ, ପରିସ୍ଥିତି ଯାହା ହୋଇଥାଉ ପଛକେ, ଏପରିକି ସବୁଠାରୁ ଅଧିକ ଖରାପ ବୋଲି ଦେଖା ଯାଉଥିବା ପରିସ୍ଥିତିମାନ ଆସି ଉପସ୍ଥିତ ହୋଇଥାଉ ପଛକେ, ଯଦି ତୁମେ ଯଥାର୍ଥ ଦୃଷ୍ଟିକୋଣଟିକୁ ଧାରଣ କରି ରହିପାରିବ ଏବଂ ଯଥାର୍ଥ ଚେତନାଟିକୁ ବହନ କରୁଥିବ, ତେବେ ତୁମର ଅନ୍ତର୍ଗତ ପ୍ରଗତିକ୍ଷେତ୍ରରେ ସେଗୁଡ଼ାକ ତୁମ ଲାଗି ମୋଟେ କୌଣସି ମହତ୍ତ୍ୱର ହୋଇ ରହିବେ ନାହିଁ,— ମୋଟେ କୌଣସି ମହତ୍ତ୍ୱର ହୋଇ ରହିବେ ନାହିଁ, — ମୁଁ ଏହି କଥାଟି କହିରଖୁଛି ଏବଂ ଏଥିରେ ମୃତ୍ୟୁକୁ ମଧ୍ୟ ଅନ୍ତର୍ଭୁକ୍ତ କରି କହୁଛି ।

ବସ୍ତୁତଃ, ଆମକୁ ସେହି ସର୍ବପ୍ରଥମ ଶିକ୍ଷାଟିକୁହିଁ ଆୟତ୍ତ କରି ରଖିବାକୁ ପଡ଼ିବ ।

(*ମାଆ ନୀରବ ରହିଲେ*)

ଶ୍ରୀଅରବିନ୍ଦ ଥରେ ଲେଖିଥିଲେ ଯେ (ମୁଁ ଅତ୍ୟନ୍ତ ମୁକ୍ତ ଭାବରେ ତାହାର ତର୍ଜମା କରି କହୁଛି), ଅଗ୍ରଗତିର ବେଗରେ ଏକ ବୃଦ୍ଧି ସମ୍ଭବ କରାଇ ପାରିବାକୁହିଁ ପାପର ଧାରଣାଟିକୁ ଆଣି ସେହି କ୍ଷେତ୍ରରେ ପ୍ରବିଷ୍ଟ କରାଯାଇଛି, ଏବଂ, ପାପ ଆସି ପ୍ରବିଷ୍ଟ ହେବା ସଙ୍ଗେ ସଙ୍ଗେ (*ମାଆ ହସିକରି କହିଲେ*) ମନୁଷ୍ୟ ତାହାକୁ ଅନ୍ୟ ସମସ୍ତଙ୍କ ଭିତରେ ଦେଖିବାକୁ ଆରମ୍ଭ କରି ଦେଇଛି – ତାହାକୁ ସିଏ ନିଜ ଭିତରେ କେବେହେଲେହିଁ ଦେଖି ନାହିଁ । ଏକ ଅତ୍ୟନ୍ତ ଆକର୍ଷକ ବାକ୍ୟରେ ଶ୍ରୀଅରବିନ୍ଦ ସେହି କଥାଟିକୁ କହିଛନ୍ତି ଏବଂ ସେଇଟି ମୋର ମନେ ପଡୁ ନାହିଁ ।*

---

* ''ମନୁଷ୍ୟ ଯେପରି ଆପଣାର ଅପୂର୍ଣ୍ଣତାଗୁଡ଼ାକ ବିଷୟରେ ବିରକ୍ତିର ଏକ ଭାବ ପୋଷଣ କରି ପାରିବ, ସେଇଥିଲାଗି ପାପର ବୋଧଟି ଏକ ପ୍ରୟୋଜନ ରୂପେ ସୃଷ୍ଟି ହୋଇଥିଲା । ଅହଂଭାବନାର ଏକ ପ୍ରତିକାରକ ଔଷଧରୂପେ ଈଶ୍ୱର ତାହାର ସୃଷ୍ଟି କରିଥିଲେ । ମାତ୍ର ମଣିଷର ଅହଂଭାବନା ଈଶ୍ୱରଙ୍କର ସେହି ପ୍ରତିକାରୋପାୟଟିର କିପରି ଭାବରେ ସମ୍ମୁଖୀନ ହେଲା ଜାଣିଛ ? ମନୁଷ୍ୟ ଅତ୍ୟନ୍ତ ମନ୍ଦ ଏବଂ କୁଣ୍ଠିତ ଭାବରେ ଆପଣା ପାପଟି ସମ୍ବନ୍ଧରେ ସଚେତନ ହେଲା ଏବଂ ଅତ୍ୟନ୍ତ ଉତ୍ସାହପୂର୍ଣ୍ଣ ଭାବରେ ଅନ୍ୟମାନଙ୍କର ପାପ ବିଷୟରେ ସଚେତନ ହେବାକୁ ଆରମ୍ଭ କଲା ।''

(ବିଚାର ଓ ସୂତ୍ରାବଳୀ, ଶତବାର୍ଷିକୀ ସଂସ୍କରଣ,
୧୭ ଶ ଖଣ୍ଡ(ଇଂ), ପୃଷ୍ଠା. ୮୬)

## ୧୩ ଡିସେମ୍ବର ୧୯୬୯

ବର୍ତ୍ତମାନ କ୍ରମାଗତ ଓ ଅବିଚ୍ଛିନ୍ନ ଭାବରେ ପ୍ରାୟ ପ୍ରତିଦିନ ଶ୍ରୀଅରବିନ୍ଦଙ୍କର ସୂକ୍ତିଗୁଡ଼ିକ ମୋ'ର ଭାରି ମନେ ପଡ଼ୁଛି,– ମୁଁ ସେଗୁଡ଼ିକୁ କାଳକ୍ରମେ ସମ୍ପୂର୍ଣ୍ଣ ଭାବରେ ଭୁଲି ଯାଇଥିଲି । ସେଗୁଡ଼ିକରେ ଭାରି ଆଗ୍ରହୋଦ୍ଦୀପକ କଥାମାନ ରହିଥିଲା... ସେଗୁଡ଼ିକ ମଧ୍ୟରୁ କେତୋଟିକୁ ଅବଲୋକନ କଲେ ମୋ'ର ଏପରି ଏକ ଧାରଣା ହୋଇଥାଏ ଯେ, ସେଗୁଡ଼ିକୁ ଆଗେ ମୋ'ର ଉପଲବ୍ଧ ହୋଇଥିବା ଅତିମାନସ ଚେତନା ଦ୍ୱାରା ଅନୁଭୂତ ହୋଇଥିବା ଭାବଗୁଡ଼ିକର ଗୋଟିଏ ପ୍ରକାରର ଏକ ପ୍ରତିଲିପି ବୋଲି କହିପାରିବା (ଏହାକୁ ହୁଏତ ଏକ ବୁଦ୍ଧି ଦ୍ୱାରା ପ୍ରସ୍ତୁତ ପ୍ରତିଲିପି ବୋଲି କୁହା ଯାଇପାରେ, ମାତ୍ର ଏହା ପ୍ରକୃତରେ ଆଦୌ ତା' ନୁହେଁ; ଏହାକୁ ଏକ ମାନସୀଭୂତ ଉଚ୍ଚତର ମନର ପ୍ରତିଲିପି ବୋଲି କୁହାଯିବ, ଅର୍ଥାତ୍ ତାହା ଭାବନା ଲାଗି ଅବଶ୍ୟ ଅଭିଗମ୍ୟ ହୋଇ ରହିଛି) । ସେହି ଅନୁଭୂତ ଭାବଗୁଡ଼ିକର କ୍ଷେତ୍ରରେ ଭଲ ଆଉ ମନ୍ଦ ଓ ଏହିଭଳି ଯାବତୀୟ ଧାରଣାଗୁଡ଼ିକ ମଧ୍ୟରେ ନିର୍ଣ୍ଣୟ କରା ଯାଉଥିବା ପାର୍ଥକ୍ୟଟି ପ୍ରକୃତରେ ଏକ ପିଲାଳିଆ କଥା ପରି ମନେ ହୁଏ । ଏବଂ, ଶ୍ରୀଅରବିନ୍ଦ ତାହାକୁ ଏପରି ଗୋଟିଏ ଢଙ୍ଗରେ ବ୍ୟକ୍ତ କରିଛନ୍ତି, ଯାହାକି ବୁଦ୍ଧି ଦ୍ୱାରା ମଧ୍ୟ ଗମ୍ୟ ହୋଇ ପାରିବ । କେବଳ... ଯେଉଁମାନେ ଏହାକୁ ବୁଝିପାରନ୍ତି, ସେମାନେ ତାହାକୁ ପ୍ରକୃତରେ ଆଦୌ ବୁଝି ପାରନ୍ତି ନାହିଁ ! କାରଣ, ସେମାନେ ସେହି ପୁରୁଣା ଶୈଳୀରେହିଁ ତାହାକୁ ବୁଝିଥା'ନ୍ତି ।

ଏହି ସୂକ୍ତିଗୁଡ଼ିକ ତୁମର ମନେ ଅଛି ?... ଗୋଟିଏ ସୂକ୍ତିରେ ସିଏ କହିଛନ୍ତି : ''ଯଦି ମୁଁ ରାମ ହୋଇ ନ ପାରିବି, ତେବେ ଅନ୍ତତଃ ରାବଣ ହେବି...'' ଏବଂ ତା'ପରେ ସିଏ ଏହାର କାରଣଟିକୁ ମଧ୍ୟ ବୁଝାଇ କହି ଦେଇଛନ୍ତି । ଏଇଟି ସେହି ସୂକ୍ତିମାଳାରେ ରହିଛି ।*

---

* ''ମନୁଷ୍ୟମାନେ ଶତ୍ରୁମାନଙ୍କର କଥା କହିଥା'ନ୍ତି । ମାତ୍ର ସେହି ଶତ୍ରୁମାନେ ପ୍ରକୃତରେ କେଉଁଠି ଅଛନ୍ତି ? ଏହି ବିଶ୍ୱବ୍ରହ୍ମାଣ୍ଡର ବିରାଟ ଯୁଦ୍ଧମଞ୍ଚ ଉପରେ ମୁଁ କେବଳ ବିଭିନ୍ନ ଦଳର କୁସ୍ତିଲଢ଼ାଳିମାନଙ୍କୁ ଦେଖିବାକୁ ପାଉଛି ।

''ସନ୍ଥ ଆଉ ଦେବଦୂତ,– କେବଳ ଏହିମାନଙ୍କ ଭିତରେହିଁ ଈଶ୍ୱରତ୍ୱ କଦାପି ଠୁଳ ହୋଇ ରହି ନାହିଁ । ଆମକୁ ଦାନବ ଓ ରାକ୍ଷସମାନଙ୍କୁ ମଧ୍ୟ ସେଥିଲାଗି ଶ୍ରେୟଃ ଦେବାକୁ ପଡ଼ିବ ।

''ପ୍ରାଚୀନ ଲେଖାମାନଙ୍କରେ ଦାନବମାନଙ୍କୁ ଜ୍ୟେଷ୍ଠ ଦେବତା ବୋଲି କୁହାଯାଇଛି । ସେମାନେ ଏବେ ମଧ୍ୟ ତାହାହିଁ ହୋଇ ରହିଛନ୍ତି; ଏବଂ, କୌଣସି ଦେବତା ଭିତରେ ଏକ ଦାନବ ପ୍ରଚ୍ଛନ୍ନ ହୋଇ ରହି ନ ଥିଲେ ତାହାକୁ କଦାପି ସମ୍ପୂର୍ଣ୍ଣ ଭାବରେ ଦିବ୍ୟ ବୋଲି ମୋଟେ କୁହା ଯିବ

''ଯଦି ମୁଁ ରାମ ହୋଇ ନ ପାରିବି, ତେବେ ଅନ୍ତତଃ ରାବଣ ହେବି । କାରଣ ରାବଣ ହେଉଛି ସେହି ବିଷ୍ଣୁଙ୍କରହିଁ କୃଷ୍ଣ ପାର୍ଶ୍ୱ । (ବିଚାର ଓ ସୂକ୍ତିମାଳା, ଶତବାର୍ଷିକୀ ସଂସ୍କରଣ(ଇଂ), ୧୭ଶ ଖଣ୍ଡ, ପୃଷ୍ଠା. ୧୦୬-୧୦୭)ନାହିଁ ।

*(ମାଆ ନୀରବ ରହିଲେ)*

*ଏଠାରେ ଏକ ବ୍ୟାବହାରିକ ସମସ୍ୟା ଉଠୁଛି : ଅନ୍ତତଃ ସ୍ପଷ୍ଟ କଥା ଯେ ନିଜର କେତୋଟି ଗତିସ୍ପନ୍ଦନକୁ ଜଣେ ବ୍ୟକ୍ତି ଅବଶ୍ୟ ଅପସାରିତ କରିଦେବାକୁ ଇଚ୍ଛା କରିବ, କାରଣ ସିଏ ସେଗୁଡ଼ିକୁ ଏକ ଭୁଲ୍ ବୋଲି ବେଶ୍ ଦେଖି ପାରୁଥିବ । ମାତ୍ର, ତାହାକୁ କିପରି କରିବାକୁ ହେବ, ସେହି ବିଷୟରେ ସିଏ କିଛି ଜାଣି ନ ଥିବ । ଉପାୟଟି କ'ଣ ଊର୍ଦ୍ଧ୍ୱରୁ ଆସିବ ? ଗତିସ୍ପନ୍ଦନଟି ଆସି ଉପସ୍ଥିତ ହେବା ମାତ୍ରକେ ତୁମେ ପ୍ରତ୍ୟେକ ବାର ଆଲୋକଟିକୁ ତା' ଉପରେ ନେଇ ପ୍ରତିଫଳିତ କରିଦେବ, ଏବଂ ତା'ପରେ...*

ସବୁକିଛି ସେହି ଗତିସ୍ପନ୍ଦନର ପ୍ରକାର ଉପରେ ନିର୍ଭର କରିବ । ତାହା ସତ୍ତାର କେଉଁ ଅଂଶଟିରେ କାର୍ଯ୍ୟ କରୁଛି, କେଉଁ ପ୍ରକାରେ କାର୍ଯ୍ୟ କରୁଛି, ତାହାରି ଉପରେ ନିର୍ଭର କରିବ ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ ପ୍ରତ୍ୟେକ ଅସୁବିଧା ହେଉଛି ଗୋଟିଏ ଗୋଟିଏ ସ୍ୱତନ୍ତ୍ର ସମସ୍ୟା । ଏହି କ୍ଷେତ୍ରରେ କୌଣସି ସାଧାରଣ ନିୟମ କରାଯାଇ ପାରିବ ନାହିଁ ।

*ଉଦାହରଣ ସ୍ୱରୂପ, ସେଦିନ ଆପଣ କହୁଥିଲେ ଯେ, ଜନ୍ମ ହେଉଛି ଏକ "ପରିଷ୍କରଣ"ର କ୍ରିୟା ।*... (ମାଆ ହସିଲେ) ଆପଣଙ୍କର ମନେ ପଡୁଥିବ :*

* "ଅଧିକାଂଶ ବ୍ୟକ୍ତିଙ୍କର କ୍ଷେତ୍ରରେ, ଯେଉଁମାନେ ନିଜେ ପ୍ରାୟ କୌଣସି ଇଚ୍ଛା ନ କରି 'ଖାଲି ସେମିତି' ସନ୍ତାନମାନଙ୍କୁ ଜନ୍ମ ଦେଇଥା'ନ୍ତି, ଏବଂ ଯେଉଁମାନଙ୍କ ଜୀବନରେ ଏକ ଶିକ୍ଷା ପ୍ରାପ୍ତ ହୋଇଥାଏ, ଅର୍ଥାତ୍, ଯେଉଁସବୁ ଦୋଷକୁ ଅବଶ୍ୟ ବର୍ଜନ କରିବାକୁ ହେବ ଏବଂ ଯେଉଁସବୁ ଗୁଣଗୁଡ଼ିକର ଅର୍ଜନ କରିବାକୁ ପଡ଼ିବ, ଏହିସବୁ ବିଷୟରେ ଯେଉଁମାନଙ୍କର ମସ୍ତିଷ୍କ ନାନା ଧାରଣାରେ ଖୁନ୍ଦି ହୋଇ ରହିଥାଏ,– ସେହି ସବୁକିଛି ସେମାନଙ୍କ ସନ୍ତାନମାନଙ୍କର ସତ୍ତା ମଧ୍ୟରେ ଆସି ପ୍ରବେଶ କରିଛି,– ସେମାନଙ୍କ ଭିତରେ ସେହି ଯାବତୀୟ ଦୂଷିତ ପ୍ରବୃତ୍ତିଗୁଡ଼ିକର ଆବିର୍ଭାବ ଘଟିଛି । ଏକଥା ମୁଁ ଲକ୍ଷ୍ୟ କରି ଦେଖିଛି ଏବଂ ଅନେକଦିନ ପୂର୍ବେ ପଢ଼ିଥିବା କେତେକ କଥା ମୋ'ର ଏବେ ମଧ୍ୟ ମନେ ରହିଛି – ଖୁବ୍ ସମ୍ଭବ ରେନାନ୍‌ଙ୍କ ରଚନାରେ ମୁଁ ତାହା ପାଠ କରିଛି : ସିଏ ଲେଖିଥିଲେ ଯେ, ଯେଉଁ ପିତାମାତା ଭଲ ଥିଲେ ଓ ଅନେକ ସମ୍ମାନର ଯୋଗ୍ୟ ଥିଲେ, ସେମାନଙ୍କୁ ପ୍ରକୃତରେ ଏକ ସନ୍ଦେହର ଚକ୍ଷୁରେ ଦେଖିବା ଉଚିତ, କାରଣ, (*ମାଆ ହସିଲେ*) ଜନ୍ମ ହେଉଛି 'ପରିଷ୍କରଣ'ର ଏକ କ୍ରିୟା ! ଏବଂ, ସିଏ ଏକଥା ମଧ୍ୟ କହିଥିଲେ :

(*ପରପୃଷ୍ଠାରେ ଅବଶିଷ୍ଟାଂଶ*)

*‘‘ଯେଉଁ ବ୍ୟକ୍ତିମାନେ ସବୁକିଛିକୁ ପ୍ରକାଶିତ ହେବାକୁ ନ ଦେଇ ଆପଣା ଭିତରେ ଦବାଇ ରଖିଛନ୍ତି, ସେମାନଙ୍କର ସନ୍ତାନମାନଙ୍କ ମଧ୍ୟରେହିଁ ସେଗୁଡ଼ିକର ପୁନରାବିର୍ଭାବ ହୋଇଥାଏ ।*

ହଁ ! ହଁ ! ମନେ ପଡୁଛି ।

*ଏବଂ ଆପଣ କହିଥିଲେ ଯେ, ଯାହା ଆଦୌ କରିବା ଉଚିତ ନୁହେଁ, ଏଥିରୁ ତାହାରି ଚାବିକାଠିଟି ମିଳିଯାଉଛି ।*

ହଁ, କହିଥିଲି ।

*ତେବେ ମୁଁ ଜାଣିବାକୁ ଇଚ୍ଛା କରୁଛି, ନିଜକୁ କୌଣସି ପ୍ରକାରେ ଦବାଇ ନ ରଖି ଏକ ଆରୋଗ୍ୟବିଧାନ କରିବାର ପ୍ରକୃତ ଚାବିକାଠିଟି କ’ଣ ? ମୁଁ ଏପରି ପଚାରୁଛି, ତାହାର ନିର୍ଦ୍ଦିଷ୍ଟ କାରଣଟି ହେଉଛି ଯେ, ଏହି କ୍ଷେତ୍ରରେ ସାଧାରଣତଃ ଯଥାର୍ଥ ଆଲୋକଟିକୁ ପ୍ରତିଫଳିତ କରାଇ ଦିଆଯାଏ, ଏବଂ ତା’ପରେ ଭୁଲ୍ ଗତିସ୍ପନ୍ଦନଟି ବିତାଡ଼ିତ ହୋଇ ତଳକୁ ଚାଲି ଯାଇଥାଏ ।*

ହଁ, ସେଇଟି ହେଉଛି ସାଧାରଣ ନିୟମ । ଆମକୁ ତାହାର ବିପରୀତ କଥାଟିକୁହିଁ କରିବାକୁ ହେବ : ତାହାକୁ ତଡ଼ିଦେଇ ତଳକୁ ଚାଲିଯିବା ଲାଗି ବାଧ୍ୟ କରିବା ପରିବର୍ତ୍ତେ, ଆମେ ସେଇଟିକୁ ସମ୍ପୂର୍ଣ୍ଣ ଭାବରେ ନିବେଦିତ କରିଦେବା । ସେହି କଥାଟିକୁ, ସେହି ଗତିସ୍ପନ୍ଦନଟିକୁ ଆଲୋକ ମଧ୍ୟକୁ **ପ୍ରକ୍ଷେପିତ** କରି ରଖିବାକୁ ସମର୍ଥ ହେବା... ସାଧାରଣତଃ ତାହା ଏହି

---

ଖରାପ ଲୋକମାନଙ୍କର ପିଲାମାନଙ୍କୁ ସାବଧାନ ଭାବରେ ଲକ୍ଷ୍ୟ କରି ଦେଖ, କାରଣ, ଅନେକ ସମୟରେ ଏକ ପ୍ରତିକ୍ରିୟାରୂପେହିଁ ସେମାନଙ୍କର ଆବିର୍ଭାବ ହୋଇଥାଏ । ଏବଂ, ନିଜେ ଦେଖି ସାରିବାପରେ ଓ ଏକ ଅଭିଜ୍ଞତା ଲାଭ କରିସାରିବା ପରେ ମୁଁ ମନକୁ ମନ କହିଲି : ‘ହଁ, ସିଏ ପ୍ରକୃତରେ ସତ କଥାହିଁ କହିଛନ୍ତି ! ଏହିପରି ଏକ ଉପାୟ ଦ୍ୱାରାହିଁ ମନୁଷ୍ୟମାନେ ଆପଣାର ପରିଷ୍କରଣ କରିଥା’ନ୍ତି । ଯେଉଁସବୁ କଥାକୁ ସେମାନେ ନିଜେ ଇଚ୍ଛା କରନ୍ତି ନାହିଁ, ସେମାନେ ସେଗୁଡ଼ିକୁ ନିଜଭିତରୁ କାଢ଼ି ଫୋପାଡ଼ି ଦିଅନ୍ତି ।’ ଏବଂ, ଏହା ପ୍ରକୃତରେ ଭାରି ଆଗ୍ରହୋଦ୍ଦୀପକ, କାରଣ, ଆମକୁ କେଉଁ ଉପାୟ ଅବଲମ୍ବନ କରିବାକୁ ହେବ, ଏଥିରୁ ଆମକୁ ତାହାର **ଯଥାର୍ଥ ଉତ୍ତରଟି** ମିଳି ଯାଇଥାଏ । କ’ଣ ନ କରିବାକୁ ହେବ, ତୁମକୁ ସେଇଟିକୁ ଦର୍ଶାଇ ଦେଇ, କ’ଣ କରିବାକୁ ହେବ, ତାହା ସେହି କଥାଟିର ଚାବିକାଠିଟିକୁ ନେଇ ତୁମ ହାତରେ ଧରାଇ ଦେଇଥାଏ ।’’

କ୍ଷେତ୍ରରେ ଭାରି ଅନିଚ୍ଛୁକ ହୁଏ, ଅମଙ୍ଗ ହୋଇ ରହିଥିବା ପରି ଦୃଷ୍ଟିଗୋଚର ହୁଏ । ମାତ୍ର, (*ମାଆ ହସିଲେ*) ତାହାହିଁ ସେହି ଗୋଟିଏ ମାତ୍ର ବାଟ । ଏବଂ, ସେହି କାରଣରୁହିଁ ଏହି ନୂତନ ଚେତନାଟି ଏଡ଼େ ମୂଲ୍ୟବାନ୍ ବୋଲି ଅନୁଭୂତ ହେଉଛି... ଅସଲ କଥା ହେଉଛି, ଆମ ଭିତରେ ଭଲ ଏବଂ ମନ୍ଦ ବିଷୟରେ ଯେଉଁ ଧାରଣା ରହିଥାଏ,– ଯାହାକୁ ମନ୍ଦ ବୋଲି ବିଚାର କରାଯାଏ, ତାହା ବିଷୟରେ ଯେଉଁ ଘୃଣା ଏବଂ ଲଜ୍ଜାର ଭାବ ରହିଥାଏ,– ଏବଂ ସେଗୁଡ଼ିକ ପ୍ରତି ପ୍ରତିକ୍ରିୟା ବ୍ୟକ୍ତ କରି ତୁମେ ଏପରି କରିଥାଅ (*ମାଆ ଛାଡ଼ି ପଳାଇ ଆସିବାର ଇଙ୍ଗିତ କଲେ*), ତାହା ଉପରେ ଆଖି ପକାଇବାକୁ ବି ଇଚ୍ଛା କର ନାହିଁ, ସେଗୁଡ଼ାକ ତୁମ ପାଖରେ ରହନ୍ତୁ ବୋଲି ତୁମେ ମୋଟେ ଚାହୁଁ ନ ଥାଅ,– ତାହାହିଁ ସେଗୁଡ଼ାକୁ ଦବାଇ ରଖିବାର କାରଣରୂପେ କାର୍ଯ୍ୟ କରିଥାଏ । ସେହି କ୍ଷେତ୍ରରେ... ସର୍ବପ୍ରଥମ କଥା ହେଉଛି, ଏହି କ୍ଷେତ୍ରରେ ସର୍ବପ୍ରଥମେ ଏହାହିଁ ଉପଲବ୍ଧି କରିବା ଉଚିତ ଯେ, ଆମ ଚେତନା ମଧ୍ୟରେ ରହିଥିବା ଏକ ଦୁର୍ବଳତାହିଁ ଏହି ବିଭାଜନଟିକୁ କରିବାର କାରଣ ହୋଇଥାଏ । ଆମର ଏକଥାଟିକୁ ମଧ୍ୟ ଉପଲବ୍ଧି କରିବା ଉଚିତ ଯେ, ଏପରି ଏକ ପରମଚେତନା ରହିଛି (ବର୍ତ୍ତମାନ ମୁଁ ସେହି ବିଷୟରେ ସଂପୂର୍ଣ୍ଣ ସୁନିଶ୍ଚିତ), ଯାହାମଧ୍ୟରେ କି ସେହି ବିଭାଜନ ଲାଗି ଆଦୌ କୌଣସି ସ୍ଥାନ ନାହିଁ,– ଯେଉଁଥିରେ କି, ଆମେ ଯାହାକୁ ''ମନ୍ଦ'' ବୋଲି କହୁଛୁ ଓ ଯାହାକୁ ''ଭଲ'' ବୋଲି କହୁଛୁ,– ସେହି ଦୁଇଟିଯାକରହିଁ ସମାନ ପରିମାଣରେ ଆବଶ୍ୟକତା ରହିଛି । ଏବଂ, ଯଦି ଆମେ ଆମର ଇନ୍ଦ୍ରିୟବୋଧକୁ – ବା ଆମର କ୍ରିୟାକଳାପକୁ ବା ଆମର ଅବବୋଧକୁ – ସେହି ଯଥାର୍ଥ ଆଲୋକଟି ମଧ୍ୟକୁ ପ୍ରକ୍ଷେପିତ କରି ରଖି ପାରିବା, ତାହାରି ଦ୍ୱାରାହିଁ ଆରୋଗ୍ୟବିଧାନ ସମ୍ଭବ ହୋଇଯିବ ।* ବିନାଶର ଯୋଗ୍ୟ କୌଣସି ଏକ ବସ୍ତୁ ଭଳି ତାହାକୁ ଦବାଇ

* ଏହି ପ୍ରବଚନଟି ପ୍ରକାଶିତ ହେବାକୁ ଗଲାବେଳେ ମାଆ ସେଥିରେ ନିମ୍ନଲିଖିତ ମନ୍ତବ୍ୟଟିକୁ ଯୋଡ଼ି ଦେଇଥିଲେ : ''ଏହି ପରମଚେତନାଟି ମଧ୍ୟରେ, ଯେଉଁଠି ଦୁଇଟିଯାକ ବିରୋଧସତ୍ୟ ଓ ଦୁଇଟିଯାକ ବିପରୀତ ତତ୍ତ୍ୱ ଏକାଠି ଯୋଡ଼ିହୋଇ ରହିଥା'ନ୍ତି, ସେଠାରେ ଦୁଇଟିଯାକରହିଁ ପ୍ରକୃତି ବଦଳି ଯାଇଥାଏ; ସେମାନେ ଯାହା ଥାଆନ୍ତି, ଏଠାକୁ ଆସି କଦାପି ଠିକ୍ ସେହିପରି ହୋଇ ରହନ୍ତି ନାହିଁ । ସେମାନେ କେବଳ ଯୋଡ଼ି ହୋଇ ଯାଆନ୍ତି ଓ ଯେପରି ଥିଲେ ସେହିପରି ହୋଇ ରହନ୍ତି, ଏପରି ମୋଟେ ହୁଏ ନାହିଁ । ସେମାନଙ୍କର ପ୍ରକୃତି ବଦଳିଯାଏ, ଓ ସେହି କଥାଟିରହିଁ ଏକ ପ୍ରଭୂତ ମହତ୍ତ୍ୱ ରହିଛି । ସେମାନଙ୍କର ପ୍ରକୃତି, କ୍ରିୟା ତଥା ସ୍ପନ୍ଦନ ସବୁକିଛି, ସେମାନେ ଏକାଠି ଯୋଡ଼ି ହୋଇଯିବା ପରେ, ସଂପୂର୍ଣ୍ଣ ଭାବରେ ଅଲଗା ହୋଇଯାଏ । ଅଲଗା ଅଲଗା ହୋଇ ରହିଥା'ନ୍ତି ବୋଲିହିଁ ସେମାନେ ଯେପରି ଅଛନ୍ତି ସେହିଭଳି ହୋଇ ରହିଥା'ନ୍ତି । ସେହି ଅଲଗା ହୋଇ ରହିବାର ଭାବଟିକୁ ବଦଳାଇ ଦେଇ ପାରିଲେ ସେଗୁଡ଼ିକର ପ୍ରକୃତି ମଧ୍ୟ

(*ପରପୃଷ୍ଠାରେ ଅବଶିଷ୍ଟାଂଶ*)

ରଖିବା ଅଥବା ବର୍ଜନ କରି ପକାଇବା (ଏହାକୁ କଦାପି ବିନାଶ କରାଯାଇ ପାରିବ ନାହିଁ !) ପରିବର୍ତ୍ତେ, ତାହାକୁ ସେହି ବୃହତ୍ ଆଲୋକଟି ମଧ୍ୟକୁ ପ୍ରକ୍ଷେପିତ କରି ରଖିବାକୁ ହେବ । ଏବଂ, ଏହି କାରଣରୁହିଁ, ଏକାଧିକ ଦିନ ଧରି ମୋ'ର ଏକ ଅତ୍ୟନ୍ତ ଆଗ୍ରହୋଦ୍ଦୀପକ ଅନୁଭବ ହୋଇଛି : କେତେକ ବସ୍ତୁକୁ (ଯାହାକୁ ଆମେ ଗ୍ରହଣ କରୁ ନାହୁଁ ଏବଂ ଯାହା ସତ୍ତା ମଧ୍ୟରେ ଏକ ଭାରସାମ୍ୟହୀନତା ସୃଷ୍ଟି କରିବାର କାରଣ ହେଉଛି) ଆପଣାଠାରୁ ବହୁଦୂରରେ ଫିଙ୍ଗିଦେବାକୁ ମନ ନ କରି, ସେଭଳି କୌଣସି କଥା କରିବାକୁ ଇଚ୍ଛା ନ କରି ଆମେ ସେଗୁଡ଼ିକୁ ସ୍ୱୀକାର କରିବା, ସେଗୁଡ଼ିକୁ ଆମ ନିଜର ଏକ ଅଂଶରୂପେ ଗ୍ରହଣ କରିନେବା ଏବଂ... (*ମାଆ ଆପଣାର ହାତ ଦୁଇଟିକୁ ଖୋଲା କରି ଧରିଲେ*) ସେଗୁଡ଼ିକୁ ସେହି ଉର୍ଦ୍ଧ୍ୱ ମଧ୍ୟକୁ ସମର୍ପିତ କରିଦେବା । ସେମାନେ ମୋଟେ ସେପରି ଭାବରେ ସମର୍ପିତ ହେବା ଲାଗି ଇଚ୍ଛା କରୁ ନ ଥିବେ, ମାତ୍ର ସେଗୁଡ଼ିକୁ ସେଥିଲାଗି ବାଧ୍ୟ କରିବାର ମଧ୍ୟ ଏକ ବାଟ ରହିଛି : ଆମେ ସେଗୁଡ଼ିକ ପ୍ରତି ନିଜ ଭିତରେ ରହିଥିବା ଅରୁଚିବୋଧ ଏବଂ ଅସ୍ୱୀକୃତିଭାବକୁ ଯେତିକି ପରିମାଣରେ କମାଇ ଦେଇ ପାରିବା, ସେଗୁଡ଼ିକର ପ୍ରତିରୋଧଶକ୍ତି ମଧ୍ୟ ସେହି ଅନୁପାତରେ ହ୍ରାସ ହୋଇଯାଇ ପାରୁଥିବ । ଆମର ଅସ୍ୱୀକୃତିଭାବର ସ୍ଥାନରେ ଏକ ଉଚ୍ଚତର ବୁଝିବାଶକ୍ତିକୁ ସମ୍ଭବ କରି ପାରିଲେ ଆମେ ସେଥିରେ ନିଶ୍ଚୟ ସଫଳତା ହାସଲ କରିବା । ଏହା ଅନେକ ଅଧିକ ସହଜ ।

ଏହି କଥାଟିକୁ ମୁଁ ଏହିଭଳି ବୋଲି ବିଶ୍ୱାସ କରୁଛି । ଯେତେବେଳେ ଗତିସ୍ପନ୍ଦନ ତୁମକୁ ନିମ୍ନ ଆଡ଼କୁ ଟାଣି ନେଇଯିବାକୁ ଇଚ୍ଛା କରୁଥା'ନ୍ତି, ସେଗୁଡ଼ିକୁ ଆଣି ସେହି ଉଚ୍ଚତର ବୁଝିବାଶକ୍ତି ସହିତ ସଂଯୁକ୍ତ କରି ଖିଅ ଲଗାଇ ରଖିବାକୁ ପଡ଼ିବ ।

କେବଳ ଏତିକି କଥା ଯେ, ମନର ସୀମା ଭିତରେ ରହିଥିବା ପର୍ଯ୍ୟନ୍ତ ତାହା ମୋଟେ ସମ୍ଭବ ହେବ ନାହିଁ । କାରଣ, ଅଳ୍ପ ସମୟ ପୂର୍ବରୁ ମୁଁ ଯେପରି କହୁଥିଲି, ଶ୍ରୀଅରବିନ୍ଦଙ୍କର ସୂକ୍ତିଗୁଡ଼ିକ ଏପରି ଭାବରେ ତିଆରି ହୋଇଛନ୍ତି ଯେ ସେଗୁଡ଼ିକ ମସ୍ତିଷ୍କ ଲାଗି ବେଶ୍ ବୋଧଗମ୍ୟ ହୋଇ ପାରିବ । ମାତ୍ର ତଥାପି ମସ୍ତିଷ୍କ ଆପଣାକୁ ବଳହୀନ ବୋଲି ଅନୁଭବ କରିବାକୁ ଲାଗିବ : ତାହା କ୍ରମଶଃ ହ୍ରାସ ହୋଇ ଯାଉଥିବ, ଶବ୍ଦର ସାହାଯ୍ୟ ନ ନେଇ ବୁଝି ପାରିବା ଲାଗି ତା'ଭିତରେ ଆଉ କୌଣସି ଭ୍ରମ ରହିବ ନାହିଁ । ତେଣୁ, କେବଳ **ସେହିଠାରେ**ହିଁ ଯଥାର୍ଥ ବୋଧ ସମ୍ଭବ ହେବ, କେବଳ ସେହିଠାରେହିଁ ବସ୍ତୁଗୁଡ଼ିକୁ ଯଥାର୍ଥ ଭାବରେ ସୁଗଠିତ କରି ରଖାଯାଇ ପାରିବ ।

---

ଏକାବେଳେକେ ବଦଳିଯାଏ । ତା'ପରେ ଆଉ କିଛି ଭଲ ବା ମନ୍ଦ ଏହିପରି ଦୁଇଟା ପୃଥକ୍ ବସ୍ତୁ ହୋଇ ରହେ ନାହିଁ, ମାତ୍ର ତାହା ଏକ ଭିନ୍ନ ବସ୍ତୁରେ ପରିଣତ ହୁଏ, ଏକ ସମଗ୍ର ତଥା ସମ୍ପୂର୍ଣ୍ଣ ଅନ୍ୟ ବସ୍ତୁରେ ପରିଣତ ହୋଇଯାଏ ।''

ଏପରିକି, ଆପଣାକୁ ବୁଝାଇ ଦେଉଥିବା ସଙ୍ଗେ ସଙ୍ଗେ ତାହାର ଶକ୍ତି ହ୍ରାସ ହୋଇ ଯାଉଥିବ । ତେଣୁ ଆଦୌ କିଛି କହିବାକୁ ହେବ ନାହିଁ । ଏହା (*ମାଆ ହସିଲେ*) ଉପରେ ଗୁଡ଼ାଏ ରଙ୍ଗ ଓ ପୁଟ ଲଗାଇଦେଇ ସମସ୍ତ ବିଷୟଟିକୁ ବିକୃତ କରିଦେବା ଭଳିହିଁ ହେବ ।

ମାଆ ହଠାତ୍ ପାଖରେ ଥୁଆ ହୋଇଥିବା ଗୋଟିଏ ଟିପାଖାତାକୁ ହାତକୁ ନେଲେ ଏବଂ ଏହି ସାକ୍ଷାତ୍‌କାରର ଆରମ୍ଭ ସମୟରେ ପଢ଼ିଥିବା ଗୋଟିଏ ଚିଠିର ଜବାବ ଲେଖିଦେବାକୁ ଲାଗିଲେ ।

ହଁ, ଠିକ୍ ସେହି ବାଟରେ ତାହା ସମ୍ଭବ ହେଲା । ତାହା ଠିକ୍ ସେହି ବାଟରେହିଁ ଘଟିଥାଏ ! ଅତି ହଠାତ୍ ଭାବରେ ଘଟିଥାଏ, ଏବଂ ତା'ପରେ ସ୍ଥାୟୀ ହୋଇ ରହେ ଓ ମୁଁ ଲେଖି ନ ରଖିଲା ପର୍ଯ୍ୟନ୍ତ କେବେ ଚାଲିଯିବାକୁ ଇଚ୍ଛା କରେ ନାହିଁ । ଏହା ପ୍ରକୃତରେ ଭାରି କୌତୁକର କଥା ।

ଏହା ଭାରି କୌତୁକର କଥା, କାରଣ (ମୁଁ କ'ଣ ଭାବୁଛି, ପ୍ରକୃତରେ ସେକଥା ବି ମୋତେ କହି ପାରିବି ନାହିଁ; କାରଣ, ସତ କଥା କହିବାକୁ ଗଲେ, ମୁଁ ଆଉ କିଛିହେଲେ ବି ଭାବୁ ନାହିଁ ।) ଏଇଟି ମୋ'ର ଅନୁଭବ ସହିତ ମୋତେ ଖାପ ଖାଉ ନାହିଁ; ମାତ୍ର, ଅନ୍ୟ ବ୍ୟକ୍ତିଟିର ଯେଉଁ କଥାଟିର ପ୍ରୟୋଜନ ରହିଛି, କେବଳ ତାହାରି ସହିତ ଖାପ ଖାଉଛି । ସେହି ଅନ୍ୟ ବ୍ୟକ୍ତିଟି **ଲାଗି**ହିଁ ଉତ୍ତରଟି ଉଚ୍ଚାରିତ ହୋଇ ଆସୁଛି । ଯେଉଁ ବ୍ୟକ୍ତିଟି ଉଦ୍ଦେଶ୍ୟରେ ଉତ୍ତରଟି ଲେଖାଯାଉଛି, ତାହାରି ଅନୁସାରେହିଁ ଶବ୍ଦଗୁଡ଼ିକ ସଂପୂର୍ଣ୍ଣ ଭାବରେ ବଦଳି ଯାଉଛି, ବ୍ୟକ୍ତ ହେଉଥିବା କଥାଗୁଡ଼ିକ ଓ ବ୍ୟବହୃତ ହେଉଥିବା ବାକ୍ୟାଂଶର ଶୈଳୀଟି ମଧ୍ୟ ବଦଳି ଯାଉଛି । ଏବଂ ସେହି ଉର୍ଦ୍ଧ୍ୱରେ (*ମାଆ ଉର୍ଦ୍ଧ୍ୱ ଆଡ଼କୁ ଇଙ୍ଗିତ କଲେ*) ରହିଥିବା ଚେତନାଟି ଏହି କ୍ଷେତ୍ରରେ ଆଦୌ କିଛିହେଲେ କରୁ ନାହିଁ । ତାହା କେବଳ ଗ୍ରହଣ କରି ନେଉଛି । ଗ୍ରହଣ କରି ନେଉଛି, ତା'ପରେ ଅବତରଣ କରୁଛି ଏବଂ ମୁଁ ଲେଖି ରଖିବା ପର୍ଯ୍ୟନ୍ତ ଠିକ୍ ଏହିପରି କରିବାରେ (*ମାଆ ହାତୁଡ଼ିରେ ପିଟା ହେଉଥିବାର ଇଙ୍ଗିତ କଲେ*) ଲାଗୁଛି ! ଲେଖିକରି ନ ରଖିବା ପର୍ଯ୍ୟନ୍ତ ମୋତେ ଚାଲିଯିବାକୁ ଇଚ୍ଛା କରୁ ନାହିଁ । ଏହା ପ୍ରକୃତରେ ବଡ଼ କୌତୁକର ବିଷୟ ।... ସେହିପରି ହେଲେ ଆପଣାକୁ ଆଦୌ କୌଣସି ପ୍ରକାରେ କ୍ଳାନ୍ତ କରି ନ ପକାଇ ଜଣେ କଠିନ ପରିଶ୍ରମ କରିବାକୁ ଅବଶ୍ୟ ସମର୍ଥ ହେବ ! (*ମାଆ ହସିଲେ*)

*ମୋ'ର ଭାରି ଇଚ୍ଛା ଯେ ମୋତେ ଏଥିରୁ ଅନ୍ତତଃ ଗୋଟିଏ ମଞ୍ଜି ମିଳିବ ।*

ନିଅ ! (*ମାଆ ହସିକରି ହାତ ଦୁଇଟି ବଢ଼ାଇଦେଲେ*)

*କାରଣ, ମାନସିକ ନୀରବତା ମଧ୍ୟରେ ରହିଥିବା ସମୟରେ ମଧ୍ୟ – ସର୍ବଦା ଏହି ମାନସିକ ନୀରବତା ମଧ୍ୟରେ ରହିହିଁ ମୁଁ ଲେଖିବାରେ ଅଭ୍ୟସ୍ତ ହୋଇ ଆସିଛି – ମାତ୍ର ତାହା ସତ୍ତ୍ୱେ ଏହି ମାନସିକ ନୀରବତାର ଅବସ୍ଥା ମଧ୍ୟରେ ବି ମୁଁ ତଥାପି ଭାରି ସତର୍କ ହୋଇ ରହିଥାଏ,– କାଳେ ସେହି ପୁରୁଣା ବିରଚନା ଓ ପ୍ରତିକ୍ରିୟାଗୁଡ଼ାକ ପୁନର୍ବାର ଆସି ଆପଣାକୁ ସେହି ନୀରବତାର ଅନ୍ତରାଳରେ ଅଭିବ୍ୟକ୍ତ କରିବାକୁ ଆରମ୍ଭ କରିଦେବେ, ସେଥିଲାଗି ମୁଁ ଭାରି ସତର୍କ ହୋଇ ରହିଥାଏ ।*

ଆଚ୍ଛା ।

*ମୋର ସେଇଥିଲାଗି ଭୟ ।*

ହଁ, ପୁରୁଣା ବସ୍ତୁଗୁଡ଼ାକ ଏହିପରି ଭାବରେ ଆସି ପହଞ୍ଚି ଯାଆନ୍ତି ।

ମାତ୍ର, ସେମାନେ ଊର୍ଦ୍ଧ୍ୱରୁ ଆସୁଛନ୍ତି ବୋଲି କ'ଣ ତୁମେ ମୋଟେ ଅନୁଭବ କର ନାହିଁ ?

*ମୁଁ ଅନୁଭବ କରେ ଯେ ଶକ୍ତିଟି ଊର୍ଦ୍ଧ୍ୱରେ ରହିଛି ଏବଂ ତାହା ତଳକୁ ଅବତରଣ କରି ଆସୁଛି ।*

ଆଚ୍ଛା,– କିନ୍ତୁ ତା'ପରେ କ'ଣ ହୁଏ ?

*ହଁ, ମାତ୍ର ତା'ପରେ, ମୁଁ ଯେତେବେଳେ କେତେକ ବିଷୟ ଲେଖି ରଖିବାକୁ ଯାଏ, ସେତେବେଳେ ମୁଁ ନିଜକୁ ନିଜେ କହେ ଯେ...*

ହଁ, ସେକଥା ଅଧିକାଂଶ ସମୟରେ ଘଟେ ।

*ମୁଁ ନିଜକୁ ନିଜେ କହେ : ''ସମ୍ଭବତଃ ସେକଥା କହିବା ମୋ'ର ଆଦୌ ଉଚିତ ନ ଥିଲା ।''*

ମାତ୍ର, ସେତେବେଳେ ସେହି କ୍ଷେତ୍ରରେ ମନହିଁ ଯାବତୀୟ ହସ୍ତକ୍ଷେପ କରିବାରେ ଲାଗିଥାଏ ।

*କେଜାଣି ?*

ସେକଥା ମୋ' କ୍ଷେତ୍ରରେ ମଧ୍ୟ ଘଟେ । ବେଳେବେଳେ ମୁଁ କିଛି ଲେଖି ପଠାଇଦିଏ; କ'ଣ ସବୁ ଲେଖିଲି, ଯେତେବେଳେ ପରେ ସେହି ବିଷୟରେ ଭାବେ, ସେତେବେଳେ ନିଜକୁ ନିଜେ କହେ : ''ଛି ! ସେକଥା ମୋ'ର ମୋଟେ କହିବା ଉଚିତ ନ ଥିଲା ।''... ଏବଂ ତା'ପରେ ମୁଁ ବେଶ୍ ଜାଣିପାରେ ଯେ, ମୁଁ ଯାହା କହିଛି, ପ୍ରକୃତରେ ଠିକ୍ କହିଛି । ମୁଁ ଏହି ପ୍ରତିକ୍ରିୟାକୁ ଏକ ମାନସିକ ପ୍ରତିକ୍ରିୟା ବୋଲି ବୁଝିବାକୁ ଆରମ୍ଭ କରେ ।

*ମୋ' ଜୀବନରେ ଏପରି ବହୁବାର ଘଟିଛି । ଉଦାହରଣ ସ୍ୱରୂପ, ସେଦିନ, ମୋ'ର 'ଗ'ଙ୍କ ପାଖକୁ କିଛି ଲେଖିବାର ଥିଲା । ଅନେକ ସମୟରେ ସିଏ ଏପରି ଅନେକ କଥା ଲେଖନ୍ତି, ଯାହାକୁକି ଆଦୌ ଗ୍ରହଣ କରି ହୁଏ ନାହିଁ । ମାତ୍ର ମୁଁ ତା' ଉପରେ କିଛି କହେ ନାହିଁ । ମାତ୍ର ସେଦିନ ମୁଁ ତାଙ୍କ ପାଖକୁ ବେଶ୍ କଡ଼ା କରି ଖଣ୍ଡେ ଚିଠି ଲେଖିଲି ଏବଂ ତାଙ୍କୁ କହିଥିଲି : ''ଏସବୁର ଅର୍ଥ କ'ଣ ?'' ଏବଂ, ପରେ ନିଜ ମନ ଭିତରେ ଭାବିଲି, ''ନା, ମୋର ଏପରି ଭାବରେ ବିଚଳିତ ହୋଇ ପଡ଼ିବା ଆଦୌ ଉଚିତ ନୁହେଁ । ଏବଂ, ଆଉ ଚିଠିଟିକୁ ତାଙ୍କ ପାଖକୁ ପଠାଇ ନ ଥିଲି ।... ଏ ବିଷୟରେ ପ୍ରକୃତରେ କ'ଣ କରିବାକୁ ହେବ, ମୁଁ କିଛି ଜାଣି ପାରୁ ନାହିଁ ।*

ସେଇ କଥାଟି ହେଉଛି...

(*ମାଆ ନୀରବ ରହିଲେ*)

*ଭାରି କଷ୍ଟକର କଥା ।*

ହଁ,... ମାତ୍ର ଯେତେବେଳେ ତୁମେ ଉର୍ଦ୍ଧ୍ୱ ଆଡ଼କୁ ଉନ୍ମୁକ୍ତ ହୋଇ ରହିଥାଅ, ବା ଅଭୀପ୍ସା କର, ବା, ଏହିପରି ଭାବରେ ସେହି ସର୍ବୋଚ୍ଚ ପରମଚେତନାଟି ଲାଗି ନିଜକୁ ଉନ୍ମୋଚିତ କରି ରଖିଥାଅ, ସେତେବେଳେ ତାହା ପ୍ରକୃତରେ ଦୃଢ଼ ଓ ମୂର୍ତ୍ତ ଭାବରେ ସମ୍ଭବ ହୁଏ ତ ?

*ହଁ, ଦୃଢ଼ ଭାବରେ ସମ୍ଭବ ହୁଏ ।*

ଦୃଢ଼ ଭାବରେ ହୁଏ ? ତେବେ... ତୁମେ ନିଶ୍ଚୟ ବୁଝି ପାରୁଥିବ,– ଏହି କ୍ଷେତ୍ରରେ କେବଳ **ଗୋଟିଏ** ବାଟହିଁ ରହିଛି, ଏହି ଅହଂଟାକୁ ବିଦାୟ ନେଇ ଚାଲିଯିବାକୁ ପଡ଼ିବ । ବାସ୍, ସେତିକି କଥା । ତାହାହିଁ ଉପାୟ । କେବଳ ଯେତେବେଳେ,– ଯେତେବେଳେ ‘‘ମୁଁ’’ ପରିବର୍ତ୍ତରେ ସେହି କ୍ଷେତ୍ରରେ ଆଉ କିଛିହେଲେ ରହିବ ନାହିଁ : ତୁମେ ବୁଝି ପାରୁଥିବ,– ଠିକ୍ ଏହିପରି ଭାବରେ ସବୁକିଛି ସମତଳ ହୋଇ ରହିଥିବ (*ମାଆ କୌଣସି ଏକ ବିପୁଳ, ମସୃଣ, ଆଦୌ କୌଣସି କୁଞ୍ଚନ ନ ଥିବା ଏକ ବସ୍ତୁର ସୂଚନା ଦେଇ ଇଙ୍ଗିତ କଲେ*), ଏପରି ଏକ ପ୍ରକାରର... ଏହାକୁ ଶବ୍ଦରେ ବି ବ୍ୟକ୍ତ କରାଯାଇ ପାରିବ ନାହିଁ, ମାତ୍ର ଏହି କଥାଟିର ଏକ **ସ୍ଥାୟୀ** ବୋଧ ଦେଇ ଯାଉଥିବ : ‘‘ହେ ପ୍ରଭୁ, କେବଳ ଆପଣ ଯାହା ଇଚ୍ଛା କରିବେ, ଆପଣ ଯେପରି ଇଚ୍ଛା କରିବେ’’ (ଶବ୍ଦଗୁଡ଼ାକ ଅତ୍ୟନ୍ତ କ୍ଷୁଦ୍ର ହୋଇଯିବା ପରି ମନେ ହେଉଛି) । ବସ୍ତୁତଃ, ଏପରି ଏକ ବାସ୍ତବ ବୋଧ ସମ୍ଭବ ହେବ ଯେ ଏଇଟି (***ଶରୀର***), ଏଇଟିର ଆଦୌ କୌଣସି ଅସ୍ତିତ୍ୱ ନାହିଁ,– ଏଇଟି କେବଳ ବ୍ୟବହୃତ ହେଉଛି,– କେବଳ ସେହି ପରମ ତତ୍ହିଁ ରହିଛି । ସେହି ପରମ ତତ୍ହିଁ ଏହି କଥାଟିକୁ (*ମାଆ ଚାପଦେବାର ଇଙ୍ଗିତ କଲେ*) କରୁଛନ୍ତି । ସେହି ପରମ ତତ୍ର ଅନୁଭୂତି, ଏହି ସଚେତନ ପରମବ୍ୟାପ୍ତି, ଯାହାକି (*ମାଆ ଆପଣାର ବାହୁ ଦୁଇଟିକୁ ପ୍ରସାରିତ କରିଦେଲେ*)... ଶେଷରେ ତୁମେ ଅବଶ୍ୟ ତାହା ଦେଖି ପାରିବ (ଦେଖି ପାରିବ, ଏହାକୁ ପ୍ରତିରୂପବିଶିଷ୍ଟ କୌଣସି ଦେଖିବା ବୋଲି ଆଦୌ କୁହାଯିବ ନାହିଁ, ତଥାପି ଏକ ଦେଖିବା ବୋଲି କୁହାଯିବ... ତେବେ, ପ୍ରତିରୂପ ବଦଳରେ ସେଥିରେ କ’ଣ ଥିବ, ସେ ବିଷୟରେ ମୁଁ କିଛି ଜାଣି ନାହିଁ । ମାତ୍ର ତାହା ଅତ୍ୟନ୍ତ ମୂର୍ତ୍ତ ହୋଇ ରହିଥିବ,– ପ୍ରତିରୂପଗୁଡ଼ାକଠାରୁ ଅନେକ ଅଧିକ ପରିମାଣରେ ମୂର୍ତ୍ତ ହୋଇ ରହିଥିବ) ଏହି **ପରିବ୍ୟାପ୍ତ** ବୃହତ୍ ଶକ୍ତିର ଏକ ପ୍ରତ୍ୟକ୍ଷ, ଏହି **ପରିବ୍ୟାପ୍ତ** ବୃହତ୍ ସ୍ପନ୍ଦନ, ଯାହାକି ଚାପ ଦେବାରେ ଲାଗିଥିବ... ଏବଂ, ଯେଉଁ ପୃଥିବୀଟି ତାହା ତଳେ ମୋଡ଼ିମାଡ଼ି ହେବାରେ ଲାଗିଥିବ, ଏବଂ ଯେଉଁ ବସ୍ତୁଟି ଉନ୍ମୋଚିତ ହୋଇ ଯାଉଥିବ,– ଏବଂ, ଯେତେବେଳେ ତାହା ଉନ୍ମୋଚିତ ହୋଇଯିବ, ସେତେବେଳେ ସେଇଟି ଆସି ପ୍ରବିଷ୍ଟ ହେବ ଏବଂ ବ୍ୟାପ୍ତ ହୋଇଯିବ ।

ଏହା ପ୍ରକୃତରେ ଭାରି ଆଗ୍ରହୋଦ୍ଦୀପକ ।

ଏହାହିଁ ଏକମାତ୍ର ସମାଧାନ । ଅନ୍ୟ କୌଣସି ସମାଧାନ ନାହିଁ । ଏହା ବ୍ୟତୀତ ଆଉ ଯାହାକିଛି ରହିଲା, ତାହା ହେଉଛି କେବଳ ଅଭୀପ୍ସା, ଅବବୋଧ, କେବଳ

ପ୍ରତ୍ୟାଶା ।... ଏହା ତଥାପି ସେହି ଅତିମାନବ ପର୍ଯ୍ୟାୟର କଥା, ଅତିମାନସ ପର୍ଯ୍ୟାୟର କଥା ନୁହେଁ । ଏହାକୁ ଏକ ଉଚ୍ଚତର ମାନବଭୂମି ବୋଲି କୁହାଯିବ, ଯାହାକି ଆପଣାର ସମଗ୍ର ମାନବସମଷ୍ଟିଟିକୁ ଊର୍ଦ୍ଧ୍ୱ ଆଡ଼କୁ ଟାଣି ନେଇଯିବା ପାଇଁ ଚେଷ୍ଟା କରୁଥାଏ । ମାତ୍ର ସେଇଟା... ସେଇଟା କୌଣସି କାମରେ ଲାଗେ ନାହିଁ, ଆଦୌ କୌଣସି କାମରେ ଲାଗେ ନାହିଁ ।

ଏହି ଚିତ୍ରଟି ଅତ୍ୟନ୍ତ ପରିଷ୍କାର ହୋଇଯାଉଛି, ଏହି ସମଗ୍ର ମାନବଭୂମିର ଚିତ୍ରଟି, ଯାହାକି ଉପରକୁ ଉଠିଯାଇ ପାରିବ ବୋଲିହିଁ ସଂସକ୍ତ ହୋଇ ରହିବାକୁ ଚେଷ୍ଟା କରୁଛି, ଠିକ୍ ସେହିପରି ଭାବରେ ଜାବୁଡ଼ି ଧରିବାକୁ ଇଚ୍ଛା କରୁଛି, ମାତ୍ର ଆପଣାକୁ କେବେହେଲେ ଦେଇପାରୁ ନାହିଁ – କେବଳ ନେବ ବୋଲି ଇଚ୍ଛା କରୁଛି । ଏବଂ, ସେହି କଥାଟି, ସେହି କଥାଟି ମୋଟେ ହୋଇ ପାରିବ ନାହିଁ । ତାହାକୁ ଆପଣାକୁ ବର୍ଜନ କରି ବାହାରି ଆସିବାକୁ ପଡ଼ିବ । ତେବେଯାଇ ଅସଲ ବସ୍ତୁଟି ଆସିବାକୁ ସମର୍ଥ ହେବ ଏବଂ ଆପଣାର ସ୍ଥାନଟିକୁ ଗ୍ରହଣ କରିପାରିବ ।

ସେହିଠାରେହିଁ ସମଗ୍ର ରହସ୍ୟଟି ନିହିତ ହୋଇ ରହିଛି ।

ଉଦାହରଣ ସ୍ୱରୂପ, ମନୁଷ୍ୟଭୂମିର ଏହି ଯାବତୀୟ ଦିଗଟି, ଯାହାକି **ଜବରଦସ୍ତି**, ସବୁକିଛିକୁ ହାସଲ କରିବାକୁ ଇଚ୍ଛା କରୁଛି ଏବଂ ସେଗୁଡ଼ିକୁ ଏହିଯାଏ (*ମାଆ ଆପଣାର କପାଳ-ଉଚ୍ଚ ଯାଏ ଦେଖାଇଦେଲେ*) ଟାଣି ଆଣିବାରେ ଲାଗିଛି... ଏହା ଭାରି ଆଗ୍ରହୋଦ୍ଦୀପକ : ଭାରି ଆଗ୍ରହୋଦ୍ଦୀପକ, ମାତ୍ର ଏହା ପ୍ରକୃତରେ ସେହି କଥାଟି **ଆଦୌ ନୁହେଁ !** ଏହା ମୋଟେ ସେହି କଥାଟି ନୁହେଁ; ଏହି ଯାବତୀୟ ସମ୍ଭାବନାକୁ ନିଃଶେଷିତ ହୋଇଯିବାକୁ ପଡ଼ିବ, ଯେପରିକି ମନୁଷ୍ୟଭିତରୁ ଅନ୍ତତଃ କିଛି ଅଂଶ ବୁଝିବା ଲାଗି ସମର୍ଥ ହେବ... ବୁଝିବ ଯେ, କେବଳ ତାହାହିଁ ରହିଛି (*ମାଆ ଆତ୍ମବିଲୋପନର ଇଙ୍ଗିତ କରି ହାତ ଦୁଇଟିକୁ ଉନ୍ମୋଚିତ କରି ଧରିଲେ*), ଏବଂ ତା'ପରେ ଆପଣାକୁ ଗୋଟାସୁଦ୍ଧା ତଳେ ଲମ୍ବାଇଦେଇ ପଡ଼ିଯିବ,– ସଂପୂର୍ଣ୍ଣରୂପେ ଅନ୍ତର୍ହିତ ହୋଇଯିବା ପର୍ଯ୍ୟନ୍ତ ସେହିପରି ପଡ଼ି ରହିଥିବ ।

ହଁ, ସେକଥାଟି ପ୍ରକୃତରେ ସବୁଠାରୁ ଅଧିକ କଷ୍ଟସାଧ : ଅନ୍ତର୍ହିତ ହୋଇଯିବାର ଏହି କଥାଟିକୁ ଶିକ୍ଷା କରିବା ।

(*ମାଆ ନୀରବ ରହିଲେ*)

ହଁ, (*ମାଆ ହସିଲେ*), ଆମେ ଠିକ୍ ସେହିଠାରେ ଯାଇ ପହଞ୍ଚିବା !

## ୨୭ ଡିସେମ୍ବର ୧୯୬୯

*ଏପରି ଅନୁଭବ ହେଉଛି, ଯେପରି କି ଏହି ବୃହତ୍ ଜଡ଼ଟି ଭିତରେ ମୁଁ ଏକାବେଳେକେ ବୁଡ଼ିକରି ରହିଛି ।... ଆପାତତଃ ଏହିସବୁ ସମସ୍ୟା ଏବଂ ବାସ୍ତବ କ୍ଷେତ୍ରର ନାନା କାର୍ଯ୍ୟରେ ଗ୍ରସ୍ତ ହୋଇ ରହିବା ସତ୍ତ୍ୱେ, ଯେତେବେଳେ ଆମେ ବାହ୍ୟତଃ ଏତେ-ବ୍ୟସ୍ତ ହୋଇ ରହିଛୁ ଯେ ଆମେ ପ୍ରକୃତରେ କିଛି କରୁଛୁ ବୋଲି ଆମର ଆଦୌ କୌଣସି ବୋଧହିଁ ହେଉ ନାହିଁ, ସେତେବେଳେ ମଧ୍ୟ କୌଣସି ଯୋଗ ଅଥବା ଆଉକିଛି ସମ୍ଭବ ହୋଇ ପାରୁଛି କି ?*

ହଁ ! ମାତ୍ର ବର୍ତ୍ତମାନ ସମୁଦାୟ ସତ୍ତା (ଶରୀର ସେହି କଥାଟିକୁ ବେଶ୍ ଭଲ ଭାବରେ ବୁଝିଛି), ସମୁଦାୟ ସତ୍ତାଟି ଭଲ ଭାବରେ ଜାଣିଛି ଯେ, ତୁମକୁ ଯଥାସମ୍ଭବ ଅଧିକ ବେଗରେ ଅଗ୍ରଗତି କରିବାରେ ସମର୍ଥ କରିବା ସକାଶେହିଁ **ସବୁକିଛିର** ଆଗମନ ହେଉଛି । ହଁ, ସବୁ କିଛିର : ଯାବତୀୟ ବାଧା, ବିରୋଧ, ବୁଝିବାଶକ୍ତିର ଅଭାବ, ନିରର୍ଥକ ଅନ୍ୟବ୍ୟସ୍ତତା,– ସବୁକିଛିର,– ତୁମକୁ ଆଗକୁ ଯିବା ଲାଗି ସାହାଯ୍ୟ କରିବାକୁହିଁ ସବୁକିଛିର ଆଗମନ ହେଉଛି । ତୁମେ ଯେପରି ଆଗ ଗୋଟିଏ ବିନ୍ଦୁକୁ ସ୍ପର୍ଶ କରି ପାରିବ, ତା'ପରେ ଆଉ ଗୋଟିଏ ବିନ୍ଦୁକୁ ଓ ପୁଣି ତା'ପରେ ଆଉ ଗୋଟିଏ ବିନ୍ଦୁକୁ ସ୍ପର୍ଶ କରି ପାରିବ ଏବଂ ଏହିପରି ଭାବରେ ଯଥାସମ୍ଭବ ଅଧିକ ବେଗରେ ଆଗେଇଯାଇ ପାରିବ,– ସବୁକିଛି ସେଇଥିଲାଗି ଘଟୁଛି । ଯଦି ତୁମେ ନିଜକୁ ଏହି ଜଡ଼ ସହିତ ସଂଲଗ୍ନ କରି ନ ରଖିବ, ତେବେ ତାହା ଆଦୌ ବଦଳି ପାରିବ କିପରି ?

ଏବଂ, ଏହି କଥାଟି ଅତ୍ୟନ୍ତ ପରିଷ୍କାର, ଅତ୍ୟନ୍ତ ସ୍ପଷ୍ଟ ହୋଇଯାଉଛି ଯେ, ଯାବତୀୟ ଆପତ୍ତି ଓ ଯାବତୀୟ ବିରୋଧ କେବଳ ଏକ ଉପରିଭାଗୀୟ ମନଃସ୍ତରରୁହିଁ ଆସୁଛି, ଯାହାକି ବସ୍ତୁକୁ ବେଷ୍ଟିତ କରି ରହିଥିବା, ପ୍ରତିଭାସ ଗୁଡ଼ାକୁହିଁ ଦେଖୁଛି । ତୁମର ଚେତନାକୁ ସେଇଟି ବିଷୟରେ କେବଳ ସତର୍କ କରି ରଖିବା ଉଦ୍ଦେଶ୍ୟରେହିଁ ତାହା ଘଟୁଛି, ଯେପରିକି ତାହା ଏଭଳି କୌଣସି ବସ୍ତୁ ଦ୍ୱାରା ଆଦୌ ପ୍ରତାରିତ ହେବ ନାହିଁ, ଯେପରିକି ଏଇଟାକୁ ତାହା କେବଳ ଗୋଟାସୁଦ୍ଧା ବାହ୍ୟ ଓ ଉପରିଭାଗୀୟ ବୋଲି ଜାଣି ରଖିବ; ଏବଂ, ଏହାର ପଶ୍ଚାତରେ ଯାହାକିଛି ସମ୍ପାଦିତ ହେଉଛି, ତାହା ଯଥାସମ୍ଭବ ଅଧିକ ବେଗରେ ରୂପାନ୍ତର ଆଡ଼କୁହିଁ ଅଗ୍ରଗତି କରିବାରେ ଲାଗିଛି ବୋଲି ଅତ୍ୟନ୍ତ ସ୍ପଷ୍ଟ ଭାବରେ ଉପଲବ୍ଧି କରିପାରିବ ।

(*ମାଆ ଦୀର୍ଘ କାଳ ନୀରବ ରହିଲେ*)

ଆପଣାର ଉଚ୍ଚତର ସ୍ତରରେ ବୁଦ୍ଧି ଅତ୍ୟନ୍ତ ସହଜ ଭାବରେ ଏହି କଥାଟିକୁ ହୃଦୟଙ୍ଗମ କରିପାରେ ଯେ, ତାହା ପ୍ରକୃତରେ ଆଦୌ କିଛିହେଲେ ଜାଣେ ନାହିଁ, ଏବଂ ତେଣୁ ବେଶ୍ ସହଜରେ ଅଗ୍ରଗତି ଲାଗି ଆବଶ୍ୟକ ଏକ ଅନୁକୂଳ ଦୃଷ୍ଟିକୋଣ ପୋଷଣ କରିବା ଲାଗି ସମର୍ଥ ହୋଇଥାଏ । ମାତ୍ର, ଯେଉଁମାନଙ୍କ ପାଖରେ ଏହି ବୁଦ୍ଧିଟି ରହିଥାଏ, ଜଡ଼ବସ୍ତୁଗୁଡ଼ିକର ସମ୍ମୁଖୀନ ହେବା ସମୟରେ ସେମାନଙ୍କର ମଧ୍ୟ ଏହିପରି ଏକ ପ୍ରତୀତି ସତେଅବା ଅତ୍ୟନ୍ତ ସ୍ୱାଭାବିକ ଭାବରେ ହୋଇଥାଏ ଯେ, ପ୍ରତିଷ୍ଠିତ ଅନୁଭୂତିଗୁଡ଼ିକ ଦ୍ୱାରାହିଁ ଏହି ସବୁକିଛି ଜ୍ଞାତ ହୋଇଛି, ବୋଧଗମ୍ୟ ହୋଇ ପାରିଛି ଏବଂ ତାହାରି ଉପରେ ଆଧାରିତ ହୋଇ ରହିଛି । ଏବଂ ସେତିକିବେଳେହିଁ ତୁମେ ଅସୁରକ୍ଷିତ ହୋଇଯାଅ । ଏବଂ ବର୍ତ୍ତମାନ ଶରୀର ଠିକ୍ ସେହି କଥାଟିକୁହିଁ ଶିକ୍ଷା କରୁଛି; ବର୍ତ୍ତମାନର ଏହି ଦେଖିବାର ତଥା ବସ୍ତୁଗୁଡ଼ିକୁ ବୁଝିବାର ରୀତିଟି ଯେ ପ୍ରକୃତରେ କେଡ଼େ ନିରର୍ଥକ, ବର୍ତ୍ତମାନ ଶରୀର ତାହାହିଁ ଶିକ୍ଷା କରୁଛି । ବର୍ତ୍ତମାନର ଜାଣିବା ଓ ବୁଝିବା ଭଲ ମନ୍ଦ, ଅର୍ଥ ଅନର୍ଥ, ଆଲୋକିତ ଓ ତମସାଚ୍ଛନ୍ନ,— ଏହିପରି ନାନା ବିରୋଧକୁ ଆଶ୍ରୟ କରି ରହିଛି; ଏବଂ ଯାବତୀୟ ନିଷ୍କର୍ଷ ଓ ଜୀବନ ସମ୍ବନ୍ଧରେ ଯାବତୀୟ ବୋଧ ଠିକ୍ ତାହାରି (ଜଡ଼ଗତ ଜୀବନ) ଉପରେହିଁ ନିର୍ଭର କରି ରହିଛି । ଏବଂ, ଏହି ବୋଧଟି ଯେ ପ୍ରକୃତରେ **କେଡ଼େ ନିରର୍ଥକ**, ତୁମକୁ ସେହି କଥାଟିକୁ ଶିକ୍ଷା ଦେବା ଲାଗି ତାହା ଘଟୁଛି । ମୋତେ ସେକଥା ଭଲକରି ଦେଖାଯାଉଛି । ବର୍ତ୍ତମାନ ସେହି କାର୍ଯ୍ୟଟି ଅତ୍ୟନ୍ତ ତୀବ୍ର ଭାବରେ ଚାଲିଛି, ଅତ୍ୟନ୍ତ ଅବିରାମ ଚାଲିଛି,— ସତେଯେପରି ତଦ୍ଦ୍ୱାରା ତୁମକୁ ଅଧିକ ବେଗରେ ଯିବା ଲାଗି ଏକ ଆହ୍ୱାନ ଦିଆଯାଉଛି ।

ଏପରିକି ସେହି ବାସ୍ତବ ଅଂଶଟି, ଯାହାକି, କିପରି ବଞ୍ଚିବାକୁ ହେବ, କ'ଣ କରିବାକୁ ହେବ ଏବଂ ସେଇଟିକୁ କିପରି କରିବାକୁ ହେବ ବୋଲି ଶିକ୍ଷା କରିଛି ଓ ଜାଣିଛି ବୋଲି ଭାବିବାରେ ଲାଗିଥିଲା, ସେଇଟିକୁ ମଧ୍ୟ ଏହି କଥାଟିକୁ ଅବଶ୍ୟ ବୁଝିବାକୁ ହେବ ଯେ, ତାହାର ସେହି ଜ୍ଞାନ ଆଦୌ ଯଥାର୍ଥ ନ ଥିଲା ଓ ବାହ୍ୟ ବସ୍ତୁଗୁଡ଼ିକୁ ଯଥାର୍ଥ ଭାବରେ ବ୍ୟବହାର କରିବାର ରୀତିଟି ମଧ୍ୟ ତାକୁ ମୋଟେ ଜଣା ନ ଥିଲା ।

(*ମାଆ ନୀରବ ରହିଲେ*)

ଏହି କ୍ଷେତ୍ରରେ କେତେକ କୌତୁକପୂର୍ଣ୍ଣ କଥା ମଧ୍ୟ ରହିଛି... ଯେଉଁ ବୃହତ୍ ଚେତନାଟି କାର୍ଯ୍ୟକାରୀ ହେଉଛି, ତାହା ସତେଅବା ସର୍ବଦା ଶରୀରକୁ ''ଖୁରେଇବାରେ''ହିଁ

ଲାଗିଛି; ତାକୁ ସବୁବେଳେ କହୁଛି : ‘‘ଦେଖିଲୁ, ତୋ’ର ଏପରି ଏକ ବୋଧ ହେଉଛି ବୋଲି ତୁ ଭାବୁଛୁ, କିନ୍ତୁ ତାହାର ଯଥାର୍ଥ ଭିତ୍ତିଟି କ’ଣ ? ତୁ ସେ କଥାଟିକୁ ଜାଣିଛୁ ବୋଲି ଭାବୁଛୁ; ମାତ୍ର ସେଇଟିର ପଛରେ ଯେ କ’ଣ ରହିଛି, ତୁ ପ୍ରକୃତରେ ସେକଥା ଜାଣିଛୁ କି ?’’ ଏବଂ, ଜୀବନର ଯାବତୀୟ ସାନସାନ କଥାରେ, ପ୍ରତ୍ୟେକ ମିନିଟର ପ୍ରତ୍ୟେକ କଥାରେ ତାହା ତାକୁ ଏହିପରି ଚିଡ଼ାଇବାରେ ଲାଗିଛି । ଏବଂ ତା’ପରେ ଶରୀର ଠିକ୍ ଏହିପରି ହୋଇଯାଉଛି (*ମାଆ ବିସ୍ମୟସୂଚକ ଏଡ଼େ ଏଡ଼େ ଆଖି ବାହାର କରି ଦେଖାଇଲେ*) ଏବଂ ମନକୁ ମନ କହୁଛି, ‘‘ହଁ, ସତ କଥା, ମୁଁ ପ୍ରକୃତରେ ଆଦୌ କିଛି ଜାଣି ନାହିଁ ।’’ ମାତ୍ର, ତାହା ସର୍ବଦା ଠିକ୍ ସେହି ଗୋଟିଏ ଉତ୍ତର ଦେବାରେ ଲାଗିଛି ଓ କହୁଛି : ‘‘ମୁଁ ଜାଣିଛି ବୋଲି ଆଦୌ ଦାବି କରୁ ନାହିଁ, ପରମ ପ୍ରଭୁ ଯାହା ଇଚ୍ଛା କରୁଛନ୍ତି, ସିଏ କେବଳ ତାହାହିଁ କରନ୍ତୁ !’’ ଠିକ୍ ଏହିପରି ଘଟୁଛି । ଏବଂ ତା’ପରେ, ତା’ପରେ ଏପରି ହେଉଛି (ଯଦି ସେଇଟି ସ୍ଥାୟୀ ହୋଇ ରହିଯାଇ ପାରନ୍ତା, ତେବେ ଭାରି ଭଲ ହୁଅନ୍ତା ।) : ପ୍ରଭୁଙ୍କର କାର୍ଯ୍ୟରେ ଆଉ ଆଦୌ କୌଣସି ହସ୍ତକ୍ଷେପ ହେଉ ନାହିଁ (ସବୁଠାରୁ ସରଳ ଭାବରେ କେବଳ ସେତିକି କୁହାଯାଇ ପାରିବ) ।

(*ମାଆ ନୀରବ ରହିଲେ*)

**ପ୍ରକୃତ ଘଟଣା**, ପ୍ରତ୍ୟେକ ମିନିଟର ଅନୁଭବ ଦ୍ୱାରା ଏହାହିଁ ପ୍ରମାଣିତ ହୋଇଯାଉଛି ଯେ ଯେତେବେଳେ ଅର୍ଜନ କରା ଯାଇଥିବା ପ୍ରଜ୍ଞାବୁଦ୍ଧି ଅଥବା ବୋଧର ଏକ ଧାରଣା ନେଇ କୌଣସି କାର୍ଯ୍ୟ କରାଯାଇ ଥାଏ, ଅଙ୍ଗେ ନିଭାଇଥିବା ଏକ ଅଭିଜ୍ଞତାର ଧାରଣା ସହିତ ତାହା କରାଯାଇଥାଏ, ତାହା କେତେ ପରିମାଣରେ... ହୁଏତ ଏଠାରେ ‘‘ମିଛ’’ ବୋଲି କୁହା ଯାଇପାରେ (ତାହାକୁ ଅବଶ୍ୟ ଭ୍ରମକାରୀ ବୋଲି କୁହାଯାଇ ପାରିବ), ସେତେବେଳେ ଏପରି ଏକ ଧାରଣା ହେଉଥାଏ ଯେ, ଏସବୁର ପଶ୍ଚାତରେ ଆଉ କୌଣସି **ଅନ୍ୟ** ବସ୍ତୁ ରହିଛି, ଯିଏକି ସେସବୁକୁ କାର୍ଯ୍ୟରେ ଲଗାଉଛି (ତାହା ସବୁକିଛିକୁ ଯେପରି କାର୍ଯ୍ୟରେ ଲଗାଏ), ମାତ୍ର ଯାହା ଏହି ଲବ୍ଧଜ୍ଞାନଟି ସହିତ ଆଦୌ ବାନ୍ଧି ହୋଇ ରହି ନାହିଁ, ଅଥବା ତା’ ଉପରେ ବା, ଆମେ ଯାହାକୁ ଜୀବନର ଅନୁଭବ ବୋଲି କହିଥାଉ, ସେପରି କୌଣସି କଥା ଉପରେ କିଂବା ସେହିପରି ଆଉ କୌଣସି କଥା ଉପରେ ଆଦୌ ନିର୍ଭରଶୀଳ ହୋଇ ରହି ନାହିଁ । ଏହାର ଏକ ଅଧିକ ପ୍ରତ୍ୟକ୍ଷ, ଅଧିକ ପ୍ରଗାଢ଼ ଏବଂ ଅଧିକ ‘‘ଦୂରଗାମୀ’’ ଦୃଷ୍ଟି ରହିଥାଏ, ଅର୍ଥାତ୍, ଏହା ଆହୁରି ଅଧିକ ଦୂରକୁ ଦେଖିପାରେ, ଅଧିକ ପ୍ରଶସ୍ତ ଭାବରେ ଦେଖିପାରେ ଓ ଅନେକ

ଆଗରୁ ମଧ୍ୟ ଦେଖିବାକୁ ସମର୍ଥ ହୁଏ,— କେବଳ ଏକ ବାହ୍ୟ ଅନୁଭବ ଦ୍ୱାରା ତାହା ମୋଟେ ସମ୍ଭବ ହୁଏ ନାହିଁ... ମାତ୍ର, ଏହା ଅତ୍ୟନ୍ତ ଅହଙ୍କାରଶୂନ୍ୟ ଭାବରେ ବିକଶିତ ହେବାରେ ଲାଗିଥାଏ, କୌଣସି ପ୍ରକୋପ ଦେଖାଏ ନାହିଁ, ଆଦୌ କୌଣସି ପ୍ରକାରେ ଦେଖାଇ ହୁଏ ନାହିଁ । ଏହାକୁ ଆମେ ପ୍ରତ୍ୟେକ ମିନିଟ୍‌ର ଏକ ଅତି ସାନ ବସ୍ତୁଟିଏ ବୋଲି କହି ପାରିବା — ପ୍ରତ୍ୟେକ ମିନିଟ୍‌ର, ପ୍ରତ୍ୟେକ ସେକେଣ୍ଡର ପ୍ରତ୍ୟେକ ବିଷୟ । ସତେଯେପରି ସର୍ବଦା ଏପରି ଗୋଟିଏ ବସ୍ତୁ ରହିଥିଲା, ଯାହାକି ତୁମକୁ ଜୀବନ ବଞ୍ଚିବାର, ଦେଖିବାର ଓ କାର୍ଯ୍ୟ କରିବାର ସେହି ସାଧାରଣ ରୀତିଟିକୁହିଁ ତୁମକୁ ଦେଖାଇ ଦେବାରେ ଲାଗିଥିଲା, ଏବଂ ତା'ପରେ... ଯଥାର୍ଥ ରୀତିଟି ସମ୍ଭବ ହେଲା । ଦୁଇଟିଯାକ, ଠିକ୍ ସେହିପରି ହେଲା । ସକଳ ବସ୍ତୁର କ୍ଷେତ୍ରରେ ସେହିପରି ଘଟିଲା ।

ଏହା ଏତେ ଅଧିକ ମାତ୍ରାରେ ଏହିପରି ଘଟିଥାଏ ଯେ, କେତେକ ସ୍ପନ୍ଦନ ପ୍ରତି ତୁମର ଦୃଷ୍ଟିକୋଣଟି ହୁଏତ ତୁମକୁ ଏକ ପରିପୂର୍ଣ୍ଣ ଆଶ୍ୱସ୍ତି ଆଣିଦିଏ ଅଥବା ତୁମକୁ ସମ୍ପୂର୍ଣ୍ଣ ଭାବରେ ସନ୍ତପ୍ତ କରିପକାଏ । ଏବଂ, ସେହି ଗୋଟିଏ ପ୍ରକାରର ସ୍ପନ୍ଦନହିଁ ଦୁଇଟିଯାକ କଥା କରିଥାଏ । ହଁ, ସବୁକଥା ଠିକ୍ ସେହିପରି ଘଟେ, ସତେଅବା ବିମୂଢ଼ କରି ଦେଉଥାଏ । ଏବଂ, ସେହିପରି ପ୍ରତ୍ୟେକ ମୁହୂର୍ତ୍ତରେ ହୁଏ, ପ୍ରତ୍ୟେକ ମୁହୂର୍ତ୍ତରେ ଓ ପ୍ରତ୍ୟେକ ବସ୍ତୁର କ୍ଷେତ୍ରରେ ହୁଏ ।

ହଁ, ଏହି କ୍ଷେତ୍ରରେ ଚେତନା ଏକ ନିର୍ଦ୍ଦିଷ୍ଟ ଦୃଷ୍ଟିକୋଣ ଗ୍ରହଣ କରେ ଏବଂ ତାହା ଫଳରେ ସବୁକିଛି ଆନନ୍ଦ ଓ ସୌଷମ୍ୟକୁ ରୂପାନ୍ତରିତ ହୋଇଯାଏ । ଏବଂ ତାହା ଠିକ୍ ସେହି ଗୋଟିଏ ଅବସ୍ଥାରେ ରହିଥାଏ; ମାତ୍ର ତା'ପରେ (*ମାଆ ବାଆଁ ଆଡ଼କୁ କିଞ୍ଚିତ୍ ଢଳିଯିବାର ଇଙ୍ଗିତ କଲେ*), ଚେତନାର ଦୃଷ୍ଟିକୋଣରେ କିଞ୍ଚିତ୍ ପରିବର୍ତ୍ତନ ସଂଘଟିତ ହୁଏ ଏବଂ ବିଷୟଟି ପ୍ରାୟ ଅସହ୍ୟ ହେବାକୁ ଆରମ୍ଭ କରେ । ଏହିପରି ଭାବରେ ସମସ୍ତ କ୍ଷଣ ଧରି ଅନୁଭବ ହେଉଥାଏ, ସବୁବେଳେହିଁ ହେଉଥାଏ ।... କେବଳ ଏତିକି ଦର୍ଶାଇ ଦେବା ପାଇଁ ଏସବୁ ହୁଏ ଯେ, କେବଳ **ଗୋଟିଏ ବସ୍ତୁର**ହିଁ ଯାହାକିଛି ମହତ୍ତ୍ୱ ରହିଛି,— ସେଇଟି ହେଉଛି ଚେତନାର ଏହି ଦୃଷ୍ଟିକୋଣଟି : ବ୍ୟକ୍ତିସତ୍ତାର ସେହି ପୁରାତନ ଦୃଷ୍ଟିକୋଣଟି (*ସଙ୍କୁଚନର ଇଙ୍ଗିତ*) ବା ସେଇ ଅନ୍ୟଟି (*ସଂପ୍ରସାରଣର ଇଙ୍ଗିତ*) । ଏହା (ଆମେ ବୁଝି ପାରିଲା ଭଳି ଶବ୍ଦ ଦେଇ କହିବାକୁ ଗଲେ) ହେଉଛି ଅହଂର ଉପସ୍ଥିତି ଏବଂ ଅହଂର ବିଲୋପସାଧନ । ତାହା ବ୍ୟତୀତ ଆଉ କିଛି ନୁହେଁ ।

ଏବଂ ତା'ପରେ, ମୁଁ ଯେପରି କହିଛି, ସବୁଠାରୁ ଅଧିକ ସାଧାରଣ ସମେତ ଜୀବନର ଯାବତୀୟ କ୍ରିୟାଶୀଳତାର କ୍ଷେତ୍ରରେ, ଏହି ଗୋଟିଏ କଥାର ପ୍ରମାଣ ହୋଇ ଯାଉଛି ଯେ, ଯଦି ଅହଂର ଉପସ୍ଥିତିକୁ ଭୋଗ କରିବାକୁ ହୁଏ (ଏଥିରେ କୌଣସି ସନ୍ଦେହ

ନାହିଁ ଯେ, ତୁମକୁ ତାହାର ପ୍ରକୃତ ପରିଚୟଟି ମିଳିବା ଲାଗିହିଁ ତାହା ହୋଇଥାଏ), ଏହା ତୁମକୁ ଅବଶ୍ୟ ଏପରି ଏକ ଅବସ୍ଥାରେ ନେଇ ପକାଇ ଦେଇପାରେ, ଯେତେବେଳେ କି ତୁମର ସ୍ୱାସ୍ଥ୍ୟରେ ଭାରସାମ୍ୟ ରହେ ନାହିଁ, ଏବଂ ସେତେବେଳେ ସେଥିଲାଗି ଅହଂର ବିଲୋପନହିଁ ଏକମାତ୍ର ଔଷଧରୂପେ କାର୍ଯ୍ୟ କରେ । ଏବଂ ତାହାରି ସହିତହିଁ ଯାବତୀୟ ଅସୁସ୍ଥତା ଅନ୍ତର୍ହିତ ହୋଇଯାଏ । ଏପରିକି ଯେଉଁସବୁ ବିଷୟକୁ ଆମେ ଏକାନ୍ତ ମହତ୍ତ୍ୱହୀନ ବୋଲି ବିଚାର କରିଥାଉ... ଏବଂ ଏହା ପ୍ରତ୍ୟେକ ବିଷୟ ଲାଗି ମଧ୍ୟ ପ୍ରଯୁଜ୍ୟ, ସର୍ବଦା ପ୍ରଯୁଜ୍ୟ, ପ୍ରତ୍ୟେକ ସମୟରେହିଁ ପ୍ରଯୁଜ୍ୟ ।

ଏବଂ ତା'ପରେ, ଏହି କ୍ଷେତ୍ରରେ ଯେଉଁସବୁ ଭୁଲ୍ ବୁଝିବା ଏବଂ ଅସନ୍ତୋଷ ଉଦ୍‌ଭୂତ ହୋଇ ଆସିଥା'ନ୍ତି (*ସତେଅବା ଗୋଟାଏ ବୋଝାଇ ଶଗଡ଼ ଯେପରି ତାଙ୍କ ଉପରେ ଅଜାଡ଼ି ହୋଇ ପଡୁଛି, ମାଆ ସେହିପରି ଇଙ୍ଗିତ କଲେ*), ଏଇଟି ସେଗୁଡ଼ାକ ଦ୍ୱାରା ଭାରି ଜଟିଳ ହୋଇଯାଏ । ସତେଯେପରି ଏଗୁଡ଼ାକ କେଉଁଠି ବନ୍ଧାହୋଇ ରହିଥିଲେ ଓ ପଘାରୁ ଫିଟି ବାହାରି ଆସିଲେ, ସେହିପରି ମନେ ହୋଇଥାଏ । ଏବଂ, ଏହି ସବୁକିଛି ଏକା ସମୟରେହିଁ ଘଟିବାରେ ଲାଗିଥାଏ,– ଲବ୍ଧ ଅନୁଭୂତିଟି ଯେପରି ଏକ ସମଗ୍ର ଅନୁଭୂତି ହୋଇପାରିବ ଏବଂ ସକଳ କ୍ଷେତ୍ରର ଅନୁଭୂତି ହୋଇ ରହିବ, ସତେଅବା ସେଇଥିଲାଗି ସେପରି ହୁଏ ।

ସତେ ଯେପରି ପ୍ରତ୍ୟେକ ମୁହୂର୍ତ୍ତରେହିଁ ମୃତ୍ୟୁ ଓ ଅମରତ୍ୱ, ଦୁଇଟି-ଯାକର ଉପସ୍ଥିତି ବିଷୟରେ ଏକ ବାସ୍ତବ ପ୍ରମାଣ ପ୍ରଦତ୍ତ ହେଉଥିଲା, ଏହି କ୍ଷେତ୍ରରେ ଠିକ୍ ସେହିପରି ହୁଏ (*ମାଆ ଆପଣାର ହାତକୁ କିଞ୍ଚିତ୍ ଡାହାଣ ଆଡ଼କୁ ଓ କିଞ୍ଚିତ୍ ବାଆଁ ଆଡ଼କୁ ଢଳାଇକରି ଦେଖାଇଲେ*) । ଏପରିକି **କ୍ଷୁଦ୍ରତମ** ବସ୍ତୁଗୁଡ଼ିକର କ୍ଷେତ୍ରରେ ମଧ୍ୟ ତାହା ହୁଏ – **କ୍ଷୁଦ୍ରତମ** ଓ ବୃହତ୍ତମ ଯାବତୀୟ ବସ୍ତୁର କ୍ଷେତ୍ରରେ ସର୍ବଦା ହେଉଥାଏ । ତୁମେ ଏପାଖରେ ଥାଅ ଅଥବା ସେପାଖରେ ଥାଅ (*ହାତକୁ ଠିକ୍ ସେହିପରି ଏପାଖକୁ ଓ ସେପାଖକୁ ଢଳାଇ ଦେଖାଇବାର ପୂର୍ବବତ୍ ଇଙ୍ଗିତ*), ତାହା ସର୍ବଦାହିଁ ହେବାରେ ଲାଗିଥାଏ । ପ୍ରତି ସେକେଣ୍ଡ୍‌ରେହିଁ ତାହା ହେଉଥାଏ, ସତେଯେପରି ମୃତ୍ୟୁ ଅଥବା ଅମୃତତ୍ୱ ମଧ୍ୟରେ ତୁମକୁ ଗୋଟିକୁ ବାଛିନେବାକୁ ପଡ଼ିବ, ତୁମ ଆଗରେ ସେହିପରି ଏକ ଆହ୍ୱାନ ଆସି ପହଞ୍ଚିଛି, ସର୍ବଦା ସେହିପରି ହୋଇ ରହିଥାଏ ।

ଏବଂ ସେଥିଲାଗି, ମୁଁ ବେଶ୍ ଭଲ କରି ଦେଖିପାରୁଛି ଯେ, ବାହାରେ ସେହି ଅନୁଭୂତିଟିକୁ ସହ୍ୟ କରି ପାରିବା ଲାଗି ଏହି ଶରୀରକୁ ଅତ୍ୟନ୍ତ ଗମ୍ଭୀର ଭାବରେ ଏକ ପୂର୍ଣ୍ଣ ପ୍ରସ୍ତୁତିର ମଧ୍ୟଦେଇ ଗତି କରିବାକୁ ପଡ଼ିବ । ଯେପରିକି ସିଏ କୌଣସି ପ୍ରକାରେ ବ୍ୟସ୍ତ ହୋଇ ପଡ଼ିବାର ଅଥବା ଫେରି ପଳାଇ ଆସିବାର ଆଦୌ କୌଣସି ପ୍ରତିକ୍ରିୟା

ଦେଖାଇବ ନାହିଁ । ଅର୍ଥାତ୍, ତାକୁ ଆପଣାର ଶାନ୍ତ ଅବସ୍ଥା ଏବଂ ସତତ ହସଟିକୁ ଅବଶ୍ୟ ବଜାୟ ରଖିବାକୁ ପଡ଼ିବ ।

*(ମାଆ ଦୀର୍ଘ କାଳ ନୀରବ ରହିଲେ)*

ଏପରି ଅନେକ କଥା... ଅନେକ ଅସାଧାରଣ କଥା ରହିଛି । ସତେଯେପରି ପ୍ରତ୍ୟେକ ବିଷୟର କ୍ଷେତ୍ରରେହିଁ ଆମକୁ ଦୁଇ ବିପରୀତର ଉପସ୍ଥିତିକୁ ହୃଦୟଙ୍ଗମ କରି ଦେଖିବାକୁ ହେବ, ଯେପରିକି, ଯେତେବେଳେ ଦୁଇ ବିପରୀତ ଏକାଠି ମିଶିଯିବେ, ସେତେବେଳେ ପ୍ରକୃତରେ କ'ଣ **ରହିବ**, ଆମେ ତଦ୍ୱାରା ସେହି କଥାଟିର ଆବିଷ୍କାର କରି ପାରିବା । ଯେପରିକି, ଦୁଇ ବିପରୀତ ପରସ୍ପର ସହିତ ସଂଲଗ୍ନ ହୋଇ ଆସିଲେ ସେଠାରୁ ପଳାଇ ନ ଯାଇ ଆମେ ସେହି କଥାଟିର ଆବିଷ୍କାର କରିପାରିବା । ତାହାହିଁ ଯଥାର୍ଥ ପରିଣାମଟିର ଜନ୍ମଦିଏ । ଆମର ବାସ୍ତବ ଜୀବନରେହିଁ ସେହି ପରିଣାମଟିକୁ ସମ୍ଭବ କରାଇ ଆଣିଥାଏ ।

## ୩୧ ଜାନୁଆରି ୧୯୭୦

*ଠିକ୍ କିପରି ଦୃଷ୍ଟିକୋଣଟିଏ ଗ୍ରହଣ କରିବାକୁ ହେବ, ମୁଁ ସେବିଷୟରେ ଭଲକରି କିଛି ଜାଣି ନାହିଁ । ତଥାପି, ଯେଉଁ ସମସ୍ୟାଟି ମୋତେ ଅଡୁଆରେ ପକାଇଛି, ତାହାକୁ ମୁଁ ହୁଏତ କେବଳ ଏହିପରି ଗୋଟିଏ ପ୍ରଶ୍ନ ଆକାରରେ ପଚାରି ପାରିବି : ସବୁକଥା କ'ଣ ପ୍ରକୃତରେ ନିର୍ଦ୍ଦେଶିତ ଭାବରେ ଘଟୁଛି ?*

ହଁ, **ଅଧିକରୁ ଅଧିକ ପରିମାଣରେ** ଏବଂ ଏକ **ଅନପେକ୍ଷ** ଭାବରେ ତାହା ହେଉଛି । ମୁଁ **ଦେଖିପାରୁଛି,– ଦେଖିପାରୁଛି** – ହଁ, ମୁଁ ଦେଖିପାରୁଛି ଓ ଅନୁଭବ କରିପାରୁଛି : **ପ୍ରତ୍ୟେକ ବସ୍ତୁହିଁ** ନିର୍ଦ୍ଧାରିତ ହୋଇ ରହିଛି ।

*ପ୍ରତ୍ୟେକ ବସ୍ତୁ ନିର୍ଦ୍ଧାରିତ ହୋଇ ରହିଛି ।*

ଏବଂ, ପ୍ରତ୍ୟେକ ବସ୍ତୁ କାହିଁକି ଯେ ରହିଛି, ତାହାର ଗୋଟାଏ କାରଣ ମଧ୍ୟ ରହିଛି । ଆମେ ସେହି କାରଣ ବିଷୟରେ କିଛି ଜାଣିପାରୁ ନାହୁଁ, କାରଣ ଆମର ଦୃଷ୍ଟି ଅନୁରୂପ ଭାବରେ ପ୍ରଶସ୍ତ ହୋଇପାରି ନାହିଁ ।

ଏବଂ, ତୁମେ ନିଶ୍ଚୟ ବୁଝି ପାରୁଥିବ, ଯଦି ଏସବୁ ଅନ୍ୟ ପ୍ରକାରର ହୋଇଥା'ନ୍ତା, ତେବେ ଜୀବନ, ଅସ୍ତିତ୍ୱ, ଏପରିକି ଏହି ପୃଥିବୀର ମଧ୍ୟ ଆଉ ଆଦୌ କୌଣସି **ଅର୍ଥ ରହି ନ ଥା'ନ୍ତା ।**

*ହଁ ।*

ଏହା... ଏହାକୁ ଏକ ପ୍ରକାରର ଅନପେକ୍ଷ ବିଶ୍ୱାସ ବୋଲି କୁହାଯିବ । ଏବଂ ସେହି ସତ୍ୟଟିକୁ ମୁଁ ସ୍ପଷ୍ଟ ଭାବରେ **ଦେଖିପାରୁଛି ।** ହଁ, ମୁଁ ଏହି କଥାଟିକୁ ଦେଖିପାରୁଛି ।

ଏହି ବିଷୟଟିକୁ ମୁଁ କିପରି ବର୍ଣ୍ଣନା କରି କହିପାରିବି ?... ଏହି ବିଶ୍ୱାସଟି ସକାଶେ ମୋତେ ବର୍ତ୍ତମାନ ଏକ ମୂଲ୍ୟ ବି ଗଣିବାକୁ ପଡୁଛି ! କର୍ତ୍ତୃତ୍ୱ ହସ୍ତାନ୍ତରଣର ପ୍ରକ୍ରିୟାଟିରେ (ମୁଁ ଯାହାକୁ ''ହସ୍ତାନ୍ତରଣ'' ବୋଲି କହୁଛି) ଏହି ଶରୀରକୁ ଅନେକ କଷ୍ଟକର ମୁହୂର୍ତ୍ତର ସମ୍ମୁଖୀନ ହେବାକୁ ପଡୁଛି, ଏବଂ ତେଣୁ, ଆମର ଏହି ସାଧାରଣ ଦୃଷ୍ଟିରେ ଅବଲୋକନ କରି ଦେଖିଲେ, ତାହାର ପ୍ରକୃତରେ ଆଦୌ କୌଣସି ଅର୍ଥହିଁ ରହନ୍ତା ନାହିଁ, କାରଣ,

ଯାହାକୁ ହୁଏତ ଏକ ''ଦୀକ୍ଷାଗ୍ରହଣ'' ବୋଲି କୁହାଯାଇ ପାରିବ, ସେଥିରେ ଏହି କଷ୍ଟଗୁଡ଼ାକ ସବୁ କ୍ଷେତ୍ରରେ କେବଳ ବୃଦ୍ଧି ପାଉଥିବା ପରିହିଁ ମନେ ହେଉଥାଏ । ମାତ୍ର... ଅସଲ ଦୃଷ୍ଟିରେ ଦେଖିଲେ, ଯେତେବେଳେ ବ୍ୟକ୍ତି ଏହି ଯଥାର୍ଥ ଦୃଷ୍ଟିଟି **ମଧ୍ୟରେ** ଅବସ୍ଥିତ ରହିଥାଏ, ସେତେବେଳେ ମିଥ୍ୟାର ଅବଶେଷଟାହିଁ ଯାବତୀୟ ପୀଡ଼ାର କାରଣ ବୋଲି ପରିଦୃଷ୍ଟ ହୋଇଥାଏ (ଯାହା ତଥାପି ଏକ ମିଶ୍ରିତ ବସ୍ତୁ ହୋଇ ରହିଥାଏ) । ଏବଂ, ଏକ ସ୍ଥୂଳ ସ୍ତରରୁ ବିଚାର କରି ଦେଖିଲେ ତାହା ସେହିପରି ହୋଇ ରହିଥାଏ (ନୈତିକତାର କ୍ଷେତ୍ରରେ ଏଇଟି ଉପରେ ଅନେକ ପୂର୍ବରୁ ବିଜୟ ହାସଲ କରାଯାଇ ସାରିଛି : ବାସନାମାନ ଅନ୍ତର୍ହିତ ହୋଇଯିବା ଫଳରେ ସକଳ ଅଡୁଆ ମଧ୍ୟ ଅନ୍ତର୍ହିତ ହୋଇଯାଇଛି; ସେଗୁଡ଼ିକର ସ୍ଥାନରେ ଏକ ସତତ ଓ ପୂର୍ଣ୍ଣ ଆନ୍ତରିକତାଯୁକ୍ତ ପ୍ରସନ୍ନ ହସ ସମ୍ଭବ ହୋଇ ପାରିଛି । ସେହି ପ୍ରସନ୍ନତା ଆଦୌ ବରାଦ ଦେଇ ତିଆରି ହୋଇ ନାହିଁ ଅଥବା ଆଦୌ କୌଣସି ପ୍ରୟାସ ଦ୍ୱାରା ବି ସମ୍ଭବ ହୋଇ ନାହିଁ, ମାତ୍ର ଅତ୍ୟନ୍ତ ସ୍ୱାଭାବିକ ଏବଂ ସ୍ୱତଃସ୍ଫୂର୍ତ୍ତ ଭାବରେ ସମ୍ଭବ ହୋଇଛି), ଅର୍ଥାତ୍, ଏହି ଶରୀରର ସ୍ତରରେ, ଭୌତିକ ସ୍ତରରେ ତାହା ସେହିପରି ହୋଇ ରହିଥାଏ : ଅସୁସ୍ଥତା ଥାଏ, କଷ୍ଟ ଆଦି କେତେ କ'ଣ ରହିଥାଏ । ତାହାକୁ ସେହି ଗୋଟିଏ କଥା ବୋଲି କୁହାଯାଇ ପାରିବ । ସବୁ ସେଇ ଗୋଟିଏ କଥା; କେବଳ... ତୁମେ ଯଥେଷ୍ଟ ପରିମାଣରେ ପ୍ରସ୍ତୁତ ହୋଇ ପାରି ନାହଁ, ଜଡ଼ ଆପଣାକୁ ଭାରି ମନ୍ଥର ଭାବରେ ବଦଳାଇ ପାରୁଛି, ଏବଂ ତେଣୁ ସେହି କ୍ଷେତ୍ରରେ ଅଧିକ ପ୍ରତିରୋଧ ବି ଉପସ୍ଥିତ ହେଉଛି ।

ଏବଂ, ପ୍ରତ୍ୟେକ ମୁହୂର୍ତ୍ତରେ ଓ ପ୍ରତ୍ୟେକ କ୍ଷେତ୍ରରେ ସେହି ଗୋଟିଏ ମାତ୍ର ସମାଧାନ ହେଉଛି (*ମାଆ ଆତ୍ମୋତ୍ସର୍ଗର ଇଙ୍ଗିତ କଲେ*) : ''ହେ ପ୍ରଭୁ, କେବଳ ଯାହା ଆପଣ ଇଚ୍ଛା କରୁଛନ୍ତି'', ଅର୍ଥାତ୍, ଯାବତୀୟ ସ୍ୱରୁଚି ଏବଂ ବାସନାର ବିଲୋପସାଧନ । ଏପରିକି, କୌଣସି କଷ୍ଟ ନ ପାଇବାର ଯେଉଁ ଇଚ୍ଛାଟି ରହିଛି, ସେଇଟିର ବି ବିଲୋପନ ।

> *ମାତ୍ର, ଏହି କଥାଟି ବୁଝିବାକୁ ଭାରି କଷ୍ଟକର ହେଉଛି ଯେ, ଏହି ଚେତନା... ଭାରି ସହଜରେ ବୁଝି ହେଉଛି ଯେ ବିରାଟ ଓ ଶାଶ୍ୱତର କ୍ଷେତ୍ରରେ ତାହା ସବୁକିଛିର ଶାସନ କରୁଛି, କିନ୍ତୁ ଏହି ଯାବତୀୟ କ୍ଷୁଦ୍ର ଟିକିନିଖିର କ୍ଷେତ୍ରରେ, ତାହା ପ୍ରକୃତରେ ସବୁକିଛିର ଶାସନ ଓ ବିଧାନ କରୁଛି କି, ଏହାର ଅର୍ଥ...*

କ୍ଷୁଦ୍ରାତିକ୍ଷୁଦ୍ର ବିଷୟ କ୍ଷେତ୍ରରେ ।

*କ୍ଷୁଦ୍ରାତିକ୍ଷୁଦ୍ର ବିଷୟ କ୍ଷେତ୍ରରେ...*

ଏବଂ ମୁଁ ଠିକ୍ ସେହି କଥାଟିକୁହିଁ ଅବଲୋକନ କରୁଥିଲି । ଏବଂ, ମୁଁ ତାହାର କାରଣଟିକୁ ମଧ୍ୟ ବୁଝିପାରୁଛି । ଆଜି ସକାଳେହିଁ ସେହି ସମସ୍ୟାଟି ଆସି ଉପସ୍ଥିତ ହୋଇଥିଲା : ବ୍ୟକ୍ତିର ଚେତନା,— ତାହା ବେଶ୍ ଅନେକ ପରିମାଣରେ ବ୍ୟାପ୍ତିଯୁକ୍ତ ହୋଇ ରହିଥିବା ବେଳେ ମଧ୍ୟ, ତଥାପି ଯଥାର୍ଥ ଉପଲବ୍ଧି କରି- ପାରେ ନାହିଁ, ଅର୍ଥାତ୍ ମୂର୍ତ୍ତ ଭାବରେ ମୋଟେ ବୁଝି ପାରେ ନାହିଁ;— ସବୁଟି ବିଷୟରେ ଏକାବେଳେକେ ସଚେତନ ହୋଇପାରିବା ସମ୍ଭବ ବୋଲି ତାହା ଆଦୌ ବୁଝିପାରେ ନାହିଁ । କାରଣ ତାହା ସ୍ୱୟଂ ସେହି ପ୍ରକାରର ହୋଇପାରି ନ ଥାଏ । ଏହି କଥାଟି ବୁଝିବା ଲାଗି ତା'ପକ୍ଷରେ ଭାରି କଷ୍ଟକର ହେଉଥାଏ ଯେ, **ସେହି** ପରମଚେତନା **ସବୁଟି** ବିଷୟରେ ଏକାବେଳେକେ ସଚେତନ ହୋଇ ରହିଛି,— ଏକତ୍ର ସବୁଟି ବିଷୟରେ,— ସମଗ୍ରଟି ବିଷୟରେ ଏବଂ କ୍ଷୁଦ୍ରତମ ଟିକିନିଖିଗୁଡ଼ିକର କ୍ଷେତ୍ରରେ ମଧ୍ୟ ସଚେତନ ହୋଇ ରହିଛି । ତାହା...

*ହଁ, ଏହା କଷ୍ଟକର ସତ... ମାତ୍ର ଏହା ତଥାପି ଅନେକ ଆଶ୍ୱାସନା ଯୋଗାଇଦେଇ ପାରୁଛି ।*

ହଁ, ଏବଂ ଶାନ୍ତ କରିଦେଇ ଯାଉଛି, ଅତ୍ୟନ୍ତ ଶାନ୍ତ କରିଦେଇ ଯାଉଛି... ମୁଁ ସେଦିନ ତୁମକୁ କହୁଥିଲି ଯେ ଏହି ଶରୀର ପ୍ରକୃତରେ ନ ମରି ମଧ୍ୟ ତଥାପି ତା'ର ମରିବାର ଏକଦା ଏକ ଅନୁଭବ ହୋଇସାରିଛି ଏବଂ ସେହି ଅନୁଭବଟି ଫଳରେ ଶରୀର ଏକଥା କହିବାକୁ ସମର୍ଥ ହୋଇଛି : ''ସବୁ ଭଲ, ଏହି ସବୁକିଛି ସମ୍ପୂର୍ଣ୍ଣ ଭାବରେ ଭଲ'', ଆଦୌ କୌଣସି ପ୍ରୟାସ ନ କରି (ଶବ୍ଦ ଦେଇ କିପରି କୁହାଯାଇ ପାରିବ ?) ଗ୍ରହଣ କରିବାକୁ ବି ଏକ ସାମର୍ଥ୍ୟ ଆସିଛି, **ସଂସକ୍ତ ହୋଇ ରହିବାର** ସାମର୍ଥ୍ୟ ଆସିଛି । ଏବଂ ତା'ପରେ, ତାହା ଛାଡ଼ି ଚାଲିଯାଇଛି । ଶରୀର ଚାଲିଗଲା ପରେ ସବୁକିଛି ଚାଲିଯିବ ବୋଲି ଯେଉଁ ପୁରୁଣା ଭ୍ରମଗୁଡ଼ାକ ରହିଥିଲା,— ସେଇଟା କେତେ ପୂର୍ବରୁ ଦୂର ହୋଇ ଯାଇଛି, ଏବଂ ବର୍ତ୍ତମାନ ଶରୀରର ବି ପୂର୍ଣ୍ଣ ହୃଦ୍‌ବୋଧ ହୋଇ ଯାଇଛି ଯେ, ଯଦି ତାହାକୁ ତଥାପି ଏହିପରି ଭାବରେ ବିନଷ୍ଟ ହୋଇଯିବାକୁ ହୁଏ, ତେବେ ତଦ୍ୱାରା ତା'ର ଚେତନାର କ୍ଷେତ୍ରଟି ଆହୁରି ଅଧିକ ବୃହତ୍ ହୋଇ ପାରିବ... ଏସବୁକୁ କିପରି ବୁଝାଇ କରି କହିହେବ, ମୁଁ ଠିକ୍ ଜାଣିପାରୁ ନାହିଁ, କାରଣ ଚେତନା ଭିତରେ ବ୍ୟକ୍ତିଗତର ଯେଉଁ ବୋଧଟି ରହିଥିଲା ଓ ବ୍ୟକ୍ତିଗତ ଲାଗି ଯେଉଁ ପ୍ରୟୋଜନ ରହିଥିଲା, ତାହା ବର୍ତ୍ତମାନ ଅନ୍ତର୍ହିତ ହୋଇ ଯାଇଛି ।

ଏବଂ, ମୁଁ ବର୍ତ୍ତମାନ ଭାରି ଭଲ ଭାବରେ ଦେଖି ପାରୁଛି ଯେ, କେବଳ ଆପଣାର ପ୍ରତିରୋଧଟି ସକାଶେ, ପରମସତ୍ୟ ଲାଗି ଆପଣାର ପ୍ରତିରୋଧଟି ସକାଶେହିଁ ତାକୁ ଆଦୌ କୌଣସି କଷ୍ଟଭୋଗ କରିବାକୁ ପଡୁଛି ବୋଲି ଶରୀର ବେଶ୍ ଜାଣିବାକୁ ସମର୍ଥ ହେଲାଣି । ମାତ୍ର ଯେଉଁଠି ପୂର୍ଣ୍ଣ ସଂସକ୍ତି ରହିଛି, ସେଠାରେ ଯାବତୀୟ କଷ୍ଟଭୋଗ ତତ୍‌କ୍ଷଣାତ୍ ଅନ୍ତର୍ହିତ ହୋଇ ଯାଉଛି ।

(*ମାଆ ନୀରବ ରହିଲେ*)

ମାତ୍ର, ଦେଶ ଏବଂ ରାଷ୍ଟ୍ରଗୁଡ଼ିକର କ୍ଷେତ୍ରରେ ମଧ୍ୟ ଠିକ୍ ସେହି କଥା । ସେଠାରେ ମଧ୍ୟ ସେହିପରି କର୍ତ୍ତୃତ୍ୱର ହସ୍ତାନ୍ତରଣ କରିଦେବାକୁ ହେବ । ଯାବତୀୟ ବ୍ୟକ୍ତିଗତ କର୍ତ୍ତୃତ୍ୱର ପରିବର୍ତ୍ତରେ ଏକ ଦିବ୍ୟ କର୍ତ୍ତୃତ୍ୱର ପ୍ରତିଷ୍ଠା ହେବ, ଏବଂ କର୍ତ୍ତୃତ୍ୱସ୍ଥାନର ସେହି ପରିବର୍ତ୍ତନ ହେଉଥିବାରୁହିଁ ବର୍ତ୍ତମାନ ମନୁଷ୍ୟମାନେ ବାସ କରୁଥିବା ସେହି ଅକଥନୀୟ ଅରାଜକତାର ସୃଷ୍ଟି ହେବାରେ ଲାଗିଛି,— ସେମାନେ ସେଥିଲାଗି ଦେଖାଉଥିବା ପ୍ରତିରୋଧ ସକାଶେହିଁ ଅରାଜକତାର ସୃଷ୍ଟି ହେଉଛି ।

(*ମାଆ ଦୀର୍ଘକାଳ ନୀରବ ରହିଲେ*)

ସତ୍ତାର ଏକ ଭାଗ (ତାହା ଯାହା ହୋଇଥାଉ ପଛକେ) ଯେତେ ଅଧିକ ପରିମାଣରେ ସେହି ପରିବର୍ତ୍ତନର ମୁହୂର୍ତ୍ତଟିର ନିକଟବର୍ତ୍ତୀ ହୋଇ ଆସୁଥିବ, ଅର୍ଥାତ୍, ସେହି ପରିବର୍ତ୍ତନ ଲାଗି ତାହା ଯେତେ ଅଧିକ ପରିମାଣରେ ପ୍ରସ୍ତୁତ ହେଉଥିବ, ତାହାର ସଂବେଦନଶୀଳତା ସେତିକି ପରିମାଣରେ ବୃଦ୍ଧି ପାଉଥିବ । ଏବଂ, ସେହି କାରଣରୁ, ଯେତେବେଳେ ଜଣେ ବ୍ୟକ୍ତି ସମସ୍ୟାଗୁଡ଼ିକର ପର୍ଯ୍ୟାୟଟିକୁ ଅତିକ୍ରମ କରି ଆହୁରି ସେପାଖକୁ ଚାଲିଯାଇ ପାରିବ ଓ ବିଶ୍ୱଗତ ଅବଲୋକନ ଦ୍ୱାରାହିଁ ସବୁକିଛିକୁ ଦେଖି ପାରିବାକୁ ସମର୍ଥ ହେବ, ସେତେବେଳେ ତା'ର ସେହି ବ୍ୟକ୍ତିଗତ ସଂବେଦନାର କ୍ଷେତ୍ରରେ ସମସ୍ୟାଗୁଡ଼ିକ ଏକ ଅତ୍ୟନ୍ତ ତୀକ୍ଷ୍ଣ ତୀବ୍ରତା ନିଶ୍ଚୟ ଅର୍ଜନ କରିବେ । ଏହି କଥାଟିକୁ ମୁଁ ପୂର୍ବରୁ ମଧ୍ୟ ଦେଖିବାକୁ ପାଇଥିଲି, ବର୍ତ୍ତମାନ ଶରୀରର କ୍ଷେତ୍ରରେ ସେଇଟିର ପୁନରାବିର୍ଭାବ ହୋଇଛି । ବର୍ତ୍ତମାନ ଶରୀର... ପ୍ରକୃତରେ ଏକ ଭୟଙ୍କର ଭାବରେ ସଂବେଦନଶୀଳ ହୋଇ ପଡ଼ିଛି । ଏପରି କାହିଁକି ହୁଏ ବୋଲି ଯେଉଁ ବ୍ୟକ୍ତିମାନେ ଜାଣି ନ ଥା'ନ୍ତି, ସେମାନେ ପ୍ରକୃତରେ ଭାରି ଭୀତ ହୋଇ ପଡ଼ନ୍ତି ।... ସେତେବେଳେ ଅସୁସ୍ଥ

ହୋଇ ପଡ଼ିବାର ସମ୍ଭାବନା ଥାଏ – ଆହୁରି କେତେ କ'ଣର... ଏବଂ, ସମସ୍ୟାଗୁଡ଼ିକର କ୍ଷେତ୍ରରେ ମଧ୍ୟ ଠିକ୍ ସେହି କଥା ଘଟେ । କେବଳ, ଯେଉଁମାନେ **ଜାଣନ୍ତି** ଏବଂ ବୁଝିଥା'ନ୍ତି, ଏହି ଅବସରଟି ସେମାନଙ୍କ ଲାଗି ଆପଣାର ଚୂଡ଼ାନ୍ତ ଅଗ୍ରଗତି କରିବାର ସୁଯୋଗ ଆଣିଦିଏ, ଏହିପରି କରିବାର (*ମାଆ ଦୁଇ ହାତକୁ ଊର୍ଦ୍ଧ୍ୱ ଆଡ଼କୁ ଉନ୍ମୋଚିତ କରିଦେଲେ*) ସୁଯୋଗ ଆଣିଦିଏ ।

ଅସଲ କଥା ହେଉଛି, ଅଲଗା ହୋଇ ରହିଛି ବୋଲି ଯେଉଁଟି ମଧ୍ୟରେ ଏକ ଭ୍ରମ ରହିଛି,ସେଇଟିକୁ ବିଲୁପ୍ତ ହୋଇଯିବାକୁ ପଡ଼ିବ । ତାହା ଆପଣା ପାଖରେ ଅବଶ୍ୟ ଏହି କଥାଟିକୁ କହିବ : ''ଏଥିରେ ମୋ'ର ଆଉ କୌଣସି ପ୍ରୟୋଜନ ନାହିଁ, ବର୍ତ୍ତମାନ ମୁଁ ବୋଲି ଆଉ କିଛିହେଲେ ନାହିଁ ।'' ଗ୍ରହଣ କରିବା ଲାଗି ଏହାହିଁ ସର୍ବୋତ୍ତମ ଦୃଷ୍ଟିକୋଣ । ତା'ପରେ... ଏହା ସେହି ବୃହତ୍ ବିଶ୍ୱଗତ ପରମଛନ୍ଦ ମଧ୍ୟକୁହିଁ ଗୃହୀତ ହୋଇଯିବ ।

## ୧୪ ମାର୍ଚ୍ଚ ୧୯୭୦

ଶ୍ରୀଅରବିନ୍ଦଙ୍କର 'ବିଚାର ଓ ସୂକ୍ତିମାଳା'ର କେତୋଟି ସୂକ୍ତି ପ୍ରତି ଦୃଷ୍ଟି ଆକର୍ଷଣ କରି ମାଆ ଏହି କଥୋପକଥନଟିକୁ ଆରମ୍ଭ କରିଥିଲେ । ସେହି ସୂକ୍ତିଗୁଡ଼ିକୁ ମାଆଙ୍କର ଲିଖିତ ମନ୍ତବ୍ୟ ସହିତ ନିମ୍ନରେ ପ୍ରକାଶିତ କରି ଦିଆଯାଇଛି ।

> *୩୮୩ – ଆମର ଏହି ସାଧହୀନ ବର୍ବରତା ସକାଶେହିଁ ଆଧୁନିକ ମନୁଷ୍ୟଜାତି ଲାଗି ଯନ୍ତ୍ରର ପ୍ରୟୋଜନ ରହିଛି । ଯଦି ଆମେ ଆରାମ ଏବଂ ପାଶବନ୍ଧନର ଏକ ବିମୂଢ଼କାରୀ ବହୁଳତା ମଧ୍ୟରେ ଆପଣାକୁ ବନ୍ଦ କରି ରଖିବାକୁ ଏକାନ୍ତ ଇଚ୍ଛା କରୁଥାଉ, ତେବେ ପ୍ରୟୋଜନତଃ ଆମକୁ ଜୀବନକଳା ଓ ତାହାର ମାର୍ଗଗୁଡ଼ିକ ଲାଗି ଆଉ କୌଣସି ଆବଶ୍ୟକତା ଅନୁଭବ କରିବାକୁ ପଡ଼ିବ ନାହିଁ । କାରଣ, ସରଳତା ଏବଂ ସ୍ୱାତନ୍ତ୍ର୍ୟକୁ ବର୍ଜନ କରିବାର ଅର୍ଥ ହେଉଛି ସୌନ୍ଦର୍ଯ୍ୟକୁ ମଧ୍ୟ ବର୍ଜନ କରିବା । ଆମ ପୂର୍ବପୁରୁଷମାନଙ୍କର ବିଳାସ ଐଶ୍ୱର୍ଯ୍ୟମୟ ଥିଲା, ଏପରିକି ଅଳଙ୍କାରମୟ ହୋଇ ବି ରହିଥିଲା, ମାତ୍ର ତାହା କଦାପି ଭାରଗ୍ରସ୍ତ କରି ପକାଉ ନ ଥିଲା ।*
>
> *୩୮୪ – ବର୍ବର ଆରାମମୟତା ଏବଂ ଭାରଗ୍ରସ୍ତ ଆଡ଼ମ୍ବରବହୁଳତା ଦ୍ୱାରା ପୂର୍ଣ୍ଣ ହୋଇ ରହିଥିବା ଇଉରୋପୀୟ ଜୀବନକୁ ମୁଁ କଦାପି ସଭ୍ୟତା ବୋଲି କହିବି ନାହିଁ । ଯେଉଁ ମନୁଷ୍ୟମାନେ ଆପଣାର ଆତ୍ମାର କ୍ଷେତ୍ରରେ ମୁକ୍ତ ହୋଇ ନାହାନ୍ତି ଏବଂ କେବଳ ନିୟୋଜନଗୁଡ଼ିକର କ୍ଷେତ୍ରରେହିଁ କେଡ଼େ ଶାଳୀନ ଭାବରେ ଏକ ଛନ୍ଦରକ୍ଷା କରିବାର ଚେଷ୍ଟା କରୁଛନ୍ତି, ସେମାନେ କଦାପି ସଭ୍ୟ ନୁହନ୍ତି ।*
>
> *୩୮୫ – ଆଧୁନିକ ଯୁଗରେ ଇଉରୋପୀୟ ପ୍ରଭାବର କବଳରେ ପଡ଼ି କଳା କ୍ରମେ ଜୀବନ ଉପରେ ଏକ ଅପବୃଦ୍ଧି ପରି ହୋଇ ରହିଲାଣି ବା ଏକ ଅନାବଶ୍ୟକ ଭୃତ୍ୟରେହିଁ ପରିଣତ ହେଲାଣି; ଯଥାର୍ଥରେ ତାହା ଜୀବନର ସର୍ବପ୍ରଧାନ ପରିଚର୍ଯ୍ୟାକାରୀ ହୋଇ ରହିଥା'ନ୍ତା, ଏକ ଅପରିହାର୍ଯ୍ୟ ପ୍ରବନ୍ଧକ ରୂପେ କାର୍ଯ୍ୟ କରୁଥା'ନ୍ତା ।*

ଅତ୍ୟନ୍ତ ଧୃଷ୍ଟ ଭାବରେ ମନ ଯେତିକି କଥାକୁ ସୁନିଶ୍ଚିତ ସତ୍ୟ ବୋଲି ଜାଣିଛି, କେବଳ

ସେହିଗୁଡ଼ିକର ବଳରେହିଁ ତାହା ଜୀବନ ଉପରେ ଶାସନ ବିସ୍ତାର କରି ରହିଥିବା ପର୍ଯ୍ୟନ୍ତ, ଦିବ୍ୟ ପରମସତ୍ତାଙ୍କର ଶାସନପ୍ରତିଷ୍ଠା କିପରି ସମ୍ଭବ ହେବ ?

୧୨ ମାର୍ଚ୍ଚ ୧୯୭୦

*୩୮୬ – ରୋଗୀର ମନ ତା' ଶରୀରର ରୋଗକୁ ସମର୍ଥନ ଜଣାଇବାରେ ଲାଗିଥାଏ ଏବଂ ସବୁବେଳେ ତାହାରି ବିଷୟରେହିଁ ଚିନ୍ତା କରିବାରେ ଲାଗିଥାଏ । ଏବଂ, ସେହି କାରଣରୁହିଁ, ଅତି ଅନାବଶ୍ୟକ ଭାବରେହିଁ ରୋଗର ଅବଧିକୁ ଅଧିକ ଲମ୍ବା କରି ଦିଆଯାଏ, ଏବଂ, ଆଦୌ ଅପରିହାର୍ଯ୍ୟ ହୋଇ ରହି ନ ଥିଲେ ମଧ୍ୟ, ଅଧିକାଂଶ ସମୟରେ ତାହା ରୋଗୀକୁ ଶେଷରେ ମୃତ୍ୟୁ ପର୍ଯ୍ୟନ୍ତ ବି ଟାଣି ନେଇଯାଏ ।*

ଏହା ପ୍ରକୃତରେ କେଡ଼େ ସମ୍ପୂର୍ଣ୍ଣ ଭାବରେ ସତ !

*୩୮୭ – ଚିକିତ୍ସାବିଜ୍ଞାନ ଏକ ବରଦାନ ଅପେକ୍ଷା ମନୁଷ୍ୟସମାଜ ଲାଗି ଅଧିକ ପରିମାଣରେ ଏକ ଅଭିଶାପ ପରିହିଁ କାର୍ଯ୍ୟ କରିଛି । ଏହା ସହଜରେ ସଂକ୍ରମିତ ହୋଇ ଯାଉଥିବା କେତେକେତେ ରୋଗର ବଳକୁ ଭାଙ୍ଗି ଦେଇଛି ଏବଂ ଏକ ଅତ୍ୟନ୍ତ ଚମତ୍କାର ଶଲ୍ୟଚିକିତ୍ସାର ଉଦ୍‌ଘାଟନ କରାଇ ପାରିଛି ସତ, ମାତ୍ର ମଣିଷର ସ୍ୱାଭାବିକ ସ୍ୱାସ୍ଥ୍ୟକୁ ତାହା ଦୁର୍ବଳ କରି ପକାଇଛି ଏବଂ କେତୋଟି ବିଶେଷ ରୋଗର ସୃଷ୍ଟି କରି ରୋଗଗୁଡ଼ିକର ସଂଖ୍ୟାବୃଦ୍ଧି କରିଛି । ମନ ଓ ଶରୀର ମଧ୍ୟରେ ତାହା ଭୟ ଓ ନିର୍ଭରଶୀଳତାର ଆରୋପଣ କରିଛି; ଆମର ସ୍ୱାସ୍ଥ୍ୟ ସ୍ୱାଭାବିକ ନିର୍ଦ୍ଦୋଷତା ଉପରେ ନିର୍ଭର ନ କରି ଧାତୁଜ ଏବଂ ଉଦ୍‌ଭିଜ୍ଜ ପଦାର୍ଥର ସେହି କ୍ଷୀଣ ଓ ବିରକ୍ତିକର ଆଶ୍ରାବାଡ଼ିଟା ଉପରେ ନିର୍ଭର କରି ରହୁ ବୋଲି ତାହାକୁ ସିଏ ଶିକ୍ଷା ଦେଇଯାଇଛି ।*

*୩୮୮ – ଡାକ୍ତର ରୋଗ ଲାଗି ଔଷଧ ଦିଅନ୍ତି । ବେଳେବେଳେ ତାହା କାଟୁ କରେ, ବେଳେବେଳେ କାଟୁ କରେ ନାହିଁ । କାଟୁ ନ କରିବା ଗୁଡ଼ାକର କୌଣସି ହିସାବ ରଖାଯାଏ ନାହିଁ; କାଟୁ କରିଥିବା ଗୁଡ଼ାକୁ ଜମାକରି ସାଇତି ରଖାଯାଏ ଓ ତାହାକୁହିଁ ପ୍ରଣାଳୀବଦ୍ଧ କରି ଏକ ବିଜ୍ଞାନରୂପେ ଗଣାଯାଏ ।*

ଚମତ୍କାର କଥା, ଭାରି ଚମତ୍କାର କଥା !

*୩୮୯ – ଆଦିମ ମଣିଷମାନେ ଗୁଣି କରି ରୋଗ ଭଲ କରୁଥିବା ଗୁଣିଆ ଉପରେ ବିଶ୍ୱାସ ରଖନ୍ତି ବୋଲି ସେମାନଙ୍କୁ ଆମେ ଉପହାସ କରୁ; ମାତ୍ର, ଯେଉଁ ସଭ୍ୟ ଲୋକମାନଙ୍କର ଡାକ୍ତରଙ୍କ ଉପରେ ବିଶ୍ୱାସ ରହିଛି, ସେମାନଙ୍କୁ କିପରି କମ୍ ଅନ୍ଧବିଶ୍ୱାସୀ ବୋଲି କୁହାଯାଇ ପାରିବ ? ଆଦିମ ମଣିଷ ବେଶ୍ ଦେଖି ପାରୁଥାଏ ଯେ, ଯେତେବେଳେ ଗୋଟିଏ ନିର୍ଦ୍ଦିଷ୍ଟ ମନ୍ତ୍ରକୁ ବାରବାର ଉଚ୍ଚାରଣ କରାଯାଉଛି, ସେତେବେଳେ ସିଏ ଏକ ନିର୍ଦ୍ଦିଷ୍ଟ ରୋଗରୁ ଅନେକ ସମୟରେ ଆରୋଗ୍ୟ ଲାଭ କରିପାରୁଛି । ଏଣୁ ସେ ସେଇଟି ଉପରେ ବିଶ୍ୱାସ ସ୍ଥାପନ କରେ । ସଭ୍ୟ ମଣିଷ ଦେଖି ପାରୁଥାଏ ଯେ ଏକ ନିର୍ଦ୍ଦିଷ୍ଟ ପରାମର୍ଶପତ୍ର ଅନୁସାରେ ଯେତେବେଳେ ସିଏ ଔଷଧ ସେବନ କରୁଛି, ସେତେବେଳେ ସିଏ ଅନେକ ସମୟରେ ଆରୋଗ୍ୟଲାଭ କରୁଛି । ଏଣୁ ସେ ସେଇଟି ଉପରେ ବିଶ୍ୱାସ ସ୍ଥାପନ କରେ । ତେବେ, ପାର୍ଥକ୍ୟ ଆଉ କେଉଁଠାରେ ରହିଲା ?*

ହୁଏତ ଉପସଂହାର କରି କୁହାଯାଇ ପାରିବ ଯେ, ରୋଗୀ ଭିତରେ ରହିଥିବା ବିଶ୍ୱାସହିଁ ଔଷଧଟି ଭିତରେ ତା'ର ଆବଶ୍ୟକ ଆରୋଗ୍ୟକାରୀ ଶକ୍ତିକୁ ଆଣି ଦେଇଥାଏ ।

ଯଦି ମନୁଷ୍ୟମାନଙ୍କର ସେହି ପରମକରୁଣାର ଆରୋଗ୍ୟକାରୀ ଶକ୍ତିଟି ଉପରେ ବିଶ୍ୱାସ ରହିଥା'ନ୍ତା, ତେବେ ସେମାନେ ସମ୍ଭବତଃ ଅନେକ ଅନେକ ଅସୁସ୍ଥତାରୁ ଆପଣାକୁ ମୁକ୍ତ ରଖି ପାରୁଥାନ୍ତେ ।* ୧୩ ମାର୍ଚ୍ଚ ୧୯୭୦

*

ତୁମେ ଶେଷ ଆଡ଼କୁ ରହିଥିବା ସୂକ୍ତିଗୁଡ଼ିକୁ ଦେଖିଛ କି ?

*ହଁ, ସେଗୁଡ଼ିକ ଡାକ୍ତରମାନଙ୍କ ବିଷୟରେ, ରୋଗ ବିଷୟରେ... ମାତ୍ର, ସେଠାରେ ଗୋଟିଏ ସୂକ୍ତିରେ ଶ୍ରୀଅରବିନ୍ଦ ଗୋଟିଏ ସାନ ବାକ୍ୟ ଲେଖିଛନ୍ତି, ଯାହାକୁ ମୁଁ ପ୍ରକୃତରେ ଅଦ୍ଭୁତ ବୋଲି ବିଚାର କରୁଛି । ସିଏ କହିଛନ୍ତି : ''ଆମର ଏହି ସାଧହୀନ ବର୍ବରତା ସକାଶେହିଁ ଆଧୁନିକ ମନୁଷ୍ୟଜାତି ଲାଗି ଯନ୍ତ୍ରର ପ୍ରୟୋଜନ ରହିଛି ।''*

(*ମାଆ ମୁଣ୍ଡ ହଲାଇଲେ ଓ ଦୀର୍ଘ କାଳ ପର୍ଯ୍ୟନ୍ତ ନୀରବ ରହିଲେ*), ଆଜି ମୁଁ ଖବର ପାଇଛି ଯେ, 'କ'ଙ୍କର ଦେହାନ୍ତ ହୋଇ ଯାଇଛି । ତାଙ୍କର ଦେହ ଉପରେ ଏକ କଠିନ

* The Mother, On Thoughts and Aphorisms, Cent. Vol. 10, pp. 323-25

ଅସ୍ତ୍ରୋପଚାର କରା ଯାଇଥିଲା; ତା'ପରେ ସେ ଆରୋଗ୍ୟ ଲାଭ କରି ଆସୁଥିଲେ, ଘରକୁ ଫେରି ଆସିଥିଲେ ଏବଂ ମୋ' ପାଖକୁ ଖଣ୍ଡିଏ ଚିଠି ଲେଖି ଜଣାଇଥିଲେ, ''ମୁଁ କ୍ରମଶଃ ଭଲ ହୋଇ ଆସୁଛି।'' ... ଏବଂ, ତା'ପରେ ସିଏ ସଂସାରରୁ ବିଦାୟ ନେଇ ଚାଲିଗଲେ। ସେହି ସଂବାଦଟି ମୁଁ ଆଜି ପାଇଲି। ଏହିପରି ସବୁକଥା ଘଟିଲା।

'ଗ' ଙ୍କ କ୍ଷେତ୍ରରେ ମଧ୍ୟ ଠିକ୍ ସେଇକଥା ହେଲା। ସିଏ ଆରୋଗ୍ୟ ଲାଭ କରି ଆସୁଥିଲେ ଏବଂ ପୁନର୍ବାର ଅସୁସ୍ଥ ହୋଇ ପଡ଼ିଲେ। ଦୁଇଟିଯାକ ଘଟଣା ଏତେ ଏକା ପରି ଲାଗୁଛି ଯେ,... ଏହାକୁ ଆମେ, ହଁ, ଶ୍ରୀଅରବିନ୍ଦ ଯାହାକୁ ବର୍ବରତା ବୋଲି କହିଛନ୍ତି, ତାହାରି ବିରୋଧରେହିଁ ଏକ ପ୍ରୟାସ ବୋଲି କହିପାରିବା। (*ମାଆ ସମସ୍ତ ପୃଥ୍ୱୀପରିବେଶକୁ ଆପଣା ଭିତରକୁ ଗ୍ରହଣ କରାଇନେବାର ଇଙ୍ଗିତ କଲେ*)। ମୋତେ ଏପରି ବୋଧ ହେଉଛି ଯେ... ମାନସିକ ରଚନାଗୁଡ଼ାକର ବ୍ୟୂହ ଭିତରୁ ବାହାରି ଆସିବା ଲାଗି ଏହି କ୍ଷେତ୍ରରେ ଏକ ଅସ୍ୱୀକୃତି ଅଥବା ଅସମର୍ଥତା ରହିଛି, ସେହି କଥାଟି ମୁଁ ସ୍ପଷ୍ଟ ଭାବରେ ମୋତେ ଜାଣି ପାରୁ ନାହିଁ। ଏବଂ ଏହି ବୃହତ୍ ଚେତନାର... (ଏହାକୁ ଶବ୍ଦଦେଇ କିପରି ବ୍ୟକ୍ତ କରାଯିବ ?) କାର୍ଯ୍ୟଟି ପ୍ରାୟ ନିର୍ଦ୍ଦୟ ହୋଇ ରହିଛି,– ମାନସିକ ସମଗ୍ର ରଚନାଟି ଯେ କିପରି ଅତ୍ୟଧିକ ପରିମାଣରେ ମିଥ୍ୟାପୂର୍ଣ୍ଣ,– ସେହି କଥାଟିକୁ ଦେଖାଇ ଦେବା ଲାଗିହିଁ ତାହା ନିର୍ଦ୍ଦୟ ହୋଇ ରହିଛି। ସେହି କ୍ଷେତ୍ରର ସବୁକିଛି ପ୍ରକୃତରେ ମିଥ୍ୟାପୂର୍ଣ୍ଣ,– ଏପରିକି ତାହାର ଯେଉଁ ପ୍ରତିକ୍ରିୟାଗୁଡ଼ିକ ସତେଅବା ସ୍ୱତଃପ୍ରେରିତ ହୋଇ ଆସୁଥିବା ପରି ବୋଧ ହେଉଛି, ସେଗୁଡ଼ିକ ମଧ୍ୟ ଏକ ଅତ୍ୟନ୍ତ ପରିମାଣରେ ଜଟିଳ ହୋଇ ରହିଥିବା ମାନସିକ ରଚନାର ପରିଣାମରୁହିଁ ଜାତ ହେଉଛି ଓ ତେଣୁ ମିଥ୍ୟାପୂର୍ଣ୍ଣ ହୋଇ ରହିଛି।

ହଁ, ଏହା ନିର୍ଦ୍ଦୟ।

ତୁମେ ସମସ୍ତେ ଏହାରି ମଧ୍ୟରେ ଜନ୍ମ ହୋଇଛ ଏବଂ ମନେହୁଏ, ଏହି ଧାରାରେ ଅନୁଭବ କରିବା, ଏହି ଅନୁସାରେ ପ୍ରତିକ୍ରିୟା ପ୍ରକାଶ କରିବା, ଏହି ଅନୁସାରେ ବ୍ୟବସ୍ଥା କରିବା ତୁମମାନଙ୍କ ପାଇଁ ଅତ୍ୟନ୍ତ ସ୍ୱାଭାବିକ ହୋଇ ଯାଇଛି, ଏହା ଏତେ ପରିମାଣରେ ଯେ... ତଦ୍ୱାରା ତୁମେମାନେ ଅସଲ ସତ୍ୟଟିକୁ ଛାଡ଼ି ବାହାରେ ବାହାରେ ଚାଲିଯିବାକୁ ଲାଗିଛ।

ତୁମ ଶରୀରର ସଂଗଠନଟି ଭିତରେ ମଧ୍ୟ ସେହି କଥାଟି ରହିଛି।

ତେଣୁ ଚେତନାର କ୍ରିୟାଟି ଏକ ଅସାଧାରଣ ଶକ୍ତିସଂପନ୍ନତା ସହିତ ଆପଣାକୁ ଆଣି ଲଦି ଦେଉଥିବା ପରି ମନେ ହେଉଛି ଏବଂ ତାହା ଭାରି ନିର୍ଦ୍ଦୟ ବୋଧ (ଆମକୁ) ହେଉଛି। (*ମାଆ ନିଜର ହାତମୁଠା ଦ୍ୱାରା ଜଡ଼କୁ ଆଘାତ କଲେ*) ତୁମେମାନେ ଯେପରି ପ୍ରକୃତ ଶିକ୍ଷାଟିକୁ ଲାଭ କରିପାରିବ, ସେଇଥିଲାଗି ସେପରି ହେଉଛି।

ଶ୍ରୀଅରବିନ୍ଦ ଯେତେବେଳେ ଜୀବଦ୍ଦଶାରେ ଥିଲେ, ମୁଁ ସେହି ବେଳଟିର କଥା ସ୍ମରଣ କରିଥିଲି ।... ହଁ, ସତ୍ତାର ଅନ୍ତର୍ଗତ ଭାଗଟି ଏପରି ଗୋଟିଏ ଚେତନା ମଧ୍ୟରେ ରହିଥିଲା, ଯାହାକି ସେହି ଉଚ୍ଚତର ଚେତନା ଅନୁସାରେହିଁ ସକଳ ବସ୍ତୁକୁ ଅନୁଭବ କରୁଥିଲା ଓ ଦେଖି ପାରୁଥିଲା । ତାହା ସଂପୂର୍ଣ୍ଣ ଭାବରେ ଅନ୍ୟ ପ୍ରକାରର ହୋଇ ରହିଥିଲା । ତା'ପରେ,– ଶ୍ରୀଅରବିନ୍ଦ ଯେତେବେଳେ ଅସୁସ୍ଥ ହେଲେ, ମୁଁ ଠିକ୍ ସେହି ସମୟର କଥା କହୁଛି,– ସେତେବେଳେ ସେହି ସବୁକିଛି ଘଟଣା ଏକାବେଳେକେ ଆସି ଘଟିଲା,– ସର୍ବପ୍ରଥମ ଆକସ୍ମିକ ଦୁର୍ଘଟଣାଟି ଘଟିଥିଲା (ତାଙ୍କ ନିଜର ଜଙ୍ଘ ଭାଙ୍ଗି ଯାଇଥିଲା)... ତା'ପରେ **ଶରୀର,** ଶରୀର ସବୁ ସମୟରେହିଁ କହୁଥିଲା : ''ଏଗୁଡ଼ାକ କେବଳ ସ୍ୱପ୍ନ, କେବଳ ସ୍ୱପ୍ନ,– ଏହା ଆମ ସକାଶେ ଆଦୌ ନୁହେଁ; ଆମ ଲାଗି ଏହି ଶରୀର, ଏହା ଠିକ୍ ସେହିପରି ହୋଇ ରହିଛି (*ମାଆ ମାଟିତଳକୁ ସୂଚିତ କରିଦେଇ ଇଙ୍ଗିତ କଲେ*)... ଏସବୁ ଅତ୍ୟନ୍ତ ଭୟଙ୍କର ବୋଧ ହୋଇଥିଲା !... ଏବଂ, ବର୍ତ୍ତମାନ ସେହି ସବୁକିଛି ଅପସରି ଯାଇଛି । ଏହି ବହୁ ବର୍ଷର ପ୍ରୟାସ ଫଳରେ ତାହା ସମ୍ପୂର୍ଣ୍ଣ ଭାବରେ ଅପସରି ଯାଇଛି; ଏବଂ କ୍ରମେ ଶରୀର ମଧ୍ୟ ସେହି ଦିବ୍ୟ ଉପସ୍ଥିତିକୁ ଅନୁଭବ କରିବାରେ ସମର୍ଥ ହୋଇଛି । ଏହାର ଏପରି ଏକ ଅନୁଭୂତି ହୋଇଛି ଯେ... ସବୁକିଛିକୁ ଅବଶ୍ୟ ପରିବର୍ତ୍ତିତ ହେବାକୁ ପଡ଼ିବ । ଏବଂ, କେତେଦିନ ପୂର୍ବେ ଏହି ଯେଉଁ ଗଠନଟି ମୋତେ ଛାଡ଼ି ଚାଲି ଯାଇଥିଲା (ଏଇଟି ହେଉଛି ଏକ ପାର୍ଥିବ ଗଠନ, ସମଗ୍ର ମାନବଜାତିକୁ ନେଇ ଗଠିତ; ଅର୍ଥାତ୍, ଯେଉଁମାନଙ୍କ ପାଖରେ ଅସଲ ଦୃଷ୍ଟିଟି ରହିଥିଲା, ସେହି ଅସଲ ଅବବୋଧଟି ରହିଥିଲା, ଏପରିକି ଉଚ୍ଚତର ପରମସତ୍ୟ ସକାଶେ ସେହି ଅଭୀପ୍ସାଟି ବି ରହିଥିଲା, ସେହି ସମସ୍ତଙ୍କୁ ନେଇ ଏହା ଗଠିତ;– ସେମାନେ ଯେତେବେଳେ ବାସ୍ତବ ଘଟଣାଟି ପାଖକୁ ଫେରି ଆସନ୍ତି, ସେମାନଙ୍କୁ ଏହି ଅତି ଭୟଙ୍କର ଭାବରେ ଦୁଃଖ ଦାୟକ ହୋଇ ରହିଥିବା ବସ୍ତୁଟିର ସମ୍ମୁଖରେ, ଯାବତୀୟ ପରିସ୍ଥିତିକୁ ଅବିରାମ ଭାବରେ ଖଣ୍ଡନ କରି ଦେଉଥିବା ବସ୍ତୁଟି ସମ୍ମୁଖରେ ଆସି ଦଣ୍ଡାୟମାନ ହେବାକୁ ପଡ଼ିଥାଏ), ଏହି ଯେଉଁ ଗଠନଟି ମଧ୍ୟରୁ ଶରୀର ସଂପୂର୍ଣ୍ଣ ଭାବରେ ମୁକ୍ତ ହୋଇ ଯାଇଥିଲା, ତାହା ପୁନର୍ବାର ଫେରି ଆସିଛି । ଏହା ଅବଶ୍ୟ ଫେରି ଆସିଛି, ମାତ୍ର... ଏହା ଯେତେବେଳେ ଫେରି ଆସିଲା, ଯେତେବେଳେ ଶରୀର ସେହି କଥାଟିକୁ ଦେଖିଲା, ସେତେବେଳେ ସତେଅବା କୌଣସି ଏକ ମିଥ୍ୟାକୁ ଦେଖୁଥିବା ପରି ସିଏ ସେଇଟି ଉପରେ ଦୃଷ୍ଟିପାତ କରୁଥିଲା । ଏବଂ, ଶରୀରଟା ଯେ କେତେ ଅଧିକ ପରିମାଣରେ ବଦଳି ଯାଇଛି, ମୁଁ ସେତେବେଳେ ସେହି କଥାଟିକୁ ବୁଝି ପାରିଥିଲି; କାରଣ, ସେହି କଥାଟିକୁ ଦେଖୁଥିବା ସମୟରେ ଶରୀରର ଏହି ଅନୁଭବ ହେଉଥିଲା ଯେ,... ଏକ ମଧୁର ସ୍ମିତହାସ୍ୟ ସହିତ ତାହା ସେଇଟି ଉପରେ

ଦୃଷ୍ଟିପାତ କରୁଥିଲା ଏବଂ ଏଭଳି ଅନୁଭବ କରୁଥିଲା ଯେ... ସତେ ଯେପରି ତାହା ହେଉଛି ଏକ ପୁରାତନ ରଚନା ଏବଂ ସେଥିରେ ଆଉ କୌଣସି ସତ୍ୟ ଅବସ୍ଥିତ ହୋଇ ରହି ନାହିଁ, ତାହାର ସେହିପରି ଏକ ଅନୁଭବ ହେଉଥିଲା । ଏବଂ, ଏହାକୁ ପ୍ରକୃତରେ ଏକ ଅସାଧାରଣ ଅନୁଭୂତି ବୋଲି କହିବାକୁ ହେବ : ଅନୁଭବ ହେଉଥିଲା ଯେ ତା'ର ସମୟଟି ବର୍ତ୍ତମାନ ଅତିବାହିତ ହୋଇ ସାରିଲାଣି । ଏବଂ ମୁଁ ଭଲ କରି ଜାଣିଛି ଯେ, ପରମଚେତନାର ଏହି ଚାପଟି ଏପରି ଗୋଟିଏ ଚାପ ପରି କାର୍ଯ୍ୟ କରୁଛି, ଯେପରିକି ବସ୍ତୁଗୁଡ଼ିକ ଆଗରୁ ଯେପରି ହୋଇ ରହିଥିଲେ — ସେମାନେ ଅତ୍ୟନ୍ତ ଦୟନୀୟ, କ୍ଷୁଦ୍ର ଓ ଅସ୍ପଷ୍ଟ ହୋଇ ରହିଥିଲେ ଓ ତେଣୁ... ଆପାତତଃ ଏହି ଅବସ୍ଥାରୁ ନିଷ୍କୃତି ପାଇବା ଲାଗି ସେମାନଙ୍କର ଆଉ କୌଣସି ବାଟ ନ ଥିଲା,... ସେହି ସବୁକିଛି ଅନ୍ତରାଳକୁ ଅପସରି ଯାଇଥିଲା । (*ମାଆ ଆପଣାର ଦୁଇ କାନ୍ଧ ଉପରକୁ ଏକ ଇଙ୍ଗିତ କଲେ*) ସେହି ଅତୀତ ବର୍ତ୍ତମାନ ଅତିକ୍ରାନ୍ତ ହୋଇଯାଇଛି । ତେଣୁ, ମୁଁ ପ୍ରକୃତରେ ଦେଖିପାରିଲି — ମୁଁ ଦେଖି ପାରିଲି, ବୁଝି ପାରିଲି,— ଯେ, ଏହି ପରମ ଚେତନା (ଯାହାର ଆଦୌ କୌଣସି ଦୟା ନାହିଁ, କୌଣସି ବାଛବିଚାର ନାହିଁ, କୌଣସି ବିଷୟ ଆଦୌ କଷ୍ଟକର କି ନୁହେଁ, ସେ ବିଷୟରେ ତାହା ଆଦୌ କୌଣସି ବିଚାର କରେ ନାହିଁ, ଏପରିକି ଆପାତ ଦୃଷ୍ଟିରୁ ଘଟି ଯାଉଥିବା ଧ୍ୱଂସସାଧନଗୁଡ଼ିକ ଲାଗି ମଧ୍ୟ ସମ୍ଭବତଃ ତା'ର ସେତେ ଅଧିକ ନିଘା ଆଦୌ ନ ଥାଏ) ଏପରି ଭାବରେ ଗଠିତ ହୋଇ ରହିଛି ଯେ, ସାଧାରଣ ଅବସ୍ଥାଟି ମଧ୍ୟ ଆଉ ମୋଟେ ଏତେଦୂର ଭାରି, ଅସ୍ପଷ୍ଟ ଏବଂ କୁତ୍ସିତ ହୋଇ ରହି ପାରେ ନାହିଁ,— ଆଦୌ ଏତେଦୂର ନିମ୍ନ ହୋଇ ରହେ ନାହିଁ,— ସତେଅବା ଉଷାର ସମୟ ନିକଟବର୍ତ୍ତୀ ହୋଇ ଆସେ... ଦିଗ୍‌ବଳୟ ଉପରେ କାହାର ଉଦ୍‌ଘାଟନ ହୋଇ ଆସୁଥିବା ପରି ମନେ ହୁଏ : ଏକ ନୂତନ ଚେତନା — ଅଧିକତର ସତ୍ୟ ଓ ଅଧିକତର ଜ୍ୟୋତିର୍ମୟ ହୋଇ ରହିଥିବା କୌଣସି ଏକ ବସ୍ତୁ ଉଦ୍‌ଘାଟିତ ହୋଇ ଆସୁଥିବା ପରି ମନେ ହୁଏ ।

ଏଠାରେ ରୋଗ ବିଷୟରେ ଶ୍ରୀଅରବିନ୍ଦ ପ୍ରକୃତରେ ଠିକ୍ ସେହି କଥାଟିକୁହିଁ କହିଛନ୍ତି : ଅଭ୍ୟାସର ଏହି ବଳବତ୍ତାଟି ଓ ତଦ୍ଦ୍ୱାରା ରଚିତ ହୋଇଥିବା ଯାବତୀୟ ସବୁକିଛି, ଯେଉଁ ଗୁଡ଼ାକର କବଳରୁ ମୋଟେ ରକ୍ଷା ପାଇ ହେବ ନାହିଁ ଓ ଯାହାର ଖଣ୍ଡନ କରାଯାଇ ପାରିବ ନାହିଁ ବୋଲି ମନେ ହେଉଥାଏ,— ସେହି ସବୁକିଛି, ସତେଅବା ଏହି କଥାଟିକୁ ଦର୍ଶାଇ ଦେବାକୁ ସେଗୁଡ଼ାକ ସଂଖ୍ୟାରେ ଏତେବେଶୀ ବୃଦ୍ଧି ପାଇବାରେ ଲାଗିଥିଲା ଯେ,— ଏହା ଯେ ପ୍ରକୃତରେ ଏକ ଦୃଷ୍ଟିଭଙ୍ଗୀର କଥା, ହଁ ଦୃଷ୍ଟିଭଙ୍ଗୀରହିଁ କଥା, ତେଇଁ କରି ସେପାଖକୁ ଚାଲିଯିବାର କଥା, ମନୁଷ୍ୟଜାତି ଆପଣାକୁ ବନ୍ଦୀ କରି ରଖିଥିବା ଏହି ମାନସିକ କାରାଗାର ଭିତରୁ ବାହାରି ଯିବାର କଥା... ଓ ଊର୍ଦ୍ଧ୍ୱଦେଶକୁ ଚାଲିଯାଇ ନିଃଶ୍ୱାସ

ନେବାର କଥା, ଯେପରି ସେହି କଥାଟିକୁ ଶିକ୍ଷା କରାଯାଇ ପାରିବ, ସେଇଥିଲାଗି ସବୁକିଛି ଏପରି ବୃଦ୍ଧି ପାଇବାରେ ଲାଗିଥିଲା ।

ଏବଂ, ଏହି ଶରୀରରହିଁ ଏହିସବୁ ଅଭିଜ୍ଞତା ହୋଇଛି । ଅନ୍ତର୍ଗତ ଅନୁଭୂତିମାନ ହେଉଥିବା ବ୍ୟକ୍ତିମାନେ ଆଗରୁ କହୁଥିଲେ, ''ଊର୍ଦ୍ଧ୍ୱରେ ଏଭଳି ଏକ ସ୍ଥିତି ରହିଛି ସତ, ମାତ୍ର ଏଠାରେ...'' । ଏବଂ ବର୍ତ୍ତମାନ ଏହି ''ମାତ୍ର ଏଠାରେ''ର ମନୋଭାବଟି ଅତିଶୀଘ୍ର ଅପସାରିତ ହୋଇଯିବାକୁ ଯାଉଛି । ବର୍ତ୍ତମାନ ଠିକ୍ ସେହି ବିଜୟଟିକୁହିଁ ହାସଲ କରାଯାଉଛି, ଏହି ବିରାଟ ପରିବର୍ତ୍ତନଟିକୁ ହାସଲ କରା ଯାଉଛି । ଏହି ସ୍ଥୂଳ ଶରୀରସ୍ଥ ଜୀବନଟି ଯେ ଉଚ୍ଚତର ଚେତନାଟି ଦ୍ୱାରା ଶାସିତ ହେବ ଏବଂ ମାନସିକ ଜଗତର କୌଣସି ଶାସନ ତାହାକୁ ଆଉ ମୋଟେ ନିୟନ୍ତ୍ରିତ କରି ରଖିବ ନାହିଁ,– ବର୍ତ୍ତମାନ ସେହି ପରିବର୍ତ୍ତନଟିକୁ ହାସଲ କରା ଯାଉଛି । ଏହି କ୍ଷେତ୍ରରେ କର୍ତ୍ତୃତ୍ୱର ଏକ ପରିବର୍ତ୍ତନ ହେବାକୁ ଯାଉଛି... ଏହା ପ୍ରକୃତରେ ଅତ୍ୟନ୍ତ କଷ୍ଟକର । ଏହା ଅତ୍ୟନ୍ତ କଠିନ, ଅତ୍ୟନ୍ତ ଯନ୍ତ୍ରଣାଦାୟକ । ଏହା ଅତ୍ୟନ୍ତ ସ୍ୱାଭାବିକ ଯେ ଏହି ପ୍ରକ୍ରିୟାରେ କେତେ କ'ଣ ଭାଙ୍ଗି ଚୂର୍ଣ୍ଣବିଚୂର୍ଣ୍ଣ ହୋଇଯାଉଛି । ମାତ୍ର... ଏହାଦ୍ୱାରା ଯଥାର୍ଥରେ ସବୁକିଛି ଦୃଷ୍ଟିଗୋଚର ହୋଇପାରୁଛି... ପ୍ରକୃତରେ ଦେଖି ହେଉଛି । ଏବଂ, ତାହାକୁହିଁ **ଅସଲ ପରିବର୍ତ୍ତନ** ବୋଲି କୁହାଯିବ, ଏହାହିଁ ନୂତନ ପରମ ଚେତନାକୁ ଆପଣାକୁ ଅଭିବ୍ୟକ୍ତ କରିବାରେ ସମର୍ଥ କରିଆଣିବ । ଏବଂ ଶରୀର ଆପଣାର ଏହି ଶିକ୍ଷାଟିକୁ ଶିଖିବାରେ ଲାଗିଛି,... ସବୁ ଶରୀର,– ସବୁ ଶରୀର ଏହି ଶିକ୍ଷାଟିକୁ ଲାଭ କରିବାରେ ଲାଗିଛନ୍ତି ।

(*ମାଆ ନୀରବ ରହିଲେ*)

ଆମର ମନଟାହିଁ ସେହି ପୁରୁଣା ବିଭାଜନଟାକୁ ଭିଆଇ ରଖିଛି : ସେହି ଊର୍ଦ୍ଧ୍ୱରେ ସବୁକିଛି ବେଶ୍ ଠିକ୍ ଅଛି, ସେଠାରେ ତୁମେ ହୁଏତ ଯାବତୀୟ ଅନୁଭୂତି ଲାଭ କରିବାକୁ ସମର୍ଥ ହେବ ଏବଂ ସେଠାରେ ସବୁକିଛି ଆଲୋକମୟ ହୋଇ ରହିଛି, ସବୁକିଛି ଅଦ୍ଭୁତ ଓ ବିସ୍ମୟକାରୀ ଭାବରେ ରହିଛି; ମାତ୍ର ଏଠାରେ, ଏଠାରେ ଆଦୌ କିଛିହେଲେ କରିହେବ ନାହିଁ । ଏବଂ, ଏପରି ଏକ ଅନୁଭବ ବି ଏଥି ସଙ୍ଗେ ସଙ୍ଗେ ରହିଛି ଯେ, ମଣିଷ ଯେତେବେଳେ ଜନ୍ମଗ୍ରହଣ କରୁଛି, ସେତେବେଳେ ତାହା ଏପରି ଏକ ପୃଥିବୀରେ ଜନ୍ମଗ୍ରହଣ କରୁଛି, ଯେଉଁଠାରେ କି ଆଦୌ କିଛି କରିହେବ ନାହିଁ । ଏବଂ, ପୃଥିବୀରେ ସବୁକିଛି ଅନ୍ୟ ପ୍ରକାରେ ସମ୍ଭବ ହୋଇପାରିବ ବୋଲି ଯେଉଁମାନେ ଆପଣାର ଦୃଷ୍ଟିରେ ମୋଟେ ଅନୁଭବ କରିପାରୁ ନ ଥିଲେ, ସେମାନେ ''ବରଂ ଏହି ସଂସାରରୁ ବାହାରି

ଚାଲିଯିବା ଉଚିତ, ତେବେଯାଇ...'' ବୋଲି କାହିଁକି କହିବାରେ ଲାଗିଥିଲେ, ସେତେବେଳେ ସେହି କଥାଟିକୁ ମଧ୍ୟ ବୁଝି ହୋଇଯିବ । ସେହି ସବୁକିଛି ବର୍ତ୍ତମାନ ଅତ୍ୟନ୍ତ ସ୍ପଷ୍ଟ ହୋଇଯାଉଛି । ମାତ୍ର, ସେହି ପରିବର୍ତ୍ତନଟି, ବର୍ତ୍ତମାନ ଯେପରି ଅଛି, ତାହା ଯେ **ଆଉ ଆଦୌ** ଅନିବାର୍ଯ୍ୟ ନୁହେଁ, ସେଇଟିହିଁ ବୃହତ୍ ଅସଲ ବିଜୟ; ଏହା **ଆଉ ଆଦୌ** ଅନିବାର୍ଯ୍ୟ ନୁହେଁ । ସ୍ପଷ୍ଟଭାବରେ ଅନୁଭବ ହୋଇପାରୁଛି,– ଦେଖି ହେଉଛି – ଏବଂ ଶରୀରର ମଧ୍ୟ ସେହି ଅନୁଭବଟି ହୋଇ ସାରିଲାଣି ଯେ, ଅଚିରେ ଏଠାରେ ମଧ୍ୟ ତାହା ଅଧିକ ସତ୍ୟଭାବରେ ସମ୍ଭବ ହୋଇପାରିବ ।

ଏହି ପୃଥିବୀରେ ଅବଶ୍ୟ କୌଣସି ଏକ ବସ୍ତୁ ପ୍ରକୃତରେ ବଦଳି ଯାଇଛି ।

(*ମାଆ ନୀରବ ରହିଲେ*)

ସ୍ୱାଭାବିକ ଭାବେ, ବାସ୍ତବ ରୂପରେ ଏହା ପ୍ରତିଷ୍ଠିତ ହେବା ଲାଗି କିଛି ସମୟ ଅବଶ୍ୟ ଲାଗିବ । ସେଥିଲାଗି ଏକ ସମରରେହିଁ ଅବତୀର୍ଣ୍ଣ ହେବାକୁ ପଡୁଛି । ସବୁଦିଗରୁ ଓ ସବୁସ୍ତରରୁ ଏଭଳି ନାନା ବସ୍ତୁର ଆକ୍ରମଣ ହେବାରେ ଲାଗିଛି, ଯେଉଁମାନେ ବାହାରୁ ଏହି କଥାଟିକୁ କହିବାକୁ ଆସୁଛନ୍ତି ''ଆଦୌ କିଛିହେଲେ ପରିବର୍ତ୍ତିତ ହୋଇ ନାହାନ୍ତି''– ସେକଥା ମୋଟେ ସତ ନୁହେଁ । ତାହା ଆଦୌ ସତ ନୁହେଁ, ଶରୀର ଭଲରୂପେ ଜାଣିଛି ଯେ ତାହା ମୋଟେ ସତ ନୁହେଁ । ଏବଂ, ସେହି ପରିବର୍ତ୍ତନ ପ୍ରକୃତରେ କେଉଁ ଦିଗରେ ହେଉଛି, ସେକଥାଟିକୁ ମଧ୍ୟ ଶରୀର ଜାଣି ସାରିଛି ।

ଏବଂ, ଆପଣାର ଏହି ସୂକ୍ତିମାଳାରେ ଶ୍ରୀଅରବିନ୍ଦ ଯାହା ଲେଖିଛନ୍ତି ଏବଂ ମୁଁ ବର୍ତ୍ତମାନ ଯେଉଁଗୁଡ଼ିକର ଚର୍ଚ୍ଚା କରୁଛି, ଏଗୁଡ଼ିକରେ ପ୍ରକୃତରେ ଅମିତ ପରିମାଣରେ ଏକ ସତ୍ୟଦୃଷ୍ଟି ନିହିତ ହୋଇ ରହିଛି । ସତ୍ୟମୟ ପରମବସ୍ତୁ ଗୁଡ଼ିକର ଦୃଷ୍ଟି ଏତେ ଅଧିକ ପରିମାଣରେ ପୂର୍ଣ୍ଣ ହୋଇ ରହିଛି । ଏତେବେଶୀ ସତ୍ୟଦୃଷ୍ଟି ନିହିତ ହୋଇ ରହିଛି ।

(*ମାଆ ନୀରବ ରହିଲେ*)

ଏବଂ ବର୍ତ୍ତମାନ ମୁଁ ସ୍ପଷ୍ଟ ଭାବରେ ଦେଖି ପାରୁଛି, ମୁଁ ଦେଖି ପାରୁଛି, ତାଙ୍କର ତିରୋଧାନ ଏବଂ ସୂକ୍ଷ୍ମ-ଭୌତିକ ସ୍ତରରେ ତାଙ୍କର ସତତ କ୍ରିୟାଶୀଳତା ପ୍ରକୃତରେ କେତେ ଅଧିକ ପରିମାଣରେ ସହାୟକ ହୋଇ କାର୍ଯ୍ୟ କରିଛି ! (*ମାଆ ଜଡ଼କୁ ଫେଣ୍ଟୁଥିବା ପରି ଏକ ଇଙ୍ଗିତ କଲେ*) ବସ୍ତୁଗୁଡ଼ିକୁ ପ୍ରସ୍ତୁତ କରି ଆଣିବାରେ, ଏହି ଭୌତିକ ଗଠନଟିକୁ ବଦଳାଇବାରେ ତାହା ପ୍ରକୃତରେ ଅତ୍ୟନ୍ତ ସହାୟକ ହୋଇଛି ।

ଅନ୍ୟମାନେ ଯେଉଁ ଅନୁଭୂତିମାନ ଲାଭ କରିଥିଲେ, ଉଚ୍ଚତର ଜଗତଗୁଡ଼ିକ ସହିତ ସଂପର୍କଲାଭ କରିବାକୁ ଯେଉଁ ଅନୁଭୂତିଗୁଡ଼ିକୁ ଲାଭ କରାଯାଇଥିଲା, ସେମାନେ ଏହି ତଳ ସ୍ତରରେ ପୃଥିବୀ ଯେପରି ରହିଥିଲା, ତାହାକୁ ଠିକ୍ ସେହିପରି ଭାବରେ ଛାଡ଼ି ଦେଇଗଲେ ।...ଏହି କଥାଟିକୁ କିପରି ଶବ୍ଦରେ ପ୍ରକାଶ କରିହେବ ? ମୋ' ଜୀବନର ଆରମ୍ଭକାଳରୁ ଶ୍ରୀଅରବିନ୍ଦଙ୍କର ତିରୋଧାନ ପର୍ଯ୍ୟନ୍ତ ମୁଁ ଏହି ଚେତନାଟି ମଧ୍ୟରେ ଅବସ୍ଥାନ କରୁଥିଲି ଯେ, ଊର୍ଦ୍ଧ୍ୱକୁ ଯିବା ନିଶ୍ଚୟ ସମ୍ଭବ, ଜାଣିବା ମଧ୍ୟ ସମ୍ଭବ, ଯାବତୀୟ ଅନୁଭୂତିକୁ ମଧ୍ୟ ଲାଭ କରିବା ସମ୍ଭବ (ବସ୍ତୁତଃ ସେଗୁଡ଼ିକ ପ୍ରକୃତରେ ବି ଉପଲବ୍ଧ ହୋଇଥିଲା), ମାତ୍ର ଯେତେବେଳେ ପୁନର୍ବାର ଏହି ଶରୀର ଭିତରକୁ ଫେରି ଆସିବାକୁ ହେଉଥିଲା... ଏଠାରେ ସେହି ପୁରାତନ ମନୋଗତ ନିୟମଗୁଡ଼ାକହିଁ ଶାସନ କରୁଥିଲେ, ଦୁ-ର୍ବା-ର ହୋଇ ଶାସନ କରୁଥିଲେ, ଯାବତୀୟ ବସ୍ତୁ ଉପରେ ଶାସନ ବିସ୍ତାର କରି ରହିଥିଲେ । ଏବଂ ତା'ପରେ, ଏହି ବର୍ଷଗୁଡ଼ିକରେ କେବଳ ପ୍ରସ୍ତୁତିରହିଁ ଏକ ପର୍ବ ଲାଗି ରହିଥିଲା, ବିମୋଚନର ଏବଂ ପ୍ରସ୍ତୁତିର ଏକ ପର୍ବ ଚାଲିଥିଲା,– ଏବଂ ବର୍ତ୍ତମାନ ଯାଇ ସେହି କଥାଟି ସମ୍ଭବ ହେଲା... ଶରୀର ପକ୍ଷରେ ଏହି ବାସ୍ତବ ଓ **ଭୌତିକ** ବୋଧଟି ହୋଇପାରିଲା ଯେ, ଏହା ପ୍ରକୃତରେ ବଦଳି ଯାଇ ପାରିଛି ।

ଯେପରି ସାଧାରଣତଃ କୁହା ଯାଇଥାଏ, ଏହି କଥାଟିକୁ ''କ୍ରିୟାନ୍ୱିତ'' କରିବାକୁ ହେବ, ଟିକିନିଖି ଯାବତୀୟ ସବୁ କ୍ଷେତ୍ରରେ ତାହାକୁ ଉପଲବ୍ଧି କରିବାକୁ ପଡ଼ିବ । ମାତ୍ର ଏକଥାରେ କୌଣସି ସନ୍ଦେହ ନାହିଁ ଯେ ସେହି ପରିବର୍ତ୍ତନଟି ଅବଶ୍ୟ **ଘଟିଛି**, ଅବଶ୍ୟ ପରିବର୍ତ୍ତନଟି ଘଟିଛି ।

ଅର୍ଥାତ୍, ମନ ଯେଉଁସବୁ ଜଡ଼ଗତ ସ୍ଥିତିକୁ ପ୍ରତିପାଦିତ ଏବଂ **ନିର୍ଦ୍ଧାରିତ** କରି ରଖିଥିଲା (*ମାଆ ଆପଣାର ଦୁଇ ହାତମୁଠାକୁ ବନ୍ଦ କରି ଦେଖାଇଲେ*), ଯାହା ଏତେବେଶୀ ପରିମାଣରେ ଅନିବାର୍ଯ୍ୟ ପରି ପ୍ରତୀତ ହେଉଥିଲା ଯେ, ଯେଉଁମାନଙ୍କର ଉଚ୍ଚତର ଜଗତଗୁଡ଼ିକର ସମ୍ବନ୍ଧରେ ଏକ ପ୍ରତ୍ୟକ୍ଷ ଅନୁଭୂତି ହେଉଥିଲା, ସେମାନେ ଏହି ସଂସାର ଭିତରୁ ପଳାଇ ବାହାରିଯିବାକୁହିଁ ଅବଶ୍ୟମ୍ଭାବୀ ବୋଲି ବିଚାରୁଥିଲେ, ସତ୍ୟରେ ବାସ କରିବାକୁ ଇଚ୍ଛା କରୁଥିଲେ ଓ ଏହି ଜଡ଼ସ୍ଥ ପୃଥିବୀକୁ ବର୍ଜନ କରିବାକୁ ହେବ ବୋଲି ଭାବୁଥିଲେ (ଏହାହିଁ ତ ଏହି ଯାବତୀୟ ସିଦ୍ଧାନ୍ତ ଏବଂ ଧର୍ମର ଭିତ୍ତିଭୂମି ହୋଇ ରହିଛି); ମାତ୍ର ବର୍ତ୍ତମାନ ତାହା ଆଉ ଆଦୌ ସେପରି ହୋଇ ରହି ନାହିଁ । ବର୍ତ୍ତମାନ ଭୌତିକ ମଧ୍ୟ ସେହି ଉଚ୍ଚତର ପରମ ଆଲୋକ, ପରମ ସତ୍ୟ ଏବଂ ପରମ ଚେତନାକୁ ଗ୍ରହଣ କରି ପାରିବାକୁ ସମର୍ଥ ହୋଇଛି ଏବଂ ତାହାକୁ **ଅଭିବ୍ୟକ୍ତ କରି ପାରିବା ଲାଗି** ମଧ୍ୟ ସମର୍ଥ ହୋଇଛି ।

ଏହି କାର୍ଯ୍ୟଟି ଆଦୌ ସହଜ ନୁହେଁ; ଏଥିଲାଗି ସହନଶକ୍ତି ଆବଶ୍ୟକ, ଯଥାର୍ଥ ଇଚ୍ଛା ରହିଥିବା ଆବଶ୍ୟକ । ମାତ୍ର, ଏଭଳି ଏକ ଦିନ ଅବଶ୍ୟ ଆସିବ, ଯେତେବେଳେ କି ଏହା ଅତ୍ୟନ୍ତ ସ୍ୱାଭାବିକ ହୋଇଯିବ । ବର୍ତ୍ତମାନ ତ କେବଳ କବାଟଟିହିଁ ଫିଟିବା ଆରମ୍ଭ ହୋଇଛି,– ବାସ୍, ସେତିକି ହେଉଛି । ଆମକୁ ଆହୁରି ଆଗକୁ ଯିବାକୁ ହେବ ।

(*ମାଆ ନୀରବ ରହିଲେ*)

ଏହା ସ୍ୱାଭାବିକ ଯେ, ଯାହା ଆଗରୁ ପ୍ରତିଷ୍ଠିତ ହୋଇ ରହିଥିଲା, ତାହା ଲାଖି ରହିବାକୁ ଇଚ୍ଛା କରୁଛି ଓ ସେଥିଲାଗି ଯତ୍ପରୋ ନାସ୍ତି ସଂଗ୍ରାମ କରିବାରେ ଲାଗିଛି । ଏବଂ ସେଇଥିଲାଗି ଏହି ଯାବତୀୟ ସମସ୍ୟାର ସୃଷ୍ଟି ହେଉଛି (*ମାଆ ପୃଥ୍ୱୀ-ପରିବେଶକୁ ସୂଚିତ କରିଦେଇ ଇଙ୍ଗିତ କଲେ*) – ମାତ୍ର ସେହି ସଂଗ୍ରାମରେ ତା'ର ପରାଜୟ ବି ହୋଇ ସାରିଲାଣି । ତା'ର ପ୍ରକୃତରେ ପରାଜୟ ହୋଇ ସାରିଲାଣି ।

(*ମାଆ ନୀରବ ରହିଲେ*)

ଏହି ପରମଚେତନା*କୁ ବିଜୟଲାଭ କରିବା ସକାଶେ ବର୍ଷକରୁ କିଞ୍ଚିତ୍ ଅଧିକ ସମୟ ଲାଗିଲା । ମାତ୍ର ସ୍ୱାଭାବିକ ଭାବେ, ଏହା ତଥାପି କେବଳ ଅର୍ନ୍ତଦୃଷ୍ଟିସମ୍ପନ୍ନ ବ୍ୟକ୍ତିମାନଙ୍କୁ ଛାଡ଼ିଦେଲେ ଆଉ କାହାରିକୁ ବି ଦୃଶ୍ୟ ହେଉ ନାହିଁ, ମାତ୍ର... ମାତ୍ର ବିଜୟଟି ଅବଶ୍ୟ ହାସଲ ହୋଇ ସାରିଛି ।

(*ମାଆ ଦୀର୍ଘ କାଳ ନୀରବ ରହିଲେ*)

ଶ୍ରୀଅରବିନ୍ଦଙ୍କର କାର୍ଯ୍ୟ ମୋତେ ଏହି କଥାଟିକୁହିଁ ପ୍ରଦାନ କରି ଯାଇଥିଲା । ମୁଁ ବର୍ତ୍ତମାନ ତାହା ବୁଝିପାରୁଛି ।

ମାତ୍ର, ସତେଅବା ସକଳ ଦିଗରୁ – ସକଳ ଦିଗରୁ, ଏହି ଶକ୍ତିଚୟ, ମନର ଏହି ଶକ୍ତିଚୟ ପ୍ରତିବାଦ ଜଣାଇ – ତୀବ୍ର ପ୍ରତିବାଦ ଜଣାଇ ଗର୍ଜନ କରି ଉଠିଲେ; ସେମାନେ ଆପଣାର ବିଧାନଗୁଡ଼ିକୁହିଁ ଲଦି ଦେବାକୁ ଇଚ୍ଛା କରୁଥିଲେ : ''ସବୁବେଳେ ଏହିପରି

* ଅତିମାନବ ଚେତନା, ଯାହା ୧୯୬୯ ମସିହା ଜାନୁଆରି ପହିଲାଦିନ ଅଭିବ୍ୟକ୍ତି ଲାଭ କରିଥିଲା (ଏହି ଖଣ୍ଡରେ ଥିବା ୧୯୬୯ ଜାନୁଆରିର କଥୋପକଥନଗୁଡ଼ିକ ଦ୍ରଷ୍ଟବ୍ୟ) ।

ହୋଇଆସିଛି'' ବୋଲି କହିବାକୁ ଚେଷ୍ଟା କରୁଥିଲେ ।... ମାତ୍ର ବର୍ତ୍ତମାନ ତାହାର ଅବସାନ ଘଟିଛି । ତାହା କଦାପି ସବୁବେଳେ ସେପରି ହୋଇ ରହିବ ନାହିଁ ।

(*ମାଆ ନୀରବ ରହିଲେ*)

ବିଗତ ଏହି କେତେଦିନ ଧରି ମୋ'ର ଏହି ଶରୀର ଭିତରେ ମଧ୍ୟ ଏହି ଯୁଦ୍ଧର କେତେକ ଅଂଶ ଲାଗି ରହିଛି,... ଏହା ପ୍ରକୃତରେ ଅତ୍ୟନ୍ତ ଆଗ୍ରହୋଦ୍ଦୀପକ... ସର୍ବଦାହିଁ ବହିର୍ଜଗତ ମଧ୍ୟରୁ ଏପରି ଏକ ପ୍ରଚେଷ୍ଟା ହେବାରେ ଲାଗିଥିଲା, ଯେପରିକି ଶରୀର ସେହି ଅନୁଭବଟି ପାଖରେ ନତିସ୍ୱୀକାର କରିବ ଓ, ''ନା – ଯାହା ସବୁଦିନେ ହୋଇଛି, ସବୁଦିନ ଲାଗି ତାହାହିଁ ହେବ; ତୁ ଯେତେ ଇଚ୍ଛା ଚେଷ୍ଟା କରିବୁ କର, ମାତ୍ର ଏହା କେବଳ ଏକ ଭ୍ରମ !'' ଏହି କଥାଟିକୁ ମାନି ନେବାକୁ ବାଧ୍ୟ ହେବ । ଏବଂ ତେଣୁ, ଏହାର ପରିଣାମ ସ୍ୱରୂପ କିଛି ଅବଶ୍ୟ ଘଟିଲା, ଶରୀରରେ ବେଶ୍ କିଞ୍ଚିତ୍ ପରିମାଣରେ ଏକ ବିଘଟନ ଆସି ଉପସ୍ଥିତ ହେଲା, ଏବଂ ତା'ପରେ ଶରୀର ଏହିପରି ଏକ ଦୃଷ୍ଟିଭଙ୍ଗୀ ସହିତ ତାହାର ଜବାବ ଦେଲା : ଏହିପରି ଏକ ଶାନ୍ତି (*ମାଆ ଅବିଚଳ ହୋଇ ରହିବାର ଇଙ୍ଗିତ କଲେ*), ଏବଂ ତାହାର ଏହି ଦୃଷ୍ଟିକୋଣଟି (*ମାଆ ହାତଗୁଡ଼ିକୁ ଖୋଲିଦେବାର ଇଙ୍ଗିତ କଲେ*) : ''ହେ ପରମପ୍ରଭୁ, ଯାହା ଆପଣ ଇଚ୍ଛା କରିବେ, କେବଳ ଯାହା ଆପଣ ଇଚ୍ଛା କରିବେ ।''... ଏବଂ ତା'ପରେ ସବୁକିଛି ସତେଅବା ନିମିଷକର ଝଲକ ମାରିଦେଇ ଅନ୍ତର୍ହିତ ହୋଇଯାଏ ! ଏବଂ, ଏପରି ଏକାଧିକ ବାର ଘଟିଛି, ଦିନେ ଦିନେ ଅନ୍ତତଃ ଦଶବାରଥର ଘଟିଛି । ତା'ପରେ – ତା'ପରେ ଶରୀର ଅନୁଭବ କରିବାକୁ ଆରମ୍ଭ କରେ : ''ହଁ, ଏଥର ଜାଣିଲି !'' ସେତେବେଳେ ତାହା ସେହି ପରମ ଆଶ୍ଚର୍ଯ୍ୟସମ୍ପଦଟିକୁ ବଞ୍ଚିଥିବାର ଅଧିକାର ଲାଭ କରେ । ଯାହା ଥିଲା, ତାହା ଆଉ ମୋଟେ ସେପରି ହୋଇ ରହେ ନାହିଁ, **ଆଉ ମୋଟେ** ସେପରି ରହେ ନାହିଁ,– ଯାହା ଥିଲା, ଆଦୌ ସେପରି ହୋଇ ରହେ ନାହିଁ ।

ତଥାପି ସଂଗ୍ରାମକୁ ଅବ୍ୟାହତ ରଖିବାକୁ ହେବ,– ଧୈର୍ଯ୍ୟ, ସାହସ, ଇଚ୍ଛା ଓ ବିଶ୍ୱାସର ଅବଲମ୍ବନ କରି ରହିବାକୁ ପଡ଼ିବ । – ମାତ୍ର, ଏଥିରେ କୌଣସି ସନ୍ଦେହ ନାହିଁ ଯେ ତାହା ଆଉ ମୋଟେ ''ସେପରି ହୋଇ'' ରହି ନାହିଁ; ସେହି ପୁରୁଣା ବସ୍ତୁଟାହିଁ ଅପସରି ନ ଯାଇ ଲାଖି ରହିବାକୁ ଇଚ୍ଛା କରୁଛି – ବଡ଼ ଦୃଶ୍ୟ ଭାବରେ ସେହି ଇଚ୍ଛାଟି କରିବାରେ ଲାଗିଛି । ମାତ୍ର... ଆଉ ସେପରି ମୋଟେ ହୋଇ ରହି ନାହିଁ, ଆଉ ମୋଟେ ସେପରି ହୋଇ ରହି ନାହିଁ ।

ଏଥର ବୁଝିଲ !

(*ମାଆ ନୀରବ ରହିଲେ*)

ଏବଂ, ଏହି କ୍ଷେତ୍ରରେ ଏହି ପ୍ରଶ୍ନଟି ମଧ୍ୟ ରହିଛି : ଏହି ଶରୀର ପ୍ରକୃତରେ କେତେ ଦୂର ପର୍ଯ୍ୟନ୍ତ ଯାଇ ପାରିବ ? ଏଇଟି ମଧ୍ୟ, ଏହା... **ସମ୍ପୂର୍ଣ୍ଣ ଭାବରେ** ଶାନ୍ତ ଏବଂ ସୁଖାନୁଭବମୟ ହୋଇ ରହିଛି : ''କେବଳ ଆପଣ ଯାହା ଇଚ୍ଛା କରିବେ'' ମଧ୍ୟରେ ଅବସ୍ଥିତ ରହିଛି ।

(*ମାଆ ଦୀର୍ଘ କାଳ ନୀରବ ରହିଲେ*)

ଏହା ବ୍ୟତୀତ ଆଉ ଯାହାକିଛି ରହିଲା, ସେଗୁଡ଼ାକ ଭାରି ପୁରୁଣା, ଭାରି ପୁରୁଣା ମନେ ହେଉଛି, ସତେଅବା ଏକ ମୃତ ଅତୀତର ସମ୍ପତ୍ତି ହୋଇ ରହିଥିବା କୌଣସି ବସ୍ତୁପରି ବୋଧ ହେଉଛି,— ଯେଉଁ ଅତୀତ ପୁନର୍ବାର ଆପଣାର କ୍ଷମତାକୁ ସଂଜୀବିତ କରାଇ ଆଣିବାକୁ ଇଚ୍ଛା କରୁଛି, ମାତ୍ର ତାହା କରିବାରେ ଆଉ ମୋଟେ ସମର୍ଥ ହେଉ ନାହିଁ ।

ଏବଂ ଯାବତୀୟ ପରିସ୍ଥିତି ଯଥାସମ୍ଭବ ଅଧିକ ପରିମାଣରେ ଭୟଙ୍କର ହୋଇ ରହିଛି — ଯାବତୀୟ ଉଦ୍‌ବେଗ, ଜଟିଳତା ଏବଂ ବାଧାମାନ,— ସବୁକିଛି ଅତ୍ୟନ୍ତ ତୀବ୍ର ଭାବରେ ଉତ୍ଥିତ ହୋଇ ଆସିଥିବା ପରି ମନେ ହେଉଛି, ସେମାନେ ସତେଅବା ବନ୍ୟ ଜନ୍ତୁଙ୍କ ପରି ପ୍ରବଳ ହୋଇ ମାତି ଉଠିଛନ୍ତି,— ମାତ୍ର... ଏହି ସବୁକିଛିର ଦିନ ଅତିବାହିତ ହୋଇଯାଇଛି । ଏଗୁଡ଼ିକର ଦିନ ଅତିବାହିତ ହୋଇଯାଇଛି ବୋଲି ଶରୀର ନିଶ୍ଚିତ ଭାବରେ **ଜାଣି ସାରିଲାଣି** । ତାହା ସମ୍ପୂର୍ଣ୍ଣ ଭାବରେ ଅନ୍ତର୍ହିତ ହୋଇ ଯିବାକୁ ହୁଏତ ଆହୁରି କେତେ ଶତାବ୍ଦୀ ଲାଗିବ, ବର୍ତ୍ତମାନ ତାହାର ସମୟ ଅତିବାହିତ ହୋଇଯାଇଛି ।

ସମ୍ପୂର୍ଣ୍ଣ ଭାବରେ ମୂର୍ତ୍ତ ଓ ନିର୍ବିଶେଷ ହୋଇ ରହିଥିବା ଏହି ଉପଲବ୍ଧିଟି,— କେବଳ ପରମ ଜଡ଼ ମଧ୍ୟରୁ ବାହାରିଆସି ପାରିଲେ ଯାହାର ଅଧିକାରୀ ହେବା ସମ୍ଭବ, ସେହି ଉପଲବ୍ଧିଟି (*ମାଆ ଗୋଟିଏ ଆଙ୍ଗୁଠିକୁ ତଳ ଆଡ଼କୁ ନେଇ ଆସୁଥିବାର ଇଙ୍ଗିତ କଲେ*) : ଏହା ଅତ୍ୟନ୍ତ ନିଶ୍ଚିତ ହୋଇ ରହିଛି, ସୁନିଶ୍ଚିତ ଓ ସନ୍ଦେହହୀନ ହୋଇ ରହିଛି ଯେ ଏହି **ଇହସ୍ତରରେ ମଧ୍ୟ** ଏହି ଉପଲବ୍ଧିଟି ଅବଶ୍ୟ ସମ୍ଭବ ହୋଇ ପାରିବ ।

(*ମାଆ ଦୀର୍ଘକାଳ ନୀରବ ରହିଲେ*)

ସେହି ପରମ ଚେତନାର ଆଗମନ ପରେ ଏଇଟି ହେଉଛି ଚତୁର୍ଦ୍ଦଶ ମାସ — ଚତୁର୍ଦ୍ଦଶ ମାସ, ସାତର ଦୁଇଗୁଣ ।

(*ମାଆ ନୀରବ ରହିଲେ*)

ଚତୁର୍ଦ୍ଦଶ ମାସ ନା ?

*ହଁ, ଚତୁର୍ଦ୍ଦଶ ।*

ତେବେ ଏହା ଅତ୍ୟନ୍ତ ଆଗ୍ରହୋଦ୍ଦୀପକ ।

(*ମାଆ ନୀରବ ରହିଲେ*)

ଦେହରକ୍ଷା କରିବା ପରେ ସିଏ ପ୍ରକୃତରେ କେତେ ବେଶୀ କାର୍ଯ୍ୟ କରି ପାରିଛନ୍ତି ! ହଁ,– ସିଏ ପ୍ରକୃତରେ ସତତ କାର୍ଯ୍ୟ କରିଛନ୍ତି, ଅବିରାମ ଭାବରେ କାର୍ଯ୍ୟ କରିଛନ୍ତି ।

(*ମାଆ ନୀରବ ରହିଲେ*)

ସତେ ଯେପରି... ସତେଯେପରି ଶରୀରର ସ୍ତରରେ ଏକ ଅଦ୍ଭୁତ ଘଟଣା ଘଟିବାରେ ଲାଗିଛି । ଏହି ଗଠନଟି ଯେ ପ୍ରକୃତରେ ଅନ୍ତର୍ହିତ ହୋଇଗଲା, ତାହା ଏକ ଅଦ୍ଭୁତ ଘଟଣା ।

ଏବଂ ସବୁକିଛି କ୍ରମଶଃ ଅଧିକ ସ୍ୱଷ୍ଟ ହୋଇଯିବାରେ ଲାଗିଛି ।

ଦେଖାଯାଉ, କ'ଣ ସବୁ ହେଉଛି ।

(*ମାଆ ଦୀର୍ଘ କାଳ ନୀରବ ରହିଲେ*)

ଏହି କଥାଟି ଅପେକ୍ଷାକୃତ ଭାରି ଶୀଘ୍ର ଘଟିଲା ।

(*ମାଆ ନୀରବ ରହିଲେ*)

ହଁ...

*ଅର୍ଥାତ୍, ତେବେ କିଞ୍ଚିତ୍ ବିଶ୍ୱାସ ରହିଥିବା ପ୍ରତ୍ୟେକ ମନୁଷ୍ୟର ଚେତନା ପକ୍ଷରେ ମନର ଏହି ଇନ୍ଦ୍ରଜାଲ ଭିତରୁ ବାହାରି ଆସିବା ବର୍ତ୍ତମାନ ନିଶ୍ଚୟ ସମ୍ଭବ ହୋଇଯିବ ?*

ହଁ, ହଁ, ଠିକ୍ ସେହି କଥା, ବିଲ୍‌କୁଲ୍ ଠିକ୍ ସେହି କଥା ।

ଏକାବେଳେକେ ଠିକ୍ ସେହି କଥା ହେବ ।

## ୨୦ ମଇ ୧୯୭୦

> *ଆମେ ଏତେ ଟିକିଏ ପରିମାଣରେ ବି କ'ଣ ଆପଣଙ୍କର ଅନୁଭୂତିଟିକୁ ବୁଝିବାକୁ ସମର୍ଥ ହେଉଛୁ କି ? ଏହି ଗତିଶୀଳତା ମଧ୍ୟରେ କିଞ୍ଚିତ୍ ପରିମାଣରେ ଅନ୍ତର୍ଭୂତ ହୋଇ ପାରିବା ଲାଗି ଆମର କ'ଣ କରିବା ଉଚିତ ?*

କେତେଜଣ ବ୍ୟକ୍ତି ସେହି ଅନୁଭୂତି ଲାଭ କରିବାକୁ ଆରମ୍ଭ କରୁଛନ୍ତି; କେତେକଙ୍କର ସେହି ଅନୁଭୂତି ହୋଇଛି ସତ, ମାତ୍ର ସେମାନେ ସେକଥା ଜାଣି ନାହାନ୍ତି । (*ମାଆ ହସିଲେ*) ଏହାର କିଛି ଫଳ ମଧ୍ୟ ଫଳିଛି ।

ସବୁକ୍ଷେତ୍ରରେ ଯେପରି ହୋଇଥାଏ, ଏହି କ୍ଷେତ୍ରରେ ମନହିଁ ସବୁଠାରୁ ବଡ଼ ପ୍ରତିବନ୍ଧକ, କାରଣ ***ମନ ତା' ନିଜ ପ୍ରଣାଳୀରେ ସବୁକିଛି ବୁଝିବାକୁ ଇଚ୍ଛା କରୁଥାଏ ।*** ତାହାହିଁ ପ୍ରତିବନ୍ଧକ... ଏପରି କେତେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ କି ସେହି ପ୍ରତିବନ୍ଧକଟି ନ ଥିଲେ ଅନେକ ଅଧିକ ସତ୍ୱରତା ସହିତ ଗତି କରି ପାରୁଥା'ନ୍ତେ । ମାତ୍ର, ସେମାନଙ୍କ ଭିତରେ ଏପରି ଏକ ଅନୁଭୂତି ରହିଛି ଯେ, ମନ ଦେଇ ନ ବୁଝିବା ପର୍ଯ୍ୟନ୍ତ ସେମାନେ କୌଣସି ବିଷୟକୁ ମୋଟେ ବୁଝି ପାରିବେ ନାହିଁ ।

## ୨୭ ଜୁନ୍ ୧୯୭୦

*ଆପଣ ଅନେକ ଦିନ ହେଲା କିଛି କହି ନାହାନ୍ତି...*

(*ମାଆ ନୀରବ ରହିଲେ*)

କିଛି ନା କିଛି ପ୍ରକାଶ କରି କହିବାକୁ ହେଲେ, ଯେତେ କମ୍ ହେଲେ ମଧ୍ୟ କିଛି ନା କିଛି ମନର ଆୟତନ ମଧ୍ୟକୁ ଆସିବାକୁ ପଡ଼ିବ । ମାତ୍ର ତାହା ପ୍ରକୃତରେ ବଡ଼ କଷ୍ଟକର, କାରଣ ବର୍ତ୍ତମାନ ଶରୀରହିଁ ଯାବତୀୟ ଅନୁଭୂତି ଲାଭ କରିବାରେ ବ୍ୟସ୍ତ ହୋଇ ରହିଛି ଏବଂ ଯାବତୀୟ ବିଷୟ ଶିକ୍ଷା କରୁଛି । ମାତ୍ର କୌଣସି ବିଷୟକୁ କଥାରେ ପ୍ରକାଶ କରି କହିବାକୁ ଚେଷ୍ଟା କଲା ମାତ୍ରକେ ଶରୀର କହୁଛି, ''ନା – ଏକଥା ଆଦୌ ସତ୍ୟ ନୁହେଁ, ଏହା ଆଦୌ ଏପରି ନୁହେଁ''... (*ମାଆ ସାନ ସଂକୀର୍ଣ୍ଣ କେତୋଟି ବର୍ଗକ୍ଷେତ୍ର ଆଙ୍କି ଦେଖାଇଦେଲେ*) ଏହି କାର୍ଯ୍ୟଟି ଜୀବନକୁ ନେଇ କେତୋଟି ଜ୍ୟାମିତିକ ରେଖାଚିତ୍ର ଆଙ୍କିଦେଲା ପରିହିଁ ହେବ । ଶରୀର ଠିକ୍ ସେହିପରି ଅନୁଭବ କରିଥାଏ ।

ଏକ ଅନ୍ୟ ଦୃଷ୍ଟିରୁ ବିଚାର କଲେ ମଧ୍ୟ ଏହାକୁ ଆଦୌ ବ୍ୟକ୍ତ କରି ହେବ ନାହିଁ; କାରଣ ସେଥିରେ ଏକାବେଳେକେ ଅନେକ ବିଷୟ ସମାହୃତ ହୋଇ ରହିଥାଏ, ସବୁକିଛି ଭାରି ଛନ୍ଦିଛାନ୍ଦି ହୋଇ ରହିଥାଏ, ଏବଂ, କୌଣସି ଏକ ବ୍ୟାଖ୍ୟାର ଛାଞ୍ଚରେ ଆଣି ନ ପକାଇବା ପର୍ଯ୍ୟନ୍ତ... ତାହାକୁ କଥାର ମାଧ୍ୟମରେ କହି ବି ହୁଏ ନାହିଁ । ଏବଂ, ଏକ ବ୍ୟାଖ୍ୟାର ଛାଞ୍ଚରେ ଆଣି ପକାଇବାକୁ ଆରମ୍ଭ କଲାମାତ୍ରକେ, ଠିକ୍ ସେହି କ୍ଷଣଟିରେହିଁ ତାହା ଆଉ ମୋଟେ ସତ୍ୟ ହୋଇ ରହିପାରେ ନାହିଁ ।

ଏହି କେତେ ଦିନ ଧରି ସର୍ବଦା ଏହିପରି ଏକ ଅନୁଭବ ହେବାରେ ଲାଗିଛି ଯେ, ଚେତନାର ଭୂମିରେ କେତେକ ପରିମାଣରେ ଏକ ବିସ୍ଥାପନହିଁ ଆରମ୍ଭ ହୋଇ ଯାଇଛି (ଏହାକୁ କିପରି ଶବ୍ଦ ଦେଇ କହିହେବ ?), ଦୃଷ୍ଟିକୋଣରେ କିଞ୍ଚିତ୍ ପରିବର୍ତ୍ତନ ଘଟିଛି । ସେହି ପରିବର୍ତ୍ତନକୁ ଶବ୍ଦ ଦ୍ୱାରା ବ୍ୟକ୍ତ ବି କରି ହେଉ ନାହିଁ, ଏବଂ ଗୋଟିଏ କ୍ଷେତ୍ରରେ ସତେଅବା ଏକ ଦିବ୍ୟ ଆନନ୍ଦମୟ ଅବସ୍ଥାରେ ରହିବା ପରି ମନେ ହେଉଛି, ଏବଂ, ସବୁ କଥା ଯେଉଁପରି ଥିଲା, ଠିକ୍ ସେହିପରି ହୋଇ ରହିଥିବାରୁହିଁ, ତାହା ପ୍ରାୟ ଏକ ଉତ୍ପୀଡ଼ନରେହିଁ ପରିଣତ ହୋଇ ଯାଉଛି । ଏବଂ ଏହିପରି ଅନବରତ ହେବାରେ ଲାଗିଛି । ହଁ, ଏପରି ମୁହୂର୍ତ୍ତମାନ ମଧ୍ୟ ରହିଛି, ଯେତେବେଳେ କି ଶରୀର ଯନ୍ତ୍ରଣାରେ ସତେଯେପରି ଆର୍ତ୍ତନାଦ କରିଉଠିବ ବୋଲି ମନେ ହେଉଛି ଏବଂ... ଏବଂ ତା'ପରେ କିଞ୍ଚିତ୍ ପରିବର୍ତ୍ତନ

ସମ୍ଭବ ହେଉଛି,— ତାହାକୁ କଥାରେ ପ୍ରାୟ ଆଦୌ ପ୍ରକାଶ କରି କହିହେବ ନାହିଁ, ଏବଂ ତା'ପରେ ତାହା ଏକ ଆନନ୍ଦମୟତାରେ ପରିଣତ ହୋଇ ଯାଉଛି — ଏହା... ସେହି ଅନ୍ୟ ବସ୍ତୁଟିରେ, ଏକ ଅସାଧାରଣ ବସ୍ତୁରେ ପରିଣତ ହୋଇ ଯାଉଛି, ସେତେବେଳେ ପରମ ଦିବ୍ୟସତ୍ତା ସର୍ବତ୍ର ବିଦ୍ୟମାନ ରହିଥିବାର ଅନୁଭବ ହେଉଛି । ତେଣୁ, ସତେଅବା କୌଣସି ଜିମ୍‌ନାଷ୍ଟିକ୍ କରୁଥିଲା ପରି ଶରୀର ଅନୁକ୍ଷଣ ଏଇଟାରୁ ସେଇଟା ଓ ସେଇଟାରୁ ଏଇଟା ହେବାରେ ଲାଗିଛି,— ଦୁଇଟି ସ୍ଥିତି ମଧ୍ୟରେ ଚେତନାର ଏକ ସଂଘର୍ଷ ଲାଗି ରହିଛି ।

ଏବଂ ତାହା ଅତିରିକ୍ତ ପରିମାଣରେ ତୀବ୍ର ହୋଇ ଉଠୁଛି; ବେଳେବେଳେ ଗୋଟାଏ ଗୋଟାଏ ଏପରି ମୁହୂର୍ତ୍ତ ଆସୁଛି, ଯେତେବେଳେ କି ଶରୀର କହିଉଠୁଛି, ''ଓଃ, ଏହି କଷ୍ଟଭୋଗ ପ୍ରକୃତରେ ଯଥେଷ୍ଟ, ଯଥେଷ୍ଟ ହୋଇ ସାରିଲାଣି !'' (*ମାଆ ଉତ୍‌କ୍ରାନ୍ତିର ଇଙ୍ଗିତ କଲେ*) ତା'ପରେ, ଆଉ କିଛି କହିବା ସମ୍ଭବ ହେଉ ନାହିଁ । ଯାହାକିଛି କଥା ଦ୍ୱାରା କୁହାଯାଉଛି, ତାହା ଆଉ ମୋଟେ ପ୍ରକୃତରେ ସତ୍ୟ ହୋଇ ରହିପାରୁ ନାହିଁ ।

ଏବଂ, ଯନ୍ତ୍ରଣା ପାଉଥିବାର ଏହି ଯାବତୀୟ ସ୍ପନ୍ଦନ ସତେଅବା ସେହି ସାଧାରଣ ମନୁଷ୍ୟଚେତନାର ପିଣ୍ଡଟି ଦ୍ୱାରାହିଁ ପୁଷ୍ଟ ହେବାରେ ଲାଗିଛି,— ହଁ, ଠିକ୍ ସେହିପରି ହେଉଛି । ଏବଂ ଆରଟି ଯାହାଦ୍ୱାରା ପୁଷ୍ଟ ହେଉଛି, ତାହା ଆଦୌ କୌଣସି ହସ୍ତକ୍ଷେପ କରୁ ନାହିଁ (ମାଆ ଏକ ଅପରିବର୍ତ୍ତନୀୟ ଭଙ୍ଗୀରେ କହୁଥା'ନ୍ତି) । ମନୁଷ୍ୟଚେତନାର ଯେଉଁ ପିଣ୍ଡଟି ଆପଣାକୁ ବ୍ୟକ୍ତ କରିବାକୁ ଚେଷ୍ଟା କରୁଛି, ତାହା ତୁଳନାରେ ଏଇଟି ସେଇପରିହିଁ ବୋଧ ହେଉଛି ।... ତେଣୁ, ସେହିସବୁ କଥାକୁ ଶବ୍ଦରେ ପ୍ରକାଶ କରି କହିବା ମୋଟେ ସମ୍ଭବ ହେଉ ନାହିଁ ।

ଏବଂ ସତତ, ସତତ ହୁଏତ କେବଳ ଏହି ଅପରିବର୍ତ୍ତନୀୟ ମହାନ୍ ଶାନ୍ତି ବିରାଜମାନ କରୁଛି,— ଆମର ଅନୁଭବ କରିବାର ସୀମା ଭିତରେ ଥିବା ଯାବତୀୟ ଶାନ୍ତିଠାରୁ ଏହି ଶାନ୍ତି ଆହୁରି ଅଧିକ ବୃହତ୍, — ଏବଂ, ଯୁଗପତ୍ ଭାବରେ, ଏକଥା ଜ୍ଞାତସାର ହୋଇ ରହିଥାଏ ଯେ, (ଅନୁଭବ କରାଯାଏ ବୋଲି କୁହାଯିବ ନାହିଁ, ମାତ୍ର ଜ୍ଞାତସାର ହୋଇ ରହିଥାଏ), ରୂପାନ୍ତରର କ୍ରିୟାଟି ଏଡ଼େ ଅଧିକ ସତ୍ୱର ଭାବରେ ଗତିଶୀଳ ହୋଇ ରହିଥାଏ, ଯାହାଫଳରେ ତାହାକୁ ସ୍ଥୂଳ ଭାବରେ ଆଦୌ ପ୍ରତ୍ୟକ୍ଷ କରିହୁଏ ନାହିଁ । ଏବଂ, ଦୁଇଟିଯାକ ଏକତ୍ର ଯୋଡ଼ି ହୋଇ ରହିଥା'ନ୍ତି ଏବଂ ଏହି ଶରୀର ଗୋଟିଏ ଅବସ୍ଥାରୁ ଆଉ ଗୋଟିଏ ଅବସ୍ଥାକୁ ଗତି କରିବାରେ ଲାଗିଥାଏ, ଏବଂ ବେଳେବେଳେ... ବେଳେବେଳେ ଦୁଇଟିଯାକ ପ୍ରାୟ ପରସ୍ପର ସହିତ ଏକତ୍ର ହୋଇ ରହିଥା'ନ୍ତି (*ମାଆ ମୁଣ୍ଡ ହଲାଇଲେ,— ସିଏ ଯେ ଶବ୍ଦ ଦ୍ୱାରା ପ୍ରକାଶ କରି କିଛି କହି ପାରିବେ ନାହିଁ, ତାହାରି ସୂଚନା ଦେଲେ*) ।

ଏବଂ ତା'ପରେ, ଏହା ସାଧାରଣ ବସ୍ତୁଗୁଡ଼ିକ ଗୋଚର ହେବାର ଭୂମିରେ, ଅର୍ଥାତ୍, ଜୀବନ ଯେପରି ଭାବରେ ରହିଛି, ଠିକ୍ ସେହି ଭୂମିରେ,– ଏକ ଦିବ୍ୟ ଦୃଷ୍ଟିକୋଣରୁ ତାହା ହୁଏ ବୋଲି କହିହେବ ନାହିଁ, ମାତ୍ର ପରମ ଦିବ୍ୟସତ୍ତାଙ୍କ ସହିତ ତୁଳନା କରି – ଏକ ସାଧାରଣ ବିକ୍ଷେପର ବୋଧ ଆଣି ଦେଉଥାଏ; ଏବଂ, ଲୋକେ ଯାହାକୁ ''ବିକ୍ଷେପଯୁକ୍ତ'' ବୋଲି କହନ୍ତି ଓ ଯାହାକୁ ''ବିବେକଯୁକ୍ତ'' ବୋଲି କହନ୍ତି, ଦୁଇଟି ମଧ୍ୟରେ ପ୍ରକୃତରେ ଆଦୌ କୌଣସି ପାର୍ଥକ୍ୟ ଦୃଷ୍ଟିଗୋଚର ହୁଏ ନାହିଁ । ହଁ, ମନୁଷ୍ୟମାନେ ଯେ ଦୁଇଟି ଯାକକୁ ପରସ୍ପରଠାରୁ ପୃଥକ୍ କରି ଦେଖନ୍ତି, ତାହା ପ୍ରକୃତରେ ଏକ ହାସ୍ୟାସ୍ପଦ କଥା । ସେହି ଦୁଇଟିଯାକକୁ କହିବା ଲାଗି ମନ ହୁଏ : ''ମାତ୍ର ତୁମ ଦୁହିଙ୍କ ଭିତରେ ମୋଟେ କୌଣସି ଫରକ ନାହିଁ, କେବଳ ମାତ୍ରାର ପ୍ରଭେଦ ରହିଛି ।''... ତେଣୁ...

ଏବଂ ସେହି ସବୁକିଛିକୁ ଯୁଗପତ୍ ଅବବୋଧରହିଁ ଏକ **ପୃଥିବୀ** ବୋଲି କୁହାଯିବ । ତେଣୁ ଏହାକୁ ଶବ୍ଦରେ ପ୍ରକାଶ କରି କହିବା ପ୍ରକୃତରେ ଅସମ୍ଭବ ।

ପ୍ରକୃତ କଥା ହେଉଛି, ଏଠି (*ମାଆ ନିଜର ମସ୍ତକ ସ୍ପର୍ଶ କଲେ*) ଆଦୌ କିଛିହେଲେ ନାହିଁ, ଏହି ବାଟ ଦେଇ ଆଦୌ କିଛି ଗତି କରୁ ନାହିଁ, ଏଠାରେ ଆଦୌ କିଛି ନାହିଁ । ଏହା ଏପରି ଏକ ପଦାର୍ଥ,... ଯାହାର କି ନିର୍ଦ୍ଦିଷ୍ଟ ଆକାର ବୋଲି କିଛି ନାହିଁ ମାତ୍ର ଯାହାର ଯୁଗପତ୍ ଭାବରେ **ଅସୁମାରି** ଅନୁଭବମାନ ରହିଛି; ଏବଂ ତାହାକୁ ଶବ୍ଦ ଦ୍ୱାରା ପ୍ରକାଶ କରିବା ଲାଗି ତା'ର ଯେଉଁ ସାମର୍ଥ୍ୟ ରହିଛି, ତାହା ଯାହା ଥିଲା ତାହାହିଁ ହୋଇ ରହିଛି, ଅର୍ଥାତ୍ ଅସମର୍ଥ ହୋଇ ରହିଛି ।

(*ମାଆ ନୀରବ ରହିଲେ*)

ଉଦାହରଣ ସ୍ୱରୂପ, ସଂସାରରେ ଯାହାକିଛି ଘଟୁଛି, ଯୁଗପତ୍ ଭାବରେ ତାହାର ଏକ ବ୍ୟାଖ୍ୟା ମଧ୍ୟ ରହିଛି (''ବ୍ୟାଖ୍ୟା'' କହିଲେ ଆଦୌ ଯଥାର୍ଥ ଶବ୍ଦଟିକୁ କୁହାହେଉ ନାହିଁ, ମାତ୍ର ତଥାପି...), ସାଧାରଣ ମନୁଷ୍ୟଚେତନା ତାହାର ଏକ ବ୍ୟାଖ୍ୟା ଆଣି ବାଢ଼ିଦେଉଛି (''ସାଧାରଣ'' ଶବ୍ଦଟି ଦ୍ୱାରା ମୁଁ ତାହାକୁ ଆଦୌ ମାମୁଲି ବୋଲି କହୁ ନାହିଁ, ତାହାକୁ ମୁଁ ମନୁଷ୍ୟର ଚେତନା ଅର୍ଥରେ ବୁଝୁଛି); ଶ୍ରୀଅରବିନ୍ଦ ଯାହାକୁ ଏକ ଉଦ୍‌ଭାସିତ ମନ ବୋଲି କହିଛନ୍ତି, ସେହି ମନର ମଧ୍ୟ ଗୋଟିଏ ବ୍ୟାଖ୍ୟା ରହିଛି, ଏବଂ... ସେ ବିଷୟରେ ଗୋଟିଏ ଦିବ୍ୟ ବୋଧ ବି ରହିଛି । ସେହି ଗୋଟିଏ ବିଷୟ ଲାଗି ଯୁଗପତ୍ ଭାବରେ ତିନୋଟିଯାକ କଥା ରହିଛି,– ଏହି କଥାଟିକୁ ପ୍ରକୃତରେ କିପରି ଭାବରେ ବର୍ଣ୍ଣନା କରି କୁହାଯାଇ ପାରିବ ?

ଏବଂ, ଏହିପରି ଭାବରେ ତାହା ସତତ, ଅନବରତ ହେବାରେ ଲାଗିଛି । ଏବଂ ତା'ପରେ ସେଇଟି (*ମାଆ ଆପଣାର ଶରୀର ଆଡ଼କୁ ନିର୍ଦ୍ଦେଶ କଲେ*) – ତାହା ଆଉ ଆପଣାକୁ ଅଭିବ୍ୟକ୍ତ କରିବାର ଅବସ୍ଥାରେ ମୋଟେ ରହି ପାରୁ ନାହିଁ, ସେହି ସମୟଟି ସେହି ଅଭିବ୍ୟକ୍ତି ଲାଗି ଆଦୌ ଉପଯୁକ୍ତ ହେଉ ନାହିଁ ।

ଏତେ ଅଧିକ ମାତ୍ରାରେ ଏହିଭଳି ହେଉଛି ଯେ, ଏପରିକି ମୁଁ ଲେଖୁଥିବା ସମୟରେ ମଧ୍ୟ ସେହିପରି ହେଉଛି । ତେଣୁ, ଆମର ଏହି ମୂର୍ଖ ସୂତ୍ରଗୁଡ଼ାକ ଭିତରେ ଯାହା ଭର୍ତ୍ତି କରିହେବ, ମୁଁ ତାହାକୁ ଭର୍ତ୍ତି କରିଦେବାକୁ ଚେଷ୍ଟା କରୁଛି – ଏବଂ ମୁଁ ଅନେକ ଗୁଡ଼ାଏ ଆଣି ଭର୍ତ୍ତି କରିଦେଉଛି,– ପ୍ରକୃତରେ ଅନେକ ଗୁଡ଼ାଏ ! ସେଗୁଡ଼ାକୁ ପ୍ରକୃତରେ ଶବ୍ଦର ମାଧ୍ୟମରେ ଆଦୌ ବ୍ୟକ୍ତ କରିହେବ ନାହିଁ । ଏବଂ ତା'ପରେ, ମୁଁ ଯାହାସବୁ ଲେଖିଛି, ଯେତେବେଳେ ସେମାନେ ତାହାକୁ ଆଣି ମୋତେ ପଢ଼ି ଶୁଣାଉଛନ୍ତି, ସେତେବେଳେ ମୋ'ର ଏପରି କହିବାକୁ ଭାରି ଲୋଭ ହେଉଛି, ''ତୁମେମାନେ ମୋ' ସହିତ ଥଟ୍ଟା ଖେଳୁଛ, ତୁମେମାନେ ଏଥିରୁ ସବୁକିଛି କାଢ଼ି ନେଇ ଯାଇଛ !''

## ୧ ଜୁଲାଇ ୧୯୭୦

ମୋ'ର ଏପରି ଗୋଟିଏ ଅନୁଭୂତି ହେଲା, ଯାହାକି ମୋ'ଲାଗି ଅତ୍ୟନ୍ତ ଆଗ୍ରହୋଦ୍ଦୀପକ ହୋଇ ରହିଥିଲା, କାରଣ ମୁଁ ପ୍ରଥମ ଥର ସକାଶେହିଁ ସେହି ଅନୁଭୂତିଟିକୁ ଲାଭ କରିଥିଲି । ଏଇଟି କାଲି ହେଲା କି ପ'ରଦିନ ହେଲା, ମୋର ଠିକ୍ ଭାବରେ ମନେ ପଡୁ ନାହିଁ । 'କ' ଠିକ୍ ମୋ' ସମ୍ମୁଖରେ ବସି ରହିଥିଲେ ଏବଂ ମୁଁ ତାଙ୍କର ଚୈତ୍ୟ ସତ୍ତାଟିକୁ ଦେଖି ପାରୁଥିଲି,– (*ମାଆ ପ୍ରାୟ କୋଡ଼ିଏ ସେଣ୍ଟିମିଟର ସୂଚାଇ ଦେବାର ଭଙ୍ଗୀ କଲେ*) ସେହି ଚୈତ୍ୟସତ୍ତା ତାଙ୍କ ଉପରୁ ଏତେ ଅଧିକ ଉଚ୍ଚା ହୋଇ ରହିଥିଲା । ପ୍ରଥମଥର ପାଇଁ ଏପରି ହେଲା । ତାଙ୍କର ସ୍ଥୂଳ ସତ୍ତାଟି ଭାରି ସାନ ହୋଇ ଦିଶୁଥିଲା ଏବଂ ଚୈତ୍ୟସତ୍ତା ସେଇଟିଠାରୁ ଆକାରରେ ଅନେକ ବଡ଼ ହୋଇ ରହିଥିଲା । ଏବଂ, ସେହି ସତ୍ତାର କୌଣସି ଲିଙ୍ଗ ନ ଥିଲା, ତାହାକୁ ପୁରୁଷ ବା ସ୍ତ୍ରୀ କିଛି କହି ହେଉ ନ ଥିଲା । ତା'ପରେ ମୁଁ ମନକୁ ମନ କହିଲି (ସମ୍ଭବତଃ ତାହା ସର୍ବଦା ସେହିପରି ହୋଇ ରହିଥାଏ । ସେ ବିଷୟରେ ମୁଁ କିଛି ଜାଣି ନାହିଁ; ମାତ୍ର ଏହି କ୍ଷେତ୍ରଟିରେ ମୁଁ ସେହି କଥାଟିକୁ ଅତ୍ୟନ୍ତ ସ୍ୱଷ୍ଟ ଭାବରେ ଦେଖି ପାରୁଥିଲି), ମୁଁ ମନକୁମନ କହିଲି, ''ମାତ୍ର ଏଇଟି ହେଉଛି ଚୈତ୍ୟ ସତ୍ତା, ଏହି ସତ୍ତାହିଁ ସ୍ଥୂଳଭାବ ଧାରଣ କରିବ ଏବଂ ଅତିମାନସ ସତ୍ତାରେ ପରିଣତ ହେବ !''

ମୁଁ ଦେଖୁଥିଲି, ତାହା ଠିକ୍ ଏହିପରି ହୋଇ ରହିଥାଏ । ସେଥିରେ ଅବଶ୍ୟ ବିଶିଷ୍ଟତାମାନ ରହିଥିଲା, ମାତ୍ର ସେଗୁଡ଼ିକୁ ମୋଟେ ଭଲ ଭାବରେ ବାରି ହେଉ ନ ଥିଲା, ଏବଂ, ତେଣୁ ସତ୍ତାଟି ଏହିପରି ହୋଇ ରହିଥିଲା, ଯେଉଁଥିରେ କି ପୁରୁଷ ଅଥବା ସ୍ତ୍ରୀ ମୋଟେ ବାରିହେଉ ନ ଥିଲା, ତାହା ଦୁଇଟିଯାକ ଲିଙ୍ଗର ଲକ୍ଷଣମାନ ଏକତ୍ର ବହନକରି ରହିଥିଲା । ଏବଂ ତାହା ବ୍ୟକ୍ତିଟିର ଆକୃତିଠାରୁ ଅଧିକ ବଡ଼ ହୋଇ ରହିଥିଲା ଏବଂ ପ୍ରତ୍ୟେକ ଦୃଷ୍ଟିରୁ ବିଚାର କରି ଦେଖିଲେ ତାଙ୍କର ପ୍ରକୃତ ଆକୃତିଠାରୁ ଏତେ (*ମାଆ ସ୍ଥୂଳ ଶରୀରଠାରୁ ପ୍ରାୟ କୋଡ଼ିଏ ସେଣ୍ଟିମିଟର ଅଧିକ ହୋଇ ରହିଥିବାର ଇଙ୍ଗିତ କଲେ*) ଅଧିକ ହୋଇ ରହିଥିଲା । ସିଏ ସେଇଠି ବସିଥିଲେ ଓ ଏଇଟି ଏପରି (*ଠିକ୍ ସେହି ଇଙ୍ଗିତଟିକୁ କଲେ*) ହୋଇ ରହିଥିଲା । ଏବଂ, ଏହା ଏପରି ଏକ ରଙ୍ଗର ଥିଲା,– ଏପରି ଏକ ରଙ୍ଗ, ଯାହାକି ବେଶ୍ ସ୍ଥୂଳ ରୂପ ଧାରଣ କଲେ ହୁଏତ ଅରୋଭିଲ୍‌ର ରଙ୍ଗ ପରି (କେଶରୀ ରଙ୍ଗ) ଦେଖାଯିବ । ରଙ୍ଗଟା ଅପେକ୍ଷାକୃତ ଟିକିଏ ଫିକା ଦେଖା ଯାଉଥିଲା, ସତେଯେପରି କୌଣସି ପର୍ଦ୍ଦାର ଆଢୁଆଳ ଭିତରୁ ଦେଖୁଥିବା ପରି ମନେ ହେଉଥିଲା । ତାହାକୁ ଅବିକଳ ଠିକ୍ ସେହି ରଙ୍ଗର ବୋଲି କୁହାଯିବ ନାହିଁ ସତ, ମାତ୍ର ତଥାପି ସେହି

ରଙ୍ଗର ଦେଖା ଯାଉଥିଲା । ମୁଣ୍ଡ ଉପରେ ବାଳ ରହିଥିଲା ସତ, ମାତ୍ର... ତଥାପି ଟିକିଏ ଭିନ୍ନ ପ୍ରକାରର ହୋଇ ଦେଖା ଯାଉଥିଲା । ହୁଏତ ଆଉ କେବେ ମୁଁ ତାହାକୁ ଅଧିକ ଭଲ କରି ଦେଖି ପାରିବି । ମାତ୍ର ତାହା ମୋତେ ଭାରି ଆଗ୍ରହୋଦ୍ଦୀପକ ବୋଧ ହେଉଥିଲା, କାରଣ ସେହି ସତ୍ତାଟି ସତେଅବା ମୋତେ କହିବାରେ ଲାଗିଥିଲା, ‘‘ମାତ୍ର, ଅତିମାନସ ସତ୍ତା ପ୍ରକୃତରେ କିଭଳି ହେବ, ଆପଣ ତାହା ଦେଖିବେ ବୋଲି ବ୍ୟସ୍ତ ହୋଇ ରହିଛନ୍ତି,– ତାହା ଠିକ୍ ଏହିପରି ହେବ,– ଠିକ୍ ଏହିପରି ହେବ ।’’ ଏବଂ ସେହି ସତ୍ତାଟି ସେହି ରୂପ ଧାରଣ କରି ରହିଥିଲା । ଏଇଟି ହେଉଛି ବ୍ୟକ୍ତିର ଚୈତ୍ୟସତ୍ତା ।

ତେଣୁ, ଏହିପରି ଭାବରେହିଁ ବୁଝିହୁଏ । ବୁଝିହୁଏ ଯେ, ଚୈତ୍ୟ ସତ୍ତାହିଁ ଆପଣାକୁ ସ୍ଥୂଳ ସ୍ତରକୁ ଅବତୀର୍ଣ୍ଣ କରିଆଣେ... ଏବଂ, ତାହାରି ଦ୍ୱାରାହିଁ ବିବର୍ତ୍ତନକୁ ଏକ ଅବିଚ୍ଛିନ୍ନତା ରୂପେ ଉପଲବ୍ଧ ହୁଏ । ଏହି ସୃଷ୍ଟି ଏହିପରି ଏକ ସଂପୂର୍ଣ୍ଣ ଅନୁଭବ ଆଣି ଦେଇଯାଏ ଯେ, କେଉଁଠି କିଛି ହେଲେ ଆଦୌ ଖିଆଲ ଅନୁସାରେ ହେଉ ନାହିଁ, ପଶ୍ଚାତ୍ ଦେଶରେ ଏକ ଦିବ୍ୟ ନ୍ୟାୟ ସର୍ବଦା ରହିଛି ଏବଂ ତାହା ଆମ ମନୁଷ୍ୟସ୍ତରୀୟ ନ୍ୟାୟଠାରୁ ଭିନ୍ନ ହୋଇ ରହିଛି,– ଆମ ନ୍ୟାୟଠାରୁ ତାହା ଅନେକ ଉଚ୍ଚତର ସ୍ତରରେ ରହିଛି, ମାତ୍ର ଅବଶ୍ୟ ରହିଛି । ଏବଂ ମୁଁ ଏପରି ପ୍ରତ୍ୟକ୍ଷ କରୁଥିବା ସମୟରେ ସେହି ନ୍ୟାୟଟିହିଁ ପ୍ରତିପାଦିତ ହୋଇ ଯାଉଥିଲା ।

ଏହା ପ୍ରକୃତରେ ଅତ୍ୟନ୍ତ ଆଗ୍ରହୋଦ୍ଦୀପକ ହୋଇ ରହିଥିଲା । ମୁଁ ଏହି ବିଷୟରେ ଅତ୍ୟନ୍ତ ଆଗ୍ରହାନ୍ୱିତ ହୋଇ ରହିଥିଲି । ଏହା ସ୍ଥିର ଓ ପ୍ରଶାନ୍ତ ଭାବରେ ଅବସ୍ଥିତ ରହିଥିଲା ଏବଂ ମୋତେ କହିଲା, ‘‘ତୁମେ ତାହାରି ଅନ୍ୱେଷଣ କରୁଥିଲ ନା,– ଏଥର ଦେଖ, ସେହି ଜିନିଷଟିହିଁ ତୁମର ସମ୍ମୁଖରେ ଉପସ୍ଥିତ ରହିଛି !’’

ଏବଂ, ମନ ଏବଂ ପ୍ରାଣିକ ସତ୍ତାଙ୍କୁ କାହିଁକି ଯେ ଏହି ଶରୀର ମଧ୍ୟରୁ ବାହାର କରି ଅନ୍ୟତ୍ର ପଠାଇ ଦିଆ ଯାଇଥିଲା ଓ ଚୈତ୍ୟସତ୍ତାକୁ ମଧ୍ୟ ଛାଡ଼ିଯିବାକୁ ହୋଇଥିଲା, ସେତେବେଳେ ଯାଇ ମୁଁ ସେହି କଥାଟିକୁ ବୁଝି ପାରିଲି । ଅତ୍ୟନ୍ତ ସ୍ୱାଭାବିକ କଥା ଯେ, ତାହାହିଁ ସର୍ବଦା ଯାବତୀୟ ଗତିସ୍ପନ୍ଦନର ପରିଚାଳନା କରୁଥିଲା ଏବଂ ତେଣୁ ଏହା ଆଦୌ କୌଣସି ନୂତନ ଘଟଣା ନ ଥିଲା,– ବର୍ତ୍ତମାନ ଆଉ ସେହି କ୍ଷେତ୍ରରେ କୌଣସି ଅସୁବିଧା ମଧ୍ୟ ରହିଲା ନାହିଁ । ପ୍ରାଣିକ ଏବଂ ମନର କ୍ଷେତ୍ରରେ ଯେତେଯାହା ଜଟିଳତା ସୃଷ୍ଟି ହେବାରେ ଲାଗିଥିଲା ଏବଂ ସେଗୁଡ଼ିକ ଆପଣାର ଯେଉଁ ପ୍ରଭାବ ଏବଂ ପ୍ରବୃତ୍ତିଗୁଡ଼ିକୁ ଆଣି ଲଦିଦେବାରେ ଲାଗିଥିଲେ, ବର୍ତ୍ତମାନ ସବୁକିଛି ଅପସରି ଗଲା । ଏବଂ ମୁଁ ବୁଝିପାରିଲି : ‘‘ହଁ, ଜାଣିଲି, ଏହି ଚୈତ୍ୟସତ୍ତାକୁହିଁ ଅତିମାନସ ସତ୍ତାରେ ପରିଣତ ହେବାକୁ ପଡ଼ିବ ।’’

ମାତ୍ର ତାହାର ରୂପଟି ପ୍ରକୃତରେ କିପରି ହୋଇଥିବ, ମୁଁ ସେକଥା ଆଦୌ

ଜାଣିବାକୁ ଇଚ୍ଛା କରି ନ ଥିଲି । ଏବଂ, 'କ' କୁ ଦେଖିବା ମାତ୍ରକେ ମୁଁ ତାହା ଜାଣି ପାରିଲି । ଏବଂ ମୁଁ ଦେଖିପାରିଲି, ବର୍ତ୍ତମାନ ମଧ୍ୟ ଦେଖି ପାରୁଛି, ଏବଂ ସେଇଟି ଏବେ ମଧ୍ୟ ମୋ'ର ସ୍ମରଣ ଭିତରେ ରହିଛି । ଏହା ସତେଯେପରି ମୁଣ୍ଡର ବାଳ ନାଲି ରଙ୍ଗର ହୋଇଥିବା ପରି ହୋଇ ରହିଥିଲା (ମାତ୍ର ତାହା ସେପରି ଆଦୌ ନ ଥିଲା) । ଏବଂ ସେ ଯେପରି ଭାବରେ ଆପଣାକୁ ଅଭିବ୍ୟକ୍ତ କରୁଥିଲା ! ସେହି ଅଭିବ୍ୟକ୍ତିଟି କେଡ଼େ ସୁନ୍ଦର ଓ କେଡ଼େ ମଧୁର ଭାବରେ ବ୍ୟଙ୍ଗାତ୍ମକ ହୋଇ ରହିଥିଲା... ପ୍ରକୃତରେ ତାହା ଅତ୍ୟନ୍ତ ଅସାଧାରଣ, ଅତ୍ୟନ୍ତ ଅସାଧାରଣ ହୋଇ ରହିଥିଲା ।

ଏବଂ, ଜାଣି ରଖିଥାଅ,— ସେତେବେଳେ ମୋ'ର ଆଖି ସଂପୂର୍ଣ୍ଣଭାବରେ ଖୋଲା ହୋଇ ରହିଥିଲା, ସତେଯେପରି ମୁଁ ମୋ ସମ୍ମୁଖରେ ରହିଥିବା କୌଣସି ଏକ ସ୍ଥୂଳ ବସ୍ତୁକୁ ପ୍ରତ୍ୟକ୍ଷ କରିବାରେ ଲାଗିଥିଲି ।

ଏହିପରି ଭାବରେ ସବୁକିଛି ବୁଝି ହୋଇଯାଏ । କ୍ଷଣକ ମଧ୍ୟରେ ବର୍ତ୍ତମାନ ସବୁଯାକ ପ୍ରଶ୍ନ ସମ୍ପୂର୍ଣ୍ଣ ଭାବରେ ଅନ୍ତର୍ହିତ ହୋଇ ଯାଇଛନ୍ତି, ସବୁକିଛି ଅତ୍ୟନ୍ତ ସ୍ପଷ୍ଟ ଓ ଅତ୍ୟନ୍ତ ସରଳ ହୋଇଯାଇଛି ।

(*ମାଆ ନୀରବ ରହିଲେ*)

ଏବଂ ପ୍ରକୃତରେ ଠିକ୍ ଏହି ଚୈତ୍ୟସତ୍ତାହିଁ ବିଲୁପ୍ତ ନ ହୋଇ ବିଦ୍ୟମାନ ରହୁଛି । ତେଣୁ, ଯଦି ତାହା ଆପଣାକୁ ସ୍ଥୂଳ ଭୂମିରେ ଆଣି ଅବତୀର୍ଣ୍ଣ କରି ପାରିବ, ତେବେ ତଦ୍ଦ୍ୱାରାହିଁ ମୃତ୍ୟୁର ବିଲୁପ୍ତି ଘଟିବ । ମାତ୍ର ''ବିଲୁପ୍ତି''... ଯାହା ପରମ ସତ୍ୟଟି ସହିତ ସମଞ୍ଜସତା ରଖି ନ ଥାଏ, ତାହା ଚାଲିଯାଏ,— ତାହା ବ୍ୟତୀତ ଆଉ କିଛିହେଲେ ବିଲୁପ୍ତ ହୋଇଯାଏ ନାହିଁ ।... ଯାହାକିଛି ଆପଣାକୁ ସେହି ଚୈତ୍ୟସତ୍ତାର ପ୍ରତିରୂପଟି ଅନୁସାରେ ରୂପାନ୍ତରିତ କରିବାରେ ସମର୍ଥ ନ ହୁଏ ଓ ସେହି ଚୈତ୍ୟରହିଁ ଏକ ଅଙ୍ଗଭୂତ ଅଂଶରେ ପରିଣତ ହୋଇ ନ ଯାଏ, ତାହାକୁହିଁ ଅପସରି ଯିବାକୁ ହୁଏ ।

ଏହା ପ୍ରକୃତରେ ଭାରି ଆଗ୍ରହୋଦ୍ଦୀପକ ।

## ୫ ଅଗଷ୍ଟ ୧୯୭୦

ବର୍ଷକରୁ ଅଧିକ ପୂର୍ବରୁ ଯେଉଁ ଚେତନାର ଆଗମନ ଘଟିଥିଲା,— ବର୍ତ୍ତମାନ ତାହା ଦେଢ଼ବର୍ଷ ହୋଇ ଗଲାଣି, — ତାହା ଆନ୍ତରିକତାର କ୍ଷେତ୍ରରେ ଅତ୍ୟନ୍ତ କଠିନ ଓ ସକାରାତ୍ମକ ଭାବରେ କାର୍ଯ୍ୟ କରୁଥିବା ପରି ବୋଧ ହେଉଛି । ଏହା ଆଦୌ କୌଣସି ''ଛଳନା''କୁ ଆସିବାକୁ ବାଟ ଛାଡ଼ିଦେଉ ନାହିଁ, ଜଣେ ବ୍ୟକ୍ତି ଏପରି ହେବାକୁ କିଂବା ଏପରି ନ ହେବାକୁ ଛଳନା କରିବ,— ସେକଥାକୁ ତାହା ମୋଟେ ବାଟ ଛାଡ଼ିଦେଉ ନାହିଁ । ବସ୍ତୁଟି ଯେ ଯଥାର୍ଥତଃ ସେହି **ପ୍ରକୃତ ବସ୍ତୁ** ହୋଇ ରହିବ, ସିଏ* ତାହାହିଁ ଇଚ୍ଛା କରୁଛି ।

*ହଁ, ସେତେବେଳେ ସବୁକିଛି ଆସିବାକୁ ଆରମ୍ଭ କରେ ।*

ହଁ, ଏହି ଶରୀର ଲାଗି ଏହା ଏକ ଚମତ୍କାର ପରାମର୍ଶଦାତା ରୂପେ କାର୍ଯ୍ୟ କରୁଛି, ତାହା ଶରୀରକୁ ସତେ କେତେ ନା କେତେ ଶିକ୍ଷା ଦେବାରେ ଲାଗିଛି... ସବୁ ଶରୀର ଠିକ୍ ଏହିପରି ହୋଇଥିବ କି ନାହିଁ ମୁଁ ଜାଣେ ନାହିଁ, ମାତ୍ର ଏହି ଶରୀରଟି ଠିକ୍ ଗୋଟିଏ ସାନ ପିଲା ପରି ସବୁକଥାକୁ ଅନୁଭବ କରୁଛି ଏବଂ ସ୍କୁଲକୁ ଯିବାକୁ **ଇଚ୍ଛା କରୁଛି**; ତାହାର କେଉଁଠି କି ଭୁଲ୍ ହେଉଛି, ସେକଥା ତାକୁ ଦର୍ଶାଇ ଦିଆଯାଉ ବୋଲି ସିଏ ଇଚ୍ଛା କରୁଛି ଏବଂ ସବୁକିଛି ଶିକ୍ଷା କରିବାକୁ ଇଚ୍ଛା କରୁଛି । ଏବଂ ସିଏ ବର୍ତ୍ତମାନ ସର୍ବଦାହିଁ ଶିକ୍ଷା କରିବାରେ ଲାଗିଛି । ମାତ୍ର ଯାହାକିଛି ବାହାରୁ ଆସୁଛି... ଏହା ପ୍ରକୃତରେ ଭାରି ଆଗ୍ରହୋଦ୍ଦୀପକ : ସେହି ପରମଚେତନା, ସେଠାରେ ବିଦ୍ୟମାନ ରହିଥିବା ସେହି ପରମଚେତନା (*ମାଆ ଊର୍ଦ୍ଧ୍ୱ ଦେଶକୁ ସୂଚିତ କରିଦେଲେ*) ଆଦୌ କୌଣସି ବିଷୟ ଦ୍ୱାରାହିଁ ପ୍ରଭାବିତ ହେଉ ନାହିଁ । ତାହା ସାକ୍ଷୀରୂପେ ରହିଛି, ଦେଖୁଛି, ମାତ୍ର କିଛିହେଲେ ଗ୍ରହଣ କରୁ ନାହିଁ; ଶରୀର ଏବେ ମଧ୍ୟ କେତେ କେତେ ସ୍ପନ୍ଦନକୁ ଗ୍ରହଣ କରୁଛି : ଯେତେବେଳେ କେତେକ ବ୍ୟକ୍ତି ଆସୁଛନ୍ତି ଓ ମୋ'ଆଗରେ ବସୁଛନ୍ତି, ହଠାତ୍ କେତେ ନା କେତେ ଯନ୍ତ୍ରଣା ଉଦ୍‌ଗାରିତ ହୋଇ ଆସୁଛି, ସେତେବେଳେ କିଛି ସୁରୁଖୁରୁରେ ଗତି କରୁ ନାହିଁ; ମାତ୍ର ଶରୀର ବର୍ତ୍ତମାନ ଜାଣି ପାରିଲାଣି (ଅତ୍ୟନ୍ତ ସ୍ୱାଭାବିକ କଥା ଯେ, ତାହା ଯନ୍ତ୍ରଣା ପାଉଛି ବୋଲି ସ୍ପଷ୍ଟ ଜାଣିପାରୁଛି), ମାତ୍ର ସେଥିଲାଗି ତାହା ଅନ୍ୟ କାହାକୁ

* ଏହି ପରମଚେତନାକୁ ସୂଚିତ କରି ଦେବାକୁ ମାଆ ଏଠାରେ ''ସିଏ'' ଶବ୍ଦଟିର ବ୍ୟବହାର କରିଛନ୍ତି ।

ଆଦୌ ଦୋଷ ଦେବାକୁ ଯାଉ ନାହିଁ, କେବଳ ଆପଣାକୁହିଁ ଦୋଷ ଦେଉଛି । ଯେଉଁସବୁ କଥା ଏପର୍ଯ୍ୟନ୍ତ ସଂପୂର୍ଣ୍ଣ ଭାବରେ ଦିବ୍ୟ ପ୍ରଭାବର ଅଧୀନକୁ ଆସି ପାରି ନାହିଁ, ସେଗୁଡ଼ିକୁ ସିଏ ତାହାରି ସୂଚକରୂପେ ଗ୍ରହଣ କରୁଛି । ଏବଂ ଏହି ଦୃଷ୍ଟିରୁ ଦେଖିଲେ ବିଷୟଟି ଅତ୍ୟନ୍ତ ଆଗ୍ରହୋଦ୍ଦୀପକ ହୋଇ ରହିଛି... ତାହାକୁ କାର୍ଯ୍ୟରେ ଲଗାଉଥିବା ସତ୍ତାଗତ ଚେତନା ଓ ତା' ନିଜ ମଧ୍ୟରେ ରହିଥିବା ଦୂରତାଟିକୁ ସିଏ ବେଶ୍ ହୃଦୟଙ୍ଗମ କରି ପାରୁଛି ଏବଂ ତାହା ସେଥିଲାଗି ଆଦୌ କୌଣସି କଷ୍ଟ ଭୋଗ କରୁ ନାହିଁ । ମାତ୍ର ସମ୍ପୂର୍ଣ୍ଣ ଭାବରେ ନମ୍ର ଓ ବିନୀତ ହୋଇ ରହିଛି । ଏବଂ ଏହା ମୋଟେ ବିସ୍ମିତ ହେଉ ନାହିଁ, ଆଦୌ ବ୍ୟସ୍ତ ହୋଇପଡୁ ନାହିଁ,– କାରଣ, ''କେବଳ ତୁମରି ଇଚ୍ଛା ପୂର୍ଣ୍ଣ ହେଉ; ଏଇଟା ଆଦୌ ମୋ'ର କାମ ନୁହେଁ, ବିଚାର କରିବା ଲାଗି ମୋ'ର କୌଣସି ସାମର୍ଥ୍ୟ ନାହିଁ ଏବଂ ମୁଁ ବିଚାର କରିବାକୁ କୌଣସି ଚେଷ୍ଟା ମଧ୍ୟ କରୁ ନାହିଁ । ଆପଣ ଯାହା ଇଚ୍ଛା କରୁଛନ୍ତି, କେବଳ ତାହାହିଁ ପୂର୍ଣ୍ଣ ହେଉ !''– ସ୍ଥିତିଟି ଠିକ୍ ଏହିପରି ହୋଇ ରହିଛି । ତେଣୁ ଶରୀର ଏହିପରି (*ଏକ ଅକ୍ରିୟ ସମର୍ପିତ ସ୍ଥିତିର ଇଙ୍ଗିତ*) ଗୋଟିଏ ସ୍ଥିତିରେ ବର୍ତ୍ତମାନ ରହିଛି । ଏବଂ ଯେତେବେଳେ ଏହା ଅନ୍ତର୍ହିତ ହୋଇଯାଉଛି, ସଂପୂର୍ଣ୍ଣ ଭାବରେ ସମର୍ପିତ ହୋଇ ରହୁଛି, ଯେତେବେଳେ ଆପଣା ଦ୍ୱାରା ସକ୍ରିୟ ହୋଇ ରହିଥିବା ତାହାର ଆଦୌ କୌଣସି ଅସ୍ତିତ୍ୱ ରହୁ ନାହିଁ, ସେତେବେଳେ ତାହାରି ମଧ୍ୟଦେଇ ଗତି କରୁଥିବା ପରମଶକ୍ତି ବଡ଼ ଦୁର୍ଜେୟ,... ବେଳେବେଳେ ଭାରି ଦୁର୍ଜେୟ ହୋଇ ଉଠୁଛି । ବେଳେବେଳେ ବେଶ୍ ଦୃଷ୍ଟିଗୋଚର ହୋଇପାରୁଛି, ସାକ୍ଷୀରୂପେ ବିଦ୍ୟମାନ ରହିଥିବା ଚେତନାଟି ବେଶ୍ ଦେଖି ପାରୁଛି ଯେ ସମ୍ଭାବନାଗୁଡ଼ିକ ଲାଗି ପ୍ରକୃତରେ ଆଦୌ କୌଣସି ସୀମା ରହିବା ଉଚିତ ନୁହେଁ । ମାତ୍ର ଏହା ତଥାପି ସେହି ପର୍ଯ୍ୟାୟକୁ ଆସି ନାହିଁ, ସେଇଟିଠାରୁ ଏବେ ମଧ୍ୟ ଅନେକ ଦୂରରେ ରହିଛି... କ'ଣ ପ୍ରକୃତରେ ସମ୍ଭବ, ଏହା ତାହାରି ଏକ ଦୃଷ୍ଟାନ୍ତରୂପେ ଆପଣାକୁ ସୂଚିତ କରାଉଛି । ମାତ୍ର... ଏହା ସ୍ୱତଃସ୍ଫୂର୍ତ୍ତ ଏବଂ ସ୍ୱାଭାବିକ ହେବା ପୂର୍ବରୁ...

(*ମାଆ ଦୀର୍ଘ କାଳ ନୀରବ ରହିଲେ*)

ତୁମର କିଛି କହିବାକୁ ଅଛି କି ?

> *ଏହା କେତେଦୂର ଠିକ୍ ମୁଁ ଜାଣେ ନାହିଁ, ମାତ୍ର, ମୋ'ର ଏଭଳି ଗୋଟିଏ ଅନୁଭବ ହେଉଛି ଯେ, କେତେ ବର୍ଷ ପୂର୍ବେ ଯାହା ଥିଲା ଓ ବର୍ତ୍ତମାନ ଯାହା ଅଛି, ଦୁଇଟି ଭିତରେ ଏକ ନିର୍ଦ୍ଦିଷ୍ଟ ପ୍ରଭେଦ ଅବଶ୍ୟ ରହିଛି । ଯଦି ମୁଁ ଏପରି*

*କହିପାରିବି, ଆମ ଭିତରେ ଆପଣ ଉପସ୍ଥିତ ରହିବା ଦ୍ୱାରା ସେହି ପ୍ରଭେଦ ସମ୍ଭବ ହୋଇଛି । ଉଦାହରଣ ସ୍ୱରୂପ, ପୂର୍ବେ ମୁଁ ଅନେକ ସମୟରେ ଅନୁଭବ କରୁଥିଲି ଯେ ଆପଣ ଅତ୍ୟନ୍ତ ସକ୍ରିୟ ଭାବରେ ଆମ ସହିତ ରହିଛନ୍ତି ଅର୍ଥାତ୍ ଆପଣ ଆମକୁ ନେଇ ଅତ୍ୟନ୍ତ ସକ୍ରିୟ ଭାବରେ ବ୍ୟସ୍ତ ହୋଇ ରହିଛନ୍ତି; ବର୍ତ୍ତମାନ, ମୁଁ କଥାଟିକୁ ଠିକ୍ ଭାବରେ କହିପାରୁଛି କି ନାହିଁ ଜାଣେ ନା, ମାତ୍ର ମୋ'ର ବରଂ ଏପରି ଅନୁଭବଟି ହେଉଛି ଯେ ଏହି କାର୍ଯ୍ୟଟିକୁ ଏକ ଶକ୍ତି କରିବାକୁ ଲାଗିଛି... କୌଣସି ନୈର୍ବ୍ୟକ୍ତିକ ଶକ୍ତି ନୁହେଁ, ମାତ୍ର...*

ହଁ, ଏହା ପ୍ରକୃତରେ ସତ ଯେ ମୋ'ର କାର୍ଯ୍ୟର ଅନେକ ଭାଗକୁ ମୁଁ ଏହି ପରମଚେତନାର ହସ୍ତରେ ନେଇ ସମର୍ପି ଦେଇଛି । ଏହି କଥାଟି ପ୍ରକୃତରେ ସତ । ମୁଁ ସେହି ପରମଚେତନାକୁହିଁ ସକ୍ରିୟ ଭାବରେ କାର୍ଯ୍ୟ କରିବାକୁ ଛାଡ଼ି ଦେଇଛି, କାରଣ... କାରଣ ମୁଁ ସ୍ପଷ୍ଟ ଆବିଷ୍କାର କରି ପାରିଲି ଯେ ପ୍ରକୃତରେ ସେଇ ସବୁକିଛି ଜାଣିଛି । ଅନ୍ୟଥା, ତୁମମାନଙ୍କ ସହିତ ନୈକଟ୍ୟର ଅନୁଭବଟି ପୂର୍ବ ଅପେକ୍ଷା ବର୍ତ୍ତମାନ ଆହୁରି ଅଧିକ ଶକ୍ତିଶାଳୀ ହୋଇପାରିଛି — ଅନେକ ଅଧିକ ଶକ୍ତିଶାଳୀ ହୋଇଛି । ମୋ'ର ପ୍ରାୟ ଏପରି ଏକ ଅନୁଭବ ହେଉଛି ଯେ, ମୁଁ ବର୍ତ୍ତମାନ ତୁମମାନଙ୍କର ଭିତରେହିଁ ବିଚରଣ କରୁଛି । ଆଗରୁ ମୋ'ର ଏହି ଅନୁଭବ ଆଦୌ ହେଉ ନ ଥିଲା । ମାତ୍ର, ହୁଏତ ଏକଥା ବି ସମ୍ଭବ ଯେ, ମୋ'ର ଚେତନା ଆଗେ ତୁମମାନଙ୍କ ଚେତନା ଉପରେ ଗୋଟାଏ ପ୍ରକାରର ଚାପ ପକାଉଥିଲା; ବର୍ତ୍ତମାନ ତାହା ସେପରି କଥା ହୁଏତ ଆଦୌ କରୁ ନାହିଁ, କାରଣ... ବର୍ତ୍ତମାନ ମୁଁ ସତେଯେପରି ଭିତରେ ରହି କାର୍ଯ୍ୟଟିକୁ କରୁଛି ।

*ହଁ, ଆପଣଙ୍କ ସହିତ ବା ଆପଣଙ୍କ ପାଖରେ ଥିଲାବେଳେ ତାହା ଅତ୍ୟନ୍ତ ସ୍ପଷ୍ଟ ହୋଇ ରହିଥାଏ, ସ୍ପଷ୍ଟଭାବରେ ଅନୁଭବ କରିହୁଏ । ହଁ, ଆପଣ ଭିତରେ ରହିଛନ୍ତି ବୋଲି ସ୍ପଷ୍ଟରୂପେ ଅନୁଭବ ହୁଏ ।*

ହଁ, ଠିକ୍ ସେହି କଥା ।

*ହଁ, ସେହି କଥା; ମାତ୍ର ଅନ୍ୟପକ୍ଷରେ ଶାରୀରିକ ଦୃଷ୍ଟିରୁ ଆପଣଙ୍କଠାରୁ ଦୂରରେ ରହିଥିବା ସମୟରେ ସତେଅବା ଅଧିକ ପରିମାଣରେ କୌଣସି ନୈର୍ବ୍ୟକ୍ତିକ ବସ୍ତୁ ପାଖରେ ରହିଥିବା ପରି ଲାଗେ । ମୁଁ ଠିକ୍ କଥାଟିକୁ କହିପାରୁଛି କି ନାହିଁ କେଜାଣି ?*

ହୁଏତ ତାହା ନୈର୍ବ୍ୟକ୍ତିକ ହୋଇ ଯାଇଥିବ । ମୁଁ ଅନୁଭବ କରିଥାଏ ଯେ, ଏହି ଶରୀରର ଚେତନାଟିରେ ମଧ୍ୟ ଏକ ସର୍ବନିମ୍ନ ପରିମାଣର ବ୍ୟକ୍ତିଗତ ଭାବ ନିଶ୍ଚୟ ରହିଛି । ବେଳେବେଳେ ମୋ' ଶରୀରର ସୀମାଗୁଡ଼ିକ ବିଷୟରେ ମୋ'ର ଆଦୌ କୌଣସି ଅନୁଭବ ହୁଏ ନାହିଁ ।... ଏହି କଥାଟିକୁ ମୁଁ କିପରି କଥାରେ କହିପାରିବି କେଜାଣି ?... ହଁ, ଠିକ୍ ସେହିପରି ହୁଏ, ତାହା ସତେଅବା ଏକ ତରଳ ପଦାର୍ଥରେ ପରିଣତ ହୋଇ ଯାଇଥିବା ପରି ଅନୁଭବ ହୁଏ । ଏବଂ ତା'ପରେ ଆଉ କୌଣସି ବ୍ୟକ୍ତିଗତ କ୍ରିୟାଶୀଳତାର **ଆଉ** ଆଦୌ **କୌଣସି ଅବକାଶ ରହେ ନାହିଁ** । ମାତ୍ର, ଅତ୍ୟନ୍ତ ସୁନିର୍ଦ୍ଦିଷ୍ଟ ଭାବରେ, ଭିତରେ (ମୁଁ କିପରି କଥାଟିକୁ ବୁଝାଇ କରି କହିପାରିବି କେଜାଣି ?), ଏହି କ୍ଷେତ୍ରରେ ଏପରି କୌଣସି ବ୍ୟକ୍ତି ପରି ଆଦୌ କିଛି ନ ଥାଏ, ଯିଏକି ଏଡ଼େ ବୃହଦାକାର ହୋଇଯାଇଛି ଯେ ସିଏ ନିଜ ଭିତରକୁ ଅନ୍ୟମାନଙ୍କୁ ଗ୍ରହଣ କରିନେଇ ପାରୁଛି । ସେପରି ମୋଟେ ହୁଏ ନାହିଁ : ଏହା ହେଉଛି ଏକ ଶକ୍ତି, ଏକ ଚେତନା ଯାହାକି ଏହି ସବୁଟି ଉପରେ **ବ୍ୟାପ୍ତ** ହୋଇ ରହିଛି । ମୁଁ ଆଦୌ କୌଣସି ସୀମାର ଅନୁଭବ କରିପାରୁ ନାହିଁ, ମୁଁ ଏହାକୁ ଆପଣାକୁ ବ୍ୟାପ୍ତ କରି ରଖିଥିବା ଗୋଟିଏ ବସ୍ତୁରୂପେ ଅନୁଭବ କରୁଛି, ଏପରିକି ତାହା ସ୍ଥୂଳ ଭାବରେ ବ୍ୟାପ୍ତ ହୋଇ ରହିଥିବାର ଅନୁଭବ କରୁଛି... ଏହି କାରଣରୁହିଁ, ଯେତେବେଳେ କୌଣସି ବ୍ୟକ୍ତି ଅତ୍ୟନ୍ତ ପରିମାଣରେ ସକ୍ରିୟ ହୋଇ ରହିଥିବା ଏକ ସଂଶୟାତ୍ମକ ବୋଧ ନେଇ ଆସୁଛି, ପର୍ଯ୍ୟବେକ୍ଷଣ କରିବାକୁ ଅଥବା ବିଚାର କରିବାକୁ ଇଚ୍ଛା କରୁଛି, ସେତେବେଳେ ସିଏ ସତେଅବା ନିଜର ଭିତରେ ଆସି ପ୍ରବିଷ୍ଟ ହେଉଛି ଏବଂ ତଦ୍ଦ୍ୱାରା ସିଏ ନିଜେହିଁ ଭିତରେ ଅତ୍ୟନ୍ତ ଅସ୍ତବ୍ୟସ୍ତ ହୋଇ ପଡୁଛି ।

ଏହି କ୍ରିୟାଟି ଏକ ବ୍ୟକ୍ତିଗତ କ୍ରିୟାର ଅନୁଭୂତି ଆଣି ଦେଉଛି ବୋଲି ମୁଁ ଆଦୌ ଭାବୁ ନାହିଁ – ଏପରି ଅନେକ ଦିନ ହେଲା ହେଲାଣି (ଅର୍ଥାତ୍, ଅନ୍ତତଃ ଏହି ବର୍ଷ ଆରମ୍ଭରୁ ହେଲାଣି) । ମୁଁ ସେମାନଙ୍କ ଲାଗି ଅମୁକ ବା ସମୁକ କଥାଟି କରିଛି ବୋଲି ଲୋକମାନେ ଯେତେବେଳେ ମୋ ପାଖକୁ ଚିଠି ଲେଖି ଜଣାନ୍ତି, ସେତେବେଳେ ମୁଁ ପ୍ରକୃତରେ ଅତ୍ୟନ୍ତ ବିସ୍ମିତ ହୋଇଯାଏ । ଯଦି ସେମାନେ ''ପରମ ଶକ୍ତିହିଁ ତାହା କରିଛି'' ଅଥବା ''ପରମଚେତନା ତାହା କରିଛି'' ବୋଲି କହୁଥା'ନ୍ତେ, ତେବେ ତାହା ମୋତେ ଅଧିକ ସ୍ୱାଭାବିକ ବୋଲି ମନେ ହୁଅନ୍ତା ।

ସେହିଠାରେ (*ଊର୍ଦ୍ଧ୍ୱଦେଶକୁ ଇଙ୍ଗିତ*) ଅବସ୍ଥିତ ସେହି ଚେତନାକେନ୍ଦ୍ରହିଁ ସବୁ କହୁଛି ଓ ସବୁକିଛି ଦେଖୁଛି । ମାତ୍ର ଅତ୍ୟନ୍ତ ସ୍ୱାଭାବିକ କଥା ଯେ ତାହା କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ସୀମାବସ୍ଥିତ ହୋଇ ଆଦୌ ରହି ନାହିଁ : କଥା ଦ୍ୱାରା ଏବଂ ଇନ୍ଦ୍ରିୟଗୁଡ଼ିକ ଦ୍ୱାରା ସନ୍ଦେଶ ଆଣି ଦେବା ଲାଗି ତାହା ସେହିଠାରେ (*ପୂର୍ବ ପରି ଊର୍ଦ୍ଧ୍ୱକୁ ଇଙ୍ଗିତ*) ଅବସ୍ଥିତ

ରହିଛି । ମାତ୍ର, ତା'ଠାରେ କୌଣସି ବ୍ୟକ୍ତିତ୍ୱଭାବ ନାହିଁ । ଏବଂ, ''ଆପଣ କିପରି ତାହାକୁ ଦେଖି ପାରୁଛନ୍ତି ?'' ବୋଲି ମୋତେ ଯେତେବେଳେ ପ୍ରଶ୍ନ ହୋଇଥାଏ, ସେତେବେଳେ ପ୍ରଶ୍ନଟିକୁ ବୁଝିବାକୁହିଁ ମୋତେ ବେଶ୍ କିଛି ସମୟ ଲାଗିଯାଏ । ଜଣେ ବ୍ୟକ୍ତି ସେଠାରେ ରହି ସବୁ ଦେଖୁଛନ୍ତି ବୋଲି ମୁଁ ଆଦୌ ଅନୁଭବ କରେ ନାହିଁ ।

କେତେକ ଅନୁଭୂତି ବଳରେ ମୁଁ ଏପରି ଭାବୁଛି ଯେ ଶାରୀରିକ ଜୀବନ ଲାଗି ବ୍ୟକ୍ତି ସୀମାଗତ ଏହି ବୋଧଟିର ଆଦୌ ଆବଶ୍ୟକତା ନାହିଁ । ଏହି କଥାଟିକୁ ଶିକ୍ଷା କରିବାକୁ ହୋଇଥାଏ ସତ, ମାତ୍ର ତଥାପି ତାହାର କୌଣସି ଆବଶ୍ୟକତା ନାହିଁ । ଏକଥା ସର୍ବଦା ଅନୁଭୂତ ହୋଇ ଆସିଛି ଯେ, ଭିନ୍ନଭିନ୍ନ ବ୍ୟକ୍ତିସତ୍ତା ଗଠନ କରି ପାରିବା ଲାଗି ଏକ ସୁସଂଜ୍ଞାକୃତ ଶରୀରାକୃତିର ଅବଶ୍ୟ ପ୍ରୟୋଜନ ରହିଛି,— ମାତ୍ର ଏହାର କୌଣସି ପ୍ରୟୋଜନ ନାହିଁ । ସେଇଟି ବ୍ୟତୀତ ବି ଶାରୀରିକ ଜୀବନଧାରଣ ସମ୍ଭବ ହୋଇପାରେ, ଶରୀର ସେଇଟି ବ୍ୟତୀତ ବେଶ୍ ଜୀବନ ବଞ୍ଚିପାରେ ।... ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଭାବରେ, ଅର୍ଥାତ୍, ଶରୀର ଭିତରେ ସେହି ପୁରାତନ ଅଭ୍ୟାସ ଏବଂ ଜୀବନରୀତିଗୁଡ଼ିକ ରହିଥିବା ପର୍ଯ୍ୟନ୍ତ ତାହା ସମ୍ଭବ ହେବା ଅତ୍ୟନ୍ତ କଷ୍ଟକର । ଏହାଦ୍ୱାରା ଏପରି ଏକ ଅନ୍ତର୍ଗତ ସଂଗଠନ ନିଷ୍ପନ୍ନ ହୋଇଆସେ, ଯାହାକି ଅନେକ ପରିମାଣରେ ଏକ ଅବ୍ୟବସ୍ଥା ପରି ଦେଖାଯାଇଥାଏ,— ଏହା ପ୍ରକୃତରେ କଷ୍ଟକର । ହଁ, ସମସ୍ୟାଗୁଡ଼ିକ ଅନବରତ ଆସିବାରେ ଲାଗିଥା'ନ୍ତି, କାରଣ ସବୁକିଛି,— **ସବୁକିଛି** — ଶରୀରର ଆଉ ଏପରି ଗୋଟିଏ କୌଣସି କ୍ରିୟାଶୀଳତା ରହେ ନାହିଁ ଯାହାକୁ କି ଏଇଟିଦ୍ୱାରା* ନିଷ୍ପନ୍ନ ହେଉଥିବା ପ୍ରଶ୍ନଟିର ସମ୍ମୁଖୀନ ହେବାକୁ ନ ପଡ଼େ । ସେତେବେଳେ ସେହି ପୁରାତନ ପ୍ରକ୍ରିୟାଟି ଆଉ ଆଦୌ ଉପସ୍ଥିତ ନ ଥାଏ; ତାହା ଆଗରୁ ଯେପରି ଥିଲା, ମୋଟେ ସେପରି ହୋଇ ରହେ ନାହିଁ । ମାତ୍ର, ତାହା ବାସ୍ତବ କ୍ଷେତ୍ରରେ ଆଦୌ ଏକ ଅଭ୍ୟାସରେ, ଏକ ସ୍ୱତଃସ୍ଫୂର୍ତ୍ତ ଅଭ୍ୟାସରେ ପରିଣତ ହୋଇ ନ ଥାଏ । ଅର୍ଥାତ୍, ସ୍ୱାଭାବିକ ହୋଇ ନ ଥାଏ, ଚେତନାର ତାହା ବିଷୟରେ ସର୍ବଦା ନିଘା ରଖିବାର ଆବଶ୍ୟକତା ରହିଥାଏ — ପ୍ରତ୍ୟେକ କାର୍ଯ୍ୟ ଲାଗି, ଏପରିକି ଖାଦ୍ୟଦ୍ରବ୍ୟକୁ ଢୋକିବା ଲାଗି ମଧ୍ୟ । ଏବଂ ତଦ୍ଦ୍ୱାରା ଜୀବନ କିଞ୍ଚିତ୍ ପରିମାଣରେ କଷ୍ଟକର ହୋଇପଡ଼େ,— ବିଶେଷ କରି, ହଁ, ବିଶେଷ କରି ମୁଁ ଲୋକମାନଙ୍କ ସହିତ ସାକ୍ଷାତ କରୁଥିବା ବେଳେ ସେପରି ହୁଏ । ମୁଁ ତ ବହୁସଂଖ୍ୟକ (ପ୍ରତ୍ୟେକ ଦିନ ଚାଳିଶି ପଚାଶ ଜଣ) ବ୍ୟକ୍ତିଙ୍କ ସହିତ ସାକ୍ଷାତ କରେ, ଏବଂ ପ୍ରତ୍ୟେକ ବ୍ୟକ୍ତି ଆପଣା ସହିତ ଏପରି କିଛି ବହନ କରି ଆଣିଥାଏ, ଯାହାଫଳରେ ଏପରି ଏକ ପ୍ରୟୋଜନ ଦେଖାଦିଏ ଯେ ଏହି ଦିବ୍ୟଚେତନା ଯାହାକି ଏସବୁଗୁଡ଼ିକୁ ନେଇ କ୍ରିୟାଶୀଳ, ତାହାକୁ ବାହାରୁ ଆସୁଥିବା ଏହି

* ବ୍ୟକ୍ତିଗତ ସୀମାର ଏହି ଅନୁପସ୍ଥିତି ।

ବସ୍ତୁଗୁଡ଼ିକ ସହିତ ନିଜକୁ କିଛିଟା ଖାପ ଖୁଆଇ କ୍ରିୟା କରିବା ପାଇଁ ବାଧ ହେବାକୁ ପଡ଼େ ।... ଏବଂ ମୁଁ ଦେଖେ ଯେ ଅନେକ ବ୍ୟକ୍ତି ଅସୁସ୍ଥ ହୋଇ ପଡ଼ନ୍ତି (ବା ସେମାନେ ଅସୁସ୍ଥ ହୋଇଯିବା ପରି ଭାବନ୍ତି, ଅସୁସ୍ଥ ହୋଇ ପଡ଼ିବା ପରି ବୋଧ କରନ୍ତି ଅଥବା ପ୍ରକୃତରେ ଅସୁସ୍ଥ ହୋଇ ପଡ଼ିଥାନ୍ତି); ମାତ୍ର ସେହି ପୁରାତନ ପଦ୍ଧତିରେ ପରିଚାଳିତ ହେଉଥିବା ସେମାନଙ୍କର ଜୀବନରୀତିଟିର ଜରିଆରେ ଏହା ଶରୀର ଭିତରେ ମୂର୍ତ୍ତ ହୋଇ ରହିଯାଏ । ଏହି ନୂତନ ଶରୀର-ଚେତନା ହୁଏତ ତାହାକୁ ବେଶ୍ ଏଡ଼ିଦେଇ ପାରୁଥା'ନ୍ତା,– ମାତ୍ର ତାହା ପ୍ରକୃତରେ ଭାରି କଷ୍ଟକର । ଏକ ପ୍ରକାରର ସଚେତନ ଅଭିନିବେଶ ଦ୍ୱାରା ଏପରି ଏକ ଅବସ୍ଥାକୁ ବା ସତ୍ତାଗତ ରୀତିକୁ ବଳବତ୍ତର ରଖିବାକୁ ହେବ, ଯାହାକି ପୁରାତନ ପ୍ରକୃତି ଅନୁସାରେ ସ୍ୱାଭାବିକ ନୁହେଁ । କିନ୍ତୁ ଯାହାକୁ ସୁନିଶ୍ଚିତ ଭାବରେ ସତ୍ତାଗତ ସେହି ନୂତନ ପଦ୍ଧତିଟି ବୋଲି କୁହାଯାଇ ପାରିବ । ସେପରି କରିବା ଦ୍ୱାରା ଅସୁସ୍ଥତାକୁ ବେଶ୍ ଏଡ଼ି ଦେଇହେବ । ମାତ୍ର ଏହି କାର୍ଯ୍ୟଟି ପ୍ରକୃତରେ ଏକ କଠିନ କାର୍ଯ୍ୟ, ଜଣେ ଭଗୀରଥର କାର୍ଯ୍ୟ ।

ଏହା ଅତ୍ୟନ୍ତ କଷ୍ଟସାଧ ।

ତୁମେ ବୁଝି ପାରୁଥିବ, ଯାବତୀୟ ଅସମ୍ଭବତା, ''ସେପରି ମୋଟେ ସମ୍ଭବ ନୁହେଁ, ତାହାକୁ ମୋଟେ କରିହେବ ନାହିଁ'' ପ୍ରଭୃତି ଯାବତୀୟ ବିଷୟ ବର୍ତ୍ତମାନ ସଂପୂର୍ଣ୍ଣ ଭାବରେ ଅପସୃତ ହୋଇଯାଇଛି । ମାତ୍ର କେବଳ ସିଦ୍ଧାନ୍ତତଃ ଅପସୃତ ହୋଇଛି, ଏବଂ ବର୍ତ୍ତମାନ ତାହା ଏକ ସତ୍ୟ, ଏକ ମୂର୍ତ୍ତ ସତ୍ୟରୂପେ ପ୍ରତିଷ୍ଠିତ ହୋଇ ରହିବାକୁ ଚେଷ୍ଟା କରୁଛି ।

ଏକଥା ଏବେ ହୋଇଛି, ଅର୍ଥାତ୍, ଏହି ବର୍ଷଟି ଆରମ୍ଭ ହେବା ପରେ ହୋଇଛି । ଏବଂ ତେଣେ, ଯାବତୀୟ ପୁରାତନ ଅଭ୍ୟାସ ତଥାପି ରହିଛି; ପ୍ରକୃତରେ କହିବାକୁ ଗଲେ ନବେ ବର୍ଷର ସେହି ଅଭ୍ୟାସ ତଥାପି ରହିଛି । ମାତ୍ର ଶରୀର ଭଲକରି ଜାଣିସାରିଲାଣି;– ଏହା ଯେ କେବଳ ଏକ ଅଭ୍ୟାସ, ସିଏ ସେହି କଥାଟିକୁ ଅବଶ୍ୟ ଜାଣିଲାଣି ।

# ୧୧ ଜାନୁଆରି ୧୯୭୧

ଦେଢ଼ମାସ ଯାବତ୍ ଏକ ଦୀର୍ଘ ଶାରୀରିକ ସଂକଟ ପରେ
ମାଆ ନିମ୍ନ ମନ୍ତବ୍ୟଟିକୁ କରିଥିଲେ । ମନ୍ତବ୍ୟଟିକୁ ଜଣେ ଶିଷ୍ୟ
ପରେ ମନେ ପକାଇ ଲିପିବଦ୍ଧ କରି ରଖିଥିଲେ ।

ଶାରୀରିକ ସ୍ତରରେ କୌଣସି ଦୃଷ୍ଟିସାମର୍ଥ୍ୟ ଲାଭ କରିବା ପାଇଁ ଏକ ଅଧିକ କାଳ ସ୍ଥାୟୀ ହୋଇ ରହି ପାରୁଥିବା ଅଭିନିବେଶ ଅତ୍ୟାବଶ୍ୟକ । ସ୍ଥୂଳ ଦୃଷ୍ଟି ଦୃଷ୍ଟ ବସ୍ତୁଟି ସ୍ଥାୟୀ ହୋଇ ରହିବାରେ ସାହାଯ୍ୟ କରିଥାଏ । ଏହା ବସ୍ତୁଗୁଡ଼ିକୁ ଏକ ଅବିଚ୍ଛିନ୍ନତା ଆଣିଦିଏ । ଶୁଣିବାବେଳକୁ ମଧ୍ୟ ଠିକ୍ ସେହି କଥା । ତେଣୁ, ଯେତେବେଳେ ସେଗୁଡ଼ିକ ଆଉ ପ୍ରକୃତରେ ଉପସ୍ଥିତ ନ ରହେ, ସେତେବେଳେ ଆମେ ବସ୍ତୁଟି ବିଷୟରେ ପ୍ରତ୍ୟକ୍ଷ ଭାବରେ ସଚେତନ ହୋଇ ରହୁ ଏବଂ ତାହାରି ଦ୍ୱାରାହିଁ ଯଥାର୍ଥ ଜ୍ଞାନ ଉପଲବ୍ଧ ହୋଇଥାଏ । ଅତିମାନସ ନିଶ୍ଚିତ ଭାବରେ ଠିକ୍ ସେହିପରି ମାର୍ଗରେହିଁ କାର୍ଯ୍ୟ କରିବ ।

ଚେତନା ଦ୍ୱାରା ଏକାତ୍ମକତା ଅର୍ଜନ କରିବା ଲାଗି ଓ ଚେତନାର ଅଭିବୃଦ୍ଧି ଲାଗି ଜାଗା ଛାଡ଼ିଦେବାକୁହିଁ ଶରୀରସ୍ତରୀୟ ଯାବତୀୟ ଦର୍ଶନ ଓ ଶ୍ରବଣକୁ ପଶ୍ଚାଦ୍‌ଭାଗକୁ ନିକ୍ଷିପ୍ତ କରି ଦିଆଯାଇଛି ।

ଆପଣାକୁ ସଂପୃକ୍ତ ବସ୍ତୁ ବା ବ୍ୟକ୍ତି ସହିତ ଏକାତ୍ମକ କରି ରଖୁଥିବା ଚେତନା,– ତାହାହିଁ ସମ୍ବନ୍ଧ ସ୍ଥାପନ କରିବାର ଓ ଜାଣିବାର ଯଥାର୍ଥ ସାଧନ । ସେହି କ୍ଷେତ୍ରରେ ଦୂରତା ଓ ବିଚ୍ଛିନ୍ନତାର ସାଧାରଣ ବୋଧଟି ପରିବର୍ତ୍ତେ ଏକ ସତତ ସଂଯୁକ୍ତ ହୋଇ ରହିଥିବାର ବୋଧ ବିଦ୍ୟମାନ ଥାଏ । ଏହିସବୁ ଅନୁଭବ ସଂପୂର୍ଣ୍ଣ ଭାବରେ ଭାରି ଆଗ୍ରହୋଦ୍ଦୀପକ ହୋଇ ରହିଥା'ନ୍ତି । ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନେ ମୋତେ ଡାକନ୍ତି ଅଥବା ମୋ'କଥା ଭାବନ୍ତି । ତାହା ଆସି ମୋ'ର ଚେତନାକ୍ଷେତ୍ରରେ ପ୍ରବିଷ୍ଟ ହୁଏ । ଏବଂ, ତାହାର କିଛି ସମୟ ପରେ ମୋତେ ଏହି କଥା କୁହା ଯାଇଥାଏ, ''ଏହିପରି ଜଣେ ବ୍ୟକ୍ତି ଆସିଛନ୍ତି'' ବା ''ଏହିପରି ଜଣେ ବ୍ୟକ୍ତିଙ୍କ ଜୀବନରେ କୌଣସି ଏକ ଘଟଣା ଘଟିଛି''; ଏବଂ ମୁଁ ଉତ୍ତର ଦେଇ କହେ, ''ମୁଁ ଜାଣିଛି ।'' ବିଷୟଟି ଘଟିବା ସମୟରେ ମୋତେ ଆଦୌ କିଛି କୁହାଯାଇ ନ ଥିଲା;– ମାତ୍ର, ସତେଯେପରି ମୋ' ନିଜ ସତ୍ତା ମଧ୍ୟରେ ସେହି କଥାଟି ପ୍ରକୃତରେ ଘଟିଛି, ମୁଁ ସେଇଟି ବିଷୟରେ ଠିକ୍ ସେହିପରି ସଚେତନ ହୋଇ ରହିଥିଲି ।

## ୧୬ ଜାନୁଆରି ୧୯୭୧

ଦୀର୍ଘଦିନ ହେଲା ମୋ'ର ଗୋଟିଏ ଗୋଡ଼ ମୃତପ୍ରାୟ ହୋଇ ରହିଥିଲା (ଏବେ ଯାଇ ସେଥିରେ ପୁନର୍ବାର ଜୀବନ ଆସିବାକୁ ଆରମ୍ଭ କରୁଛି), ସେହି ଗୋଡ଼ଟିରେ ଆଦୌ କୌଣସି ଜୀବନ ନ ଥିଲା । ତେଣୁ, ତାହାର ଏକ ସ୍ୱାଭାବିକ ପରିଣାମ ସ୍ୱରୂପ ସବୁକିଛି ଭାରି କଷ୍ଟକର ହୋଇ ପଡ଼ିଥିଲା... ମାତ୍ର ସବୁଠାରୁ ଅଧିକ ଉଲ୍ଲେଖଯୋଗ୍ୟ କଥା ହେଉଛି ଯେ,– ଏହି କଥାଟି ମୁଁ ତୁମମାନଙ୍କୁ ସଙ୍ଗେ ସଙ୍ଗେ କହିଦେଇ ପାରିବି,– ସେଠାରେ ପ୍ରତିଷ୍ଠିତ ହୋଇଥିବା ଚେତନାଟି (*ମାଆ ନିଜ ମୁଣ୍ଡକୁ ଇଙ୍ଗିତ କରି ଦେଖାଇଲେ*) କ୍ରମଶଃ ଅଧିକରୁ ଅଧିକ ଶକ୍ତିଶାଳୀ ହେଉଥିଲା, ଅଧିକରୁ ଅଧିକ ପରିଷ୍କାର ହେବାରେ ଲାଗିଥିଲା; ଏବଂ ତାହା **ସ୍ଥାୟୀ** ହୋଇ ରହିଥିଲା । ମୁଁ କାର୍ଯ୍ୟ କରିବାରେ ଲାଗିଥିଲି; କେବଳ ଭାରତବର୍ଷ ଲାଗି ନୁହେଁ, ମାତ୍ର ସମଗ୍ର ବିଶ୍ୱ ଲାଗି ମୋ'ର କାର୍ଯ୍ୟ ଅବ୍ୟାହତ ଭାବରେ ଚାଲିଥିଲା, ଏବଂ ବିଶ୍ୱ ସହିତ ମୋ'ର ସମ୍ବନ୍ଧଟି ସତତ ସ୍ଥାପିତ ହୋଇ ରହିଥିଲା (ଅର୍ଥାତ୍, ''ସେହି ଧ୍ୟାନ ମୋ' ଭିତରେ ସର୍ବଦା ଜାଗୃତ ହୋଇ ରହିଥିଲା'') ଏବଂ ଅତ୍ୟନ୍ତ ସକ୍ରିୟ ଭାବରେ ଏହି କାର୍ଯ୍ୟଟି ଚାଲିଥିଲା ।

ରୂପାନ୍ତର ବିଷୟରେ, ହେଉ, ''ଚେତନାକୁ ବଦଳାଇବା'' ବିଷୟରେ ମୁଁ ଯାହା ବ୍ୟାଖ୍ୟା କରି ଦେଇଛି ମୁଁ ଜାଣେ ନାହିଁ..., ସେହି କାର୍ଯ୍ୟଟି ବିଧିବଦ୍ଧ ଭାବରେ ସତତ ଅବ୍ୟାହତ ରହିଛି,... ମାତ୍ର, ଆପାତ ଦୃଷ୍ଟିରୁ ସେହି କ୍ଷେତ୍ରରେ କ୍ଷତି ମଧ୍ୟ ହେବାରେ ଲାଗିଛି, ଅଥବା, ଅନ୍ତତଃ କେତେ ସମୟ ସକାଶେ ସାମର୍ଥ୍ୟଗୁଡ଼ିକର କ୍ଷେତ୍ରରେ ଅନେକ ପରିମାଣରେ ହ୍ରାସ ଘଟିଛି । ମାତ୍ର, ଦୃଷ୍ଟି ଓ ଶ୍ରବଣର କ୍ଷେତ୍ରରେ ଏକ ଅଦ୍ଭୁତ ଘଟଣା ଘଟିଛି : ବେଳେବେଳେ ଏହି ଦୁଇଟି ଇନ୍ଦ୍ରିୟ ଯଥାସମ୍ଭବ ଅଧିକ ପରିମାଣରେ ପରିଷ୍କାର ହୋଇ କାର୍ଯ୍ୟ କରୁଛନ୍ତି ଓ ଆଉ ବେଳେବେଳେ ସଂପୂର୍ଣ୍ଣ ଭାବରେ ବନ୍ଦ ହୋଇ ଯାଉଛନ୍ତି । ଏବଂ, ଅତ୍ୟନ୍ତ ସ୍ପଷ୍ଟ ଭାବରେ, ତାହାର ଏକ ଅନ୍ୟ କାରଣ ରହିଛି – ସମ୍ପୂର୍ଣ୍ଣ ଅନ୍ୟ ପ୍ରଭାବ ହେତୁ ସେକଥା ଘଟୁଛି । ମୁଁ ଭାବୁଛି, ପୂରା ଭଲ ଭାବରେ ଦେଖି ପାରିବାକୁ ମୋତେ ମାସ ମାସ ସମୟ ଲାଗିବ । ମାତ୍ର ସେକଥା ଯାହା ହୋଇଥାଉ ପଛକେ, ସାଧାରଣ ଚେତନାଟି (*ମାଆ ମୁଣ୍ଡ ଉପରେ ପୂର୍ବବତ୍ ଇଙ୍ଗିତ କଲେ*), ଯାହାକୁ ଆମେ ବିଶ୍ୱଗତ ଚେତନା ବୋଲି କହିପାରିବା (ଅନ୍ତତଃ ପୃଥୀଚେତନା ବୋଲି ଅବଶ୍ୟ କହିପାରିବା),– ତାହା ଗୋଟିଏ ମିନିଟ୍ ସକାଶେ ମଧ୍ୟ ଛାଡ଼ି ଚାଲି ଯାଇ ନ ଥିଲା, ଗୋଟିଏ ମିନିଟ୍ ସକାଶେ ମଧ୍ୟ ନୁହେଁ । ତାହା ପ୍ରକୃତରେ ଅବିରାମ ଭାବରେ ବିଦ୍ୟମାନ ରହିଥିଲା ।

ତୁମେ ଏହି ଟିପ୍ପଣୀଟିକୁ ଦେଖିଲଣି ?*

*ହଁ, ମାଆ, ଦେଖିଲିଣି ।*

ସେଇଟି ବିଷୟରେ କ'ଣ ଭାବିଲ ?

*ମୁଁ ଭାବିଲି, ସମ୍ଭବତଃ ଠିକ୍ ତାହାହିଁ ହୋଇଥିବ । ଏକ ନୂତନ କାର୍ଯ୍ୟକାରିତା ଆରମ୍ଭ ହୋଇଥିବା ପରି ମନେ ହେଉଛି ।*

ହଁ, ଏକ ନୂତନ କାର୍ଯ୍ୟକାରିତା । ଭାରି ଆଗ୍ରହୋଦ୍ଦୀପକ ।

*ସତ୍ତା ଓ ଘଟଣାଗୁଡ଼ିକ ବିଷୟରେ ଆପଣଙ୍କର ଅବବୋଧରେ କୌଣସି ପରିବର୍ତ୍ତନ ଘଟିଛି କି ? ଆପଣଙ୍କର ଅବବୋଧ-ପ୍ରଣାଳୀଟି ବଦଳି ଯାଇଛି କି ?*

ହଁ,— ସଂପୂର୍ଣ୍ଣ ଭାବରେ, ତାହା ସଂପୂର୍ଣ୍ଣ ଭାବରେ ବଦଳି ଯାଇଛି । ପ୍ରକୃତରେ ଭାରି ଅଦ୍ଭୁତ କଥା... ବାସ୍ତବିକ ଏହି ସଂପୂର୍ଣ୍ଣ ସମୟଟି ଭୌତିକ ସତ୍ତାର ଚେତନାଟିକୁ ବିକଶିତ କରି ଆଣିବାରେହିଁ ଅତିବାହିତ ହୋଇଛି । ଏବଂ, ଏହି ଭୌତିକ ସତ୍ତା (*ମାଆ ନିଜ ଶରୀରକୁ ସ୍ପର୍ଶ କଲେ*) ସତେଅବା ଆଉଏକ ଚେତନା ଲାଗି ତିଆରି ହୋଇ ଯାଇଥିବା ପରି ବୋଧ ହେଉଛି, କାରଣ ଏପରି ଅନେକ ବସ୍ତୁ ରହିଛି... ଏହାର ପ୍ରତିକ୍ରିୟାଗୁଡ଼ିକ ସଂପୂର୍ଣ୍ଣ ଭାବରେ ବଦଳି ଯାଇଛି, ଦୃଷ୍ଟିକୋଣ ବି ଅଲଗା ହୋଇଯାଇଛି । ମୁଁ ଏକ ସଂପୂର୍ଣ୍ଣ ଉପେକ୍ଷା ଓ ଅନାସକ୍ତତାର ଏପରି ଏକ ଅବଧି ମଧ୍ୟଦେଇ ଗତି କରିଛି, ଯେତେବେଳେ ପୃଥିବୀ ମୋ'ଲାଗି ଆଦୌ କୌଣସି କିଛିରହିଁ ପ୍ରତିନିଧିତ୍ୱ କରୁ ନ ଥିଲା, ଯେତେବେଳେ ଏହି ପୃଥିବୀର ଆଦୌ କୌଣସି ଅର୍ଥ ନ ଥିଲା । ଏବଂ, କ୍ରମଶଃ ସେଇଥିରୁହିଁ ସତେଅବା ଗୋଟିଏ ନୂତନ ଅବବୋଧ ଜନ୍ମଲାଭ କଲା । ବର୍ତ୍ତମାନ ସେଇଟିହିଁ ବିକଶିତ ହୋଇ ଆସିବାରେ ଲାଗିଛି ।

ମାତ୍ର ଏହାକୁ କଦାପି ଏକ ବିଶୁଦ୍ଧ ଚଳତ୍‌ଶକ୍ତିହୀନତା ବୋଲି କୁହାଯାଇ ପାରିବ ନାହିଁ ! ଅନ୍ତତଃ ତିନି ସପ୍ତାହ-ପର୍ଯ୍ୟନ୍ତ ରାତିଦିନ ସର୍ବଦା ଦାରୁଣ ଯନ୍ତ୍ରଣା ହୋଇଥିଲା, ଚବିଶ ଘଣ୍ଟାରୁ ପୂରା ଚବିଶ ଘଣ୍ଟା ସେହି ଯନ୍ତ୍ରଣା ଭୋଗ କରିବାକୁ ପଡୁଥିଲା,— ସେଥିରେ ଏତେ ଟିକିଏ ବି ଏପାଖ ସେପାଖ ହେଉ ନ ଥିଲା । ସତେଯେପରି ମୋତେ କିଏ କାଟି ବିଦାରି ଟିକିଟିକି କରିଦେବାରେ ଲାଗିଥିଲା ।... ତେଣୁ, ଆଉ କାହାରିକୁ ସାକ୍ଷାତ ଦେବାର

* ଏହା ପୂର୍ବରୁ ଦିଆ ଯାଇଥିବା ୧୧/୧/୧୯୭୧ ର ଟିପ୍ପଣୀଟି ।

କୌଣସି ପ୍ରଶ୍ନହିଁ ଉଠୁ ନ ଥିଲା । ବର୍ତ୍ତମାନ ତାହାର ସମାପ୍ତି ଘଟିଛି । ବର୍ତ୍ତମାନ ଯନ୍ତ୍ରଣାଟିକୁ ବେଶ୍ ସହ୍ୟ କରି ହେଉଛି ଏବଂ ଶରୀର ବି କ୍ରମେ ଅଳ୍ପ ଅଳ୍ପ କରି ଆପଣାର ସାଧାରଣ ଜୀବନଟିକୁ ଆରମ୍ଭ କରି ପାରିଲାଣି ।

ମାତ୍ର ମୁଁ ତୁମକୁ କହିବାକୁ ଇଚ୍ଛା କରୁଥିଲି ଯେ ମୋ'ର ଚେତନା ସର୍ବଦା ତୁମ ସହିତ ସକ୍ରିୟ ହୋଇ ରହିଥିଲା । ତୁମେ ସେକଥା ଅନୁଭବ କରିଥିଲ କି ?

*ମୁଁ ସେହି ମହାଶକ୍ତିଟିକୁ ଅତ୍ୟନ୍ତ ପ୍ରବଳ ଭାବରେ ଅନୁଭବ କରି ଥିଲି ।*

ହଁ, ଦେଖିଲ !

*ହଁ, ଏବଂ ଅତ୍ୟନ୍ତ ଅପରୋକ୍ଷ ଏବଂ ପ୍ରତ୍ୟକ୍ଷ ଭାବରେ ଅନୁଭବ କରି ପାରୁଥିଲି ।*

ଭାରି ଭଲ କଥା ।

*ମୁଁ ବିଶେଷ ଭାବରେ ଚିନ୍ତା କରୁଥିଲି ଯେ, ଯଦି ଏହା ଆପଣଙ୍କର ଗୋଡ଼ଯାଏ ଆସିଲାଣି, ତେବେ ତାହାର ଏହାହିଁ ଅର୍ଥ ହେବ ଯେ ଏହା ବର୍ତ୍ତମାନ ସମ୍ପୂର୍ଣ୍ଣ ଭାବରେ ଜଡ଼ର ସ୍ତରରେ ମଧ୍ୟ ପ୍ରବେଶ କରି ସାରିଲାଣି ।*

ହଁ, ହଁ, ମୁଁ ମଧ୍ୟ ଘଟଣାଟିକୁ ଠିକ୍ ସେହି ଅର୍ଥରେ ବୁଝିଥିଲି । ଖାଲି ଗୋଡ଼ ନୁହେଁ, ଗୋଡ଼ର ତଳ ଅଂଶଟିରେହିଁ ତାହା ଘଟିଥିଲା । (*ମାଆ ନିଜର ପାଦକୁ ସ୍ପର୍ଶ କଲେ*)... ମାତ୍ର, ମୁଁ ଅତ୍ୟନ୍ତ ଭଲ ଭାବରେ ଲକ୍ଷ୍ୟ କରି ପାରିଲି, କିପରି ତୁମକୁ ସାହାଯ୍ୟ କରିବାକୁହିଁ ତଥାକଥିତ ଯାବତୀୟ ଦୁର୍ବିପାକ ଓ ବିପର୍ଯ୍ୟୟ, ଦୁର୍ଭାଗ୍ୟ ଓ ବିପଦ,– **ଠିକ୍** ସମୁଚିତ ସମୟଟିରେ ଆସି ପହଞ୍ଚି ଯାଉଥିଲେ; **ଠିକ୍** ତୁମକୁ ସାହାଯ୍ୟ କରିବା ଲାଗି ସେଗୁଡ଼ିକର ଯେତେବେଳେ ପ୍ରୟୋଜନ ହେଉଥିଲା, ସେମାନେ ସେତିକିବେଳେ ଆସି ପହଞ୍ଚି ଯାଉଥିଲେ ।... ବସ୍ତୁତଃ, ସ୍ଥୂଳ ପ୍ରକୃତିର ଯାହାକିଛି ସେତେବେଳେ ତଥାପି ପୁରାତନ ପୃଥିବୀଟିର ଅନ୍ତର୍ଗତ ହୋଇ ରହିଥିଲା, ସେହି ପୃଥିବୀର ଅଭ୍ୟାସଗୁଡ଼ିକର ଅନ୍ତର୍ଗତ ହୋଇ ରହିଥିଲା, କରିବା, ହେବା ଓ କ୍ରିୟା କରିବାର ଯାବତୀୟ ସଂସ୍କାରର ଅନ୍ତର୍ଗତ ହୋଇ ରହିଥିଲା, କେବଳ ଏହି ଅସୁସ୍ଥତା ବ୍ୟତୀତ ଆଉ କୌଣସି ଉପାୟରେହିଁ ସେଗୁଡ଼ିକର ''ସମ୍ମୁଖୀନ ହେବାର'' ଆଦୌ ବାଟ ନ ଥିଲା ।

ଏକଥାଟି ମୋତେ ଆଗ୍ରହୋଦ୍ଦୀପକ ହୋଇ ରହି ନ ଥିଲା ବୋଲି ମୁଁ କଦାପି କହିପାରିବି ନାହିଁ ।

ମାତ୍ର, ମୋ' ତରଫରୁ ମୁଁ ସମସ୍ତଙ୍କ ସହିତ ସଂପର୍କ ରଖିଥିଲି, ଶାରୀରିକ ସ୍ଥୂଳ ସ୍ତରରେ ମଧ୍ୟ ସେହି ସଂପର୍କଟି ରଖି ପାରିଥିଲି । ସେମାନେ ଏ ବିଷୟରେ କେତେଦୂର ସଚେତନ ହୋଇ ରହିଥିଲେ କି ନାହିଁ, ଅବଶ୍ୟ ମୁଁ ସେକଥା କହି ପାରିବି ନାହିଁ; ମାତ୍ର ମୁଁ ସମସ୍ତଙ୍କ ସହିତ ସଂପର୍କ ରଖିଥିଲି । ତାହା ସଂପୃକ୍ତ ସେହି ବ୍ୟକ୍ତିମାନଙ୍କର ଗ୍ରହଣଶୀଳତା ଉପରେହିଁ ନିର୍ଭର କରୁଛି । ସେହି ସମୟରେ ସମ୍ବନ୍ଧଗୁଡ଼ିକର ବା ସେହିପରି ଆଉ କୌଣସି କ୍ଷେତ୍ରରେ କୌଣସି ପ୍ରକାର ଭଗ୍ନତା ଘଟିଥିଲା ବୋଲି ସେତେବେଳେ ମୁଁ ଆଦୌ ଅନୁଭବ କରି ନ ଥିଲି । ଆଦୌ, ଆଦୌ ଅନୁଭବ କରି ନ ଥିଲି । ଏପରିକି, ଯେତେବେଳେ ମୁଁ ବାହ୍ୟ ଶରୀରରେ ସେହିଭଳି ଦାରୁଣ ଯନ୍ତ୍ରଣା ଭୋଗ କରିବାରେ ଲାଗିଥିଲି ଏବଂ ନିଜର ଯନ୍ତ୍ରଣାକୁ ନେଇ ମୁଁ ଗୋଟାସୁଦ୍ଧା ଘାରି ହୋଇ ରହିଛି ବୋଲି ଲୋକମାନେ ବିଶ୍ୱାସ କରୁଥିଲେ, ସେତେବେଳେ ମଧ୍ୟ ମୁଁ ଆଦୌ ସେପରି ଘାରି ହୋଇ ରହି ନ ଥିଲି । ଏକଥାକୁ ମୁଁ କିପରି ବୁଝାଇ କରି କହିବି, ସେକଥା ମୁଁ ଜାଣି ପାରୁ ନାହିଁ ।... ମୁଁ ବେଶ୍ ଭଲ ଭାବରେ ଦେଖି ପାରୁଥିଲି ଯେ ଏହି ବିଚରା ଶରୀରଟା ସେତେବେଳେ ଆଦୌ ଅତ୍ୟନ୍ତ ସୁସ୍ଥ ଓ ପ୍ରସନ୍ନ ନ ଥିଲା, ମାତ୍ର ସେହି ବିଷୟରେ ମୁଁ ଆଦୌ କୌଣସି ପ୍ରକାରେ ବ୍ୟସ୍ତ ରହି ନ ଥିଲି । ସର୍ବଦା କେବଳ ଏହିପରି ଏକ ଅନୁଭବ ହେଉଥିଲା ଯେ... ମୁଁ ଅନୁଭବ କରୁଥିଲି ଯେ, ମୋତେ କେବଳ ସେହି ପରମସତ୍ୟଟିକୁ ବୁଝିବାକୁ ପଡ଼ିବ ଓ ତାହାକୁ ଅଭିବ୍ୟକ୍ତ କରି ଆଣିବାକୁ ପଡ଼ିବ ।

ଏବଂ, ସେତିକିବେଳେ ଏହି ଟିପ୍ପଣୀଟି ଲେଖା ହୋଇଥିଲା (ଏହି କଥାଟିକୁ ଶବ୍ଦ ଦେଇ କିପରି କହିହେବ ?), ଏଇଟି କୌଣସି ଘଟଣାର ପରିଣାମ ସ୍ୱରୂପ ସମ୍ଭବ ହୋଇଥିଲା ଏବଂ କୌଣସି ଏକ ଘଟଣାର ଆରମ୍ଭରୂପେ ମଧ୍ୟ ଅଭିବ୍ୟକ୍ତ ହୋଇଥିଲା; ଏବଂ ଅତ୍ୟନ୍ତ ସୁନିର୍ଦ୍ଦିଷ୍ଟ ଭାବରେ ଅଭିବ୍ୟକ୍ତ ହୋଇ ଆସିଥିଲା । ସେଇଟି ବୋଧଗମ୍ୟ ହୋଇ ପାରୁଛି କି ନାହିଁ କେଜାଣି ?

*ହଁ, ବେଶ୍ ବୋଧଗମ୍ୟ ହୋଇ ପାରୁଛି ।*

ତୁମକୁ ତାହା ବୋଧଗମ୍ୟ ବୋଲି ମନେ ହେଲା ?

*ହଁ, ଆପଣ କହିଥିଲେ ଯେ, ଦୃଷ୍ଟି ଏବଂ ଶ୍ରବଣଶକ୍ତିର କାର୍ଯ୍ୟକାରିତା ସମ୍ଭବତଃ ଦବିଯାଇ ଅନ୍ତରାଳକୁ ଚାଲିଯାଇଛି, ଯେପରିକି ଆପଣ ପ୍ରତ୍ୟକ୍ଷ ଭାବରେ ଯାବତୀୟ ବସ୍ତୁ ବିଷୟରେ ସଚେତନ ହୋଇ ରହିପାରିବେ, ଏବଂ ସେହିଭଳି ସଚେତନ ହେବା ସମୟରେ ଆପଣଙ୍କୁ ଆଦୌ ଇନ୍ଦ୍ରିୟଗୁଡ଼ିକର ମଧ୍ୟଦେଇ ଯିବାକୁ ପଡ଼ିବ ନାହିଁ ।*

ହଁ, ମାତ୍ର ଏହି ଟିପ୍ପଣୀଟି ବର୍ତ୍ତମାନ ଅତୀତର ଏକ ବିଷୟ ହୋଇ ସାରିଲାଣି, କାରଣ ମୁଁ ପୁନର୍ବାର ଦେଖିବାକୁ ଆରମ୍ଭ କଲିଣି । ମାତ୍ର ଏବେ ଏକ ଅନ୍ୟ ପ୍ରକାରେ ଦେଖିବାକୁ ଆରମ୍ଭ କଲିଣି । ମୁଁ ପୁନର୍ବାର ଦେଖିବାକୁ ଓ ଶୁଣିବାକୁ ଆରମ୍ଭ କଲିଣି ।

*ମୂଳଭୂତ ଭାବରେ କହିଲେ, ଯେତିକି ଆବଶ୍ୟକ, ଆପଣ ସେତିକି ଦେଖୁଛନ୍ତି ଓ ସେତିକି ଶୁଣୁଛନ୍ତି ।*

ହଁ, ହଁ – ସେଇଟା ଅତ୍ୟନ୍ତ ପରିଷ୍କାର କଥା । ମୋ'ର ଯାହା ଶୁଣିବା ଦରକାର, ମୁଁ ତାହା ଶୁଣିପାରୁଛି; ଅତ୍ୟନ୍ତ ନିମ୍ନ ସ୍ୱରରେ କୁହା ହେଉଥିଲେ ମଧ୍ୟ ଶୁଣିପାରୁଛି । ମାତ୍ର ନାନା କଥୋପକଥନର ଯାବତୀୟ କୋଳାହଳ, ଯେଉଁସବୁ କଥା ଏକ ବିରାଟ କୋଳାହଳ ଦ୍ୱାରା ଆପଣାକୁ ପ୍ରକାଶ କରୁଛି,– ମୁଁ ସେଗୁଡ଼ିକୁ କିଛିହେଲେ ଶୁଣି ପାରୁ ନାହିଁ !– ନିଶ୍ଚୟ କିଛି ନା କିଛି ବଦଳି ଯାଇଛି । ମାତ୍ର ତଥାପି ସେହି ପୁରୁଣା – ପୁରୁଣା, ପୁରୁଣା ଅଭ୍ୟାସଗୁଡ଼ାକ ରହିଛି । ମାତ୍ର ସୁଖର କଥା ଯେ ଜଣେ ବ୍ୟକ୍ତି ହିସାବରେ ମୁଁ କେବେହେଲେ କୌଣସି ଅଭ୍ୟାସର ଦାସ ହୋଇ ରହି ନାହିଁ ।... ହଁ (*ମାଆ ହସିକରି କହିଲେ*) ତୁମେ ହୁଏତ କହିବ : ଅତି କଠିନ ହୋଇ ରହି ଆସିଥିବା କୌଣସି ଏକ ବସ୍ତୁ ବର୍ତ୍ତମାନ ବଦଳିବାକୁ ଆରମ୍ଭ କରିଛି ! ତେଣୁ ଏହା ଆଦୌ ନମନୀୟ ନୁହେଁ, ଆଦୌ ସରଳ ନୁହେଁ । ମାତ୍ର ପରିବର୍ତ୍ତନ ହେଉଛି, ଅବଶ୍ୟ ପରିବର୍ତ୍ତନ ହେଉଛି । ମୁଁ **ଅତ୍ୟନ୍ତ ଅଧିକ ଭାବରେ** ବଦଳି ଯାଇ ପାରିଛି, ଏପରିକି ମୋ'ର ସ୍ୱଭାବ ବଦଳିଛି, ବୁଝିବାଶକ୍ତି ବଦଳିଛି, ବସ୍ତୁଗୁଡ଼ିକ ବିଷୟରେ ମୋ'ର ଦୃଷ୍ଟି ମଧ୍ୟ ବଦଳି ଯାଇଛି । ଅନେକ – ଅନେକ ପରିମାଣରେ ବଦଳି ଯାଇଛି ... ସଂପୂର୍ଣ୍ଣ ଭାବରେ ଏକ ପୁନଃଗୋଷ୍ଠୀକରଣ ସଂଘଟିତ ହୋଇଛି ।

କେବଳ ଏତିକି କଥା ଯେ, ଏକ ବୋଧଗମ୍ୟ ପ୍ରଣାଳୀରେ କିପରି ସେହି ଟିପ୍ପଣୀଟିକୁ ବ୍ୟବହାର କରାଯାଇ ପାରିବ, ମୁଁ ସେ ବିଷୟରେ କିଛି ଜାଣି ପାରୁ ନ ଥିଲି ।

*କିନ୍ତୁ, ମାଆ, ଏଇଟି ସଂପୂର୍ଣ୍ଣ ଭାବରେ ବୋଧଗମ୍ୟ ହୋଇଯାଉଛି ।*

ବୁଝିଲି । ମାତ୍ର ଲୋକମାନଙ୍କୁ ସେହିପରି ଏକ ଉପାୟରେ ହତାଶ କରି ଦେବା ଲାଗି ତାହା ସ୍ପଷ୍ଟତଃ ଆଦୌ ଉଦ୍ଦିଷ୍ଟ ହୋଇ ରହି ନାହିଁ : ହଠାତ୍ ସବୁକିଛି ବୁଝି ହୋଇଯିବ ଓ ତା'ପରେ ଆଉ କିଛିହେଲେ ବାକୀ ରହିବ ନାହିଁ । ପରେ, ସେଇଟି ପାଖରୁ ଏତେ ଦୂରକୁ

ଚାଲି ଯାଇଥିବା ପରି ମନେ ହେବ ଯେ ଲୋକମାନେ ସେ ବିଷୟରେ ଆଉ କିଛିହେଲେ ବୁଝିପାରୁ ନ ଥିବେ ।

(*ମାଆ ନୀରବ ରହିଲେ*)

*ସ୍ପଷ୍ଟତଃ, ନୂତନ ଚେତନାଟିର ପଶ୍ଚାତରେ ଠିକ୍ ଏହି ନୀତିଟି କାର୍ଯ୍ୟ କରୁଛି ଯେ, କେବଳ ଯେତେବେଳେ ସେଥିଲାଗି ଆବଶ୍ୟକତା ରହିଛି, ଠିକ୍ ସେତିକିବେଳେହିଁ ବସ୍ତୁଗୁଡ଼ିକୁ କାର୍ଯ୍ୟକାରୀ କରାଯାଉଛି । ଏବଂ, ସେତେବେଳେ ତାହାହିଁ ଯଥେଷ୍ଟ ହେଉଛି ।*

ହଁ, ହଁ, ସଂପୂର୍ଣ୍ଣ ଠିକ୍ କଥା ।

*ଏହି କ୍ଷେତ୍ରରେ ଆଦୌ କୌଣସି ପୂର୍ବଯୋଜନା ନାହିଁ, ଆଗରୁ ମୋଟେ କିଛି ଦେଖା ହୋଇ ନାହିଁ ।*

ହଁ, ହଁ, ଠିକ୍ ସେହି କଥା ।

(*ମାଆ ନୀରବ ରହିଲେ*)

ପୃଥିବୀ ବର୍ତ୍ତମାନ ଏକ ଭୟଙ୍କର ଅବସ୍ଥା ମଧଦେଇ ଗତି କରୁଛି ।

*ମାତ୍ର, ଅସଲ ଈପ୍ସିତ ବସ୍ତୁଟି ଆମର ଏତେ ନିକଟରେ ଆସି ରହିଛି ବୋଲି ମୁଁ ଆଗରୁ ଆଉ କେବେହେଲେ ଅନୁଭବ କରି ନ ଥିଲି ।*

ହଁ, ହଁ, ହଁ; ଠିକ୍ ସେହି କଥା, ଠିକ୍ ସେହି କଥା ।

*ସେହି ବସ୍ତୁ ଏକାବେଳେକେ ହାତପାଆନ୍ତାରେ ରହିଛି ବୋଲି ମୁଁ ଅନୁଭବ କରୁଛି ।*

(*ମାଆ ନୀରବ ରହିଲେ*)

ମଝିରେ ଏପରି ଗୋଟିଏ ସଂପୂର୍ଣ୍ଣ ଅବଧି ରହିଥିଲା, ଯେତେବେଳେ କି ମୁଁ ଲଗାତାର ଅସୁସ୍ଥ ହୋଇ ରହିଥିଲି ଓ ତେଣୁ ମୋତେ ଆଦୌ କେହିହେଲେ ଦେଖା କରି ପାରୁ ନ ଥିଲେ । ସେତେବେଳେ ମୁଁ ପ୍ରକୃତରେ ଏକାନ୍ତ ଅନାବଶ୍ୟକ ଓ ମୂଲ୍ୟହୀନ

ହୋଇ ପଡ଼ିଥିଲି । ଲଗାତାର, ଲଗାତାର ଠିକ୍ ଏହିପରି ଚାଲିଥିଲା । ଏପରି ହୁଏତ କୁହାଯାଇ ପାରିବ ଯେ ସର୍ବଦା କେବଳ ଏକ ଆର୍ତ୍ତନାଦହିଁ ଉତ୍ଥିତ ହେବାରେ ଲାଗିଥିଲା । ଦୀର୍ଘ ଅନେକ ଦିନ ଧରି ଏହିପରି ଲାଗି ରହିଥିଲା, ପ୍ରାୟ କେତେ ସପ୍ତାହ ପର୍ଯ୍ୟନ୍ତ ଲାଗି ରହିଥିଲା । ମୁଁ ଦିନଗୁଡ଼ାକୁ ବି ମୋଟେ ଗଣୁ ନ ଥିଲି । ତା'ପରେ କ୍ରମେ ମଝିରେ ମଝିରେ ସ୍ଥିରତାର କେତେଗୁଡ଼ିଏ ମୁହୂର୍ତ୍ତ ଆସି ପହଞ୍ଚିବାକୁ ଲାଗିଲା, ଯେତେବେଳେ ଗୋଡ଼ଟି ବିଷୟରେ ମୋ'ର ଆଦୌ କୌଣସି ଅନୁଭୂତି ରହିଲା ନାହିଁ । ଏବଂ, କେବଳ ଏହି ଦୁଇ ବା ତିନିଦିନ ହେଲା ମୋ'ର ମନେ ହେଉଛି ଯେ ଗୋଡ଼ ପୁନର୍ବାର ତା'ର ପୂର୍ବ ସୁସ୍ଥ ଅବସ୍ଥାକୁ ଫେରି ଆସୁଛି ।... ହଁ, ଏହି ଘଟଣା ଏହିପରି ହେଲା... ଏହା ପ୍ରକୃତରେ ପୃଥିବୀର ସଂପୂର୍ଣ୍ଣ ସମସ୍ୟାଟିକୁ ପ୍ରତିଫଳିତ କରି ଦେଉଥିଲା,– ଏପରି ଏକ ପୃଥିବୀ, ଯେଉଁଥିରେ କି ଯନ୍ତ୍ରଣା ଓ ଦୁଃଖଭୋଗ ବ୍ୟତୀତ ଆଉ ଆଦୌ କିଛିହେଲେ ନାହିଁ, ଏବଂ ସବୁଟି ଉପରେ ''କାହିଁକି ?'' ବୋଲି ଏକ ବୃହତ୍ ପ୍ରଶ୍ନବାଚକ ଚିହ୍ନ ଦଣ୍ଡାୟମାନ ହୋଇ ରହିଛି ।

ସାଧାରଣତଃ ସମସ୍ତେ ଯାହା କରିଥା'ନ୍ତି, ମୁଁ ମଧ ଯାବତୀୟ ଅସ୍ଥାୟୀ ଉପଶମକାରୀ ଉପାୟଗୁଡ଼ିକୁ କାମରେ ଲଗାଇଥିଲି : ଯନ୍ତ୍ରଣାକୁ ସୁଖାନୁଭବରେ ପରିବର୍ତ୍ତିତ କରିଦେବାକୁ ଚେଷ୍ଟା କଲି, ଅନୁଭବ କରିବାର ସାମର୍ଥ୍ୟଟାକୁହିଁ ଦୂର କରିଦେବାକୁ, ଆପଣାକୁ ଆଉ ଅନ୍ୟ କିଛି ବିଷୟ ନେଇ ବ୍ୟସ୍ତ କରି ରଖିବାକୁ ମଧ ଚେଷ୍ଟା କରିଥିଲି... ମୁଁ ଯାବତୀୟ ''କୌଶଳ''କୁ ପ୍ରୟୋଗ କରି ଦେଖିଲି – ମାତ୍ର ସେଥିରୁ କୌଣସି ଗୋଟିଏ ବି କାମ ଦେଲା ନାହିଁ । ବର୍ତ୍ତମାନର ଏହି ଭୌତିକ ଜଗତରେ ଏପରି କିଛି ଉପାଦାନ ରହିଛି, ଯାହାକି... (ଶବ୍ଦ ଦେଇ କିପରି କହିହେବ ?) ଯାହାକି ଏବେ ମଧ ସେହି ଦିବ୍ୟ ପରମସ୍ପନ୍ଦନ ଆଡ଼କୁ ଉନ୍ମୋଚିତ ହୋଇପାରି ନାହିଁ । ଏବଂ, ଖାସ୍ ଏହି ଉପାଦାନଟିହିଁ ଯାବତୀୟ, ଯାବତୀୟ ମନ୍ଦ ଓ ଅନିଷ୍ଟର କାରଣ ହୋଇ ରହିଛି... ଦିବ୍ୟ ପରମଚେତନାଟି ଅନୁଭୂତ ହୋଇପାରୁ ନାହିଁ । ଏବଂ ତା'ପରେ, କେତେ ନା କେତେ କାଳ୍ପନିକ ବସ୍ତୁ (ମାତ୍ର, ଇନ୍ଦ୍ରିୟବୋଧକୁ ଯାହା ଅତ୍ୟନ୍ତ ସତ୍ୟ ବୋଲି ଲାଗୁଛି) ମହଜୁଦ ହୋଇ ରହିଛି; ଏବଂ, ସେହି ଅସଲ ବସ୍ତୁଟି ଆଦୌ ଅନୁଭୂତ ହେଉ ନାହିଁ... ମାତ୍ର ବର୍ତ୍ତମାନ ଅବସ୍ଥା ଅପେକ୍ଷାକୃତ ଅଧିକ ଭଲ ହୋଇଗଲାଣି । ଅଧିକ ଭଲ ହେଲାଣି ।

ଏହା ପ୍ରକୃତରେ ଅତ୍ୟନ୍ତ ଆଗ୍ରହୋଦ୍ଦୀପକ । ମୁଁ ବିଶ୍ୱାସ କରୁଛି ଯେ ସାଧାରଣ ସ୍ତରରେ ମଧ ହୁଏତ ନିଶ୍ଚୟ କିଛି ସଂଘଟିତ କରାଯାଇଛି । ଏହା କେବଳ ଗୋଟାଏ ଶରୀର ବା ଜଣେ ବ୍ୟକ୍ତିର ଏକ ଅସୁବିଧା ହୋଇ ରହିଥିଲା ବୋଲି ଆଦୌ କହିହେବ ନାହିଁ : ମୁଁ ବିଶ୍ୱାସ କରୁଛି ଯେ, ପରମ ଜଡ଼ ଯେପରିକି ଯଥାର୍ଥ ଭାବରେ ଗ୍ରହଣ-ସମର୍ଥ ହୋଇ ପାରିବ, ତାହାକୁ ସେଥିଲାଗି ପ୍ରସ୍ତୁତ କରି ଆଣିବା ସକାଶେହିଁ କିଛି ନା କିଛି

କାର୍ଯ୍ୟ କରାହୋଇଛି । ସତେଯେପରି ତାହା ଭୁଲ୍ ପ୍ରଣାଳୀରେହିଁ ତାହାକୁ ଗ୍ରହଣ କରୁଥିଲା ଓ ବର୍ତ୍ତମାନ ତାହାକୁ ଯଥୋଚିତ ପ୍ରଣାଳୀରେ ଗ୍ରହଣ କରି ଶିଖିଲା ।

ଏହା ଅବଶ୍ୟ ସମ୍ଭବ ହେବ । ସମ୍ଭବତଃ ବିଷୟଟି ସ୍ପଷ୍ଟ ହୋଇ ପାରିବା ଲାଗି ମାସ ମାସ ବା ବର୍ଷ ବର୍ଷ ସମୟ ଲାଗିବ । ପ୍ରକୃତରେ କେତେ ସମୟ ଲାଗିବ କେଜାଣି ?

ତା'ପରେ ବିଦାୟ ନେବା ପୂର୍ବରୁ ଶିଷ୍ୟଜଣକ
ମାଆଙ୍କ ଦ୍ୱାରା ଲିଖିତ ଗୋଟିଏ ଟିପା ପଢ଼ି ଶୁଣାଇଲେ ।

ଏହା ପ୍ରକୃତରେ କ'ଣ, ମୋ'ର ମୋଟେ ମନେ ପଡୁ ନାହିଁ ।

*ଏହି ବାର୍ତ୍ତାଟିକୁ ଆପଣ ଆକାଶବାଣୀକୁ ଦେଇଥିଲେ ।*

*''ଆମେ ସେହି ପରମ ଆଲୋକ ଏବଂ ପରମ ସତ୍ୟର*
*ବାର୍ତ୍ତାବହ ହେବା ଲାଗି ଆକାଙ୍‌କ୍ଷା ରଖିଛୁ ।*
*ପୃଥିବୀପୃଷ୍ଠରେ ଘୋଷିତ ହେବା ଲାଗି ସୁସମଞ୍ଜସତାର*
*ଏକ ଭବିଷ୍ୟତ ସମ୍ମତ ହୋଇ ଅପେକ୍ଷା କରି ରହିଛି ।''*

ହଁ, ଭଲ କଥା । ଏହା ଲୋକମାନଙ୍କୁ ସାହସ ଆଣି ଦେବ ।

*ହଁ, ମାଆ, ଦେବ । ମାତ୍ର ମୋ' ନିଜ କଥା କହିବାକୁ ଗଲେ – ଏହାର କୌଣସି କାରଣ ମୁଁ ଦେଇ ପାରିବି ନାହିଁ, ମାତ୍ର ମୁଁ ଅତ୍ୟନ୍ତ ତୀବ୍ର ଭାବରେ ଅନୁଭବ କରୁଛି ଯେ, ଏହା ଆମର ଅତ୍ୟନ୍ତ ନିକଟବର୍ତ୍ତୀ ହୋଇ ଆସିଲାଣି ।*

ହଁ ।

*ମୁଁ ସେହିପରି ଅନୁଭବ କରୁଛି ।*

ହଁ, ତୁମେ ଯଥାର୍ଥ କଥାଟିକୁ ଅନୁଭବ କରୁଛ । ଠିକ୍ ଅନୁଭବ କରୁଛ । ମୁଁ ଭାବୁଛି, ଜଣେ ହୁଏତ ଗୋଟାସୁଦ୍ଧା ଅନ୍ଧ ହୋଇ ରହିପାରିଲେ ଯାଇ ଏହାକୁ ଦେଖି ପାରିବ ନାହିଁ । ଏହା ବର୍ତ୍ତମାନ ସେହି ବିନ୍ଦୁରେ ଆସି ପହଞ୍ଚି ଗଲାଣି ।

## ୩ ମାର୍ଚ୍ଚ ୧୯୭୧

*ମୋ'ର କାହିଁକି ଅନୁଭବ ହେଉଛି ଯେ ଆପଣଙ୍କ ମୁଖର ଚାହାଣି ଇତି ମଧ୍ୟରେ ଭାରି ବଦଳି ଯାଇଛି । (ମାଆ ସମ୍ମତି ସୂଚକ ଭାବରେ ମୁଣ୍ଡ ହଲାଇଲେ) ବର୍ଷକରୁ ଅଧିକ କାଳ ହେଲା ତାହା ଅଧିକରୁ ଅଧିକ ପରିମାଣରେ ଶ୍ରୀଅରବିନ୍ଦଙ୍କର ମୁହଁ ପରି ଦେଖାଯାଉଛି ।*

ଆଚ୍ଛା ?... (*ମାଆ ମୁରୁକି ହସିଲେ*) ହୁଏତ ହୋଇଥିବ !

*ଆଗରୁ ଆପଣଙ୍କର ଚାହାଣିରୁ ମନେ ହେଉଥିଲା, ଯେପରି ଆପଣଙ୍କର ମୁହଁ ''ହୀରାରେ ଗଢ଼ା ହୋଇଥିଲା'', ଏପରି ଏକ ଚାହାଣି... ତାହା ଠିକ୍ ଆପଣଙ୍କର ଚାହାଣି ଥିଲା, ଅତ୍ୟନ୍ତ ଶକ୍ତିଶାଳୀ ଭାବରେ ଆପଣଙ୍କର ଚାହାଣି ହୋଇ ରହିଥିଲା । ବର୍ତ୍ତମାନ ତାହା ସତେଅବା ଅନନ୍ତ ସତ୍ତାର ମୁହଁ ପରି ହୋଇଯାଉଛି ।*

ଆଚ୍ଛା, ମାତ୍ର ମୋ ଦେଖିବାର ପ୍ରଣାଳୀ ମୋଟେ ସେପରି ନୁହେଁ ।

*ହଁ,– ଠିକ୍ ସେହି ସକାଶେ ମୁଁ ଆପଣଙ୍କୁ ପଚାରିବାକୁ ଇଚ୍ଛା କରୁଥିଲି : ଆପଣ ଯେତେବେଳେ ଏପରି ଭାବରେ ଲୋକମାନଙ୍କ ଉପରେ ଦୃଷ୍ଟିପାତ କରନ୍ତି, ସେତେବେଳେ ଆପଣ ପ୍ରକୃତରେ କ'ଣ ଦେଖନ୍ତି ?*

ମୁଁ ଭାବୁଛି,... ଅତ୍ୟନ୍ତ ନିର୍ଦ୍ଦିଷ୍ଟ ଭାବରେ କହିବାକୁ ଗଲେ ମୁଁ ଏହି କଥା ଦେଖେ ଯେ... ମୁଁ ସେମାନେ ଯେଉଁ ଅବସ୍ଥାରେ ରହିଛନ୍ତି, ମୁଁ ସେହି ଅବସ୍ଥାଟିକୁହିଁ ଦେଖେ । ବିଶେଷତଃ, ଏପରି କେତେକ ଲୋକ ଅଛନ୍ତି, ଯେଉଁମାନେ କି ସତେଅବା ବନ୍ଦ ହୋଇ ରହିଥିବା ପରି ମନେ ହୁଅନ୍ତି, ମୋ' ବିଚାରରେ ସେମାନେ ଆଦୌ କିଛି ବି ଦେଖୁ ନ ଥା'ନ୍ତି, ଯେଉଁମାନେ ସମ୍ପୂର୍ଣ୍ଣ ଭାବରେ କେବଳ ସେମାନଙ୍କର ବାହ୍ୟ ଚେତନାଟି ମଧ୍ୟରେ ରହିଥାଆନ୍ତି; ପୁଣି, ଆହୁରି ଅନ୍ୟମାନେ ବି ଥାଆନ୍ତି, ଯେଉଁମାନେ ସଂପୂର୍ଣ୍ଣ ଭାବରେ ଖୋଲି ହୋଇ ରହିଥା'ନ୍ତି,– ଏପରି କେତେକ ପିଲା ଥାଆନ୍ତି – ସେମାନେ ଗୋଟିଏ ଗୋଟିଏ ଅପୂର୍ବ ବସ୍ତୁ ପରି ହୋଇ ରହିଥା'ନ୍ତି, ଯେଉଁମାନେ କି ସତେଅବା ସଂପୂର୍ଣ୍ଣ ଭାବରେ ଖୋଲା ଥାଆନ୍ତି (*ଏକ ଫୁଲ ସତେଅବା ସୂର୍ଯ୍ୟ ଆଡ଼କୁ ଉନ୍ମୋଚିତ ହୋଇ ରହିଥିବାର ଇଙ୍ଗିତ*

କଲେ), ଗ୍ରହଣ କରିବା ସକାଶେ ପ୍ରସ୍ତୁତ ହୋଇ ରହିଥା'ନ୍ତି । ମୁଁ ବିଶେଷ ଭାବରେ ଲୋକମାନଙ୍କର ସେହି ଗ୍ରହଣଶୀଳତାକୁହିଁ ଦେଖିଥାଏ,– ସେମାନେ ଯେଉଁଭଳି ସ୍ଥିତିରେ ରହିଥା'ନ୍ତି : ଯେଉଁମାନେ ଏକ ଅଭୀପ୍ସା ସହିତ ଆସିଥା'ନ୍ତି, ଯେଉଁମାନେ ଏକ ଉତ୍କଣ୍ଠା ଓ ଜିଜ୍ଞାସା ନେଇ ଆସନ୍ତି, ଯେଉଁମାନେ... ସତେଅବା ଆସିବାକୁ ବାଧ୍ୟ ହୋଇଥିବାରୁହିଁ ଆସିଥା'ନ୍ତି । ଏବଂ ତା'ପରେ, ଏପରି ବ୍ୟକ୍ତିମାନେ ବି ଥାଆନ୍ତି, ଯେଉଁମାନେ ଆଲୋକ ପାଇଁ ପିପାସିତ ହୋଇ ରହିଥା'ନ୍ତି – ଏଭଳି ବ୍ୟକ୍ତିମାନେ ବହୁସଂଖ୍ୟାରେ ଆଦୌ ନ ଥା'ନ୍ତି,– ମାତ୍ର ତଥାପି ଅଳ୍ପସଂଖ୍ୟକ ପିଲା ସେହି ସ୍ଥିତିରେ ରହିଥା'ନ୍ତି । ଆଜି ମୁଁ ଠିକ୍ ସେହିପରି ଅତ୍ୟନ୍ତ ଆକର୍ଷକ ମୁହଁଟିଏ ଦେଖିଲି ! ଓଃ, କି ଅଦ୍ଭୁତ ମୁହଁଟିଏ !

ଏବଂ ମୁଁ କେବଳ ସେତିକିମାତ୍ର ଦେଖିଥାଏ । ସେମାନେ କ'ଣ ଭାବୁଛନ୍ତି, କ'ଣ କହୁଛନ୍ତି, ସେସବୁ ମୋଟେ ନୁହେଁ (ସେଗୁଡ଼ାକ ମୋତେ ଅତିମାତ୍ରାରେ କେବଳ ଉପର ସ୍ତରର ବୋଲି ମନେ ହୁଏ, ସେଥିପ୍ରତି ମୋ'ର ମୋଟେ ଆଗ୍ରହ ହୁଏ ନାହିଁ); ଗ୍ରହଣଶୀଳତାର ଯେଉଁ ସ୍ଥିତିରେ ସେମାନେ ରହିଥା'ନ୍ତି, ମୁଁ କେବଳ ସେଇଟିକୁହିଁ ଦେଖେ । ମୁଁ ବିଶେଷ ଭାବରେ ସେହି କଥାଟିକୁହିଁ ଦେଖିଥାଏ ।

(*ମାଆ ନୀରବ ରହିଲେ*)

ମୁଁ ଭାବୁଛି ଯେ ବସ୍ତୁତଃ ପିଲାମାନଙ୍କ ଭିତରେହିଁ ତୁମେ ଏପରି କେତେ ବ୍ୟକ୍ତିଙ୍କର ମୁହଁ ଦେଖିବାକୁ ନିଶ୍ଚୟ ପାଇବ, ଯେଉଁମାନେ କି ନୂତନ ମନୁଷ୍ୟଜାତିକୁ ଆରମ୍ଭ କରି ପାରିବେ । ବୟସ୍କ ମଣିଷମାନେ... ସେମାନେ ଭାରି ବହଳିଆ ହୋଇ ଯାଇଥା'ନ୍ତି, ସେମାନଙ୍କର ଚୋପା ବାନ୍ଧିହୋଇ ଯାଇଥାଏ ।

ହଁ, ମୋତେ ଏପରି ବ୍ୟକ୍ତିମାନଙ୍କ ସହିତ ସତତ ସଂଗ୍ରାମ କରିବାକୁ ପଡ଼ିଥାଏ, ଯେଉଁମାନେ କି ଏଠାରେ ଆରାମରେ ରହିବାକୁ ଆସିଥା'ନ୍ତି, ''ସ୍ୱତନ୍ତ୍ର ଭାବରେ ଯାହା ଖୁସୀ ତାହା କରିପାରିବେ'' ବୋଲି ଆସିଥା'ନ୍ତି । ମୁଁ ଏଭଳି ଲୋକମାନଙ୍କୁ କହେ ''ଏହି ବଡ଼ ପୃଥିବୀଟାରେ ଆହୁରି କେତେ ସ୍ଥାନ ରହିଛି, ତୁମେ ଏହି ସ୍ଥାନଟିକୁ ଛାଡ଼ି ବେଶ୍ ଅନ୍ୟତ୍ର ଯାଇପାରିବ ।''– ସେମାନଙ୍କ ଭିତରେ କୌଣସି ଆସ୍ପୃହା ନ ଥାଏ, କୌଣସି ଅଭୀପ୍ସା ନ ଥାଏ,– ସେଗୁଡ଼ାକ କିଛିହେଲେ ନ ଥାଏ ।

ମୋ ଅନୁଭବଟିକୁ ତୁମେ ବୁଝି ପାରୁଛ ତ ? ଅସଲ କଥାଟି ହେଲା ଏହି ଅଗ୍ନି, ଏହି ଇଚ୍ଛା... ଯାହାକୁ ଲୋକେ ''ଉତ୍ପ୍ରେରକ'' ବୋଲି କହନ୍ତି । ବ୍ୟକ୍ତିଗତ କ୍ଷୁଦ୍ରକ୍ଷୁଦ୍ର ସନ୍ତୋଷ ଓ ପରିତର୍ପଣରେ ତୃପ୍ତ ହୋଇ ରହିବା... ଯାହା ତୁମକୁ ଆଦୌ କେଉଁଠାକୁ

ହେଲେ ନେଇଯାଇ ପାରିବେ ନାହିଁ,— ସେମାନଙ୍କୁ ଭୋଜନବେଳେ କ'ଣସବୁ ଖାଇବାକୁ ମିଳିବ, ତାହାକୁ ନେଇ ସେମାନେ କେଡ଼େ ବ୍ୟସ୍ତ ହୋଇ ରହିଥା'ନ୍ତି !...

ମୁଁ ଭାବୁଛି ଯେ, ଯାହାକିଛି ଆଦୌ ରହିବା ଉଚିତ ନୁହେଁ, ବର୍ତ୍ତମାନ ସତେଅବା ତାହାରିହିଁ ଏକ ''ପ୍ରଦର୍ଶନୀ'' (''ପ୍ରଦର୍ଶନୀ'' କାହାକୁ କହନ୍ତି ଜାଣିଛ ତ ?) ହେବାରେ ଲାଗିଛି ।

*ହଁ ।*

ମାତ୍ର ସେହି ଅଗ୍ନି, ଅଭୀପ୍ସାର ଅଗ୍ନି (*ମାଆ ମୁଣ୍ଡ ହଲାଉଥା'ନ୍ତି*) ଏହି ବସ୍ତୁଟିକୁ ସାଙ୍ଗରେ ନେଇ ଆସୁଥିବା ଲୋକଙ୍କର ସଂଖ୍ୟା ମୋଟେ ଅଧିକ ନୁହେଁ ।

ସେମାନେ ଯାହାକୁ ''ଆରାମଦାୟକ'' ବୋଲି କହନ୍ତି, ଯଦି ସେହିଗୁଡ଼ିକହିଁ ସେମାନଙ୍କୁ ମିଳିଯାଏ, ତେବେ ଆଉ ସେମାନଙ୍କର ଆଦୌ କିଛିହେଲେ ପ୍ରୟୋଜନ ରହିବ ନାହିଁ,— ଆଉ ହଁ, ବାହାର ପୃଥିବୀରେ ସେମାନେ ଯେଉଁ ନିର୍ବୋଧତାମାନ କରିପାରୁ ନାହାନ୍ତି, ସେହିପରି କେତେଟା ନିର୍ବୋଧତା ସକାଶେ ସେମାନଙ୍କୁ ସ୍ୱାଧୀନତା ବି ମିଳି ପାରୁଥିବ !... ଅନ୍ୟ ପକ୍ଷରେ ଆମେ ଅନୁଭବ କରୁଛୁ ଯେ ଅସଲ ଆଗମନଟି ଅଧିକ ତ୍ୱରାନ୍ୱିତ ହୋଇପାରିବା ଉଚିତ — ଯଦି ଜଣେ ବ୍ୟକ୍ତି ବିଜୟୀ ହୋଇ ବାହାରି ପାରନ୍ତା, ତେବେ ସେହି ଆଗମନକୁ ସିଏ ନିଶ୍ଚୟ ତ୍ୱରାନ୍ୱିତ କରିଦେଇ **ପାରନ୍ତା !**

## ୧ ମଇ ୧୯୭୧

*ପୃଥିବୀ ବର୍ତ୍ତମାନ ଦାରୁଣ ଅଶାନ୍ତି ମଧ୍ୟଦେଇ ଗତି କରୁଛି ବୋଲି ଆମେ ଅନୁଭବ କରୁଛୁ ।*

ହଁ, ପ୍ରକୃତରେ ଗତି କରୁଛି !

*ଏବଂ ବ୍ୟକ୍ତିମାନେ ମଧ୍ୟ ।*

(*ମାଆ ନୀରବ ରହିଲେ*)

ସକାଳଠାରୁ ପ୍ରକୃତରେ ସବୁ ସେହିପରି ହୋଇ ଚାଲିଛି — ଧର୍ମଘଟ, କଳହ, ବିଶୃଙ୍ଖଳା... ଏବଂ, ଅନେକେ ଏପରି ଅନୁଭବ ବି କରୁଛନ୍ତି ଯେ, ଯେଉଁମାନେ ବିଶୃଙ୍ଖଳାଟିକୁ ଭିଆଇଛନ୍ତି, ସେହିମାନଙ୍କର ସାହାଯ୍ୟରେହିଁ ପୃଥିବୀରେ ଶୃଙ୍ଖଳାର ପୁନଃପ୍ରତିଷ୍ଠା ଅବଶ୍ୟ ହେବା ଉଚିତ । ତାହାହିଁ ବର୍ତ୍ତମାନ ଏକମାତ୍ର କର୍ତ୍ତବ୍ୟ । ସାଧାରଣ ସଦିଚ୍ଛା ଏବଂ ଏହି ଯାବତୀୟ ନୈତିକ ଓ ସାମାଜିକ ନିୟମର — ଏଗୁଡ଼ାକ ତ ସବୁକିଛି ଧୂଳିସାତ୍ ହୋଇଯାଇଛି — ଏକ ଭୂମି ଉପରେ ନିର୍ଭର କରିବା ପରିବର୍ତ୍ତେ ଆମକୁ ଆହୁରି ଉପରକୁ ଯିବାକୁ ପଡ଼ିବ, ଦିବ୍ୟ ପରମ ଇଚ୍ଛା ଓ ଦିବ୍ୟ ପରମ ସମଞ୍ଜସତାକୁ ଅବଶ୍ୟ ସମ୍ଭବ କରିବାକୁ ପଡ଼ିବ,— ଆମ ଲାଗି ପ୍ରକୃତରେ ସେହି କଥାଟିରହିଁ ଆବଶ୍ୟକତା ରହିଛି; ଏବଂ, ତା'ପରେ ଯେଉଁମାନେ ବସ୍ତୁଗୁଡ଼ିକର ନିତ୍ୟନୈମିତ୍ତିକ ନିୟମ ଓ ନିତ୍ୟନୈମିତ୍ତିକ ସାମାଜିକ ପରମ୍ପରାଗୁଡ଼ିକ ବିରୋଧରେ ବିଦ୍ରୋହ କରି ଆସିଛନ୍ତି : ସେମାନେ ପ୍ରମାଣ କରୁଛନ୍ତି ଯେ, ଆମେ ପ୍ରକୃତରେ ଏକ ଉଚ୍ଚତର ଚେତନା ଓ ଯଥାର୍ଥତର ସତ୍ୟ ସହିତ ଅବଶ୍ୟ ସମ୍ବନ୍ଧିତ ହୋଇ ରହିଛୁ ।

ବର୍ତ୍ତମାନ ସେଇଟିକୁ କରି ଦେଖାଇବାର ସମୟ ଆସି ପହଞ୍ଚିଛି । (*ମାଆ ଊର୍ଦ୍ଧ୍ୱଦିଗକୁ ଏକ ଲମ୍ଫପ୍ରଦାନର ଇଙ୍ଗିତ କଲେ*) ।

ଏବଂ ଶକ୍ତିକୁ ସଂଗଠିତ କରି ଆଣିବାର ଦୃଷ୍ଟିରୁ ବିଚାର କରି କହିଲେ, ଏହା ପ୍ରକୃତରେ ଏକ ଶକ୍ତି... ଏକ ଅତ୍ୟନ୍ତ ଶକ୍ତିଶାଳୀ ଶକ୍ତି । ଏହା ପ୍ରକୃତରେ ଏକ ବିସ୍ମୟ । ଏବଂ, ଯଦି ଏହି ଶକ୍ତିକୁ ସେହି ଉଚ୍ଚତର ଯୋଜନାର ଓ ଉଚ୍ଚତର ଚେତନାର ଅଧୀନସ୍ଥ କରି ରଖାଯାଇ ପାରିବ, ନିଶ୍ଚୟ କିଛି ନା କିଛି ହାସଲ କରିବା ସମ୍ଭବ ହୋଇଯିବ ।

ଆମକୁ ଅବଶ୍ୟ... ଊର୍ଦ୍ଧ୍ୱ ଆଡ଼କୁ ଅବଶ୍ୟ ଏକ ଲମ୍ଫ ପ୍ରଦାନ କରିବାକୁ ପଡ଼ିବ ।

ଯେଉଁମାନେ ଶୃଙ୍ଖଳାର ପୁନଃପ୍ରତିଷ୍ଠା କରିବାକୁ ଇଚ୍ଛା କରୁଛନ୍ତି, ସେମାନେ ସମସ୍ତେ ଯାବତୀୟ ପୁରାତନ ବିଚାରଗୁଡ଼ାକ ଭିତରକୁ ଖାଲି ଟାଣିହୋଇ ଯିବାରେ ଲାଗିଛନ୍ତି । ଏବଂ ସେହି କାରଣରୁହିଁ ସେମାନେ ଆଦୌ ସଫଳ ହୋଇ ପାରୁ ନାହାନ୍ତି । ସେଇଟାର ଦିନ ସରିଯାଇଛି, ସବୁଦିନ ପାଇଁ ସରିଯାଇଛି । ଆମେ ଊର୍ଦ୍ଧ୍ୱ ଦିଗକୁ ଗତି କରୁଛୁ । ଯେଉଁମାନେ ଉଠି ଉପର ଆଡ଼କୁ ଯାଇପାରିବେ, କେବଳ ସେହିମାନେହିଁ ଯଥାର୍ଥରେ କିଛି କରିପାରିବେ ।

*(ମାଆ ଦୀର୍ଘ କାଳ ନୀରବ ରହିଲେ)*

ତୁମର କିଛି ପଚାରିବାକୁ ନାହିଁ ? କିଛିହେଲେ ନାହିଁ ?

*ମୁଁ ଯେ ପ୍ରକୃତରେ କେଉଁ ଦିଗରେ ଗତି କରିବାରେ ଲାଗିଛି, ମୁଁ ସେହି କଥାଟିକୁ ମୋଟେ ଭଲ କରି ଜାଣି ନାହିଁ ।*

ଦିଗ କେବଳ ଗୋଟିଏ ରହିଛି – ସେହି ଦିଗଟି ହେଉଛି ଦିବ୍ୟ ପରମସତ୍ତାଙ୍କ ଆଡ଼କୁ ଗତି କରିବାର ଦିଗ । ଏବଂ ତୁମେ ଭଲକରି ଜାଣିଛ, ଏହା ଯେତିକି ଭିତର ଆଡ଼କୁ ହୋଇ ରହିଛି, ବାହାର ଆଡ଼କୁ ମଧ୍ୟ ସେତିକି ହୋଇ ରହିଛି; ଯେତିକି ଉପର ଆଡ଼କୁ ରହିଛି, ସେତିକି ତଳ ଆଡ଼କୁ ମଧ୍ୟ ରହିଛି । ଏହା ସର୍ବତ୍ର ରହିଛି । ଏହି ପୃଥିବୀ ଯେଉଁଭଳି ଭାବରେ ବିଦ୍ୟମାନ ରହିଛି, ଆମକୁ ତାହାରି ଭିତରେହିଁ ଦିବ୍ୟ ପରମସତ୍ତାଙ୍କର ଉପଲବ୍ଧି କରିବାକୁ ହେବ ଏବଂ ତାଙ୍କୁ ଅବଲମ୍ବନ କରି ରହିବାକୁ ପଡ଼ିବ । କେବଳ ତାହାଙ୍କୁହିଁ ଅବଲମ୍ବନ କରି ରହିବାକୁ ପଡ଼ିବ । ଆଉ ଅନ୍ୟ କୌଣସି ବାଟ ଆଦୌ ନାହିଁ ।

## ୨୨ ମଇ ୧୯୭୧

ଆମେ ସଫଳତା ଲାଭ କରୁ ବୋଲି ଯଦି ପରମପ୍ରଭୁ ଇଚ୍ଛା କରୁଥା'ନ୍ତି, ତେବେ ତାହା **ପ୍ରକୃତରେ ଏକ କେଡ଼େବଡ଼ କଥା ହେବ ।** ଏକ ବୃହତ୍ ସଫଳତାର ସମ୍ଭାବନା ଅନ୍ତରୀକ୍ଷରେ ନାହିଁ, ଏହିଠାରେହିଁ ରହିଛି । ସେହି ସଫଳତାର ସମୟ ଆସି ଉପଗତ ହୋଇଛି କି ନାହିଁ, ସେହି କଥାଟିକୁ ଜାଣିବା ହେଉଛି ସବୁକଥାର ମୂଳ ।

(*ମାଆ ଦୀର୍ଘକାଳ ନୀରବ ରହିଲେ*)

ମୁଁ ପ୍ରକୃତରେ କହୁଛି ଯେ ଏକ ସମ୍ଭାବନା ସକଳ ସ୍ଥାନରେ ରହିଛି – ଏକ ଅସାଧାରଣ ସଫଳତାର ସମ୍ଭାବନା ସର୍ବତ୍ର ରହିଛି । ସେହି ମୁହୂର୍ତ୍ତଟି ପ୍ରକୃତରେ ଆସି ପହଞ୍ଚିଲାଣି କି ? ମୁଁ ଜାଣେ ନାହିଁ... ମୋ ନିଜ ବିଷୟରେ ମୁଁ ଅବଶ୍ୟ ଏତିକି କହିବି ଯେ, ମୁଁ ନିଜକୁ ଏହିପରି ଭାବରେ (*କ୍ଷୁଦ୍ର ହୋଇଯିବାର ଇଙ୍ଗିତ*) ଆକାରରେ କ୍ଷୁଦ୍ର କରିଆଣେ ଏବଂ ତା'ପରେ ବାହାରି ଚାଲିଯାଏ... (*ପରମପ୍ରଭୁଙ୍କ ଆଡ଼କୁ ବାହୁଗୁଡ଼ିକୁ ସଂପୂର୍ଣ୍ଣ ଉନ୍ମୁକ୍ତ କରିଦେବାର ଇଙ୍ଗିତ*) ।

ଦେଖ, ସେହି ପରମ ଇଚ୍ଛା ନିମ୍ନକୁ ଅବତରଣ କରୁଛି ଏବଂ ଏଠାରେ ରହିଥିବା ଯାବତୀୟ ଗଠନ ସେହି କ୍ଷେତ୍ରରେ ଅନୁପ୍ରବେଶ କରି ସେହି ଇଚ୍ଛାର କାର୍ଯ୍ୟକାରୀ ହେବାକୁ ବିଳମ୍ବିତ କରି ଦେଉଛନ୍ତି,– ମୁଁ ଚାହେଁ, ମୁଁ ଚାହେଁ ମୋ'ର ବାତାବରଣଟି... ଏକ ସ୍ୱଚ୍ଛ, ଏକେବାରେ ସ୍ୱଚ୍ଛ ସଂଚାରକରେ ପରିଣତ ହୋଇଯାଉ । ସେଇ ଇଚ୍ଛା ପ୍ରକୃତରେ କ'ଣ, ମୁଁ ସେକଥା ଜାଣିବାକୁ ମଧ୍ୟ ଇଚ୍ଛା କରେ ନାହିଁ । କାରଣ ସେଇଟା ମଧ୍ୟ ମୋତେ ପୁଣି ଏକ ସାଧାରଣ ମଣିଷସ୍ତରରେ ଆଣି ପକାଇ ଦେବାର ଉପକ୍ରମ କରେ... ହଁ, ଏକ ସ୍ୱଚ୍ଛ – ସ୍ୱଚ୍ଛ ସଂଚାରକ । ସିଏ ପ୍ରକୃତରେ ସେହିଭଳି ହୋଇହିଁ ଆସୁ (*ଅବତରଣର ଇଙ୍ଗିତ*), ବିଶୁଦ୍ଧ, ପୂର୍ଣ୍ଣ ବିଶୁଦ୍ଧ ହୋଇ ଆସୁ – ଯେତେ଼ ଦୁର୍ଜେୟ ହୋଇଥିଲେ ମଧ୍ୟ ତଥାପି ଆସୁ ।

ଏକଥାଟି ପ୍ରକୃତରେ କାହିଁକି ସେପରି ହୋଇ ରହିଛି, ବସ୍ତୁତଃ ଆମେ ସେବିଷୟରେ ଜାଣି ନାହୁଁ,– ଏବଂ ଆମର ହୁଏତ ସେବିଷୟରେ ଏକ ଦୃଷ୍ଟି ରହିଛି... ସେହି ଦୃଷ୍ଟି ସମଗ୍ର ପୃଥିବୀଟାକୁ ଆବୋରି ରହିଥିଲେ ମଧ୍ୟ ତାହା ଭାରି କ୍ଷୁଦ୍ର, ପ୍ରକୃତରେ ଭାରି କ୍ଷୁଦ୍ର – ଅତ୍ୟନ୍ତ ପରିମାଣରେ ବିଚ୍ଛିନ୍ନତାଧର୍ମୀ : ଆମେ ଏଇଟିକୁ ଇଚ୍ଛା କରୁ ଓ ସେଇଟିକୁ ଇଚ୍ଛା କରୁ ନ ଥାଉ... ସର୍ବପ୍ରଥମ କଥା ହେଉଛି, – ଆବଶ୍ୟକ ଯନ୍ତ୍ରଗୁଡ଼ିକୁ ତିଆରି କରିବା ହେଉଛି **ସର୍ବପ୍ରଥମ** କଥା... ଆମକୁ **ସ୍ୱଚ୍ଛ** ହେବାକୁ ପଡ଼ିବ, ଅତ୍ୟନ୍ତ

ସ୍ୱଚ୍ଛ ହୋଇ ରହିବାକୁ ପଡ଼ିବ, ଯେପରିକି ଆମ ଭିତର ଦେଇ ବସ୍ତୁଗୁଡ଼ିକ ଅବିକୃତ ଓ ଅବାଧ ଭାବରେ ଗତି କରିଯାଇ ପାରୁଥିବ ।

ବସ୍ତୁତଃ ମୁଁ ସେହି କାର୍ଯ୍ୟଟିକୁ କରିବାରେହିଁ ମୋ'ର ସମୟକୁ ଅତିବାହିତ କରୁଛି : ଠିକ୍ ସେହିପରି ହେବାକୁ ଚେଷ୍ଟା କରିବାରେ ମୋ'ର ସମଗ୍ର ସମୟକୁ ଦେଉଛି ।

*ମାତ୍ର ଏହି ଯେଉଁ ବିଜୟର ସମ୍ଭାବନାଟିକୁ ଆପଣ ଅନୁଭବ କରୁଛନ୍ତି, ସେହି ଅନୁଭବଟି କ'ଣ ଏବେ ଅଳ୍ପଦିନ ହେଲା ଆସିଛି ?*

ହଁ ।

*ଏହା ଅଳ୍ପଦିନ ହେଲା ଆସିଛି । କାରଣ, ଆପାତତଃ ପରିସ୍ଥିତିଗୁଡ଼ାକ ବି ନିଶ୍ଚୟ ଆଦୌ ସେପରି ଅନୁକୂଳ ହୋଇ ରହି ନାହିଁ — ଆପାତତଃ ।*

ଆଚ୍ଛା, ତୁମେ ତା'ହେଲେ ସେକଥା ଜାଣିଛ ।... ଯାବତୀୟ ପରିସ୍ଥିତି ସତେଅବା ଗୋଟାଏ ବିପର୍ଯ୍ୟୟକୁ ଆଣି ଘଟାଇବାରେ ଆପଣାକୁ ସଂଗଠିତ କରି ଆଣୁଥିବା ପରି ବୋଧ ହେଉଥିଲେ ।

*ହଁ ।*

ମାତ୍ର ଅଳ୍ପ କେତେଦିନ ପୂର୍ବେ ସତେଯେପରି ସେହି ବିପର୍ଯ୍ୟୟ ସଂପୂର୍ଣ୍ଣ ଆସନ୍ନ ହୋଇ ଆସିବା ପରି ମନେ ହେଲା । ଏବଂ ତା'ପରେ, ସେହି ମୁହୂର୍ତ୍ତରେ, ମୋ'ର ସମସ୍ତ ସତ୍ତା ସତେଅବା... (ଶବ୍ଦ ଦେଇ କିପରି କହିବି ?) ଏହାକୁ ହୁଏତ ସେହି ଯଥାର୍ଥ ପରମବିଜୟ ଲାଗି ଏକ ଅଭୀପ୍ସା ବୋଲି କୁହାଯାଇ ପାରିବ,— ଏହି ବ୍ୟକ୍ତି ବା ସେହି ବ୍ୟକ୍ତି ଯେଉଁ ବିଜୟ ଇଚ୍ଛା କରୁଛନ୍ତି, ସେଗୁଡ଼ାକ ମୋଟେ ନୁହେଁ — ମାତ୍ର ସେହି ଯଥାର୍ଥ ପରମ ବିଜୟ । ତାହାହିଁ **ଯାବତୀୟ** ଅସୁବିଧାକୁ ଆପଣା ସହିତ ବହନ କରି ଆଣିଥିବା ପରି ମନେ ହେଉଛି — **ଏହି ଯାବତୀୟ ବିଚ୍ଛିନ୍ନତାଧର୍ମୀ ଇଚ୍ଛାଗୁଡ଼ିକ** । ଏବଂ ତା'ପରେ, ସତେଯେପରି ହଠାତ୍ ଏକ ଆଲୋକର ଆବିର୍ଭାବ ହୋଇ ଆସିଲା : ସେହି ପରମ ବିଜୟ-ସମ୍ଭାବନାଟି ଆବିର୍ଭୂତ ହୋଇ ଆସିଲା । ଏହା ତଥାପି... ଏହାକୁ ଏକ ଅଲୌକିକ ଘଟଣା ବୋଲି ଆଦୌ କୁହାଯିବ ନାହିଁ, ମାତ୍ର ସେହି ଦିବ୍ୟ ହସ୍ତକ୍ଷେପ ବୋଲିହିଁ କୁହାଯିବ... ସେହି ସର୍ବୋଚ୍ଚ ପରମପ୍ରଜ୍ଞାର ହସ୍ତକ୍ଷେପ ବୋଲି କୁହାଯିବ । ଏହା କ'ଣ ସତେ ମୂର୍ତ୍ତ ହୋଇପାରିବ ? ଦେଖାଯାଉ କ'ଣ ହେଉଛି । ତାହା ପ୍ରକୃତରେ ଆସୁଥିବା ପରି ମନେ

ହେଉଛି, ଏହି ବାଟ ଦେଇ (*ମାଆ ଏକ ନିର୍ଦ୍ଦିଷ୍ଟ ଉଚ୍ଚତାର ଇଙ୍ଗିତ କଲେ, ଦୁଇଟି ଯାକ ପାପୁଲିକୁ ତଳଆଡ଼କୁ ଓଲଟାଇ କରି ଦେଖାଇଲେ*) ଏକ ସମ୍ଭାବନା ରୂପେ ଆସୁଥିବା ପରି ମନେ ହେଉଛି ।

ନାଇଁ – ଏହା ଅଳ୍ପଦିନର କଥା, ଅତି ଅଳ୍ପଦିନର କଥା । ମୁଁ ଠିକ୍ କରି କହିପାରୁ ନାହିଁ । କାରଣ ତାହା ହଠାତ୍ ଆସି ଆଦୌ ପହଞ୍ଚିଯାଇ ନ ଥିଲା । ମାତ୍ର ତଥାପି ମାତ୍ର କେତୋଟି ଦିନର କଥା ।

*ହଁ, କାରଣ ବେଶ୍ କେତେଦିନ ଧରି ମୁଁ ଏକ ଦାରୁଣ ନିରାଶାବାଦ ଅନୁଭବ କରିବାରେ ଲାଗିଥିଲି ।*

ସେଇଟା ଏକ ଖରାପ ଦୃଷ୍ଟିକୋଣ ।

*ଅବଶ୍ୟ, ମୋ'ର ସେପରି ଏକ ଦୃଷ୍ଟିକୋଣ ମୋଟେ ନ ଥିଲା । ମାତ୍ର ତଥାପି ସତେଅବା ଏକ ନିରାଶାକାରୀ ବାତାବରଣ ଆସି ପ୍ରବେଶ କରୁଥିବା ପରି ମନେ ହେଉଥିଲା ।*

ଯାହାକିଛି ପରମ ଦିବ୍ୟସତ୍ତାଙ୍କୁ ଚାହାନ୍ତି ନାହିଁ, କେବଳ ସେହିଗୁଡ଼ାକହିଁ ଦିବ୍ୟ ପରମସତ୍ତାଙ୍କୁ ଇଚ୍ଛା କରୁଥିବା ଅନ୍ୟମାନଙ୍କୁ ହତୋତ୍ସାହିତ କରି ପକାଇବା ଲାଗି ଜାଣିଜାଣି ଏପରି ଗୋଟିଏ ବାତାବରଣ ସୃଷ୍ଟି କରିଥା'ନ୍ତି । ତୁମେ ମୋଟେ... ମୋଟେ ସିଆଡ଼େ କୌଣସି ଦୃଷ୍ଟି ଦେବ ନାହିଁ । ସେଇଟା, ସେଇଟା ହେଉଛି ସଇତାନର ବାଟ । ନିରାଶାବାଦ ହେଉଛି ସଇତାନର ଏକ ଅସ୍ତ୍ର ଏବଂ ସିଏ ସେହି ଉପାୟରେ ଆପଣାର ସ୍ଥିତି ବିଷୟରେ ଏକ ଘ୍ରାଣ ପାଇବାକୁ ମନ କରିଥାଏ (*ମାଆ କମ୍ପନର ଇଙ୍ଗିତ କଲେ*) । ମାତ୍ର, ଯାହା ମୁଁ ସମ୍ଭବ ହେବ ବୋଲି ଭାବୁଛି, ଯଦି ତାହା ପ୍ରକୃତରେ ଉପଲବ୍ଧ ହୋଇଯିବ, ତେବେ ତାହା ପ୍ରତିକୂଳ ଶକ୍ତିଗୁଡ଼ିକ ଉପରେ ଏକ ମୀମାଂସକ ବିଜୟ ହୋଇ ରହିବ – ଏଥିରେ କୌଣସି ସନ୍ଦେହ ନାହିଁ ଯେ ଆପଣାକୁ ସୁରକ୍ଷିତ କରି ରଖିବା ପାଇଁ ସଇତାନ ଯଥାସମ୍ଭବ ଚେଷ୍ଟା କରିବାରେ ଲାଗିଛି... ତାହାକୁ ସର୍ବଦା ସେହି ସଇତାନ ବୋଲିହିଁ ବୁଝିବାକୁ ପଡ଼ିବ; ଏପରିକି, ଯେତେବେଳେ ତୁମେ ନିରାଶାବାଦର ଲାଞ୍ଜରୁ ବି ଏତେଟିକିଏ ଦେଖିବାକୁ ପାଇବ, ତେବେ ତାହାକୁ ଅବଶ୍ୟ ସଇତାନ ବୋଲି ଜାଣିବ । ସେଇଟା ହେଉଛି ତା'ର ସର୍ବପ୍ରଧାନ ଅସ୍ତ୍ର, ତା'ର ଏକ ବଡ଼ ଅସ୍ତ୍ର ।

## ୯ ଜୁନ୍ ୧୯୭୧

ପ୍ରତିକୂଳ ଶକ୍ତିଗୁଡ଼ିକର ଦଉଡ଼ ଲାଗିରହିଛି । ସେମାନେ ପାଗଳଙ୍କ ପରି ଦଉଡ଼ଧାପଡ଼ କରିବାରେ ଲାଗିଛନ୍ତି । ମାତ୍ର ତେଣେ ସେହି ପରମ ପ୍ରତିସ୍ପନ୍ଦନଟି ମଧ୍ୟ ଆସିବାକୁ ଆରମ୍ଭ କଲାଣି । ଅବଶ୍ୟ ଏହାର ଏକ କ୍ଷୁଦ୍ର ଆରମ୍ଭମାତ୍ରହିଁ ହେଉଛି । ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ତାହା ସତେଅବା ଏକ ପ୍ରବଳ ଝଡ଼ର ସୃଷ୍ଟି କରିଛି । ସେହି ଝଡ଼ ଏବେ ମଧ୍ୟ ସଂପୂର୍ଣ୍ଣ ଭାବରେ ଦୂର ହୋଇ ନାହିଁ । ଯାହାସବୁ ବିଜିତ ଓ ପ୍ରତିହତ ହୋଇ ଚାଲି ଯାଇଛନ୍ତି ବୋଲି ବିଶ୍ୱାସ କରା ଯାଉଥିଲା, ସେସବୁ ପୁନର୍ବାର ପ୍ରବଳ ବେଗରେ ଛୁଟି ଆସିବାକୁ ଆରମ୍ଭ କରିଛନ୍ତି,— ଅତ୍ୟନ୍ତ ପରିମାଣରେ ଅପ୍ରତ୍ୟାଶିତ ବ୍ୟକ୍ତିମାନଙ୍କର କ୍ଷେତ୍ରରେ ମଧ୍ୟ ସେହିପରି ଘଟିଛି, ଯାବତୀୟ ଆକାରରେ ଘଟିଛି,— ମାତ୍ର ବିଶେଷ ଭାବରେ ଚରିତ୍ରର କ୍ଷେତ୍ରରେ ଘଟିଛି । ଓଃ,— ନାନା ସନ୍ଦେହ, ନାନା ବିଦ୍ରୋହ,— ଏହିପରି କେତେକ'ଣ ଆସି ସେମାନଙ୍କୁ ଆଲୋଡ଼ିତ କରି ପକାଇଛି ।...

(*ମାଆ ନୀରବ ରହିଲେ*)

ସମୁଦାୟ ଭାରତବର୍ଷ ଲାଗି ମୋତେ ଏକ ସନ୍ଦେଶ ଦେବା ଲାଗି କୁହା ଯାଇଥିଲା । ମୁଁ ସେହି ସନ୍ଦେଶଟିକୁ ଏହିପରି ଭାବରେ ଦେଇଛି । (*ମାଆ ଲିଖିତ ସନ୍ଦେଶଟିକୁ ଶିଷ୍ୟ ହାତକୁ ବଢ଼ାଇଦେଲେ*)

ହେ ସର୍ବୋଚ୍ଚ ପରମପ୍ରଭୁ, ହେ ଶାଶ୍ୱତ ପରମ ସତ୍ୟ,
ଆମେ କେବଳ ତୁମରି ଆଜ୍ଞାକୁହିଁ ପାଳନ କରିବୁ
ଏବଂ ସେହି ପରମ ସତ୍ୟ ଅନୁସାରେ
ଆପଣାର ଜୀବନଗୁଡ଼ିକୁ ବଞ୍ଚିବୁ ।

ମିଥ୍ୟା ପ୍ରକୃତରେ ଅତ୍ୟନ୍ତ ଭୟଙ୍କର ଭାବରେ ମାଡ଼ି ଆସୁଛି । ସତେଯେପରି ଆଜି ସମଗ୍ର ପୃଥିବୀ, ପୃଥିବୀର ପ୍ରତ୍ୟେକ ବ୍ୟକ୍ତିହିଁ ମିଥ୍ୟାର ଆଶ୍ରୟ ଗ୍ରହଣ କରିଛି,— ଏପରିକି ସବୁଠାରୁ ଅଧିକ ଅପ୍ରତ୍ୟାଶିତ ବ୍ୟକ୍ତିମାନେ ମଧ୍ୟ,— ସର୍ବତ୍ର, ସର୍ବତ୍ର, ସର୍ବତ୍ରହିଁ ଏହିଭଳି ଘଟୁଛି । ମୋତେ ତାହା ଏକ ଜୀବନ୍ତ ବସ୍ତୁ ପରି ଦେଖାଯାଉଛି । (*ମାଆ ସତେଅବା କୌଣସି ଏକ ବସ୍ତୁକୁ ଦେଖୁଥିବା ପରି ଏକ ଭଙ୍ଗୀ କଲେ*) ଓଃ, ପ୍ରକୃତରେ କେଡ଼େ

ଭୟଙ୍କର, ତୁମେ ଆଦୌ କଳ୍ପନା ବି କରିପାରିବ ନାହିଁ ।... କେତେବେଳେ ଡାହାଣ ଆଡ଼କୁ ଟିକିଏ ବଙ୍କେଇ ଯାଉଛି, ପୁଣି କେତେବେଳେ ବାଆଁ ଆଡ଼କୁ ଟିକିଏ ବଙ୍କେଇ ଯାଉଛି – ଟିକିଏ ନା ଟିକିଏ ସର୍ବଦା ବଙ୍କେଇ ଯାଉଛି... କେବେହେଲେ କିଛି ବି ସିଧା ହୋଇ ରହିପାରୁ ନାହିଁ । ଏବଂ, ଏହିପରି ଏକ ସ୍ଥିତିରେ ଶରୀର ଆପଣାକୁ ଯାଇ ପଚାରିଲା, ''ତୁ ତୋ ମିଥ୍ୟାଟାକୁ ନେଇ କେଉଁଠି ରଖିଛୁ କହିଲୁ !'' ଶରୀର ଆପଣା ଆଡ଼କୁ ଅନାଇ ଦେଖିଲା । ଏବଂ, ସେହି ପୁରାତନ କାହାଣୀଟିହିଁ ତାହାର ଦୃଷ୍ଟିଗୋଚର ହେଲା : ''ଜଡ଼ ପ୍ରଭାବଶାଳୀ ହେଲେ ଯାଇ ପରମ ପ୍ରଭୁଙ୍କର ଆବାହନ କରାଯାଇ ପାରିବ ! (*ମାଆ ହସିଲେ*) ତୁମେ ସର୍ବଦା ତାଙ୍କ ସହିତ ବାସ କରିପାରିବ ବୋଲି କିପରି ଆଶା କରୁଛ ?'' ଏବଂ ତା'ପରେ ବେଶ୍ ଭଲ ଭୁସାଟିଏ ଆସି ବାଜିଥିଲା ! ତଦ୍ୱାରା ସିଏ କୌଣସି ପ୍ରକାରେ ଉଗ୍ର ହୋଇ ପଡ଼ିଲା ନାହିଁ, ପ୍ରାୟ ଏକ ବିନୟର ଆବେଶହିଁ ସୃଷ୍ଟି ହୋଇଥିଲା,– ଏହା ବେଶ୍ ଭଲ ଭୁସାଟିଏ ଖାଇଲା ।

ନାନା ଅପ୍ରୀତିକର ବସ୍ତୁ ସତେଅବା ପାଗଳଙ୍କ ପରି ପରସ୍ପର ଆଡ଼କୁ ଧାଇଁ ଆସୁଥିଲେ – ଅପ୍ରୀତିକରଠାରୁ ଆହୁରି ଅଧିକ : ପ୍ରକୃତରେ ଦୁଷ୍ଟ, ମନ୍ଦ ଓ ବିନାଶକାରୀ । ଯଥାର୍ଥ ବୋଧଟି ସମ୍ଭବ ହେବା ପର୍ଯ୍ୟନ୍ତ ସେହି ପ୍ରକୋପ ଲାଗିହିଁ ରହିଥିଲା । ତା'ପରେ ସମଗ୍ର ଶରୀରରେ, ସବୁଯାକ କୋଷରେ, ସର୍ବତ୍ର ଓ ସର୍ବଦା ଏହିପରି ଏକ ଅନୁଭୂତିର ଆବିର୍ଭାବ ହୋଇଥିଲା – ତାହା ଏତେ ଅଧିକ ପରିମାଣରେ ତୀବ୍ର ହୋଇ ଉଠିଥିଲା ଯେ ମୁଁ ଖାଇବାବେଳେ କିଛି ଗିଳି ମଧ୍ୟ ପାରିଲି ନାହିଁ,– ସବୁକିଛି ଭିତରେ ସେହି ବୋଧଟି ସମ୍ଭବ ହେବା ପର୍ଯ୍ୟନ୍ତ ସେହିପରିହିଁ ହେଲା : କେବଳ ସେହି ଦିବ୍ୟ ପରମସତ୍ତାଙ୍କର ମାଧ୍ୟମରେହିଁ ମୋ'ର କୌଣସି ଅସ୍ତିତ୍ୱ ରହିଛି ଏବଂ ସେହି ଦିବ୍ୟ ପରମସତ୍ତାଙ୍କର ମାଧ୍ୟମଟି ବ୍ୟତୀତ ମୁଁ ପ୍ରକୃତରେ ଆଦୌ ବଞ୍ଚି ପାରିବି ନାହିଁ । ତା'ପରେ ଯାଇ ସବୁକଥା ଟିକିଏ ଭଲଆଡ଼କୁ ଆସିଲା । ବର୍ତ୍ତମାନ ଶରୀର ସେହି ବୋଧଟିକୁ ଲାଭ କରିଛି ।

(*ମାଆ ଦୀର୍ଘକାଳ ନୀରବ ରହିଲେ*)

ତୁମର କିଛି ପଚାରିବାକୁ ନାହିଁ ? ଆଦୌ କିଛିହେଲେ କହିବାକୁ ନାହିଁ ?

*ବର୍ତ୍ତମାନ ନିୟତି ଅତ୍ୟନ୍ତ ମନ୍ଦ ପଡ଼ିଛି ବୋଲି ମୁଁ ଅନୁଭବ କରୁଛି ।*

ନା – ସେକଥା ମୋଟେ ସତ ନୁହେଁ । ଏଇଟା ମଧ୍ୟ ସେହି ବୃହତ୍ ମିଥ୍ୟାର ଗୋଟିଏ ଅଂଶ; ଏହା ମଧ୍ୟ ସେହି ମିଥ୍ୟା ବ୍ୟତୀତ ଆଉ କିଛି ନୁହେଁ । ମନ୍ଦନିୟତି ବୋଲି ଆଦୌ

କିଛି ନାହିଁ, ଏହା ଏକ ମିଥ୍ୟା କଥା । ପ୍ରକୃତରେ ଏକ ମିଥ୍ୟା... ଏହା ଆଦୌ ସତ୍ୟ ନୁହେଁ, ଆଦୌ, ଆଦୌ ନୁହେଁ ।

ଏହିପରି, ଏଥିରୁ ତୁମକୁ ଏକ ଦୃଷ୍ଟାନ୍ତ ମିଳିଯାଇ ପାରିବ : ଏହା ଠିକ୍ ସେହିପରି, ସର୍ବତ୍ର ଠିକ୍ ସେହିପରି (*ମାଆ ନଖ ଓ ପଞ୍ଝା ଦେଖାଇବାର ଇଙ୍ଗିତ କଲେ*) । ମୋ କଥା କହିବାକୁ ଗଲେ, ମୁଁ ତ ସତେଅବା କେତେ ନା କେତେ ଏଭଳି ଭୂତମାନଙ୍କୁ ଦେଖୁଥିବା ପରି ଅନୁଭବ କରୁଛି, ଯେଉଁମାନଙ୍କର କି ମୁନିଆ ମୁନିଆ ହାତଆଙ୍ଗୁଠି ରହିଛି ଓ ସେଗୁଡ଼ିକ ସାହାଯ୍ୟରେ ସେମାନେ ସମସ୍ତଙ୍କୁ କବଳଗତ କରିବାକୁ ଚେଷ୍ଟା କରୁଛନ୍ତି । ଓଃ, ସେମାନଙ୍କୁ ଥରେ ଦେଖିସାରିବା ପରେ ଯାଇ ତୁମର ହସିବା ଉଚିତ,– ସେମାନଙ୍କୁ ଦେଖିଲେ ତୁମେ ଜିଭଟାକୁ ଏକାବେଳେକେ ବାହାରକୁ ବାହାର କରିଦେବ,– ଠିକ୍ ଗୋଟାଏ ପିଲା ପରି କୌଣସି ଶିଷ୍ଟାଚାର ନ ରଖି ଜିଭଟାକୁ ବାହାରକୁ କାଢ଼ି ଆଣିବ !

(*ମାଆ ଦୀର୍ଘକାଳ ନୀରବ ରହିଲେ*)

*ଏଥିରେ କୌଣସି ସନ୍ଦେହ ନାହିଁ ଯେ ଆପଣଙ୍କ ଉପରେ ସବୁଆଡୁ ଆକ୍ରମଣ ହେବାରେ ଲାଗିଛି ।*

ବିଶ୍ୱାସ କର, ଅତିକାୟ ହୋଇ କେତେ କ'ଣ ମାଡ଼ି ଆସିବାରେ ଲାଗିଛି – ମାତ୍ର ସେଥିରେ କିଛି ଯାଏ ଆସେ ନାହିଁ । ଓଃ !... ଆମକୁ ତାହାର ଊର୍ଦ୍ଧ୍ୱକୁ ଉଠିବାକୁ ପଡ଼ିବ, ଏବଂ ତା'ପରେ (*ଊର୍ଦ୍ଧ୍ୱରେ ଥାଇ ସେହିଠାରୁହିଁ ଦୃଷ୍ଟିପାତ କରିବାର ଇଙ୍ଗିତ*) ।

ମୁଁ ତୁମକୁ ଯାହା କହିଛି, ତାହାହିଁ ଯଥାର୍ଥ ସତ୍ୟ, ତାହାହିଁ **ଏକମାତ୍ର** ପ୍ରତିକାର :
କେବଳ ସେହି ଦିବ୍ୟ ପରମସତ୍ତାଙ୍କ ଲାଗି ବଞ୍ଚିରହିବା ।
ସେହି ପରମସତ୍ତାଙ୍କ ମାଧ୍ୟମରେ ବଞ୍ଚିରହିବା ।
ସେହି ପରମସତ୍ତାଙ୍କର କାର୍ଯ୍ୟରେହିଁ ବଞ୍ଚି ରହିବା ।
ସେହି ଦିବ୍ୟ ପରମସତ୍ତାରେ ପରିଣତ ହୋଇ... ବଞ୍ଚି ରହିବା ।
ବୁଝିଲ ?

ଏହି କ୍ଷେତ୍ରରେ ''ତୁମେ'' ବୋଲି ଆଦୌ କିଛି ନାହିଁ, ''ଅପେକ୍ଷା କରିବାକୁ ପଡ଼ିବ'' ବୋଲି ବି କିଛି ନାହିଁ, ''ତାହା ତା'ର ଆପଣା ସମୟରେ ଆସି ପହଞ୍ଚିଯିବ'' ବୋଲି କିଛି ନାହିଁ । ଏହି ଅତ୍ୟନ୍ତ ଯୁକ୍ତିସଙ୍ଗତ କଥାଗୁଡ଼ିକର ଆଉ ଆଦୌ କୌଣସି ମୂଲ୍ୟ ନାହିଁ । – କେବଳ ସେହି ପରମ ତତ୍ (*ମାଆ ଆପଣା ହାତମୁଠାକୁ ତଳ ଆଡ଼କୁ କରିଆଣିଲେ*), ଠିକ୍ ଗୋଟାଏ ତରବାରିର ଫଳକ ପରି । କେବଳ ସେହି ପରମ ତତ୍ ।

**ଏହି ସବୁକିଛି ସତ୍ତ୍ୱେ** କେବଳ ସେଇ : କେବଳ ସେଇ ଦିବ୍ୟ ପରମସତ୍ତା । ଅସଦିଚ୍ଛା ଓ ବିଦ୍ରୋହ ଓ ସେହି ଯାବତୀୟ ସବୁକିଛି (*ମାଆ ଗୋଟିଏ ଆଙ୍ଗୁଠିକୁ ଟାଣ କରି ଉପରକୁ ଉଠାଇ ଦେଖାଇଲେ*)ର ଏହି ଯେତେଯାହା ଆବର୍ଜନା – ଏଗୁଡ଼ାକୁ ସବୁ ପୋଛି ବାହାର କରିଦେବାକୁ ପଡ଼ିବ । ଏବଂ, ସେହି ପରମ ତତ୍ କାହାକୁ ଆସି ଧ୍ୱଂସ ବା ବିନାଶ କରିଦେବେ ବୋଲି ଯିଏ କହୁଛି, ତାହା ହେଉଛି ଆମର ଅହଂ —ସେହି ଅହଂମହୋଦୟହିଁ ଆପଣାକୁ ପ୍ରକୃତ ସତ୍ତା ବୋଲି ଗୃହୀତ କରିନେବାକୁ ଭାରି ଚେଷ୍ଟା କରିବାରେ ଲାଗିଛନ୍ତି ।

ମାତ୍ର ଶରୀର ଏହି କଥାଟିକୁ ଶିକ୍ଷା କରିପାରିଛି ଯେ, ଅହଂକୁ ବାଦ୍‌ଦେଇହିଁ ତାହା ତାହାର ଯଥାର୍ଥ ସ୍ଥିତିରେ ରହିଥାଏ । କାରଣ, ଅହଂସକାଶେ ମୋଟେ ନୁହେଁ, ଦିବ୍ୟ ପରମ ଇଚ୍ଛା ଦ୍ୱାରାହିଁ ତାହା ଆପଣାର ଯଥାର୍ଥ ସ୍ଥିତିଟିକୁ ଲାଭ କରେ । ଅହଂ କେବଳ ସାଧନମାତ୍ର ହୋଇ ରହିଥିଲା, ଶତାବ୍ଦୀ ଶତାବ୍ଦୀ ଧରି ଏକ ସାଧନରୂପେ କାର୍ଯ୍ୟ କରୁଥିଲା । ବର୍ତ୍ତମାନ ତାହାର କୌଣସି ମହତ୍ତ୍ୱ ନାହିଁ, ତାହାର ସମୟଟି ଅତିକ୍ରାନ୍ତ ହୋଇଗଲାଣି । ବର୍ତ୍ତମାନ... (*ମାଆ ହାତମୁଠାକୁ ତଳଆଡ଼କୁ ନେଇଆସିଲେ*) ସବୁଯାକ ଚେତନା ବର୍ତ୍ତମାନ ସେହି ଦିବ୍ୟ ପରମସତ୍ତା । ସବୁଯାକ ଶକ୍ତି ସେହି ଦିବ୍ୟ ପରମସତ୍ତାଙ୍କର ଶକ୍ତି, ସବୁ କାର୍ଯ୍ୟ ତାଙ୍କରି କାର୍ଯ୍ୟ, ଯାବତୀୟ ବ୍ୟକ୍ତିସଚେତନା ମଧ୍ୟ କେବଳ ତାଙ୍କରି ବ୍ୟତୀତ ଆଉ କିଛି ନୁହେଁ ।

ଏବଂ ଶରୀର ସେହି କଥାଟିକୁ ବୁଝିଛି, ଅତ୍ୟନ୍ତ ଭଲ କରି ଅନୁଭବ କରିଛି; ତାହା ଏହି କଥାଟିକୁ ଉପଲବ୍ଧି କରିଛି ଯେ ଏକ ପୃଥକ୍ ବ୍ୟକ୍ତିସତ୍ତା ହୋଇ ରହିବାର ଏହି ବୋଧଟି ପ୍ରକୃତରେ ସଂପୂର୍ଣ୍ଣ ଭାବରେ ନିରର୍ଥକ, ହଁ, ସମ୍ପୂର୍ଣ୍ଣ ଭାବରେ । ଶରୀରର ତିଷ୍ଠି ରହିବା ସକାଶେ ତାହା ମୋଟେ ଅପରିହାର୍ଯ୍ୟ ନୁହେଁ, ସମ୍ପୂର୍ଣ୍ଣ ନିରର୍ଥକ । ଶରୀର ଆଉ ଏକ ଶକ୍ତିର ମଧ୍ୟଦେଇ ଓ ଆଉଏକ ଇଚ୍ଛାର ମଧ୍ୟଦେଇ ଅସ୍ତିତ୍ୱ ଧାରଣ କରି ରହିଛି, ଯାହାକି ଆଦୌ ବ୍ୟକ୍ତିଗତ ନୁହେଁ । ତାହା ହେଉଛି ଦିବ୍ୟପରମ ଇଚ୍ଛା । ଏବଂ, ସେହି ଦିବ୍ୟ ପରମସତ୍ତା ଓ ତା' ନିଜ ଭିତରେ ଆଦୌ କୌଣସି ପାର୍ଥକ୍ୟ ନାହିଁ ବୋଲି ଯେଉଁ ଦିନ ଶରୀର ଅନୁଭବ କରିପାରିବ, କେବଳ ସେହି ଦିନ ଯାଇ ତାହା ଆପଣାର ଯଥାର୍ଥ ଅବସ୍ଥାଟିକୁ ପ୍ରାପ୍ତ ହେବ ।

ଏହାକୁ ଛାଡ଼ି, ଆଉ ଯାହାକିଛି ରହିଲା, ସେହି ସବୁଯାକ ହେଉଛି କେବଳ ମିଥ୍ୟା – ମିଥ୍ୟା ଆଉ ମିଥ୍ୟା, ଏବଂ ଏପରି ଏକ ମିଥ୍ୟା, ଯାହାକୁ କି ବିଦାୟ ନେଇ ଚାଲିଯିବାକୁ ପଡ଼ିବ । ସତ୍ୟ ବୋଲି କେବଳ **ଗୋଟିଏ** ରହିଛି, ଜୀବନ କେବଳ **ଗୋଟିଏ** ରହିଛି, ଚେତନା ମଧ୍ୟ ସେହି **ଗୋଟିଏ** ରହିଛି (*ମାଆ ହାତମୁଠାକୁ ତଳକୁ ଆଣିଲେ*) : ଏହି ସବୁକିଛି ହେଉଛି କେବଳ ସେହି ଦିବ୍ୟ ପରମସତ୍ତା ।

## ୧୭ ଜୁଲାଇ ୧୯୭୧

ମୁଁ ଏହି କଥାଟିକୁ ବୁଝିପାରିଛି ଯେ, ମଣିଷମାନଙ୍କର ଯେଉଁ ଚେତନା ରହିଛି, ଯଦି ଗୋଟିଏ ମିନିଟ୍ ସକାଶେ ମଧ୍ୟ ସର୍ବୋଚ୍ଚ ପରମଚେତନା ସେହିଭଳି ଏକ ଚେତନାରେ ପରିଣତ ହୋଇ ଯାଆନ୍ତା, ତେବେ ଏହି ବିଶ୍ୱସମଗ୍ର ଚୂର୍ଣ୍ଣବିଚୂର୍ଣ୍ଣ ହୋଇଯିବ... ଆମମାନଙ୍କ ଜୀବନରେ, ଆମକୁ ଯାହାକିଛି ମନ୍ଦ ବା ଖରାପ ବୋଲି ମନେ ହୁଏ, ଯାହାକିଛି ମିଥ୍ୟା ବୋଲି ଲାଗେ, ତାହାକୁ ବିନଷ୍ଟ କରିଦେବାକୁହିଁ ଆମ ଭିତରେ ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଭାବରେ ଏକ ପ୍ରତିକ୍ରିୟା ହୋଇଥାଏ । ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଭାବରେ ସେହିଭଳି ପ୍ରତିକ୍ରିୟାମାନ ହୋଇଥାଏ । ସେଗୁଡ଼ିକୁ ବଦଳାଇ ଦେବାକୁ ନୁହେଁ, ବିନଷ୍ଟ କରିଦେବାକୁହିଁ ପ୍ରତିକ୍ରିୟା ହୋଇଥାଏ । ତୁମେ ଭଲକରି ବୁଝି ପାରୁଥିବ ଯେ ଦୁଇଟି ମଧ୍ୟରେ ଏକ ବୃହତ୍ ବ୍ୟବଧାନ ରହିଛି ।

*ହଁ, ବୁଝିପାରୁଛି ।*

ଏବଂ ଏହା ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଭାବରେ ଆସେ,– ବିନଷ୍ଟ କରିଦେବାର ଏହି ଧାରଣାଟି । ମାତ୍ର, ଗୋଟିଏ ମୁହୂର୍ତ୍ତ ପାଇଁ ମଧ୍ୟ ଯଦି ପରମ ସର୍ବୋଚ୍ଚ ପ୍ରଭୁଙ୍କର ସେହିପରି କରିବା ଲାଗି ଏକ ପ୍ରତିକ୍ରିୟା ହେଉଥା'ନ୍ତା, ତେବେ ଏହି ବିଶ୍ୱସମଗ୍ର ଆଉ ଆଦୌ ତିଷ୍ଠି ରହନ୍ତା ନାହିଁ !... ଏବଂ ମୁଁ ଭାବୁଛି, ଶରୀର ଏହି କଥାଟିକୁ ବୁଝି ସାରିଛି । ଏହି ଅସାଧାରଣ ବୋଧଟିକୁ ଶରୀର ହାସଲ କରି ସାରିଛି... ଆମେସବୁ ପ୍ରକୃତରେ କ'ଣ ! ମନୁଷ୍ୟମାନେ ପ୍ରକୃତରେ କ'ଣ ! ସେମାନେ ବିଶ୍ୱାସ କରନ୍ତି ଯେ ପରମେଶ୍ୱର (*ମା ଛଳନା କରିବାର ଇଙ୍ଗିତ କଲେ*), ସେମାନେ ବିଶ୍ୱାସ କରନ୍ତି ଯେ... କିନ୍ତୁ, ଯଦି ସେମାନଙ୍କର ଏତେଟିକିଏ ବି ବୁଝିବାଶକ୍ତି ହୁଅନ୍ତା ବା ଯଦି ପରିପୂର୍ଣ୍ଣତାର ଉପଲବ୍ଧି ଲାଗି ସେମାନେ କିଞ୍ଚିତ୍ ଉଦ୍ୟମ କରିପାରନ୍ତେ, ତେବେ (*ପୂର୍ବ ଭଳି ଇଙ୍ଗିତ*) – ସେମାନେ ଭାବୁଛନ୍ତି ଯେ, ସେମାନେ ନିଜକୁ ଭାରି ଅସାଧାରଣ ବୋଲି ଭାବୁଛନ୍ତି ! (*ମାଆ ମୁଣ୍ଡକୁ ଦୁଇହାତ ଭିତରେ ରଖି ହସିବାକୁ ଲାଗିଲେ*)

ଶ୍ରୀଅରବିନ୍ଦ ଗୋଟିଏ ସ୍ଥାନରେ କହିଛନ୍ତି ଯେ, ଯେତେବେଳେ ତୁମେ ଦିବ୍ୟ ଚେତନାର ସଂସ୍ପର୍ଶରେ ରହିଥିବ, ସେତେବେଳେ ହଠାତ୍ ତୁମର ଏହିଭଳି ବୋଧ ଆସିବ ଯେ... ଆପଣାର ମୂର୍ଖତା ମଧ୍ୟରେ ପୃଥିବୀଟା ଯେ ପ୍ରକୃତରେ କେଡ଼େ ହାସ୍ୟାସ୍ପଦ ହୋଇ ରହିଛି, ସେତେବେଳେ ସେହି ବୋଧଟି ଆସିବ । ମଣିଷମାନଙ୍କର ସେହି ମୂର୍ଖତା...

ମାତ୍ର, (ମୁଁ ଇତରପ୍ରାଣୀମାନଙ୍କର ସମ୍ପର୍କରେ ବି ଆସିଛି) ଏପରିକି ଇତରପ୍ରାଣୀମାନଙ୍କ ମଧ୍ୟରେ ବି ତାହା ଘଟିବା ଆରମ୍ଭ ହୋଇଗଲାଣି । କେବଳ ସେହି ମିଥ୍ୟାଭିମାନ – ମିଥ୍ୟାଭିମାନ, ମିଥ୍ୟାଭିମାନ...

(*ମାଆ ନୀରବ ରହିଲେ*)

ତୁମେ ଜାଣୁଥିବ, ସର୍ବତ୍ର ପ୍ରବଞ୍ଚନା ଏବଂ ପ୍ରବଞ୍ଚନାର ପ୍ରୟାସଗୁଡ଼ାକୁହିଁ ସଦିଚ୍ଛା ବୋଲି ପ୍ରାୟ ସବୁଠାରେ ଗ୍ରହଣ କରାଯାଉଛି । ଏବଂ ଯେଉଁ ବ୍ୟକ୍ତିମାନେ କାହାକୁ ପ୍ରତାରିତ କରିବାକୁ ଇଚ୍ଛା କରୁ ନାହାନ୍ତି ମାତ୍ର ତେଣେ ନିଜକୁ ପ୍ରତାରଣା କରିବାରେ ଲାଗିଛନ୍ତି, ସେମାନେ ତ ଗୋଟିଏ ଗୋଟିଏ ଅସାଧାରଣ ଦୃଷ୍ଟାନ୍ତରେ ପରିଣତ ହୋଇ ସାରିଲେଣି ।

ଏଗୁଡ଼ାକ ଆବିଷ୍କାର ନୁହେଁ, ଏଗୁଡ଼ିକୁ ମୁଁ ନିଜ ଆଖିରେ ଦେଖିଛି । ଏଗୁଡ଼ିକ ବେଳେବେଳେ ଦୃଷ୍ଟ ହୁଏ, ବିଶେଷ ଅବସରମାନଙ୍କରେ ଦୃଷ୍ଟ ହୋଇଥାଏ,– ଏହି ଅବସରରେ ଅଥବା ସେହି ଅବସରରେ ଦୃଷ୍ଟ ହୋଇଥାଏ । ମାତ୍ର ତା'ପରେ ମୁଁ ଏହି ସମଗ୍ର ବିଶ୍ୱକୁ, ସମଗ୍ର ପୃଥିବୀଟିକୁହିଁ ମୋ'ର ଦୃଷ୍ଟି ସମ୍ମୁଖରେ ଦେଖିବାକୁ ପାଇଲି, ସବୁ ମଣିଷଙ୍କର ସେହି ସମୁଦାୟ ପ୍ରୟାସଟିକୁ ଦେଖିବାକୁ ପାଇଲି... ଆମେ ଏକ ପ୍ରତାରଣା ମଧ୍ୟରେହିଁ ଜୀବନଧାରଣ କରିବାରେ ଲାଗିଛୁ... ଏହା ଏକ ବଡ଼ ଭୟଙ୍କର କଥା ! ଏବଂ, ଆହୁରି ଅଧିକ ବିଚିତ୍ର କଥା ହେଉଛି ଯେ, ମଣିଷ ଅନ୍ୟମାନଙ୍କୁ ପ୍ରତାରିତ କରିବା ଲାଗି ଯେତିକି ଇଚ୍ଛା କରୁଥାଏ, ନିଜକୁ ତା'ଠାରୁ ଅଧିକ ପରିମାଣରେହିଁ ପ୍ରତାରିତ କରିବାରେ ଲାଗିଥାଏ ।

(*ମାଆ ନୀରବ ରହିଲେ*)

ଅର୍ଥାତ୍, ବସ୍ତୁଗୁଡ଼ିକ ପ୍ରକୃତରେ ଯାହା, ଆମେ ସେସବୁକୁ ଆଦୌ ସେପରି ଭାବରେ ଦେଖିପାରୁ ନାହିଁ ।

(*ମାଆ ଦୀର୍ଘ କାଳ ନୀରବ ରହିଲେ*)

ଏହାରି ପ୍ରତିକାର-ପଥ କେବଳ ଗୋଟିଏ ରହିଛି : ସେହି ଦିବ୍ୟ ପରମସତ୍ତାଙ୍କୁହିଁ ଅବଲମ୍ବନ କରି ରହିବା, ଠିକ୍ ଏହିପରି (*ମାଆ ବଦ୍ଧମୁଷ୍ଟି ହେବାର ଇଙ୍ଗିତ କଲେ*) ଅବଲମ୍ବନ କରି ରହିବା ।

ଦିବ୍ୟ ପରମସତ୍ତା ବୋଲି ଆମେ ଯାହାକିଛି ଭାବୁଛୁ, ଏପରିକି ସିଏ ଯାହା ହୋଇଥିବେ ବୋଲି ଅନୁଭବ କରୁଛୁ,– ଏଠାରେ ତାହାକୁ ଅବଲମ୍ବନ କରି ରହିବାର

କଥା ଆଦୌ କୁହାଯାଉ ନାହିଁ... ଏଠାରେ ଏକ ଅଭୀପ୍ସାର କଥା କୁହାଯାଉଛି... ଯଥାସମ୍ଭବ ଅଧିକ ନିଷ୍ଠାଯୁକ୍ତ ହୋଇ ରହିଥିବା ଏକ ଅଭୀପ୍ସା । ଏବଂ ତାହାକୁହିଁ ଅବଲମ୍ବନ କରି ରହିବାର କଥା କୁହାଯାଉଛି ।

(*ମାଆ ନୀରବ ରହିଲେ*)

ତୁମେ ଜାଣିଛ, ମୁଁ ଆଗରୁ ମଧ୍ୟ ତୁମକୁ ଏକଥା କହିଛି,— କଥାଟି ହେଉଛି ଯେ, ଏହି ଶରୀର, ତା'ର ଚେତନା, ଭବିଷ୍ୟତରେ ଯାହାକିଛି ଘଟିବାକୁ ଯାଉଛି, ପୂର୍ବରୁହିଁ ତାହା ଜାଣି ପାରୁଛି; ଲୋକମାନେ ତାହା ପାଖରେ କ'ଣସବୁ କହିବା ଲାଗି ଯାଉଛନ୍ତି, ତାହା ସେହି କଥାଟିକୁ ଆଗରୁ ଜାଣିପାରୁଛି । ମାତ୍ର, ବାସ୍ତବ ସ୍ଥୂଳ କ୍ଷେତ୍ରରେ ଠିକ୍ କ'ଣସବୁ ଘଟିବାକୁ ଯାଉଛି (ଶବ୍ଦ ଦେଇ କିପରି କୁହାଯାଇ ପାରିବ ?) ମାତ୍ର ଯେଉଁଭଳି **ଭାବଟି** ସହିତ ସେଇଟି କରାହେଉଛି, ଶରୀର ସେହି କଥାଟିକୁ ସତତ ଜାଣିପାରୁଛି । ଏହା ଭାରି ବିଚିତ୍ର କଥା । ମୁଁ ଏଣେତେଣେ ନ ଯାଇ ଗୋଟିଏ ଜାଗାରେ ବସିଛି, କେବଳ ସେହି ଦିବ୍ୟ ପରମସତ୍ତାଙ୍କର ହୋଇ ରହିବାକୁ ପ୍ରୟାସ କରୁଛି,— ଏବଂ ସେତିକିବେଳେ ଘଟଣାମାନ ଘଟୁଛି, ଏହିପରି ଭାବରେ ଘଟୁଛି (*ସତେଯେପରି ଘଟଣାସବୁ ତାଙ୍କ ଆଗରେ ରହିଥିବା ଗୋଟିଏ ପର୍ଦା ଉପରେ ଘଟି ଯାଉଛି, ମାଆ ସେହିପରି ଇଙ୍ଗିତ କଲେ*) । ବସ୍ତୁଗୁଡ଼ିକ ଆବିର୍ଭୂତ ହୋଇ ଆସୁଛି; ପଦାର୍ଥଗୁଡ଼ିକ, ଘଟଣାଗୁଡ଼ିକ ଆବିର୍ଭୂତ ହେଉଛନ୍ତି, ଲୋକମାନେ କଥା କହୁଛନ୍ତି... ଏବଂ ତା'ପରେ, ପ୍ରଥମେ ମୁଁ ଭାବୁଥିଲି ଯେ ମୋ'ର ସ୍ଥୂଳ ଚେତନାଟାହିଁ ଏହି କ୍ଷେତ୍ରରେ ମୋଟେ ଚୁପ୍ ହୋଇ ରହି ପାରୁ ନ ଥିଲା,— ଏବଂ ତା'ପରେ ମୁଁ ଜାଣି ପାରିଲି ଯେ ତାହା ବାହାରୁ ଭିତରକୁ ଆସୁଛି ଏବଂ ସ୍ଥୂଳ ଭୂମିଟି ଉପରେ ସ୍ଥୂଳାକୃତି ହେବାରେ ଲାଗିଛି । ଅର୍ଥାତ୍, ଯଦି ମୁଁ ଏହି ବସ୍ତୁଗୁଡ଼ିକୁ ମନର ଭୂମିରେ ନେଇ ଉକୁଟାଇ ଦେବାକୁ ଚେଷ୍ଟା କରିବି, ତେବେ ଏହାପରେ କ'ଣ ଘଟିବାକୁ ଯାଉଛି, ମୁଁ ସେକଥା ଆଗରୁ ଜାଣି ପାରିବି ।... କେବଳ ସାଧାରଣ ମନୁଷ୍ୟମାନଙ୍କର କ୍ଷେତ୍ରରେ, ଭବିଷ୍ୟବାଣୀ କରିବା ସକାଶେ ମନ ଏହାକୁ କାମରେ ଆଣି ଲଗାଇଥାଏ । ମାତ୍ର ସୁଖର କଥା, ବର୍ତ୍ତମାନ ସେଠାରେ ମନ ଆଦୌ ରହି ନାହିଁ, ସିଏ ସ୍ଥିର ହୋଇଯାଇଛି, ସେଠାରେ ମୋଟେ ନାହିଁ । କେବଳ, ମୋତେ ଯେତେବେଳେ କୌଣସି କଥା କୁହାଯାଉଛି ଅଥବା ମୋ' ସମ୍ମୁଖରେ କେହି କୌଣସି କଥା କହୁଛନ୍ତି, ସେତେବେଳେ ଶରୀର ମୋଟେ ବିସ୍ମିତ ହୋଇଯାଉ ନାହିଁ, ସିଏ ସବୁ ଜାଣିଥିଲା ପରି ମନେ ହେଉଛି । ଅତି ବିଚିତ୍ର କଥା । ଏହା ଗୋଟିଏ ପ୍ରକାରର ବିଶ୍ୱାତ୍ମିକୀକରଣ ।

## ୨୧ ଜୁଲାଇ ୧୯୭୧

ଶରୀର ଅଧିକରୁ ଅଧିକ ଚେତନାଯୁକ୍ତ ହେଉଛି, ମାତ୍ର ଏକ ଅତ୍ୟନ୍ତ ଆଗ୍ରହୋଦ୍ଦୀପକ ମାର୍ଗରେହିଁ ଚେତନାଯୁକ୍ତ ହେବାରେ ଲାଗିଛି ।

*ଉଦାହରଣ ସ୍ୱରୂପ ?*

ସେଥିଲାଗି ମନଃସ୍ତରକୁ ଆସିବାକୁ ପଡ଼ିବ । ମୁଁ ସେକଥା କରି ପାରିବି ନାହିଁ ।

(*ମାଆ ନୀରବ ରହିଲେ*)

ଯାହାକିଛି ଘଟିବାକୁ ଯାଉଛି, ଲୋକେ ମୋ ଆଗରେ ଯାହାକିଛି କହିବାକୁ ଯାଉଛନ୍ତି,— ମୁଁ ଏହି ସବୁକିଛିକୁ ଜାଣିବାକୁ ଆରମ୍ଭ କରୁଛି । ମାତ୍ର ଏହି ବିଷୟଟିକୁ ମୁଁ କିପରି ବୁଝାଇକରି କହିପାରିବି ? ଏପରି ହୋଇଛି, ଯାହାଦ୍ୱାରା କି ମୁଁ ସତେଯେପରି ଏହି ଯାବତୀୟ ପରିସ୍ଥିତିରେ, ସକଳ ବ୍ୟକ୍ତିରେ ଓ ସବୁକିଛି ଶବ୍ଦରେ ପରିଣତ ହୋଇଯାଇଛି ।...

ଶରୀର ଅଧିକରୁ ଅଧିକ ପରିମାଣରେ ସଚେତନ ହେବାରେ ଲାଗିଛି,— ମାତ୍ର ଏକ ମାନସିକ ପ୍ରଣାଳୀରେ ମୋଟେ ନୁହେଁ । ବସ୍ତୁଗୁଡ଼ିକ ସତେଅବା ପ୍ରକୃତରେ ବଞ୍ଚିଥିବା ପରି ସଚେତନ ହେବାରେ ଲାଗିଛି । ଏସବୁକୁ କିପରି ଭାବରେ ବୁଝାଇ କହିହେବ କେଜାଣି ? କହିବା ଭାରି କଷ୍ଟକର... କେବଳ ଅନୁଭବହିଁ କରିହେବ (ମାତ୍ର, ମୁଁ ପ୍ରକୃତରେ ସେଇଟିକୁ ମୋଟେ ବୁଝାଇ କହି ପାରିବି ନାହିଁ) । ଅଭିବ୍ୟକ୍ତିର ଭୂମିକୁ ଆସି ମନୁଷ୍ୟର ଚେତନା ଦିବ୍ୟ ପରମ କ୍ରିୟାକୁ (*ଏକ ଅପରୋକ୍ଷ ପ୍ରବାହର ଇଙ୍ଗିତ*) କିପରି ବିକୃତ କରି ପକାଏ, ତାହାକୁ ଅନୁଭବ କରିହେବ... ଏହାର ଗଠନଟିହିଁ ଠିକ୍ ସେହିପରି ଦୟନୀୟ ଭାବରେ ହୋଇଛି । ଆମେ **ସବୁକିଛିକୁ** କ୍ଷୁଦ୍ର କରି ପକାଉଛୁ, ବିକୃତ କରି ପକାଉଛୁ, ସବୁକିଛିକୁ ହ୍ରାସ କରି ଆଣୁଛୁ । ଆମ ପାଖରେ ବିଷୟଗୁଡ଼ିକର ଜ୍ଞାନ ରହିଛି, ଯଥାର୍ଥ ଜ୍ଞାନ ସର୍ବଦା ରହିଛି, ଆମର ଚତୁର୍ଦ୍ଦିଗରେ ଅଛି, ଆମ ଭିତରେ ରହିଛି; ଏବଂ ଆମେସବୁ ଏପରି ଜଟିଳ ହୋଇଯାଇଛୁ ଯେ, ଆମେ ତାହାକୁ ବିକୃତ କରି ପକାଉଛୁ । ସମସ୍ତେ ସେହି କଥା କରୁଛନ୍ତି... ତେଣୁ, ଯୁଗପତ୍ ଭାବରେ ସମସ୍ତଙ୍କ ମଧ୍ୟରେ ରହିଥିବା ଏକ ସୁନିର୍ଦ୍ଦିଷ୍ଟ ବୋଧରୂପେ ସେହି କଥାଟି ଭିତରେ ଥିବା ଦିବ୍ୟ ପରମସତ୍ତାଙ୍କ ଦ୍ୱାରା ସେହି

ଭିତରୁହିଁ ସଂଗଠିତ ହୋଇ ରହିଛି, ଏବଂ ବାହାରକୁ ଉପରିଭାଗକୁ ଆସି ପହଞ୍ଚିବା ମାତ୍ରକେ ତାହା ବିକୃତ ହୋଇଯାଉଛି । ଏହିପରି ଭାବରେ କହିଲେ ତାହାକୁ ନିରର୍ଥକ ବୋଲିହିଁ କୁହାଯିବ, ମାତ୍ର କେବଳ ସେହିପରି ଭାବରେହିଁ ସବୁଠାରୁ ଅଧିକ ନିକଟବର୍ତ୍ତୀ ଭାବରେ ଯଥାର୍ଥ କଥାଟିକୁ କୁହାଯାଇ ପାରିବ । ଆମେ ନିଜେ କୌଣସି ବିଷୟକୁ ଯେପରି ନିରର୍ଥକ ଓ ସଂଜ୍ଞାହୀନ ଭାବରେ କହିଥାଉ... ମାତ୍ର ଅସଲ କଥାଟି ପ୍ରକୃତରେ କେଡ଼େ ସହଜ ଓ କେଡ଼େ ଚମତ୍କାର !... ମାତ୍ର ଆମେ ଆପଣାକୁ ଏଭଳି ବିକୃତ କରି ରଖିଥାଉ ଯେ ଆମେ ସର୍ବଦା କେବଳ ବିକୃତ କଥାଟିକୁହିଁ ଅଧିକ ଗ୍ରହଣଯୋଗ୍ୟ ରୂପେ ବାଛି ନେଇଥାଉ ।

ମୁଁ ଜାଣେ ନାହିଁ, ମୁଁ ଯେଉଁସବୁ ଶବ୍ଦ ବ୍ୟବହାର କରି କଥାଟିକୁ କହୁଛି, ହୁଏତ ସେହିଗୁଡ଼ିକ ବି କଥାଟିକୁ ବିକୃତ କରି ପକାଉଥିବ, ମାତ୍ର ଏଇଟି ଏପରି ଏକ ବସ୍ତୁ... ଯାହାକୁ କି ମୁଁ ଅତ୍ୟନ୍ତ ସରଳ, ଅତ୍ୟନ୍ତ ଆଲୋକିତ ଓ ଅତ୍ୟନ୍ତ ବିଶୁଦ୍ଧ ବୋଲି ଅନୁଭବ କରୁଛି – ଅତ୍ୟନ୍ତ ଅବିସମ୍ବାଦୀ ବୋଲି ଅନୁଭବ କରୁଛି । ଏବଂ, ତାହାକୁ, ଆମେ ଯାହା ଦେଖୁ, ଠିକ୍ ସେହିପରି ଏକ ବସ୍ତୁରେ ପରିଣତ କରି ପକାଉ, ଏକ ଜଟିଳ ଓ ପ୍ରାୟ ଅବୋଧ ଜୀବନରେ ପରିଣତ କରିଦେଉ ।

(*ମାଆ ନୀରବ ରହିଲେ*)

ହଁ, ମୁଁ ରହିଥାଏ ଓ ନାନା ପରିସ୍ଥିତି, ଅନେକବିଧତା ଏବଂ ଲୋକମାନଙ୍କର ଗୋଟିଏ ସମୂହ ବି ମହଜୁଦ ରହିଥାଏ । ସବୁ... ସବୁ ମିଶି ଏପରି ଏକ ବିଭ୍ରାନ୍ତି ସୃଷ୍ଟି କରି ରଖିଥା'ନ୍ତି ଏବଂ ତା'ପରେ ସତେଅବା ପଶ୍ଚାଦ୍‌ଭାଗରେ... ଏହାକୁ କେବଳ ଏକ ବୃହତ୍ ଶକ୍ତି ବୋଲି କୁହାଯାଇ ପାରିବ ନାହିଁ... ଏହା ହେଉଛି ଏକ **ବିରାଟ ଚେତନା-ଶକ୍ତି** – ଏକ ବୃହତ୍ ଚେତନା – ଏବଂ ଏହା ସତେଅବା – ସତେଅବା ପ୍ରସନ୍ନ ମୃଦୁହାସ୍ୟ ପରି – ଏକ ମୃଦୁହାସ୍ୟ, ଯାହାକି ସବୁକିଛି ଜାଣିଛି । ହଁ, ଏହା କେବଳ ସେହି ବସ୍ତୁଟି । ତା'ପରେ, ଯେତେବେଳେ ମୁଁ ସ୍ଥିର ହୋଇ ରହିଥାଏ (*ହାତଗୁଡ଼ିକୁ ଖୋଲିଦେବାର ଇଙ୍ଗିତ*), ସେତେବେଳେ ଅନୁଭବ ହୁଏ ଯେପରିକି କେଉଁଠିହେଲେ ଆଉ କିଛି ବି ନାହିଁ ଏବଂ ସବୁକିଛି ଅତ୍ୟନ୍ତ ଚମତ୍କାର ହୋଇ ରହିଛି । ଏବଂ ତା'ପରେ ଲୋକମାନେ ଯେମିତି ମୋ'ସହିତ କଥା କହିବା ଆରମ୍ଭ କରିଦିଅନ୍ତି ବା ଯେମିତି ମୁଁ କାହା ସହିତ ସାକ୍ଷାତ କରେ, ସେତେବେଳେ ଯାବତୀୟ ଜଟିଳତା ଆସି ଉପଗତ ହୋଇଯାଏ – ସେଗୁଡ଼ାକ ସବୁକିଛିକୁ ଗୋଳମାଳ କରିଦିଅନ୍ତି ।

ମୋ'ର ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ଏଇଟି ହେଉଛି ଏହି

37

ଜୀବନରୁ ସେହି ପରମଜୀବନକୁ ପଡ଼ିଥିବା ମଧ୍ୟବର୍ତ୍ତୀ ମାର୍ଗଟି... ଯେତେବେଳେ ସେହି ଅନ୍ୟ ପାଖଟିରେ ଯାଇ ପହଞ୍ଚିବା ସଂପୂର୍ଣ୍ଣ ସମ୍ଭବ ହୋଇଯିବ,— ସେତେବେଳେ ଯାବତୀୟ ଅନୁମାନ ଓ ଅନ୍ଦାଜ ଏକାବେଳେକେ ବନ୍ଦ ହୋଇଯିବ,— ବ୍ୟାଖ୍ୟା କରି କହିବାର ସକଳ ବାସନା, ଅନୁମାନ ଦ୍ୱାରା କୌଣସି ନିଷ୍କର୍ଷରେ ଆସି ପହଞ୍ଚିବାର ସକଳ ବାସନା, ସିଦ୍ଧାନ୍ତମାନ କାଢ଼ିବାର ଓ ସଜାଇ ରଖିବାର ଯାବତୀୟ ବାସନା ସବୁକିଛିର ସମାପ୍ତି ଘଟିବ... ଯଦି ଜଣେ ଠିକ୍ ତାହାହିଁ ହୋଇପାରନ୍ତା... ହଁ, **ହୁଅନ୍ତା**, କେବଳ ତାହାହିଁ ହୋଇପାରନ୍ତା ! ମାତ୍ର ଆମମାନଙ୍କ କ୍ଷେତ୍ରରେ (ଏହି କଥାଟିକୁ ମୁଁ ଲକ୍ଷ୍ୟ କରି ଦେଖିଛି), ଯଦି ଆମେ କିଛି ନ କହୁଥିବା, କିଛି ଚିନ୍ତା କରୁ ନ ଥିବା ବା ସିଦ୍ଧାନ୍ତରେ ଆସି ପହଞ୍ଚୁ ନ ଥିବା, ତେବେ ଆମେ ବିଶ୍ୱାସ କରିବାରେ ଲାଗିଥିବା ଯେ ଆମେ ଜୀବନରୁ ବାହାର ହୋଇ ରହିଗଲୁ... ଏବଂ ତା'ପରେ ସବୁବେଳେ ସେହି ଅସଲ ନୀରବତାଟି ମଧ୍ୟ ମୋଟେ ସମ୍ଭବ ହୁଏ ନାହିଁ । ଏହାକୁ କଦାପି ସେହି ଅନୁଚ୍ଚାରିତ ଶବ୍ଦର ନୀରବତା ବୋଲି କୁହାଯିବ ନାହିଁ : ତାହାକୁ ଚିନ୍ତନଜନିତ ନୀରବତା ବୋଲି କୁହାଯିବ... ଏହା ସର୍ବଦା ଗତିଶୀଳ ହୋଇ ରହିଥିବ । ଏକ ଗତିଶୀଳ ଚିନ୍ତନର ନୀରବତା ହୋଇ ରହିଥିବ । ହଁ, ତାହାହିଁ ହୋଇ ରହିଥିବ ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହିପରି ଭାବରେ ଜୀବନର ସେହି ନୂତନ ପ୍ରଣାଳୀଟିହିଁ କ୍ରମଶଃ ପ୍ରସ୍ତୁତ ହୋଇ ଆସୁଛି । ତେଣୁ ଅନ୍ୟଟିକୁ ଅବଶ୍ୟ ତାହାର ପଥ ପରିଷ୍କାର କରିଦେବାକୁହିଁ ପଡ଼ିବ ।

କେହି ହୁଏତ କହିବ : କିଛିହେଲେ ଅସଲ କଥାଟିକୁ ଜାଣିପାରେ ନାହିଁ, କେହି କେଉଁଠି ହେଲେ ତାହାକୁ ଜାଣି ପାରନ୍ତି ନାହିଁ । ମାତ୍ର ଏପରି ବ୍ୟକ୍ତିମାନେ ଅଛନ୍ତି ଯେଉଁମାନଙ୍କର ଅଭୀପ୍ସା ଥାଏ, (ଶବ୍ଦ ଦେଇ କିପରି କହିହେବ ?) ଯେଉଁମାନଙ୍କର ଇଚ୍ଛା ଥାଏ, ଅସଲ ଆକର୍ଷଣଟି, ଅଭୀପ୍ସାଟି ଓ ଜାଣିବାର ଆବଶ୍ୟକତାଟି ରହିଥାଏ — ଜାଣିବାର ଓ ହେବାର ଏକ ଆବଶ୍ୟକତା ରହିଥାଏ — ଏବଂ, ଅପର ପକ୍ଷରେ ଏପରି ବ୍ୟକ୍ତି ବି ଥାଆନ୍ତି, ଯେଉଁମାନେ କି ଏଭଳି ବସ୍ତୁଗୁଡ଼ିକ ବିଷୟରେ ଏତେଟିକିଏ ବି ସଂପୃକ୍ତ ରହିବାକୁ ଚାହାନ୍ତି ନାହିଁ... ଯେଉଁମାନେ ଜୀବନ ଧାରଣ କରି ରହିଥା'ନ୍ତି, ଆପଣାର କ୍ଷୁଦ୍ର ଅଥବା ବୃହତ୍ ଜୀବନଟିର ଗୁଜରାଣ ମେଣ୍ଟାଇବାରେ ଲାଗିଥା'ନ୍ତି — ସେମାନଙ୍କ ଭିତରୁ କେହି ହୁଏତ ଏକ ରାଷ୍ଟ୍ରର ମୁଖ୍ୟ ହୋଇ ରହିଥା'ନ୍ତି ଅଥବା ଝାଡୁଦାର ଭାବରେହିଁ ଜୀବିକାନିର୍ବାହ କରୁଥା'ନ୍ତି,— ସେଥିରେ ମୋଟେ କୌଣସି ଫରକ ହୁଏ ନାହିଁ । ଦୁହେଁ ସେହି ଏକାଭଳି ଜୀବନ ବ୍ୟତୀତ କରୁଥା'ନ୍ତି, ସେହି ଏକାଭଳି ସ୍ପନ୍ଦନ ଦ୍ୱାରାହିଁ ଚାଳିତ ହେଉଥା'ନ୍ତି ।

## ୨୮ ଅଗଷ୍ଟ ୧୯୭୧

ଆଉ ନୂଆ କିଛି ଅଛି କି ?

*ନା — କିଛି ନାହିଁ, ଅଥବା ସର୍ବଦା ସେହି ଗୋଟିଏ କଥା ।*

କେଉଁ କଥା ?

*ମୁଁ ଅପେକ୍ଷା କରି ରହିଛି ।*

ହଁ, ଅପେକ୍ଷା କରି ରହିଛ ! ମୁଁ ମଧ ଅପେକ୍ଷା କରି ରହିଛି । (*ମାଆ ହସିଲେ*)

(*ମାଆ ନୀରବ ରହିଲେ*)

ସତେଯେପରି ପୃଥିବୀକୁ ଦେଖିବାର ଯାବତୀୟ ପଦ୍ଧତି ଗୋଟିକ ପରେ ଗୋଟିଏ ହୋଇ ଅତିକ୍ରମ କରି ଚାଲିଯିବାରେ ଲାଗିଛି । ସବୁଠାରୁ ଘୃଣ୍ୟ ଓ ସବୁଠାରୁ ଅଧିକ ଚମତ୍କାର,— ଦୁଇଟିଯାକ ପ୍ରକାରର ପଦ୍ଧତି ଅତିକ୍ରାନ୍ତ ହୋଇ ଯାଉଛନ୍ତି — ଠିକ୍ ଏହିପରି, ଏହିପରି, ଏହିପରି ଭାବରେ (*ମାଆ ଆପଣାର ଦୁଇ ହାତକୁ ଏକ ବହୁମୂର୍ତ୍ତିଦର୍ଶୀ ଯନ୍ତ୍ର ପରି ବୁଲାଇବାକୁ ଲାଗିଲେ*) ଅତିକ୍ରମ କରି ଚାଲି ଯାଉଛନ୍ତି । ଏବଂ, ସେଗୁଡ଼ିକ ପ୍ରତ୍ୟେକେ ସତେଯେପରି ଏହି କଥା କହିବାକୁହିଁ ଆସୁଛନ୍ତି : ଦେଖ, ବର୍ତ୍ତମାନ ଏଥିରେ ଏପରି ଦେଖିବ, ସେଥିରେ ସେପରି ଦେଖିବ ଏବଂ ପୁଣି ଆଉ ଗୋଟାକରେ... ଆଉ ଯାହା ଯଥାର୍ଥରେ ସତ୍ୟ... କ'ଣ ପ୍ରକୃତରେ ସତ୍ୟ ? ପ୍ରକୃତରେ କ'ଣ ସତ୍ୟ ? ସେହି ସବୁକିଛି (*ଠିକ୍ ସେହିପରି ବହୁମୂର୍ତ୍ତିଦର୍ଶୀ ଯନ୍ତ୍ରଟିଏ ପରି ହାତକୁ ବୁଲାଇଲେ*), ଏବଂ ତାହା ସହିତ ''ଆହୁରି କିଛି'' ଯାହାକୁ କେହି ଆଦୌ ଜାଣନ୍ତି ନାହିଁ ।

ପ୍ରଥମ କଥା ହେଉଛି, ଏଥିରେ ମୋ'ର କୌଣସି ସନ୍ଦେହ ନାହିଁ ଯେ, ବସ୍ତୁଗୁଡ଼ିକୁ ଦେଖିବାର ଓ ସେଗୁଡ଼ିକ ବିଷୟରେ ଭାବିବାର ଏହି ପ୍ରୟୋଜନ ହେଉଛି ଏକ ମାନବୀୟ ନିତ୍ୟନୈମିତ୍ତିକ ପ୍ରୟୋଜନ, ଏବଂ ମଧ୍ୟବର୍ତ୍ତିକାଳୀନ ମାର୍ଗଟି ଲାଗି ତାହା ଏକ ସାଧନରୂପେ କାର୍ଯ୍ୟ କରିଥାଏ । ଏହି ମଧ୍ୟବର୍ତ୍ତୀ କାଳଟିହିଁ ଆମକୁ ଏତେବେଶୀ ଦୀର୍ଘ ବୋଲି ବୋଧ ହେଉଥାଏ; ମାତ୍ର ବସ୍ତୁତଃ ତାହା ଆଦୌ ଦୀର୍ଘ ନୁହେଁ, ତାହା ଅତ୍ୟନ୍ତ ଅଳ୍ପକ୍ଷଣସ୍ଥାୟୀ ।

ଏପରିକି ଆମର ଚେତନାଟିକୁ ମଧ୍ୟ ସେହି ପରମଚେତନାରହିଁ ଏକ ଅନୁକୂଳନ ବୋଲି କୁହାଯିବ – **ସେହି** ପରମଚେତନାଟିର, ସେହି ଯଥାର୍ଥ ଚେତନାଟିର । ତାହା ଏକ ଅନ୍ୟପ୍ରକାର ବସ୍ତୁ ।

ତେଣୁ ମୋ'ର ଶରୀର ବର୍ତ୍ତମାନ ଏହି ସିଦ୍ଧାନ୍ତରେ ଆସି ପହଞ୍ଚିଛି... (ମୁଁ ଯଥାସାଧ୍ୟ ତାହାକୁ ଶବ୍ଦରେ ପ୍ରକାଶ କରିବାକୁ ଚେଷ୍ଟା କରୁଛି) : ସିଏ ସେହି ଦିବ୍ୟ ପରମସତ୍ତାଙ୍କ ମଧ୍ୟରେହିଁ ଆଶ୍ରିତ ହୋଇ ରହିବ । ବୁଝିବା ସକାଶେ କି ଜାଣିବା ସକାଶେ ଆଦୌ କୌଣସି ଚେଷ୍ଟା କରିବ ନାହିଁ – ମାତ୍ର କେବଳ **ହେବାକୁ**ହିଁ ଚେଷ୍ଟା କରିବ... ଏବଂ ଅବସ୍ଥାନ କରୁଥିବ । ଏବଂ, ମୁଁ ଠିକ୍ ସେହିଭଳି ଭାବରେହିଁ ମୋ'ର ସମୟଟିକୁ ଅତିବାହିତ କରୁଛି ।

କେବେହେଲେ କୌଣସି ''ଚେଷ୍ଟା'' କରିବାକୁ ହେବ ନାହିଁ : ଏହିପରି ଭାବରେ (*କିଞ୍ଚିତ୍ ପ୍ରତ୍ୟାହୃତ ହୋଇଯିବାର ଇଙ୍ଗିତ*) ଗୋଟାଏ ମିନିଟ ରହିବା ମଧ୍ୟ ଯଥେଷ୍ଟ ହେବ । ଏବଂ ସେତେବେଳେ ସମୟର ମଧ୍ୟ ଆଦୌ କୌଣସି ମୂଲ୍ୟ ନ ଥିବ । ଏହା ଅତ୍ୟନ୍ତ ବିଚିତ୍ର କଥା, ମୁଁ ଜୀବନର ଯାବତୀୟ ମାମୁଲି କ୍ରିୟାଶୀଳତାଗୁଡ଼ିକର କ୍ଷେତ୍ରରେ ବି ପ୍ରୟୋଗ କରିବାରେ ଲାଗିଛି; ଏବଂ, ଯେତେବେଳେ ମୁଁ ଏହିପରି ଭାବରେ ସେହି ନୀଡ଼ଟି ମଧ୍ୟରେ ଯାଇ ଅବସ୍ଥାନ କରୁଛି, ଯେତେବେଳେ ସବୁଭାବନା ବନ୍ଦ ହୋଇ ଯାଉଛି ଓ ଏହିପରି ଭାବରେ କେବଳ ଚେତନାହିଁ ରହିଯାଉଛି (*ଅନ୍ତଃପ୍ରବେଶର ଇଙ୍ଗିତ*), ସେତେବେଳେ ସବୁକିଛି କେବଳ ତାତ୍‌କ୍ଷଣିକହିଁ ବୋଧ ହେଉଛି । ସମୟ ବୋଲି ଆଉ କିଛି ରହୁ ନାହିଁ । ମୁଁ ଯେତେବେଳେ ବାହ୍ୟ ଚେତନା ମଧ୍ୟରେ ଅବସ୍ଥାନ କରୁଛି (ଯାହାକୁ ମୁଁ ''ବାହ୍ୟ'' ବୋଲି କହୁଛି, ତାହା ଏପରି ଏକ ଚେତନା ଯାହାକି ସୃଷ୍ଟି ଉପରେ ଦୃଷ୍ଟିପାତ କରିବାରେ ଲାଗିଥାଏ), ସେତେବେଳେ ସେଥିଲାଗି ସମୟ ଲାଗୁଛି, ସେଥିପ୍ରତି ଉଦ୍ଦିଷ୍ଟ ହୋଇ ରହୁଥିବା ମନୋଯୋଗଟି ଅନୁସାରେ ତାହା ଅଳ୍ପବହୁତ ଦୀର୍ଘ ବି ହୋଇ ରହୁଛି । ସେତେବେଳେ ସବୁକିଛି ଏପରି ବୋଧ ହେଉଛି... ସେତେବେଳେ କିଛିହେଲେ ଅନପେକ୍ଷ ବୋଲି (ଏହାକୁ କିପରି ଶବ୍ଦରେ କହିହେବ ?) ବୋଧ ହେଉ ନାହିଁ,– ବାସ୍ତବ ହୋଇଥିବାର ଅର୍ଥରେ, ଏକ ମୂର୍ତ୍ତ ବାସ୍ତବତାକୁ ବହନ କରିଥିବାର ଅର୍ଥରେ ସେହି କ୍ଷେତ୍ରରେ କିଛିହେଲେ ସେଭଳି ବୋଧ ହେଉ ନାହିଁ । କେବଳ ଶରୀର ମଧ୍ୟରେ ଥିବା ଅପ୍ରୀତିକର ବସ୍ତୁଗୁଡ଼ାକହିଁ ସେହିପରି ମନେ ହେଉଛି : ଏହା ଯେ ଏକ ଅପରିପୂର୍ଣ୍ଣତା, ସେତେବେଳେ ଏହି ସଜ୍ଞାନତାଟି ମଧ୍ୟ ଆସିଯାଉଛି । ଏହି ଅପରିପୂର୍ଣ୍ଣତାଟିହିଁ ଇନ୍ଦ୍ରିୟଗୁଡ଼ିକ ଲାଗି ଅବବୋଧ ହୋଇ ରହିଥାଏ । ତା' ନ ହେଲେ ଏହା ଠିକ୍ ଏହିପରି (*ଅନ୍ତଃପ୍ରବେଶର, ପରମପ୍ରଭୁଙ୍କ ମଧ୍ୟରେ ବାସ କରୁଥିବାର ସେହି ପୂର୍ବ ଭଳି ଇଙ୍ଗିତ*) ହୋଇ ରହିଥାଏ । ଏବଂ, ''ସେହି ଭଳି'' ହୋଇ ରହିଥିବା ସମୟରେ ସେହି କ୍ଷେତ୍ରରେ ବିଶାଳ ଶକ୍ତି ବି ବିଦ୍ୟମାନ ଥାଏ,–

ଏହି ଅର୍ଥରେ ଯେ... ଉଦାହରଣ ସ୍ୱରୂପ, କେତେକ ବ୍ୟକ୍ତିଙ୍କର କ୍ଷେତ୍ରରେ ଏକ ଅସୁସ୍ଥତା ଅନ୍ତର୍ହିତ ହୋଇଯାଏ (ବସ୍ତୁତଃ ମୋତେ ସେଥିଲାଗି ବାହ୍ୟତଃ କିଛି କରିବାକୁ ପଡ଼େ ନାହିଁ, ଏପରିକି ସଂପୃକ୍ତ ବ୍ୟକ୍ତିଟିକୁ ମୋତେ ଆଦୌ କିଛିହେଲେ କହିବାକୁ ପଡ଼େ ନାହିଁ,– ତଥାପି ଆରୋଗ୍ୟ ହୋଇଯାଏ), ବିଦାୟ ନେବା ପାଇଁ ଇଚ୍ଛା କରୁଥିବା ଆଉଜଣେ ବ୍ୟକ୍ତିର କ୍ଷେତ୍ରରେ... ଏକ ପରିସମାପ୍ତି ଘଟେ, ସିଏ ଗାରଟିକୁ ଡେଇଁ ଆରପାଖକୁ ଚାଲିଯାଏ । ଏବଂ, ତେଣୁ ଏହି ଅନ୍ୟ ପାଖଟି ମଧ୍ୟ ଯୁଗପତ୍ ଭାବରେ ସଂପୂର୍ଣ୍ଣ ପରିଚିତ ହୋଇ ସାରିଲାଣି ଏବଂ... ତଥାପି ସଂପୂର୍ଣ୍ଣ ଭାବରେ ଅନବଜ୍ଞାତ ହୋଇ ରହିଛି ।

ମୁଁ ଏପରି ଏକ ସମୟର ସ୍ମରଣ କରି ପାରୁଛି, ଯେତେବେଳେ କି ଅତୀତ ଜନ୍ମଗୁଡ଼ିକର ସ୍ମୃତି ଓ ରାତ୍ରିକାଳୀନ ଯାବତୀୟ କ୍ରିୟାତ୍ମକତାର ସ୍ମୃତି ଅତ୍ୟନ୍ତ ପରିମାଣରେ ମୂର୍ତ୍ତ ହୋଇ ରହିଥିଲା, ଏହି ତଥାକଥିତ ଅଦୃଶ୍ୟ ପୃଥିବୀ ମଧ୍ୟ ସମ୍ପୂର୍ଣ୍ଣ ମୂର୍ତ୍ତ ହୋଇ ରହିଥିଲା । ବର୍ତ୍ତମାନ... ବର୍ତ୍ତମାନ ସବୁକିଛି ସତେଅବା ଏକ ସ୍ୱପ୍ନରେହିଁ ପରିଣତ ହୋଇଯାଇଛି – ସେହି ସ୍ୱପ୍ନ ଏକ ଯଥାର୍ଥ ବାସ୍ତବସତ୍ୟକୁ ଆବରଣର ପଶ୍ଚାତରେ ଲୁଚାଇ କରି ରଖିଛି... ଏକ ବାସ୍ତବସତ୍ୟ, ଯାହାକି ଅଜ୍ଞାତ ହୋଇ ରହିଛି ଅଥଚ ଇନ୍ଦ୍ରିୟଗୁଡ଼ିକ ଯାହାର ଉପସ୍ଥିତି ଅନୁଭବ କରି ପାରୁଛନ୍ତି । ଏଥର ମୁଁ ମୂର୍ଖଙ୍କ ପରି ଗୁଡ଼ାଏ ଅର୍ଥହୀନ କଥା କହିବାକୁ ଆରମ୍ଭ କରୁଛି, ନୁହେଁ ?

*ନାଇଁ, ନାଇଁ, ଆଦୌ ନୁହେଁ ।*

କାରଣ, ଏହି କଥାଟିକୁ ମୋଟେ ଶବ୍ଦ ଦ୍ୱାରା ପ୍ରକାଶ କରିହେବ ନାହିଁ ।

ତୁମେ ସେଦିନ ମୋତେ ପଚାରୁଥିଲ (ତୁମର ପ୍ରଶ୍ନଟି ମୋ' ପାଖରେ ରହିଛି), ତୁମେ ପଚାରୁଥିଲ : ''ମୁଁ ଯେତେବେଳେ ସେହିପରି ସ୍ଥିର ଓ ଶାନ୍ତ ହୋଇ ରହିଥାଏ, ସେତେବେଳେ ପ୍ରକୃତରେ କ'ଣ ଉପସ୍ଥିତ ରହିଥାଏ ?''... ଏହାକୁ କେବଳ ଏକ ପ୍ରୟାସ ବୋଲି କୁହାଯିବ (ମୁଁ ତାକୁ ଏକ ଅଭୀପ୍ସା ବୋଲି କହିପାରିବି ନାହିଁ, ଏକ ଉଦ୍ୟମ ବୋଲି ବି କହିପାରିବି ନାହିଁ – ଇଂରାଜୀ ଭାଷାରେ ଯାହାକୁ ଅର୍ଜ (*urge*) ବୋଲି କହନ୍ତି, ଏଇଟି ହେଉଛି ସେଇଆ) : ସେତେବେଳେ ଯଥାର୍ଥ ସତ୍ୟ ଅବସ୍ଥିତ ରହିଥାଏ । ସେତେବେଳେ ତାହାକୁ ଜାଣିବାର ବା ବୁଝିବାର ଆଦୌ କୌଣସି ଚେଷ୍ଟା ହେଉ ନ ଥାଏ । ସେଗୁଡ଼ାକ ସଂପୂର୍ଣ୍ଣ ଭାବରେ ଅବାନ୍ତର ହୋଇ ରହିଥାଏ । କେବଳ ହେବା – ହେବା –ହେବାହିଁ ଏକମାତ୍ର ସତ୍ୟରୂପେ ବିଦ୍ୟମାନ ରହିଥାଏ (*ମାଆ ଏକ ମଧୁରତାପୂର୍ଣ୍ଣ ହସ ହସିଲେ*) ।

(*ମାଆ ନୀରବ ରହିଲେ*)

ତେଣୁ ଏହା ସଂପୂର୍ଣ୍ଣ ଭାବରେ ଅଦ୍ଭୁତ : ଯୁଗପତ୍ ଭାବରେ – ଯୁଗପତ୍ ଭାବରେ – ଗୋଟିଏ ଆରଟିର ଭିତରେ ନୁହେଁ,– ଆରଟିର ସହିତ ମଧ୍ୟ ନୁହେଁ, ମାତ୍ର ଏଇଟି ଏବଂ ଆରଟି, ଯୁଗପତ୍ ଭାବରେ (*ମାଆ ବାଆଁ ହାତର ଆଙ୍ଗୁଠି ଭିତରେ ଡାହାଣ ହାତର ଆଙ୍ଗୁଠିଗୁଡ଼ିକୁ ସଂବୃତ କରି ଧରିଲେ*) : ଯୁଗପତ୍ ଭାବରେ ଅଦ୍ଭୁତ ଏବଂ ଭୟଙ୍କର... ଜୀବନ ଯେଉଁଭଳି ଭାବରେ ରହିଛି, ନିଜର ସାଧାରଣ ଚେତନାରେ ଆମେ ଜୀବନକୁ ଯେପରି ଭାବରେ ଅନୁଭବ କରୁଛୁ, ମନୁଷ୍ୟମାନଙ୍କ ଲାଗି ତାହା ଯେପରି ହୋଇ ରହିଛି, ତାହା ଏପରି ଏକ ଭୟଙ୍କର ବସ୍ତୁ ପରି ବୋଧ ହୋଇଥାଏ ଯେ, ସେଥିଭିତରେ କିପରି ଗୋଟାଏ ମୁହୂର୍ତ୍ତ ପାଇଁ ମଧ୍ୟ ବଞ୍ଚିବା ସମ୍ଭବ ହେବ, ତୁମେ ସେହି କଥାଟି ପ୍ରଶ୍ନ କରିବାକୁ ଇଚ୍ଛା କରୁଥାଅ; ଏବଂ ଅନ୍ୟଟି, **ଯୁଗପତ୍** ଭାବରେ : ଏକ ଚମତ୍କାରିତା ହୋଇ ରହିଥାଏ । ସେହି ମହାନ୍ ଆଲୋକ, ମହୀୟସୀ ଚେତନା ଓ ଶକ୍ତିର ଏକ ଅଦ୍ଭୁତ ଚମତ୍କାରିତା ହୋଇ ରହିଥାଏ । ହଁ, ସେହି ଶକ୍ତି – ଏକ ଶକ୍ତିର ଚମତ୍କାରିତା ହୋଇ ରହିଥାଏ । ଏବଂ ତାହାକୁ ଜଣେ ବ୍ୟକ୍ତିର ଶକ୍ତି ବୋଲି କୁହାଯିବ ନାହିଁ (*ମାଆ ନିଜ ହାତର ଚମକୁ ନଖରେ ଚୁମୁଟିଲେ*), ଏହା ହେଉଛି... ଏହାକୁ ଏକ ସଂପୂର୍ଣ୍ଣ ବସ୍ତୁ ବୋଲି, ଏହି ସମୁଦାୟ କିଛି ବୋଲି କୁହାଯାଇ ପାରିବ... ଏବଂ ସେତେବେଳେ ତାହାକୁ ମୋଟେ କଥାରେ ପ୍ରକାଶ କରି କୁହାଯାଇ ପାରିବ ନାହିଁ ।

ତେଣୁ, ଅତ୍ୟନ୍ତ ସ୍ୱାଭାବିକ କଥା ଯେ, ସେହି ପରମତତ୍ତ୍ୱର ପରିଚୟ ତାହାହିଁ ସବୁଠାରୁ ଅଧିକ ଆଗ୍ରହୋଦ୍ଦୀପକ । ତେଣୁ ଅତ୍ୟନ୍ତ ସ୍ୱାଭାବିକ ଭାବରେ, ଯେତେବେଳେ ମୋ'ର ଆଉ କିଛି କରିବାର ନ ଥାଏ... (*ମାଆ ନିଜ ଭିତରକୁ ପ୍ରବେଶ କରିବାର ଏବଂ ପରମପ୍ରଭୁଙ୍କ ମଧ୍ୟରେ ଅବସ୍ଥାନ କରିବାର ଇଙ୍ଗିତ କଲେ*) ।

(*ମାଆ ଦୀର୍ଘକାଳ ନୀରବ ରହିଲେ*)

ହେ ପରମ ପ୍ରଭୁ, କେବଳ ଆପଣ – ତାହାହିଁ ସମୁଦାୟ କଥା ।

ଏବଂ ଏହା ଅତ୍ୟନ୍ତ ସ୍ପଷ୍ଟ ହୋଇଯାଉଛି ଯେ, ତାହାହିଁ ଏହି ସୃଷ୍ଟିର ଲକ୍ଷ୍ୟ ହୋଇ ରହିଛି,– ସେହି ବିସ୍ମୟକାରୀ ଅଦ୍ଭୁତ ଆନନ୍ଦ – ଆପଣାକୁ ସେହି ପରମପ୍ରଭୁ ହେବାର ଅନୁଭବ କରିବାରହିଁ ସେହି ଅଦ୍ଭୁତ ଆନନ୍ଦ ।

(*ମାଆ ଈଷତ୍ ହସି ପ୍ରବଚନଟିକୁ ଶେଷ କଲେ*)

## ୧ ସେପ୍‌ଟେମ୍ବର ୧୯୭୧

ଏହି ଶରୀର ବିଷୟରେ ଏତିକି କୁହାଯିବ ଯେ, କେବଳ ସେହି ଦିବ୍ୟ ପରମସତ୍ତାଙ୍କ ମଧ୍ୟଦେଇ ବଞ୍ଚିବାକୁ, କେବଳ ତାହାଙ୍କୁହିଁ ଖାଦ୍ୟରୂପେ ଗ୍ରହଣ କରିବାକୁ, ସବୁକିଛିରେ, ସବୁକିଛିରେ କେବଳ ତାହାଙ୍କୁହିଁ ଅବଲମ୍ବନ ରୂପେ ସ୍ୱୀକାର କରିବାକୁହିଁ ଶରୀରକୁ ବର୍ତ୍ତମାନ ପ୍ରଶିକ୍ଷିତ କରାଯାଉଛି । କୌଣସି ଗୋଟିଏ କ୍ଷେତ୍ରକୁ ମଧ୍ୟ ଏଥିରେ ଆଦୌ ବାଦ୍ ଦିଆଯାଉ ନାହିଁ । ଏହି ଚେତନା ଯଥାସମ୍ଭବ ଅଧିକ ପରିମାଣରେ ସେହି ଦିବ୍ୟ ପରମଚେତନା ସହିତ ଖିଅ ଲାଗି ରହିଥିବା ସମୟରେହିଁ ଜୀବନ ବଞ୍ଚୁଥିବାର ଅସଲ ବୋଧଟି ପ୍ରକୃତରେ ସମ୍ଭବ ହୋଇଥାଏ । ବର୍ତ୍ତମାନ ସେହି ପ୍ରଶିକ୍ଷଣ ଏକ ଅସାଧାରଣ ସଘନତାର ସ୍ତରରେ ଆସି ପହଞ୍ଚିଛି । ଯେତେବେଳେ ଏହି ଭୌତିକ ଦେହଟିର ଦୀକ୍ଷା ପୂର୍ଣ୍ଣ ହୋଇଯିବ, ସେତେବେଳେ ତାହା ଏକ **ଦୃଢ଼ ପ୍ରକୃତ ବସ୍ତୁ**ରେ ପରିଣତ ହୋଇ ପାରିବ । ସେତେବେଳେ ତାହା ଆଉ ମୋଟେ ବିଚଳିତ ହେବ ନାହିଁ ଏବଂ ପୂର୍ଣ୍ଣତା ପ୍ରାପ୍ତ କରିବ । ଏହା ଏପରି ମୂର୍ତ୍ତ ହୋଇଯିବ ଯେ,... ଗୋଟିଏ ପାଖରେ ଦିବ୍ୟ ପରମସତ୍ତାଙ୍କ ମଧ୍ୟରେ ଅବସ୍ଥାନ କରିବା, କେବଳ ତାଙ୍କରି ମଧ୍ୟଦେଇ ଓ ତାଙ୍କରି ମଧ୍ୟରେ ଜୀବନ ବଞ୍ଚିବା, ଏବଂ ଅନ୍ୟ ପାଖରେ ଏହି ଚେତନାଟି ମଧ୍ୟରେ (ସ୍ୱଭାବତଃ ଏକ ସାଧାରଣ ନିମ୍ନ ଚେତନାରେ ନୁହେଁ, ମାତ୍ର ମନୁଷ୍ୟର ଚେତନାରେ) ଅବସ୍ଥିତ ରହିବା,– ଦୁଇଟି ମଧ୍ୟରେ ଏତେ ଅଧିକ ପ୍ରଭେଦ ରହିଛି ଯେ, ଗୋଟିକ ପାଖରେ ଅନ୍ୟଟି ପ୍ରକୃତରେ ମୃତତୁଲ୍ୟହିଁ ପ୍ରତୀତ ହେବାରେ ଲାଗିବ,– ଏତେବେଶୀ ପ୍ରଭେଦ ରହିଛି ଯେ... ଅର୍ଥାତ୍, ଭୌତିକ ସ୍ତରର ଉପଲବ୍ଧି ହେଉଛି ଯଥାର୍ଥରେ ଏକ ମୂର୍ତ୍ତ ଉପଲବ୍ଧି ।

ବର୍ତ୍ତମାନ ଶକ୍ତିର ଏକ ସଂକେନ୍ଦ୍ରଣ ହେବାରେ ଲାଗିଛି – ନାଇଁ, ଏବେ ମଧ୍ୟ ତାହା ହୋଇ ନାହିଁ, ତାହା ହେବାକୁ ଅନେକ ଦୂର ବାକୀ ରହିଛି, ମାତ୍ର... ଯାହା ହେବାକୁ ଯାଉଛି, ତାହାର ଏକ ଅବବୋଧ ପ୍ରାପ୍ତ ହେବା ଆରମ୍ଭ ହୋଇ ଯାଇଛି । ତାହା,– ହଁ, ତାହା ପ୍ରକୃତରେ ଅଦ୍ଭୁତ । ଏଥିରେ ପ୍ରକୃତରେ କେତେ ନା କେତେ ଶକ୍ତି ଭରପୂର ହୋଇ ରହିଛି । ଚେତନା ଭିତରେ ଏତେ ଶକ୍ତି ଏବଂ ଏତେ ବେଶୀ ମୂର୍ତ୍ତତା ପୂର୍ଣ୍ଣ ହୋଇ ରହିଛି ଯେ, ଆଉ କିଛିହେଲେ, ଆଉ କିଛିହେଲେ ସେହି ଚେତନାକୁ ଅଧିକାର କରିପାରିବ ନାହିଁ;– ଯାହାକିଛି ପ୍ରାଣିକ ଓ ମାନସିକ ସ୍ତରର, ସେହି ସବୁକିଛି ବର୍ତ୍ତମାନ ଶୂନ୍ୟ ଏବଂ ଅନିଶ୍ଚିତ ବୋଲି ବୋଧ ହେଉଛି । ତାହା ସଂପୂର୍ଣ୍ଣ ମୂର୍ତ୍ତ ହୋଇ ରହିଛି (*ମାଆ ନିଜର ଦୁଇ ହାତକୁ କଷିକରି ଧରିଲେ*) । ଏବଂ ତେଣୁ ଏତେ ବେଶୀ ଶକ୍ତ ହୋଇ ରହିଛି ।

ସମାଧାନ କରିବା ଲାଗି ଅନେକ ସମସ୍ୟା ତଥାପି ବାକୀ ରହିଛି । ମାତ୍ର ଶବ୍ଦ

ଦ୍ୱାରା ଅଥବା ଭାବନା ଦ୍ୱାରା ସେହି ସମାଧାନ ମୋଟେ ହେବ ନାହିଁ । ଏବଂ, ସେହି କଥାଟିକୁ ପ୍ରତିପାଦିତ କରିଦେବାକୁହିଁ ଅନୁରୂପ ବସ୍ତୁଗୁଡ଼ିକର ଆବିର୍ଭାବ ଘଟିବାକୁ ଯାଉଛି — କେବଳ ବ୍ୟକ୍ତିଗତ ବସ୍ତୁଗୁଡ଼ିକର କ୍ଷେତ୍ରରେ ନୁହେଁ, ମାତ୍ର ଚତୁର୍ଦ୍ଦିଗରେ ରହିଥିବା ଯାବତୀୟ ବସ୍ତୁର କ୍ଷେତ୍ରରେ : ମନୁଷ୍ୟମାନଙ୍କ କ୍ଷେତ୍ରରେ, ପରିସ୍ଥିତିଗୁଡ଼ିକର କ୍ଷେତ୍ରରେ — ଶରୀରକୁ ଯଥାର୍ଥ ଚେତନାର ଅଧିକାରୀ ହେବା ଲାଗି ଶିକ୍ଷା ଦେବା ସକାଶେହିଁ ସେହି ସବୁକିଛିର ଆବିର୍ଭାବ ହେବାକୁ ଯାଉଛି । ତାହା — ତାହା ପ୍ରକୃତରେ ଭାରି ଅଦ୍ଭୁତ କଥା ।

(*ମାଆ ଆତ୍ମସ୍ଥ ହୋଇଗଲେ*)

ଏପରି ଏକ ଜଡ଼-ଆଧାରର ସୃଷ୍ଟି ହେବ, ଯାହାକି ଆପଣାକୁ ଅଭିବ୍ୟକ୍ତ କରିବା ଲାଗି ଇଚ୍ଛା କରୁଥିବା ସେହି ମହାନ୍ ଶକ୍ତିଟିକୁ ବହନ କରିବା ପାଇଁ ସମର୍ଥ ହେବ,— ବର୍ତ୍ତମାନ ତାହାହିଁ ଅସଲ ସମସ୍ୟାଟି ପରି ବୋଧ ହେଉଛି । ନିତ୍ୟନୈମିତ୍ତିକ ଯାବତୀୟ ଶାରୀରଚେତନା ପ୍ରକୃତରେ ଏତେ ବେଶୀ କୃଶ ଓ ଭଙ୍ଗୁର ହୋଇ ରହିଥାଏ ଯେ ଅବଶ୍ୟ ଅଭିବ୍ୟକ୍ତ ହୋଇ ଆସିବାକୁ ମନସ୍ଥ କରିଥିବା ସେହି ବୃହତ୍ ଶକ୍ତିଟିକୁ ତାହା କଦାପି ବହନ କରି ପାରିବ ନାହିଁ । ତେଣୁ ଶରୀର ବର୍ତ୍ତମାନ ସେଥିଲାଗି ଆପଣାକୁ ପ୍ରଶିକ୍ଷିତ କରିବାରେ ଲାଗିଛି । ଏବଂ ଏହା... ସତେଅବା ହଠାତ୍ ଏକ ଅଦ୍ଭୁତ ଦିଗ୍‌ବଳୟ ଏହାର ଗୋଚରୀଭୂତ ହେବାକୁ ଲାଗିଲା, ଏକ ଅତ୍ୟନ୍ତ ପରିମାଣରେ ଅଦ୍ଭୁତ ଦିଗ୍‌ବଳୟ । ଏବଂ, ସିଏ ଯେତିକି ଦୂର ଆଗକୁ ଯିବା ସହ୍ୟ କରିପାରିବ, ବର୍ତ୍ତମାନ ତାହାକୁ ସେତିକି ଦୂର ଯିବା ପାଇଁ ଛାଡ଼ି ଦିଆହୋଇଛି । ଏହି କ୍ଷେତ୍ରରେ ଏକ ଅନୁକୂଳନ-ପ୍ରକ୍ରିୟାର ଆବଶ୍ୟକତା ରହିଛି । ଏହି ମଧ୍ୟବର୍ତ୍ତୀ ମାର୍ଗଟି — ତାହା ସମ୍ପୂର୍ଣ୍ଣ ଭାବରେ ସେହି ମଧ୍ୟବର୍ତ୍ତୀ ମାର୍ଗଟିରେ ଗତି କରିବାରେ ଲାଗିଛି ।

ଏହା କ'ଣ ସତକୁ ସତ ଯଥେଷ୍ଟ ପରିମାଣରେ ନମନୀୟ ହୋଇ ପାରିବ ? ମୁଁ ଜାଣି ନାହିଁ ।

ଏହା ହେଉଛି ପ୍ରକୃତରେ ସେହି ନମନୀୟତାର ପ୍ରଶ୍ନ । ତାହାକୁ ସହ୍ୟ କରିବାର ଓ ସଞ୍ଚାରିତ କରିଦେବାର (*ମାଆ ଊର୍ଦ୍ଧ୍ୱରୁ ଏକ ପ୍ରବାହ ଆସି ତାଙ୍କ ମଧ୍ୟଦେଇ ବହି ଚାଲିଯିବାର ଇଙ୍ଗିତ କଲେ*) ଏକ ପ୍ରଶ୍ନ,— ଆପଣାକୁ ଅଭିବ୍ୟକ୍ତ କରିବା ଲାଗି ଇଚ୍ଛା କରୁଥିବା ସେହି ବୃହତ୍ ଶକ୍ତି ଆଗରେ ସିଏ ଯେପରି ଆଦୌ କୌଣସି ବାଧା ଛିଡ଼ା କରାଇ ରଖିବ ନାହିଁ, ତାହାହିଁ ପ୍ରଶ୍ନ ।

ରୂପଗୁଡ଼ିକ ଭବିଷ୍ୟତର ପରିଣତିରେହିଁ ରୂପାନ୍ତରିତ ହୋଇଯିବ । ସେହି କାରଣରୁହିଁ,... ସେହି ପ୍ରତିଭାସଟାହିଁ ସବାଶେଷରେ ଯାଇ ବଦଳିବ ।

(*ମାଆ ଗଭୀର ଭାବେ ଅଭିନିବିଷ୍ଟ ହେଲେ*)

ତାହା ହୁଏତ ଅନିର୍ଦ୍ଦିଷ୍ଟ କାଳ ଲାଗି ବେଶ୍ ଚାଲିପାରିବ – କୌଣସି ବସ୍ତୁର ସ୍ପର୍ଶ ଲାଭ କରିଥିବାର ସେହି ଅନୁଭୂତି ଏବଂ... (*କୌଣସି ବସ୍ତୁ ବାହାରି ଚାଲି ଯାଉଥିବାର ଇଙ୍ଗିତ*)

ତୁମର କି ଅନୁଭବ ହେଲା ?

*ଆପଣଙ୍କ ପାଖରେ ଥିବା ସମୟରେ ମୁଁ କ'ଣ ସବୁ ଅନୁଭବ କରେ, ଥରେ 'ଗ' ମୋତେ ସେହି କଥା ବୁଝିବାରେ ବାଟ ଦେଖାଇ ଦେଇଥିଲେ । ସିଏ କହିଥିଲେ, ''ଯେତେବେଳେ କେହି ଆପଣଙ୍କ ପାଖରେ ଥାଏ, ସେତେବେଳେ ଶରୀର ସତେଅବା ପ୍ରାର୍ଥନା କରୁଥିବା ପରି ମନେ ହେଉଥାଏ ।'' ହଁ, ତାହାହିଁ ପ୍ରକୃତ କଥା । ମୁଁ ଏପରି ଗୋଟିଏ ଶକ୍ତିର ଅନୁଭବ କରେ, ଯାହାକି ମୋ ଶରୀରର ସକଳ ଅଙ୍ଗପ୍ରତ୍ୟଙ୍ଗକୁ କୁଆଡ଼େ ନେଇଯିବା ପରି ମନେ ହୁଏ, ଏବଂ ତା'ପରେ, ସତେଅବା ସେଗୁଡ଼ିକୁ ଏକ ପ୍ରଗାଢ଼ ଅଭୀପ୍ସା ଦ୍ୱାରା ପୂର୍ଣ୍ଣ କରି ଦେଉଥାଏ ।*

ହଁ, ମାତ୍ର ମୋ'ର ଶରୀର ମଧ୍ୟ ଠିକ୍ ସେହିଭଳି ଅନୁଭବ କରୁଛି ।

*ହଁ, ତାହା ଶରୀରକୁ ପ୍ରାର୍ଥନାମଗ୍ନ କରିଦିଏ, ତାହାକୁ ଏପରି ଏକ ମହାନ୍ ଶକ୍ତି ଦ୍ୱାରା ପୂର୍ଣ୍ଣ କରିଦେବାରେ ଲାଗିଥାଏ ଯାହାକି... ସତେଅବା ଏପରି ଏକ ଅଗ୍ନିବର୍ଣ୍ଣ ସୁବର୍ଣ୍ଣ ପରି ମନେ ହୁଏ, ଯାହାକି ସବୁକିଛିକୁ ଉତ୍ତୋଳିତ କରି ନେଇଯାଏ ।*

ହଁ, ନିରନ୍ତର ଠିକ୍ ସେହିପରି ହେଉଥାଏ ।

(*ମାଆ ନୀରବ ରହିଲେ*)

ମୁଁ ଅନୁଭବ କରୁଛି... ଏହା ଠିକ୍ ଏହିପରି ଭାବରେ ବହିବାରେ ଲାଗିଛି (*ମାଆ ଆପଣା ଉପରେ ଏକ ଗାର ଟାଣିଦେବାର ଇଙ୍ଗିତ କଲେ*) । ଅନୁକ୍ଷଣ ବହିବାରେ ଲାଗିଛି ।

*ଏହାକୁ ସମ୍ଭବତଃ ଜଡ଼ ଭିତରେ ଦିବ୍ୟ ପରମପ୍ରେମର ସଞ୍ଚାର ବୋଲି କୁହାଯାଇ ପାରିବ ।* (ମାଆ ଖୁବ୍ ହସିବାକୁ ଲାଗିଲେ) *ଏହା ଯୁଗପତ୍ ଭାବରେ ଅତ୍ୟନ୍ତ ପ୍ରଗାଢ଼ ଏବଂ ଦୀପ୍ତିମୟ ହୋଇ ରହିଛି – ହଁ, ଦୀପ୍ତିମୟ ହୋଇ ରହିଛି । ଏବଂ ଅତ୍ୟନ୍ତ ଶକ୍ତିଶାଳୀ ହୋଇ ରହିଛି, ଏତେ ଶକ୍ତିଶାଳୀ ହୋଇ ରହିଛି ଯେ ତାହାକୁ ''ପ୍ରେମ'' ବୋଲି କ୍ୱଚିତ୍ ବର୍ଣ୍ଣନା କରିହେବ,– କାରଣ ଆମର ବୋଧଭୂମିରେ ତାହା କୌଣସି ଗୋଟିଏ ବସ୍ତୁର ବି ସମତୁଲ ହୋଇ ରହିଥିବା ପରି ମୋତେ ମନେ ହେଉ ନାହିଁ ।*

ହଁ, ମୁଁ ବି ତାହାକୁ ସେପରି କହିବି ନାହିଁ ।... ମୁଁ ଏହିପରି ହୋଇ ରହିଛି (*ମାଆ କପାଳ ଆଡ଼କୁ ଇଙ୍ଗିତ କଲେ*) : କେଉଁଠି ଆଦୌ କିଛିହେଲେ ନାହିଁ – ଏକାବେଳେକେ ଖାଲି, ଏକାବେଳେକେ ଖାଲି... ଏହା ସେଠାରେ (*ଊର୍ଦ୍ଧ୍ୱକୁ ଇଙ୍ଗିତ କଲେ, ଏକ ବ୍ୟାପ୍ତିର ସୂଚନା ଦେଲେ*) ରହିଛି । ହଁ, ଏକ ସ୍ୱର୍ଣ୍ଣିମ ବ୍ୟାପ୍ତିରେ ପରିଣତ ହୋଇ ରହିଛି ।

*ହଁ ।*

(*ମାଆ ନୀରବ ରହିଲେ*)

ମୋ'ର ଏପରି ଏକ ଅଦ୍ଭୁତ ଅନୁଭୂତି ହେଉଛି ଯେ ଏହା ହେଉଛି ଏକ ପ୍ରକାରର... ସତେଯେପରି ଖୋଳପାଟା ବା ଗଛମାନଙ୍କର ବଲ୍କଲଟା ବା ଗୋଟାଏ କଇଁଛର ଉପରର ଖୋଳଟା ହଠାତ୍ ମିଳାଇ ମିଳାଇ ଯାଉଛି । ଏବଂ, ସ୍ୱୟଂ ଶରୀରଟା ମଧ୍ୟ ମୋତେ ଏପରି ହୋଇ ରହି ନାହିଁ । (*ମାଆ ଏକ ଉନ୍ମୋଚନର ଇଙ୍ଗିତ କଲେ, ସତେଯେପରି ଶରୀର ବିସ୍ଫୋଟିତ ହୋଇ ସେହି ସୂର୍ଯ୍ୟ ଆଡ଼କୁ ଗତି କରିବାରେ ଲାଗିଛି ।*) ଯାହା ମନୁଷ୍ୟକୁ ଜଡ଼ ବୋଲି ବୋଧ ହେଉଛି, ତାହା ହେଉଛି... ତାହା ସତେଅବା କଠିନ ହୋଇ- ଯାଇଥିବା ଏପରି ଗୋଟିଏ ବସ୍ତୁ, ଯାହାକି ଆଉ କିଛିହେଲେ ଗ୍ରହଣ କରୁ ନାହିଁ ଏବଂ ତେଣୁ ତାହାକୁ ବର୍ତ୍ତମାନ ବିନଷ୍ଟ ହୋଇଯିବାକୁ ହେବ । ଏବଂ ଏହି ଶରୀର ଭିତରେ, ଏଠାରେ (*ମାଆ ଆପଣା ହାତର ଚମକୁ ସ୍ପର୍ଶ କଲେ*), ଏହା ଏଇଥିଲାଗି (*ଉନ୍ମୋଚିତ ହୋଇଯିବାର ପୂର୍ବବତ୍ ଇଙ୍ଗିତ*) ଚେଷ୍ଟା କରିବାରେ ଲାଗିଛି । ଓଃ, ପ୍ରକୃତରେ ଭାରି ଅଦ୍ଭୁତ, ଏକ ଭାରି ଅଦ୍ଭୁତ ଅନୁଭୂତି । ଯଦି ବସ୍ତୁଟି ତରଳିଯିବା ଯାଏ ଏହି ଅବସ୍ଥାଟିକୁ ଅବ୍ୟାହତ ରଖାଯାଇ ପାରନ୍ତା, ତେବେ ତାହାକୁହିଁ ଯଥାର୍ଥ ଆରମ୍ଭ ବୋଲି କୁହାଯାଇ ପାରନ୍ତା ।

## ୧୯ ସେପ୍ଟେମ୍ବର ୧୯୭୧

ଦୁର୍ଗାପୂଜା : ବିଜୟା ଦଶମୀ

ଆଜି ଅତ୍ୟନ୍ତ ସ୍ୱଷ୍ଟ ଭାବରେ ଏକ ଶକ୍ତିଶାଳୀ ଚାପ କହିବାରେ ଲାଗିଥିଲା : ଯଥାର୍ଥ ବିଜୟ ହେଉଛି ଏକ ସୁସମଞ୍ଜସତା; ଯଥାର୍ଥ ବିଜୟହିଁ ସେହି ଦିବ୍ୟ ପରମସତ୍ତା; ଏବଂ, ଶରୀର ଲାଗି ଯଥାର୍ଥ ବିଜୟ ହେଉଛି ଉତ୍ତମ ସ୍ୱାସ୍ଥ୍ୟ । ପ୍ରତ୍ୟେକ ରୁଗ୍ଣତା ଓ ପ୍ରତ୍ୟେକ ଅସୁସ୍ଥତାକୁ କେବଳ ଏକ ମିଥ୍ୟା ବୋଲି ଜାଣିବାକୁ ହେବ । ଆଜି ସକାଳେ ମୁଁ ଏହି ସତ୍ୟଟିକୁ ପାଇଲି । ଏବଂ ଏହା ଅତ୍ୟନ୍ତ **ସ୍ୱଷ୍ଟ** ଭାବରେ ମୋ'ପାଖକୁ ଆସିଥିଲା । ଏହା ପୂର୍ଣ୍ଣ ହୃଦ୍‌ବୋଧ କରାଇ ଦେଇ ପାରୁଥିଲା ।

ତେଣୁ, ଏହାକୁହିଁ ଆମେ ଠିକ୍ ବୋଲି ଗ୍ରହଣ କରିବା ।

ସତେଅବା ସେହି ପରମ ଉପସ୍ଥିତିଟି ସକାଶେହିଁ ଯାବତୀୟ ମିଥ୍ୟା ବାହାରକୁ ପ୍ରକଟ ହୋଇ ଆସିଥିଲା । ବ୍ୟକ୍ତିମାନଙ୍କ ଭିତରେ, ବସ୍ତୁଗୁଡ଼ିକ ଭିତରେ ଓ ପରିସ୍ଥିତି ମଧ୍ୟରେ ରହିଥିବା ଅପ୍ରତ୍ୟାଶିତତମ ବିଷୟଗୁଡ଼ିକ ବାହାରକୁ ବାହାରି ଆସିଥିଲା । ଏବଂ ଏହା ଯଥାର୍ଥରେ... କୌଣସି କଳ୍ପନା ତାହାର କଦାପି ସମତୁଲ ହେବ ନାହିଁ । ଏହା ପ୍ରକୃତରେ ଅବିଶ୍ୱାସ୍ୟ ।

*ମାତ୍ର ଏହା ଏକ ଶୁଭ ସଙ୍କେତ, ନୁହେଁ କି ?*

ହଁ, ହଁ, ନିଶ୍ଚୟ ଏକ ଶୁଭ ସଙ୍କେତ... ସତେଯେପରି ଭିତରେ କେଉଁଠି ଗୋଟାଏ ବିଷ ରହିଥିଲା ଏବଂ ଚିପିଦେବାରୁ ସେହି ବିଷ ବାହାରକୁ ବାହାରି ଆସିଲା — କ୍ରମଶଃ ଅନ୍ତର୍ହିତ ହୋଇଯିବାକୁହିଁ ବାହାରକୁ ବାହାରି ଆସିଲା । ଏବଂ ବର୍ତ୍ତମାନ ତାହା ବାହାରକୁ ଆସିବାରେ ଲାଗିଛି ।

ପରେ ଏହି ବିଷୟରେ କହିବା ସମ୍ଭବ ହେବ । ଏହା ପ୍ରକୃତରେ ଭାରି ଆଗ୍ରହୋଦ୍ଦୀପକ । ହଁ, ଏହା ଏକ ଶୁଭ ସଙ୍କେତ, ଏକ ଅତ୍ୟନ୍ତ ଶୁଭ ସଙ୍କେତ ।

*ହଁ, ଏହାର ଅର୍ଥ ହେଉଛି ଯେ, ହଜାର ହଜାର ବର୍ଷ ଧରି ଯେଉଁ ଶକ୍ତିଗୁଡ଼ିକ ତଳେ ଲୁଚିକରି ରହିଥିଲେ...*

ହଁ ।

*ସେମାନେ ଆପଣାର ଆଶ୍ରୟ ହରାଇଛନ୍ତି ।*

ହଁ, ଠିକ୍ ସେହି କଥା, ଠିକ୍ ସେହି କଥା ।

କ'ଣ ହେଉଛି ଦେଖିବାକୁ ହେବ । ଏହା ସମ୍ବନ୍ଧରେ କହିବାର ସମୟ ଏବେ ମଧ୍ୟ ଆସି ନାହିଁ । ତେଣୁ ପରେ ଯାଇ କିଛି କୁହାଯାଇ ପାରିବ । ଏହା ଅତ୍ୟନ୍ତ ଅବିଶ୍ୱାସ୍ୟ ।

ମାତ୍ର ତାହା ହେଉଛି ଏକ ଶକ୍ତି, ଏକ ମହାନ୍ ଶକ୍ତି... (*ମାଆ ଆଖି ବନ୍ଦ କରି ଆଣିଲେ ଓ ଈଷତ୍ ହସିଲେ*)

## ୧୬ ଅକ୍ଟୋବର ୧୯୭୧

*ଶାରୀରିକ କଷ୍ଟ ଉପରେ ଏକ ନିୟନ୍ତ୍ରଣ କିପରି ସମ୍ଭବ ହେବ ?*

ବର୍ତ୍ତମାନ ମୋ'ର ଠିକ୍ ସେହି ଅନୁଭୂତିମାନହିଁ ହେଉଛି ।

ଶରୀର ବର୍ତ୍ତମାନ ଏଭଳି ଗୋଟିଏ ସ୍ଥିତିରେ ରହିଛି, ଯେଉଁଥିରେ କି, ଦିବ୍ୟ ପରମସତ୍ତାଙ୍କ ସହିତ ତାହା ଯେଉଁଭଳି ଭାବରେ ସମ୍ବନ୍ଧିତ ହୋଇ ରହିଛି, ପ୍ରତ୍ୟେକ ଜିନିଷ ଯେ ଠିକ୍ ତାହାରି ଉପରେ ନିର୍ଭର କରୁଛି, ଶରୀର ସେହି କଥାଟିକୁ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଦେଖି ପାରୁଛି । ସେହି ଗ୍ରହଣସମର୍ଥ ସମର୍ପଣର ଏକ ସ୍ଥିତି ଉପରେ ସବୁ ନିର୍ଭର କରୁଛି ବୋଲି ତାହା ଦେଖିବାକୁ ପାଉଛି । ଏହି ବିଗତ କେତେଦିନ ମଧ୍ୟ ମୋ'ର ଠିକ୍ ସେହି ଅନୁଭବଟି ହୋଇଛି । କେବଳ ଏକ ଅସ୍ୱସ୍ତି ନୁହେଁ, ମାତ୍ର ଯାହାକିଛି ଏକ ଶାରୀରିକ ଦୁଃଖର — ଏକ ଅସହ୍ୟ ଯନ୍ତ୍ରଣାଭୋଗର କାରଣ ହୋଇ ରହିଛି, ଦିବ୍ୟ ପରମସତ୍ତାଙ୍କ ପ୍ରତି ଶରୀର ଭିତରେ ରହିଥିବା ଗ୍ରହଣଶୀଳତାର କ୍ଷେତ୍ରରେ କେବଳ ଏକ ପରିବର୍ତ୍ତନ ସମ୍ଭବ ହୋଇଆସିବା ମାତ୍ରକେ ସେହି କାରଣ ତତ୍କ୍ଷଣାତ୍ ଅନ୍ତର୍ହିତ ହୋଇ ଯାଉଛି,— ଏବଂ ଏପରିକି ଏକ ସୁଖମୟ ଅବସ୍ଥାକୁ ରୂପାନ୍ତରିତ ବି ହୋଇଯାଇ ପାରୁଛି । ମୋ'ର ଏହି ଅନୁଭବ ଏକାଧିକ ବାର ହେଲାଣି । ମୋ' କ୍ଷେତ୍ରରେ ମୁଁ ଏହାକୁ କେବଳ ନିଷ୍ଠାର ଅଧିକ ପ୍ରଗାଢ଼ ହୋଇ ପାରିବାର ପ୍ରଶ୍ନରୂପେ ସ୍ୱୀକାର କରିନେଇଛି;— ସେହି ଦିବ୍ୟ ପରମସତ୍ତାହିଁ ଯେ ସବୁକିଛି କରୁଛନ୍ତି ଏବଂ ଉପସ୍ଥିତ ସ୍ଥିତିଗୁଡ଼ିକ ମଧ୍ୟରେ ତାଙ୍କରି କ୍ରିୟା ଯେ ଶୀଘ୍ରତମ ଏକ ସମ୍ଭାବ୍ୟ ଉପଲବ୍ଧି ଲାଗି ଗତି କରିବାରେ ଲାଗିଛି, ଏହିପରି ଏକ ଚେତନାହିଁ ଅସଲ କଥା ବୋଲି ଅନୁଭୂତ ହେଉଛି ।

ମୁଁ ହୁଏତ ଏଭଳି କହିପାରିବି : କେବଳ ସେହି ଦିବ୍ୟ ପରମସତ୍ତାଙ୍କ ମଧ୍ୟରେହିଁ ଆପଣାର ଯଥାର୍ଥ ଆଶ୍ରୟଟିକୁ ଖୋଜିନେବାର ବିଦ୍ୟାଟିକୁ କୋଷମାନଙ୍କୁ ଶିକ୍ଷା କରିବାକୁ ପଡ଼ିବ । ଏହି ମାର୍ଗରେ ଗତି କରୁକରୁ ଏଭଳି ଗୋଟିଏ ମୁହୂର୍ତ୍ତ କ୍ରମେ ସମ୍ଭବ ହୋଇଯିବ, ଯେତେବେଳେ ସେମାନେ ଅନୁଭବ କରି ପାରିବେ ଯେ, ସେମାନେ ହେଉଛନ୍ତି କେବଳ ସେହି ଦିବ୍ୟ ପରମସତ୍ତାଙ୍କରହିଁ ଗୋଟିଏ ଗୋଟିଏ ଅଭିବ୍ୟକ୍ତି ।

ବସ୍ତୁତଃ ବର୍ତ୍ତମାନ ଏହାହିଁ ଅନୁଭୂତ ହେବାରେ ଲାଗିଛି । ବସ୍ତୁଗୁଡ଼ିକର ପିରଣାମରେ ପରିବର୍ତ୍ତନ ହେଉଥିବାର ଅନୁଭବ ହେବାରେ ଲାଗିଛି । ମାତ୍ର ମନର କ୍ଷେତ୍ରରେ ତାହାର ଆଦୌ କୌଣସି ଖିଅ ଲାଗି ନାହିଁ ଏବଂ ତେଣୁ ମୁଁ ତାହାକୁ ଶବ୍ଦ ଦେଇ ମୋଟେ କହିପାରୁ ନାହିଁ । ମାତ୍ର, ଅତ୍ୟନ୍ତ ଯଥାର୍ଥ ଭାବରେ କୋଷଗୁଡ଼ିକ ପ୍ରଥମତଃ ଏହାହିଁ ଅନୁଭବ

କରିବାକୁ ଆରମ୍ଭ କରିଛନ୍ତି ଯେ, ସେମାନେ ସମ୍ପୂର୍ଣ୍ଣ ଭାବରେ ସେହି ଦିବ୍ୟ ପରମସତ୍ତାଙ୍କ ଦ୍ୱାରାହିଁ ପରିଚାଳିତ ହେଉଛନ୍ତି (''ହେ ପ୍ରଭୁ, କେବଳ ଆପଣ ଯାହା ଇଚ୍ଛା କରିବେ, କେବଳ ଆପଣ ଯାହା ଇଚ୍ଛା କରିବେ''— ଏହିପରି ଭାବରେ ତାହାର ତର୍ଜମା କରାଯାଇ ପାରିବ ।); ପ୍ରଥମେ ଏହି ଅବସ୍ଥାଟି ଆସୁଛି, ଏବଂ ତା'ପରେ ଗୋଟାଏ ପ୍ରକାରର ଗ୍ରହଣଶୀଳତା ସଂଘଟିତ ହେଉଛି ଯାହାକି (ଶବ୍ଦ ଦେଇ କିପରି କହିହେବ ?) କ୍ରିୟାରହିତ ହୋଇ ରହିଛି; ତାହାକୁ ଗତିରହିତ ବୋଲି ଆଦୌ କହିହେବ ନାହିଁ... ତାହାକୁ ହୁଏତ ଏକ **କ୍ରିୟାରହିତ** ଗ୍ରହଣଶୀଳତା ବୋଲି କୁହାଯାଇ ପାରିବ (*ମାଆ ଈଷତ୍ ହସି ହାତ ଦୁଇଟିକୁ ଖୋଲିଦେଲେ*),— ମାତ୍ର ଶବ୍ଦଦେଇ କିପରି ଏହାକୁ ବୁଝାଇ କହିବି, ମୁଁ ସେକଥା ଜାଣି ପାରୁ ନାହିଁ ।

ଶବ୍ଦଗୁଡ଼ାକ ମିଥ୍ୟା, କିନ୍ତୁ ହୁଏତ ଏପରି କୁହାଯାଇ ପାରିବ : ''କେବଳ ଆପଣହିଁ ବିଦ୍ୟମାନ ଅଛନ୍ତି''— ହଁ, କୋଷଗୁଡ଼ିକ ମଧ୍ୟ ସେହି ''କେବଳ ଆପଣହିଁ ବିଦ୍ୟମାନ ଅଛନ୍ତି'' ବୋଲି ଅନୁଭବ କରୁଛନ୍ତି । ହଁ, ଠିକ୍ ସେହିପରି ହେଉଛି । ମାତ୍ର ତଥାପି,— ଅସଲ କଥାଟି ତଥାପି ସତେଅବା କଠିନ ହୋଇଗଲା ପରି ମନେ ହେଉଛି — ଶବ୍ଦଗୁଡ଼ାକ ଅସଲ ଅନୁଭବଟିକୁ ଠିକ୍ ଏହିପରି ଭାବରେହିଁ କଠିନ କରିଦିଅନ୍ତି । ଏପରି ଗୋଟିଏ ପ୍ରକାରର ନମନୀୟତା ବା କୋମଳତା ରହିଛି (ଏକ ବିଶ୍ୱାସମୟ, ଅତ୍ୟନ୍ତ ବିଶ୍ୱାସମୟ କୋମଳତା) : ''ହେ ପ୍ରଭୁ, କେବଳ ଆପଣ ଯାହା ଇଚ୍ଛା କରିବେ, କେବଳ ଆପଣ ଯାହା ଇଚ୍ଛା କରିବେ ।''

(*ମାଆ ନୀରବ ରହିଲେ*)

ଏକ ନିର୍ଦ୍ଦିଷ୍ଟ ଦୃଷ୍ଟିକୋଣର ଭୂମି ଉପରେ (ମାଆ ତାହାର ବ୍ୟାଖ୍ୟା ଅଥବା ସଂଜ୍ଞା ଦେବା ଅତ୍ୟନ୍ତ କଷ୍ଟକର), ଏକ ନିର୍ଦ୍ଦିଷ୍ଟ ଦୃଷ୍ଟିକୋଣର ଭୂମିରେ ସବୁକିଛି ଦିବ୍ୟରେ ପରିଣତ ହୋଇଯାଏ । ଏବଂ ସେହି କ୍ଷେତ୍ରରେ ପ୍ରକୃତରେ ଭାରି ଚମତ୍କାର କଥାଟି ହେଉଛି ଯେ, ଯେତେବେଳେ ସବୁକିଛି ଦିବ୍ୟ ବସ୍ତୁରେ ପରିଣତ ହୋଇ ଯାଇଥିବାର ଅନୁଭବ ହେବାକୁ ଲାଗେ, ସେତେବେଳେ ବିରୋଧୀ ପ୍ରତ୍ୟେକ ବିଷୟ ଅତ୍ୟନ୍ତ ସ୍ୱାଭାବିକ ଭାବରେ ଅନ୍ତର୍ହିତ ହୋଇଯାଏ; ତାହା ଶୀଘ୍ର ଯାଉଛି କି ଆସ୍ତେ ଯାଉଛି, ସଙ୍ଗେସଙ୍ଗେ ଚାଲିଯାଉଛି ଅଥବା ଅଳ୍ପଅଳ୍ପ କରି ଯାଉଛି, ତାହା ସେହି ବସ୍ତୁଗୁଡ଼ିକ ଉପରେହିଁ ନିର୍ଭର କରୁଥାଏ । ମାତ୍ର ତଥାପି ଅନ୍ତର୍ହିତ ହୋଇଯାଏ ।

ଏହା ପ୍ରକୃତରେ ଭାରି ଚମତ୍କାର । ଅର୍ଥାତ୍, ଯାବତୀୟ ସବୁକିଛିକୁ ଦିବ୍ୟ ବୋଲି ଅନୁଭବ କରି ପାରିବାର ଚେତନାଟିକୁହିଁ ସବୁକିଛିକୁ ଦିବ୍ୟରେ ପରିଣତ କରିବାର ପ୍ରକୃଷ୍ଟ ମାର୍ଗ ବୋଲି ଗ୍ରହଣ କରାଯାଇ ପାରିବ — ତଦ୍ୱାରା ସକଳ ବିରୋଧ ଖଣ୍ଡିତ ହୋଇ ରହିଯିବ ।

## ୩୦ ଅକ୍ଟୋବର ୧୯୭୧

ମୁଁ ଏହି ସୃଷ୍ଟିର ଯଥାର୍ଥ କାରଣଟିକୁ ଜାଣି ପାରିଛି, ମୁଁ ସତେଅବା ସେହିଭଳି ଅନୁଭବ କରୁଛି ।

ଏହିଭଳି ଏକ ଚେତନାବସ୍ତୁର ଉପଲବ୍ଧି ଲାଗିହିଁ ଏହି ସୃଷ୍ଟି ହୋଇଥିଲା ଯାହାକି, ଯୁଗପତ୍ ଭାବରେ ବ୍ୟକ୍ତିର ଚେତନା – ଆମର ସ୍ୱାଭାବିକ ଭାବରେ ଯେଉଁ ବ୍ୟକ୍ତିଗତ ଚେତନାଟି ରହିଛି – ଏବଂ ସମଗ୍ରର ଚେତନା (ଶବ୍ଦଦେଇ କିପରି କହିହେବ ?)... ତାହାକୁ ହୁଏତ ''ବିଶ୍ୱମୟ'' ଚେତନା ବୋଲି କହିହେବ,– ଦୁଇଟିଯାକର ଅଧିକାରୀ ହୋଇ ରହିପାରିବ । ମାତ୍ର ଏହି ଦୁଇ ଚେତନା ମଧ୍ୟ କୌଣସି ଏକ ଭୂମିରେ ସଂଯୁକ୍ତ ହୋଇ ରହିଛନ୍ତି... ଆମକୁ ତଥାପି ସେହି ଭୂମିଟିର ଆବିଷ୍କାର କରିବାକୁ ହେବ ।

ତାହା ଏପରି ଏକ ଚେତନା, ଯାହାକି ଯୁଗପତ୍ ଭାବରେ ବ୍ୟକ୍ତିଗତ ଏବଂ ସମଗ୍ର । ଏହି ଦୁଇ ଚେତନାକୁ ଗୋଟିଏ ଚେତନା ମଧ୍ୟକୁ ସଂଯୁକ୍ତ କରି ଆଣିବା,– ଯାହାକି **ଯୁଗପତ୍ ଭାବରେ** ତାହାହିଁ ହୋଇ ରହିଥିବ,– ସେହି ଲକ୍ଷ୍ୟର ସାଧନ ପାଇଁହିଁ ବର୍ତ୍ତମାନର ଯେତେସବୁ ପ୍ରୟାସ କରାଯାଉଛି । ଏବଂ ତାହାହିଁ ଆମର ପରବର୍ତ୍ତୀ ଉପଲବ୍ଧି ।

(*ମାଆ ନୀରବ ରହିଲେ*)

ଆମ ଲାଗି ଏହି ଉପଲବ୍ଧିଟି ହେବାକୁ କିଛି ସମୟ ଲାଗିବ ବୋଲି ମନେ ହେଉଛି (ଆମ ଲାଗି ସମୟ ଦ୍ୱାରାହିଁ ତାହାର ତର୍ଜମା କରାଯାଇ ପାରୁଛି), ସତେଯେପରି ସେହି ପ୍ରୟାସଟି ''କରାଯାଉଛି'', ସତେଯେପରି କୌଣସି ଏକ ପ୍ରୟାସ ''କରିବାକୁ'' ରହିଛି । ମାତ୍ର ଆମେସବୁ ସେହି ମାୟାଟି ଭିତରେ ଛନ୍ଦିହୋଇ ରହିଛୁ । କାରଣ ଆମେ... ଏବେ ମଧ୍ୟ ଅନ୍ୟ ପାଖଟିକୁ ଅତିକ୍ରମ କରି ଯାଇ ପାରି ନାହୁଁ ।

ମାତ୍ର ବ୍ୟକ୍ତିଗତ ଚେତନା ଆଦୌ ଏକ ମିଥ୍ୟା କଥା ନୁହେଁ । ଏହାକୁ ସମଗ୍ରର ଚେତନାଟି ସହିତ ଏପରି ଭାବରେ ସଂଯୁକ୍ତ କରି ରଖିବାକୁ ହେବ, ଯେପରିକି ତାହା ଆମେ ଏପର୍ଯ୍ୟନ୍ତ ଲାଭକରି ନ ଥିବା ଆଉଗୋଟିଏ ଚେତନାରେ ପରିଣତ ହୋଇଯିବ । ଏହାଦ୍ୱାରା ଆଦୌ ଏଭଳି ବୁଝିବା ଉଚିତ ନୁହେଁ ଯେ ଏହି ଚେତନାଟି ଅନ୍ୟ ଚେତନାଟିକୁ ଏକାବେଳେକେ ବିଲୁପ୍ତ କରିଦେବ । ଏହି କ୍ଷେତ୍ରରେ ଏକ ଅନୁକୂଳନ କରିବାକୁ ପଡ଼ିବ,– ଏହାର ଏକ ଅନ୍ୟ ବିଭାବକୁ ସ୍ପର୍ଶ କରିବାକୁ ପଡ଼ିବ, ଯେଉଁଥିରେ କି,– ଏହି କଥାଟିକୁ କିପରି କହିହେବ କେଜାଣି ?... ଦୁଇଟିଯାକ ଚେତନା ଯୁଗପତ୍ ଭାବରେ ଅଭିବ୍ୟକ୍ତ ହୋଇ ପାରୁଥିବେ ।

ଉଦାହରଣ ସ୍ୱରୂପ, ବର୍ତ୍ତମାନ ସୃଷ୍ଟିର ଶକ୍ତି ବିଷୟରେ ଏକ ସମଗ୍ର ଅନୁକ୍ରମରେ ଏଭଳି କେତେକ ଅନୁଭବ ହେବାରେ ଲାଗିଛି, ଯେଉଁ ଶକ୍ତି କି ବ୍ୟକ୍ତିଚେତନା ମଧ୍ୟରେ ଅନ୍ତର୍ନିହିତ ହୋଇ ରହିଛି । ଅର୍ଥାତ୍, ବ୍ୟକ୍ତିଚେତନା ମଧ୍ୟରେ ବସ୍ତୁଗୁଡ଼ିକୁ ଜାଣିବାର ସାମର୍ଥ୍ୟ ରହିଛି– ଜାଣିବାର, ଅର୍ଥାତ୍, ଯାହାକୁ ଆମେ ‘‘ଇଚ୍ଛା କରିବା’’ ବୋଲି କହୁଛୁ– ସେହି ସାମର୍ଥ୍ୟଟି ରହିଛି । ରୂପାୟିତ ହେବା ପୂର୍ବରୁ ତାହା ବ୍ୟକ୍ତିଚେତନା ମଧ୍ୟରେ ଅବସ୍ଥିତ ରହିଛି । ‘‘ଆମେ ସେହି କଥାଟିକୁ ଇଚ୍ଛା କରୁଛୁ’’ ବୋଲି ଆମେ ଅନେକ ସମୟରେ କହୁଛୁ । ମାତ୍ର ଏଇଟି କେବଳ ଏକ ମଧ୍ୟବର୍ତ୍ତୀ ବସ୍ତୁ ହୋଇ ରହିଛି (ମାଆ ଏକ ମଧ୍ୟବର୍ତ୍ତୀ ଚେତନାର ଅର୍ଥରେ ଏହି କଥା କହୁଛନ୍ତି) । ଏହା ଏପରି ଏକ ଚେତନା, ଯାହାକି ଏପରି ଏକ ସ୍ଥିତିକୁ ଗତି କରିବାରେ ଲାଗିଛି, ଯେଉଁଠାରେ କି ଏହା ଯୁଗପତ୍ ଭାବରେ, ଯାହା ହେବାକୁ ଯାଉଛି, ତାହାରି ଏକ ଦୃଷ୍ଟି ଏବଂ ତାହାକୁ ଉପଲବ୍ଧି କରିବାର ସାମର୍ଥ୍ୟରୂପେ ଅବସ୍ଥିତ ରହିଛି ।

ତାହା ହେଉଛି ପରବର୍ତ୍ତୀ ସୋପାନ । ପରେ...

ତେଣୁ, ଆମ ପାଇଁ, ଅର୍ଥାତ୍ ଏହି ବ୍ୟକ୍ତିଗତ ଚେତନା ପାଇଁ, ସମୟ ଦ୍ୱାରାହିଁ ତାହାର ତର୍ଜମା ହେବାରେ ଲାଗିଛି, ଏଥିସକାଶେ ଯେଉଁ ସମୟ ଲାଗିବ... ଶବ୍ଦ ଦେଇ କିପରି କହିବି, ମୁଁ ମୋଟେ ଜାଣି ପାରୁ ନାହିଁ ।

ସେହି କଥାଟିକୁ ମୁଁ ଏହିପରି ଅନୁଭବ କରୁଛି : ତୁମେ ଏଇଟି ନୁହଁ, ତୁମେ ସେଇଟି ମଧ୍ୟ ହୋଇ ପାରି ନାହଁ, ଏବଂ ସେଇଟି ହୋଇ ପାରିବା ଲାଗି ତୁମର ଏଇଟିକୁ ଛାଡ଼ି ଚାଲିଯିବା ମଧ୍ୟ ଆଦୌ ଉଚିତ ହେବ ନାହିଁ — ଦୁଇଟିଯାକକୁ ଏକ ହେବାକୁ ପଡ଼ିବ ଏବଂ ଏକ ନୂତନ ବସ୍ତୁକୁ ଗଠିତ କରି ଆଣିବ ।

ଏବଂ ତାହାହିଁ ସବୁ କଥାର ବ୍ୟାଖ୍ୟା କରିଦେଉଛି — ସେଇଟିରୁ ପ୍ରତ୍ୟେକ କଥାର ବ୍ୟାଖ୍ୟା ମିଳିଯାଉଛି । ଏବଂ ତାହା ଆଦୌ କୌଣସି କଥାକୁ ଆଦୌ ଖଣ୍ଡିତ କରିଦେଉ ନାହିଁ ।

ଆମର କଳ୍ପନୀୟ ଯାବତୀୟ ବସ୍ତୁଠାରୁ ଏହା ଶହେଗୁଣ ଅଧିକ ଚମତ୍କାର ଓ ଅଧିକ ଅଦ୍ଭୁତ ।

ଏଇଟି (*ମାଆଙ୍କ ଶରୀର*) ପ୍ରକୃତରେ ତାହାର ଅନୁସରଣ କରି ପାରିବ କି ନାହିଁ, ସେହି କଥାଟିକୁ ଜାଣିବା ହେଉଛି ଅସଲ ପ୍ରଶ୍ନ ।... ଅନୁସରଣ କରି ପାରିବାକୁ ହେଲେ ତାହାକୁ ଯେ କେବଳ ସହ୍ୟ କରିବାକୁ ହେବ ସେତିକି ନୁହେଁ, ତାହାକୁ ଏକ ନୂତନ ଆକାର ଓ ନୂତନ ଜୀବନ ଅର୍ଜନ କରିବାକୁ ହେବ । ସେକଥା ମୁଁ ଜାଣି ନାହିଁ । ମାତ୍ର ସେକଥା ଯାହା ହୋଇଥାଉ ପଛକେ, ସେଥିରେ ଆଦୌ କିଛି ଯାଏ ଆସେ ନାହିଁ ।

ଚେତନା ଅତ୍ୟନ୍ତ ସ୍ୱଚ୍ଛ ହୋଇ ରହିଛି ଏବଂ ଚେତନା ଆଦୌ କୌଣସି ପ୍ରକାରେ ତାହାର (*ମାଆ ଆପଣାର ଶରୀରକୁ ଇଙ୍ଗିତ କଲେ*) ଅଧୀନ ହୋଇ ରହି ନାହିଁ । ସେଇଟି ଯଦି କାମରେ ଲାଗି ପାରିଲା, ତେବେ ତ ଭାରି ଭଲ କଥା ହେବ; ନଚେତ୍... ଆହୁରି ଅନେକ ବସ୍ତୁ ଆବିଷ୍କୃତ ହେବାକୁ ବାକୀ ରହିଛି ।

ହଁ, ବସ୍ତୁଗୁଡ଼ିକୁ ଆବିଷ୍କାର କରିବା ବାକୀ ରହିଛି ! ପୁରାତନ ରୁଟିନ୍‌ଟାର ସଂପୂର୍ଣ୍ଣ ଅବସାନ ଘଟିଛି । ତାହା ଶେଷ ହୋଇ ଯାଇଛି ।

ଜଡ଼ର ନମନୀୟତାଟିରହିଁ ଆବିଷ୍କାର କରିବାକୁ ହେବ, ଯେପରିକି ଜଡ଼ ଅନୁକ୍ଷଣ ଅଗ୍ରଗତି କରି ପାରିବ । ଏହାହିଁ ଅସଲ କଥା ।

ଏଥିପାଇଁ କେତେ ସମୟ ଲାଗିବ ? ସେକଥା ମୋତେ ଜଣା ନାହିଁ । ସେଥିଲାଗି କେତେ ପରିମାଣର ଅଭିଜ୍ଞତା ଆବଶ୍ୟକ ହେବ ? ମୋତେ ସେକଥା ମଧ୍ୟ ଜଣା ନାହିଁ । ମାତ୍ର ବର୍ତ୍ତମାନ ପଥଟି ଉନ୍ମୋଚିତ ହୋଇଯାଇଛି ।

ପଥଟି ଅତ୍ୟନ୍ତ ପରିଷ୍କାର ହୋଇ ଯାଇଛି ।

## ୧୭ ନଭେମ୍ବର ୧୯୭୧

ଅତ୍ୟନ୍ତ ଆଶ୍ଚର୍ଯ୍ୟ କଥା । ବସ୍ତୁଗୁଡ଼ିକର ସମଗ୍ର ଦୃଶ୍ୟପଟଟିହିଁ ବଦଳି ଯାଇଛି ।... ଏବଂ ତା'ପରେ, ବିସ୍ମୃତ ହୋଇ ଯାଇଛି ।

ଏପରି ସମ୍ପୂର୍ଣ୍ଣ ଭାବରେ ବଦଳିଯାଇଛି ଯେ...

*ମାତ୍ର ଦୃଶ୍ୟପଟର ଏହି ପରିବର୍ତ୍ତନରେ ପ୍ରକୃତ ପ୍ରଭେଦଟି କ'ଣ ହୋଇଛି ?*

(*ଏକ ଈଷତ୍ ହାସ୍ୟ ସହିତ ଦୀର୍ଘ ସମୟ ନୀରବ ରହିବା ପରେ*) ବସ୍ତୁଗୁଡ଼ିକ ସହିତ ଆପଣାର ସମ୍ବନ୍ଧକ୍ଷେତ୍ରରେ ଚେତନା ସତେଯେପରି ତାହାର ପୂର୍ବର ସେହି ସ୍ଥିତିଟିରେହିଁ ଆଦୌ ଅବସ୍ଥିତ ହୋଇ ରହି ନାହିଁ । ଏହାକୁ କଥାରେ କିପରି ବର୍ଣ୍ଣନା କରି କହିହେବ ମୁଁ ଜାଣିପାରୁ ନାହିଁ । ତେଣୁ ସେମାନେ ଏକାବେଳେକେ ଅନ୍ୟପ୍ରକାର ବୋଲି ମନେ ହେଉଛନ୍ତି ।

(*ମାଆ ନୀରବ ରହିଲେ*)

ଏହାକୁ କିପରି ବୁଝାଇ ଦେଇ କହିହେବ, ମୁଁ ମୋଟେ ଜାଣିପାରୁ ନାହିଁ... ଆମର ଏହି ସାଧାରଣ ମନୁଷ୍ୟଚେତନା, ତାହାର ଅବଧାରଣା-ଗୁଡ଼ିକ ଏପରିକି ପ୍ରଶସ୍ତତମ ହୋଇ ରହିଥିବା ସମୟରେ ମଧ୍ୟ, ତାହା ସର୍ବଦାହିଁ କେନ୍ଦ୍ରସ୍ଥଳରେ ରହିଥାଏ, ଏବଂ ବସ୍ତୁଗୁଡ଼ିକ ଏହିପରି (*ଚାରିଆଡ଼ରୁ ଆସି ଗୋଟିଏ ବିନ୍ଦୁରେ ମିଳିତ ହୋଇଥିବା, ପ୍ରାୟ ଏକ ବୁଢ଼ିଆଣୀ ଜାଲର ଇଙ୍ଗିତ*) ରହିଥା'ନ୍ତି । ବସ୍ତୁଗୁଡ଼ିକ ବିଦ୍ୟମାନ ଥାଆନ୍ତି (ଯେତେ କଥା କହିବ, ଅସଲ ଅର୍ଥଟି ସେତେ ହ୍ରାସ ହୋଇ ଯାଉଥିବ), ସେଗୁଡ଼ିକ ଏକ କେନ୍ଦ୍ର ସହିତ ସମ୍ବନ୍ଧିତ ହୋଇ ବିଦ୍ୟମାନ ରହିଥାଆନ୍ତି । ଯେପରିକି (*ବିକ୍ଷିପ୍ତ ହୋଇ ରହିଥିବା ବିନ୍ଦୁଗୁଡ଼ିକର ଏକ ବୃହତ୍ ସମଷ୍ଟିକୁ ସୂଚାଇ ଦେବାର ଇଙ୍ଗିତ*) । ମୁଁ ଭାବୁଛି, ଏହିପରି ଭାବରେ ତାହାକୁ ସର୍ବୋତ୍ତମ ଭାବରେ ବ୍ୟକ୍ତ କରାଯାଇ ପାରିବ : ସାଧାରଣ ମନୁଷ୍ୟ-ଚେତନାରେ ମଣିଷ ଗୋଟିଏ ବିନ୍ଦୁରେ ଅବସ୍ଥିତ ରହିଥାଏ ଓ ଯାବତୀୟ ବସ୍ତୁ ଚେତନାର ଏହି ବିନ୍ଦୁଟି ସହିତ ଆପଣାକୁ ସମ୍ବନ୍ଧିତ କରି ରଖି ସେହି ଭୂମିରେହିଁ ଅବସ୍ଥିତ ରହିଥା'ନ୍ତି (*ପୂର୍ବ ପରି ସେହି ବୁଢ଼ିଆଣୀଜାଲର ଇଙ୍ଗିତ*) ଏବଂ ବର୍ତ୍ତମାନ ସେହି ବିନ୍ଦୁଟିର ଆଉ କୌଣସି ଅସ୍ତିତ୍ୱହିଁ ନାହିଁ । ତେଣୁ ବସ୍ତୁଗୁଡ଼ିକ ସ୍ୱତଃ ଅବସ୍ଥିତ ରହିଛନ୍ତି ।

ଏହିପରି ଭାବରେ ସବୁଠାରୁ ଅଧିକ ସୁନିର୍ଦ୍ଦିଷ୍ଟ ଭାବରେ କଥାଟିକୁ ବ୍ୟକ୍ତ କରାଯାଇ ପାରିବ । ଏହା ଠିକ୍ ଅସଲ କଥାଟିକୁ ମୋଟେ ବ୍ୟକ୍ତ କରୁ ନାହିଁ, ତଥାପି...

ତେଣୁ ମୋ'ର ଚେତନାଟି ବସ୍ତୁଗୁଡ଼ିକ **ମଧ୍ୟରେ**ହିଁ ରହିଛି — ଏହା ଏପରି ଏକ ପଦାର୍ଥ ହୋଇ ଆଦୌ ରହି ନାହିଁ, ଯାହାକି ଗ୍ରହଣହିଁ କରୁଛି, ଏହା ତା'ଠାରୁ ଏକ ଅଧିକ ଉନ୍ନତ ସ୍ତରରେ ରହିଛି, ମାତ୍ର ସେହି କଥାଟିକୁ କିପରି ଯଥାର୍ଥ ଭାବରେ କହିହେବ, ମୁଁ ସେକଥା କିଛି ଜାଣିପାରୁ ନାହିଁ ।

ଏଇଟି ତାହାଠାରୁ ଅଧିକ ଉନ୍ନତ, କାରଣ ଏହା କେବଳ ''ବସ୍ତୁଗୁଡ଼ିକ ମଧ୍ୟରେ''ହିଁ ଅବସ୍ଥିତ ରହି ନାହିଁ, ଏହା ଏପରି ଗୋଟିଏ ''ବସ୍ତୁରେ'' ରହିଛି, ଯାହାକି ବସ୍ତୁଗୁଡ଼ିକ ମଧ୍ୟରେ ଅବସ୍ଥିତ ରହିଛି ଏବଂ ଯାହାକି... ସେଗୁଡ଼ିକୁ ଗତିଶୀଳ କରି ରଖିଛି ।

ମୁଁ କଥାଟିକୁ ଶବ୍ଦରେ ବି କହି ପାରିଥା'ନ୍ତି । ମୁଁ କହି ପାରିଥା'ନ୍ତି : ''ଏହା କେବଳ ଆଉ ଅନେକ ସତ୍ତା ଭିତରେ ଗୋଟିଏ ସତ୍ତା ହୋଇ ରହି ନାହିଁ, ଏହା କେବଳ ରହିଛି'' । ମୁଁ କହି ପାରିଥା'ନ୍ତି, ''ଏହା ସକଳ ବସ୍ତୁରେ ଦିବ୍ୟ ପରମସତ୍ତା ରୂପେ ଅବସ୍ଥିତ ରହିଛି'' । ମାତ୍ର ଏଇଟିକୁ ମୁଁ ଆଦୌ ଏପରି ଭାବରେ ଅନୁଭବ କରୁ ନାହିଁ... ''ଏହା ବସ୍ତୁଗୁଡ଼ିକୁ ଗତିଶୀଳ କରି ରଖିଛି ବା ବସ୍ତୁଗୁଡ଼ିକ ବିଷୟରେ ସଚେତନ ହୋଇ ରହିଛି ।''

ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହା ହେଉଛି ଏକ ଚେତନାର ପ୍ରଶ୍ନ; ମାତ୍ର ମନୁଷ୍ୟମାନଙ୍କ ଭିତରେ ସାଧାରଣତଃ ଯେଉଁ ଚେତନା ରହିଥାଏ, ସେହି ଚେତନା ଆଦୌ ନୁହେଁ । ଚେତନାର ଗୁଣଟିହିଁ ବଦଳିଯାଇଛି ।

## ୧୮ ଡିସେମ୍ବର ୧୯୭୧

ଶ୍ରୀଅରବିନ୍ଦ ଲେଖିଥିବା ଗୋଟିଏ କଥା ମୁଁ ଏବେ ଶୁଣିବାକୁ ପାଇଲି, ଯେଉଁଥିରେ ସିଏ କହିଛନ୍ତି ଯେ, ପୃଥିବୀପୃଷ୍ଠରେ ଅତିମାନସର ଅଭିବ୍ୟକ୍ତି ଘଟିବାକୁ ହେଲେ, ଶରୀରସ୍ଥ ମନକୁହିଁ ତାହାକୁ ଗ୍ରହଣ କରି ପାରିବାକୁ ଓ ବ୍ୟକ୍ତ କରି ପାରିବାକୁ ପଡ଼ିବ । ଏବଂ କେବଳ ସେହି ଶରୀରସ୍ଥ ମନ ଅର୍ଥାତ୍ ଶାରୀର-ମନହିଁ ବର୍ତ୍ତମାନ ମୋ'ଭିତରେ ଅବଶିଷ୍ଟ ହୋଇ ରହିଛି । ଏବଂ, କାହିଁକି ମୋ'ର ଏହି ଭାଗଟି ଯେ ମୋ' ଭିତରେ ଅବଶିଷ୍ଟ ରହିଛି, ତାହାର କାରଣଟି ମଧ୍ୟ ମୋ' ଲାଗି ଅତ୍ୟନ୍ତ ସ୍ପଷ୍ଟ ହୋଇଗଲା । ଏହା ବର୍ତ୍ତମାନ ଅତ୍ୟନ୍ତ କ୍ଷିପ୍ର ଏବଂ ଆଗ୍ରହୋଦ୍ଦୀପକ ଭାବରେ ଏକ ନୂତନ ଧାରାରେ ଦୀକ୍ଷିତ ହେବାକୁ ଯାଉଛି । ସେହି ଅତିମାନସର ମହାନ୍ ପ୍ରଭାବଟି ମଧ୍ୟରେହିଁ ଏହି ଶାରୀର-ମନ ବିକଶିତ ହେବାରେ ଲାଗିଛି । ଏବଂ ଶ୍ରୀଅରବିନ୍ଦ ଠିକ୍ ଏହି କଥା ଲେଖିଛନ୍ତି, ଅର୍ଥାତ୍, ଅତିମାନସ ଯେ ସ୍ଥାୟୀ ଭାବରେ ଆପଣାକୁ ଧରାପୃଷ୍ଠରେ ପ୍ରକାଶିତ କରିଆଣି ପାରିବ, ସେଥିଲାଗି ଏହା ଏକାନ୍ତ ଅପରିହାର୍ଯ୍ୟ ବୋଲି ସିଏ ଲେଖିଛନ୍ତି ।

ତେଣୁ, ଏହି କାର୍ଯ୍ୟଟି ଉତ୍ତମ ଭାବରେ ଚାଲିଛି... ମାତ୍ର ଏହା ଆଦୌ ସହଜ ନୁହେଁ (*ମାଆ ହସିଲେ*) ।

> *ହଁ, ମୁଁ ମଧ୍ୟ ଠିକ୍ ଏହି ପ୍ରଶ୍ନଟିକୁ ଆପଣାକୁ ପଚାରିଛି; କାରଣ ମୁଁ ଏହି କଥାଟି ଦେଖିବାକୁ ପାଇଛି ଯେ, ଚେତନାରେ ଏକ ମୌଳିକ ପରିବର୍ତ୍ତନ ଅର୍ଥାତ୍ ଦୃଷ୍ଟିରେ ଏକ ପରିବର୍ତ୍ତନ ସମ୍ଭବ ନ ହେବା ପର୍ଯ୍ୟନ୍ତ ଏହି ରୂପାନ୍ତର ଆଦୌ ସମ୍ଭବ ହେବ ନାହିଁ ।*

ହଁ ।

> *ବସ୍ତୁ ତଥା ସତ୍ତାଗୁଡ଼ିକୁ ଏକ ଅନ୍ୟପ୍ରକାରେ ଦେଖିବାକୁ ସମର୍ଥ ନ ହେବା ପର୍ଯ୍ୟନ୍ତ ।*

ହଁ, ଠିକ୍ କଥା ।

> *ମାତ୍ର ଏହା କିପରି ଭାବରେ ସମ୍ଭବ ହେବ, ନିଜକୁ ମୁଁ ତା'ପରେ ଏହି ପ୍ରଶ୍ନଟି ପଚାରୁଛି ।*

ଏଇଟି ଏହିପ୍ରକାରେ ସମ୍ଭବ ହେବ ।

*ମାତ୍ର ଏହା ଅତ୍ୟନ୍ତ ମୂଳଭୂତ ହୋଇଥିବା ଉଚିତ ।*

ମାତ୍ର ଏହା ପ୍ରକୃତରେ ମୂଳଭୂତ, ତୁମେ ତାହାର କଳ୍ପନାହିଁ କରିପାରିବ ନାହିଁ, ଏହା ହେଉଛି... ମୁଁ ଯଥାର୍ଥରେ ଏହି କଥାଟିକୁ କହିପାରିବି ଯେ ମୁଁ ବର୍ତ୍ତମାନ ଅନ୍ୟଏକ ବ୍ୟକ୍ତିରେ ପରିଣତ ହୋଇ ଯାଇଛି । କେବଳ ଏଇଟି (*ମାଆ ଶରୀରର ବାହ୍ୟ ଆକାରଟିକୁ ସ୍ପର୍ଶ କଲେ*)ହିଁ ଯେପରି ଥିଲା, ସେହିପରି ରହିଛି... ସେଇଟି ମଧ୍ୟ କେତେ ପରିମାଣରେ ବଦଳିଯାଇ ପାରିବ ? ଶ୍ରୀଅରବିନ୍ଦ କହିଛନ୍ତି ଯେ, ଯଦି ଶରୀରସ୍ଥମନଟି ବଦଳିଯାଇ ପାରିବ, ତେବେ ଶରୀରର ରୂପାନ୍ତର ମଧ୍ୟ **ଅତି ସ୍ୱାଭାବିକ ଭାବରେ** ତାହାର ଅନୁସରଣ କରିବ । ଦେଖାଯାଉ, କ'ଣ ହେଉଛି ।

*ମାତ୍ର, ଏହି ପରିବର୍ତ୍ତନଟିକୁ ଘଟାଇବା ନିମନ୍ତେ ଆପଣ ମୋତେ ଗୋଟିଏ ଚାବିକାଠି ବା ଗୋଟିଏ ଉତ୍ତୋଳକ ଯୋଗାଇ ଦେଇ ପାରିବେ କି ?*

ଆଚ୍ଛା ! ମୁଁ ଜାଣେ ନାହିଁ, କାରଣ ମୋ' ନିଜ ବିଷୟରେ କହିବାକୁ ଗଲେ, ମୋ'ଠାରୁ ଇତିମଧ୍ୟରେ ସବୁକିଛି କାଢ଼ି ନିଆଯାଇ ସାରିଲାଣି । ମନ ସମ୍ପୂର୍ଣ୍ଣଭାବେ ବିଦା ହୋଇଯାଇଛି । ତୁମେ ହୁଏତ ଏପରି କହିପାରିବ ଯେ, ବାହାରକୁ ଦେଖିବାକୁ ମୁଁ ଗୋଟାଏ ମୂର୍ଖ ପାଲଟି ଯାଇଛି, ମୁଁ ଯେପରି କିଛି ଜାଣି ନାହିଁ । ଏବଂ ଶରୀରସ୍ଥ ମନଟି ଅଳ୍ପଅଳ୍ପ କରି ବିକାଶଲାଭ କରିଛି, ଗୋଟିକ ପରେ ଗୋଟିଏ ସତ୍ୟୋଦ୍‌ଘାଟନର ମାଧ୍ୟମରେ ତାହା ବିକଶିତ ହୋଇ ଆସିଛି । କେଜାଣି କାହିଁକି, ସେହି କାର୍ଯ୍ୟଟି ମୋ'ଲାଗି ସାଧିତ କରି ଦିଆଗଲା । ମୁଁ ସେଥିରେ ଆଦୌ କିଛିହେଲେ କରି ନାହିଁ । ବେଶ୍ ଏକ ମୂଳଭୂତ ପ୍ରଣାଳୀରେ କାର୍ଯ୍ୟଟିକୁ ସାଧିତ କରି ଦିଆଯାଇଛି ।

ଏହା ସାଧିତ ହୋଇ ପାରିଲା, କାରଣ ମୁଁ ମୋ'ର ଚୈତ୍ୟ ଭାଗଟି ବିଷୟରେ **ଅତ୍ୟନ୍ତ** ଚେତନ ହୋଇ ରହିଥିଲି (ଯେଉଁ ଚୈତ୍ୟ ଭାଗଟି ମୋ'ର ଜନ୍ମଜନ୍ମ ଧରି ଗଠିତ ହୋଇ ଆସିଛି) । ମୁଁ ଅତ୍ୟନ୍ତ ଚେତନ ହୋଇ ରହିଥିଲି ଏବଂ ତାହା ମୋ'ଭିତରେ ସ୍ଥାୟୀ ହୋଇ ରହିଥିଲା । ତାହା ସ୍ଥାୟୀ ଭାବରେ ବିଦ୍ୟମାନ ରହିଥିଲା ଏବଂ ସୁନିର୍ଦ୍ଦିଷ୍ଟ ଭାବରେ ତାହାହିଁ, ଅର୍ଥାତ୍, ସେହି ଚୈତ୍ୟ ଉପସ୍ଥିତିଟି ସକାଶେହିଁ ମୁଁ ମନୁଷ୍ୟମାନଙ୍କ ସହିତ ସକଳ ସମ୍ପର୍କ ରଖିପାରିଲି ଏବଂ ତଦ୍ଦ୍ୱାରା ଆଦୌ କୌଣସି ପାର୍ଥକ୍ୟ ଘଟିଲା ନାହିଁ । ସେହି କାରଣରୁହିଁ ବାହାରୁ ବିଶେଷ କିଛି ପରିବର୍ତ୍ତନ ଆଦୌ ଘଟିଲା ନାହିଁ । ତେଣୁ, ମୁଁ ଯେତିକି ଜାଣିଛି, କେବଳ ସେତିକିମାତ୍ର କହି ପାରିବି; ଏବଂ ମୁଁ କହୁଛି : ସେହି ଚୈତ୍ୟ ଅଂଶଟିହିଁ

ଏହି କ୍ଷେତ୍ରରେ ଅବଶ୍ୟ ବିଦ୍ୟମାନ ରହିଥିବ, ସକଳ ସତ୍ତାଟିରେ ସର୍ବପ୍ରଧାନ ହୋଇ ରହିଥିବ । ତାହା ଏହି ସମଗ୍ର ଶାରୀର ଜୀବନ ଭିତରେ ସର୍ବପ୍ରଧାନ ହୋଇ ରହିବ ଏବଂ ଜୀବନର ପରିଚାଳନା କରୁଥିବ । ତେବେଯାଇ ମାନସିକ ଭାଗଟି ରୂପାନ୍ତରିତ ହେବା ଲାଗି ସମୟ ପାଇବ । ମୋ'ର ପ୍ରକୃତ ମନଟିକୁ ବର୍ତ୍ତମାନ ବିଦାୟ ଦେଇ ଅନ୍ୟତ୍ର ପଠାଇ ଦିଆ ହୋଇଛି ।

ହଁ, ଏହି ଶରୀର-ମନର ରୂପାନ୍ତର ପ୍ରକୃତରେ ଅପରିହାର୍ଯ୍ୟ ହୋଇ ପଡ଼ିଲା, କାରଣ ମୋ'ପାଖରେ କେବଳ ସେତିକିହିଁ ଅବଶିଷ୍ଟ ରହିଥିଲା, ସେତିକି ବ୍ୟତୀତ ଆଉ କିଛି ନ ଥିଲା । ବୁଝିପାରୁଛ ତ ? ହୁଏତ ଖୁବ୍ ଅଳ୍ପସଂଖ୍ୟକ ଲୋକ ଏହି କଥାଟିକୁ ଗ୍ରହଣ କରିବାକୁ ରାଜୀ ହେବେ (*ମାଆ ହସିଲେ*) । ମାତ୍ର, ମୋ' ନିଜ କଥା କହିବାକୁ ଗଲେ, ମୋ'ର କୌଣସି ମତ ପଚରା ନ ଯାଇହିଁ ଏହି କାର୍ଯ୍ୟଟିକୁ ସାଧିତ କରାଯାଇଛି । କାର୍ଯ୍ୟଟି ଭାରି ସହଜରେ ହୋଇ ପାରିଛି ।

ଠିକ୍ ଏହି ଘଟଣାଟିହିଁ ଘଟିଛି ।

*ମୁଁ କିଛି ମୂଳଭୂତ ବସ୍ତୁ ପାଇବାକୁ ଇଚ୍ଛା କରୁଛି...*

(*ମାଆ ହସିଲେ*) ମାତ୍ର ମୋ' କ୍ଷେତ୍ରରେ ଯାହା ଘଟିଲା, ତୁମେ ତାହା ଗ୍ରହଣ କରି ପାରିବ କି ? ଅର୍ଥାତ୍, ବ୍ୟକ୍ତି ଆପଣାକୁ ସଂପୂର୍ଣ୍ଣ ଭାବରେ ଅସମର୍ଥ ବୋଲି ଅନୁଭବ କରୁଥିବ,– ତୁମେ ସେହି ପ୍ରଣାଳୀଟିକୁ ଗ୍ରହଣ କରି ପାରିବ କି ?

*ମୁଁ ପ୍ରସ୍ତୁତ ଅଛି ।*

ମାତ୍ର ତଦ୍ଦ୍ୱାରା ତୁମେ ହତାଶ ହୋଇ ପଡ଼ିବ ନାହିଁ ତ ?

*ନାହିଁ,– ମୋଟେ ନୁହେଁ ।*

ହଁ, ଏହି କଥାଟି ଆପଣାକୁ ଏକ ସ୍ଥାୟୀ ବ୍ୟବସ୍ଥାରୂପେ ପ୍ରତିଷ୍ଠିତ କରି ରଖିଥାଏ : ବ୍ୟକ୍ତି ଆପଣାକୁ ଶୂନ୍ୟସ୍ତରକୁ ନେଇଆସେ, ଏକାବେଳେକେ ଶୂନ୍ୟ ଓ ଅସମର୍ଥ ହୋଇ ରହେ । ଏବଂ ତା'ପରେ ତୁମେ ... ତୁମେ ସ୍ଥିର ଓ ସହଜ ହୋଇଯାଅ, ସ୍ୱଭାବତଃ ଗୋଟିଏ ପିଲା ପରି ହୋଇ ରହ; ଏବଂ ଦିବ୍ୟ ପରମସତ୍ତାଙ୍କ ଆଗରେ ଯାଇ କୁହ : ''ଆପଣହିଁ ମୋ'ପାଇଁ ସବୁକିଛି କରିବେ'' (ଏହା ବ୍ୟତୀତ ଆଉ କିଛିହେଲେ କରିବାକୁ ନାହିଁ, ଏହାଛଡ଼ା ଆଉ

କିଛିହେଲେ ନାହିଁ, ଯାହାକୁ କି ଜଣେ କରିପାରିବ !), ତା'ପରେ ସବୁକିଛି ତତ୍କ୍ଷଣାତ୍ ଠିକ୍ ହୋଇଯାଏ – ତତ୍କ୍ଷଣାତ୍ହିଁ ଠିକ୍ ହୋଇଯାଏ ।

ହଁ, ଶରୀର ଆପଣାକୁ ସମ୍ପୂର୍ଣ୍ଣ ଭାବରେ ସମର୍ପିତ କରି ରଖିଛି । ଏପରିକି ତାହା ଦିବ୍ୟ ପରମସତ୍ତାଙ୍କ ଆଗରେ ଏକଥାଟିକୁ ମଧ୍ୟ କହିସାରିଛି : ''ଯଦି ମୋତେ ମୃତ୍ୟୁବରଣ କରିବାକୁ ହୁଏ, ତେବେ ସେହି ବିଲୟନକୁ ଇଚ୍ଛା କରିବା ପାଇଁହିଁ ଆପଣ ମୋତେ ପ୍ରସ୍ତୁତ କରି ନିଅନ୍ତୁ, ମୁଁ ଆପଣଙ୍କ ପାଖରେ ସେହି ପ୍ରାର୍ଥନା କରୁଛି'', ତେଣୁ, ଯଦି ଶରୀର ସକାଶେ ମରିବାହିଁ ଦରକାର ହୁଏ, ତେବେ **ସେହି କ୍ଷେତ୍ରରେ** ମଧ୍ୟ ମୁଁ ଆଦୌ କୌଣସି ପ୍ରତିରୋଧ କରୁ ନାହିଁ – ଏପରିକି ମୋ'ର ଶରୀରର ବିଲୟନ ଲାଗି ଇଚ୍ଛା କରିବାର କ୍ଷେତ୍ରରେ ମଧ୍ୟ । ବର୍ତ୍ତମାନ ତାହାହିଁ ଏହାର ଦୃଷ୍ଟିକୋଣ ହୋଇ ରହିଛି, ଠିକ୍ ଏହିପରି (*ହାତଗୁଡ଼ିକୁ ଖୋଲି ଦେବାର ଇଙ୍ଗିତ*) ହୋଇ ରହିଛି । ଏବଂ, ତାହା ପରିବର୍ତ୍ତରେ ଏହିପରି ଏକ ଅବସ୍ଥା ଆସି ପହଞ୍ଚିଛି... (ମୁଁ ଶବ୍ଦ ସାହାଯ୍ୟରେ ତାହାର ତର୍ଜମା କରିବି ସତ, ମାତ୍ର ସେଗୁଡ଼ିକ ମୋଟେ ଶବ୍ଦ ହୋଇ ଆସି ନ ଥିଲେ) : ''ଯଦି ତୁମେ କଷ୍ଟଭୋଗ ଓ ଅସୁସ୍ଥତାଗୁଡ଼ିକୁ ଗ୍ରହଣ କରିନେବ, ତେବେ ଶରୀରର ବିଲୟନ ଅପେକ୍ଷା ରୂପାନ୍ତରହିଁ ଅଧିକ ଭଲ ହେବ ।'' ତେଣୁ, ଯେତେବେଳେ ଅସୁସ୍ଥତାମାନେ ଆସି ପହଞ୍ଚୁଛନ୍ତି, ସେତେବେଳେ ଶରୀର ସେଗୁଡ଼ିକୁ ସ୍ୱୀକାର କରିନେଉଛି ।

ଏହା ପ୍ରକୃତରେ ସେପରି ନୁହେଁ; ମୁଁ ଯାହାକିଛି କହୁଛି, ଏହି କଥାଟି ପ୍ରକୃତରେ ମୋଟେ ତାହା ନୁହେଁ । ମାତ୍ର ସେଇଟିକୁ ବୁଝାଇ କହିବା ପ୍ରକୃତରେ ଭାରି କଷ୍ଟକର । ଏହାକୁ ଯଥାର୍ଥରେ ଏକ ନୂତନ ଜୀବନଦୃଷ୍ଟି ବୋଲି କୁହାଯିବ, ଏକ ନୂତନ ଇନ୍ଦ୍ରିୟବୋଧ ବୋଲି କୁହାଯିବ । ମୁଁ ସେହି କଥାକୁ କଥାରେ ମୋଟେ କହି ପାରିବି ନାହିଁ ।

ଏବଂ, ଏଥିରେ ମୋଟେ କୌଣସି ସନ୍ଦେହ ନାହିଁ ଯେ, ପ୍ରତ୍ୟେକ ବ୍ୟକ୍ତିର କ୍ଷେତ୍ରରେ ଏହା ଅବଶ୍ୟ ଭିନ୍ନ ହେବ ।... ମୋ'ଲାଗି ଏହା ଅତ୍ୟନ୍ତ ମୂଳଭୂତ ପ୍ରଣାଳୀର ହୋଇଛି – ତୁମେ ବେଶ୍ ବୁଝି ପାରୁଥିବ ଯେ ଏହି କ୍ଷେତ୍ରରେ ମୋ'ର ବାଛିବା ଲାଗି ଆଦୌ କୌଣସି ଅବକାଶ ନ ଥିଲା । ଏହା ପ୍ରକୃତରେ ସେହିପରି ଥିଲା, ଏହା ସେହିପରି । ବୁଝିଲ ତ ?

ମାତ୍ର ଆମକୁ ପ୍ରକୃତରେ... ଏହି କଥାଟି ଭାରି ସହଜ ହୋଇ ପାରିଲା, କାରଣ ଚୈତ୍ୟ ଚେତନା ସର୍ବଦା ସମ୍ପୂର୍ଣ୍ଣ ଭାବରେ ସବା ଆଗରେ ଯାଇ ରହିଥିଲା ଏବଂ ଜୀବନର ଶାସନ କରିବାରେ ଲାଗିଥିଲା । ତେଣୁ ସମସ୍ତ କ୍ରିୟାଟି କୋଳାହଳଶୂନ୍ୟ ଓ ଅବ୍ୟାହତ ଭାବରେ ସମ୍ଭବ ହୋଇ ପାରିଲା ।

ଠିକ୍ ସେହିପରି ଦେଖିବା ଓ ଶୁଣିବାର କ୍ଷେତ୍ରରେ ମଧ୍ୟ ମୁଁ କ୍ରମେ ଏକଥା ଜାଣିବାକୁ ପାଇଲି ଯେ ଏହାକୁ ପ୍ରକୃତରେ ଏକ ଶରୀରଗତ ଶକ୍ତିକ୍ଷୀଣତା ବୋଲି କୁହାଯାଇ ପାରିବ

ନାହିଁ, ଏହାକୁ କେବଳ ଏହାହିଁ କୁହାଯିବ : ଯେତେବେଳେ ମନୁଷ୍ୟମାନେ ଯାହା କହୁଛନ୍ତି, ତାହାକୁ ପରିଷ୍କାର ଭାବରେ ଭାବି ପାରୁଛନ୍ତି, ମୁଁ ସେତିକିବେଳେହିଁ ସେମାନଙ୍କୁ ବୁଝିପାରୁଛି ଓ ସେମାନଙ୍କର କଥାକୁ ଶୁଣିପାରୁଛି । ଏବଂ, ମୁଁ କେବଳ ସେତିକି ଦେଖିପାରୁଛି, ଯାହା... ଯାହା ଅନ୍ତର୍ଗତ ଜୀବନଟିକୁ ବ୍ୟକ୍ତ କରିଦେଉଛି; ତା' ନ ହେଲେ... ତାହା ଝାପ୍‌ସା ହୋଇ ରହିଯାଉଛି, ଆବରଣଯୁକ୍ତ ହୋଇ ରହୁଛି । ଏବଂ, ଏକଥା ମୋଟେ ସତ ନୁହେଁ ଯେ ଆଖିମାନେ ଆଉ ଦେଖି ପାରୁ ନାହାନ୍ତି, ଏହା ପ୍ରକୃତରେ ''ଆଉକିଛି'' । ଆଉ ଅନ୍ୟକିଛି;— ସବୁକିଛି ନୂତନ ହେବାକୁ ଆରମ୍ଭ କରିଛି ।

(*ମାଆ ନୀରବ ରହିଲେ*)

ଏହା ଏକାନ୍ତ ଭାବରେ ସତ ଯେ, ଶରୀର ମଧ୍ୟରେ **ପ୍ରଭୂତ** ସଦିଚ୍ଛା ରହିଥିବା ଉଚିତ । ଏବଂ ଏହି ସଦିଚ୍ଛା ଆଦୌ ମାନସିକ କୌଣସି ସଦିଚ୍ଛା ନୁହେଁ, ଏହା ହେଉଛି ପ୍ରକୃତରେ ଏକ ଶରୀରଗତ ସଦିଚ୍ଛା । ତାହା ସକଳ ପ୍ରକାରର ଅସୁବିଧାକୁ ଗ୍ରହଣ କରିନେଉଛି... ମାତ୍ର, ଏହି କ୍ଷେତ୍ରରେ ମୂଳ ଦୃଷ୍ଟିକୋଣଟି ହେଉଛି ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ, ପରିଣାମଗୁଡ଼ାକ ଆଦୌ ମହତ୍ତ୍ୱପୂର୍ଣ୍ଣ ନୁହେଁ । (ଅସୁବିଧାଗୁଡ଼ାକ ଯେ ଆଦୌ ଅପରିହାର୍ଯ୍ୟ ନୁହନ୍ତି, ମୋ'ର ସେ ବିଷୟରେ କୌଣସି ସନ୍ଦେହ ନାହିଁ) ଦୃଷ୍ଟିକୋଣଟି ହେଉଛି ପ୍ରକୃତରେ ମହତ୍ତ୍ୱପୂର୍ଣ୍ଣ । ହଁ, ଏହା ପ୍ରକୃତରେ ଏହିପରି ହେବା ଉଚିତ (*ହାତଗୁଡ଼ିକୁ ଖୋଲିଦେବାର ଇଙ୍ଗିତ*) । ବସ୍ତୁତଃ, ମୁଁ ଏକଥା ମଧ୍ୟ ଜାଣିବାକୁ ସମର୍ଥ ହୋଇଛି ଯେ, ଅଧିକାଂଶ ସ୍ଥଳରେ ଦିବ୍ୟ ପରମସତ୍ତାଙ୍କ ପାଖରେ ଆପଣାକୁ ସମର୍ପିତ କରିଦେବା କହିଲେ ଦିବ୍ୟ ପରମସତ୍ତାଙ୍କ ଠାରେ ବିଶ୍ୱାସ ସ୍ଥାପନ କରିବାକୁ ଆଦୌ ବୁଝାଇ ନ ଥାଏ — କାରଣ, ତାଙ୍କ ପାଖରେ ଆପଣାକୁ ସମର୍ପିତ କରିଦେଇ ତୁମେ କୁହ : ''ଆପଣ ଯଦି ମୋତେ ଦୁଃଖ ଭୋଗ ବି କରାଇବେ, ତଥାପି ମୁଁ ଆପଣଙ୍କ ପାଖରେ ନିଜକୁ ସମର୍ପଣ କରିଦେଉଛି ।''— ମାତ୍ର ତଦ୍ୱାରା ବିଶ୍ୱାସର ଏକ ଚରମ ଅଭାବରହିଁ ପ୍ରମାଣ ମିଳିଥାଏ । ହଁ, ଏହା ପ୍ରକୃତରେ ଭାରି ହାସ୍ୟକର କଥା ଯେ, ସମର୍ପଣ ମଧ୍ୟରେ ପୂର୍ଣ୍ଣ ବିଶ୍ୱାସସ୍ଥାପନ **ମୋଟେ ନିହିତ ହୋଇ ରହି** ନ ଥାଏ । ବିଶ୍ୱାସସ୍ଥାପନ ଏକ ଅନ୍ୟ କଥା । ଏହା... ଏହା ଏକ ପ୍ରକାରର ଜ୍ଞାନ — ଏକ ''ଅବିଚଳିତ'' ଜ୍ଞାନ, ଯାହାକୁ କି କିଛିହେଲେ ଟଳାଇ ପାରିବ ନାହିଁ । ଏହା ଏହିପରି ଭାବରେ ଏକ ହୃଦ୍‌ବୋଧ ଯେ, **ଆମେ**ହିଁ ନିଜେ ନିଜକୁ ନାନା ଅସୁବିଧା, କଷ୍ଟଭୋଗ ଏବଂ ଦୁର୍ଦ୍ଦଶାରୂପେ ପରିଣତ କରି ଦେଇଥାଉ, ମାତ୍ର ତାହା ଦିବ୍ୟ ପରମଚେତନାର ଭୂମିରେ ପରିପୂର୍ଣ୍ଣ ଶାନ୍ତିରୂପେ ବିଦ୍ୟମାନ ରହିଥାଏ । ଆମେ ନିଜେହିଁ ଏହି କ୍ଷୁଦ୍ର ରୂପାନ୍ତରଟିକୁ ଘଟାଇଥାଉ ।

ଆହୁରି କେତେକେତେ ଅସାଧାରଣ ଦୃଷ୍ଟାନ୍ତ ଉପଲବ୍ଧ ହୋଇଛି... ସେଗୁଡ଼ିକର ବ୍ୟାଖ୍ୟା କରିବା ଲାଗି ଘଣ୍ଟା ଘଣ୍ଟା ସମୟ ଲାଗିବ ।

ବସ୍ତୁତଃ ଏହି ଚେତନାକୁହିଁ ବଦଳି ଯିବାକୁ ପଡ଼ିବ, ଏପରିକି କୋଷଗୁଡ଼ିକର ଚେତନାକୁ ବି,– ବୁଝିପାରିଲ ତ ?... ତାହା ପ୍ରକୃତରେ ଏକ ମୂଳଭୂତ ପରିବର୍ତ୍ତନ ।

ଏବଂ, ତାହାକୁ ବ୍ୟକ୍ତ କରିବା ଲାଗି ଆମ ପାଖରେ ଯଥାର୍ଥ ଶବ୍ଦଗୁଡ଼ାକ ନାହିଁ । କାରଣ ତାହା ଏହି ପୃଥିବୀର ଆଦୌ କୌଣସି ବସ୍ତୁ ନୁହେଁ – ଏହା ଅନ୍ତର୍ନିହିତ ହୋଇ ରହିଥିଲା ସତ, ମାତ୍ର ଆଦୌ ମୂର୍ତ୍ତ ରୂପ ଧାରଣ କରି ନ ଥିଲା । ଯାବତୀୟ ଶବ୍ଦ – ସେଗୁଡ଼ିକ ଆଦୌ ଯଥାର୍ଥ ଅର୍ଥଟିକୁ ବ୍ୟକ୍ତ କରି ପାରନ୍ତି ନାହିଁ । ସେଗୁଡ଼ିକ ସର୍ବଦା ତାହାହିଁ ହୋଇ ରହିଥା'ନ୍ତି ।

(*ମାଆ ନୀରବ ରହିଲେ*)

ଯଦି ତୁମେ ଇଚ୍ଛା କରିବ, ତେବେ ହୁଏତ କୁହାଯାଇ ପାରିବ ଯେ, ପ୍ରତ୍ୟେକ ମୁହୂର୍ତ୍ତରେ ଏହି କ୍ଷେତ୍ରରେ ଏହିପରି ଏକ ଅନୁଭବ ହୋଇଥାଏ ଯେ, ଜଣେ ହୁଏତ ଜୀବନରେ ରହିବ ଅଥବା ଏଠାରୁ ବିଦାୟ ନେଇ ଚାଲିଯିବ (*ଏପାଖକୁ ଟିକିଏ ଢଳିଯିବାର ଓ ପୁଣି ସେପାଖକୁ ଟିକିଏ ଢଳିଯିବାର ଇଙ୍ଗିତ*) ଅଥବା ସିଏ ହୁଏତ ଏକ ଶାଶ୍ୱତ ଜୀବନ ଲାଭ କରିବ । ପ୍ରତ୍ୟେକ ମୁହୂର୍ତ୍ତରେ ଠିକ୍ ଏହିପରି ଏକ ଅନୁଭୂତି ହୋଇଥାଏ । ଏବଂ ଦୁଇ ପାଖ ମଧ୍ୟରେ ରହିଥିବା ପାର୍ଥକ୍ୟଟି ଆଦୌ ଦୃଷ୍ଟିଗୋଚର ନ ହେଲା ଭଳି ଏତେ ବେଶୀ ଅଳ୍ପ ହୋଇ ରହିଥାଏ ଯେ, ଏହି କ୍ଷେତ୍ରରେ ଆମେ କେବେହେଲେ କହି ପାରିବା ନାହିଁ : ଏହି କଥା କଲେ ତୁମେ ଏପାଖରେ ରହିପାରିବ ଓ ସେକଥାଟି କଲେ ତୁମେ ଅନ୍ୟ ପାଖଟିରେ ରହିବ । ଏହା ମୋଟେ ସମ୍ଭବ ହୁଏ ନାହିଁ । ଏହା ଏପରି ଏକ **ଜୀବନରୀତିରେ** ପରିଣତ ହୋଇଯାଏ, ଯାହାକୁ କଦାପି ବର୍ଣ୍ଣନା କରି କହିହେବ ନାହିଁ ।*

---

* ଏହି କଥୋପକଥନଟି ପ୍ରକାଶିତ ହେବାକୁ ଯାଉଥିବା ସମୟରେ ୧୫ ଜାନୁଆରି ୧୯୭୨ ରେ ମାଆ ସେଥିରେ ଏତିକ ଯୋଡ଼ି ଦେଇଥିଲେ :

''ସେହି ଅନୁଭବଟି ଅଧିକରୁ ଅଧିକ ସତତ ହେବାରେ ଲାଗିଛି – ଗୋଟିଏ ମୁହୂର୍ତ୍ତରେ ଏପରି ହେଉଛି ତ ଆଉଗୋଟିଏ ମୁହୂର୍ତ୍ତରେ ସେପରି ହେଉଛି । ଏବଂ ଏହା ଅତ୍ୟନ୍ତ ତୀବ୍ର ହେବାକୁ ଆରମ୍ଭ କରିଛି । ଏବଂ ଯୁଗପତ୍ ଭାବରେ ଏହି ଜ୍ଞାନଟି (ମାଆ ଆପଣାର ତର୍ଜନୀ ଉଠାଇଲେ) ମଧ୍ୟ ଉପଲବ୍ଧ ହୋଇଛି : 'ବର୍ତ୍ତମାନହିଁ ଅସଲ ବିଜୟଟିକୁ ହାସଲ କରିବାର ମୁହୂର୍ତ୍ତଟି ଆସି ଉପନୀତ ହୋଇଛି ।'– ଏହି ଜ୍ଞାନଟି ଚୈତ୍ୟ କ୍ଷେତ୍ରରୁ ଉପଗତ ହେଉଛି ଏବଂ ତାହାରି ମାଧ୍ୟମରେ ଊର୍ଦ୍ଧ୍ୱରୁ ଆସୁଛି । ଏହି ମୁହୂର୍ତ୍ତଟିକୁ ଟାଣ କରି ଧରିଥା, ଏଇଟି ହେଉଛି ଅସଲ ବିଜୟଟିକୁ ହାସଲ କରିବାର ମୁହୂର୍ତ୍ତ ।''

## ୨୨ ଡିସେମ୍ବର ୧୯୭୧

ଶ୍ରୀଅରବିନ୍ଦଙ୍କର ଗୋଟିଏ ଚିଠି ମୋତେ ପଢ଼ି ଶୁଣାଇ ଦିଆ ଯାଇଥିଲା, ଯେଉଁଥିରେ ସେ କହିଥିଲେ ଯେ, ଯଦି ଅତିମାନସକୁ ଏଠାରେ ଦୃଢ଼ମୂଳ ହୋଇ ରହିବାକୁ ହୁଏ (ସିଏ ସ୍ପଷ୍ଟ ଭାବରେ ଦେଖି ପାରିଥିଲେ ଯେ ଅତିମାନସ ଆସି ତାଙ୍କ ମଧ୍ୟରେ ପ୍ରବେଶ କଲା ଓ ତା'ପରେ ଆପଣାକୁ ପ୍ରତ୍ୟାହୃତ କରିନେଲା; ପୁନର୍ବାର ଆସିଲା ଓ ପୁନର୍ବାର ଆପଣାକୁ ପ୍ରତ୍ୟାହୃତ କରିନେଲା,– ତାହା ଆଦୌ ସ୍ଥାୟୀ ହୋଇ ରହି ନ ଥିଲା); ସ୍ଥାୟୀ ହୋଇ ରହିବାକୁ ହେଲେ ତାହାକୁ ଶରୀରଗତ ମନ ଭିତରେ ପ୍ରବେଶ କରିବାକୁ ହେବ ଏବଂ ଆପଣାକୁ ସେହିଠାରେ ସ୍ଥାୟୀ କରି ରଖିବାକୁ ହେବ ।* ବର୍ତ୍ତମାନ ମାସ ମାସ ହେଲା ମୋ' ଭିତରେ ଠିକ୍ ସେହି କ୍ରିୟାଟିହିଁ ହେବାରେ ଲାଗିଛି : ମନକୁ ପ୍ରତ୍ୟାହୃତ କରିନେଇ ନିଆ ଯାଇଛି ଏବଂ ଶରୀରଗତ ମନ ତାହାର ସ୍ଥାନାପନ୍ନ ଭାବରେ ପ୍ରତିଷ୍ଠିତ ହେବାକୁ ଆସିଛି; ଏବଂ, ଅତ୍ୟନ୍ତ ସୁନିର୍ଦ୍ଦିଷ୍ଟ ଭାବରେ, ବେଶ୍ କେତେ ଦିନ ହେଲା ମୁଁ ଦେଖିପାରିଛି ଯେ ଏହା (ମୁଁ ତୁମମାନଙ୍କୁ କହୁଥିଲି ଯେ ଏହା ଏକ ଭିନ୍ନ ରୀତିରେ ପ୍ରତ୍ୟେକ ବସ୍ତୁକୁ ଦେଖିବାକୁ ଆରମ୍ଭ କରିଛି, ବସ୍ତୁଗୁଡ଼ିକ ସହିତ ତାହାର ସମ୍ବନ୍ଧ ମଧ୍ୟ ଭିନ୍ନ ହୋଇଯାଇଛି), ମୁଁ ଦେଖିବାକୁ ପାଇଛି ଯେ ଏହି ଶରୀରଗତ ମନ, ଅର୍ଥାତ୍ ଶରୀରର କ୍ଷେତ୍ରରେ ଅବସ୍ଥିତ ରହିଥିବା ମନ, କ୍ରମଶଃ ପ୍ରଶସ୍ତ ହେବାକୁ ଆରମ୍ଭ କରିଛି,

---

* ମାଆ ବୋଧହୁଏ ନିମ୍ନଲିଖିତ ପାଠାଂଶଟିକୁ ପ୍ରସଙ୍ଗ କରି ସେପରି କହୁଥିଲେ : ''ଶରୀରର, ଓ ଏପରିକି କୋଷମାନଙ୍କର, ଅଣୁ ଓ କଣିକାମାନଙ୍କର ମଧ୍ୟ ଏକ ଅସ୍ପଷ୍ଟ ମନ ରହିଛି । ଜର୍ମାନ୍ ଜଡ଼ବାଦୀ ହେ'କେଲ କୌଣସିଏକ ସ୍ଥାନରେ ଅଣୁ ଭିତରେ ରହିଥିବା ଇଚ୍ଛାର ଉଲ୍ଲେଖ କରିଛନ୍ତି; ଏବଂ, ଇଲେକ୍ଟ୍ରନ୍‌ମାନଙ୍କର କ୍ରିୟାର କ୍ଷେତ୍ରରେ ଘଟୁଥିବା ଅଗଣିତ ବ୍ୟକ୍ତିଗତ ଭିନ୍ନତା ବିଷୟରେ ଚର୍ଚ୍ଚା କରୁଥିବା ଆଧୁନିକ ବିଜ୍ଞାନ ଏପରି ଏକ ଅବବୋଧର ନିକଟବର୍ତ୍ତୀ ହୋଇଆସିଛି ଯେ ତାହା ପ୍ରକୃତରେ ଏକ ବସ୍ତୁରୂପ ନୁହେଁ, ତାହା ହେଉଛି ଏକ ପ୍ରଚ୍ଛନ୍ନ ସତ୍ୟରୁ ପ୍ରତିଫଳିତ ହେଉଥିବା ଛାୟା । ଏହି ଶରୀର-ମନ ହେଉଛି ଏକ ଅତ୍ୟନ୍ତ ବାସ୍ତବ ସତ୍ୟ । ଏହା ଅସ୍ପଷ୍ଟ ହୋଇ ରହିଥିବାରୁ, ଯନ୍ତ୍ରବତ୍ ଅତୀତର ଗତିସ୍ପନ୍ଦନଗୁଡ଼ିକୁ ଜାବୁଡ଼ି ଧରି ସେଗୁଡ଼ିକ ଦ୍ୱାରା ପରିଚାଳିତ ହେଉଥିବାରୁ, ଏକ ସହଜ ବିସ୍ମରଣ ଏବଂ ନୂତନର ପ୍ରତ୍ୟାଖ୍ୟାନକୁ ଧର୍ମ ବୋଲି ମାନି ନେଇଥିବାରୁ ଆମେ ତାହା ଭିତରେ ସେହି ଅତିମାନସ ପରମଶକ୍ତି ପ୍ରବିଷ୍ଟ ହୋଇ ପାରିବାର ଏବଂ ଶରୀରର କ୍ରିୟାଶୀଳତାରେ ଏକ ରୂପାନ୍ତର ସମ୍ଭବ ହେବାର କ୍ଷେତ୍ରରେ ଏକ ପ୍ରଧାନ ଅନ୍ତରାୟର ସମ୍ମୁଖୀନ ହୋଇଥାଉ । ଅନ୍ୟ ପକ୍ଷରେ, ଥରେ ତାହାକୁ ଫଳପ୍ରଦ ଭାବରେ ଦୀକ୍ଷିତ କରିନେଇ ପାରିଲେ ତାହା ଜଡ଼ ପ୍ରକୃତି ମଧ୍ୟରେ ସେହି ଅତିମାନସ ପରମ ଆଲୋକ ତଥା ଶକ୍ତିକୁ ଦୃଢ଼ ପ୍ରସ୍ଥାପିତ କରି ରଖିବାରେ ଏକ ଅତ୍ୟନ୍ତ ମୂଲ୍ୟବାନ୍ ନିମିତ୍ତରେ ଅବଶ୍ୟ ପରିଣତ ହୋଇପାରିବ ।''

(ଯୋଗ-ପତ୍ରାବଳୀ, ଶତବାର୍ଷିକୀ ସଂସ୍କରଣ, ୨୨ଶ ଖଣ୍ଡ,(ଇଂ) ପୃଷ୍ଠା. ୩୪୦)

ଏକ ବିଶ୍ୱଗତ ଦୃଷ୍ଟିରେ ବସ୍ତୁଗୁଡ଼ିକୁ ଦେଖିବାକୁ ସମର୍ଥ ହୋଇଛି ଏବଂ ତାହାର ଦେଖିବାର ସମଗ୍ର ରୀତିଟିହିଁ ସମ୍ପୂର୍ଣ୍ଣ ଭାବରେ ଅଲଗା ପ୍ରକାରର ହୋଇଯାଇଛି । ମୁଁ ଯାହା ଦେଖିପାରିଛି, ତାହା ହେଉଛି : ସେଠାରେ ଅତିମାନସ କ୍ରିୟା କରିବାରେ ଲାଗିଛି । ମୁଁ ବର୍ତ୍ତମାନ ପ୍ରକୃତରେ ଏକ ଅସାଧାରଣ ସମୟ ମଧ୍ୟଦେଇ ଗତି କରୁଛି ।

ବର୍ତ୍ତମାନ ଏହିପରି ଘଟୁଛି ଯେ, କେବଳ ବସ୍ତୁଗୁଡ଼ିକହିଁ ପ୍ରତିରୋଧ କରିବାରେ ଲାଗିଛନ୍ତି; ମୁଁ ଅନୁଭବ କରୁଛି (ଏକଥା ମୁଁ ତୁମମାନଙ୍କୁ ଆଗରୁ କହିଛି) ଯେ, ସତେଅବା ପ୍ରତ୍ୟେକ ମୁହୂର୍ତ୍ତରେ (ଏବଂ ତାହା କ୍ରମଶଃ ଅଧିକରୁ ଅଧିକ ଶକ୍ତିଶାଳୀ ହେବାରେ ଲାଗିଛି) ପ୍ରତ୍ୟେକ ମୁହୂର୍ତ୍ତରେ ଏହିପରିହିଁ ଉଚ୍ଚାରିତ ହେବାରେ ଲାଗିଛି : ତୁ ଜୀବନ ଇଚ୍ଛା କରୁଛୁ, ତୁ ମରଣ ଇଚ୍ଛା କରୁଛୁ; ତୁ ଜୀବନ ଇଚ୍ଛା କରୁଛୁ, ତୁ ମରଣ ଇଚ୍ଛା କରୁଛୁ ?– ଏବଂ ସର୍ବଦା ଠିକ୍ ଏହିପରି ଲାଗିରହିଛି । ଏବଂ ତା'ପରେ, ଜୀବନ – ତାହା ସେହି ସର୍ବୋଚ୍ଚ ପରମସତ୍ତାଙ୍କ ସହିତ ଏକ ସମ୍ମିଳନରୂପେ ଅନୁଭୂତ ହେଉଛି; ଏବଂ ଚେତନା, ଏକ **ସଂପୂର୍ଣ୍ଣ** ନୂତନ ଚେତନାର ଆବିର୍ଭାବ ଘଟୁଛି । ଏବଂ ଏହା ଏହି ଆଡ଼କୁ ହେଉଛି, ପୁଣି ସେହି ଅନ୍ୟ ଆଡ଼କୁ ମଧ୍ୟ ହେଉଛି (*ମାଆ ଗୋଟିଏ ପାଖରୁ ଅନ୍ୟ ପାଖକୁ ଢଳି ପଡ଼ିବାର ଇଙ୍ଗିତ କଲେ*) । ମାତ୍ର କାଲି ବା ପଅରଦିନ,– ମୋ'ର ଠିକ୍ ମନେ ପଡୁ ନାହିଁ, ଶରୀର ହଠାତ୍ କହିବାକୁ ଲାଗିଲା : ନା – ଏହାର ଏକ ନିଷ୍ପତ୍ତି ହୋଇ ଗଲାଣି । ମୁଁ ଜୀବନ ଇଚ୍ଛା କରୁଛି, ମୁଁ ଆଉ ଅନ୍ୟ କିଛିହେଲେ ଇଚ୍ଛା କରୁ ନାହିଁ । ଏବଂ ତା'ପରେ ସବୁକଥା ଟିକିଏ ଭଲ ଆଡ଼କୁ ଗତି କରିବାକୁ ଆରମ୍ଭ କରୁଛି ।

ଯାହାସବୁ ଘଟୁଛି, ସେକଥା ବର୍ଣ୍ଣନା କରି କହିଲେ କେତେ ବହି ଭର୍ତ୍ତି ହୋଇଯିବ ।... ଏହା... ଏହା ପ୍ରକୃତରେ ଏକାନ୍ତ ଅସାଧାରଣ ଭାବରେ ଆଗ୍ରହୋଦ୍ଦୀପକ ହୋଇ ରହିଛି ଏବଂ **ସଂପୂର୍ଣ୍ଣ ଭାବରେ** ନୂତନ ହୋଇ ରହିଛି । ଏକାବେଳେକେ ନୂତନ ହୋଇ ରହିଛି ।

(*ମାଆ ଆତ୍ମସ୍ଥ ହୋଇଗଲେ*)

ଶାରୀରିକ ମୃତ୍ୟୁ ରହିଥିବାରୁ ଅବଚେତନା ଏକ ପରାଜୟବାଦୀ ହୋଇଯାଇଛି । ହଁ, ଅବଚେତନାର ଏହିଭଳି ଅନୁଭବ ହେଉଛି ଯେ, ଯେତେ ଅଗ୍ରଗତି ଓ ଯେତେ ବେଶୀ ଉଦ୍ୟମ ହେଉଥିଲେ ମଧ୍ୟ ତାହା ଶେଷକୁ ସେହି ମୃତ୍ୟୁରେହିଁ ପରିସମାପ୍ତି ହେବ, କାରଣ ଏପର୍ଯ୍ୟନ୍ତ ସର୍ବଦା କେବଳ ଏହିଥିରେହିଁ ପରିସମାପ୍ତି ଘଟିଛି । ତେଣୁ, ଯେଉଁ କ୍ରିୟାଟି କରାଯାଉଛି, ତାହା ସେହି ଅବଚେତନ ମଧ୍ୟରେ ବିଶ୍ୱାସ ଏବଂ ରୂପାନ୍ତର ବିଷୟରେ ଏକ ସୁନିଶ୍ଚୟତାର ବୋଧକୁ ଆଣି ପ୍ରବିଷ୍ଟ କରିବାକୁ ଚେଷ୍ଟା କରୁଛି । ଏବଂ ତାହା... ତାହା ପ୍ରତ୍ୟେକ ମୁହୂର୍ତ୍ତର ଏକ ଅବିରାମ ସଂଗ୍ରାମରେ ପରିଣତ ହୋଇ ରହିଛି ।

## ୨୫ ଡିସେମ୍ବର ୧୯୭୧

ଆଜି ଦିନଟିର ଉତ୍ସବ ଆଲୋକର ଉତ୍ସବ,— ବଡ଼ଦିନ ଉତ୍ସବ ହେଉଛି ପୁନରାଗତ ହେଉଥିବା ଆଲୋକର ଉତ୍ସବ ।... ଏହି ଉତ୍ସବଟି ଖ୍ରୀଷ୍ଟିଆନ୍ ଧର୍ମଠାରୁ ଅଧିକ ପୁରାତନ ।

ଆସନ୍ତା ଶନିବାର ହେଉଛି ଜାନୁଆରି ପହିଲା ।

*ମୁଁ ଆଶା କରୁଛି ଯେ ୧୯୭୨ ଅପେକ୍ଷାକୃତ ଏକ ଅଧିକ ଭଲ ବର୍ଷ ହେବ !*

(*ମାଆ ମୁଣ୍ଡ ହଲାଇଲେ*) ମୋ'ର ଅଧିକରୁ ଅଧିକ ଦୃଢ଼ ଭାବରେ ଏହି ବିଶ୍ୱାସଟି ହେବାରେ ଲାଗିଛି ଯେ, ଆମେ ଯେପରି ଭାବରେ ବସ୍ତୁଗୁଡ଼ିକୁ ଗ୍ରହଣ କରୁଛୁ ଏବଂ ଯେଉଁଭଳି ଭାବରେ ସେଗୁଡ଼ିକ ପ୍ରତି ନିଜର ପ୍ରତିକ୍ରିୟା ବ୍ୟକ୍ତ କରୁଛୁ, ତାହାହିଁ ଯାବତୀୟ ଅସୁବିଧାର **ସୃଷ୍ଟି କରିବାରେ** ଲାଗିଛି । କ୍ରମଶଃ ମୋ'ର ସେହି ବିଶ୍ୱାସଟି ଅଧିକରୁ ଅଧିକ ଦୃଢ଼ ହୋଇଯାଉଛି । କାରଣ, ବେଳେବେଳେ ମୋ'ର ଏପରି ଅନୁଭବମାନ ହେଉଛି, ଯାହାକୁ କି ସ୍ଥୂଳ ଓ ଭୌତିକ ଦୃଷ୍ଟିରୁ କ୍ୱଚିତ୍ ପ୍ରୀତିକର ବୋଲି କୁହାଯାଇ ପାରିବ; ଏବଂ ତା'ପ୍ରତି ଆଦୌ କୌଣସି ଦୃଷ୍ଟି ଦିଆଯାଉଛି କି ନାହିଁ, ସେହି ଅନୁସାରେହିଁ ସବୁକିଛି ବଦଳି ଯାଉଛି । ଏହିପରି ଏକ ମନୋଦୃଷ୍ଟି ଅନୁସାରେ (*ମାଆ ଆପଣାକୁ ନିର୍ଦ୍ଦେଶିତ କରିଦେବାର ଇଙ୍ଗିତ କଲେ*), ଯାହାଫଳରେ କି ଜଣେ ଆପଣାର ଜୀବନଟି ପ୍ରତିହିଁ ଅବଲୋକନ କରିବାରେ ଲାଗିଛି, ଅଥବା, ଅନ୍ୟ ପକ୍ଷରେ ସିଏ ଏପରି ଏକ ମନୋଦୃଷ୍ଟି ପୋଷଣ କରୁଛି, ଯାହାଫଳରେ କି ସିଏ (*ପ୍ରଶସ୍ତତାର ଇଙ୍ଗିତ*) ଆପଣାକୁ ସକଳ ବସ୍ତୁରେ, ସକଳ ଗତିସ୍ପନ୍ଦନ ଭିତରେ ଏବଂ ସମଗ୍ର ଜୀବନ ମଧ୍ୟରେ ଅନୁଭବ କରୁଛି ଅର୍ଥାତ୍ ଯେଉଁ ମନୋଦୃଷ୍ଟିଟିରେ ସିଏ କେବଳ ଦିବ୍ୟ ପରମସତ୍ତାଙ୍କ ଉପରେ ଯାବତୀୟ ମହତ୍ତ୍ୱର ଆରୋପ କରୁଛି, ତେବେ ସେହି ଅନୁସାରେ ସବୁକିଛି ବଦଳି ଯାଉଛି । ଯଦି ତାହାର ଏହି ଦୃଷ୍ଟିଭଙ୍ଗୀଟି ସତତ ସମ୍ଭବ ହୋଇ ପାରୁଛି, ତେବେ ଆଉ କେଉଁଠିହେଲେ କିଛି ଅସୁବିଧା ହେଉ ନାହିଁ,— ଏବଂ ବସ୍ତୁଗୁଡ଼ିକ ଠିକ୍ ସେହିଭଳି ଭାବରେ ରହିପାରୁଛି । ମୋ'ର ଏହିଭଳି ଅନୁଭୂତି ହୋଇଛି : ପ୍ରତ୍ୟେକ ବସ୍ତୁ ଯଥାର୍ଥରେ ଏକ ନିର୍ଦ୍ଦିଷ୍ଟ ପ୍ରକାରର ହୋଇ ରହିଛି ଏବଂ ସେହି ବସ୍ତୁଟି ପ୍ରତି ଆମର ପ୍ରତିକ୍ରିୟାଟାହିଁ ଭିନ୍ନ ଭିନ୍ନ ହେବାରେ ଲାଗିଛି । ମୋ'ର ଏହି ଅନୁଭୂତି କ୍ରମଶଃ ଅଧିକରୁ ଅଧିକ ସ୍ୱଷ୍ଟ ଏବଂ ସୁନିଶ୍ଚିତ ହେବାରେ ଲାଗିଛି । ଏହି କ୍ଷେତ୍ରରେ ବିଚାର୍ଯ୍ୟ ତିନୋଟି ରହିଛି : ବସ୍ତୁଗୁଡ଼ିକ ପ୍ରତି ଆମର ଦୃଷ୍ଟିକୋଣ, ବସ୍ତୁଗୁଡ଼ିକ ଯଥାର୍ଥତଃ ଯେପରି (ଏହି ଦୁଇଟିରୁହିଁ ସର୍ବଦା ଅସୁବିଧାଗୁଡ଼ିକ ନିଷ୍ପନ୍ନ

ହୋଇଥାଏ); ଏବଂ ଏକ ତୃତୀୟ ଭୂମି ମଧ୍ୟ ରହିଛି, ଯେଉଁଥିରେ କି ପ୍ରତ୍ୟେକ ବସ୍ତୁ — ପ୍ରତ୍ୟେକ ବସ୍ତୁ କେବଳ ସେହି ଦିବ୍ୟ ପରମସତ୍ତାଙ୍କ ସହିତ, କେବଳ ତାଙ୍କରି ଚେତନାଟି ସହିତ ସମ୍ବନ୍ଧିତ ହୋଇ ଅବସ୍ଥିତ ରହିଥାଏ,— ସବୁକିଛି ଚମତ୍କାର ଭାବରେ ଗତି କରିବାରେ ଲାଗିଥାଏ । ଏବଂ ଏଠାରେ ମୁଁ ଜଡ଼ ବସ୍ତୁଗୁଡ଼ିକର କଥାହିଁ କହୁଛି । ଏହି ଜଡ଼ସ୍ଥ ଭୌତିକ ଜୀବନର କଥା କହୁଛି (ନୈତିକ ଦୃଷ୍ଟିରୁ ବିଚାର କଲେ ଏହାକୁ ବହୁପୂର୍ବରୁ ସମସ୍ତେ ସେହିଭଳି ବୋଲି ଜାଣିଛନ୍ତି) । ମାତ୍ର ଏହି ଭୌତିକ ବସ୍ତୁଗୁଡ଼ିକ, ଅର୍ଥାତ୍, ଶରୀରସ୍ତରର ଏହି ସାନସାନ ଅସୁବିଧାଗୁଡ଼ିକ, ଏହାର ନାନାବିଧ ପ୍ରତିକ୍ରିୟା, ଏହା ଯନ୍ତ୍ରଣା ଭୋଗୁଛି କି ଭୋଗୁ ନାହିଁ, ଖରାପ ଆଡ଼କୁ ଗତି କରୁଥିବା ପରିସ୍ଥିତି, ଆପଣାର ଖାଦ୍ୟପଦାର୍ଥକୁ ଗିଳି ନ ପାରିବା,— ଏହିପରି ନାନା ମାମୁଲି କଥା, ଯେଉଁଗୁଡ଼ିକ ପ୍ରତି କି କେହି ଆଦୌ କୌଣସି ଧ୍ୟାନ ଦିଅନ୍ତି ନାହିଁ ଏବଂ ଯାହା ସମସ୍ତଙ୍କ ଲାଗି ଠିକ୍ ଏହିପରି ହୋଇ ରହିଥାଏ; ମାତ୍ର ଯେତେବେଳେ ଜଣେ ବ୍ୟକ୍ତି ତା'ର ଶରୀର ଓ ସେହି ଶରୀରରେ ଯାହାକିଛି ଘଟୁଛି, ତାହାରି ଚେତନା ମଧ୍ୟରେ ବାସ କରୁଥାଏ, ଶରୀର କ'ଣସବୁ ଗ୍ରହଣ କରୁଛି, କ'ଣସବୁ ଘଟୁଛି ଓ ସେହିଭଳି ନାନା ବ୍ୟାପାର ନେଇ ସଚେତନ ହୋଇ ରହିଥାଏ,— ଓଃ, ତାହାକୁହିଁ ପ୍ରକୃତରେ ଦାରୁଣ ଦୁର୍ଦ୍ଦଶା ବୋଲି କହିବାକୁ ହେବ ! ଯେତେବେଳେ ଜଣେ ବ୍ୟକ୍ତି ଅନ୍ୟମାନଙ୍କର ଚେତନାରେ ବାସ କରୁଥାଏ, ସେମାନେ କ'ଣ ଆବଶ୍ୟକ କରୁଛନ୍ତି, ସେମାନଙ୍କର କ'ଣସବୁ ଅଭାବ ରହିଛି ଓ ତୁମ ସହିତ କ'ଣ ସମ୍ବନ୍ଧ ରହିଛି, ସିଏ ଯେତେବେଳେ ତାହାରି ଭିତରେ ବାସ କରୁଥାଏ, ସେତେବେଳେ ତାହାକୁ ମଧ୍ୟ ଦାରୁଣ ଦୁର୍ଦ୍ଦଶା ବୋଲି କୁହାଯିବ । ମାତ୍ର ଯଦି ତୁମେ ସେହି ଦିବ୍ୟ ପରମ ଉପସ୍ଥିତି ମଧ୍ୟରେ ବାସ କରୁଥିବ, ଏବଂ ଯଦି ଦିବ୍ୟ ପରମସତ୍ତାହିଁ ସବୁକିଛି କରୁଥିବେ, ସବୁ ଦେଖୁଥିବେ ଓ ସବୁକିଛି ହୋଇ ରହିଥିବେ,... ତେବେ ତାହାକୁହିଁ ଶାନ୍ତି ବୋଲି କହିବାକୁ ହେବ । ହଁ, ତାହାକୁହିଁ ଶାନ୍ତି ବୋଲି କୁହାଯିବ,— ସେତେବେଳେ ସମୟର ଆଉ କୌଣସି ଅବଧି ନ ଥିବ, ସବୁକିଛି ସହଜ ହୋଇ ଯାଉଥିବ ଏବଂ... ଏକଥା ମୋଟେ ନୁହେଁ ଯେ ତୁମେ ସେତେବେଳେ ଏକ ଆନନ୍ଦ ଅନୁଭବ କରୁଥିବ ବା ଆଉକିଛି ଅନୁଭବ କରୁଥିବ... ଏହା ମୋଟେ ସେପରି ନୁହେଁ । ମାତ୍ର, ସେଠାରେ ସେହି ଦିବ୍ୟ ପରମସତ୍ତାହିଁ ଉପସ୍ଥିତ ରହିଥିବେ । ଏବଂ ତାହାହିଁ ହେଉଛି **ଏକମାତ୍ର** ସମାଧାନ । ଏବଂ ସମସ୍ତ ପୃଥିବୀ କେବଳ ସେହି ଆଡ଼କୁହିଁ ଗତି କରିବାରେ ଲାଗିଛି : ସେହି ଦିବ୍ୟ ପରମସତ୍ତାର ଚେତନା ଆଡ଼କୁ ଗତି କରିବାରେ ଲାଗିଛି... ଯେଉଁ ପରମସତ୍ତା ସବୁକିଛି କରୁଛନ୍ତି, ଯେଉଁ ପରମସତ୍ତା ବିଦ୍ୟମାନ ରହିଛନ୍ତି, ଯେଉଁ ପରମସତ୍ତା... ଏବଂ ପରିସ୍ଥିତିଗୁଡ଼ିକ ମଧ୍ୟ ଠିକ୍ ତଦନୁରୂପ ହେବାରେ ଲାଗିବ (ମୁଁ ଏଠାରେ ଆଦୌ ଭିନ୍ନ ଭିନ୍ନ ପରିସ୍ଥିତିର କଥା କହୁ ନାହିଁ),

ପରିସ୍ଥିତିଗୁଡ଼ିକ ମଧ୍ୟ ତଦନୁରୂପ ହୋଇଯିବ (ଏବେ ମୋ'ର ସେହି ଅନୁଭୂତିହିଁ ହେଉଛି, ଅତ୍ୟନ୍ତ ମୂର୍ତ୍ତ ଭାବରେ ହେଉଛି !) – ପଅରଦିନ ମୁଁ ବେଶ୍ ଅସୁସ୍ଥ ହୋଇ ପଡ଼ିଥିଲି ଏବଂ କାଲି ମଧ୍ୟ ଅବସ୍ଥା ଠିକ୍ ସେହିପରି ରହିଥିଲା, ଶରୀର ଠିକ୍ ସେହିପରି ଅବସ୍ଥାରେ ଥିଲା, ସବୁକିଛି ସେହିଭଳି ରହିଥିଲା ଏବଂ ସବୁକିଛି ଶାନ୍ତ ହୋଇ ରହିଥିଲା ।

ଏହି ବିଷୟରେ ମୋ'ର ସଂପୂର୍ଣ୍ଣ ହୃଦ୍‌ବୋଧ ହୋଇଯାଇଛି ।

ଏହାହିଁ ସବୁକିଛିର ବ୍ୟାଖ୍ୟା କରିଦେବ । ସବୁକିଛିର, ସବୁକିଛିର, – ଏହାହିଁ ସବୁକିଛିର ବ୍ୟାଖ୍ୟା କରିଦେଇ ପାରିବ ।

ପୃଥିବୀ ଠିକ୍ ସେହିପରି ରହିଛି – ଆମେ ତାହାକୁ ସଂପୂର୍ଣ୍ଣ ବିପରୀତ ଭାବରେ ଦେଖୁଛୁ ଓ ଅନୁଭବ କରୁଛୁ ।

ସବୁକିଛି, ସବୁକିଛି ହେଉଛି କେବଳ ସେହି ଚେତନାର ବ୍ୟାପାର । କେବଳ, ସେହି ଚେତନା ଆଦୌ ଏହି ଚେତନା ନୁହେଁ, ଏ ଚେତନାଟି ନୁହେଁ ଅଥବା ସେହି ଚେତନାଟି ମଧ୍ୟ ନୁହେଁ । ଏହା ସେପରି ମୋଟେ ନୁହେଁ । ଅସଲ କଥାଟି ହେଉଛି, ଆମେ ଆମ ମାର୍ଗରେ ଅର୍ଥାତ୍ ମାନବୀୟ ରୀତିରେ ସଚେତନ ହୋଇ ରହିଛୁ ଅଥବା ଦିବ୍ୟ ରୀତିରେ ସଚେତନ ରହିଛୁ । ତାହାହିଁ ଅସଲ କଥା । ତାହାରି ମଧ୍ୟରେହିଁ ସମସ୍ତ କଥାଟି ନିହିତ ହୋଇ ରହିଛି । ଏବଂ, ଏହି ବିଷୟରେ ମୋ'ର ପୂର୍ଣ୍ଣ ହୃଦ୍‌ବୋଧ ହୋଇଯାଇଛି ।

(*ମାଆ ନୀରବ ରହିଲେ*)

*ଯାହା ଯେପରି ହୋଇଥାଉ ପଛକେ, ପୃଥିବୀ ଯେଉଁ ଭଳି ରହିବା ଉଚିତ, ପ୍ରତ୍ୟେକ ମୂହୂର୍ତ୍ତରେ ତାହା ସେହିଭଳି ହୋଇ ରହିଛି ।*

ହଁ ।

*ଆମେହିଁ ଏହାକୁ ଭୁଲ୍ ଭାବରେ ଦେଖୁଛୁ, ବା ଭୁଲ୍ ଭାବରେ ଅନୁଭବ କରୁଛୁ ଅଥବା ଭୁଲ୍ ଭାବରେ ଗ୍ରହଣ କରୁଛୁ ।*

ମୃତ୍ୟୁ ବିଷୟରେ ଯାହା, ଏହି କ୍ଷେତ୍ରରେ ମଧ୍ୟ ସେଇଆ । ଏହା ହେଉଛି ଏକ ମଧ୍ୟବର୍ତ୍ତିକାଳୀନ ଘଟଣା ଏବଂ ଆମକୁ ଏହା ଚିରକାଳ ଏହିପରି ରହି ଆସିଥିବା ପରି ମନେ ହେଉଛି । – ଆମଲାଗି ତାହା ଚିରକାଳ ଏହିପରି ରହି ଆସିଥିବା ପରି ଲାଗୁଛି, କାରଣ ଆମର ଚେତନା ମଧ୍ୟ ସେହିପରି (*ମାଆ ଶୂନ୍ୟରେ ସାନ ବର୍ଗକ୍ଷେତ୍ରଟିଏ*

*ଆଙ୍କିଦେଲେ*) ହୋଇ ରହିଛି । ମାତ୍ର ଯେତେବେଳେ ତୁମେ ଏହି ଦିବ୍ୟ ପରମଚେତନାକୁ ଲାଭ କରିପାରୁଛ... ସେତେବେଳେ ସକଳ ବସ୍ତୁ ପ୍ରାୟ ଅପରୋକ୍ଷ ହୋଇ ଯାଉଛନ୍ତି । ତୁମେ ବୁଝିପାରୁଥିବ, ମୁଁ ଆଦୌ ବୁଝାଇ ପାରିବି ନାହିଁ ।

ଏକ ଗତିସ୍ପନ୍ଦନ **ଅବଶ୍ୟ ରହିଛି,** ଏକ ଉତ୍ତରୋତ୍ତର ଅଗ୍ରଗତି **ଅବଶ୍ୟ ରହିଛି, ତାହାହିଁ** ଆମ ଲାଗି ସମୟ ଦ୍ୱାରା ଅନୁଲିଖିତ ହୋଇଯିବାରେ ଲାଗିଛି । ତାହା **ହେଉଛି** ଏପରି କିଛି... ଏହା ଆମର ଚେତନା ମଧ୍ୟରେ ଏକ ବସ୍ତୁରୂପେ ବିଦ୍ୟମାନ ରହିଛି ।... ଏହାକୁ ବ୍ୟାଖ୍ୟା କରି କହିବା ଅତ୍ୟନ୍ତ କଷ୍ଟକର... ଏହାକୁ କୌଣସି ଏକ ଛବି ଓ ତାହାର ପ୍ରକ୍ଷେପଣ ରୂପେ ବେଶ୍ କଳ୍ପନା କରାଯାଇ ପାରିବ । ଏହା ଠିକ୍ ସେହିପରି ଗୋଟିଏ ବ୍ୟାପାର । ସକଳ ବସ୍ତୁ **ବିଦ୍ୟମାନ ରହିଛନ୍ତି;** ଏବଂ, ଆମ ସ୍ତରରେ ଆମେ ତାହାକୁ ସତେଅବା ଗୋଟିଏ ପରଦା ଉପରେ ପ୍ରକ୍ଷେପିତ ହୋଇ ରହିଥିବା ପରି ଦେଖିବାରେ ଲାଗିଛୁ । ସେଗୁଡ଼ିକ ଗୋଟିକ ପରେ ଗୋଟିଏ ହୋଇ ଆବିର୍ଭୂତ ହେଉଛନ୍ତି । ଏହା ପ୍ରାୟ ସେହିପରି ଗୋଟିଏ ଘଟଣା ।

> *ହଁ, ଶ୍ରୀଅରବିନ୍ଦ କହିଛନ୍ତି ଯେ, ଅତିମାନସ ଚେତନା ମଧ୍ୟରେ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ପରସ୍ପରର ପାର୍ଶ୍ୱବର୍ତ୍ତୀ ହୋଇ ରହିଛନ୍ତି, ସତେଅବା ଚେତନାର ସେହି ଗୋଟିଏ ମାନଚିତ୍ର ଉପରେ ସେମାନେ ପାର୍ଶ୍ୱବର୍ତ୍ତୀ ଭାବରେ ଅବସ୍ଥିତ ରହିଛନ୍ତି ।** *

ହଁ, ତାହା ଠିକ୍ ଏହିପରି, ଠିକ୍ ଏହିପରି । ମାତ୍ର ମୋ'ପାଇଁ ଏହା ଏକ ଅନୁଭୂତିରେହିଁ ପରିଣତ ହୋଇ ଯାଇଛି । ମୋ'ଲାଗି ଏହା ଆଦୌ ଏପରି ଏକ ବସ୍ତୁ ନୁହେଁ, ଯାହାକୁ

* ''କାରଣ, ଆମର ବୁଦ୍ଧି କାଳସ୍ଥ ଗୋଟିଏ ମୁହୂର୍ତ୍ତରୁ ଆଉଗୋଟିଏ ମୁହୂର୍ତ୍ତକୁ ଗତି କରୁଛି, ହରାଇବାରେ ଓ ଅର୍ଜନ କରିବାରେ, ପୁନର୍ବାର ହରାଇବାରେ ଓ ପୁନର୍ବାର ଅର୍ଜନ କରିବାରେ ଲାଗିଛି ସତ, ମାତ୍ର ବିଜ୍ଞାନମୟ ସତ୍ତା ଗୋଟିଏ ଏକକ ଅବଲୋକନ ଏବଂ ଶାଶ୍ୱତ ଶକ୍ତି ମଧ୍ୟରେହିଁ ସେହି କାଳ ଉପରେ କର୍ତ୍ତା ହୋଇ ବସିଛି ଏବଂ ଅତୀତ, ବର୍ତ୍ତମାନ ତଥା ଭବିଷ୍ୟତକୁ ସେଗୁଡ଼ିକର ଅବିଭାଜ୍ୟ ସଂଲଗ୍ନତା ମଧ୍ୟରେ, ଜ୍ଞାନର ଏକ ଅବିଚ୍ଛିନ୍ନ ମାନଚିତ୍ର ଉପରେ ପରସ୍ପରର ପାର୍ଶ୍ୱବର୍ତ୍ତୀ ଭାବରେ ଗଅଁଠାଇ ଧରି ରଖିଛି । ବିଜ୍ଞାନମୟ ସତ୍ତା ସିଏ ଅପରୋକ୍ଷ ଭାବରେ ଅଧିକାର କରି ରହିଥିବା ସମଗ୍ରତାରୁହିଁ ଆପଣାର ଯାତ୍ରା ଆରମ୍ଭ କରୁଛି; ଯାବତୀୟ ଭାଗ, ପୁଞ୍ଜ ଓ ବିସ୍ତାରିତ ଟିକିନିଖିଗୁଡ଼ିକୁ ତାହା କେବଳ ସେହି ସମଗ୍ରତାଟି ସହିତ ସମ୍ବନ୍ଧିତ କରି ଓ ତାହାରି ସହିତ ଏକ ଦୃଷ୍ଟିଗତ ଏକାତ୍ମତା ଅର୍ଜନ କରିହିଁ ଦେଖିବାରେ ଲାଗିଛି ।...''

(ଯୋଗସମନ୍ୱୟ, ଶତବାର୍ଷିକୀ ସଂସ୍କରଣ, ୨୦ଶ ଖଣ୍ଡ(ଇଂ), ପୃଷ୍ଠା. ୪୬୪)

କି ମୁଁ ‘‘ଭାବୁଛି’’ (ମୁଁ ଆଦୌ ଭାବୁ ନାହିଁ), ଏହା ହେଉଛି ଏକ ଅନୁଭୂତି । ଏବଂ, ଏହାକୁ ବ୍ୟାଖ୍ୟା କରି କହିବା ପ୍ରକୃତରେ ଭାରି କଷ୍ଟକର ।

ଏବଂ, କୌଣସି ବସ୍ତୁ ଆମ ଭିତରେ ଯେଉଁ ପରିଣାମଟିକୁ ଜନ୍ମ ଦେଉଛି, ଆମ ଇନ୍ଦ୍ରିୟବୋଧର କ୍ଷେତ୍ରରେ ଯେଉଁ ପ୍ରତିକ୍ରିୟା ସୃଷ୍ଟି କରୁଛି, ତାହା ସମ୍ପୂର୍ଣ୍ଣ ଭାବରେ ଆମ ଚେତନାର ଦୃଷ୍ଟିକୋଣଟି ଉପରେହିଁ ନିର୍ଭର କରୁଛି । ଏବଂ, ତା’ପରେ, ଆପଣା ଭିତରେ ଅବସ୍ଥିତ ରହିବା ବା ପ୍ରତ୍ୟେକ ବସ୍ତୁ ଭିତରେ ଅବସ୍ଥିତ ରହିବାର ସେହି ଚେତନାଟି : ଅହଂପ୍ରେରିତ ଭାବରେ ଆପଣା ମଧ୍ୟରେହିଁ ଅବସ୍ଥିତ ରହିବାଠାରୁ ସକଳ ବସ୍ତୁ ମଧ୍ୟରେ ଅବସ୍ଥିତ ରହିବା ନିଶ୍ଚୟ ଏକ ଅଧିକ ଭଲ କଥା; ମାତ୍ର ଏଥିରେ ଲାଭ ଯେମିତି ଅଛି, ଅସୁବିଧାମାନ ମଧ୍ୟ ସେହିପରି ରହିଛି; ଏବଂ ଏହାକୁ କଦାପି ପରମସତ୍ୟ ବୋଲି କୁହା ବି ଯିବ ନାହିଁ । ଯାହା ପରମସତ୍ୟ, ତାହା ହେଉଛି... ଏକ ସମଗ୍ରତା ହିସାବରେ ସେହି ଦିବ୍ୟ ପରମସତ୍ତା, କାଳସ୍ଥ ଓ ଦେଶସ୍ଥ ସେହି ସମଗ୍ରତା,– ତାହାହିଁ ପରମସତ୍ୟ । ଏବଂ, ସେହି ଚେତନାକୁ ଏହି ଶରୀର ମଧ୍ୟ ଅବଶ୍ୟ ଅର୍ଜନ **କରିପାରିବ**, କାରଣ ଏହି ଶରୀର ତାହାକୁ ଏକଦା ପ୍ରକୃତରେ ଅର୍ଜନ କରିଥିଲା (ଅସ୍ଥାୟୀ ଭାବରେ, କେତେକ୍ଷଣ ସକାଶେ), ଏବଂ, ଯେପର୍ଯ୍ୟନ୍ତ ତାହା ସେହି ଚେତନାକୁ ଧାରଣ କରି ରହିଥାଏ, ସେପର୍ଯ୍ୟନ୍ତ ସବୁକିଛି... ନା – ତାହାକୁ ହର୍ଷ ବୋଲି କୁହାଯାଇ ପାରିବ ନାହିଁ, ସୁଖ ବୋଲି କୁହାଯିବ ନାହିଁ କିଂବା ପୁଲକ ବୋଲି ବି କହିହେବ ନାହିଁ,– ସେଭଳି କୌଣସି ଅଭିଧା ଦେଇ ତାହାକୁ କୁହାଯାଇ ପାରିବ ନାହିଁ । ତାହାକୁ ଗୋଟିଏ ପ୍ରକାରର ଆନନ୍ଦମୟ ଶାନ୍ତି ବୋଲି କୁହାଯିବ... ଏବଂ, ଏକ ପ୍ରଭାଦୀପ୍ତ ଓ ସୃଜନକାରୀ ଶାନ୍ତି ବୋଲି କୁହାଯିବ । ଏହା ଅତ୍ୟନ୍ତ ଭବ୍ୟ, ଅତ୍ୟନ୍ତ ଐଶ୍ୱର୍ଯ୍ୟମୟ । କେବଳ ଏତିକି କଥା ଅବଶ୍ୟ ରହିଛି ଯେ, ଏହା ଆସୁଛି, ପୁଣି ଚାଲିଯାଉଛି; ଆସୁଛି, ପୁନର୍ବାର ଚାଲି ଯାଉଛି... । ଏବଂ, ଯେତେବେଳେ ତୁମେ ସେଇଟି ଭିତରୁ ବାହାରକୁ ଚାଲିଆସୁଛ, ତୁମେ ସତେଯେପରି ଏକାବେଳେକେ କୌଣସି ଏକ ଭୟଙ୍କର ଗର୍ତ୍ତ ଭିତରେ ଯାଇ ପଡ଼ିଗଲା ପରି ଅନୁଭବ କରୁଛ – ଆମର ଏହି ସାଧାରଣ ଚେତନାଟି (ଏଠାରେ ମୁଁ ମାନବୀୟ ନିତ୍ୟନୈମିତ୍ତିକ ଚେତନାର ଅର୍ଥରେ ଏହା କହୁଛି) – ତାହା ହେଉଛି ଏକ ଭୟଙ୍କର ଗାତ । ମାତ୍ର, କାହିଁକି ତାହା କେତେକ ମୁହୂର୍ତ୍ତ ଲାଗି ଏପରି ହେଉଥିଲା, ତୁମେ ସେକଥା ଜାଣିଛ – ଅର୍ଥାତ୍, ଗୋଟିଏ ସୋପାନରୁ ଆଉଗୋଟିଏ ସୋପାନକୁ ଅତିକ୍ରମ କରି ଯିବାବେଳେ ଏହା ଆବଶ୍ୟକ ହୋଇଥାଏ; ସୃଷ୍ଟିର ଲକ୍ଷ୍ୟଟି ପୂର୍ଣ୍ଣ ଉନ୍ମୋଚିତ ହୋଇ ପାରିବା ପାଇଁ ଘଟୁଥିବା ଯାବତୀୟ ଘଟଣା ଆବଶ୍ୟକ ହୋଇଥାଏ । କେହି ହୁଏତ କହିପାରିବେ : ସୃଷ୍ଟ ଜୀବ ଠିକ୍ ସ୍ରଷ୍ଟାଙ୍କ ପରି ସଚେତନ ହୋଇପାରିବ,– ଏହାହିଁ ସୃଷ୍ଟିର ଲକ୍ଷ୍ୟ । ହଁ, ଏହା ଅବଶ୍ୟ କଥାରେ ଏପରି

କୁହାହୁଏ, ମାତ୍ର ଏହା ସେହି ଆଡ଼କୁ ଅବଶ୍ୟ ନିର୍ଦ୍ଦେଶିତ କରି ଦେଇଥାଏ । ପରମ ଅନନ୍ତଙ୍କର ପରମଚେତନାହିଁ ସୃଷ୍ଟିର ଲକ୍ଷ୍ୟ । ସେହି ପରମ ଶାଶ୍ୱତ, ଯିଏ ସର୍ବଶକ୍ତିମାନ୍,– ଅନନ୍ତ, ଶାଶ୍ୱତ ଏବଂ ସର୍ବଶକ୍ତିମାନ୍ (ଧର୍ମଗୁଡ଼ିକରେ ଏହାକୁ ଈଶ୍ୱର ବୋଲି କୁହାଯାଇଛି, ଜୀବନର ପରିପ୍ରେକ୍ଷୀରେ ଆମେ ଏହାକୁ ଦିବ୍ୟ ପରମସତ୍ତା ବୋଲି କହୁଛୁ) – ଅନନ୍ତ ଏବଂ ଶାଶ୍ୱତ, ସର୍ବଶକ୍ତିମାନ୍... କାଳର ଅତୀତ; ବ୍ୟକ୍ତିସତ୍ତା ଧାରଣ କରିଥିବା ପ୍ରତ୍ୟେକ ଅଣୁ ସେହି ପରମଚେତନାର ଅଧିକାରୀ ହୋଇ ରହିଛି, ପ୍ରତ୍ୟେକ ବ୍ୟକ୍ତିସତ୍ତା ଆପଣା ଭିତରେ ସେହି ପରମଚେତନାକୁ ଧାରଣ କରି ରହିଛି ।

ବିଭାଜନରୁହିଁ ଏହି ଜଗତର ସୃଷ୍ଟି ହୋଇଛି ଏବଂ ପରମ ଶାଶ୍ୱତ ସେହି ବିଭାଜନ ମଧ୍ୟରେହିଁ ଆପଣାକୁ ବ୍ୟକ୍ତ କରି ରଖିଛନ୍ତି ।

ଆମର ଭାଷା... (ବା ଆମର ଚେତନା) ଭାରି ଅଳପ, ଭାରି ସୀମିତ । ପରେ ମୁଁ ସେହି କଥାଟିକୁ ବୁଝାଇ କହିପାରିବି ।

ଏକ ଘଟଣା **ଅବଶ୍ୟ** ଘଟିବାରେ ଲାଗିଛି । ପ୍ରକୃତରେ ଘଟିବାରେ ଲାଗିଛି (*ମାଆ ହସିଲେ*) ।

ବଡ଼ଦିନର ଶୁଭେଚ୍ଛା, ମୋର ଶିଶୁ – ଏହା ହେଉଛି ଆଲୋକର ପର୍ବ ।

## ୯ ଫେବ୍ରୁଆରି ୧୯୭୨

୨୧/୨/୭୨ ଦିନ ଦର୍ଶନଦିବସ ଉପଲକ୍ଷେ ବିତରିତ
ହେବାକୁ ରହିଥିବା ସନ୍ଦେଶଟି ଉପରେ ମାଆଙ୍କର ମନ୍ତବ୍ୟ
ସହିତ ପ୍ରବଚନ ଆରମ୍ଭ ହୋଇଥିଲା ।

> *''ପରିପୂର୍ଣ୍ଣ ନିଷ୍ଠା ଅର୍ଜନ କରିବାକୁ ହେଲେ ଚୈତ୍ୟସତ୍ତାକୁ କେନ୍ଦ୍ର କରି ସମଗ୍ର ସତ୍ତାକୁ ସମ୍ପୂର୍ଣ୍ଣ ଭାବରେ ଏକତ୍ରବଦ୍ଧ କରି ଆଣିବା ଅତ୍ୟାବଶ୍ୟକ ।''*

ମୁଁ ଲକ୍ଷ୍ୟ କରି ଦେଖିଛି ଯେ, ଲୋକମାନେ ଆପଣାର ଆନ୍ତରିକତାକୁ ହରାଇ ପକାଉଥିଲେ, କାରଣ, ସେମାନଙ୍କ ସତ୍ତାର ଗୋଟିଏ ଅଂଶ ଗୋଟିଏ କଥା କହୁଥିଲା ତ ଆଉଗୋଟିଏ ଅଂଶ ଆଉଗୋଟିଏ କଥା କହୁଥିଲା । ସେଇଥିରୁହିଁ ଯାବତୀୟ ନିଷ୍ଠାହୀନତାର ଜନ୍ମ ହୁଏ ।

> *ମାତ୍ର, ଚେତନାର କ୍ଷେତ୍ରରେ ଏପରି ଏକ ସ୍ଥିତି ଅର୍ଜନ କରିବା ଅତ୍ୟନ୍ତ କଷ୍ଟକର, ଯାହାକି ଚିରସ୍ଥାୟୀ ହୋଇ ରହି ପାରୁଥିବ । ସେହି ଗୋଟିଏ ଚେତନା ସର୍ବଦା ଅଧିକାରୀ ହୋଇ ରହିପାରିବ, ଏପରି ହେବା ପ୍ରକୃତରେ ବଡ଼ କଷ୍ଟକର ।*

ମାତ୍ର ଆମେ ଗୋଟିଏ ହୋଇ ତିଆରି ନ ହୋଇ ପାରିଥିବା ଯାଏହିଁ ସେହିପରି ହେବ । ମୋ' କ୍ଷେତ୍ରରେ ତାହା **ସର୍ବଦା** ଏହିଭଳି ହୋଇଛି : (*ମାଆ ଗୋଟିଏ ସରଳରେଖା ଟାଣିଦେବାର ଇଙ୍ଗିତ କଲେ*) – ବର୍ଷ ବର୍ଷ ଧରି ଏହିପରି ହୋଇଛି । ଏହାର ଉଦ୍‌ଗମ ସେହିଠାରୁ ହେଉଛି, ସେହି ଚୈତ୍ୟ ଚେତନାର ସ୍ତରରୁ ହେଉଛି ଏବଂ ତାହା **ଚିରସ୍ଥାୟୀ** ହୋଇ ରହିଛି ।

ଏବେ କେତୋଟି ମୁହୂର୍ତ୍ତ ସକାଶେ ମୋ'ର ସେହି ଏକତ୍ୱଟି ଭାଙ୍ଗିଯିବାର ଏକ ଅଭିଜ୍ଞତା ହୋଇଥିଲା । ମାତ୍ର ବର୍ଷ ବର୍ଷ ଧରି ତାହା ଠିକ୍ ସେହିପରି ରହିଆସିଛି, ଅନ୍ତତଃ ତିରିଶ ବର୍ଷ ହେଲା ରହିଆସିଛି (ବସ୍ତୁତଃ ପଞ୍ଚଷଠି ବର୍ଷ ହେଲା) । ଚୈତ୍ୟ ସତ୍ତାହିଁ ଅପରୋକ୍ଷ ଭାବରେ କର୍ତ୍ତାରୂପେ ପ୍ରତିଷ୍ଠିତ ହୋଇ ରହିଲା, ସତ୍ତାର ଶାସନକୁ ନିଜ ହାତରେ ଗ୍ରହଣ କଲା ଓ ତା'ପରେ ସବୁ **ଶେଷ ହୋଇଗଲା ।** ହଁ, ଶେଷ ହୋଇଗଲା ଏବଂ ତା'ପରେ ତାହା ଠିକ୍ ସେହିପରିହିଁ ରହିଆସିଛି (*ଠିକ୍ ପୂର୍ବ ପରି ଗୋଟିଏ ସରଳରେଖା ଟାଣିଦେବାର ଇଙ୍ଗିତ*) । ଏହା ପ୍ରକୃତରେ ଏକ ଅତି ନିଶ୍ଚିତ ସଙ୍କେତ, ଏହି

ସବୁବେଳେ ସେହିପରି ହୋଇ ରହିବା, ସବୁବେଳେ ସେହି ଏକାଭଳି ହୋଇ ରହିବା : ‘‘ହେ ପ୍ରଭୁ, କେବଳ ଆପଣ ଯାହା ଇଚ୍ଛା କରିବେ, କେବଳ ଆପଣ ଯାହା ଇଚ୍ଛା କରିବେ ।’’ ଏବଂ, ଏଠାରେ ‘‘ଆପଣ’’ ବୋଲି ଯାହାଙ୍କୁ ଉଦ୍ଦେଶ୍ୟ କରି କୁହାଯାଉଛି, ସିଏ କୌଣସି ଦୂରସ୍ଥ ରାଜ୍ୟରେ ଊର୍ଦ୍ଧ୍ୱରେ ରହିଥିବା କେହି ଜାଣିପାରୁ ନ ଥିବା ଆଦୌ କୌଣସି ବସ୍ତୁ ନୁହନ୍ତି : ସିଏ ସର୍ବତ୍ର ରହିଛନ୍ତି, ସକଳ ବସ୍ତୁ ମଧ୍ୟରେ ବିଦ୍ୟମାନ ଅଛନ୍ତି, ସତତ ରହିଛନ୍ତି, ସିଏ ଏହି ସତ୍ତା ଭିତରେ ଅଛନ୍ତି – ଏବଂ ତୁମେ ମଧ୍ୟ ଠିକ୍ ସେହିପରି ଭାବରେ ତାଙ୍କୁ ଜାବୁଡ଼ି ଧରି ରହିଥିବ । ତାହାହିଁ ଏକମାତ୍ର-ସମାଧାନ ।

ଏହି ସତ୍ୟଟିକୁ ମୁଁ ଏବେ ଆବିଷ୍କାର କରିଛି । ଲୋକମାନେ କାହିଁକି ନିଷ୍ଠା ହରାଇ ବସନ୍ତି (ଏପରିକି, ନିଷ୍ଠାଯୁକ୍ତ ହୋଇ ରହିବାକୁ ଚେଷ୍ଟା କରୁଥିଲେ ମଧ୍ୟ) ମୁଁ ତାହାର କାରଣଟିକୁ ଆବିଷ୍କାର କରିଛି । କାରଣଟି ହେଉଛି ଯେ, ବର୍ତ୍ତମାନ ଆମର ଗୋଟିଏ ଅଂଶ କାମ କରୁଛି, ଆଉ ଗୋଟିଏ ମୁହୂର୍ତ୍ତରେ ଆଉଗୋଟିଏ ଅଂଶ ଏବଂ ଆଉ କେତେବେଳେ ଏକ ତୃତୀୟ ଅଂଶ କାମ କରିବାରେ ଲାଗିଛି । ସେହି ସମୟଟିରେ ସଂପୃକ୍ତ ଅଂଶଟି ବେଶ୍ ନିଷ୍ଠାଯୁକ୍ତ ହୋଇ ରହିଛି ସତ, ମାତ୍ର ସେତେବେଳେ ସିଏ ଅନ୍ୟ ଅଂଶଗୁଡ଼ିକ ସହିତ ଆଦୌ ସଂଗତି ରକ୍ଷା କରିପାରୁ ନାହିଁ ।

*ହଁ, ଏହାର ଅର୍ଥ ହେଉଛି ଯେ, ସେତେବେଳେ ଚୈତ୍ୟ ଚେତନା ଜଡ଼ସ୍ଥ ଚେତନା ମଧ୍ୟରେ ଆସି ପ୍ରବେଶ କରୁଛି ।*

ହଁ ।

*କାରଣ, କେବଳ ସେହି କ୍ଷେତ୍ରରେହିଁ ବସ୍ତୁଗୁଡ଼ିକର ଏକ ଯଥାର୍ଥ ସ୍ଥାୟିତ୍ୱ ରହିଛି ।*

ହଁ ।...

*ତେଣୁ ଚୈତ୍ୟ ଚେତନାକୁ ଏହି ନିତ୍ୟନୈମିତ୍ତିକ ଭୌତିକ ଚେତନା ମଧ୍ୟରେ ପ୍ରବେଶ କରିବାକୁ ପଡ଼ିବ ।*

ହଁ ।

*ମାତ୍ର ତାହାହିଁ ଅତ୍ୟନ୍ତ କଷ୍ଟକର ।*

ମାତ୍ର, ମୁଁ ତ କହିଲି, ଠିକ୍ ସେହି ଘଟଣାଟିହିଁ ମୋ' ଜୀବନରେ ତିରିଶବର୍ଷ ପୂର୍ବେ ଘଟିଥିଲା ।

ଚୈତ୍ୟ ସତ୍ତା ସର୍ବଦା ଉପସ୍ଥିତ ରହିଥିଲା ଓ ସତ୍ତାର ଶାସନ ତଥା ପରିଚାଳନ କରୁଥିଲା । ଏବଂ ସକଳ ବୋଧ ଓ ସବୁକିଛିକୁ ଠିକ୍ ଏହିପରି ଭାବରେ (*ସତେଯେପରି ଏକ ଉଜ୍ଜ୍ୱଳ ଆଲୋକର ସମ୍ମୁଖରେ ଆଣି ରଖିଦେବାର ଇଙ୍ଗିତ*) ଆଣି ଏହାର ସମ୍ମୁଖରେ ରଖି ଦିଆ ଯାଉଥିଲା, ଯେପରିକି ତାହା ତାହାକୁ ତାହାର ଯଥାର୍ଥ ଦିଗଟିକୁ ଦେଖାଇ ଦେଇ ପାରିବ । ଏବଂ ଶରୀରସ୍ଥ ଭୂମିଟି ମଧ ସତେଅବା ସର୍ବଦା ସେହି ଦିବ୍ୟ ପରମସତ୍ତାର ଆଦେଶଟି ଲାଗି ଅପେକ୍ଷା କରି ରହୁଥିଲା । ମାତ୍ର ଏହି କଥାଟି ସତତ ଲାଗି ରହିଥିଲା,— ମୁଁ ଏଠାକୁ ଆସିବାର **ପୂର୍ବରୁ** । ଠିକ୍ ସେହିଭଳି ଏକ ସ୍ଥିତିରେ ମୁଁ ଏଠାରେ ଆସି ପହଞ୍ଚିଥିଲି — ତାହା ଦୀର୍ଘ ଅନେକ ବର୍ଷ ତଳେ ଘଟିଥିଲା । ଏବଂ ସେହି ଦିନଠାରୁ ଏଥିରେ ଆଦୌ କୌଣସି ବିଚ୍ୟୁତି ଘଟି ନାହିଁ । କେବଳ ଏବେ ମୋ'ର ସେହି ଅନ୍ୟ ଅନୁଭୂତିଟି (ଏକୀକୃତ ହୋଇ ନ ରହିଥିବା ଚେତନାର ଅନୁଭୂତି) ହେଲା, ରାତିରେ ବେଶ୍ କେତେ ଘଣ୍ଟା ଧରି — ଦୁଇ କି ତିନିଘଣ୍ଟା ଧରି ହୋଇଥିଲା । ଏହା ପ୍ରକୃତରେ ଏକ ଭୟଙ୍କର ଅନୁଭୂତି,— ଏହା ସତେଅବା ନାରକୀୟ ଅନୁଭୂତି ପରି ମନେ ହେଉଥିଲା । ଅନ୍ୟମାନଙ୍କର ଅବସ୍ଥା ବିଷୟରେ ମୋତେ ଅବଗତ କରାଇ ଦେବାକୁ ଓ ମୋତେ ତାହାକୁ ବୁଝିବା ଲାଗି ସମର୍ଥ କରାଇବାକୁହିଁ ତାହା ହୋଇଥିଲା । ଏବଂ ସେତେବେଳେ, ଯେତେବେଳେ ଚୈତ୍ୟ ଅଂଶଟି ଆଉ ସେହି କ୍ଷେତ୍ରରେ ଉପସ୍ଥିତ ରହି ନ ଥାଏ...

ଶରୀର ଠିକ୍ ଏହି ଅବସ୍ଥାରେ ରହିଛି, ସର୍ବଦା ଶୁଣୁଛି, ନିରନ୍ତର କାନଡେରି ରହିଛି (ଊର୍ଦ୍ଧ୍ୱକୁ ଏବଂ ଅନ୍ତର ମଧ୍ୟକୁ ଇଙ୍ଗିତ) — ନିରନ୍ତର ଶୁଣିବାରେ ଲାଗିଛି । ମାତ୍ର ଅସଲ କଥାଟି ଶବ୍ଦ ଦ୍ୱାରା ମୋଟେ ବ୍ୟକ୍ତ କରାଯାଇ ପାରୁ ନାହିଁ — ଦିବ୍ୟ ପରମସତ୍ତାଙ୍କର ନିର୍ଦ୍ଦେଶଟି — ତାହା ଆପଣାକୁ ପ୍ରତିଷ୍ଠିତ କରାଇବା ଲାଗି ଆସିଥିବା ଏକ ଇଚ୍ଛା ପରି ଆପଣାକୁ ବ୍ୟକ୍ତ କରିଦେବାରେ ଲାଗିଛି (ଏକ ଅବିଚଳିତ ଅବତରଣର ଇଙ୍ଗିତ) ।

କଥାଟିକୁ ନିର୍ଦ୍ଦିଷ୍ଟ ଭାବରେ କହି ପାରିବାକୁ ମୋତେ ଆଉ ଅଧିକ କିଛି କହିବାକୁ ହେବ କି ?

*ଆପଣ ''ସମଗ୍ର ସତ୍ତାର ସଂପୂର୍ଣ୍ଣ ଏକୀକରଣ'' ବୋଲି କହିଲେ ।*

ହଁ, ସେଥିରେ ଶରୀରସ୍ଥ ସ୍ତରଟି ମଧ ଅନ୍ତର୍ଭୁକ୍ତ ହୋଇ ରହିଛି ।

## ୨୬ ଫେବ୍ରୁଆରି ୧୯୭୨

୧୯୫୬ ମସିହାରେ ଘଟିଥିବା ଭୂପୃଷ୍ଠରେ ଅତିମାନସ ଅଭିବ୍ୟକ୍ତିର ବାର୍ଷିକ ସ୍ମାରକୀରୂପେ ପାଳିତ ହେଉଥିବା ସ୍ୱର୍ଣ୍ଣ-ଦିବସ ଅର୍ଥାତ୍ ଫେବ୍ରୁଆରି ୨୯ ତାରିଖ ଦିନ ବିତରିତ ହେବା ଲାଗି ଉଦ୍ଦିଷ୍ଟ ବାଣୀଟି ବିଷୟରେ ମାଆଙ୍କର ମନ୍ତବ୍ୟରୁହିଁ ପ୍ରବଚନଟି ଆରମ୍ଭ ହେଲା ।

> *''ଶାରୀର-ମନର କ୍ଷେତ୍ରରେ ପରମ ଅତିମାନସ ଆପଣାକୁ ଅଭିବ୍ୟକ୍ତ କରିବା ପରେ ଯାଇ ଏହାର ଉପସ୍ଥିତି ସ୍ଥାୟୀ ହୋଇ ରହିପାରିବ ।''*

ଏହି ବାଣୀଟି ହେଉଛି ଶ୍ରୀଅରବିନ୍ଦଙ୍କର ଗୋଟିଏ ଉକ୍ତି – ଲୋକମାନେ ତାହାକୁ ଏପରି ବୁଝିଛନ୍ତି ଯେ ସତେଯେପରି ମୁଁ ସେଇଟିକୁ କହିଛି । ଶ୍ରୀଅରବିନ୍ଦହିଁ ସେଇଟିକୁ ଲେଖିଥିଲେ; ମୁଁ କେବଳ ଏତିକି କହିଥିଲି ଯେ ଶ୍ରୀଅରବିନ୍ଦ ସେଥିରେ ''ସ୍ଥାୟୀ ଭାବରେ'' ବୋଲି କହିଛନ୍ତି ।

> *ମାତ୍ର ମାଆ, ସେଇଟି ଆପଣଙ୍କର ଅନୁଭୂତିରୁ ତ ପ୍ରାପ୍ତ ହୋଇଛି, ତେଣୁ...* (ମାଆ ହସିଲେ) *।*

(*ମାଆ ନୀରବ ରହିଲେ*)

ମାତ୍ର ସେଇଟି ସମ୍ପାଦିତ ହୋଇସାରିବା ପରେ ଯାଇ ସିନା ତାହା ବିଷୟରେ କହିବା ଅଧିକ ବିଜ୍ଞତାର କଥା ହେବ ! ତାହା ଯେତେବେଳେ ପ୍ରକୃତରେ ପ୍ରତିଷ୍ଠିତ ହୋଇଯିବ, ସେତେବେଳେ ଯାଇ... ମାତ୍ର ବର୍ତ୍ତମାନ... (*ଗୋଟିଏ ପାଖରୁ ଆଉ ଗୋଟିଏ ପାଖକୁ ଦୋହଲି ଯାଉଥିବାର ଇଙ୍ଗିତ*)

> *ଶରୀରସ୍ଥ ମନର ଏହି ଶୃଙ୍ଖଳାଟି ହେଉଛି... ତାହାକୁ ଠିକ୍ କେଉଁ ପ୍ରାନ୍ତରୁ ଆୟତ୍ତ କରିବାକୁ ହେବ, ମୁଁ ସେକଥା କିଛି ଜାଣି ପାରୁ ନାହିଁ । ମୋତେ ଏହା ବଡ଼ କଷ୍ଟକର ଲାଗୁଛି ।*

ଭାରି କଷ୍ଟକର । ଏହା ପ୍ରକୃତରେ ଭାରି କଷ୍ଟକର ।

ଚାହିଁଲା ମାତ୍ରକେ ତୁମେ ନୀରବ ହୋଇଯାଇ ପାରୁଥିବ, ତୁମକୁ ଠିକ୍ ସେହିଠାରୁହିଁ ଆରମ୍ଭ କରିବାକୁ ହେବ । ଅର୍ଥାତ୍, ଯେକୌଣସି ମୁହୂର୍ତ୍ତରେ ମଧ୍ୟ ନୀରବ ହୋଇଯିବା ସମ୍ଭବ ହେବ । ମୁଁ ଭାବୁଛି, ତେବେଯାଇ ତୁମେ ଯଥାର୍ଥ ଭାବରେ ଅଗ୍ରଗତି କରି ପାରିବ ।

*ହଁ, ମାତ୍ର ଚାହିଁଲା ମାତ୍ରକେ ନୀରବ ହୋଇଯିବା, ସେକଥା ଆଦୌ କଷ୍ଟକର ନୁହେଁ । ସେଥିପାଇଁ କେବଳ କ୍ଷଣେ ଅଭିନିବେଶିତ ହୋଇ ରହିବାକୁ ପଡ଼ିବ ଏବଂ ତା'ହେଲେ ସବୁକିଛି ପ୍ରକୃତରେ ନୀରବ ହୋଇ ଆସିବ । ଏବଂ, ଅଭିନିବେଶିତ ହୋଇ ରହିଥିବା ପର୍ଯ୍ୟନ୍ତ ପୂର୍ଣ୍ଣ ନୀରବତା ବିରାଜମାନ କରୁଥିବ । ମାତ୍ର ସେହି ଅଭିନିବେଶ କିଞ୍ଚିତ୍ ଶିଥିଳ ହୋଇ ଆସିବା ମାତ୍ରକେ, ସେହି ନୀରବତାଟି ମଧ୍ୟ ଭାଙ୍ଗି ଯାଉଥିବ ।* (ମାଆ ହସିଲେ) *ସବୁ ଖାଲି ଏପାଖକୁ ଯିବାରେ ଲାଗିଥିବ, ପୁଣି ସେପାଖକୁ ମଧ୍ୟ ଯିବାରେ ଲାଗିଥିବ ।*

ମାତ୍ର ମନ ସେତେବେଳକୁ ଏଣେତେଣେ ଧାଇଁବାର ଅଭ୍ୟାସଟିକୁ ଛାଡ଼ି ସାରିଥିବ । ତାହାକୁ ସେହି ଅଭ୍ୟାସଟିକୁ ଛାଡ଼ିବାକୁହିଁ ପଡ଼ିବ ।

*ତାହା କିପରି ସମ୍ଭବ ହେବ ?*

ମୁଁ ସେକଥା କହି ପାରିବି ନାହିଁ । କାରଣ, ମୋ'ବେଳକୁ ତାହା ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଭାବରେ ସମ୍ଭବ ହୋଇ ଯାଇଥିଲା । ଯେତେବେଳେ କେହି ମୋ' ସହିତ କଥା କହୁଥାଏ କିଂବା ଯେତେବେଳେ କୌଣସି ଘଟଣା ଘଟି ମୋତେ ଏଥିରୁ ଚହଲାଇ ଦେବାକୁ ଆସେ, କେବଳ ସେତିକିବେଳେ... ନଚେତ୍, ବାହାରୁ କୌଣସି ଅନ୍ତରାୟ ନ ଘଟିଲେ, ତାହା ସେହିପରି (*ଊର୍ଦ୍ଧ୍ୱାୟିତ ଅବିଚଳତାର ଇଙ୍ଗିତ*) ହୋଇ ରହିଥାଏ ।... ସମ୍ଭବତଃ ତାହାହିଁ (*ସେହି ପୂର୍ବ ପରି ଇଙ୍ଗିତ*) ମାର୍ଗ : ଏହିପରି ଭାବରେ ଦିବ୍ୟ ପରମସତ୍ତାଙ୍କର ମନନ କରିବା ।

(*ମାଆ ନୀରବ ରହି ଈଷଦ୍ ହସୁଥିଲେ*)

ହଁ, ସେଇଟି, ସେହି ସ୍ୱାଭାବିକ ସ୍ଥିତିଟି (*ସେହି ପୂର୍ବବତ୍ ଇଙ୍ଗିତ*) । ଅତି ବିଚିତ୍ର କଥା ଯେ, ତାହାର ତର୍ଜମା ମଧ୍ୟ... ଶରୀରରେ ଏକ ସଂବେଦନ ଜାତ ହେଉଛି, ସତେଅବା

ସଂପୂର୍ଣ୍ଣ ଭାବରେ ଆବୃତ ହୋଇ ରହିଥିବା ପରି ଅନୁଭବ ହେଉଛି, ସତେଯେପରି ଗୋଟିଏ ଛୋଟ ପିଲାକୁ ବସ୍ତ୍ର ଦ୍ୱାରା ଆବୃତ କରି ରଖାଯାଇଛି । ହଁ, ପ୍ରକୃତରେ ଠିକ୍ ସେହିପରି ଅନୁଭବ ହେଉଛି, ଦିବ୍ୟ ପରମସତ୍ତାଙ୍କ ଦ୍ୱାରା ଆବୃତ ହୋଇ ରହିଥିବା ପରି ମନେ ହେଉଛି । (*ସେହିପରି ଇଙ୍ଗିତ*)

(*ମାଆ ନୀରବ ରହିଲେ*)

ପ୍ରାୟ ଦୁଇ ତିନିଦିନ ହୋଇଗଲାଣି, ମୋ'ର ଠିକ୍ ମନେ ପଡୁ ନାହିଁ । କୌଣସି ଏକ ବଡ଼ ଅସୁବିଧାରେ ପଡ଼ିବାକୁ ହେଲା ଓ ମୁଁ ସଙ୍ଗେ ସଙ୍ଗେ ଆପଣାକୁ ଆବୃତ ହୋଇଯିବା ପରି (*ଇଙ୍ଗିତ*) ଅନୁଭବ କଲି, ସତେଯେପରି ଗୋଟିଏ ଶିଶୁ ପରି ଦିବ୍ୟ ପରମସତ୍ତା ମୋତେ ତାଙ୍କର ବାହୁ ଭିତରକୁ ଉଠାଇ ନେଇଗଲେ ! ପ୍ରକୃତରେ ସେହିପରି ଅନୁଭବ ହେଲା । ସତେଯେପରି ଦିବ୍ୟ ପରମସତ୍ତା ମୋତେ ତାଙ୍କର ବାହୁମଧ୍ୟକୁ ଆବେଷ୍ଟିତ କରି ନେଉଥିଲେ । ଏବଂ ତା'ପରେ... କିଛି ସମୟ ପରେ (ପ୍ରକୃତରେ ଅନେକ ସମୟ ପରେ) ତାହା ଯେତେବେଳେ ସେହିପରି ଭାବରେ ସଂପୂର୍ଣ୍ଣ ଭାବରେ ସେହି ଦିବ୍ୟ ପରମ ଉପସ୍ଥିତି ମଧ୍ୟରେ ଅବସ୍ଥିତ ହୋଇ ରହିଲା, ସେତେବେଳେ ସବୁ ଯନ୍ତ୍ରଣା କୁଆଡ଼େ ଅନ୍ତର୍ହିତ ହୋଇଗଲା । ଏପରିକି, ଯନ୍ତ୍ରଣାକୁ ଚାଲିଯା' ବୋଲି କହିବାକୁ ବି ପଡ଼ିଲା ନାହିଁ, ଯନ୍ତ୍ରଣା ମନକୁ ମନ ଚାଲିଗଲା । ସେଥିପାଇଁ କିଛି ସମୟ ଲାଗିଲା ସତ, ମାତ୍ର ତଥାପି ଯନ୍ତ୍ରଣା ଅନ୍ତର୍ହିତ ହୋଇଗଲା ।

ମୁଁ ସଂପୂର୍ଣ୍ଣ ଭାବରେ ଏକାବେଳେକେ ସଂପୂର୍ଣ୍ଣ ଭାବରେ ନିଜକୁ ଦିବ୍ୟ ପରମସତ୍ତାଙ୍କ ବାହୁ ଦ୍ୱାରା ଆବେଷ୍ଟିତ ହୋଇ (*ଇଙ୍ଗିତ*) ରହିଥିବା ପରି ଅନୁଭବ କରୁଥିଲି । ପ୍ରକୃତରେ ଏକ ଅସାଧାରଣ କଥାହିଁ ଘଟିଥିଲା ।

(*ମାଆ ନୀରବ ରହିଲେ*)

ହଁ, କିଛିକାଳ ଲାଗି ଠିକ୍ ସେହିପରିହିଁ ହୋଇ ରହିଥିଲା : ''ହେ ପ୍ରଭୁ, କେବଳ ଆପଣ ଯାହା ଇଚ୍ଛା କରିବେ, ଆପଣହିଁ ଯାହା ଇଚ୍ଛା କରିବେ'', – ଏବଂ ତା'ପରେ ସେଇଟି ମଧ୍ୟ ନୀରବ ହୋଇଗଲା ।... (ଆପଣାକୁ ଉତ୍ସର୍ଗୀକୃତ କରିଦେବାର ଇଙ୍ଗିତରେ ମାଆ ହାତଗୁଡ଼ିକୁ ଊର୍ଦ୍ଧ୍ୱ ଆଡ଼କୁ ଉନ୍ମୋଚିତ କରି ରଖିଲେ) ।

*(ମାଆ ନୀରବ ରହିଲେ)*

*ଅଭିନିବେଶର ପ୍ରକାରଟିକୁହିଁ ବଦଳିଯିବାକୁ ହେବ ।*

ହଁ ।

> *କାରଣ, ଯେତେବେଳେ ତୁମେ ଶରୀରସ୍ଥ ମନର ଏହି ଶୃଙ୍ଖଳାଟିର ଅନୁସରଣ କରୁଥିବ ଏବଂ ଯେତେବେଳେ ତାହା କେବେ ବାମକୁ ଓ କେବେ ଡାହାଣକୁ ହୋଇ ତୁମଠାରୁ ଖସି ପଳାଇଯିବାକୁ ମନ କରୁଥିବ, ତୁମକୁ ସେତେବେଳେ ମନୋଗତ ଭାବରେ ସର୍ବଦା ସେହି ଅଭିନିବେଶଟିକୁ ପୁନର୍ବାର ଆରମ୍ଭ କରିବାକୁ ହେବ ଏବଂ ମନୋଗତ ଭାବରେହିଁ ନୀରବତାର ପୁନଃପ୍ରତିଷ୍ଠା କରିବାକୁ ପଡ଼ିବ । ତେଣୁ, ପ୍ରତ୍ୟେକ ବାର, ସେହି ମନର ଜରିଆରେହିଁ ତୁମକୁ ଶୃଙ୍ଖଳାଟିର ଅଭ୍ୟାସ କରିବାକୁ ହେବ ।...*

ଆଚ୍ଛା !

> *...ମାତ୍ର, ସେହି ମନଟା, ତୁମେ ତାହାକୁ ଯେମିତି ଶିଥିଳ କରିଦେବ... ସେହି କ୍ଷେତ୍ରରେ ଆଉ କିଛିର ଅବତରଣ ମଧ୍ୟ ଘଟିବା ଉଚିତ,– ଆଉକିଛି ଆସି ତାହାକୁ ଅଧିକାର କରି ରହିଥିବା ଉଚିତ ।*

ହଁ, ଏହା ହେଉଛି ବସ୍ତୁତଃ ଠିକ୍ ଗୋଟିଏ ଶିଶୁ ପରି ଆପଣାକୁ ଏକାବେଳେକେ ଅସହାୟ ବୋଲି ଅନୁଭବ କରିବା । ବୁଝିଲ ତ ? ମାତ୍ର ଏହା ''ଭାବନା ଦ୍ୱାରା ପ୍ରସୂତ'' କିଂବା ''ଇଚ୍ଛା ଦ୍ୱାରା ପ୍ରେରିତ'' ଆଦୌ କୌଣସି ବସ୍ତୁ ନୁହେଁ । ଏହା ସଂପୂର୍ଣ୍ଣ ଭାବରେ ସ୍ୱତଃସ୍ଫୂର୍ତ୍ତ, ଏବଂ, ତା'ପରେ ସେଠାରୁ ତୁମେ ଏକ ସ୍ଥିତି ମଧ୍ୟକୁ ଅତିକ୍ରମ କରିଯିବ... (*ଏକ ପରମାନନ୍ଦଲାଭର ହସ ହସି ମାଆ ହାତ ଦୁଇଟିକୁ ଉନ୍ମୋଚିତ କରିଦେଲେ*) ।

ଯେତେବେଳ ପର୍ଯ୍ୟନ୍ତ କେହି କିଛି ଇଚ୍ଛା କରୁଥିବାର, କୌଣସି କାର୍ଯ୍ୟ କରୁଥିବାର କିଂବା ସେହିପରି କିଛି ଭାବ ରହିଥିବ, ସେପର୍ଯ୍ୟନ୍ତ କିଛି ଫଳ ହେବ ନାହିଁ ।... (*ଠିକ୍ ସେହିପରି ଇଙ୍ଗିତ, ଈଷତ୍ ହସି ହାତ ଦୁଇଟିକୁ ଉନ୍ମୋଚିତ କରିଦେବାର ଇଙ୍ଗିତ*) ।

(*ମାଆ ଅଭିନିବେଶ ମଧ୍ୟରେ ପ୍ରବେଶ କଲେ*)

ପରମ ପ୍ରଭୁ କ'ଣ ପ୍ରକୃତରେ ଆମର ଯତ୍ନ ନେଉଛନ୍ତି ? (*ହସିକରି*) ମୁଁ ଭାବୁଛି ନିଶ୍ଚୟ ନେଉଛନ୍ତି । (*ମାଆ ଶିଷ୍ୟଙ୍କର ହାତ ଦୁଇଟିକୁ ଧରିଲେ*) ତୁମେ କ'ଣ ତାଙ୍କୁ ଅନୁଭବ କରିପାରୁ ନାହଁ ?

*ହଁ ମାଆ, କରିପାରୁଛି ।*

ଠିକ୍ କଥା !...

## ୮ ମାର୍ଚ୍ଚ ୧୯୭୨

ଏକ ''ଦୁର୍ଘଟଣା'' ସମ୍ପର୍କରେ

ହଁ, ଏହା ଠିକ୍ ସେହିପରି କଥା । ଏହା ସତେଅବା ଏକ ଅକାଟ୍ୟ ଆଦେଶ ପରି : ତୁମକୁ ସିଧା ଯିବାକୁ ହେବ, ନ ହେଲେ ସବୁକିଛି ଭୁଲ୍ ହୋଇଯିବ ।

ଏହା ପ୍ରକୃତରେ ଭୟଙ୍କର, ଭାରି ଭୟଙ୍କର ହେବାରେ ଲାଗିଛି । ସତେଯେପରି ଏକ ବୃହତ୍ ଚାପ ଆସି ପଡୁଛି — ଏକ ଭୟଙ୍କର ଚାପ ପଡୁଛି,— ଅଭିଳଷିତ ଅଗ୍ରଗତିଟିକୁ ସମ୍ଭବ କରିବା ଲାଗିହିଁ ସେପରି ହେଉଛି । ମୋ' ଶରୀର ଲାଗି ମୋ' ନିଜ ଭିତରେ ସେହି ଚାପଟିକୁ ଅନୁଭବ କରୁଛି । ମାତ୍ର ମୋ'ର ଶରୀର ମୋଟେ ଭୀତ ହୋଇପଡ଼ି ନାହିଁ, ଶରୀର କହୁଛି (*ମାଆ ହାତ ଦୁଇଟିକୁ ଉନ୍ମୋଚିତ କରିଦେଲେ*) : ''ଠିକ୍ କଥା,— ଯଦି ମୋତେ ଶେଷ ହୋଇ ଯିବାକୁହିଁ ପଡ଼େ, ତେବେ ଏହାହିଁ ହେଉଛି ଶେଷ ।'' ପ୍ରତ୍ୟେକ ମୁହୂର୍ତ୍ତରେ ଠିକ୍ ସେହିପରି ହେଉଛି : ସେହି ଯଥାର୍ଥ ବସ୍ତୁଟିର ଉପଲବ୍ଧି (*ମାଆ ହାତମୁଠାକୁ ତଳ ଆଡ଼କୁ ଆଣିଲେ*) ଅଥବା ପରିସମାପ୍ତି ।

ଠିକ୍ ସେହି କଥାଟିହିଁ ଘଟିଥିବା ପରି ମନେ ହେଉଛି — ତୁମେ ତ ଜାଣିଛ, ମୁଁ କିପରି କହିଥିଲି ଯେ କୌଣସି ଏକ ବସ୍ତୁର ଅବତରଣ ଘଟିଛି (ଏହା କୌଣସି ଏକ ସ୍ଥାନରେ ଲିଖିତ ହୋଇ ରହିଛି) ଏବଂ ଆମେ ଦିନେ ନା ଦିନେ ଅବଶ୍ୟ ଜାଣିବାକୁ ପାଇବା, ଦିନେ ନା ଦିନେ ଏହାର ସ୍ୱରୂପଟି ସହିତ ପରିଚିତ ହେବା । ତୁମେ ସେହି କଥାଟିକୁ ପଢ଼ିଛ, ନୁହେଁ ?*

*ହଁ, ଆପଣ ଏକଥା ଫେବ୍ରୁଆରି ୨୧ ତାରିଖ ଦିନ କହିଥିଲେ ।*

---

* ''୨୧ ତାରିଖ ଦିନସାରା ମୋ'ର ଅତ୍ୟନ୍ତ ଶକ୍ତିଶାଳୀ ଭାବରେ ଏହି ଅନୁଭବଟି ହୋଇଥିଲା ଯେ ସେଦିନ ପ୍ରକୃତରେ ସମସ୍ତଙ୍କରହିଁ ଜନ୍ମଦିନ ଥିଲା ଏବଂ ମୁଁ ସମସ୍ତଙ୍କୁ 'ଶୁଭ ଜନ୍ମଦିନ' କହି ଅଭିନନ୍ଦନ ଜଣାଇବାକୁ ମୋ ଭିତରୁ ଏକ ପ୍ରେରଣା ଅନୁଭବ କରିଥିଲି ।

''ଅତ୍ୟନ୍ତ ଶକ୍ତିଶାଳୀ ଭାବରେ ଏଭଳି ଏକ ଅନୁଭବ ହୋଇଥିଲା ଯେ, ପୃଥିବୀରେ କୌଣସି ଏକ ନୂତନ ବସ୍ତୁର ଆବିର୍ଭାବ ଘଟିଛି ଏବଂ ଯେଉଁମାନେ ଯଥାର୍ଥରେ ପ୍ରସ୍ତୁତ ଓ ଗ୍ରହଣଶୀଳ ହୋଇ ରହିଛନ୍ତି, ସେମାନେ ଏହାକୁ ପ୍ରକୃତରେ ଆପଣାର ଶରୀର ମଧ୍ୟରେ ଧାରଣ କରି ପାରିବେ ।

''ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଏହି ଅଳ୍ପ କେତେଦିନ ମଧ୍ୟରେହିଁ ଆମେ ଏହାର ସ୍ୱରୂପଟି ସହିତ ପରିଚିତ ହୋଇଯିବା ।''

ହଁ, ସେହି କଥା, ତାହା ହେଉଛି ଏକ ପ୍ରକାର... ଅଧାପନ୍ତରିଆ ନୁହେଁ, ସାଲିସ୍ ନୁହେଁ, କୌଣସି ସ୍ଥୂଳ ଅନୁମାନ ବି ନୁହେଁ,– ସେସବୁ କିଛି ନୁହେଁ । ସେଇଟି ହେଉଛି ଏହା (*ମାଆ ନିଜର ହାତମୁଠାଟିକୁ ତଳ ଆଡ଼କୁ ନେଇ ଆସିଲେ*) ।

ଏବଂ, ଶରୀରର କ୍ଷେତ୍ରରେ ମଧ୍ୟ ଠିକ୍ ସେହି କଥା; ପ୍ରତ୍ୟେକ ମୁହୂର୍ତ୍ତରେହିଁ କେବଳ ଏକ ଅକାଟ୍ୟ ଆଦେଶ : ହୁଏତ ଜୀବନ ନ ହେଲେ ମୃତ୍ୟୁ । ଅନିର୍ଦ୍ଦିଷ୍ଟ କାଳରୁ ରହି ଆସିଥିବା କୌଣସି ପ୍ରାୟାନୁମାନ ଆଦୌ ନୁହେଁ । ଶତାବ୍ଦୀ ଶତାବ୍ଦୀ ଧରି ଏହା କେବେହେଲେ ଏକାବେଳେକେ ଖରାପ ହୋଇ ନାହିଁ ବା ଏକାବେଳେକେ ଭଲ ବି ହୋଇ ନାହିଁ । – ମାତ୍ର ଆଉ ତାହା କଦାପି ଏପରି ହୋଇ ରହି ନାହିଁ ।

ଏହିପରି ଏକ ମାର୍ଗରେ ଯେ ଅତିମାନସ ଶରୀରର ଗଠନ ହେବାକୁ ଯାଉଛି, ଶରୀର ସେହି କଥାଟିକୁ ଜାଣି ସାରିଲାଣି : ତାହାକୁ **ସମ୍ପୂର୍ଣ୍ଣ ଭାବରେ** ଦିବ୍ୟ ପରମସତ୍ତାଙ୍କର ପ୍ରଭାବାଧୀନ ହୋଇ ରହିବାକୁ ହେବ । ଏଥିରେ ମୋଟେ କୌଣସି ସାଲିସ ନାହିଁ, କୌଣସି ପ୍ରାୟାନୁମାନ ନାହିଁ,– "ଏହା ଦିନେ ନା ଦିନେ ଆସିବ" ବୋଲି କୌଣସି କଥା ନାହିଁ । ସେସବୁ ମୋଟେ କିଛି ନାହିଁ : ତାହା ହେଉଛି ଏହିପରି (*ମାଆ ନିଜର ହାତମୁଠାକୁ ତଳକୁ ନେଇ ଆସିଲେ*), ଏକ ଦୁର୍ଜେୟ ଇଚ୍ଛା ।

ମାତ୍ର... ବସ୍ତୁଗୁଡ଼ିକୁ ସତ୍ୱର ଭାବରେ ଅଗ୍ରଗତି କରିବାକୁ ହେଲେ ଆଉ ଅନ୍ୟ ବାଟ ଆଦୌ କିଛି ନାହିଁ ।

(*ମାଆ ଦୀର୍ଘ କାଳ ନୀରବ ରହିଲେ*)

*ମାତ୍ର, ଯେତେବେଳେ ବସ୍ତୁତଃ ରୂପାନ୍ତରର ଆବଶ୍ୟକତା ବିଷୟରେ ହୃଦ୍‌ବୋଧ ହେବାକୁ ଆରମ୍ଭ କରୁଛି, ଯେତେବେଳେ କଥାଟିକୁ ଯଥାର୍ଥ ଭାବରେ ବୁଝି ହେଉଛି, ଏବଂ ଯେତେବେଳେ ସେହି ଅନୁସାରେ କିଛି କାର୍ଯ୍ୟ କରିବାର ଚେଷ୍ଟା ମଧ୍ୟ ଆରମ୍ଭ ହୋଇଯାଉଛି, ସେତେବେଳେ ଦେଖା ଯାଉଛି ଯେ, ଯେତେବେଳେ ଜଡ଼ସ୍ଥ ଉପାଦାନଟି ଉପରେ ଏକ ଆଘାତ ଆସି ବାଜୁଛି, ସେତେବେଳେ ଯାଇ ସିଏ ସ୍ମରଣ ରଖି ପାରୁଛି ଏବଂ ତା'ପରେ ଦିନେ ଦୁଇଦିନ ପାଇଁ ତାହାର ଅଭୀପ୍ସା ଅବାରିତ ରହୁଛି; ଏବଂ ତା'ପରେ ତାହା ପୁଣି ଶିଥିଳ ହୋଇଯାଉଛି ।*

ହଁ, ହଁ, ସଂପୂର୍ଣ୍ଣ ଠିକ୍ କଥା ।

*ସେତେବେଳେ ମନେ ହେଉଛି, ସତେଯେପରି ଆଦୌ କୌଣସି ଗତିଶୀଳତା ଲାଗି ଏକ ଅସମର୍ଥତା ଆସି ପହଞ୍ଚିଗଲା !*

ଏହା ପ୍ରକୃତରେ ଅସମର୍ଥତା ନୁହେଁ ।

*ତେବେ ଆଉ କ'ଣ ?*

ମନ୍ଦ ଇଚ୍ଛାଶକ୍ତି । ଅହଂକାରିତା — ଯାହାକୁ ଆମେ ଅହଙ୍କାରିତା ବୋଲି କହିଥାଉ — ଜଡ଼ର ଅହଙ୍କାରିତା...

*ଜଡ଼ର ଅହଂକାରିତା ।*

...ଯାହା ମୋତେ ବଶ୍ୟତା ସ୍ୱୀକାର କରିବାକୁ ଇଚ୍ଛା କରୁ ନ ଥାଏ ।

ମୁଁ ସେକଥା ଜାଣିଛି । ମୁଁ ସର୍ବଦା ମୋ'ର ଶରୀରକୁ ସେହି ଅବସ୍ଥାରେ ଦେଖିବାକୁ ପାଉଛି । କେତେବେଳେ ଏଠି ତ କେତେବେଳେ ସେଠି । ଶରୀର ସର୍ବଦା ସମୟ-ନଷ୍ଟକାରୀ ତାହାର ସେହି ସାଧାରଣ ମାର୍ଗରେ ଯିବାକୁ ମନ କରୁଛି ।

*ଏହାଦ୍ୱାରା ଅଭୀପ୍ସା ଓ ଗତିଶୀଳତା ଗୋଟାଏ ପ୍ରକାରେ ଶିଥିଳ ହୋଇ ଯାଉଛି ।*

ହଁ, ଠିକ୍ ସେହି କଥା ।

*ତେବେ, ପୁଣି କ'ଣ କରିବାକୁ ହେବ ? କ'ଣ ସବୁଥର ତାହାକୁ ସେହିପରି ଯାଇ ଧରିବାକୁ ହେବ ନା ଆଉ କ'ଣ କରିବାକୁ ହେବ ?*

ହଁ, ମାତ୍ର **ଯଥାର୍ଥ ଭାବରେ** ଦିବ୍ୟ ପରମସତ୍ତାଙ୍କ ସହିତ ଯୁକ୍ତ ହୋଇ ନ ରହିବା ପର୍ଯ୍ୟନ୍ତ ତାହା କଦାପି ସ୍ଥାୟୀ ହେବ ନାହିଁ । ଯଦି ତୁମେ ଏହିପରି (*ଦୁଇଟିଯାକ ହାତମୁଠା ସତେଯେପରି ଗୋଟାଏ ଦଉଡ଼ି ଉପରେ ଆଙ୍କୁଡ଼ା ପରି ହୋଇ ରହିଥିବାର ଇଙ୍ଗିତ*) ହୋଇ ରହିଥିବ, ତେବେ, ଅତ୍ୟନ୍ତ ସ୍ୱତଃପ୍ରବୃତ୍ତ ଭାବରେ ଯେତେବେଳେ ମୁହୂର୍ତ୍ତିଟି ବେଶ୍ ଗମ୍ଭୀର ହେବାକୁ ଆରମ୍ଭ କରିବ, ତେବେ ତାହା ଉଚିତ ପାଖଟିକୁ ଚାଲିଯିବ; ହଁ, ଉଚିତ

ପାଖଟିକୁ ଚାଲିଯିବ । ସତେଯେପରି ତୁମର ନିରନ୍ତର ଏହିପରି ଗୋଟିଏ ଅନୁଭବ ହେଉଥିବ ଯେ, ତୁମେ ଏପର୍ଯ୍ୟନ୍ତ ଜୀବନ ଓ ମୃତ୍ୟୁ ଦୁଇଟିଯାକ ଭିତରେ ଆନ୍ଦୋଳିତ ହେବାରେ ଲାଗିଥିଲ, ଏବଂ ଉଚିତ ଦୃଷ୍ଟିକୋଣଟିକୁ ଗ୍ରହଣ କରିବା ମାତ୍ରକେ – ଅର୍ଥାତ୍, **ସଂପୃକ୍ତ ଅଂଶଟି** ଉଚିତ ଦୃଷ୍ଟିକୋଣଟିକୁ ଗ୍ରହଣ କରିବା ସଙ୍ଗେ ସଙ୍ଗେ ସବୁ ଠିକ୍ ହୋଇଗଲା । ଅତ୍ୟନ୍ତ ସ୍ୱାଭାବିକ ଏବଂ ସହଜ ଭାବରେ ସବୁ ଠିକ୍ ହୋଇଗଲା । ଏହା ପ୍ରକୃତରେ ଏକ ଅଦ୍ଭୁତ ଘଟଣା । ମାତ୍ର ଏହା ହେଉଛି ଏକ ଭୟଙ୍କର ଘଟଣା, କାରଣ ଏଥିରେ ସର୍ବଦାହିଁ ଏକ ବିପଦ ନିହିତ ହୋଇ ରହିଛି । ହଁ, ସମ୍ଭବତଃ, ଏହାର କୌଣସି କାରଣ ମୁଁ ଜାଣିପାରୁ ନାହିଁ, ଦିନକୁ ପ୍ରାୟ ଶହେଥର ମୋ'ର ଏହିଭଳି ଏକ ଅନୁଭବ ହେଉଛି : ଜୀବନ (ଅର୍ଥାତ୍, କୋଷଗୁଡ଼ିକ ସକାଶେ), ଜୀବନ ଅଥବା ବିଘଟନ; ଏବଂ ତା'ପରେ, ଯଦି ସେଗୁଡ଼ିକ ଆଦୌ ପୂର୍ବାଭ୍ୟାସରେ ପଡ଼ି ସଙ୍କୁଚିତ ହୋଇ ନ ପଡ଼ନ୍ତି, ତେବେ ସବୁକିଛି ଠିକ୍ ଭାବରେ ଚାଲିବ । ମାତ୍ର ସେଗୁଡ଼ିକ କ୍ରମଶଃ ଶିକ୍ଷା କରୁଛନ୍ତି... (*ଆତ୍ମୋତ୍ସର୍ଗର ଇଙ୍ଗିତ କରି ମାଆ ନିଜ ହାତଗୁଡ଼ିକୁ ଉନ୍ମୋଚିତ କରିଦେଲେ*), ତେବେ ଏହା ନିଶ୍ଚୟ ଠିକ୍ ହୋଇଯିବ ।

ସତେଯେପରି, ଗୋଟାଏ ପ୍ରକାରର ବାଧ୍ୟତାରେ ପଡ଼ି ଶରୀର ଶାଶ୍ୱତତାର ଶିକ୍ଷା ଲାଭ କରୁଥିଲା । ଏହା ପ୍ରକୃତରେ ଭାରି ଆଗ୍ରହୋଦ୍ଦୀପକ । ଏବଂ ତା'ପରେ ମୁଁ ଏହି କଥାଟି ମଧ୍ୟ ଦେଖିବାକୁ ପାଉଛି ଯେ, ବାହ୍ୟ ପରିସ୍ଥିତି-ଗୁଡ଼ିକ ମଧ୍ୟ କ୍ରମେ ଭୟାନକ ହେବାକୁ ଆରମ୍ଭ କରୁଛନ୍ତି (ସାଧାରଣ ଦୃଷ୍ଟିକୋଣରୁ ବିଚାର କରିବାକୁ ଗଲେ) ।

(*ମାଆ ଧ୍ୟାନମଗ୍ନ ହୋଇ ରହିଲେ*)

ତୁମର କିଛି କହିବାକୁ ଅଛି ?

*ନାଇଁ, କିଛି ନାହିଁ । ମୁଁ ସମ୍ମୁଖୀନ ହେଉଥିବା ସେହି ଅସୁବିଧାଟିର କଥାହିଁ କହୁଥିଲି ।*

ହଁ ।

*ଏଇଟା ଅତ୍ୟନ୍ତ କଷ୍ଟକର ହେଉଛି । ଆପଣାକୁ ପୁନଃପ୍ରାପ୍ତ କରିବାକୁ ଥରେ, ଦୁଇଥର, ଦଶଥର ଚେଷ୍ଟା କରୁଛି, ମାତ୍ର ତଥାପି ଏପରି ଅନୁଭବ ହେଉଛି ଯେ, ଏଇଟି ମୋଟେ ଉଚିତ ମାର୍ଗ ନୁହେଁ । ଅସଲ ମାର୍ଗଟି ଆଉ କେଉଁଠି*

*ରହିଛି, ଏବଂ... ଯଦି ସେହି କାର୍ଯ୍ୟଟିକୁ **ତୁମ ଲାଗି** କରି ଦେବା ପାଇଁ ପ୍ରକୃତରେ କୌଣସି ଉଚ୍ଚତର ଶକ୍ତି ନ ଥା'ନ୍ତି, ତେବେ ତୁମ ଦ୍ୱାରା ଆଦୌ କିଛିହେଲେ ସାଧ ହେବ ନାହିଁ ।*

ହଁ, ଠିକ୍ ସେହିଭଳି କଥା । ମାତ୍ର ତଥାପି, ଏକଥା ପ୍ରମାଣ କରିଦେବାକୁ ଶହ ଶହ ଅନୁଭୂତି ରହିଛି ଯେ, ଯେଉଁ ମୁହୂର୍ତ୍ତରେ ତୁମେ ଯଥାର୍ଥ ଦୃଷ୍ଟିକୋଣଟିକୁ ଗ୍ରହଣ କରୁଛ, ସେହି ମୁହୂର୍ତ୍ତରେହିଁ କାର୍ଯ୍ୟଟି **ସମ୍ପନ୍ନ** ହୋଇଯାଉଛି ।

**ଆମେ ନିଜେ**ହିଁ କାର୍ଯ୍ୟଟି ସମ୍ପନ୍ନ ହେବାର ମାର୍ଗରେ ଅନ୍ତରାୟ ହୋଇ ରହିଛୁ ।... ସତେଯେପରି ଆମର ଏହି ବାଧା ସେହି ପରମଶକ୍ତିଙ୍କୁ ଆପଣାର କାର୍ଯ୍ୟ କରିବାରୁ ନିବୃତ୍ତ କରି ରଖିଦେଇ ପାରିବ ! ଆମେ ଠିକ୍ ଏହିପରି ଆଚରଣ କରୁଛୁ । ଆମକୁ... (*ମାଆ ହାତଗୁଡ଼ିକୁ ଉନ୍ମୋଚିତ କରିଦେଲେ*) ।

(*ମାଆ ନୀରବ ରହିଲେ*)

ମୁଁ ଭାବୁଛି, ମୁଁ ଭାବୁଛି, ଅବଚେତନକୁହିଁ ଏହି କଥାଟି ବିଷୟରେ ହୃଦ୍‌ବୋଧ କରାଇ ଦିଆଯାଇଛି ଯେ, ଯଦି ସିଏ ନିଜେ ସବୁକିଛିକୁ ନିଜ ନିୟନ୍ତ୍ରଣ ମଧ୍ୟରେ ନ ରଖେ, ତେବେ ସବୁକିଛି ନିଶ୍ଚୟ ବିଗିଡ଼ିଯିବ । ମୋ'ର ଏହିପରି ଧାରଣା ହେଉଛି । ହଁ, ସେହି ଅବଚେତନ, ସେ କହିବାରେ ଲାଗିଛି, ''ସବୁବେଳେ ସତର୍କ ହୋଇ ରହିଥିବ, ସାବଧାନ ଥିବ''...

(*ମାଆ ହାତଦୁଇଟିକୁ ଉନ୍ମୋଚିତ କରିଦେଲେ*)

## ୨୪ ମାର୍ଚ୍ଚ ୧୯୭୨

ଏକାବେଳେକେ ପ୍ରଥମ ଥର ପାଇଁ ଆଜି ବଡ଼ି ସକାଳେ ମୁଁ ନିଜକୁ, ନିଜ ଶରୀରକୁ ଦେଖିବାକୁ ପାଇଲି – ଏହା ପ୍ରକୃତରେ ଅତିମାନସ ଶରୀର କି ନୁହେଁ, ସେକଥା ମୁଁ କହିପାରିବି ନାହିଁ... (ଏହାକୁ ଶବ୍ଦ ଦେଇ କିପରି ପ୍ରକାଶ କରିହେବ ?)– ଏକ ମଧ୍ୟବର୍ତ୍ତିକାଳୀନ ଶରୀର... ମାତ୍ର ସମ୍ପୂର୍ଣ୍ଣ ଭାବରେ ଏକ ନୂତନ ଶରୀର,– ଏହି ଅର୍ଥରେ ଯେ ତାହାର ଲିଙ୍ଗଗତ ଆଦୌ କୌଣସି ଶ୍ରେଣୀ ନ ଥିଲା – ତାହାକୁ ସ୍ତ୍ରୀ ବୋଲି କହି ହେବ ନାହିଁ ଅଥବା ପୁରୁଷ ବୋଲି ବି କହିହେବ ନାହିଁ ।

ଏହା ଅତ୍ୟନ୍ତ ଶୁଭ୍ରବର୍ଣ୍ଣ ଥିଲା । ମାତ୍ର, ହୁଏତ ଏହାର କାରଣ ହେଉଛି ଯେ ମୋ ଚମ ମଧ୍ୟ ଏକ ଗୋରା ଚମ । କେଜାଣି କ'ଣ ହୋଇଥିବ !

ଏହା ଅତ୍ୟନ୍ତ କୃଶ ଦେଖା ଯାଉଥିଲା (*ଏକ ପାତଳା ଦେହର ସୂଚନା ଦେଇ ଇଙ୍ଗିତ*) – ବେଶ୍ ସୁନ୍ଦର ଦେଖା ଯାଉଥିଲା । ଯଥାର୍ଥରେ ଏକ ସୌଷମ୍ୟଯୁକ୍ତ ଆକୃତି ଧାରଣ କରିଥିଲା ।

ତେଣୁ, ଏହା ପ୍ରଥମଥର ପାଇଁ ଏପରି ଘଟିଲା । ମୁଁ ଆଦୌ କିଛି ଜାଣି ନ ଥିଲି; ଏହା ପ୍ରକୃତରେ କିଭଳି ହେବ, ସେ ବିଷୟରେ ମୋ'ର ଆଦୌ, ଆଦୌ କୌଣସି ଧାରଣା ନ ଥିଲା । ଏବଂ ମୁଁ ଆପଣାକୁ ସେହି ରୂପରେ ଦେଖିଲି । ମୁଁ ସେହିପରି **ହୋଇ** ରହିଥିଲି, ସେହିପରି ଏକ ରୂପରେ ପରିଣତ ହୋଇଥିଲି ।

## ୨୫ ମାର୍ଚ୍ଚ ୧୯୭୨

*ସେଦିନ ଆପଣ ଆପଣଙ୍କ ଶରୀରକୁ ଯେପରି ଭାବରେ ଦେଖିବାକୁ ପାଇଥିଲେ, ଆମକୁ ସେହି ବିଷୟରେ କହୁଥିଲେ, ଆପଣଙ୍କର ଏହି ମଧ୍ୟବର୍ତ୍ତିକାଳୀନ ଶରୀର ବିଷୟରେ...*

ହଁ, ମାତ୍ର ମୁଁ ପ୍ରକୃତରେ ଠିକ୍ ସେହିପରି **ହୋଇ ଯାଇଥିଲି** । ମୁଁ ଆପଣାକୁ ଆଦୌ କେବଳ ଏକ ଦର୍ପଣରେ ଦେଖୁ ନ ଥିଲି । ନିଜକୁ ମୁଁ ପ୍ରକୃତରେ ସେହିପରି ଭାବରେ (*ମାଆ ନିଜ ଶରୀର ଉପରେ ଦୃଷ୍ଟିପାତ କରିବା ସକାଶେ କିଞ୍ଚିତ୍ ବଙ୍କା ହୋଇଗଲେ*) ଦେଖିଥିଲି । ମୁଁ ପ୍ରକୃତରେ... ସେହିପରି ଭାବରେ ହୋଇ ରହିଥିଲି ।

ଏହା ପ୍ରଥମଥର ପାଇଁ ସେପରି ହୋଇଥିଲା । ମୋ'ର ମନେ ହେଉଛି, ଭୋର ଚାରିଟା ସମୟରେ ତାହା ଘଟିଥିଲା । ମୁଁ ଅତ୍ୟନ୍ତ ସ୍ୱାଭାବିକ ଅବସ୍ଥାରେ ରହିଥିଲି । ମୁଁ ଯାହା ଦେଖିଲି, ମୋ'ର କେବଳ ସେତିକି ମନେ ଅଛି (*ଛାତିରୁ ଅଣ୍ଟା ପର୍ଯ୍ୟନ୍ତ ଇଙ୍ଗିତ କଲେ*) । ମୋ' ଉପରେ କେବଳ ଏକ ଓଢ଼ଣା ପଡ଼ି ରହିଥିଲା, ତେଣୁ ମୁଁ କେବଳ... ଦେହର ଗଣ୍ଡିଟାହିଁ ଛାତିରୁ ଅଣ୍ଟା ପର୍ଯ୍ୟନ୍ତ ଅଂଶଠାରୁ ଅତ୍ୟନ୍ତ ଅଲଗା ପ୍ରକାରର ଦିଶୁଥିଲା । ପୁରୁଷ ପରି ଦିଶୁ ନ ଥିଲା କି ସ୍ତ୍ରୀ ପରି ବି ଦିଶୁ ନ ଥିଲା ।

ମାତ୍ର ଭାରି ସୁନ୍ଦର ଦିଶୁଥିଲା । ଦେହର ଆକାରଟି ଭାରି କୃଶ, ଭାରି ପାତଳା ହୋଇ ଦିଶୁଥିଲା,— ଭାରି କୃଶ ଦିଶୁଥିଲା, ତଥାପି — ମୋଟେ ଏକାବେଳେକେ ସରୁଆ ଦିଶୁ ନ ଥିଲା । ଚମଡ଼ା ଭାରି ଗୋରା ଦେଖା ଯାଉଥିଲା, ଠିକ୍ ମୋରି ଚମ ପରି ଗୋରା ଦେଖା ଯାଉଥିଲା । ଦେହଟି ଭାରି ସୁନ୍ଦର ଆକାରର ହୋଇ ଦିଶୁଥିଲା । ମାତ୍ର ଲିଙ୍ଗ ବୋଲି କିଛି ନ ଥିଲା, କିଛି କହିହେଉ ନ ଥିଲା । ପୁରୁଷ କି ସ୍ତ୍ରୀ କିଛି କହିହେଉ ନ ଥିଲା । ଲିଙ୍ଗ ଅନ୍ତର୍ହିତ ହୋଇ ଯାଇଥିଲା ।

ସେଠାରେ ମଧ୍ୟ (*ମାଆ ବକ୍ଷସ୍ଥଳକୁ ନିର୍ଦ୍ଦେଶ କରିଦେଲେ*), ସେହି ସବୁଯାକ ଅଂଶରେ : ସେସବୁ ସ୍ଥାନରେ ଆଦୌ କିଛି ନ ଥିଲା । ଏହି କଥାଟିକୁ ଯେ କିପରି କଥାରେ କହି ବୁଝାଇ ଦେଇହେବ, ମୁଁ ଜାଣି ପାରୁ ନାହିଁ । ଏଠାରେ ଏକ ସାଦୃଶ୍ୟ ପରି କିଛି ରହିଥିଲା ସତ, ମାତ୍ର ଆଦୌ କୌଣସି ଆକାର ନ ଥିଲା (*ମାଆ ଆପଣାର ବକ୍ଷସ୍ଥଳକୁ ସ୍ପର୍ଶ କଲେ*), ଏପରିକି ପୁରୁଷମାନଙ୍କର ଯେତିକି ଥାଏ, ସେତିକି ମଧ୍ୟ ନ ଥିଲା । ଚମ ଅତ୍ୟନ୍ତ ଶୁଭ୍ରବର୍ଣ୍ଣ ଦିଶୁଥିଲା, ଭାରି ମସୃଣ ହୋଇ ଦିଶୁଥିଲା । କହିବାକୁ ଗଲେ ପେଟ ବୋଲି କିଛି ନ ଥିଲା । ତା'ପରେ ପାକସ୍ଥଳୀ — ପାକସ୍ଥଳୀ ବି ନ ଥିଲା । ସେହି ସବୁକିଛି ଭାରି କୃଶ ହୋଇ ଦିଶୁଥିଲା ।

ମାତ୍ର ମୁଁ ଏସବୁ ପ୍ରତି ଆଦୌ କୌଣସି ବିଶେଷ ଦୃଷ୍ଟି ଦେଇ ନ ଥିଲି, କାରଣ ମୁଁ ଠିକ୍ ସେହିପରି ହୋଇ ରହିଥିଲି ଓ ସବୁକିଛିକୁ ଅତ୍ୟନ୍ତ ସ୍ୱାଭାବିକ ବୋଲି ଅନୁଭବ କରୁଥିଲି । ପ୍ରଥମଥର ପାଇଁ ଏପରି ହେଲା ଏବଂ ରାତ୍ରିସମୟରେ ଘଟିଲା, ପଅରଦିନ ରାତିରେ ଘଟିଲା । ମାତ୍ର କାଲି ମୁଁ ଏସବୁ କିଛି ଦେଖିଲି ନାହିଁ,— ବର୍ତ୍ତମାନ ପର୍ଯ୍ୟନ୍ତ ସେହି ପ୍ରଥମ ଓ ଗୋଟିଏ ଥର ପାଇଁ ଯାହାକିଛି ଦେଖିଥିଲି ।

*ମାତ୍ର ଏସବୁ କ'ଣ ସୂକ୍ଷ୍ମଭୌତିକ ସ୍ତରରେ ଘଟିଥିଲା ?*

ହଁ, ନିଶ୍ଚୟ ସେହି ସୂକ୍ଷ୍ମଭୌତିକ ସ୍ତରରେ ହୋଇଥିବ ।

*ମାତ୍ର ତାହା ପୁଣି କିପରି ଭୌତିକ ସ୍ତରକୁ ସଞ୍ଚାରିତ ହୋଇ ଆସିବ ?*

ସେକଥା ! ମୁଁ କିଛି ଜାଣି ନାହିଁ... ମୁଁ କିଛିହେଲେ ଜାଣି ନାହିଁ ।

ପୁନଶ୍ଚ, ଏକଥା ମଧ୍ୟ ସ୍ପଷ୍ଟ ହୋଇ ଯାଇଥିଲା ଯେ, ଖାଦ୍ୟପରିପାକ ଏବଂ ମଳତ୍ୟାଗର ଆଉ ବର୍ତ୍ତମାନ ପରି ଏହି ଜଟିଳ ପ୍ରକ୍ରିୟାଟି ମୋଟେ ରହିବ ନାହିଁ । ଆଉ ସେପରି କିଛି ଦରକାର ହେବ ନାହିଁ ।

ମାତ୍ର ଏସବୁ କିପରି ହେବ ?... ଏଥିରେ କୌଣସି ସନ୍ଦେହ ନାହିଁ ଯେ ବର୍ତ୍ତମାନ ଖାଦ୍ୟ ସମ୍ପୂର୍ଣ୍ଣ ଭିନ୍ନ ପ୍ରକାରର ହୋଇଗଲାଣି ଓ ଆହୁରି ଅଧିକରୁ ଅଧିକ ପରିମାଣରେ ଭିନ୍ନ ହେବାରେ ଲାଗିଛି (ଉଦାହରଣ ସ୍ୱରୂପ, ଗ୍ଲୁକୋଜ ଓ ସେହିପରି ଅନ୍ୟାନ୍ୟ ଜିନିଷ ଯାହା ଲାଗି କି କୌଣସି ଜଟିଳ ପରିପାକକ୍ରିୟା ଆବଶ୍ୟକ ହୁଏ ନାହିଁ ।) ମାତ୍ର ଏହା ସ୍ୱୟଂ କିଭଳି ଉପାୟରେ ବଦଳିବାକୁ ଯାଉଛି ? ମୁଁ ଜାଣି ନାହିଁ । ମୁଁ ଜାଣି ନାହିଁ ।

ଏହି ବ୍ୟାପାରଟି କିପରି ହୋଇ ରହିଥିଲା, ତାହା ଦେଖିବାକୁ ମୁଁ ତେଣେ ଆଦୌ ଦୃଷ୍ଟିପାତ କରି ନ ଥିଲି, କାରଣ ତାହା ଅତ୍ୟନ୍ତ ସ୍ୱାଭାବିକ ଭାବରେ ଘଟିଥିଲା । ତେଣୁ ମୁଁ ସେ ବିଷୟରେ ଆଦୌ କୌଣସି ବିଶଦ ବର୍ଣ୍ଣନା ଦେଇପାରିବି ନାହିଁ । କେବଳ ଏତିକି କହିପାରିବି ଯେ, ସେହି ଶରୀର ଜଣେ ସ୍ତ୍ରୀର ଶରୀର ନ ଥିଲା ବା ଜଣେ ପୁରୁଷର ଶରୀର ବି ନ ଥିଲା,— ତାହା ଅତ୍ୟନ୍ତ ସ୍ପଷ୍ଟ ହୋଇ ଯାଉଥିଲା । ଏବଂ, ଦେହର ବହିଃରେଖାଟି ଜଣେ ଭାରି ତରୁଣ ବ୍ୟକ୍ତିର ଦେହରେଖା ପରି ମନେ ହେଉଥିଲା । ମନୁଷ୍ୟ-ଦେହାକୃତିଗୁଡ଼ିକର ଅନେକ ସାଦୃଶ୍ୟ ତା'ଭିତରେ ରହିଥିଲା (*ମାଆ ଶୂନ୍ୟରେ ଆଙ୍କି*

*ଦେଖାଇଦେଲେ*), ଏକ କାନ୍ଧ ରହିଥିଲା, ଏକ ଆକୃତି ମଧ୍ୟ ରହିଥିଲା । ସତେଯେପରି କୌଣସି ଏକ ଆକାରର ସାଦୃଶ୍ୟ ରହିଥିଲା ।

ମୁଁ ଏହାକୁ ଦେଖିପାରୁଛି, ମାତ୍ର... ଯେକୌଣସି ବ୍ୟକ୍ତି ନିଜକୁ ଚାହିଁ ଦେଖିଲା ପରି ମୁଁ ସେଇଟିକୁ ଦେଖୁଥିଲି । ଏବଂ, ଆପଣାକୁ ଆବୃତ କରି ରଖିବା ଲାଗି ମୁଁ ସତେଅବା ଗୋଟାଏ ପ୍ରକାରର ଓଢ଼ଣାକୁ ଦେହ ଉପରେ ପକାଇଥିଲି । ଦେହର ଏହି ଢଙ୍ଗଟି ମୋତେ ଆଦୌ ଆଶ୍ଚର୍ଯ୍ୟଜନକ ମନେ ହେଉ ନ ଥିଲା, ବେଶ୍ ସ୍ୱାଭାବିକହିଁ ମନେ ହେଉଥିଲା ।

ନିଶ୍ଚୟ ତାହା ସୂକ୍ଷ୍ମଭୌତିକର ସ୍ତରରେହିଁ ଘଟିଥିବ ।

*ନା – ଗୋଟିଏ ଅବସ୍ଥାରୁ ଆଉଗୋଟିଏ ଅବସ୍ଥାକୁ ଏହି ଯେଉଁ ପରିବର୍ତ୍ତିତ ହୋଇ ଆସିବା,– ତାହାହିଁ ସବୁଠାରୁ ଅଧିକ ରହସ୍ୟମୟ ଲାଗୁଛି ।*

ହଁ, ମାତ୍ର କିପରି ?

ମାତ୍ର ସିମ୍ପାଞ୍ଜିର ଅବସ୍ଥାରୁ ମନୁଷ୍ୟର ଅବସ୍ଥାକୁ ଆସିବାରେ ଯେଉଁ ରହସ୍ୟ ରହିଛି ଏଇଟିରେ ମଧ୍ୟ ସେହି ରହସ୍ୟ ରହିଛି ।

*ନାଇଁ ନାଇଁ ! ଏହା ତାହାଠାରୁ ଆହୁରି ଅଧିକ ଅଦ୍ଭୁତ,– ଆହୁରି ଅଧିକ ଅଦ୍ଭୁତ, କାରଣ, ପ୍ରକୃତରେ ଦେଖିବାକୁ ଗଲେ ଗୋଟିଏ ସିମ୍ପାଞ୍ଜି ଓ ଗୋଟିଏ ମନୁଷ୍ୟ ଭିତରେ ମୋଟେ ସେତେ ଅଧିକ ପାର୍ଥକ୍ୟ ନ ଥାଏ ।*

ମାତ୍ର ଏହି କ୍ଷେତ୍ରରେ ମଧ୍ୟ ବାହ୍ୟତଃ ଆଦୌ ଖୁବ୍ ବେଶୀ ପାର୍ଥକ୍ୟ ନ ଥିଲା (*ମାଆ ଶୂନ୍ୟରେ ଏକ ଆକାରର ବହିଃରେଖା ଅଙ୍କନ କରିଦେଲେ*) : ସେଥିରେ କାନ୍ଧ ଥିଲା, ବାହୁଗୁଡ଼ିକ ଥିଲା, ଶରୀରଟିଏ ଥିଲା, ଠିକ୍ ସେହିପରି ଗୋଟିଏ ରୂପ ଥିଲା, ଗୋଡ଼ ବି ରହିଥିଲା । ସେସବୁ ସମ୍ପୂର୍ଣ୍ଣ ସମାନ ଥିଲା, କେବଳ...

*ହଁ, ମାତ୍ର ମୁଁ କହୁଥିଲି ଯେ ଗାଟିଏ ସିମ୍ପାଞ୍ଜି ଓ ଜଣେ ମନୁଷ୍ୟର ଶାରୀରିକ କାର୍ଯ୍ୟପ୍ରକ୍ରିୟା ସେଇ ଗୋଟିଏ ପ୍ରକାରର ।*

ହଁ, ସେମାନେ ଗୋଟିଏ ପ୍ରକାରର ।

*ହଁ, ଉଭୟେ ଖାଦ୍ୟ ହଜମ କରନ୍ତି, ଶ୍ୱାସ ଗ୍ରହଣ କରନ୍ତି,... ମାତ୍ର ଏହି କ୍ଷେତ୍ରରେ...*

ନାହିଁ,– ମାତ୍ର ଶ୍ୱାସଗ୍ରହଣର ପ୍ରକ୍ରିୟାଟି ନିଶ୍ଚୟ ରହିଥିବ,– ଅନ୍ୟ ପକ୍ଷରେ, କାନ୍ଧଗୁଡ଼ାକ ଭାରି ଚଉଡ଼ା ଥିଲା (*ଇଙ୍ଗିତ କରି ଦେଖାଇଲେ*) । ତାହା ଏକ ମହତ୍ତ୍ୱପୂର୍ଣ୍ଣ କଥା । କେବଳ ବକ୍ଷଟାହିଁ ସ୍ତ୍ରୀର ନ ଥିଲା କିଂବା ପୁରୁଷର ନ ଥିଲା,– କେବଳ ଏକ ସାଦୃଶ୍ୟ ପରି ହୋଇ ରହିଥିଲା । ଏବଂ ତା'ପରେ ସେହି ସବୁଯାକ – ପାକସ୍ଥଳୀ, ପେଟ ଆଦି – ସେସବୁ କେବଳ ଗୋଟିଏ ଗୋଟିଏ ବହିଃରେଖା ପରି ଦିଶୁଥିଲା, ସବୁ ମିଶି ଏକ ଅତ୍ୟନ୍ତ କୃଶ ଏବଂ ସୌଷମ୍ୟଯୁକ୍ତ ଆକାର ପରି ଦିଶୁଥିଲା । ମାତ୍ର, ଆମେ ଆମ ଶରୀରକୁ ଯେଉଁସବୁ କାର୍ଯ୍ୟରେ ଲଗାଇଥାଉ, ସେହି ଆକାରର ଆଦୌ ସେପରି କୌଣସି ସାମର୍ଥ୍ୟ ନ ଥିଲା ।

ଦୁଇଟିଯାକ ବସ୍ତୁ ମଧ୍ୟରେ ଅନେକ, ଅନେକ ପାର୍ଥକ୍ୟ ରହିଛି : ପ୍ରଥମତଃ ସନ୍ତାନ ପ୍ରଜନନ କ୍ରିୟାଟି, ସେଥିରେ ତାହା ଆଦୌ କୌଣସି ସମ୍ଭାବନା ନ ଥିଲା । ଦ୍ୱିତୀୟତଃ, ଖାଦ୍ୟ । ମାତ୍ର ଏହି କଥାଟି ଅତ୍ୟନ୍ତ ସ୍ପଷ୍ଟ ହୋଇଯାଉଛି ଯେ, ବର୍ତ୍ତମାନ ଯେଉଁ ଖାଦ୍ୟ ଗ୍ରହଣ କରାଯାଉଛି, ତାହା ସିମ୍ପାଞ୍ଜିର ଖାଦ୍ୟ ନୁହେଁ କି ସେହି ପ୍ରଥମ କାଳର ମଣିଷମାନଙ୍କର ଖାଦ୍ୟ ମଧ୍ୟ ନୁହେଁ । ଏହା ଏକ ଅତ୍ୟନ୍ତ ଭିନ୍ନ ପ୍ରକାରର । ଏବଂ ବର୍ତ୍ତମାନ ଏପରି ଏକ ଖାଦ୍ୟର ସନ୍ଧାନ କରିବା ଦରକାର ପଡୁଛି, ଯାହାଲାଗି ଆଦୌ କୌଣସି ଜଟିଳ ପାକକ୍ରିୟା ଆବଶ୍ୟକ ହେବ ନାହିଁ... ଏଠାରେ ମୋ'ର ମନେ ହେଉଛି ଯେ ଖାଦ୍ୟ ଏକାବେଳେକେ ତରଳ ହେବା ଉଚିତ ନୁହେଁ, ଅଥବା ଏକାବେଳେକେ କାଠୁଆ ହେବା ମଧ୍ୟ ଉଚିତ ନୁହେଁ । ତା'ପରେ ମୁଖ-ଇନ୍ଦ୍ରିୟର ପ୍ରଶ୍ନଟି ମଧ୍ୟ ରହିଛି । ଏ ବିଷୟରେ ମୁଁ କିଛି ଜାଣି ନାହିଁ । ଦାନ୍ତଗୁଡ଼ିକ ? ଏଥିରେ କୌଣସି ସନ୍ଦେହ ନାହିଁ ଯେ ଚୋବାଇ ଖାଇବାର ଆଉ କୌଣସି ପ୍ରୟୋଜନ ନ ଥିବ ଓ ତେଣୁ ଦାନ୍ତଗୁଡ଼ିକର ମଧ୍ୟ କୌଣସି... ମାତ୍ର ଦାନ୍ତର ସ୍ଥାନରେ କିଛି ନା କିଛି ଅବଶ୍ୟ ରହିବ ।... ସେତେବେଳେ ମୁହଁଟି କିପରି ଦିଶୁଥିଲା, ସେହି ବିଷୟରେ ମୁଁ ମୋଟେ କିଛି ଜାଣି ନାହିଁ, ମାତ୍ର ତାହା ବର୍ତ୍ତମାନ ଯେଉଁଭଳି ଅଛି, ସେତେବେଳେ ତା'ଠାରୁ ଗୁଡ଼ାଏ ଅନ୍ୟପ୍ରକାରର ହୋଇ ରହିଥିବା ପରି ମନେ ହେଉ ନାହିଁ ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଯାହା ଅନେକ ପରିମାଣରେ ବଦଳିଯିବ ଓ ଯାହା ପ୍ରକୃତରେ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ହେବାକୁ ଆରମ୍ଭ କରିଛି, ତାହା ହେଉଛି ଶ୍ୱାସଗ୍ରହଣର କ୍ରିୟା । ଏହି କ୍ରିୟାଟି ଉପରେହିଁ ଉକ୍ତ ଶରୀରଟି ଅତ୍ୟଧିକ ଭାବରେ ନିର୍ଭର କରି ରହିଥିଲା ।

*ହଁ, ସମ୍ଭବତଃ ଏହା ଶକ୍ତିଗୁଡ଼ିକୁ ପ୍ରତ୍ୟକ୍ଷ ଭାବରେ ଗ୍ରହଣ କରି ନେଇପାରିବ ।*

ହଁ, ମାତ୍ର ସମ୍ଭବତଃ ମଧ୍ୟବର୍ତ୍ତିକାଳୀନ ଏପରି କେତେ ସତ୍ତାଙ୍କର ଆଗମନ ହେବ, ଯେଉଁମାନେ କି ଆଦୌ ଦୀର୍ଘସ୍ଥାୟୀ ହୋଇ ରହିବେ ନାହିଁ; ସିମ୍ପାଞ୍ଜି ଓ ମଣିଷଙ୍କ ଭିତରେ ଯେଉଁ ମଧ୍ୟବର୍ତ୍ତିକାଳୀନ ସତ୍ତାମାନେ ଅସିଥିଲେ, ସେହିମାନଙ୍କ ପରି ।

ମାତ୍ର ମୁଁ ଜାଣେ ନାହିଁ; ଏପରି କିଛି ଘଟିବାକୁ ଯାଉଛି, ଯାହାକି ଏପର୍ଯ୍ୟନ୍ତ କେବେହେଲେ ଘଟି ନାହିଁ ।

*ହଁ ।*

(*ମାଆ ନୀରବ ରହିଲେ*)

*ବେଳେବେଳେ ମୁଁ ଅନୁଭବ କରିପାରୁଛି ଯେ, ଉପଲବ୍ଧିର ସମୟ ପ୍ରକୃତରେ ନିକଟ ହୋଇ ଆସିଲାଣି ।*

ହଁ, ମାତ୍ର କିପରି ?

*ହଁ, ଏହା କିପରି ହେବ, ସେକଥା ଜଣା ଯାଉ ନାହିଁ ।*

ଏଇଟି (*ମାଆ ନିଜ ଶରୀରକୁ ନିର୍ଦ୍ଦେଶ କଲେ*), ଏଇଟି କ'ଣ ପ୍ରକୃତରେ ବଦଳିବାକୁ ଯାଉଛି ? ଏହାକୁ ବଦଳିବାକୁ ପଡ଼ିବ, ନଚେତ୍ ତାହା ବିଲୟ ଲଭି ପୁନର୍ନିର୍ମିତ ହେବାର ସେହି ପୁରାତନ ସାଧାରଣ ପ୍ରକ୍ରିୟାଟିକୁହିଁ ଅନୁସରଣ କରିବ... କେଜାଣି କ'ଣ ହେବ... ଏଥିରେ କୌଣସି ସନ୍ଦେହ ନାହିଁ ଯେ ଜୀବନର ଆୟୁ ଅନେକ ପରିମାଣରେ ବୃଦ୍ଧି ପାଇବ, ଏହାର ଦୃଷ୍ଟାନ୍ତମାନ ରହିଛି; ମାତ୍ର... ମୁଁ ଜାଣି ନାହିଁ ।

ନାଇଁ, ମୁଁ ଜାଣି ନାହିଁ ।

*ଅନେକ ସମୟରେ ମୋ'ର ଏପରି ଅନୁଭବ ହୋଇଛି ଯେ, ଏକ ରୂପାନ୍ତର ନ ଘଟି ବରଂ ଅନ୍ୟ ଶରୀରଟିର ଏକ ମୂର୍ତ୍ତୀକରଣହିଁ ଘଟିବ ।*

ଆଚ୍ଛା !... କିନ୍ତୁ କିପରି ଘଟିବ ?

*ସେହି ପରବର୍ତ୍ତନଟି କିପରି ହେବ, ସେ ବିଷୟରେ ମଧ୍ୟ କିଛି ଜଣା ନାହିଁ । ମାତ୍ର ଏଇଟି ଆରଟି ହେବା ପରିବର୍ତ୍ତେ, ବରଂ ଆରଟିହିଁ ଏଇଟିର ସ୍ଥାନାପନ୍ନ ରୂପେ ପ୍ରତିଷ୍ଠିତ ହେବ ।*

ହଉ ହେଲା, ମାତ୍ର କିପରି ?

*ହଁ, କିପରି କଥାଟି ମୁଁ ଜାଣି ନାହିଁ ।*

(*କିଛିକ୍ଷଣ ନୀରବ ରହି*) ହଁ, ପଅରଦିନ ରାତିରେ ମୁଁ ଯେଉଁ ବ୍ୟକ୍ତିରେ ପରିଣତ ହୋଇଥିଲି, ଯଦି ପ୍ରକୃତରେ ତାହାହିଁ ଆପଣାକୁ ପ୍ରକଟ କରି ଆଣେ... ମାତ୍ର ତାହା କିପରି ହେବ ?

(*ମାଆ ଧ୍ୟାନପ୍ରବିଷ୍ଟ ହୋଇ ରହିଲେ*)

ଜଣେ କିଛି ହେଲେ ଜାଣି ନାହିଁ !

କିପରି କିଛିହେଲେ ଯେ ଜାଣୁ ନାହିଁ, ଭାରି ବିଚିତ୍ର କଥା ।

(*ମାଆ ନୀରବ ରହିଲେ*)

*ମାଆ, ‘‘ରୂପାନ୍ତର’’ ବୋଲି ଗୋଟିଏ କବିତାରେ ଶ୍ରୀଅରବିନ୍ଦ ଏହିଭଳି ଭାବରେ ଆରମ୍ଭ କରିଛନ୍ତି :*

*‘‘ମୋର ନିଃଶ୍ୱାସ ଏକ ସୂକ୍ଷ୍ମ ଛନ୍ଦୋମୟ ସ୍ରୋତରେ ଧାବମାନ*
*ହେବାରେ ଲାଗିଛି;*
*ତାହା ମୋ’ର ଅଙ୍ଗପ୍ରତ୍ୟଙ୍ଗକୁ ଏକ ଦିବ୍ୟଶକ୍ତିରେ ଭରପୂର*
*କରିଆଣୁଛି...’’*

ହଁ, ସେହି ନିଃଶ୍ୱାସ; ହଁ, ତାହା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ।

## ୨ ଏପ୍ରିଲ୍ ୧୯୭୨

ଶିଷ୍ୟମାନଙ୍କ ସହିତ ହୋଇଥିବା କଥୋପକଥନର କିୟଦଂଶ ।
ପ୍ରଥମ ଚାରିଗୋଟି ପାରାକୁ ମାଆ ଇଂରାଜୀ ଭାଷାରେ କହିଥିଲେ ।

ମନୁଷ୍ୟଜାତି ଶତାବ୍ଦୀ ଶତାବ୍ଦୀ ଲାଗି ଏହି ବେଳଟି ଆସିବ ବୋଲି ଅପେକ୍ଷା କରି ରହିଛି । ସେହି ବେଳ ଆସି ପହଞ୍ଚି ଗଲାଣି, ମାତ୍ର ତାହା ଅତ୍ୟନ୍ତ କଷ୍ଟକର ହୋଇ ରହିଛି ।

ମୁଁ ତୁମମାନଙ୍କୁ କେବେହେଲେ କହିବି ନାହିଁ ଯେ ଆମେ କେବଳ ଆରାମ ଓ ଉପଭୋଗ କରିବାକୁହିଁ ଏହି ପୃଥିବୀରେ ବିଦ୍ୟମାନ ରହିଛୁ । ବର୍ତ୍ତମାନ ସେଥିଲାଗି ଆଦୌ କୌଣସି ସମୟ ନାହିଁ । ଆମେ ଏଠାରେ... ନୂତନ ସୃଷ୍ଟି ସକାଶେ ମାର୍ଗଟିକୁ ପ୍ରସ୍ତୁତ କରି ଆଣିବାକୁହିଁ ରହିଛୁ ।

ଶରୀରର କେତେକ ଅସୁବିଧା ରହିଛି ଏବଂ ତେଣୁ ମୁଁ ସକ୍ରିୟ ହୋଇ ପାରୁ ନାହିଁ । ତାହା ବଡ଼ ଦୁଃଖର କଥା । ମୁଁ ବୃଦ୍ଧା ହୋଇଗଲିଣି ବୋଲି ଯେ ତାହା ହେଉଛି, ସେକଥା ମୋଟେ ନୁହେଁ । ମୁଁ ମୋଟେ ବୃଦ୍ଧା ହୋଇ ନାହିଁ, ମୋଟେ ବୃଦ୍ଧା ହୋଇ ନାହିଁ । ତୁମ ଅଧିକାଂଶଙ୍କ ଅପେକ୍ଷା ଅଧିକ ତରୁଣ ହୋଇ ରହିଛି । ମୁଁ ଯେ ଅସମର୍ଥ ହୋଇପଡ଼ିଛି, ତାହାର କାରଣ ହେଉଛି, ଶରୀର ଆପଣାକୁ ଅତ୍ୟନ୍ତ ସୁନିର୍ଦ୍ଦିଷ୍ଟ ଭାବରେ ରୂପାନ୍ତରକ୍ରିୟାର ପ୍ରସ୍ତୁତି ଲାଗି ସମର୍ପିତ କରି ରଖିଛି । ମାତ୍ର ଚେତନା ଅତ୍ୟନ୍ତ ପରିଷ୍କାର ରହିଛି, ଏବଂ ଏଠାରେ ଆମେ ସମସ୍ତେ କାର୍ଯ୍ୟ କରିବାକୁହିଁ ରହିଛୁ । ବିଶ୍ରାମ ଏବଂ ଉପଭୋଗ ପରେ ହେବ । ଆମେ ଏଠାରେ ଆଗ ଆମର କାର୍ଯ୍ୟ କରିଯିବା ।

ତେଣୁ ତୁମମାନଙ୍କୁ ସେହିକଥା କହିବାକୁହିଁ ମୁଁ ତୁମକୁ ଡକାଇ ପଠାଇଥିଲି । ଯାହା ପାରୁଛ, କାର୍ଯ୍ୟର ଦାୟିତ୍ୱ ଗ୍ରହଣ କର; ଯାହା ପାରୁଛ କର; ମୋ'ର ସହାୟତା ତୁମ ସହିତ ଅବଶ୍ୟ ରହିବ । ଆନ୍ତରିକତା ସହିତ କରା ଯାଉଥିବା ପ୍ରତ୍ୟେକ ଉଦ୍ୟମକୁ ଯଥାସମ୍ଭବ ଅଧିକ ପରିମାଣରେ ସହାୟତା ଦିଆଯିବ ।

ବର୍ତ୍ତମାନ ହେଉଛି ବୀରୋଚିତ କାର୍ଯ୍ୟମାନ କରିବାର ବେଳ ।

ବୀରତା କହିଲେ ସାଧାରଣତଃ ଯାହା ବୁଝା ଯାଇଥାଏ, ବୀରତା ମୋଟେ ସେକଥା ନୁହେଁ : ବୀରତା ହେଉଛି ସମ୍ପୂର୍ଣ୍ଣ ଭାବରେ ଏକୀକୃତ ହୋଇଯିବା,– ଏବଂ ଯେଉଁମାନେ ସକଳ ଆନ୍ତରିକତା ସହିତ ବୀରୋଚିତ କାର୍ଯ୍ୟମାନ କରିବା ଲାଗି ସଂକଳ୍ପ ଗ୍ରହଣ କରିଛନ୍ତି, ଦିବ୍ୟ ପରମସତ୍ତାଙ୍କର ସାହାଯ୍ୟ ସେମାନଙ୍କ ଲାଗି ସର୍ବଦା ରହିଥିବ । ବାସ୍ !

ତୁମେ ଏହି ମୁହୂର୍ତ୍ତରେ ଏଠାରେ, ଅର୍ଥାତ୍ ଏହି ପୃଥିବୀରେ ଅଛ, କାରଣ ତୁମେ

ଏକଦା ଏହିପରି ଭାବରେହିଁ ଆପଣା ଲାଗି ନିର୍ବାଚନ କରିଥିଲ — ତୁମର ଆଉ ସେକଥା ମୋଟେ ସ୍ମରଣ ନାହିଁ ସତ, ମାତ୍ର ମୁଁ ସେକଥାଟିକୁ ଜାଣିଛି । — ସେହି କାରଣରୁହିଁ ତୁମେ ଏଠାରେ ରହିଛ । ତେଣୁ ତୁମକୁ ସେହି କାର୍ଯ୍ୟଟି ଅନୁସାରେ ଅନୁରୂପ ଉଚ୍ଚତାଟିକୁ ଉଠିଯିବାକୁ ପଡ଼ିବ । ଉଦ୍ୟମ କରିବାକୁ ହେବ, ସକଳ ଦୁର୍ବଳତା ଏବଂ ଅକ୍ଷମତା ଉପରେ ବିଜୟ ହାସଲ କରିବାକୁ ହେବ । ସର୍ବୋପରି ଆପଣାର ଅହଂ ପାଖରେ ଯାଇ କହିବାକୁ ହେବ : ''ଏଥର ତୋର ସମୟ ସରିଗଲାଣି ।'' ଆମେ ଏପରି ଏକ ମନୁଷ୍ୟଜାତିର ଆବିର୍ଭାବ ଇଚ୍ଛା କରୁଛୁ, ଯାହାର କି କୌଣସି ଅହଂ ନ ଥିବ ଏବଂ ଅହଂର ସ୍ଥାନରେ ଦିବ୍ୟ ପରମଚେତନାହିଁ ତା' ଭିତରେ ପ୍ରତିଷ୍ଠିତ ହୋଇ ରହିଥିବ । ଆମେ ଯାହା ଚାହୁଁଛୁ, ସେକଥାଟି ହେଉଛି : ସେହି ଦିବ୍ୟ ପରମଚେତନା ଯାହାକି ମନୁଷ୍ୟଜାତିକୁ ସ୍ୱୟଂ ବିକଶିତ ହେବା ଲାଗି ବାଟ ଛାଡ଼ିଦେବ ଏବଂ ଅତିମାନସ ସତ୍ତାର ଜନ୍ମ ଲାଗି କ୍ଷେତ୍ର ପ୍ରସ୍ତୁତ କରି ଆଣିବ ।

ମୁଁ ବାନ୍ଧି ହୋଇ ପଡ଼ିଥିବାରୁହିଁ ଏଠାରେ ରହିଛି ବୋଲି ଯଦି ତୁମେମାନେ ବିଶ୍ୱାସ କରୁଥାଅ, ତେବେ ସେହି ବିଶ୍ୱାସ ମୋଟେ ଠିକ୍ ନୁହେଁ । ମୁଁ ମୋଟେ ବାନ୍ଧି ହୋଇ ରହି ନାହିଁ, ମୁଁ ଅଛି, କାରଣ ମୋ'ର ଶରୀର ରୂପାନ୍ତରକ୍ରିୟାର ସର୍ବପ୍ରଥମ ପ୍ରଚେଷ୍ଟାଟି ଲାଗି ଉତ୍ସର୍ଗୀକୃତ ହୋଇ ରହିଛି । ଶ୍ରୀଅରବିନ୍ଦ ମୋତେ ଏହିପରି କହି ଯାଇଛନ୍ତି । ଏବଂ ମୁଁ ବର୍ତ୍ତମାନ ସେହି କାର୍ଯ୍ୟଟିକୁ କରୁଛି । ସେହି କାର୍ଯ୍ୟଟିକୁ ମୋ ସକାଶେ ଆଉକେହି କରୁ ବୋଲି ମୁଁ ମୋଟେ ଇଚ୍ଛା କରୁ ନାହିଁ କାରଣ... ସେହି କାର୍ଯ୍ୟଟି ଆଦୌ ଏକ ସୁଖକର କାର୍ଯ୍ୟ ନୁହେଁ । ମାତ୍ର ତଦ୍ୱାରା ଯେଉଁ ଫଳ ଫଳିବ, ସେଇଥି ସକାଶେ ମୁଁ ସମ୍ପୂର୍ଣ୍ଣ ସମ୍ମତି ସହିତହିଁ ସେହି କାର୍ଯ୍ୟକୁ କରୁଛି । ସେଥିରୁ ସମସ୍ତେ ଉପକୃତ ଓ ଲାଭବାନ୍ ହେବେ । ମୁଁ ତୁମମାନଙ୍କ ଠାରୁ କେବଳ ଗୋଟିଏ ଭିକ୍ଷା କରୁଛି : ତୁମେମାନେ ମୋଟେ ନିଜର ଅହଂର କଥାକୁ ଶୁଣିବ ନାହିଁ ।

ତୁମମାନଙ୍କ ହୃଦୟ ଭିତରେ ଯଦି କେଉଁଠି ନିଷ୍ଠାଯୁକ୍ତ 'ହଁ'ଟିଏ ରହିଥାଏ, ତେବେ ତୁମେମାନେ ତାହାରି ଦ୍ୱାରାହିଁ ମୋତେ ସନ୍ତୋଷ ଆଣି ଦେଇପାରିବ । ମୋ'ର ଶବ୍ଦରେ କୌଣସି ଲୋଡ଼ା ନାହିଁ, ମୁଁ ତୁମମାନଙ୍କ ହୃଦୟର ସେହି ନିଷ୍ଠାଯୁକ୍ତ ଆନୁଗତ୍ୟଟିକୁହିଁ ଆବଶ୍ୟକ କରୁଛି । ବାସ୍, ସେତିକି ।

## ୧୨ ଏପ୍ରିଲ୍ ୧୯୭୨

ମାଆ ଶିଷ୍ୟଙ୍କ ହାତକୁ ଗୋଟିଏ କାର୍ଡ଼ ବଢ଼ାଇଦେଲେ ଯେଉଁଥିରେ କି ତାଙ୍କର ଫଟୋ ଓ ନିମ୍ନଲିଖିତ ବାଣୀଟି ମୁଦ୍ରିତ ହୋଇଥିଲା :

> *''ମାନବୀୟ କୌଣସି ଇଚ୍ଛା ଦିବ୍ୟ ପରମସତ୍ତାଙ୍କ ଇଚ୍ଛା ବିରୋଧରେ ତିଷ୍ଠି ରହି ପାରିବ ନାହିଁ ।*
>
> *''ତେଣୁ ଆମେ ସମସ୍ତେ ସ୍ୱେଚ୍ଛାପ୍ରେରିତ ଏବଂ ଐକାନ୍ତିକ ଭାବରେ ଆପଣାକୁ ସେହି ଦିବ୍ୟ ପରମସତ୍ତାଙ୍କ ପକ୍ଷରେହିଁ ନିୟୋଜିତ କରି ରଖିବା ଏବଂ ତା'ହେଲେ ଶେଷରେ ବିଜୟ ସୁନିଶ୍ଚିତ ଭାବରେ ଆମର ହୋଇ ରହିବ ।''*
>
> *— ମାଆ*

ମଣିଷର ପ୍ରକୃତି ଯେ ତାହାର ବିରୋଧ କରିବାକୁ ବାହାରେ, ତାହା ପ୍ରକୃତରେ ଏକ ବିଚିତ୍ର କଥା । ସାଧାରଣ ମନୁଷ୍ୟପ୍ରକୃତି ଏପରି ଭାବରେ ଗଢ଼ାହୋଇଛି ଯେ ତାହା ଆପଣାର ଇଚ୍ଛାଗୁଡ଼ାକୁ ଚରିତାର୍ଥ କରି ପରାଜୟ ସ୍ୱୀକାର କରିବାକୁ ସମ୍ମତ ହୁଏ ପଛକେ, ମାତ୍ର ଏକ ଅନ୍ୟ ବାଟରେ ଯାଇ ବିଜୟ ଲାଭ କରିବାକୁ ତଥାପି ଇଚ୍ଛା କରେ ନାହିଁ । ମୁଁ ବର୍ତ୍ତମାନ କେତେ କେତେ ବସ୍ତୁର ଆବିଷ୍କାର କରୁଛି... ଅବିଶ୍ୱାସ୍ୟ — ପ୍ରକୃତରେ ଅବିଶ୍ୱାସ୍ୟ ।

ମନୁଷ୍ୟର ନିର୍ବୋଧତା ଯେ କେତେ ଗଭୀରକୁ ଭେଦି କରି ରହିଛି, ତାହା ଅବିଶ୍ୱାସ୍ୟ । ପ୍ରକୃତରେ ଅବିଶ୍ୱାସ୍ୟ ।

ମୁଁ ଯେଉଁ ବୃହତ୍ ଶକ୍ତି* ବିଷୟରେ କହିଛି ସେଇଟି ମଧ୍ୟ ସତେଅବା ଏହିପରି ଭାବରେ (*ଏକ ଅବିଚଳିତ ଅବତରଣର ଇଙ୍ଗିତ*) ଅଧିକରୁ ଅଧିକ ଗଭୀରକୁ ଅବତରଣ କରିବାରେ ଲାଗିଛି, ଅବଚେତନ ଭୂମିଟି ଆଡ଼କୁ ଗତି କରିବାରେ ଲାଗିଛି ।

ଅବଚେତନର ଭୂମିରେ କେତେ ନା କେତେ ଅବିଶ୍ୱସନୀୟ ବସ୍ତୁ ବିଦ୍ୟମାନ ରହିଛି । ସେସବୁ ପ୍ରତ୍ୟକ୍ଷ କରିବାରେ ମୋ'ର ରାତି ରାତି ବ୍ୟତୀତ ହୋଇ ଯାଉଛି । ଏବଂ, ସେହି ବୃହତ୍ ଶକ୍ତିଟି **ଅବାରିତ ଭାବରେ** ତଳକୁ ତଳକୁ ଯିବାରେ ଲାଗିଛି ।

ଏବଂ ସେତିକିବେଳେ ମନୁଷ୍ୟ ଭିତରେ ରହିଥିବା ଅବଚେତନ ଚିତ୍କାର କରି କହୁଛି, ''ନାଇଁ, ନାଇଁ — ବର୍ତ୍ତମାନ ସମୟ ଆସି ନାହିଁ — ସମୟ ଆସି ନାହିଁ,— ଏକଥା

* ୨୧ ଫେବ୍ରୁଆରି, ୧୯୭୨ ର ଅବତରଣ (''ଅଭିଳକ୍ଷିତ ଅଗ୍ରଗତିଟିକୁ ସମ୍ଭବ କରିବା ଲାଗି ଏକ ଭୟଙ୍କର ବିରାଟ ଚାପ'') ।

ମୋଟେ ଏଡ଼େ ଶୀଘ୍ର ହୋଇ ପାରିବ ନାହିଁ !'' ଏବଂ ଆମକୁ ତାହାରି ବିରୋଧରେହିଁ ସଂଗ୍ରାମ କରିବାକୁ ପଡ଼ିବ । ଏହି ସାଧାରଣ ଅବଚେତନଟି ବିରୋଧରେ ।

ଏବଂ, ଏଥିରେ କୌଣସି ସନ୍ଦେହ ନାହିଁ ଯେ, ସେହି ପ୍ରତିରୋଧରୁହିଁ ନାନା ବିପର୍ଯ୍ୟୟ ନିଷ୍ପନ୍ନ ହୋଇ ଆସୁଛି; ମାତ୍ର ସେତେବେଳେ ଜଣେ କହୁଛି, ''ଦେଖିଲ ତ, ଦେଖିଲ ତ ତୁମର କାର୍ଯ୍ୟ ପ୍ରକୃତରେ କେଡ଼େ ଉପକାରୀ ପରି କାର୍ଯ୍ୟ କରୁଛି ! ତାହାରି ଫଳରେ ଏହିସବୁ ବିପର୍ଯ୍ୟୟ ଆସି ପହଞ୍ଚୁଛି ।'' ଅବିଶ୍ୱାସ୍ୟ,– ପ୍ରକୃତରେ ଏକ ଅବିଶ୍ୱାସ୍ୟ ନିର୍ବୋଧତା ।

ଆମକୁ ଅବିଚଳିତ ଭାବରେ ସେହି ଦିବ୍ୟ ପରମସତ୍ତାଙ୍କୁହିଁ ଅବଲମ୍ବନ କରି ରହିବାକୁ ପଡ଼ିବ ।

ତୁମେ କ'ଣ କିଛି ଦେଖିପାରୁ ନାହଁ ? ତାହା ନିଜ ସକାଶେ କ'ଣ ତା'ପାଖରେ ଆଦୌ କୌଣସି ଉତ୍ତମ କାରଣ ମୋଟେ ନାହିଁ ? ସିଏ କହୁଛି, ''ତୁମେ କେବଳ ଦେଖ ଏହା ତୁମକୁ କେଉଁଠାକୁ ପରିଚାଳିତ କରି ନେଇଯାଉଛି''... ଓଃ, ଏହାକୁ କେବଳ ଏକ ପ୍ରତିରୋଧ ବୋଲି ବି କୁହାଯିବ ନାହିଁ, ଏହା ହେଉଛି ଏକ ବିକୃତି ।

ହଁ ।

ଏହା ଏକ ବିକୃତି ।

*ହଁ ମାଆ, ମୁଁ ଅତ୍ୟନ୍ତ ସ୍ପଷ୍ଟ ଭାବରେ ସେହି କଥାଟିକୁ ଦେଖିପାରୁଛି । ଏହା ଯେ ପ୍ରକୃତରେ ଏକ ବିକୃତି ମୁଁ ତାହା ସ୍ପଷ୍ଟଭାବରେ ଦେଖିପାରୁଛି ।*

ଏହା ପ୍ରକୃତରେ ଗୋଟାଏ ବିକୃତି ।

*ମାତ୍ର ଏପରି ଅନୁଭବ ହେଉଛି ଯେ, ଭିତରେ ଏପରି ଗୋଟିଏ ବସ୍ତୁ ରହିଛି, ଯାହାକି ଆଦୌ କିଛିହେଲେ ମାନୁ ନାହିଁ ।*

ନାଇଁ, ନାଇଁ, କେବଳ... ଶୁଣିବାର ସାମର୍ଥ୍ୟ ନ ଥିଲେ ତାହା ହୁଏତ ଏକ ଅଧିକ ଭଲ କଥା ହୋଇଥା'ନ୍ତା; ମାତ୍ର ଯଦି ତୁମେ ପ୍ରକୃତରେ ଶୁଣୁଥିବ ତେବେ ତୁମେ କେବଳ ଉତ୍ତରରେ ସର୍ବଦା ଏତିକି ମାତ୍ର କହିବ, ''ମୁଁ ସେଗୁଡ଼ାକ ବିଷୟରେ ଆଦୌ କିଛି ଖାତିରି କରେ ନାହିଁ, ଆଦୌ କିଛିହେଲେ ଖାତିର କରେ ନାହିଁ'', ''ତେବେ ତୁମେ ଗୋଟାଏ ନିର୍ବୋଧ ବ୍ୟକ୍ତି ହୋଇ ରହିଯିବ ।''– ''ମୁଁ ସେଥିଲାଗି ମୋଟେ କୌଣସି ଖାତିରି କରେ ନାହିଁ ।'' ''ଏହାଦ୍ୱାରା ତୁମର ଯାବତୀୟ କାର୍ଯ୍ୟ କେବଳ ନଷ୍ଟହିଁ

ହୋଇଯିବ ।''– ''ମୁଁ କିଛି ଖାତିର କରେ ନାହିଁ''... ଏହି ଯାବତୀୟ ବିକୃତ ଯୁକ୍ତିକୁ ତୁମେ କେବଳ ଗୋଟିଏ ଉତ୍ତରହିଁ ଦେଉଥିବ, କେବଳ ''ମୁଁ କିଛି ଖାତିର କରେ ନାହିଁ'' ବୋଲି କହୁଥିବ ।

କେବଳ ସେହି ଦିବ୍ୟ ପରମସତ୍ତାହିଁ ସବୁ କରୁଛନ୍ତି ବୋଲି ତୁମର ଏକ ଅନୁଭୂତି ହୋଇଯିବ, ତେବେ ତୁମେ ଏକ ଅବିଚଳ ବିଶ୍ୱାସର ସହିତ ଏକଥା କହିପାରିବ, ''ତୁମର ଯାବତୀୟ ଯୁକ୍ତିର ଆଦୌ କୌଣସି ମୂଲ୍ୟ ନାହିଁ; ଦିବ୍ୟ ପରମସତ୍ତାଙ୍କ ସହିତ ଜୀବନ ବଞ୍ଚିବା ଓ ତାଙ୍କରି ବିଷୟରେ ସଚେତନ ହୋଇ ରହିବାର ଯେଉଁ ଆନନ୍ଦ,– ଆଉ କିଛିହେଲେ କଦାପି ତାହାର ସମକକ୍ଷ ହେବ ନାହିଁ । ତାହା ଏହି ସୃଷ୍ଟିଠାରୁ ଅଧିକ, ଜୀବନଠାରୁ ଅଧିକ, ସକଳ ସୁଖଠାରୁ ଅଧିକ, ସବୁ ସଫଳତାଠାରୁ ଅଧିକ, ସବୁକିଛିରୁ ଅଧିକ ।'' (*ମାଆ ଗୋଟିଏ ଆଙ୍ଗୁଠିକୁ ଉପରକୁ ଉଠାଇ ଦେଖାଇଲେ*) ଠିକ୍ ସେହିପରି !

ତା'ପରେ ସବୁକିଛି ଠିକ୍ ହୋଇଯିବ, ତା'ପରେ ସେଇଟିର ଅବଶ୍ୟ ଅବସାନ ଘଟିବ ।

ଏହା ଏପରି ହେବ, ସତେଯେପରି ସେହି ପରମ ବସ୍ତୁଟି ଆଲୋକ ଭିତରକୁ ଆମକୁ ଠେଲି ଠେଲି ନେଇଯିବାରେ ଲାଗିଛି, ଆଲୋକ ଭିତରକୁ ଠେଲିକରି ନେଇଯାଉଛି; ଆମର ସ୍ୱଭାବ ଭିତରେ ଯାହାକିଛି ମନ୍ଦରୁ ମନ୍ଦ ହୋଇ ରହିଛି, ତାହାକୁ ସେହି ବୃହତ୍ ଶକ୍ତିର ସଂସ୍ପର୍ଶ ମଧ୍ୟକୁ ବହନ କରି ନେଇଯାଉଛି... ଯେପରିକି ତାହାର ବିଲୁପ୍ତି ଘଟିବ, ସେଇଥିଲାଗି ତାହାକୁ ବହନ କରି ନେଇଯାଉଛି ।

ଏବଂ, ଆମ ଭିତରେ ଯାହାକିଛି ସଦିଚ୍ଛାସମ୍ପନ୍ନ ହୋଇ ରହିଥିଲା, ସେହି ପରମ ବସ୍ତୁ ତାହାକୁ କେବେହେଲେ ଛାଡ଼ି ଯାଉ ନାହିଁ ।

ଏପରି ଗୋଟିଏ ମୁହୂର୍ତ୍ତ ଆସି ପହଞ୍ଚୁଛି, ଯାହାକୁ କି ସଂପୂର୍ଣ୍ଣ ଅଦ୍ଭୁତ ବୋଲି କୁହାଯାଇ ପାରିବ; ମାତ୍ର ତୁମକୁ ଏହିପରି କେତେକେତେ ଘଣ୍ଟା ଅତିବାହିତ କରିବାକୁ ପଡ଼ିବ, ଯାହାକି ଆଦୌ ପ୍ରୀତିକର ନୁହେଁ ।

*ହଁ, ଠିକ୍ କଥା । ଏପରି ଗୋଟିଏ ଗୋଟିଏ ସମୟ ଆସେ, ଯେତେବେଳେ କି ଏହି ସବୁକିଛିକୁ ସତେଅବା ଆମ ପାଖରୁ କିଏ ଆସି ଉଡ଼ାଇ ନେଇଯିବ ବୋଲି ନିଜକୁ ପଚାରିବାକୁ ମନ ହୋଇଥାଏ ।*

(*ମାଆ ହସିଲେ*) ତାହା ଆଦୌ ସମ୍ଭବ ନୁହେଁ, ଆଦୌ ସମ୍ଭବ ନୁହେଁ । ପ୍ରତିରୋଧଟାକୁହିଁ ଦିନେ ପ୍ରକୃତରେ ଉଡ଼ାଇ ନିଆଯିବ ।

ମାତ୍ର...

(*ମାଆ ଅନ୍ତଃପ୍ରବିଷ୍ଟ ହୋଇ ରହିଲେ*)

ମୋ'ର ଅଧିକରୁ ଅଧିକ ପରିମାଣରେ ଏହି ଅନୁଭୂତିଟି ହେବାରେ ଲାଗିଛି ଯେ ବାଟ କେବଳ ଗୋଟିଏ ମାତ୍ର ରହିଛି... (*ମାଆ ହସିଲେ*) ଏହା ପ୍ରକୃତରେ ଏକ କଉତୁକିଆ ଚିତ୍ରଟିଏ ଆଣି ଆଗରେ ରଖିଦେଉଛି : ଆମକୁ ମନ ଉପରେ ଯାଇ ବସିବାକୁ ହେବ, ମନ ଉପରେ ଯାଇ ବସିବାକୁ ହେବ : ''ଚୁପ୍ ହୋଇ ରହ''– ତାହାହିଁ ଏକମାତ୍ର ମାର୍ଗ ।

ତୁମକୁ ମନ ଉପରେ ଯାଇ ବସିବାକୁ ପଡ଼ିବ (*ମାଆ ଆଙ୍ଗୁଠିରେ ଖଡ଼ କରି ଶବ୍ଦ କଲେ*) : ''ଚୁପ୍ ହୋଇ ରହ'' ।

(*ମାଆ ନୀରବ ରହିଲେ*)

ଅବଚେତନ ମଧ୍ୟରେ ଅତୀତର କେତେକେତେ ପ୍ରଳୟର ସ୍ମୃତି ଜମା ହୋଇ ରହିଛି; ଅର୍ଥାତ୍, ଏହି ସ୍ମୃତିଟାହିଁ ସର୍ବଦା ଏହିପରି ଏକ ଅନୁଭୂତି ଆଣି ଦେବାରେ ଲାଗିଛି ଯେ, ସବୁକିଛି ଭାଙ୍ଗି ଚୂନା ହୋଇଯିବ, ସବୁକିଛି ଭୁଶୁଡ଼ି ପଡ଼ିବ ।

ମାତ୍ର, ଯଦି ଆମେ ଯଥାର୍ଥ ଆଲୋକଟିର ସାହାଯ୍ୟରେ ଦେଖିବାକୁ ସମର୍ଥ ହେବା, ତେବେ କେବଳ ଏହି ରୂପାୟନଟି ଭାଙ୍ଗି ନଷ୍ଟ ହୋଇଯିବ ଓ ଏକ ଅଧିକ ସୁନ୍ଦର ରୂପାୟନ ତାହାର ସ୍ଥାନରେ ପ୍ରତିଷ୍ଠିତ ହେବ ବୋଲି ଜାଣିବାକୁ ପାଇବା । ତେଅଁ ମୋତେ କହିଥିଲେ ଯେ ଏଇଟି ହେଉଛି ସପ୍ତମ ପ୍ରଳୟ ଏବଂ ଶେଷ ପ୍ରଳୟ । ତେଅଁଙ୍କର ଏହି କଥାଟିକୁ ମୁଁ ଶ୍ରୀଅରବିନ୍ଦଙ୍କୁ ମଧ୍ୟ କହିଥିଲି ଏବଂ ସିଏ ମଧ୍ୟ ସେଥିରେ ସମ୍ମତ ହେଲେ । କାରଣ ସେ କହିଥିଲେ : ଏଇଟି ସେହି ଅତିମାନସ ଆଡ଼କୁ ରୂପାନ୍ତରର ପ୍ରକ୍ରିୟାଟିକୁ ଅବଶ୍ୟ ଦେଖିବାକୁ ପାଇବ । ମାତ୍ର ସେଥି ସକାଶେ, ସେହି ଅତିମାନସ ସକାଶେ ମନକୁ ଏକାବେଳେକେ **ନୀରବ ହୋଇଯିବାକୁ ପଡ଼ିବ ।** ଏବଂ, ତାହାହିଁ ମୋତେ ସତତ ଏହି ଅନୁଭୂତିଟି ଦେଇଯାଏ ଯେ (*ମାଆ ହସିଲେ*), ସତେଅବା ଗୋଟିଏ ସାନପିଲା ଯାଇ ମୁଣ୍ଡ ଉପରେ ବସିଛି ଓ ସେଠାରେ ଖେଳିବାରେ ଲାଗିଛି (*ଗୋଟିଏ ପିଲା ଗୋଡ଼ ବାଡ଼େଇ ଖେଳୁଥିବାର ଇଙ୍ଗିତ*) ସେଇ ମୁଣ୍ଡ ଉପରେ ବସି ଖେଳୁଛି । ଯଦି ମୁଁ ତାହାର ତଥାପି ଏକ ଛବି ଆଙ୍କିଦେଇ ପାରନ୍ତି, ତେବେ ତାହା ଭାରି ମଜାର କଥା ହୁଅନ୍ତା । ମନ — ସମତଳ ହୋଇ ପଡ଼ିଥିବା ଏହି ପାର୍ଥିବ ମନ (*ମାଆ ନିଜ ଗାଲ ଦୁଇଟାକୁ ଫୁଲାଇ ଦେଖାଇଲେ*), ଯିଏକି ଆପଣାକୁ କେଡ଼େ ନା କେଡ଼େ ମହତ୍ତ୍ୱପୂର୍ଣ୍ଣ ଏବଂ ଅପରିହାର୍ଯ୍ୟ

ବୋଲି ଭାବୁଛି,– ଏବଂ ଏହି ସାନ ପିଲାଟି ସେହି ମନର ଉପରେ ବସି ଖେଳିବାରେ ଲାଗିଛି । ଭାରି ମଜାର ଦୃଶ୍ୟଟିଏ !

ଅସଲ କଥା ହେଉଛି, ଆମ ଭିତରେ ଆଦୌ ବିଶ୍ୱାସ ନାହିଁ । ଏବଂ, ବିଶ୍ୱାସ ହେବାକୁ ଆରମ୍ଭ କରିବା ମାତ୍ରକେ... ଆମେ କହୁଛୁ : ''ଆମର ଦିବ୍ୟ ଜୀବନ ଦରକାର''– ତଥାପି ଆମେ ତାହାକୁ ଅତ୍ୟନ୍ତ ଭୟ କରୁଛୁ ! ମାତ୍ର ସେହି ଭୟଟି ଚାଲିଯିବା ସଙ୍ଗେ ସଙ୍ଗେ ଓ ଆମେ ନିଷ୍ଠାଯୁକ୍ତ ହେବାକୁ ଆରମ୍ଭ କରିବା ସଙ୍ଗେ ସଙ୍ଗେ... ସବୁକିଛି ଯଥାର୍ଥ ଭାବରେହିଁ ବଦଳି ଯାଉଛି ।

ଆମେ କହୁଛୁ, ''ଆମର ଏହି ଜୀବନ ଆଉ ମୋଟେ ଦରକାର ନାହିଁ'', ଏବଂ (*ମାଆ ହସିଲେ*) ତଥାପି ଆମ ଭିତରେ ଏପରି କିଛି ରହିଛି, ଯାହାକି ତାକୁ ଗୋଟାସୁଦ୍ଧା ଜାବୁଡ଼ି କରି ଧରିଛି ।

ଏହା କେଡ଼େ ହାସ୍ୟାସ୍ପଦ କଥା ।

ଆମେ ଆମର ପୁରାତନ ଧାରଣାଗୁଡ଼ାକୁ କାମୁଡ଼ି କରି ରହିଛୁ, ଆମର ପୁରାତନ... ଯେଉଁ ପୁରୁଣା ପୃଥିବୀଟାକୁ ଚାଲିଯିବାକୁହିଁ ହେବ, ସେଇଟାକୁହିଁ ଜାବୁଡ଼ି ରହିଛୁ – ଏବଂ ଭାରି ଭୀତ ହୋଇ ରହିଛୁ !

ଏବଂ ସେହି ଦିବ୍ୟ ଶିଶୁଟି ମୁଣ୍ଡଟାର ଉପରେ ଯାଇ ବସିଛି ଓ ଖେଳିବାରେ ଲାଗିଛି !... ମୁଁ ଏହାର ଏକ ଚିତ୍ର ଆଙ୍କି ଦେଖାଇ ଦେଇ ପାରନ୍ତି କି ! ତାହା ଏକ ଅଦ୍ଭୁତ ଚିତ୍ର ହୁଅନ୍ତା ।

ଆମେସବୁ ଏତେ ନିର୍ବୋଧ ଯେ, ଆମେ ଏକଥା ମଧ୍ୟ କହିବାକୁ ଆସୁଛୁ (*ମାଆ ଏକ ଆହତ ସମ୍ମାନର ସ୍ୱରରେ କହିବାକୁ ଲାଗିଲେ*) : ''ଦିବ୍ୟ ପରମସତ୍ତା ପ୍ରକୃତରେ ଭୁଲ୍ କରୁଛନ୍ତି । ତାଙ୍କର ସେପରି କରିବା ମୋଟେ ଉଚିତ ନୁହେଁ ।'' ଭାରି ମଜାର କଥା, ନୁହେଁ ?

(*ମାଆ ନୀରବ ରହିଲେ*)

ମୋ'ଲାଗି ସବୁଠାରୁ ଭଲ ଉପାୟଟି ହେଉଛି (ଅର୍ଥାତ୍, ସବୁଠାରୁ ସହଜ) : ''ହେ ପ୍ରଭୁ, କେବଳ ଆପଣ ଯାହା ଇଚ୍ଛା କରିବେ, କେବଳ ଆପଣ ଯାହା ଇଚ୍ଛା କରିବେ ।''– ସକଳ ନିଷ୍ଠାର ସହିତ କେବଳ ଏତିକି କରିବାକୁ ହେବ । ଏବଂ ତା'ପରେ – ତା'ପରେ ଯଥାର୍ଥ ବୋଧଟି ଆସିବ । ତା'ପରେ ତୁମେ ବୁଝିପାରିବ । ମାତ୍ର ମନର ଭୂମିରେ ତୁମେ ମୋଟେ କିଛି ବୁଝି ପାରିବ ନାହିଁ । ସେଠାରେ (*ମାଆ ନିଜର ମୁଣ୍ଡକୁ ଛୁଇଁ ଦେଖାଇଲେ*) କିଛି ବୁଝିପାରିବ ନାହିଁ ।

''ହେ ପ୍ରଭୁ, କେବଳ ଆପଣ ଯାହା ଇଚ୍ଛା କରିବେ ।''

## ୬ ମଇ ୧୯୭୨

ମାଆ ‘‘ଅନ୍ତରାବଲୋକନ କରୁଥିଲେ’’ ।

*ଆପଣ କିଛି ଦେଖି ପାରୁଛନ୍ତି କି ?*

(*ମାଆ ନୀରବ ରହିଲେ*)

ମୁଁ ଭାବୁଛି, ମୁଁ ତୁମକୁ ଆଗରୁ କେବେ କହିଛି ଯେ, ସତେଯେପରି ଏକ ସୁବର୍ଣ୍ଣମୟ ବୃହତ୍‌ଶକ୍ତି ତଳକୁ ଆସିବା ଲାଗି ଚାପ ଦେବାରେ ଲାଗିଛି (*ଚାପ ଦେବାର ଇଙ୍ଗିତ*) । ତାହାର ଆଦୌ କୌଣସି ଭୌତିକ ସଙ୍ଗତି ନାହିଁ ଓ ତାହା ତଥାପି ଅତିରିକ୍ତ ପରିମାଣରେ ଭାରି ହୋଇ ରହିଥିବା ପରି ମନେ ହେଉଛି ।...

*ହଁ, ହଁ ।*

...ଏବଂ ଯାହାକି ଏହି ଜଡ଼ ଉପରେ ଚାପ ଦେବାରେ ଲାଗିଛି । ଜଡ଼ ଯେପରି **ଅନ୍ତର୍ଗତ ଭାବରେ** ଦିବ୍ୟ ପରମସତ୍ତାଙ୍କ ଆଡ଼କୁ ଗତି କରିବା ଲାଗି ବାଧ ହେବ, ତାହା ସେଇଥିଲାଗି ଚାପ ଦେବାରେ ଲାଗିଛି । ବାହାରକୁ ଖସି କୁଆଡ଼େ ଚାଲିଯିବ ନାହିଁ (*ଊର୍ଦ୍ଧ୍ୱ ଆଡ଼କୁ ଇଙ୍ଗିତ*), ମାତ୍ର ଅନ୍ତର୍ଗତ ଭାବରେ ଦିବ୍ୟ ପରମସତ୍ତାଙ୍କ ଆଡ଼କୁ ଉନ୍ମୁଖ ହୋଇ ରହିବ । ତେଣୁ, ତାହାରି ଆପାତ ପରିଣାମ ସ୍ୱରୂପ ନାନା ବିପର୍ଯ୍ୟୟ ସତେଯେପରି ଅପରିହାର୍ଯ୍ୟ ହୋଇ ରହିଥିଲା । ଏବଂ ତଥାପି, ଅପରିହାର୍ଯ୍ୟ ବିପର୍ଯ୍ୟୟର ଏହି ଅବବୋଧଟି ସଙ୍ଗେସଙ୍ଗେ ସେହି କ୍ଷେତ୍ରରେ ଏହି ପରିସ୍ଥିତିଟିର ସମାଧାନଗୁଡ଼ିକ ମଧ୍ୟ ନିହିତ ହୋଇ ରହିଛି; ଯେଉଁ ଘଟଣାମାନ ଘଟୁଛି, ସେସବୁ ସମ୍ପୂର୍ଣ୍ଣ ଭାବରେ ସତେଅବା କୌଣସି କୁହୁକ ଦ୍ୱାରା ପ୍ରେରିତ ହୋଇହିଁ ଘଟୁଥିବା ପରି ମନେ ହେଉଛି । ସତେଅବା ଦୁଇଟିଯାକ ବିପରୀତ ପ୍ରାୟ ଆହୁରି ଅଧିକ ବିପରୀତ ହେବାରେ ଲାଗିଛନ୍ତି; ସତେଯେପରି ଯାହା ଭଲ, ତାହା ଅଧିକ ଭଲ ହେବାରେ ଲାଗିଛି ଓ ଯାହା ଖରାପ, ତାହା ଅଧିକ ଖରାପ ହେବାରେ ଲାଗିଛି । ଠିକ୍ ସେହିପରି ହେଉଛି । ପୃଥିବୀ ଉପରେ **ଚାପ** ଦେଉଥିବା ସେହି ଦୁର୍ଜେୟ ଶକ୍ତିଟି ସକାଶେ ଏପରି ହେଉଛି । ମୋ’ର ଠିକ୍ ସେହିପରି ଏକ ଧାରଣା ହୋଇଥିଲା ।

*ହଁ, ଏହା ବେଶ୍ ଅନୁଭବ କରି ହେଉଛି ।*

ହଁ, ତାହାକୁ ଏହିପରି (*ମାଆ ଶୂନ୍ୟରେ ଆଙ୍ଗୁଠି ବୁଲାଇ ଅନୁଭବ କରିବାର ଇଙ୍ଗିତ କଲେ*) ଅନୁଭବ କରି ହେଉଛି । ଏବଂ ଏଭଳି ଏକ ପରିସ୍ଥିତିରେ, ସାଧାରଣତଃ ପ୍ରାୟ ଉଦାସୀନ ଭାବରେ ଘଟୁଥିବା ଅନେକ କଥା ବଡ଼ ତୀବ୍ର ହୋଇ ଉଠୁଛି; ପରିସ୍ଥିତି ଓ ପାର୍ଥକ୍ୟମାନ ଭାରି ତୀବ୍ର ହୋଇ ଯାଉଛି; ଅସଦିଚ୍ଛାଗୁଡ଼ାକ ତୀବ୍ର ହେଉଛି; **ଏବଂ**, ଯୁଗପତ୍ ଭାବରେ, ଅସାଧାରଣ, ପ୍ରକୃତରେ ଅସାଧାରଣ ଅଲୌକିକ ଘଟଣାମାନ ବି ଘଟିବାରେ ଲାଗିଛି ! ଯେଉଁ ବ୍ୟକ୍ତିମାନେ ମରିବାକୁ ବସିଥିଲେ, ସେମାନଙ୍କର ଜୀବନରକ୍ଷା ହୋଇଯାଉଛି, ଯେଉଁ ବସ୍ତୁଗୁଡ଼ିକ ଅଲଘଂନୀୟ ପ୍ରାୟ ହୋଇ ରହିଥିଲେ, ସେଗୁଡ଼ିକ ମଧ୍ୟ ହଠାତ୍ ସାଧ୍ୟ ହୋଇ ପାରୁଛନ୍ତି ।

ଏବଂ, ବ୍ୟକ୍ତିମାନଙ୍କର ଜୀବନରେ ମଧ୍ୟ ଠିକ୍ ସେହିଭଳି ଘଟୁଛି ।

ଯେଉଁ ବ୍ୟକ୍ତିମାନେ ସେହି ଆଡ଼କୁ ଉନ୍ମୁଖ ହୋଇ ରହିବାର ମାର୍ଗଟିକୁ ଜାଣିଛନ୍ତି... (କିପରି କହିହେବ ?) ଯେଉଁମାନେ ନିଷ୍ଠାର ସହିତ ଦିବ୍ୟ ପରମସତ୍ତାଙ୍କର ଆବାହନ କରୁଛନ୍ତି ଓ ଯେଉଁମାନେ ତାହାକୁ ମୁକ୍ତିର ଏକମାତ୍ର ପଥ ଓ ନିଷ୍କୃତିର ଏକମାତ୍ର ଉପାୟ ବୋଲି ଅନୁଭବ କରୁଛନ୍ତି, ଏବଂ ଯେଉଁମାନେ ନିଷ୍ଠାର ସହିତ ଆପଣାକୁ ଦେଇ ପାରୁଛନ୍ତି, ତେବେ (*ଭିତରେ ପ୍ରବେଶ କରିବାର ଇଙ୍ଗିତ*) ଅଳ୍ପ କେତୋଟି ମୁହୂର୍ତ୍ତ ମଧ୍ୟରେହିଁ ସେମାନଙ୍କ ଲାଗି ସବୁ ଅଦ୍ଭୁତ ହୋଇଉଠୁଛି । କ୍ଷୁଦ୍ରତମ ବସ୍ତୁଗୁଡ଼ିକ ସକାଶେ ମଧ୍ୟ – ପ୍ରକୃତରେ କ୍ଷୁଦ୍ର ବା ବୃହତ୍ ଓ ମହତ୍ତ୍ୱପୂର୍ଣ୍ଣ ବା ମହତ୍ତ୍ୱହୀନ ବୋଲି ଆଦୌ କିଛି ନାହିଁ – ଏହା ସର୍ବଦା ଠିକ୍ ସେହିପରି ହୋଇ ରହିଛି ।

ମୂଲ୍ୟଗୁଡ଼ିକ ବଦଳି ଯାଉଛି ।

ସତେଯେପରି ଜଗତ ବିଷୟରେ ଆମର ଦୃଷ୍ଟିଟି ବଦଳି ଯାଉଛି ।

(*ମାଆ ନୀରବ ରହିଲେ*)

ସତେଯେପରି, ଅତିମାନସର ଅବତରଣ ଦ୍ୱାରା ପୃଥିବୀରେ ହେବାକୁ ଯାଉଥିବା ପରିବର୍ତ୍ତନଟି ବିଷୟରେ ଏକ ଧାରଣା ଦେବାକୁହିଁ ଏହା ଘଟୁଛି । ଯେଉଁସବୁ ବସ୍ତୁ ଏକାନ୍ତ ନିରପେକ୍ଷ ହୋଇ ରହିଥିଲେ, ସେଗୁଡ଼ିକ ଯଥାର୍ଥରେ ନିର୍ବିଶେଷ ହୋଇ ଆସୁଛନ୍ତି : ଏକ କ୍ଷୁଦ୍ର ଭୁଲ୍ ମଧ୍ୟ ଆପଣା ପରିଣାମଗୁଡ଼ିକର କ୍ଷେତ୍ରରେ ଏକାନ୍ତ ସୁନିଶ୍ଚିତ ହୋଇ ଉଠୁଛି; ଏବଂ ଏକ କ୍ଷୁଦ୍ର ଆନ୍ତରିକତା, ଏକ କ୍ଷୁଦ୍ର ଯଥାର୍ଥ ଅଭୀପ୍ସା ଆପଣାର ପରିଣାମରେ

ସତେଅବା ଏକ କୁହୁକ ପରି ଦୃଷ୍ଟିଗୋଚର ହେଉଛି । ମୂଲ୍ୟଗୁଡ଼ିକ ମନୁଷ୍ୟମାନଙ୍କ ଭିତରେ ପ୍ରଗାଢ଼ ହେବାକୁ ଲାଗିଲେଣି ଏବଂ, ଭୌତିକ ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ ମଧ୍ୟ, କ୍ଷୁଦ୍ରାଦପି କ୍ଷୁଦ୍ର ଦୋଷଟିର ମଧ୍ୟ ବୃହତ୍ ପରିଣାମମାନ ହେବାରେ ଲାଗିଛି ଏବଂ ଅଭୀପ୍ସାର କ୍ଷେତ୍ରରେ ଏକ ସର୍ବନିମ୍ନ ନିଷ୍ଠାର ମଧ୍ୟ ଅଦ୍ଭୁତ ଫଳମାନ ଫଳୁଛି । ମୂଲ୍ୟଗୁଡ଼ିକ ପ୍ରଗାଢ଼ ହୋଇ ଯାଇଛନ୍ତି, ସୁନିର୍ଦ୍ଦିଷ୍ଟ ହୋଇଛନ୍ତି ।

*ମାଆ, ଆପଣ ଦୋଷଗୁଡ଼ିକର କଥା କହୁଛନ୍ତି — ମୁଁ ଜାଣେନି, ଏହାକୁ ଏକ ଭ୍ରଷ୍ଟ ହୋଇଯିବା ବୋଲି କହି ହେବ କି ନାହିଁ, ମାତ୍ର ଅଧିକରୁ ଅଧିକ ସୁସ୍ପଷ୍ଟ ଭାବରେ ଏହି ଧାରଣାଟି ହେବାରେ ଲାଗିଛି ଯେ — ଭୁଲ୍, ଦୋଷ, ଏଗୁଡ଼ାକ ମୋଟେ ଯଥାର୍ଥ କଥା ନୁହନ୍ତି । ଏସବୁ ଆଦୌ ସେପରି ନୁହନ୍ତି । ଏଗୁଡ଼ିକ ଏକ ମାର୍ଗ,— ଏହି କଥାଟିକୁ ମୁଁ କିପରି କହିବି ?— ହଁ, ଅଭୀପ୍ସାର କ୍ଷେତ୍ରଟିକୁ ଆହୁରି ଅଧିକ ପ୍ରଶସ୍ତ କରି ପାରିବା ଲାଗି ଏଗୁଡ଼ିକ ଗୋଟିଏ ଗୋଟିଏ ମାର୍ଗ ।*

ହଁ, ହଁ, ସମ୍ପୂର୍ଣ୍ଣ ଭାବରେ ଠିକ୍ ସେହି କଥା ।

ସମଗ୍ରର ଅବବୋଧଟି ହେଉଛି ଯେ ପ୍ରତ୍ୟେକ ବସ୍ତୁ... ପ୍ରତ୍ୟେକ ବସ୍ତୁ ଏହି ଜଗତର ସଚେତନ ଆରୋହଣଟିକୁ ଦୃଷ୍ଟି ସମକ୍ଷରେ ରଖିହିଁ ଅଭିପ୍ରେତ ହୋଇ ରହିଛନ୍ତି । ଚେତନା ଦିବ୍ୟ ଚେତନାରେ ପରିଣତ ହେବାକୁ ପ୍ରସ୍ତୁତ ହେବାରେ ଲାଗିଛି । ଏବଂ ଏହି କଥାଟି ସଂପୂର୍ଣ୍ଣ ଭାବରେ ସତ : ଯାହାକୁ ଆମେ ଦୋଷ ବୋଲି ବିଚାରୁଛୁ, ତାହା ହେଉଛି ସଂପୂର୍ଣ୍ଣ ଭାବରେ ଏହି ସାଧାରଣ ମନୁଷ୍ୟ-ଧାରଣାରହିଁ ଏକ ଅଂଶ ।

*ଯଦି ଦୋଷ ବୋଲି କିଛି ଥାଏ, ତେବେ ସେହି ଗୋଟିଏ ଦୋଷ ହେଉଛି ଯେ,— ସେହି ଅନ୍ୟ ବସ୍ତୁଟିକୁ ଇଚ୍ଛା ନ କରିବାହିଁ ଏକମାତ୍ର ଦୋଷ । ମାତ୍ର ଯେଉଁ ମୁହୂର୍ତ୍ତରୁ ଜଣେ ବ୍ୟକ୍ତି ସେହି ଅନ୍ୟ ବସ୍ତୁକୁ ଇଚ୍ଛା କରିବାକୁ ଆରମ୍ଭ କରୁଛି...*

ମାତ୍ର ସେଇଟା ତ ଦୋଷ ନୁହେଁ, ତାହା ମୂଢ଼ତା !

ହଁ, ଏହା ଏକ ଭାରି ସହଜ କଥା । ଏହି ସମଗ୍ର ସୃଷ୍ଟି କେବଳ ସେହି ଦିବ୍ୟ ପରମସତ୍ତାଙ୍କ ବ୍ୟତୀତ, କେବଳ ସେହି ଦିବ୍ୟ ପରମସତ୍ତାଙ୍କୁ ଅଭିବ୍ୟକ୍ତ କରିଆଣିବା ବ୍ୟତୀତ ଆଉ କିଛିହେଲେ ଇଚ୍ଛା କରିବ ନାହିଁ । ଏବଂ, ତାହା ଯାହାକିଛି କରୁଛି, ଏପରିକି ତାହାର ତଥାକଥିତ ଭୁଲ୍‌ଗୁଡ଼ାକ,— ସେଗୁଡ଼ିକ କେବଳ ସାଧନମାତ୍ର; ଦିବ୍ୟ ପରମସତ୍ତାଙ୍କୁ

ଅଭିବ୍ୟକ୍ତ କରି ଆଣିବାକୁ ଏକ ଅନିବାର୍ଯ୍ୟ ସତ୍ୟରେ ପରିଣତ କରିବାର ମାର୍ଗରେ ସେଗୁଡ଼ିକ କେବଳ ସାଧନମାତ୍ର । ମାତ୍ର ଏହି ''ଦିବ୍ୟ ପରମସତ୍ତା'' କହିଲେ ମଣିଷ ଯେପରି ବୁଝୁଛି, ସେଇଟି ଆଦୌ ନୁହେଁ; ସିଏ ତ ତାହାକୁ ''ଏଇଟି ଓ ସେହି ଅନ୍ୟଟି ନୁହେଁ ବୋଲି ବୁଝୁଛି, ଯାବତୀୟ ସୀମା ଓ ବାଡ଼ ଦେଇ ତାହାକୁ ବୁଝୁଛି : ପ୍ରକୃତ ଦିବ୍ୟସତ୍ତା ହେଉଛନ୍ତି ପ୍ରଭୂତ ଶକ୍ତି ଓ ପ୍ରଭୂତ ଆଲୋକର ଏକ **ପରମ ସମଗ୍ରତା** । ଏହି ପୃଥିବୀରେ ତାହାହିଁ ଏକମାତ୍ର ଯଥାର୍ଥ ଶକ୍ତି,– ଏପରି ଏକ ନୂତନ ଏବଂ ଅମିତ ଶକ୍ତି, ଯିଏ କି ପୃଥିବୀରେ ଅବତୀର୍ଣ୍ଣ ହୋଇଛନ୍ତି ଏବଂ ଯିଏ ଆପଣାକୁ ଅବଶ୍ୟ ପ୍ରକାଶିତ କରିବେ ଏବଂ ଏହି ଦିବ୍ୟ ପରମ ସର୍ବଶକ୍ତିକୁ ଅବଶ୍ୟ ଅଭିବ୍ୟକ୍ତିସମର୍ଥ (ଯଦି ଏହିପରି ଭାବରେହିଁ କୁହାଯାଏ) କରିଆଣିବେ ।

ମୁଁ ଠିକ୍ ଏହି ସିଦ୍ଧାନ୍ତଟିରେ ଆସି ପହଞ୍ଚିଛି । ମୁଁ ଚାହିଁ ଦେଖିଛି, ଅବଲୋକନ କରିଛି ଏବଂ ପ୍ରତ୍ୟକ୍ଷ କରି ପାରିଛି ଯେ, ଏକ ଅଧିକ ଭଲ ଶବ୍ଦର ଅଭାବ ହେତୁ ଆମେ ଯାହାକୁ ''ଅତିମାନସ'' ବୋଲି କହୁଛୁ, ଏହି ଅତିମାନସ ସୃଷ୍ଟିକୁ ସେହି ଉଚ୍ଚତର ଶକ୍ତିଟି ଲାଗି ଅଧିକ ଗ୍ରହଣଶୀଳ କରାଇ ଆଣୁଛି; ଆମେ ତାହାକୁ ଦିବ୍ୟ ବୋଲି କହୁଛୁ, କାରଣ ଆମେ... ଆମେ ବର୍ତ୍ତମାନ ଯେଉଁ ସ୍ଥିତିରେ ରହିଛୁ, ତାହାର ପରିପ୍ରେକ୍ଷୀରେ ସିଏ ଅବଶ୍ୟ ଦିବ୍ୟ, ମାତ୍ର... ତାହା ଏପରି ଏକ ବସ୍ତୁ (*ଅବତରଣ ଓ ଚାପର ଇଙ୍ଗିତ*) ଯାହାକି ଜଡ଼କୁ ଅବଶ୍ୟ ଅଧିକ ଗ୍ରହଣଶୀଳ କରିବ ଓ ଅଧିକ... ସେହି ପରମ ଶକ୍ତିଟି ଲାଗି ତାହାକୁ ଅଧିକ ''ଅନୁସ୍ପନ୍ଦନ-ସମର୍ଥ'' କରି ଆଣିବ । ଏହି କଥାଟିକୁ ଶବ୍ଦ ଦେଇ କିପରି କହିହେବ ? ବର୍ତ୍ତମାନ ଆମେ ଯାହାକିଛି ଦେଖି-ପାରୁ ନାହୁଁ ଅଥବା ଇନ୍ଦ୍ରିୟ ଦ୍ୱାରା ଗ୍ରହଣ କରିପାରୁ ନାହୁଁ, ତାହା ଆମ ଲାଗି ଅବାସ୍ତବ ହୋଇ ରହିଛି (ଅର୍ଥାତ୍, ସାଧାରଣ ମନୁଷ୍ୟ ଲାଗି ସେପରି ହୋଇ ରହିଛି) । ଆମେ କେତେକ ବସ୍ତୁ ମୂର୍ତ୍ତ ବୋଲି କହୁଛୁ, ଆଉକେତେକ ବସ୍ତୁ ମୂର୍ତ୍ତ ନୁହନ୍ତି ବୋଲି କହୁଛୁ । ତଥାପି ଏହି ମହାନ୍ ଅନ୍ତର୍ନିହିତ ଶକ୍ତି ଓ ଏହି ମହାନ୍ ବଳସମ୍ପନ୍ନତା, ଯାହାକି **ଜଡ଼ର ରୂପ ଧାରଣ କରି ନାହିଁ**, ତାହା ପାର୍ଥିବ ଜଡ଼ପଦାର୍ଥଗୁଡ଼ିକଠାରୁ ମଧ୍ୟ ଏହି ପୃଥିବୀପୃଷ୍ଠରେ ଅଧିକ ମୂର୍ତ୍ତ ଭାବରେ ଶକ୍ତିଶାଳୀ ହେବାରେ ଲାଗିଛି । ହଁ, ତାହାହିଁ ହେବାରେ ଲାଗିଛି ।

ଅତିମାନସ ସତ୍ତାମାନେ ଏହିପରି ଭାବରେ ଆପଣାର ରକ୍ଷା କରନ୍ତି, ଏହାକୁହିଁ ରକ୍ଷାର ସାଧନରୂପେ ବ୍ୟବହାର କରନ୍ତି । ଏହା ଏପରି ଏକ ବସ୍ତୁ ହେବ, ଯାହାକି ବାହାରକୁ ଆଦୌ ଜଡ଼ସ୍ତରୀୟ ବୋଲି ମନେ ହେଉ ନ ଥିବ, ମାତ୍ର ଯାହାରକି ଜଡ଼ସ୍ଥ ବସ୍ତୁଗୁଡ଼ିକ ଅପେକ୍ଷା **ଜଡ଼ ଉପରେ** ଅଧିକ ଶକ୍ତି ରହିଥିବ । ଏହାହିଁ ଦିନକୁ ଦିନ ଓ ମୁହୂର୍ତ୍ତରୁ ମୁହୂର୍ତ୍ତ ଅଧିକରୁ ଅଧିକ ସତ୍ୟ ହେବାରେ ଲାଗିଛି । ଏହି ଅନୁଭୂତିଟି ସତ୍ୟ

ହେବାରେ ଲାଗିଛି ଯେ, ଆମେ ଯାହାଙ୍କୁ ''ଦିବ୍ୟ ପରମସତ୍ତା'' ବୋଲି କହୁଛୁ, ଯେତେବେଳେ ଏହି ମହାନ୍ ଶକ୍ତି ତାଙ୍କରି ଦ୍ୱାରା ପରିଚାଳିତ ହେବାକୁ ଆରମ୍ଭ କରିବ, ସେତେବେଳେ ଏହା ପ୍ରକୃତରେ,— ଜଡ଼କୁ ସଚଳ ଓ ସ୍ପନ୍ଦିତ କରିବା ଲାଗି ଏହା ମଧ୍ୟରେ ଶକ୍ତି ନିହିତ ହୋଇ ରହିଛି,— ସେତେବେଳେ ଏହି **ଭୌତିକ ସ୍ତରରେ**ହିଁ ଏହା ଏକ ଅଘଟନଘଟନ ସମ୍ଭବ କରି ପାରିବ; ଏକ ସମ୍ପୂର୍ଣ୍ଣ ଭୌତିକ ବସ୍ତୁର ପରିଣାମଗୁଡ଼ିକୁ ଏହା ବିଦୂରିତ କରିଦେଇ ପାରିବ,— କାରଣ ଏହା ଜଡ଼ଠାରୁ ଆହୁରି ଅଧିକ ଶକ୍ତିଶାଳୀ । ଏହି କଥାଟି ସମ୍ପୂର୍ଣ୍ଣ ନୂତନ ଓ ସମ୍ପୂର୍ଣ୍ଣ ଭାବରେ ଅବୋଧ ଏବଂ ତେଣୁ ଲୋକମାନଙ୍କର ସାଧାରଣ ଚେତନାକ୍ଷେତ୍ରରେ ତାହା ଗୋଟିଏ ପ୍ରକାର ଆତଙ୍କହିଁ ଖେଳାଇ ଦେଉଛି । ହଁ, ଏହା ସେହିପରିହିଁ କରୁଛି । ବୋଧ ହେଉଛି... ଏହା ଆଗରୁ ଯେପରି ଥିଲା, ବର୍ତ୍ତମାନ **ଆଉ ମୋଟେ** ସେପରି ହୋଇ ରହି ନାହିଁ । ପ୍ରକୃତରେ କିଛି ନୂତନତା ଆସି ଦେଖାଦେଇଛି — ଆଗରୁ ଯେପରି ଥିଲା, **ଆଉ ମୋଟେ** ସେପରି ହୋଇ ରହି ନାହିଁ ।

ଆମର ଯାବତୀୟ ସାଧାରଣ ବୋଧ, ଯାବତୀୟ ନ୍ୟାୟ ଓ ଯୁକ୍ତି, ଯାବତୀୟ ବ୍ୟାବହାରିକ ସାଧାରଣ ବୁଦ୍ଧି ଏକାବେଳେକେ ଚୂନା ହୋଇ ମାଟିରେ ମିଶିଯାଇଛି । ଏକାବେଳେକେ ଅନାବଶ୍ୟକ ପ୍ରତିପାଦିତ ହୋଇଛି । ଆଉ ସେସବୁ ଭିତରେ ଆଦୌ କୌଣସି ଶକ୍ତି ନାହିଁ, କୌଣସି ବାସ୍ତବତା ନାହିଁ; ଯାହା ବର୍ତ୍ତମାନ ରହିଛି, ତାହା ସହିତ ତାହାର କୌଣସି ସାମ୍ୟ ବା ସଙ୍ଗତି କିଛି ନାହିଁ। ପ୍ରକୃତରେ ଏକ ନୂତନ ଜଗତର ଆବିର୍ଭାବ ହୋଇଛି ।

(*ମାଆ ନୀରବ ରହିଲେ*)

ଶରୀର ଭିତରେହିଁ ଏହି କଥା ଘଟୁଛି ଓ ଶରୀର ଏହି ନୂତନ ଶକ୍ତିଟି ସହିତ ଆପଣାକୁ ଅନୁକୂଳିତ କରି ରଖିବାକୁ ବଡ଼ ଆୟାସସାଧ୍ୟ ବୋଲି ଅନୁଭବ କରୁଛି । ସେଇଥିରୁ ବିଶୃଙ୍ଖଳା ଆସୁଛି, ଅସୁବିଧା ଆସି ପହଞ୍ଚୁଛି, ଅସୁସ୍ଥତାମାନ ଆସୁଛି । ମାତ୍ର ହଠାତ୍ ଏଭଳି ଗୋଟିଏ ଅନୁଭବ ବି ହେଉଛି ଯେ, ଯଦି ସିଏ ସମ୍ପୂର୍ଣ୍ଣ ଭାବରେ ଗ୍ରହଣଶୀଳ ହୋଇଯାଇ ପାରନ୍ତା, ତେବେ ଅବଶ୍ୟ ଦୁର୍ଜେୟ ହୋଇ ରହନ୍ତା । ମୋ'ର ଏହାହିଁ ଅନୁଭୂତି ହେଉଛି,— ଏହି ଅନୁଭୂତି ମୋ'ର ଅଧିକରୁ ଅଧିକ ପରିମାଣରେ ହେବାକୁ ଲାଗିଛି ଯେ, ଯଦି ସମଗ୍ର ଚେତନାଟି (ସବୁଠାରୁ ଅଧିକ ଜଡ଼ସ୍ଥ ହୋଇ ରହିଥିବା ଏହି ଚେତନାର ସମଗ୍ର ଅଂଶଟି — ସବୁଠାରୁ ଅଧିକ ଜଡ଼ସ୍ଥ ହୋଇ ରହିଥିବା) ଏହି ନୂତନ ଶକ୍ତି ପ୍ରତି ଗ୍ରହଣଶୀଳ ହୋଇଯାଇ ପାରନ୍ତା, ତେବେ ସିଏ ଅବଶ୍ୟ ଦୁ-ର୍ଜେ-ୟ ହୋଇ ରହିପାରନ୍ତା ।

(ମାଆ ନିଜ ଆଖି ବନ୍ଦ କଲେ)

ମାତ୍ର ଏଥିରେ ଏକ ଅପରିହାର୍ଯ୍ୟ ସର୍ତ୍ତ ମଧ୍ୟ ରହିଛି : ଅହଂର ଶାସନଟିକୁ ଏକାବେଳେକେ ମୂଳପୋଛ କରିଦେବାକୁ ପଡ଼ିବ । ଏହି ଅହଂ ବର୍ତ୍ତମାନ ପ୍ରତିବନ୍ଧକ ହୋଇ ରହିଛି । ତାହାରି ସ୍ଥାନରେ ଦିବ୍ୟଚେତନାକୁ ସ୍ଥାନାପନ୍ନ କରି ପ୍ରତିଷ୍ଠା କରିବାକୁ ହେବ – ଶ୍ରୀଅରବିନ୍ଦ ସ୍ୱୟଂ ତାହାକୁ ଅତିମାନସ ବୋଲି କହୁଥିଲେ । ଆମେ ମଧ୍ୟ ତାହାକୁ ସେହି ଅତିମାନସ ବୋଲି କହିବା, ଯେପରିକି ଏହି କ୍ଷେତ୍ରରେ ଆଦୌ କୌଣସି ଭୁଲ୍‌ବୁଝାମଣା ହେବ ନାହିଁ,– କାରଣ, ଆମେ ଯେମିତି ''ଦିବ୍ୟ ପରମସତ୍ତା'' ବୋଲି କହିଥାଉ, ଲୋକେ ତାହାକୁ ସଙ୍ଗେସଙ୍ଗେ ଏକ ''ଭଗବାନ୍'' ଅର୍ଥରେ ଭାବିନିଅନ୍ତି ଏବଂ ତଦ୍ଦ୍ୱାରା ସବୁକିଛି ନଷ୍ଟ ହୋଇଯାଏ । ଏହା ମୋଟେ ସେପରି ନୁହେଁ । (*ମାଆ ବନ୍ଦ ହୋଇଥିବା ନିଜର ହାତମୁଠାଗୁଡ଼ିକୁ ଧୀରେଧୀରେ ତଳ ଆଡ଼କୁ ନେଇ ଆସିଲେ*) ଆମେ ଏହାକୁ ଅତିମାନସ ଜଗତର ଅବତରଣ ବୋଲି ଜାଣିବା,– ଏହାକୁ କଦାପି ବିଶୁଦ୍ଧ ଭାବରେ ଏକ କଳ୍ପନାପ୍ରବଣ କଥା (*ଉର୍ଦ୍ଧ୍ୱ ଆଡ଼କୁ ଇଙ୍ଗିତ*) ବୋଲି ଧରି ନେବା ନାହିଁ । ଏହା ହେଉଛି **ସଂପୂର୍ଣ୍ଣ ଭାବରେ** ଏକ ଜଡ଼ଗତ ଶକ୍ତି । ମାତ୍ର (*ମାଆ ହସିଲେ*) କୌଣସି ଜଡ଼ଗତ ସାଧନ ଲାଗି ଏହାର ମୋଟେ କୌଣସି ଆବଶ୍ୟକତା ନାହିଁ ।

ଏହା ଏପରି ଏକ ଜଗତ ଯାହାକି ଏହି ଜଗତରେ ଏକ ଶରୀର ଗ୍ରହଣ କରିବାକୁ ଇଚ୍ଛା କରୁଛି ।

(*ମାଆ ନୀରବ ରହିଲେ*)

ଏଭଳି ମୁହୂର୍ତ୍ତମାନ ଏକାଧିକ ବାର ଆସିଛି, ଯେତେବେଳେ କି ମୋ'ର ଶରୀର ଗୋଟାଏ ପ୍ରକାରର ନୂତନ ଅସ୍ୱସ୍ତି ଏବଂ ଉଦ୍‌ବେଗ ଅନୁଭବ କରିଛି; ଏବଂ ସେତିକିବେଳେ ସତେଅବା ଏପରି ଏକ ବସ୍ତୁର ଉଦୟ ହୋଇ ଆସିଛି, ଯାହାକୁ କି ଏକ କଣ୍ଠସ୍ୱର ବୋଲି ଆଦୌ କୁହାଯିବ ନାହିଁ, ମାତ୍ର ଯାହାକି ମୋ'ର ଚେତନା ମଧ୍ୟରେ ଆପଣାକୁ ଏହି କେତୋଟି ଶବ୍ଦରେ ତର୍ଜମା କରି ଆଣିଛି : ''ତୁମେ କାହିଁକି ଭୟ କରୁଛ ? ଏହା ହେଉଛି ସେହି ନୂତନ ଚେତନା'' । ଏପରି ଏକାଧିକ ବାର ହୋଇଛି । ଏବଂ ତା'ପରେ ଯାଇ ମୁଁ ବୁଝି ପାରିଛି ।

(*ମାଆ ନୀରବ ରହିଲେ*)

ତୁମେ ବୁଝିବାକୁ ଚେଷ୍ଟା କର; ଏହାହିଁ ମନୁଷ୍ୟର ସାଧାରଣ ବୁଦ୍ଧିରେ ଆସି କହିଥାଏ : ‘‘ଏହା ଏକାବେଳେକେ ଅସମ୍ଭବ, ଆଗରୁ ଏପରି କେବେହେଲେ ହୋଇ ନାହିଁ’’; ବର୍ତ୍ତମାନ ଏଇଟିର ଅବସାନ ଘଟିଛି । ଏହାର ଅବସାନ ଘଟିଛି,– ଏହା ଅତ୍ୟନ୍ତ ନିର୍ବୋଧ । ଏହା ଏକ ନିର୍ବୋଧତାରେହିଁ ପରିଣତ ହୋଇଛି । କେହି ହୁଏତ କହି ପାରିବ : ଏହା ସମ୍ଭବ, **କାରଣ** ଏପରି କେବେହେଲେ ଘଟି ନାହିଁ । ବର୍ତ୍ତମାନ ଏକ ନୂତନ ଜଗତ ଆସିଛି, ଏକ ନୂତନ ଚେତନା ଆସିଛି ଓ ନୂତନ ଶକ୍ତିଟି ମଧ୍ୟ ଆସିଛି । ତେଣୁ ଏହା ସମ୍ଭବ । ଏବଂ ଏଇଟି ଅଧିକରୁ ଅଧିକ ପରିମାଣରେ ଅଭିବ୍ୟକ୍ତ ହୋଇ ଆସିବ, **କାରଣ** ବର୍ତ୍ତମାନ ନୂତନ ଜଗତ ଆସିଛି ଓ ଏପରି କେବେହେଲେ ହୋଇ ନାହିଁ ।

ଏହା ଅବଶ୍ୟ ହେବ, କାରଣ ଏପରି କେବେହେଲେ ହୋଇ ନାହିଁ ।

(*ମାଆ ନୀରବ ରହିଲେ*)

ଏହା ବଡ଼ ସୁନ୍ଦର କଥା : ଏହା ଅବଶ୍ୟ ହେବ, କାରଣ ଏହା କେବେହେଲେ ହୋଇ ନାହିଁ – **କାରଣ** ଏହା କେବେହେଲେ ହୋଇ ନାହିଁ ।

(*ମାଆ ଦୀର୍ଘକାଳ ଧ୍ୟାନମଗ୍ନ ହୋଇ ରହିଲେ*)

ଏହା ଆଦୌ ଏକ ଜଡ଼ଗତ ବସ୍ତୁ ନୁହେଁ, ମାତ୍ର ତଥାପି ଜଡ଼ଠାରୁ ଅଧିକ ସାକାର ଓ ଅଧିକ ମୂର୍ତ୍ତ ।

*ହଁ, ଏହା ପ୍ରାୟ ସବୁକିଛିକୁ ପେଷିଦେଲା ପରି ଲାଗୁଛି ।*

ପେଷିଦେଲା ପରି, ହଁ, ପେଷିଦେଲା ପରି ପ୍ରକୃତରେ ପେଷିଦେଲା ପରି ।

ଯାହାକିଛି ଗ୍ରହଣଶୀଳ ହୋଇ ନ ପାରିଛି, ତାହା ଏହିପରି ପେଷି ହୋଇ ଯାଉଥିବା ପରି ଅନୁଭବ କରୁଛି; ମାତ୍ର ଯାହା ପ୍ରକୃତରେ ଗ୍ରହଣଶୀଳ, ତାହା ବରଂ ଓଲଟା ଏହିପରି ଅନୁଭବ କରୁଛି ଯେ, ଏହା ହେଉଛି ସତେଯେପରି – ସତେଅବା ଶକ୍ତିଶାଳୀ ଭାବରେ ସବୁ ଅଧିକ ପ୍ରଶସ୍ତ ହୋଇଗଲା ପରି ଲାଗୁଛି ।

*ହଁ, ମାତ୍ର ଏହା ଭାରି ଅଦ୍ଭୁତ, ପ୍ରକୃତରେ ଦୁଇଟାଯାକ ଅନୁଭୂତ ହେଉଛି ।*

ଯୁଗପତ୍ ଭାବରେ ଦୁଇଟିଯାକ ଅନୁଭୂତ ହେଉଛି ।

*ହଁ, କୌଣସିଠାରେ କ'ଣ ଫୁଲିଗଲା ପରି ଲାଗୁଛି, ସତେଯେପରି ସମଗ୍ର ବସ୍ତୁଟି ଫୁଲି ଫାଟିଯିବାକୁ ଯାଉଥିବା ପରି ମନେ ହେଉଛି, ଏବଂ ଯୁଗପତ୍ ଭାବରେ ଆଉକିଛି ବି ରହିଛି, ଯାହାକି ପେଷି ହୋଇଗଲା ପରି ଲାଗୁଛି ।*

ହଁ,— ମାତ୍ର ଯାହା ପ୍ରତିରୋଧ କରୁଛି, ତାହାହିଁ ପେଷିହୋଇ ଯାଉଛି । ଯାହା ଗ୍ରହଣଶୀଳ ନୁହେଁ, ତାହାହିଁ ପେଷିହୋଇ ଯାଉଛି । ତାହାକୁ କେବଳ ଆପଣାକୁ ଉନ୍ମୋଚିତହିଁ କରିଦେବାକୁ ପଡ଼ିବ । ଏବଂ ତା'ପରେ ତାହା ସତେଅବା... ସତେଅବା ଏକ ଦୁର୍ଜେୟ ବସ୍ତୁରେ ପରିଣତ ହୋଇଯିବ । ଏହା ପ୍ରକୃତରେ ଏକ ଅସାଧାରଣ କଥା । ଶତାବ୍ଦୀ ଶତାବ୍ଦୀ ଧରି ରହିଆସିଥିବା ଆମର ଏହି ଅଭ୍ୟାସ, ନୁହେଁ କି ?— ତାହାହିଁ ପ୍ରତିରୋଧ କରୁଛି ଏବଂ ଏହିପରି ଏକ ଧାରଣା ସୃଷ୍ଟି କରୁଛି । ମାତ୍ର ଯାହାକିଛି ଉନ୍ମୋଚିତ ହୋଇଯାଇ ପାରୁଛି,— ସେତେବେଳେ ସତେଅବା ବୃହତ୍ — ଅନେକ ବୃହତ୍ ହୋଇଗଲା ପରି ଅନୁଭୂତ ହେଉଛି । ଏହା ପ୍ରକୃତରେ ଏକ ଅତ୍ୟନ୍ତ ଚମତ୍କାର କଥା !

## ୩୦ ଅଗଷ୍ଟ ୧୯୭୨

ମୁଁ ସ୍ପଷ୍ଟ ଭାବରେ ଦେଖିପାରୁଛି : ବର୍ତ୍ତମାନ ଭାବନା ନୁହେଁ, ଚେତନାହିଁ ମାର୍ଗର ନିର୍ଦ୍ଦେଶନ କରୁଛି । ତେଣୁ ଯଦି ସେହି ଚେତନା ସ୍ଥିର ଭାବରେ ଦିବ୍ୟ ପରମସତ୍ତାଙ୍କ ଆଡ଼କୁ ଉନ୍ମୋଚିତ ହୋଇ ରହିଥାଏ, ତେବେ ସବୁକିଛି ଠିକ୍ ହୋଇଯିବ । ସେହି ଚେତନାର କ୍ଷେତ୍ରରେ ଅନବରତ କେତେକେତେ ଘଟଣା ଘଟିବାରେ ଲାଗିଛି, ସତେଯେପରି ସମଗ୍ର ପୃଥିବୀରୁ ଯାହାକିଛି ଆସିବାରେ ଲାଗିଥିଲା, (*ଚତୁର୍ଦ୍ଦିଗରୁ ଆକ୍ରମଣ ହେଉଥିବାର ଇଙ୍ଗିତ*) : ଯାହାକିଛି ସେହି ଦିବ୍ୟ ପରମକ୍ରିୟାକୁ ଅସ୍ୱୀକାର ଅଥବା ବିରୋଧ କରୁଛି,– ତାହା ଏହିପରି ଭାବରେ ଅନବରତ ଆସିବାରେ ଲାଗିଛି (*ପୂର୍ବ ପରି ସେହି ଇଙ୍ଗିତ*) । ଏବଂ ତେଣୁ, ଯଦି ମୁଁ ସ୍ଥିର ହୋଇ ରହିବାର ଉପାୟଟିକୁ ଜାଣିଥିବି (*ଆତ୍ମୋତ୍ସର୍ଗର ଇଙ୍ଗିତ, ହାତଗୁଡ଼ିକ ଊର୍ଦ୍ଧ୍ୱକୁ ଉନ୍ମୁକ୍ତ ହୋଇ ରହିଥିଲେ*), ଏକ ଅନସ୍ତିତ୍ୱର ଦୃଷ୍ଟିକୋଣ ରଖିଥିବି (*ମାଆ ଈଷତ୍ ହସିଲେ*), ଏକ ପ୍ରକାରର... ଏହାକୁ ପାରଦର୍ଶିତା ବୋଲି କୁହାଯାଇ ପାରିବ କି ନାହିଁ ମୁଁ ଜାଣେନା – ଅଥବା ଅଚଳତା ବୋଲି କୁହାଯିବ କି ନାହିଁ କେଜାଣି ? ମାତ୍ର ତାହା ଯାହା ହୋଇଥାଉ ପଛକେ, ଏହା ହେଉଛି ଚେତନାର କ୍ଷେତ୍ରରେ ଏହିପରି ଗୋଟିଏ ଜିନିଷ (*ପୂର୍ବ ପରି ଆତ୍ମୋତ୍ସର୍ଗର ଇଙ୍ଗିତ, ହାତ ଦୁଇଟି ଉନ୍ମୁକ୍ତ*); ଚେତନା ସେହିପରି ହୋଇ ରହିଥିବା ସମୟରେ ସବୁକିଛି ଠିକ୍ ଭାବରେ ଚାଲୁଛି; ମାତ୍ର ଯେମିତି ତାହା ଗତି କରିବାକୁ ଆରମ୍ଭ କରୁଛି, ଅର୍ଥାତ୍, ବ୍ୟକ୍ତି ଯେମିତି କୌଣସି ନା କୌଣସି ରୀତିରେ ଆପଣାକୁ ଦେଖାଇବ ବୋଲି ବାହାରୁଛି, ସେମିତି ତାହା ବଡ଼ ଘୃଣାକର ହୋଇପଡୁଛି । ମାତ୍ର ତାହା ଭାରି ଶକ୍ତିଶାଳୀ ହୋଇ ରହିଛି ।

ତୁମେ ଜାଣିଛ, ଏହି ଶରୀରର ସହସ୍ର ସହସ୍ର ଅନୁଭୂତି ଏହିପରି କହୁଛନ୍ତି : ''ଓଃ, ଏହି ଆନନ୍ଦମୟ ସ୍ଥିତିଟି ମୋଟେ ସମ୍ଭବ ନୁହେଁ;''– ଏହି କ୍ଷେତ୍ରରେ ଯାହାକିଛି ବିଳମ୍ବର କାରଣ ହେଉଛି, ତାହା ପ୍ରକୃତରେ ଏକ ନିର୍ବୋଧତା । ସତେଅବା ଏହି କୋଷଗୁଡ଼ିକ – ଶରୀରର କୋଷଗୁଡ଼ିକ – ଯୁଦ୍ଧ କରିବାରେ ଓ ଦୁଃଖ ଭୋଗିବାରେ ଅଭ୍ୟସ୍ତ ହୋଇ ରହିଛନ୍ତି ଏବଂ, ବସ୍ତୁଗୁଡ଼ିକ ଯେ କେବେ ସେପରି (*ଆତ୍ମୋତ୍ସର୍ଗର ଇଙ୍ଗିତ, ହାତଦୁଇଟି ଖୋଲା ହୋଇ ରହିଥିଲା*) ହୋଇ ପାରିବେ, ସେମାନେ ସେହି କଥାଟିକୁ ମୋଟେ ଗ୍ରହଣ କରିପାରୁ ନାହାନ୍ତି । ମାତ୍ର ଯେତେବେଳେ ତାହା ସେପରି ହୋଇପାରୁଛି, ସେତେବେଳେ ପ୍ରକୃତରେ ଭାରି ଚମତ୍କାର ହେଉଛି ।

ମାତ୍ର ଏତିକି କଥା ଯେ, ତାହା ଆଦୌ ଚିରସ୍ଥାୟୀ ହୋଇ ରହୁ ନାହିଁ ।– ତାହା ସର୍ବଦା ସ୍ଥାୟୀ ହୋଇ ରହୁ ନାହିଁ । ସେହିସବୁ ଘଟଣା ସର୍ବଦାହିଁ ଘଟିଚାଲିଛି (ଚତୁର୍ଦ୍ଦିଗରୁ

ଆକ୍ରମଣ ହେଉଥିବାର ଇଙ୍ଗିତ) । ମାତ୍ର ବର୍ତ୍ତମାନ ମୁଁ ଭାରି ଭଲ ଓ ପରିଷ୍କାର ଭାବରେ ଦେଖିପାରୁଛି : ଚେତନା ବର୍ତ୍ତମାନ ଭାବନାର ସ୍ଥାନାପନ୍ନ ରୂପେ ପ୍ରତିଷ୍ଠିତ ହେଉଛି ।

ଏବଂ... (ସେକଥା ଶବ୍ଦ ଦେଇ କିପରି କହିହେବ ?) ଦୁଇଟି ମଧ୍ୟରେ ପାର୍ଥକ୍ୟ ହେଉଛି ଯେ : ଭାବନା ଏପରି ଗୋଟିଏ ବସ୍ତୁ, ଯାହାକି ଏହିପରି ଭାବରେ (*ଘୂରି ଘୂରି ଯିବାର ଇଙ୍ଗିତ*) ଗତିକରେ, ତାହା ଗତିଶୀଳ ହୋଇ ରହିଥାଏ... ମାତ୍ର ଚେତନା ଏହିପରି ଭାବରେ (*ହାତଗୁଡ଼ିକୁ ଖୋଲା ହୋଇ ଊର୍ଦ୍ଧ୍ୱ ଆଡ଼କୁ ଉତ୍ସର୍ଗୀକୃତ ହୋଇ ରହିଥିବାର ଇଙ୍ଗିତ*) ଥାଏ । ମୁଁ ମୋଟେ ବୁଝାଇ କହି ପାରିବି ନାହିଁ ।

(*ମାଆ ଆଖି ବନ୍ଦ କରିଦେଲେ ଏବଂ ହାତ ଖୋଲା ରଖି ସେହିପରି ଭାବରେ ରହିଲେ*)

ତୁମର କିଛି କହିବାର ବା ପଚାରିବାର ଅଛି କି ?

*ଏହି ଗତିସ୍ପନ୍ଦନଟିକୁ ଆହୁରି ସତ୍ୱର କରିବାକୁ ହେଲେ ମୁଁ କ'ଣ କରିପାରିବି, ମୁଁ ନିଜକୁ ସେହି କଥା ପଚାରୁଥିଲି । ଦୈନନ୍ଦିନ ଜୀବନରେ ଆମେ ଏତେ ଏତେ ବସ୍ତୁ ଦ୍ୱାରା ଏତେ ଅଧିକ ପରିମାଣରେ ଆକ୍ରାନ୍ତ ହୋଇ ରହିଥାଉ, ନୁହେଁ କି ?... ଗତିସ୍ପନ୍ଦନଟିକୁ ତ୍ୱରାନ୍ୱିତ କରିବାକୁ ଜଣେ ବ୍ୟକ୍ତି କ'ଣ କରି ପାରିବ ?*

ଯଦି କୌଣସି ପ୍ରକାରେ ବିକ୍ଷୁବ୍ଧ ନ ହୋଇ ରହିହେବ, ତେବେ ତାହାରି ଦ୍ୱାରାହିଁ ଏକ ବୃହତ୍ ପାର୍ଥକ୍ୟ ସମ୍ଭବ ହେବ ।

*ହଁ ।*

ପ୍ରକୃତରେ ଏକ ବୃହତ୍ ପାର୍ଥକ୍ୟ ।

ବୁଝିଲ ? ମୋ'ର ଶରୀର ବର୍ତ୍ତମାନ ଏହି କଥାଟି ଜାଣିବାକୁ ଆରମ୍ଭ କରୁଛି — କେବଳ ଆରମ୍ଭ କରୁଛି ଯେ, ଦିବ୍ୟ ପାର୍ଶ୍ୱଟି କହିଲେ ଏକ ଜୀବନକୁହିଁ ବୁଝାଉଛି (*ମାଆ ବାହୁ ଦୁଇଟିକୁ ଏକ ବିପୁଳତା ମଧ୍ୟକୁ ପ୍ରସାରିତ କରିଦେଲେ*), ଉତ୍ତରୋତ୍ତର ଅଗ୍ରସର ହେଉଥିବା ଏକ ଆଲୋକଦୀପ୍ତ ଜୀବନକୁହିଁ ବୁଝାଉଛି । ମାତ୍ର ଅତୀତ ଅନୁଭୂତିଗୁଡ଼ିକର ସେହି ବୃହତ୍ ସଞ୍ଚୟଟି ଥାଇ କହୁଛି : ''ନା — ଏକଥା ସମ୍ଭବ ହେବ ନାହିଁ ।'' ଏଇଠି ଅସଲ କଥାଟି ରହିଛି, ତେଣୁ ଏହି ନିର୍ବୋଧ ''ସମ୍ଭବ ହେବ ନାହିଁ''ଟିହିଁ ବିଳମ୍ବ କରୁଛି ଓ ସବୁ ନଷ୍ଟ କରି ଦେଉଛି ।

ଏହାର ଆଧାରରେ ଏହି ସତ୍ୟଟି ନିହିତ ହୋଇ ରହିଛି ଯେ, ଶରୀର ଯେମିତି ଆପଣାର ଯଥାର୍ଥ ଦୃଷ୍ଟିକୋଣଟିକୁ ପରିତ୍ୟାଗ କରିଦେଉଛି, ସେମିତି ସବୁ ଯନ୍ତ୍ରଣାଦାୟକ ହୋଇପଡୁଛି; ସେତେବେଳେ ସବୁକିଛି ଆଘାତ କରୁଛି, ସବୁକିଛି କେବଳ ଦୁର୍ଦ୍ଦଶାଭୋଗରେହିଁ ପରିଣତ ହୋଇଯାଉଛି – ସେତେବେଳେ ସତେଅବା ସର୍ବତ୍ର ମୃତ୍ୟୁର ଓ ବିଲୟନର ବୋଧ ହେବାରେ ଲାଗିଛି । ତେଣୁ ତାହାହିଁ ବଳ ଦେବାରେ ଲାଗିଛି... ଜଡ଼ର ଏହି ଅଜ୍ଞବୁଦ୍ଧିତାହିଁ ବଳ ଦେବାରେ ଲାଗିଛି ।

ତେଣୁ, ସତକଥା କହିବାକୁ ଗଲେ, ଏକ ନିର୍ଦ୍ଦିଷ୍ଟ କୌଣସି ପ୍ରଶ୍ନର ଉତ୍ତର ଦେବାକୁ ନ ଥିଲେ ମୋ'ର ଆଦୌ କିଛି ନ କହି ନୀରବ ରହିବାକୁହିଁ ଅଧିକ ମନ ହେଉଛି ।

*ମୋ' ନିଜ କଥା କହିବାକୁ ଗଲେ, ମୁଁ ଠିକ୍ କେଉଁ କ୍ଷେତ୍ରରେ ଆପଣାକୁ ନିୟୋଜିତ କରି ରଖିବି, ମୁଁ ଆପଣାକୁ ସେହି ପ୍ରଶ୍ନଟି ପଚାରୁଛି ।*

(*କିଛି ସମୟ ନୀରବ ରହି*) ତୁମେ କ'ଣ ଭାବନାକୁ ପାରହୋଇ ଯାଇ ସାରିଲଣି ବୋଲି ଅନୁଭବ କରୁଛ ?

*ହଁ, ସେଇଟି ସମ୍ପୂର୍ଣ୍ଣ ଭାବରେ ହୋଇଗଲାଣି । ବର୍ତ୍ତମାନ କେବଳ ଏକ ଯନ୍ତ୍ରବତ୍ ଭାବନାଗତ ଗତିଶୀଳତାହିଁ ଅବଶିଷ୍ଟ ରହିଛି, ମାତ୍ର ତା' ନ ହେଲେ... ମୁଁ ଅବଶ୍ୟ କହିପାରିବି ଯେ ମୁଁ କେବେହେଲେ ମୋ' ଭାବନାକୁ କାମରେ ଲଗାଉ ନାହିଁ । ମୋ'ର ସବୁବେଳେ ଏଭଳି ଏକ ଅନୁଭବ ରହିଛି ଯେ, ମୁଁ ଯାବତୀୟ ଗତିଶୀଳତାକୁ କେବଳ ସେହି ଊର୍ଦ୍ଧ୍ୱରୁ ଆହରଣ କରୁଛି । ଉଦାହରଣ ସ୍ୱରୂପ, ଭାବନା ଓ ଜଳ୍ପନାର ମନ ମୋ'ଲାଗି ଅସମ୍ଭବ ହୋଇ ରହିଲାଣି ।*

ହଁ, ତେବେ ତାହା ଭାରି ଭଲ କଥା, ତୁମେ ଉଚିତ ମାର୍ଗରେ ରହିଛ ।

*ହଁ ! ମାତ୍ର ବ୍ୟାବହାରିକ କ୍ଷେତ୍ରରେ ସତେଅବା କୌଣସି ସଂଘର୍ଷ ଭିତରେ ରହିଥିବା ପରି, ସତେଯେପରି କେଉଁଠି ବୁଡ଼ି ଯାଉଥିବା ପରି ମଧ୍ୟ ଅନୁଭବ ହେବାରେ ଲାଗିଛି ।*

ଏବଂ, ମୋ' ନିଜ ବିଷୟରେ କହିବାକୁ ଗଲେ, ସକ୍ରିୟ ହେବା ଲାଗି ମୁଁ ଯେଉଁସବୁ ବସ୍ତୁ ଉପରେ ନିର୍ଭର କରି ଆସୁଥିଲି, ସେଗୁଡ଼ାକ ସତେଅବା ଜାଣିଶୁଣି ଭାଙ୍ଗି ଚୂନା ହୋଇ

ଯାଇଛନ୍ତି, ଯେପରିକି ମୁଁ (ପ୍ରତ୍ୟେକ ବିଷୟରେ, ଏପରିକି ଅତ୍ୟନ୍ତ ମାମୁଲି ବିଷୟଗୁଡ଼ିକର କ୍ଷେତ୍ରରେ) କହିପାରେ ''ହେ ପ୍ରଭୁ, କେବଳ ଆପଣ ଯାହା ଇଚ୍ଛା କରୁଛନ୍ତି'' ଏହାହିଁ ହୋଇଛି... ଏହାହିଁ ହୋଇଛି ମୋର ଏକମାତ୍ର ଆଶ୍ରୟ ।

କିଛି ଜାଣି ନ ଥିବା ଜଣେ ସାଧାରଣ ଦେଖଣାହାରିର ଆଖିରେ ଆପେ ସତେଅବା ଗୋଟାଏ ନିର୍ବୋଧ ପରି ଦେଖାଯିବା ଲାଗି ସମ୍ମତ ହେବାକୁ ପଡ଼ିବ ।

*ମାତ୍ର ତଥାପି ବେଶ୍ ଅଳ୍ପ କେତେଜଣ ଅଛନ୍ତି, ଯେଉଁମାନେ ସେହି ବୃହତ୍ ଆଲୋକଟିକୁ ମଧ୍ୟ ଦେଖି ପାରୁଛନ୍ତି । ଆପଣ ତ ସେକଥା ଜାଣିଛନ୍ତି ।*

ସମ୍ଭବତଃ । (*ମାଆ ହସିଲେ*) ଏହାଦ୍ୱାରା ସେମାନଙ୍କର ନିଶ୍ଚୟ ଅଧିକ ଲାଭ ହେଉଛି ।

(*ମାଆ ନୀରବ ରହିଲେ*)

ଅନେକ ସମୟରେ, ଅନେକ ସମୟରେ ମୁଁ ପରମପ୍ରଭୁଙ୍କ ପାଖରେ ଯାଇ ଏହି ପ୍ରଶ୍ନଟିକୁ ପଚାରୁଛି, ''ମୁଁ ତ ବର୍ତ୍ତମାନ ପରିଷ୍କାର ଭାବରେ ଦେଖି ପାରୁ ନାହିଁ କି କଥା କହିପାରୁ ନାହିଁ, ତେବେ ମୁଁ କିପରି ସାହାଯ୍ୟ କରିପାରିବି ?'' ଏହା ବି ଗୋଟାଏ ଅବସ୍ଥା... ଏବଂ ଶରୀରର କୌଣସି ଅବନତି ହୋଇ ଥିବାର ସେ ମୋଟେ ଅନୁଭବ କରୁ ନାହିଁ । ଏହା ଭିତରେ ଏକ ଦୃଢ଼ ପ୍ରତ୍ୟୟ ରହିଛି ଯେ, ଯଦି କାଲି ବି ସେହି ପରମପ୍ରଭୁ ତାକୁ ପୁନର୍ବାର ତା'ର ସକଳ କର୍ମଭାର ଗ୍ରହଣ କରିବାକୁ ଇଚ୍ଛା କରିବେ, ତେବେ ସେ ତାହାକୁ ଗ୍ରହଣ କରିନେବାକୁ ଅବଶ୍ୟ ସମର୍ଥ ହେବ । ତେଣୁ ବଳ ଅବଶ୍ୟ ମହଜୁଦ ରହିଛି (*ମାଆ ଆପଣାର ବାହୁଗୁଡ଼ିକୁ ସ୍ପର୍ଶ କଲେ, ମାଂସପେଶୀଗୁଡ଼ିକୁ ସ୍ପର୍ଶ କଲେ*), ବେଳେବେଳେ ମୁଁ ଏକ ପ୍ରଭୂତ ଶକ୍ତି ଓ ବଳ ଅନୁଭବ କରୁଛି ।... କାହିଁକି ?... ଅବସ୍ଥାଟି ଏପରି ଭାବରେ ଅଭିପ୍ରେତ ହୋଇ ରହିଛି... ଯେପରିକି ମୁଁ ଶାନ୍ତିରେ ରହିପାରିବି ।

*ମାତ୍ର ଆପଣ ନିଶ୍ଚୟ ଜାଣନ୍ତି, ଏହି ଅବସ୍ଥାଟି ପ୍ରକୃତରେ ଏକ ଅଭିପ୍ରେତ ଅବସ୍ଥା । କାରଣ, ନିଜର ସାନ ମାପକାଠିରେ ମୁଁ ଯେତିକି ଯାହା ଦେଖିପାରୁଛି, ସେଥିରୁ ମୋ'ର ଏହିଭଳି ଏକ ଅନୁଭବ ହେଉଛି ଯେ, ଆପଣଙ୍କର ଏହି ଅଚଳ ଅବସ୍ଥାରେ ଆପଣ ଶକ୍ତିସଂଚାରଣର ଏକ ବିରାଟ ଓ ଶକ୍ତିଶାଳୀ କେନ୍ଦ୍ର ହୋଇ ରହିଛନ୍ତି ।*

ହଁ, ମୁଁ ସେକଥା ଜାଣିଛି । ସେକଥାଟି ଅବଶ୍ୟ ଜାଣିଛି । ଏକ ବିରାଟ କେନ୍ଦ୍ର । ହଁ, ଏକ ବୃହତ୍ ଶକ୍ତି ।...

## ୨୫ ଅକ୍ଟୋବର ୧୯୭୨

ଶିଷ୍ୟ ମାଆଙ୍କୁ ଗୋଟିଏ ଫୁଲ ଆଣି ଦେଇଥିଲେ, ଏବଂ ମାଆ ତାକୁ ଗ୍ରହଣ କରି ପୁନର୍ବାର ଶିଷ୍ୟଙ୍କ ହାତକୁ ବଢ଼ାଇଦେଲେ ।

*ଏହି ଫୁଲଟି ହେଉଛି ''ଅବଚେତନାରେ ପରମ ସତ୍ୟର ଶକ୍ତି ।''*

(*ମାଆ ନୀରବ ରହିଲେ*)

ଅବଚେତନର ସ୍ତରରେ ଯାବତୀୟ ବିରୋଧିତା ଠୁଳ ହୋଇ ରହିଥା'ନ୍ତି ।

*ହଁ ।*

ଏବଂ ସର୍ବଦା, ସର୍ବଦା ଏହା ଏହିପରି (*ପ୍ରବଳ ବେଗରେ ଉପରକୁ ମାଡ଼ି ଆସିବାର ଇଙ୍ଗିତ*) ଉପରକୁ ଉଠି ଆସିବାରେ ଲାଗିଥାଏ । ଏବଂ ତା'ପରେ... ତୁମର ଏହିଭଳି ଏକ ଅନୁଭବ ହୋଇଥାଏ ଯେ ତୁମେ ପ୍ରକୃତରେ ସମ୍ପୂର୍ଣ୍ଣ ଭାବରେ ନିର୍ବୋଧ, ଅଚେତନ ଏବଂ ଅସଦିଚ୍ଛାମୟ ହୋଇ ପଡ଼ି ରହିଛ । ଏବଂ ଏହି ସବୁକିଛି (*ତଳୁ ପ୍ରବଳ ବେଗରେ ଉପରକୁ ଉଠି ଆସୁଥିବାର ସେହି ପୂର୍ବଭଳି ଇଙ୍ଗିତ*) ।

ଏବଂ, ସେତେବେଳେ ଚେତନା ସେଠି ଯାଇ (*ମୁଣ୍ଡ ଚାରିପାଖକୁ ଇଙ୍ଗିତ କଲେ*) ରହିଥାଏ, ଅତ୍ୟନ୍ତ ଶାନ୍ତ, ଏକାବେଳେକେ ଅସାଧାରଣ ଭାବରେ ଶାନ୍ତ ହୋଇ ରହିଥାଏ... (*ମାଆ ଆପଣାର ହାତଗୁଡ଼ିକୁ ଖୋଲି ଦେଇ ଦେଖାଇଲେ*) ''ହେ ପ୍ରଭୁ, କେବଳ ଆପଣ ଯାହା ଇଚ୍ଛା କରିବେ, ତାହାହିଁ ହେବ । ଏବଂ ତା'ପରେ, ଯାହା ତଳଆଡୁ ଆସିବାରେ ଲାଗିଥାଏ, ସେଇଟି ତାହାରି ଉପରେ ଏକ ଚାପ ପକାଇବାକୁ ଆରମ୍ଭ କରେ ।

ସତେଯେପରି ମୋ'ର ଚେତନାଟି ମଧ୍ୟରେହିଁ ଏହି ପୃଥିବୀର ଯୁଦ୍ଧଟି ଲଢ଼ାଯିବାରେ ଲାଗିଛି ।

ସେହି ଯୁଦ୍ଧ ବର୍ତ୍ତମାନ ଏପରି ଗୋଟିଏ ଅବସ୍ଥାରେ ଆସି ପହଞ୍ଚିଲାଣି ଯେ, ଗୋଟିଏ ମୁହୂର୍ତ୍ତ ସକାଶେ ମଧ୍ୟ ସେହି ଦିବ୍ୟ ପରମସତ୍ତାଙ୍କୁ ପାସୋରି ରହିବା ଏକ ବିପର୍ଯ୍ୟୟ ଆଣି ଘଟାଇଦେଉଛି ।

ଏବଂ, ତୁମ ଜୀବନରେ ଏସବୁ କିପରି ହେଉଛି ?

*ହଁ, ଅବଚେତନର ଏହି ପରିଷ୍କରଣ ସତେଅବା କେବେହେଲେ ବି ସରିବ ନାହିଁ ପରି ଲାଗୁଛି ।*

ହଁ । କାରଣ, ତାହା ତ କେବଳ ଜଣେ ବ୍ୟକ୍ତିର ଅବଚେତନ ନୁହେଁ, ତାହା ହେଉଛି ସମୁଦାୟ ପୃଥିବୀର ଅବଚେତନ । ଏହାର ପ୍ରକୃତରେ ଅନ୍ତ ନାହିଁ । ଏବଂ ତଥାପି ଆମକୁ...

ତେଣୁ, ବନ୍ଦ ହୋଇଯିବାର ଅର୍ଥ ହେଉଛି ଯେ ଆମେ କାର୍ଯ୍ୟଟିକୁ ବନ୍ଦ କରିଦେବା । କାର୍ଯ୍ୟଟିକୁ ଅବିରାମ କରି ରଖିବାର ଅର୍ଥ ହେଉଛି ଯେ ଏଥିଲାଗି ସମୟ ଲାଗିବ ।... ମୁଁ ଜାଣିପାରୁ ନାହିଁ... ଏହାର ପ୍ରକୃତରେ କୌଣସି ଅନ୍ତ ନାହିଁ ।

ଏହା ପରିଷ୍କାର ଭାବରେ, ଅତ୍ୟନ୍ତ ପରିଷ୍କାର ଭାବରେ ବୁଝି ହେଉଛି ଯେ ସେଇଟିକୁ ବନ୍ଦ କରିଦେବାର ଅର୍ଥ କାର୍ଯ୍ୟଟିକୁ ବନ୍ଦ କରିଦେବାହିଁ ହେବ । ମନେ ହେଉଛି, ସତେଯେପରି ସେଠାରେ (*ମାଆ ମୁଣ୍ଡର ଚାରିପାଖକୁ ଇଙ୍ଗିତ କଲେ*) ଚେତନା ଭିତରେହିଁ ସଂଯୋଗ ଏବଂ କର୍ମର କେନ୍ଦ୍ରଟି ଅବସ୍ଥିତ ହୋଇ ରହିଛି ।

ତେଣୁ, ମୋ'ଲାଗି କେବଳ ଗୋଟିଏ ସାଧନ ଉନ୍ମୁକ୍ତ ହୋଇ ରହିଛି । ସେଇଟି ହେଉଛି ସ୍ଥିର ହୋଇ ରହିବା – କେବଳ ସ୍ଥିର ହୋଇ ରହିବା (*ମାଆ ନିଜ ହାତ ଦୁଇଟିକୁ ଊର୍ଦ୍ଧ୍ୱ ଆଡ଼କୁ ଟେକି ଧରିଲେ*)... ଏହିପରି ଅନୁଭବ କରିବା ଯେ ବ୍ୟକ୍ତିର ଭାବ ପ୍ରକୃତରେ କିଛି ନୁହେଁ, ଆଦୌ କିଛି ନୁହେଁ... ଏହା ଦିବ୍ୟ ରଶ୍ମିଗୁଡ଼ିକୁ ସଂଚାରିତ ହେବା ଲାଗି ଏକ ମାଧ୍ୟମ ଯୋଗାଇ ଦିଏ । ଏହାହିଁ ସେହି ଗୋଟିଏ ମାତ୍ର ସମାଧାନ । କେବଳ ସେହି ପରମ ଦିବ୍ୟସତ୍ତାଙ୍କୁହିଁ ଯୁଦ୍ଧଟିକୁ ଲଢ଼ିବାକୁ ପଡ଼ିବ ।

(*ମାଆ ନୀରବ ରହିଲେ*)

*ଗଲାଥର ଆପଣ କହିଥିଲେ : ଏଥି ଲାଗି ଶହ ଶହ ବର୍ଷ ଲାଗିବ, ସମ୍ଭବତଃ ହଜାରେ ବର୍ଷ ଲାଗିବ, ଏବଂ ତା'ପରେ ଯାଇ ମନୁଷ୍ୟମାନେ ସଚେତନ ଭାବରେ ଦିବ୍ୟ ପରମସତ୍ତାଙ୍କ ଆଡ଼କୁ ମୁହଁ କରି ବାଟ ଚାଲିପାରିବେ । ମାତ୍ର...*

ସମ୍ଭବତଃ ସେପରି ହେବ ନାହିଁ ।

*ଏପରି ଅନୁଭବ ହେଉଛି ଯେ ଏଥର ମୀମାଂସକ ଭାବରେ ଅବଶ୍ୟ କ'ଣ ଗୋଟାଏ ଆସିବ ।*

ହଁ, ତୁମେ ତ ଜାଣିଛ, ମୁଁ ଏଭଳି ଅନୁଭବ କରୁଛି ଯେ, ବ୍ୟକ୍ତି ହେଉଛି ସତେଅବା ଏକ ପ୍ରତିରୂପ ସଦୃଶ, ଯାହା ଉପରେ ଆମେ ଆମର ଦୃଷ୍ଟିକୁ ନିବଦ୍ଧ କରି ରଖିପାରିବା । ମନୁଷ୍ୟମାନେ କୌଣସି ନା କୌଣସି ବସ୍ତୁର ଆବଶ୍ୟକତା ଅନୁଭବ କରିଥା'ନ୍ତି – ସେମାନେ ସର୍ବଦା ଆପଣା ପ୍ରଷ୍ଠରେ ଥିବା ଏପରି କୌଣସି ଏକ ବସ୍ତୁର ଆବଶ୍ୟକତା ଅନୁଭବ କରି ଆସିଛନ୍ତି, ଯାହା ଉପରେ କି ସେମାନେ ଆପଣାର ଦୃଷ୍ଟିକୁ ନିବଦ୍ଧ କରି ରଖିପାରିବେ । ତେଣୁ ଏହି ଶରୀର ବର୍ତ୍ତମାନ ସବୁମନ୍ତେ ଉଦ୍ୟମ କରୁଛି, ଯେପରିକି ତାହା ତା' ମଧ୍ୟଦେଇ ପ୍ରବାହିତ ହୋଇ ଯାଉଥିବା ଦିବ୍ୟ ପରମଶକ୍ତି ଲାଗି ଏକ ପ୍ରତିବନ୍ଧକ ହୋଇ ଆଦୌ ଠିଆହୋଇ ନ ରହେ । ଏହା ଆପଣାର ଏହି ମଝିରେ ବାଧା ହୋଇ ଠିଆ ହେବାର ଭୂମିକାଟିକୁ ରଦ୍ଦ କରିଦେବାକୁ ଇଚ୍ଛା କରୁଛି; ଏବଂ, ଯୁଗପତ୍ ଭାବରେ, ସିଏ ଏକଥା ମଧ୍ୟ ଦେଖିପାରୁଛି ଯେ, ଏହା ହେଉଛି... ଏପରି ଗୋଟିଏ ପ୍ରତିରୂପ ଯାହାକୁକି ଲୋକମାନେ ଆପଣାର ଦୃଷ୍ଟିକୁ ନିବଦ୍ଧ କରି ରଖିବା ଲାଗି ଆବଶ୍ୟକ ବି କରୁଛନ୍ତି ।

## ୪ ନଭେମ୍ବର ୧୯୭୨

ଏହି ସମଗ୍ର ଅବଚେତନଟି... (*ମାଆ ତଳୁ ଉପର ଭାଗକୁ କିଛି ଉତ୍ଥିତ ହୋଇ ଆସୁଥିବାର ଇଙ୍ଗିତ କଲେ*) ।

(*ତା'ପରେ ନୀରବ ରହିଲେ*)

ଏହା କେବଳ ଗୋଟାଏ ଇନ୍ଦ୍ରିୟବୋଧ ନୁହେଁ, ଲବ୍ଧ ହେଉଥିବା କୌଣସି ଜ୍ଞାନ ମଧ୍ୟ ନୁହେଁ । ଏହା ହେଉଛି ଗୋଟାଏ ପ୍ରକାରର... (*ମାଆ ହାତ ସାହାଯ୍ୟରେ ଚତୁର୍ଦିଗସ୍ଥ ବାୟୁକୁ ଅନୁଭବ କଲେ*) – ଏହାକୁ ଏକ ପ୍ରତ୍ୟୟ ବୋଲି ବି କୁହାଯିବ ନାହିଁ : ଏହା ହେଉଛି ଏକ ସୁନିଶ୍ଚୟତା – ଏକ ଅବବୋଧଗତ ସୁନିଶ୍ଚୟତା – ଏହିପରି ଏକ ସୁନିଶ୍ଚୟତା ଯେ, ଏକ ପରମାନନ୍ଦମୟ ଅବସ୍ଥା ରହିଛି ଯାହାକି... ଯାହାକି ଆମ ଲାଗି ପ୍ରସ୍ତୁତ ହୋଇ ରହିଛି; ଏବଂ ଆମ ଅବଚେତନରେ ଏପରି ନାନା ବିରୋଧିତାର ଏକ ସମଗ୍ର ଜଗତ ଅବଦମିତ ହୋଇ ରହିଛି ଯାହାକି ସେହି ଅବସ୍ଥାଟିକୁ ଅନୁଭବ କରିବାରୁ ଆମକୁ ନିବୃତ୍ତ କରି ରଖିବା ଲାଗି ଏହିପରି ଭାବରେ ଉପରକୁ ଉଠିବାରେ ଲାଗିଛି । ତେଣୁ ଏହାକୁ ହୁଏତ ଅବଶ୍ୟ ଏକ ଯୁଦ୍ଧକ୍ଷେତ୍ର ବୋଲି କୁହାଯାଇ ପାରିବ, ମାତ୍ର ଏକ ପରିପୂର୍ଣ୍ଣ ଶାନ୍ତ ଅବସ୍ଥା ମଧ୍ୟରେହିଁ ସେହି ଯୁଦ୍ଧଟିକୁ ଲଢ଼ିବାକୁ ହୋଇଥାଏ । ତାହାକୁ ବର୍ଣ୍ଣନା କରି କହିବା ଆଦୌ ସମ୍ଭବ ନୁହେଁ ।

ବର୍ଣ୍ଣନା କରିବା ଆଦୌ ସମ୍ଭବ ନୁହେଁ ।

ତେଣୁ, ଯଦି ମୁଁ ଅଚଳ ହୋଇ ରହୁଛି ଏବଂ ଏହି ବୃହତ୍ ଚେତନାଟି ମଧ୍ୟରେ ଯାଇ ପ୍ରବିଷ୍ଟ ହୋଇଯାଉଛି, ତେବେ ଏକ ଅଦ୍ଭୁତ ଗତିରେ ଏବଂ ଏକ ପ୍ରକାରର... ଆଲୋକମୟ ପ୍ରଶାନ୍ତି ମଧ୍ୟରେ କାଳ ଅତିବାହିତ ହୋଇଯାଉଛି । ଏବଂ ତା'ପରେ, ଏତେ ଟିକିଏ ଘଟଣାଟିଏ ମଧ୍ୟ ମୋତେ ସେଥିରୁ ବାହାରକୁ ବାହାର କରି ନେଇଆସୁଛି, ସତେଯେପରି କିଏ ମୋତେ ଗୋଟାଏ ନରକ ଭିତରକୁ ଟାଣି ନେଇ ଯାଉଛି । ଠିକ୍ ସେହିପରି ହେଉଛି ।

ଏତେ ଅଧିକ ପରିମାଣରେ ଅସ୍ୱସ୍ତି ହେଉଛି ଯେ, ମନେ ହେଉଛି ସେପରି ଭାବରେ ଗୋଟାଏ ମୁହୂର୍ତ୍ତ ବା କେତେଟା ମୁହୂର୍ତ୍ତ ବି ମୋତେ ବଞ୍ଚି ହେବ ନାହିଁ, ଠିକ୍ ସେହିପରି ମନେ ହେଉଛି । ଏବଂ ତା'ପରେ... ତା'ପରେ ତୁମକୁ ସେହି ଦିବ୍ୟ ପରମକର୍ତ୍ତାଙ୍କୁହିଁ ଆବାହନ କରି ଆଣିବାକୁ ପଡୁଛି... ଏବଂ ତା'ପରେ ତୁମେ ଅନୁଭବ କରୁଛ ଯେ, ତୁମେ ପ୍ରକୃତରେ ସେହି ଦିବ୍ୟପରମସତ୍ତାଙ୍କ ନୀଡ଼ଟି ଭିତରେହିଁ ଆଶ୍ରୟ ଗ୍ରହଣ କରି ରହିଛ ।

ତା'ପରେ ସବୁ ଠିକ୍ ହୋଇଯାଉଛି ।

## ୮ ନଭେମ୍ବର ୧୯୭୨

ମୁଁ ଗୋଟିଏ ମୁହୂର୍ତ୍ତ ପାଇଁ – କେବଳ କେତୋଟି ସେକେଣ୍ଡ୍ ସକାଶେ – ଅତିମାନସ ଚେତନା ଲାଭ କରିଥିଲି । ଏହା ପ୍ରକୃତରେ ଏକ ଅଦ୍ଭୁତ ଅନୁଭୂତି ଥିଲା !... ମୁଁ ଏକଥା ବୁଝି ପାରିଛି ଯେ ଯଦି ବର୍ତ୍ତମାନ ଆମକୁ ସେଇଟିର ଆସ୍ୱାଦନ ଲାଭ କରିବାର ସୁଯୋଗ ଦିଆଯାଆନ୍ତା, ତେବେ ଆମେ ଆଉ ଅନ୍ୟ କୌଣସି ପ୍ରକାରେହିଁ ଜୀବନ ବଞ୍ଚିବାକୁ ଆଦୌ ଇଚ୍ଛା କରନ୍ତେ ନାହିଁ । ଏବଂ ଆମେ ବର୍ତ୍ତମାନ ଶ୍ରମଶୀଳ ଭାବରେ (*ଅଟା ଚକଟିବାର ଇଙ୍ଗିତ*)ହିଁ କ୍ରମଶଃ ବଦଳିବାରେ ଲାଗିଛୁ । ଏବଂ, ଏହି ପରିବର୍ତ୍ତନଟି, ପରିବର୍ତ୍ତନର ଏହି ପ୍ରକ୍ରିୟାଟି ଏଭଳି ମନେ ହେଉଛି ଯେ... ଗୋଟାଏ ପ୍ରକାରର ଉଦାସୀନତା ସହିତ ସେହି ପ୍ରକ୍ରିୟାଟିକୁ ଅବଶ୍ୟ ଗ୍ରହଣ କରା ଯାଇପାରେ (ମୁଁ ଏହି କଥାଟିକୁ କିପରି କହିବି, ଆଦୌ ଜାଣିପାରୁ ନାହିଁ) । ମାତ୍ର ତାହା ମୋଟେ ଦୀର୍ଘକାଳ ସ୍ଥାୟୀ ହେବ ନାହିଁ । ଏବଂ, ଏହା ସାଧାରଣତଃ ଅତ୍ୟନ୍ତ ଶ୍ରମସାପେକ୍ଷ ହୋଇ ରହିଥିବ ।

ମାତ୍ର ସେହି ଚେତନାଟି, ତାହା ପ୍ରକୃତରେ ଅତ୍ୟନ୍ତ ଅଦ୍ଭୁତ ।

ଏବଂ ଏହା ଅତ୍ୟନ୍ତ ଆଗ୍ରହୋଦ୍ଦୀପକ, କାରଣ ଏହା ହେଉଛି ସତେଅବା ଏକ ପରିପୂର୍ଣ୍ଣ ଶାନ୍ତ ଅବସ୍ଥା ମଧ୍ୟରେ ଏକ ଚରମ ସକ୍ରିୟତା । କିନ୍ତୁ ତାହା ମାତ୍ର କେତୋଟି ସେକେଣ୍ଡ୍ ଲାଗିହିଁ ବିଦ୍ୟମାନ ରହିଥିଲା ।

(*ମାଆ ନୀରବ ରହିଲେ*)

ଆଉ ତୁମର ?

*ଏହା କ'ଣ ଏକ ସମଗ୍ର ଚେତନା ?*

ଏହା ଏକ ଅସାଧାରଣ ଚେତନା । ଏଥିରେ ଯେପରି ଯାବତୀୟ ବିରୋଧିତା ଏକ ସୌଷମ୍ୟ ମଧ୍ୟରେ ଆସି ଏକତ୍ର ସମାହିତ ହୋଇ ଯାଆନ୍ତି । ହଁ, ଏହା ଅବଶ୍ୟ ଏକ ସକ୍ରିୟତା – ଏକ ସମଗ୍ର ଏବଂ ଅଦ୍ଭୁତ ସକ୍ରିୟତା,– ଏକ ପରିପୂର୍ଣ୍ଣ ଶାନ୍ତ ଅବସ୍ଥା ।

ମାତ୍ର ଏଗୁଡ଼ାକ ହେଉଛି କେବଳ ଶବ୍ଦ ।

*(ମାଆ ନୀରବ ରହିଲେ)*

*ଏହା କ'ଣ ଏକ ସ୍ଥୂଳସ୍ତରର ଚେତନା ?*

କ୍ରିୟାଟି ଏକ ସ୍ଥୂଳସ୍ତରର କ୍ରିୟା — ମାତ୍ର ଠିକ୍ ସେହି ଏକାଭଳି ରୀତିରେ ଆଦୌ ନୁହେଁ ।

*(ମାଆ ନୀରବ ରହିଲେ)*

*ଅଧିକ ସହଜ ଭାବରେ ତହାର ସଂସ୍ପର୍ଶ ଲାଭ କରିବା କିପରି ସମ୍ଭବ ହେବ ? ଜଣେ କିପରି ସେଠାରେ ଯାଇ ପହଞ୍ଚି ପାରିବ ବା ସେଠାରେ ଅବସ୍ଥାନ କରିପାରିବ ?*

ସେ ବିଷୟରେ ମୁଁ କିଛି ଜାଣେ ନାହିଁ, କାରଣ, ମୋ' ପାଇଁ, ଏହି ଶରୀରର ଚେତନା ସମେତ ସମଗ୍ର ଚେତନାହିଁ ସର୍ବଦା (*ନିବେଦନ କରିଦେବାର ଇଙ୍ଗିତ*) ସଂପୂର୍ଣ୍ଣ ସାତତ୍ୟ ସହିତ ସେହି ତାଙ୍କରି ଆଡ଼କୁ ମୁହଁ କରି ରହିଛି,— ଯାହାଙ୍କୁ ତାହା ଦିବ୍ୟ ପରମସତ୍ତା ବୋଲି ଅନୁଭବ କରୁଛି, ତାଙ୍କରି ଆଡ଼କୁ ।

ଏବଂ, ସେଥିଲାଗି ଆଦୌ କୌଣସି ''ଚେଷ୍ଟା କରିବା'' ଦରକାର ହେଉ ନାହିଁ । ବୁଝିଲ ?

*ହଁ, ବୁଝିଲି ।*

## ୨୦ ଡିସେମ୍ବର ୧୯୭୨

ଆଜି କିଛି ପଚାରିବାକୁ ନାହିଁ ?

*ଶ୍ରୀଅରବିନ୍ଦଙ୍କ ବିଷୟରେ ମୁଁ ଗୋଟିଏ ପ୍ରଶ୍ନ ପଚାରିଥିଲି । ତାଙ୍କର ତିରୋଧାନ ସମୟରେ ସିଏ ଠିକ୍ କେଉଁ ସ୍ଥାନରେ, ରୂପାନ୍ତରର କେଉଁ ପର୍ଯ୍ୟାୟରେ ଯାଇ ଉପନୀତ ହୋଇଥିଲେ, ମୁଁ ସେହି କଥା ଜାଣିବାକୁ ଇଚ୍ଛା କରୁଥିଲି । ଉଦାହରଣ ସ୍ୱରୂପ, ଆପଣ ବର୍ତ୍ତମାନ ଯେଉଁ କାର୍ଯ୍ୟ କରୁଛନ୍ତି ଓ ସେତେବେଳେ ସିଏ ଯେଉଁ କାର୍ଯ୍ୟ କରୁଥିଲେ, ଦୁଇଟିଯାକ ମଧ୍ୟରେ ପ୍ରକୃତରେ କି ପାର୍ଥକ୍ୟ ରହିଛି ?*

ଆପଣାର ଶରୀର ମଧ୍ୟରେ ସିଏ ଏକ ଅନେକ ପରିମାଣର ଅତିମାନସ ଶକ୍ତିକୁ ସଂଗୃହୀତ କରି ଆଣିଥିଲେ ଏବଂ ସିଏ ଯେମିତି ଦେହ ଛାଡ଼ି ଚାଲି ଯାଇଥିଲେ... ସିଏ ବିଛଣା ଉପରେ ଶୋଇ ରହିଥାନ୍ତି, ମୁଁ ତାଙ୍କ ପାଖରେ ଛିଡ଼ା ହୋଇଥାଏ;... ଏବଂ ଏକ ଅତ୍ୟନ୍ତ ମୂର୍ତ୍ତ ଭାବରେ, ଏତେ ଶକ୍ତିଶାଳୀ ଭାବରେ ମୂର୍ତ୍ତ ଯେ ସତେଯେପରି ପ୍ରକୃତରେ ଆଖିରେ ଦେଖୁଥିଲା ପରିହିଁ ଲାଗୁଥିଲା,– ତାଙ୍କ ମଧ୍ୟରେ ରହିଥିବା ଏହି ଅତିମାନସ ଶକ୍ତିଗୁଡ଼ିକ ତାଙ୍କର ଶରୀର ଭିତରୁ ମୋ' ଶରୀରକୁ ପ୍ରବାହିତ ହୋଇ ଆସିଲା । ଏବଂ, ମୁଁ ସେହି ପ୍ରବାହିତ ହୋଇ ଆସୁଥିବାର ଆଘାତଟିକୁ ମଧ୍ୟ ଅନୁଭବ କରି ପାରୁଥିଲି । ଏହା ପ୍ରକୃତରେ ଏକ ଅସାଧାରଣ – ଅତ୍ୟନ୍ତ ଅସାଧାରଣ – ଘଟଣା ଥିଲା । ଏକ ଅସାଧାରଣ ଅନୁଭୂତି ହେଉଥିଲା । ଦୀର୍ଘ ଅନେକ ସମୟ ପର୍ଯ୍ୟନ୍ତ, ଏହିପରି ଭାବରେ (*ମାଆ ସେହି ବୃହତ୍ ଶକ୍ତି ତାଙ୍କ ଶରୀର ମଧ୍ୟକୁ ପ୍ରବାହିତ ହୋଇ ଆସୁଥିବାର ଇଙ୍ଗିତ କଲେ*) ଦୀର୍ଘ ଅନେକ ସମୟ ପର୍ଯ୍ୟନ୍ତ ସେହିପରି ହୋଇଥିଲା । ମୁଁ ତାଙ୍କ ଶଯ୍ୟା ପାଖରେ ଠିଆ ହୋଇଥାଏ ଏବଂ ତାହା ସେହିପରି ଚାଲିଥାଏ ।

ପ୍ରାୟ ଏକ ଉତ୍ତେଜନାମୟ ଅନୁଭୂତି – ତାହାକୁ ମୁଁ ସ୍ଥୂଳ ଭାବରେ ମଧ୍ୟ ଅନୁଭବ କରି ପାରୁଥିଲି ।

ଦୀର୍ଘ ଅନେକ ସମୟ ଧରି ।

ମୁଁ କେବଳ ସେତିକି ଜାଣିଛି ।

*ମାତ୍ର ମୁଁ ଯେଉଁ କଥାଟି ଜାଣିବାକୁ ଇଚ୍ଛା କରୁଥିଲି, ସେଇଟି ହେଉଛି ଯେ, ଉଦାହରଣ ସ୍ୱରୂପ, ଅବଚେତନର ପରିଷ୍କରଣ ଓ ସେହିପରି ଅନ୍ୟାନ୍ୟ*

*କାର୍ଯ୍ୟଗୁଡ଼ିକ ଅନ୍ତର୍ଗତ କ୍ରିୟାର ଠିକ୍ କେଉଁ ପର୍ଯ୍ୟାୟରେ ଥିଲା ? ସେତେବେଳେ ସିଏ ଯେଉଁ କାର୍ଯ୍ୟଟିକୁ କରିଥିଲେ ଏବଂ ଆପଣ ବର୍ତ୍ତମାନ ଯେଉଁ କାର୍ଯ୍ୟର ସ୍ତରରେ ଆସି ପହଞ୍ଚିଛନ୍ତି, ଦୁଇଟି ମଧ୍ୟରେ ପ୍ରକୃତରେ କି ପାର୍ଥକ୍ୟ ରହିଛି ? ଅର୍ଥାତ୍, ଅବଚେତନ ଅପେକ୍ଷାକୃତ ଭାବରେ କମ୍ ଅବଚେତନ ହୋଇଛି ନା...*

ହଁ, ହୋଇଛି, ସୁନିଶ୍ଚିତ ଭାବରେ ତାହା ହୋଇପାରିଛି ।

ମାତ୍ର, ଏଇଟି ହେଉଛି ବସ୍ତୁଗୁଡ଼ିକୁ ଦେଖିବାର ଏକ ମାନସିକ ଧାରା,– ଏହି ଧାରାଟିକୁ ମୁଁ ଅନେକ ପଛରେ ଛାଡ଼ିଦେଇ ଆସିଲିଣି ।

*ବୁଝିଲି, ମାଆ ।*

(*ମାଆ ନୀରବ ରହିଲେ*)

*ଏହି ଶକ୍ତି ବା ପରମ ସାମର୍ଥ୍ୟଟିର ସାଧାରଣ ଅଥବା ସମଷ୍ଟିଗତ ପ୍ରଗାଢ଼ତାର କ୍ଷେତ୍ରରେ ସମ୍ଭବତଃ ସେହି ପାର୍ଥକ୍ୟଟି ରହିଛି, ନୁହେଁ ?*

କ୍ରିୟାର **ଶକ୍ତିର** କ୍ଷେତ୍ରରେ ଏକ ପାର୍ଥକ୍ୟ ରହିଛି । ଯେତେବେଳେ ସିଏ ଶରୀରରେ ରହିଥିଲେ, ତାହା ଅପେକ୍ଷା ଅଧିକ ପରିମାଣରେ ସିଏ ନିଜେ ବର୍ତ୍ତମାନ ଅଧିକ କ୍ରିୟାଶକ୍ତିର ଅଧିକାରୀ ହୋଇ ରହିଛନ୍ତି, କ୍ରିୟାର ଅଧିକ ଶକ୍ତି ଧାରଣ କରିଛନ୍ତି । ପୁନଶ୍ଚ, ଠିକ୍ ସେଇଥି ସକାଶେହିଁ ସିଏ ଦେହତ୍ୟାଗ କଲେ, କାରଣ ସେହିପରି ଭାବରେ କାର୍ଯ୍ୟ କରିବାର ପ୍ରୟୋଜନ ବି ଆସି ପହଞ୍ଚିଥିଲା ।

ଏହା ଏକ ଅତ୍ୟନ୍ତ ପରିମାଣରେ ମୂର୍ତ୍ତ କ୍ରିୟା । ତାଙ୍କର କ୍ରିୟା ପ୍ରକୃତରେ ଅତ୍ୟନ୍ତ ମୂର୍ତ୍ତ ହେବାକୁ ଆରମ୍ଭ କରିଛି । ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଏହାକୁ ଆଦୌ ଏକ ମାନସିକ କ୍ରିୟା ବୋଲି କୁହାଯିବ ନାହିଁ । ଏହି କ୍ରିୟା ଏକ ଅନ୍ୟ ଭୂମିରୁ ହେଉଛି । ମାତ୍ର ଏହା ମୋଟେ ଏକ ପରଲୋକରୁ ହେଉ ନାହିଁ ବା... ଏହା ଅତ୍ୟନ୍ତ ମୂର୍ତ୍ତ ଭାବରେ ହେଉଛି । ଆମେ ପ୍ରାୟ ଏପରି ମଧ୍ୟ କହିପାରିବା ଯେ ଏହି କ୍ରିୟା ଏକ ସ୍ଥୂଳ ସ୍ତରରେ ହେବାରେ ଲାଗିଛି ।

*ମାତ୍ର ଏହି ଯେଉଁ ଅନ୍ୟ ଭୂମିଟି,– ସେହି ଭୂମିରେ ପହଞ୍ଚିପାରିବା ଲାଗି ଆମକୁ ଯଥାର୍ଥରେ କେଉଁ ଧାରାଟିରେ ଗତି କରିବାକୁ ହେବ, ମୁଁ ଅନେକ ସମୟରେ*

*ନିଜକୁ ଏହି ପ୍ରଶ୍ନଟି ପଚାରିଛି । ଏହି କ୍ଷେତ୍ରରେ ସମ୍ଭାବ୍ୟ ଦୁଇଟି ଗତି ରହିଛି : ଆତ୍ମାର ଉଦ୍ଦେଶ୍ୟରେ ଭିତର ଆଡ଼କୁ ଏକ ଗତି, ଏବଂ ଆଉଗୋଟିଏ ଗତି, ଯେଉଁଥିରେ କି ବ୍ୟକ୍ତିଭାବର ବିଲୟ ହୁଏ ଏବଂ ବ୍ୟକ୍ତି ପ୍ରାୟ ଏକ ପ୍ରଶସ୍ତତା ମଧ୍ୟରେ ଅବସ୍ଥାନ କରୁଥାଏ । ସେଥିରେ କେବଳ ବ୍ୟକ୍ତିର ଅଲଗା ହୋଇ କୌଣସି ସ୍ଥାନ ନ ଥାଏ...*

ଦୁଇଟିଯାକକୁ ଅବଶ୍ୟ ସତ୍ୟ ହେବାକୁ ପଡ଼ିବ ।

*ସେହି କ୍ଷେତ୍ରରେ ଦୁଇଟି ଯାକ ରହିବ ?*

ହଁ ।

(*ମାଆ ଆତ୍ମସ୍ଥ ହେଲେ*)

## ୩୦ ଡିସେମ୍ବର ୧୯୭୨

ନୂଆ ବର୍ଷ ଆଉ ମାତ୍ର ଅଳ୍ପ ଦିନ ରହିଲା ।...

*ଏହି ବର୍ଷଟି ଲାଗି ଆପଣ କିଛି ଅନୁଭବ କରୁଛନ୍ତି କି ?*

(*କିଛି କ୍ଷଣ ନୀରବ ରହିବା ପରେ*) ବସ୍ତୁଗୁଡ଼ିକ ଆସି ଏକ ଚରମ ସ୍ଥାନରେ ପହଞ୍ଚିଲେଣି । ତେଣୁ, ସତେଅବା ଏକ ଅପୂର୍ବ ମହିମା ମଧ୍ୟରେ ପ୍ରବେଶ କରିବା ଲାଗି ବାୟୁମଣ୍ଡଳରେ ଏକ ଉତ୍ତୋଳନ ଆରମ୍ଭ ହୋଇ ଯାଇଛି । ଏହି  ମହିମାକୁ ଆମର ବୋଧସୀମା ମଧ୍ୟରେ ହୁଏତ କଳନାହିଁ କରାଯାଇ ପାରିବ ନାହିଁ । ଏବଂ, ଯୁଗପତ୍ ଭାବରେ ଏପରି ଗୋଟିଏ ଅନୁଭବ ମଧ୍ୟ ହେବାରେ ଲାଗିଛି ଯେ, ଯେକୌଣସି ମୁହୂର୍ତ୍ତରେ ହୁଏତ ମୃତ୍ୟୁ ଆସି ଉପସ୍ଥିତ ହୋଇ ଯାଇପାରେ । ଏହାକୁ ଠିକ୍ ‘‘ମୃତ୍ୟୁ’’ ବୋଲି କୁହାଯିବ ନାହିଁ ସତ, ମାତ୍ର ହୁଏତ ଏହି ଶରୀରର ବିଲୟନ ଘଟିବ । ତେଣୁ, ଦୁଇଟିଯାକ ମିଶି ଯୁଗପତ୍ ଭାବରେ ଏକ ଚେତନାକୁ ଗଠିତ କରି ଆଣୁଛନ୍ତି (*ମାଆ ମୁଣ୍ଡ ହଲାଇଲେ*)... ପୁରାତନ ଯାବତୀୟ ବସ୍ତୁ କେବଳ ପିଲାଳିଆ ମନେ ହେଉଛନ୍ତି, ଖାଲି ଅଚେତନ ମଧ୍ୟରେ ପଡ଼ି ରହିଥିବା ପରି ମନେ ହେଉଛନ୍ତି । ଏବଂ, ତେଣେ ଭିତରେ... ସବୁକିଛି କେଡ଼େ ବୃହତ୍ ଓ ଅଦ୍ଭୁତ ହୋଇ ଅନୁଭୂତ ହେଉଛି ।

ତେଣୁ, ଶରୀରର, ଶରୀର କେବଳ ଏହି ଗୋଟିଏ ମାତ୍ର ପ୍ରାର୍ଥନାହିଁ କରୁଛି, ସର୍ବଦା ସେହି ପ୍ରାର୍ଥନାଟି କରିବାରେ ଲାଗିଛି :

ମୋତେ ତୁମକୁ ଜାଣିବାର ଯୋଗ୍ୟ କର,<br>
ତୁମରି ସେବା କରିବାର ଯୋଗ୍ୟ କର,<br>
ତୁମେରେହିଁ ପରିଣତ ହେବାର ଯୋଗ୍ୟ କର ।

ମୁଁ ମୋ’ ଭିତରେ ଏକ କ୍ରମବର୍ଦ୍ଧମାନ ଶକ୍ତିକୁ ଅନୁଭବ କରି ପାରୁଛି... ମାତ୍ର ଏଥିରେ ଏକ ଭିନ୍ନ ଗୁଣାତ୍ମକତା ରହିଛି... ନୀରବତାରେ ଓ ଏକ ଧ୍ୟାନମଗ୍ନତା ଭିତରେ ମୁଁ ତାହାକୁ ଅନୁଭବ କରି ପାରୁଛି ।

କୌଣସି କଥାହିଁ କଦାପି ଅସମ୍ଭବ ନୁହେଁ (*ମାଆ ନିଜର ହାତଦୁଇଟିକୁ ଊର୍ଦ୍ଧ୍ୱ ଆଡ଼କୁ ଉନ୍ମୁକ୍ତ କରିଦେଲେ*) ।

(*ନୀରବତା*)

ତେବେ, ଯଦି ତୁମର କିଛି ପଚାରିବାକୁ ନ ଥାଏ,... ଯଦି ତୁମେ ନୀରବତାହିଁ ଚାହୁଁଥାଅ... ସଚେତନ ନୀରବତା ଇଚ୍ଛା କରୁଥାଅ...

*ମାତ୍ର, ମୁଁ ଠିକ୍ ମାର୍ଗରେ ଗତି କରୁଛି କି ନାହିଁ, ସେକଥା ଜାଣିପାରୁ ନାହିଁ ।*

(*କିଛି ସମୟ ନୀରବ ରହି*) ମାତ୍ର, ତୁମେ ଯେତେବେଳେ ଦିବ୍ୟ ପରମସତ୍ତାଙ୍କ ସହିତ ସମ୍ବନ୍ଧପ୍ରବିଷ୍ଟ ହୋଇ ରହିବାକୁ ଇଚ୍ଛା କର, ସେତେବେଳେ ତୁମେ କିପରି ଭାବରେ ଅଗ୍ରସର ହୁଅ ?

*ସେତେବେଳେ ମୁଁ ନିଜକୁ ଆପଣଙ୍କର ଚରଣତଳେ ନେଇ ରଖିଦିଏ ।*

(*ମାଆ ହସିଲେ ଓ ଆତ୍ମସ୍ଥ ହୋଇଗଲେ*)

## ୭ ଫେବ୍ରୁଆରି ୧୯୭୩

୩୧ ଡିସେମ୍ବର, ୧୯୭୨ ଦିନ ମାଆ ଦେଇଥିବା ବାଣୀଟି ବିଷୟରେ

*‘‘ମିଥ୍ୟା ଲାଗି କେବଳ ଗୋଟିଏ ସମାଧାନ ରହିଛି ।*

*‘‘ତାହା ହେଉଛି ଆମର ନିଜ ଚେତନା ମଧ୍ୟରେ ଯାହାକିଛି ସେହି ଦିବ୍ୟ ପରମସତ୍ତାଙ୍କର ଉପସ୍ଥିତିକୁ ଖଣ୍ଡନ କରିବାରେ ଲାଗିଛି, ଆମେ ସେଗୁଡ଼ିକରୁ ନିଜକୁ ମୁକ୍ତ କରି ଆଣିବା ।’’*

ହଁ, ମୁଁ ପୁଣିଥରେ ଠିକ୍ ସେହି କଥାଟିକୁ କହୁଛି । ଏହା ଅତ୍ୟନ୍ତ ସତ, ଅତ୍ୟନ୍ତ ସତ । ଏଇଟିକୁ ବୁଝିବା ହୁଏତ ସହଜ ହୋଇ ନ ପାରେ, ମାତ୍ର ଏହା ହେଉଛି ପ୍ରକୃତରେ ଏକ **ଅତ୍ୟନ୍ତ ଗଭୀର ସତ୍ୟ ।**

ଯାହାକିଛି ଆମ ଭିତରେ ଦିବ୍ୟ ପରମସତ୍ତାଙ୍କର ଅଭିବ୍ୟକ୍ତିକୁ ଆଢୁଆଳ କରି ରଖିଛି, ତାହାକୁ ବିକୃତ କରି ପକାଉଛି ଓ ବାରିତ କରି ରଖିଛି : ଏଇଟି ହେଉଛି ଠିକ୍ **ସେଇଆ**, ଏହା ହେଉଛି ସେହି ମିଥ୍ୟା ।

*ମାତ୍ର ସେଥିଲାଗି ଅନେକ ପରିଶ୍ରମ କରିବାକୁ ପଡ଼ିବ !*

ସବୁ ସମୟରେ ମୁଁ ଏହାହିଁ କରି ଆସିଛି – ପ୍ରତ୍ୟେକ ଦିନ ଏବଂ ସାରା ସମୟ କରିଆସିଛି । ଏପରିକି ଲୋକମାନଙ୍କୁ ସାକ୍ଷାତ ଦେବା ସମୟରେ ମଧ୍ୟ ତାହାହିଁ କରିଛି । କେବଳ ଏଇଥି ସକାଶେ ବଞ୍ଚିବା ହେଉଛି ସାର୍ଥକ ଭାବରେ ବଞ୍ଚିବା ।

## ୧୦ ମାର୍ଚ୍ଚ ୧୯୭୩

*କେଜାଣି କାହିଁକି ମୁଁ ଜାଣେ ନାହିଁ, ମାତ୍ର, ଯେତେବେଳେ ମୁଁ ଏହି ଚେତନାଟିର* ସଂପର୍କରେ ଆସିବାକୁ ଚେଷ୍ଟା କରୁଛି, ସେତେବେଳେ, ଆପଣ ଯେପରି କହୁଛନ୍ତି, ମୋ'ର ଏହିପରି ଏକ ପ୍ରଭାମୟ ବୃହତ୍ ବିସ୍ତୃତିରହିଁ ଅନୁଭବ ହେଉଛି ।*

ହଁ ।

*ମାତ୍ର, ମୋ'ର ଏପରି ବି ଅନୁଭବ ହେଉଛି ଯେ ଏହା ଆଦୌ ଗତିଶୀଳ ହେଉ ନାହିଁ,– ମୁଁ ଅନୁଭବ କରୁଛି, ସତେଯେପରି ମୁଁ ସେହିଠାରେ ଅବସ୍ଥିତ ରହିଛି ଏବଂ ସେହିପରିହିଁ ଶାଶ୍ୱତ କାଳ ଲାଗି ଅବସ୍ଥିତ ରହିପାରିବି ।*

ହଁ, ଏହିପରି । ମୁଁ ମଧ୍ୟ ସେହିପରି ଅନୁଭବ କରୁଛି ।

*ସେହି ପରମ ତତ୍‌ଙ୍କ ଦ୍ୱାରା ଆପଣାକୁ ପୂର୍ଣ୍ଣ କରି ରଖିବା,– ତାହାହିଁ କ'ଣ ଯଥେଷ୍ଟ ? ଏତିକି ବ୍ୟତୀତ ଆଉ କ'ଣ କିଛିହେଲେ କରିବାକୁ ନାହିଁ ?*

ମୁଁ ଭାବୁଛି, ମୁଁ ଭାବୁଛି, ଏହାହିଁ ଏକମାତ୍ର କଥା । ମୁଁ ସବୁବେଳେ କେବଳ ଏହି କଥାଟିର ପୁନରାବୃତ୍ତି କରୁଛି : ''କେବଳ ଆପଣ ଯାହା ଇଚ୍ଛା କରୁଛନ୍ତି, ଆପଣ ଯାହା ଇଚ୍ଛା କରୁଛନ୍ତି, ଆପଣ ଯାହା ଇଚ୍ଛା କରୁଛନ୍ତି... ଆପଣ ଯାହା ଇଚ୍ଛା କରୁଛନ୍ତି, କେବଳ ତାହାହିଁ ହେଉ; ଆପଣ ଯାହା ଇଚ୍ଛା କରୁଛନ୍ତି, ମୁଁ କେବଳ ତାହାହିଁ କରେ; ଆପଣ ଯାହା ଇଚ୍ଛା କରୁଛନ୍ତି, ମୁଁ କେବଳ ତାହାରି ବିଷୟରେ ସଚେତନ ହୁଏ ।''

ଏବଂ, ତାହା ସହିତ : ''ଆପଣଙ୍କ ବ୍ୟତୀତ ଏହି ସବୁକିଛି ହେଉଛି ମୃତ୍ୟୁ; ଆପଣଙ୍କ ସହିତ ରହିଥିଲେ ସବୁକିଛି ଜୀବନ ।'' ଏଠାରେ ''ମୃତ୍ୟୁ'' କହିଲେ ମୁଁ ଦୈହିକ ମୃତ୍ୟୁକୁ ଆଦୌ ବୁଝୁ ନାହିଁ – ହୁଏତ ଏହା ବି ହୋଇ ଥାଇପାରେ; ଏପରି ହୁଏତ ହୋଇପାରେ ଯେ ଯଦି ବର୍ତ୍ତମାନ ମୁଁ ସେହି ସଂସ୍ପର୍ଶଟିକୁ ହରାଇବସେ, ତେବେ ତାହାହିଁ ପ୍ରକୃତରେ ଶେଷହିଁ ହୋଇଯିବ । ମାତ୍ର ଏପରି ମୋଟେ ସମ୍ଭବ ନୁହେଁ ! ମୁଁ ଅନୁଭବ କରୁଛି ଯେ, ଏହା ହେଉଛି ଯେ... ଏହା ହେଉଛି ଯେ **ମୁଁ କେବଳ ସେହି ପରମ**

* ଏହି ନୂତନ ଚେତନା ।

**ତତ୍,–** ଉପସ୍ଥିତ ଚେତନାଟି ତଥାପି ଯେତେଯାହା ପ୍ରତିବନ୍ଧକ ଆଣି ମଝିରେ ଛିଡ଼ା କରି ରଖୁ ପଛକେ, ତାହାହିଁ ସବୁକିଛି । ଏବଂ ତା'ପରେ, ମୁଁ ଯେତେବେଳେ କାହା ସହିତ ସାକ୍ଷାତ କରୁଛି (*ସତେଅବା ସେହି ବ୍ୟକ୍ତିଙ୍କୁ ସେହି ପରମ ଆଲୋକ ପାଖରେ ନେଇ ନିବେଦନ କରି ଦେଉଥିବା ପରି ମାଆ ହାତଗୁଡ଼ିକୁ ଉନ୍ମୁକ୍ତ କରି ଧରିଲେ*), ସିଏ ଯିଏ ହୋଇଥା'ନ୍ତୁ ପଛକେ, ଠିକ୍ ସେହିପରି (*ସେହି ପୂର୍ବ ପରି ଇଙ୍ଗିତ*) ।

(*ମାଆ ନୀରବ ରହିଲେ*)

ସର୍ବଦା (ଏହା ବେଶ୍ ମଜାର କଥା), ସର୍ବଦା ମୁଁ ଏହିପରି ଅନୁଭବ କରୁଛି ଯେ, ମୁଁ ହେଉଛି ସତେଅବା ଗୋଟିଏ ସାନ ଶିଶୁ, ଯିଏକି ସେଇଠି ଜାବୁଡ଼ି, ହୋଇ ରହିଛି, ସେହି ଭିତରେ (ତାହାକୁ କ'ଣ ବୋଲି କୁହାଯିବ ?) ଏକ ଦିବ୍ୟ ପରମ ଚେତନା ମଧ୍ୟରେ, **ସବୁକିଛିକୁ ଆଲିଙ୍ଗନ କରି ରହିଥିବା** ପରମଚେତନା ମଧ୍ୟରେ ଯାଇ ଆଶ୍ରୟ ଗ୍ରହଣ କରି ରହିଛି ।